୧୮୭୮ ମାତୃରଚନାବଳୀ ୧୯୭୮

ଜନ୍ମଶତବାର୍ଷିକୀ ସଂସ୍କରଣ

# ଶ୍ରୀମା

**ଜନ୍ମଗ୍ରହଣ :**

ଫେବ୍ରୁଆରି ୨୧, ୧୮୭୮

**ଭାରତବର୍ଷରେ ପଦାର୍ପଣ :**

ମାର୍ଚ୍ଚ ୨୯, ୧୯୧୪

**ମହାପ୍ରୟାଣ :**

ନଭେମ୍ବର ୧୭, ୧୯୭୩

**ଜନ୍ମଶତବାର୍ଷିକୀ :**

ଫେବ୍ରୁଆରି ୨୧, ୧୯୭୮



# ମାତୃରଚନାବଳି

## ଷୋଡ଼ଶ ଖଣ୍ଡ

## ମା'ଙ୍କ ସହ ପ୍ରଶ୍ନୋତ୍ତର

# ମାତୃରଚନାବଳି : ୧୬ଶ ଖଣ୍ଡ

## ମା'ଙ୍କ ସହ ପ୍ରଶ୍ନୋତ୍ତର

ଶ୍ରୀମା'ଙ୍କ ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ) ୧୬ଶ ଖଣ୍ଡ

*"Some Answers from the Mother"* ର ଓଡ଼ିଆ ଅନୁବାଦ

ଅନୁବାଦ : ଚିତ୍ତରଂଜନ ଦାସ

ପ୍ରଥମ ମୁଦ୍ରଣ : ୨୦୧୦

ସର୍ବସ୍ୱତ୍ୱ ସଂରକ୍ଷିତ :
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ୨୦୧୦

ପ୍ରକାଶକ :
ନବଜ୍ୟୋତି ପ୍ରକାଶନ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ – ୬୦୫ ୦୦୨

**MATRIRACHANABALI** (Oriya) – **Vol. 16**
**Some Answers from the Mother**

Translated by : Chittaranjan Das

1st Edition : 2010

Price Rs. 220/-
ISBN : 978-81-7058-948-8

© Sri Aurobindo Ashram Trust, 2010

Published by Navajyoti Publication,
A unit of Sri Aurobindo Ashram Publication Department,
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

# ପ୍ରକାଶକଙ୍କ ସୂଚନା

ଏହି ଖଣ୍ଡଟିରେ ଚଉଦ ଜଣ ପଚାରିଥିବା ପତ୍ରଗୁଡ଼ିକର ମାଆ ଦେଇଥିବା ଉତ୍ତରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଚଉଦଟିଯାକ ପତ୍ରସ୍ତବକ ଆଂଶିକ ଅଥବା ସଂପୂର୍ଣ୍ଣ ଭାବରେ, ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରା ପ୍ରକାଶିତ ପୁସ୍ତକ ଅଥବା ପତ୍ରିକାମାନଙ୍କରେ ପୂର୍ବରୁ ପ୍ରକାଶ ପାଇଥିଲା । ପ୍ରତ୍ୟେକ ସ୍ତବକର ପତ୍ରଗୁଡ଼ିକୁ କାଳାନୁସାରୀ ଭାବରେ ସଜାଇ ଦିଆଯାଇଛି । କେବଳ ଷଷ୍ଠ ସ୍ତବକଟିକୁ ମୋଟାମୋଟି ଭାବରେ ବିଷୟାନୁସାରୀ କରି ଉପସ୍ଥାପିତ କରାଯାଇଛି । ଏଇଟି ଆଗରୁ ମଧ୍ୟ ଠିକ୍ ଏହିଭଳି ଛପା ଯାଇଥିଲା । ବାରଗୋଟି ସ୍ତବକ ପୂର୍ଣ୍ଣତଃ ବା ପ୍ରଧାନତଃ ଫରାସୀ ଭାଷାରେ ଲେଖା ଯାଇଥିଲା, ଦୁଇଟି ସଂପୂର୍ଣ୍ଣ ଭାବରେ ଇଂରାଜୀରେ । ଫରାସୀ ଅଂଶଗୁଡ଼ିକର ଇଂରାଜୀ ଅନୁବାଦଗୁଡ଼ିକୁ ଏଠାରେ ପ୍ରକାଶ କରିବା ପୂର୍ବରୁ ସଂଶୋଧନ କରି ଦିଆଯାଇଛି ।

# ବିଷୟ-ସୂଚୀ


ପୃଷ୍ଠା

**ପ୍ରଥମ ସ୍ତବକ (୧୯୨୭-୧୯୩୮)** ... ୧

**ମାଆ ତାଙ୍କ ପୁଅଙ୍କ ପାଖକୁ ଲେଖିଥିବା ପତ୍ରମାନ**

**ଦ୍ୱିତୀୟ ଗୁଚ୍ଛ (୧୯୩୧-୧୯୪୦)** ... ୧୫

ବିଂଶ ଶତାବ୍ଦୀର ତୃତୀୟ ଦଶକ ତଥା ଚତୁର୍ଥ ଦଶନ୍ଧିର ପ୍ରଥମ କାଳରେ ଶ୍ରୀଅରବିନ୍ଦ ଆଶ୍ରମର ଗୃହନିର୍ମାଣ ବିଭାଗ ଦାୟିତ୍ୱରେ ଥିବା ଜଣେ ସାଧକଙ୍କୁ ଲିଖିତ ପତ୍ରାବଳୀ ।

**ତୃତୀୟ ସ୍ତବକ (୧୯୩୧-୧୯୪୯)** ... ୭୧

''ମୋ' କୁନି ସ୍ମିତହସ''କୁ ଲିଖିତ ପତ୍ରଗୁଡ଼ିକ । ସିଏ ହେଉଛନ୍ତି ଶ୍ରୀଅରବିନ୍ଦ ଆଶ୍ରମକୁ ଆସିବା ଲାଗି ଅନୁମତି ପାଇଥିବା ପ୍ରଥମ ପିଲାମାନଙ୍କ ଭିତରୁ ଜଣେ । ସେ ଚଉଦ ବର୍ଷ ବୟସରେ ଆଶ୍ରମକୁ ଆସିଥିଲେ । କୁନି ସ୍ମିତହସ ଅନେକ ବର୍ଷ ପର୍ଯ୍ୟନ୍ତ ମାଆଙ୍କର ପରିଚ୍ଛଦରେ ସୂଚୀକର୍ମ କରୁଥିଲେ ଓ ପରେ ହୋଇଥିଲେ ତାଙ୍କର ଜଣେ ବ୍ୟକ୍ତିଗତ ପରିଚାରିକା । ସତର ବର୍ଷ ବୟସରୁ ସେ ମାଆଙ୍କୁ ଚିଠି ଲେଖିବା ଆରମ୍ଭ କରିଥିଲେ ।

**ଚତୁର୍ଥ ସ୍ତବକ (୧୯୩୨-୧୯୩୪)** ... ୧୨୫

ତୃତୀୟ ଦଶନ୍ଧିରେ ଶ୍ରୀଅରବିନ୍ଦ ଆଶ୍ରମର ଗାଈ, ବଳଦ ଏବଂ ଗାଡ଼ିଗୁଡ଼ିକର ଦାୟିତ୍ୱରେ ରହିଥିବା ଜଣେ ସାଧକଙ୍କୁ ଲିଖିତ ପତ୍ରାବଳି ।

**ପଞ୍ଚମ ସ୍ତବକ (୧୯୩୨-୧୯୩୭)** ... ୧୩୫

ଏସବୁ ପତ୍ର ଶ୍ରୀଅରବିନ୍ଦ ଆଶ୍ରମରେ ସର୍ବପ୍ରଥମେ ରହିବାର ଅନୁମତି ଲାଭ କରିଥିବା ପିଲାମାନଙ୍କ ମଧ୍ୟରୁ ଜଣକୁ ଲିଖିତ । ସେ ଆସିଥିଲେ ଦଶବର୍ଷ ବୟସରେ । ତରୁଣ ଅବସ୍ଥାରେ

বিষয়-সূচী — no

ବିଷୟ-ସୂଚୀ ପୃଷ୍ଠା

ସଙ୍ଗୀତ, ଚିତ୍ରକଳା ଓ କବିତାରେ ଆଗ୍ରହୀ ଥାଇ ସେ ପରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣେ ସଙ୍ଗୀତ-ଶିକ୍ଷକ ହୋଇଥିଲେ । ବାରବର୍ଷ ବୟସରେ ସେ ମାଆଙ୍କ ପାଖକୁ ଚିଠି ଲେଖିବାକୁ ଆରମ୍ଭ କରିଥିଲେ ।

**ଷଷ୍ଠ ସ୍ତବକ (୧୯୩୩-୧୯୪୯)**

ଜଣେ ତରୁଣ ସାଧକଙ୍କ ପାଖକୁ ଲିଖିତ, ଯିଏକି ପରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଜଣେ ଶିକ୍ଷକ ହୋଇଥିଲେ । ... ୧୮୩

**ସପ୍ତମ ସ୍ତବକ (୧୯୩୫-୧୯୪୦)**

ଜଣେ ସାଧକଙ୍କୁ ଲିଖିତ, ଯିଏକି ୧୯୩୦ରୁ ଶ୍ରୀଅରବିନ୍ଦ ଆଶ୍ରମରେ ଦନ୍ତଚିକିତ୍ସକ ରୂପେ କାର୍ଯ୍ୟ କରୁଥିଲେ । ଏବଂ ୧୯୩୮ରୁ ୧୯୫୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କର ଅନ୍ୟତମ ବ୍ୟକ୍ତିଗତ ପରିଚାରକ ରୂପେ କର୍ମରତ ଥିଲେ । ... ୨୩୫

**ଅଷ୍ଟମ ସ୍ତବକ (୧୯୫୯-୧୯୬୦)**

ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗସ୍ଥ ଜଣେ ତରୁଣ କ୍ୟାପ୍‌ଟେନ୍‌ଙ୍କୁ ଲିଖିତ । ... ୨୫୭

**ନବମ ସ୍ତବକ (୧୯୬୦-୧୯୬୩)**

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣେ ତରୁଣ ଶିକ୍ଷକଙ୍କୁ ଲିଖିତ । ... ୨୮୧

**ଦଶମ ସ୍ତବକ (୧୯୬୧-୧୯୭୦)**

ଶ୍ରୀଅରବିନ୍ଦ ଆଶ୍ରମସ୍ଥ ଶାରୀରିକ ଶିକ୍ଷା ବିଭାଗର ଜଣେ ତରୁଣ କ୍ୟାପ୍‌ଟେନ୍‌ଙ୍କୁ ଲିଖିତ । ସେ ଊଣେଇଶ ବର୍ଷ ବୟସରେ ମାଆଙ୍କୁ ଚିଠି ଲେଖିବା ଆରମ୍ଭ କରିଥିଲେ । ... ୩୦୧

বিষয়-সূচী | ପୃଷ୍ଠା

# ପ୍ରଥମ ସ୍ତବକ

## ପ୍ରଥମ ସ୍ତବକ

### *ମାଆ ତାଙ୍କ ପୁଅଙ୍କ ପାଖକୁ ଲେଖିଥିବା ପତ୍ରମାନ*

ଏଠାରେ ଆମର ଗୋଷ୍ଠୀଟି ଅଧିକରୁ ଅଧିକ ବଢ଼ିବାରେ ଲାଗିଛି; ଇତି ମଧ୍ୟରେ ଆମେ ପ୍ରାୟ ତିରିଶ ଜଣ ହୋଇଗଲୁଣି (ଭାରତବର୍ଷ ବ୍ୟାପୀ ଇତସ୍ତତଃ ଥିବା ଲୋକଙ୍କୁ ହିସାବକୁ ନ ନେଇ); ଏବଂ, ମୁଁ ଏହି ଯାବତୀୟ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିଛି, ମୁଁ ସଂଗଠନଟିର କେନ୍ଦ୍ରସ୍ୱରୂପ ହୋଇ ରହିଛି;— ଉଭୟ ଭୌତିକ ତଥା ଆଧ୍ୟାତ୍ମିକ ଦିଗରୁ — ଏହାର ଅର୍ଥ ତୁମେ ସହଜରେ କଳ୍ପନା କରି ପାରୁଥିବ । ଆମେ ବର୍ତ୍ତମାନ ପାଞ୍ଚଟି ଘରେ ରହିଛୁ, ସେଥିରୁ ଗୋଟିଏ ହେଉଛି ଆମର ସମ୍ପତ୍ତି; ଅନ୍ୟଗୁଡ଼ିକ ପରେ ଆସିଯିବ । ପୃଥିବୀର ସବୁ ଅଞ୍ଚଳରୁ ନୂଆ ସଦସ୍ୟମାନେ ଆସୁଛନ୍ତି । ଏହି ସମ୍ପ୍ରସାରଣ ସଙ୍ଗେ ସଙ୍ଗେ ନୂଆ ନୂଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି; ନାନା ନୂତନ ଆବଶ୍ୟକତା ବି ଦେଖାଦେଉଛି, ଯାହାଲାଗି ପ୍ରୟୋଜନ ନୂଆ ଦକ୍ଷତା ।

*୧୬ ଜାନୁଆରି ୧୯୨୭*

ମୋ'ର ମନେ ହେଉଛି, ତୁମକୁ ମୁଁ ଆମର ପାଞ୍ଚଟି ନିବାସ ବିଷୟରେ କହିଥିଲି; ସେଥିରୁ ଚାରୋଟି ଗୋଟିଏ ଖଞ୍ଜା ପରି, ଏଗୁଡ଼ିକର ଚତୁଷ୍ପାର୍ଶ୍ୱରେ ସହରର ରାସ୍ତାମାନ ରହିଛି, ପ୍ରତ୍ୟେକଟି ନିବାସରେ ଏକାଧିକ କୋଠାମାନ ରହିଛି, ମଝିରେ ଦୁଆରସବୁ ଅଛି, ବଗିଚା ମଧ୍ୟ ରହିଛି । ଏଥିରୁ ଗୋଟିଏ ଆବାସକୁ ଆମେ ଏଇ ଏବେ କିଣିଛୁ, ସେଥିରେ ଆବଶ୍ୟକ ମରାମତିମାନ କରିଛୁ ଏଥିରେ ଯେପରି ଆରାମରେ ରହିହେବ, ସେଥିଲାଗି ସେଇଟିକୁ ଅନୁକୂଳ ଭାବରେ ଆବଶ୍ୟକ ଆସବାବ ଦ୍ୱାରା ସଜ୍ଜିତ କରି ରଖିଛୁ । ଏବଂ, ଅଳ୍ପଦିନ ହେଲା ଶ୍ରୀଅରବିନ୍ଦ ଓ ମୁଁ ସେହି ଆବାସଟିରେ ଯାଇ ରହିଲୁଣି; ନିକଟତମ ଶିଷ୍ୟମାନଙ୍କ ମଧ୍ୟରୁ ପାଞ୍ଚଜଣ ମଧ୍ୟ ତା'ମଧ୍ୟସ୍ଥ କକ୍ଷଗୁଡ଼ିକରେ ବାସ କରୁଛନ୍ତି ।

ବାହାର କାନ୍ଥ ବା ବାହାରଘର ଗୁଡ଼ିକରେ ବାଟ ଫିଟାଇଦେଇ ଆମେ ଏହିସବୁ ଗୃହକୁ ପରସ୍ପର ସହିତ ସଂଯୁକ୍ତ କରିଦେଇଛୁ, ଫଳରେ ଆମର ଏହି କ୍ଷୁଦ୍ର ରାଜ୍ୟାୟତନଟି ମଧ୍ୟରେ ମୁଁ ଗୋଟିଏ ସ୍ଥାନରୁ ଆଉଗୋଟିଏ ସ୍ଥାନକୁ ଅବାଧ ଭାବରେ ଯାଇପାରୁଛି ଏବଂ ସେଥିଲାଗି ଆଉ ମୋତେ ବାହାର ରାସ୍ତା ହୋଇ ଯିବାକୁ ପଡୁ ନାହିଁ । ଏହାଦ୍ୱାରା ସୁନ୍ଦର ଭାବରେ ସବୁ ହୋଇପାରୁଛି । ମାତ୍ର, ମୋତେ ପୂର୍ବ ଅପେକ୍ଷା ଅନେକ ଅଧିକ କାର୍ଯ୍ୟବ୍ୟସ୍ତ ରହିବାକୁ ହେଉଛି ଏବଂ, ଏକଥା ମଧ୍ୟ କୁହାଯାଇ ପାରିବ ଯେ ତୁମପାଖକୁ ମୋତେ ଏହି

ଚିଠିଟିକୁ ମଧ୍ୟ ଭାରି ତରତର ଭାବରେ ଲେଖିବାକୁ ପଡୁଛି ।

*୧୬ ଫେବ୍ରୁଆରି ୧୯୨୭*

ଶୋଇବା କହିଲେ ସାଧାରଣତଃ ଯାହା ବୁଝାଏ*, ସେହି ଅର୍ଥରେ ବିଚାର କଲେ ମୁଁ ଯେ ଦୀର୍ଘକାଳ ଧରି ଶୋଇ ନାହିଁ, ସେକଥା ସତ । ଅର୍ଥାତ୍, ଯେଉଁ ଚେତନାହୀନତା ଅର୍ଥରେ ସାଧାରଣତଃ ସମସ୍ତେ ଶୋଇବା ଅବସ୍ଥାଟିକୁ ବୁଝିଥାନ୍ତି, ମୁଁ କେବେହେଲେ ସେହି ଚେତନାହୀନତା ମଧ୍ୟକୁ ଚାଲି ଯାଏ ନାହିଁ । ମାତ୍ର, ଶରୀର ଲାଗି ଯେଉଁ ବିଶ୍ରାମ ଲୋଡ଼ା, ମୁଁ ଶରୀରକୁ ସେହି ବିଶ୍ରାମ ଅବଶ୍ୟ ଦେଇଥାଏ; ଅର୍ଥାତ୍, ମୁଁ ଦୁଇତିନି ଘଣ୍ଟା ସମୟ ସମ୍ପୂର୍ଣ୍ଣ ଭାବରେ ନିଶ୍ଚଳ ହୋଇ ପଡ଼ିରହେ, ଯାହାଦ୍ୱାରା କି ମୋର ସଂପୂର୍ଣ୍ଣ ସତ୍ତା,– ମାନସିକ, ଚୈତ୍ୟ, ପ୍ରାଣିକ ତଥା ଭୌତିକ ସବୁଯାକ ସତ୍ତା ଏକ ପରିପୂର୍ଣ୍ଣ ବିଶ୍ରାମର ଅବସ୍ଥା ମଧ୍ୟକୁ ଚାଲି ଯାଆନ୍ତି,– ସେହି ବିଶ୍ରାମ ମଧ୍ୟରେ ମୋତେ ପୂର୍ଣ୍ଣ ଶାନ୍ତି, ପରିପୂର୍ଣ୍ଣ ନୀରବତା ଏବଂ ଏକ ସମ୍ପୂର୍ଣ୍ଣ ନିଶ୍ଚଳତା ଉପଲବ୍ଧ ହୋଇଥାଏ; ମାତ୍ର ମୋର ଚେତନା ସମ୍ପୂର୍ଣ୍ଣ ଭାବରେ ଜାଗୃତ ରହିଥାଏ । ଅଥବା, ମୁଁ ସେତେବେଳେ ଯାଇ ଗୋଟିଏ ବା ଏକାଧିକ ଅବସ୍ଥାର ଏକ ଅନ୍ତର୍ଗତ କ୍ରିୟାଶୀଳତା ମଧ୍ୟରେ ପ୍ରବିଷ୍ଟ ହୁଏ; ଏପରି ଏକ କ୍ରିୟାଶୀଳତା ଯାହାକି ଗୂଢ଼ଭୂମିରେ ସକ୍ରିୟ ହୋଇ ରହିଥାଏ ଏବଂ, କହିବା ବାହୁଲ୍ୟ ଯେ, ତାହା ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥାଏ । ତେଣୁ, ସତ କହିବାକୁ ଗଲେ, ମୁଁ ଏପରି କହିପାରିବି ଯେ, ଦିନମାନର ଚବିଶଘଣ୍ଟା ଭିତରେ ମୁଁ କଦାପି ଚେତନାକୁ ହରାଇ ଦେଇ ନ ଥାଏ । ଏହିପରି ଭାବରେ ତାହା ଏକାନ୍ତ ଭାବରେ ଅବ୍ୟାହତ ଓ ଅବିଚ୍ଛିନ୍ନ ହୋଇ ରହିଥାଏ । ଅର୍ଥାତ୍, ମୁଁ କେବେହେଲେ ସାଧାରଣ ଅର୍ଥରେ ସଂପୂର୍ଣ୍ଣ ନିଦ୍ରିତାବସ୍ଥାରେ ନ ଥାଏ ମାତ୍ର ତେଣେ ମୋର ଶରୀରକୁ ମଧ୍ୟ ତା'ର ଆବଶ୍ୟକ ବିଶ୍ରାମଟି ଅବଶ୍ୟ ମିଳି ଯାଇଥାଏ ।

*୩ ଜୁଲାଇ ୧୯୨୭*

ମୁଁ ଏହି ଚିଠି ସହିତ ତୁମ ପାଖକୁ ଆଶ୍ରମର କେତେଗୁଡ଼ିଏ ଫଟୋ ମଧ୍ୟ ପଠାଉଛି; ତୁମେ ସେଗୁଡ଼ିକ ନିଶ୍ଚୟ ଆଗ୍ରହ ସହକାରେ ଦେଖିବ, କାରଣ, ଯେତେ ଅସମ୍ପୂର୍ଣ୍ଣ ଓ ସ୍ଥୂଳ ଭାବରେ ହେଲେ ମଧ୍ୟ, ମୁଁ ଏଠାରେ କିଭଳି ଏକ ପରିବେଷ୍ଟନୀ ମଧ୍ୟରେ ରହିଛି, ତାହା ତୁମକୁ ଏକ ଧାରଣା ଅବଶ୍ୟ ଦେଇ ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ, ଏଗୁଡ଼ିକ ତୁମକୁ ଏକ

---

* ମାଆ ଲଗାଏତ କେତେ ମାସ ହେଲା ଆଦୌ ଶୋଇ ନାହାନ୍ତି ବୋଲି ଗୋଟିଏ ଖବର କାଗଜରେ ବାହାରିଥିବା ଏକ ଲେଖା ସଂକ୍ରାନ୍ତରେ ମାଆ ଦେଇଥିବା ମନ୍ତବ୍ୟ ।

ସୀମିତ ଧାରଣାହିଁ ଦେବ, କାରଣ ବର୍ତ୍ତମାନ ଆଶ୍ରମ କହିଲେ ସତରଟି ନିବାସଗୃହକୁ ବୁଝାଉଛି ଏବଂ ସେଗୁଡ଼ିକରେ ପଞ୍ଚାଶୀ ବା ନବେଜଣ ବ୍ୟକ୍ତି ବାସ କରୁଛନ୍ତି । (ଲୋକେ ଆସୁଥାନ୍ତି, ଯାଉଥାନ୍ତି; ତେଣୁ ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ହେଉଥାଏ ।)

ହଁ, ମୁଁ ଚଉଦ ଓ ପନ୍ଦର ନମ୍ବର କଥୋପକଥନଗୁଡ଼ିକୁ ମଧ୍ୟ ତୁମ ପାଖକୁ ପଠାଉଛି । ମୁଁ ଆଶା କରୁଛି ଯେ ପ୍ରଥମ ତେରୋଟିଯାକ ତୁମ ପାଖରେ ମୁଥ ମୁଥ ହୋଇ ପୂର୍ଣ୍ଣ ଆକାରରେ ଯାଇ ପହଞ୍ଚି ଯାଇଛି । ସେଗୁଡ଼ିକ ଛାପା ହେବା ସଙ୍ଗେ ସଙ୍ଗେ ମୁଁ ସେଗୁଡ଼ିକୁ ଡାକରେ ତୁମ ପାଖକୁ ପଠାଇ ଦେଉଥିଲି ।*

*୨୫ ଅଗଷ୍ଟ ୧୯୨୯*

''କଥୋପକଥନ''ଗୁଡ଼ିକ ବିଷୟରେ ତୁମେ ଯେଉଁ ମତ ଦେଇଛ, ମୁଁ ତାହାର ଉତ୍ତର ଦେବାକୁ ଚେଷ୍ଟା କରିବି ନାହିଁ । ଅବଶ୍ୟ ଏକଥା ସତ ଯେ, ତୁମେ ଏକାଧିକ ସ୍ଥଳରେ କଥାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବୁଝି ନ ପାରିଥିଲା ପରିହିଁ ବୋଧ ହେଉଛି । ମାତ୍ର ମୁଁ ଭାବୁଛି ଯେ, ପରେ ଯଥେଷ୍ଟ ସମୟ ଥିଲା ବେଳେ ତୁମେ ସେଗୁଡ଼ିକୁ ଆଉଥରେ ପାଠ କରିବ ଓ ତେବେ, ପ୍ରଥମ ଥର ପଢ଼ିବା ସମୟରେ ଯେଉଁ ଅଂଶଗୁଡ଼ିକୁ ତୁମେ ଠିକ୍ ଠିକ୍ ବୁଝି ପାରିଲ ନାହିଁ, ସେଗୁଡ଼ିକୁ ମଧ୍ୟ ବୁଝି ପାରିବ । ପୁନଶ୍ଚ, ଯେଉଁସବୁ ବିଷୟରେ ଏହି ''କଥୋପଥନ''ଗୁଡ଼ିକରେ ଆଲୋଚନା କରାଯାଇଛି, ତଦ୍ଵାରା ସେଗୁଡ଼ିକ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ସବୁକଥା କୁହାଯାଇ ପାରିଛି ବୋଲି ଆଦୌ ଦାବି କରାଯାଇ ନାହିଁ, ଏପରିକି ସେଗୁଡ଼ିକରେ ପ୍ରାଞ୍ଜଳ ଭାବରେ ଆଦୌ ସବୁ ବିଷୟରେ ଚର୍ଚ୍ଚା ହୋଇ ନାହିଁ । ବରଂ ସେଗୁଡ଼ିକୁ କେତେକ ସୂଚନା ବୋଲି କୁହାଯାଇ ପାରିବ, ଯେଉଁଥିରେ କି କୌଣସି ପ୍ରକାର ଉପଦେଶ ବା ପରାମର୍ଶ ଦେବା ଅପେକ୍ଷା କେତେକ ବ୍ୟାବହାରିକ କଥା କହି ଦିଆଯାଇଛି । ଯେଉଁମାନେ ଜୀବନର ମାର୍ଗରେ ଯାତ୍ରା କରୁଛନ୍ତି, ସେମାନଙ୍କୁ ସେହି ଯାତ୍ରାରେ ପ୍ରେରଣା ଏବଂ ଉତ୍ସାହ ଯୋଗାଇ ଦେବାକୁ ଏଥିରେ ଏକ ପ୍ରକାର ନୈତିକ ଉତ୍ସାହ ଆଣି ଦେବାର ଚେଷ୍ଟା କରାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ଦେଇଥିବା ଉତ୍ତରଗୁଡ଼ିକରେ ପ୍ରଶ୍ନଟିର ବହୁଦିଗ ଉପରେ କୌଣସି ଦୃଷ୍ଟି ଦିଆ ଯାଇ ନାହିଁ । ସେଗୁଡ଼ିକ ଉପରେ ଅଧିକ ଆଗ୍ରହ ସହିତ ଦୃଷ୍ଟିପାତ କରା ଯାଇଥାନ୍ତା,– ମାତ୍ର ତାହା ଆଉଥରେ କେତେବେଳେ ହେବ ।

*୨୧ ଅକ୍ଟୋବର ୧୯୨୯*

---

* ଏହି ପନ୍ଦରଟି ଯାକ କଥୋପକଥନ 'ପ୍ରଶ୍ନ ଓ ଉତ୍ତର', ଶତବାର୍ଷିକୀ ଗ୍ରନ୍ଥମାଳା(ଇଂରାଜୀ), ୩ୟ ଖଣ୍ଡ, ୧-୧୨୦ ପୃଷ୍ଠାରେ ପ୍ରକାଶିତ ହୋଇଛି ।

ଆଶ୍ରମ କ୍ରମେ ଅଧିକରୁ ଅଧିକ ଏକ ଆଗ୍ରହୋଦ୍ଦୀପକ ଅନୁଷ୍ଠାନରେ ପରିଣତ ହେବାରେ ଲାଗିଛି । ବର୍ତ୍ତମାନ ଆମର ଏକୋଇଶିଟି ନିବାସଗୃହ ହୋଇ ଗଲାଣି, ଏକବିଂଶତମ ନିବାସଟି ମାତ୍ର ଏବେ ଆମ ଅଧିକାରକୁ ଆସିଛି । ପାରିଶ୍ରମିକ ନେଇ ଆଶ୍ରମରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କର (ଶ୍ରମିକ ଓ ଭୃତ୍ୟମାନେ) ସଂଖ୍ୟା ଷାଠିଏ ବା ପଞ୍ଚଷଠି ହୋଇଗଲାଣି ଏବଂ ଆଶ୍ରମ-ସଦସ୍ୟମାନଙ୍କର (ପଣ୍ଡିଚେରୀରେ ବାସ କରୁଥିବା ଶ୍ରୀଅରବିନ୍ଦଙ୍କର ଶିଷ୍ୟବର୍ଗ) ସଂଖ୍ୟା ପଞ୍ଚାଶୀ ଓ ଶହେ ଭିତରେ ରହିଛି । ପାଞ୍ଚଟି ମଟରଗାଡ଼ି, ବାରଟି ସାଇକେଲ, ଚାରିଗୋଟି ସିଲାଇ ମେସିନ୍, ବାରଗୋଟି ଟାଇପ୍‌ରାଇଟର୍, ଅନେକ ସଂଖ୍ୟକ ଗ୍ୟାରେଜ୍, ଗୋଟିଏ ଅଟୋମୋବାଇଲ୍ ମରାମତି କାରଖାନା, ବିଦ୍ୟୁତ୍‌ଶକ୍ତି ସରବରାହର ଏକ ବ୍ୟବସ୍ଥାପକସଂସ୍ଥା, ଏକ ଗୃହନିର୍ମାଣ-ବିଭାଗ, ସିଲାଇ ପାଇଁ ଏକାଧିକ ବିଭାଗ (ଇଉରୋପୀୟ ଓ ଭାରତୀୟ ଦରଜି, ପୋଷାକ ଓ କପଡ଼ା ଉପରେ କମ ପକାଇ ପାରୁଥିବା ମହିଳା ପ୍ରଭୃତି), ଗୋଟିଏ ଗ୍ରନ୍ଥାଳୟ ଓ ଗୋଟିଏ ପଠନାଳୟ (ଏଥିରେ କେତେ ହଜାର ବହି ରହିଛି), ଫଟୋ ନେବା ଓ ଧୋଇବା ଲାଗି ଗୋଟିଏ ବିଭାଗ, କେତୋଟି ସାଧାରଣ ଭଣ୍ଡାର ଯେଉଁଥିରେକି ବହୁ ପ୍ରକାରର ସାମଗ୍ରୀ ରହିଛି; ଏବଂ ଏଗୁଡ଼ିକ ମଧ୍ୟରୁ ପ୍ରାୟ ସବୁକିଛି ଫ୍ରାନସ୍‌ରୁ  ଆମଦାନୀ ହୋଇଛି; ଫୁଲ, ପରିବା ଓ ଫଳ ପାଇଁ ବଡ଼ ବଡ଼ ଉଦ୍ୟାନ, ଗୋଟିଏ ଗୋଶାଳା, ଗୋଟିଏ ରୁଟି ତିଆରି କାରଖାନା, ଇତ୍ୟାଦି, ଇତ୍ୟାଦି । ତୁମେ ବେଶ୍ ବୁଝି ପାରୁଥିବ ଯେ ଏହା ଆଦୌ ଏକ କ୍ଷୁଦ୍ର ବ୍ୟାପାର ନୁହେଁ । ଏବଂ, ମୋତେ ଏହି ସବୁକିଛିର ଯତ୍ନ ନେବାକୁ  ପଡୁଥିବାରୁ, ମୁଁ ପ୍ରକୃତରେ କହିପାରିବି ଯେ ମୁଁ ବେଶ୍ କାର୍ଯ୍ୟବ୍ୟସ୍ତ ରହିଛି ।

*୨୩ ଅଗଷ୍ଟ ୧୯୩୦*

ମୁଁ 'ଗ୍ରାଁ ରଭ୍ୟୁ'* ପାଇଛି ଓ ତୁମେ ସୂଚେଇ ଦେଇଥିବା ଲେଖାଟିକୁ ପଢ଼ିଛି । ଲେଖାଟି ମୋତେ କାହିଁକି ଅତ୍ୟନ୍ତ ନୀରସ ଲାଗିଲା, ମାତ୍ର ତଥାପି ଖୁବ୍‌ବେଶୀ ଖରାପ ଲାଗିଲା ନାହିଁ । ମାତ୍ର, ସେଥିରେ ଯେଉଁ ମୁଖାର୍ଜୀଙ୍କର ଲେଖାକୁ ଉଦ୍ଧାର କରାଯାଇଛି, ସିଏ ନିଶ୍ଚୟ ବହୁବର୍ଷ ଧରି ଭାରତବର୍ଷ ବାହାରେ (ମୁଁ ଭାବୁଛି ଆମେରିକାରେ) ବାସ କରିଥିବେ ଏବଂ ସମ୍ପୂର୍ଣ୍ଣ ଭାବରେ ନିଜକୁ ପାଶ୍ଚାତ୍ୟ ଜଗତ ମୁତାବକ ଛାଞ୍ଚରେ ପକାଇ ନେଇଥିବେ; ତା' ନ ହେଲେ ସେ ଗାନ୍ଧି ଏବଂ ରବୀନ୍ଦ୍ରନାଥଙ୍କୁ **ଭାରତବର୍ଷରେ ବାସ କରୁଥିବା** ଦୁଇଜଣ ସବୁଠାରୁ ଲୋକପ୍ରିୟ ବ୍ୟକ୍ତି ବୋଲି କଦାପି କହି ନ ଥାନ୍ତେ । ବରଂ ଓଲଟା କଥାଟି କୁହାଯାଇ ପାରିବ ଯେ ସେମାନେ ଭାରତବର୍ଷର ବାହାରେହିଁ ସବୁଠାରୁ ଅଧିକ ଲୋକପ୍ରିୟ;

* ୧୯୩୯ ପର୍ଯ୍ୟନ୍ତ ଫ୍ରାନ୍‌ସରେ ପ୍ରକାଶିତ ହେଉଥିବା ଏକ ମାସିକ ସାହିତ୍ୟପତ୍ରିକା ।

ଏବଂ ବିଦେଶୀମାନେ ଏହି ଦୁଇଜଣ ବ୍ୟକ୍ତିଙ୍କୁହିଁ ଭାରତୀୟ ପ୍ରତିଭାର ଏକମାତ୍ର ପ୍ରତିନିଧି ବୋଲି ଅନୁମାନ କରିଥାନ୍ତି । ଏକଥା ଆଦୌ ସତ୍ୟ ନୁହେଁ, ଏବଂ, ସେମାନେ ଯେ ପାଶ୍ଚାତ୍ୟ ଦେଶମାନଙ୍କରେ ଏତେ ସୁପରିଚିତ ହୋଇ ପାରିଛନ୍ତି, ତାହାର କାରଣ ହେଉଛି ପାଶ୍ଚାତ୍ୟ ମନ ଅସଲ ସତ୍ୟଗୁଡ଼ିକୁ ଯେତିକିଯାଏ ବୁଝିପାରିବ, ସେମାନଙ୍କର ଆସନଟି ମଧ୍ୟ ସେହି ସୀମାଟି ଭିତରେହିଁ ରହିଛି ଓ ଆହୁରି ଅଧିକ ଆଗକୁ ଯାଇ ପାରି ନାହିଁ ।

ଭାରତବର୍ଷରେ ଏମାନଙ୍କ ଠାରୁ ଅନେକ ଅଧିକ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ଅଛନ୍ତି ଏବଂ ସେମାନେ ବିଜ୍ଞାନ, ସାହିତ୍ୟ, ଦର୍ଶନ ଓ ଆଧ୍ୟାତ୍ମିକତା ପ୍ରଭୃତି ବହୁବିଧ କ୍ଷେତ୍ରରେ ରହିଛନ୍ତି । ଏ କଥା ସତ ଯେ ଯେଉଁ ତରୁଣମାନେ ଶାନ୍ତିନିକେତନରେ ଅଧ୍ୟୟନ କରି ବାହାରକୁ ଆସନ୍ତି, ସେମାନେ ଅତ୍ୟନ୍ତ ସୁସଂସ୍କୃତ ହୋଇ ପାରିଥାନ୍ତି, ମାତ୍ର ଉପଲବ୍ଧି ଲାଗି ସେମାନଙ୍କ ଭିତରେ କୌଣସି ବଳ ବା ଶକ୍ତି ନ ଥାଏ । ଏବଂ, ଗାନ୍ଧି ତିଆରି କରୁଥିବା ତରୁଣମାନଙ୍କ ବିଷୟରେ କହିବାକୁ ଗଲେ, ସେମାନଙ୍କ ଭିତରେ ହୁଏତ ଅଧିକ ପରିମାଣରେ ଶକ୍ତି ଓ କର୍ମସାମର୍ଥ୍ୟ ଥାଇପାରେ, ମାତ୍ର ସେମାନେ କେତୋଟି ସଂକୀର୍ଣ୍ଣ ବିଚାର ଏବଂ ଏକ ସୀମାବଦ୍ଧ ମନର ଚାରିକାନ୍ଥ ଭିତରେ ବନ୍ଦି ହୋଇ ରହିଥାନ୍ତି ।

ମୁଁ ଆଉଥରେ କହୁଛି, ଭାରତବର୍ଷରେ ଆହୁରି ଅଧିକ, ଅଧିକ ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନେ ରହିଛନ୍ତି, ମାତ୍ର ଏହି ଭାରତବର୍ଷ ଆଦୌ କୌଣସି ଆନ୍ତର୍ଜାତିକ ଖ୍ୟାତି ବା ଗୌରବ ଲାଭ କରିବା ନିମନ୍ତେ କଦାପି ଆକାଙ୍କ୍ଷିତ ହୁଏ ନାହିଁ ।

*୪ ଅଗଷ୍ଟ ୧୯୩୧*

ମନୁଷ୍ୟଜାତିକୁ ଚିରନ୍ତନ କରି ରଖିବାକୁ ହେଲେ ସନ୍ତାନ ଉତ୍ପନ୍ନ କରିବା ଯେ ଏକମାତ୍ର ଉପାୟ, ତୁମର ଏହି ମନ୍ତବ୍ୟଟି ବିଷୟରେ ମୁଁ ପଦେ କହିବି । ଏହି କଥାଟିକୁ ମୁଁ କେବେହେଲେ ଭୁଲ୍ ବୋଲି କହି ନାହିଁ; ମାତ୍ର ମୁଁ ଏହାସହିତ ଅଧିକ ଏତିକି ଯୋଡ଼ିଦେଇ କହିବାକୁ ଚାହେଁ ଯେ, ଏହି ବିଷୟରେ ଭୟ କରିବାର ଆଦୌ କୌଣସି କାରଣ ନାହିଁ; ମନୁଷ୍ୟଜାତିକୁ ଚିରନ୍ତନ କରି ରଖିବାହିଁ ଯଦି ପ୍ରକୃତିର ଯୋଜନା ହୋଇଥାଏ, ତେବେ ତା'ର ସେହି ଯୋଜନାଟିକୁ କାର୍ଯ୍ୟକାରୀ କରିବା ଲାଗି ଯେତେ ମନୁଷ୍ୟ ଆବଶ୍ୟକ, ପ୍ରକୃତି ପାଖରେ ସେତିକି ମଣିଷ ସର୍ବଦା ଅବଶ୍ୟ ରହିଥିବେ । ଏହି ପୃଥିବୀରେ ସଂଖ୍ୟାଦୃଷ୍ଟିରୁ କେବେହେଲେ ମନୁଷ୍ୟଙ୍କର ଅଭାବ ହେବ ନାହିଁ ।

*୨୮ ସେପ୍ଟେମ୍ବର ୧୯୩୧*

ଯେଉଁ ବସ୍ତୁଗୁଡ଼ିକର ଅପେକ୍ଷା ରହିଛି... କେବଳ ସେହି ବସ୍ତୁଗୁଡ଼ିକହିଁ ତୁମେ ଅକ୍ଟୋବର

ନଅ ତାରିଖରେ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିବା ଦୁଃଖଦ ଅବସ୍ଥାଗୁଡ଼ିକର ପ୍ରତିକାର ସମ୍ଭବ କରି ପାରିବ । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ମଧ୍ୟ-ଇଉରୋପର କ୍ଷୁଦ୍ର ରାଷ୍ଟ୍ରଗୁଡ଼ିକ ମଧ୍ୟରେହିଁ କଦାପି ସୀମାବଦ୍ଧ ହୋଇ ରହିବ ନାହିଁ । ତୁମେ ଯେଉଁ ଅବସ୍ଥାଟିର ବର୍ଣ୍ଣନା କରିଛ, ସମଗ୍ର ପୃଥିବୀର ଅବସ୍ଥା ବର୍ତ୍ତମାନ ଅଳ୍ପବହୁତ ସେହିଭଳି ରହିଛି : ସବୁଆଡ଼େହିଁ ବିଶୃଙ୍ଖଳା ରହିଛି, ବହୁ ଭ୍ରାନ୍ତିର ଅଡୁଆ ମନୁଷ୍ୟକୁ ବିମୂଢ଼ କରି ରଖିଛି, ବହୁତ କିଛି ବରବାଦ ହେବାରେ ଲାଗିଛି ଓ ମଣିଷମାନେ ଦୁର୍ଗତିରେ ଘାଣ୍ଟି ହେଉଛନ୍ତି ।

ଏହି ଅବସ୍ଥା ଦେଖି ଦୁଃଖରେ ବିଳାପ କଲେ କୌଣସି ଲାଭ ହେବ ନାହିଁ । ''ତୁମେସବୁ କୁଆଡ଼େ ଯାଉଛ ?''— ଏକଥା ଏଡ଼େ ପାଟିକରି କହିଲେ ମଧ୍ୟ କୌଣସି ଫଳ ମିଳିବ ନାହିଁ । ସେହି ସର୍ବଶେଷ ଭୁଶୁଡ଼ି ପଡ଼ିବାଟି, ସେହି ବିଶ୍ୱମୟ ଅଚଳ ଅବସ୍ଥାଟି ସମ୍ମୁଖରେ ଅତ୍ୟନ୍ତ ସ୍ୱଷ୍ଟ ହୋଇ ଦିଶିଲାଣି... ଅବଶ୍ୟ ଯଦି... ପୃଥିବୀର ଇତିହାସରେ ବିକଳ୍ପ ଭାବରେ ଏହି 'ଅବଶ୍ୟ ଯଦି'ଟି ସବୁବେଳେ ରହି ଆସିଛି; ହଁ, ସବୁବେଳେ, ଯେତେବେଳେ ବିଭ୍ରାନ୍ତି ଓ ବିନାଶ ସେମାନଙ୍କର ଚରମ ସର୍ବୋଚ୍ଚ ସୀମାକୁ ସ୍ପର୍ଶ କରିଆସିଲା ପରି ବୋଧ ହୋଇଛି, ସେତେବେଳେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ କିଛି ଘଟିଛି ଏବଂ ଏକ ନୂତନ ଭାରସାମ୍ୟର ପ୍ରତିଷ୍ଠା ହୋଇଛି । ସେହି ଭାରସାମ୍ୟ ଆଗକୁ ଆହୁରି କେତେ ଶତାବ୍ଦୀ ଯାଏ ବିଦ୍ୟମାନ ରହିଛି ଏବଂ ତଦ୍ୱାରା ଅଧଃପତନମୁଖୀ ସଭ୍ୟତା ଏବଂ ପ୍ରଳାପରତ ମନୁଷ୍ୟ-ସମାଜଗୁଡ଼ିକର ଜୀବନ ଆଉ କିଛିଦିନ ସକାଶେ ପ୍ରଲମ୍ବିତ ହୋଇ ପାରିଛି ।

ଏଥିରୁ ତୁମେ ମୋତେ ଜଣେ ନିରାଶାବାଦୀ ବୋଲି କଦାପି ଭାବିବାକୁ ଆରମ୍ଭ କରିବ ନାହିଁ । ବସ୍ତୁସ୍ଥିତିଗୁଡ଼ିକ ଯେପରି ଅବସ୍ଥାରେ ଅଛି, ତାହା ନିଃସନ୍ଦେହ ଭାବରେ ମୋତେ ମଧ୍ୟ ଆଦୌ ଭଲ ଲାଗୁ ନାହିଁ । ଅବଶ୍ୟ ମୁଁ ଏପରି କଦାପି ବିଶ୍ୱାସ କରୁ ନାହିଁ ଯେ, ଇତିହାସରେ ଆଗରୁ ବହୁବାର ଯେପରି ହୋଇଛି, ବର୍ତ୍ତମାନ ସେଗୁଡ଼ିକର ତୁଳନାରେ ଅବସ୍ଥା ଅଧିକ ଖରାପ ହୋଇଗଲାଣି । ମାତ୍ର, ବର୍ତ୍ତମାନର ଏହି ସ୍ଥିତି ଭିନ୍ନ ପ୍ରକାରର ହେଉ ବୋଲି ମୁଁ ମଧ୍ୟ ଇଚ୍ଛା କରୁଛି, ସ୍ଥିତିଗୁଡ଼ିକରେ ଅଧିକ ସମଞ୍ଜସତା ଆସୁ ଓ ସେଥିରେ ଅଧିକ **ସତ୍ୟ** ଲାଗି କ୍ଷେତ୍ର ରହୁ ବୋଲି ମୁଁ ଚାହୁଁଛି । ବର୍ତ୍ତମାନର ଏହି ପୃଥିବୀରେ ମିଥ୍ୟାର ଭୟାବହତା କେତେ ପରିବ୍ୟାପ୍ତ ହୋଇ ନ ରହିଛି, ଅନ୍ଧକାରକୁ ଆଶ୍ରୟ କରି ରହିଥିବା ସ୍ୱବିଧାନ ଦ୍ୱାରା ତାହା ପୃଥିବୀ ଉପରେ କି ଶାସନ ନ କରୁଛି ! ମୁଁ ବିଶ୍ୱାସ କରୁଛି ଯେ, ତାହାର ସେହି ରାଜତ୍ୱ ଯଥେଷ୍ଟ ଦୀର୍ଘକାଳ ଧରି ରହିଲାଣି; ବର୍ତ୍ତମାନ ଏହି ପ୍ରଭୁଟିର ପରିଚର୍ଯ୍ୟା କରିବା ଲାଗି ଆମକୁ ସିଧା ମନା କରି ଦେବାକୁ ପଡ଼ିବ । ଏହାହିଁ ଏକମାତ୍ର ପ୍ରତିକାର, ପ୍ରକୃତରେ ଏକ ଶକ୍ତିଶାଳୀ ପ୍ରତିକାର ।

*୩ ନଭେମ୍ବର ୧୯୩୧*

ଦୀର୍ଘ ବହୁକାଳ ପରେ ଜାନୁଆରି ପାଞ୍ଚ ତାରିଖ ଦିନ ଲିଖିତ ତୁମର ପତ୍ର ପାଇ ମୁଁ ଅତିଶୟ ଆନନ୍ଦିତ ହେଲି । ବିଶେଷ ଭାବରେ, ତୁମେ ଯେତେବେଳେ ପଣ୍ଡିଚେରୀକୁ ଏକ ଆଦର୍ଶ ବିଶ୍ରାମସ୍ଥଳ ବୋଲି ଭାବୁଛ, ସେହି କାରଣରୁ । ଏକଥା ଅବଶ୍ୟ ସତ ଯେ, ଅସ୍ଥିର ମନର ମଣିଷମାନଙ୍କୁ ପଣ୍ଡିଚେରୀ ଆରୋଗ୍ୟଲାଭ କରିବାର ଏକ ପରିପୂର୍ଣ୍ଣ ସ୍ଥଳ ଯୋଗାଇଦେଇ ପାରିବ । କାରଣ, ବାରଆଡ଼କୁ ମନ ଦେବାକୁ ଇଚ୍ଛା କଲେ ମଧ୍ୟ ଏଠାରେ ସେଥିଲାଗି ଆଦୌ କୌଣସି ପରିସର ପ୍ରାପ୍ତ ହେବ ନାହିଁ । ପୁନଶ୍ଚ, ଏଠାରେ ସମୁଦ୍ର କେଡ଼େ ସୁନ୍ଦର, ଚତୁର୍ଦିଗରେ ଗ୍ରାମାଞ୍ଚଳ ବିସ୍ତୃତ ହୋଇ ରହିଛି, ଏବଂ ସହରଟି ମଧ୍ୟ ଖୁବ୍ ସାନ । ମୋଟରରେ ଚଢ଼ି ପାଞ୍ଚମିନିଟ ବାହାରିଗଲେ ସହରାଞ୍ଚଳ ଶେଷ ହୋଇ ଯାଇଥିବ; ଏବଂ, ଏହି ଯାବତୀୟ କଥାର କେନ୍ଦ୍ରସ୍ଥଳରେ ଆଶ୍ରମଟି ଏକ ଗତିମନ୍ତ ଏବଂ କ୍ରିୟାଶୀଳ ଶାନ୍ତିର ସଘନ ଦର୍ପଣଟିଏ ହୋଇ ରହିଛି । ଏପରିକି, ଯେଉଁମାନେ ବାହାରୁ ଏଠାକୁ ଆସନ୍ତି, ସେମାନେ ସତେଅବା ଏକ ଭିନ୍ନ ପୃଥିବୀରେ ଆସି ପ୍ରବେଶ କଲେ ବୋଲି ଅନୁଭବ କରିଥାନ୍ତି । ଏପରି ଏକ ପୃଥିବୀ, ଯେଉଁଠାରେ ଅନ୍ତରସ୍ଥ ଜୀବନ ବହିଃସ୍ଥ ଜୀବନର ପରିଚାଳନା କରୁଥାଏ; ଏପରି ଏକ ପୃଥିବୀ, ଯେଉଁଠାରେ ସବୁକିଛି ସାବଲୀଳ ଭାବରେ ହୋଇ ଯାଉଥାଏ; କୌଣସି ବ୍ୟକ୍ତିଗତ ଅଭୀଷ୍ଟସାଧନ ନିମନ୍ତେ ନୁହେଁ, ଏକ ଆଦର୍ଶକୁ ସତ୍ୟରେ ପରିଣତ କରିବା ନିମନ୍ତେ ଯେଉଁଠି ଏକ ସ୍ୱାର୍ଥମୁକ୍ତ ପ୍ରଣାଳୀରେ ଯାବତୀୟ କାର୍ଯ୍ୟ ସାଧିତ ହୁଏ । ଆମ୍ଭେମାନେ ଏଠାରେ ଯେଉଁ ଜୀବନ ଯାପନ କରୁଛୁ, ତାହା ବୈରାଗ୍ୟପ୍ରଣୋଦିତ ଯାବତୀୟ ପରିବର୍ଜନରୁ ବହୁଦୂରରେ ରହିଛି, ମନୁଷ୍ୟକୁ ଶକ୍ତିହୀନ କରି ପକାଉଥିବା ଯାବତୀୟ ଆରାମ ଓ ବ୍ୟସନରୁ ମଧ୍ୟ ବହୁଦୂରରେ ରହିଛି । ଏଠାରେ ସରଳତା ହେଉଛି ଜୀବନର ମାର୍ଗ, ମାତ୍ର ଏହି ସରଳତା ମଧ୍ୟରେ ବହୁ ବୈଚିତ୍ର୍ୟ ପୂର୍ଣ୍ଣ ହୋଇ ରହିଛି । ଏଠାରେ କେତେ କେତେ ପ୍ରକାରର କାର୍ଯ୍ୟ କରାହେଉଛି, କେତେ ଭଳି କ୍ରିୟାଶୀଳା, ରୁଚି, ପ୍ରବୃତ୍ତି ଓ ପ୍ରକୃତି ଲାଗି ଅବକାଶ ରହିଛି । ନିଜର ପସନ୍ଦ ଅନୁସାରେ ଜୀବନଟିଏ ସଙ୍ଗଠିତ କରି ଆଣିବାଲାଗି ସମସ୍ତଙ୍କର ସ୍ୱାଧୀନତା ରହିଛି । ଶହେ ଦଶରୁ ଶହେ କୋଡ଼ିଏ ପର୍ଯ୍ୟନ୍ତ ବ୍ୟକ୍ତିଙ୍କର ରହିବାକୁ ସଂଗଠିତ କରି ରଖିବା ଲାଗି ଏବଂ ଯୋଗ ଦ୍ୱାରା ପ୍ରେରିତ ଜୀବନଲକ୍ଷ୍ୟର ଉପଲବ୍ଧିରେ ବାଧକ ହେଉଥିବା ଯାବତୀୟ କାର୍ଯ୍ୟରୁ ମୁକ୍ତ ରହି ପାରିବା ଲାଗି ଯେତିକି ଶୃଙ୍ଖଳା ରହିବା ଏକାନ୍ତ ଆବଶ୍ୟକ, ଏଠାରେ ଶୃଙ୍ଖଳା କହିଲେ ମାତ୍ର ସେତିକିକୁହିଁ ବୁଝାଉଛି ।

ଏସବୁ ବିଷୟରେ ତୁମେ କ'ଣ କହିବ ? ଏହା ପ୍ରକୃତରେ ଅତ୍ୟନ୍ତ ଲୋଭନୀୟ ନୁହେଁ କି ? ଏଠାକୁ କେବେ ଆସି ପାରିବାକୁ କ'ଣ ତୁମକୁ କେବେ ସମୟ ମିଳିବ ଓ ଏକ ସମ୍ଭାବନା ଉପସ୍ଥିତ ହେବ ? ତୁମେ ଏଠାକୁ ଥରେ ଦେଖି ଆସିବ ବୋଲି ତୁମେ ମୋତେ ଏକଦା ଆଶା କରିବାର ଅବକାଶ ଦେଇଥିଲ ।

ଏଥର ଆମ ''ସଂସାର''ଟିକୁ ତୁମକୁ ଦେଖାଇବାକୁ ଇଚ୍ଛାକରୁଛି । ଏବେ ଆମେ ଚାରୋଟି ଘର କ୍ରୟ କରିଛୁ; ଆଇନ୍‌ଗତ ଆବଶ୍ୟକତାଗୁଡ଼ିକୁ ସରଳ କରିଦେବା ପାଇଁ ଏହି ଘରଗୁଡ଼ିକୁ ମୁଁ ନିଜ ନାମରେ କ୍ରୟ କରିଛି । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ **ଏଗୁଡ଼ିକ ମୋ'ର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ** । ଅବସ୍ଥାଟି ବିଷୟରେ ମୁଁ ତୁମକୁ ସବୁକିଛି ଆଗରୁ ବୁଝାଇ କହିସାରିଛି ବୋଲି ଭାବୁଛି, ଏବଂ ବର୍ତ୍ତମାନ ମଧ୍ୟ ଆଉଥରେ ତୁମକୁ ସେହି କଥାଟିକୁ ସ୍ମରଣ କରାଇ ଦେବାକୁ ଇଚ୍ଛା କରୁଛି । ଆପଣାର ଭୂସମ୍ପତ୍ତି ଓ ଯାବତୀୟ ଅସ୍ଥାବର ସାମଗ୍ରୀ ସହିତ ଏହି ଆଶ୍ରମ ହେଉଛି ଶ୍ରୀଅରବିନ୍ଦଙ୍କର । ତାଙ୍କରି ପଇସାରେହିଁ ମୁଁ ଆବଶ୍ୟକ ବୃହତ୍ ପରିମାଣ ଯାବତୀୟ ବ୍ୟୟକୁ ତୁଲାଇବାକୁ ସମର୍ଥ ହେଉଛି (ବର୍ତ୍ତମାନ ଆମର ହାରାହାରି ବାର୍ଷିକ ବ୍ୟୟ ହେଉଛି ପ୍ରାୟ ଏକଲକ୍ଷ ଟଙ୍କା, ଅର୍ଥାତ୍ ଏବକାର ମୁଦ୍ରାବିନିମୟର ହାରରେ ସାଢ଼େ ଛଅଲକ୍ଷ ଫ୍ରାଙ୍କ୍) । ଏବଂ, ଯଦି ଏହି ସଂକ୍ରାନ୍ତରେ ମୋ'ର ନାମଟି କେବେକେବେ ଦେଖିବାକୁ ମିଳୁଛି (ବ୍ୟାଙ୍କ୍ ବହିରେ, ଘର ଓ ଗାଡ଼ି ସବୁ କିଣାହେବା ସମୟରେ, ଇତ୍ୟାଦି) ତେବେ, ମୁଁ ତୁମକୁ ଆଗରୁ ଯେପରି କହିଥିଲି, କାଗଜ ଓ ଦସ୍ତଖତ ପ୍ରଭୃତିର ସୁବିଧା ଲାଗି ସେପରି ହେଉଛି । କାରଣ, ମୁଁଇ ତ ଏହି ସବୁକିଛିର ''ପରିଚାଳନା'' କରୁଛି । ସେଗୁଡ଼ିକ ଉପରେ ମୁଁ ପ୍ରକୃତରେ ମାଲିକ ହୋଇ ରହିଛି ବୋଲି ତାହା ହେଉ ନାହିଁ । ଏସବୁ କଥା ମୁଁ ତୁମକୁ କାହିଁକି କହୁଛି, ତୁମେ ସେକଥା ନିଶ୍ଚୟ ବୁଝିପାରିବ । ଆବଶ୍ୟକ ସମୟରେ ତୁମେ ଏହି କଥାଟିକୁ ମନେ ରଖିଥିବ ବୋଲି ମୁଁ ତୁମକୁ ଏକଥା କହୁଛି ।

*୧୦ ଫେବ୍ରୁଆରି ୧୯୩୩*

ତୁମର ଗତ ଚିଠିରେ ତୁମେ କେତୋଟି ସାଂପ୍ରତିକ ଘଟଣାର ଉଲ୍ଲେଖ କରିଛ; ସେଥିରୁ ଜଣାପଡୁଛି ଯେ ତୁମର ମନରେ ସେସବୁ ବିଷୟରେ କିଞ୍ଚିତ୍ ଆଶଙ୍କା ମଧ୍ୟ ରହିଛି । ଆଶଙ୍କାଗୁଡ଼ିକ ପଛରେ ଯେ କୌଣସି କାରଣ ନାହିଁ, ସେକଥା ମୋଟେ ନୁହେଁ । ଆପଣାର ଅଜ୍ଞାନ ଅଚେତନାର ବଶବର୍ତ୍ତୀ ହୋଇ ଲୋକମାନେ ଏପରି ନାନା ସଂଚାଳିକା ଶକ୍ତିର ବଶବର୍ତ୍ତୀ ହୋଇ ପଡ଼ନ୍ତି, ଯେଉଁଗୁଡ଼ିକ ବିଷୟରେ କି ସେମାନଙ୍କର କୌଣସି ସଜ୍ଞାନତା ମଧ୍ୟ ନ ଥାଏ; ଅତ୍ୟନ୍ତ କ୍ଷିପ୍ରଗତିରେ ଏହିସବୁ ଶକ୍ତି କ୍ରମେ ସେମାନଙ୍କର ଅଣାୟତ୍ତ ହୋଇଯାଏ ଏବଂ ଅତ୍ୟନ୍ତ ଧ୍ୱଂସକାରୀ ପରିଣାମମାନଙ୍କୁ ଡାକି ଆଣିଥାଏ । ବର୍ତ୍ତମାନ ପୃଥିବୀ ସତେଯେପରି ସମ୍ପୂର୍ଣ୍ଣ ଭାବରେ ଏକ ରାଜନୀତିକ ତଥା ସାମାଜିକ ଅପସ୍ମାର-ବାତର ଭୟାନକ ଆକ୍ରମଣ ଦ୍ୱାରା ଅତ୍ୟନ୍ତ ଶୋଚନୀୟ ଭାବରେ ଆକ୍ରାନ୍ତ ହୋଇ ରହିଥିଲା ପରି ମନେ ହେଉଛି ଏବଂ ତାହାରି ମାଧ୍ୟମରେ ବିଧ୍ୱଂସର ଅତ୍ୟନ୍ତ ବିପଜ୍ଜନକ ଶକ୍ତିଗୁଡ଼ିକ

ସେମାନଙ୍କର କାର୍ଯ୍ୟ କରିବାରେ ଲାଗିଛନ୍ତି । ଏପରିକି, ଏଠାରେ ଏହି ଦୀନ ଓ କ୍ଷୁଦ୍ର ଏକାନ୍ତ ସ୍ଥାନଟିରେ ମଧ୍ୟ, ସେହି ବିଶ୍ୱମୟ ଦୁର୍ଗତିରୁ ରକ୍ଷା ପାଇବାକୁ ଆମେ ମଧ୍ୟ ସମର୍ଥ ହୋଇ ନାହୁଁ । ତିନି ଚାରିଦିନ ପାଇଁ କ୍ରିୟାଶୀଳ ସେହି ଶକ୍ତିଗୁଡ଼ିକ ଅତ୍ୟନ୍ତ କୁତ୍ସିତ ହୋଇ ପଡ଼ିଥିଲେ ଏବଂ ଅତ୍ୟନ୍ତ ଉଚିତ ଭାବରେ ନାନା ଆଶଙ୍କା ସୃଷ୍ଟି କରିଥିଲେ । ଫଳରେ ଏକ ସାଂଘାତିକ ବିଭ୍ରାନ୍ତି ଜନ୍ମଲାଭ କରିବାକୁ ଆରମ୍ଭ କରୁଥିଲା । ମୁଁ ଅବଶ୍ୟ କହିବି ଯେ, ସେହି ପରିସ୍ଥିତିରେ ଏଠା ଲାଟ୍‌ସାହେବ (ସଲ୍‌ମିଆକ୍) ଅତୀବ ଅନୁକମ୍ପା ପ୍ରଦର୍ଶନ କରିଥିଲେ, ଯଥେଷ୍ଟ ଦୃଢ଼ତାର ସହିତ କାର୍ଯ୍ୟ ମଧ୍ୟ କରିଥିଲେ । ତାଙ୍କର ସଦିଚ୍ଛାର କଦାପି ଯଥେଷ୍ଟ ପ୍ରଶଂସା କରାଯାଇ ପାରିବ ନାହିଁ । ଶେଷରେ, ଭଲରେ ଭଲରେ ସବୁକିଛିର ସମାପ୍ତି ଘଟିଲା । ଉପସ୍ଥିତ ପ୍ରତିକୂଳ ପରିସ୍ଥିତିଟି ଦୃଷ୍ଟିରୁ ପ୍ରକୃତରେ ତାହାହିଁ କୁହାଯାଇ ପାରିବ । ମାତ୍ର ବର୍ତ୍ତମାନ ପ୍ରାୟ ୧୪୦୦୦ ଶ୍ରମିକଙ୍କୁ ଆପଣାର କାର୍ଯ୍ୟ ହରାଇବାକୁ ପଡ଼ିଛି । ଏଠାରେ ଥିବା ସବୁଠାରୁ ବଡ଼ କାରଖାନାଟି ବନ୍ଦ ହୋଇ ଯାଇଛି, ଏବଂ କେତେଦିନ ଯାଏ ଯେ ଏହିପରି ବନ୍ଦ ରହିବ, ସେକଥା କେହି ଜାଣି ନାହାନ୍ତି । ଏବଂ, ଅନ୍ୟ କାରଖାନାଟିରେ ତ ନିଆଁ ଲଗାଇ ଦିଆ ଯାଇଥିଲା ।

ସାଂପ୍ରତିକ କାଳଟିର ସଙ୍କେତଗୁଡ଼ିକରୁ ବୋଧ ହେଉଛି ଯେ ବର୍ତ୍ତମାନ ସାଧାରଣ ହିତାହିତ ଜ୍ଞାନର ଘୋର ଅଭାବ ରହିଛି । ମାତ୍ର, ଆମେ ସମ୍ଭବତଃ ଏଇଟିକୁ କେବଳ ଏହିପରିହିଁ ଦେଖୁଛୁ, କାରଣ ଅତି ନିକଟରେ ରହିଥିବାରୁ ଟିକିନିଖି ସବୁକିଛି ଆମ ଆଖିରେ ଆସି ପଡ଼ି ପାରୁଛି । ଦୂରରୁ ଦେଖିଲେ ହୁଏତ ଟିକିନିଖି କଥାଗୁଡ଼ିକ ଅସ୍ପଷ୍ଟ ହୋଇ ଯାଆନ୍ତା ଏବଂ କେବଳ ମୁଖ୍ୟ ରେଖାଗୁଡ଼ିକ ଦୃଷ୍ଟିଗୋଚର ହୁଅନ୍ତା । ଏବଂ ତଦ୍ଦ୍ୱାରା ପରିସ୍ଥିତିଗୁଡ଼ିକୁ କିଞ୍ଚିତ୍ ଅଧିକ ନ୍ୟାୟୋଚିତ ପୃଷ୍ଠଭୂମି ସହିତ ଦେଖିହୁଅନ୍ତା ।

ହୁଏତ ଏପରି ବି ହୋଇପାରେ ଯେ ଏହି ପୃଥିବୀ ଉପରେ ଜୀବନ ସର୍ବଦାହିଁ ଏହିପରି ନାନା ଅରାଜକତା ଦ୍ୱାରା କ୍ଷୁବ୍ଧ ହୋଇ ରହିଥିଲା । ବାଇବେଲ୍ ଧର୍ମପୁସ୍ତକରେ ଯାହା କୁହା ଯାଇଥାଉ ନା ପଛକେ, ଯଥାର୍ଥ ଆଲୋକର ଏବେ ମଧ୍ୟ ଆବିର୍ଭାବ ଘଟି ନାହିଁ । ଆମେ ଅବଶ୍ୟ ଆଶା କରିବା ଯେ, ସେହି ଆବିର୍ଭାବ ଘଟିବାକୁ ଆଉ ଅଧିକ ବିଳମ୍ବ ହେବ ନାହିଁ ।

*୨୩ ଅଗଷ୍ଟ ୧୯୩୬*

ଜେନେଭାରେ ଏକ କ୍ଷୁଦ୍ର ପୁସ୍ତିକା ପ୍ରକାଶିତ ହେବାକୁ ଯାଉଛି, ସେଥିରେ ମୁଁ ୧୯୧୨ ମସିହାରେ ଦେଇଥିବା ଗୋଟିଏ ଭାଷଣ ସ୍ଥାନ ପାଇଛି । ଲେଖାର ବିଷୟଟି କିଞ୍ଚିତ୍ ପୁରୁଣା ହୋଇ ଗଲାଣି, ମାତ୍ର ସେମାନଙ୍କର ଉତ୍ସାହକୁ ଭାଙ୍ଗି ଦେବାଲାଗି ମୋର ଆଦୌ ଇଚ୍ଛା

ହେଲା ନାହିଁ । ଲେଖାଟିକୁ ମୁଁ ''ପ୍ରମୁଖତମ ବିଚାର'' ବୋଲି ଏକ ଶୀର୍ଷକ ଦେଇ ଲେଖିଥିଲି; ମାତ୍ର ସେମାନେ ଏଇଟିକୁ ଅତିବେଶୀ ଦାର୍ଶନିକ ହୋଇଯାଇଛି ବୋଲି ଭାବିଲେ ଏବଂ ତେଣୁ ତାହାକୁ ବଦଳାଇ ''ସର୍ବୋତ୍ତମ ଆବିଷ୍କାର'' ବୋଲି କରିଦେଲେ* । ମୋ' ରୁଚିକୁ ଏହା ଟିକିଏ ଭାରି ଆଡ଼ମ୍ବରପୂର୍ଣ୍ଣ ବୋଲି ମନେ ହେଉଛି । ତଥାପି ...

*୨୪ ଏପ୍ରିଲ୍ ୧୯୩୭*

ଏବେ ଘଟି ଯାଇଥିବା ଘଟଣାଗୁଡ଼ିକ ସଂକ୍ରାନ୍ତରେ, ''ଏହା ଏକ ବିପଜ୍ଜନକ ଆସ୍ଫାଳନ ଥିଲା'' ଅଥବା ''ଆମେ ଟିକକ ଲାଗି ଧ୍ୱଂସମୁଖରୁ ରକ୍ଷା ପାଇଗଲୁ'' ବୋଲି ତୁମେ ପ୍ରଶ୍ନ କରିଛ । ଦୁଇଟି ଯାକ ଠିକ୍ ବୋଲି କହିବା ବୋଧହୁଏ ଅଧିକତର ସତ୍ୟ ହେବ । ହିଟ୍‌ଲର୍ ମଧ୍ୟ ନିଃସନ୍ଦେହ ଭାବରେ ଆସ୍ଫାଳନ କରୁଥିଲା । ଯେଉଁମାନଙ୍କ ସହିତ ମୁଁ କଥା କହୁଛି, ସେମାନଙ୍କୁ ନାନା ଭୟପ୍ରଦର୍ଶନ କରି ସେମାନଙ୍କଠାରୁ ଯଥାସମ୍ଭବ ଅଧିକ ହାସଲ କରିନେବାର ଅଭିପ୍ରାୟରେ ଏଡ଼େ ବଡ଼ ପାଟି କରି କହିବା ଓ ଭୟ ଦେଖାଇବାକୁ ତୁମେ ଅବଶ୍ୟ ଆସ୍ଫାଳନ କରିବା ବୋଲି କହିବ । ସେହି କ୍ଷେତ୍ରରେ ନାନା କୌଶଳ ଓ କୂଟନୀତି ପ୍ରୟୋଗ କରା ଯାଉଥିଲା ସତ, ମାତ୍ର, ଅନ୍ୟ ପକ୍ଷରେ, ମନୁଷ୍ୟର ପ୍ରତ୍ୟେକ ଇଚ୍ଛାର ପଶ୍ଚାତରେ ଏପରି ବହୁ ଶକ୍ତି ମଧ୍ୟ କାର୍ଯ୍ୟ କରୁଥାନ୍ତି, ଯାହାକି ମନୁଷ୍ୟଠାରୁ ନିଷ୍ପନ୍ନ ହୋଇ ନ ଥାନ୍ତି ଏବଂ ଯାହା କେତୋଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସାଧନ ଦିଗରେ ସଚେତନ ଭାବରେ ଗତି କରୁଥା'ନ୍ତି । ଏହିସବୁ ଶକ୍ତିର କ୍ରିୟାଶୀଳତା ଅତ୍ୟନ୍ତ ଜଟିଳ ହୋଇ ରହିଥାଏ ଏବଂ ମନୁଷ୍ୟର ଚେତନାରେ ତାହା ସାଧାରଣତଃ ଧରା ଦିଏ ନାହିଁ । ମାତ୍ର, ବ୍ୟାଖ୍ୟା ଏବଂ ବୋଧଗମ୍ୟତାର ସୁବିଧା ଦୃଷ୍ଟିରୁ ଆମେ ସେଗୁଡ଼ିକୁ ଦୁଇ ବିପରୀତ ପ୍ରବୃତ୍ତିରେ ବିଭକ୍ତ କରି ଦେଖିପାରିବା : ପୃଥିବୀପୃଷ୍ଠରେ ଦିବ୍ୟ ପରମ ସତ୍ତାଙ୍କର କାର୍ଯ୍ୟର ପୂର୍ଣ୍ଣତା ପ୍ରାପ୍ତି ଲାଗି ଯେଉଁଗୁଡ଼ିକ କାର୍ଯ୍ୟ କରୁଥାନ୍ତି ଏବଂ ଆଉ ଯେଉଁଗୁଡ଼ିକ ସେହି କାର୍ଯ୍ୟସାଧନର ବିରୋଧିତା କରୁଥାନ୍ତି । ପ୍ରଥମଟି ଲାଗି କେତେକ ସଚେତନ ଯନ୍ତ୍ରରୂପେ କାର୍ଯ୍ୟ କରୁଥାନ୍ତି । ଏକଥା ସତ ଯେ, ଏହି କ୍ଷେତ୍ରରେ ଗୁଣାତ୍ମକତାହିଁ ଅନେକାଂଶରେ ପରିମାଣାତ୍ମକତାର କ୍ଷତିପୂରଣ ଅବଶ୍ୟ କରୁଥାଏ । ଦିବ୍ୟତାବିରୋଧୀ ଶକ୍ତିଗୁଡ଼ିକର ପକ୍ଷରେ ଅନାବଶ୍ୟକ ଭାବରେ ଅନେକ ଯନ୍ତ୍ର ରହିଥାନ୍ତି ଓ ସେହିଗୁଡ଼ିକରୁହିଁ କେତେକଙ୍କୁ ବାଛିନେବାକୁ ହୋଇଥାଏ । ସାଧାରଣତଃ ସେମାନଙ୍କୁ ଏପରି ନାନା ଇଚ୍ଛାଶକ୍ତି ଆସି ମିଳିଯାଆନ୍ତି, ଯେଉଁଗୁଡ଼ିକୁ କି ସେମାନେ ଦାସରୂପେ କାମରେ ଲଗାଇ ପାରନ୍ତି ଓ ଏପରି ବ୍ୟକ୍ତିମାନେ

---

* ''ବହୁପୂର୍ବର କଥା'' [ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ), ୨ୟ ଖଣ୍ଡ, ପୃଷ୍ଠା. ୩୮-୪୪]ରେ ପ୍ରକାଶିତ ।

ମିଳି ଯାଆନ୍ତି, ଯେଉଁମାନଙ୍କୁ କି ସେମାନେ ଗୋଟିଏ ଗୋଟିଏ ଆଜ୍ଞାଧୀନ ସହଜବଶ୍ୟ ଅଥଚ ପ୍ରାୟ ସର୍ବଦା ଅଚେତନ ହୋଇ ରହିଥିବା କ୍ରୀଡ଼ନକରେ ପରିଣତ କରିନେଇ ପାରନ୍ତି । ଯେଉଁସବୁ ଦିବ୍ୟତାବିରୋଧୀ ଶକ୍ତି ହିଂସା, ବିପର୍ଯ୍ୟୟ ଏବଂ ଯୁଦ୍ଧର ଅଭିଳାଷ ରଖିଛନ୍ତି, ସେହିମାନେହିଁ ହିଟ୍‌ଲର୍‌କୁ ବିଶେଷ ଯନ୍ତ୍ରରୂପେ ବାଛିଛନ୍ତି, କାରଣ ସେମାନେ ଭଲ କରି ଜାଣିଛନ୍ତି ଯେ, ଏହି ବ୍ୟାପାରଗୁଡ଼ିକହିଁ ଦିବ୍ୟ ଶକ୍ତିଚୟର କାର୍ଯ୍ୟକୁ ନିରସ୍ତ କରି ରଖିଦେଇ ପାରିବେ, ତାହାର ପଥରେ ବାଧା ହୋଇ ଠିଆ ହେବେ । ସେହି କାରଣରୁହିଁ, ମନୁଷ୍ୟ ଦ୍ୱାରା ଗଠିତ କୌଣସି ରାଷ୍ଟ୍ରଶାସନ ସଚେତନ ଭାବରେ ଇଚ୍ଛା କରୁ ନ ଥିଲେ ମଧ୍ୟ ଚରମ ଧ୍ୱଂସ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିଥିଲା । ମାତ୍ର, ସେକଥା ଯାହା ହେଉ ପଛକେ, ଯୁଦ୍ଧ ହେବାରହିଁ ନ ଥିଲା ଓ ତେଣୁ ତାହାକୁ ଏଡ଼ାଇ ଦିଆଯାଇ ପାରିଲା,– ଅନ୍ତତଃ ତାତ୍କାଳିକ ଭାବରେ ଏଡ଼ାଇ ଦିଆଗଲା ।

*୨୨ ଅକ୍‌ଟୋବର ୧୯୩୮*

# ଦ୍ୱିତୀୟ ସ୍ତବକ

# ଦ୍ୱିତୀୟ ସ୍ତବକ

*ବିଂଶ ଶତାବ୍ଦୀର ତୃତୀୟ ତଥା ଚତୁର୍ଥ ଦଶନ୍ଧିର ପ୍ରଥମ କାଳରେ ଶ୍ରୀଅରବିନ୍ଦ ଆଶ୍ରମର ଗୃହନିର୍ମାଣ ବିଭାଗ ଦାୟିତ୍ୱରେ ଥିବା ଜଣେ ସାଧକଙ୍କୁ ଲିଖିତ ପତ୍ରାବଳୀ ।*

ପାପ ପୃଥିବୀର ଜିନିଷ, ଯୋଗର ନୁହେଁ ।

*

ନିଜ ଭାବିବାର, ଅନୁଭବ କରିବାର ଓ କାର୍ଯ୍ୟ କରିବାର ସ୍ୱତନ୍ତ୍ର ପଦ୍ଧତି ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଏପରି ବହୁ ସ୍ପନ୍ଦନକୁ ଉତ୍ପନ୍ନ କରାଏ, ଯାହାକି ତା'ର ପରିବେଶଟିକୁ ଗଠନ କରିଥାନ୍ତି ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସମଜାତୀୟ ସ୍ୱଭାବ ତଥା ଗୁଣର ସ୍ପନ୍ଦନଗୁଡ଼ିକୁ ଆକର୍ଷଣ କରି ଆଣିଥାନ୍ତି ।

*

ଯେପର୍ଯ୍ୟନ୍ତ ତୁମ ଭିତରେ ଆଉଜଣକୁ ପରାଭୂତ କରିଦେବାର ଶକ୍ତି ରହିଛି, ସେପର୍ଯ୍ୟନ୍ତ ତୁମେ ନିଜେ ସେହି ଅନ୍ୟଜଣକ ଦ୍ୱାରା ପରାଭୂତ ହେବାର ସମ୍ଭାବନାଦ୍ୱାରକୁ ଅବଶ୍ୟ ଉନ୍ମୁକ୍ତ କରି ରଖିଥିବ ।

*

ତୁମେ ପ୍ରତ୍ୟାଶା କରୁଛ ଯେ ତୁମ ସହିତ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଭୂତପୂର୍ବ ସାମର୍ଥ୍ୟ ଓ ଦକ୍ଷତାର ଅଧିକାରୀ ହୋଇଥିବେ । ଏପରି ପ୍ରତ୍ୟାଶା କରିବା ଆଦୌ ନ୍ୟାୟସଙ୍ଗତ ନୁହେଁ ।

*

ହାତଧୁଆ ସାବୁନ୍ ପାଇଁ ତୁମେ ଦେଇଥିବା ଟିପାକାଗଜଟିକୁ ମୁଁ ଦେଖିଛି । ମାର୍ଚ୍ଚ ୨୨ ତାରିଖରେ ତୁମକୁ ସର୍ବଶେଷ ସାବୁନ୍ ଦିଆ ଯାଇଥିଲା । ଏହାର ଅର୍ଥ, ତୁମେ ମୋଟେ ଷୋଳ ଦିନ ପୂର୍ବରୁ ସାବୁନ୍ ପାଇଛ । ମାତ୍ର, ଖଣ୍ଡେ ସାବୁନ୍ ଅବଶ୍ୟ ତିରିଶ ଦିନ ଯାଇପାରିବା ଉଚିତ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ତୁମର କୁଲିହିଁ ସାବୁନ୍ ଚୋରି କରୁଛି, ଏବଂ ତାକୁ ହାତଧୁଆ ସାବୁନ୍ ଯୋଗାଇ ଦେବା ପାଇଁ ମୋ'ର କୌଣସି ଇଚ୍ଛା ନାହିଁ । ତା'ର ଚୋରି ବନ୍ଦ କରିବାକୁ କୌଣସି ନା କୌଣସି ବାଟ ବାହାର କରାଯିବା ଉଚିତ । ଖାଲି ଗୁଡ଼ାଏ କଥା କହିଲେ କୌଣସି ଲାଭ ହୁଏ ନାହିଁ ।

(ତୁମକୁ ଏଥରକ ପାଇଁ ମୁଁ ସାବୁନ୍ ମିଳିବାର ବ୍ୟବସ୍ଥା କରିଦେଇଛି ।)

*

'କ' ଗୋଟିଏ ନୂଆ ଟିପାଖାତା ଆରମ୍ଭ କରିଛି । ମାତ୍ର ମୋ'ର ମନେ ହେଉଛି ଯେ ସେ ପ୍ରଥମ ଖାତାଟିକୁ ଏପର୍ଯ୍ୟନ୍ତ ଶେଷ କରି ନାହିଁ ।

ପ୍ରତ୍ୟେକ ମାସରେ କାହିଁକି ଯେ ନୂଆ ଖାତାଟିଏ ଦରକାର ହେବ, ମୁଁ ତାହାର କୌଣସି କାରଣ ଦେଖିପାରୁ ନାହିଁ । ପୂର୍ବର ଖାତାଟି ସତରେ ସରିଯାଇଛି କି ନାହିଁ ତୁମେ ଦେଖିବ କି ? ପ୍ରଥମେ ଦେଖିବ, ଓ ତା'ପରେ ସେହି ଅନୁସାରେ କାର୍ଯ୍ୟ କରିବ ।

ଭବିଷ୍ୟତରେ ଗୋଟିଏ ନୂଆ ଖାତା ଯୋଗାଇଦେବା ପୂର୍ବରୁ ମୁଁ ପୁରୁଣା ଖାତାଟି ପ୍ରକୃତରେ ସରିଛିକି ନାହିଁ, ସେକଥା ଦେଖିବାକୁ ବାଧ ହେବି । ଅର୍ଥାତ୍, ଯେତେବେଳେ ନୂଆ ଖାତାଟିଏ ମିଳୁ ବୋଲି ଅନୁରୋଧ କରାଯିବ, ସେତେବେଳେ **ସରି ଯାଇଥିବା ଖାତାଟିକୁ** ତା'ସହିତ ଅବଶ୍ୟ ପଠା ଯାଇଥିବ । ନୂଆ ଖାତା ଲାଗି ଟିପା ପଠାଇବା ସମୟରେ ଏକଥା ଅବଶ୍ୟ କରିବାକୁ ହେବ ।

ଖାତାର ପ୍ରଥମ ପୃଷ୍ଠାଟିକୁ କାହିଁକି ଖାଲି ଛାଡ଼ି ଦିଆଯିବ, ମୁଁ ତାହାର କୌଣସି ପ୍ରୟୋଜନ ଦେଖି ପାରୁ ନାହିଁ ।

*

'ଖ' ଅଭିଯୋଗ କରିଛନ୍ତି ଯେ ବାରଣ୍ଡାରେ ପଲସ୍ତରା ପାଇଁ ମସଲା ତିଆରି କରାଯିବା ସମୟରେ ସିମେଣ୍ଟଧୂଳି ଆସି ଗୋରୁମାନଙ୍କର ଖାଦ୍ୟଦ୍ରବ୍ୟରେ ପଡୁଛି ।

ସମ୍ଭବତଃ ଏହାହିଁ ବଳଦମାନଙ୍କର ଅସୁସ୍ଥତାର କାରଣ ହୋଇପାରେ । ବିଚାରା ଗୋଟିଏ ବଳଦ ଏବେ ଭୟଙ୍କର ଭାବରେ ଝଡ଼ିଗଲାଣି । ମୁଁ ଆଜି ସକାଳେ ତାକୁ ଦେଖିଲି ।

ଆଉ କିଛି ଅଧିକ ବ୍ୟବସ୍ଥା ହୋଇ ପାରିବ କି ନାହିଁ, ତୁମେ ଟିକେ ଦେଖିବ ।

*

(ଏକ ସ୍ନାନଗୃହର ଆକାର ବଡ଼ କରିବା ବିଷୟରେ)

ସ୍ନାନଗୃହଟି ଯଥେଷ୍ଟ ବଡ଼ ହୋଇଛି ବୋଲି ମୋ'ର ମନେ ହେଉଛି । ମୁଁ ଭାବୁଛି, ସ୍ନାନଗୃହଟିକୁ ଏକ ନୃତ୍ୟଗୃହ ଭାବରେ ବ୍ୟବହାର କରିବାଲାଗି ସେମାନଙ୍କର କୌଣସି ଅଭିପ୍ରାୟ ନାହିଁ ।

*

ଏକଥା କିପରି ଘଟିଲା ଯେ ରୁଟି ତିଆରି କାରଖାନାରେ ମଇଦା ଦଳା ହେଉଥିବା ଟେବୁଲଟି ବିଷୟରେ ତୁମେ ଦୁଇଦିନ ହେଲା ମୋତେ କିଛି କହିଲ ନାହିଁ ? ଟେବୁଲ୍‌ଟିକୁ ଅତିଶୀଘ୍ର ମରାମତି ନ କଲେ ଖାଇବାକୁ କୌଣସି ରୁଟିହିଁ ନ ଥିବ । ତେଣୁ ମରାମତି ଅତିଶୀଘ୍ର ହେବା ଉଚିତ ।

*

ଖାଇବା ଘର ବିଷୟରେ ମୋତେ ସବୁ ଠିକ୍ ଥିଲାପରି ମୋଟେ ମନେ ହେଉ ନାହିଁ । ''ନାଇଁ, କିଛି ଘଟିବ ନାହିଁ'' ବୋଲି କେବଳ କହିଦେଲେ ଯେ କୌଣସି ଦୁର୍ଘଟଣା ଘଟିବ ନାହିଁ, ସେକଥା ଠିକ୍ ନୁହେଁ । ତୁମ ମନରେ ହୁଏତ ଭାରି ଦୃଢ଼ ବିଶ୍ୱାସ ଥାଇପାରେ, ମାତ୍ର ବିପରୀତ ବିଶ୍ୱାସଗୁଡ଼ିକ ମଧ୍ୟ ଠିକ୍ ସମାନ ଭାବରେ ଦୃଢ଼ ହୋଇପାରେ । ଏବଂ, ପ୍ରତିକୂଳ ଶକ୍ତିମାନଙ୍କୁ ପ୍ରଲୁବ୍ଧ କରିବା ଆଦୌ ଉଚିତ ହେବ ନାହିଁ ।

ତେଣୁ ମୋ'ର ଆଦେଶ ଯେ ତୁମେ ତୁମର ଜିଦ୍ ଛାଡ଼ିଦେବ ଏବଂ **ସମ୍ପୂର୍ଣ୍ଣ ଭାବରେ ନିଷ୍ଠାବାନ୍** ହେବ । ମନ ଭିତରେ କୌଣସି ପୂର୍ବସିଦ୍ଧ ଧାରଣା ନ ନେଇ ତୁମେ ସେଠାକୁ ଯିବ ଓ ଦେଖିଆସିବ ।

ହଁ, ସେଠାକୁ ଯିବ ଏବଂ ସାଧୁତା ତଥା ଯତ୍ନର ସହିତ ସବୁ ଦେଖିବ । ଭଲକରି ଚାରିଆଡ଼େ ବୁଲି ଦେଖିବ । ଭାବି ଦେଖିବ ଯେ ସେଠାରେ ତିରିଶଜଣ ବ୍ୟକ୍ତି ଭୋଜନ କରୁଛନ୍ତି ଏବଂ, ଯଦି ପ୍ରକୃତରେ କୌଣସି ଘଟଣା ଘଟିବ, ତେବେ ତାହା କେଡ଼େ ଭୟଙ୍କର କଥା ନ ହେବ ! ଏବଂ, ଆପଣାର ଦାୟିତ୍ୱ ବିଷୟରେ ସମ୍ପୂର୍ଣ୍ଣ ସଚେତନ ହୋଇ ତୁମେ କାଲି ସକାଳେ ମୋ'ପାଖକୁ ଆସିବ; ଏକ ଚୂଡ଼ାନ୍ତ ଓ ନିର୍ଦ୍ଦିଷ୍ଟ ଉତ୍ତର ସହିତ ମୋ' ପାଖକୁ ଆସିବ । ଏବଂ, ତୁମେ ଯାହା କହିବ, ମୁଁ ତାହା ନିଶ୍ଚୟ ବିଶ୍ୱାସ କରିବି ।

ପୁନଶ୍ଚ : ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ତୁମେ ଆଜି ରାତିରେ ସେଠାକୁ ଯାଅ ବୋଲି ମୁଁ ଆଦୌ କହୁ ନାହିଁ । ତୁମେ କାଲି ସକାଳେ ଯିବ । *୧୪ ଡିସେମ୍ବର ୧୯୩୧*

*ସାଇକେଲ୍ ଗୃହରେ ଶାଗୁଆନ କାଠରେ ତିଆରି ହୋଇଥିବା ବେଞ୍ଚିଟିଏ ଭାଙ୍ଗି ଯାଇଥିଲା । ସେହି ବେଞ୍ଚକୁ ଭରା ଦେଇ ପକା ହୋଇଥିବା ପଟା ଉପରେ ଠିଆ ହୋଇ କାମ କରୁଥିବା ଜଣେ ରାଜମିସ୍ତ୍ରି ତାହାଫଳରେ ତଳକୁ ପଡ଼ି ଯାଇଥିଲେ । ମାତ୍ର ତାଙ୍କ ଦେହରେ କୌଣସି ଆଘାତ ହୋଇ ନ ଥିଲା । ପ୍ରତି ଗୁରୁବାର ଅପରାହ୍ଣ ସାଢ଼େ ଗୋଟାଏରୁ ସାଢ଼େ ତିନିଟା ପର୍ଯ୍ୟନ୍ତ ରାହୁକାଳ* ଥାଏ ବୋଲି ଘଟଣାଟି 'ଗ' ଙ୍କୁ ସ୍ମରଣ କରାଇ ଦେଇଥିଲା ।*

ଏସବୁ ଅନ୍ଧବିଶ୍ୱାସ ଆଦୌ ମନେ ନ ରହିବାହିଁ ସର୍ବଦା ଅଧିକ ଭଲ କଥା । ଏହିସବୁ ଘଟଣାରେ ସଂପୃକ୍ତ **ବ୍ୟଞ୍ଜନାଟି**ହିଁ କ୍ରିୟାଶୀଳ ହୋଇଥାଏ । ଅଧିକାଂଶ କ୍ଷେତ୍ରରେ ଅବଚେତନ ମନରୁହିଁ ଏହି ବ୍ୟଞ୍ଜନା ଜନ୍ମଲାଭ କରେ; ମାତ୍ର ସଚେତନ ସ୍ତରକୁ ଆସି ତାହା ଆହୁରି ଶକ୍ତିଶାଳୀ ହୋଇଯାଏ । *୯ ଜୁନ୍ ୧୯୩୨*

---

* ସ୍ଥାନୀୟ ଅନ୍ଧବିଶ୍ୱାସ ଅନୁସାରେ ପ୍ରତ୍ୟେକ ଦିବସର ଅଶୁଭ ସମୟକୁ ରାହୁକାଳ ବୋଲି କୁହାଯାଏ ।

*ପଶ୍ଚିମପଟ ଓରାରେ ଉତ୍ତର ଆଡ଼କୁ ଚାରୋଟି ବାଦୁଡ଼ି ବସିଥିବାର ଦେଖା ଯାଇଥିଲା । ସେମାନଙ୍କ ମଧ୍ୟରୁ ଦୁଇଟି ସେଠାରେ ବସିବା ଫଳରେ ସେମାନଙ୍କ ଦେହରେ ସୋଲିଗ୍ନମ୍* ଅଠା ବୋଲି ହୋଇ ଯାଇଥିଲା ।*

କେଡ଼େ ଦୁଃଖର କଥା । ବାଦୁଡ଼ିମାନେହିଁ ତ ଉଇମାନଙ୍କୁ ଖାଇଯାଆନ୍ତି !

*୧୪ ଜୁନ୍ ୧୯୩୨*

*ସୋଲିଗ୍ନମ୍ ପକାଇଲା ବେଳେ ଜଣେ ମିସ୍ତ୍ରିର ଆଖିରେ ତାହାର ଛିଟିକାଏ ଯାଇ ପଡ଼ି ଯାଇଥିଲା ।*

ଆମକୁ ସାବଧାନ ହେବାକୁ ପଡ଼ିବ । ଏପରି ଏକ ଘଟଣା ଯେପରି କେବେହେଲେ **ନ ଘଟେ** ସେଥିଲାଗି **ଅନେକ ସାବଧାନତା** ଅବଲମ୍ବନ କରିବାକୁ ହେବ । ତୁମେ ଆମର ଦାୟିତ୍ୱକୁ ବୁଝି ପାରୁଛ ? ଏବଂ, ଯଦି କିଛି ଘଟିଯାଏ, ତେବେ **ତାହାର ପରିଣାମ କ'ଣ ହେବ,** ସେକଥା ହୃଦୟଙ୍ଗମ କରୁଛ ତ ?

ତରତର ହେଲେ ଏବଂ ଯଥେଷ୍ଟ ଧୈର୍ଯ୍ୟ ନ ଥିଲେ ତାହାରି ଦ୍ୱାରାହିଁ ସାବଧାନତାର ଅଭାବ ଘଟେ ।

*ମୁଁ ଦେଖିବାକୁ ପାଉଛି ଯେ, ଆମର ଆବଶ୍ୟକତାଗୁଡ଼ିକ ବିଷୟରେ ମାଆ ସବୁ ଜାଣିଥିଲେ ମଧ୍ୟ ସେ ସେଗୁଡ଼ିକୁ ଯୋଗାଇଦେବା ପୂର୍ବରୁ ଆମେ ଜଣାଇବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ।*

ସବୁ କ୍ଷେତ୍ରରେ ତାହା ଘଟେ ନାହିଁ । ବିଶେଷତଃ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଆଦୌ ଘଟେ ନାହିଁ ।

*ମୋ' ନିଜର ଅଭିଜ୍ଞତାକୁ ଭିତ୍ତିକରି ମୁଁ କଥାଟିର ଏହିଭଳି ବ୍ୟାଖ୍ୟା କରିବି : ମାଆଙ୍କୁ କୌଣସି ପଦାର୍ଥ ମାଗିବା ସମୟରେ ମୁଁ ନିଜ ଭିତରେ ଏକ ସଙ୍କୋଚଭାବ ଅନୁଭବ କରିଥାଏ । ମାତ୍ର ବସ୍ତୁତଃ ମାଆଙ୍କ ସହିତ ଯାବତୀୟ ବ୍ୟବହାରରେ ଆମର ଆଦୌ କୌଣସି ସଙ୍କୋଚ ରହିବା ଉଚିତ ନୁହେଁ । ଯାବତୀୟ ବ୍ୟବହାର*

---

* କାଠରେ ଉଇ ନ ଲାଗିବା ସକାଶେ ପ୍ରୟୋଗ କରା ଯାଉଥିବା ଏକ ରାସାୟନିକ ଦ୍ରବ୍ୟ ।

*ଓ ଆଚରଣ ଆନନ୍ଦ ଦ୍ୱାରାହିଁ ପ୍ରେରିତ ହେଉଥିବା ଉଚିତ, ତାଙ୍କୁ କୌଣସି ଜିନିଷ ମାଗିଲାବେଳେ ମଧ୍ୟ ତାହାହିଁ ହେବା ଉଚିତ । ମାତ୍ର, ସେହି କଥାଟି ହୋଇପାରୁ ନାହିଁ, ଏବଂ ତେଣୁ ମାଆ ଆମକୁ ଆନନ୍ଦର ସହିତ ମାଗିବାକୁ ସୁଯୋଗ ଦେଇ ପ୍ରଶିକ୍ଷିତ କରାଇ ନେଉଛନ୍ତି ।*

କଥାଟି ଠିକ୍ ସେହିଭଳି ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ ହୁଏତ ଏକ ବିଶେଷ କାରଣ ରହିଛି । ମାତ୍ର ଯେଉଁ କଥାଟି ପ୍ରତ୍ୟେକ କ୍ଷେତ୍ରରେ ଠିକ୍, ତାହା ହେଉଛି ଯେ, କାହାର କେଉଁ ପଦାର୍ଥ ବିଷୟରେ କେତେ ଜରୁରୀ ଆବଶ୍ୟକତା ରହିଛି ଏବଂ ସେହି ଆବଶ୍ୟକତାଟିର ପୂରଣ କରାଯିବା ପ୍ରକୃତରେ କେତେଦୂର ମହତ୍ତ୍ୱପୂର୍ଣ୍ଣ, ମୁଁ ସେହି କଥାଟିକୁ ଅଲଗା ଅଲଗା କରି ବିଚାର କରିଥାଏ । କୌଣସି ଜଡ଼ସ୍ତରୀୟ ଅସୁବିଧାକୁ ଅତିକ୍ରମ କରିଯିବାର ଆବଶ୍ୟକତା ବିଷୟରେ କାହାର କେତେଦୂର କଳ୍ପନା, ଅନୁକୂଳନ, ସଦୁପଯୋଗ ବା ବିଦଗ୍ଧତାର ଶକ୍ତି ରହିଛି, ମୁଁ ସେହି କଥାଟି ଉପରେ ମଧ୍ୟ କିଛି ମୂଲ୍ୟ ଦେଇଥାଏ ।

*ମାଗିବା ସମୟରେ ଏକ ସଙ୍କୋଚ ଅନୁଭବ କରିବାର କାରଣ ହେଉଛି ଯେ, ଜଣେ ବ୍ୟକ୍ତି ସ୍ୱଭାବତଃ ନାନା ବାସନାରେ ପୂର୍ଣ୍ଣ ହୋଇ ରହିଥାଏ । ଯଦି ସିଏ ତା'ର ସବୁଯାକ ଦାବିକୁ ବ୍ୟକ୍ତ କରିଦିଏ – ଯେଉଁଗୁଡ଼ିକୁ ସିଏ ତା'ର ପ୍ରକୃତ ଆବଶ୍ୟକତା ବୋଲି ଅନୁଭବ କରୁଛି – ତେବେ ତାକୁ ଅବଶ୍ୟ ନିରାଶ ହେବାକୁ ପଡ଼ିବ । ତେଣୁ, ନିରାଶ ହେବା ଅପେକ୍ଷା ବରଂ ନିଜର ସବୁଯାକ ଆବଶ୍ୟକତାର ଉଲ୍ଲେଖ ନ କରିବାକୁହିଁ ସେ ଅଧିକ ଉଚିତ ବୋଲି ଭାବେ ।*

ହଁ, ବାସନା ରହିଥିବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ଅନ୍ତରଙ୍ଗତା ପ୍ରତିଷ୍ଠିତ ହୋଇପାରିବ ନାହିଁ ।

*୧୫ ଜୁନ୍ ୧୯୩୨*

*(''ଗ୍ରି ଆନ୍ତିଏଁ'' ନାମକ ଏକ ଲେପର ଦୁରୁପଯୋଗ ବିଷୟରେ) ମାଆ ବ୍ୟବହାର କରୁଥିବା ଗୋଟିଏ ଟୁଲ୍ ଉପରେ ସେହି ରଙ୍ଗର ଲେପ ଦିଆଯାଇଛି । ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠ ବ୍ୟତୀତ ଆଉ କୌଣସିଠାରେ ସେହି ଲେପଟି ବ୍ୟବହାର ନ କରିବାକୁ ମୁଁ ଭଣ୍ଡାରବାଲାଙ୍କୁ ଜଣାଇ ଦେଇଛି ।*

ମାତ୍ର **ଏହି ଲେପଟି ବ୍ୟବହାର କରିଥିବା** ସକାଶେ କିଏ ଦାୟୀ ? କେବଳ ଶ୍ରୀଅରବିନ୍ଦଙ୍କ

ପ୍ରକୋଷ୍ଠର କବାଟ ଏବଂ ଝରକାଗୁଡ଼ିକରେ ତାହା ଦିଆଯିବ ବୋଲି ଯେ କଥା ହୋଇଛି, ଦାୟିତ୍ୱରେ ରହିଥିବା ବ୍ୟକ୍ତିଙ୍କୁ ଏକଥା କୁହାହୋଇ ନ ଥିଲା କି ? (!)

ମୋ' ଟୁଲ୍‌ଟାକୁ କାହିଁକି ସେହି ଲେପ ଦ୍ୱାରା ରଙ୍ଗ କରାଗଲା ? ମୋ'ର ମନେ ପଡୁଛି, ସେହି ଧୂସର ରଙ୍ଗଟି ଦେବାଲାଗି ମୁଁ ଆଦୌ କହି ନ ଥିଲି ।

*ମାଆଙ୍କ ଟୁଲ୍‌ରେ ସେହି ରଙ୍ଗ ଦିଆଯିବ ବୋଲି ମଗାଯିବାରୁ ତାହା ଭଣ୍ଡାରରୁ ଖସି କୁଆଡ଼େ ଚାଲି ଯାଇଥିଲା ।*

ନିୟମ ହେଉଛି ଯଥାର୍ଥରେ ଏକ ନିୟମ, ଏବଂ, **ମୋ'** ଟୁଲ୍‌ଟି ବେଳକୁ କାହିଁକି ଏହି ନିୟମଟି ଲାଗୁ ହୋଇ ପାରିଲା ନାହିଁ, ମୁଁ ସେକଥା ମୋଟେ ବୁଝିପାରୁ ନାହିଁ । **ମୋ' ଦସ୍ତଖତରେ** ସେହି ମର୍ମରେ କୌଣସି ନିର୍ଦ୍ଦେଶ ଯାଇଥିଲେ ହୁଏତ ତାହା ଅନ୍ୟପ୍ରକାରେ ହୋଇଥାନ୍ତା ।

*''ତୁମରି ଆଡ଼କୁ ଅଗ୍ରସର ହେବା, ତୁମର ସହିତ ମିଳିତ ହେବା, ତୁମରି ମଧ୍ୟରେହିଁ ତୁମରି ସକାଶେ ଜୀବନ ବଞ୍ଚିବା,– ତାହାହିଁ ସର୍ବୋଚ୍ଚ ସୁଖ, ତାହାହିଁ ଅବିମିଶ୍ର ଆନନ୍ଦ ଓ ଅବିଚ୍ଛିନ୍ନ ଶାନ୍ତି... ଏହିସବୁ ବରଦାନ ଓ ଐଶ୍ୱର୍ଯ୍ୟକୁ ସତେଅବା ଭୟ କରୁଥିବା ପରି ଲୋକେ କାହିଁକି ଏଗୁଡ଼ିକଠାରୁ ଦୂରକୁ ପଳାଇ ଯାଆନ୍ତି ?''**

ଏପରି କାହିଁକି ହୁଏ, ସେକଥା ଭାବି ମୁଁ ଏବେ ମଧ୍ୟ ବିସ୍ମିତ ହୁଏ । ନିର୍ବୋଧତାହିଁ ଯେ ଏହି ପୃଥିବୀ ଉପରେ ଶାସନ କରିବାରେ ଲାଗିଛି, ଏତିକି ବ୍ୟତୀତ ମୁଁ ଏହାର କୌଣସି ଉତ୍ତର ପାଏ ନାହିଁ ।

*୨୫ ଜୁନ୍ ୧୯୩୨*

*ଗତ ଅଳ୍ପ କେତେଦିନ ହେଲା ବହୁ ପୂର୍ବେ ଘଟିଥିବା କେତେକ ଦୃଶ୍ୟ ଓ ଘଟଣାକୁ ଭାବିବାରେ ମୋ'ର ମନ ବ୍ୟସ୍ତ ହୋଇ ରହିଛି । ମୁଁ ସେତେବେଳେ ଯାହା ଥିଲି, ବର୍ତ୍ତମାନ ତାହାଠାରୁ ଯେ କେତେ ଅଧିକ ଭଲରେ ଅଛି, ତାହାରି ତୁଳନା କରି ମନ ଖୁବ୍ ଆନନ୍ଦ ଲାଭ କରୁଛି ।*

ଜୀବନରେ ସମ୍ଭବ ହୋଇଥିବା ଅଗ୍ରଗତି ବିଷୟରେ ସୁନିଶ୍ଚିତ ହୋଇ ପାରିବାଲାଗି

* ପ୍ରାର୍ଥନା ଓ ଧ୍ୟାନମାଳା, ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ), ପ୍ରଥମ ଖଣ୍ଡ, ପୃଷ୍ଠା-୨୨ରୁ ଉଦ୍ଧୃତ ।

ବେଳେବେଳେ ପଶ୍ଚାତ୍ ଆଡ଼କୁ ଅନାଇ ଦେଖିବା ଅବଶ୍ୟ ଭଲ । ମାତ୍ର, ଆହୁରି ଆଗକୁ ଆଉ ଯେଉଁସବୁ ଅଗ୍ରଗତି କରିବାକୁ ବାକି ରହିଛି, ସେଥିଲାଗି ଉଦ୍ୟମ କରିବା ନିମନ୍ତେ ଆମକୁ ଉତ୍ସାହ ଦେବାଲାଗି ତାହାକୁ ଏକ ଲିଭର ରୂପେ ବ୍ୟବହାର କରିପାରିଲେ ଯାଇ ଏହାର କୌଣସି ସାର୍ଥକତା ରହିଛି ।

*୨୭ ଜୁନ୍ ୧୯୩୨*

*'କ' ବ୍ୟବହାର କରୁଥିବା ଖାତାର ବାହାରପାଖ ମଲାଟରେ ରାହୁକାଳର ଏକ ତାଲିକାସ୍ତମ୍ଭ ରହିଥିଲା, ଯେଉଁଥିରେକି ସେହି ମାସଟିରେ ପଡୁଥିବା ଅଶୁଭ ସମୟ-ଗୁଡ଼ିକର ଉଲ୍ଲେଖ କରାଯାଇଥିଲା । ତା'ଉପରେ ମୁଁ ଖଣ୍ଡେ ଖାଲି କାଗଜକୁ ଅଠା ଦେଇ ଲଗାଇ ଦେଇଛି ।*

*ଏହି ଅନ୍ଧବିଶ୍ୱାସର ମୂଳରେ କୁଠାରାଘାତ କରିବାଭଳି ଆପଣ ଅନୁଗ୍ରହ କରି କିଛି କହିବେ ବୋଲି ମୁଁ ଅନୁରୋଧ କରୁଛି ।*

କୌଣସି ନିର୍ବୋଧତାର ମୂଳରେ କୁଠାରାଘାତ କରିବା କ'ଣ ଏତେ ସହଜ ବୋଲି ତୁମେ ଭାବୁଛ ? ନିର୍ବୋଧତାଗୁଡ଼ିକ ସର୍ବଦା ଅବଚେତନର ଅନେକ ଗଭୀରଯାଏ ଚେର ମଡ଼ାଇ ରହିଥାନ୍ତି ।

*୧ ଜୁଲାଇ ୧୯୩୨*

*''ଯାହାକିଛି ଅଦୃଷ୍ଟପୂର୍ବ, ଯାହାକିଛି ଅପ୍ରତ୍ୟାଶିତ ଓ ଯାହାକିଛି ଅଜ୍ଞାତ, ତାହା ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସମ୍ମୁଖରେହିଁ ରହିଥାଏ ।''* ଏହାର କିପରି ପ୍ରତିକାର କରାଯାଇ ପାରିବ ?*

ତୁମେ ଗ୍ରହଣଶୀଳ ହେବ, ସଚେତନ ରହିବ, ଅନ୍ୟମନସ୍କ ବା ଅସତର୍କ ହେବ ନାହିଁ ।

*୧୮ ଜୁଲାଇ ୧୯୩୨*

ହଁ, ରଙ୍ଗମିସ୍ତ୍ରି ଶିରିଷକାଗଜ ଦ୍ୱାରା ବୈଠକଘରର ଟେବୁଲ୍‌କୁ ଘଷି ଚିକ୍କଣ କରୁଥିବାର ଦେଖି ମୁଁ ଆତଙ୍କିତ ହୋଇପଡ଼ିଲି । ସିଏ ତା'ର ପୂର୍ଣ୍ଣ ବଳ ଖଟାଇ ଯେତେବେଳେ ଯେଉଁଆଡ଼କୁ ଇଚ୍ଛା, କେତେବେଳେ ଡାହାଣ ଓ କେତେବେଳେ ବାଆଁ ହାତକୁ କାମରେ ଲଗାଇ ଘଷିବାରେ ଲାଗିଥିଲା । ଏବଂ, **ସିଏ ପ୍ରକୃତରେ ଯେଉଁ କାର୍ଯ୍ୟଟିକୁ କରୁଛି, ସେଇଟି ବ୍ୟତୀତ** ଆଉ ଯାବତୀୟ ବସ୍ତୁ ଆଡ଼କୁ ଅନାଇବାରେ ବ୍ୟସ୍ତ ଥିଲା । ବିଚରା

* ପ୍ରାର୍ଥନାବଳୀ (ଇଂ), ପୃଷ୍ଠା - ୫୪ ।

ଟେବୁଲ୍, ତାକୁ ପୁଣି, ଏହିପରି କଷ୍ଟ ଦିଆଯାଏ ? ଏତେ ଅଚେତନା ଓ ଯତ୍ନହୀନତା ସହିତ କାର୍ଯ୍ୟ କଲେ ପରିଣାମ ଯେ କ'ଣ ହେବ, ମୁଁ ସେକଥା ନ ଭାବିବାକୁହିଁ ଶ୍ରେୟସ୍କର ମନେ କରୁଛି ।

*୨୦ ଜୁଲାଇ ୧୯୩୨*

*''ତୁମ ଦିବ୍ୟ ପ୍ରେମର ଗୋଟିଏ ମାତ୍ର ବିନ୍ଦୁହିଁ ଏହି ଯାତନା ଭୋଗକୁ ଏକ ଆନନ୍ଦସାଗରରେ ରୂପାନ୍ତରିତ କରଦେଇ ପାରିବ !*

*ଆଜି ସବୁଯାକ ଅଶ୍ରୁ ପୋଛି ହୋଇଯାଉ, ସକଳ ଦୁଃଖଭୋଗର ଉପଶମ ହେଉ, ସକଳ ବ୍ୟଥା ଦୂର ହୋଇଯାଉ ଏବଂ ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ଏକ ସ୍ଥିର ପ୍ରଶାନ୍ତିହିଁ ବିଦ୍ୟମାନ ରହିଥାଉ ।*

*ମୁଁ ଦୁଃଖିତ ହୋଇ ପଡ଼ିଛି, ତୁମେ ମୋତେ ଦୟା କର । ତୁମେ, ଯିଏ କି ସକଳ କଷ୍ଟକୁ ହରଣ କରିନିଅ ଓ ସକଳ ଅଜ୍ଞାନର ନିରାକରଣ କରିପାର, ହେ ସର୍ବୋଚ୍ଚ ଓ ପରମ ଆରୋଗ୍ୟକାରୀ, ତୁମେ ମୋତେ ଦୟା କର ।*

*ଯେଉଁ ପ୍ରତିରୋଧ ମୋତେ ଏହି ବ୍ୟଥା ଦ୍ୱାରା ପୂର୍ଣ୍ଣ କରି ରଖିଛି, ତୁମେ ସେହି ପ୍ରତିରୋଧର ପ୍ରାଚୀରକୁ ଭାଙ୍ଗିଦିଅ ! କାହିଁକି, କାହିଁକି ଏହି ରାତ୍ରି ମୋତେ ଜର୍ଜର କରି ରଖିଛି ?''**

ଏହି ଉକ୍ତିଗୁଡ଼ିକର ମୁଁ ଅନେକ ବ୍ୟାଖ୍ୟା ଦେଇପାରିବି; ଏହାର 'କିପରି' ଓ 'କାହିଁକି'କୁ ଅବଶ୍ୟ ବର୍ଣ୍ଣନା କରି କୁହାଯାଇ ପାରିବ । ମାତ୍ର ଏହାର ପ୍ରକୃତରେ କୌଣସି ଆବଶ୍ୟକତା ଅଛି କି ? ଏହାଦ୍ୱାରା କୌଣସି ଉପଶମ ସମ୍ଭବ ହୁଏ ନାହିଁ । ଯାବତୀୟ ଉପଶମ ଓ ଆରୋଗ୍ୟଲାଭ ମସ୍ତିଷ୍କରୁ ନୁହେଁ, ହୃଦୟରୁହିଁ ଆସେ ।

**ବୁଝିବା** ଭଲ କଥା, ମାତ୍ର **ଚାହିଁବା** ହେଉଛି ଅଧିକ ଭଲ ।
ଆତ୍ମ-ପ୍ରୀତି ହେଉଛି ସବୁଠାରୁ ବଡ଼ ପ୍ରତିବନ୍ଧକ ।
ଦିବ୍ୟ ପ୍ରେମ, ତାହାହିଁ ବୃହତ୍ ଓ ଏକମାତ୍ର ଆରୋଗ୍ୟକାରୀ ।

*୨୦ ଜୁଲାଇ ୧୯୩୨*

*ମୁଁ କାନ୍ଦିବାରେ ଲାଗିଛି । କାହିଁକି କାନ୍ଦୁଛି, ମୋତେ ସେକଥା ଜଣା ନାହିଁ ।*

---

* ସଂପୃକ୍ତ ସାଧକଙ୍କ ଦ୍ୱାରା ଗୁଚ୍ଛିତ ଏହି ପ୍ରାର୍ଥନାଟି ''Mother's Prayers''(ମା'ଙ୍କ ପ୍ରାର୍ଥନାବଳୀ)ରୁ କେତୋଟି ଉଦ୍ଧୃତିକୁ ନେଇ ରଚିତ ହୋଇଛି । [ପ୍ରଥମ ପାରା, ପୃଷ୍ଠା-୩୮; ଦ୍ୱିତୀୟ ପାରା, ପୃଷ୍ଠା-୪୯, ଚତୁର୍ଥ ପାରା, ପୃଷ୍ଠା-୯୨, ପଞ୍ଚମ ପାରା, ପୃଷ୍ଠା ୧୨୧ ଓ ୧୨୭] ।

ଯଦି କାନ୍ଦିବାକୁ ଇଚ୍ଛା ହେଉଛି, ତେବେ କାନ୍ଦ । ମାତ୍ର ଚିନ୍ତିତ ବା ବ୍ୟସ୍ତ ହୋଇପଡ଼ ନାହିଁ । ବରଷିବାର ପର୍ଯ୍ୟାୟଟି ପରେ ସୂର୍ଯ୍ୟ ଅଧିକ ଉଜ୍ଜ୍ୱଳ ଭାବରେ ଆଲୋକ ଦେଇଥାଏ ।

*ଟିକିଏ ନିଦ ହେବାର ଆଶାରେ ମୁଁ ବିଛଣାରେ ଖାଲି ଛଟପଟ ହୋଇ ଗଡ଼ିବାରେ ଲାଗିଛି ।*

ଶାନ୍ତି, କେବଳ ଶାନ୍ତି । ଆପଣାକୁ କୌଣସି ପ୍ରକାରେ ଉତ୍ପୀଡ଼ିତ କର ନାହିଁ ।

*ମାତ୍ର ଏହି ଅନ୍ଧକାର ପ୍ରକୃତରେ କ'ଣ ଥିଲା ? ବିଗତ ଚାରିଘଣ୍ଟା କାଳ ମୁଁ ନିଜକୁ ମଧ୍ୟ ଚିହ୍ନି ପାରିଲି ନାହିଁ । ମୁଁ ଏକାବେଳେକେ କଠିନ ହୋଇ ଯାଇଥିଲି । ଭିତରଟା ଉତ୍ତାପରେ ଜଳିବାରେ ଲାଗିଥିଲା । ଚାରିଆଡ଼େ ଅନ୍ଧାର ଦିଶୁଥିଲା ।*

ଅତ୍ୟନ୍ତ ନିଃସନ୍ଦେହ ଭାବରେ ଏସବୁ ହେଉଛି ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣର ଲକ୍ଷଣ ।

*ମୁଁ ବସି କଳ୍ପନା କରୁଛି ଯେ ମାଆ ଏକାନ୍ତ ବିରକ୍ତିର ସହିତ ଏହି ବହିଟିକୁ ଦୂରକୁ ଫୋପାଡ଼ିଦେବେ ଅଥବା, ଆଶ୍ରମ ଛାଡ଼ି ଚାଲିଯିବାକୁ ବା ଅନ୍ତତଃ କାଲିଠାରୁହିଁ କାମ ବନ୍ଦ କରି ଦେବାକୁ ଆଦେଶ ଦେଇ ଶ୍ରୀଅରବିନ୍ଦ ମୋତେ ଦୁଇପୃଷ୍ଠାର ଏକ ଚିଠି ଲେଖି ପଠାଇବେ । ମାଆ କହିବେ : ସକାଳେ ସିଏ ଯେ ଏପରି ଆସକ୍ତ ହୋଇ ପଡ଼ିଲା, ଏହା ହେଉଛି ତାହାରି ଫଳ । ତାକୁ ଏଠାରୁ ବାହାର କରିଦେବାହିଁ ଉଚିତ । ଏହିପରି କେତେ କ'ଣ ...*

ଏହା ସେହିସବୁ ଦିନର ନିରର୍ଥକ କଳ୍ପନାଗୁଡ଼ିକ ।

ପ୍ରସଙ୍ଗକ୍ରମେ, ପ୍ରତିକୂଳ ଶକ୍ତିମାନଙ୍କର ଖୁବ୍‌ବେଶୀ କଳ୍ପନାଶକ୍ତି ରହିଛି ବୋଲି ମୁଁ ଆଦୌ ଦେଖିପାରୁ ନାହିଁ । ସେମାନେ ସର୍ବଦା ସେଇ ପୁରୁଣା କୌଶଳ ଗୁଡ଼ାକରହିଁ ପୁନରାବୃତ୍ତି କରୁଛନ୍ତି । ସେହି କୌଶଳମାନ ଇତିମଧ୍ୟରେ ପୁରୁଣା ହୋଇଯିବା ଉଚିତ ଥିଲା ।

*ହେ ମଧୁମୟି, ମଧୁମୟି ମାଆ, ଆପଣଙ୍କର ପରମ ଶାନ୍ତି ମୋ'ଭିତରେ ବିରାଜିତ ରହିଛି, ଆପଣଙ୍କର ପରମ ଶାନ୍ତି ମୋ' ଭିତରେ ବିରାଜିତ ରହିଛି । ଆପଣଙ୍କର ପରମ ଶାନ୍ତି ମୋ' ଭିତରେ ବିରାଜିତ ରହିଛି ।*

ହେ ମୋ'ର ପ୍ରିୟ ସନ୍ତାନ, ତୁମେ ଶୋଇପଡ଼, ମଧୁମୟୀ ମାଆଙ୍କୁ ହୃଦୟରେ ଧାରଣ କରି ଶୋଇପଡ଼ ।

ଉଠ, ମୋ'ର ପ୍ରିୟ ସନ୍ତାନ, ଉଠ, ମଧୁମୟୀ ମାଆଙ୍କୁ ହୃଦୟରେ ଧରି ଶଯ୍ୟା ତ୍ୟାଗ କର । *୨୧ ଜୁଲାଇ ୧୯୩୨*

*''ହେ ପରମ ପ୍ରେମ, ହେ ଦିବ୍ୟ ପରମ ପ୍ରେମ, ଏକ ବହୁପ୍ରଜ ନୀରବତା ମଧ୍ୟରେ ମୁଁ ଆପଣଙ୍କୁ ପ୍ରଣାମ କରୁଅଛି''...**

ମୁଁ ଆପଣଙ୍କ ଉଦ୍ଦେଶ୍ୟରେ ନିଜକୁ ଉନ୍ମୋଚିତ କରିଦେଉଛି ଏବଂ ଏକ ଅବିଚଳ ପୂର୍ଣ୍ଣ ବିଶ୍ୱାସମୟତା ସହିତ ମୁଁ ଆପଣଙ୍କର ଆଦେଶକୁ ପାଳନ କରିବି ।

*୨୮ ଜୁଲାଇ ୧୯୩୨*

**ସଦୟତା ଏବଂ ସଦିଚ୍ଛାରେ** ନିହିତ ହୋଇ ରହିଛି ଯଥାର୍ଥ **ବଡ଼ପଣ**, ଯଥାର୍ଥ **ଶ୍ରେଷ୍ଠତା ।**

ମୋ'ର ବିଶ୍ୱାସ 'କ' ପ୍ରକୃତରେ ଏପରି କିଛି କରୁ ନାହିଁ ଯାହାକି ଅନ୍ୟମାନଙ୍କୁ ବିରକ୍ତ କରି ପକାଇବ । **ସେକଥାରେ ମୁଁ ଆଦୌ ଖୁସୀ ହେବି ନାହିଁ । ପ୍ରତ୍ୟେକ ବ୍ୟକ୍ତିର ନିଜର ଅନେକ ଭୁଲ୍ ରହିଛି ଏବଂ ଅନ୍ୟମାନଙ୍କ ସହିତ ନିଜର ଆଚରଣରେ ତା'ର ଏକଥା ଭୁଲିଯିବା ଆଦୌ ଉଚିତ ନୁହେଁ ।** *୨୯ ଜୁଲାଇ ୧୯୩୨*

ମୁଁ ଯାହାସବୁ ଲେଖିଛି, ସେଗୁଡ଼ାକୁ ଅତିବେଶୀ ପରିମାଣରେ ଅନ୍ୟମାନଙ୍କୁ ନ ଦେଖାଇବାହିଁ ଅଧିକ ଭଲ ହେବ । କାରଣ, ପ୍ରତ୍ୟେକ ବ୍ୟକ୍ତି ସହିତ ମୁଁ ଏକାଭଳି କଦାପି ବ୍ୟବହାର କରେ ନାହିଁ ଏବଂ, ମୁଁ ଜଣେ ବ୍ୟକ୍ତିଙ୍କୁ ଯେଉଁ କଥା କହିପାରୁଛି, ସେକଥା ହୁଏତ ଆଉଜଣେ ବ୍ୟକ୍ତିକୁ ଆଦୌ କହନ୍ତି ନାହିଁ ।

ଯାବତୀୟ ବ୍ୟକ୍ତିଗତ ନିଷ୍ପତ୍ତି ବିଷୟରେ ଅତ୍ୟନ୍ତ ସାବଧାନ ରହିବ । (ବ୍ୟକ୍ତିଗତ ନିଷ୍ପତ୍ତି ଅନେକ ସମୟରେ ମନମୁଖୀ ମଧ୍ୟ ହୋଇପାରେ ।) *୩୦ ଜୁଲାଇ ୧୯୩୨*

*''ମୋର ସକଳ ଆରାଧନାର ଉତ୍ସାହ କେବଳ ତୁମରି ଲାଗି ।''**

ଏହି ଆରାଧନା କର୍ମର ମାଧ୍ୟମରେ ବ୍ୟକ୍ତ ହୋଇଥାଏ – ଏହା ତାହାକୁ ଅଧିକ ମୂଲ୍ୟବାନ୍ କରିଦିଏ । *୩୧ ଜୁଲାଇ ୧୯୩୨*

* ପ୍ରାର୍ଥନାବଳୀ (ଇଂ) : ପ୍ରଥମ ବାକ୍ୟାଂଶଗୁଡ଼ିକ, ପୃଷ୍ଠା. ୨୮; ଶେଷ ବାକ୍ୟାଂଶଟି, ପୃଷ୍ଠା. ୨୯ ।

*ହେ ମଧୁମୟି ମାଆ, ଆପଣଙ୍କର ଚେତନା ଲାଗି ମୁଁ ପିପାସିତ ହୋଇ ରହିଛି । ମୁଁ ଆପଣଙ୍କ ସହିତ ଏକ ହୋଇଯାଉଛି ।*

ଯେତେବେଳେ ମନୋଭୂମିରେ ଏହି କଥାଟିର (''ହେ ମଧୁମୟୀ ମାଆ, ମୁଁ ଆପଣଙ୍କ ସହିତ ଏକ ହୋଇ ଯାଉଛି'') ଉପଲବ୍ଧି ସମ୍ଭବ ହେବ, ସେତେବେଳେ ଏହି ପିପାସାର ନିବାରଣ ହେବ ।

*୨ ଅଗଷ୍ଟ ୧୯୩୨*

*ଆଜି ସନ୍ଧ୍ୟାବେଳେ ଯେତେବେଳେ 'ଖ' ଅସୁସ୍ଥ ଅଛନ୍ତି ବୋଲି ମୁଁ 'ଗ'ଙ୍କଠାରୁ ସମ୍ବାଦ ପାଇଲି, ସେତେବେଳେ ମୁଁ ଏଡ଼େ ପାଟି କରି କହି ପକାଇଲି ଯେ ସିଏ ନିଶ୍ଚୟ ମାଆଙ୍କ ବିରୋଧରେ ବିଦ୍ରୋହ କରିଥିବେ । ବିଦ୍ରୋହ କରିବା ବା ଏକ ଭୁଲ୍ ଦୃଷ୍ଟିକୋଣ ପୋଷଣ କରିବା ସର୍ବଦା ଅସୁସ୍ଥତାର କାରଣ ହୋଇଥାଏ ବୋଲି ମୁଁ କହୁଛି କି ବୋଲି ମୋତେ ସମ୍ବାଦଦାତା ପଚାରିଲେ । ଉତ୍ତରରେ ମୁଁ ହଁ ବୋଲି କହିଲି । ସିଏ ମୋତେ ଏକ ପ୍ରକୃତ ଦୃଷ୍ଟାନ୍ତ ଦେବାକୁ କହିଲେ । ମୁଁ ଏପରି ଏକ ଘଟଣା ତାଙ୍କ ଆଗରେ ବର୍ଣ୍ଣନା କରି କହିଲି, ଯେଉଁଥିରେ କି ମାଆ ମୋ'ର କାର୍ଯ୍ୟରେ କେତେକ ଦୋଷ ଦେଖିଥିଲେ । ତାହା ଫଳରେ ମୋ' ଭିତରେ ଏକ ବିଦ୍ରୋହଭାବ ଆସିଲା, ମାତ୍ର ମୁଁ ତାକୁ ଭିତରେ ଚାପିକରି ରଖିଥିଲି । ତା'ର ପରେ ପରେହିଁ ମୁଁ ଅସୁସ୍ଥ ହେଲି । ସିଏ ତାଙ୍କର ଆଙ୍ଗୁଠିଗୁଡ଼ିକୁ ଦେଖାଇ କହିଲେ ଯେ, ତାଙ୍କ ଆଙ୍ଗୁଠିଗୁଡ଼ିକ ଯେ ଦରଜ ହୋଇଛି, କୌଣସି ବିଦ୍ରୋହ ବା ଭୁଲ୍ ଦୃଷ୍ଟିକୋଣ ହୁଏତ ତାହାର କାରଣ ହୋଇଥିବ ବୋଲି ସେ ଆଦୌ ସଚେତନ ନ ଥିଲେ ।*

ଏହି ଭୁଲ୍ ଦୃଷ୍ଟିକୋଣଟି **ଶାରୀରଚେତନା** ମଧ୍ୟରେହିଁ ଥାଇପାରେ (ବିଶ୍ୱାସର ଅଭାବ ଅଥବା ଗ୍ରହଣଶୀଳତାର ଅଭାବ), ତେବେ ତାହାର ସନ୍ଧାନ ପାଇବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇଯାଏ, କାରଣ ତାହା କୌଣସି ଭୁଲ୍ **ଭାବନା କିଂବା ଅନୁଭବର** ପରିଣାମ ହେତୁ ହୁଏ ନାହିଁ । **ଶାରୀରଚେତନା** ସାଧାରଣତଃ ଓ ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ **ଅବଚେତନ** ଅବସ୍ଥାରେ ରହିଥାଏ ।

---

* ପ୍ରାର୍ଥନାବଳୀ (ଇଂ), ପୃଷ୍ଠା. *୬୦* ।

*ଉପରିଲିଖିତ କଥୋପକଥନରେ ଯେପରି କରାଯାଇଛି, ନିଜର ଅନୁଭବଗୁଡ଼ିକ ବିଷୟରେ ଆଉ କାହା ଆଗରେ ଯାଇ କହିବା ଏକ ଉଚିତ କାର୍ଯ୍ୟ କି ?*

ଏହି କ୍ଷେତ୍ରରେ ଆମେ ଆଦୌ କୌଣସି ସାଧାରଣ ନିୟମ ରଖି ପାରିବା ନାହିଁ, ପ୍ରତ୍ୟେକଟି ଘଟଣା ଅନ୍ୟଗୁଡ଼ିକଠାରୁ ପୃଥକ୍ । ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ସେହି ବାକ୍ୟଟି ପଛରେ କହିଥିବା ବ୍ୟକ୍ତିର କିଭଳି ଦୃଷ୍ଟିକୋଣ ରହିଛି । ଦିବ୍ୟ ପରମସତ୍ୟର ଯଜ୍ଞବେଦୀ ଉପରେ ଏକ ଶୁଦ୍ଧ ଓ ଆନ୍ତରିକ ଆହୁତି ପରି ଯେଉଁ କଥାକୁ ବ୍ୟକ୍ତ କରାଯାଏ, କେବଳ ତାହାରିହିଁ କୌଣସି ଯଥାର୍ଥ ମୂଲ୍ୟ ରହିଛି ।

*୬ ଅଗଷ୍ଟ ୧୯୩୨*

*ଆଜି ସକାଳେ ଆପଣଙ୍କର ମୁଖମଣ୍ଡଳରେ ଥିଲା ଉଜ୍ଜ୍ୱଳତା, ପ୍ରସନ୍ନତା ଓ ଆନନ୍ଦ । ମୁଁ ନିଜ ଭିତରେ ଯେଉଁ ଗମ୍ଭୀରତା ଅନୁଭବ କରୁଥିଲି, ଏହା ସତେଯେପରି ତାହାକୁ ପ୍ରଭାବହୀନ କରି ପକାଉଥିଲା ।*

ମୁଁ ଯେଉଁସବୁ କଥା କହୁଥିଲି, ତାହାକୁ ତୁମେ ଯେପରି ଗାଳି ବା ଭର୍ତ୍ସନା ବୋଲି ଅନୁଭବ ନ କରିବ, ସେହି ଉଦ୍ଦେଶ୍ୟରେ ସେପରି ହୋଇଥିଲା । କାରଣ ମୋ'ର ଅଭିପ୍ରାୟ ମଧ୍ୟରେ ସେସବୁ କିଛି ନ ଥିଲା । ପୃଥିବୀର ଗତିଧାରା ବିଷୟରେ ଏକ ଆମୋଦପୂର୍ଣ୍ଣ ଢଙ୍ଗରେ ମୁଁ ମୋ'ର କଥାଗୁଡ଼ିକୁ ବ୍ୟକ୍ତ କରୁଥିଲି । ଜଗତ କିପରି ଆମର ଧାରାଗୁଡ଼ିକୁ ଭୁଲ୍ ବୁଝିବାହିଁ ଅତ୍ୟନ୍ତ ସ୍ୱାଭାବିକ, ସେହିକଥା କହୁଥିଲି । **ସାଧାରଣ ମନୁଷ୍ୟମାନେ ପରମସତ୍ୟର ଅଭିବ୍ୟକ୍ତିଟିକୁ ସହଜରେ ବୁଝିପାରନ୍ତୁ** ବୋଲି **ଅତ୍ୟନ୍ତ ନିଷ୍ଠାପର ଭାବରେ** ଆମର ପ୍ରଚେଷ୍ଟା ଚାଲିଛି । ଏହି ପ୍ରଚେଷ୍ଟାରୁହିଁ କୁଣ୍ଠା, ଅନିଶ୍ଚୟତା, ବିଫଳ ପ୍ରୟାସ ପ୍ରଭୃତି ଧାରଣାର ସୃଷ୍ଟି ହୋଇଥାଏ ।

*୧୦ ଅଗଷ୍ଟ ୧୯୩୨*

*"ଆମକୁ ଆଶୀର୍ବାଦ କରନ୍ତୁ, ଆମେ ଯେପରି ଆପଣଙ୍କର ପରମ ବିଜୟକୁ କାର୍ଯ୍ୟରେ ପରିଣତ କରିପାରୁ" !* ଯଦି ତାହାର ସମୟ ଆସି ଉପସ୍ଥିତ ହୋଇଥାଏ... ମାତ୍ର ହେ ମଧୁମୟି ମାଆ, ଆପଣହିଁ ତ ଏହି କଥାଟିର ଯଥାର୍ଥ ଉତ୍ତର ଦେଇ ପାରିବେ ।*

* ପ୍ରାର୍ଥନାବଳୀ(ଇଂ), ପୃଷ୍ଠା. ୧୭୫ ।

ଆପଣା ଇଚ୍ଛାର ସଂକେନ୍ଦ୍ରଣ ଏବଂ ଆପଣା ଅଭୀପ୍ସାର ପ୍ରଗାଢ଼ତା ଦ୍ୱାରାହିଁ ଆମେ ବିଜୟର ଦିନଟିକୁ ତ୍ୱରାନ୍ୱିତ କରି ଆଣି ପାରିବା । *୧୩ ଅଗଷ୍ଟ ୧୯୩୨*

*ପରମପ୍ରିୟା ମାଆ,*

*ପ୍ରାର୍ଥନାର ଫଳପ୍ରଦତା ବିଷୟରେ ମୋ'ର ଯେଉଁ ବିଶ୍ୱାସ ରହିଛି, ସେହି ଅନୁସାରେ, କୌଣସି ପ୍ରାର୍ଥନା ଯେତେବେଳେ ମାଆଙ୍କ ଉଦ୍ଦେଶ୍ୟରେ କରା ଯାଇଥାଏ, କେବଳ ସେତିକିବେଳେହିଁ ତାହା ଫଳପ୍ରଦ ହୁଏ । ସେହି କୋଠରିଟିରେ ରକ୍ତମାଂସର ଦେହ ଧାରଣ କରି ଯେଉଁ ମାଆ ଅବସ୍ଥାନ କରୁଛନ୍ତି, ମୁଁ ସେହି ମାଆଙ୍କ କଥା କହୁଛି । ଯଦି କେହି ତା'ର ପ୍ରାର୍ଥନାକୁ କୌଣସି ଅଜ୍ଞାନ ବା ଅଜ୍ଞେୟ ଭଗବାନଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ କରୁଥାଏ, ତେବେ ମୁଁ ତାକୁ କେବଳ ଦର୍ଶନତତ୍ତ୍ୱ ବୋଲି କହିବି ।*

ତୁମର ଉତ୍ତରଟି ବେଶ୍ ଭଲ ହୋଇଛି । ମାତ୍ର, 'କ'ଙ୍କର ମଧ୍ୟ ଇଚ୍ଛା ହେଲେ ଏକ ଅଦୃଷ୍ଟ ଏବଂ ନୀରବ ମାଆଙ୍କଠାରୁ ଅଧିକ ସହାୟତାର ପ୍ରତ୍ୟାଶା ରଖିବା ଲାଗି ପୂର୍ଣ୍ଣ ସ୍ୱାଧୀନତା ରହିଛି । (ସେ କେବେହେଲେ ତୁମର ପ୍ରତ୍ୟକ୍ଷ ବିରୋଧ କରିବେ ନାହିଁ ।)

*୧୫ ଅଗଷ୍ଟ ୧୯୩୨*

*ଜାଗ୍ରତ ଅବସ୍ଥାରେ ଯାହା ମୁଁ କଦାପି କରୁ ନ ଥାନ୍ତି, ସ୍ୱପ୍ନାବସ୍ଥାରେ ତାହାକୁହିଁ କାହିଁକି କରିବସେ ?*

ଏହି ପ୍ରବୃତ୍ତିଟି ଏକ ଅବଚେତନ ସ୍ତରରୁ ଆସିଥାଏ । ଦିନବେଳେ ନିଜକୁ ବ୍ୟକ୍ତ କରିବା ଲାଗି ତାହା ଆମର ଅନୁମତି ପାଏ ନାହିଁ ।

*ସ୍ୱପ୍ନାବସ୍ଥାରେ ମନର କୌଣସି ନିୟନ୍ତ୍ରଣ ଶକ୍ତି ନ ଥାଏ ଏବଂ ତେଣୁ ପ୍ରାଣିକ ସତ୍ତା ତା'ର ମର୍ଜି ଅନୁସାରେ ଆପଣାର କାର୍ଯ୍ୟ କରିପାରେ, କ'ଣ ଏଇଥିଲାଗି ସେପରି ହୁଏ କି ?*

ସେପର୍ଯ୍ୟନ୍ତ ସେହି ଅଂଶଟି ଉପରେ କୌଣସି ଯଥାର୍ଥ ନିୟନ୍ତ୍ରଣର ପ୍ରତିଷ୍ଠା ହୋଇ ନ ଥାଏ ।

*ଗୋଟିଏ ପ୍ରୟୋଗ : ଆଜି ସକାଳେ କାର୍ଯ୍ୟର ତତ୍ତ୍ୱାବଧାନ କରୁଥିବା ସମୟରେ, ପୂର୍ଣ୍ଣ ସଂକେନ୍ଦ୍ରଣ ସହିତ ମୁଁ ପ୍ରାର୍ଥନା କଲି ଯେ, ପ୍ରତ୍ୟେକ କର୍ମୀ ଓ କାରିଗର କେବଳ ମାଆଙ୍କ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ସଚେତନ ହେବ ଏବଂ ଏହିପରି କାର୍ଯ୍ୟ କରିବାର ଆନନ୍ଦକୁ ଅନୁଭବ ମଧ୍ୟ କରୁଥିବ । ଏହିପରି ଭାବରେ ପ୍ରାୟ ଘଣ୍ଟାଟିଏ ସଂକେନ୍ଦ୍ରିତ ରହିବା ପରେ ମୁଁ କ୍ଳାନ୍ତ ଅନୁଭବ କଲି ଏବଂ ମୋ'ର ଅଜାଣତରେ ମୋ'ର ସଂକେନ୍ଦ୍ରଣ ମଧ୍ୟ ବିଚଳିତ ହୋଇଗଲା । ଏହି କ୍ଳାନ୍ତି ଅନୁଭବ କରିବାର କାରଣ କ'ଣ ? କ'ଣ ଅସୁବିଧା ହେଉଛି ଯେ, ଦିନମାନ ଚବିଶଘଣ୍ଟା ସେହି ସଂକେନ୍ଦ୍ରଣ ରହିପାରୁ ନାହିଁ ?*

ଭୌତିକ ସତ୍ତାଠାରୁ ଦୀର୍ଘକାଳ ପର୍ଯ୍ୟନ୍ତ ସଂକେନ୍ଦ୍ରଣ ଦାବି କରାଗଲେ ତାହା ସର୍ବଦା କ୍ଳାନ୍ତ ହୋଇପଡ଼େ ।

ସଂକେନ୍ଦ୍ରଣକୁ ଅବଶ୍ୟ ଚିରସ୍ଥାୟୀ କରି ରଖିହେବ, ମାତ୍ର କୌଣସି ମାନସିକ ନିଷ୍ପତ୍ତି ଦ୍ୱାରା ତାହା ସମ୍ଭବ ହେବ ନାହିଁ ।

ଏହା ଏକ ଭାଗବତ ନିଷ୍ପତ୍ତି ହେବା ଉଚିତ ।

*୧୬ ଅଗଷ୍ଟ ୧୯୩୨*

*କେଉଁଭଳି କାର୍ଯ୍ୟ କଲେ ସବୁଯାକ ଶକ୍ତିର ବିନିଯୋଗ ହୋଇପାରିବ ?*

ସଂକେନ୍ଦ୍ରଣ ଓ ପୂର୍ଣ୍ଣତମ ଅଭିନିବେଶର ଭାବରଖି ଯେଉଁ କାର୍ଯ୍ୟଟିକୁ କରାଯାଏ ।

*୨୦ ଅଗଷ୍ଟ ୧୯୩୨*

*ଏକ ସଂଶୟ : ଆଜି ସକାଳେ ମାଆ କହିଲେ ଯେ, ସ୍ନାନଗୃହର ନିର୍ମାଣକାର୍ଯ୍ୟ ଶେଷ କରିବାକୁ ଦେଢ଼ମାସ ସମୟ ଲାଗିବ । ମୁଁ ଉତ୍ତରରେ ହଁ ବୋଲି କହିଲି । ବସ୍ତୁତଃ, ଏହା ମାସକରେ ଶେଷ ହୋଇଯିବ ବୋଲି ମୁଁ ଆଶା କରୁଥିଲି । 'ହଁ' ବୋଲି କହିଲାବେଳେ ମୋ'ର ମୁଣ୍ଡ ଭିତରେ ପରସ୍ପର ବିରୋଧୀ ଦୁଇଟି ଭାବନା କ୍ଷିପ୍ର ଗତିରେ ଆସି ଚାଲିଗଲେ : (୧) କାର୍ଯ୍ୟଟି ଦେଢ଼ମାସରେ ଶେଷ ହେବ ବୋଲି ଯେତେବେଳେ ମାଆ କହୁଛନ୍ତି, ସ୍ୱଭାବତଃ ତାହାହିଁ ଠିକ୍ ହେବ; ହୁଏତ ଏପରି ଅନେକ ବିଳମ୍ବ ଘଟିବ, ଯେଉଁଗୁଡ଼ିକୁକି ମୁଁ ଆଗରୁ ଅନୁମାନ କରି ପାରୁ ନାହିଁ । (୨) ମାତ୍ର, ମୋ'ର କାହିଁକି କହିବା ଉଚିତ ନୁହେଁ ଯେ, ମୋ'ର ହିସାବ ଅନୁସାରେ କାମଟି ସରିବାକୁ ତିରିଶ ଦିନ ଲାଗିବ ?*

ଭଲ କଥା, କାର୍ଯ୍ୟଟି ଶେଷ ହେବାକୁ ତିରିଶ ଦିନ ଲାଗିବ ବୋଲି ତୁମର **ଭାବିବା** ଏକାନ୍ତ ଅପରିହାର୍ଯ୍ୟ । ନ ହେଲେ ତ ଦୁଇମାସରୁ ଅଧିକ ସମୟ ଲାଗିଯିବ ।

ମାତ୍ର ମୋ'ର ଇଚ୍ଛା, କାର୍ଯ୍ୟଟି ଶୀଘ୍ର ହେବା ଅପେକ୍ଷା ପ୍ରକୃତରେ ଭଲ ଭାବରେ ହେଉ ।

*ଅପ୍ରତ୍ୟାଶିତ ଭାବରେ ଯେପରି କୌଣସି ବିଳମ୍ବ ନ ହୁଏ, ମୁଁ ସେଥିଲାଗି ମାଆଙ୍କ ପାଖରେ ପ୍ରାର୍ଥନା କରୁଛି ।*

ମୁଁ ମଧ୍ୟ ସେହି କଥା ଆଶା କରୁଛି,– ମାତ୍ର ମୁଁ ଆଗରୁ ଦେଖିଆସିଛି ଯେ, କାମଟି ଯେତିକି ସମୟରେ ସରିବ ବୋଲି ତୁମେ ହିସାବ କରିଥାଅ, ବସ୍ତୁତଃ ତାହା **ସର୍ବଦା** ତା'ଠାରୁ ଅଧିକ ସମୟ ନେଇଥାଏ ଏବଂ, ଆମକୁ ସପ୍ତାହ ପରେ ସପ୍ତାହ ଧରି ଅଧିକ କାର୍ଯ୍ୟ କରିବାକୁ ପଡ଼େ । ସେଥିପାଇଁ ବରଂ ଲମ୍ବା ସମୟ ଦେଇ ହିସାବ କରିବାକୁ ମୋତେ ଅଧିକ କାମ୍ୟ ବୋଲି ଲାଗେ । ତା' ହେଲେ ଆଉ ପରେ ନିରାଶ ହେବାକୁ ପଡ଼େ ନାହିଁ ।

*ମାଆ, ଯଥାର୍ଥ ଦୃଷ୍ଟିକୋଣ କିପରି ହେବା ଉଚିତ ? ଯଦି ମୁଁ ଆପଣଙ୍କଠାରୁ କୌଣସି ପ୍ରସ୍ତାବ ଶୁଣେ (୧), ସେତେବେଳେ ମୁଁ ସଙ୍କୋଚରେ ପଡ଼ିଗଲା ପରି ଅନୁଭବ କରେ । ଯଦି କୌଣସି ପ୍ରସ୍ତାବ ବିଷୟରେ ଶୁଣେ (୨), ତେବେ ମୁଁ ମାଆଙ୍କର ବିରୁଦ୍ଧାଚରଣ କରୁଥିବା ପରି ଅନୁଭବ କରେ । ମୋ'ର ପ୍ରକୃତରେ କ'ଣ କରିବା ଉଚିତ ?*

ତୁମେ କିଛି **ଭାବୁଛ** ବୋଲି କହିବାରେ ଆଦୌ କୌଣସି ବିରୁଦ୍ଧାଚରଣ ହୁଏ ନାହିଁ । ତୁମେ ଯେ ଜଣେ **ଅନାଗତଦ୍ରଷ୍ଟା** ହୋଇଥିବ ଏବଂ ତୁମର ଭାବନା ଯେ ସବୁବେଳେ ନିର୍ଭୁଲ୍ ହେବ, ମୁଁ ସେକଥା ଆଦୌ ପ୍ରତ୍ୟାଶା କରୁ ନାହିଁ ।

*୨୫ ଅଗଷ୍ଟ ୧୯୩୨*

*ମାଆ,*

*ମୁଁ କାଲି ଆପଣଙ୍କୁ କହିଲି, ''ସମସ୍ତେ ଚାଲିଗଲେଣି ।'' ମୁଁ ପ୍ରକୃତରେ ବଢ଼େଇକୁ ଯାଉଥିବାର ଦେଖିଥିଲି । ସେତେବେଳକୁ ସେ ଯାଇ ନ ଥିଲା; ଏବଂ ମୁଁ ଅନୁମାନ କରିନେଲି ଯେ, ମୁଁ ବାହାରକୁ ଆସି ଦୁଆର ବନ୍ଦ କଲା ବେଳକୁ*

*ସିଏ ନିଶ୍ଚୟ ଚାଲି ଯାଇଥିବ । ମାଆ, ମୁଁ ସେହି କାରଣରୁ ''ସର୍ବଶେଷ ବ୍ୟକ୍ତିଟି ମଧ୍ୟ ଯାଇ ସାରିଲେଣି'' ବୋଲି ଉତ୍ତର ଦେଲି । ମାତ୍ର, ବଢ଼େଇ ସେତେବେଳେ ପ୍ରକୃତରେ ଯାଇ ନ ଥିଲା, ସେ ପାଲିସ କରିବା ପଥରଗୁଡ଼ିକୁ ସଜାଡ଼ିକରି ରଖୁଥିଲା ! ତରତର କରି ଉତ୍ତର ନ ଦେଇ ଯଦି ମୁଁ ମୁହୂର୍ତ୍ତେ ଅପେକ୍ଷା କରିଥାନ୍ତି, ତେବେ ମୋ'ର ଉତ୍ତର ଅଧିକ ନିର୍ଭୁଲ ହୋଇଥାନ୍ତା । ଏହି ବିଷୟଟି ଭାବିଲାବେଳେ ମୋତେ କିଞ୍ଚିତ୍ ଅସ୍ୱସ୍ତି ଲାଗୁଛି ।*

ଏଥିରେ ଅସ୍ୱସ୍ତି ଅନୁଭବ କରିବାର କୌଣସି କାରଣ ନାହିଁ । ବାହ୍ୟ ଚେତନା ତଗଡଗ ହୋଇ ଯେଉଁସବୁ ଉତ୍ତର ଦେଇଥାଏ, ତାହା ସର୍ବଦା ଏହିପରି ଅସ୍ପଷ୍ଟ ହେବାକୁ ବାଧ୍ୟ ହୁଏ ଏବଂ ସେଥିରେ କିଛି ଭୁଲ୍ ମଧ୍ୟ ରହିଥାଏ । ସେହି ଭୁଲ୍‌ର ସଂଶୋଧନ କରିବାକୁ ହେଲେ ଅତ୍ୟନ୍ତ ସତର୍କ ରହିବାକୁ ପଡ଼େ,— ଏବଂ ଏକ ଦୃଢ଼ ସଂକଳ୍ପ ମଧ୍ୟ ଆବଶ୍ୟକ ହୁଏ । ତୁମର ସେହି ସଂକଳ୍ପଶକ୍ତିର ବୃଦ୍ଧି ଘଟାଇବା ନିମନ୍ତେ ସମ୍ଭବତଃ ଏହି ଘଟଣାଟି ଘଟିଲା ।

*୫ ସେପ୍ଟେମ୍ବର ୧୯୩୨*

*ଦିବ୍ୟ ପରମାଜନନି,*

*ଆଜି ଅତ୍ୟନ୍ତ କ୍ଳାନ୍ତି ଲାଗୁଛି । ମାତ୍ର ଆଜି ମୁଁ ଖୁବ୍‌ବେଶୀ କାର୍ଯ୍ୟ କରି ନାହିଁ, ମୋ'ର ଶୋଇବା ବା ବିଶ୍ରାମ ନେବାର ସମୟରେ ମଧ୍ୟ କୌଣସି ହ୍ରାସ ଘଟି ନାହିଁ । ହଁ, ବେଳେ ବେଳେ ମୋତେ ବାନ୍ତି ମଧ୍ୟ ମାଡୁଥିଲା । ମାତ୍ର, ବର୍ତ୍ତମାନ ସେହି ସବୁକିଛି ଭଲ ହୋଇଗଲାଣି ।*

ଏକଥାରେ ମୁଁ ଆଦୌ ବିସ୍ମିତ ନୁହେଁ । ତୁମେ ଅନ୍ତର୍ଗତ ଅଗ୍ରଗତିର ଏପରି ଏକ ସୋପାନରେ ପହଞ୍ଚିଲଣି, ଯେତେବେଳେ କି ହଠାତ୍ କ୍ରୋଧାନ୍ୱିତ ହୋଇ ପଡ଼ିଲେ ତା'ର ପରିଣତିଗୁଡ଼ିକୁ ତୁମେ ଅବଶ୍ୟ ଅନୁଭବ କରି ପାରିବ । ବର୍ତ୍ତମାନ ତୁମକୁ ଅନ୍ତିମ ଥର ସକାଶେ ସେହି ସଂକଳ୍ପଟିକୁ ନେବାକୁ ହେବ ଏବଂ ସଂକଳ୍ପଟିର ପାଳନ କରିବାକୁ ହେବ । ସେହି ସଂକଳ୍ପଟି ହେଉଛି : **ତୁମେ କେବେହେଲେ କ୍ରୋଧାନ୍ୱିତ ହୋଇ ପଡ଼ିବ ନାହିଁ ।**

ତୁମକୁ ମୁଁ ପୂର୍ବରୁ କହିଛି ଯେ, କ୍ରୋଧାନ୍ୱିତ ନ ହେବା ଦ୍ୱାରା ଶ୍ରମିକମାନଙ୍କ ଉପରେ ତୁମର ନିୟନ୍ତ୍ରଣଶକ୍ତି ଆଦୌ କମିବ ନାହିଁ, ଏଥିରେ ବରଂ ବୃଦ୍ଧିହିଁ ଘଟି ପାରିବ ।

*୨୬ ସେପ୍ଟେମ୍ବର ୧୯୩୨*

ଚତୁର ହେବା ଅପେକ୍ଷା ବରଂ କେବଳ ନିଷ୍ଠାପରହିଁ ହେବା ଉଚିତ ।

*୩୧ ଅକ୍ଟୋବର ୧୯୩୨*

ଦିବ୍ୟ ପରମସତ୍ତାଙ୍କୁ ଭଲ ପାଇବାର ଅର୍ଥ ହେଉଛି ଦିବ୍ୟ ପରମସତ୍ତା ତୁମକୁ ମଧ୍ୟ ଭଲ ପାଇବେ । *୨ ନଭେମ୍ବର ୧୯୩୨*

ହଠାତ୍ ବର୍ଷା ଆସିଯିବାରୁ ଆମେ ଝରକାଗୁଡ଼ିକୁ ବନ୍ଦ କରି ଦେବାକୁ ଇଚ୍ଛା କଲୁ । ତା'ପରେ, ବେଶ୍ ଅସ୍ୱସ୍ତି ଅନୁଭବ କରି ଦେଖିବାକୁ ପାଇଲୁ ଯେ **କୌଣସି ଗୋଟିଏ ହେଲେ ଝରକା ଠିକ୍ ଭାବରେ ବନ୍ଦ ହେଉ ନାହିଁ ।** ଯଦି ତୁମେ ଜଣେ ଭୀମ ହୋଇ ନ ଥିବ ବା ପହିଲିମାନ ବି ହୋଇ ନ ଥିବ, ତେବେ ତୁମେ ସେହି ଝରକାଗୁଡ଼ିକ କଦାପି ବନ୍ଦ କରି ପାରିବ ନାହିଁ । ମୁଁ ଭାବୁଛି, କେବଳ ସଦିଚ୍ଛା ହେତୁହିଁ ସେଗୁଡ଼ିକ ବନ୍ଦ ହୋଇ ପାରୁଛନ୍ତି । ମାତ୍ର, ପବନ ଖୁବ୍ ଜୋରରେ ହଠାତ୍ ମାଡ଼ିଆସିଲେ ଏହି ସଦିଚ୍ଛା ମଧ୍ୟ ଆଦୌ କୌଣସି କାମ ଦେବ ନାହିଁ ।

ମରାମତି ଏକାନ୍ତ ଆବଶ୍ୟକ । କାଲି ସକାଳେ ମୁଁ ତୁମକୁ ପ୍ରକୃତ ଅବସ୍ଥାଟି ଦେଖାଇଦେବି ।

*୯ ନଭେମ୍ବର ୧୯୩୨*

*ମଧୁମୟି ମାଆ,*

*ଆଜି ସକାଳେ 'କ' ମୋତେ କହିଲେ, " 'ଖ' ଯେଉଁ ପ୍ଲାଷ୍ଟର କାମ କରିଛନ୍ତି, ତୁମେ ଦେଖିଲଣି ? କାମଟି କେଡ଼େ ସୁନ୍ଦର ହୋଇଛି ! ଆମେ କରିଥିବା କାମଟି ମୋଟେ ସେଡ଼େ ସୁନ୍ଦର ହୋଇ ନାହିଁ ।" ମୁଁ ଉତ୍ତର ଦେଲି, "ମୁଁ ତାହାର ଅନ୍ତତଃ ଗୋଟିଏ କାରଣ ଜାଣିଛି, ତାହାର କାରଣ ହେଉଛି ଯେ ତୁମେ ମୂଲିଆମାନଙ୍କ ସହିତ ସବୁବେଳେ ରହୁ ନାହଁ । ଆଜି ସକାଳେ ସାଢ଼େ ନଅଟାରୁ ସାଢ଼େ ଦଶଟାଯାଏ ତୁମେ ନିଜ ଜାଗାରେ ନ ଥିଲ ।" 'କ' କହିଲେ, "ମାତ୍ର 'ଖ' ମଧ୍ୟତ ବେଳେବେଳେ କାମ ଛାଡ଼ି ଚାଲିଯାଆନ୍ତି ।"*

କାର୍ଯ୍ୟରେ ସଚ୍ଚୋଟ ହେବାକୁ ଯଦି କେହି ଅସମ୍ମତ ହୁଅନ୍ତି, ତେବେ ମୁଁ କ'ଣ କରିପାରିବି ? ମୁଁ ଏକଥା ଆଗରୁ ତୁମକୁ କହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାଦ୍ୱାରା କାର୍ଯ୍ୟରେ ବହୁତ କ୍ଷତି ହୁଏ; ମାତ୍ର ସଂପୃକ୍ତ ବ୍ୟକ୍ତିଙ୍କର ତାହାଠାରୁ ଅଧିକ କ୍ଷତି ହୁଏ ।

କାରଣ, ଯେତେ ଧ୍ୟାନ କଲେ ବି ତାହା ଭାଗବତ ସେବାରେ ଆନ୍ତରିକତାର ବିକଳ୍ପ ହୋଇପାରିବ ନାହିଁ ।

*୩ ଡିସେମ୍ବର ୧୯୩୨*

*ମଧୁମୟି ମାଆ,*

*"ଅବିଚଳ ଆତ୍ମବିଶ୍ୱାସ ସହିତ ଆମକୁ ଊର୍ଦ୍ଧ୍ୱାଭିମୁଖୀ ହୋଇ ଉଡ଼ି ଶିଖିବାକୁ ହେବ । ଏହି ସୁନିଶ୍ଚିତ ଉଡ଼ିବା ମଧ୍ୟରେହିଁ ପରିପୂର୍ଣ୍ଣ ଜ୍ଞାନ ନିହିତ ହୋଇ ରହିଛି ।"* ମୁଁ ଏହି ବାକ୍ୟଟିକୁ ବୁଝି ପାରୁ ନାହିଁ । ମନୁଷ୍ୟ ଊର୍ଦ୍ଧ୍ୱକୁ ଉଡ଼ିପାରିବ କିପରି ? ଏହି ଶବ୍ଦଟିର ଆଳଙ୍କାରିକ ଅର୍ଥ ପ୍ରକୃତରେ କ'ଣ ?*

ସାଧାରଣ ଚେତନାର ଊର୍ଦ୍ଧ୍ୱକୁ ଉଠିଯିବା (ପବନ ମଧ୍ୟକୁ ଉଡ଼ିଯିବା),– ଏହାହିଁ ଏହାର ସରଳ ଅର୍ଥ । ଏପରି ଏକ ଉଚ୍ଚତର ଚେତନା ମଧ୍ୟକୁ ଚାଲିଯିବା, ଯେଉଁଠାରୁକି ଉପରୁ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିହେବ, ଏବଂ ଏହିପରି ଭାବରେ ସେଗୁଡ଼ିକୁ ଅଧିକ ଗଭୀର ଭାବରେ ଦେଖିହେବ ।

*୯ ଡିସେମ୍ବର ୧୯୩୨*

ଯଦି ତୁମେ ଦିବ୍ୟ ପରମସତ୍ତାଙ୍କଠାରୁ କୌଣସି କଥା ଲୁଚାଇ ରଖିବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଅତ୍ୟନ୍ତ ନିଃସନ୍ଦେହ ଭାବରେ ଦିନେ ମୁହଁ ମାଡ଼ି ପଡ଼ିବାକୁ ପଡ଼ିବ,– ଏକାବେଳେକେ ମୁହଁ ମାଡ଼ି ! ସେମିତି ...

*୧୦ ଡିସେମ୍ବର ୧୯୩୨*

ଦିବ୍ୟ ପରମସତ୍ତାଙ୍କଠାରେ **ପରିପୂର୍ଣ୍ଣ ବିଶ୍ୱାସ**, ସେହିଥିରେହିଁ ଆନନ୍ଦ ନିହିତ ହୋଇ ରହିଛି ।

*୨ ଜାନୁଆରି ୧୯୩୩*

କାହିଁକି, ଯଦି ତୁମେ କୌଣସି ବିପଦରେ ପଡୁଛ, ସେତେବେଳେ କ'ଣ ତୁମେ ଆଉ ପରମ ଦିବ୍ୟକରୁଣାଙ୍କ ପାଖରୁ ସହାୟତା ଭିକ୍ଷା କରୁ ନାହଁ କି ? ତଥାପି, ନିଜର ଅଭିଜ୍ଞତାରୁ ତୁମେ ଭଲକରି ଜାଣିଛ ଯେ, ସେଥିରୁ ସୁନିଶ୍ଚିତ ଭାବରେ ତୁମକୁ ଅଦ୍ଭୁତ ଫଳମାନ ଅବଶ୍ୟ ମିଳିବ ।

*୧୬ ଜାନୁଆରି ୧୯୩୩*

* ପ୍ରାର୍ଥନାବଳୀ(ଇଂ), ପୃଷ୍ଠା. ୧୭୧ ।

*ମଧୁମୟି ମାଆ,*

*ଏପର୍ଯ୍ୟନ୍ତ ମଧ୍ୟ ଏକ ବାସନା ଏବଂ କୌଣସି କାର୍ଯ୍ୟ କରିବାର ଆବଶ୍ୟକତା ମଧ୍ୟରେ ପ୍ରକୃତରେ କୌଣସି ପାର୍ଥକ୍ୟ ରହିଛି ବୋଲି ସ୍ପଷ୍ଟ ଭାବରେ ଜାଣି ପାରିଲି ନାହିଁ । ତେଣୁ, ସେଥିଲାଗି ମୁଁ ପ୍ରଣାଳୀଟିଏ ଗ୍ରହଣ କରିଛି : ଯେତେବେଳେ ମୋ'ର କୌଣସି ବସ୍ତୁର ଆବଶ୍ୟକତା ରହିଛି ବୋଲି ଭାବିବି (ତାହା ଯେ କୌଣସି ବସ୍ତୁ ହେଉ ନା କାହିଁକି), ତାହା ମାଗିବା ପୂର୍ବରୁ ମୁଁ ଅପେକ୍ଷା କରିବି । ଯଦି ସେହି ବସ୍ତୁଟିକୁ ଲାଭ ନ କରିଥିବାର ଅସ୍ୱସ୍ତି ପୁନର୍ବାର ଆସିବ ବା ବୃଦ୍ଧି ପାଇବାରେ ଲାଗିବ, ତେବେ ମୁଁ ତାହାକୁ ଲୋଡ଼ିବି ।*

ତାହାଦ୍ୱାରା ତୁମର ବାସନାଟି ଅଧିକ ତୀବ୍ର ହୋଇପଡ଼ିବ ଏବଂ ପ୍ରାୟ ଏକ କଟୁ କ୍ରୁଦ୍ଧ ଭାବନା ସହିତ ତୁମେ ସେହି ବସ୍ତୁଟିକୁ ଲୋଡ଼ି ବାହାରିବ ।

*ବେଳେବେଳେ ମୁଁ ଏକ ସମ୍ପୂର୍ଣ୍ଣ ବିପରୀତ ପ୍ରଣାଳୀ ଗ୍ରହଣ କରିବାକୁ ମଧ୍ୟ ଭାବିଥାଏ : ଗୋଟିଏ ବସ୍ତୁ ମୋ'ର ଦରକାର ବୋଲି ଭାବିବା ମାତ୍ରକେ ମୁଁ ସେଇଟିକୁ ତତ୍‌କ୍ଷଣାତ୍ ମାଗିବି; ଆଦୌ କିଛି ଚିନ୍ତା କରିବି ନାହିଁ କିଂବା ଅପେକ୍ଷା କରିବି ନାହିଁ । ମାତ୍ର ଏହି ପ୍ରଣାଳୀଟିକୁ ଗ୍ରହଣ କରିବା ଲାଗି ମୋ'ର ସାହସ ହୁଏ ନାହିଁ ।*

ଏ ଦୁଇଟି ବ୍ୟତୀତ ତଥାପି ଆଉଗୋଟିଏ ଅନ୍ୟ ପ୍ରଣାଳୀ ମଧ୍ୟ ରହିଛି, ସେଇଟି ଅନ୍ୟଦୁଇଟି ଠାରୁ ଅନେକ ଅଧିକ ଆଗ୍ରହୋଦ୍ଦୀପକ : ତୁମେ ଆଦୌ କିଛି ମାଗିବ ନାହିଁ ଓ ଫଳ କ'ଣ ହେଉଛି ଅପେକ୍ଷା କରି ଦେଖିବ ।

*ମୋତେ ଏକ ଅଭ୍ରାନ୍ତ ପ୍ରଣାଳୀ ବତାଇ ଦିଅନ୍ତୁ ।*

ମୋ' ପାଖରେ ସେପରି କୌଣସି ପଦ୍ଧତି ନାହିଁ ।

*୨୬ ମାର୍ଚ୍ଚ ୧୯୩୩*

*ମଧୁମୟି ମାଆ, ''ତଥାପି ଆଉ ଗୋଟିଏ ଅନ୍ୟ ପ୍ରଣାଳୀ ମଧ୍ୟ ରହିଛି ।'' ସ୍ନେହମୟୀ ମାଆଙ୍କର କଥାଗୁଡ଼ିକୁ ମୁଁ କିପରି ଅକ୍ଷରେ ଅକ୍ଷରେ ପାଳନ କରିବି,*

*ହଠାତ୍ ମୁଁ ଆଦୌ କୌଣସି ଉପାୟ ଚିନ୍ତା କରିପାରିଲି ନାହିଁ । ମୁଁ ତାଙ୍କର ପରାମର୍ଶ ଗ୍ରହଣ କରିବାକୁ ଆରମ୍ଭ କଲି । ମୁଁ ଏବେ ଆଦୌ କିଛି ମାଗିଲି ନାହିଁ, ଏପ୍ରିଲ୍ ପହିଲାରେ* ମଧ୍ୟ କିଛି ମାଗି ନାହିଁ । ଏବଂ, ମୋ'ର ଦ୍ୱିଧାଟିକୁ ଆହୁରି ବଢ଼ାଇ ଦେବାରେ ତାହା ମଧ୍ୟ ଏକ କାରଣ ହୋଇଛି ।*

ମୋ'ର ଆଶଙ୍କା ହେଉଛି ଯେ, ପତ୍ରର ବିଷୟଟିକୁ ''ଅକ୍ଷରେ ଅକ୍ଷରେ'' ପାଳନ କରିବାକୁ ଅତ୍ୟନ୍ତ କଠୋର ଭାବରେ ଚେଷ୍ଟା କରି ତୁମେ ତାହାର ଅନ୍ତର୍ନିହିତ ''ଅସଲ ଭାବଟିକୁ'' ହରାଇ ବସିଲ । ''ଆଶ୍ରମ ଭଣ୍ଡାର''ରୁ ଯେଉଁସବୁ ସାମଗ୍ରୀ ଦିଆଯାଏ, ସେଗୁଡ଼ିକ ବିଷୟରେ ମୁଁ କିଛି କହି ନ ଥିଲି । ଏବଂ, ମାସର ପହିଲାଦିନ ଯେ ତୁମେ କିଛି ପାଇବାକୁ ଇଚ୍ଛା କଲ ନାହିଁ, ସେକଥା ଜାଣି ମୋତେ ପ୍ରକୃତରେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । **ଯେଉଁସବୁ ବସ୍ତୁ ତୁମର ଆବଶ୍ୟକ**, ସମ୍ପୂର୍ଣ୍ଣତଃ ସେହିଗୁଡ଼ିକ ପାଇବା ଲାଗି ଅନୁରୋଧ କରିବା ତୁମ ପକ୍ଷରେ ଏକ ଉଚିତ କାର୍ଯ୍ୟ ହେବ ।

*୫ ଏପ୍ରିଲ୍ ୧୯୩୩*

ଅନ୍ୟମାନେ ନୀଚମନା ହେଉଛନ୍ତି, ମାତ୍ର ତାହାର କାରଣ ନୁହେଁ ଯେ ତୁମେ ନିଜେ ମଧ୍ୟ ନୀଚମନା ହେବ ।

*୨୪ ଏପ୍ରିଲ୍ ୧୯୩୩*

*ସ୍ନେହମୟି ମାଆ,*

*ପୁରୁଣା ଚାକରାଣୀ 'କ' ତା'ର ସାନପୁଅଟି ପାଇଁ ଗୋଟିଏ କାମ ଚାହୁଁଛି । (ମୁଁ ଭାବୁଛି, ପିଲାଟିକୁ ଆଠ ବର୍ଷ ମଧ୍ୟ ହୋଇ ନାହିଁ ।) ଗଣପତି ଭବନରେ ଅଳିଆ ଗୋଡ଼ିପଥର ସଫା କରିବାରେ ତାକୁ ନିଯୁକ୍ତ କରାଯାଇ ପାରିବ କି ?*

ଆଠବର୍ଷରୁ କମ୍ ବୟସର ଗୋଟିଏ ପିଲାକୁ କୌଣସି କାମରେ ନିଯୁକ୍ତ କରିବା ଆଦୌ ସମ୍ଭବ ନୁହେଁ । ଏହା କରିବା ଏକ ଅପରାଧ ହୋଇପାରେ ।

*୯ ଜୁନ୍ ୧୯୩୩*

---

* ପ୍ରତ୍ୟେକ ମାସର ପହିଲା ଦିନ ସାଧକମାନେ ଆଶ୍ରମଭଣ୍ଡାରରୁ ସେମାନେ ପାଇବା ଲାଗି ପୂର୍ବରୁ ଅନୁରୋଧ କରିଥିବା ସାମଗ୍ରୀଗୁଡ଼ିକୁ ପାଇଥାନ୍ତି ।

ସେହି ବିରାଟ ପରମବିଜୟ ଲାଗି ଆମେ ଜଣେ ଜଣେ ବିଶ୍ୱସ୍ତ କର୍ମୀ ହେବାକୁ ଇଚ୍ଛା କରୁଛୁ ।

*୨୬ ଜୁନ୍ ୧୯୩୩*

*ସ୍ନେହମୟି ମାଆ,*

*ସେ ପୁଣି ବିବାହ କରୁଥିବାରୁ ବଢ଼େଇ 'ଖ' ଆଠଦିନ ଛୁଟି ନେଇଛି । ସିଏ ଅଗ୍ରିମ ଚାଳିଶ ଟଙ୍କା ନେବାକୁ ଚାହୁଁଛି । କହୁଛି ଯେ, ମାସକୁ ଆଠଟଙ୍କା କରି ସେ ତାହାକୁ ପରିଶୋଧ କରିଦେବ । ମୁଁ ତାକୁ କହିଦେଇଛି ଯେ ମାଆ କୌଣସି ବିବାହକୁ ଅନୁମୋଦନ କରନ୍ତି ନାହିଁ,– ଆଉଥରେ ବିବାହ କରିବାକୁ ତ ଆହୁରି କମ୍ ସମର୍ଥନ ଓ ଅନୁମୋଦନ କରିବେ,– ଏବଂ ଏହିସବୁ ବିବାହକୁ ଉତ୍ସାହ ଦେବା ଲାଗି ସେ ଟଙ୍କା ଉଧାର ଦେବାକୁ ମଧ୍ୟ ଚାହାନ୍ତି ନାହିଁ ।*

*ଏହି ବିଷୟରେ ମୁଁ ମାଆଙ୍କୁ ପଚାରେ ବୋଲି ସେ ଜିଦ୍ ଲଗାଇଛି । ଆପଣଙ୍କ ଆଦେଶ ଚାହୁଁ, ଅପରୂପା ଜନନି !*

ଆମେ ଏବିଷୟରେ କ'ଣ କରି ପାରିବା ? ସିଏ ଆମର ଜଣେ ଭଲ କର୍ମୀ, ନିୟମିତ କର୍ମୀ, ନୁହେଁ କି ? ଏହି ନୂତନ ବିବାହ ଫଳରେ ସେ ଅନିୟମିତ ହେବ ବୋଲି ମୁଁ ଆଶା କରୁ ନାହିଁ ।

ତାକୁ ଆମେ ଅଗ୍ରିମ ପଇସା ଦେବା କି ? ଯଦି ତୁମେ ତାହାକୁ ଆବଶ୍ୟକ ବୋଲି ଭାବୁଥିବ, ତେବେ ମୁଁ କଦାପି **ନାହିଁ** ବୋଲି କହିବି ନାହିଁ ।

*୬ ଜୁଲାଇ ୧୯୩୩*

*ସ୍ନେହମୟି ମାଆ,*

*ଏହି ମାପ ହେଉଥିବା ଫିତାଟି ବିଷୟରେ : ଏହା ଯେ ଆଦୌ ଅପରିହାର୍ଯ୍ୟ ନୁହେଁ, ସାଧାରଣ ଜ୍ଞାନରୁ ତାହାର ପ୍ରମାଣ ମିଳୁଛି । ମାତ୍ର, ତଥାପି ମୋ' ସତ୍ତା ଭିତରେ ଏକ ଅସନ୍ତୋଷ ମଧ୍ୟ ରହିଛି । ଧରା ଦେଉ ନ ଥିବା ଏହି ଅସନ୍ତୋଷ ସ୍ଥାନଟିକୁ ମୁଁ ଠିକ୍ ନିର୍ଣ୍ଣୟ କରି ବାହାର କରିପାରୁ ନାହିଁ । ତାହା ମୋ'ମନ ଭିତରେ ରହିଛି କି ? ଏବଂ, ସେହି ମନ ମଧ୍ୟ ଏହି ଅନୁରୋଧର ଉଦ୍ଭଟତାକୁ ଦେଖାଇ ଦେଉ ନାହିଁ କି ?*

ଏହା ହେଉଛି ଏକ **ମନର ରଚନା**, ଏହା ପଛରେ ଏକ ପ୍ରାଣିକ ବାସନାର ପ୍ରେରଣା ରହିଛି । ତାହାହିଁ ପୂରଣ ହୋଇ ପାରୁ ନାହିଁ ବୋଲି ପ୍ରତିବାଦ କରୁଛି, ବିଦ୍ରୋହ କରୁଛି । ଏହିସବୁ ରଚନା ହେଉଛନ୍ତି ଗୋଟିଏ ଗୋଟିଏ **ସ୍ୱାଧୀନ ସତ୍ତା** । ସେହି କାରଣରୁହିଁ, ଥରେ ସେଗୁଡ଼ିକ ନିଷ୍ପନ୍ନ ହେବା ମାତ୍ରକେ, ସଚେତନ ଇଚ୍ଛା ସେଗୁଡ଼ିକ ଉପରୁ ନିଜର ପ୍ରାୟ ସବୁଯାକ ନିୟନ୍ତ୍ରଣକୁ ହରାଇବସେ । **ସେଗୁଡ଼ିକୁ ନଷ୍ଟ କରିଦେବାକୁ** ଅବଶ୍ୟ ଯଦି **ଇଚ୍ଛାର ଏକ ପ୍ରତି-ରଚନା ସମ୍ଭବ କରାଯାଇ ପାରେ,** ତେବେ ତାହା ଅନ୍ୟପ୍ରକାର ହୁଏ । ଏମିତି କିଛି, ଯଥା : ''**ଗୋଟିଏ ମାପ ଫିତା ମୋତେ ମିଳୁ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ** । ମୁଁ ଅନ୍ତରର ସହିତ ଆଶା କରୁଛି ଯେ, ମୋ' ପାଖକୁ ଫିତାଟିଏ ପଠାଇ ଦେଇ ମାଆ ମୋତେ ଧର୍ମସଙ୍କଟରେ ନେଇ ପକାଇଦେବେ । କାରଣ, ସେ ଫିତାଟିଏ ପଠାଇଦେଲେ ମୁଁ ପ୍ରକୃତରେ ଲଜ୍ଜା ପାଇବି ଓ ଅଡୁଆରେ ପଡ଼ିଯିବି । ଏବଂ, ଏଭଳି ଅଜ୍ଞାନପ୍ରେରିତ ଏବଂ ଦୁରାଗ୍ରହପୂର୍ଣ୍ଣ ବାସନାମାନ ପୋଷଣ କରିବା ମାଆଙ୍କର ଜଣେ ସନ୍ତାନ ପାଇଁ ଆଦୌ ଶୋଭା ପାଇବ ନାହିଁ ।''

*୧୨ ସେପ୍‌ଟେମ୍ବର ୧୯୩୩*

*ସ୍ନେହମୟି ମାଆ,*

*ଆମ କମାର ବିଷୟରେ କହୁଛି : ତା' ଆଖିରେ ଗୋଟିଏ ଲୁହାଛିଟିକା ଆସି ପଡ଼ିଗଲା । ପ୍ରଥମେ ଆପଣଙ୍କୁ କିଛି ନ କହି 'କ'ଙ୍କର ଛୁଞ୍ଚିକମ ପାଇଁ ଯନ୍ତ୍ରଛାଞ୍ଚଟି ସକାଶେ ଗୋଟିଏ ଲୁହାଛଡ଼ି ତିଆରି କରିଦେବାକୁ ମୁଁ ତାକୁ ଆଦେଶ ଦେଲି ଓ ପରେ ଏହି ଦୁର୍ଘଟଣାଟି ଘଟିଲା,– ଏ ଦୁଇ ଘଟଣା ମଧ୍ୟରେ କୌଣସି ସମ୍ବନ୍ଧ ରହିଛି କି ? ଦୁର୍ଘଟଣା ଘଟିବା ପରେ ସେ ଯେତେବେଳେ ମୋ' ସହିତ ଦେଖା କରିବାକୁ ଆସିଲା, ଦୁଇଟି ଘଟଣା ମଧ୍ୟରେ ସତରେ କୌଣସି ସମ୍ପର୍କ ଅଛି କି ନାହିଁ, ମୁଁ ସେତେବେଳେ ଆଶ୍ଚର୍ଯ୍ୟ ହୋଇ ସେହି କଥା ଭାବୁଥିଲି । ଏବଂ, ଏପରି ଲମ୍ବା ଯନ୍ତ୍ରଛାଞ୍ଚର ଉପଯୋଗିତା ଅଛି କି ନାହିଁ ବୋଲି ଆପଣଙ୍କର ମଧ୍ୟ ସନ୍ଦେହ ହେଉଛି ବୋଲି ଯେତେବେଳେ ଆପଣ କହିଲେ, ସେତେବେଳେ ମୋ'ର ଅସ୍ୱସ୍ତିଭାବଟି ଦୁଇଗୁଣ ବଢ଼ିଗଲା । ସ୍ନେହମୟି ମାଆ, ଆପଣ ମୋ'ର ସନ୍ଦେହ ମୋଚନ କରନ୍ତୁ ।*

କାମନା ଏବଂ ଅଜ୍ଞାନତାରୁହିଁ ଏହିସବୁ ପ୍ରବୃତ୍ତି ଜନ୍ମଲାଭ କରେ । (ଛାଞ୍ଚଟି ଠିକ୍ **କିଭଳି** ତିଆରି ହେବ, ସେବିଷୟରେ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନ ନ ଥାଇ 'କ' ଯନ୍ତ୍ରଛାଞ୍ଚଟି ତିଆରି

ହେଉ ବୋଲି ଇଚ୍ଛା କଲେ) ଏବଂ, ସେଗୁଡ଼ିକ ଆଦୌ କୌଣସି ସମଞ୍ଜସତା ନ ରଖି ବିକାଶ ଲାଭ କରିଥାନ୍ତି,– ନାନା ବିଶୃଙ୍ଖଳା ଓ ବିମୂଢ଼ତା ମଧ୍ୟରେ ଅଗ୍ରସର ହେଉଥାନ୍ତି । ଏହି କ୍ଷେତ୍ରରେ ଯେପରି ହେଲା, ତାହା ଫଳରେ ବେଳେବେଳେ ସେଥିରୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପରିଣାମମାନ ଘଟିଥାଏ । କଥାଟିକୁ ମୁଁ ଟିକିଏ ବୁଝାଇ କରି କହିବି : ବଡ଼ ଯନ୍ତ୍ରଛାଞ୍ଚଟିଏ ତିଆରି କରିବାର **ଧାରଣାଟି** ଭାରି ଚମତ୍କାର, ମାତ୍ର ତାହାକୁ କାର୍ଯ୍ୟରେ ପରିଣତ କରିବା କଷ୍ଟକର । ଧାରଣାଟିକୁ **ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରିବାର ଦୁରାଗ୍ରହୀ ବାସନାଟି** ଯଦି ନ ଥାନ୍ତା, ତେବେ କୌଣସି କାର୍ଯ୍ୟରେ ଅଗ୍ରସର ହେବା ପୂର୍ବରୁ ସେହି ବିଷୟରେ ଯତ୍ନର ସହିତ ସବୁ ପରୀକ୍ଷା କରି ଦେଖାଯାଇ ପାରିଥାନ୍ତା ଏବଂ ତେବେ କାର୍ଯ୍ୟଟିକୁ ସାଧନ କରିବାରେ ଅଧିକ ସମଞ୍ଜସତା ରହିଥାନ୍ତା ।

*୧୩ ସେପ୍ଟେମ୍ବର ୧୯୩୩*

*(ପଟି ଲାଗିଥିବା ଏକ ଦୋଳି ଚାଲୁଣି ପାଇଁ ପଟିବନ୍ଧ ପ୍ରସ୍ତୁତ କରିବା ବିଷୟରେ)*

ଝୁଲା କ'ଣ ଜାଣିଛ ?

ଝୁଲା ହେଉଛି ଗୋଟିଏ ଖେଳ ଉପକରଣ, ପିଲାଦିନେ ମୁଁ ଏଥିରେ କେତେ ମଜା ଉଠାଇଛି । ସେଇଟି କାଠରେ ତିଆରି ହୋଇଥାଏ ଏବଂ, ଯାହା ଉପରେ ବସି ଝୁଲା ଝୁଲନ୍ତି, ସେହି ପଟାଟି ଉପରେ ଥିବା ଗୋଟିଏ ମୋଟା ଦଣ୍ଡାରେ ପିଟା ହୋଇଥିବା କଡ଼ାରୁ ମଜଭୁତ ଦଉଡ଼ିରେ ଝୁଲାହୋଇ ରହିଥାଏ । ସେଇଟିକୁ ଟଙ୍ଗାଇ ରଖିବାକୁ ଦୁଇପାଖରେ ଖୁଣ୍ଟ ପୋତା ହୋଇଥାଏ । ମୁଁ ଭାବୁଥିଲି, ଚାଲୁଣୀଟି ପାଇଁ ସେହିପରି କୌଣସି ଜିନିଷଟିଏ ତିଆରି ହୋଇ ପାରନ୍ତା କି !

*୧୯ ସେପ୍ଟେମ୍ବର ୧୯୩୩*

*ହେ ଦିବ୍ୟଜନନି,*

*ଏକ ଆତ୍ମସମୀକ୍ଷାତ୍ମକ ଦୃଷ୍ଟିରେ ମୁଁ କାମର ଟିକିନିଖି ସବୁକିଛିକୁ ପରୀକ୍ଷା କରି ଦେଖିବାକୁ ଆରମ୍ଭ କରିଛି ଏବଂ ସବୁଟିରୁ ଏହାହିଁ ପ୍ରମାଣିତ ହୋଇଛି ଯେ, ମୁଁ ଆଦୌ କିଛି ଜାଣେ ନାହିଁ, ମୁଁ ଆଦୌ କିଛି କରି ପାରିବି ନାହିଁ ଏବଂ ମୋ'ଦ୍ୱାରା କୌଣସି କାମ ହୋଇ ପାରିବ ନାହିଁ । ଏହି କଥାଟି ଜାଣି ସାରିବା ପରେ କାର୍ଯ୍ୟରୁ ମୁଁ ସବୁକିଛି ଆନନ୍ଦକୁ ହରାଇ ବସିଛି ।*

ତୁମ ଭିତରେ ପରିପୂର୍ଣ୍ଣତାର ଏକ ଅଭାବ ରହିଛି ଏବଂ ତୁମେ ଏହି ବିଷୟରେ ସଚେତନ ହୋଇଛ, କେବଳ ଏତିକି ସତ୍ୟକୁ ତୁମେ ସ୍ୱାଗତ କରିବ । କାରଣ, ଏହି ସଜ୍ଞାନତାହିଁ ତୁମକୁ **ଅଧିକ ଅଗ୍ରଗତି** ଲାଗି ପ୍ରେରଣା ଦେବ । ବସ୍ତୁତଃ, ଅଗ୍ରଗତି କରିବା, କୌଣସି ଅସୁବିଧା ଉପରେ ବିଜୟ ହାସଲ କରିବା, କିଛି ଶିକ୍ଷା କରିବା, ଅଚେତନାର କୌଣସି ଉପାଦାନକୁ ଏକ ସ୍ପଷ୍ଟ ଦୃଷ୍ଟିରେ ଦେଖିପାରିବା,— ଏହିଗୁଡ଼ିକହିଁ ଜଣେ ବ୍ୟକ୍ତିକୁ ଯଥାର୍ଥ ଭାବରେ ସୁଖୀ କରାଇଥାଏ ।

*୨୨ ସେପ୍‌ଟେମ୍ବର ୧୯୩୩*

*ସ୍ନେହମୟି ମାଆ,*

*ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଛି, ଏଡ଼େ ସହଜରେ ଲୋକମାନେ ମୋତେ କିପରି ଅପମାନ ଦେଇ ପାରୁଛନ୍ତି । ମୋ' ଚେହେରାରୁ ଶକ୍ତିମତ୍ତାର କୌଣସି ଲକ୍ଷଣ ପ୍ରକାଶ ପାଉ ନାହିଁ ବୋଲି ଏପରି ହେଉଛି କି ? ଅଥବା, ଅନ୍ୟମାନଙ୍କୁ ମୁଁ ଅସୂୟା ଦେଖାଉଛି ଓ ତେଣୁ ଅନ୍ୟମାନେ ମଧ୍ୟ ମୋ'ପ୍ରତି ଅସୂୟା ଦେଖାଉଛନ୍ତି ? ମୁଁ ତ ବାରବାର ଚେଷ୍ଟା କରୁଛି, ମାତ୍ର ଏହାର ଆଦୌ କୌଣସି ସନ୍ତୋଷଜନକ ଅର୍ଥ ପାଇପାରୁ ନାହିଁ ।*

ହୁଏତ କେତେକ ପରିମାଣରେ ତୁମ ଚେହେରା ସକାଶେ ଏପରି ହେଉଥାଇପାରେ, ମାତ୍ର ପ୍ରକୃତରେ ତାହାର କଦାପି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିବା ଉଚିତ ନୁହେଁ । ବରଂ, ବିଭିନ୍ନ ପରିସ୍ଥିତିର ପ୍ରଭାବ ହେତୁ ଏପରି ହେଉଛି ବୋଲି ମୋ'ର ଧାରଣା । ପ୍ରତ୍ୟେକ ବ୍ୟକ୍ତିର ଚତୁର୍ଦ୍ଦିଗରେ ଏପରି ଏକ ପରିବେଶ ରହିଥାଏ, ଯାହାକି ତା'ର ଚରିତ୍ର, ତା'ମନର ଅବସ୍ଥା, ତା'ଭାବିବାର ଢଙ୍ଗ, ଅନୁଭବ କରିବା ଓ କାର୍ଯ୍ୟ କରିବାର ପ୍ରଣାଳୀରୁ ନିଷ୍ପନ୍ନ ହେଉଥିବା ସ୍ପନ୍ଦନଗୁଡ଼ିକ ଦ୍ୱାରା ତିଆରି ହୋଇଥାଏ । ଏହିସବୁ ପରିବେଶ ସତେଅବା ପରସ୍ପରକୁ ସଂକ୍ରମିତ କରୁଥିବା ପରି ପରସ୍ପର ଉପରେ କ୍ରିୟା ଓ ପ୍ରତିକ୍ରିୟା କରିବାରେ ଲାଗିଥାଏ; ସ୍ପନ୍ଦନଗୁଡ଼ିକ ମଧ୍ୟ ସଂକ୍ରାମକ ହୋଇ ରହିଥାନ୍ତି । ଅର୍ଥାତ୍, ଜଣେ ବ୍ୟକ୍ତିକୁ ଭେଟିବା ସମୟରେ ଆମେ ସଙ୍ଗେ ସଙ୍ଗେ ତା'ର ସ୍ପନ୍ଦନଟି ଦ୍ୱାରା ପ୍ରଭାବିତ ହୋଇଯାଉ; ଯଦି ସେହି ସ୍ପନ୍ଦନରେ ଏକ ତୀବ୍ରତା ରହିଥାଏ, ତେବେ ବିଶେଷ ଭାବରେ ସେହି ସଂକ୍ରମଣଟି ଘଟିଥାଏ । ତେଣୁ, ବର୍ତ୍ତମାନ ଏହି କଥାଟି ଅତ୍ୟନ୍ତ ସହଜରେ ବୁଝିହେବ ଯେ, ଯେଉଁ ବ୍ୟକ୍ତି ନିଜ ଚାରିପାଖରେ ଶାନ୍ତି ଏବଂ ସଦିଚ୍ଛାର ଏକ ମଣ୍ଡଳ ବହନ କରି ବିଚରଣ କରୁଥାଏ, ଗୋଟିଏ ଦୃଷ୍ଟିରୁ ଦେଖିଲେ ସେ ଅନ୍ୟମାନଙ୍କ ଉପରକୁ ମଧ୍ୟ ତା' ନିଜର ଶାନ୍ତି ଓ ସଦିଚ୍ଛାକୁ ବିସ୍ତାର

କରିଦେବାକୁ ସମର୍ଥ ହୁଏ । ଏବଂ, ଅନ୍ୟପକ୍ଷରେ, ନିଜ ଭିତରେ ରହିଥିବା ଅସୂୟା, ବିରକ୍ତିଭାବ ଓ କ୍ରୋଧ ଅନ୍ୟମାନଙ୍କ ମଧ୍ୟରେ ବି ଠିକ୍ ସେହିସବୁ ଭାବକୁ ଉଦ୍ରିକ୍ତ ଓ ଉତ୍ତେଜିତ କରି ଆଣିଥାଏ । ଏହି ରୀତିରେ ଆମେ ଅନେକ ଘଟଣାର ଅର୍ଥ ଅବଶ୍ୟ କରିପାରିବା । ଅବଶ୍ୟ ଏକଥା ମଧ୍ୟ ସତ ଯେ, ଏହା ଏହି କ୍ଷେତ୍ରରେ କଦାପି ଏକମାତ୍ର ବ୍ୟାଖ୍ୟା ନୁହେଁ ।

*୩୦ ଅକ୍ଟୋବର୍ ୧୯୩୩*

*ସ୍ନେହମୟି ମାଆ,*

*ଆଜି ସକାଳେ ପ୍ରଣାମ ସମୟରେ ମୋ' ହୃଦୟରୁ ଆପଣଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା ଉତ୍‌ସ୍ପନ୍ଦିତ ହୋଇ ଉଠିଲା : ''ବାହାରେ ଯେତେ ଯାହା ଉତ୍ତେଜନାର କାରଣ ରହିଥିଲେ ମଧ୍ୟ ଏହି ଦିନଟି ମୋତେ ଆଜି ତଥାପି ଶାନ୍ତ ରହିବାର ଏକ ସୁଯୋଗ ପ୍ରଦାନ କରୁ ।'' ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ପ୍ରାର୍ଥନାଟି ଉତ୍‌ସ୍ପନ୍ଦିତ ହୋଇ ଆସିଥିଲା ।*

ହଁ, ସେଇଟି ଏକ ଅତ୍ୟନ୍ତ ବିବେକଶୂନ୍ୟ ପ୍ରାର୍ଥନା ! ଏହାଦ୍ୱାରା ତୁମେ ସତେଯେପରି ଜାଣିଶୁଣି ନିଜ ଭିତରକୁ ଏକ ଅପ୍ରୀତିକର ଅନୁଭୂତିକୁ ଆକର୍ଷିତ କରି ଆଣୁଥିଲ ।

*(ତା'ପରେ ସାଧକ ଜଣକ ଆଉ କାହା ସହିତ ହୋଇଥିବା ତାଙ୍କର ରୋଷାନ୍ୱିତ କଥୋପକଥନ ସମ୍ପର୍କରେ ଲେଖିଥିଲେ) ଏହି ଶେଷ ବାକ୍ୟଗୁଡ଼ିକୁ ଉଚ୍ଚାରଣ କରିବା ସମୟରେ ମୁଁ ଯେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଲି, ସେଥିଲାଗି ମୁଁ ଅତ୍ୟନ୍ତ ଦୁଃଖିତ । ମୁଁ ବେଶ୍ ଦେଖିପାରୁଛି ଯେ, ମୁଁ ସଚେତନ ରହିଥିବା ସମୟରେ ମଧ୍ୟ ଯଦି ମୁଁ ମୁହଁ ଖୋଲି କଥା କହିବାକୁ ଆରମ୍ଭ କରୁଛି, ତେବେ ନିଜ ଉପରେ ଆଉ ମୋ'ର କୌଣସି ସଂଯମ ରହୁ ନାହିଁ । ଗୋଟିଏ ପରେ ଆଉଗୋଟିଏ ବାକ୍ୟ ଉଚ୍ଚାରଣ କରିବା ସହିତ ମୁଁ ଅଧିକରୁ ଅଧିକ ରାଗି ଯାଉଛି ।*

ତେଣୁ ତାହାର ଉପସଂହାର ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ : ଏଣିକି ତୁମର ମୁହଁ ଆଉ କଦାପି ନ ଖୋଲିବାହିଁ ଅଧିକ ଉଚିତ ହେବ । କେତେକ କ୍ଷେତ୍ରରେ,– ଇଏ ମଧ୍ୟ ତାହାରି ଗୋଟିଏ ଦୃଷ୍ଟାନ୍ତ – **ମୁହଁ ଖୋଲିବା** ଅପେକ୍ଷା **ମୁହଁ ବୁଲାଇ ଚାଲିଆସିବା** ଦ୍ୱାରାହିଁ ଅଧିକ ବୁଦ୍ଧିମତ୍ତାର ପରିଚୟ ମିଳିଥାଏ ।

*୩ ନଭେମ୍ବର ୧୯୩୩*

*ସ୍ନେହମୟି ମାଆ,*

*'ଖ'ଙ୍କ କୋଠରିରେ ମଝିରେ କାନ୍ଥ ଦିଆହେବା ପରି ରହିବାକୁ ଯେଉଁ ଆଲମାରିଟି ତିଆରି ହେଉଛି, ସାନ ସାନ ଟୁକୁଡ଼ା କାଠରୁ ମୁଁ ତାହାର ଥାକଗୁଡ଼ିକୁ ତିଆରି କରାଇଛି । ଏହି ଭାବରେ ପୁରୁଣା ଅନେକ କାଠପଟା କାମରେ ଲାଗିପାରିଲେ । ମାତ୍ର, ଥାକଗୁଡ଼ିକୁ ଦେଖି 'ଖ' ଭାରି ଅସନ୍ତୋଷ ପ୍ରକାଶ କଲେ ।*

ହଁ, ଏଠାରେ ତ ସମସ୍ତେ କେବଳ ଖର୍ଚ୍ଚ ହେବା ବିଷୟରେ, ଯଥାସମ୍ଭବ ଅଧିକରୁ ଅଧିକ ଖର୍ଚ୍ଚ ହେବା ବିଷୟରେ ଚିନ୍ତା କରନ୍ତି; ସଞ୍ଚିରଖିବା ଓ କୌଣସି ବସ୍ତୁକୁ ନଷ୍ଟ ହୋଇଯିବାକୁ ନ ଦେବା ବିଷୟରେ କେହି ଚିନ୍ତା କରେ ନାହିଁ । ଏହାକୁ ଅହଂଭାବନାର ବିଜୟ ବୋଲିହିଁ କୁହାଯିବ । ତୁମେ ସେମାନଙ୍କୁ ଏହି କଥାଟି ଦର୍ଶାଇଦେବ ଏବଂ କହିବ ଯେ, ଯେତେଯାହା ପୁରୁଣା ଟୁକୁରା କାଠ ରହିଛି, ସେଗୁଡ଼ିକୁ କାମରେ ଲଗାଇବା ସକାଶେ ମୁଁହିଁ ଆଦେଶ ଦେଇଥିଲି ।

*୧୩ ନଭେମ୍ବର ୧୯୩୩*

**ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ** – ''ଅରୋମେ'' (ଏକ ରନ୍ଧନଶାଳା)

ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ପଚାରି ବୁଝିବାକୁ ମୁଁ ଭୁଲିଗଲି । ରନ୍ଧନଶାଳାରେ ରନ୍ଧା ହେଉଥିବା ବାସନଗୁଡ଼ିକ ଅତ୍ୟନ୍ତ **ବଡ଼** ହୋଇଥିବାରୁ, ଚୁଲିଗୁଡ଼ିକର ଉଚ୍ଚତା ଭୂମିର ତୁଳନାରେ ଆଦୌ ଅତିରିକ୍ତ ଭାବରେ ଅଧିକ ହେବା ଉଚିତ ନୁହେଁ । ବର୍ତ୍ତମାନ ରୋଷେଇ ଘରର ମରାମତି ହେଉଛି, ତେଣୁ ଆମକୁ ଏକଥାଟି ମଧ୍ୟ ମନେ ରଖିବାକୁ ହେବ । ଚ ଚୁଲିଗୁଡ଼ିକର ଉଚ୍ଚତା ଭୂମି ତୁଳନାରେ ପଚାଶ ସେଣ୍ଟିମିଟରରୁ କଦାପି ଅଧିକ ହେବା ଉଚିତ ନୁହେଁ । ତେବେ ରନ୍ଧନପାତ୍ରଗୁଡ଼ିକୁ ଚୁଲି ଉପରକୁ ଉଠାଇବା ଓ ଚୁଲି ଉପରୁ ତଳକୁ ଆଣିବାରେ କୌଣସି ବିପଦ ରହିବ ନାହିଁ ।

*୫ ଡିସେମ୍ବର ୧୯୩୩*

*(ସାଧକ ତାଙ୍କର କର୍ମସାରଣୀଟିକୁ ମାଆଙ୍କୁ ସୂଚାଇ ଦେଇଥିଲେ) ଆପଣ ଦେଖନ୍ତୁ, ଏସବୁ ଭିତରେ ମୋତେ ଆଉ କୌଣସି ଖାଲି ସମୟ ମିଳିବ ନାହିଁ । – ସବୁଯାକ କେନ୍ଦ୍ର ବୁଲି ଦେଖିବାକୁ ମୁଁ ଏତେଟିକିଏ ସମୟ ପାଇବି ନାହିଁ । ତେବେ, ସ୍ନେହମୟି ମାଆ, ମୁଁ କ'ଣ କରିବି ? ଆପଣ ମୋତେ ସାହାଯ୍ୟ କରନ୍ତୁ ।*

ତୁମେ ଆପଣାକୁ ଶାନ୍ତ ଓ ଅଭିନିବେଶିତ କରି ରଖିବ, **କେବେହେଲେ ଅନାବଶ୍ୟକ ଭାବରେ** ଗୋଟିଏ ବାକ୍ୟ ମଧ ଉଚ୍ଚାରଣ କରିବ ନାହିଁ, ଏବଂ ଦିବ୍ୟ ସହାୟତା ଉପରେ ବିଶ୍ୱାସ ରଖିବ ।

*୧୨ ଡିସେମ୍ବର ୧୯୩୩*

*ସ୍ନେହମୟି ମାଆ,*

*ଏକ ଆଚରଣ : ତୁମେ କ୍ରମେ ବଡ଼ ପାଟିରେ କଥା କହୁଛ ବୋଲି ଦେଖିବା ମାତ୍ରକେ ତୁମେ ତତ୍‌କ୍ଷଣାତ୍ କଥା କହିବା ବନ୍ଦ କରିଦେବ; ଭିତରେ ଲୁକ୍କାୟିତ ଭାବରେ କେଉଁଠି ଯେ କ'ଣ ବିକୃତି ଘଟିଲାଣି, ସେହି ବିଷୟରେ ତୁମକୁ ସଜ୍ଞାନ କରିଦେବା ନିମନ୍ତେ ସ୍ନେହମୟୀ ମାଆଙ୍କୁ ଆବାହନ କରିବ । ସ୍ନେହମୟି ମାଆ, ଏହା ସଂପୂର୍ଣ୍ଣ ଭାବରେ ଠିକ୍ ଅଛି ତ ?*

ହଁ, ବେଶ୍ ଠିକ୍ ଅଛି ।

ଏହି ଉଲ୍ଲେଖଯୋଗ୍ୟ ଅଗ୍ରଗତି ଲାଗି ମୋ'ର ସମସ୍ତ ଶୁଭକାମନା ।

*୯ ଫେବ୍ରୁଆରି ୧୯୩୪*

*''ହୁନ୍‌ମାନଙ୍କର ରାଜା ଅଟ୍ଟିଲା ୪୩୪ ଖ୍ରୀଷ୍ଟାବ୍ଦରେ ଗଲ୍‌ରାଜୀର ସହରଗୁଡ଼ିକୁ ଆକ୍ରମଣ କରି ଧ୍ୱଂସ କରି ଦେଇଥିଲା, ମାତ୍ର ସନ୍ଥ ଜେନେଭିଭ୍ ତାକୁ ଅନ୍ୟ ଆଡ଼କୁ ବାଟ ଦେଖାଇଦେବା ଫଳରେ ଲୁଟେସିଆ ସହର ରକ୍ଷା ପାଇଗଲା ।'' ''ଅନ୍ୟ ବାଟ ଦେଖାଇଦେବା ଫଳରେ '' କଥାଟିକୁ ମୁଁ ବୁଝିପାରୁ ନାହିଁ । ସନ୍ଥ ଜେନେଭିଭ୍ କ'ଣ ତାକୁ ଅନ୍ୟ ବାଟରେ ଯିବାକୁ ଭୁଲାଇ କହିଦେଲେ ଓ ତେଣୁ ସେ ଆଉ ସହରଟିକୁ ଧ୍ୱଂସ କରି ପାରିଲା ନାହିଁ ?*

ସନ୍ଥ ଜେନେଭିଭ୍‌ଙ୍କର ଗୂଢ଼ କ୍ରିୟାଶକ୍ତି ବଳରେ ଅଟ୍ଟିଲା ଲୁଟେସିଆ ସହରକୁ ଧ୍ୱଂସ ନ କରିବା ପାଇଁ ବାଧ୍ୟ ହେଲା । ଆପଣାର ଉଦ୍ଦୀପ୍ତ ଓ ଉଚ୍ଚାଟନପୂର୍ଣ୍ଣ ପ୍ରାର୍ଥନା ଦ୍ୱାରା ସନ୍ଥ ଜେନେଭିଭ୍ ସେହି କ୍ଷେତ୍ରରେ ଦିବ୍ୟ ପରମକରୁଣାର ହସ୍ତକ୍ଷେପ ସମ୍ଭବ କରାଇ ପାରିଥିଲେ । ଏହା ଫଳରେ ଅଟ୍ଟିଲା ତା' ସୈନ୍ୟବାହିନୀର ଗତିପଥକୁ ବଦଳାଇ ଦେଲା ଓ ତେଣୁ ସହରଟି ରକ୍ଷା ପାଇଥିଲା ।

*୧୧ ଫେବ୍ରୁଆରି ୧୯୩୪*

*ସ୍ନେହମୟି ମାଆ,*

*ମୋ' ଛାତିର ଡାହାଣ ପଟେ ଏବଂ ପିଠିର ବାଆଁ ପଟେ ଗତ ତିନି ଚାରି ଦିନ ହେଲା ଭାରି ଦରଜ ହୋଇଛି । ମୁଁ ଭାବିଲି ଯେ ମୁଁ ସାହସ ରଖିବି ଏବଂ ଏ ବିଷୟରେ ଆପଣଙ୍କୁ କିଛି କହିବି ନାହିଁ । ମାତ୍ର, ଦରଜ କାଲିଠାରୁ ଆହୁରି ଅଧିକ ତୀବ୍ର ହୋଇ ପଡ଼ିଛି ।*

ମୋତେ ଏବିଷୟରେ କିଛି ନ କହିବା ଆଦୌ ଚତୁରତାର କଥା ହୋଇ ନାହିଁ । ଯଦି ସଙ୍ଗେ ସଙ୍ଗେ କହି ଦେଇଥାନ୍ତ, ତେବେ ତୁମର ଦରଜ ସଂପୂର୍ଣ୍ଣ ଭାବରେ ଚାଲିଯାଇ ସାରିଥାନ୍ତା ।

*୧୩ ଫେବ୍ରୁଆରି ୧୯୩୪*

*(ସାଧକ ସ୍ଥାନୀୟ ଫରାସୀ କର୍ମଚାରୀ ଶ୍ରୀଯୁକ୍ତ 'ଗ'ଙ୍କ ସହିତ ହୋଇଥିବା ତାଙ୍କର କଥୋପକଥନର ବର୍ଣ୍ଣନା କରିଥିଲେ । କଥୋପକଥନଟି ଏହିପରି ଭାବରେ ଶେଷ ହୋଇଥିଲା :)*

*ଶ୍ରୀଯୁକ୍ତ 'ଗ' : ମୁଁ ଶୁଣିଛି ଯେ ଶ୍ରୀଅରବିନ୍ଦ ଦୂରରୁ ଥାଇ ମଧ୍ୟ କଥାବାର୍ତ୍ତା କରି ପାରନ୍ତି । ଏକଥା ସତ କି ?*

*ସାଧକ : ସେଟା କିଛି ବଡ଼ କଥା ନୁହେଁ । ଗୁହ୍ୟ କ୍ରିୟାଶକ୍ତି ଖଟାଇବାରେ ତାଙ୍କର ଆଦୌ କୌଣସି ଆଗ୍ରହ ନାହିଁ । ଏହା ତାଙ୍କର ଲକ୍ଷ୍ୟ ନୁହେଁ ।*

*ଶ୍ରୀଯୁକ୍ତ 'ଗ' : ତଥାପି, କଲିକତାରେ ଥିବା କୌଣସି ବ୍ୟକ୍ତି ସହିତ ସେ କଥାବାର୍ତ୍ତା କରି ପାରିବେ କି ?*

*ସାଧକ : ହଁ, ପାରିବେ, ଯଦି ଅନ୍ୟ ବ୍ୟକ୍ତି ଜଣକ ଗ୍ରହଣଶୀଳ ହୋଇଥାନ୍ତି । ମନେ କରନ୍ତୁ, ମୁଁ ମୋ' କାର୍ଯ୍ୟରେ କେତେକ ଅସୁବିଧାର ସମ୍ମୁଖୀନ ହେଉଛି । ମାଆଙ୍କ ସହିତ ଯାଇ କଥାବାର୍ତ୍ତା କରିବାର କୌଣସି ସମ୍ଭାବନା ନାହିଁ । ଏବଂ ମୁଁ ନିଜେ ମଧ୍ୟ ଉତ୍ତରଟିକୁ ଖୋଜି ପାଇପାରୁ ନାହିଁ । ମୁଁ ମାଆଙ୍କଠାରେ ଆପଣାକୁ ଅଭିନିବେଶିତ କରି ରଖେ, ମୋତେ ବାଟ ଦେଖାଇବାକୁ ଓ ସମାଧାନଟି ପାଇବାକୁ ତାଙ୍କ ପାଖରେ ନିବେଦନ କରି କହେ । ଏପରି ଅନେକ ସମୟରେ ଘଟେ । ଏପରି ଅନେକ ବାର ଘଟିଛି ।*

*ଶ୍ରୀଯୁକ୍ତ 'ଗ' : ଶ୍ରୀଅରବିନ୍ଦ ପ୍ରବଚନ ଦିଅନ୍ତି ?*

*ସାଧକ : ନାଇଁ, ଆମେ ମାଆଙ୍କ ସହିତ ଧ୍ୟାନ କରୁ ।*

*ଶ୍ରୀଯୁକ୍ତ 'ଗ' : ଆପଣ କୋଉ ବିଷୟରେ ଧ୍ୟାନ କରନ୍ତି ?*

*ସାଧକ : ପ୍ରତ୍ୟେକ ବ୍ୟକ୍ତି ନିଜର ଅଭୀପ୍ସା ବିଷୟରେ ଧ୍ୟାନ କରନ୍ତି, ଏବଂ ମାଆ ମାର୍ଗଦର୍ଶନ କରାନ୍ତି । ଆମକୁ ସିଏ ବହୁ ଅଭିଜ୍ଞତା ପ୍ରଦାନ କରନ୍ତି, ନାନା ସତ୍ୟୋଦ୍‌ଘାଟନ ସମ୍ଭବ କରାନ୍ତି ।*

*ଶ୍ରୀଯୁକ୍ତ 'ଗ' : ସେମିତି କୁହନ୍ତୁ ନାହିଁ !*

*ସାଧକ : ହଁ, ଆମେ କୌଣସି ପ୍ରକାର ଦୃଷ୍ଟିଭ୍ରମ ଭିତରେ ଆଦୌ ନ ଥାଉ ।*

*ଶ୍ରୀଯୁକ୍ତ 'ଗ' : ଏହା ଯେ ଦୃଷ୍ଟିଭ୍ରମ ନୁହେଁ, ଏବିଷୟରେ ଆପଣ ନିଶ୍ଚିତ ତ ?*

*(ଉପରିଲିଖିତ ଅଧିକାଂଶ ମନ୍ତବ୍ୟକୁ ମାଆ ଲାଲ ପେନ୍‌ସିଲ୍‌ରେ ଗାର ଦେଇ ଚିହ୍ନିତ କରିଥିଲେ ।)*

ଯେଉଁ ସ୍ଥାନଗୁଡ଼ିକୁ ମୁଁ ଲାଲ୍ ପେନ୍‌ସିଲ୍‌ରେ ଗାର ଦେଇ ସୂଚିତ କରି ଦେଇଛି, ସେସବୁ କଥା ନ କହିଥିଲେ ଅଧିକ ଭଲ ହୋଇଥାନ୍ତା । ଏସବୁ ଏଭଳି ନାନା ''ଶକ୍ତି''ର ଅନ୍ତର୍ଗତ, ଯାହା ବିଷୟରେ ଆଦୌ କିଛି ନ କହିବାହିଁ ସର୍ବଦା ଅଧିକ ଉଚିତ । ଯେଉଁ ବ୍ୟକ୍ତିଙ୍କ ପାଖରେ ତୁମେ ଏକଥା ସବୁ କହୁଛ, ହୁଏତ ସେଗୁଡ଼ିକ ସେ ଆଦୌ ବୁଝି ପାରୁ ନ ଥିବେ ଏବଂ ତୁମକୁ ଦୃଷ୍ଟିଭ୍ରମ ଦ୍ୱାରା ଆକ୍ରାନ୍ତ ଜଣେ ବୋକା ବୋଲି ଭାବୁଥିବେ ଅଥବା, ସେ ହୁଏତ ବୁଝିବେ ଏବଂ ତା'ପରେ **ଅତ୍ୟନ୍ତ ଭୟଭୀତ ହୋଇ ପଡ଼ିବେ** । ଏଥିରେ ସର୍ବଦା ବିପଦ ଘଟିଥାଏ ।

ଯଦି କେହି ଶ୍ରୀଅରବିନ୍ଦଙ୍କର **ଶକ୍ତି** ବିଷୟରେ ତୁମକୁ କିଛି ପଚାରିବେ, ତେବେ ''ମୋତେ ଜଣା ନାହିଁ । ସେ ଆମକୁ ଏସବୁ ବିଷୟରେ ଆଦୌ କିଛି କହନ୍ତି ନାହିଁ'' ବୋଲି ଉତ୍ତର ଦେବା ସର୍ବଦା ଅଧିକ ଉଚିତ କଥା ହେବ ।

ଏବଂ, **ନିତାନ୍ତ ବାଧ୍ୟ ନ** ହେଲେ ମୋ'ବିଷୟରେ କିଛି କହିବ ନାହିଁ । ''କଥୋପକଥନ'' ପୁସ୍ତକରୁ ଖଣ୍ଡିଏ ଶ୍ରୀଯୁକ୍ତ 'ଗ'ଙ୍କ ପାଇଁ ମୁଁ ଡାଲାରେ ରଖି ଦେଉଛି ।

*୨୭ ମାର୍ଚ୍ଚ ୧୯୩୪*

*ସ୍ନେହମୟି ମାଆ,*

*ଯେତେବେଳେ ମୁଁ କୌଣସି ଉପନ୍ୟାସ ବା ଛାପା ହୋଇଥିବା କୌଣସି କିଛି ପଢ଼େ, ମୁଁ ତାହାର ଶତକଡ଼ା ଅଶୀଭାଗ ବୁଝିପାରେ । ମାତ୍ର, ଯେତେବେଳେ କେହି କୌଣସି କଥା କହୁଥାନ୍ତି, ସେତେବେଳେ ତାଙ୍କ କଥା ବୁଝିବାକୁ ମୋ'ର*

*ଅନେକ ଅସୁବିଧା ହୁଏ । ପ୍ରାୟ ଅଧେ ଅଂଶ ସହିତ ମୋ'ର କୌଣସି ଖିଅ ରହେ ନାହିଁ ।*

ତାହାର କ'ଣ ଏହି ଅର୍ଥ ହେବ ଯେ, ଶ୍ରୀଯୁକ୍ତ 'ଗ'ଙ୍କ ସହିତ ହୋଇଥିବା ତୁମର କଥୋପକଥନ ପ୍ରକୃତରେ ଆଦୌ ଠିକ୍ ଭାବରେ ଲେଖା ହୋଇ ନାହିଁ ? ତେବେ ତାହା ଏକ ଅତ୍ୟନ୍ତ ଗମ୍ଭୀର ବିଷୟ; ସେ ଯଦି କୌଣସି କଥା କହି ନ ଥିବେ, ତେବେ ସେହି କଥାଗୁଡ଼ିକୁ ତୁମେ କଦାପି ସିଏ କହିଛନ୍ତି ବୋଲି ଚଳାଇ ଦେଇ ପାରିବ ନାହିଁ । ଯାହା ଶୁଣିଥିବ, କେବଳ ତାହାହିଁ କହିବ । ଏବଂ, ଯେଉଁଠି କୌଣସି ସନ୍ଦେହ ଥିବ, ତୁମେ ସେକଥା ମଧ୍ୟ ଅବଶ୍ୟ କହିବ ।

*୨ ଏପ୍ରିଲ୍ ୧୯୩୪*

*ସ୍ନେହମୟି ମାଆ,*

*ଏକ ପ୍ରାର୍ଥନା : ସ୍ନେହମୟୀ ମାଆଙ୍କଠାରୁ ଏକ ଆରୋଗ୍ୟବିଧାନକାରୀ ଏବଂ ସାନ୍ତ୍ୱନାଦାୟୀ ଚୁମ୍ବନ ଲାଭ କରିବାର ଅମୋଘ ଉପାୟ ଆପଣ ମୋତେ ଶିଖାଇ ଦିଅନ୍ତୁ ।*

ମୋ' ସ୍ନେହର ଏକ ବାଲ୍ୟ ସଙ୍କେତ ତୁମେ କାହିଁକି ଆବଶ୍ୟକ କରୁଛ ? ସେହି ସ୍ନେହ ଯେ ଅତ୍ୟନ୍ତ ନିଶ୍ଚିତ ଭାବରେ ରହିଛି ସେତିକି ଜାଣି କ'ଣ ତୁମେ ସନ୍ତୁଷ୍ଟ ହୋଇପାରୁ ନାହଁ ?

*୧୬ ଏପ୍ରିଲ୍ ୧୯୩୪*

*ସ୍ନେହମୟି ମାଆ,*

*'କ' ଙ୍କ ଠାରୁ ଯେ ମୋର ବହୁତକିଛି ଶିକ୍ଷା କରିବାର ଅଛି, ମୁଁ ତାହା ସ୍ୱୀକାର କରୁଛି । 'କ' ଙ୍କ ମଧ୍ୟରେ ମୁଁ ସ୍ନେହମୟୀ ମାଆଙ୍କ ପାଖରେହିଁ ପ୍ରଣତି ଜଣାଉଛି । ଆମର ସମ୍ବନ୍ଧକୁ ଆପଣ ଏପରି ଭାବରେ ଗଠିତ କରି ଆଣନ୍ତୁ, ଯେପରିକି ତଦ୍ୱାରା ମୁଁ ଉପକୃତ ହୋଇ ପାରିବି ଏବଂ ଆପଣଙ୍କୁ ମଧ୍ୟ ଜାଣିପାରିବି ।*

ମୁଁ ଏହି ଦୃଷ୍ଟିକୋଣ ଏବଂ ଏହି ଉଦ୍ୟମଟିର ପ୍ରଶଂସା କରୁଛି । ଏହା ତୁମ ଅଭୀପ୍ସା ମଧ୍ୟରେ ରହିଥିବା ଆନ୍ତରିକତାକୁହିଁ ପ୍ରତିପାଦନ କରୁଛି । ମାତ୍ର, ମୁଁ ଆଦୌ ସେହି ନିର୍ଦ୍ଦିଷ୍ଟ କଥାଟିକୁ ମନରେ ଭାବି ନ ଥିଲି,— ମୁଁ ଅପେକ୍ଷାକୃତ ଅଧିକ ସାଧାରଣ ଭାବରେ କଥାଟିକୁ କହିଥିଲି ।

ତୁମେମାନେ **ସମସ୍ତେ**, ପରସ୍ପର ଭିତରେ ରହିଥିବା ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ, ତୁମମାନଙ୍କର ବହୁତ କିଛି ବଦଳିବାକୁ ରହିଛି, ବହୁତ କିଛି ଶିକ୍ଷା କରିବାକୁ ରହିଛି ।

*୨୦ ଏପ୍ରିଲ୍ ୧୯୩୪*

ମନେ ହେଉଛି ଯେ ଛୁଟିଗୁଡ଼ିକ ସମ୍ବନ୍ଧରେ ବିଜ୍ଞପ୍ତିଟିକୁ କେବଳ ଫରାସୀ ଭାଷାରେ ଲେଖି ସଂଚାରିତ କରାଯାଇଛି । ତୁମର ଏପରି କରିବାକୁ ମୁଁ ଉଚିତ ବୋଲି ଭାବୁ ନାହିଁ, କାରଣ, ଏପରି କଲେ, ତାହା ନିବାସନିର୍ମାଣ ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ଫରାସୀଭାଷା ଶିକ୍ଷା କରିବା ପାଇଁ ବାଧ କରିବା ଭଳି ହେବ । ଏହା ଆଦୌ ସମ୍ଭବ ନୁହେଁ ।

ଉଦାହରଣ ସ୍ୱରୂପ, ଫରାସୀ ଭାଷା ଶିକ୍ଷା କରିବା କ'ଣ ଅପରିହାର୍ଯ୍ୟ ବୋଲି ମୋତେ ଏକଥା 'ଖ' ପଚାରିଥିଲେ ଏବଂ ମୁଁ ତାଙ୍କୁ ନାହିଁ ବୋଲି କହିଥିଲି । ଅନ୍ୟମାନଙ୍କ ସ୍ଥିତି ମଧ୍ୟ ଠିକ୍ ସେହିପରି । ମୋ'ମତରେ ତୁମେ ଫରାସୀ ସହିତ ଏକ ଇଂରାଜୀ ଅନୁବାଦ ମଧ୍ୟ ରଖିଥିବ ଏବଂ ଦୁଇଟିଯାକ ଏକାଠି ସଂଚାରିତ ହେବ ।

*୪ ମଇ ୧୯୩୪*

ସନ୍ଧ୍ୟା ଛଅଟାରୁ ସାତଟା ପର୍ଯ୍ୟନ୍ତ ଯେଉଁ ଅଧିକ କାମ ହେଉଛି, ସେଥିଲାଗି ଦୁଇଗୁଣ ପାରିଶ୍ରମିକ ଦିଆଯିବ କି ନାହିଁ, 'ଗ' ମୋତେ ସେ ବିଷୟରେ ପଚାରିଛନ୍ତି । ମୁଁ ହଁ ବୋଲି କହିଛି । କାରଣ, ତୁମକୁ ନିଶ୍ଚିତ ଭାବରେ ଜାଣିରଖିବାକୁ ହେବ ଯେ, ଫ୍ରାନ୍ସ ଅଧିକା ପ୍ରତ୍ୟେକ ଘଣ୍ଟା କାର୍ଯ୍ୟ ପାଇଁ ଦୁଇଗୁଣ ପାରିଶ୍ରମିକ ଦିଆଯାଏ । ଏବଂ, ଏହା ଯୁକ୍ତିଯୁକ୍ତ ବୋଲି ମନେହେଉଛି ।

*୪ ମଇ ୧୯୩୪*

*ସ୍ନେହମୟି ମାଆ,*

*ମୋ'ର ଏକ ସ୍ୱୀକାରୋକ୍ତି କରିବାର ଅଛି । ମୋ'ର ମୁଣ୍ଡ ଭିତରଟା ନାନା ପ୍ରକାରର ବିରୋଧ ଏବଂ ସଂଶୟରେ ଭର୍ତ୍ତି ହୋଇ ରହିଛି । ଏହି ଆକ୍ରମଣ ବିରୋଧରେ ମୁଁ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିଛି, ତଥାପି ଶାନ୍ତି ପାଇ ନାହିଁ ।*

*କାଲି ରାତିରେ ମୁଁ ଏକ ଉଦ୍ୟମ କରିଥିଲି । ଆମ ପ୍ରକଳ୍ପଟି ପାଇଁ କେତେ ଖର୍ଚ୍ଚ ହେବ ଏବଂ କେତେଜଣ ଶ୍ରମିକ ଦରକାର ହେବେ, ସେହି ବିଷୟରେ ଏକ ଅଟକଳ ପ୍ରସ୍ତୁତ କରିଥିଲି । ମୋ'ର କ୍ଷୁଦ୍ର ଓ ସୀମିତ ଦୂରଦୃଷ୍ଟିକୁ ପ୍ରୟୋଗ କରି ମୁଁ ତାହା ପ୍ରସ୍ତୁତ କରିଥିଲି । ମୋତେ ଗୋଟାସୁଦ୍ଧା ନିରୁତ୍ସାହିତ ବୋଧ ହେଲା । ମୋ'ର କ'ଣ କରିବା ଉଚିତ କହିଲେ ?*

ଏହିସବୁ ବିଷୟରେ ଅତ୍ୟନ୍ତ ଯତ୍ନର ସହିତ ବିଚାର କରାଯିବା ଆବଶ୍ୟକ । କୌଣସି ଖେଳ ବିଷୟରେ ଅଥବା ଫରାସୀ ଭାଷାର ଉଚ୍ଚାରଣ ବିଷୟରେ ଯେପରି ହାଲୁକା ଭାବରେ ଆଲୋଚନା କରାଯାଏ, ଆଦୌ ସେପରି ନୁହେଁ ।

ଯେତେବେଳେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇଯିବ, ଯେତେବେଳେ ତୁମେ ସବୁକିଛି ହିସାବ କରି ଠିକ୍ କରିବ ଓ ମୋ' ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ପାରିବ, ସେତେବେଳେ କେବଳ 'କ'ଙ୍କ ସହିତ ମୁଁ ତୁମକୁ ମୁଁ ମୋର କ୍ଷୁଦ୍ର କୋଠରିଟିକୁ ଡାକିବି । ଏବଂ ଆମେ ଅତ୍ୟନ୍ତ ସ୍ଥିର ଭାବରେ ବ୍ୟାପାରଟିର ଆଲୋଚନା କରିବା । ଏତେଟିକିଏ ପ୍ରତିକୂଳ ପରିସ୍ଥିତି ଆସି ପହଞ୍ଚିବା ମାତ୍ରକେ **ନିଜର ସାହସ ଓ ଆତ୍ମବିଶ୍ୱାସ ନ ହରାଇବା ପାଇଁ ତୁମେ କେବେ ଶିକ୍ଷା କରିବ** ? ପ୍ରଧାନତଃ **ମୋ କାରଣରୁ,** ତୁମେ ଆଗରୁ ଯେପରି ଯୋଜନା କରିଥିଲ, ତାହା ଠିକ୍ ସେହିପରି ରହିଲା ନାହିଁ ବୋଲି ନିରାଶ ନ ହେବାକୁ ତୁମେ କେବେ ଶିକ୍ଷା କରିବ ? ମୁଁ ଭାବୁଛି, ଆଉ କୌଣସି କାଳ ବିଳମ୍ବ ନ କରି ତୁମର ତାହା ଶିକ୍ଷା କରିବା ଉଚିତ । ଏବଂ, ମୋ'ର ମନେ ହେଉଛି ତୁମେ ମୋତେ ଅତି କମ୍ ମାନ୍ୟତା ଦେଉଛ; ଜଣେ ସାଧାରଣ ଗୃହନିର୍ମାଣ-କଣ୍ଟ୍ରାକ୍ଟରକୁ ଯେତିକି ମାନ୍ୟତା ଦେବାର କଥା, ମୋତେ ତା'ଠାରୁ ମଧ୍ୟ କମ୍ ମାନ୍ୟତା ଦେଉଛ । ତୁମେ ନିଶ୍ଚୟ ଭାବୁଛ ଯେ ଜଣେ କଣ୍ଟ୍ରାକ୍ଟର୍ ତା'ର ବିଦ୍ୟା ଓ କାମଟିକୁ ଅବଶ୍ୟ ଜାଣିଥିବ ଏବଂ ତାହାର ଅବଶ୍ୟ କିଛି ସାଧାରଣ ଜ୍ଞାନ ରହିଥିବ ।

*(ତା'ପରେ ସାଧକ ମାଆଙ୍କ ଆଗରେ ଶ୍ରମିକମାନଙ୍କ ବିଷୟରେ ଓ କାର୍ଯ୍ୟର ଯୋଜନାଟି ବିଷୟରେ ସେ ସମ୍ମୁଖୀନ ହୋଇଥିବା ଅସୁବିଧାଗୁଡ଼ିକର କେତେକ ଉଦାହରଣ ଦେଇଥିଲେ ।)*

ତୁମେ ଯାହାକିଛି କହୁଛ, ତାହା ଅବଶ୍ୟ ସତ୍ୟ । ତୁମେ ନ କହିଥିବା ଆହୁରି ଅନେକ କଥା ମଧ୍ୟ ରହିଛି । ସେଗୁଡ଼ିକ ମଧ୍ୟ ମୁଁ ଜାଣିଛି । ଅସୁବିଧାଟିକୁ ଆମେ ମୋଟାମୋଟି ଏହିପରି ବର୍ଣ୍ଣନା କରି କହିପାରିବା :

୧) ଅତିବେଶୀ ସଂଖ୍ୟାରେ ଲୋକ ରହିଛନ୍ତି ।

୨) ଆମେ ଏକାବେଳେକେ ଭିନ୍ନ ଭିନ୍ନ ଅନେକ ସଂଖ୍ୟକ କାମ ହାତକୁ ନେଇଛୁ ।

୩) ଆମର କେତେଜଣ କାର୍ଯ୍ୟନିରୀକ୍ଷକଙ୍କଠାରେ ଚେତନାର ଅଭାବ ରହିଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, କର୍ମନିରୀକ୍ଷକଙ୍କର ସଂଖ୍ୟା ବୃଦ୍ଧି କରି ଆମେ ଦ୍ୱିତୀୟ ଅସୁବିଧାଟିକୁ ଦୂର କରି ପାରିବା । ଅବଶ୍ୟ ଏକଥା ସତ ଯେ, ସେମାନେ ନିଷ୍ଠାପର ଏବଂ ସଚ୍ଚୋଟ ହୋଇଥିବେ । ତଦ୍ଦ୍ୱାରା ଆମର ତୃତୀୟ ଅସୁବିଧାଟି ମଧ୍ୟ ସମାହିତ

ହୋଇଯିବ । ମାତ୍ର, ସମ୍ଭବତଃ, ଯାବତୀୟ ପ୍ରତିକାର ମଧ୍ୟରୁ ଏଇଟିକୁ (ଅର୍ଥାତ୍, ସେମାନେ ସଚ୍ଚୋଟ ହେବେ, ନିଷ୍ଠାପର ଏବଂ ବିବେକସମ୍ପନ୍ନ ହେବେ) ହାସଲ କରିପାରିବା ସବୁଠାରୁ ଅଧିକ କଷ୍ଟକର ।

ଶ୍ରମିକମାନଙ୍କର ସଂଖ୍ୟା କମାଇ ଆଣିବା ବିଷୟରେ ଆମେ ସାଧାରଣ ଭାବରେ ବହୁବାର କଥାବାର୍ତ୍ତା କରିଛୁ । ମୁଁ ସବୁବେଳେ ଏଥିରେ ହଁ ବୋଲି କହିଛି ଏବଂ, ଏହି କ୍ଷେତ୍ରରେ ଆମର ଖର୍ଚ୍ଚକୁ ହ୍ରାସ କରାଯାଇ ପାରିଲେ ମୁଁ ପ୍ରକୃତରେ ଅତ୍ୟନ୍ତ ସୁଖୀ ହୁଅନ୍ତି ।

ମାତ୍ର, ଯେତେବେଳେ ଏହି ବିଚାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଆମେ ଟିକିନିଖି ସବୁକଥା ଭାବି ଦେଖିବାକୁ ଆରମ୍ଭ କଲୁ, ଆମେ ସର୍ବଦା ଠିକ୍ ସେହି ଗୋଟିଏ ଅସୁବିଧାର ସମ୍ମୁଖୀନ ହୋଇଥିଲୁ : ଶ୍ରମିକମାନଙ୍କ ମଧ୍ୟରୁ ଆମେ କେଉଁମାନଙ୍କୁ ବାହାର କରିଦେବା ? ଏବଂ, ତୁମେ ଦେଇଥିବା ଉତ୍ତରଗୁଡ଼ିକ ଅନୁସାରେ, ଏହି ଅସୁବିଧାଟିକୁ କଦାପି ଅତିକ୍ରମ କରି ନ ହେବା ପରି ମନେ ହୋଇଥିଲା ।

ବର୍ତ୍ତମାନ ମୁଁ ପ୍ରସ୍ତାବ କରୁଛି ଯେ, 'କ' ଗୋଟିଏ ବିଜ୍ଞପ୍ତି ଲେଖିଦେବେ, ଯାହାକୁ କି ଆମେ ସମସ୍ତଙ୍କର ଗୋଚରକୁ ଆଣିବା । ସେଥିରେ ମୋଟାମୋଟି ନିମ୍ନଲିଖିତ କଥାଗୁଡ଼ିକ ରହିବ :—

''ସ୍ଥାନୀୟ ଅଧିବାସୀମାନଙ୍କର ଅସଦିଚ୍ଛାରୁ ଅଭାବ ମୋତେ ନିବାସଗୃହ କ୍ରୟ କରିବାରୁ ବିରତ ହେବାକୁ ବାଧ କରିଛି । ତେଣୁ ସବୁ ଶ୍ରମିକଙ୍କୁ କାମରେ ନିଯୁକ୍ତ ରଖି ପାରିବା ନିମନ୍ତେ ଆଉ ଯଥେଷ୍ଟ କାମ ନାହିଁ । ଏଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ, ମାତ୍ର କେତେକ ଶ୍ରମିକଙ୍କୁ ଛଟେଇ କରିବାକୁ ମୁଁ ପ୍ରକୃତରେ ବାଧ ହେଉଛି । (ତୁମେ ସଂଖ୍ୟାଟି ଯୋଡ଼ିଦେବ) ସେମାନେ ସମସ୍ତେ ନିଷ୍ଠାର ସହିତ କଠିନ ପରିଶ୍ରମ କରୁଥିଲେ; ଫଳରେ ସେମାନଙ୍କ ଭିତରୁ କାହାକୁ ରଖାଯିବ ଓ କାହାକୁ ନ ରଖାଯିବ, ସେବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରିବା ମୋ' ପକ୍ଷରେ ଆହୁରି କଷ୍ଟକର ହୋଇପଡ଼ିଛି । ତେଣୁ ମୁଁ ସେମାନଙ୍କୁ ତିନି ସପ୍ତାହ ପୂର୍ବରୁ କଥାଟି ଜଣାଇ ଦେଉଛି : ଜୁଲାଇ ପହିଲାଠାରୁ କାମ କରୁଥିବା ଲୋକଙ୍କ ସଂଖ୍ୟା ... ଙ୍କୁ କମାଇ ଦିଆଯିବ । (ତୁମେ ନିର୍ଭୁଲ ଭାବରେ କେତେ କମାଯିବ, ସେହି ସଂଖ୍ୟାଟି ଲେଖିଦେବ ।) ତଦ୍ୱାରା ସେମାନେ ଅନ୍ୟତ୍ର କାମ ଖୋଜିବା ଲାଗି ସମୟ ପାଇ ପାରିବେ । ଯେଉଁମାନେ କାମ ପାଇବେ, ସେମାନେ ଆମକୁ ଅବଶ୍ୟ ଜଣାଇବେ ।''

ବିଜ୍ଞପ୍ତିଟିକୁ ଦେବା ପୂର୍ବରୁ, ଯେଉଁ ଶ୍ରମିକମାନଙ୍କୁ (ରାଜମିସ୍ତ୍ରି, କାଠମିସ୍ତ୍ରି, ରଙ୍ଗମିସ୍ତ୍ରି, କୁଲି ଇତ୍ୟାଦି) ତୁମେ ଯେଉଁମାନଙ୍କୁ **ନିଶ୍ଚିତ ଭାବରେ ରଖିବାକୁ ଚାହୁଁଛ,** ସେମାନଙ୍କୁ ଭେଟି ତୁମେ କଥାବାର୍ତ୍ତା କରିନେବ ଏବଂ ସେମାନଙ୍କୁ କହିବ ଯେ ଯେଉଁ ବିଜ୍ଞପ୍ତି ଦିଆହେବାକୁ ଯାଉଛି, ତାହା ଆଦୌ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ଏବଂ **ଯେକୌଣସି ପରିସ୍ଥିତିରେ ମଧ୍ୟ ଆମେ ସେମାନଙ୍କୁ ଅବଶ୍ୟ ରଖିବାକୁ ଇଚ୍ଛା କରିଛୁ ।** ତେଣୁ, ସେମାନଙ୍କର

ଅନ୍ୟତ୍ର କାମ ସନ୍ଧାନ କରିବାର ଆବଶ୍ୟକତା ନାହିଁ । ଯେପରି ଆଦୌ କୌଣସି ଭୁଲ୍ ବୁଝାମଣା ନ ହୁଏ, ସେଥିଲାଗି ତୁମର ଉପସ୍ଥିତିରେ 'କ' କିଂବା 'ଖ' ସେମାନଙ୍କ ସହିତ କଥା କହିଲେ ସବୁଠାରୁ ଭଲ ହେବ ।

ଏବଂ, ଏକାବେଳେକେ ଆମେ କେତୋଟି କର୍ମଯୋଜନା ହାତକୁ ନେଇ ପାରିବା, ଜୁଲାଇ ପହିଲାଠାରୁ ସେଗୁଡ଼ିକର ସଂଖ୍ୟା କମାଇଦେବା ବିଷୟରେ ମଧ୍ୟ ଚିନ୍ତା କରିବା । ତେବେ କାମଗୁଡ଼ିକର ତତ୍ତ୍ୱାବଧାନ କରିବାର ଅସୁବିଧାଟିର ମଧ୍ୟ ସମାଧାନ ହୋଇଯିବ ।

ବର୍ତ୍ତମାନ ଏତିକି କଥାହିଁ ମୋତେ ସବୁଠାରୁ ଅଧିକ ସ୍ପଷ୍ଟ ହୋଇ ଦେଖାଯାଉଛି ।

*୫ ଜୁନ୍ ୧୯୩୪*

*ସ୍ନେହମୟି ମାଆ,*

*ଆଜି ରାତ୍ରି ପର୍ଯ୍ୟନ୍ତ ମୁଁ ଯେତେ ଦୁଃଖ ଭୋଗ କରୁଛି, ସ୍ନେହମୟୀ ମାଆଙ୍କ ପାଖରେ ରହିଥିବା ନାନା ସଙ୍କୋଚରୁହିଁ ସେଗୁଡ଼ିକ ନିଷ୍ପନ୍ନ ହୋଇଛନ୍ତି । ମୋ'ର ଏହି ନିଦାନ-ନିରୂପଣ ଠିକ୍ ନୁହେଁ କି ? ଯେବେ ଠିକ୍ ହୋଇଥାଏ, ସ୍ନେହମୟୀ ମାଆଙ୍କର କୌଣସି ବିରୋଧ ନ କରି ଓ ତାଙ୍କୁ  କୌଣସି ପ୍ରକାର ଅଡୁଆରେ ପକାଉଛି ବୋଲି ପ୍ରତୀତ ନ ହୋଇ ମୁଁ କିପରି ଏହି ଯାବତୀୟ ସଙ୍କୋଚରୁ ମୁକ୍ତ ହୋଇ ପାରିବି ?*

ଗୋଟିଏ କ୍ଷୁଦ୍ର କାହାଣୀ କହି ମୁଁ ମୋ'ର କଥା ଆରମ୍ଭ କରିବି । ତା'ପରେ ତୁମ ପ୍ରଶ୍ନଟିର ଉତ୍ତର ଦେବି ।

ଥରେ ଚାବି ଦେଲେ ଛଅମାସ ପର୍ଯ୍ୟନ୍ତ ଚାଲୁଥିବା ନୂଆ ଘଣ୍ଟାଟିକୁ ତୁମେ ନିଶ୍ଚୟ ଦେଖିଥିବ । ଯେତେବେଳେ ସେଥିରେ ପ୍ରଥମଥର ପାଇଁ ଚାବି ଦିଆଗଲା, ସେତେବେଳେ ତାହା ଖୁବ୍ ଶୀଘ୍ର ଚାଲିଲା । ଏହାକୁ କିପରି ଉଚିତ ବେଗରେ ରଖାଯାଇ ପାରିବ, 'ଗ' ତାହା ବାହାର କରିବାକୁ ଚେଷ୍ଟା କଲେ ଏବଂ ତା'ଭିତରେ ଗୋଟିଏ ପେଚ ପରି ପଦାର୍ଥ ଆବିଷ୍କାର କଲେ, ଯାହାଦ୍ୱାରାକି ଘଡ଼ିର ପେଣ୍ଡୁଲମ୍‌କୁ ଲମ୍ବ ବା ଛୋଟ କରାଯାଇ ପାରିବ । ଘଡ଼ିଟିକୁ ମୁଁ ମୋ' **ଅନ୍ତର୍ଦୃଷ୍ଟି** ଦ୍ୱାରା ଚାହିଁ ଦେଖିଥିଲି ଏବଂ 'ଗ' ଙ୍କୁ କହିଲି, ''ଘଡ଼ିର ବେଗ ହ୍ରାସ କରିବାକୁ ହେଲେ ତୁମକୁ ପେଣ୍ଡୁଲମ୍‌ଟିକୁ ସାନ କରିଦେବାକୁ ପଡ଼ିବ । ''ସେ କିଛି ବୁଝି ନ ପାରିଲା ପରି ମୋ' ଆଡ଼େ ଅନାଇଲେ ଏବଂ ବୁଝେଇ କରି କହିଲେ ଯେ, ମେକାନିକ୍ ବିଦ୍ୟା ଅନୁସାରେ, ପେଣ୍ଡୁଲମ୍‌ଟିକୁ ଯେତିକି ଲମ୍ବା କରାଯିବ, ତାହାର ଗତି ସେତେ ଅଧିକ ଧୀର ହୋଇଯିବ । (ମୁଁ ଭଲ କରି ସେକଥା ଜାଣିଥିଲି । ମାତ୍ର ଏଇଟି

ସାଧାରଣ ପେଣ୍ଡୁଲମ୍ ନ ଥିଲା ଏବଂ ଘୂର୍ଣ୍ଣକ ଗତିରେ କାର୍ଯ୍ୟ କରୁଥିଲା ।) ସବୁଥର ପରି ମୁଁ ଉତ୍ତର ଦେଇ କହିଲି, ‘‘ଆଚ୍ଛା, ତେବେ ତୁମେ ଯାହା ସର୍ବୋତ୍ତମ ବୋଲି ବିଚାର କରିବ, ତାହା କରିବ ।’’ ସିଏ ପେଣ୍ଡୁଲମ୍‌ଟିକୁ ଅଧିକ ଲମ୍ବ କରିଦେଲେ ଓ ଘଡ଼ିଟି ଆହୁରି ଅଧିକ ବେଗରେ ଚାଲିବାକୁ ଲାଗିଲା । ଦିନକ ପାଇଁ ଘଡ଼ିଟିକୁ ଲକ୍ଷ୍ୟ କରି ସାରିବା ପରେ, ସିଏ ପେଣ୍ଡୁଲମ୍‌ଟିକୁ ସାନ କରିଦେବାକୁ ରାଜି ହେଲେ ଏବଂ ତା’ପରେ ଘଡ଼ିଟି ସଂପୂର୍ଣ୍ଣ ଠିକ୍ ଭାବରେ ଚାଲିବାରେ ଲାଗିଛି ।

ବାହ୍ୟ ଦୃଷ୍ଟି ଅପେକ୍ଷା ଅନ୍ତର୍ଦୃଷ୍ଟିର ଅଧିକ ଫଳପ୍ରଦତା ରହିଛି ବୋଲି ମୁଁ ବିଶ୍ୱାସ କରେ । ମୋର ଏହି ବିଶ୍ୱାସ କେବଳ ସୈଦ୍ଧାନ୍ତିକ ଜ୍ଞାନ ଉପରେ ପ୍ରତିଷ୍ଠିତ ନୁହେଁ, ମାତ୍ର ମୋର ଏହି ଦୀର୍ଘ ଜୀବନକାଳରେ ମୁଁ ଦେଖି ଆସିଥିବା ହଜାର ହଜାର ଉଦାହରଣ କରୁ ମୋତେ ସେହି କଥାର ପ୍ରମାଣ ମିଳିଛି । ଦୁର୍ଭାଗ୍ୟବଶତଃ ମୋ’ର ଚତୁର୍ଦିଗରେ ଏଭଳି ବ୍ୟକ୍ତିମାନେ ରହିଛନ୍ତି, ଯେଉଁମାନେ କି, ଏଠାରେ ଯୋଗ ସାଧନା କରିବାକୁ ରହିଥିଲେହେଁ, ଆମେ ଫରାସୀ ଭାଷାରେ କହିଲା ଭଳି ତଥାପି ‘‘ବିଲେଇ କେବଳ ବିଲେଇଟିଏ’’ ଉପରେ ଏପର୍ଯ୍ୟନ୍ତ ବିଶ୍ୱାସ ରଖିଛନ୍ତି । ସେମାନେ ଦୃଢ଼ ଭାବରେ ବିଶ୍ୱାସ କରୁଛନ୍ତି ଯେ, ଯାବତୀୟ ଦେଖିବାର ଓ ଅବଲୋକନ କରିବାର କ୍ଷେତ୍ରରେ ଆମକୁ କେବଳ ଆମର ବାହ୍ୟେନ୍ଦ୍ରିୟ ଏହି ଆଖିଦୁଇଟି ଉପରେହିଁ ନିର୍ଭର କରିବାକୁ ପଡ଼ିବ, ଯାବତୀୟ ବିଚାର ଓ ନିଷ୍ପତ୍ତିର କ୍ଷେତ୍ରରେ କେବଳ ଭୌତିକ-ମାନସିକ ଜ୍ଞାନଲାଭ ଉପରେ ନିର୍ଭର କରିବାକୁ ପଡ଼ିବ । ସେମାନେ ପ୍ରକୃତିର ନିୟମଗୁଡ଼ିକୁହିଁ **ଯଥାର୍ଥ ନିୟମ** ବୋଲି ବିଶ୍ୱାସ କରନ୍ତି । ଅନ୍ୟ ଭାଷାରେ କହିଲେ, ଏହା ବ୍ୟତୀତ ଯାବତୀୟ ବ୍ୟତିକ୍ରମକୁ ସେମାନେ ଏକ ଅଲୌକିକ ଘଟଣା ବୋଲିହିଁ ମନେ କରନ୍ତି । ଏହା ଏକ ମିଥ୍ୟା ବିଶ୍ୱାସ ।

ଏହାହିଁ ଯାବତୀୟ ଭୁଲ୍ ବୁଝିବା ଏବଂ ଯାବତୀୟ ସଙ୍କୋଚର ମୂଳରେ ରହିଥାଏ । ତୁମେ ତ ପୂର୍ବରୁ ମଧ୍ୟ ଜାଣିଛ ଏବଂ ତୁମର ସ୍ମରଣ କରାଇ ଦେବାଲାଗି ମୁଁ ସେହି କଥାଟିକୁ ପୁନର୍ବାର କହୁଛି ଯେ, ସଙ୍କୋଚ ଏବଂ ସନ୍ଦେହର ଭାବନା ନେଇ କରା ଯାଉଥିବା ପ୍ରୟୋଗ କଦାପି ଯଥାର୍ଥ ପ୍ରୟୋଗ ନୁହେଁ । ଏହି ସବୁ ସନ୍ଦେହକୁ ଯଥାର୍ଥ ବୋଲି ପ୍ରତିପାଦିତ କରିଦେବା ଲାଗି ବାହାରର ପରିସ୍ଥିତିମାନେ ସର୍ବଦାହିଁ ଷଡ଼ଯନ୍ତ୍ର କରୁଥିବେ ଏବଂ, ସେମାନେ ଯେ ସେଭଳି କରୁଥିବେ, ଆମେ ତାହାର କାରଣଟିକୁ ଅତ୍ୟନ୍ତ ସହଜରେ ମଧ୍ୟ ବୁଝିପାରିବା । ସନ୍ଦେହ ଚେତନାକୁ ଏକ ଆବରଣ ଦ୍ୱାରା ଘୋଡ଼ାଇ ପକାଏ, ଅବଚେତନ ଆନ୍ତରିକତାକୁ ମଧ୍ୟ ତାହା ଘୋଡ଼ାଇ ପକାଏ ଏବଂ, ଆମର କର୍ମ ମଧ୍ୟକୁ ଏପରି ନାନା କ୍ଷୁଦ୍ର ଉପାଦାନମାନ ପଶି ଆସନ୍ତି, ଯାହାର ଆଦୌ କୌଣସି ମହତ୍ତ୍ୱ ନ ଥିବା ପରି ମନେ ହେଉଥାଏ ସତ, ମାତ୍ର, ସମସ୍ୟାଟିର ଯାବତୀୟ ଉପାଦାନକୁ ବଦଳାଇ ଦେବା ଲାଗି ଏବଂ, ସନ୍ଦେହ

ଦ୍ୱାରା ଆମେ ପରିଣାମଟି ଯେଉଁଭଳି ହେବ ବୋଲି ଆଶଙ୍କା କରିଥିଲୁ, ସେହି ପରିଣାମଟିକୁ ଫଳାଇବା ଲାଗି ଯଥେଷ୍ଟ ହୋଇ ଯାଆନ୍ତି ।

କେବଳ ଏତିକି ବ୍ୟତୀତ ମୋ'ର ଆଉ ଅଧିକ କିଛି କହିବାକୁ ନାହିଁ । ଯେତେବେଳେ 'କ'ଙ୍କର କୋଠରିରେ ରଙ୍ଗ ଦେବାର ପ୍ରଶ୍ନ ଉଠିଲା, ସେତେବେଳେ ମୁଁ ମୋ'ର ଅନ୍ତର୍ଚକ୍ଷୁ ଦ୍ୱାରା ଅତ୍ୟନ୍ତ ଯତ୍ନର ସହିତ କଥାଟି ଉପରେ ଦୃଷ୍ଟିପାତ କରିଥିଲି ଏବଂ ଏହିଭଳି ଦେଖିଥିଲି : ଏକ ଧାତୁନିର୍ମିତ ବୁରୁଶ୍ ଦ୍ୱାରା କାନ୍ଥଗୁଡ଼ିକୁ ପ୍ରଥମେ ଝାଡ଼ି ଦିଆଯିବ, ଯେପରିକି ଯାହାକିଛି ଖସି ଆସିବାଭଳି ରହିଥିବ, ସେହି ସବୁକିଛି କାନ୍ଥ ଉପରୁ ଖସିଆସିବ ଏବଂ ତା'ପରେ ଯାହାକିଛି ରହିବ, ତା'ଉପରେ ବହଳ କରି ରଙ୍ଗ ଦେଇ ଦିଆଯିବ, ଯେପରିକି ଅତ୍ୟନ୍ତ ବହଳିଆ ହେବା ଫଳରେ କାନ୍ଥ ଉପରେ କୌଣସି ଜାଗାରେ ଆଉ ଖାବଖାବଡ଼ିଆ ଦେଖାଯିବ ନାହିଁ । ଏହିପରି କଲେ ତାହା ଅତ୍ୟନ୍ତ ସରଳ ଓ ସନ୍ତୋଷଜନକ ହେବ ଏବଂ ତାହାକୁ ଶୀଘ୍ର କରାଯାଇ ପାରିବ ବୋଲି ମନେ ହୋଇଥିଲା । ଏହି କାର୍ଯ୍ୟଟି ଯେପରି ଫଳପ୍ରଦ ଭାବରେ ସମ୍ପନ୍ନ ହୋଇ ପାରିବ, ସେଥିଲାଗି ମୁଁ ତାହାରି ଉପରେ ଆବଶ୍ୟକ ଯାବତୀୟ ଶକ୍ତିକୁ ଆଣି ଠୁଳ କରିଥିଲି ଏବଂ କାର୍ଯ୍ୟଟିକୁ ଆରମ୍ଭ କରାଯାଉ ବୋଲି କହିଥିଲି । କାର୍ଯ୍ୟଟିକୁ କିପରି କରିବାକୁ ହେବ, ସେହି ବିଷୟରେ ଆଉ କେତୋଟି କଥା ମଧ୍ୟ କହିଦେଇଥିଲି । (ଏହା ଅନେକ ଦିନ ତଳର କଥା – ଯେତେବେଳେ ପ୍ରଥମଥର ପାଇଁ 'କ'ଙ୍କର କୋଠରିରେ ରଙ୍ଗ ଦେବା ନିମନ୍ତେ, ନିଷ୍ପତ୍ତି ହୋଇଥିଲା, ସମ୍ଭବତଃ ବର୍ଷେକରୁ ଆହୁରି ଅଧିକ ହେବ ।) ମୋ'ର କଳ୍ପନାଟି ଏତେ ଜୀବନ୍ତ, ବାସ୍ତବ ଓ ସକ୍ରିୟ ଲାଗୁଥିଲା ଯେ, କାର୍ଯ୍ୟଟି ଆରମ୍ଭ କରାଯିବା ପୂର୍ବରୁ ମୁଁ ଏହି ବିଷୟରେ ତୁମକୁ ସ୍ମରଣ କରାଇ ଦେଇ ନ ଥିଲି ଏବଂ ତଦ୍ୱାରା ଏକ ଭୁଲ୍ କରି ପକାଇଲି । ଦୁର୍ଭାଗ୍ୟବଶତଃ, ମୋ'ର ସର୍ବଦା ଏଭଳି ବିଶ୍ୱାସ କରିବାର ଏକ ପ୍ରବୃତ୍ତି ରହିଯାଇଛି ଯେ, ଯେଉଁମାନେ ମୋ' ଚାରିପାଖରେ ରହିଛନ୍ତି, ସେମାନଙ୍କର ଚେତନା ଅନ୍ତତଃ ଆଂଶିକ ଭାବରେ ଓ ଏହାର ସୀମାବଦ୍ଧ କାର୍ଯ୍ୟକାରିତାର କ୍ଷେତ୍ରରେ ନିଶ୍ଚୟ ମୋ'ରି ଚେତନା ପରି ହୋଇଥିବ । କଥାଟିକୁ ମୁଁ ଟିକିଏ ବୁଝାଇ କରି କହିଦିଏଁ । ମୁଁ ଜାଣେ ଯେ, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ମୋ' ଚେତନା ତୁଳନାରେ ଏକ ଅତ୍ୟନ୍ତ କ୍ଷୁଦ୍ରାୟତନ ଏବଂ ସୀମାବଦ୍ଧ ଚେତନା ରହିଛି; ମାତ୍ର, ସେହି ସୀମାଗୁଡ଼ିକ ମଧ୍ୟରେ ରହିଥିବା ଚେତନା ବିଷୟରେ ମୁଁ ସର୍ବଦା ଭ୍ରମ କରି ପକାଏ ଯେ, ତାହାର **ସ୍ୱଭାବ** ନିଶ୍ଚୟ ମୋ' ଚେତନାର ସ୍ୱଭାବ ପରିହିଁ ହୋଇଥିବ । ସେହି କାରଣରୁ ମୁଁ ଅନେକ-ସମୟରେ ଅନେକ କଥା ମୋତେ କୁହେ ନାହିଁ; କାରଣ ମୋ'ଲାଗି ସେଗୁଡ଼ିକ ଏତେ **ସୁସ୍ପଷ୍ଟ** ହୋଇ ରହିଥାନ୍ତି ଯେ, ସେଗୁଡ଼ିକର ଉଲ୍ଲେଖ କରିବା ଲାଗି ଆଉ କୌଣସି ପ୍ରୟୋଜନ ନ ଥାଏ । ଠିକ୍ ଏହି କ୍ଷେତ୍ରରେହିଁ, ମୋର ତୁମମାନଙ୍କ ଉପରେ ଏହି

ସ୍ନେହପୂର୍ଣ୍ଣ ବିଶ୍ୱାସସ୍ଥାପନ ଫଳରେ, ତୁମମାନଙ୍କଠାରେ ମଧ୍ୟ କର୍ମ କରିବାର ଏବଂ କଥା କହିବାର ଏକ ସ୍ୱାଧୀନତା ଅବଶ୍ୟ ରହିଥିବା ଉଚିତ । ଯଦି କୌଣସି ବିଷୟରେ ତୁମ ମନରେ ପୂର୍ଣ୍ଣ ନିଶ୍ଚୟତା ନ ଥିବ, ତେବେ ତୁମେ ସେବିଷୟରେ ମୋତେ ଅବଶ୍ୟ ପଚାରିବ । ଯଦି ତୁମେ **ମୋ'ର ଅଭିପ୍ରାୟଟିକୁ ଯଥେଷ୍ଟ ସ୍ପଷ୍ଟ ଭାବରେ ବୁଝି ପାରୁ ନ ଥିବ;** ତେବେ ସେବିଷୟରେ ଅବଶ୍ୟ ଅନୁସନ୍ଧାନ କରିବ । ମୋ'ର ଧାରଣାଟିକୁ ନିର୍ଭୁଲ୍ ଭାବରେ ବୁଝି ପାରୁ ନ ଥିଲେ ମୋତେ ବୁଝାଇ ଦେବାକୁ ଅବଶ୍ୟ ଆସି କହିବ । ମୁଁ ସେକଥା କରେ ନାହିଁ, କାରଣ ମୁଁ ଭାବେ ଯେ ମୋ' ଯୋଜନା ଓ କଳ୍ପନାଟି ସମ୍ବନ୍ଧରେ ତୁମେ ନିଶ୍ଚୟ ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ଥିବ ଏବଂ ମୋ' କହିବାକୁ କୌଣସି ଅପେକ୍ଷା ନ ରଖି ସେଇଟିକୁ କାର୍ଯ୍ୟକାରୀ କରିପାରିବ । ବସ୍ତୁତଃ ଅଧିକାଂଶ ସମୟରେ ଏହାହିଁ ଘଟିଥାଏ;– କେବଳ ଯେତେବେଳେ କୌଣସି କାରଣରୁ ମନ ଓ ପ୍ରାଣିକ ସତ୍ତା ମଝିରେ ଆସି ବାଧା ହୋଇ ଛିଡ଼ା ହୁଅନ୍ତି, ସେତେବେଳେ ଯାଇ କାର୍ଯ୍ୟ କରିବାର କ୍ଷେତ୍ରରେ ପ୍ରମାଦ ପହଞ୍ଚିଯାଏ ।

ତୁମେ ଏହିଟିକୁ ଯତ୍ନର ସହିତ ପାଠ କରିବ, ଅଧ୍ୟୟନ କରିବ ଏବଂ, ଯେତେବେଳେ ତୁମେ ଆଜି ମୋ' ପାଖକୁ ଆସିବ, ସେତେବେଳେ ମୁଁ ନାଲି ଗୁଣନଚିହ୍ନ ଦେଇ ସୂଚାଇ ଦେଇଥିବା ସ୍ଥାନଠାରୁ ତୁମକୁ ପୁନର୍ବାର ପାଠ କରିବାକୁ କହିବି । କାରଣ, ମୁଁ ଭାବୁଛି, ଏହାଦ୍ୱାରା ସେଠାରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଲାଗି ତାହା ଉପଯୋଗୀ ହୋଇପାରିବ । ଏଇଟିକୁ ଇଂରାଜୀରେ ଅନୁବାଦ କରିଦେବାକୁ ମୁଁ ସମ୍ଭବତଃ ତୁମକୁ କହିବି; ତୁମେ ଯେ ନିଶ୍ଚିତ ଭାବରେ ସବୁକଥା ବୁଝିପାରିଛ, ସେଥିରୁ ତାହା ପ୍ରମାଣିତ ହୋଇଯିବ ।

ତୁମ ଭିତରେ ଶାନ୍ତି ବିରାଜମାନ କରୁ – ତୁମକୁ ମୁଁ ଆଶୀର୍ବାଦ କରୁଛି ।

*୭ ଜୁନ୍ ୧୯୩୪*

*ସ୍ନେହମୟି ମାଆ,*

*ମୁଁ ଅତ୍ୟନ୍ତ ତୃଷାର୍ତ୍ତ, ଆପଣଙ୍କର ପ୍ରେମ ଲାଗି ଅତ୍ୟନ୍ତ ତୃଷାର୍ତ୍ତ ।*

ତୁମକୁ କେବଳ ନିଜର ହୃଦୟଟିକୁ ଖୋଲିଦେବାକୁ ହେବ । ତେବେ ତୁମ ତୃଷାର ଅବଶ୍ୟ ନିବାରଣ ହେବ; କାରଣ ପ୍ରେମର ଧାରାଟି କଦାପି ଶୁଷ୍କ ହୋଇଯାଏ ନାହିଁ ।

*୩ ଜୁଲାଇ ୧୯୩୪*

ମୋ' ଆଶୀର୍ବାଦର ସୁରକ୍ଷାଛାୟାରେ ତୁମେ ସୁଖରେ ନିଦ୍ରା ଯାଅ ଏବଂ ବିଶ୍ରାମ କର ।

*୧୧ ଜୁଲାଇ ୧୯୩୪*

*ସ୍ନେହମୟି ମାଆ,*

*ଆଜି ସକାଳେ ଆପଣ କହିଲେ ଯେ, ଯେତେବେଳେ କୌଣସି ବିପଦ ଆସି ପହଞ୍ଚିବ ବୋଲି ଲାଗୁଥାଏ, ସେତେବେଳେ କୌଣସି ନା କୌଣସି ସ୍ଥାନରେ ତାହାର ଏକ କାରଣ ଲୁକ୍କାୟିତ ହୋଇ ରହିଥାଏ ।*

ମୁଁ ଠିକ୍ ସେହି କଥା କହି ନ ଥିଲି । ମୁଁ କହିଥିଲି, ଯେତେବେଳେ ବସ୍ତୁଗୁଡ଼ିକର ସ୍ଥିତି ବିଷୟରେ ଜଣେ ବ୍ୟକ୍ତିର **ଦାୟିତ୍ୱ** ରହିଥାଏ, ସେତେବେଳେ କୌଣସି ବିପଦର ଆଶଙ୍କାକୁ ଆଦୌ ହାଲୁକା ଭାବରେ ଉଡ଼ାଇଦେବା ଉଚିତ ନୁହେଁ । ସେତେବେଳେ **''ଏହା କିଛି ନୁହେଁ''** ବୋଲି ଆଦୌ କହିବା ଉଚିତ ନୁହେଁ । ଏହା କିଛି ନୁହେଁ ବୋଲି **ଦଶଗୁଣ ନିଶ୍ଚିତ** ହୋଇ ନ ଥିବା ପର୍ଯ୍ୟନ୍ତ ଆଦୌ ଉଚିତ ନୁହେଁ ।

*୨୨ ଅଗଷ୍ଟ ୧୯୩୪*

*ସ୍ନେହମୟି ମାଆ,*

*ଭଣ୍ଡାରଗୁଡ଼ିକୁ ତନଖି ଦେଖିଲାବେଳେ ମୁଁ ଦେଖିବାକୁ ପାଇଲି ଯେ, କୌଣସି ବସ୍ତୁକୁ ଫିଙ୍ଗି ନ ଦେଇ ସବୁକିଛିକୁ ସାଇତି ରଖିବାର ନୀତିରେ ତଥାପି କିଛି ଦୋଷ ରହିଯାଉଛି । ବେଳେବେଳେ ଅନୁପଯୋଗୀ କେତେକ ଦ୍ରବ୍ୟର କୁଢ଼ ଭିତରେ ଉତ୍ତମ ଦ୍ରବ୍ୟଗୁଡ଼ିକ ନଷ୍ଟ ହୋଇ ଯାଉଛି;— କାରଣ କେହି ସେଗୁଡ଼ିକର ଯତ୍ନ ନେଉ ନାହାନ୍ତି ।*

*ଯଦି କେବଳ ଉତ୍ତମ ଦ୍ରବ୍ୟଗୁଡ଼ିକୁ ରଖା ଯାଇଥାନ୍ତା, ତେବେ ସେଗୁଡ଼ିକର ଯତ୍ନ ନେବା ଅଧିକ ସହଜ ହେଉଥାନ୍ତା । ସ୍ନେହମୟି ଜନନି, ମୋ' କଥା ଯଥାର୍ଥ ନୁହେଁ କି ?*

ହଁ, ମୁଁ ତାହାହିଁ ଭାବୁଛି । ମାତ୍ର, ସବୁଠାରୁ ବଡ଼ କଥା ହେଉଛି, ସଂଗଠନ ଏବଂ ଶୃଙ୍ଖଳାର ଅଭାବ ହେତୁ ଜିନିଷସବୁ ଏହିପରି ଭାବରେ ନଷ୍ଟ ହୋଇ ଯାଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଜିନିଷଗୁଡ଼ିକୁ ଶୃଙ୍ଖଳିତ ଭାବରେ **ଅଲଗା ଅଲଗା** କରି ରଖିବା ଲାଗି ଯଥେଷ୍ଟ ଜାଗା ନାହିଁ, ଅର୍ଥାତ୍, ଭଲ ଜିନିଷଗୁଡ଼ିକୁ ଗୋଟିଏ ପାଖରେ ଓ ମନ୍ଦ ଜିନିଷଗୁଡ଼ିକୁ ଆଉଗୋଟିଏ ପାଖରେ ରଖିବା ପାଇଁ ଯଥେଷ୍ଟ ଜାଗା ନାହିଁ, ତେବେ ଖରାପ ଜିନିଷଗୁଡ଼ିକୁ ଫୋପାଡ଼ି ଦେବା ନିଶ୍ଚୟ ଅଧିକ ଭଲ ହେବ । ମାତ୍ର, ଏହି କାର୍ଯ୍ୟଟିକୁ ମଧ୍ୟ ଅତ୍ୟନ୍ତ ଯତ୍ନର ସହିତ କରିବାକୁ ହେବ, ଯେପରିକି ଆମେ ଏହାର ଠିକ୍ ଏକାବେଳେକେ

ଓଲଟା କଥାଟିକୁ କରି ନ ପକାଉ, ଅର୍ଥାତ୍ ହୁଏତ ଉପଯୋଗୀ ହୋଇ ପାରିବା ବସ୍ତୁଗୁଡ଼ିକୁ ମଧ୍ୟ ଫୋପାଡ଼ି ନ ଦେଉ । *୨୦ ସେପ୍ଟେମ୍ବର ୧୯୩୪*

*ସ୍ନେହମୟି ମାଆ,*

*'କ' ଆଜି ସକାଳେ ମୋ' ପାଖକୁ ଜଣେ ରାଜମିସ୍ତ୍ରିକୁ ପଠାଇଲେ, ଯାହାକୁ କାମରୁ ବାହାର କରି ଦେବାଲାଗି ସେ ମୋତେ ଲିଖିତ ପରାମର୍ଶ ଦେଇଥିଲେ । ପରେ ମୁଁ 'କ'ଙ୍କ ଠାରୁ ଜାଣିବାକୁ ପାଇଲି ଯେ, ରାଜମିସ୍ତ୍ରି କରିଥିବା କୌଣସି କାର୍ଯ୍ୟରେ 'କ' ଆଦୌ ସନ୍ତୁଷ୍ଟ ନୁହନ୍ତି ବୋଲି ସେ ତାଙ୍କୁ କହିବାରୁ ରାଜମିସ୍ତ୍ରି ସେ କଥାରେ ହସି ପକାଇଥିଲା । ଏହି କ୍ଷେତ୍ରରେ ଓ ଅନୁରୂପ କ୍ଷେତ୍ରମାନଙ୍କରେ ଜଣେ ଶ୍ରମିକର ଭାଗ୍ୟ ବିଷୟରେ ଆମକୁ କିପରି ନିଷ୍ପତ୍ତି ଗ୍ରହଣ କରିବାକୁ ହେବ ?*

ଜଣେ ବ୍ୟକ୍ତି ହସି ପକାଇଲା ବୋଲି ତାକୁ ପ୍ରକୃତରେ କଦାପି କାମରୁ ବାହାର କରିଦେଇ ହେବ ନାହିଁ । ଏହି କ୍ଷେତ୍ରରେ ତାକୁ ଅନ୍ୟ କୌଣସି କାର୍ଯ୍ୟ ଦିଆଯିବ ଏବଂ ଭବିଷ୍ୟତରେ ଭଦ୍ର ହେବା ଲାଗି ତାକୁ ପରାମର୍ଶ ଦିଆଯିବ । *୨୪ ଅକ୍ଟୋବର୍ ୧୯୩୪*

*ସ୍ନେହମୟି ମାଆ,*

*ମୁଁ ଶୁଣିଲି ଯେ ଚେତନା ଦ୍ୱାରା ଏକାତ୍ମକତା ଲାଭ କରି ଜଣେ ବ୍ୟକ୍ତି ଯେ କୌଣସି ପଦାର୍ଥର ଯାବତୀୟ ଗୁଣ ବିଷୟରେ ଅବଗତ ହୋଇ ପାରିବ । ଏହା ପ୍ରକୃତରେ ସତ କି ? ଏହା ପ୍ରକୃତରେ ସମ୍ଭବ କି ? ଉଦାହରଣ ସ୍ୱରୂପ, ଯଦି ଛାତରେ ବିଭିନ୍ନ ସ୍ଥାନରେ ଫାଟ ହୋଇଯାଏ, ସେତେବେଳେ ମୁଁ ସେପରି ହେବାର ଠିକ୍ କାରଣଗୁଡ଼ିକୁ ଜାଣିବାକୁ ଇଚ୍ଛା କରୁଥାଏ । ମୁଁ ସେହି କ୍ଷେତ୍ରରେ କିପରି ନିଜକୁ ଛାତ ସହିତ ଏକାତ୍ମକ କରି ପାରିବି ? ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଛି କି ? ଅର୍ଜିତ ଅଭିଜ୍ଞତାକୁ ଭିତ୍ତି କରି ବିଚାର ଓ ବିବେଚନାର ମାନସିକ ପ୍ରକ୍ରିୟାଟିଠାରୁ ଏହି ପ୍ରଣାଳୀଟି ଅଧିକ ସହଜ ଏବଂ ଅଧିକ ନିର୍ଭରଯୋଗ୍ୟ ହେବ କି ?*

ତତ୍ତ୍ୱତଃ କୁହାଯାଇ ପାରିବ ଯେ, **ଏକାତ୍ମକତା ଦ୍ୱାରା ଯାବତୀୟ ବିଷୟରେ ଅବଗତି ଅବଶ୍ୟ ସମ୍ଭବ ହେବ ।** ମାତ୍ର ଏହାକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ପ୍ରକୃତରେ

କଷ୍ଟକର । ସମସ୍ତ ପ୍ରକ୍ରିୟାଟି ସଂକେନ୍ଦ୍ରଣର ଶକ୍ତିକୁ ଭିତ୍ତି କରି ରହିଛି । ଯେଉଁ ବସ୍ତୁଟିକୁ ଆମେ ଜାଣିବାକୁ ଇଚ୍ଛା କରୁଛୁ,(ଏହି କ୍ଷେତ୍ରରେ, ଘରର ଛାତ) ଆମକୁ ସେହି ବସ୍ତୁରେ ସଂକେନ୍ଦ୍ରିତ ରହିବାକୁ ହେବ । ଏଭଳି ସଂକେନ୍ଦ୍ରିତ ହୋଇ ରହିବାର ପ୍ରକ୍ରିୟାରେ ଅବଶିଷ୍ଟ ସମୁଦାୟ ପୃଥିବୀଟି କ୍ରମଶଃ ଅନ୍ତର୍ହିତ ହୋଇଯିବ ଏବଂ କେବଳ ସେହି ବସ୍ତୁଟିରହିଁ ଯାହାକିଛି ଅସ୍ତିତ୍ୱ ରହିଥିବ । ତା'ପରେ, ଆପଣାର ଇଚ୍ଛାଶକ୍ତିକୁ ସକ୍ରିୟ କରିଦେଇ ଆମେ ଏକାତ୍ମକ ହେବାରେ ସଫଳ ହୋଇଯିବା । ମାତ୍ର, ଏହା କରିପାରିବା ଆଦୌ ସେତେ ସହଜ ନୁହେଁ ଏବଂ, ବୁଦ୍ଧିଗତ ବିବେଚନା ବ୍ୟତୀତ ଏହି କ୍ଷେତ୍ରରେ ଜାଣିବାର ଅନ୍ୟାନ୍ୟ ମାର୍ଗମାନ ମଧ୍ୟ ରହିଛି,– ଉଦାହରଣ ସ୍ୱରୂପ ସଂବୋଧିର ମାର୍ଗଟି । ଏହି ମାର୍ଗଗୁଡ଼ିକ ମଧ୍ୟ ବେଶ୍ ଫଳପ୍ରଦ ହୋଇ ପାରିବ ।

*୧ ନଭେମ୍ବର ୧୯୩୪*

*ହେ ସ୍ନେହମୟି ମାଆ,*

*ମୁଁ ଆପଣଙ୍କର ପ୍ରଶଂସାହିଁ ଗାନ କରୁଛି । ପ୍ରଗାଢ଼ ଭାବରେ ଆପଣଙ୍କୁ ଡାକିଲେ ଆପଣ ଯେଉଁଭଳି ଭାବରେ ତା'ର ଜବାବ ଦିଅନ୍ତି, ସେକଥା କଦାପି ଭୁଲି ହେବ ନାହିଁ । ଅଥବା, ଅନ୍ୟମାନଙ୍କର ଦୃଷ୍ଟିକୋଣକୁ ମଧ୍ୟ ବଦଳାଇ ଦେଇ ପାରୁଥିବା ଆପଣଙ୍କର ଉପସ୍ଥିତିର ଅଦ୍ଭୁତ ଚମତ୍କାରଟିକୁ ମଧ୍ୟ କଦାପି ଭୁଲିହେବ ନାହିଁ ।*

ତୁମେ ଯାହା ଲେଖିଛ, ତାହା ସତ ।

*ସ୍ନେହମୟି ମାଆ, ମୁଁ ଆପଣଙ୍କୁ ନମସ୍କାର କରୁଛି । ଆପଣ ମୋ' ଭିତରେ ସର୍ବଦା ଓ ସର୍ବକାଳ ଲାଗି ବିଦ୍ୟମାନ ରହିଥାନ୍ତୁ ।*

ହଁ, ତୁମ ସହିତ ମୁଁ ସର୍ବଦା ରହିଛି । ମାତ୍ର, ତୁମେ ମଧ୍ୟ ମୋତେ ଡାକିବାକୁ କେବେହେଲେ ଭୁଲିଯିବ ନାହିଁ । କାରଣ ମୋତେ ଡାକିବା ଦ୍ୱାରାହିଁ ମୋ'ର ଉପସ୍ଥିତି ଅଧିକ ଫଳପ୍ରଦ ହୋଇପାରିବ ।

*୧୫ ଡିସେମ୍ବର ୧୯୩୪*

*ସ୍ନେହମୟି ମାଆ,*

*ମୋ ନିଷ୍ପତ୍ତି ଲାଗି ମୋର ଯେ 'ଖ'ଙ୍କୁ ଆଦୌ କୌଣସି କୈଫିୟତ୍ ଦେବାର ଆବଶ୍ୟକତା ନ ଥିଲା, ସେକଥା ମୁଁ ଜାଣେ । ତାଙ୍କ କଥାରୁ ଅବଶ୍ୟ*

*ସେ ଏପରି ଗୋଟିଏ କୈଫିୟତ୍ ଚାହୁଁଛନ୍ତି ବୋଲି ଜଣା ପଡୁଥିଲା, ମାତ୍ର ମୁଁ ଅତ୍ୟନ୍ତ ସହଜରେ ତାହାକୁ ଏଡ଼ାଇ ଦେଇ ପାରିଥାନ୍ତି । ମୁଁ କାହିଁକି ଏହି ଦୁର୍ବଳତା ଦେଖାଇଲି ? ହେ ସ୍ନେହମୟି ମାଆ, ଏହିଭଳି ଘଟଣାମାନଙ୍କରେ ଜଣେ ବ୍ୟକ୍ତିକୁ କିପରି କାର୍ଯ୍ୟ କରିବାକୁ ପଡ଼ିବ ?*

'ଖ'ଙ୍କର ଏକ ଦୃଢ଼ ଇଚ୍ଛାଶକ୍ତି ରହିଛି ଏବଂ, ତାହାକୁ କିପରି ଅନ୍ୟମାନଙ୍କ ଉପରେ ଲଦି ଦେବାକୁ ହୁଏ, ସେକଥା ସେ ଜାଣିଛନ୍ତି । ତୁମର ଇଚ୍ଛାଶକ୍ତି ତାଙ୍କ ଇଚ୍ଛାଶକ୍ତିଠାରୁ ଅଧିକ ଦୃଢ଼ ହେବ, ତୁମେ ଅତ୍ୟନ୍ତ ଶାନ୍ତ ଭାବରେ ତାହାର ପ୍ରୟୋଗ କରିବ, ମାତ୍ର ପ୍ରଭୂତ ସଂକଳ୍ପଶକ୍ତି ସହିତ ତାହାର ପ୍ରୟୋଗ କରିବ, ତାହା ହେଉଛି ଏକମାତ୍ର ସମାଧାନ ।

*୨୫ ଡିସେମ୍ବର ୧୯୩୪*

*ସ୍ନେହମୟି ମାଆ,*

*ମୋ' ଭିତରୁ ଆସିଥିବା ଦୁଇଟି ପ୍ରସ୍ତାବନା ବିଷୟରେ ଶୁଣନ୍ତୁ (ଦୁଇଟି ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଛି) । ଏଇ ଦୁଇଟି ବିବରଣୀରୁ ଆପଣ ଜାଣିବେ ଯେ, ପ୍ରଥମ ପ୍ରସ୍ତାବନାଟି ଲାଗି ଉପଯୁକ୍ତ କେତୋଟି କାରଣ ରହିଥିଲା, ମାତ୍ର ଦ୍ୱିତୀୟଟି ପଛରେ ଏକ ଦୁରାଗ୍ରହ ରହିଥିଲା । ଏହି ଦୁଇ ପ୍ରସ୍ତାବନା ମଧ୍ୟରେ ରହିଥିବା ଫରକଟିକୁ ଜାଣିହେବ କିପରି ?*

କେବଳ ଦୀର୍ଘ ଅଭିଜ୍ଞତା ଦ୍ୱାରା, ଅତ୍ୟନ୍ତ ଯତ୍ନର ସହିତ ବାରବାର ପରୀକ୍ଷା କରି ଦେଖିବା ଦ୍ୱାରା ଏହିସବୁ ପ୍ରସ୍ତାବନାର ବିଭିନ୍ନ ପ୍ରକାର ମଧ୍ୟରେ ରହିଥିବା ଅନ୍ତରଗୁଡ଼ିକୁ ହୃଦୟଙ୍ଗମ କରିହେବ । ବିଭିନ୍ନ ପ୍ରସ୍ତାବନା ସହିତ ଯେଉଁଭଳି ସ୍ପନ୍ଦନ ରହିଥିବ, ତାହାରି ଦ୍ୱାରା ସେଗୁଡ଼ିକ ମଧ୍ୟରେ ରହିଥିବା ଫରକଟିକୁ ଅନୁଭବ କରି ହେବ ।

*୧୨ ଜାନୁଆରି ୧୯୩୫*

*ସ୍ନେହମୟି ମାଆ,*

*'ଗ'ଙ୍କୁ ଏପରି ଦୁଇଭଳି ଅର୍ଥ ବାହାରୁଥିବା ଉତ୍ତରଟିଏ ମୁଁ ଦେଇଥିବାରୁ ଆପଣ ମୋତେ କ୍ଷମା କରିବେ । ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଚିତ୍ତରେ ମୁଁ ଆପଣଙ୍କୁ ପ୍ରଣାମ ଜଣାଉଛି ।*

ଅନୁତାପରେ କୌଣସି ଲାଭ ହୁଏ ନାହିଁ । ତୁମକୁ ଆହୁରି ଅଧିକ ଅଗ୍ରଗତିର ସମ୍ଭାବନାଜନିତ ଆନନ୍ଦ ଅନୁଭବ କରିବାକୁ ପଡ଼ିବ । *୨୬ ଫେବ୍ରୁଆରି ୧୯୩୫*

*[ଜଣେ ସହକର୍ମୀଙ୍କ ସମ୍ପର୍କରେ ଆସିବା ପରେ ଜଣେ ସାଧକଙ୍କୁ ଶିରଃପୀଡ଼ା ଭୋଗିବାକୁ ପଡ଼ିଥିଲା ।] ମୋ'ଭିତରେ ରହିଥିବା ଏକାବେଳେକେ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଭିନ୍ନ ପ୍ରକାରର ଏହି ଦୁଇଟି ପ୍ରତିକ୍ରିୟା ବିଷୟରେ ମୁଁ କିଛି ବୁଝି ପାରୁ ନାହିଁ : ୧) ଗୋଟିଏ କହୁଛି, 'କ'ଙ୍କ ସହିତ ମୁଁ ପରୋକ୍ଷ ବା ପ୍ରତ୍ୟକ୍ଷ କୌଣସି ସମ୍ପର୍କ ରଖିବି ନାହିଁ ଏବଂ ୨) ଅନ୍ୟଟି ହେଲା, ଆମ ଦୁହିଙ୍କ ମଧ୍ୟରେ ସମ୍ଭବ ହୋଇଥିବା ଯାବତୀୟ ସମଞ୍ଜସତାପୂର୍ଣ୍ଣ ବ୍ୟବହାରକୁ ବିଜୟର ଏକ ନିଶ୍ଚିତ ସଙ୍କେତ ବୋଲି ଅନୁଭବ କରୁଛି । ସ୍ନେହମୟି ମାଆ, ଆଦୌ କୌଣସି ମୁଣ୍ଡବ୍ୟଥା ନ ଭୋଗି ଏହା ସମ୍ଭବ ହେବ କିପରି ?*

ଏହି ଦୁଇ ପ୍ରତିକ୍ରିୟା ମଧ୍ୟରେ ରହିଥିବା ବିରୋଧଟିହିଁ ହୁଏତ ମୁଣ୍ଡବ୍ୟଥାର କାରଣ ହୋଇପାରେ । **ଯଥାସମ୍ଭବ କମ୍ ଚେଷ୍ଟା ଖଟାଇ** ପ୍ରଥମଟି ଶାନ୍ତ ହୋଇଯାଉ ବୋଲି ଇଚ୍ଛା କରୁଛି । ଦ୍ୱିତୀୟଟି ଅସୁବିଧାଟି ଉପରେ ବିଜୟ ହାସଲ କରିବାକୁ ଚାହୁଁଛି, ଦଉଡ଼ି ପଳାଇଯିବାକୁ ଇଚ୍ଛା କରୁ ନାହିଁ । ମୁଁ ଭାବୁଛି, ତୁମେ ବର୍ତ୍ତମାନ ପାଇଁ 'କ'ଙ୍କ ସହିତ ଯଥାସମ୍ଭବ ଆଦୌ କୌଣସି ସମ୍ପର୍କ ନ ରଖିବାକୁହିଁ ଚେଷ୍ଟା କର । ମାତ୍ର, ତଥାପି ଯଦି ସମ୍ପର୍କରେ ଆସି ଯାଉଛ, ତେବେ ଅବଚେତନ ଯାବତୀୟ ପ୍ରତିକ୍ରିୟା ବିଷୟରେ ସାବଧାନ ରହ ଓ ଅତ୍ୟନ୍ତ ସତର୍କ ହୋଇ ରହିଥାଅ । *୩ ମଇ ୧୯୩୫*

*[ସ୍ୱୀକୃତ କର୍ମପଦ୍ଧତିର ଜଣେ ସହକର୍ମୀ ଖିଲାପ କରିଥିଲେ ।] ଯେତେବେଳେ ମୁଁ 'ଖ'ଙ୍କୁ କର୍ମଶାଳା ଭିତରୁ ବାହାରି ଚାଲି ଆସୁଥିବାର ଦେଖିଲି, ସେତେବେଳେ ମୋ' ଆଗରେ ଦୁଇଟି ପ୍ରସ୍ତାବନା ଆସି ଦେଖାଦେଲେ : ୧) ଯଦି ମୋ'ର ଅବଗତି ବାହାରେ ସେ କୌଣସି କାର୍ଯ୍ୟ କରିଛନ୍ତି, ତେବେ ମୁଁ କାହିଁକି ଏଥିରେ ହସ୍ତକ୍ଷେପ କରିବାକୁ ଯିବି ? ଏବଂ ୨) ଏ ବିଷୟରେ ତ ମୋତେ ସବୁକିଛି ଜଣାଅଛି, ତେବେ ମୁଁ ଉଦାସୀନ ରହିପାରିବି କିପରି ? ଏପରି କରିବା ଯେ ଆଦୌ ଠିକ୍ ନୁହେଁ, ମୋତେ ତାଙ୍କୁ ଏକଥା ଅବଶ୍ୟ କହିବାକୁ ହେବ । ମୁଁ ଦ୍ୱିତୀୟ ପ୍ରସ୍ତାବନାଟି ଅନୁସାରେ କାର୍ଯ୍ୟ କରିଥିଲି ।*

ତୁମେ ଯାହା କଲ, ଭଲ କଲ । ଅନ୍ତତଃ ସିଦ୍ଧାନ୍ତତଃ ଭଲ କଲ । କାରଣ, ବାସ୍ତବ କ୍ଷେତ୍ରରେ, ଜଣେ ବ୍ୟକ୍ତି କଥା କହିବାବେଳେ କେଉଁ ଶବ୍ଦଗୁଡ଼ିକୁ ବ୍ୟବହାର କରିବ ଓ କିପରି ଭାବରେ ସେହି ଶବ୍ଦଗୁଡ଼ିକୁ କହିବ, ସବୁକିଛି ତାହାରି ଉପରେ ଅନେକ ପରିମାଣରେ ନିର୍ଭର କରିଥାଏ ।

*୧୫ ମଇ ୧୯୩୫*

*ସ୍ନେହମୟି ମାଆ,*

*''କଣ୍ଠଟିକୁ ଶୁଣିବା''ର ଅର୍ଥ କ'ଣ ? ଉଚ୍ଚାରିତ ହେଉଥିବା ଶବ୍ଦଗୁଡ଼ିକୁ ଶୁଣିବାର ସମବାଚୀ ବୋଲି ଏହାକୁ କୁହାଯାଇ ପାରିବ କି ? ''ଅଟକଳରେ କ'ଣ ଅଛି, ତାହାକୁ ଲେଖ'' ଏହିଭଳି ଗୋଟିଏ ପୂର୍ବପ୍ରସ୍ତୁତ ବାକ୍ୟଟି ଶୁଣିଲା ମାତ୍ରକେ ମୋ'ର ମନର ଶାନ୍ତି ନଷ୍ଟ ହୋଇ ଯାଉଥିଲା । ଏଇଟି କେଉଁଠାରୁ ଆସୁଥିଲା, ସେକଥା ମୁଁ ଜାଣି ନାହିଁ । ମୋ' ନିଜର ଭାବନାଟି ପ୍ରକୃତରେ ଶବ୍ଦ ଦ୍ୱାରା ବ୍ୟକ୍ତ ହେଉଥିଲା ନା ଯାହାକୁ ''ଆବାଜ'' ବୋଲି କୁହାଯାଏ, ଏହାକୁ କ'ଣ ସେହି ଆବାଜ ବୋଲି କୁହାଯିବ ? ସ୍ନେହମୟି ମାଆ, ଏହିସବୁ ବିଷୟ ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣିହେବ କିପରି ?*

ଏହାକୁ ସ୍ପଷ୍ଟତଃ ଭିତରୁ ଆସୁଥିବା ଏକ ବାଣୀ ବୋଲି କୁହାଯିବ । ସେହି କ୍ଷେତ୍ରରେ ଶବ୍ଦଗୁଡ଼ିକର **ଧ୍ୱନି** କ୍ୱଚିତ୍ ଶୁଣାଯାଏ, ବରଂ ମନ ଭିତରେ ସନ୍ଦେଶଟି ଶବ୍ଦଗୁଡ଼ିକର ମାଧ୍ୟମରେ ବ୍ୟକ୍ତ ହେଉଥାଏ ବା ବେଳେବେଳେ ହୃଦୟରେ ଥିବା କେବଳ ଏକ ଭାବରୂପେ ଉକୁଟି ଆସିଥାଏ ।

*୨୩ ମଇ ୧୯୩୫*

*ସ୍ନେହମୟି ମାଆ,*

*'ଗ'ଙ୍କ ପ୍ରତି ମୁଁ ନିମ୍ନଲିଖିତ ଦୃଷ୍ଟିକୋଣ ଅବଲମ୍ବନ କରିବି ବୋଲି ନିଷ୍ପତ୍ତି କରିଛି । ଯଦି କାର୍ଯ୍ୟ ବିଷୟରେ ମୋ'ର କୌଣସି ପ୍ରସ୍ତାବନା ଅଥବା ମନ୍ତବ୍ୟ ଦେବାର ଥିବ, ତେବେ ମୁଁ କେବଳ ସେତିକି କରିଦେବି । ଯଦି ସେ ଗ୍ରହଣ କଲେ, ତେବେ ଭଲକଥା । ଯଦି ଗ୍ରହଣ ନ କଲେ, ତେବେ ମୁଁ ନୀରବ ରହିବି, ଆଦୌ କିଛି କହିବି ନାହିଁ । କୌଣସି ଯୁକ୍ତି କରିବି ନାହିଁ । ସେ ଯେପରି ଚାହୁଁଛନ୍ତି, ତାଙ୍କୁ ସେପରି କରିବାକୁ ଛାଡ଼ିଦେବି । ଏହି ଦୃଷ୍ଟିକୋଣଟି ଠିକ୍ ହେବ କି ?*

ନାହିଁ, ଠିକ୍ ହେବ ନାହିଁ । ମୁଁ ଦେଖୁଛି, ସେଦିନ ମୁଁ ଦେଇଥିବା ମନ୍ତବ୍ୟଟିର ଅର୍ଥକୁ ତୁମେ

ପ୍ରକୃତରେ ବୁଝିପାରି ନାହଁ । ଗୋଟିଏ କଥାକୁ ଏକ ନିର୍ଦ୍ଦିଷ୍ଟ ଭାବରେ କରିବାକୁ ହେବ ବୋଲି ଯଦି ତୁମେ ଦେଖିପାରୁଥିବ, ତେବେ ତୁମେ କେବଳ ଏତିକି କହିବ : ''ମୋ' ମତରେ ଏଇଟିକୁ ଏହିପରି ଭାବରେ କରିବା ଉଚିତ ।'' ଯଦି ସେ ତୁମ କଥାରେ ରାଜି ନ ହୁଅନ୍ତି ଓ ଏକ ଭିନ୍ନ ମତ ଦିଅନ୍ତି, ତେବେ ଉତ୍ତରରେ ତୁମେ କେବଳ ଏତିକି କହିବ : ''ହେଉ, ଆମେ ଉଭୟେ ମାଆଙ୍କ ପାଖରେ ଯାଇ ଆମର ମତଗୁଡ଼ିକୁ ଉପସ୍ଥାପିତ କରିବା ଏବଂ **ମାଆ ଏହାର ନିଷ୍ପତ୍ତି କରିବେ ।''**

ଏପରି କଲେ ତୁମ ତାଙ୍କ ମଧ୍ୟରେ ବ୍ୟକ୍ତିତ୍ୱର କୌଣସି ସଂଘାତ ହେବ ନାହିଁ । ସେତେବେଳେ ତାହା କେବଳ ମୋ'ର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ବୁଝାଇବ ।

*୬ ଜୁନ୍ ୧୯୩୫*

*ସ୍ନେହମୟି ମାଆ,*

*ମୋ'ର ଯାବତୀୟ କାର୍ଯ୍ୟକୁ ନିର୍ଦ୍ଧାରିତ କରି ଦେଉଥିବା ଅବଚେତନ କ୍ରିୟାଶୀଳତାଗୁଡ଼ିକ ବିଷୟରେ ଆପଣ ମୋତେ ସଚେତନ କରି ଦେଇଛନ୍ତି । ଏହିଭଳି ଆଉ ଏକ ସୁଯୋଗ ଉପସ୍ଥିତ ହେବା ସମୟରେ ଆପଣ ଅନୁଗ୍ରହ କରି ଏହି ବିଷୟରେ ମୋତେ ଅଧିକ ସଚେତନ କରାଇ ଦେଉଥିବେ କି ? ମୋତେ ଦୁଃଖିତ ଦେଖି ଆପଣ କଦାପି ମୋ'ଠାରୁ ନିଜକୁ ପ୍ରତ୍ୟାହାର କରି ନେବେ ନାହିଁ । ହେ ମଧୁମୟି ମାଆ, ଆପଣଙ୍କୁ ମୁଁ ନିର୍ଭର ଜବାବ ଓ ପ୍ରତିଶ୍ରୁତି ଦେଇ କହୁଛି ଯେ, ଆପଣଙ୍କର ପରମ କରୁଣା ବଳରେ ମୁଁ ଅଳ୍ପ ସମୟ ମଧ୍ୟରେ ପୁନର୍ବାର ମୋ' ନିଜ ପାଖକୁ ଫେରିଆସି ପାରିବି ।*

*ମୁଁ ସେହି ଆନନ୍ଦମୟ ଦିନଟି ଲାଗି ଆସ୍ପୃହା କରି ରହିଛି ଯେଉଁଦିନ କି ଯାବତୀୟ ଦ୍ୱନ୍ଦ୍ୱ ଓ ବିଶ୍ୱାସର ସାମୟିକ ଅଭାବଟିର ସର୍ବକାଳ ଲାଗି ଅବସାନ ଘଟିବ ଏବଂ ଯେତେବେଳେ କି, ହେ ସ୍ନେହମୟି ମାଆ, ଆପଣ ଯେପରି ଆପଣାର ପାଦଦୁଇଟିକୁ ବ୍ୟବହାର କରୁଛନ୍ତି, ମୋତେ ମଧ୍ୟ ସେହିପରି ବ୍ୟବହାର କରି ପାରିବେ ।*

*ମୁଁ ଆପଣଙ୍କୁ ସହର୍ଷ କୃତଜ୍ଞତା ସହିତ ପ୍ରଣାମ କରୁଛି ।*

ଏହି ବିଷୟଟିକୁ ତୁମେ ଯେପରି ଭାବରେ ଗ୍ରହଣ କରିଛ, ମୁଁ ସେଥିରେ ଅତ୍ୟନ୍ତ ଆନନ୍ଦିତ । ଯେତେବେଳେ ମୁଁ ତୁମ ସହିତ ଏତେ ଖୋଲାଖୋଲି ଭାବରେ କଥା କହିପାରୁଛି, ତାହାରି ଦ୍ୱାରାହିଁ ତୁମ ଉପରେ ମୋ'ର ବିଶ୍ୱାସ ରହିଛି ବୋଲି ଏକ ବୃହତ୍ ପ୍ରମାଣ ମିଳିଯାଉଛି ।

ମୋ'ର ସକଳ ଆଶୀର୍ବାଦ ତୁମ ଲାଗି ରହିଛି ।

*୧୬ ଜୁଲାଇ ୧୯୩୫*

*[ଏହି ସାଧକ ଆଉଜଣଙ୍କର କୋଠରି କାନ୍ଥରେ ଆଗରୁ ପିଟା ହୋଇଥିବା କେତୋଟି କଣ୍ଟାକୁ ବାହାର କରିଦେବାକୁ ରାଜି ହୋଇ ନ ଥିଲେ ଏବଂ ନିଜର ନିଷ୍ପତ୍ତିଟିକୁ ବ୍ୟାଖ୍ୟା କରି ମାଆଙ୍କ ପାଖକୁ ଲେଖିଥିଲେ ।]*

ହଁ, ତୁମର ବ୍ୟାଖ୍ୟାଟି ଏକ ବିଶ୍ଳେଷଣ ହିସାବରେ ବିଲକୁଲ୍ ଠିକ୍ । ମାତ୍ର, ଏହିଭଳି କୌଣସି ବ୍ୟକ୍ତିଗତ କାରଣର ଅନୁରୋଧରେ ପଡ଼ି କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ । ଆମେ ଯାହାକିଛି କରିବା, ସେହି କାର୍ଯ୍ୟଟିଦୃଷ୍ଟିରୁହିଁ ତାହାର ବିଚାର କରାଯିବା ଉଚିତ ଓ ସେଥିରେ କୌଣସି ବ୍ୟକ୍ତିଗତ ପ୍ରଶ୍ନ ଜଡ଼ିତ ରହିବା ଉଚିତ ନୁହେଁ । ଯଦି କଥାଟି ଠିକ୍ ହୋଇଥିବ, ଉତ୍ତମ ହୋଇଥିବ, ତେବେ ସେଇଟିକୁ ଅବଶ୍ୟ କରିବା ଉଚିତ । ଯଦି ତାହା ନ ହୋଇଥିବ, ତେବେ ତାହା କରିବାରୁ ନିଜକୁ ନିବୃତ୍ତ କରି ରଖିବା ଉଚିତ ।

ତୁମେ ଯେ କାର୍ଯ୍ୟଟି କରିବାକୁ ନାହିଁ କରିଦେଲ, ତାହା ପଛରେ ପ୍ରକୃତରେ କୌଣସି **ଯଥାର୍ଥ କାରଣ ନ ଥିଲା** । ଏବଂ ସେହି ହେତୁରୁହିଁ ତାହା ଅନ୍ୟ ବ୍ୟକ୍ତିଟିର ଇଚ୍ଛା ଉପରେ ଆଦୌ କୌଣସି ପ୍ରଭାବ ବିସ୍ତାର କରି ପାରିଲା ନାହିଁ ।

ତେଣୁ, ତୁମେ କଣ୍ଟାଗୁଡ଼ିକୁ ପ୍ରକୃତରେ ବାହାର କରି ନେଇଥାନ୍ତ ।

*୧୭ ଜୁଲାଇ ୧୯୩୫*

*ସ୍ନେହମୟି ମାଆ,*

*ତାଙ୍କ କାନ୍ଥରୁ କଣ୍ଟାଗୁଡ଼ିକୁ ଓପଡ଼ାଯିବ କି ନାହିଁ, 'କ' କାଲି ମୋତେ ସେକଥା ପଚାରୁଥିଲେ । ଏହି ବିଷୟରେ ମୋତେ କୌଣସି ନିର୍ଦ୍ଦିଷ୍ଟ ଆଦେଶ ଦିଆଯାଇ ନ ଥିବାରୁ ମୁଁ କହିଲି, ''ଆପଣ ମାଆଙ୍କୁ ପଚାରନ୍ତୁ ।'' ପରେ ସ୍ୱୟଂ ସ୍ନେହମୟୀ ମାଆହିଁ କଣ୍ଟାଗୁଡ଼ିକୁ ଓପଡ଼ାଯିବ ନାହିଁ ବୋଲି ନିଷ୍ପତ୍ତି କଲେ ।*

ହଁ, ମୁଁ ଆଶା କରିଥିଲି ଯେ ଏପରି କଲେ ଏହି ବିଷୟରେ ତାଙ୍କର ଇଚ୍ଛାଟି ସମ୍ମତ ହୋଇଯିବ । କାରଣ, କଣ୍ଟାଗୁଡ଼ିକୁ ବାହାର କରିନେବାର ଚେଷ୍ଟା କଲେ କାନ୍ଥଟି ଯେ ନଷ୍ଟ ହୋଇଯିବ, ମୁଁ ସେହି କଥାଟିକୁ **ସମ୍ପୂର୍ଣ୍ଣ ଭାବରେ ସତ୍ୟ** ବୋଲି ଭାବିଥିଲି । ମାତ୍ର ତାହା **କେବଳ ଅତ୍ୟନ୍ତ ଆପେକ୍ଷିକ ଭାବରେ** ହିଁ ସତ୍ୟ ଥିଲା, ଏବଂ ତେଣୁ ସେହି ପ୍ରସ୍ତାବଟିରେ

ଏପରି ଯଥେଷ୍ଟ ସତ୍ୟଶକ୍ତି ଆଦୌ ନ ଥିଲା, ଯାହାକି 'କ'ଙ୍କ ପ୍ରତି-ପ୍ରସ୍ତାବଟିକୁ ନାକଚ କରିଦେଇ ପାରିବ । (ଏହାକୁହିଁ ଯଥାର୍ଥ ''ଗୂଢ଼ବିଦ୍ୟା'' ବୋଲି କୁହାଯାଏ ।)

*ଗୋଟିଏ କଥା ଭଲ କି ମନ୍ଦ, ତାହା ନିଷ୍ପତ୍ତି କରିବାର ବିଚାରଶକ୍ତି ମୋ'ର ରହିଛି ବୋଲି ମୁଁ ଭାବୁ ନାହିଁ । କାରଣ ମୋ'ର ଦୃଷ୍ଟିକ୍ଷେତ୍ର ଅତ୍ୟନ୍ତ ସୀମିତ ।*

ତୁମେହିଁ ଏହାର **ବିଚାର କରିବ** ବୋଲି ମୁଁ କେବେ କହି ନ ଥିଲି । ଯାବତୀୟ ଅବସରରେ ମୁଁ ନିଜେ ବିଚାରକ ହେବାକୁ ରାଜୀ ଅଛି; କାରଣ, ବସ୍ତୁଗୁଡ଼ିକର ପଶ୍ଚାତରେ ରହିଥିବା ପରମସତ୍ୟର ବିଧାନକୁ ଦେଖିପାରିବାର ଶକ୍ତି ଯଦି ନ ଥାଏ, ତେବେ କୌଣସି କଥା ଠିକ୍ କି ଭୁଲ୍ ସେକଥା ଜାଣିବାକୁ ସମର୍ଥ ହେବା ଯେ ପ୍ରକୃତରେ ଅତ୍ୟନ୍ତ କଷ୍ଟକର, ମୁଁ ସେକଥା ସ୍ୱୀକାର କରୁଛି ।

*ଯଦି ଆପଣ ମୋତେ ''କଣ୍ଟାଗୁଡ଼ିକୁ ବାହାର କରିନେବା କ'ଣ ଗୋଟାଏ କାମ ?'' ବୋଲି କହିଥା'ନ୍ତି ତେବେ ମୁଁ ''ଆଦୌ କୌଣସି ବଡ଼ କାମ ନୁହେଁ'' ବୋଲି ଉତ୍ତର ଦେଇଥାନ୍ତି । ଏବଂ ଯଦି ଆପଣ, ''କ'ଣ ହେଲା ! ଆଦୌ କୌଣସି ଦରକାର ନ ଥାଇ ତୁମେ କଣ୍ଟାଗୁଡ଼ିକୁ ବାହାର କରିବ ଓ କାଛଟାକୁ ନଷ୍ଟ କରିବ ?'' ବୋଲି କହିଥାନ୍ତେ, ତେବେ ମୁଁ ''ଏ କାମରେ କୌଣସି ଅର୍ଥ ନାହିଁ'' ବୋଲି ଉତ୍ତର ଦେଇଥାନ୍ତି ।*

ଏପରି ହେବା ମୋତେ ଠିକ୍ ନୁହେଁ । କୌଣସି ପ୍ରଶ୍ନ ପଚାରିବାବେଳେ ଏକ **ନିର୍ଭୁଲ** ଏବଂ **ବିଷୟସାପେକ୍ଷ** ତଥ୍ୟ ପାଇବା ଉଦ୍ଦେଶ୍ୟରେହିଁ ମୁଁ ପ୍ରଶ୍ନଟିକୁ ପଚାରିଥାଏ । ମୁଁ ଏକଥା ବହୁବାର କହିଛି । ଆଗରୁ ମୋ' ଭିତରେ କୌଣସି ବଦ୍ଧମୂଳ ଧାରଣା ନ ଥାଏ, କୌଣସି ଅଗ୍ରାଧିକାରର ଚିନ୍ତା ନ ଥାଏ, ବସ୍ତୁଗୁଡ଼ିକ ବିଷୟରେ ଆଦୌ କୌଣସି ମତ ନ ଥାଏ । ଯଦି ମୁଁ ସଶରୀର ସବୁଆଡ଼କୁ ଯାଇ ନିଜେ ପ୍ରତ୍ୟେକ କଥା ଦେଖି ପାରୁଥାନ୍ତି, ତେବେ କାହାଠାରୁ ପ୍ରକୃତ ତଥ୍ୟ ଜାଣିବାଲାଗି ମୋ'ର କୌଣସି ଆବଶ୍ୟକତା ନ ଥାନ୍ତା । ମାତ୍ର ଏପରି ତ ହୋଇ ପାରେ ନାହିଁ, ତେଣୁ ମୋ ସମ୍ପର୍କରେ ଆସୁଥିବା ଲୋକମାନଙ୍କୁ ମୋତେ ବିଭିନ୍ନ କଥା ପଚାରି ବୁଝିବାକୁ ହୋଇଥାଏ । କାରଣ ସେମାନେ ବିଭିନ୍ନ ସ୍ଥାନକୁ ଯାଇ ସବୁକଥା ଦେଖି ପାରୁଛନ୍ତି । ଏବଂ, ମୁଁ କ'ଣ ଭାବୁଛି ବୋଲି **ଭୁଲ୍ ଭାବରେ** କଳ୍ପନା କରି ସେମାନେ ମୋତେ ଉତ୍ତର ଦେବା ସମୟରେ କେବଳ ତାହାରି ପ୍ରତିଧ୍ୱନିହିଁ କରନ୍ତୁ, ମୁଁ

ଏକଥା ଆଦୌ ଇଚ୍ଛା କରେ ନାହିଁ । ମୁଁ ଚାହେଁ ଯେ ସେମାନେ ନିଜର ଅବଲୋକନ-ଶକ୍ତିକୁ କାମରେ ଲଗାନ୍ତୁ, ନିଜର ବିଷୟଗତ ଜ୍ଞାନକୁ ମଧ୍ୟ କାମରେ ଲଗାନ୍ତୁ ଏବଂ ମୋତେ ଯଥାସମ୍ଭବ ଅଧିକ ନିର୍ଭୁଲ ଓ ଯଥାର୍ଥ ତଥ୍ୟଗୁଡ଼ିକୁ ଯୋଗାଇ ଦିଅନ୍ତୁ । ଏବଂ, ସେମାନଙ୍କଠାରୁ ପାଉଥିବା ତଥ୍ୟଗୁଡ଼ିକୁ ଭିତ୍ତି କରିହିଁ ମୁଁ ମୋ'ର ନିଷ୍ପତ୍ତିଗୁଡ଼ିକୁ କରିଥାଏ ।

*୧୮ ଜୁଲାଇ ୧୯୩୫*

*ସ୍ନେହମୟି ମାଆ,*

*ଆପଣ ମୋ'ପାଖକୁ ଲେଖିଥିଲେ : ''ତୁମର ନାହିଁ କରିଦେବା ପଛରେ କୌଣସି ଯଥାର୍ଥ କାରଣ ନ ଥିଲା ବୋଲିହିଁ ଅନ୍ୟ ଜଣକର ଇଚ୍ଛା ଉପରେ ତାହାର କୌଣସି ପ୍ରଭାବ ପଡ଼ିଲା ନାହିଁ । ତେଣୁ, ତୁମକୁ କଣ୍ଟାଗୁଡ଼ିକୁ ଓପାଡ଼ି ଦେବାକୁ ହେବ ।'' ଏହି ବାକ୍ୟଟି ମୋତେ ଗୋଟାସୁଦ୍ଧା ନିରାଶ କରିଦେଲା । କୌଣସି ଯଥାର୍ଥ କାରଣ ନ ଥିଲା କାହିଁକି ? କଣାଗୁଡ଼ାକ ପ୍ରକୃତରେ କାନ୍ଥକୁ ନଷ୍ଟ କରି ଦେବେ ନାହିଁ କି ?*

**ନଷ୍ଟ କରିଦେବା** କହିଲେ ତୁମେ କ'ଣ ବୁଝୁଛ, ସବୁକିଛି ତାହାରି ଉପରେ ନିର୍ଭର କରିବ । ତୁମେ ମୋତେ ଯେତିକି କହିଥିଲ, ସେଥିରୁ ମୁଁ ଏପରି ବୁଝିଥିଲି ଯେ, ଏହା ଫଳରେ କାନ୍ଥର **ଅତିବେଶୀ କ୍ଷତି** ହେବ । ମାତ୍ର 'କ' ମୋ'ପାଖକୁ ଯାହା ଲେଖିଲେ, ସେଥିରୁ ମୁଁ ବୁଝିଲି ଯେ, କଣ୍ଟାଗୁଡ଼ିକ ଭାରି ହୁଗୁଳା ହୋଇ ରହିଛି ଏବଂ ଟିକିଏ ଟିକିଏ ଖୋଲି ଟାଣି ଆଣିଲେ ସେଗୁଡ଼ିକ ସହଜରେ ବାହାରି ଆସି ପାରିବ । ଏହି ଦୁଇଟି ବ୍ୟାଖ୍ୟାରୁ ଏକ ସାଧାରଣ ସତ୍ୟ ବାହାର କରିବା ପରେ ମୁଁ ଦେଖିପାରିଲି ଯେ, କଣ୍ଟାଗୁଡ଼ିକ ସେହିପରି ଥାଉ ବୋଲି ରାଜୀ ହୋଇଯିବାକୁ 'କ'ଙ୍କ ଆଗରେ ମୁଁ ଯେଉଁ ଯୁକ୍ତି ବାଢ଼ିଲି, ସେଥିରେ ପ୍ରକୃତରେ ଯଥେଷ୍ଟ ଶକ୍ତି ନ ଥିଲା, ଯାହାଦ୍ୱାରାକି ତାଙ୍କ ଦୃଷ୍ଟିକୋଣରେ ରହିଥିବା ବିଦ୍ୱେଷଟିକୁ ଜୟ କରି ହୋଇଥାନ୍ତା ।

*କ'ଣ ଆଉ ଅନ୍ୟ କୌଣସି ଅଭିପ୍ରାୟରେ ମୁଁ ନିଜେ ଏହାର ଉଦ୍ଭାବନ କରିଥିଲି କି ?*

ସମସ୍ତ ଆନ୍ତରିକତା ସହିତ ନିଜ ହୃଦୟ ଭିତରକୁ ଅନାଅ, ତେବେ ତୁମେ ଅବଶ୍ୟ ଦେଖି ପାରିବ ଯେ, ଯଦି ତୁମେ ଭଲ ପାଉଥିବା ଜଣେ ବ୍ୟକ୍ତି କଣ୍ଟାଗୁଡ଼ିକୁ ବାହାର କରିନେବା

ଲାଗି ତୁମକୁ ଅନୁରୋଧ କରିଥାନ୍ତା, ତେବେ ତୁମେ ତାହାକୁ କଦାପି ଏଡ଼େ କଷ୍ଟକର ବୋଲି ମଣି ନ ଥାନ୍ତ ଏବଂ ପ୍ରତିକ୍ରିୟା ବ୍ୟକ୍ତ କରି କଦାପି ସେପରି କହି ନ ଥାନ୍ତ ।

*ମୁଁ ଭାବିଲି ଯେ, ମୋ'ର ମନା କରିଦେବା ଦ୍ୱାରା କୌଣସି ଫଳ ହେଲା ନାହିଁ, କାରଣ ଏହା ପଛରେ ସ୍ନେହମୟୀ ମାଆଙ୍କର ସମର୍ଥନ ନ ଥିଲା । ଏବଂ, ମୁଁ ଅତ୍ୟନ୍ତ ଦୃଢ଼ ଭାବରେ ବିଶ୍ୱାସ କରୁଛି ଯେ, ଯଦି ସ୍ନେହମୟୀ ମାଆଙ୍କର ସମର୍ଥନ ନ ଥାଏ, ତେବେ କୌଣସି କଥାର କୌଣସି ମୂଲ୍ୟ ରହିବ ନାହିଁ ଏବଂ ତାହା ଆଦୌ ଫଳପ୍ରସୂ ହେବ ନାହିଁ ।*

ଆମେ ଯେତେବେଳେ ପ୍ରତିକୂଳ ଶକ୍ତିମାନଙ୍କର ହାବୁଡ଼ରେ ପଡ଼ିଯାଉ, ସେତେବେଳେ କେବଳ ଏକ ସମ୍ପୂର୍ଣ୍ଣ ସତ୍ୟର ବିଶୁଦ୍ଧତାହିଁ ସେଗୁଡ଼ିକ ଉପରେ ବିଜୟ ହାସଲ କରିପାରିବ ।

*ଏହି ଯୁକ୍ତିଟି, ଏହାର ପ୍ରତ୍ୟେକ ଶବ୍ଦହିଁ ମୋତେ ଅତ୍ୟନ୍ତ ଅଶାନ୍ତ କରି ଦେଇଥିଲା ଏବଂ ମୁଁ ଏପର୍ଯ୍ୟନ୍ତ ମଧ୍ୟ ଏହି ସମସ୍ୟାଟିର ଏକ ଉପଯୁକ୍ତ ଉତ୍ତର ପାଇପାରି ନାହିଁ । ସ୍ନେହମୟି ମାଆ, ଆପଣ ମୋତେ ଆଲୋକ ଦିଅନ୍ତୁ ।*

ତୁମର ଯୁକ୍ତି ବେଶ୍ ଯୁକ୍ତିଯୁକ୍ତ ବୋଲି ମନେ ହେଉଛି, ମାତ୍ର ଏକ ଭୁଲ୍‌ରୁ ଏହାର ଆରମ୍ଭ ହୋଇଥିବାରୁ ଏହାର ଆଉ କୌଣସି ସତ୍ୟତା ନାହିଁ । ମୁଁ ଯାହା ଲେଖିଛି, ତୁମେ ତାକୁ ଆଉଥରେ ପଢ଼ିବ, ଯତ୍ନର ସହିତ ପଢ଼ିବ, ଏବଂ ଆବଶ୍ୟକ ହେଲେ ଏକାଧିକ ବାର ପଢ଼ିବ । ସେଥିରେ ଲୋଖାଥିବା ପ୍ରତ୍ୟେକ ଶବ୍ଦଟି ବିଷୟରେ ଚିନ୍ତା କରିବ; ଯେପରିକି, ମୁଁ ପ୍ରକୃତରେ କ'ଣ କହିଛି, ତୁମେ ତାହା **ନିର୍ଭୁଲ୍ ଭାବରେ ବୁଝିପାରିବ** ଓ ଆଉ ଅନ୍ୟକିଛି ବୁଝିବ ନାହିଁ ।

*୨୦ ଜୁଲାଇ ୧୯୩୫*

*ଯେତେବେଳେ କେହି ଗୋଟିଏ ମନ୍ତବ୍ୟ ଦିଏ, ମୋ'ର ସେବିଷୟରେ କାଳେ କ'ଣ କହିବାର ଥିବ, ସେକଥା ମୋତେ ନ ପଚାରି ସ୍ନେହମୟୀ ମାଆ ସେତେବେଳେ ମୋତେ କାହିଁକି ଦୋଷ ଦିଅନ୍ତି ?*

ତୁମେ ସର୍ବଦା ସେହି ଗୋଟିଏ ଭୁଲ୍ କରୁଛ – ତୁମେ ଭାବୁଛ ଯେ, ଲୋକେ ମୋତେ

ଯାହାସବୁ କହୁଛନ୍ତି, ମୁଁ ତାହାକୁହିଁ ଭିତ୍ତିକରି ତୁମର ବିଚାର କରୁଛି । ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ, ଯେତେବେଳେ ମୁଁ କୌଣସି ସତ୍ୟଘଟଣାର ସମ୍ମୁଖୀନ ହୁଏ, ସେତେବେଳେ ମୁଁ ନିଜେହିଁ ତାହାର ବିଚାର କରେ ଏବଂ ଏହି ବିଚାର କରିବାରେ ଆଉ କାହାରି ମତକୁ ହସ୍ତକ୍ଷେପ କରିବା ଲାଗି କୌଣସି ଅବକାଶ ଦିଏ ନାହିଁ ।

*୧ ସେପ୍ଟେମ୍ବର ୧୯୩୬*

*ଆରୋଗ୍ୟ-ସଦନର ଆଲମାରି ବିଷୟରେ, ଯେତେବେଳେ ସେଇଟି ରଙ୍ଗ ଦିଆହେଉ ବୋଲି ଚାହୁଁ ନାହାନ୍ତି ବୋଲି 'ଖ' ମୋତେ ଆସି କହିଲେ, ମୁଁ ସେତେବେଳେ ଆଶ୍ଚର୍ଯ୍ୟ ହୋଇଗଲି ଏବଂ ମୁଁ ପ୍ରକାଶ କରି କହିଦେଲି ଯେ ଆଲମାରିଟି ରଙ୍ଗ ହେଉ ବୋଲି ସିଏ ନିଜେ ଏକଥା ଇଚ୍ଛା କରୁଛନ୍ତି, ଏକଥା 'ଗ' ମୋ'ଆଗରେ ଆସି ଦୃଢ଼ କରି କହିଥିଲେ ।*

ଏକ ସାଧାରଣ ନିୟମ ହିସାବରେ କହିଲେ, ଆଉଜଣେ କ'ଣ କହିଛନ୍ତି, ଜଣକ ଆଗରେ ଆସି ତାହାର ବରଂ କୌଣସି ପୁନରାବୃତ୍ତି କରିବା ଉଚିତ ନୁହେଁ, କାରଣ ସେହି କ୍ଷେତ୍ରରେ ସର୍ବଦା ଅଡୁଆ ସୃଷ୍ଟି କରିବାର ଏବଂ ଅସୁବିଧାଗୁଡ଼ିକୁ ବଢ଼ାଇ ଦେବାର ଆଶଙ୍କା ରହିଥାଏ ।

*୧୧ ଡିସେମ୍ବର ୧୯୩୬*

*ହେ ସ୍ନେହମୟି ମାଆ,*

*''ଆପଣ ମୋ'ର ସମସ୍ତ ସତ୍ତାକୁ ଭେଦ କରନ୍ତୁ, ମୋତେ ଏପରି ଭାବରେ ରୂପାନ୍ତରିତ କରିଦିଅନ୍ତୁ, ଯେପରିକି କେବଳ ଆପଣହିଁ ଆମଭିତରେ ଓ ଆମ ମଧ୍ୟଦେଇ ବାସ କରିପାରିବେ ।''**

ତୁମ ସତ୍ତାର ପ୍ରଧାନ ଦ୍ୱାରଟି ଖୋଲା ରହିଛି, ମାତ୍ର ଆଉ କେତୋଟି ଅନ୍ୟ ଦ୍ୱାର ତଥାପି ଖୋଲି ପାରି ନାହିଁ । ତୁମକୁ ସବୁଗୁଡ଼ିକୁ ଖୋଲିଦେବାକୁ ହେବ, କାରଣ ସେଠାରେ ମୁଁ ରହିଛି ଓ ଅପେକ୍ଷା କରୁଛି ।

ମୋ'ର ଅନେକ ଆଶୀର୍ବାଦ ।

*୧ ଏପ୍ରିଲ୍ ୧୯୩୬*

* ପ୍ରାର୍ଥନାବଳୀ(ଇଂ), ପୃଷ୍ଠା-୯୧; ସାଧକ ''ଆମ'' ସ୍ଥାନରେ ''ମୋ'ର'' ଶବ୍ଦଟିକୁ ବ୍ୟବହାର କରିଛନ୍ତି ।

'କ' ବର୍ତ୍ତମାନ ମୋ' ପାଖକୁ ଲେଖି ପଠାଇଛନ୍ତି ଯେ, କାର୍ଯ୍ୟଟିକୁ ଛାଡ଼ିଦେବା ଦ୍ୱାରା ସେ କରିଥିବା ଭୁଲ୍‌ଟିକୁ ଏବେ ହୃଦୟଙ୍ଗମ କରୁଛନ୍ତି । ଆଜି ସକାଳେ ସେ ତାଙ୍କ କାର୍ଯ୍ୟକୁ ପୁନର୍ବାର ଫେରିଯିବେ ବୋଲି ଲେଖିଛନ୍ତି । ତେଣୁ, ଯେପରି ଆଦୌ କିଛିହେଲେ ଘଟି ନାହିଁ, ତୁମକୁ ସେହିପରି ଆଚରଣ ଦେଖାଇବାକୁ ହେବ ଏବଂ ତାଙ୍କୁ ସ୍ୱାଗତ କରି ନେବାକୁ ପଡ଼ିବ । ମୁଁ ଆଶା କରୁଛି ଯେ, 'ଖ' ମଧ୍ୟ କୌଣସି ଅନାବଶ୍ୟକ ମନ୍ତବ୍ୟ ପ୍ରକାଶ କରିବେ ନାହିଁ ।

*୨୩ ସେପ୍‌ଟେମ୍ବର ୧୯୩୬*

*ସ୍ନେହମୟି ମାଆ! ସମ୍ଭବତଃ କୌଣସି କାରଣରୁ ମୋ' ପ୍ରତି ଅପ୍ରସନ୍ନ ରହିଛନ୍ତି କି ? ମୋତେ ଖାଲି ଅଶାନ୍ତି ଲାଗୁଛି ।*

ମୁଁ ଆଦୌ ଅପ୍ରସନ୍ନ ହୋଇ ନାହିଁ । ମାତ୍ର, ଏହିସବୁ ସାନ ସାନ କଥା ତୁମକୁ ଅଶାନ୍ତ କରି ପକାଉଛନ୍ତି, ତାହା କେଡ଼େ ବିଚିତ୍ର କଥା ! ତେବେ ତୁମ ଯୋଗସାଧନା ବିଷୟରେ କ'ଣ କହିବା ?

ତୁମକୁ ସେହି ସବୁକିଛିକୁ ଖସାଇ ଫିଙ୍ଗିଦେବାକୁ ହେବ ଏବଂ ଚେତନାର ଏକ ଉନ୍ନତତର ସ୍ଥିତିକୁ ଫେରି ଆସିବାକୁ ପଡ଼ିବ ।

ଅନେକ ଆଶୀର୍ବାଦ ।

*୮ ଜୁଲାଇ ୧୯୩୭*

*ସ୍ନେହମୟି ମାଆ,*

*ମୁଁ ମୋ'ର ଆତ୍ମସଂଯମ ଓ ଶାନ୍ତିକୁ କାହିଁକି ହରାଇ ବସିଛି, ମୁଁ ମୋଟେ ଜାଣି ପାରୁ ନାହିଁ ।*

ତାହା ଅତ୍ୟନ୍ତ ଦୁଃଖର କଥା । ସମ୍ଭବତଃ ତୁମେ କିଞ୍ଚିତ୍ କ୍ଲାନ୍ତ ହୋଇ ପଡ଼ିଛ । ମୋ'ର ଆଶା, ତୁମର ଭଲ ନିଦ ହେଉଛି । ମୁଁ ଭାବୁଛି, ତୁମର ଆହୁରି ଟିକିଏ ଅଧିକ ସହଳ ଶୋଇବାକୁ ଚାଲିଯିବା ଉଚିତ । ଧ୍ୟାନ ପରେ ତୁମେ ଯେଉଁସବୁ କାର୍ଯ୍ୟ କରୁଛ (ଆଲୋଚନା, ହିସାବ ରଖିବା ଇତ୍ୟାଦି) ତାହା କ'ଣ ପ୍ରକୃତରେ ଏକାନ୍ତ ଅପରିହାର୍ଯ୍ୟ ? ନିଜର ଆତ୍ମସଂଯମ ରକ୍ଷା କରିବାକୁ ହେଲେ ଜଣେ ବ୍ୟକ୍ତିର ବିଶ୍ରାମ ନେବା ଲାଗି ଯଥେଷ୍ଟ ସମୟ ରହିଥିବା ଉଚିତ, ଅନ୍ତଃପ୍ରବେଶ କରି ଶାନ୍ତି ଓ ସ୍ଥିରତା ଲାଭ କରିବା ଲାଗି ସମୟ ରହିଥିବା ଉଚିତ ।

*୧୯ ଅକ୍‌ଟୋବର୍ ୧୯୩୮*

*ସ୍ନେହମୟି ମାଆ,*

*କାହାରି ମନରେ କୌଣସି କଷ୍ଟ ନ ଦେଇ ମୁଁ ଝରକା ବସାଇବା ଓ ଘର ତିଆରି କରିବାର ଯାବତୀୟ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଇଚ୍ଛା କରୁଛି । ଏହା କିପରି ସମ୍ଭବ ହେବ ? ମୁଁ କିପରି ଭାବରେ ଅତୀତର ସବୁକିଛିକୁ ଧୋଇଦେଇ ପାରିବି ?*

ତୁମେ ଯେ ଅନ୍ୟମାନଙ୍କଠାରୁ ''ଅଧିକ'' ଓ ଉଚ୍ଚରେ ରହିଛ, ନିଜ ଭିତରୁ ସବୁଦିନ ଲାଗି ସେହି ଅନୁଭବଟିକୁ ଧୋଇ ପରିଷ୍କାର କରିଦିଅ । କାରଣ, ପରମ ଦିବ୍ୟସତ୍ତାଙ୍କ ସମ୍ମୁଖରେ କେହି ଆଉଜଣକଠାରୁ ବଡ଼ ନୁହେଁ, ଛୋଟ ମଧ୍ୟ ନୁହେଁ ।

*୬ ଡିସେମ୍ବର ୧୯୩୮*

*ସ୍ନେହମୟି ମାଆ,*

*ଗତ ଅଳ୍ପ କେତେଦିନ ହେଲା, 'କ'ଙ୍କ ସହିତ ମୋ'ର ଦେଖା ହେବା ମାତ୍ରକେ ସେ ମୋତେ ଘଉଡ଼ାଇ ଦେବାକୁ ଇଚ୍ଛା କରୁଛନ୍ତି । ତାଙ୍କୁ ଅସନ୍ତୁଷ୍ଟ କରିବା ଭଳି ମୁଁ ଇତିମଧ୍ୟରେ ପ୍ରକୃତରେ କିଛି କରିଛି କି ନାହିଁ ବୋଲି ମୁଁ ନିଜ ଭିତରକୁ ଦୃଷ୍ଟିପାତ କରି ଦେଖୁଛି, ମାତ୍ର ସେପରି କିଛିର କୌଣସି ସଙ୍କେତ ପାଉ ନାହିଁ । ମୁଁ ପ୍ରକୃତରେ କିଛି ଭୁଲ୍ କାମ କରିଛି କି ନାହିଁ, ମୋତେ ଆପଣ ସେହି କଥା କହି ଦିଅନ୍ତୁ ।*

ମୁଁ ଏ ବିଷୟରେ କିଛି ଜାଣି ନାହିଁ । 'କ' ମୋତେ କିଛି ଲେଖି ନାହାନ୍ତି ।

ମାତ୍ର ଗୋଟିଏ କଥା ଅବଶ୍ୟ ସୁନିଶ୍ଚିତ : ଲୋକମାନେ ତୁମ ପ୍ରତି କିପରି ବ୍ୟବହାର ଦେଖାଉଛନ୍ତି, ତୁମେ ସେଗୁଡ଼ାକୁ ସର୍ବଦା **ଅତିରିକ୍ତ ମହତ୍ତ୍ୱ ଦେଇଥାଅ** । ଏହି ଅତିରିକ୍ତ ସ୍ପର୍ଶକାତରତା ଯୋଗୁଁହିଁ ଅଧିକାଂଶ ଭୁଲ୍ ବୁଝିବାର ସୃଷ୍ଟି ହୋଇଥାଏ ।

*ମାର୍ଚ୍ଚ ୧୯୩୯*

*ହେ ସ୍ନେହମୟି ମାଆ,*

*'କ'ଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗ ରଖିବା ଲାଗି ମୋ'ର ଯାବତୀୟ ଉଦ୍ୟମ ସତ୍ତ୍ୱେ ମୁଁ ତଥାପି ବିଫଳ ହୋଇଛି । ମୋ'ର ଏହି ବିଫଳତା ପଛରେ ଯେଉଁ ଦୋଷମାନ ରହିଛି, ଆପଣ ମୋତେ ବିସ୍ତୃତ ଭାବରେ କହି ଦିଅନ୍ତୁ ବୋଲି*

*ମୁଁ ଆପଣଙ୍କ ପାଖରେ ପ୍ରାର୍ଥନା କରୁଛି । ମୁଁ ଆପଣଙ୍କ ପାଖରେ ପ୍ରତିଶ୍ରୁତି ଦେଉଛି ଯେ, ସେହିସବୁ ଦୋଷରୁ ମୁକ୍ତ ହେବା ଲାଗି ମୁଁ ନିଶ୍ଚୟ ଏକ ଆନ୍ତରିକ ପ୍ରୟାସ କରିବି ଏବଂ ଆପଣଙ୍କ ସହାୟତାରେ ମୁଁ ଅବଶ୍ୟ ସଫଳକାମ ହେବି ।*

*ମୁଁ କେତେ କଳ୍ପନା କରିଥିଲି ଯେ, ବର୍ତ୍ତମାନ ଆମ ହାତରେ ଯେଉଁ କାର୍ଯ୍ୟ ଅଛି ତଥା ଏହାପରେ ଯେଉଁସବୁ କାର୍ଯ୍ୟ କରିବାକୁ ହେବ, ସେଗୁଡ଼ିକ ବିଷୟରେ 'କ' ଏବଂ ମୁଁ ଆମେ ଏକାଠି ଆଲୋଚନା କରିବୁ ଏବଂ ମତ ବିନିମୟ କରିବୁ । ଅର୍ଥାତ୍, 'ଖ' ଏବଂ ମୋ' ଭିତରେ ଯେପରି ସବୁ କଥାବାର୍ତ୍ତା ହେଉଛି, ଠିକ୍ ସେହିପରି । ମାତ୍ର, ଅତ୍ୟନ୍ତ ଦୁଃଖର ସହିତ ମୋତେ କହିବାକୁ ପଡୁଛି ଯେ, 'କ' ସର୍ବଦା ମୋତେ ଆପଣାଠାରୁ ଦୂରରେ ରଖୁଛନ୍ତି ଏବଂ ଏକୁଟିଆ ରହୁଛନ୍ତି । ଏବଂ, ଯେତେବେଳେ ସେ କିଛି କହୁଛନ୍ତି, ସେତେବେଳେ ତାଙ୍କ ସହିତ ଏକ ସମ୍ଭାଷଣ ସମ୍ଭବ କରିବା ବେଶ୍ କଷ୍ଟକର ହୋଇ ପଡୁଛି ।*

*ଏହିପରି ଏକ ବସ୍ତୁସ୍ଥିତି ମୋ' ଭିତରେ ବିଦ୍ରୋହର ନାନା ପ୍ରତିକ୍ରିୟାକୁ ଉତ୍ତେଜିତ କରି ଆଣୁଛି ଏବଂ, ଶାନ୍ତ କିଂବା ସ୍ଥିର ରହିବା ଲାଗି ମୁଁ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ସେସବୁ ମୋ' ସାଧ୍ୟର ବାହାର ହୋଇଗଲା ପରି ବୋଧ ହେଉଛି ।*

ମୋ'ର ଆଶଙ୍କା ହେଉଛି ଯେ ଏହି କ୍ଷେତ୍ରରେ ପ୍ରାଣିକ ଏବଂ ଏପରିକି ମାନସିକ ସ୍ତରରେ ମଧ୍ୟ ସାମ୍ୟର ଅଭାବ ରହିଛି । ଏସବୁକୁ ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟସାଧ୍ୟ, କାରଣ ଏଥିଲାଗି ଉଭୟଙ୍କର ଏକ ଉଚ୍ଚତର ଚେତନା ମଧ୍ୟକୁ ଉନ୍ମୋଚିତ ହୋଇଯିବାର ଆବଶ୍ୟକତା ରହିଛି । ଏବଂ, ଏଥିଲାଗି ସମୟ ଆବଶ୍ୟକ ଏବଂ ଏହା ଉଭୟଙ୍କ ଲାଗି ସାଧନାର ଏକ ଅବିଚ୍ଛିନ୍ନ ଚେଷ୍ଟାର ଅପେକ୍ଷା ରଖୁଛି ।

ବର୍ତ୍ତମାନ ପରିସ୍ଥିତିରେ ମୁଁ ଭାବୁଛି ଯେ, ତାଙ୍କ ସହିତ ବନ୍ଧୁତାପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ କରିବାକୁ କୌଣସି ଚେଷ୍ଟା ନ କରିବାହିଁ ତୁମ ପକ୍ଷରେ ଅଧିକ ଭଲ ହେବ, କାରଣ ଏହାଦ୍ୱାରା ତାଙ୍କୁ ନିଜକୁ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ କରିବାକୁହିଁ ପ୍ରଶ୍ରୟ ମିଳିବ ।

କାର୍ଯ୍ୟ ସମ୍ପର୍କରେ ତାଙ୍କ ସହିତ ତୁମର ମତାମତ ଆଦାନପ୍ରଦାନ କରିବାର ଆବଶ୍ୟକତା ବିଷୟରେ ମୁଁ ଏତିକି କହିବି ଯେ, ଏ ବିଷୟରେ ମୋ'ର ଏପର୍ଯ୍ୟନ୍ତ ମଧ୍ୟ ଯଥାର୍ଥ ପ୍ରତ୍ୟୟ ହୋଇ ନାହିଁ । ମୋ'ର ଅନୁମାନ ଯେ, ଯେତିକି ପ୍ରକୃତରେ ଆବଶ୍ୟକ, ଜଣେ ସର୍ବଦା ତା'ଠାରୁ ଅନେକ ଅଧିକ କହି ପକାଏ ଏବଂ ଭଲକଥା ଦ୍ୱାରାହିଁ କେବେହେଲେ କୌଣସି ଉତ୍ତମ କାର୍ଯ୍ୟ ସାଧିତ ହୋଇଯାଏ ନାହିଁ ।

ସେକଥା ଯାହା ହେଉ ପଛକେ, ଏହି କ୍ଷେତ୍ରରେ ସ୍ଥିର ରହିବା ଏବଂ ଧୈର୍ଯ୍ୟ ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ,– ଏବଂ, ଯେହେତୁ ମୋ'ର ଆଶୀର୍ବାଦ ତୁମ ପାଖରେ ରହିଛି, ତୁମ ପାଖରେ ସେହି ବସ୍ତୁଗୁଡ଼ିକ ଅବଶ୍ୟ ରହିଥିବା ଉଚିତ ।

*୧୦ ଅକ୍ଟୋବର ୧୯୩୯*

ନୀରବତା ଏବଂ ପ୍ରତ୍ୟାଶାର ଗୋଟିଏ ବର୍ଷ... ହେ ପରମବିଭୁ, କେବଳ ତୁମରି ପରମକରୁଣା ମଧ୍ୟରେହିଁ ଆମକୁ ସମ୍ପୂର୍ଣ୍ଣ ସହାୟତା ଉପଲବ୍ଧ ହୋଇପାରୁ ।

*୧୯୪୦*

*[ସାଧକ ଏପରି ଏକାଧିକ ଦୃଷ୍ଟାନ୍ତର ବର୍ଣ୍ଣନା କରିଥିଲେ, ଯେତେବେଳେ କି ସେ ଅତ୍ୟନ୍ତ ଅଶାନ୍ତ ଓ ନିରାଶ ହୋଇ ପଡ଼ିଥିଲେ; କାରଣ ଜଣେ ସହକର୍ମୀ ତାଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟ କରି ନ ଥିଲେ ।]*

ରୋଗ : ମନ ଭିତରେ ରହିଥିବା ଏକ ସଂକୀର୍ଣ୍ଣ ଓ ଅହଂପ୍ରଣୋଦିତ ମହତ୍ତ୍ୱାକାଙ୍କ୍ଷା, ଯାହାକି ପ୍ରାଣିକ ସ୍ତରରେ ଏକ ଶକ୍ତିଶାଳୀ **ଦାମ୍ଭିକତା** ରୂପେ ଆପଣାକୁ ଅଭିବ୍ୟକ୍ତ କରିଥାଏ । ତାହା ଫଳରେ ବସ୍ତୁଗୁଡ଼ିକ ବିଷୟରେ ତୁମର ଧାରଣା ଓ ତୁମର ଯାବତୀୟ ପ୍ରତିକ୍ରିୟା ଅତ୍ୟନ୍ତ ବିକୃତ ହୋଇଯାଏ ।

**ଆରୋଗ୍ୟର ଉପାୟ :** ସଂପୂର୍ଣ୍ଣ ଭାବରେ ଏବଂ ସୁଦୃଢ଼ ଭାବରେ ସେହି ସବୁକିଛିକୁ ତୁମେ ''ସ୍ନେହମୟୀ ମାଆ''ଙ୍କ ପାଖରେ ନେଇ ସମର୍ପଣ କରିଦେବ ।

ତୁମଲାଗି ମୋ'ର ପ୍ରେମପୂର୍ଣ୍ଣ ଯତ୍ନଶୀଳତା ଏବଂ ସକଳ ଆଶୀର୍ବାଦ ସହିତ ।

*୫ ମାର୍ଚ୍ଚ ୧୯୪୦*

ତୁମେ ଆଲୋକର ଦର୍ଶନ ଲାଭ କରିଛ, ମୁଁ ସେଥିଲାଗି ଅତ୍ୟନ୍ତ ଖୁସୀ; ମାତ୍ର ଏଥିରେ ମୁଁ ଆଦୌ ବିସ୍ମିତ ନୁହେଁ । ଦିନେ ନା ଦିନେ ଯେ ତୁମେ ଅବଶ୍ୟ ବୁଝିବ, ଏ ବିଷୟରେ ମୋ'ର ଆଦୌ କୌଣସି ସନ୍ଦେହ ନ ଥିଲା ।

ଏକ ଆଲୋକନକାରୀ ଚେତନାର ଆଲୋକ ତୁମ ଭିତରେ ପ୍ରବେଶ ଲାଭ କରୁ; ତୁମେ ନିଜକୁ ସେହି ବ୍ୟାପ୍ତ ବୃହତ୍ ଚେତନା ମଧ୍ୟକୁ ବିସ୍ତାରିତ କରିଦିଅ, ଯେପରିକି ସମସ୍ତ ଛାୟା ଚିରକାଳ ଲାଗି ଅନ୍ତର୍ହିତ ହୋଇଯାଇ ପାରିବ ।

ମୋର ଅନେକ ଆଶୀର୍ବାଦ ସହିତ । *୫ ଜୁନ୍ ୧୯୪୦*

ଏହା ଅତି ଉତ୍ତମ କଥା । ଏହି କଥାଟିର ଏହିପରି ଭାବରେ ଯେ ଅନ୍ତ ହେବ, ସେ ବିଷୟରେ ମୁଁ ସୁନିଶ୍ଚିତ ଥିଲି । କାରଣ ତୁମ ହୃଦୟର ଉତ୍ତମତା ବିଷୟରେ ମୁଁ ଭଲ କରି ଜାଣିଛି ।

ତୁମ ଲାଗି ମୋ'ର ଅନେକ ଆଶୀର୍ବାଦ ରହିଛି ।

*୧୫ ଅକ୍ଟୋବର୍ ୧୯୪୦*

# ତୃତୀୟ ସ୍ତବକ

## ତୃତୀୟ ସ୍ତବକ

*''ମୋ' କୁନି ସ୍ମିତହସ''କୁ ଲିଖିତ ପତ୍ରାବଳି । ସିଏ ହେଉଛନ୍ତି ଶ୍ରୀଅରବିନ୍ଦ ଆଶ୍ରମକୁ ଆସିବା ଲାଗି ଅନୁମତି ପାଇଥିବା ପ୍ରଥମ ପିଲାମାନଙ୍କ ଭିତରୁ ଜଣେ । ସେ ଚଉଦ ବର୍ଷ ବୟସରେ ଆଶ୍ରମକୁ ଆସିଥିଲେ । କୁନି ସ୍ମିତହସ ଅନେକ ବର୍ଷ ପର୍ଯ୍ୟନ୍ତ ମାଆଙ୍କର ପରିଚ୍ଛଦରେ ସୂଚୀକର୍ମ କରୁଥିଲେ ଓ ପରେ ହୋଇଥିଲେ ତାଙ୍କର ଜଣେ ବ୍ୟକ୍ତିଗତ ପରିଚାରିକା । ସତର ବର୍ଷ ବୟସରୁ ସେ ମାଆଙ୍କୁ ଚିଠି ଲେଖିବା ଆରମ୍ଭ କରିଥିଲେ ।*

ମୋ' ସ୍ନେହର କୁନି ସ୍ମିତହସ,

ଧୈର୍ଯ୍ୟ ବା ସାହସ ହରାଇଲେ ମୋଟେ ଚଳିବ ନାହିଁ; ସବୁକିଛି ଶେଷକୁ ଉଚିତ ଧାରାକୁ ଅବଶ୍ୟ ଆସିଯିବ ।

''ନୀରବତା''*ର ଫୁଲକମ ପକାଉଥିବା ସମୟରେ ତୁମେ ଯେଉଁ ଅବସ୍ଥାରେ ରହିଥିଲ, ସେହି ଅବସ୍ଥା ସେହି ଆଗ ପରି କଦାପି ଫେରି ଆସିବ ନାହିଁ । କାରଣ, ଏହି ପୃଥିବୀରେ କୌଣସି ବସ୍ତୁର କଦାପି ଅବିକଳ ପୁନରାବୃତ୍ତି ହୁଏ ନାହିଁ । ସବୁକିଛି ବଦଳି ଯାଉଥାଏ, ଅଗ୍ରଗତି କରୁଥାଏ । ମାତ୍ର, ଯେଉଁ ମାନସିକ ସ୍ଥିତିର ଶାନ୍ତି ବିଷୟରେ ତୁମର ଅନୁଭବ ରହିଛି, ଯେଉଁ ମାନସିକ ସ୍ଥିତିର ଶାନ୍ତି ତୁମ ଲାଗି ଅପେକ୍ଷା କରୁଛି,– ଏହା ଅନେକ ଅଧିକ ଗଭୀର ଓ ଅଧିକ ପରିପୂର୍ଣ୍ଣ,– ଏଇଟି ତୁଳନାରେ ତାହା ପ୍ରକୃତରେ ଆଦୌ କିଛି ନୁହେଁ ।

ତୁମର ଆସ୍ପୃହା ଅତୁଟ ରହିଥିବା ଉଚିତ, ଯାବତୀୟ ବାଧା ଉପରେ ବିଜୟ ହାସଲ କରିବା ଲାଗି ତୁମର ଇଚ୍ଛା ମଧ୍ୟ ଅତୁଟ ରହିଥିବା ଉଚିତ । ଦିବ୍ୟ କରୁଣା ଏବଂ ସୁନିଶ୍ଚିତ ବିଜୟ ଉପରେ ତୁମର ଏକ ଅବିଚଳ ବିଶ୍ୱାସ ରହିଥିବା ଉଚିତ ।

ଶ୍ରୀଅରବିନ୍ଦ ତୁମର ରୂପାନ୍ତର ପାଇଁ କାର୍ଯ୍ୟ କରୁଛନ୍ତି;– ସେ ଯେ ବିଜୟ ହାସଲ କରିବେ, ସେହି ବିଷୟରେ ସନ୍ଦେହର କେଉଁଠି ଅବକାଶ ରହିଛି ?

ମୋ'ର ସମସ୍ତ ପ୍ରୀତି ସହିତ । *୧୯୩୧*

ମୁଁ କେବଳ ଏତିକି କହିବାକୁ ଚାହୁଁଥିଲି ଯେ, **ଆଦୌ କୌଣସି କାରଣ ନ ଜାଣି** ଗୋଟିଏ ପିଲା ବା ଗୋଟିଏ ପ୍ରାଣୀ ଯେପରି ବିଶ୍ୱାସ ଏବଂ ଖୁସୀରେ ପୂର୍ଣ୍ଣ ହୋଇ ରହିଥାଏ, ତୁମେ ଠିକ୍ ସେହିପରି ଖୁସୀ ଏବଂ ବିଶ୍ୱାସରେ ପୂର୍ଣ୍ଣ ହୋଇ ରହିଥିଲ । ବର୍ତ୍ତମାନ ମଧ୍ୟ ତୁମେ

* passiflora incarnata ଫୁଲକୁ ମାଆ ନାମ ଦେଇଥିଲେ : ନୀରବତା ।

ଖୁସୀ ଏବଂ ବିଶ୍ୱାସରେ ପୂର୍ଣ୍ଣ ହୋଇ ରହିବ; କାହିଁକି ଖୁସୀ ଏବଂ ବିଶ୍ୱାସରେ ପୂର୍ଣ୍ଣ ହୋଇ ରହିଛ, ତାହାର କାରଣ ଜାଣିବ, ନିଜ ଖୁସୀ ଏବଂ ବିଶ୍ୱାସର ଗଭୀରତର କାରଣଟିକୁ ବୁଝିବାକୁ ସମର୍ଥ ହେବ । *୧୯୩୧*

ମୋ' କୁନି ସ୍ମିତହସ,

ତୁମର ହସଟି ଯେପରି ''ଚିରନ୍ତନ'' ହୋଇପାରିବ, ସେଥିଲାଗି ତୁମେ ମୋ ନିକଟରେ ରହିଥିବା ସମୟରେ ତଥା ନିଜର କୋଠରିରେ ମଧ୍ୟ ଥିଲାବେଳେ ମୋ'ସହିତ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ସବୁକଥା କହି ଶିଖିବାକୁ ପଡ଼ିବ ।

ହଁ, ନ ରାଗି ପାରିଲେ ତାହା ଅଧିକ ଭଲ କଥା ହେବ ଏବଂ, ଯଦି ରାଗିଲ, ତେବେ ଖୁବ୍ ଶୀଘ୍ର ସେହି ରାଗକୁ ପାସୋରି ପକାଇବା ମଧ୍ୟ ଅଧିକ ଭଲ ହେବ । ଏବଂ, ଯଦି ଭୁଲିବା ସମ୍ଭବ ନ ହୁଏ, ତେବେ ତୁମେ ମୋ'ପାଖକୁ ଆସି ଘଟିଥିବା ସବୁକଥା ଅତ୍ୟନ୍ତ ସରଳ ଭାବରେ ମୋତେ କହିଦେବ । ତେବେ ମୁଁ ମୋ' ''କୁନି ସ୍ମିତହସ''ର ଚେତନା ଭିତରୁ ସେହି ରାଗକୁ ବାହାର କରିନେଇ ପାରିବି ଏବଂ, ସିଏ ସର୍ବଦା ଯେଉଁ ଆନନ୍ଦ ଓ ଯେଉଁ ଶାନ୍ତିର ଅଧିକାରିଣୀ ହୋଇ ରହୁ ବୋଲି ମୁଁ ଇଚ୍ଛା କରୁଛି, ତାକୁ ପୁନର୍ବାର ସେହି ଆନନ୍ଦ ଓ ଶାନ୍ତି ଆଣି ଦେଇପାରିବି ।

ମୋର ସର୍ବୋତ୍ତମ ସ୍ନେହଯୁକ୍ତ ଆଶୀର୍ବାଦ ସହିତ ।

*୧୯୩୧*

ମୋ'ର କୁନି ସ୍ମିତହସ ଯେଉଁ ଶାଢ଼ିଟି ଉପରେ କମ ପକାଇଛି, ସେହି ଶାଢ଼ିଟିକୁ ମୁଁ ଦେଖିଛି । ତାହା **ଅତ୍ୟନ୍ତ ସୁନ୍ଦର** ହୋଇଛି, କାମଟିରେ ପୂର୍ଣ୍ଣ ସିଦ୍ଧି ମିଳିଛି ।

ରୁଚି ବା ଯଥେଷ୍ଟ ଶିକ୍ଷା ନ ଥିବା ଲୋକମାନଙ୍କର ସମାଲୋଚନାକୁ ତୁମେ ଆଦୌ କାନ ଦେବ ନାହିଁ ।

ପ୍ରୀତି ସହିତ *୧୯୩୧*

*ଆଦରର ମାଆ,*

*ଆପଣଙ୍କୁ ଏହି ଟଙ୍କାଟି ଫେରସ୍ତ ପଠାଉଛି । ନିଜ ଖର୍ଚ୍ଚ ପାଇଁ ମୋର ଆଉ କୌଣସି ପଇସା ଦରକାର ନାହିଁ ।*

ଏହି ଟଙ୍କାଟିକୁ ମୁଁ ଗ୍ରହଣ କରୁଛି ଏବଂ ମୋ'ର ଅନେକ ଆଶୀର୍ବାଦ ସହିତ ମୋ'ର କୁନି

ଶିଶୁଟି ପାଇଁ, ସିଏ ଯେଉଁପରି ଭାବରେ ଫରାସୀ ଭାଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି, ସେଥିଲାଗି ମୋ'ର ଅଭିନନ୍ଦନ ଜଣାଇ ପଠାଉଛି ।

ସ୍ନେହର ସହିତ ।

*୧୦ ମଇ ୧୯୩୨*

ମୋ'ର କୁନି ସ୍ମିତହସ,

ତୁମେ ଚିଠି ଲେଖିଛ ମୁଁ ସେଥିପାଇଁ ବହୁତ ଖୁସୀ । ତୁମକୁ ଯେ ବର୍ତ୍ତମାନ ଅନେକ ଭଲ ଲାଗୁଛି, ମୋ'ର ସେ ବିଷୟରେ କୌଣସି ସନ୍ଦେହ ନାହିଁ ।

ଏହିସବୁ କଥା ଉପରେ ତୁମେ ଆଦୌ ଅତିରିକ୍ତ ଗୁରୁତ୍ୱ ଦେବ ନାହିଁ; ସେସବୁକୁ ଏପରି ଏକ କୁନି ଶିଶୁର ନାନା କଳ୍ପନା ବୋଲି କୁହାଯିବ, ଯିଏକି ଜୀବନ ବିଷୟରେ ଆଦୌ କିଛି ହେଲେ ଜାଣି ନାହିଁ, ଜୀବନରେ ଦୁଃଖ ଓ ଅସୁନ୍ଦରତା ବିଷୟରେ ଆଦୌ କିଛି ଜାଣି ନାହିଁ । କାରଣ, ଉପନ୍ୟାସମାନଙ୍କରେ ଜୀବନ ଯେମିତି ବୋଲି ଚିତ୍ରଣ କରା ଯାଇଥାଏ, ଜୀବନ ଆଦୌ ସେପରି ନୁହେଁ । ଦୈନନ୍ଦିନ ଜୀବନରେ ବଡ଼ ଓ ସାନ କେତେ କଷ୍ଟଭୋଗ ପୂରି ରହିଥାଏ; ଏବଂ, କେବଳ ଦିବ୍ୟ ପରମ ଚେତନା ସହିତ ଏକାତ୍ମକ ହୋଇ ରହି ପାରିଲେ ଯାଇ ଜଣେ ବ୍ୟକ୍ତି ଯଥାର୍ଥ ଓ ଅପରିବର୍ତ୍ତନୀୟ ସୁଖକୁ ସ୍ଥାୟୀ ଭାବରେ ଅର୍ଜନ କରିପାରିବ ।

ନିଜର ଆତ୍ମପ୍ରତ୍ୟୟ ଓ ବିଶ୍ୱାସକୁ ଅତୁଟ ରଖିଥାଅ,– ତେବେ ସବୁକିଛି ଠିକ୍ ହୋଇଯିବ ।

ମୋ'ର ସମସ୍ତ ପ୍ରୀତି ସହିତ ।

*୧ ଅଗଷ୍ଟ ୧୯୩୨*

*ଆଦରର ମାଆ,*

*ଆମ ଫରାସୀ କ୍ଲାସ୍‌ରେ ରଚନା ଲେଖିବା ପାଇଁ ନିମ୍ନ ବିଷୟଟି ଦିଆ ଯାଇଥିଲା –*

*ଏହି ବିଚାରଟିକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କର :*

*ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ଉତ୍ସର୍ଗ କରି ରଖିବା ହେଉଛି ଜୀବନର ଯଥାର୍ଥ ରହସ୍ୟ । ସେହି ପରମ ଅନନ୍ତଙ୍କ ସହିତ ସମ୍ମିଳିତ ହୋଇ ରହିବା ଦ୍ୱାରାହିଁ ଆମର ଯାବତୀୟ ଶକ୍ତି ଅବିଚ୍ଛିନ୍ନ ଭାବରେ ପୁଣି ପୂର୍ଣ୍ଣ ହୋଇ ଯିବାରେ ଲାଗିଥାଏ ।*

ମୋ'ର ପ୍ରିୟ କୁନି ସ୍ମିତହସ,

ତୁମେ ବୁଝିଲେ ଜାଣି ପାରିବ, ଏହା ଅତ୍ୟନ୍ତ ସରଳ ଓ ସହଜ ।

୧) ପରମ ଅନନ୍ତ ସତ୍ତା ହେଉଛନ୍ତି ଯାବତୀୟ ଶକ୍ତିର ଅକ୍ଷୟ ଭଣ୍ଡାର । ବ୍ୟକ୍ତି ହେଉଛି ଏକ ବ୍ୟାଟେରି; ଏପରି ଗୋଟିଏ ଭଣ୍ଡାର, ଯାହାକି ବ୍ୟବହୃତ ହେବା ପରେ ସେଥିରେ ଆଉ କୌଣସି ଶକ୍ତି ରହେ ନାହିଁ । ଉତ୍ସର୍ଗ ହେଉଛି ସେହି ତାର, ଯାହାକି ବ୍ୟକ୍ତିନାମକ ବ୍ୟାଟେରିକୁ ଶକ୍ତିର ଅନନ୍ତ ଭଣ୍ଡାର ସହିତ ସଂଯୁକ୍ତ କରିଦିଏ ।

କିଂବା

୨) ପରମ ଅନନ୍ତ ହେଉଛନ୍ତି ଏପରି ଏକ ନଦୀ, ଯିଏକି ଅବାରିତ ଭାବରେ ବହିବାରେ ଲାଗିଛନ୍ତି । ବ୍ୟକ୍ତି ହେଉଛି ଗୋଟିଏ ସାନ ଗଡ଼ିଆ ଯାହାକି ସୂର୍ଯ୍ୟତାପରେ ଶୁଷ୍କ ହୋଇଯାଉଛି । ଉତ୍ସର୍ଗ ହେଉଛି ସେହି ସଂଯୋଜନକାରୀ କେନାଲ୍, ଯାହାକି ଗଡ଼ିଆଟିକୁ ନଦୀ ସହିତ ସଂଯୋଜିତ କରିଦିଏ ଏବଂ ତେଣୁ ଗଡ଼ିଆ ଆଉ ମୋଟେ ଶୁଷ୍କ ହୋଇଯାଏ ନାହିଁ ।

ମୁଁ ଭାବୁଛି, ଏହି ଦୁଇଟିଯାକ ଉପମା ସାହାଯ୍ୟରେ ତୁମେ ସବୁକଥା ବୁଝି ପାରିବ । କୋମଳ ଭଲପାଇବା ସହିତ ।

*୨୮ ଅଗଷ୍ଟ ୧୯୩୨*

*ମାଆ,*

*ମୁଁ ବହୁତ ସମୟରେ ଦେଖି ପାରିଲିଣି ଯେ, ମୁଁ ତଥାକଥିତ କାହାଣୀଗୁଡ଼ିକର ଯଦି କଳ୍ପନା ନ କରୁଛି, ତେବେ ମୋତେ ଗୋଟାଏ ପ୍ରକାରର ନୀରସ ଲାଗୁଛି । ସେତେବେଳେ ମୁଁ ଆଉ କୌଣସି କାମ କରିପାରୁ ନାହିଁ, ଏବଂ, କାମ କଲେ ମଧ୍ୟ ତାହାକୁ ଯଥାଶୀଘ୍ର ଆଦୌ କରିପାରୁ ନାହିଁ । ଆଜି ମୋ'ର ଦିନଟାଯାକ ଏହିପରି ନୀରସ ଭାବରେ କଟିଗଲା, କାରଣ ମୁଁ ଆଗ ପରି ଆଉ କୌଣସି କାହାଣୀର କଳ୍ପନା କରୁ ନ ଥିଲି ।*

*ମାଆ, ମୋ'ର ଏହି ନୀରସତା ସମ୍ବନ୍ଧରେ ମୁଁ ଯାହାକିଛି କହୁଛି, ତାହା ସବୁ ସତ କି ନୁହେଁ, ମୁଁ ସେହିକଥା ଜାଣିବାକୁ ଇଚ୍ଛା କରୁଛି । କଳ୍ପନାର ଅଭାବ ହେତୁ ସବୁ ଏପରି ନୀରସ ଲାଗୁଛି କି ?*

ନୀରସତା 'ତମଃ'ରୁ ଆସୁଛି । କଳ୍ପନା କରିବାର କ୍ରିୟାଶୀଳତା ସେହି ତମସ୍‌କୁ ଝାଡ଼ି ଫିଙ୍ଗି ଦେଉଥିଲା ଏବଂ ତେଣୁ ତୁମକୁ ଆଉ ନୀରସ ଲାଗୁ ନ ଥିଲା । ମାତ୍ର, ନୀରସତାରୁ

ରକ୍ଷା ପାଇବାକୁ ଆହୁରି ଅନ୍ୟ ବାଟମାନ ବି ରହିଛି । ଊର୍ଦ୍ଧ୍ୱରୁ ଆସୁଥିବା ପରମ ଆଲୋକ ଓ ପରମ ଚେତନା ଆଡ଼କୁ ଆପଣାକୁ ଉନ୍ମୋଚିତ କରି ରଖିଲେ ଏବଂ ବାହ୍ୟ ଚେତନାରେ ତାହାକୁ ତମଃର ସ୍ଥାନ ପୂରଣ କରିବାକୁ ବାଟ ଛାଡ଼ିଦେଲେ, ତଦ୍ୱାରା ଅଧିକ ନିଶ୍ଚିତ ଭାବରେ ଅଧିକ ଭଲ ଫଳ ମିଳିଥାଏ ।

*୨୨ ନଭେମ୍ବର ୧୯୩୨*

*ଆଦରର ମାଆ,*

*ମୋ'ର ତମଃ ଦରକାର ନାହିଁ । ଆଜି ମୁଁ ସାରା ଦିନ କାମ କଲି । ମାତ୍ର ମୋ'ର ମନ ଭିତରେ କୌଣସି ତମଃ ନାହିଁ । ମନ ସର୍ବଦା ସକ୍ରିୟ ରହିଛି ଏବଂ ପାଗଳଙ୍କ ପରି ଏଣେତେଣେ ଦଉଡ଼ିଛି ।*

ମନ ସବୁବେଳେ ଗୋଟାଏ ପାଗଳ ମଣିଷ ପରି ଦଉଡ଼ିବାରେ ଲାଗିଥାଏ । ଏହାକୁ ବନ୍ଦ କରିବାର ପ୍ରଥମ ସୋପାନରୂପେ **ତୁମର ଚେତନାକୁ** ତୁମେ ଏଥିରୁ ଅସଂଯୁକ୍ତ କରି ନେଇଯିବ । ମନକୁ **ଚେତନା ସହିତ ନ ଦଉଡ଼ି**, ନିଜେ ନିଜେ ଦଉଡ଼ିବାକୁ ଛାଡ଼ିଦେବ । ତା'ପରେ ମନକୁ ଆଉ ସେପରି ଦଉଡ଼ିବାଟା ଆଦୌ ସେତେ ଆକର୍ଷକ ମନେ ହେବ ନାହିଁ ଏବଂ ତେଣୁ, କିଛି ସମୟ ପରେ ତାହା ଶାନ୍ତ ହୋଇଯିବ ।

*୨୩ ନଭେମ୍ବର ୧୯୩୨*

*ଆଦରର ମାଆ,*

*ମୁଁ ଦେଖିବାକୁ ପାଇଛି ଯେ, 'କ' ଉପସ୍ଥିତ ଥିଲାବେଳେ ମୁଁ କେତେକ କାର୍ଯ୍ୟ ଆଦୌ କରିପାରୁ ନାହିଁ । ଉଦାହରଣ ସ୍ୱରୂପ, ବଡ଼ପାଟିରେ କଥା କହି ପାରୁ ନାହିଁ ବା ସେହିପରି ଅଭଦ୍ର କୌଣସି ଆଚରଣ ଦେଖାଇପାରୁ ନାହିଁ ।*

ତୁମେ ଯେପରି ନିଜର ଦୁର୍ବଳତାଗୁଡ଼ିକୁ ଦେଖିପାରିବ ଓ ସେଗୁଡ଼ିକର ସଂଶୋଧନ କରିପାରିବ, ସେଥିଲାଗି ନିଜର ଅବଲୋକନ କରିପାରିବା ପ୍ରକୃତରେ ଏକ ଭଲ କଥା ।

*୨୬ ନଭେମ୍ବର ୧୯୩୨*

*ଆଦରର ମାଆ,*

*ଆପଣ ଜାଣିଛନ୍ତି ଯେ ଡାକ୍ତର ମୋତେ 'ଖ'ଙ୍କର ଦେଖାଶୁଣା କରିବାକୁ*

*କହିଥିଲେ । 'ଗ' ଡାକ୍ତରଙ୍କୁ କିଛି ପଚାରୁଥିବାର ମୁଁ ଆଶ୍ରମରେ ଶୁଣିଥିଲି ଏବଂ ଡାକ୍ତର ମଧ୍ୟ ତାଙ୍କ ସହିତ କିଛି କଥା ହୋଇଥିବାର ଶୁଣି ପାରିଥିଲି । ପରେ ମୁଁ ଯାଇ ଡାକ୍ତରଙ୍କୁ ପଚାରିଲି, ''ଆପଣ 'ଖ'ଙ୍କ ବିଷୟରେ 'ଗ'ଙ୍କ ସହିତ କାହିଁକି କଥା ହେଉଛନ୍ତି ? ସେ କହିଲେ, 'ଗ' ମୋତେ 'ଖ'ଙ୍କର କ'ଣ ହୋଇଛି ବୋଲି ପଚାରୁଥିଲେ । ସିଏ ଏବେ ପ୍ରଣାମ ସମୟରେ ତାଙ୍କୁ ଭେଟୁ ନାହାନ୍ତି ବୋଲି କହିଲେ ।'' ମୁଁ ଉତ୍ତର ଦେଇ କହିଲି, ''ମାତ୍ର ତାଙ୍କର 'ଖ'ଙ୍କ ବିଷୟରେ ଆଦୌ କିଛି କରିବାର ନାହିଁ, ଏବଂ, ଯେତେବେଳେ ତୁମେ କାହା ବିଷୟରେ କିଛି ନ କରିପାରିବ ସେତେବେଳେ ତାଙ୍କ ବିଷୟରେ କଥାବାର୍ତ୍ତା ହେବାରେ ମଧ୍ୟ କୌଣସି ପ୍ରୟୋଜନ ନାହିଁ ।'' ଡାକ୍ତର କହିଲେ, ''ହଁ, ମୁଁ ବୁଝିପାରୁଛି ଯେ କେବଳ ଏକ ଉତ୍ସୁକତା ହେତୁହିଁ ସେ ମୋତେ ଏକଥା ପଚାରିଥିଲେ ଏବଂ ମୁଁ ତାଙ୍କୁ ଏ ବିଷୟରେ ଆଉ ଆଦୌ କିଛି କହିବି ନାହିଁ ।''*

ମୋ'ର କୁନି ସ୍ମିତହସ,

ଡାକ୍ତରଙ୍କୁ ତୁମେ ଖୁବ୍ ଭଲ ଉତ୍ତରଟିଏ ଦେଇଛ ଏବଂ ଯାହା କରିଛ ସମ୍ପୂର୍ଣ୍ଣ ଭାବରେ ଠିକ୍ କରିଛ । ଅନ୍ୟଜଣେ ବ୍ୟକ୍ତି ବିଷୟରେ ଆଦୌ କିଛି କଥାବାର୍ତ୍ତା ହେବା ଉଚିତ ନୁହେଁ,– ଏଥିରେ କେତେବେଳେ ହେଲେ କୌଣସି ଲାଭ ହୁଏ ନାହିଁ । ଏବଂ ବିଶେଷ କରି ସେମାନଙ୍କର ଅସୁବିଧା ବିଷୟରେ ଆଦୌ କିଛି କଥାବାର୍ତ୍ତା ହେବା ଉଚିତ ନୁହେଁ । ଏହା ଏକ ନିର୍ଦ୍ଦୟ ଅଭ୍ୟାସ ଏବଂ ଏଥିରେ ଅସୁବିଧାଗୁଡ଼ିକୁ ଅତିକ୍ରମ କରିଯିବାରେ ସେମାନଙ୍କୁ ଆଦୌ କୌଣସି ସାହାଯ୍ୟ ମିଳେ ନାହିଁ । ଡାକ୍ତରମାନଙ୍କ ବିଷୟରେ ମୁଁ ଏତିକି କହିବି ଯେ, ସେମାନେ ସେମାନଙ୍କର ରୋଗୀମାନଙ୍କ ବିଷୟରେ କାହାରି ସହିତ କୌଣସି କଥାବାର୍ତ୍ତା ହେବେ ନାହିଁ । ଡାକ୍ତର ସ୍ୱୟଂ ଏହି ବିଷୟରେ ସବୁକଥା ଅଧିକ ଭଲ ଭାବରେ ଜାଣିଥିବାହିଁ ଉଚିତ । 'ଖ'ଙ୍କର ଯାହା ଘଟିଲା, ତୁମେ ସେଥିରେ ମୋଟେ ତ୍ରସ୍ତ ହୋଇପଡ଼ିବ ନାହିଁ ବୋଲି ମୁଁ ଆଶା କରୁଛି । ଅତ୍ୟନ୍ତ ସ୍ଥିର ହୋଇ ରହ, ଅତ୍ୟନ୍ତ ସ୍ଥିର, ଏବଂ ସବୁକିଛି ଠିକ୍ ହୋଇଯିବ ।

*୨୮ ନଭେମ୍ବର ୧୯୩୨*

*ମାଆ,*

*ଆପଣ ଅର୍ଗାନ୍ ବଜାଉଥିବା ସମୟରେ ମୋ'ର ଅନୁଭବ ହେଲା, ସତେ ଯେପରି ଖାସ୍ **ମୋ'** ସକାଶେହିଁ ଅନ୍ୟମାନେ ମାଆ ଅର୍ଗାନ୍ ବଜାଇବା ଶୁଣିବାରେ*

*ଲାଗିଛନ୍ତି ଏବଂ ଏପରି ଭାବି ମୁଁ ଗର୍ବ ବି ଅନୁଭବ କଲି । ସେହି ସମୟରେ ମଧ୍ୟ ମୁଁ ବୁଝୁଥିଲି ଯେ ଏପରି ଅନୁଭବ କରିବା ଆଦୌ ଉଚିତ ନୁହେଁ ଏବଂ ମୁଁ ଆଦୌ ଏପରି ଅନୁଭବ କରିବାକୁ ଚାହୁଁ ନ ଥିଲି । ମାତ୍ର, କିପରି ସେହି ଅନୁଭବରୁ ମୁକ୍ତ ହୋଇ ପାରିବି, ମୋତେ ସେ କଥା ଜଣା ନାହିଁ ।*

*ମାଆ, ମୁଁ ଭାବୁଛି ଯେ, ଯଦି ମୁଁ ଏକୁଟିଆ ଏକୁଟିଆ ରହନ୍ତି ଏବଂ ଆଉ ଆଦୌ କାହାରି ସହିତ ନ ମିଶନ୍ତି, ତେବେ ମୁଁ ଭାରି ସୁଖୀ ହୁଅନ୍ତି । ମୋତେ ଅତ୍ୟନ୍ତ ଖରାପ ଲାଗୁଛି । ଏସବୁ ଖରାପ କଥାମାନ କେବେ ମୋତେ ଛାଡ଼ି ବାହାରିଯିବେ କେଜାଣି ?*

*ଆପଣ ମୋ' ଉପରେ ଦୟା କରିବେ ।*

ବେଶୀ ବଢ଼ାଇ କରି ମୋଟେ କିଛି କହିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବେଳେ ବେଳେ ଦମ୍ଭର ଭାବ ଆସିଥାଏ । ଏଗୁଡ଼ିକୁ ପିଲାଳିଆ ଦମ୍ଭଭାବ ବୋଲି ମଧ୍ୟ କୁହାଯାଇ ପାରିବ । ମାତ୍ର, ସେଗୁଡ଼ିକ ବ୍ୟତୀତ ନାନା ଅନ୍ୟ ଭାବ ମଧ୍ୟ ଆସିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସଙ୍ଗୀତଟିକୁ ଶ୍ରବଣ କରୁଥିବା ସମୟରେ ତୁମେ ସଙ୍ଗୀତର ସେହି ବିଶୁଦ୍ଧ ଏବଂ ଅବିମିଶ୍ରିତ ଆନନ୍ଦଟିକୁ ମଧ୍ୟ ଅବଶ୍ୟ ଅନୁଭବ କରିଥିବ; ଏବଂ ଯେତେବେଳେ ତୁମେ ମୋ' ପାଖରେ ରହୁଛ, ସେତେବେଳେ ମଧ୍ୟ ପିଲାଟିଏ ତା'ର ମା' ପାଖରେ ରହିଥିବା ବେଳର ସହଜ ଏବଂ ଆନ୍ତରିକ ଆନନ୍ଦଟିକୁ ମଧ୍ୟ ନିଶ୍ଚୟ ଅନୁଭବ କରୁଥିବ ।

ମନୁଷ୍ୟର ପ୍ରକୃତି ମଧ୍ୟରେ କେତେ କଥା ଏକାଠି ହୋଇ ରହିଛି ଏବଂ ସର୍ବଦା ସତ୍ୟ ଓ ମିଥ୍ୟା ଏବଂ ଭଲ ମନ୍ଦ ଏକତ୍ର ମିଶ୍ରିତ ହୋଇ ରହିଛି । ଆପଣାର ଦୋଷ ଓ ଦୁର୍ବଳତାଗୁଡ଼ିକୁ ସ୍ପଷ୍ଟଭାବରେ ଦେଖିପାରିବା ଅବଶ୍ୟ ଅନେକ ମହତ୍ତ୍ୱପୂର୍ଣ୍ଣ ଓ ଉପଯୋଗୀ, ମାତ୍ର କେବଳ ସେହିଗୁଡ଼ିକୁହିଁ ଦେଖିବା ଆଦୌ ଉଚିତ ନୁହେଁ । କାରଣ ସେଇଟି ମଧ୍ୟ ଅତ୍ୟନ୍ତ ଏକପାଖିଆ ହୋଇଯିବ । ନିଜର ପ୍ରକୃତି ମଧ୍ୟରେ ଯାହାସବୁ ଭଲ ଓ ଯାହାସବୁ ସତ୍ୟ, ସେଗୁଡ଼ିକ ବିଷୟରେ ମଧ୍ୟ ସଜ୍ଞାନ ରହିଥିବା ଉଚିତ, ସେଗୁଡ଼ିକ ଉପରେ ମଧ୍ୟ ନିଜର ସମସ୍ତ ଦୃଷ୍ଟି ଦେଇପାରିବା ଉଚିତ । ସେପରି କରିପାରିଲେ ଏହି ଉତ୍ତମ ଏବଂ ପ୍ରକୃତ ପାଖଟି ମଧ୍ୟ ବୃଦ୍ଧିଲାଭ କରିପାରିବ ଏବଂ ଶେଷରେ ଅନ୍ୟଗୁଡ଼ିକ ଆଡ଼କୁ ପ୍ରସାରିତ ହୋଇଯିବ ଏବଂ ପ୍ରକୃତିକୁ ବଦଳାଇ ଦେଇ ପାରିବ ।

*୫ ଡିସେମ୍ବର ୧୯୩୨*

*ମାଆ,*

*ଆଜି ପ୍ରଣାମ ସମୟରେ ମୁଁ ଯେତେବେଳେ ଆପଣଙ୍କୁ ଦେଖିଲି, ମୋତେ ଲାଗିଲା, ସତେ ଯେପରି ଆପଣ ଭାରି ଗମ୍ଭୀର ହୋଇ ରହିଛନ୍ତି ।*

*ଆପଣଙ୍କୁ ଯାହାକିଛି ଜଣାଇବା ଉଚିତ ବୋଲି ମୁଁ ଭାବେ, ମୁଁ ତାହା ଲେଖିକରି ଜଣାଇଦିଏ । କାରଣ, ମୋ'ର ସମସ୍ତ ଭାବନା ଓ ଅନୁଭୂତିକୁ ଲେଖି ଜଣାଇଦେବା ଲାଗି ମୁଁ ଶପଥ ଗ୍ରହଣ କରିଛି ଏବଂ ମୁଁ ଆପଣଙ୍କୁ କୌଣସି ପ୍ରକାରେ ପ୍ରତାରିତ କରିବାକୁ ଇଚ୍ଛା କରୁ ନାହିଁ । ଆପଣଙ୍କୁ କହିବା ଲାଗି ମୋ'ପାଖରେ ଆଦୌ କୌଣସି ଭଲ କଥା ନାହିଁ । ସବୁବେଳେ ଗୁଡ଼ାଏ ଖରାପ, କୁତ୍ସିତ, ନିର୍ବୋଧ ଏବଂ ଦୁଷ୍ଟ କଥାହିଁ କହିବାକୁ ରହିଛି । ଯଦି କିଛି ଭଲ କଥା ଥାଏ, ସେଇଟି ହେଉଛି ଯେ ମୁଁ ଆପଣଙ୍କ ପାଇଁ କାମ କରୁଛି । (ଆପଣଙ୍କର ଶାଢ଼ି କାମ) ଏହି ଗୋଟିଏ କଥାକୁହିଁ ମୁଁ ଭଲ ବୋଲି କହିପାରିବି ।*

*ଆଜି ଦିନଟାଯାକ ମୁଁ ଭାରି ଦୁଃଖମନରେ ଥିଲି, ମୋଟେ ହସିବି ପାରୁ ନ ଥିଲି । ଆପଣଙ୍କୁ ଏହିପରି ଅନେକ ବିଷୟ ଶୁଣିବାକୁ ମିଳିବ । ମାତ୍ର, ଯଦି ଆଜି ସକାଳ ପରି ଆପଣ ଏଡ଼େ ଗମ୍ଭୀର ହୋଇ ରହିବେ, ତେବେ ଆପଣଙ୍କୁ ବରଂ କିଛି ନ କହିବାକୁହିଁ ମୁଁ ଅଧିକ ଭଲ ବୋଲି ମନେ କରିବି ।*

*ଆଜି ମୁଁ ସାତ ଘଣ୍ଟା କାମ କରିଛି ।*

ନାହିଁ ଝିଅ, ମୁଁ ଆଦୌ ''ଗମ୍ଭୀର'' ନ ଥିଲି ଏବଂ ସବୁଦିନ ପରି ତୁମକୁ ଦେଖି ଆଜି ମଧ ହସିଥିଲି । ତୁମେହିଁ କୌଣସି ଦୁଃଖରେ ନିଜର ମୁହଁଟାକୁ ଏଡ଼େ ସଙ୍କୁଚିତ କରି ରଖିଥିଲ ଓ ସମ୍ଭବତଃ ତୁମ ନିଜର ଦୁଃଖକୁହିଁ ମୋ ଆଖିରେ ପ୍ରତିବିମ୍ବିତ ହେବାର ଦେଖିବାକୁ ପାଇଲ । ଜୀବନକୁ ମୁଁ ଏତେ ଭଲ କରି ଜାଣିଛି ଯେ, ତୁମର ସ୍ୱୀକାରୋକ୍ତିଗୁଡ଼ିକ ମୋତେ କଦାପି ''ଗମ୍ଭୀର'' କରି ପାରିବ ନାହିଁ । ପୁନଶ୍ଚ, ତୁମର ସ୍ୱୀକାରୋକ୍ତି ଗୁଡ଼ିକ ଆଦୌ ଏତେ ଭୟଙ୍କର ମଧ ନୁହେଁ । ଅବଶ୍ୟ ତୁମେ ନିଜେ ସେଗୁଡ଼ିକ ସମ୍ବନ୍ଧରେ ହୁଏତ କ'ଣ ନା କ'ଣ ଭାବୁଥିବ । ଏବଂ, ତୁମକୁ କଷ୍ଟ ଦେଉଥିବା ବିଷୟଗୁଡ଼ିକୁ ତୁମେ ଯେତେବେଳେ ମୋ' ଆଗରେ କହି ଦେବ, ତେବେ ଦେଖିବ ଯେ ସେଗୁଡ଼ିକ ଅନ୍ତର୍ହିତ ହୋଇ ଯାଇଛନ୍ତି । ତାହା ଫଳରେ ତୁମେ ନିଜକୁ ମୁକ୍ତ ଏବଂ ଖୁସୀ ଅନୁଭବ କରିବ ।

କୁନି ଝିଅଟି, ତୁମର ହସଟିକୁ ଅବାରିତ କରି ରଖିଥାଅ । ସେହି ହସହିଁ ତୁମକୁ ତୁମର ବଳ ଯୋଗାଇଦେଇ ପାରୁଛି ।

*୭ ଡିସେମ୍ବର ୧୯୩୨*

*ମାଆ,*

*କାହିଁକି ମୁଁ କହି ପାରିବି ନାହିଁ, ମାତ୍ର ଗତ ଦୁଇ ତିନିଦିନ ହେଲା ମୋତେ କିଞ୍ଚିତ୍ ବିଷଣ୍ଣ ଲାଗୁଛି ।*

*ମାଆ, ବେଳେବେଳେ ମୁଁ ଯେତେବେଳେ ଉତ୍ସାହ ହରାଇବସେ, ହୁଏତ ମୋ' ଦ୍ୱାରା କୌଣସି ଯୋଗସାଧନା ଆଦୌ ସମ୍ଭବ ହେବ ନାହିଁ ବୋଲି ମୁଁ ଅନୁଭବ କରିବାକୁ ଲାଗେ, ସେତେବେଳେ ମନ ଭିତରେ ଏହିଭଳି କଳ୍ପନା କରେ : ''ମୁଁ ଯୋଗ କରି ପାରିବି ନାହିଁ ବୋଲି ଯଦି ମାଆ ମୋତେ କହନ୍ତି ଏବଂ ଏଠାରୁ ଚାଲିଯିବା ଲାଗି ପ୍ରସ୍ତାବ ଦିଅନ୍ତି, ତେବେ ମୋ'ର ଏପରି କେହି ନାହାନ୍ତି ଯାହା ପାଖକୁକି ମୁଁ ଯାଇପାରିବି; ଏପରି କୌଣସି ସ୍ଥାନ ନାହିଁ, ଯେଉଁଠାରେକି ମୁଁ ଯାଇ ରହିପାରିବି । ତେଣୁ, ଏଠାରେ ମୁଁ ଜଣେ ପରିଚାରିକା ହୋଇ ରହିବି ପଛକେ, ମାତ୍ର ଆଉ କେଉଁଠାକୁ ଯାଇ ବାସ କରିବା ମୋ' ଲାଗି କଦାପି ସମ୍ଭବ ହେବ ନାହିଁ ।*

*ଏହିସବୁ କଥାମାନ ଭାବି ଭାବି ମୁଁ ଆହୁରି ଅଧିକ ବିଷଣ୍ଣ ହୋଇପଡ଼େ ।*

*ମୋ'ର ଜନନୀ, ଆଜି ଲାଗୁଛି ସତେଯେପରି ଆପଣଙ୍କ ପାଖକୁ କିଛି ଲେଖିବା ଲାଗି ମୋ' ମନରେ ଆବଶ୍ୟକ ଶାନ୍ତି ମଧ ନାହିଁ । ଆଜି ମୁଁ ନଅଘଣ୍ଟା ଶାଢ଼ିକାମ କରିଛି ।*

ମୋ' ଆଦରର ଟିକି ଶିଶୁଟି,

ତୁମେ କୌଣସି ନୈରାଶ୍ୟକୁ କେବେହେଲେ ସ୍ୱୀକାର କରି ନେବ ନାହିଁ । କେବେହେଲେ ସ୍ୱୀକାର କରି ନେବ ନାହିଁ । ପୁଣି, ଏହି ଭାବନାଗୁଡ଼ିକୁ ସ୍ୱୀକାର କରିନେବାର ତ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଏଠାରୁ ମୁଁ ତୁମକୁ ବାହାରି ଯିବାକୁ କହିବି, ଏହି ଭାବନାଗୁଡ଼ାକ ପ୍ରକୃତରେ କେଡ଼େ ନିର୍ବୋଧ, କେଡ଼େ ଅଯଥାର୍ଥ ! ଏକଥା ତୁମେ କଳ୍ପନା କରିପାରୁଛ କିପରି ? ତୁମେତ ଏଠାରେ ଘର ପରି ରହିଛ, ରହିଛ କି ନାହିଁ କହିଲ ? ଏବଂ, ସବୁଦିନ ଲାଗି ମୋ'ପାଖରେ, ମୋ'ର ସ୍ନେହ ଏବଂ ସୁରକ୍ଷା ଭିତରେ ତୁମ ଲାଗି ସ୍ଥାନ ରହିଥିବ ।

*୯ ଡିସେମ୍ବର ୧୯୩୨*

*ମାଆ,*

*ମୋ' ମୁଣ୍ଡ ଭିତରର କଳ୍ପନାରେ ମୁଁ ଆଜି 'କ'ଙ୍କ ସହିତ କଥାବାର୍ତ୍ତା ହେଉଥିଲି । ସେଇଟି ପ୍ରତି ମୁଁ ଏତେ ଧ୍ୟାନ ଦେଉ ନ ଥିଲି ସତ, ମାତ୍ର ଏକ*

*ବିଶେଷ ମୁହୂର୍ତ୍ତରେ ଭାବିଲି ଯେ ମୁଁ ଏଗୁଡ଼ିକୁ ଲେଖି ମାଆଙ୍କୁ ଅବଶ୍ୟ ଜଣାଇ ଦେବି ଏବଂ ମୁଁ ଏଭଳି ଭାବିବା ସଙ୍ଗେ ସଙ୍ଗେ କଥାବାର୍ତ୍ତା ବନ୍ଦ ହୋଇଗଲା ।*

*ଲୋକମାନଙ୍କ ସହିତ ମୁଁ ଏହିପରି ମୋ' ମସ୍ତିଷ୍କ ଭିତରେ କଥା ହୁଏ; ମୋ'ର ମନ ନିଜର ଭାବନାଗୁଡ଼ିକୁ ନିଜର ଇଚ୍ଛା ଅନୁସାରେ ଆଉଜଣେ ବ୍ୟକ୍ତିର ମୁହଁରେ କୁହାଇବାରେ ଲାଗିଥାଏ ଏବଂ ତା'ଫଳରେ ମୋ' ମୁଣ୍ଡ ଭିତରେ ଏକ କୋଳାହଳ ଜନ୍ମଲାଭ କରେ ।*

*ଏଭଳି ଖରାପ ଏବଂ ନିର୍ବୋଧ କଥାଗୁଡ଼ିକୁ ଲେଖି ଲେଖି ମୁଁ ମଧ୍ୟ କ୍ଳାନ୍ତ ହୋଇ ପଡ଼ିଲିଣି । ଏହି ବହୁବିକ୍ଷିପ୍ତ ମନ ପ୍ରକୃତରେ କେବେ ଶାନ୍ତ ହୋଇ ପାରିବ କେଜାଣି ?*

ଏହା ଆଦୌ ସେତେ ଭୟଙ୍କର ନୁହେଁ । ମନ ସର୍ବଦା କୌଣସି ନା କୌଣସି ବିଷୟକୁ ନେଇ ବ୍ୟସ୍ତ ହୋଇ ରହିବାକୁ ଇଚ୍ଛା କରୁଥାଏ ଏବଂ ନାନାବିଧ କାହାଣୀ ଗଢ଼ି ଥୋଇଦେବା (ଏହି କାହାଣୀଗୁଡ଼ିକ ଯେ ସତ ନୁହେଁ, ଜଣେ ସେକଥା ଜାଣିଥାଇ ମଧ୍ୟ) ହେଉଛି ଏହି ଅସ୍ଥିର ମନର ଏକ ନିର୍ଦୋଷ ଅଭ୍ୟାସ । ଏହି ମନକୁ ଦିନେ ନା ଦିନେ ଅବଶ୍ୟ ଶାନ୍ତ ଓ ସ୍ଥିର ହୋଇଯିବାକୁ ପଡ଼ିବ, ଯେପରିକି ତାହା ଊର୍ଦ୍ଧ୍ୱରୁ ଆସୁଥିବା ଆଲୋକଟିକୁ ଗ୍ରହଣ କରି ପାରିବ । ମାତ୍ର, ତୁମେ ଇତ୍ୟବସରରେ ମୋତେ ତୁମର ଏହି ସବୁକିଛି କାହାଣୀ ଅବଶ୍ୟ ଆସି କହିପାରିବ । ସେଗୁଡ଼ିକ ମୋତେ ନିର୍ବୋଧ ନୁହନ୍ତି; ସେଗୁଡ଼ିକ ବେଶ୍ ମନୋରଞ୍ଜକ ଓ ସେଗୁଡ଼ିକୁ ଶୁଣିବାକୁ ମୋତେ ଭଲ ମଧ୍ୟ ଲାଗୁଛି । ତେଣୁ, 'ଏହିଟିକୁ ବା ସେଇଟିକୁ ମୁଁ ମାଆଙ୍କୁ କହିବି ନାହିଁ' ବୋଲି ମୋତେ କହ ନାହିଁ, 'ତାଙ୍କୁ ମୁଁ ପୂରା ମନ ଖୋଲି ସବୁ କହିଦେବି,'– ବରଂ ଏହିପରି କହ ।

*୧୧ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ଆପଣ ମୋତେ ଏପରି ଏକ ସୁଯୋଗ ଦେଇଛନ୍ତି, ଯାହାକି କାହାକୁ କ୍ୱଚିତ୍ ମିଳିଥାଏ; ତଥାପି ମୋ'ର କେତେବେଳେ ହେଲେ ସନ୍ତୋଷ ଆସୁ ନାହିଁ । ମୋ'ର ପ୍ରାଣିକ ସତ୍ତା ସର୍ବଦା ଅଧିକରୁ ଅଧିକ ଦାବି କରିବାରେ ଲାଗିଛି । ଆପଣ ତାକୁ ଯେତେ ଯାହା ଦେଲେ ମଧ୍ୟ ସେ ତଥାପି ସନ୍ତୁଷ୍ଟ ହୋଇପାରୁ ନାହିଁ ।*

ମୋ' ଶିଶୁଟି, ମୁଁ ଏପରି କିଛି ପ୍ରକାଶ କରିବାକୁ ଯାଉଛି, ଯାହାକୁ କି ତୁମେ ବୁଝିବାକୁ

ଚେଷ୍ଟା କରିବ : ତୁମେ ଯାହା ଆବଶ୍ୟକ କରୁଛ, ମୁଁ ତାହା ତୁମକୁ ଦେଇପାରୁ ନାହିଁ ବୋଲି ଯେ ତୁମେ ଅସନ୍ତୁଷ୍ଟ ରହିଛ ତାହା ନୁହେଁ; **ମୁଁ ତୁମକୁ ଅଧିକ ଦେଉଛି, ତୁମେ ଯେତିକି ଗ୍ରହଣ କରି ପାରିବ, ତା'ଠାରୁ ଅନେକ ଅଧିକ ଦେଉଛି** ବୋଲି ଏପରି ହେଉଛି । ନିଜକୁ **ଉନ୍ମୋଚିତ କର,** ଆପଣାକୁ ଅଧିକ ଦେଇ **ନିଜର ଗ୍ରହଣଶୀଳତାକୁ ବଢ଼ାଅ** । ତେବେ ଦେଖିବ ଯେ ତୁମର ସକଳ ଅସନ୍ତୋଷ ଅନ୍ତର୍ହିତ ହୋଇଯାଉଛି ।

*୧୨ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ମୁଁ କେଉଁଠାରେ ହେଲେ କୌଣସି ଅଗ୍ରଗତି ହେଉଥିବାର ଦେଖିପାରୁ ନାହିଁ । ଏପରିକି ନିଜର କାର୍ଯ୍ୟରେ ମଧ ମୁଁ ନିୟମିତ ହୋଇପାରି ନାହିଁ, ତେବେ ଆପଣଙ୍କର ସାହାଯ୍ୟ ଲାଗି ବା ମୁଁ କିପରି ଆଶା କରି ପାରିବି ?*

ମୁଁ ତୁମର କଥାଟିର ଅର୍ଥ ବୁଝିପାରୁ ନାହିଁ । ମୋ'ର ସାହାଯ୍ୟ ତୁମ ସହିତ ସର୍ବଦା ରହିଛି, ପରିପୂର୍ଣ୍ଣ ଭାବରେ ରହିଛି । ତୁମରହିଁ ନିଜକୁ ଉନ୍ମୋଚିତ କରିଆଣି ତାହାକୁ ଗ୍ରହଣ କରିବା କଥା । ଏବଂ, ବିଦ୍ରୋହ ଓ ଅସନ୍ତୋଷର ମନୋଭାବ ଦେଖାଇ ତୁମେ କଦାପି ତାହା କରିବାକୁ ସମର୍ଥ ହେବ ନାହିଁ ।

*ନିୟମିତ ଭାବରେ କାର୍ଯ୍ୟ କରିବି ବୋଲି ମୁଁ କେତେ ଥର ସଂକଳ୍ପ ଗ୍ରହଣ କରିଛି ଓ ସବୁଥର ଅକୃତକାର୍ଯ୍ୟହିଁ ହୋଇଛି । ତେଣୁ ମୁଁ ଭାବିଲି ଯେ, ମୁଁ ଯଦି ଆପଣଙ୍କୁ ଏକଥା କହିଦିଏ, ତେବେ ମୋତେ ଆପଣଙ୍କର ସାହାଯ୍ୟ ମିଳିପାରିବ ଏବଂ ମୁଁ କାର୍ଯ୍ୟରେ ନିୟମିତ ହେବି । ମାତ୍ର ସବୁ ବୃଥା ହୋଇଗଲା ।*

*ତେବେ, ଏହି ନୈରାଶ୍ୟ ଓ ଅସନ୍ତୋଷର ସ୍ଥିତିରେ ରହି ମୁଁ କିପରି ଆପଣଙ୍କ ପାଖକୁ ଲେଖିବାର ଅଭ୍ୟାସଟିକୁ ଅବ୍ୟାହତ ରଖିପାରିବି ?*

*ମାତ୍ର ଏଥିଲାଗି ମୁଁ ଆପଣଙ୍କୁ ଆଦୌ ଦୋଷ ଦେଉ ନାହିଁ; ଏଥିରେ କେବଳ ମୁଁ ହିଁ ଦୋଷୀ – ମୋ'ର ସବଳ ଇଚ୍ଛାଶକ୍ତି ନାହିଁ । ତେବେ ମୁଁ ଏଥିରୁ ମୁକ୍ତ ହୋଇପାରିବି କିପରି ?*

ତୁମ ପାଖରେ ଏକ ସବଳ ଇଚ୍ଛାଶକ୍ତି ରହିବାର କୌଣସି ପ୍ରୟୋଜନ ନାହିଁ – ତୁମକୁ କେବଳ ମୋ' ଇଚ୍ଛାଶକ୍ତିକୁ କାମରେ ଲଗାଇ ଶିଖିବାକୁ ହେବ ।

ତୁମେ ଅତ୍ୟନ୍ତ ସାବଧାନ ରହିବ ଓ କୌଣସି ନୈରାଶ୍ୟ, ନିରୁତ୍ସାହ ଓ ବିଦ୍ରୋହ ଆଡ଼କୁ ଦୁଆର ଖୋଲା ରଖିବ ନାହିଁ – ଏହା ତୁମକୁ ଚେତନାଠାରୁ ଦୂରକୁ, ବହୁଦୂରକୁ ନେଇଯିବ ଏବଂ ଏପରି ଏକ ଅନ୍ଧକାରର ଗର୍ତ୍ତରେ ନେଇ ପକାଇଦେବ, ଯେଉଁଠାରେ କି ଖୁସି ଆଦୌ ପ୍ରବେଶ କରିପାରିବ ନାହିଁ । ତୁମର ହସହିଁ ତୁମର ବୃହତ୍ ବଳ ହୋଇ ରହିଥିଲା; କାରଣ, ଜୀବନକୁ କିପରି ହସିଦେବାକୁ ହୁଏ, ତୁମେ ସେହି କଥା ଜାଣିଥିଲ । ସାହସ ଏବଂ ଅବିଚଳତା ସହିତ କିପରି କାର୍ଯ୍ୟ କରିବାକୁ ହୁଏ, ତୁମେ ସେକଥା ମଧ୍ୟ ଜାଣିଥିଲ । ଏଥିରେ ତୁମର ଏକ ଅସାଧାରଣ ସାମର୍ଥ୍ୟ ରହିଥିଲା । ମାତ୍ର, ତୁମେ ଅନ୍ୟ ବ୍ୟକ୍ତିମାନଙ୍କର ଉଦାହରଣ ଅନୁସରଣ କଲ ଏବଂ ସେମାନଙ୍କଠାରୁ ଅସନ୍ତୋଷ, ବିଦ୍ରୋହ ଏବଂ ନୈରାଶ୍ୟ ଶିକ୍ଷା କଲ । ଏବଂ ବର୍ତ୍ତମାନ ନିଜର ହସଟିକୁ ମଧ୍ୟ ତୁମକୁ ଛାଡ଼ି ଚାଲିଯିବାକୁ ବାଟ ଛାଡ଼ିଦେଲ । ତା'ସହିତ ମୋ'ଠାରେ ରହିଥିବା ତୁମର ବିଶ୍ୱାସ ଏବଂ ଆସ୍ଥା ମଧ୍ୟ ଚାଲିଗଲା । ଏହି ଭଳି ଏକ ସ୍ଥିତିରେ, ସବୁଯାକ ଦିବ୍ୟଶକ୍ତି ଯଦି ଆସି ତୁମ ପାଖରେ ଏକାଠି ଠୁଳ ହୁଅନ୍ତି, ତଥାପି କୌଣସି ଫଳ ଫଳିବ ନାହିଁ । ତୁମେ ସେମାନଙ୍କୁ ଗ୍ରହଣ କରିବାକୁ ମନାହିଁ କରୁଥିବ ।

କେବଳ ଗୋଟିଏ ପ୍ରତିକାର ରହିଛି, – ଏବଂ କୌଣସି କାଳବିଳମ୍ବ ନ କରି ତୁମେ ତାହାକୁ ଗ୍ରହଣ କରି ନିଅ : ତୁମର ହସଟିକୁ ପୁନର୍ବାର ଫେରି ପାଅ, ନିଜର ବିଶ୍ୱାସକୁ ମଧ୍ୟ ଫେରିପାଅ; ତୁମେ ଏକଦା ଯେଉଁ ବିଶ୍ୱାସପୂର୍ଣ୍ଣ ଶିଶୁଟି ହୋଇ ରହିଥିଲ, ପୁନର୍ବାର ତାହାହିଁ ହୋଇଯାଅ; ନିଜର ଦୋଷ ଏବଂ ଅସୁବିଧାଗୁଡ଼ିକୁ ନେଇ ଏତେ ଚିନ୍ତା ଆଉ କର ନାହିଁ; – ତୁମର ହସହିଁ ସେମାନଙ୍କୁ ନିକାଳି ବାହାର କରିଦେଇ ପାରିବ ।

*୧୬ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ମୁଁ ଅନେକ ସମୟରେ ଏପରି ହେବାର ଦେଖିଛି ଯେ, ଶୋଇସାରି ନିଦରୁ ଉଠିଲାବେଳେ ମୋ' ମୁଣ୍ଡ ଭିତରେ ଗୋଟିଏ ପ୍ରକାରର କୋଳାହଳ ଲାଗି ରହିଛି । ସତେ ଯେପରି ଅନେକ ଲୋକ ଏକାବେଳେକେ କଥାବାର୍ତ୍ତା କରିବାରେ ଲାଗିଛନ୍ତି ଏବଂ ସେମାନେ ଯାହାସବୁ କହୁଛନ୍ତି, ମୁଁ ସେଗୁଡ଼ିକୁ ଆଦୌ କିଛି ହେଲେ ବୁଝିପାରୁ ନାହିଁ । ଏବଂ ମୁଁ ଅନୁଭବ କରୁଛି, ସତେଯେପରି ରାତିଟାଯାକ ମଧ୍ୟ ଏହି କୋଳାହଳ ଲାଗି ରହିଥିଲା । ସବୁ ଯେପରି ଗୋଟାଏ ବଜାର ପରି ହୋଇ ରହିଛି, ଅତିବେଶୀ ପାଟିତୁଣ୍ଡ ହେବାରେ ଲାଗିଛି, କାରଣ ଲୋକମାନେ ଏକାବେଳେକେ କଥା କହୁଛନ୍ତି ଏବଂ ସେଗୁଡ଼ାକ ଆଦୌ କିଛି ବୁଝିହେଉ ନାହିଁ ।*

ସ୍ଥୂଳତମ ମନର ଯନ୍ତ୍ରବତ୍ ଭାବନାଗୁଡ଼ିକ ସେମାନଙ୍କର ନିଜ କ୍ଷେତ୍ରରେ ଯେଉଁସବୁ କୋଳାହଳ କରିଥାନ୍ତି, ତୁମେ ଶୋଇବା ଅବସ୍ଥାରେ ସେହିଗୁଡ଼ିକ ବିଷୟରେ ସଚେତନ ହୋଇ ରହୁଛ ।

*୧୮ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*...'କ'ଙ୍କ ବିଷୟରେ ମୁଁ ବର୍ତ୍ତମାନ ଭାବୁଛି, ''ମୁଁ ତାଙ୍କୁ ମନା କରିଦେଲି ନାହିଁ କାହିଁକି ?'' ମାତ୍ର, ସମୟଟି ଗତ ହୋଇଯିବା ପରେ ସେକଥା ଭାବିବାରେ ଆଉ କେଉଁ ଫଳ ମିଳିବ ?*

ଜଣେ ବ୍ୟକ୍ତି ଯାହା କରିଛି, କିଛି କାଳ ପରେ ପଛକୁ ଅନାଇ ତାହା ଉପରେ ଦୃଷ୍ଟିପାତ କରିବାରେ ଏକ ସୁଫଳ ଅବଶ୍ୟ ରହିଛି । କାରଣ, କିଞ୍ଚିତ୍ ଦୂରରେ ରହି, କାର୍ଯ୍ୟକ୍ଷେତ୍ରଟିର ବାହାରେ, ସିଏ ଅଧିକ ସ୍ପଷ୍ଟ ଭାବରେ ସବୁକିଛି ଦେଖିବାକୁ ସମର୍ଥ ହୁଏ ଏବଂ କ'ଣ କରିବା ଉଚିତ ଥିଲା ବା ଉଚିତ ନ ଥିଲା, ତାହାକୁ ଅଧିକ ଭଲ ଭାବରେ ବୁଝି ବି ପାରେ ।

*୨୦ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ଏହିସବୁ କଳ୍ପନା ମୋ'ଭିତରେ ରହିଥାନ୍ତୁ ବୋଲି ଯଦି ଆପଣ ଇଚ୍ଛା କରୁଥାନ୍ତି, ତେବେ ସେମାନେ ଥାଆନ୍ତୁ । ମାତ୍ର ଯଦି ଆପଣ ସେପରି ଇଚ୍ଛା ନ କରୁଥାନ୍ତି, ତେବେ ସେମାନଙ୍କୁ ଉପାଡ଼ି ଫୋପାଡ଼ି ଦିଅନ୍ତୁ ।*

ମୁଁ ଆଉଥରେ କହୁଛି, ବ୍ୟସ୍ତ ହୁଅ ନାହିଁ । ଯାହା ଚାଲିଯିବାର କଥା, ତାହା ଅବଶ୍ୟ ଚାଲିଯିବ । ଯାହା ଭଲ, କେବଳ ତାହାହିଁ ରହିବ ।

*୨୫ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ମୁଁ ଭାବୁଛି, ଏଥର ମୁଁ ଆପଣଙ୍କ ପାଖକୁ ଶେଷ କଥାଟିକୁ ଲେଖିଦେବି । ବର୍ତ୍ତମାନ ମୋ'ର ଏହିସବୁ ଚିଠିଲେଖା ବନ୍ଦ କରିଦେବା ଉଚିତ, କାରଣ ମୋତେ ଭାରି କ୍ଳାନ୍ତି ଲାଗୁଛି ।*

*ଆପଣଙ୍କୁ ଏଇଟା ଭଲ ଲାଗିବ ନାହିଁ ବୋଲି ମୁଁ ବେଶ୍ ଜାଣିଛି, ମାତ୍ର*

*ମୁଁ କହିବାକୁ ଚାହୁଁଛି ଯେ ମୋ'ର ନିଜକୁ ଟିକିଏ ଅନ୍ତରାଳକୁ ନେଇଯିବା ମୋ'ଲାଗି ଅଧିକ ଭଲ ହେବ । ମୋ'ର ଆଉ କୌଣସି ଆଶା ନାହିଁ । ପୁଣି ମୁଁ ଗତ କେତେଦିନ ହେଲା ମୋ' କାର୍ଯ୍ୟରେ ଅନିୟମିତ ହୋଇଗଲିଣି । ଆପଣ ମୋତେ ଥରେ କହିଥିଲେ ଯେ, ଆପଣଙ୍କ ଆଡ଼କୁ ନିଜକୁ ଉନ୍ମୋଚିତ କରିଦେବା ହେଉଛି ମୋ'ର କାମ, କାରଣ ଆପଣଙ୍କର ସହାୟତା ମୋ'ପାଖରେ ଅନୁକ୍ଷଣ ରହିଛି । ମାତ୍ର, ଆପଣଙ୍କ ଆଡ଼କୁ ମୁଁ ନିଜକୁ ପ୍ରକୃତରେ କେବେ ଉନ୍ମୋଚିତ କରିଦେଇ ପାରିବି, ମୋତେ ସେକଥା ଜଣା ନାହିଁ । ମୁଁ ତ ଗୋଟାଏ ପଥର ପରି କଠିନ ହୋଇ ରହିଛି । ଏସବୁ କଥା ଏତେ କଷ୍ଟସାଧ୍ୟ ବୋଲି ଯଦି ମୁଁ ଆଗରୁ ଜାଣି ଥାଆନ୍ତି, ତେବେ ମୁଁ ଏଠାକୁ ଆସିବା ଲାଗି ଆଦୌ ଇଚ୍ଛା କରି ନ ଥାନ୍ତି ! ମାଆ, ମୋ'ର ଅନୁରୋଧ, ଆପଣ ମୋତେ ମୁଁ ବିଦ୍ରୋହ କରୁଛି ବୋଲି କଦାପି କହିବେ ନାହିଁ । ସେହି କଥାଟି ଶୁଣିବାକୁ ମୁଁ ଆଦୌ ଇଚ୍ଛା କରୁ ନାହିଁ ।*

*ମାଆ, ଏହିସବୁ କଥା ମୁଁ କାହିଁକି ଲେଖୁଛି, ସେକଥା ମୋତେ ଆଦୌ ଜଣା ନାହିଁ । ମାଆ, ଅନୁଗ୍ରହ କରି ମୋ' ଉପରେ ଆଦୌ ରାଗ କରିବେ ନାହିଁ । ଆପଣଙ୍କ ବ୍ୟତୀତ ମୋ'ର ନିଜର ବୋଲି ଆଉ କେହି ନାହାନ୍ତି ।*

ତୁମେ କାହିଁକି ଏପରି ନିରୁତ୍ସାହିତ ହୋଇ ପଡୁଛ ? ପ୍ରତ୍ୟେକ ବ୍ୟକ୍ତିର କିଛି ନା କିଛି ଅସୁବିଧା ରହିଛି; ଅନ୍ୟମାନଙ୍କ ତୁଳନାରେ ତୁମର ଅସୁବିଧାଗୁଡ଼ିକୁ ଲଙ୍ଘିଯିବା ଯେ ଅଧିକ କଷ୍ଟକର, ସେକଥା ଆଦୌ ନୁହେଁ । ତୁମକୁ କେବଳ ବିଶ୍ୱାସ ରଖିବାକୁ ହେବ, ଖୁସି ରହିବାକୁ ପଡ଼ିବ ।

*୨୭ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*''ଯାହା ଚାଲିଯିବାର କଥା, ତାହା ଅବଶ୍ୟ ଚାଲିଯିବ । ଯାହା ଭଲ, କେବଳ ତାହାହିଁ ରହିବ ।''*

*ଦିନେ ଆପଣ ମୋ' ଖାତାରେ ଏହି କଥାଗୁଡ଼ିକୁ ଲେଖି ଦେଇଥିଲେ । କିନ୍ତୁ, ମୁଁ ଏପର୍ଯ୍ୟନ୍ତ ଯେଉଁସବୁ ବିଷୟରେ ଆପଣଙ୍କ ପାଖକୁ ଲେଖୁଛି, ସେଗୁଡ଼ିକ କିଛି ଯାଇ ନାହିଁ । ସେମାନେ ତା'ହେଲେ ସବୁଯାକ ଭଲ କଥା ! ଏବଂ ସମ୍ଭବତଃ ଏହି ବିଦ୍ରୋହ, ଅସନ୍ତୋଷ, ଉତ୍ସାହହୀନତା ଓ ମନ୍ଦ ମିଜାଜ,– ଏସବୁ ମଧ୍ୟ ଭାରି ଭଲ ! କାରଣ ସେଗୁଡ଼ିକ ଏବେ ମଧ୍ୟ ମୋ'ଭିତରେ ରହିଛନ୍ତି, ଚାଲିଯାଇ*

*ନାହାନ୍ତି । ଏବଂ, ମୋ'ର ହସ, ନିୟମିତ ଭାବରେ କାର୍ଯ୍ୟ କରିବା ଓ ବିଶ୍ୱାସ ରଖିବା ପ୍ରଭୃତି ବୋଧହୁଏ ଏଗୁଡ଼ାକ ସବୁ ମନ୍ଦ କଥା । କାରଣ ମୁଁ ଦେଖୁଛି ଯେ ସେଗୁଡ଼ିକ ମୋତେ ତ୍ୟାଗ କରି ଚାଲି ଯାଇଛନ୍ତି, ଅନ୍ତତଃ ବର୍ତ୍ତମାନ ପାଇଁ ।*

*ଏବଂ, ଯଦି ମୋ'ଭିତରେ ମନ୍ଦ ବୋଲି କିଛି ହେଲେ ନାହିଁ, ତେବେ ଆମେ କାହିଁକି ଏତେ କଷ୍ଟ କରୁଛୁ ? ଚୁପ୍ ରହିବାହିଁ ନିଶ୍ଚୟ ଅଧିକ ଭଲ ହେବ, କାରଣ, ''ଯାହା ଯିବାର କଥା, ତାହା ଅବଶ୍ୟ ଚାଲିଯିବ । ଯାହା ଭଲ, କେବଳ ତାହାହିଁ ରହିବ ।''*

*ମାଆ, ମୁଁ ଜାଣିଛି ଯେ ମୁଁ ଲେଖିଥିବା ଏହି କଥାଗୁଡ଼ିକ ଆପଣଙ୍କୁ ଆଦୌ ଭଲ ଲାଗିବ ନାହିଁ । ମାତ୍ର, ମୁଁ ଆଉ କ'ଣ କରି ପାରିବି ? ଏସବୁ କଥା ମୋତେ ଆପଣଙ୍କ ପାଖକୁ ଲେଖିବାକୁହିଁ ହେବ ।*

ମୁଁ ମୋଟେ ରାଗ କରି ନାହିଁ; କାରଣ ତୁମେ ଯାହାସବୁ ଲେଖିଛ, ସେଗୁଡ଼ିକର କୌଣସି ଅର୍ଥ ନାହିଁ । ତୁମ ଉପରେ ଭାରି ଦୟା ହେଉଛି,– ବାସ୍ ଏତିକି । ଏସବୁ ସଙ୍ଗେ ସଙ୍ଗେ **କହିବା ମାତ୍ରକେ,** ଚାଲିଯିବ ବୋଲି ମୁଁ କହିଥିଲି କି, ବିଶେଷ କରି ଯେତେବେଳେ ତୁମେ ଏଗୁଡ଼ିକୁ ପ୍ରତ୍ୟାଖ୍ୟାନ ନ କରି ନିଜ ଭିତରେ ରଖିବା ଲାଗି ଅଧିକ ଇଚ୍ଛା ପ୍ରଦର୍ଶନ କରୁଛ ?

*୨୮ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ଆଜି ସକାଳେ ନଅଟା ପରେ 'କ' ମୋ' କୋଠରିକୁ ଆସିଥିଲେ । ମୋ' ଭିତରୁ ଆସୁଥିବା ଯାବତୀୟ ପ୍ରତିକୂଳ ପ୍ରସ୍ତାବନାକୁ ପ୍ରତ୍ୟାଖ୍ୟାନ କରିବା ଇତ୍ୟାଦି ଲାଗି ସେ ମୋତେ ପରାମର୍ଶ ଦେଲେ । ବେଶ୍ ଗୋଟାଏ ଭାଷଣ ଶୁଣାଇଲେ । ସିଏ ଅବଶ୍ୟ ନିଜେ ସେକଥା କହି ନାହାନ୍ତି, ମାତ୍ର ମୁଁ ଭାବୁଛି ଆପଣ ତାଙ୍କୁ ମୋ' କୋଠରିକୁ ଆସିବା ଲାଗି କହିଥିଲେ ।*

*ମାତ୍ର ମୁଁ ଆପଣଙ୍କୁ କହିଦେବା ପାଇଁ ବାଧ୍ୟ ହେଉଛି ଯେ, ଲୋକମାନେ ଆସି ମୋ' ପାଇଁ ଏପରି ଭାଷଣ ଦେଇଯାଆନ୍ତୁ, ଏକଥା ମୋତେ ଆଦୌ ଭଲ ଲାଗେ ନାହିଁ । ଯାହା କହିବା ଆବଶ୍ୟକ, ସେ କଥା କ'ଣ ମୋତେ ଆପଣ ସିଧା କହିପାରନ୍ତେ ନାହିଁ ? ମୁଁ କ'ଣ ଏଠି ଆପଣଙ୍କ ସହିତ ନାହିଁ ? ମୁଁ କ'ଣ ଏତେ ଦୂରରେ ଯାଇ ରହିଛି ? ତେବେ ମୋତେ କାହିଁକି ଅନ୍ୟମାନଙ୍କର ଉପଦେଶ ଶୁଣିବାକୁ ପଡ଼ିବ ?*

ତୁମର ଆତ୍ମସମ୍ମାନ-ସଚେତନତା ଓ ଦମ୍ଭହିଁ ଏକ ଅତ୍ୟନ୍ତ ତୀବ୍ର ଅବସ୍ଥାରେ ଆସି ପହଞ୍ଚିଲାଣି ଓ ସେଗୁଡ଼ିକହିଁ ତୁମକୁ ସ୍ନେହର ସ୍ଥାନ ଦେଖିବାକୁ ଦେଉ ନାହାନ୍ତି ।

*ମୁଁ ଆପଣଙ୍କ ପାଖକୁ ଯାହାସବୁ ଲେଖୁଛି, ଆପଣ ସେସବୁ 'ଖ'ଙ୍କୁ କହି ଦେଉଛନ୍ତି କି ନାହିଁ ମୁଁ ଜାଣି ନାହିଁ, ମାତ୍ର ଆପଣ ନ କହିବାଟାହିଁ ମୋ'ମତରେ ଅଧିକ ଭଲ ହେବ ।*

ତୁମେ ମୋ'ପାଖକୁ ଯାହା ଲେଖୁଛ, କେବଳ ଶ୍ରୀଅରବିନ୍ଦହିଁ ସେଗୁଡ଼ିକୁ ଜାଣିଛନ୍ତି ।

*ଏହି ଖାତାରେ ଆପଣ ଥରେ (୧୬ ଡିସେମ୍ବର) ମୋ'ପାଖକୁ ଆପଣଙ୍କର ସାହାଯ୍ୟ ବିଷୟରେ ଲେଖିଥିଲେ : ''ତୁମର କାମ ହେଉଛି ନିଜକୁ ଉନ୍ମୋଚିତ କରି ରଖିବା ଏବଂ ତାହାକୁ ଗ୍ରହଣ କରିବା ଏବଂ, ବିଦ୍ରୋହ ଓ ଅସନ୍ତୋଷ ପ୍ରକାଶ କରି ତୁମେ କଦାପି ତାହା କରିବାରେ ସମର୍ଥ ହେବ ନାହିଁ ।''*

*ଏବଂ ଆପଣ ମୋତେ ପୁଣି (୭ ଡିସେମ୍ବର) ଏହି ଖାତାରେ ଲେଖି ପଠାଇଥିଲେ : ''ତୁମକୁ କଷ୍ଟ ଦେଉଥିବା ଯାବତୀୟ କଥାକୁ ଯଦି ତୁମେ ମୋତେ କହିଦେଇ ପାରିବ, ତେବେ ଦେଖିବ ଯେ ସେଗୁଡ଼ିକ ସଙ୍ଗେସଙ୍ଗେ ଅନ୍ତର୍ହିତ ହୋଇ ଯାଇଛନ୍ତି । ତା'ପରେ ତୁମକୁ ଭାରି ମୁକ୍ତ ଲାଗିବ, ଖୁସି ମଧ୍ୟ ଲାଗିବ ।''*

*ତେଣୁ ମୁଁ ଆପଣଙ୍କୁ କହୁଛି ଯେ, ଏହି ବିଦ୍ରୋହ ଓ ଏହି ମନ୍ଦ ମିଜାଜ ମଧ୍ୟ ମୋତେ କଷ୍ଟ ଦେବାରେ ଲାଗିଛନ୍ତି ।*

ଅନ୍ୟ ସବୁଠାରୁ ଏଇଟି ହେଉଛି ସବୁଠାରୁ ଅଧିକ **କଷ୍ଟ** ।

*ମୁଁ ଭାବୁଛି ମୋତେ କଷ୍ଟ ଦେଉଥିବା ସବୁକିଛି ବିଷୟକୁ ମୁଁ ଆପଣଙ୍କୁ କହିସାରିଛି ।*

ସେଗୁଡ଼ିକୁ ଖାଲି **କହିଦେବାଟା** ହିଁ ଯଥେଷ୍ଟ ନୁହେଁ, ସେଗୁଡ଼ିକ ତୁମକୁ ଛାଡ଼ି ଚାଲିଯାଆନ୍ତୁ ବୋଲି ତୁମର ପ୍ରକୃତରେ ଇଚ୍ଛା ରହିଥିବା ଆବଶ୍ୟକ ।

*ମାଆ, ଆଜି ମୋ'ମନରେ ଭାରି ଦୁଃଖ । କାହିଁକି ଦୁଃଖ ମୁଁ କହି ପାରିବି ନାହିଁ । ମାତ୍ର ଆଜି ମୁଁ କାନ୍ଦି ମଧ୍ୟ ପକାଇଲି ।*

ଏବଂ ତଥାପି ଏହା ଅତ୍ୟନ୍ତ ସ୍ୱାଭାବିକ । ତୁମେ ଯେତେବେଳେ ନିଜର ଆତ୍ମା ଆଡ଼କୁ ମୁହଁ ବୁଲାଇ ବସିଛ ଏବଂ ପୁଣି କେବଳ ଗର୍ବ ହେତୁହିଁ ତାହା କରୁଛ, ସେତେବେଳେ ତୁମେ ଦୁଃଖୀ ହେବ ନାହିଁ ତ ଆଉ କିଏ ହେବ !

*ମାଆ, ଆପଣ ଅନୁଗ୍ରହ କରି ମୋତେ ଏହି ନିରାଶା ଏବଂ ଏହି ବିଦ୍ରୋହରୁ ରକ୍ଷା କରନ୍ତୁ । ଏଥିରୁ ଆପଣ ମୋତେ ସତରେ ରକ୍ଷା କରିବେ ନାହିଁ ?*

ମୋ'ର ସକଳ ଇଚ୍ଛା ଦେଇ ମୁଁ ତୁମକୁ ମୁକ୍ତ କରି ଆଣିବାକୁ ଚାହୁଁଛି । ମାତ୍ର, ମୋତେ ତୁମେ ଏହା କରିବାକୁ ଅନୁମତି ଦେଲେ ସିନା ହେବ ! **ବିଦ୍ରୋହ କରିବାର ଅର୍ଥ ହେଉଛି ଦିବ୍ୟ ପରମ ପ୍ରେମକୁ ବର୍ଜନ କରିବା ଏବଂ କେବଳ ସେହି ଦିବ୍ୟ ପରମପ୍ରେମରହିଁ ଉଦ୍ଧାର କରିବାର ଶକ୍ତି ରହିଛି ।**

*୨୮ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ମୁଁ କ'ଣ ଆପଣଙ୍କର ସନ୍ତାନ ନୁହେଁ ? ହଁ, ମୁଁ ଜାଣେ ଯେ ମୁଁ ଗୋଟିଏ ଦୁଷ୍ଟ ସନ୍ତାନ; ମାତ୍ର ମୁଁ କ'ଣ କରିପାରିବି ? ଦୁଷ୍ଟ ହୁଏ କି ଯାହା ହୁଏ, ମୁଁ ତଥାପି ଆପଣଙ୍କର ।*

ତୁମେ ଦୁଷ୍ଟ ବୋଲି ମୁଁ ଆଦୌ ଭାବୁ ନାହିଁ । ଏବଂ ମୁଁ ଭଲ କରି ଜାଣିଛି ଯେ ତୁମେ ହେଉଛ ମୋ'ର ସନ୍ତାନ ।

*୨୯ ଡିସେମ୍ବର ୧୯୩୨*

*ସ୍ନେହମୟି ମାଆ,*

*ମୋତେ ଲାଗୁଛି ଯେ ମୋ'ର ମନ (ବା ବରଂ ମୁଁ ନିଜେ) ଆଦୌ ଶାନ୍ତ ହୋଇଯିବାକୁ ଇଚ୍ଛା କରୁ ନାହିଁ । କାରଣ, ଯଦି ମୁଁ ଶାନ୍ତ ହୋଇଯିବାକୁ ଇଚ୍ଛା କରୁଥା'ନ୍ତି, ତେବେ ମୁଁ ସ୍ୱଭାବତଃ ନିଜକୁ ଶାନ୍ତ କରି ଆଣିବାର ଚେଷ୍ଟା କରିଥାନ୍ତି, ନୁହେଁ କି ?*

ମନସ୍ତତ୍ତ୍ୱର କ୍ଷେତ୍ରରେ, ଯେଉଁ ରୋଗୀମାନେ ଆରୋଗ୍ୟ ଲାଭ କରିବାକୁ ଇଚ୍ଛା କରନ୍ତି

ନାହିଁ, କେବଳ ସେହିମାନେହିଁ ଅନାରୋଗ୍ୟ ହୋଇ ରହିଥାନ୍ତି । ଶାରୀରିକ ରୋଗଗୁଡ଼ିକ କ୍ଷେତ୍ରରେ ମଧ୍ୟ ଏହି ନିୟମଟି କାର୍ଯ୍ୟ କରିଥାଏ, ନୁହେଁ ?

*୫ ଜାନୁଆରି ୧୯୩୩*

*ସ୍ନେହମୟି ମାଆ,*

*ମନସ୍ତାତ୍ତ୍ୱିକ ଏବଂ ଶାରୀରିକ ରୋଗ ବିଷୟରେ ଆପଣ କ'ଣ ସବୁ କହିଛନ୍ତି ? ଏସବୁ ମୁଁ ଆଦୌ କିଛି ବୁଝିପାରୁ ନାହିଁ ।*

ମନସ୍ତାତ୍ତ୍ୱିକ ରୋଗ ହେଉଛି ଭାବନା ଓ ଅନୁଭବ-କ୍ଷେତ୍ରର ରୋଗ; ଉଦାହରଣ ସ୍ୱରୂପ ନୈରାଶ୍ୟ, ବିଦ୍ରୋହ, ବିମର୍ଷତା ଇତ୍ୟାଦି । ଶରୀରରେ ଦେଖା ଦେଉଥିବା ରୋଗମାନେ ଶାରୀରିକ ରୋଗ ।

*୬ ଜାନୁଆରି ୧୯୩୩*

*ସ୍ନେହମୟି ମାଆ,*

*ମୁଁ ଯେ ଆପଣଙ୍କଠାରୁ ଆଦୌ କିଛି ଲୁଚାଇ ରଖି ପାରିବି ନାହିଁ ଏବଂ ଆପଣଙ୍କ ବ୍ୟତୀତ ମୁଁ ଯେ ବଞ୍ଚି ମଧ୍ୟ ପାରିବି ନାହିଁ, ଆପଣ ଏ କଥା ଜାଣିଛନ୍ତି ବୋଲି ମୋତେ ଜଣାଅଛି । ଏବଂ, ମାଆ, ସେହି କାରଣରୁହିଁ ମୁଁ ଯଥାସମ୍ଭବ ଅଧିକ ଦୁଃଖଭୋଗ କରେ ବୋଲି ଦେଖିବାକୁ ଆପଣଙ୍କୁ ଭଲ ଲାଗୁଛି । ନୁହେଁ କି ?*

ତୁମେ ପ୍ରକୃତରେ କ'ଣ କହିବାକୁ ଚାହୁଁଛ, ମୁଁ ତାହାର ବିନ୍ଦୁବିସର୍ଗ କିଛି ବୁଝି ପାରୁ ନାହିଁ । ତୁମେ **କହୁଥିବା ପରି ଲାଗୁଛି ଯେ** ତୁମକୁ ଦୁଃଖଭୋଗ କରୁଥିବା ଦେଖିବା ଲାଗି ମୋତେ ଭଲ ଲାଗୁଛି । ମାତ୍ର ଏଇଟା ଏଡ଼େ ଅଭାବନୀୟ ଯେ ତୁମେ **ପ୍ରକୃତରେ ଏହିପରି ଭାବୁଛ ବୋଲି** ମୁଁ ବିଶ୍ୱାସ ବି କରି ପାରୁ ନାହିଁ ।

ମୋ'ର ସକଳ ଇଚ୍ଛାକୁ କାମରେ ଲଗାଇ ମୁଁ ଯେତେବେଳେ ପୃଥିବୀରୁ ଦୁଃଖ ଭୋଗ ଅନ୍ତର୍ହିତ ହୋଇଯାଉ ବୋଲି କାର୍ଯ୍ୟ କରୁଛି, ସେହି କ୍ଷେତ୍ରରେ ମୋର ଗୋଟିଏ ସନ୍ତାନ ଦୁଃଖ ଭୋଗ କରୁ ବୋଲି ମୁଁ କିପରି ଇଚ୍ଛା କରିବି ? ଭଲ ପାଇବା ତ ଆହୁରି ଦୂରର କଥା । ଏହା ପ୍ରକୃତରେ ଏକ ଜଘନ୍ୟ କଥା ହେବ ।

*୭ ଜାନୁଆରି ୧୯୩୩*

*ସ୍ନେହମୟି ମାଆ,*

*ଗତ ଦୁଇଦିନ ହେଲା ମୁଁ ଏକ ତୀବ୍ର ନୈରାଶ୍ୟ ଏବଂ ବିଷଣ୍ଣତା ଭୋଗ କରୁଛି,– ଏହା ଏପରି ଉତ୍କଟ ହୋଇଗଲାଣି ଯେ, ମୁଁ ଭାବୁଛି, ଆଉ ଅଧିକ କେତେଟା ଦିନ ଏହିପରି ହେଲେ ଏଗୁଡ଼ିକରୁ ନିଷ୍କୃତି ଲାଭ କରିବା ମୋ'ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ।*

*କ'ଣ ସବୁ ଘଟିବାକୁ ଯାଉଛି, ମୁଁ ସେ ବିଷୟରେ କିଛି ଜାଣି ନାହିଁ; ମାତ୍ର ମୁଁ ଏଭଳି ଭାବିବାକୁ ବାଧ ହେଉଛି ଯେ, ଯଦି ମୁଁ ସକଳ ସମୟ ଏହିଭଳି ଅବସ୍ଥାରେ ରହେ ଏବଂ ଏହିପରି ଯଦି କେବେହେଲେ ଏତେ ଟିକିଏ ହେଲେ ଖୁସି ଅନୁଭବ ନ କରେ, ତେବେ ଅଚିରେ ମୋ'ର ଜୀବନ ଧରି ରହିବା ମଧ ଅସମ୍ଭବ ହୋଇ ପଡ଼ିବ । ଏହି ଦୁଇଦିନର ଦୁଃଖାନୁଭୂତି ଓ ନୈରାଶ୍ୟ ଭିତରେ ମୋ' ମନରେ ଆତ୍ମହତ୍ୟା କରିଦେବାର ଭାବନା ମଧ ଆସି ଦେଖାଦେଇଛି । (ଆପଣ ଆଦୌ ଭୟ କରିବେ ନାହିଁ, ମୁଁ କଦାପି ଆତ୍ମହତ୍ୟା କରିବି ନାହିଁ; ମୁଁ କେବଳ ମୋ' ଅବସ୍ଥା ବିଷୟରେହିଁ ଆପଣଙ୍କୁ ପ୍ରକୃତ କଥାଟି କହିଦେଉଛି, ଯେପରିକି ଆପଣ ଏବିଷୟରେ ସବୁକଥା ଜାଣିପାରିବେ ।)*

ବାହ୍ୟ ଜଗତ ପରି ସୂକ୍ଷ୍ମ ଜଗତରେ ମଧ ଚୋରମାନେ ଥାଆନ୍ତି । ଜଣେ ବିବେକୀ ମନୁଷ୍ୟ ବାହ୍ୟ ଚୋରମାନଙ୍କଠାରୁ ନିଜର ଦ୍ୱାରଗୁଡ଼ିକୁ ଯେପରି ଶିକୁଳି ଲଗାଇ ବନ୍ଦ କରି ରଖିଥାଏ, ଠିକ୍ ସେହିପରି ସୂକ୍ଷ୍ମ ଜଗତର ଚୋରମାନଙ୍କଠାରୁ ତୁମକୁ ନିଜ ଭାବନାର ଦୁଆରଗୁଡ଼ିକୁ ମଧ ବନ୍ଦ କରି ରଖିବାକୁ ହେବ ।

ବିଷଣ୍ଣତା, ନୈରାଶ୍ୟ ଏବଂ ଆତ୍ମହତ୍ୟାର ଏହି ଯାବତୀୟ ପ୍ରସ୍ତାବନା ସେହିମାନଙ୍କ (ପ୍ରାଣିକ ଜଗତର ଚୋରମାନଙ୍କ) ଠାରୁହିଁ ଆସୁଛି । କାରଣ, ତୁମେ ନିରାଶା ଭିତରେ ବୁଡ଼ି ରହିଥିବା ସମୟରେହିଁ ସେମାନେ ତୁମକୁ ଲୁଟି ନେବାକୁ ସର୍ବୋତ୍ତମ ଭାବରେ ସମର୍ଥ ହୋଇଯିବେ । ତୁମେ ସେମାନଙ୍କର କଥାକୁ ଆଦୌ କାନ ଦେବ ନାହିଁ – ସେହି ଦୁଷ୍ଟତାପୂର୍ଣ୍ଣ ପ୍ରସ୍ତାବନାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବ ଏବଂ ପୁନର୍ବାର ଆପଣାର ଯଥାର୍ଥ ସ୍ଥିତିକୁ – ମୋ' ''କୁନି ସ୍ମିତହସଟି'' ହୋଇ ରହିବାର ସ୍ଥିତିକୁ ଫେରି ଆସିବ ।

*୯ ଜାନୁଆରି ୧୯୩୩*

*ଆଦରଣୀୟା ମାଆ,*

*ଆପଣ ଆଉ ମୋତେ ''ମୋ' ସନ୍ତାନ'' ବୋଲି କହୁ ନାହାନ୍ତି, ନୁହେଁ ?*

*ମୁଁ କ'ଣ ଏଡ଼େ ଖରାପ ଏବଂ ଅଯୋଗ୍ୟ ?*

*ମାଆ, ମୁଁ ଭାବୁଛି ଯେ ମୁଁ ଯଥାସାଧ୍ୟ ସବୁ କରୁଛି, ଏବଂ ଯଦି ମୁଁ ତଥାପି ଭଲ ହୋଇ ନ ପାରୁଛି, ତେବେ ଆଉ କ'ଣ କରାଯିବ ? ହଁ, ମୁଁ ଭଲ କରି ଜାଣିଛି ଯେ, ମୁଁ ଆଗରୁ ଯାହା ଥିଲି, ତାହା ଆଉ ମୋଟେ ହୋଇ ରହି ନାହିଁ ।*

ଆଜି ଅପରାହ୍ଣରେ ମୁଁ ତୁମ ପାଖକୁ ଯେଉଁ ସାନ ଟିପା କାଗଜଟିକୁ ପଠାଇଥିଲି, ସେଥିରେ ''ମୋ'ସନ୍ତାନ'' ବୋଲି ନ ଲେଖିବା ପଛରେ ଆଦୌ କୌଣସି ବିଶେଷ କଥା ନ ଥିଲା । ମୁଁ ଭାରି ତରତର ହେଉଥିଲି ଏବଂ ଯଥାସମ୍ଭବ ଅଳ୍ପ କେତୋଟି ଶବ୍ଦରେ ଟିପାଟିକୁ ଲେଖି ଦେଇଥିଲି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ଯେତେବେଳେ ପ୍ରକୃତରେ ସେହି **ଚିରନ୍ତନ ଟିକି ସ୍ମିତ ହସଟି** ହୋଇ ରହିଥିଲ, ମୁଁ ସେହି ସମୟଟିକୁ ବର୍ତ୍ତମାନ ଝୁରି ହେଉଛି । ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଓ ସାବଲୀଳ ଭାବରେ ତୁମେ ତୁମର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ରହିଥିଲ, ମୋ' ପାଖରେ ରହିଛ ବୋଲି ତୁମକୁ କେଡ଼େ ଖୁସୀ ଲାଗୁଥିଲା, ଏବଂ ମୁଁ ଯାହାକିଛି କରୁଥିଲି ତାହାକୁ ଭୁଲ୍ ଅର୍ଥରେ ଗ୍ରହଣ ନ କରିବାକୁ ତୁମ ଭିତରେ ଯଥେଷ୍ଟ ଆସ୍ଥା ଏବଂ ସରଳତା ମଧ୍ୟ ରହିଥିଲା । ତୁମର ହୃଦୟ ଭିତରେ ସନ୍ଦେହ ଏବଂ ଅସନ୍ତୋଷର ଏହି ବିଷକୁ କିଏ ଆଣି ଢାଳିଦେଲା ? କିଏ ଏକାବେଳେକେ ଆସି ତୁମର ସୁଖ, ତୁମ ଜୀବନର ସରଳ ଆନନ୍ଦ ଏବଂ ଆଖିକୁ କେଡ଼େ ସୁଖ ଲାଗୁଥିବା ତୁମର ସୁନ୍ଦର ହସଟିକୁ ହରଣ କରି ନେଇଗଲା ? ତୁମଠାରୁ ଏକ ଉତ୍ତର ପାଇବି ବୋଲି ମୁଁ ଆଦୌ ଏହି ପ୍ରଶ୍ନଗୁଡ଼ିକୁ ପଚାରୁ ନାହିଁ, କାରଣ ମୋ'ର ଅନୁମାନ, ମୋତେ ଉତ୍ତରଟି ମଧ୍ୟ ଜଣାଅଛି । **ତୁମ ଭିତରକୁ ବାହାରୁ ଏହି ଯେଉଁ ପରିବର୍ତ୍ତନଟି ଆସିଛି,** ସେଥିଲାଗି ଯେ ମୁଁ ତୁମକୁ ମୋଟେ ଦାୟୀ କରୁ ନାହିଁ, ତୁମେ ସେକଥା ବୁଝିପାରିବ ବୋଲି ମୁଁ ଏହି ପ୍ରଶ୍ନଗୁଡ଼ିକୁ ପଚାରୁଛି । ବର୍ତ୍ତମାନ କେବଳ ଗୋଟିଏ ବାଟ ଖୋଲା ରହିଛି,— ସେଇଟି ହେଉଛି ଅଗ୍ରଗତିର ବାଟ; କାରଣ ପଛକୁ ଫେରିଯିବା କେବେହେଲେ ସମ୍ଭବ ନୁହେଁ । ତୁମକୁ ଆଗକୁ ଯିବାକୁହିଁ ହେବ, ଏବଂ, ଯାହା ଏକଦା ସହଜାତ ହୋଇ ରହିଥିଲା ତୁମେ ତାହାକୁ ନିଜର ଏକ **ସଚେତନ** ଏବଂ **ଇଚ୍ଛାକୃତ** ସମ୍ପଦରେ ପରିଣତ କରିବ ।

ଏବଂ, ତୁମ ଲାଗି ରହିଥିବା ମୋ'ର ସ୍ନେହକୁ କଦାପି ସନ୍ଦେହ କରିବ ନାହିଁ । ସେହି ସ୍ନେହ ତୁମ ପାଖରେ ସବୁବେଳେ ରହିଛି ଏବଂ ଏହି ଅପରିହାର୍ଯ୍ୟ ଅଗ୍ରଗତିଟିକୁ କରି ପାରିବା ଲାଗି ତୁମକୁ ସାହାଯ୍ୟ କରୁଛି ।

*୧୧ ଜାନୁଆରି ୧୯୩୩*

*ଆଦରଣୀୟା ମାଆ,*

*ମୁଁ ଆପଣଙ୍କ ପାଖକୁ ପ୍ରତିଦିନ କିଛି ଲେଖି ପଠାଇବି ବୋଲି ଆପଣ ମୋତେ କହିଥିଲେ । ମାତ୍ର ବର୍ତ୍ତମାନ ମୋତେ ଲାଗୁଛି ଯେ, ମୋ'ର ଆଉ କିଛିହେଲେ କହିବାର ନାହିଁ ଏବଂ ମୁଁ ପ୍ରକୃତରେ କ'ଣ ଲେଖିବି କିଛି ଜାଣିପାରୁ ନାହିଁ । ମୁଁ ଯାହା ଲେଖିଛି, ସେହି ବିଷୟରେ କହିବାକୁ ଗଲେ : ଖୁସିରେ ଓ ଭଲରେ ରହିବାକୁ ହେଲେ ମୋତେ ନିଜର ସମସ୍ତ ଇଚ୍ଛାଶକ୍ତି ସହିତ ତାହା କାମନା କରିବାକୁ ହେବ ଏବଂ ଆଗ ପରି କାର୍ଯ୍ୟ କରିବାକୁ ହେବ ବୋଲି ମୋତେ ଆପଣ କହିଥିବାରୁ ମୁଁ ସେହିସବୁ କରିବାକୁ ଆରମ୍ଭ କରିଦେଇଛି ।*

*ମାତ୍ର, ଯେତେବେଳେ ମୋ'ର ଆପଣଙ୍କ ପାଖକୁ କିଛିହେଲେ ଲେଖିବାକୁ ନାହିଁ, ସେତେବେଳେ ମୁଁ ଆଉ କ'ଣ ଲେଖି ପାରିବି (ଆପଣ ଯେପରି କହିଥିଲେ, ଆପଣଙ୍କ ସହିତ ସମ୍ପର୍କ ରଖିବା ପାଇଁ) ?*

*ମାଆ, ଆପଣ ମୋତେ କହିଦେବେ ।*

ମୋ'ର ଟିକି ସ୍ମିତହସ,

ଯଦି ମୋତେ ଆଉ କିଛିହେଲେ କହିବାକୁ ନ ଥାଏ, ତେବେ ତୁମେ କେତେବେଳେ ଉଠିଲ, ମୋତେ ସେହିକଥା ଲେଖି ଜଣାଇବ – (ଉଦାହରଣ ସ୍ୱରୂପ, ଏହିପରି ଲେଖିବ : ଆଜି ମୁଁ ଅମୁକ ସମୟରେ ଉଠିଲି, ରାତିରେ ଏତେ ଘଣ୍ଟା ଶୋଇଲି; ମୁଁ ବିଛଣାରୁ ଉଠି ନିତ୍ୟକର୍ମ ଶେଷ କଲି, ଲୁଗା ପିନ୍ଧିଲି, ତା'ପରେ ଜଳଖିଆ ଖାଇ ଏତେଟା ସମୟରେ ମୋ'ର କାମ ଆରମ୍ଭ କଲି, ଇତ୍ୟାଦି, ଇତ୍ୟାଦି) । କେଉଁ ବ୍ୟକ୍ତିମାନଙ୍କ ସହିତ ତୁମର ଭେଟ ହେଲା, କେଉଁମାନଙ୍କ ସହିତ ତୁମେ କଥା ହେଲ, କ'ଣ ସବୁ କହିଲ, ଇତ୍ୟାଦି ବିଷୟ ଲେଖି ପାରିବ । ଏପରି କଲେ ଏକସଙ୍ଗେ ଫରାସୀ ଭାଷାରେ ଏକ ଉତ୍ତମ ଅଭ୍ୟାସ ହେବ ଓ ଆମ ଭିତରର ଅନ୍ତରଙ୍ଗତାରେ ମଧ୍ୟ ବୃଦ୍ଧି ଘଟିବ ।

*୧୩ ଜାନୁଆରି ୧୯୩୩*

*ଆଦରଣୀୟା ମାଆ,*

*ଆଜି ସକାଳେ ମୁଁ ୫ଟା ୪୫ରେ ଉଠିଲି । ନିତ୍ୟକର୍ମ ସାରି ଲୁଗା ପିନ୍ଧିଲି; ତା'ପରେ 'କ'ଙ୍କ ଝରକାରୁ ମୋ' ଖାତା ଆଣିବାକୁ ଗଲି (ମୁଁ ସର୍ବଦା ସେଠାକୁ ଯାଏ) । ତା'ପରେ ପ୍ରାୟ ସାଢ଼େ ଛଅଟାରେ ମୋ'ର ପ୍ରାତଃପାନୀୟ ପିଇଲି ଏବଂ ୬ଟା ୪୫ରେ କାର୍ଯ୍ୟ ଆରମ୍ଭ କରିଦେଲି । ସାଢ଼େ ସାତଟାବେଳେ ପ୍ରଣାମକୁ*

*ଗଲି, ଏବଂ ୭ଟା ୪୫ରେ ପୁନର୍ବାର କାର୍ଯ୍ୟ ଆରମ୍ଭ କରିଦେଲି । 'ଖ'ଙ୍କ ସକାଶେ କିଛି କାମର ବରାଦ ଆଣିବା ପାଇଁ ସାଢ଼େ ନଅଟାବେଳେ 'ଗ'ଙ୍କ ଘରକୁ ଗଲି ଏବଂ ତା'ପରେ ସାଢ଼େ ଏଗାରଟା ପର୍ଯ୍ୟନ୍ତ କାମରେ ବସିଲି । ତା'ପରେ ମଧ୍ୟାହ୍ନ-ଭୋଜନ କଲି ଏବଂ ଦଶ ମିନିଟ ସକାଶେ ବିଶ୍ରାମ ନେଲି । ବାରଟା ସମୟରେ କାମକୁ ଫେରିଗଲି । ସାଢ଼େ ବାରଟା ବେଳେ 'ଗ' କାମକୁ ଆସିଲେ ଏବଂ ଦୁଇଟା ବେଳେ ସେ ଆମ ଲାଗି କିଛି ଲେମ୍ବୁ ରସ ପ୍ରସ୍ତୁତ କଲେ । ମୁଁ ବାରଟା ଠାରୁ ଆଠଟା ଯାଏ କାମ କରିଥିଲି ଏବଂ ମୁକୁଟରେ ଫୁଲପକା କାମ ଶେଷ କଲି ।*

ବାସ୍, ଏହାକୁହିଁ ସଫଳତା ବୋଲି କୁହାଯିବ ! ତୁମର ବିବରଣୀଟି ବେଶ୍ ଭଲ ହୋଇଛି ଏବଂ ଏଥିରେ କ୍ୱଚିତ୍ କୌଣସି ଭୁଲ୍ ରହିଛି । ଏବଂ, ତୁମେ ଠିକ୍ ଭାବରେ ତୁମ ଦିନଟି କଟାଇଲ, ସେକଥା ଜାଣି ମୁଁ ବହୁତ ଖୁସୀ ହୋଇଛି । ଏହିପରି ଚାଲୁ, ଏହାଦ୍ୱାରା ଭଲ ଫଳ ମିଳିବ ।

*୧୪ ଜାନୁଆରି ୧୯୩୩*

*ମାଆ, ମୁଁ ଆପଣଙ୍କ ପାଖକୁ ସବୁବେଳେ ଖାଲି ଗୋଟାଏ ବିଷୟରେ ଲେଖୁଛି । ସେଇ ଶୋଇବା, କାମ କରିବା, କଥା କହିବା । ମାଆ, ସବୁଦିନେ ସେଇ ଏକା କଥାଗୁଡ଼ିକୁ ପଢ଼ିବାକୁ ଆପଣଙ୍କୁ ଭଲ ଲାଗୁଛି କି ?*

ମୋ' ଟିକି ସ୍ମିତହସ, କାହିଁକି ଭଲ ନ ଲାଗିବ ? ସେଇ ଗୋଟିଏ କଥାକୁ ବିଭିନ୍ନ ଭାବରେ କହିବାକୁ ତୁମେ ଶିକ୍ଷା ମଧ୍ୟ କରିପାରିବ; ଲେଖି ଶିଖିବା ଏବଂ ଆପଣାର ଶୈଳୀକୁ ଏକ ନିର୍ଦ୍ଦିଷ୍ଟ ଧାରାରେ ପକାଇବା ପାଇଁ ଏହା ହେଉଛି ଏକ ଚମତ୍କାର ଅଭ୍ୟାସ । ମୋତେ ଲାଗୁଛି, ବର୍ତ୍ତମାନ ତୁମେ ଅକ୍ଷର ଲେଖିବାର କଳାକୁ ମଧ୍ୟ ଅଭ୍ୟାସ କରୁଛ ! ତୁମକୁ ଏଡ଼େ ସୁନ୍ଦର ଭାବରେ କିଏ ଲେଖି ଶିଖାଇଲେ ?

ତୁମର ସ୍ନେହମୟୀ ମାଆ ।

*୨୫ ଜାନୁଆରି ୧୯୩୩*

*ମୋର ଆଦରଣୀୟା ମାଆ,*

*ମୁଁ ଦେଖୁଛି, 'କ' ତାଙ୍କର ମନ୍ଦ ଅଭ୍ୟାସଟିକୁ ବନ୍ଦ କରି ନାହାନ୍ତି । ମୁଁ ତାଙ୍କୁ ଘୃଣା କରେ ...*

ଏଇଟା ବେଶ୍ ଗୋଟାଏ ଅତିବଡ଼ ଶବ୍ଦ । ସମସ୍ତେ କହନ୍ତି ଘୃଣା କରିବା ହେଉଛି ଭଲ ପାଇବାର ବିପରୀତ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଏହା ହେଉଛି ଏକ ବିପଜ୍ଜନକ ମନୋଭାବ, ଯାହାକି ତୁମକୁ ସର୍ବଦା ତୁମେ ଘୃଣା କରୁଥିବା ବ୍ୟକ୍ତିଟିର କ୍ରୀଡ଼ନକ କରି ରଖିଥାଏ । ଘୃଣା କରିବାର ଅର୍ଥ ହେଉଛି ଯେ ତୁମର ଏବେ ମଧ୍ୟ ଆସକ୍ତି ରହିଛି । ସମ୍ପୂର୍ଣ୍ଣ ନିରାସକ୍ତତା ହେଉଛି ଯଥାର୍ଥ ଦୃଷ୍ଟିକୋଣ ।

*୨୭ ଜାନୁଆରି ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଆଜି ମୁଁ ମୋ' ଶରୀର ଦେଇ* * *ଆପଣଙ୍କୁ ଦଶ ଘଣ୍ଟା ପାଇଁ ପ୍ରାର୍ଥନା କଲି ।*

*କପଡ଼ାରେ କମ ପକାଉଥିବା ବ୍ୟକ୍ତିମାନେ ଶାଢ଼ିକୁ କିପରି ଫ୍ରେମ୍ ଉପରେ ନେଇ ପକାନ୍ତି, ଆରଥର ଆପଣଙ୍କୁ ଭେଟିଲାବେଳେ ମୁଁ ବୁଝାଇ କହିଦେବି । ଶାଢ଼ି ଯେତିକି ବଡ଼, ଫ୍ରେମ୍‌ଟି ମଧ୍ୟ ସେତିକି ବଡ଼ ହୋଇଥିବା ଉଚିତ ।*

*ମାଆ, ଶାଢ଼ିଗୁଡ଼ିକ ଉପରେ ପ୍ରକୃତରେ ଚମତ୍କାର ଭାବରେ କମ ପକାଇ ପାରିବାକୁ ମୋତେ ସେହିପରି ଗୋଟିଏ ବଡ଼ ଫ୍ରେମ୍ ମିଳନ୍ତା ନାହିଁ ?*

ଯଦି ମୁଁ ତୁମକୁ ସେହିଭଳି ବଡ଼ ଫ୍ରେମ୍‌ଟିଏ ଆଣି ଦେବି, ତେବେ ତାହାକୁ ବସାଇବା ଲାଗି ସେହି ଆକାରର ବଡ଼ ଘରଟିଏ ତ ଦରକାର ହେବ !

*୧୩ ଫେବ୍ରୁଆରି ୧୯୩୩*

*ମୋର ଆଦରଣୀୟା ମାଆ,*

*ମୁଁ ଶାଢ଼ି ପାଖରେ ଦଶଘଣ୍ଟା କାମ କଲି । ମୁଁ ଭାବୁଛି, ଏପ୍ରିଲ ୨୪ ପୂର୍ବରୁ ମୁଁ ଏହି ଶାଢ଼ିଟିକୁ ଶେଷ କରିଦେଇ ପାରିବି ।*

*ମା', ଆପଣଙ୍କୁ କହିବାଭଳି ମୋର କିଛି ନୂଆକଥା ନାହିଁ ।*

ତୁମେ ହେଉଛ ଜଣେ ଚମତ୍କାର ଓ କୁଶଳୀ କାରିଗର । ମୋ' ଟିକି ସ୍ମିତହସ, ତୁମକୁ ଓ

---

* ଶରୀର ଦେଇ ପ୍ରାର୍ଥନା କରିବା : ଦିବ୍ୟ ପରମସତ୍ତାଙ୍କୁ ଏକ ନୈବେଦ୍ୟରୂପେ ନିଜର କାମ କରିବା । ମାଆ ଲେଖିଛନ୍ତି : ''ଦିବ୍ୟ ପରମସତ୍ତାଙ୍କ ପାଇଁ କାର୍ଯ୍ୟ କରିବାର ଅର୍ଥ ହେଉଛି ଶରୀର ଦ୍ୱାରା ପ୍ରାର୍ଥନା କରିବା'' ।

ତୁମର କାମକୁ ନେଇ ମୁଁ ପ୍ରକୃତରେ ଗର୍ବ ଅନୁଭବ କରୁଛି । ତୁମର କାମ ସତକୁ ସତ ଅତ୍ୟନ୍ତ ସୁନ୍ଦର । ହଁ, ମୁଁ ଦେଖିଲି ଯେ ତୁମେ ଯାହା ଲେଖିଛ, ସେଥିରେ ମଧ୍ୟ ଗୋଟିଏ ହେଲେ ଭୁଲ୍ ନାହିଁ ! *୧୪ ଫେବ୍ରୁଆରି ୧୯୩୩*

*ଆଦରଣୀୟା ମାଆ,*

*ଆଜି ମୁଁ ନଅଘଣ୍ଟା ପାଇଁ ମୋ' ଶରୀର ଦେଇ ଆପଣଙ୍କୁ ପ୍ରାର୍ଥନା କଲି । ଏବେ ନିଜର କାମରେ ମଧ୍ୟ ମୁଁ ଆଗଭଳି ନିୟମିତ ହେଲିଣି ।*

*ମା, ଆଉ କ'ଣ ଲେଖିବି ?*

ଏହା ଭାରି ଭଲ କଥା, ମୋ'ର ଟିକି ସ୍ମିତହସ ! ନିୟମିତ କାର୍ଯ୍ୟକୁ ଭିତ୍ତି କରିହିଁ ସତ୍ତାର ଭାରସାମ୍ୟ ସମ୍ଭବ ହୁଏ । *୨୭ ଫେବ୍ରୁଆରି ୧୯୩୩*

ଆଜି ତାରିଖଟିର ବିଶେଷତ୍ୱଟି ତୁମ ଆଖିରେ ପଡ଼ିଲା କି – ୩. ୩. ୩୩ ?

ଜାଣିଛ, କେବଳ ଏଗାର ବର୍ଷରେ ଥରେ ଏହିପରି ଘଟିଥାଏ । ଏଗାର ବର୍ଷ ତଳେ, ୧୯୨୨ ମସିହାରେ, ଫେବ୍ରୁଆରି ମାସରେ ୨. ୨. ୨୨ ବୋଲି ଲେଖିବା ସମ୍ଭବ ହୋଇଥିଲା । ଏବଂ, ପୁଣି ଏଗାର ବର୍ଷ ପରେ ଏପ୍ରିଲ୍ ମାସରେ ୪. ୪. ୪୪ ଲେଖିବା ସମ୍ଭବ ହେବ । ଏହିପରି ଭାବରେ ଚାଲିଥିବ । ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, ନୁହେଁ କି ?

*୩ ମାର୍ଚ୍ଚ ୧୯୩୩*

*ମୋର ଆଦରଣୀୟା ମାଆ,*

*''ଭୌତିକ ଭୂମିରେ ଅତିମାନସ ସୌନ୍ଦର୍ଯ୍ୟ''* – ଏହାର ଅର୍ଥ କ'ଣ ? ଏହି ସବୁକିଛି କଥା,– ଯାବତୀୟ କଳା, ଦିବ୍ୟ ପରମସତ୍ତାଙ୍କ ପାଇଁ ଆମେ ଯେଉଁ ସୁନ୍ଦର କାର୍ଯ୍ୟମାନ କରୁ,– ସେ ସବୁଗୁଡ଼ିକୁ କ'ଣ ଭୌତିକ ଭୂମିରେ ଅତିମାନସ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ ?*

ନାଇଁ, ସେହି ସବୁକିଛି ହେଉଛି ଏପରି ଏକ ବିଶ୍ୱମୟ ସମଞ୍ଜସତାର ପ୍ରକାଶରୂପ, ଯାହାକି ସତେଅବା ସୃଷ୍ଟିର ହୃଦୟ ମଧ୍ୟରେ ବିଦ୍ୟମାନ ରହିଛି । ମାତ୍ର ଅତିମାନସ ସୌନ୍ଦର୍ଯ୍ୟ ହେଉଛି ତା'ଠାରୁ ଅଧିକ ଉଚ୍ଚ ଓ ଅଧିକ ପରିପୂର୍ଣ୍ଣ ଏକ ବସ୍ତୁ; ସେହି ସୌନ୍ଦର୍ଯ୍ୟକୁ କୌଣସି

* ଏକ ହାଲୁକା ସୁନେଲୀ-ନାରଙ୍ଗୀ ରଙ୍ଗର ମନ୍ଦାରକୁ ମାଆ ଦେଇଥିବା ନାମ ।

କୁତ୍ସିତତା ମଳିନ କରିପାରେ ନାହିଁ ଏବଂ ସୁନ୍ଦର ଦେଖାଯାଇ ପାରିବା ସକାଶେ ଏହାର ନିକଟବର୍ତ୍ତୀ ହୋଇ କୌଣସି କୁତ୍ସିତତା ରହିବାର ମଧ୍ୟ କୌଣସି ପ୍ରୟୋଜନ ନ ଥାଏ ।

ଆପଣାକୁ ପ୍ରକଟ କରି ଦେବା ପାଇଁ ଯେତେବେଳେ ଜଡ଼ ମଧ୍ୟକୁ ଅତିମାନସ ଶକ୍ତିଗୁଡ଼ିକର ଅବତରଣ ଘଟିବ, ସେତେବେଳେ ସକଳ ବସ୍ତୁରେ ଅତ୍ୟନ୍ତ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ଏହି ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଆପଣାକୁ ଅଭିବ୍ୟକ୍ତ କରିଆଣିବ ।

*୬ ମାର୍ଚ୍ଚ ୧୯୩୩*

ତୁମେ ପ୍ରସ୍ତୁତ କରି ଦେଇଥିବା ଶାଢ଼ିଗୁଡ଼ିକ ପିନ୍ଧିଲାବେଳେ ମୋତେ ଭାରି ଖୁସୀ ଲାଗେ; ମାତ୍ର କୌଣସି କଳାପୂର୍ଣ୍ଣ ବସ୍ତୁକୁ ଯତ୍ନର ସହିତ ସାଇତି ରଖିଲା ପରି ସେଗୁଡ଼ିକୁ ସାଇତି ରଖିବା ଲାଗି ମଧ୍ୟ ମୁଁ ଇଚ୍ଛା କରୁଥାଏ । ତେଣୁ ସେଗୁଡ଼ିକୁ ମୁଁ ଆଦୌ ଏତେ ବେଶୀ ପିନ୍ଧେ ନାହିଁ ।

*୯ ମାର୍ଚ୍ଚ ୧୯୩୩*

*ମୋର ଆଦରଣୀୟା ମାଆ,*

*ଆଜି ସକାଳେ ଆପଣ ମୋତେ ଯେଉଁ ଫୁଲଟି ଦେଲେ, ତାହାର ତାତ୍ପର୍ଯ୍ୟ ହେଉଛି ''ଅତିମାନସ ପରମାଲୋକ ଆଡ଼କୁ ମୁହଁ କରିଥିବା ଚେତନା ।''* ଏହାର ଅର୍ଥ କ'ଣ ? ମୁଁ ବୁଝି ପାରିଲି ନାହିଁ ।*

ଯଦି ''ଅତିମାନସ'' ସ୍ଥାନରେ ତୁମେ ''ଦିବ୍ୟ'' ଶବ୍ଦଟିକୁ ବ୍ୟବହାର କରିବ, ତେବେ ଅର୍ଥଟି ତୁମ ଲାଗି ଅଧିକ ସ୍ପଷ୍ଟ ହେବ କି ?

ଏହା ଏପରି ଏକ ଚେତନାକୁ ବୁଝାଉଛି, ଯେଉଁଥିରେ କି ସାଧାରଣ ନିତ୍ୟନୈମିତ୍ତିକ ଜୀବନର କ୍ରିୟା ଏବଂ ପ୍ରଭାବଗୁଡ଼ିକ ଆଦୌ ଭିଡ଼ କରି ରହି ନାହାନ୍ତି; ମାତ୍ର ତାହା ଦିବ୍ୟ ଆଲୋକ, ଶକ୍ତି, ଜ୍ଞାନ ଓ ଆନନ୍ଦ ଆଡ଼କୁ ଏକ ପୂର୍ଣ୍ଣ ଅଭୀପ୍ସାରେ ସଂକେନ୍ଦ୍ରିତ ହୋଇ ରହିଛି ।

ବର୍ତ୍ତମାନ ତୁମେ ବୁଝିପାରିଲ ? *୨୩ ମାର୍ଚ୍ଚ ୧୯୩୩*

*ମୋର ଆଦରଣୀୟା ମାଆ,*

*ଆପଣଙ୍କର ଗାଉନ୍ ଉପରେ ମୁଁ ଯେଉଁ କୁନି କୁନି ଗୋଲାପ ଫୁଲର କମ ପକାଇ ଦେଇଥିଲି, ଆପଣ ତାକୁ ଦେଖିଲେ କି ? ସେଗୁଡ଼ିକ ଭଲ ହୋଇଛି ତ ?*

---

* ହଳଦିଆ-ନାରଙ୍ଗୀ ରଙ୍ଗର ସୂର୍ଯ୍ୟମୁଖୀ ଫୁଲକୁ ମାଆ ଦେଇଥିବା ନାମ ।

ସେଗୁଡ଼ିକ ସଂପୂର୍ଣ୍ଣ ଚିତ୍ତାକର୍ଷକ ହୋଇଛି ! କୋଉଟା ଅସଲ ଓ କୋଉଟା ତା'ର ନକଲ, ସେକଥା କହିବା ମୋତେ ସମ୍ଭବ ହେଉ ନାହିଁ । ଏବଂ, ଏପରି ମଧ୍ୟ ହୋଇପାରେ ଯେ, ନକଲଟି ଅସଲଠାରୁ ମଧ୍ୟ ଅଧିକ ସୁନ୍ଦର ହୋଇଛି । ଟେରାସ୍ ଉପରେ ବୁଲି ବାହାରିଥିବା ସମୟରେ ଆଜି ସନ୍ଧ୍ୟାରେ ମୁଁ ସେହି ଗାଉନ୍‌ଟିକୁ ପିନ୍ଧିଥିଲି, ତୁମେ ଦେଖିଥିବ ।

*୬ ଏପ୍ରିଲ୍ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଆଜି ମୁଁ ନଅଘଣ୍ଟା କାଳ ମୋ'ର ଶରୀର ଦେଇ ଆପଣଙ୍କୁ ପ୍ରାର୍ଥନା କଲି ।*

*ମାଆ, ଗତ ଦୁଇଦିନ ହେଲା ମୋତେ କାହିଁକି ଟିକିଏ କ୍ଳାନ୍ତି ଲାଗୁଛି, ମୋ' ହାତଦୁଇଟି ଟିକିଏ ଧୀର ହୋଇ ଯାଇଛନ୍ତି ।*

ଟିକିଏ ବିଶ୍ରାମ ନେବା ତୁମ ପକ୍ଷରେ ଏକ ଭଲ କଥା ହେବ ବୋଲି ତୁମେ ଭାବୁ ନାହଁ କି ? ଅର୍ଥାତ୍ ହୁଏତ ଦିନକ ଲାଗି ପୂର୍ଣ୍ଣ ବିଶ୍ରାମ ନିଅ କିଂବା ପ୍ରତ୍ୟହ ଦୁଇଘଣ୍ଟା କମ୍ କାମ କର ।

*୧୩ ଏପ୍ରିଲ୍ ୧୯୩୩*

*ମୋର ଆଦରଣୀୟା ମାଆ,*

*ନାହିଁ, ମୋ'ର ବିଶ୍ରାମ ଦରକାର ନାହିଁ । ଆଜି ମୁଁ ମୋ'ର ଶରୀର ଦେଇ ଦଶଘଣ୍ଟା ଆପଣଙ୍କୁ ପ୍ରାର୍ଥନା କରିଥିଲି ।*

ତେବେ କୁଏ* (Coue)ଙ୍କର ପଦ୍ଧତି ଅନୁସାରେ ''ମୁଁ କ୍ଳାନ୍ତ ନୁହେଁ, ମୁଁ କଦାପି କ୍ଳାନ୍ତ ହେବି ନାହିଁ, କାରଣ ମୁଁ ସୁରକ୍ଷିତ ହୋଇ ରହିଛି '', – ଏହି କଥାଗୁଡ଼ିକୁ ବାର ବାର କହ ।

*୧୪ ଏପ୍ରିଲ୍ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ହଁ, ଆଜି 'କ' ମୋତେ କହିଲେ ଯେ ଫ୍ରେମଟି ଆଜି ସନ୍ଧ୍ୟାସୁଦ୍ଧା ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇଯିବ ।*

*ଆଜି ବ୍ଲାଉଜ୍‌ଟିରେ ମୁଁ ନଅଘଣ୍ଟା କାମ କଲି ।*

---

* ଏମିଲ୍ କୁଏ (୧୮୫୭-୧୯୨୬), ନାନ୍‌ସୀରେ ବାସ କରୁଥିବା ଜଣେ ଡାକ୍ତର ଯିଏକି ଆତ୍ମପ୍ରସ୍ତାବନା ଦ୍ୱାରା ଆରୋଗ୍ୟ ହେବାର ଏକ ପ୍ରଣାଳୀ(Couéism) ବାହାର କରିଥିଲେ ।

ଟିକି ସ୍ମିତହସ, କ୍ଲାନ୍ତ ହୋଇ ପଡ଼ିବା ପର୍ଯ୍ୟନ୍ତ ତୁମର କାମ କରିବା ଆଦୌ ଉଚିତ ନୁହେଁ ।

*୧୦ ଜୁନ୍ ୧୯୩୩*

*ମୋର ଆଦରଣୀୟା ମାଆ,*

*ମୁଁ ଯେ ସାରା ଦିନ କାମ କରୁଛି ତା' ନୁହେଁ, ମୁଁ ଯଥାଶକ୍ତି ଅଧିକ କାମ କରିବାକୁ ଇଚ୍ଛା କରୁଛି ଏବଂ ସର୍ବଦା ଆଶା କରୁଛି ଯେ ମୁଁ ମୋଟେ କ୍ଲାନ୍ତ ହେବି ନାହିଁ । ଯଦି ମୁଁ ପ୍ରତ୍ୟହ ଦିନସାରା କାମ ନ କରେ, ତେବେ, ମୋ'ର ଅତିପ୍ରିୟ ଦିବ୍ୟଜନନୀଙ୍କ ସକାଶେ ମୁଁ ଯେଉଁ ବହୁସଂଖ୍ୟାରେ ବୃହତ୍ ଓ ସୁନ୍ଦର ବସ୍ତୁଗୁଡ଼ିକ ପ୍ରସ୍ତୁତ କରିଦେବାକୁ ଇଚ୍ଛା କରୁଛି, ସେଗୁଡ଼ିକୁ ଆଉ କିପରି କରିପାରିବି ? ସମୟ ନଷ୍ଟ କଲେ ମୁଁ କିପରି ମୋ'ର ସ୍ୱପ୍ନଗୁଡ଼ିକୁ ସଫଳ କରିପାରିବି ?*

*ମାଆ, ଆପଣ ଜାଣନ୍ତି, ଆପଣଙ୍କର କୋଠରି ପାଇଁ ମୁଁ ବଡ଼ ବଡ଼ ଆକାରର ପର୍ଦାରେ କମ ପକାଇବାକୁ ଯାଉଛି ? ଥରେ ଆପଣ ମୋତେ କହିଥିଲେ ଯେ, ଜାପାନୀ ଲୋକେ ସେମାନଙ୍କ ଘରର କାନ୍ଥଗୁଡ଼ିକ ଉପରେ କମ ପକା ହୋଇଥିବା ପର୍ଦାମାନ ଟଙ୍ଗାଇ ରଖିଥାନ୍ତି ।*

ତୁମେ ଠିକ୍ କହିଛ; ଆମର ସବୁଠାରୁ ଅଧିକ ସ୍ୱପ୍ନଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିବା ଅପେକ୍ଷା ଅଧିକ ଭଲ କାମ ଆଉ କ'ଣ ଅଛି ? ଆମକୁ ଅଧିକ ବଳ ଏବଂ ଆନନ୍ଦ ଆଣିଦେବା ଲାଗି ତାହା ହେଉଛି ସର୍ବୋତ୍ତମ ପଦ୍ଧତି ।

*୧୧ ଜୁନ୍ ୧୯୩୩*

*ମୋର ଆଦରଣୀୟା ମାଆ,*

*ମାଆ, ଆପଣ ଜାଣନ୍ତି, ଏହି ଦୁଇଟିଯାକ ବ୍ଲାଉଜ୍‌କୁ ମୁଁଇ ଇସ୍ତ୍ରି କରି ଦେଇଥିଲି । ଇସ୍ତ୍ରି କଲାବେଳେ ସେଗୁଡ଼ିକର କୌଣସି କ୍ଷତି ହୋଇ ନ ଥିଲା । ଏହି ସର୍ବପ୍ରଥମ ଥର ପାଇଁ ମୁଁ ବ୍ଲାଉଜ୍ ଇସ୍ତ୍ରି କଲି । ମାଆ, ଏଥିପାଇଁ ଆପଣ ମୋତେ ଗୋଟାଏ ''ସାବାସ୍'' ଦେବେ । କାଲି ମୁଁ ଅନ୍ୟ ଧୂସର ବ୍ଲାଉଜ୍‌ଟିର କାମ ଆରମ୍ଭ କରିବାକୁ ଯାଉଛି ।*

ଏହି କାର୍ଯ୍ୟଟି କେବଳ ଏକ ''ସାବାସ୍'' ପାଇବାଠାରୁ ଅନେକ ଅଧିକ ଯୋଗ୍ୟ । ଆଜି ସକାଳେ ମୁଁ ପ୍ରକୃତରେ ଶ୍ରଦ୍ଧାରେ ପରିପୂର୍ଣ୍ଣ ହୋଇ ଉଠିଥିଲି । ତୁମର କାମଟି ଅତ୍ୟନ୍ତ

ଚମତ୍କାର ହୋଇଛି – ଚଢ଼େଇଗୁଡ଼ିକ କେଡ଼େ ସୁନ୍ଦର ହୋଇଛନ୍ତି ଓ କେଡ଼େ ଜୀବନ୍ତ ଦେଖା ଯାଉଛନ୍ତି; ସେମାନଙ୍କର ଟିକିଟିକି ମୁଣ୍ଡରେ ତୁମେ ଯେଉଁ ରୁପେଲି ରଙ୍ଗର ମୁଣ୍ଡଳା ବୁଲାଇ ଦେଇଛ, ତାହା ଅତ୍ୟନ୍ତ ସୁନ୍ଦର ହୋଇଛି; ମୂଳ ନକ୍ସାଟିରେ ଯାହା ଥିଲା, ଏଇଟି ତା'ଠାରୁ ଅନେକ ଅଧିକ ସୁନ୍ଦର ହୋଇଛି । କୁନି କୁନି ଠିକିରିଗୁଡ଼ିକ ମଧ୍ୟ ଖୁବ୍ ସୁନ୍ଦର ଦେଖା ଯାଉଛନ୍ତି ଏବଂ ଶାଢ଼ି ଉପରେ ରୁପେଲି ରଙ୍ଗରେ ସେଗୁଡ଼ିକ ଭାରି ଚମତ୍କାର ଦେଖାଯିବେ । ଏଇଟିକୁ ତୁମେ କେଉଁଠୁ ଇସ୍ତ୍ରି କଲ ? ତୁମେ ଯେ କ୍ରମେ ଅଧିକରୁ ଅଧିକ ଶିଖି ପାରିଲଣି, ଏହା ଭାରି ଭଲ କଥା ।

*୨୧ ଜୁନ୍ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଆଜି ସକାଳେ ମୁଁ ଆପଣଙ୍କ ପାଇଁ ଗୋଟିଏ ସେମିଜ୍ କରିବା ସକାଶେ କନା କାଟିଲି । ଏହି ସର୍ବପ୍ରଥମ ଥର ପାଇଁ ମୁଁ ସେମିଜ୍ ପାଇଁ କନା କାଟିଲି । ସେଇଟିକୁ 'କ' ସିଲାଇ କରିବେ ଏବଂ ସେଇଟି ତିଆରି ହୋଇଗଲେ ଆପଣ ତାହା ପିନ୍ଧିବେ । କାଟିବା ଠିକ୍ ହୋଇଛିକି ନାହିଁ, ସେତେବେଳେ ମୋତେ କହିବେ । କାରଣ, ଯଦି କଟା ଭଲ ହୋଇଥିବ, ତେବେ ମୁଁ ଭିତରେ ଆଦୌ କୌଣସି କୁଣ୍ଠା ନ ରଖି ଅନ୍ୟ ବସ୍ତୁଗୁଡ଼ିକୁ ମଧ୍ୟ କାଟିପାରିବି ।*

*ଆଜି ମଧ୍ୟ ମୁଁ ଦିନତମାମ କାମ କରିଛି ।*

ତୁମେ ଏକାମଟିକୁ ମଧ୍ୟ କରି ଜାଣିଲଣି, ସେଥିଲାଗି ମୁଁ ଭାରି ଖୁସୀ । ''ଦିନ ତମାମ''ର ଅର୍ଥ କ'ଣ ? ମୁଁ ଆଶା କରୁଛି ଯେ ତୁମେ ନଅଘଣ୍ଟାଠାରୁ ଅଧିକ ସମୟ କାମ କରି ନାହଁ । କାରଣ ନଅ ଘଣ୍ଟା ମଧ୍ୟ ଏକ ଦୀର୍ଘ ସମୟ ଓ ତା'ଠାରୁ ଅଧିକ ସମୟ କାର୍ଯ୍ୟ କରିବା ଆଦୌ ଉଚିତ ନୁହେଁ ।

*୨୬ ଜୁନ୍ ୧୯୩୩*

*ମାଆ,*

*ଆଜି ସକାଳୁ ମୁଁ ମୋ' ବାମଆଖି ଡୋଳାରେ କିଛି ଯନ୍ତ୍ରଣା ଅନୁଭବ କରୁଛି ।*

ତୁମେ ଦିନରେ ତିନି ଥର କରି ଆଖିକୁ **ବେଶ୍ ଗରମ ବୋରିକ୍ ପାଣିରେ** ଧୋଇବ ଏବଂ

ଆସନ୍ତା ଦୁଇ ତିନିଦିନ ପାଇଁ କମ୍ କନାକାମ କରିବ । ମୁଁ ଯେପରି କହୁଛି ସେହିପରି କରିବ ଏବଂ ମନେ ରଖିବ ଯେ, ତୁମର କାମ ତୁମ ଆଖିଗୁଡ଼ିକ ଉପରେହିଁ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛି । ଯଦି ତୁମର ଆଖିଗୁଡ଼ିକ କୌଣସି କାରଣରୁ ଶେଷକୁ ନଷ୍ଟହିଁ ହୋଇଯିବେ, ତେବେ ତୁମର ସୁନ୍ଦର ଫୁଲପକା କାମଟି ମଧ୍ୟ ତଦ୍ୱାରା ବନ୍ଦ ହୋଇଯିବ । ଯେତେବେଳେ ଆଖିକୁ କଷ୍ଟ ଲାଗୁଛି, ତୁମେ ସେତେବେଳେ ଅଳ୍ପ କେତେ ମିନିଟ୍ ସକାଶେ ଆଖିକୁ ବନ୍ଦ କରି ରଖିବ ଏବଂ ତାହାକୁ ହାତର ପାପୁଲି ଦ୍ୱାରା ଘୋଡ଼ାଇ ରଖିବ (ମୋଟେ ଦାବିବ ନାହିଁ) । ଏହାଦ୍ୱାରା ତୁମକୁ ଅନେକ ଆରାମ ମିଳିଯିବ ।

*୨୭ ଜୁନ୍ ୧୯୩୩*

*ମୋର ଆଦରଣୀୟା ମାଆ,*

*ମୁଁ ଭାବୁଛି, 'କ'ଙ୍କ ସକାଶେ ମୁଁ ଯେତେ ଶ୍ରମ କଲି, ତାହା ବୃଥା ହୋଇଗଲା । ସବୁକଥା କିପରି ପରିଷ୍କାର ଭାବରେ ଲେଖିବାକୁ ହୁଏ, ସେକଥା ତାଙ୍କୁ ବୁଝାଇବାରେ ଆଜି ସନ୍ଧ୍ୟାରେ ମୁଁ ଦୁଇଘଣ୍ଟା ସମୟ ଦେଇଛି । ମାତ୍ର ତଦ୍ୱାରା କିଛି ଫଳ ହେଲା ନାହିଁ ।*

କାହାରି ସକାଶେ କରାଯାଉଥିବା ଏହି ଶ୍ରମ **କଦାପି ବୃଥା ହୁଏ ନାହିଁ** । ଏହାଦ୍ୱାରା ତତ୍କ୍ଷଣାତ୍ କୌଣସି ଫଳ ଫଳି ନ ପାରେ, ମାତ୍ର ଦିନେ ନା ଦିନେ ଯାବତୀୟ ନିଃସ୍ୱାର୍ଥପର କାମର ଫଳ ଅବଶ୍ୟ ଫଳିଥାଏ ।

*୨୬ ଜୁଲାଇ ୧୯୩୩*

*ମୋର ଆଦରଣୀୟା ମାଆ,*

*ସାଧାରଣତଃ ସନ୍ଧ୍ୟା ସମୟଟା ମୁଁ କିପରି କଟାଉଛି, ଆଜି ଆପଣଙ୍କୁ କହିବି ।*

*ଆପଣ ଟ୍ୟାରେସ୍ ଉପରକୁ ଗଲେ ବୋଲି ଦେଖିବା ପରେ ମୁଁ ଖାଇବାକୁ ଯାଏ । ତା'ପରେ ଘରକୁ ଫେରିଆସି ଆପଣଙ୍କ ପାଖକୁ ଚିଠି ଲେଖେ ଓ ବେଳେ ବେଳେ ଆମ ଲୁଗାଗୁଡ଼ିକୁ କାଚିଦିଏ ('କ'ଙ୍କର ଓ ମୋର; ବେଳେବେଳେ 'କ' ମଧ୍ୟ କାଚି ଦିଅନ୍ତି) । ତା'ପରେ ଘଣ୍ଟାକ ପାଇଁ ପଦଚାରଣ କରେ ଏବଂ ତା'ପରେ ସାଧାରଣତଃ ମୋ' ପାଠ ପ୍ରସ୍ତୁତ କରିସାରି ଶୋଇବାକୁ ଯାଏ ।*

*ମାତ୍ର କାଲି ରାତିରେ ସାଢ଼େ ନଅଟାରେ ପଦଚାରଣା କରିସାରିବା ପରେ*

*୧୦ଟା ୧୫ ପର୍ଯ୍ୟନ୍ତ ମୁଁ 'କ'ଙ୍କୁ ସିଲାଇ ମେସିନ୍‌ରେ ସିଲାଇ କରିବାରେ ସାହାଯ୍ୟ କରିଥିଲି । ତା'ପରେ ମୁଁ ନିଜେ ୧୧ଟା ୪୫ ପର୍ଯ୍ୟନ୍ତ ସିଲାଇ ମେସିନ୍‌ରେ ସିଲାଇ କଲି । ତା'ପରେ କିଛି ପାଠ ପ୍ରସ୍ତୁତ କରି ସାଢ଼େ ବାରଟାରେ ଶୋଇବାକୁ ଗଲି ।*

*ଆଜି ବ୍ଲାଉଜ୍‌ଟିରେ ମୁଁ ତିନିଘଣ୍ଟା କାମ କରିଛି ।*

ଏପରି ଅଧିକ ବିଳମ୍ବରେ ଶୋଇବାକୁ ଯିବାର ମୋଟେ ଅଭ୍ୟାସ କରିବ ନାହିଁ । ଏହା ଆଦୌ ଭଲ ଅଭ୍ୟାସ ନୁହେଁ – ଏହାଦ୍ୱାରା ତୁମର ଦୃଷ୍ଟିଶକ୍ତି ଅତିଶୀଘ୍ର ନଷ୍ଟ ହୋଇଯିବ ଏବଂ ତାହାର ପରିଣାମ ସ୍ୱରୂପ ତୁମର ଏହି ସୁନ୍ଦର ଫୁଲପକାର ଯାବତୀୟ କାମ ମଧ୍ୟ ବନ୍ଦ ହୋଇଯିବ । ସ୍ନାୟୁଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଯିବେ, ତା'ପରେ ହାତ ଠିକ୍ ଭାବେ ମୋଟେ ଚାଲିବ ନାହିଁ, ନିର୍ଭୁଲ ଭାବରେ ଆଙ୍ଗୁଠିଗୁଡ଼ିକୁ ଚଳାଇ ହେବ ନାହିଁ । ଧୈର୍ଯ୍ୟ ଚାଲିଯିବ, ସ୍ଥିରତା ରହିବ ନାହିଁ ଏବଂ, କରୁଥିବା କାମଟି ଆଉ ଆଦୌ ପରିଚ୍ଛନ୍ନ ଓ ସୁଚାରୁ ଭାବରେ କରିହେବ ନାହିଁ । ତା'ପରେ ସବୁକିଛି କେବଳ ଅଧା ହୋଇ ରହିଯିବ, ଓ କୌଣସି ପ୍ରକାରର ପୂର୍ଣ୍ଣ କୁଶଳତା ହାସଲ କରିବାର ଆଶାକୁ ପରିତ୍ୟାଗ କରିବାକୁ ପଡ଼ିବ । ତୁମେ କ'ଣ ପରିଣାମରେ ଏହାହିଁ ହେଉ ବୋଲି ଇଚ୍ଛା କରୁଛ ?

*୩୧ ଜୁଲାଇ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଆଜି ଅଗଷ୍ଟ ୧୫ରେ ମୁଁ କାମ କରୁ ନାହିଁ । କାଲିଠାରୁ ଆରମ୍ଭ କରିବି ।*

ତୁମର **ଅତିଚମତ୍କାର** ଶାଢ଼ିଟି ଦେଖି ତୁମେ ଆଜି ଅତ୍ୟନ୍ତ ଗର୍ବ ଅନୁଭବ କରୁଥିବ ବୋଲି ମୁଁ ଭାବୁଛି । ଏହା ପ୍ରକୃତରେ ଶାନ୍‌ଦାର୍ ହୋଇଛି । ଏବଂ, ମୋ' ନିଜକଥା କହିବାକୁ ଗଲେ, ମୁଁ ମଧ୍ୟ ମୋ' ଟିକି ସ୍ମିତହସ ଓ ତା'ର ଏଡ଼େ ସୁନ୍ଦର କାମ ପାଇଁ ଗର୍ବ ଅନୁଭବ କରିଛି !

*୧୫ ଅଗଷ୍ଟ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ମୁଁ ଶାଢ଼ିଟିକୁ ଫ୍ରେମରେ ନେଇ ବସାଇବା କାମଟିକୁ ଆରମ୍ଭ କରିଦେଇଛି ଏବଂ ଏହି କାର୍ଯ୍ୟଟି କାଲି ସରିଯିବ । ପରେ ମୁଁ ସେଥିରେ କମ ପକାଇବା କାମ*

*ଆରମ୍ଭ କରିବି ।*

*ଆଉ ଅଧିକ କିଛି ଲେଖିବାର ନାହିଁ । କେବଳ ମୋ' କାମଟି ବିଷୟରେ ଯାହା କିଛି ଖବର ଦେବାର ଅଛି ।*

ତୁମେ ଖୁବ୍ ଶ୍ରମ କରିପାରୁଛ ଓ ବହୁତ କଷ୍ଟ ସହିପାରୁଛ । ଏବଂ, ନିଜର କାମ ବ୍ୟତୀତ ଯଦି ତୁମର ମୋ' ପାଖକୁ ଆଉ କିଛିହେଲେ ଲେଖିବାର ନ ଥାଏ, ତେବେ ମୋ'ର ପ୍ରିୟ କୁନି ସ୍ମିତହସ ଲାଗି ମୋ' ଭିତରେ କେତେ ସ୍ନେହ ରହିଛି, ମୁଁ ସେହି କଥା ତୁମକୁ ଜଣାଇବି ।

*୨୨ ଅଗଷ୍ଟ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଆଜି ମଧ ମୁଁ ଶାଢ଼ିଟିକୁ ଫ୍ରେମ୍ ଉପରେ ବସାଇବାରେ ସାରାଦିନ କଟାଇଛି । ମାତ୍ର ଦେଖିଲି ଯେ ଶାଢ଼ିଟି ଆଦୌ ସମ୍ପୂର୍ଣ୍ଣ ସିଧାଭାବେ ବୁଣାହୋଇ ନାହିଁ । ତେଣୁ ବର୍ତ୍ତମାନ ମୋ'ର ଏହି କାମଟିକୁ ପୁଣି ମୂଳରୁ କରିବାକୁ ପଡ଼ିଲା । ଆହୁରି ଭଲ ଭାବରେ କରିବାକୁ ଯାଇ ଏହିପରି ମୋତେ ତିନିଦିନ ସମୟ ଲାଗିଲା ।*

ଏହି କାମଟି ତୁମକୁ ବରଂ କ୍ଳାନ୍ତ କରି ପକାଉଥିବ । ମାତ୍ର, ମୋ'ର ଟିକି ସ୍ମିତହସ, ଜୀବନରେ ମଧ ଠିକ୍ ଏହିପରି କରିବାକୁ ପଡ଼ିଥାଏ । କାରଣ, ଆଉଥରେ ଅଧିକ ଭଲ ଭାବରେ କରି ପାରିବା ଲାଗି ସର୍ବଦା କରିଥିବା କାମଟିକୁ ପୁଣି ମୂଳରୁହିଁ କରିବାକୁ ପଡ଼େ ।

*୨୪ ଅଗଷ୍ଟ ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ମୁଁ କାମ କରୁଥିବା ପରି ଆଦୌ ଅନୁଭବ କରୁ ନାହିଁ । ଦିନଯାକ ଖେଳି ଖେଳି କଟାଇବା ପାଇଁ ମାଆ ମୋତେ ଯେଉଁ ଅଦ୍ଭୁତ ଓ ଚମତ୍କାର ଖେଳ-ସରଞ୍ଜାମଟି ଦେଇଛନ୍ତି, ମୁଁ ତାକୁହିଁ ନେଇ ସାନ ପିଲାଟି ପରି ଦିନମାନ ଖେଳିବାରେ ଲାଗିଥାଏ । ଆଉ କିପରି ଶୈଳୀରେ ମୁଁ ଏହି କଥାଟିକୁ ଲେଖିବି, ମୋତେ ସେକଥା ଜଣା ନାହିଁ । ଏବଂ ସେହି କାରଣରୁହିଁ, ''ମୁଁ ଖେଳିଲି'' ବୋଲି ଲେଖିବା ପରିବର୍ତ୍ତେ ''ମୁଁ କାମ କଲି'' ବୋଲି ଲେଖିବାକୁ ହେଉଛି ।*

*ମାଆ, ଆଜି ଆପଣ ଯେଉଁ ଶାଢ଼ିଟିକୁ ପିନ୍ଧିଥିଲେ, ସେଇଟି ବୋଧହୁଏ ମୋ'ର ସର୍ବୋତ୍କୃଷ୍ଟ କାମ । ଆପଣ ତାହା ଭାବୁ ନାହାନ୍ତି ?*

ଏହା ଗୋଟିଏ ଅତ୍ୟନ୍ତ କଳାପୂର୍ଣ୍ଣ କାର୍ଯ୍ୟ । ଏହାକୁ କେବଳ **ଚମତ୍କାର** ବୋଲିହିଁ କୁହାଯିବ । ମୁଁ ଅନୁଭବ କରୁଥିଲି, ମୁଁ ଯେପରି **ଆଲୋକର ପରିଧାନରେ ପରିହିତ ହୋଇ ରହିଛି ।**

*୧ ସେପ୍ଟେମ୍ବର ୧୯୩୩*

*ମୋର ଆଦରଣୀୟା ମାଆ,*

*ଆପଣଙ୍କର ତ କେତେ କାମ ଥିବ । ମୁଁ ଆପଣଙ୍କର ସମୟକୁ ନଷ୍ଟ କରିବାକୁ ଇଚ୍ଛା କରୁ ନାହିଁ ।...*

ମୋ'ର କୁନି ସ୍ମିତହସ, ତୁମର ଯେପରି ଇଚ୍ଛା, ସେହିପରି କରିବ । ହଁ, ସତ କଥା ଯେ ମୁଁ ଖୁବ୍ ବ୍ୟସ୍ତ ଅଛି । ମାତ୍ର ତଥାପି ତୁମ ଲାଗି କେତେ ମିନିଟ ସମୟ ଦେଇପାରିଥା'ନ୍ତି । ମୋ'ର କାମକୁ ତୁମେ ଅନାବଶ୍ୟକ ଭାବରେ ବଢ଼ାଇ ଦେବାକୁ ଇଚ୍ଛା କରୁ ନାହଁ, ଏହା ତୁମର ଭଲପଣର ପରିଚୟ ଦେଉଛି; ତୁମପରି ଲୋକ ବେଶୀ ନାହାନ୍ତି ।

*୧୩ ନଭେମ୍ବର ୧୯୩୩*

*ମାଆ,*

*ଆଜି ମୁଁ ଖୁବ୍ କମ୍ କାମ କରିଛି । ...*

ତୁମେ ଉଚିତ କାର୍ଯ୍ୟହିଁ କରିଛ !

କାଲି ତୁମ ପାଇଁ ଊର୍ଦ୍ଧ୍ୱରୁ ଏକ ମହାନ୍ ପ୍ରତିଶ୍ରୁତି ଆସି ପହଞ୍ଚିଥିଲା ।* ତୁମେ ନିଜର ସକଳ ଅସୁବିଧାରୁ ନିଷ୍କୃତି ଲାଭ କରିବ, ତୁମର ମନ ଅତ୍ୟନ୍ତ ସନ୍ଦୀପିତ ଭାବରେ ଶାନ୍ତ ହୋଇ ରହିବ ଏବଂ ତୁମର ହୃଦୟ ସ୍ଥିର ଓ ସନ୍ତୋଷଯୁକ୍ତ ହୋଇ ରହିବ,— ଏହି ପ୍ରତିଶ୍ରୁତି । ତୁମେ କିଛି ଅନୁଭବ କରିଛ କି ?

*୨୫ ନଭେମ୍ବର ୧୯୩୩*

*ମୋର ଆଦରଣୀୟା ମାଆ,*

*ଦର୍ଶନ ପରେ ମୋତେ ଶାନ୍ତି ଲାଗୁଥିଲା, ଖୁସୀ ବି ଲାଗୁଥିଲା । ଆଶ୍ରମରେ*

---

* ନଭେମ୍ବର ୨୪, ଏକ ଦର୍ଶନ-ଦିବସ । ପ୍ରତ୍ୟେକ ବର୍ଷ ତିନୋଟିଯାକ ଦର୍ଶନ-ଦିବସରେ (ପରେ ଏହା ଚାରୋଟି ହେଲା) ସାଧକମାନେ ଶ୍ରୀଅରବିନ୍ଦ ଓ ମାଆଙ୍କ ପାଖକୁ ଯାଉଥିଲେ ଏବଂ ସେମାନଙ୍କର ଆଶୀର୍ବାଦ ଲାଭ କରୁଥିଲେ ।

*'କ' ଓ 'ଖ'ଙ୍କ ସହିତ ଭେଟ ହେଲା ଓ ଆମେ ଏକାଠି ଖୁବ୍ ଖୁସୀରେ କଥାବାର୍ତ୍ତା ହେଲୁ । ''କିପରି ଅଛ ?'' ବୋଲି 'ଖ' ମୋତେ ପଚାରିଥିଲେ । ମୋ'ର କିଛି କହିବାର ନ ଥିଲା ଏବଂ ତେଣୁ ମୁଁ ତାଙ୍କୁ ''ତୁମେ ବି କିପରି ଅଛ'' ବୋଲି ପଚାରିଥିଲି । ସେ ମୋତେ କହିଲେ, ''ଏଥର ମୁଁ ଅନେକ ସମୟ ଅତିବାହିତ କଲି; ଶ୍ରୀଅରବିନ୍ଦ ବହୁ ସମୟ ପର୍ଯ୍ୟନ୍ତ ତାଙ୍କର ହାତକୁ ମୋ' ଉପରେ ଆଣି ରଖିଥିଲେ'', ଏବଂ ଏହିପରି କେତେ କଥା କହିଲେ । ତା'ପରେ 'କ' ମଧ୍ୟ କହିଲେ, ''ଏଥର ମୁଁ ମଧ୍ୟ ଟିକିଏ ଅଧିକ ସମୟ କଟାଇଥିଲି, ପ୍ରାୟ ଦୁଇ ବା ତିନି ମିନିଟ୍ ।''*

*ତା'ପରେ ମଧ୍ୟାହ୍ନ-ଭୋଜନର ସମୟ ହୋଇଗଲା, ତେଣୁ ଆମେ ନିଜ ନିଜର ଥାଳି ଆଣିବାକୁ ଗଲୁ । ମୁଁ ଆଗ ଗଲି ଓ ନିଜ ଦୁଇପାଖରେ ଦୁଇଟି ଖାଲି ଜାଗା ରଖି ଗୋଟିଏ ସ୍ଥାନରେ ବସିଥିଲି । ମୁଁ ଭାବିଥିଲି ଯେ 'କ' ଗୋଟିଏ ପାଖକୁ ବସିବେ ଓ 'ଖ' ଆଉ ଗୋଟିଏ ପାଖକୁ ବସିବେ । ମାତ୍ର, ତା'ପରେ 'ଗ' ଆସି ପହଞ୍ଚିଗଲେ ଓ ମୋ' ପାଖକୁ ବସିପଡ଼ିଲେ । ତାଙ୍କୁ ମୁଁ ଅନ୍ୟ କେଉଁଠାରେ ଯାଇ ବସିବାକୁ କହିଲି ଓ ସେ ମୋ' ଉପରେ ରାଗିଗଲେ । ସେହି ସମୟରେ 'କ' ଏବଂ 'ଖ' ଆସି ପହଞ୍ଚିଲେ ଏବଂ 'ଗ'ଙ୍କୁ ମୋ' ଉପରେ ରାଗିଥିବାର ଦେଖି ଆଉ ମୋ' ପାଖରେ ବସିଲେ ନାହିଁ । ଏଥିରେ ମୋତେ ଭାରି ଆଘାତ ଲାଗିଲା, କାରଣ ସେମାନେ ମୋ' ପାଖରେ ଆସି ବସିଲେ ନାହିଁ ।*

ମୋ'ର ଟିକି ସ୍ମିତହସ, ତୁମେ ଏପରି ଭାବରେ ନିଜକୁ ନିଜେ ମୋଟେ କଷ୍ଟ ଦେବ ନାହିଁ । ଏହି ସବୁକିଛି ତୁମକୁ ଏହି ଶିକ୍ଷା ଦେବା ଲାଗି ଘଟିଛନ୍ତି ଯେ, ଏହିସବୁ ଅବସରମାନଙ୍କରେ, ଶ୍ରୀଅରବିନ୍ଦଙ୍କର ଆଶୀର୍ବାଦ ପାଇବାର ଆନନ୍ଦ ଲାଭକରି ସାରିବା ପରେ ଆପଣା କେନ୍ଦ୍ରରେ ଆପେ ସଂକେନ୍ଦ୍ରିତ ହୋଇ ରହିବା ଏବଂ ଆପଣାର ଆନନ୍ଦଟିକୁ ଆପଣା ଭିତରେ ସୁରକ୍ଷିତ କରି ରଖିବା ଅନ୍ୟମାନଙ୍କ ସହିତ ମିଶି ଓ କଥାବାର୍ତ୍ତା କରି ଫିଙ୍ଗିଦେବାଠାରୁ ଅନେକ ଅଧିକ ଭଲ । ଆମେ ଯେଉଁ ଅନୁଭୂତିଗୁଡ଼ିକ ବିଷୟରେ ନିଜ ଭିତରେ କଥାବାର୍ତ୍ତା ହେଉ, ସେହି କଥାବାର୍ତ୍ତା ଦ୍ୱାରା ସେଗୁଡ଼ିକ ବାଷ୍ପ ପରି ଅନ୍ତର୍ହିତ ହୋଇ ଯାଆନ୍ତି ଓ ସେଗୁଡ଼ିକ ଆମକୁ ଯେଉଁପରି ଭାବରେ ଉପକୃତ କରି ପାରିଥାନ୍ତେ, ଆମେ ସେଥିରୁ ନିଜକୁ ବଞ୍ଚିତ କରୁ ।

*୨୬ ନଭେମ୍ବର ୧୯୩୩*

ବିଚରା 'କ' ଭାରି ଦୁଃଖିତ ହୋଇ ପଡ଼ିଛି ... ତୁମେ ତାଙ୍କ ସହିତ କ'ଣ ଏତେ ଗମ୍ଭୀର ଭାବରେ ବ୍ୟବହାର କଲ ?

*୨୭ ନଭେମ୍ବର ୧୯୩୩*

*ମାଆ, ମୁଁ 'କ' ଙ୍କ ଉପରେ ରାଗି ନାହିଁ । ମୁଁ ସବୁବେଳେ ଚୁପ୍ ରହିବାକୁହିଁ ଚେଷ୍ଟା କରିଥାଏ । ତେଣୁ ମୁଁ କେବଳ ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ନେଇ କୌଣସି କଥା କହେ, ତାଙ୍କ ସହିତ ତଥା ଅନ୍ୟମାନଙ୍କ ସହିତ ମଧ୍ୟ ସେହିପରି କରେ । ଅର୍ଥାତ୍, ଯଦି ସେ ମୋତେ କୌଣସି ବିଷୟ ପଚାରନ୍ତି, ତେବେ ମୁଁ ତାହାର ଉତ୍ତର ଦିଏ ଏବଂ ତାଙ୍କର କାର୍ଯ୍ୟଟିକୁ ତାଙ୍କୁ ଦେଖାଇଦିଏ ।*

*ମାଆ, ମୁଁ ଆପଣଙ୍କର ଉପସ୍ଥିତି କାମନା କରୁଥାଏ ଏବଂ ସର୍ବଦା ସେଇଟିକୁ ଅବାରିତ ରଖିବାକୁ ଚେଷ୍ଟା କରେ । ଆପଣଙ୍କ ଆତ୍ମାକୁ ଅଭୀପ୍ସା କରେ । ମୁଁ ଆପଣଙ୍କୁ ସବୁବେଳେ ଚାହେଁ, ଦିନ ରାତି ସବୁବେଳେ । ମୁଁ ସର୍ବଦା ଆପଣଙ୍କର ହୃଦୟ ମଧ୍ୟରେହିଁ ବଞ୍ଚିବାକୁ ଇଚ୍ଛା କରେ, ଯେଉଁଠାରେ କି ମୁଁ 'କ'ଙ୍କ ସହିତ ଓ ଯେଉଁମାନେ ଆପଣଙ୍କୁ ଭଲ ପାଆନ୍ତି, ସେହି ସମସ୍ତଙ୍କ ସହିତ ସତତ ବାସ କରି ପାରିବି ।*

*ମୁଁ ଦେଖିବାକୁ ପାଇଛି ଯେ, ଯେତେବେଳେ ମୁଁ ସଂକେନ୍ଦ୍ରିତ ହୋଇ ରହିଥାଏ, ଅର୍ଥାତ୍, ବରଂ ଯେତେବେଳେ ସଂକେନ୍ଦ୍ରିତ ହୋଇ ରହିବାକୁ ଚେଷ୍ଟା କରୁଥାଏ, ସେତେବେଳେ ମୁଁ କାହାକୁ ଅନାଇ ହସିପାରେ ନାହିଁ ଓ ହସିବାକୁ ଚେଷ୍ଟା କଲେ ମଧ୍ୟ ସତେଯେପରି ଖାଲି ଉପରେ ଉପରେ ହସୁଛି ବୋଲି ଅନୁଭବ କରେ ।*

*ମାଆ, ଆଜି ସକାଳେ ମୁଁ 'କ'ଙ୍କୁ ଏହିସବୁ କଥା କହିବି ବୋଲି ଇଚ୍ଛା କରିଥିଲି, ମାତ୍ର ମୋ'ର ତୁଣ୍ଡ ଏଥିରେ ଆଦୌ ରାଜି ହେଲା ନାହିଁ । ଅଧର ଦୁଇଟି ଆଦୌ ହସିବାକୁ  ଇଚ୍ଛା କଲେ ନାହିଁ ।*

*ମାଆ, ଏପରି କହିବାକୁ ସମର୍ଥ ନ ହେବା ଭଲ ନା ଖରାପ ? ମୁଁ ଏକଥା ଜାଣିବାକୁ ଇଚ୍ଛା କରୁଛି, କାରଣ, ଏହା ଯଦି ଭଲ ନ ହୋଇଥାଏ ତେବେ ମୁଁ ଏପରି କରିବାକୁ ଚାହେଁ ନାହିଁ; ତେବେ ମୁଁ ଆଗପରି ପୁଣି କଥା କହିବାକୁ ଆରମ୍ଭ କରିବି ।*

ନିଜ ଅଭୀପ୍ସାରେ ନୀରବ ଓ ସଂକେନ୍ଦ୍ରିତ ହୋଇ ରହିବା ଅତ୍ୟନ୍ତ ଭଲ । ଏବଂ, ମୋ’ର ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯଦି ‘କ’ଙ୍କ ପ୍ରତି ତୁମର ହୃଦୟରେ ଏକ ଗଭୀର ସ୍ନେହଭାବ ରହିଥାଏ, ତେବେ ସିଏ ମଧ୍ୟ ତାହା ଅନୁଭବ କରି ପାରିବେ ଓ ଆଉ ମୋଟେ ଦୁଃଖିତ ହେବେ ନାହିଁ । ମାତ୍ର, ତୁମ ଭିତରେ ଯାହାସବୁ ଘଟୁଛି, ଯଦି ତୁମେ କୋମଳ ଭାବରେ ତାଙ୍କୁ ତାହା ବୁଝାଇ କହିଦେଇ ପାରିବ ବୋଲି ଅନୁଭବ କରୁଥାଅ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ଭଲକଥା ହେବ ।

*୨୮ ନଭେମ୍ବର ୧୯୩୩*

*ମାଆ,*

*ଆପଣ ମୋତେ କେତେ କେତେ ସୁନ୍ଦର ଦ୍ରବ୍ୟର ପ୍ରତିଶ୍ରୁତି ଦେଉଛନ୍ତି ଓ ମୁଁ ସେଗୁଡ଼ିକର ପ୍ରତିରୋଧ କରିବାରେ ଲାଗିଛି । ତେବେ ମୁଁ  ଆଉ କେବେ ସୁଖୀ ହୋଇପାରିବି ?*

ସେଥିପାଇଁ କଦାପି ବ୍ୟସ୍ତ ହେବ ନାହିଁ – ପ୍ରତିଶ୍ରୁତିଗୁଡ଼ିକର ଉପଲବ୍ଧି ଦିଗରେ ତାହା କୌଣସି ପ୍ରକାରେ ସହାୟକ ହେବ ନାହିଁ । ଏବଂ, ତୁମକୁ ଧୈର୍ଯ୍ୟ ବି ଅବଲମ୍ବନ କରିବାକୁ ପଡ଼ିବ । ଏହି ଭୌତିକ ଜଗତରେ ବସ୍ତୁଗୁଡ଼ିକର ଉପଲବ୍ଧି ଅବଶ୍ୟ ସମୟସାପେକ୍ଷ ହୋଇଥାଏ ।

*୧୨ ଡିସେମ୍ବର ୧୯୩୩*

*ମାଆ,*

*ଥରେ ଶ୍ରୀଅରବିନ୍ଦ ମୋ’ ପାଖକୁ କ’ଣସବୁ ଲେଖିଥିଲେ ମାତ୍ର ସେହି ଶବ୍ଦଗୁଡ଼ିକୁ ମୁଁ ପଢ଼ିପାରିଲି ନାହିଁ । ମୁଁ ‘କ’ଙ୍କୁ ସେଗୁଡ଼ିକୁ ପଢ଼ିବା ପାଇଁ ଅନୁରୋଧ କଲି । ସେ କହିଲେ : ‘‘ତୁମେ ହେଉଛ ମାଆଙ୍କ ସନ୍ତାନ, ଶ୍ରୀଅରବିନ୍ଦଙ୍କର ନୁହଁ ।’’ (ଏଇଟା କେବଳ ଗୋଟିଏ ପରିହାସ, କାରଣ ମୁଁ ଆପଣଙ୍କର ହାତଲେଖା ପଢ଼ିପାରେ, ମାତ୍ର ଶ୍ରୀଅରବିନ୍ଦଙ୍କର ପଢ଼ିପାରେ ନାହିଁ ।)*

ତୁମେ କ’ଣ ବିଶ୍ୱାସ କରୁ ନାହଁ ଯେ, ଜଣେ ଯେତେବେଳେ ମାଆଙ୍କର ସନ୍ତାନ ହୋଇ ପାରିଲା, ତଦ୍ଦ୍ୱାରା ସେ ନିଜକୁ ଶ୍ରୀଅରବିନ୍ଦଙ୍କର ସନ୍ତାନ ବୋଲି ମଧ୍ୟ କହିପାରିବ ? ଏବଂ, ଏହାର ଓଲଟାଟି ମଧ୍ୟ ସତ୍ୟ ହେବ ?

*୧୬ ଡିସେମ୍ବର ୧୯୩୩*

*ମୋ'ର ଆଦରଣୀୟା ମାଆ,*

*କାଲି ଓ ଆଜି ସବୁଯାକ ସମୟ ମୁଁ ଇନ୍ଦ୍ରଧନୁ ରଙ୍ଗର ଶାଢ଼ିଟି ଉପରେ କାମ କଲି । ମାଆ, ଆପଣଙ୍କ ଲାଗି କାମ କରିବାକୁ ମୁଁ ଭାରି ଭଲପାଏ । ଆଉ କ'ଣ ଲେଖିବି, କିଛି ଜାଣିହେଉ ନାହିଁ । ମୋ'ର ଆଉକିଛି କହିବାକୁ ନାହିଁ ।*

ସେତିକିହିଁ ଯଥେଷ୍ଟ । ଆମେ ପରସ୍ପର ମଧ୍ୟରେ ପ୍ରତିଦିନ ଏକ ସାନ ''ସୁପ୍ରଭାତ''ର ଆଦାନପ୍ରଦାନ କରିପାରିବା, ମୁଁ କେବଳ ଏତିକି ଚାହୁଁଛି । ଯେତେବେଳେ ତୁମର କିଛି ବିଶେଷ, ମହତ୍ତ୍ୱପୂର୍ଣ୍ଣ ଅଥବା ଆଗ୍ରହୋଦ୍ଦୀପକ କଥା ଲେଖିବାର ଥିବ, ତୁମେ ତାହା ଅବଶ୍ୟ ଲେଖିପାରିବ ।

କୋମଳ ପ୍ରୀତି ସହିତ ।

*୧୮ ଡିସେମ୍ବର ୧୯୩୩*

ମୋ'ର ଆଦରଣୀୟା ମାଆ,

*ଆଜି ମଧ୍ୟ ସମସ୍ତ ଦିନ ମୁଁ ସେହି ''ଇନ୍ଦ୍ରଧନୁ'' ଶାଢ଼ିଟି ଉପରେ କାର୍ଯ୍ୟ କଲି । କେତେ ଘଣ୍ଟା କାମ କଲି, ସେକଥା ମୁଁ ଆପଣଙ୍କୁ କହିବି ନାହିଁ; କାରଣ ଯଦି ମୁଁ ''ଦଶଘଣ୍ଟା କାମ କଲି'' ବୋଲି ଲେଖିବି, ତେବେ ଆପଣ ''କି ଆଶ୍ଚର୍ଯ୍ୟ କଥା'' ! ବୋଲି ଲେଖିବେ ।*

ତୁମେ ଅତ୍ୟନ୍ତ ସାହସୀ, ଅତ୍ୟନ୍ତ ଶକ୍ତିମତୀ ।

କୋମଳ ପ୍ରୀତି ସହିତ ।

*୧୯ ଡିସେମ୍ବର ୧୯୩୩*

*ମୋ'ର ଆଦରଣୀୟା ମାଆ,*

*ଏହି ''ଆଇରିସ୍'' ଫୁଲଗୁଡ଼ିକ ଭାରି ସୁନ୍ଦର । ମାଆ, ସେହି ଫୁଲଗୁଡ଼ିକର ତାତ୍ପର୍ଯ୍ୟ କ'ଣ ?*

''ସୌନ୍ଦର୍ଯ୍ୟର ସମ୍ଭ୍ରାନ୍ତତା'' । ଏହା ଏକ ସମ୍ଭ୍ରାନ୍ତ ଫୁଲ, ଯାହାକି ନାଡ଼ ଉପରେ ସିଧା ଠିଆହୋଇ ରହିଥାଏ । ଫ୍ରାନ୍ସର ରାଜାମାନଙ୍କର ପ୍ରତୀକ ଉପରେ ଏହି ଫୁଲର ଅଙ୍କନ ରହିଛି ।

*୨୩ ଡିସେମ୍ବର ୧୯୩୩*

*ମାଆ,*

*ଆଜି ମଧ୍ୟ ମୁଁ ଦିନଯାକ ବ୍ଲାଉଜ୍ ଉପରେ କାମ କଲି ।*

ଏତେ ଶ୍ରମ କରୁଥିବା ମୋ' ଟିକି ସ୍ମିତହସକୁ ମୋ'ର ସମସ୍ତ ସ୍ନେହ ।

*୨୯ ଡିସେମ୍ବର ୧୯୩୩*

*ମାଆ,*

*ଆଜି କ'ଣ ଲେଖିବି ? ମୁଁ ଶାଢ଼ିରେ କାମ କରିଛି ।*

ମୁଁ କି ଉତ୍ତର ଦେବି ? – କହିବି ଯେ, ତୁମର କର୍ମରେ ଏବଂ ତୁମର ବିଶ୍ରାମରେ ମୁଁ ସତତ ତୁମ ସହିତ ରହିଛି । ତୁମର ନିଦ୍ରା ଓ ତୁମର ଜାଗରଣରେ ମଧ୍ୟ ତୁମ ସହିତ ରହିଛି ।

ସ୍ନେହର ସହିତ । *୩ ଜାନୁଆରି ୧୯୩୪*

*ମୋ'ର ଆଦରଣୀୟା ମାଆ,*

*କାଲି ବ୍ଲାଉଜ୍‌ଟିକୁ ଇସ୍ତ୍ରି କରୁକରୁ ମୁଁ କେତେକ ଜାଗାରେ ପୋଡ଼ା ଦାଗ କରି ଦେଇଥିଲି ।*

ମୁଁ ଦେଖି ନାହିଁ, ତେଣୁ ନିଶ୍ଚୟ ସେମିତି ବେଶୀ କିଛି ହୋଇ ନ ଥିବ । ସେଇଥି ସକାଶେ ବୋଧହୁଏ ଆଜି ସକାଳେ ପ୍ରଣାମ ସମୟରେ ତୁମେ ଏତେ ଗମ୍ଭୀର ଦେଖାଯାଉଥିଲ । ଏହିସବୁ ସାନସାନ କଥା ଲାଗି ତୁମେ ନିଜକୁ ଏପରି କଷ୍ଟ ଦେବ ନାହିଁ ।

କୋମଳ ପ୍ରୀତି ସହିତ । *୧୧ ଜାନୁଆରି ୧୯୩୪*

ମୋ'ର ସାନ ପ୍ରିୟ ଶିଶୁଟି, ସଂଗ୍ରାମରେ ଏବଂ ବିଜୟରେ ମୁଁ ସବୁବେଳେ ତୁମ ସହିତ ରହିବି ।

*୧୩ ଜାନୁଆରି ୧୯୩୪*

*ମାଆ,*

*ଆଜି ମୁଁ ଶାଢ଼ିରେ ନଅଘଣ୍ଟା କାମ କରିଛି ।*

ଅର୍ଥାତ୍ କାର୍ଯ୍ୟଟି ଖୁବ୍ ବେଗରେ ଅଗ୍ରଗତି କରୁଛି । ମୋ' କୁନି ପ୍ରିୟ ଶିଶୁଟି, କାର୍ଯ୍ୟ କରିବାରେ ତୁମର ଏକ ଅଦ୍ଭୁତ ସାମର୍ଥ୍ୟ ରହିଛି ।

*୧୮ ଜାନୁଆରି ୧୯୩୪*

ମୋ'ର ପ୍ରିୟ କୁନି ଶିଶୁଟି, ଆଜି ସକାଳେ ପ୍ରଣାମ ସମୟରେ ତୁମେ ଏତେ କାନ୍ଦୁଥିଲ କାହିଁକି ? ମୁଁ ଭାରି ଦୁଃଖିତ ହୋଇ ପଡ଼ିଲି, କାରଣ ତୁମକୁ ସାନ୍ତ୍ୱନା ଦେଇ ପାରିଲି ନାହିଁ । ତୁମ ଦୁଃଖର କଥା କ'ଣ ମୋତେ କହିବ ନାହିଁ, ଯେପରିକି ସମ୍ଭବ ହେଲେ ମୁଁ ତାହାକୁ ଦୂର କରିଦେଇ ପାରିବି ? ତୁମେ ଜାଣିଛ ଯେ ମୋ'ର ସକଳ ଭଲ ପାଇବା ସର୍ବଦା ତୁମ ସହିତ ରହିଛି ଏବଂ ତୁମକୁ ତୁମ ଅସୁବିଧାଗୁଡ଼ିକରୁ ବାହାରି ଆସିବାରେ ସାହାଯ୍ୟ କରିବା ଲାଗି ମୋ'ର ସର୍ବୋତ୍ତମ ଇଚ୍ଛା ମଧ୍ୟ ସର୍ବଦା ପ୍ରସ୍ତୁତ ରହିଛି ।

*୨୪ ଜାନୁଆରି ୧୯୩୪*

*ମାଆ,*

*ଆଜି ମଧ୍ୟ ମୁଁ ଦିନଯାକ ଶାଢ଼ିଟିକୁ ନେଇ କାର୍ଯ୍ୟ କରିଛି । ବେଳେବେଳେ ମୁଁ ଏକାବେଳେକେ ଦୁଷ୍ଟ ପିଲାଟିଏ ହୋଇଯାଉଛି, ନୁହେଁ ମାଆ ?*

ନାଇଁ, **ଦୁଷ୍ଟ** ନୁହେଁ, ତୁମେ ବିଚରା କେବଳ ଟିକିଏ ଦୁଃଖୀ ହୋଇ ପଡୁଛ । ଏବଂ, ତାହା ମୋତେ ଭାରି ଦୁଃଖ ଦେଉଛି । କାରଣ ମୁଁ ତୁମକୁ ସବୁବେଳେ ଆଲୋକ ଓ ଆନନ୍ଦରେ ଭରପୂର ହୋଇ ରହିଥିବାର ଦେଖିବାକୁ ଇଚ୍ଛା କରୁଛି ।

*୨୬ ଜାନୁଆରି ୧୯୩୪*

*ମାଆ,*

*ମୁଁ ଜାଣିଛି ଯେ ମୋ'ର କ୍ଷୁଦ୍ର ହୃଦୟଟିରେ ଅନେକ ସୁନ୍ଦର ବସ୍ତୁ ରହିଛି । ଖରାପ ବସ୍ତୁ ମଧ୍ୟ ରହିଛି,— ଆପଣ ତ ତାହା ଜାଣିଛନ୍ତି — ମୁଁ ଆପଣଙ୍କୁ ସେଗୁଡ଼ିକ ବିଷୟରେ କହିସାରିଛି ।*

*ମାତ୍ର ଏହି କ୍ଷୁଦ୍ର ହୃଦୟଟି ଭଲ ପାଇବାରେ ପୂର୍ଣ୍ଣ ହୋଇ ରହିଛି । ମାଆ, ଆମେ ଏହି କ୍ଷୁଦ୍ର ହୃଦୟଟି ଭିତରେ ରହିଥିବା ସକଳ ଖରାପ ପଦାର୍ଥକୁ ଜାଳି ପୋଡ଼ି ପକାଇବା । ତେବେ ମୋ' ହୃଦୟରେ କେବଳ ଆପଣଙ୍କ ପାଇଁ ଏକ ଅତ୍ୟନ୍ତ, ଅତ୍ୟନ୍ତ ମଧୁର ଭଲପାଇବାହିଁ ଅବଶେଷ ରହିବ ।*

ଏଥିରେ ତୁମେ ଯାହା ଲେଖିଛ, ତାହା ଏକ ଅତ୍ୟନ୍ତ ସୁନ୍ଦର କଥା ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ । ସୁନ୍ଦର ପଦାର୍ଥଗୁଡ଼ିକ କୁତ୍ସିତ ପଦାର୍ଥଗୁଡ଼ିକଠାରୁ ଅନେକ ଅଧିକ ଶକ୍ତିଶାଳୀ ଏବଂ ଶେଷରେ ସେହିଗୁଡ଼ିକରହିଁ ବିଜୟ ହେବ । ମୁଁ ସବୁବେଳେ ତୁମ ସହିତ ରହିଛି; ସଂଗ୍ରାମରେ ରହିଛି, ବିଜୟରେ ମଧ୍ୟ ରହିଛି । *୨୯ ଜାନୁଆରି ୧୯୩୪*

*ମାଆ,*

*ଆଜି ସକାଳେ 'କ' ମୋତେ ରୁପେଲି ସୂତା ଦେଇ କମ ପକାଇଥିବା ଗୋଲାପୀ ବ୍ଲାଉଜ୍‌ଟିକୁ ଦେଖାଉଥିଲେ । ବ୍ଲାଉଜ୍‌ଟି ଅତ୍ୟନ୍ତ, ଅତ୍ୟନ୍ତ ସୁନ୍ଦର । ଶାଢ଼ିଟି ମଧ୍ୟ, ଆମେ କମ ପକାଇଥିବା ଆପଣଙ୍କର ଶାଢ଼ିଗୁଡ଼ିକର ସଂଗ୍ରହରେ ତାହା ସବୁଠାରୁ ଅଧିକ ସୁନ୍ଦର ଶାଢ଼ି ହୋଇ ରହିବ ।*

*'କ' କମ ପକାଇଥିବା ବ୍ଲାଉଜ୍‌ଟିକୁ ଦେଖିବା ପୂର୍ବରୁ ମୁଁ ଭାବୁଥିଲି ଯେ ମୋ'ର ନନ୍ଦନ-ପକ୍ଷୀ* ଶାଢ଼ିଟି ପ୍ରକୃତରେ ଭାରି ସୁନ୍ଦର । ମାତ୍ର, ଏହି ବ୍ଲାଉଜ୍‌ଟିକୁ ଦେଖିବା ପରେ, ମୁଁ ଜାଣୁଛି ଯେ, 'କ' ଯେଉଁ ପରିଧାନଟିକୁ ପ୍ରସ୍ତୁତ କରୁଛନ୍ତି, ନନ୍ଦନ-ପକ୍ଷୀ ଶାଢ଼ିଟି ତାହା ତୁଳନାରେ ଆଦୌ କିଛି ନୁହେଁ ।*

ସେ କଥା ସତ ନୁହେଁ; ପ୍ରତ୍ୟେକର ନିଜସ୍ୱ ଏକ ସୌନ୍ଦର୍ଯ୍ୟ ଏବଂ ଶୈଳୀ ରହିଛି । ନନ୍ଦନ-ପକ୍ଷୀ ଶାଢ଼ିଟି ଗୋଟିଏ **ଅତିସୁନ୍ଦର** ଶାଢ଼ି ।

*ମାତ୍ର ତାଙ୍କ ବ୍ଲାଉଜ୍‌ଟି ସବୁଠାରୁ ଅଧିକ ସୁନ୍ଦର ।*

**ସବୁଠାରୁ ଅଧିକ** ସୁନ୍ଦର କି ନାହିଁ, ମୁଁ ସେକଥା କହି ପାରିବି ନାହିଁ, କମ ପକା ହୋଇଥିବା ପ୍ରତ୍ୟେକ ଶାଢ଼ିର ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି । ମାତ୍ର, ବ୍ଲାଉଜ୍‌ଟି ଯେ ଅତ୍ୟନ୍ତ ସୁନ୍ଦର, ସେଥିରେ କୌଣସି ସନ୍ଦେହ ନାହିଁ । *୩୦ ଜାନୁଆରି ୧୯୩୪*

*ମାଆ,*

*ମୁଁ ଆପଣଙ୍କୁ ଥରେ କହିଥିଲି ଯେ, ଯଦି କେହି ଆପଣଙ୍କ ସକାଶେ ଏକ ସୁନ୍ଦର ବସ୍ତୁ ପ୍ରସ୍ତୁତ କରିପାରିଲେ, ତେବେ ଯିଏବି ତାହା କରିଥାଉ ପଛକେ,*

---

* ନନ୍ଦନ-ପକ୍ଷୀ : (Bird-of-Paradise) ଟାଇଗର-କ୍ଲ, ହେଲିକୋନିଆ ମେଟାଲିକା, ଗଛଟିକୁ ମାଆ ଦେଇଥିବା ନାଆଁ ।

*ସେହି ବ୍ୟକ୍ତିଟି ମୁଁ ବା ଆଉ ଯିଏ କେହି ହୋଇଥାଉ ପଛକେ, ସେଥିରେ ଆମର ଅବଶ୍ୟ ଖୁସୀ ହେବା ଉଚିତ । ମୋ' କହିବାର ଅର୍ଥ ହେଉଛି ଯେ, କେହି ଆପଣଙ୍କ ସକାଶେ ତିଆରି କରି ଦେଇଥିବା ଗୋଟିଏ ସୁନ୍ଦର ଜିନିଷକୁ ଦେଖିବା ମାତ୍ରକେ ଆମର ଅତ୍ୟନ୍ତ ଖୁସୀ ହୋଇଯିବା ଉଚିତ, ଏବଂ ଯେଉଁମାନେ ମୋ' ସ୍ନେହମୟୀ ମାଆଙ୍କୁ ଭଲ ପାଆନ୍ତି, ସେମାନେ ତ ସମସ୍ତେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ନିଶ୍ଚୟ ଖୁସୀ ହେବେ ।*

*ଆପଣ ଜାଣନ୍ତି କି, ଯେତେବେଳେ ମୁଁ 'କ' ତିଆରି କରିଥିବା ବ୍ଲାଉଜ୍‌ଟିକୁ ଦେଖିଲି, ମୁଁ ଅନୁଭବ କଲି, ସତେ ଯେପରି ଆଉ ଜଣେ ମଣିଷ ଜିନିଷଟିଏ ତିଆରି କରିଛନ୍ତି, ଯାହାକି ମୁଁ ତିଆରି କରିଥିବା ସବୁ ଜିନିଷଠାରୁ ଅଧିକ ସୁନ୍ଦର ।*

*ମାଆ, ମୁଁ ଏପରି କାହିଁକି ଅନୁଭବ କଲି, ମୁଁ ସେକଥା ଜାଣେ । ଏପର୍ଯ୍ୟନ୍ତ ମୁଁ କରୁଥିବା କାର୍ଯ୍ୟ ବିଷୟରେ ମୋ' ଭିତରେ ଏକ ଗର୍ବଭାବ ରହିଥିଲା : ''ଏଠାରେ ଆଉ ସମସ୍ତଙ୍କ ଅପେକ୍ଷା ମୁଁ ଅଧିକ ସୁନ୍ଦର ଜିନିଷମାନ ତିଆରି କରି ପାରୁଛି ।''– ଏହିପରି ଗୋଟିଏ କିଛି ଭାବ ରହିଥିଲା । ତେଣୁ, ମୁଁ ଯେତେବେଳେ ଆଉ କେହି ତିଆରି କରିଥିବା କୌଣସି ଅତ୍ୟନ୍ତ ସୁନ୍ଦର ଜିନିଷ ଦେଖୁଥିଲି, ସେତେବେଳେ ମୋ'ର ଗର୍ବକୁ ଏକ ଅତ୍ୟନ୍ତ କଠିନ ଆଘାତ ଲାଗି ଯାଉଥିଲା । ନୁହେଁ ? (ମାଆ, 'ଖ' ଏକଥା ଆଉଜଣେ କାହାକୁ କହୁଥିବାର ଶୁଣୁଥିଲି : ''ଆଘାତ ଦେବା ବିଦ୍ୟାଟି ମଧ୍ୟ ମାଆ ଜାଣିଛନ୍ତି ।'')*

ମୁଁ ନିର୍ଭର ଜବାବ ଦେଇ କହିପାରିବି ଯେ ମୁଁ ଇଚ୍ଛାକୃତ ଭାବରେ କୌଣସି ଆଘାତ ଦିଏ ନାହିଁ ।

*ମାଆ,*

*ଏସବୁ ନିର୍ବୋଧ ପ୍ରବୃତ୍ତି କାହିଁକି ମୋ' ଭିତରେ ରହିଛନ୍ତି ? ମୁଁ ସେଗୁଡ଼ାକ ରହନ୍ତୁ ବୋଲି ଆଦୌ ଇଚ୍ଛା କରୁ ନାହିଁ । ସେମାନେ ଦୀର୍ଘ ଯଥେଷ୍ଟ ଦିନରୁ ମୋ' ଭିତରେ ରହିଲେଣି । ବର୍ତ୍ତମାନ ସେମାନେ ରହନ୍ତୁ ବୋଲି ମୁଁ ମୋଟେ ଇଚ୍ଛା କରୁ ନାହିଁ । ଆପଣ ମୋ' ହୃଦୟ ଭିତରକୁ ଆସି ସେଠାରେ ସବୁଦିନ ପାଇଁ ନ ରହିବା ପର୍ଯ୍ୟନ୍ତ ମୋ'ର ବିଶ୍ରାମ ନାହିଁ ।*

*ମୋ'ର ମାଆ, ଆପଣ ମୋତେ ମୋ' ଅଭୀପ୍ସାରେ ଶୁଦ୍ଧତା ଏବଂ ସତତତା ଆଣି ଦିଅନ୍ତୁ ।*

ଆମ ଭିତରେ ରହିଥିବା କେତେକ ଅବସ୍ଥା (ଏବଂ ଗର୍ବ ହେଉଛି ସେଗୁଡ଼ିକ ମଧ୍ୟରୁ ଗୋଟିଏ) ଚତୁଷ୍ପାର୍ଶ୍ୱର ପରିସ୍ଥିତିରୁ ଅତ୍ୟନ୍ତ ସ୍ୱଚାଳିତ ଭାବରେ ନାନା ଆଘାତକୁ ଆମନ୍ତ୍ରଣ କରି ଆଣିଥାନ୍ତି । ଏବଂ, ଆମେ ଇଚ୍ଛାକଲେ ଆମର ଆହୁରି ଅଧିକ ଅଗ୍ରଗତି ନିମନ୍ତେ ଏହି ଆଘାତଗୁଡ଼ିକୁ କାମରେ ଲଗାଇ ପାରିବା ।

ଏହିସବୁ କ୍ଷୁଦ୍ରତା ଏବଂ ନିର୍ବୋଧତା ଅନ୍ତର୍ହିତ ହୋଇ ଯାଆନ୍ତୁ ବୋଲି ଇଚ୍ଛା କରି ତୁମେ ଠିକ୍ କାର୍ଯ୍ୟହିଁ କରୁଛ । ତୁମର ଏହି ସଂକଳ୍ପରେ ମୁଁ ସମ୍ପୂର୍ଣ୍ଣ ଭାବରେ ତୁମ ସହିତ ରହିଛି ଏବଂ, ତୁମେ ଯେ ଜୟଲାଭ କରିବ, ସେଥିରେ ମୋ'ର କୌଣସି ସନ୍ଦେହ ନାହିଁ ।

*୩୧ ଜାନୁଆରି ୧୯୩୪*

*ମାଆ,*

*ଆଜି ମୋ'ର କିଛି ଲେଖିବାକୁ ନାହିଁ । ସବୁଦିନ ପରି ଆଜି ମୁଁ ସାରାଦିନ କାମ କରିଛି ।*

ମୁଁ ଆଶା କରୁଛି ଯେ ଏହି ନୂଆ ମାସଟି ତୁମକୁ ତୁମେ ଇଚ୍ଛା କରୁଥିବା ଉପଲବ୍ଧିଟିକୁ ନିଶ୍ଚୟ ଆଣିଦେବ; ତୁମ ଲାଗି ଏକ ସନ୍ତୋଷଦାୟୀ ସ୍ଥିରତା, ଏକ ଅଖଣ୍ଡ ଶାନ୍ତି ଓ ଏକ ସନ୍ଦୀପନକାରୀ ନୀରବତା ଆଣିଦେବ ।

ମୁଁ ଠିକ୍ ଏହିପରି ଇଚ୍ଛା କରୁଛି ଏବଂ ଏହି ଆଶୀର୍ବାଦ କରୁଛି ।

୧ ଫେବ୍ରୁଆରି ୧୯୩୪

*ମାଆ,*

*ନିଜର ହୃଦୟ ଭିତରେ ମୁଁ ଆପଣଙ୍କୁ ବନ୍ଦୀ କରି ରଖିବି । ଶାନ୍ତି ଏବଂ ସନ୍ତୋଷ ବିଷୟରେ ମୋ'ର ଚିନ୍ତା କରିବା ଦରକାର ନାହିଁ । ଯେତେବେଳେ ଆପଣ ଆମମାନଙ୍କର ହୃଦୟ ଭିତରେ ଆସି ବାସ କରିବେ, ସେସବୁ ପଦାର୍ଥ ଅତ୍ୟନ୍ତ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଯିବେ ।*

ମୋତେ ଧରିପାରିବା ଲାଗି ତୁମକୁ ଆଦୌ ବେଶୀ ଦୂର ଯିବାକୁ ପଡ଼ିବ ନାହିଁ । କାରଣ ମୁଁ ତୁମର ହୃଦୟ ଭିତରେ ପୂର୍ବରୁହିଁ ରହିଛି ଏବଂ ଯେମିତି ତୁମର ଆଖିଗୁଡ଼ିକ ଉନ୍ମୀଳିତ ହୋଇଯିବ, ତୁମେ ମୋତେ ସେମିତି ସେହିଠାରେହିଁ ଦେଖିବାକୁ ପାଇବ । ଆପଣାର ଅନୁଭବ କରିବାର ସାମର୍ଥ୍ୟଟିକୁ ବାହାର ଆଡ଼କୁ ପ୍ରକ୍ଷେପିତ ହୋଇ ରହିବାକୁ ଦେବା

ପରିବର୍ତ୍ତେ ତୁମେ ତାହାକୁ ଭିତର ଆଡ଼କୁ ଅଭିମୁଖ କରି ରଖ ଏବଂ ତେବେ ବାହାରର ଥଣ୍ଡା ଓ ଗରମକୁ ଅନୁଭବ କରୁଥିବା ପରି ତୁମେ ଅତ୍ୟନ୍ତ ସାକାର ଭାବରେ (ଏପରିକି ଅଧିକ ସାକାର ଭାବରେ) ମୋ'ର ଉପସ୍ଥିତିକୁ ଅନୁଭବ କରିବାକୁ ଲାଗିବ ।

*୨ ଫେବ୍ରୁଆରି ୧୯୩୪*

*ମୋ'ର ପ୍ରେମାସ୍ପଦା ମାଆ,*

*ଆପଣ ମୋ'ହୃଦୟ ଭିତରେ ଅବସ୍ଥାନ କରିସାରିଲେଣି, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର, ମୁଁ ନିଜ ଚକ୍ଷୁଗୁଡ଼ିକୁ ଖୋଲି ଜାଣି ନାହିଁ – କେବଳ ଶୋଇବା ବେଳଟିକୁ ଛାଡ଼ିଦେଲେ ସେଗୁଡ଼ିକ ତ ସବୁବେଳେ ଖୋଲା ରହିଛନ୍ତି ।*

ମୁଁ ତୁମର ଅନ୍ତଶ୍ଚକ୍ଷୁଗୁଡ଼ିକର କଥା କହୁଛି, ସ୍ଥୂଳ ଚକ୍ଷୁଗୁଡ଼ିକର କଥା ନୁହେଁ ।

*''ଆପଣାର ଅନୁଭବ କରିବାର ସାମର୍ଥ୍ୟଟିକୁ ବାହାର ଆଡ଼କୁ ପ୍ରକ୍ଷେପିତ ହୋଇ ରହିବାକୁ ଦେବା ପରିବର୍ତ୍ତେ ତୁମେ ତାହାକୁ ଭିତର ଆଡ଼କୁ ଅଭିମୁଖ କରି ରଖ ।'' ମାଆ, ମୁଁ ଯେତେବେଳେ କିଛି ନା କିଛି ଅନୁଭବ କରେ, ସେତେବେଳେ ମୁଁ ତାହାକୁ ମୋ' ହୃଦୟ ଭିତରେହିଁ ଅନୁଭବ କରିଥାଏ (ଏବଂ ମୁଁ ଭାବୁଛି, ସମସ୍ତେ ମଧ୍ୟ ନିଜ ହୃଦୟରେ ଅନୁଭବ କରିଥାନ୍ତି) । ବାହାର ଆଡ଼କୁ କିପରି ଅନୁଭବ କରାଯାଏ, ସେକଥା ମୁଁ ଜାଣି ନାହିଁ । ''ବାହାର ଆଡ଼କୁ'' କହିବା ଦ୍ୱାରା ଆପଣ କ'ଣ କହିବାକୁ ଚାହୁଁଛନ୍ତି, ମୁଁ ସେକଥା ବୁଝିପାରୁ ନାହିଁ ।*

ମୁଁ କହିବାକୁ ଚାହୁଁଛି ଯେ, ଇନ୍ଦ୍ରିୟ ଦ୍ୱାରା ଲବ୍ଧ ହେଉଥିବା ଅବବୋଧଗୁଡ଼ିକ ମଧ୍ୟରେ ବାସ ନ କରି ତୁମେ ନିଜକୁ ଅନ୍ତର୍ଗତ ସତ୍ତା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ସଂକେନ୍ଦ୍ରିତ କରି ରଖିବ । ବହିରିନ୍ଦ୍ରିୟଗୁଡ଼ିକ ଗୋଟାସୁଦ୍ଧା ବାହାରର ବସ୍ତୁଗୁଡ଼ିକୁ ନେଇ ସକ୍ରିୟ ରହିଥାନ୍ତି, ମାତ୍ର ଅନ୍ତର୍ଗତ ସତ୍ତାର ଜୀବନଟି ଇନ୍ଦ୍ରିୟଗୁଡ଼ିକର (ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍) ଆଦୌ ଅଧୀନ ହୋଇ ରହି ନ ଥାଏ ।

*୩ ଫେବ୍ରୁଆରି ୧୯୩୪*

*ମାଆ,*

*ଆଜି ମୋ' ଚିଠି ସହିତ ମୁଁ ଆଉ ଯେଉଁ ଚିଠିଟିକୁ (ଯାହାକୁ ଆପଣ*

*ମୋ' ପାଖକୁ ଲେଖିଥିଲେ) ଆପଣଙ୍କ ପାଖକୁ ପଠାଇଥିଲି, ଆପଣ ତାହାକୁ ଫେରସ୍ତ ପଠାଇଲେ ନାହିଁ କାହିଁକି ?*

*ମାଆ, ମୁଁ ଆପଣଙ୍କର କୋଳରେ ଯାଇ ରହିବାକୁ ଚାହୁଁଛି ।*

ବିଚରା ଟିକି ପିଲାଟି, ଆଦୌ କୌଣସି କାରଣ ନ ଥିବା ଏହି ଗଭୀର ଦୁଃଖ ଏବଂ ଏହି ବୃହତ୍ ବିଦ୍ରୋହଟିକୁ ଶାନ୍ତ କରିଦେବା ଲାଗି ମୁଁ ତୁମକୁ ଅତ୍ୟନ୍ତ ଆନନ୍ଦର ସହିତ ନିଜ କୋଳକୁ ଟାଣିନିଏ ଏବଂ ନିଜ ହୃଦୟର ଦୋଳାରେ ନେଇ ବସାଇ ଦେଇଥାଏ । ତୁମକୁ ମୁଁ ନିଜର ବାହୁବନ୍ଧନ ଭିତରକୁ ନେଇ ଆସିବି, ମୋର ପ୍ରେମରେ ତୁମକୁ ଅବଗାହିତ କରିବି ଏବଂ ଏହି ଦୁର୍ଭାଗ୍ୟଜନକ ଘଟଣାଟିର ସ୍ମୃତିଟିକୁ ମଧ୍ୟ ତୁମ ଭିତରୁ ପୋଛି ପକାଇବି । ତୁମର ଆଜି ସକାଳର ଚିଠିଟି ସହିତ ଆର ଚିଠିଟିକୁ ମଧ୍ୟ ଶ୍ରୀଅରବିନ୍ଦଙ୍କୁ ଦେଖାଇବା ଲାଗି ମୁଁ ପାଖରେ ରଖିଥିଲି । ଏହି ଖାତା ଭିତରେ ତାହାକୁ ଫେରସ୍ତ ପଠାଉଛି ।

*୨୭ ଫେବ୍ରୁଆରି ୧୯୩୪*

ନାଇଁ, ମୋ'ର ପ୍ରିୟ ଶିଶୁ, ସେକଥା ମୋଟେ ନୁହେଁ । ତୁମେ ଯେ ମୋ'ଠାରୁ କିଛି ଲୁଚାଇ ରଖିବାକୁ ଇଚ୍ଛା କରୁଛ, ଏକଥା ମୁଁ ତୁମକୁ କହି ନ ଥିବା ବିଷୟରେ ମୋ'ର ଲେଶ ମାତ୍ର ସନ୍ଦେହ ନାହିଁ । ଯେତେବେଳେ ତୁମର ମନ ଏବଂ ପ୍ରାଣର ଅଥୟତାଟିକୁ ଶାନ୍ତ କରି ଆଣିବା ଉଦ୍ଦେଶ୍ୟରେ ମୁଁ ଧ୍ୟାନ ସାହାଯ୍ୟରେ ତୁମ ଉପରେ ଚାପ ପକାଇବାକୁ ଆରମ୍ଭ କଲି, ସେତେବେଳେ ତୁମେ ସେହି ଚାପକୁ ସହ୍ୟ କରି ନ ପାରି କାନ୍ଦିବାକୁ ଲାଗିଲ । ମୁଁ ଭାବିଥିଲି ଯେ ତାହାଦ୍ୱାରା ତୁମେ ବିଶ୍ୱାସ ଅନୁଭବ କରିବ ଓ ମୋତେ ତୁମ ଦୁଃଖର କାରଣଟିକୁ କହିଦେବ । ମାତ୍ର, ଯେତେବେଳେ ତୁମେ କୌଣସି ଉତ୍ତର ଦେଲ ନାହିଁ, ସେତେବେଳେ, ତୁମେ କିଛି କହିବାକୁ ଇଚ୍ଛା କରୁଛ କି ନାହିଁ, ତୁମକୁ ମୁଁ କେବଳ ଏତିକି ପଚାରିଥିଲି । କାରଣ, ମୁଁ ଅନାବଶ୍ୟକ ଭାବରେ ତୁମେ କାରଣଟିକୁ ମୋତେ କହିଦିଅ ବୋଲି ବାରବାର ଅନୁରୋଧ କରିବାକୁ ଇଚ୍ଛାକରୁ ନ ଥିଲି । ମୁଁ ତଦ୍ୱାରା କୌଣସି ଅସନ୍ତୋଷ ପ୍ରକାଶ କରୁଥିଲି ବୋଲି ଯଦି ତୁମେ ଭାବିଲ, ତେବେ ତାହାଦ୍ୱାରା ଭାରି ଭୁଲ୍ କଲ ।

ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଏବେ କିଛି ଦିନ ହେଲା ତୁମେ ନିଜ ଭିତରେ ନିଜକୁ କିଳିକରି ରଖିଛ । ତେଣୁ, ତୁମକୁ ମୁଁ ଯେତିକି ସାହାଯ୍ୟ କରିପାରିବି ବୋଲି ଚାହେଁ, ଆଦୌ ତାହା କରିପାରୁ ନାହିଁ ।

ସ୍ନେହର ସହିତ ।

*୭ ଜୁଲାଇ ୧୯୩୪*

ହେ ମୋ'ର ପ୍ରିୟ ଶିଶୁ, ତୁମେ ଦେଖିଥିବା ଅନୁଭୂତିଟିକୁ ଅର୍ଥ କରିବାରେ ଏହାକୁ ଏକ ଏକାନ୍ତ ଅପ୍ରତ୍ୟାଶିତ ପ୍ରଣାଳୀ ବୋଲି କୁହାଯିବ । ମୁଁ ତାହାକୁ ଆଦୌ ସେପରି ଅର୍ଥ ଦେଇ ନ ଥିଲି । ଦେଖିଥିବା ଏହିସବୁ ପ୍ରତିରୂପ ସର୍ବଦା ପ୍ରତୀକାତ୍ମକ ହୋଇ ରହିଥାନ୍ତି ଏବଂ ସେଗୁଡ଼ିକୁ ସେହିଭଳିହିଁ ଗ୍ରହଣ କରିବା ଉଚିତ ।

ପାହାଡ଼ଗୁଡ଼ିକ ଭୌତିକ ପ୍ରକୃତିକୁ ସୂଚାଇ ଦେଉଛନ୍ତି,– ଅତ୍ୟନ୍ତ କଠିନ ଏବଂ ଅନମନୀୟ, ଅଥଚ ତାହାରି ଭିତରେ ଜୀବନର ସ୍ରୋତଟି ଲୁକ୍କାୟିତ ହୋଇ ରହିଛି । ଜଡ଼ସ୍ତରର ପ୍ରତିରୋଧ ହେତୁ, ଜୀବନର ଏହି ସ୍ରୋତକୁ ମୁକ୍ତି ଦେବା ପ୍ରକୃତରେ ଅତ୍ୟନ୍ତ କଠିନ ହୋଇପଡ଼େ ଏବଂ ତେଣୁ କେବଳ କ୍ୱଚିତ୍‌ହିଁ ଏହାର ଆଲୋକ ମଧ୍ୟକୁ ପ୍ରବିଷ୍ଟ ହେବା ସମ୍ଭବ ହୋଇଥାଏ । ମାତ୍ର କିଞ୍ଚିତ୍ ସଂକେନ୍ଦ୍ରଣ ଏବଂ ଅଧ୍ୟବସାୟ ସମ୍ଭବ ହୋଇପାରିଲେ ଜଡ଼ର ସେହି ପ୍ରତିରୋଧ ହ୍ରାସ ହୋଇଆସେ ଏବଂ ଜୀବନର ଶକ୍ତିସ୍ରୋତଗୁଡ଼ିକ ମୁକ୍ତିଲାଭ କରନ୍ତି । ଏହି ପ୍ରତିରୂପଟି ପ୍ରତ୍ୟେକ ମନୁଷ୍ୟର କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହୋଇ ପାରିବ, ମାତ୍ର ଏହି ଦୃଷ୍ଟାନ୍ତଟିରେ ଏହା ତୁମ ଲାଗିହିଁ ଅଭିପ୍ରେତ ହୋଇ ରହିଥିଲା, କାରଣ ତୁମେ ସେଠାରେ ଉପସ୍ଥିତ ଥିଲ । ଏବଂ, ଏହାକୁ ମୁଁ ଏହିଭଳି ଏକ ପ୍ରତିଶ୍ରୁତି ରୂପେ ଗ୍ରହଣ କଲି ଯେ, ଏଣିକି ତୁମର ଅସୁବିଧାଗୁଡ଼ିକ କ୍ରମେ ଅପସାରିତ ହୋଇଯିବ ଏବଂ ତୁମେ ଅଚିରେ ଏକ ଆଲୋକମୟ, ମୁକ୍ତ ଏବଂ ଆନନ୍ଦପୂର୍ଣ୍ଣ ଚେତନା ମଧ୍ୟରେ ଆସି ପ୍ରବିଷ୍ଟ ହେବାରେ ସମର୍ଥ ହେବ ।

*୧୧ ଜୁଲାଇ ୧୯୩୪*

*ମାଆ,*

*ଦଶ ଗଜ କପଡ଼ାକୁ ୨୫ ଟଙ୍କା ୧୫ ଅଣା ଲାଗିଲା,– ଅର୍ଥାତ୍ ଗଜକୁ ଦୁଇଟଙ୍କା ସାଢ଼େ ନଅଅଣା ପଡ଼ିଲା । ଆଜି ସନ୍ଧ୍ୟାବେଳେ 'କ' ଓ ମୁଁ ସେହି ବୃହତ୍ ଦଶଗଜିଆ ଥାନଟିକୁ ରଙ୍ଗ କଲୁ । ମାତ୍ର ତାହା ସଫଳ ଭାବରେ ହୋଇ ପାରିଲା ନାହିଁ । ରଙ୍ଗ ସବୁଆଡ଼େ ସମାନ ଭାବରେ ଲାଗିଲା ନାହିଁ : କେତେ ଜାଗା ଗାଢ଼ା ହୋଇଗଲା, ଆଉ କେତେ ଜାଗା ଫିକା ରହିଲା । ଆପଣ ସେଇଟିକୁ କାଲି ଦେଖିବାକୁ ପାଇବେ ।*

ହେ ମୋ'ର ପ୍ରିୟ ଶିଶୁ, ମୁଁ ସଙ୍ଗେ ସଙ୍ଗେ ତୁମ ଚିଠିର ଉତ୍ତର ଦେଲି ନାହିଁ, କାରଣ ମୁଁ ଆଗ କପଡ଼ାଟିକୁ ଦେଖିବାକୁ ଇଚ୍ଛା କରୁଥିଲି । ହଁ, ରଙ୍ଗଟା ସମାନ ଭାବରେ ସବୁଆଡ଼କୁ ଯାଇ ନାହିଁ ସତ, ମାତ୍ର, ମୋତେ ଲାଗୁଛି, ତାକୁ ଠିକ୍ କରିଦେଇହେବ ।

ଆଉଥରେ ରଙ୍ଗ କରିବା ଭଲ ହେବ ବୋଲି ମୁଁ ବିଚାରୁ ନାହିଁ । ତା'ହେଲେ ରଙ୍ଗଟା ଅତିବେଶୀ ଗାଢ଼ା ହୋଇଯିବ । ମାତ୍ର ଅସମାନତାଗୁଡ଼ିକୁ ଆମେ **ଜଳର ପ୍ରବାହ** ବୋଲି ମନେ କରିପାରିବା ଏବଂ ସେଗୁଡ଼ିକର ତଳକୁ ସରୁ ସୁନେଲୀ ସୂତାରେ ସିଲାଇ କରିଦେବା; ତେବେ ସତେଯେପରି ଏହାକୁ ଇଚ୍ଛାକୃତ ଭାବରେ ଏପରି କରାଯାଇଛି ବୋଲି ମନେହେବ ଏବଂ ତେଣୁ ଆହୁରି ଅଧିକ କମନୀୟ ଲାଗିବ । ଯେତେବେଳେ ଏହାପରେ ତୁମ ସହିତ ଭେଟ ହେବ, ସେତେବେଳେ, ମୁଁ ପ୍ରକୃତରେ କ'ଣ ଚାହୁଁଛି, ତାହାକୁ ନିର୍ଦ୍ଦିଷ୍ଟ ଭାବରେ ଦେଖାଇଦେବି । ବ୍ୟସ୍ତ ହେବ ନାହିଁ, ସବୁ ଠିକ୍ ହୋଇଯିବ । ତୁମେ ସଙ୍ଗେସଙ୍ଗେ ନିଜର କାମ ଆରମ୍ଭ କରି ଦେଇପାର ।

*୬ ସେପ୍‌ଟେମ୍ବର ୧୯୩୪*

*ମାଆ,*

*ବର୍ତ୍ତମାନ ମାଛଗୁଡ଼ିକୁ ସିଲେଇ କରିଦେବାକୁ ମୋ'ର ମନ ହେଲା ନାହିଁ । ମୁଁ ତାକୁ ପାଞ୍ଚବର୍ଷ ମଧ୍ୟରେ କରିଦେବି ।*

*ବରଂ ବର୍ତ୍ତମାନ ମୁଁ ସୁନେଲୀ ଓ ରୁପେଲୀ ରଙ୍ଗର ଡ୍ରାଗନ୍ ଅଙ୍କା ହୋଇଥିବା ସବୁଜ ଶାଢ଼ିଟି ଉପରେ କାମ ଆରମ୍ଭ କରିଦେବି । ଏଇଟି ୧୯୩୫ ମସିହା ଫେବ୍ରୁଆରି ୨୧ ତାରିଖ ପାଇଁ । ଯଦି ଆପଣ ଛାଞ୍ଚଗୁଡ଼ିକୁ ଆଙ୍କି ଦେବା ପାଇଁ ଆଉ କାହାକୁ କହିବେ, ତେବେ ଯାଇ । କାରଣ, ସବୁଜ କପଡ଼ା ଓ ସୁନେଲୀ ରୁପେଲୀ ସୂତାସବୁ ମହଜୁଦ ରହିଛି ।*

*ମୋତେ ଭାରି ନିରାଶ ଲାଗୁଛି, କାରଣ ମାଛଗୁଡ଼ିକୁ ବର୍ତ୍ତମାନ କରିପାରୁ ନାହିଁ ।*

'କ' ହୁଏତ ତୁମ ଲାଗି ଡ୍ରାଗନ୍‌ଗୁଡ଼ିକୁ ଆଙ୍କିଦେଇ ପାରିବେ, ତୁମେ ତାଙ୍କୁ ପଚାରି ପାରିବ ।

*୭ ସେପ୍‌ଟେମ୍ବର ୧୯୩୪*

ତୁମେ ହେଉଛ ମୋ'ର କୁନି ସନ୍ତାନ ଓ ସବୁଦିନ ଲାଗି ତାହାହିଁ ହୋଇ ରହିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ମାତ୍ର ଯେତେବେଳେ କୁନି ଶିଶୁମାନେ ଅବିବେକିତାର ପ୍ରମାଣ ଦିଅନ୍ତି, ସେତେବେଳେ ସେମାନଙ୍କୁ ଯଥାର୍ଥ ଯୁକ୍ତି ଦେଇ ବୁଝାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ବର୍ତ୍ତମାନ, ମୁଁ ତୁମକୁ କହିବାକୁ ଇଚ୍ଛା କରୁଥିବା କଥାଟିକୁ ତୁମକୁ କହେ ବୋଲି ଯଦି ତୁମେ

ଇଚ୍ଛା କରୁଥାଅ, ତେବେ ଶୁଣ : ଅନେକ କଷ୍ଟ କରି 'ଖ' ଗୋଟିଏ ଛବି ଆଙ୍କି ଦେଇଛନ୍ତି, ତିରିଶ ଟଙ୍କା ଦେଇ ଗୋଟିଏ ସୁନ୍ଦର କପଡ଼ା କିଣାଯାଇଛି, ତୁମେ ଓ 'ଗ' କେତେ କଷ୍ଟ କରି ସେଥିରେ ରଙ୍ଗ ଦେଇଛ ଏବଂ ମୁଁ ତୁମକୁ କହୁଛି ଯେ, ରଙ୍ଗର ଅସମାନତାଗୁଡ଼ିକୁ କାମରେ ଲଗାଇବା ପାଇଁ ମୁଁ ଗୋଟିଏ ଉପାୟ ବାହାର କରିଛି ଯାହାଦ୍ୱାରା କି ଆମେ ଯେତିକି ଚିନ୍ତା କରିଥିଲେ, ତା'ଠାରୁ ଅଧିକ ସୁନ୍ଦର ଶାଢ଼ିଟିଏ ତିଆରି କରାଯାଇ ପାରିବ । ମାତ୍ର, ତଥାପି, ସେସବୁର କୌଣସି ବିଚାର ନ କରି ତୁମେ ଫଟ୍ କରି ରାଗିଯାଇ କହୁଛ ଯେ, ''ମୁଁ ଆଉ ଏହି ଶାଢ଼ିଟିରେ କାମ କରିବି ନାହିଁ, ମୁଁ ଆଉ ଗୋଟିଏ ଶାଢ଼ିର କାମ କରିବି ।'' ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୁଁ ତେଣୁ ଭାବିଲି ଯେ, ବର୍ତ୍ତମାନ ମୋତେ 'କ'ଙ୍କୁ କହିବାକୁ ପଡ଼ିବ ଯେ ସିଏ କଷ୍ଟ କରି ଆଉ ଗୋଟିଏ ଛବି ବନାଇଦେବେ ଏବଂ ଯଦି ଦୈବାତ୍ ଆଉ କୌଣସି ଅସୁବିଧା ଆସି ପହଞ୍ଚିବ, ତେବେ ପୁଣି ଏହି ଟିକି ଛୁଆଟି କହିବ : ''ମୁଁ ନିରାଶ ହୋଇଗଲି, ମୁଁ ଆଉ ଏହି ଶାଢ଼ିଟିକୁ ବନାଇବି ନାହିଁ ।'' ତେବେ 'କ'ଙ୍କର ସବୁକାମ ମଧ୍ୟ ବୃଥା ହୋଇଯିବ । ତେଣୁ ମୁଁ ତୁମେ ନିଜେ ଯାଇ ତାଙ୍କୁ ଛବିଟିଏ ଆଙ୍କି ଦେବା ଲାଗି କହିବାକୁ କହିଲି । ସିଏ ମୋ' ପାଖକୁ ମାଛଗୁଡ଼ିକ ସହିତ ମୁକୁଟଟିର ଗୋଟିଏ ଅଙ୍କନ କରି ବର୍ତ୍ତମାନ ପଠାଇଛନ୍ତି । ଅଙ୍କନଟି ଭାରି, ଭାରି ସୁନ୍ଦର ହୋଇଛି । ଏବଂ, ଯଦି ତୁମେ ମୋ'ର ମତ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ମୁଁ କହିବି ଯେ, ତୁମେ ପ୍ରଥମେ ମୁକୁଟଟିକୁ କରିବ,– ତେବେ ତଦ୍ୱାରା ତୁମେ ବଳେ ବଳେ ଶାଢ଼ିର କାମକୁ ମଧ୍ୟ ଆସିଯିବ । ତୁମେ ଦେଖିବ ଯେ ସବୁକିଛି ଠିକ୍ ଠିକ୍ ସମ୍ପାଦିତ ହେବ, ସମ୍ପୂର୍ଣ୍ଣ ଭାବରେ ଠିକ୍ ହୋଇଯିବ । ମୁଁ ତୁମ ପାଖକୁ ମୁକୁଟଟିର ଅଙ୍କନଟି ପଠାଇ ଦେଉଛି ।

ମୋ'ର ଭଲ ପାଇବା ସହିତ ।

*୮ ସେପ୍ଟେମ୍ବର ୧୯୩୪*

*ମାଆ,*

*କାଲି ରାତିରେ, ଯେତେବେଳେ ସାଢ଼େ ନଅଟା ସମୟରେ ମୁଁ ଶୋଇବାକୁ ଗଲି, ସେତେବେଳେ କାହିଁକି ଭାରି ଡର ମାଡ଼ିଲା । ମନେହେଲା, ସତେଯେପରି କିଏ ସେଠି ରହିଥିଲା ବା ହୁଏତ କେହି ସେଠାକୁ ଆସିବାର ଆଶଙ୍କା ରହିଥିଲା । ମୁଁ ଆଖି ବୁଜିଦେଲି, ଏବଂ ମୁହୂର୍ତ୍ତକ ପରେ, ମୋ' ନିଦରେ ମଧ୍ୟ ମୁଁ ଗୋଟାଏ ପ୍ରକାରର ଭୟ ଅନୁଭବ କଲି । ମୁଁ ଆଖି ଖୋଲିଲି, ଆକାଶ ଆଡ଼କୁ ଅନାଇଲି ଏବଂ ତା'ପରେ ପୁଣି ଆଖି ବୁଜିଦେଲି । ଖଣ୍ଡେ ମେଘ ପରି କ'ଣ ଗୋଟିଏ ଧୀରେଧୀରେ ଆସୁଥିବାର ଦେଖିଲି ଏବଂ ମୁଁ ଆଖି ଫିଟାଇଲି ।...*

ମୋ'ର ପ୍ରିୟ କୁନି ସ୍ମିତହସ,

ତୁମର ଆଦୌ ଭୟ କରିବା ଉଚିତ ନୁହେଁ । ତୁମକୁ ଭୟ ଦେଖାଇବା ଭଳି କୌଣସି ବସ୍ତୁ ଯଦି ତୁମେ ଦେଖିବାକୁ ପାଅ ଅଥବା ଯଦି ତୁମର କୌଣସି ଅସ୍ୱସ୍ତିକର ଅନୁଭୂତି ହୁଏ, ତେବେ ତୁମେ ମୋତେ ଡାକିବ ଏବଂ ବସ୍ତୁଟି ସଙ୍ଗେ ସଙ୍ଗେ ଅନ୍ତର୍ହିତ ହୋଇଯିବ । ଚେଇଁ ଥିବାବେଳେ ତୁମେ, ନିଶ୍ଚୟ କୌଣସି କଳାମେଘ ତୁମ ଆଡ଼କୁ ଆସୁଥିବାର ଦେଖି ଭୀତ ହୋଇପଡ଼ିବ ନାହିଁ; ରାତିରେ ମଧ୍ୟ ତାହା କାହିଁକି ତୁମକୁ ଭୀତ କରିବ ?

କୌଣସି ଭୟ ନ କରି ନିଜକୁ ମୋ'ର ବାହୁବନ୍ଧନ ଭିତରେ ଆଣି ରଖିବ ଏବଂ ନିଶ୍ଚିତ ରହିବ ଯେ ତୁମର ଆଦୌ କୌଣସି ଅନିଷ୍ଟ ହେବ ନାହିଁ । ମୋ'ର ଶକ୍ତି ଏବଂ ମୋ'ର ସୁରକ୍ଷା ସର୍ବଦା ତୁମ ସହିତ ରହିଛି ।

ମୋ'ର କୋମଳ ଭଲପାଇବା ସହିତ । *୧୮ ଜୁନ୍ ୧୯୩୫*

ମୋ'ର ପ୍ରିୟ କୁନି ସ୍ମିତହସ,

ତୁମେ ସମ୍ପୂର୍ଣ୍ଣ ଠିକ୍ କଥା କହିଛ, ଏବଂ ତୁମେ ଆଗ୍ରହୋଦ୍ଦୀପକ ବିଷୟମାନ ପଢ଼ିବା ପରିବର୍ତ୍ତେ କାହିଁକି ନୀରସ ଅନୁଶୀଳନୀଗୁଡ଼ିକ କରୁଥିବ, ମୁଁ ତାହାର କୌଣସି କାରଣ ଦେଖିପାରୁ ନାହିଁ ।

କୌଣସି ଭାଷା ଶିଖିବାକୁ ହେଲେ ପଢ଼ିବାକୁ ପଡ଼ିବ, ବହୁତ, ବହୁତ ପଢ଼ିବାକୁ ପଡ଼ିବ ଏବଂ ଯଥାସମ୍ଭବ ଅଧିକ ପରିମାଣରେ କଥାବାର୍ତ୍ତା ବି କରିବାକୁ ପଡ଼ିବ ।

ମୋ'ର ସକଳ ଭଲପାଇବା ସହିତ । *୧୦ ଜୁଲାଇ ୧୯୩୫*

ମୋ'ର ପ୍ରିୟ କୁନି ସ୍ମିତହସ,

ନିଜର ଅବସ୍ଥାଟିକୁ ତୁମେ ଖୁବ୍ ଭଲ ଭାବରେ ବର୍ଣ୍ଣନା କରିଛ, ଏବଂ ତୁମେ ଯେତେବେଳେ ଏ ବିଷୟରେ ଏଭଳି ସଚେତନ ରହିଛ, ମୁଁ ଭାବୁଛି ତୁମେ ଅଚିରେ ଅବସ୍ଥାଟିକୁ ଅକ୍ତିଆର ମଧ୍ୟକୁ ବି ନିଶ୍ଚୟ ଆଣିପାରିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମ ଲାଗି ଶାନ୍ତି ଓ ନୀରବତା ଆଣି ଦେବା ଲାଗି ଆମର ସାହାଯ୍ୟ ସର୍ବଦା ତୁମ ସହିତ ରହିଛି ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ ଯେ ଦିନେ ନା ଦିନେ ତୁମ ଭିତରେ ଶାନ୍ତି ଓ ନୀରବତା ଅବଶ୍ୟ ପ୍ରତିଷ୍ଠିତ ହେବ ଓ ତୁମକୁ ଆଉ କଦାପି ଛାଡ଼ି ଯିବ ନାହିଁ ।

ଅତ୍ୟନ୍ତ ସ୍ନେହର ସହିତ । *୮ ଅଗଷ୍ଟ ୧୯୩୫*

ମୋ'ର ପ୍ରିୟ କୁନି ସ୍ମିତହସ,

ତୁମେ ଠିକ୍ କଥା କହିଛ । ଲେସ୍ ଦେଇ ତିଆରି ହୋଇଥିବା ଗୋଟିଏ ଗାଉନ୍ ଅପେକ୍ଷା ମୁଁ କମ ପକାହୋଇଥିବା ଗୋଟିଏ ଶାଢ଼ିକୁ ଅନେକ ଅଧିକ ପସନ୍ଦ କରେ । ଏଠାରେ ସଂଖ୍ୟା ବା ଆବଶ୍ୟକତାର କୌଣସି ପ୍ରଶ୍ନ ଉଠୁ ନାହିଁ । ବହୁବର୍ଷ ଧରି ମୁଁ ବର୍ଷକୁ ଦୁଇଟି ଶାଢ଼ିରେ ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ରହୁଥିଲି । ମାତ୍ର, ମୋ'ର ପ୍ରିୟ ସନ୍ତାନମାନେ ମୋ' ଲାଗି ଯେଉଁ ସୁନ୍ଦର ବସ୍ତୁମାନ ତିଆରି କରି ଦେଉଛନ୍ତି, ସେଗୁଡ଼ିକ ଲାଗି ମୁଁ ଗର୍ବ ଅନୁଭବ କରୁଛି । ଏବଂ, ସେଗୁଡ଼ିକୁ ମୁଁ ଅତ୍ୟନ୍ତ ସ୍ନେହ ଓ ଆନନ୍ଦର ସହିତ ପରିଧାନ କରୁଛି ।

ମୋ'ର ଆଶୀର୍ବାଦ ଓ ମୋ'ର ପ୍ରେମ ସର୍ବଦା ତୁମ ସହିତ ରହିଛି ।

*୧୦ ଡିସେମ୍ବର ୧୯୩୫*

*ମାଆ,*

*ଆପଣ ମୋତେ କହିଲେ ଯେ, ମୋ' ଭିତରେ ଏପରି କିଛି ବନ୍ଦ ହୋଇ ରହିଛି ଯାହାକି ଆପଣଙ୍କ ଆଡ଼କୁ ଖୋଲି ପାରି ନାହିଁ ଏବଂ ସେହି କାରଣରୁ, ନିଜ ହୃଦୟ ଭିତରେ ମୁଁ ଆପଣଙ୍କର ପ୍ରେମକୁ ଅନୁଭବ କରିବାକୁ ଇଚ୍ଛା କରୁଥିବା ସମୟରେ ମଧ (ଆପଣ ତ କହିଛନ୍ତି ଯେ ତାହା ସର୍ବଦା ରହିଛି) ମୁଁ ତାହାକୁ ଅନୁଭବ କରିପାରୁ ନାହିଁ । ବନ୍ଦ ହୋଇ ରହିଥିବା ସେହି ବସ୍ତୁଟି ପ୍ରକୃତରେ କ'ଣ ? ମୋ'ର ହୃଦୟ ? ବା ଆଉକିଛି ? ମୁଁ ଏସବୁ କିଛି ବୁଝିପାରୁ ନାହିଁ ।*

*ମୁଁ ଚାହୁଁଛି ଯେ ମୋ'ର ହୃଦୟ ଆପଣଙ୍କ ଆଡ଼କୁ ଉନ୍ମୋଚିତ ହୋଇଯାଉ ଏବଂ ସେଠାରେ ମୁଁ ଆପଣଙ୍କର ପ୍ରେମକୁ ସବୁବେଳେ ଅନୁଭବ କରୁଥାଏ । ମାତ୍ର ଯଦି ତାହା ବନ୍ଦ ହୋଇ ରହିଥାଏ, ତେବେ ମୁଁ ତାହାକୁ କିପରି ଖୋଲିଦେଇ ପାରିବି ? ତାହାକୁ ଖୋଲିଦେବା ଲାଗି ମୋତେ କ'ଣ କରିବାକୁ ହେବ ? କାରଣ, ତାହା ଆପଣଙ୍କ ଆଡ଼କୁ ଖୋଲିଯାଉ ବୋଲି ଓ ମୁଁ ଚିରନ୍ତନ ଭାବରେ ଖୁସୀହିଁ ଅନୁଭବ କରେ ବୋଲି ପ୍ରକୃତରେ ଇଚ୍ଛା କରୁଛି ।*

ମୋ'ର ପ୍ରିୟ କୁନି ସ୍ମିତହସ,

ମୋତେ କେବଳ ଗୋଟିଏ ଉପାୟ ଜଣା ଅଛି : ଦିବ୍ୟ ପରମସତ୍ତାଙ୍କ ପାଖରେ ଦେଇଦେବା, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବା । ଜଣେ ବ୍ୟକ୍ତି ନିଜକୁ ଯେତିକି ଦେଇପାରିବ, ସିଏ ସେତିକି ଅଧିକ ପରିମାଣରେ ଖୋଲି ଯାଉଥିବ । ଯେତିକି

ଅଧିକ ଖୋଲି ଯାଉଥିବ, ସେତିକି ଅଧିକ ପରିମାଣରେ ପାଉଥିବ; ଏବଂ, ଆତ୍ମଦାନର ଅନ୍ତରଙ୍ଗତାରେ ସିଏ ଭିତରେ ସେହି ପରମ ଅବସ୍ଥିତି ବିଷୟରେ ସଚେତନ ହୋଇ ପାରିବ ଏବଂ ତାହା ବହି ଆଣୁଥିବା ଆନନ୍ଦ ବିଷୟରେ ମଧ୍ୟ ସଚେତନ ହୋଇପାରିବ ।

ତୁମର ମାଆଠାରୁ କୋମଳ ପ୍ରେମ । *୨୫ ଜୁଲାଇ ୧୯୩୬*

*ମାଆ,*

*ଯେତେବେଳେ ମୋତେ ଭଲ ନ ଲାଗିବ, ମୁଁ ମନଖୋଲି ତାହା ଆପଣଙ୍କୁ ଜଣାଇଦେବି : କଥାଟି ହେଲା, କେହି ଯେତେବେଳେ କେଡ଼େ ଖୁସୀ ହୋଇ ତାଙ୍କର ସୁନ୍ଦର ଓ ଆନନ୍ଦପୂର୍ଣ୍ଣ ଅନୁଭବଗୁଡ଼ିକ ବିଷୟରେ ମୋତେ କିଛି କହନ୍ତି, ସେତେବେଳେ ମୋତେ ନିଜକୁ ଭାରି ହୀନ ଲାଗେ । ମୁଁ ସେତେବେଳେ ଅନୁଭବ କରେ ଯେ, ମୋ' ଭିତରେ ଯାହା ରହିବା ଉଚିତ ଥିଲା, ମୁଁ ଏପର୍ଯ୍ୟନ୍ତ ତାହା ପାଇପାରି ନାହିଁ ।*

*ଏବଂ ମୁଁ ଆପଣଙ୍କୁ ସର୍ବଦା ଶାନ୍ତି ଏବଂ ନୀରବତା ଲାଗି ପ୍ରାର୍ଥନା କରୁଥାଏ (ସେଦିନ ଆପଣଙ୍କୁ ଯେପରି କହିଥିଲି), କାରଣ ମୁଁ ଜାଣିଛି ଯେ, ଯଦି ଜଣେ ନିଜ ଭିତରେ ସେହି ନୀରବତା ଓ ଶାନ୍ତିକୁ ଅତୁଟ ରଖିପାରିବ, ତେବେ କୌଣସି କାରଣରୁ ମଧ୍ୟ ସେ ନିଜକୁ କଦାପି ହୀନ ବୋଲି ଭାବିବ ନାହିଁ ।*

*ମୁଁ ଆଦୌ ହୀନ ହୋଇ ରହିବାକୁ କି ଏଡ଼େ ଛୋଟ ବୋଲି ଅନୁଭବ କରିବାକୁ ମଧ୍ୟ ଚାହୁଁ ନାହିଁ ।*

ତୁମର ଏହି ଶାନ୍ତି ଏବଂ ନୀରବ ଆନନ୍ଦର ଅନୁଭୂତି ହୋଇ ସାରିଛି । ତୁମେ ଏହାର ପରିଚୟ ପାଇ ସାରିଛ ଏବଂ ଏହା ଅଧିକ ଶକ୍ତିଶାଳୀ ଓ ସ୍ଥାୟୀ ହୋଇ ପୁଣି ଫେରି ଆସିବ । ବିଶ୍ୱାସ ରଖ, ନିଜକୁ କଷ୍ଟ ଦିଅ ନାହିଁ,– ତେବେ ତାହାର ଆସିବା ସମୟକୁ ତ୍ୱରାନ୍ୱିତ କରିଦେଇ ପାରିବ ।

ତୁମ ମାଆଙ୍କଠାରୁ କୋମଳ ପ୍ରେମ ।

*୩୦ ଜୁଲାଇ ୧୯୩୬*

*ମାଆ,*

*ମୁଁ ଦେଖୁଛି ମୁଁ ସବୁକିଛି ହରାଇ ବସିଛି । ମୋ'ଭିତରେ ଯାହାକିଛି ଭଲ ଥିଲା, ମୁଁ ସବୁକିଛି ହଜାଇ ଦେଲିଣି । ଆଗେ ମୁଁ ସର୍ବଦା ଅନୁଭବ କରୁଥିଲି*

*ଯେ, ମୁଁ ଯାହାକିଛି କରୁଛି, ସବୁ କେବଳ ଆପଣଙ୍କ ପାଇଁ କରୁଛି । ଯାହାକିଛି କାର୍ଯ୍ୟ କରୁଥିଲି, ''ଆପଣଙ୍କ ପାଇଁ କରୁଥିବାର'' ଅନୁଭୂତିଟି ସବୁବେଳେ ମୋ' ପାଖରେ ରହିଥିଲା ।*

*ବର୍ତ୍ତମାନ ଦେଖୁଛି, ମୁଁ ସେହି ଅନୁଭୂତିଟିକୁ ହରାଇ ବସିଛି ।*

ମୋ'ର ପ୍ରିୟ ଟିକି ଶିଶୁ,

ଏହି ପରିବର୍ତ୍ତନର କି କାରଣ ଥାଇପାରେ, ସେବିଷୟରେ ତୁମେ କିଛି ଜାଣି ପାରୁଛ କି ? ନିଶ୍ଚୟ କିଛି କାରଣ ରହିଛି । ପୁନଶ୍ଚ, ଏବେ, ଆଶ୍ରମରେ ଯେତେବେଳେ ପରିଦର୍ଶକ*ମାନଙ୍କର ଭିଡ଼ ଲାଗିଛି, ସେତେବେଳେ ଏକ ବିଭ୍ରାନ୍ତିର ବି ସୃଷ୍ଟି ହୋଇଥାଏ, ଯାହା ଫଳରେ କି ଚେତନା କିଞ୍ଚିତ୍ ଆଚ୍ଛନ୍ନ ହୋଇପଡ଼େ । ଏପରି ହେଲା ବୋଲି ତୁମେ ଅତିରିକ୍ତ ପରିମାଣରେ ନିରାଶ ହୋଇ ପଡ଼ିବ ନାହିଁ, ମାତ୍ର, ଆଲୋକଟିର ପୁନରାବିର୍ଭାବ ନିମନ୍ତେ ସ୍ଥିରତା ଓ ଅଧ୍ୟବସାୟ ସହକାରେ କେବଳ ଅଭୀପ୍ସା ରଖିଥିବ । ଏହି ଖରାପ ମୁହୂର୍ତ୍ତଟିକୁ ଅତିକ୍ରମ କରିବାରେ ତୁମକୁ ସାହାଯ୍ୟ କରିବା ଲାଗି ମୋ'ର ପ୍ରେମ ତୁମ ସହିତ ସବୁବେଳେ ରହିଛି ।

ସ୍ନେହର ସହିତ ।

*୩୦ ଅଗଷ୍ଟ ୧୯୩୬*

*ମାଆ,*

*ହଁ, ମୁଁ ଭାବୁଛି ଏହି ପରିବର୍ତ୍ତନର କାରଣ ମଧ୍ୟ ମୋତେ ଜଣାଅଛି । ଏଇଟା ଲୋକମାନେ ମୋ'ର ପ୍ରଶଂସା କରନ୍ତୁ ବୋଲି ମୋ' ଭିତରେ ଥିବା ବାସନା, ମୋ'ର ଅହଂ ନୁହେଁ କି ? ଅଥବା, ଏହା ଆଉକିଛି ହୋଇପାରେ କି ? ଯଦି ଆପଣ ଜାଣିଥିବେ, ତେବେ ମୋତେ ନିଶ୍ଚୟ ଜଣାଇବେ । ଏଥିରୁ ନିଷ୍କୃତି ପାଇବା ନିମନ୍ତେ ଏହା ଯେ କ'ଣ, ସେକଥା ମୋ'ର ଜାଣିବା ଉଚିତ ।*

ହଁ, ମୋ'ର ପ୍ରିୟ ଟିକି ଶିଶୁ, ତୁମେ ପ୍ରକୃତରେ କାରଣଟିକୁ ଜାଣି ପାରିଛ । ଏବଂ, ତୁମର କମପକା ଶାଢ଼ିଗୁଡ଼ିକୁ ମୁଁ ପିନ୍ଧିଲି ନାହିଁ ବୋଲି ତୁମେ ଏହି କେତେଦିନ କିଞ୍ଚିତ୍ ବିରକ୍ତ ହୋଇ ରହି ନ ଥିଲ କି ? ସେଗୁଡ଼ିକ ପିନ୍ଧିବାକୁ ମୋତେ ଭଲ ଲାଗୁ ନ ଥିଲା ବୋଲି ଯେ ମୁଁ ସେଗୁଡ଼ିକୁ ପିନ୍ଧୁ ନ ଥିଲି, ସେକଥା ଆଦୌ ନୁହେଁ । ବରଂ ତାହାର

---

* ଶ୍ରୀଅରବିନ୍ଦଙ୍କ ଜନ୍ମଦିନ, ୧୫ ଅଗଷ୍ଟ, ପାଖାପାଖି ସମୟରେ ପରିଦର୍ଶକଙ୍କ ଆଗମନ ।

ଓଲଟାଟାହିଁ ସତ । ସେଗୁଡ଼ିକ ଖୁବ୍ ମୋଟା ହୋଇଛନ୍ତି, ପିନ୍ଧିଲେ ଭାରି ଗରମ ବି ଲାଗିଥାନ୍ତା । ତେଣୁ, ନଭେମ୍ବରରୁ ଜାନୁଆରି ମାସ ଭିତରେ ସେଗୁଡ଼ିକୁ ପିନ୍ଧିବା ଲାଗି ଅଧିକ ଭଲ ଲାଗିବ ବୋଲି ମୁଁ ବର୍ତ୍ତମାନ ସେଗୁଡ଼ିକୁ ରଖିଦେଇଛି । ସେତେବେଳେ ଛୁଟି ଥିବାରୁ ପରିଦର୍ଶକ ଅନେକ ଆସିବେ, ସମୟଟି ମଧ୍ୟ ଅପେକ୍ଷାକୃତ ଅଧିକ ଥଣ୍ଡା ସମୟ ଥିବ ଏବଂ ସେତେବେଳେ ସବୁଠାରୁ ଅଧିକ ଖୁସୀ ହୋଇ ମୁଁ କମପକା ଶାଢ଼ିଗୁଡ଼ିକୁ ପିନ୍ଧିବି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମକୁ ଏହିସବୁ ଅଜ୍ଞାନପ୍ରସୂତ କ୍ଷୁଦ୍ର ଆଚରଣଗୁଡ଼ିକରୁ ମୁକ୍ତ ହେବାକୁ ପଡ଼ିବ । ମାତ୍ର, ତା' ସଙ୍ଗେ ସଙ୍ଗେ ତୁମର ଆଦୌ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ତୁମର କାର୍ଯ୍ୟକୁ ମୁଁ ଅତ୍ୟନ୍ତ ପସନ୍ଦ କରେ ଓ ଭଲ ପାଏ । ତୁମର କମ ପକାଇବାର ନିପୁଣତା ସକାଶେ ମୋ'ର ଅନେକ ଶ୍ରଦ୍ଧା ରହିଛି ଏବଂ ତୁମ ପ୍ରତି ବିପୁଳ ଭଲ ପାଇବା ମଧ୍ୟ ରହିଛି ।

ତୁମର ମାଆ ।

*୩୧ ଅଗଷ୍ଟ ୧୯୩୬*

ମୋର କୁନି ''ଚିରନ୍ତନ ହସ'',

ତୁମକୁ ସବୁବେଳେ ଖାଲି ହସିବାକୁ ହେବ, ଅସୁବିଧାଗୁଡ଼ିକ ଆସି ପହଞ୍ଚିବା ବେଳେ ଆହୁରି ଅଧିକ ହସି ପାରିବାକୁ ପଡ଼ିବ । ହସ ହେଉଛି ସୂର୍ଯ୍ୟର କିରଣ ପରି, ତାହା ମେଘମାନଙ୍କୁ ଅନ୍ତର୍ହିତ କରାଇନିଏ । ... ଏବଂ, ଯଦି ତୁମେ ଏଥିର ମୌଳିକ ପ୍ରତିକାରଟିକୁ କରିବାକୁ ଇଚ୍ଛା କରୁଛ, ତେବେ ଏହା ହେଉଛି : **ମୁକ୍ତ ହୃଦୟତା**, ତୁମେ ସମ୍ପୂର୍ଣ୍ଣ ଭାବରେ ନିଷ୍କପଟ ହେବ; ତୁମ ଭିତରେ ଯାହାକିଛି ଭାବନାର ସଞ୍ଚାର ହେଉଛି, ମୋତେ ଖୋଲିକରି ସବୁ କହିଦେବ । ତେବେ ଅଚିରେ ଆରୋଗ୍ୟ ସମ୍ଭବ ହେବ, ଏକ ସମ୍ପୂର୍ଣ୍ଣ ଏବଂ ସୁଖଦାୟକ ଆରୋଗ୍ୟ ସମ୍ଭବ ହୋଇଯିବ ।

ମୋ'ର ଟିକି ସ୍ମିତହସ, ଅନେକ ସ୍ନେହର ସହିତ ।

*୬ ସେପ୍ଟେମ୍ବର ୧୯୩୬*

ମୋ' ଶିଶୁ,

ତୁମେ ଯେତେବେଳେ ଆଦୌ ନିର୍ବୋଧ ନୁହଁ, ସେତେବେଳେ ନିଜକୁ ନିର୍ବୋଧ ବୋଲି ଛଳନା କରିବ ନାହିଁ । ଏଥିରେ କେବଳ ଯେ ମୁଁ ରାଗି ନ ଥିଲି ତା' ନୁହେଁ, ରାଗିଛି ବୋଲି ଦେଖାଇବା ଲାଗି ମୋ'ର ଏତେଟିକିଏ ଅଭିପ୍ରାୟ ମଧ୍ୟ ନ ଥିଲା ।

ମୁଁ କେବଳ ସିଧା କରି ତୁମର ଆତ୍ମା ଭିତରକୁ ଅନାଇଥିଲି, ତୁମର ଆତ୍ମା ଓ ତୁମର ବାହ୍ୟ ଚେତନା ମଧ୍ୟରେ ତୁମର ଯୋଗସୂତ୍ରଟିର ପୁନଃପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଥିଲି । ଏବଂ, ତୁମର ହସ ଦେଖି ତାହାକୁ ତୁମର ପରିବର୍ତ୍ତନ ହୋଇଥିବାର ସଙ୍କେତ ବୋଲି ଭାବିନେଲି ।

ମିଛ ଗର୍ବକୁ ସାବଧାନ ରହିଥିବ – ଏହାଦ୍ୱାରା ମଣିଷ କେବଳ ବିନାଶ ଆଡ଼କୁହିଁ ଚାଲିଯାଏ । ଏବଂ, ଦିବ୍ୟ ପରମସତ୍ତାଙ୍କର ପ୍ରେମର ମୂଲ୍ୟକୁ କଦାପି ଅଳ୍ପ କରି ପକାଇବ ନାହିଁ, କାରଣ ତାହା ବ୍ୟତୀତ ଆଉ କାହା ସକାଶେ ମଣିଷ ଯଥାର୍ଥ ଭାବରେ ବଞ୍ଚି ପାରିବ ?

ମୁଁ ଜାଣିଛି, ତୁମର ବିବେକ ଅଛି, ସମ୍ବେଦନଶୀଳତା ମଧ୍ୟ ରହିଛି; ତେଣୁ ତୁମେ କଦାପି ଏହି ସତ୍ୟଟିର ଅବହେଳା କରିବ ନାହିଁ ।

ସର୍ବଦା ରହି ଆସିଥିବା ପ୍ରେମ ସହିତ ।

*୬ ସେପ୍ଟେମ୍ବର ୧୯୩୬*

ଜନ୍ମଦିନର ଅଭିନନ୍ଦନ !

ମୋ'ର କୁନି ସ୍ମିତହସ, ଯିଏ ଏଡ଼େ ମୂଲ୍ୟବାନ୍ ଭାବରେ ସାହାଯ୍ୟ କରୁଛି ବୋଲି ମୋ'ର ପାଦଦୁଇଟି ରାସ୍ତାରେ ଥିବା ଗୋଡ଼ି ଦ୍ୱାରା ଆଘାତ ପାଇବାରୁ ରକ୍ଷା ପାଇଯାଉଛି ।

ମୋ'ର ପ୍ରେମ ଓ ଆଶୀର୍ବାଦ ସହିତ, ଯେପରିକି ତା'ର ଅଭୀପ୍ସା ଏହି ବର୍ଷହିଁ ଫଳବତୀ ହେବ ।

*୬ ଜାନୁଆରି ୧୯୬୩*

# ଚତୁର୍ଥ ସ୍ତବକ

## ଚତୁର୍ଥ ସ୍ତବକ

*ତୃତୀୟ ଦଶନ୍ଧିରେ ଶ୍ରୀଅରବିନ୍ଦ ଆଶ୍ରମର ଗାଈ, ବଳଦ ଏବଂ ଗାଡ଼ିଗୁଡ଼ିକ ଦାୟିତ୍ୱରେ ରହିଥିବା ଜଣେ ସାଧକଙ୍କୁ ଲିଖିତ ପତ୍ରାବଳି ।**

> *ବଳଦମାନଙ୍କ ସକାଶେ ବିଶେଷ ଧରଣର ନୂଆ ଦଉଡ଼ିମାନ ଗଉଡ଼ ଜଣକ ପ୍ରସ୍ତୁତ କରିଛି । ବଳଦମାନେ କାର୍ଯ୍ୟ କରୁଥିବା ସମୟରେ ଏହି ଦଉଡ଼ିଗୁଡ଼ିକୁ ବ୍ୟବହାର କରିବା ହୁଏତ ଅଧିକ ନିରାପଦ ହେବ । କାମ ସରିଯିବା ମାତ୍ରକେ ଦଉଡ଼ି ଖୋଲି ନିଆଯିବ । ଦଉଡ଼ିଗୁଡ଼ିକ ଆଦୌ କଷିକରି ବନ୍ଧାଯିବ ନାହିଁ, ହୁଗୁଳା ହୋଇ ରହିବ; ତେଣୁ ବଳଦମାନଙ୍କୁ କୌଣସି କଷ୍ଟ ହେବ ନାହିଁ ।*
>
> *ଏଥିଲାଗି ମଞ୍ଜୁରି ପ୍ରାର୍ଥନା କରୁଛି ।*

ମୁଁ ଭାବିଥିଲି ଯେ ସେମାନେ ଦଉଡ଼ିରେ ବନ୍ଧା ହେବାକୁ ଦୃଢ଼ ଭାବରେ ମନା କରି ଦେଇଥିବେ । ଦଉଡ଼ିଗୁଡ଼ିକ ବେଶ୍ ହୁଗୁଳା ହୋଇପାରେ, ମାତ୍ର ଖୁବ୍ ସମ୍ଭବ ସେଗୁଡ଼ିକ ଦ୍ୱାରା ବଳଦମାନଙ୍କର ନାକର ବହୁତ କ୍ଷତି ହେବ । ଏହି କ୍ଷେତ୍ରରେ ମଧ୍ୟ ମୋତେ ଲାଗୁଛି ଯେ, ଏହା ହେଉଛି ଏକ ତାଲିମର ବିଷୟ ।

*୮ ମଇ ୧୯୩୨*

> *ଆପଣଙ୍କର କୃପାମୟ ବିଚାର ନିମନ୍ତେ ମୁଁ କେତୋଟି ତଥ୍ୟ ଆପଣଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛି । 'କ'ଙ୍କ ଶଗଡ଼ିଆମାନେ ବ୍ୟବହାର କରୁଥିବା ସବୁଠାରୁ ଦୁର୍ବଳ ଏବଂ ସାନ ବଳଦମାନେ ୬୦୦ ବୋଝରୁ ଅଧିକ ବାଲି ବୋହୁଛନ୍ତି ।*

ତୁମେ ସେକଥା କିପରି କହିପାରିବ ! ଏଠାକାର ଶଗଡ଼ିଆମାନେ ମାତ୍ର କେତେଟା ମାସରେ, ଏପରିକି ଆହୁରି କମ୍ ସମୟରେ ମଧ୍ୟ ସେମାନଙ୍କର ବଳଦଙ୍କୁ **ମାରି ଦେଉଛନ୍ତି** ବୋଲି ତୁମକୁ ଜଣାଅଛି ତ ?

*୧୧ ମଇ ୧୯୩୨*

କାଲି ଛୁଟି ଅଛି । ପଅରିଦିନ ଶଗଡ଼ଗୁଡ଼ିକରେ ଏହି ମରାମତି କାମ କରାଯାଇ ପାରିବ ।

---

* ଏହି ସମଗ୍ର ପତ୍ରାଳାପ ଇଂରାଜୀରେ ହୋଇଥିଲା ।

କାଲି ସହରରେ **ବଡ଼** ଲୋକଗହଳି ହେବ, ତେଣୁ କୃଷିକେନ୍ଦ୍ରରୁ ବଳଦମାନଙ୍କୁ ନେବାବେଳେ ଓ ଫେରାଇ ଆଣିବା ବେଳେ ତୁମକୁ **ଅତ୍ୟନ୍ତ ସାବଧାନ** ରହିବାକୁ ପଡ଼ିବ ।

*୧୩ ଜୁଲାଇ ୧୯୩୨*

*କାଲି ରାତିରେ କୁଲି ଆସିଲା ନାହିଁ । ବଳଦମାନଙ୍କ ଆଗରେ ଖାଇବା କୁଣ୍ଡଗୁଡ଼ିକୁ କେବଳ ରଖିଦେଇ ଚାଲିଗଲା । ସିଏ ଆଦୌ ସନ୍ତୋଷଜନକ ଭାବରେ କାମ କରୁ ନାହିଁ । ଜିନିଷପତ୍ର ପରିଷ୍କାର ରଖୁ ନାହିଁ । ଆଉ ଭଲ ଲୋକ କେହି ନ ଥିବାରୁ ମୋତେ ତାହାରି ଦ୍ୱାରା କାମ ଚଳାଇବାକୁ ହେଉଛି ।*

ମନେ ହେଉଛି, ବଳଦମାନେ ଏହି ଲୋକଟିକୁ ଭଲ ପାଉଛନ୍ତି ଏବଂ ଏଇଟି ହେଉଛି ସବୁଠାରୁ ଅଧିକ ତାତ୍ପର୍ଯ୍ୟର କଥା ।

କାର୍ଯ୍ୟର ତତ୍ତ୍ୱାବଧାନ ନେବା ଉପରେହିଁ ସବୁ ପରିଷ୍କାର-ପରିଚ୍ଛନ୍ନତା ନିର୍ଭର କରୁଛି ।

*୧୫ ଜୁଲାଇ ୧୯୩୨*

'ଓଜଃ'* ଯେ ଏତେ ଅସୁବିଧାରେ ପକାଇଲା ବୋଲି ସେଥିରେ ଆଦୌ ବିସ୍ମିତ ହେବାର ନାହିଁ । ଏହି ବଳଦମାନେ ଏତେ ଚାଲାକ ଯେ ଲୋକ ବଦଳି ହେବା ମାତ୍ରକେ ସେମାନେ ତାହା ଅନୁଭବ କରି ପାରୁଛନ୍ତି । ଏହି ନୂତନ ଲୋକଟିର ତା' କାମ ବିଷୟରେ କୌଣସି ବିଶେଷ ଅଭିଜ୍ଞତା ନାହିଁ ଏବଂ ତା'ର ପ୍ରକୃତିଟା ମଧ୍ୟ କିଞ୍ଚିତ୍ ନିର୍ମମ ବୋଲି ମନେ ହେଉଛି । ତୁମକୁ ଖୁବ୍ ଯତ୍ନର ସହିତ ତା' ଉପରେ ନଜର ରଖିବାକୁ ହେବ, କାରଣ ବଳଦମାନଙ୍କ ପ୍ରତି ଏପରି ଆଚରଣ କରାଯାଉ, ସେକଥା ମୋତେ ଭଲ ଲାଗୁ ନାହିଁ ।

ପଶୁମାନଙ୍କର ଲାଙ୍ଗୁଳଗୁଡ଼ିକୁ ସେ ଯେପରି ମୋଡ଼ି ଦେଉଛି, ସେହି ବିଷୟରେ ମୁଁ ଦୃଢ଼ ଭାବରେ ଆପତ୍ତି କରୁଛି । ଯଦି ଆଉ କେହି ସେହି ଲୋକର କୌଣସି ଗୋଟିଏ ଅଙ୍ଗକୁ ଏହିପରି ଭାବରେ ମୋଡ଼ି ଦେବ, ତେବେ ସେ କ'ଣ କହିବ ? ଏବଂ, ମୋ'ର ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆମ ବଳଦମାନେ ତା'ଠାରୁ ଅନେକ ଅଧିକ ସଚେତନ ।

*୩ ସେପ୍ଟେମ୍ବର ୧୯୩୨*

ମୁଁ ଛାତ ଉପରୁ ବିଷୟଟିକୁ ଲକ୍ଷ୍ୟକରି ଦେଖିଛି ଏବଂ ମୋ'ର ଅନ୍ତର୍ଚକ୍ଷୁ ଦ୍ୱାରା ମଧ୍ୟ

* ଗୋଟିଏ ବଳଦର ନାମ ।

ଦେଖିବାକୁ ପାଇଛି । ଘଟଣା ଯାହା ଘଟୁଛି, ସେବିଷୟରେ ସନ୍ଦେହ କରିବାକୁ ଆଦୌ କିଛି ନାହିଁ ଏବଂ ତୁମକୁ ଏହି କଥାଟିକୁ ବୁଝାଇବାକୁ ମୁଁ ଆଉଥରେ ଚେଷ୍ଟା କରିବି ।

**ବଳଦମାନେ ମୋଟେ ଦୁଷ୍ଟ ନୁହନ୍ତି ।** ଓଲଟି ସେମାନେ ଅତ୍ୟନ୍ତ ଭଲ, ଖୁବ୍ ଶାନ୍ତିପ୍ରିୟ, ମାତ୍ର ଅତ୍ୟନ୍ତ ସ୍ପର୍ଶକାତର – ସାଧାରଣତଃ ସେମାନେ ସବୁବେଳେ ସ୍ପର୍ଶକାତର ବୋଧହୁଏ – (ମୁଁ ଏହି ବିଷୟରେ ସୁନିଶ୍ଚିତ ନୁହେଁ, କାରଣ ଅନ୍ୟ ବଳଦମାନଙ୍କୁ ମୁଁ ଏତେବେଶୀ ଲକ୍ଷ୍ୟ କରି ଦେଖି ନାହିଁ) । ସତକଥା ହେଉଛି, ସେମାନେ ବର୍ତ୍ତମାନର ବଳଦିଆକୁ ଭଲ ପାଉ ନାହାନ୍ତି ଓ ବିଶ୍ୱାସ ମଧ୍ୟ କରୁ ନାହାନ୍ତି । ଏବଂ **ଅବଶ୍ୟ ଏହାର କାରଣ ରହିଛି ।** ଏହି ବଳଦମାନେ ଯେତେବେଳେ ପୂର୍ବତନ ବଳଦିଆର ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲେ, ସେତେବେଳେ ସେମାନଙ୍କର କୌଣସି ଦୁଃଖ ନ ଥିଲା, ସେମାନେ ଖୁବ୍ ଖୁସୀ ଥିଲେ ଓ ଭଲ ଭାବରେ କାମ କରୁଥିଲେ । ମାତ୍ର, ଏହି ନୂତନ ବଳଦିଆଟିର ଶାସନକୁ ଆସିବା ପରଠାରୁ ସେମାନେ ଅତ୍ୟନ୍ତ ଦୁଃଖୀ ହୋଇପଡ଼ିଛନ୍ତି, ବିମର୍ଷ ହୋଇ ରହିଛନ୍ତି ଓ ବଡ଼ ଅନିଚ୍ଛାରେ କାର୍ଯ୍ୟ କରୁଛନ୍ତି । ଏହି ଲୋକଟି ପରିବର୍ତ୍ତେ ଜଣେ ଅଧିକ ଭଲ ବଳଦିଆ ଖୋଜି ଆଣିବା ବ୍ୟତୀତ ମୁଁ ଆଉ କୌଣସି ସମାଧାନ ଦେଖିପାରୁ ନାହିଁ ।

ସେମାନଙ୍କ ଉପରେ କର୍ତ୍ତୃତ୍ୱ ଆଣିବାକୁ ସେମାନଙ୍କୁ ଭୟ ଦେଖାଇବାର ପ୍ରସ୍ତାବଟିକୁ ମୁଁ ଆଦୌ ଗ୍ରହଣ କରିପାରୁ ନାହିଁ । ଏପରି କରି ସମ୍ଭବତଃ ସେମାନଙ୍କୁ ଗୋଟାଏ ପ୍ରକାରେ ବାଧ୍ୟ କରି ରଖା ଯାଇପାରିବ । ମାତ୍ର ତାହା ସବୁଠାରୁ ଖରାପ ଉପାୟହିଁ ହେବ । ପଶୁଗୁଡ଼ିକ କ୍ରମେ ଅଧିକରୁ ଅଧିକ ବିଶ୍ୱାସ ହରାଇ ବସୁଛନ୍ତି, ନିଜର ଖୁସୀ ଓ ଶାନ୍ତି ମଧ୍ୟ ହରାଇ ବସୁଛନ୍ତି ଏବଂ ଶେଷକୁ ସେମାନଙ୍କର ବଳ ଓ ସ୍ୱାସ୍ଥ୍ୟ ବି ନଷ୍ଟ ହୋଇଯାଉଛି ।

କାମ କରିବାକୁ ଆରମ୍ଭ କରିବା ମାତ୍ରକେ ଆମେ ଅଜ୍ଞାନର ବଶବର୍ତ୍ତୀ ହୋଇ ରହିଥିବା ଜଣେ ସାଧାରଣ ମନୁଷ୍ୟ ପରି ଯଦି କାର୍ଯ୍ୟ କରୁ, ତେବେ ସାଧକ ହୋଇ କି ଲାଭ ଅଛି ?

ବିଷୟଟିର ଉପସଂହାର କରିବାକୁ ଯାଇ ମୁଁ ତୁମକୁ ଏହି କଥା କହିବି ଯେ, ଛାତ ଉପରୁ ମୁଁ ବଳଦମାନଙ୍କ ଉପରେ ଶକ୍ତି-ଅଭିନିବେଶ କରିବାକୁ ଆରମ୍ଭ କଲି, ସେମାନଙ୍କୁ ଜିଦ୍ ଛାଡ଼ିଦେଇ କଥା ମାନିବାକୁ ଆଦେଶ ଦେଲି ଏବଂ ସେମାନେ **ଅତ୍ୟନ୍ତ ଗ୍ରହଣଶୀଳ** ବୋଲି ପ୍ରମାଣ ମିଳିଲା । ଏକ **ସ୍ଥିର, ଅବିଚଳ, ଦୃଢ଼ ଓ ଚେତନ ଇଚ୍ଛାଶକ୍ତିର** ପ୍ରୟୋଗ କରିବା,– ଏହାହିଁ ଉପଯୁକ୍ତ ମାର୍ଗ । ଏହାହିଁ ଯଥାର୍ଥ ମାର୍ଗ, **ପ୍ରକୃତରେ ଫଳପ୍ରଦ** ଏବଂ ଦିବ୍ୟ ଜୀବନ ଲାଗି ଅଭୀପ୍ସା ରଖୁଥିବା ଜଣେ ବ୍ୟକ୍ତି ପାଇଁ ଏକ ଅନୁରୂପ ମାର୍ଗ ।

ଏଥର ମୁଁ ସ୍ପଷ୍ଟ ଭାବରେ ନିଜର କଥାଟିକୁ କହିପାରିଛି ବୋଲି ମୋ'ର ଆଶା ।

*୧୪ ସେପ୍ଟେମ୍ବର ୧୯୩୨*

ମୋତେ ଲାଗୁଛି ଯେ, ଅନ୍ତତଃ ଥରକ ସକାଶେ, ପ୍ରତିଦିନ ଏତେ କାମ ଆଦାୟ ନ କରିବାକୁ ଚେଷ୍ଟା କଲେ ଅଧିକ ଭଲ ହେବ, କାରଣ ଓଜଃର ହୁଏତ ବିଶ୍ରାମ ଆବଶ୍ୟକ ହେଉଥିବ। ନୂଆ ଲୋକଟି ପୁରୁଣା ଲୋକଟିର ତୁଳନାରେ କୌଣସି ପ୍ରକାରେ ଅଧିକ ଭଲ ବୋଲି ମୋ'ର ମନେ ହେଉ ନାହିଁ। ଏହି ଲୋକଟି ଅତ୍ୟନ୍ତ ଭୟାଳୁ, ଅତ୍ୟନ୍ତ ଚଞ୍ଚଳ। ଯଦି ସେ ଟିକିଏ ଅଧିକ ସ୍ଥିର ହୋଇ ପାରନ୍ତା ଓ ଅଧିକ ଶାନ୍ତ ଭାବରେ ବଳଦମାନଙ୍କ ସହିତ ବ୍ୟବହାର କରିପାରନ୍ତା, ତେବେ ବଳଦମାନେ ସୁନିଶ୍ଚିତ ଭାବରେ ଅଧିକ ଇଚ୍ଛୁକ ହୋଇ କାମ କରିପାରନ୍ତେ।

*୨୨ ସେପ୍ଟେମ୍ବର ୧୯୩୨*

ମୁଁ ଭାବୁଛି ଚକି ଚଲାଇବା କାମଟି ବଳଦମାନଙ୍କ ପାଇଁ ଭାରି ବିରକ୍ତିକର ହେଉଥିବ। ଏହା ଫଳରେ ସେମାନଙ୍କର ଜୀବନୀଶକ୍ତି କମି ଯାଉଥିବ ଏବଂ ସେମାନଙ୍କୁ ଶୀଘ୍ର ବୁଢ଼ା କରି ମଧ୍ୟ ଦେଉଥିବ। ତେଣୁ, ସେମାନଙ୍କୁ ସେହି କାମ ଦିଆଯାଉ ବୋଲି ମୁଁ ଇଚ୍ଛା କରୁ ନାହିଁ।

*୧୧ ଜାନୁଆରି ୧୯୩୩*

*ଚଉଦ ତାରିଖ ଶନିବାର ଦିନ ଗୋ-ସମ୍ବର୍ଦ୍ଧନ ଉତ୍ସବ। ସାଧାରଣତଃ ସବୁ ଜାଗାରେ ସେହି ଦିନ କେତେ କ'ଣ ଅନୁଷ୍ଠାନ କରାଯାଏ। ଗୋରୁମାନଙ୍କର ଶିଙ୍ଗକୁ ଲାଲ ଓ ନୀଳ ରଙ୍ଗରେ ରଙ୍ଗାଇ ଦିଆଯାଏ, ସେଦିନ ସେମାନଙ୍କୁ କୌଣସି କାମ ଦିଆଯାଏ ନାହିଁ, ଏହିପରି ବହୁତ କଥା ହୁଏ। ଆମ ଗୋରୁମାନଙ୍କ ଲାଗି ମଧ୍ୟ ଆମେ ସେଭଳି କରିବୁ ବୋଲି ଅନୁମତି ପ୍ରାର୍ଥନା କରି ମୁଁ ଏସବୁ ଲେଖୁ ନାହିଁ। ମାତ୍ର, ସେହିଦିନ ଆମେ 'ରା'* ବେକରେ ଏହିପରି ଗୋଟିଏ ମାଳା ପିନ୍ଧାଇବା ଲାଗି ଆପଣଙ୍କର କୃପାଶୀଳ ଅନୁମତିର ଭିକ୍ଷା କରିବାକୁ ମୁଁ ଉତ୍ସୁକ। ଏଥି ସହିତ ମୁଁ ଆପଣଙ୍କ ପାଖକୁ ସେହି ମାଳାଟି ମଧ୍ୟ ପଠାଇଲି।*

ହଁ, ମାଳାଟି ବେଶ୍ ସୁନ୍ଦର ହୋଇଛି। ତୁମେ ଏଇଟିକୁ ପିନ୍ଧାଇ ପାରିବ। ମାତ୍ର ଶିଙ୍ଗଗୁଡ଼ିକୁ ରଙ୍ଗିନ କରାଯିବ ନାହିଁ। ଏହା ଭାରି କୁତ୍ସିତ ଦେଖାଯିବ। ମୁଁ ଭାବୁଛି ତୁମେ ସେଦିନ 'ରା'କୁ କଦାପି ରାସ୍ତାକୁ ବାହାର କରିବ ନାହିଁ, କାରଣ ଏହିସବୁ ଅବସରମାନଙ୍କରେ ପିଲାମାନେ ସାଧାରଣତଃ ବାଛୁରୀମାନଙ୍କ ପଛରେ ଗୋଡ଼ାନ୍ତି ଏବଂ ସେମାନଙ୍କୁ ଖୁବ୍

---

* ଗୋଟିଏ ଦାମୁଡ଼ିର ନାମ।

ତରକାଇ ଦିଅନ୍ତି । ବେଳେବେଳେ ସେମାନଙ୍କୁ କୌଣସି ନା କୌଣସି ଆଘାତ ମଧ୍ୟ ପହୁଞ୍ଚାଇ ଥାଆନ୍ତି ।

*୧୨ ଜାନୁଆରି ୧୯୩୩*

ଊଣେଇଶ ଥର ଯିବା ଆସିବା ବଳଦମାନଙ୍କ ପାଇଁ ଅତ୍ୟଧିକ ହୋଇଯାଉ ନାହିଁ କି ? ମୁଁ ଭାବୁଛି, ଏହାଦ୍ୱାରା ସେମାନଙ୍କୁ ଯଥେଷ୍ଟ ବିଶ୍ରାମ ମିଳୁ ନାହିଁ ।

*୮ ଜୁନ୍ ୧୯୩୩*

ଇଏ ପୁଣି କ'ଣ ? ଯଦି ଶଗଡ଼ିଆ କୌଣସି ଭୁଲ୍ କଲା ଅଥବା ବଳଦମାନଙ୍କ ସହିତ ଦୁର୍ବ୍ୟବହାର କଲା, ତେବେ ସେକଥା ମୁଁ ଅବଶ୍ୟ ଜାଣିବି । **ଏହିସବୁ ଗୋପନ କରି ରଖିବାର ଦୃଷ୍ଟାନ୍ତକୁ** ମୁଁ ଆଦୌ ସହ୍ୟ କରିବି ନାହିଁ ।

*୭ ଅଗଷ୍ଟ ୧୯୩୩*

*ମୁଁ ଘଟଣାଟିକୁ ବୁଝାଇ କହିଦେଉଛି । 'କ' ଶଗଡ଼ ସାଙ୍ଗରେ ଥିଲେ, ମାତ୍ର, ସିଏ ନିଜେ ଯେପରି କହୁଛନ୍ତି, ସିଏ ସେତେବେଳେ ତାଙ୍କ ଚେସ୍‌ଖେଳର ସମସ୍ୟା, ସମାଧାନ କରିବାରେ ନିମଗ୍ନ ହୋଇ ରହିଥିଲେ । ତେଣୁ, ଶଗଡ଼ ଓଲଟିଯାଇ ଭୂଇଁ ଉପରେ ପଡ଼ିଯିବା ପର୍ଯ୍ୟନ୍ତ ସେ କିଛି ଜାଣି ନ ଥିଲେ ।*

କାମ କିଂବା ସାଧନା ସହିତ ଚେସ୍ ଖେଳରେ କୌଣସି ସମସ୍ୟାର କି ସମ୍ପର୍କ ରହିଛି, ତାହା ମୁଁ ଦେଖିପାରୁ ନାହିଁ । 'କ' କ'ଣ ଚେସ୍‌ଖେଳର ସମସ୍ୟା ସମାଧାନ କରିବା ଲାଗି ଏଠାରେ ଅଛନ୍ତି ? ସିଏ ଅନ୍ୟ କୌଣସି ସ୍ଥାନରେ ତାଙ୍କର ସେକଥା କରି ପାରିଥାନ୍ତେ ।

*୨୬ ଅଗଷ୍ଟ ୧୯୩୩*

*'କ' ଙ୍କ ବିଷୟରେ ମୁଁ ଅତ୍ୟନ୍ତ ଦୁଃଖର ସହିତ ଏକଥା କହିବାକୁ ଯାଉଛି : ଆଜି ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ସେ ଆଦୌ କୌଣସି କାରଣ ନ ଥାଇ ଗୁହାଳ ଭିତରେ 'ରା'କୁ ଚପଲରେ ମାରିଛନ୍ତି । ମୁଁ 'ବା'ର ଗୁହାଳରୁ ଥାଇ ତାହା ଦେଖିବାକୁ ପାଇଥିଲି । ସେ ଗୋଡ଼ରୁ ପଟେ ଚଟି ବାହାର କଲେ, ସେଇଟିକୁ ନିଜ ହାତରେ ଧରିଲେ ଏବଂ ଓଲଟାଇ ଦେଇ 'ରା'ର ପାଟି ଓ ମୁହଁ ଉପରେ ମାରିବାକୁ ଲାଗିଲେ । ଖାଇବା କୁଣ୍ଡ ପାଖରେ ସେ ଦୁଇଟି ଟୋକେଇ ରଖିଥିଲେ;*

*ଗୋଟିକରେ କଦଳୀ ଚୋପା ଥିଲା ଓ ଅନ୍ୟଟିରେ କଟା ପରିବା । ସିଏ ଚାହୁଁଥିଲେ ଯେ 'ରା' ତାହାକୁ ଖାଉ, ମାତ୍ର 'ରା' ତାହାକୁ ଖାଇଲା ନାହିଁ । ତାହାର ଏହି ଭୁଲ୍‌ଟି ହୋଇଗଲା । ମୁଁ ଯେତେବେଳେ ଦଉଡ଼ିଯାଇ ସେ ଏପରି କାହିଁକି କଲେ ବୋଲି ପଚାରିଲି, ସେ କୌଣସି ଉତ୍ତର ଦେବାକୁ ମଧ୍ୟ ଆବଶ୍ୟକ ମନେ କରି ନ ଥିଲେ । ସାହାଯ୍ୟକାରୀ ଭୃତ୍ୟମାନେ କହୁଛନ୍ତି ଯେ ସେ 'ରା'କୁ ଆଗରୁ ମଧ୍ୟ ଏହିପରି ଚପଲରେ ମାରିଛନ୍ତି ଓ ଏହିପରି ଭାବରେ ତାକୁ ଅକ୍ତିଆରରେ ଆଣିବାକୁ ଇଚ୍ଛା କରୁଛନ୍ତି ।*

ସେ ଯଦି ପ୍ରକୃତରେ ଏହିପରି କରୁଥିବେ, ତେବେ ତାହା ଏକ ଅତ୍ୟନ୍ତ ନୃଶଂସ ଏବଂ ନିର୍ବୋଧ କାର୍ଯ୍ୟ । ଦାମୁଡ଼ିଟିର ମୁଣ୍ଡକୁ ଆଘାତ ଲାଗିଲା, ତାହା ଅତ୍ୟନ୍ତ ଖରାପ କାର୍ଯ୍ୟ; ଅଧିକନ୍ତୁ ସେ ତାହାକୁ ଅତ୍ୟନ୍ତ ପ୍ରତିହିଂସାପରାୟଣ ଓ ହିଂସ୍ର କରି ପକାଇବେ; ଏବଂ ଏହା ଆହୁରି ଅଧିକ ଖରାପ ।

*୧୮ ନଭେମ୍ବର ୧୯୩୩*

ତେଜ୍* **ଖୁବ୍ ଝଡ଼ିଗଲାଣି** ବୋଲି ମୁଁ ଲକ୍ଷ୍ୟ କରୁଛି । ସିଏ ନିଶ୍ଚୟ ପୀଡ଼ିତ ଅଛି ଓ ତାହାର ବିଶେଷ ଭାବରେ ଯତ୍ନ ନେବାକୁ ପଡ଼ିବ । କିଛି ସମୟ ଲାଗି ତେଜ୍‌କୁ ମୁକ୍ତ ଭାବରେ ପଡ଼ିଆରେ ଚରିବାକୁ ଦେବା ଦ୍ୱାରା କୌଣସି ଉପକାର ହେବ କି ନାହିଁ, ମୁଁ ଏବିଷୟରେ ଡାକ୍ତରଙ୍କର ମତ ଜାଣିବାକୁ ଚାହୁଁଛି । ତେବେ ତାକୁ ଅଧିକ ପବନ, ସୂର୍ଯ୍ୟକିରଣ ଏବଂ ଚାଲବୁଲ କରିବାର ଅବକାଶ ମିଳିପାରିବ ଓ ସେ କାମରୁ ମଧ୍ୟ ଛୁଟି ପାଇବ । ଏହି କଥାଟିକୁ ଡାକ୍ତରଙ୍କୁ ପରିଷ୍କାର ଭାବରେ ପଚାରିବାକୁ ପଡ଼ିବ ଏବଂ ଏକ ନିର୍ଦ୍ଦିଷ୍ଟ ଉତ୍ତର ପାଇବାକୁ ହେବ । କାରଣ, ବର୍ତ୍ତମାନ ଏହା ଭଲ ଭାବରେ ଜଣାଗଲାଣି ଯେ, **ପବନ ଏବଂ ସୂର୍ଯ୍ୟକିରଣ** ବ୍ୟତୀତ ଯେକୌଣସି ଅସୁସ୍ଥତା ଲାଗି ଆଉ ଅଧିକ ଭଲ ଆରୋଗ୍ୟମାର୍ଗ କିଛି ନାହିଁ ।

*୧ ଫେବ୍ରୁଆରି ୧୯୩୪*

*ଫୁଟ୍‌ପାଥ୍‌ର କାନ୍ଥରେ ଗାଈମାନଙ୍କୁ ବାନ୍ଧିବା ସକାଶେ କଡ଼ା ପିଟି ବସାଇଲେ ମ୍ୟୁନିସିପାଲିଟି କୌଣସି ଆପତ୍ତି କରିବ ନାହିଁ ବୋଲି ମୁଁ ଭାବିଥିଲି । ମୁଁ କେବଳ ଗୋଟିଏ କଡ଼ା ମାରିବାକୁ ଚାହୁଁଥିଲି ।*

---

* ଗୋଟିଏ ବଳଦର ନାମ ।

ମ୍ୟୁନିସିପାଲିଟିର ନିୟମ ଅନୁସାରେ ଏଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରାଯାଇଛି ଏବଂ ଆମେ ଯଦି ଏଭଳି କୌଣସି କାର୍ଯ୍ୟ କରିବା, ତେବେ ତାହା ଏକ **ବଡ଼ ଭୁଲ୍** ହେବ ଏବଂ ମୁଁ ଇଚ୍ଛା କରୁଛି ଯେ ଏହାର **ପୁନରାବୃତ୍ତି ହେବା ଉଚିତ ନୁହେଁ ।**

*୧୦ ମାର୍ଚ୍ଚ ୧୯୩୪*

*ଗୃହନିର୍ମାଣ ବିଭାଗରେ 'କ' ନାମକ ଯେଉଁ ବାଳକଟି କାମ କରୁଥିଲା, ତାକୁ ଦୁଇଦିନ ପୂର୍ବେ କାର୍ଯ୍ୟରୁ ଅନ୍ତର କରିଦିଆ ଯାଇଥିଲା । ସେ ଚୋରି କରିଥିଲା ବୋଲି ନୁହେଁ, ଅତ୍ୟନ୍ତ ବେଗର ସହିତ ଗୋଟିଏ ଶଗଡ଼କୁ ଟାଣି ନେଇଯାଇ ଥିବାରୁ ଓ ଗୋଟିଏ କୁକୁରକୁ ତଦ୍ଦ୍ୱାରା କିଞ୍ଚିତ ଆଘାତ ପହୁଞ୍ଚାଇ ଥିବାରୁ ତାକୁ ଏହି ଦଣ୍ଡ ମିଳିଥିଲା । ମୁଁ ସେହି ବାଳକଟିକୁ ତା'ର ଭାଇର ବିକଳ୍ପ ରୂପେ ରଖିପାରିବି କି ?*

ନା, କଦାପି ନୁହେଁ ।

*ଏହା କେବଳ ଦିନେ ମାତ୍ର ଘଟିଥିଲା, ତେଣୁ ଯଦି ଆପଣ ଅନୁମତି ଦେବେ ତେବେ ମୋ'ର କୌଣସି ଆପତ୍ତି ନାହିଁ । ସେ ଅତ୍ୟନ୍ତ ସନ୍ତୋଷଜନକ ଭାବରେ କାର୍ଯ୍ୟ କରୁଛି । ଆପଣଙ୍କର ଆଦେଶ ଅପେକ୍ଷାରେ ।*

ନା – ସେ ଅତ୍ୟନ୍ତ ନିଷ୍ଠୁର ଏବଂ ଏପରି ଗୋଟିଏ ବାଳକ, ଯିଏକି ପ୍ରାୟ ଇଚ୍ଛାକୃତ ଭାବରେ ଗୋଟିଏ କୁକୁରକୁ ଆଘାତ ପହଞ୍ଚାଇଲା, ସିଏ ଗାଈ ଓ ବାଛୁରୀର କ୍ଷେତ୍ରରେ ମଧ୍ୟ ସେହି ଘଟଣାଟିକୁ ଘଟାଇ ପାରିବ ।

ବାଳକଟିକୁ **ମୋ' ଆଦେଶରେ** କାର୍ଯ୍ୟରୁ ଅନ୍ତର କରାଯାଇଛି ଏବଂ ତାକୁ ଆଶ୍ରମରେ ଆଉ କୌଣସି କାର୍ଯ୍ୟ ଦିଆଯିବ ନାହିଁ ।

**ଯେଉଁ ବ୍ୟକ୍ତି ପଶୁମାନଙ୍କ ପ୍ରତି ନୃଶଂସ ଆଚରଣ କରେ, ସେ ଏକ ପଶୁଠାରୁ ମଧ୍ୟ ଅଧିକ ଖରାପ ।**

*୨ ଏପ୍ରିଲ୍ ୧୯୩୪*

# ପଞ୍ଚମ ସ୍ତବକ

## ପଞ୍ଚମ ସ୍ତବକ

*ଏସବୁ ପତ୍ର ଶ୍ରୀଅରବିନ୍ଦ ଆଶ୍ରମରେ ସର୍ବପ୍ରଥମେ ରହିବାର ଅନୁମତି ଲାଭ କରିଥିବା ପିଲାମାନଙ୍କ ମଧ୍ୟରୁ ଜଣକୁ ଲିଖିତ । ସେ ଆସିଥିଲେ ଦଶବର୍ଷ ବୟସରେ । ତରୁଣ ଅବସ୍ଥାରେ ସଙ୍ଗୀତ, ଚିତ୍ରକଳା ଓ କବିତାରେ ଆଗ୍ରହୀ ଥାଇ ସେ ପରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣେ ସଙ୍ଗୀତ-ଶିକ୍ଷକ ହୋଇଥିଲେ । ବାରବର୍ଷ ବୟସରେ ସେ ମାଆଙ୍କ ପାଖକୁ ଚିଠି ଲେଖିବାକୁ ଆରମ୍ଭ କରିଥିଲେ ।*

ଯେଉଁ କାମ କରିବାକୁ  ଅଛି, ତାହାକୁ ସର୍ବଦା ଖୁସୀ ହୋଇ କରିବ ।

ଆନନ୍ଦର ସହିତ ଯେଉଁ କାର୍ଯ୍ୟ କରାଯାଏ, ତାହାକୁହିଁ ଭଲ ଭାବେ କରାଯାଉଥିବା କାର୍ଯ୍ୟ ବୋଲି କୁହାଯିବ । *୧୪ ମାର୍ଚ୍ଚ ୧୯୩୨*

ଯେତେବେଳେ ତୁମ ଭିତରେ କୌଣସି ବାସନା ଜନ୍ମୁଛି, ତୁମେ ସେତେବେଳେ ବାସନା କରିଥିବା ବସ୍ତୁଟି ଦ୍ୱାରାହିଁ ପରିଚାଳିତ ହେଉଛ । ତାହା ତୁମର ମନ ଓ ପ୍ରାଣକୁ କାବୁ କରିନେଉଛି ଏବଂ ତୁମେ ତାହାର ଦାସ ହୋଇଯାଉଛ । ତୁମେ ଯଦି ଖାଦ୍ୟ ପ୍ରତି ଲୋଭ ରଖିଥିବ, ତେବେ ଖାଦ୍ୟ ଉପରେ ତୁମର ଆଉ କୌଣସି ପ୍ରଭୁତ୍ୱ ରହିବ ନାହିଁ, ଖାଦ୍ୟହିଁ ତୁମ ଉପରେ ପ୍ରଭୁତ୍ୱ କରିବାକୁ ଆସିବ । *୨୨ ଅଗଷ୍ଟ ୧୯୩୨*

*ମୋ'ର ଆଦରଣୀୟା ମାଆ,*

*ମୁଁ ଆଜି ଯେତେବେଳେ 'କ'ଙ୍କ ପାଖକୁ ସଙ୍ଗୀତ ଶିକ୍ଷା କରିବାକୁ ଗଲି, ସେତେବେଳେ ମୋତେ ଭାରି ଅସ୍ୱସ୍ତି ଲାଗିଲା । ମୁଁ ଏକଥା ମଧ୍ୟ ଅନୁଭବ କଲି ଯେ ସିଏ ମଧ୍ୟ ମୋତେ ନେଇ ଆଦୌ ସନ୍ତୁଷ୍ଟ ନୁହନ୍ତି, ସେତେବେଳେ ମୁଁ କେମିତି କେମିତି ଭାରି ଖରାପ ଅନୁଭବ କରୁଥିଲି । ମାଆ, ମୁଁ କାହିଁକି ଏହି ଅସ୍ୱସ୍ତି ଅନୁଭବ କଲି ? ଘରକୁ ଫେରିଆସିବା ପରେ ମୋତେ ବହୁତ କ୍ଳାନ୍ତି ଲାଗିଲା ଏବଂ କୌଣସି କାମ କରିବାକୁ ଭଲ ଲାଗିଲା ନାହିଁ । ବର୍ତ୍ତମାନ ମୁଁ ଅନୁଭବ କରୁଛି ଯେ, ମୋ' ଭିତରେ ଯେଉଁସବୁ ଭଲକଥାର ବିକାଶ ହୋଇ ଆସୁଥିଲା, ସଙ୍ଗୀତ ଶିକ୍ଷା ପରେ ସେଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଚୂନା ହୋଇଯାଇଛି । ଏକଥା ସତ କି ?*

ଏହି ଯାବତୀୟ ଅନୁଭବ – ଏହି ଅସ୍ୱସ୍ତି, କ୍ଲାନ୍ତି, ସମସ୍ତ ଅଗ୍ରଗତି ନଷ୍ଟ ହୋଇଯାଇଛି ବୋଲି ଏହିସବୁ ଧାରଣା,– ଏହି ସବୁକିଛି ପ୍ରାଣିକ ସ୍ତରରୁ ଆସିଥାଏ । ଯେତେବେଳେ ପ୍ରାଣ ବାସନା ଏବଂ ଅଗ୍ରରୁଚିଗୁଡ଼ିକର ପରିତୃପ୍ତି ହୋଇପାରେ ନାହିଁ, ସେତିକିବେଳେ ତାହା ବିଦ୍ରୋହ କରେ । ସେଗୁଡ଼ାକରେ ଆଦୌ କୌଣସି ସତ୍ୟତା ନାହିଁ ।

*୨ ଏପ୍ରିଲ୍ ୧୯୩୩*

*ମାଆ ମୋ'ର,*

*ସେହି ବିକ୍ଷୋଭ ଏବେ ମଧ୍ୟ ଯାଇ ନାହିଁ । ଆଗ ତୁଳନାରେ ମୁଁ ଆହୁରି ଖରାପ ଅବସ୍ଥାରେ ଅଛି । ମୋ' ମୁଣ୍ଡ ଭିତରେ ନିଶ୍ଚୟ କେଉଁଠି କିଛି ଗୋଳମାଳ ହୋଇଯାଇଛି । ଏବଂ, ସବୁ ଜାଗାରେ ମୋତେ ଭାରି ଖରାପ ଲାଗୁଛି । ଆପଣ କହନ୍ତୁ ମୁଁ କ'ଣ କରିବି ।*

ତୁମେ ଆଉ ଅନ୍ୟ କୌଣସି ବିଷୟରେ ଚିନ୍ତା କର । ନିଜକୁ କର୍ମରେ ବ୍ୟସ୍ତ ରଖ; ମୋଟେ ଅଳସୁଆ ହୋଇ ରହ ନାହିଁ, ସବୁବେଳେ କିଛି ନା କିଛି କାମରେ ବ୍ୟସ୍ତ ରହିଥାଅ ।

*୧୮ ଡିସେମ୍ବର ୧୯୩୩*

*ପ୍ରିୟତମା ମାଆ,*

*ମୋ'ର ପ୍ରତ୍ୟେକ ଗତିଶୀଳତାରେ ମୁଁ ଆପଣଙ୍କର ସ୍ପର୍ଶକୁ ଅନୁଭବ କରିବାକୁ ଚାହେଁ । ମୁଁ ସବୁଠାରେହିଁ ଆପଣଙ୍କର ଉପସ୍ଥିତି ଅନୁଭବ କରିବାକୁ ଇଚ୍ଛା କରେ ।*

*ମାଆ, ମୋ'ର ପ୍ରାର୍ଥନାକୁ ସ୍ୱୀକାର କରନ୍ତୁ ।*

ମୁଁ ସର୍ବଦା ତୁମ ପାଖରେ ରହିଛି । ତେଣୁ ସର୍ବଦା ମୋ'ର ଉପସ୍ଥିତିକୁ ଅନୁଭବ କରିବା ଯେ କେବଳ ସମ୍ଭବ ତା' ନୁହେଁ, ତାହା ହେଉଛି ଅତ୍ୟନ୍ତ ସହଜ ।

ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ସହିତ ।

*୬ ମାର୍ଚ୍ଚ ୧୯୩୪*

*ମାଆ, ମାଆ ମୋ'ର,*

*ମୁଁ କିଛି ଭୁଲ୍ କରିଛି କି ? ମୋତେ ଦୟାକରି କହନ୍ତୁ । ଯଦି ମୁଁ କୌଣସି*

*ଭୁଲ୍ କରିଥାଏ ତେବେ ଦୟାକରି ମୋତେ କ୍ଷମା କରିଦେବେ । ଆପଣ ମୋ' ଉପରେ ଅସନ୍ତୁଷ୍ଟ ହୋଇଛନ୍ତି କି ? ମାଆ, ମୋତେ ଆପଣ ନିଜର କରି ନିଅନ୍ତୁ ।*

ତୁମେ କାହିଁକି ଏପରି ପ୍ରଶ୍ନଟିଏ ପଚାରୁଛ ? ତୁମେ ତ କିଛି ଭୁଲ୍ କାମ କରି ନାହଁ ଓ ମୁଁ ତୁମ ଉପରେ ଏତେ ଟିକିଏ ବି ଅସନ୍ତୁଷ୍ଟ ହୋଇ ନାହିଁ । ଆଜି ରାତିରେ ମୁଁ ଅତ୍ୟନ୍ତ ଗମ୍ଭୀର ଦେଖା ଯାଉଥିଲି କି ? ଯଦି ଦେଖା ଯାଇଥିବି, ତେବେ ଏହି ଦରିଦ୍ର ପୃଥିବୀର ନିର୍ବୋଧତା ଏବଂ ଅନ୍ଧତା ବିଷୟରେ ଚିନ୍ତାମଗ୍ନ ହୋଇ ରହିଥିଲି ବୋଲି ସେପରି ଦେଖା ଯାଇଥିବି । ମାତ୍ର, ସେହିସବୁ ଚିନ୍ତା ଭିତରେ ତୁମ ବିଷୟରେ ଆଦୌ କିଛି ନ ଥିଲା ।

ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ସହିତ ।

*୯ ମାର୍ଚ୍ଚ ୧୯୩୪*

*ମୋ'ର ଅନ୍ତରଙ୍ଗ ମାଆ,*

*''ଆମେ'' ଗୋଟିଏ ଲଫାପା ଚିତ୍ର କରିଛୁ ବୋଲି ମୁଁ କାଲି ଆପଣଙ୍କୁ କହିଥିଲି । ''ଆମେ'' ଅର୍ଥାତ୍ ମୁଁ ଏବଂ ଆପଣ । ମୁଁ ଏକା କୌଣସି କାର୍ଯ୍ୟ କରୁଛି ବୋଲି ଆଦୌ ଅନୁଭବ କରେ ନାହିଁ । ତେଣୁ ''ଆମେ'' ବୋଲି କହେ । ମୁଁ ହେଉଛି ଆପଣଙ୍କର ଶିଶୁ ।*

ଏହା **ପ୍ରକୃତରେ ଭାରି ଭଲ** ଏବଂ ଏଥିରେ ମୁଁ **ଅତ୍ୟନ୍ତ ଖୁସୀ** । ହଁ, ମୁଁ ତୁମ ସହିତ ସବୁବେଳେ ରହିଛି; ଯେତେବେଳେ ତୁମେ ନିଜର ଚିତ୍ରକଳା ଓ ସଂଗୀତର ଅନୁଶୀଳନ କରୁଛ, ସେତେବେଳେ ମୁଁ ବିଶେଷ ଭାବରେ ତୁମ ସହିତ ରହିଛି । ତୁମେ ଯେ ପ୍ରଭୂତ ଭାବରେ ଅଗ୍ରଗତି କରୁଛ, ସେକଥା ତୁମକୁ ଜଣା ଅଛି କି ? **ଆମେ ଦୁହେଁ ମିଶିକରି ଚିତ୍ର କରୁଥିବା** ଲଫାପାଗୁଡ଼ିକ ମୋତେ ଖୁବ୍ ଭଲ ଲାଗିଛି ଏବଂ, ଆମେ ଯେ ସେଗୁଡ଼ିକୁ ଏକାଠି ହୋଇ ତିଆରି କରୁଛୁ, ତାହା ଏହାର ଆଉ ଗୋଟିଏ ପ୍ରମାଣ । କାରଣ, ସେଗୁଡ଼ିକ ଯେପରି ହେବା ଉଚିତ ବୋଲି ମୁଁ ଭାବୁଥିଲି, ସେଗୁଡ଼ିକ ପ୍ରାୟ ସବୁବେଳେ ସେହିପରି ହେଉଛି । ଆଜି ସକାଳେ ତୁମେ ଯେଉଁ ସାନ ଲଫାପାଟି ପଠାଇଥିଲ, ସେଇଟି ଭାରି ସୁନ୍ଦର ହୋଇଛି । ସେଥିରେ ଭାରି ଚମତ୍କାର ଭାବରେ ରଙ୍ଗ ଗୁଡ଼ିକର ନିର୍ବାଚନ କରାଯାଇଛି ।

ସ୍ନେହର ସହିତ ।

ତୁମ ହୃଦୟର ମାଆ ।

*୧୫ ମାର୍ଚ୍ଚ ୧୯୩୪*

*ମାଆ ମୋ'ର,*

*ଏହି ସଂସାରର ନିମ୍ନସ୍ତରର ଆନନ୍ଦଗୁଡ଼ିକ ଲାଗି ମୋ'ର କୌଣସି ଆଗ୍ରହ ନାହିଁ । ମୋତେ ଆପଣଙ୍କର ହୃଦୟ ଭିତରକୁ ଗ୍ରହଣ କରି ନିଅନ୍ତୁ । ଆପଣଙ୍କର ବାହୁଗୁଡ଼ିକ ଭିତରକୁ ନେଇ ଯାଆନ୍ତୁ ।*

ହଁ, ତୁମକୁ ମୁଁ ନିଜର ବାହୁଗୁଡ଼ିକ ମଧ୍ୟକୁ ଗ୍ରହଣ କରିନେଉଛି ଓ ମୋ'ର ହୃଦୟର ଦୋଳାରେ ନେଇ ବସାଉଛି, ଯେପରିକି ତୁମେ ଯଥାର୍ଥ ସୁଖ ଏବଂ ବିଶୁଦ୍ଧ ଆନନ୍ଦର ଅଧିକାରୀ ହୋଇପାରିବ ।

ତୁମ ସହିତ ଅନୁକ୍ଷଣ ରହିଥିବା ତୁମ ଅନ୍ତରଙ୍ଗ ମାଆର ପ୍ରେମ ଜାଣିବ ।

*୧୫ ମାର୍ଚ୍ଚ ୧୯୩୪*

*ମୋ' ଆଦରର ମାଆ,*

*ଶାନ୍ତି, ଶାନ୍ତି, ଆପଣ ମୋତେ ଆପଣଙ୍କର ଅବିମିଶ୍ରିତ ଶାନ୍ତି ପ୍ରଦାନ କରନ୍ତୁ ଏବଂ ଆପଣଙ୍କ ବିଷୟରେ ସଚେତନ କରାନ୍ତୁ ।*

ହେ ମୋର ଶିଶୁ, ତୁମକୁ ଶାନ୍ତି ମିଳୁ, ଏହା ସେଇ ଶାନ୍ତି ଯାହା କଦାପି ତୁମକୁ ତ୍ୟାଗ କରୁ ନ ଥିବା ମୋ ପ୍ରେମ ଉପରେ ସ୍ଥିର ନିଶ୍ଚୟତାରୁ ଓ ସ୍ଥିର ବିଶ୍ୱାସରୁ ଆସେ ।

ତୁମର ମାଆ ।

*୧୬ ମାର୍ଚ୍ଚ ୧୯୩୪*

*ମୋ' ଆଦରଣୀୟା ମାଆ,*

*ଏହି ଅସୁବିଧାଟି କାହିଁକି ଆସେ ? ମୁଁ ସେହି ଅସୁବିଧାଟି ଲାଗି ଦୁଆର ଖୋଲିଦେବା ହେତୁ ବା ଅନ୍ୟ କୌଣସି କାରଣ ଲାଗି ତାହା ଆସେ ? ମାଆ, ଆପଣଙ୍କର ଏତେ ନିକଟକୁ ଆସିସାରିବା ପରେ ମଧ୍ୟ ଅସୁବିଧା ଆସେ କାହିଁକି ?*

ମୁଁ ତୁମ ପାଖକୁ ଯାହାସବୁ ଲେଖୁଛି ବା ତୁମକୁ ଯାହାକିଛି କହୁଛି, ସେଗୁଡ଼ିକୁ ତୁମର ଅନ୍ୟମାନଙ୍କ ଆଗରେ କହିବା ଉଚିତ ନୁହେଁ, କାରଣ ସେମାନେ ସେଥିରେ ଈର୍ଷା କରିବେ ଏବଂ ସେମାନଙ୍କର ଈର୍ଷା ଏପରି ଏକ ଖରାପ ବାତାବରଣର ସୃଷ୍ଟି କରିବ, ଯାହାର ଚାପ ତୁମ ଉପରେ ପଡ଼ିବ ଓ ଅସୁବିଧାକୁ ଡାକି ଆଣିବ । ଯେହେତୁ ତୁମେ କହିଦେଲ,

ତଦ୍ଦ୍ୱାରା ତୁମେ ନିଜକୁ ଉନ୍ମୋଚିତ କରିଦେଲ ଏବଂ ତାହାକୁ ଗ୍ରହଣ କଲ । ସେ ବିଷୟରେ ଆଦୌ ସଜ୍ଞାନ ନ ହୋଇ ମଧ୍ୟ ଗ୍ରହଣ କଲ ।

ତୁମ ମାଆଙ୍କର ସବୁଯାକ ପ୍ରେମ ଜାଣିବ ।

*୧୭ ମାର୍ଚ୍ଚ ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ମୋ'ର ହୃଦୟ ଆପଣଙ୍କର ପାଦତଳକୁ ଧାଇଁଯିବାକୁ ମନ କରୁଛି । ତାହା ଆପଣଙ୍କ ଭିତରେ ଆପଣାକୁ ହଜାଇ ଦେବାକୁ ଚାହୁଁଛି । ମୁଁ ଏହାହିଁ ଇଚ୍ଛା କରୁଛି, ମାତ୍ର ମୁଁ ତାହା କରିପାରିଛି କି ? ମୁଁ ଆପଣଙ୍କ ହୃଦୟର ଅତ୍ୟନ୍ତ ନିକଟବର୍ତ୍ତୀ ହେବାକୁ ଚାହୁଁଛି, ମୁଁ ଚାହୁଁଛି... ମାତ୍ର ଏହା ସମ୍ଭବ କି ? ମୁଁ ସେକଥା ଜାଣି ନାହିଁ ।*

*ମୋତେ ଶାନ୍ତ କରିଦିଅନ୍ତୁ । ମୋତେ ଆପଣଙ୍କର ଦିବ୍ୟ ଉପସ୍ଥିତିର ଆସ୍ୱାଦନ ଦିଅନ୍ତୁ ।*

ହଁ, ମୋର ପ୍ରିୟ ଶିଶୁ, ଏହା ସମ୍ପୂର୍ଣ୍ଣ ଭାବରେ ନିଶ୍ଚୟ ସମ୍ଭବ ଏବଂ, ଯେହେତୁ ତୁମେ ତାହା ପାଇବା ଲାଗି ଆନ୍ତରିକତା ସହିତ ଇଚ୍ଛା କରୁଛ, ଏହା ନିଶ୍ଚୟ ସମ୍ଭବ ହେବ । ତୁମେ ନିରନ୍ତର ମୋ' ହୃଦୟର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବା ପରି ଅନୁଭବ କରିବ, ମୋ' ବାହୁଗୁଡ଼ିକ ମଧ୍ୟରେ ଝୁଲୁଥିବା ପରି ଅନୁଭବ କରିବ । ଏବଂ, ତୁମର ସମସ୍ତ ସତ୍ତାକୁ ପରମ ଶାନ୍ତି ପୂର୍ଣ୍ଣ କରି ରଖିଥିବ ଏବଂ ତୁମକୁ ବଳ ଦେଉଥିବ, ଆନନ୍ଦ ଆଣି ଦେଉଥିବ ।

ତୁମ ମାଆଙ୍କର ସବୁଯାକ ପ୍ରେମ ଜାଣିବ ।

*୨୯ ମାର୍ଚ୍ଚ ୧୯୩୪*

*ସ୍ନେହମୟି ମାଆ,*

*ମୁଁ ଅନୁଭବ କରୁଛି, ସତେଯେପରି ମୋ'ର ସବୁ ବଳ, ଇଚ୍ଛା ଓ ଶକ୍ତି ମୋତେ ଛାଡ଼ି ଚାଲିଯାଇଛି । ମୁଁ କ'ଣ କରିବି କିଛି ଜାଣିପାରୁ ନାହିଁ । ଏହି ଅବସ୍ଥା ଅବଶ୍ୟ ଯିବ, ମାତ୍ର କିପରି ଯିବ ମୁଁ ଜାଣିପାରୁ ନାହିଁ । ମୋ'ର ଏତେ ଟିକିଏ ମଧ୍ୟ ସାହସ ପାଉ ନାହିଁ ।*

ନିଜକୁ ସନ୍ତପ୍ତ କରିପକାଅ ନାହିଁ । ଏହା ହେଉଛି ଗତ କେତେଦିନ ଅସୁସ୍ଥ ରହିବାର

ଫଳ । ଏହା ନିଶ୍ଚୟ ଚାଲିଯିବ – ମାତ୍ର ତୁମକୁ ନିୟମିତ ଭାବରେ ଭଲ କରି ଖାଇବାକୁ ହେବ ଏବଂ ଭଲ ଶୋଇବାକୁ ବି ହେବ । ଶୋଇବାକୁ ଯିବାରେ ଯେପରି ଡେରି ନ ହୁଏ, ସେ ବିଷୟରେ ସାବଧାନ ରହିବ ।

ଅତୀବ ଆଦରର ସହ ।

*୩୦ ମାର୍ଚ୍ଚ ୧୯୩୪*

ମୋ'ର ପ୍ରିୟ ଟିକିଶିଶୁ,

ତୁମର ସୁନ୍ଦର ଚିଠିଟି ପାଇ ମୋତେ କେଡ଼େ ଖୁସୀ ଲାଗିଲା । ତୁମର ଜାଣି ରଖିବା ଉଚିତ ଯେ ମୁଁ ତୁମର ମଙ୍ଗଳ, **ତୁମରି କେବଳ ମଙ୍ଗଳହିଁ** ଚାହୁଁଛି । ମୁଁ ତୁମକୁ ଜଣେ ବଳୀୟାନ୍ ଏବଂ ସଚେତନ ବ୍ୟକ୍ତି ରୂପେ ତିଆରି କରିବାକୁ ଚାହୁଁଛି, ଯିଏକି ନିଜେ ନିଜର ପରିଚାଳକ ହୋଇ ପାରିବ । ଅର୍ଥାତ୍, ସିଏ ତା'ର ନିମ୍ନ ପ୍ରକୃତିର ପୂର୍ଣ୍ଣ ନିୟନ୍ତ୍ରଣ କରି ପାରୁଥିବ ଏବଂ, ସେହିଭଳି ଅଭୀପ୍ସା ପୋଷଣ କରିଥିଲେ, ଜଣେ ଯଥାର୍ଥ ଯୋଗୀ ହୋଇ ପାରିବ । ଏବଂ, ଏହି ବ୍ୟକ୍ତିଟି ଯେତେ ଅଧିକ ପରିମାଣରେ ଆପଣାର ଯଥାର୍ଥ ସତ୍ତାଟିକୁ ଉପଲବ୍ଧ କରିପାରିବ, ସିଏ ସେତିକି ଅଧିକ ଭାବରେ ମୋ'ର ଜଣେ ଅତ୍ୟନ୍ତ ପ୍ରିୟ ଶିଶୁ ହୋଇପାରିବାରେ ସମର୍ଥ ହେଉଥିବ ।

ସେହି କାରଣରୁହିଁ ବର୍ତ୍ତମାନ ଯେଉଁ ଇଚ୍ଛା ଆପଣାକୁ ଅଭିବ୍ୟକ୍ତ କରିବାକୁ ଚାହୁଁଛି, ତାହା ହେଉଛି ନିମ୍ନତର ପ୍ରକୃତିର ଇଚ୍ଛା ଏବଂ ମୁଁ ତାହାର ସବୁଯାକ ଖିଆଲକୁ କଦାପି ପରିତୃପ୍ତ କରି ପାରିବି ନାହିଁ । କାରଣ ସେପରି କଲେ ମୁଁ ତୁମର ସବୁଠାରୁ ଅଧିକ ଅପକାରହିଁ କରିବି ।

ଯଥାର୍ଥ ପ୍ରେମ ଅନ୍ୟ ସବୁକିଛିକୁ ଛାଡ଼ିଦେଇ ପ୍ରେମାସ୍ପଦର ସର୍ବୋଚ୍ଚ ମଙ୍ଗଳରହିଁ କାମନା କରୁଥାଏ । ମୋ' ଭିତରେ ସେହି ପ୍ରେମ ରହିଛି, ତୁମ ଲାଗି ମଧ୍ୟ ମୁଁ ଠିକ୍ ସେହି ପ୍ରେମ ରଖିବାକୁ ଇଚ୍ଛା କରୁଛି ।

ତୁମର ମାଆ ।

*୬ ଏପ୍ରିଲ୍ ୧୯୩୪*

*ମୋ'ର ସ୍ନେହମୟି ମାଆ,*

*ମୋ' ଭିତରେ ସର୍ବଦାହିଁ ଶାନ୍ତି ବିରାଜମାନ କରୁଥାଉ ।*

ତୁମର ହୃଦୟ ଏବଂ ତୁମ ପ୍ରାଣିକ କ୍ଷେତ୍ରରେ ଶାନ୍ତି, ଶାନ୍ତିହିଁ ବିରାଜିତ ରହିଥାଉ ।

ହଁ, ତୁମ ପାର୍ଶ୍ୱବର୍ତ୍ତୀ ସେହି ଚେତନା, ଯାହା ମୋ ପ୍ରେମର କୈବଲ୍ୟ ତୁମ ମଧ୍ୟରେ ଆଣିଦେଉଛି, ତା'ରି ମଧ୍ୟରେ ସେହି ଶାନ୍ତି, ଆଲୋକ, ଶକ୍ତି ଓ ଆନନ୍ଦହିଁ ସର୍ବଦା ତୁମ ଭିତରେ ରହିଛି ।

*୯ ଏପ୍ରିଲ୍ ୧୯୩୪*

ମୋ'ର ପ୍ରିୟ ଶିଶୁ,

ହଁ, ତୁମେ ଆଲୋକର ସନ୍ତାନ ଏବଂ ଅଧିକରୁ ଅଧିକ ତୁମେ ସେହି ଆଲୋକର ଏକ ସନ୍ତାନ ଭାବରେ ବୃଦ୍ଧି ଲାଭ କରୁଥିବ । ତୁମ ଭିତରେ ଆଦୌ କୌଣସି ଅନ୍ଧକାରକୁ ବ୍ୟକ୍ତ ହେବାକୁ ଦିଆଯିବ ନାହିଁ ।

*୧୨ ଏପ୍ରିଲ୍ ୧୯୩୪*

ସ୍ନେହର ଟିକି ଶିଶୁ,

ଛବିଗୁଡ଼ିକ ଭାରି ସୁନ୍ଦର ହୋଇଛି, ଠିକ୍ ଜାପାନୀ ଛବି ଭଳି ହୋଇଛି । ସେଗୁଡ଼ିକ ଯେଉଁ ''ସ୍ତରରୁ'' ଆସିଛନ୍ତି, ସେ ବିଷୟରେ କହିବାକୁ ଗଲେ, ତାହା ନିଶ୍ଚିତ ଭାବରେ ସୂକ୍ଷ୍ମ ଭୌତିକସ୍ତର, ଯେଉଁଠାରେକି ଏହି ପୃଥିବୀରେ ଉପଲବ୍ଧ କଳାର ଯାବତୀୟ କଳ୍ପନା ଏବଂ କୃତିମାନଙ୍କର ସ୍ମୃତିସବୁହିଁ ସଞ୍ଚିତ ହୋଇ ରହିଥାନ୍ତି ।

ତୁମକୁ ଅନେକ ସ୍ନେହର ସହିତ ।

*୧୬ ଏପ୍ରିଲ୍ ୧୯୩୪*

*ମାଆ,*

*ମୁଁ ଶକ୍ତିହୀନ କୌଣସି ଜୀବନ ଇଚ୍ଛା କରୁ ନାହିଁ ।*

ଖୁବ୍ ଭଲ କଥା – ତେବେ ତୁମକୁ ଶକ୍ତି ଅର୍ଜନ କରିବାକୁ ହେବ ଏବଂ, ଏଠାରେ ତାହା ଅର୍ଜନ କରିବା ବସ୍ତୁତଃ ଆଦୌ କଷ୍ଟସାଧ୍ୟ ନୁହେଁ । ବିଶେଷତଃ ଏଠାରେ, ଯେଉଁଠାରେ ତୁମେ ଯେପରି ଶକ୍ତିର ଏକ ସାଗର ଭିତରେ ସ୍ନାନ କରିବାରେ ଲାଗିଛ । ତୁମେ କେବଳ ନିଜକୁ ଉନ୍ମୋଚିତ କରିଦେବ ଏବଂ ଗ୍ରହଣ କରିବ ।

ତୁମ ମାଆଙ୍କଠାରୁ ଅନେକ ଭଲ ପାଇବା ।

*୧୭ ଏପ୍ରିଲ୍ ୧୯୩୪*

*ସ୍ନେହମୟି ମାଆ,*

*ଆପଣ ମୋତେ ଶାନ୍ତି ଦିଅନ୍ତୁ, ଶକ୍ତି ଓ ପ୍ରେରଣା ଦିଅନ୍ତୁ ।*

ତୁମେ ଚିରନ୍ତନ ଉତ୍ସଟିରୁ ସେଗୁଡ଼ିକୁ ପାନ କରି ଶିଖ; ସେହି ଉତ୍ସରେ ସବୁ ରହିଛି ।
ମୋ'ର ପ୍ରେମର ସହିତ ।

*୨୧ ଏପ୍ରିଲ୍ ୧୯୩୪*

ମୋ' ଶିଶୁ, ମୋ' ଶିଶୁ, ଏପରି ଗଭୀର ଦୁଃଖ କାହିଁକି ? ଏହି ଦୁଃଖ କ'ଣ ଏହି କାରଣରୁ ହୋଇଛି ଯେ, ତୁମେ ବନ୍ଧୁଭାବେ ଗ୍ରହଣ କରିଥିବ କେହି ତାଙ୍କ ବନ୍ଧୁତ୍ୱକୁ ପ୍ରତ୍ୟାହାର କରି ନେଇଛନ୍ତି ବୋଲି, ଯେକି ଏହା ପଛରେ ଥିବା କାରଣ ଅତ୍ୟନ୍ତ ଯୁକ୍ତିଯୁକ୍ତ ବୋଲି ଭାବୁଛନ୍ତି ?

ମାତ୍ର ତଥାପି ତୁମ ପାଖରେ ତୁମ ମାଆର ବନ୍ଧୁତା ନାହିଁ କି ? ଏବଂ, ସେହି ମାଆର ସମସ୍ତ ଭଲ ପାଇବା ଏବଂ ତୁମ ପ୍ରତି ତାର ସମସ୍ତ ବ୍ୟାକୁଳତା ମଧ୍ୟ ନାହିଁକି ?

ନା, – ସବୁକିଛି କଦାପି ଆଦୌ ଦୁଃଖପୂର୍ଣ୍ଣ ଓ ନୈରାଶ୍ୟମୟ ନୁହେଁ, ଏହି ଗଛସବୁ, ଏହି ଆକାଶ ବା ଏହି ସାଗର ମଧ୍ୟ ଆଦୌ ସେପରି ନୁହନ୍ତି । ସକଳ ବସ୍ତୁ ଦିବ୍ୟ ଉପସ୍ଥିତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛନ୍ତି ଏବଂ ତୁମ ଆଗରେ କେବଳ ଖୁସୀ ହୋଇହିଁ ସେମାନେ ସେହି କଥାଟିକୁ କହିଦେଇ ପାରିବେ । ତୁମେ ଏହି ପିଲାଳିଆ ନୈରାଶ୍ୟବୋଧକୁ ନିଜ ଉପରୁ ଝାଡ଼ି ଫିଙ୍ଗିଦିଅ ଏବଂ ତୁମ ହୃଦୟରେ ଯେଉଁ ସୂର୍ଯ୍ୟର ଉଦୟ ହୋଇ ଆସୁଛି, ତାହାକୁ ପ୍ରତ୍ୟକ୍ଷ କର ! *୨୮ ଏପ୍ରିଲ୍ ୧୯୩୪*

*ମାଆ,*

*ଆପଣ ମୋତେ ଆଦୌ ଭଲ ପାଉ ନାହାନ୍ତି । ଜଣେ ମାଆ ତା'ର ଶିଶୁକୁ କ'ଣ ଏହିପରି ଭଲ ପାଏ ?*

ମୋ' ଶିଶୁ,

ତୁମେ ଯାହାକୁ ଭଲ ପାଇବା ବୋଲି ଭାବୁଛ, ମୁଁ ସେପରି ଅର୍ଥରେ ତୁମକୁ ନିଶ୍ଚିତ ଭାବରେ ଭଲପାଏ ନାହିଁ । ଏବଂ, ତାହା କିପରି ଅନ୍ୟ ପ୍ରକାରର ହୋଇଥାନ୍ତା, ମୁଁ ତାହା ଅବଶ୍ୟ ଦେଖିପାରୁଛି । ତୁମକୁ ସର୍ବପ୍ରଥମେ ପରମ ଦିବ୍ୟ ଚେତନାର ଉପଲବ୍ଧି କରିବାକୁ ପଡ଼ିବ – କେବଳ ସେତେବେଳେ ଯାଇ ତୁମେ ଯଥାର୍ଥ ପ୍ରେମର ତାତ୍ପର୍ଯ୍ୟକୁ ବୁଝିବାରେ ସମର୍ଥ ହେବ । *୩୦ ଏପ୍ରିଲ୍ ୧୯୩୪*

*ମୋର ସ୍ନେହମୟି ମାଆ,*

*ମନୁଷ୍ୟର ସଂସର୍ଗ ମୋ'ର ଅନେକ କ୍ଷତି କରିଛି, ମାତ୍ର ମୁଁ ମୋ'ର ଏହି ଅଭ୍ୟାସଟିକୁ ଛାଡ଼ିପାରୁ ନାହିଁ । ମାନବସ୍ତରୀୟ ଯାବତୀୟ ସମ୍ପର୍କକୁ ଛାଡ଼ିଦେବାକୁ ମୁଁ ଅନେକ ଚେଷ୍ଟା କରିଛି, ମାତ୍ର ସଫଳ ହୋଇପାରି ନାହିଁ । କ'ଣ ଯେ କରିବି, ଜାଣିପାରୁ ନାହିଁ ।*

*ମାଆ, ମୁଁ ନିଜକୁ ଆପଣଙ୍କ ଆଡ଼କୁ ଖୋଲି ଦେଉଛି । ଆଉ କାହାରି ଆଡ଼କୁ ମୁଁ କଦାପି ନିଜକୁ ଖୋଲି ଧରିବି ନାହିଁ, କଦାପି, କଦାପି ନୁହେଁ । ମୋତେ ଆପଣ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।*

ତୁମେ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହୃତ କରି ଆଣିବ ଏବଂ କେବଳ ନିଜକୁ ନେଇ ବଞ୍ଚିବ, ଏହାଦ୍ୱାରା ତୁମର କୌଣସି ଭଲ ହେବ ବୋଲି ମୁଁ ବିଚାର କରୁ ନାହିଁ । ଅସଲ କଥା ହେଉଛି ଯେ ତୁମେ ଯଥାର୍ଥ ଭାବରେ ନିଜର ସମ୍ବନ୍ଧଗୁଡ଼ିକୁ ବାଛିବ । ଯେଉଁମାନଙ୍କ ସହିତ ସମ୍ପର୍କରେ ଆସିଲେ **ମୋ'ର ଉପସ୍ଥିତି କୌଣସି ପ୍ରକାରେ ଘୋଡ଼ାଇ ହୋଇ ପଡ଼ିବ ନାହିଁ,** ତୁମେ କେବଳ ସେହିସବୁ ସ୍ଥାନରେହିଁ ସମ୍ପର୍କ ରଖିବ । ଏହି ମହତ୍ତ୍ୱପୂର୍ଣ୍ଣ କଥାଟିକୁ କଦାପି ଭୁଲିଯିବ ନାହିଁ । ନିଜର ଭାବନା ଓ ଅନୁଭବରେ ଯାହାକିଛି ତୁମକୁ ମୋ' ପାଖରୁ ଦୂରକୁ ନେଇ ଯାଉଥିବ, ତୁମେ ତାହାକୁ ଖରାପ ବୋଲି ଜାଣିବ । ଯାହାକିଛି ମୋ'ର ଅଧିକ ନିକଟବର୍ତ୍ତୀ କରାଇ ଆଣୁଥିବ ଏବଂ ତୁମକୁ ମୋ' ଉପସ୍ଥିତିର ବୋଧ ତଥା ଆନନ୍ଦକୁ ଦେଇ ଯାଉଥିବ, ତୁମେ ତାହାକୁ ଭଲ ବୋଲି ଜାଣିବ । ଏହି ନିୟମର ଆଲୋକରେହିଁ ତୁମେ ସବୁକଥାର ବିଚାର କରିବ । ଦେଖିବ, ଏହା ତୁମକୁ ବହୁତ ସାହାଯ୍ୟ କରିବ ଏବଂ ଅନେକ ଭୁଲ୍‌ରୁ ତୁମକୁ ରକ୍ଷା କରୁଥିବ ।

ତୁମ ଲାଗି ଅନେକ ଧୈର୍ଯ୍ୟ ଓ ମୋ'ର ପ୍ରେମ ପ୍ରେରଣ କଲି ।

*୨ ମଇ ୧୯୩୪*

*ମୋ'ର ସ୍ନେହମୟି ମାଆ,*

*ଆପଣ ସବୁଠାରେ ରହିଛନ୍ତି । ଆପଣ ମୋ' ସହିତ ନିରନ୍ତର ରହିଥାଆନ୍ତୁ ।*

ମୋ'ର ପ୍ରିୟ ଶିଶୁ,

ତୁମେ ସବୁବେଳେ ମୋ'ର ବାହୁ ବନ୍ଧନ ଭିତରେ ରହିଛ ଏବଂ ତୁମକୁ ଆଶ୍ୱସ୍ତି

ଓ ସୁରକ୍ଷା ଦେବାକୁ, ବଳ ଓ ଆଲୋକ ଦେବାକୁ ମୁଁ ସବୁବେଳେ ତୁମକୁ ମୋ' ହୃଦୟରେ ଅତ୍ୟନ୍ତ ନିବିଡ଼ଭାବେ ଧରି ରଖିଛି । ଗୋଟାଏ ମୁହୂର୍ତ୍ତ ସକାଶେ ମଧ୍ୟ ମୁଁ ତୁମକୁ ଅନ୍ତର କରିଦେଉ ନାହିଁ ଏବଂ ଏଥିରେ ମୋ'ର କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ଟିକିଏ ସ୍ଥିର ହୋଇ ଅବଲୋକନ କରିବ, ତେବେ ନିଜର କାନ୍ଧ ଉପରେ ମୋ' ବାହୁଯୁଗଳର ଉଷ୍ଣତାକୁ ଅବଶ୍ୟ ଅନୁଭବ କରିପାରିବ ।

ତୁମର ମାଆ ।

*୪ ମଇ ୧୯୩୪*

ମୋ'ର ପ୍ରିୟ ଶିଶୁ,

ମୋତେ ଲାଗୁଛି, ତୁମେ ଅନେକ ସମୟରେ ଭାରି ଦୁଃଖୀ ଓ ନିରାଶ ହୋଇଯାଉଛ, କାରଣ ତୁମର ସ୍ନାୟୁଗୁଡ଼ିକ ଭାରି ଦୁର୍ବଳ ହୋଇ ରହିଛି । ତୁମକୁ ଅଧିକ ଖାଇବାକୁ ହେବ, ଅଧିକ ସମୟ ଶୋଇବାକୁ ପଡ଼ିବ, ଖୋଲା ପବନରେ କିଛି ବ୍ୟାୟାମ କରିବାକୁ ପଡ଼ିବ, ଇତ୍ୟାଦି, ଇତ୍ୟାଦି । ...

ସ୍ନେହର ସହିତ ।

*୯ ମଇ ୧୯୩୪*

ହେ ମୋର ଟିକିଶିଶୁ, ଶାନ୍ତି, ଶାନ୍ତି, ଆନ୍ତର ନୀରବତାର ମଧୁର ଶାନ୍ତି, ବାହ୍ୟ ପ୍ରଶାନ୍ତି । ଏହା ତୁମ ଭିତରେ ସର୍ବଦା ବିଦ୍ୟମାନ ରହୁ ।

ସ୍ନେହ ସହିତ ।

*୧୪ ମଇ ୧୯୩୪*

ମୋ' ଶିଶୁ, ତୁମର ବୁଝିବା ଉଚିତ ଯେ, ତୁମେ ଯେ ନିଜକୁ ନେଇ ଏତେ ଅତିରିକ୍ତ ଭାବରେ ଚିନ୍ତା କରୁଛ, ତାହାହିଁ ସବୁଠାରୁ ଅଧିକ ଦୁର୍ଭାଗ୍ୟଜନକ । ତୁମ ବୟସରେ ମୁଁ ସମ୍ପୂର୍ଣ୍ଣ ଭାବରେ ମୋ'ର ପାଠପଢ଼ା ନେଇ ବ୍ୟସ୍ତ ରହୁଥିଲି,– ନିଜେ ବିଭିନ୍ନ ବିଷୟ ଖୋଜି ବାହାର କରୁଥିଲି, ଶିଖୁଥିଲି, ବୁଝୁଥିଲି, ଜାଣୁଥିଲି । ଏହାହିଁ ମୋ'ର ଆଗ୍ରହ ଥିଲା, ଏପରିକି ଏକ ପ୍ରବଳ ଅନୁରାଗ ହୋଇ ରହିଥିଲା । ଆମକୁ ଖୁବ୍ ଭଲ ପାଇଥିବା ମୋ' ମାଆ ମୋ' ଭାଇ ଏବଂ ମୁଁ,– ଆମେ କେବେହେଲେ ଖରାପ ମିଜାଜ୍, ଅସନ୍ତୋଷ କିଂବା ଆଳସ୍ୟ ଭିତରକୁ ଯିବା ଲାଗି ନିଜକୁ ଅନୁମତି ଦେଉ ନ ଥିଲୁ । ଯଦି ଆମେ କୌଣସି ବିଷୟରେ ମାଆଙ୍କ ପାଖରେ ଯାଇ ଅଭିଯୋଗ କରୁଥିଲୁ, ଆମେ କୌଣସି

କାରଣରୁ ଅସନ୍ତୁଷ୍ଟ ବୋଲି ତାଙ୍କୁ କହୁଥିଲୁ, ତେବେ ସେ ତାହାକୁ ପରିହାସରେ ଉଡ଼ାଇ ଦେଉଥିଲେ ଅଥବା ଗାଳି ଦେଇ କହୁଥିଲେ, ''ଏସବୁ ବାଜେ କଥା ପୁଣି କ'ଣ ? ନିଜକୁ ଏପରି ଭାବରେ ହାସ୍ୟାସ୍ପଦ କରି ପକାଅ ନାହିଁ । ଶୀଘ୍ର ଯାଇ ଆପଣାର କାମ କର ଏବଂ ମିଜାଜ ଭଲ ଅଛି କି ଖରାପ ଅଛି, ସେ ବିଷୟରେ ମୋଟେ କିଛି ଭାବ ନାହିଁ । ସେଥିରେ କୌଣସି ଲାଭ ନାହିଁ ।''

ମୋ' ମାଆ ବିଲକୁଲ ଠିକ୍ କଥାହିଁ କହୁଥିଲେ ଏବଂ ଆପେ କରୁଥିବା କାର୍ଯ୍ୟରେ ମନୋନିବେଶ କରି ଆପଣାକୁ ଭୁଲିଯିବାର ଆବଶ୍ୟକତା ଓ ଶୃଙ୍ଖଳାକୁ ସେ ମୋତେ ଶିକ୍ଷା ଦେଇ ଥିବାରୁ ତାଙ୍କ ପାଖରେ ମୁଁ ସର୍ବଦା ଅତ୍ୟନ୍ତ କୃତଜ୍ଞ ରହିଆସିଛି ।

ଏକଥା ମୁଁ ତୁମକୁ କହିଲି କାରଣ, ତୁମେ ଯେଉଁ ଚିନ୍ତା ବିଷୟରେ କହୁଛ, ତାହା ତୁମେ ନିଜ ବିଷୟରେ ଅତିରିକ୍ତ ଭାବରେ ବ୍ୟସ୍ତ ଓ ସଂପୃକ୍ତ ହୋଇ ରହିଥିବାରୁହିଁ ଆସୁଛି । ତୁମେ ଯେଉଁ କାମଟିକୁ କରୁଛ, ସେଥିରେ (ଚିତ୍ରକଳା ବା ସଙ୍ଗୀତ) ଓ ତାହାକୁ ଭଲ ଭାବରେ କରିବାରେ, ଏବେ ମଧ୍ୟ ଅନେକ ପରିମାଣରେ ଆକର୍ଷିତ ହୋଇ ରହିଥିବା ତୁମ ମନର ବିକାଶ ସାଧନ କରିବାରେ ଏବଂ, ଯଦି ଜଣେ ମନୁଷ୍ୟ ଅଜ୍ଞାନ ଓ ସଂସ୍କୃତିହୀନ ହୋଇ ରହିବାକୁ ଇଚ୍ଛାକରୁ ନ ଥାଏ, ତେବେ ଯେଉଁସବୁ ଜ୍ଞାନୋପାଦାନର ଶିକ୍ଷା କରିବା ତା'ଲାଗି ଏକାନ୍ତ ଅପରିହାର୍ଯ୍ୟ, ସେଗୁଡ଼ିକୁ ଶିକ୍ଷା କରିବାରେ ଅଧିକ ଦୃଷ୍ଟି ଦେବା ତୁମ ପକ୍ଷରେ ଅଧିକ ଭଲ ହେବ ।

ତୁମେ ଯଦି ଦିନକୁ ଆଠ ନଅ ଘଣ୍ଟା କାମ କରୁଥାନ୍ତ, ତେବେ ତୁମକୁ ଭୋକ ଲାଗନ୍ତା ଓ ତୁମେ ଅଧିକ ଭଲ ଭାବରେ ଖାଇପାରନ୍ତ, ତୁମକୁ ନିଦ ଲାଗନ୍ତା ଏବଂ ତୁମେ ଶାନ୍ତିରେ ଶୋଇ ମଧ୍ୟ ପାରନ୍ତ । ଏବଂ, ତୁମର ମନ ଭଲ ଅଛି କି ନାହିଁ, ସେକଥା ଅନୁସନ୍ଧାନ କରିବା ଲାଗି ତୁମକୁ ଆଦୌ କୌଣସି ସମୟ ମଧ୍ୟ ମିଳନ୍ତା ନାହିଁ ।

ତୁମ ପ୍ରତି ରହିଥିବା ମୋ'ର ସମସ୍ତ ସ୍ନେହ ସହିତ ମୁଁ ତୁମକୁ ଏସବୁ କଥା କହୁଛି ଏବଂ ଆଶା କରୁଛି ଯେ ତୁମେ ସେଗୁଡ଼ିକ ନିଶ୍ଚୟ ବୁଝିବ ।

ତୁମକୁ ଭଲ ପାଉଥିବା ତୁମର ମାଆ ।

*୧୫ ମଇ ୧୯୩୪*

ମୋ'ର ପ୍ରିୟ ଟିକି ଶିଶୁ,

ତୁମକୁ ମୁଁ ସତତ ମୋ'ର ଶାନ୍ତି ଭିତରେ ଆଚ୍ଛାଦିତ କରି ରଖିଛି : ତୁମେ ତାହାକୁ ଅବଶ୍ୟ ସୁରକ୍ଷିତ କରି ରଖିବ । ମୁଁ ସତତ ତୁମ ହୃଦୟ ଭିତରେ ରହିଛି : ମୋ'ର ସେହି ଉପସ୍ଥିତି ବିଷୟରେ ତୁମକୁ ସଚେତନ ରହିବାକୁ ପଡ଼ିବ । ଏବଂ, ତୁମେ ଯେପରି ଯାବତୀୟ

ଅସୁବିଧାକୁ ଅତିକ୍ରମ କରିଯିବାରେ ସମର୍ଥ ହେବ, ସେଥିଲାଗି ମୁଁ ତୁମ ଉପରେ ଆଣି ଅଜାଡ଼ି ଦେଉଥିବା ଶକ୍ତିକୁ ତୁମେ ଅବଶ୍ୟ ଗ୍ରହଣ କରିବ ଓ ତାହାକୁ କାମରେ ଲଗାଇ ପାରିବ ।

ମୋ'ର ପ୍ରେମ ଜାଣିବ ।

*୨୧ ମଇ ୧୯୩୪*

ମୋ'ର ପ୍ରିୟ ଶିଶୁ,

ଏହି ଆନନ୍ଦ, ଏହି ଶାନ୍ତି ଓ ବିଜୟ ନିମନ୍ତେ ଏହି ନିଶ୍ଚିତଭାବକୁ ତୁମେ ସାବଧାନତା ସହିତ ସାଇତି ରଖିବ । ଜଗତର ଯାବତୀୟ ଧନ ଓ ସମ୍ପତ୍ତିଠାରୁ ଏଗୁଡ଼ିକ ଅଧିକ ମୂଲ୍ୟବାନ୍ ଏବଂ ଏଗୁଡ଼ିକ ତୁମକୁ ମୋ'ର ଅନେକ ନିକଟବର୍ତ୍ତୀ କରି ରଖିଥିବେ ।

ତୁମ ମାଆର ପ୍ରେମ ଜାଣିବ ।

*୨୨ ମଇ ୧୯୩୪*

ମୋ'ର ପ୍ରିୟ ଶିଶୁ,

କେବଳ ଆଧ୍ୟାତ୍ମିକ ଶକ୍ତିରହିଁ ପ୍ରାଣ ଉପରେ ଜବରଦସ୍ତି ଶାନ୍ତି ସ୍ଥାପନା କରି ରଖିବାର ସାମର୍ଥ୍ୟ ରହିଛି । କାରଣ, ଯଦି ପ୍ରାଣ ଉପରେ ତା'ଠାରୁ ବୃହତ୍ତର ଏକ ଶକ୍ତି ଦ୍ୱାରା ଶାନ୍ତିକୁ ଆଣି **ସ୍ଥାପିତ** କରି ନ ଦିଆଯିବ, ତେବେ ପ୍ରାଣ ତାହାକୁ କେବେହେଲେ ସ୍ୱୀକାର କରିବ ନାହିଁ ।

ତେଣୁ, ଆଧ୍ୟାତ୍ମିକ ଶକ୍ତି ଲାଗି ତୁମ ନିଜକୁ ଉନ୍ମୋଚିତ କରି ରଖିବାକୁ ହେବ ଏବଂ ତୁମ ଭିତରେ କାର୍ଯ୍ୟ କରିବା ଲାଗି ତାକୁ ଅନୁମତି ପ୍ରଦାନ କରିବାକୁ ହେବ; ତେବେ ଯାଇ ତୁମେ ଅଧିକରୁ ଅଧିକ ପରିମାଣରେ ସତତ ଶାନ୍ତି ଏବଂ ଆନନ୍ଦ ମଧ୍ୟରେ ବାସ କରିବାକୁ ସମର୍ଥ ହେବ ।

ମୋ'ର ସମସ୍ତ ପ୍ରେମ ସହିତ ।

*୨୪ ମଇ ୧୯୩୪*

ମୋ'ର ପ୍ରିୟ ଶିଶୁ,

ମୁଁ ତୁମକୁ ସର୍ବଦା ମୋ' ବାହୁ ଯୁଗଳ ମଧ୍ୟରେ ବହନ କରି ରହିଛି, ମୋ' ହୃଦୟର ଅତି ନିକଟବର୍ତ୍ତୀ କରି ଚାପି ରଖିଛି ଏବଂ ମୋ'ର କୌଣସି ସନ୍ଦେହ ନାହିଁ ଯେ, ଯଦି ତୁମେ ପୃଥିବୀକୁ ଭୁଲିଯାଇ ମୋ'ଠାରେ ସଂକେନ୍ଦ୍ରିତ ହୋଇ ରହିବ, ତେବେ ତୁମେ

ସେହି ବିଷୟରେ ନିଶ୍ଚୟ ସଚେତନ ହୋଇ ପାରିବ । ଆପଣାର ଭାବନାଗୁଡ଼ିକୁ ମୋ ଆଡ଼କୁ ମୁହାଁଇଦେଇ ପାରିଲେ ତୁମେ ନିଜକୁ ଅଧିକରୁ ଅଧିକ ନିକଟବର୍ତ୍ତୀ ବୋଲି ଅନୁଭବ କରିବ ଏବଂ ତେବେ ତୁମର ହୃଦୟ ଭିତରେ ଶାନ୍ତି ବିରାଜିତ ରହିବ ।

ପ୍ରେମ । *୨୫ ମଇ ୧୯୩୪*

ମୋ'ର ପ୍ରିୟ କୁନି ଶିଶୁ,

କେବଳ ଆନ୍ତର ଏକାତ୍ମକତା ଦ୍ୱାରାହିଁ ଯଥାର୍ଥ ନିବିଡ଼ତା ସମ୍ଭବ ହେବ । ସମସ୍ତ ପ୍ରେମର ସହ ମୁଁ ସର୍ବଦା ତୁମ ସହିତ ରହିଛି ।

ତୁମର ମାଆ । *୨ ଜୁନ୍ ୧୯୩୪*

ମୋ'ର ପ୍ରିୟ ଶିଶୁ,

ବିଦ୍ରୋହ କରିବା ସବୁଠାରୁ ଅଧିକ ଅନୁପଯୋଗୀ ଏବଂ ନିର୍ବୋଧ କାର୍ଯ୍ୟ ବୋଲି ଜାଣିଲେ ତୁମେ କଦାପି ବିଦ୍ରୋହ କରିବ ନାହିଁ । ଏବଂ, ବିଦ୍ରୋହ କରିବାର ଏହି ବଦଭ୍ୟାସଟିକୁ ଛାଡ଼ିଦେଇ ପାରିଲେ ତୁମେ ଦେଖିବାକୁ ପାଇବ ଯେ ତୁମର କଷ୍ଟଭୋଗ ମଧ୍ୟ ଦୂର ହୋଇ ଯାଇଛି ଏବଂ ତାହା ପରିବର୍ତ୍ତେ ଏକ ଅପରିବର୍ତ୍ତନୀୟ ସୁଖାନୁଭୂତି ତୁମ ଭିତରକୁ ଆସିପାରିଛି ।

ମୋ'ର ସମସ୍ତ ସତ୍ତା ସହିତ ତୁମ ଲାଗି ଏହି ଅଗ୍ରଗତି ଏବଂ ଏହି ରୂପାନ୍ତରର କାମନା କରୁଛି ।

ପ୍ରେମର ସହ । *୧୦ ଜୁନ୍ ୧୯୩୪*

*ମୋ' ସ୍ନେହମୟି ମାଆ,*

*ଆପଣ ମୋତେ ଯାହା ହେବାକୁ ଚାହୁଁଛନ୍ତି, ମୁଁ ତାହାହିଁ ହେବି । ଅତି ଆପଣାର ମାଆ, ମୋ'ର ଏହି ଶିଶୁସୁଲଭ ପ୍ରାର୍ଥନାଟିକୁ ଗ୍ରହଣ କରନ୍ତୁ ।*

ତୁମ ଲାଗି ମୁଁ ଚେତନା ଚାହୁଁଛି, ଜ୍ଞାନ ଚାହୁଁଛି, କଳାତ୍ମକ ସାମର୍ଥ୍ୟ, ଶାନ୍ତି ମଧ୍ୟରେ ଆତ୍ମପ୍ରଭୁତ୍ୱ, ପୂର୍ଣ୍ଣ ସମତା ଏବଂ ଆଧ୍ୟାତ୍ମିକ ଉପଲବ୍ଧିରୁ ପ୍ରାପ୍ତ ହେଉଥିବା ସୁଖାନୁଭୂତି ମଧ୍ୟ ଇଚ୍ଛା କରୁଛି । ଏହା କ'ଣ ଅତି ବଡ଼ ଏବଂ ଅତି ବ୍ୟାପ୍ତ ଏକ କାର୍ଯ୍ୟକ୍ରମ ?

ତୁମ ମାଆର ଅନେକ ଆଶୀର୍ବାଦ ସହିତ ।

*୧୨ ଜୁନ୍ ୧୯୩୪*

*ମାଆ,*

*ନୀତିନିୟମର ମୋର ଗୋଟିଏ ଶୃଙ୍ଖଳା ଦରକାର ।*

ଏହା ଏକ ଅତି ସୁନ୍ଦର କଥା ଏବଂ ମୁଁ ମଧ୍ୟ ତାହାହିଁ ଇଚ୍ଛା କରୁଛି । ବାହ୍ୟ ଏବଂ ଆନ୍ତର ଶୃଙ୍ଖଳା ବ୍ୟତୀତ ଜୀବନରେ ଆଧ୍ୟାତ୍ମିକ କିଂବା ଭୌତିକ ଆଦୌ କିଛି ପ୍ରାପ୍ତ ହୋଇପାରେ ନାହିଁ । ଯେଉଁମାନେ ନିଜର ଜୀବନରେ ସୁନ୍ଦର ବା ଉପଯୋଗୀ ବୋଲି କିଛି ସୃଷ୍ଟି କରିପାରିଛନ୍ତି, ସେମାନେ ସର୍ବଦା ନିଜକୁ ଶୃଙ୍ଖଳିତ କରି ରଖିବାର ମାର୍ଗଟିକୁ ଅବଶ୍ୟ ଶିକ୍ଷା କରିଛନ୍ତି ।

ସମସ୍ତ ପ୍ରେମ ସହିତ ସର୍ବଦା ତୁମ ନିକଟସ୍ଥ ।

*୨୩ ଜୁନ୍ ୧୯୩୪*

ହଁ, ମୋ' କୁନି ଶିଶୁ,

ମୁଁ ହେଉଛି ତୁମର ଯଥାର୍ଥ ମାଆ, ଯିଏକି ତୁମ ଭିତରେ ଯଥାର୍ଥ ସତ୍ତାଟିକୁ ଜନ୍ମ ଦେଇପାରିବ; ସେହି ସତ୍ତାଟିକୁ, ଯିଏକି ସକଳ ପରିସ୍ଥିତିର ନିର୍ବିଶେଷରେ ମୁକ୍ତ, ଶାନ୍ତ, ଶକ୍ତିମାନ୍ ଏବଂ ଖୁସୀ ହୋଇ ରହିଥାଏ ।

ତୁମ ମାଆର ପ୍ରେମ ଜାଣିବ । *୨୫ ଜୁଲାଇ ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ଆପଣଙ୍କର ଶିଶୁଟିକୁ ଶକ୍ତି ଓ ବଳ ଦିଅନ୍ତୁ । ମୋତେ ଆପଣଙ୍କର ହୃଦୟ ଭିତରକୁ ନେଇଯାଆନ୍ତୁ । ମୁଁ ଯେପରି ଆପଣଙ୍କ ଭିତରେହିଁ ବାସ କରିପାରେ ।*

ମୋ'ର ପ୍ରିୟ ଶିଶୁ,

ମୁଁ ସର୍ବଦା ତୁମକୁ ମୋ' ହୃଦୟ ଭିତରେ ବହନ କରିଛି ଏବଂ ତୁମେ ଶକ୍ତି ଦ୍ୱାରା ଅବଗାହିତ ହୋଇ ରହିଛ । ଏକ ଶାନ୍ତ ଏବଂ ବିଶ୍ୱାସପୂର୍ଣ୍ଣ ଅଭୀପ୍ସା ବଳରେହିଁ ତୁମେ ତାହାକୁ ଗ୍ରହଣ କରିପାରିବ । ମୋ'ର ସମସ୍ତ ଭଲ ପାଇବା ତୁମ ସହିତ ରହିଛି ।

ମୋ'ର ଚିଠିଗୁଡ଼ିକୁ ତୁମେ ଅନ୍ୟ କାହାରିକୁ ଦେଖାଉ ନାହଁ ବୋଲି ମୁଁ ଆଶା କରୁଛି । ସେଗୁଡ଼ିକୁ ନିଜ ପାଖରେ ସୁରକ୍ଷିତ ରଖିଲେହିଁ ଅଧିକ ଭଲ ହେବ । ନଚେତ୍, ଯଦି ଅନ୍ୟମାନଙ୍କୁ ଦେଖାଇବ, ତେବେ ମୁଁ ସେଗୁଡ଼ିକ ମଧ୍ୟରେ ସଞ୍ଚାରିତ କରି ରଖିଥିବା ସକଳ ଶକ୍ତି ଅନ୍ତର୍ହିତ ହୋଇଯିବ । *୧୧ ଅଗଷ୍ଟ ୧୯୩୪*

*ମାଆ, ମୋ' ସ୍ନେହମୟି ମାଆ,*

*ମୋ'ର ଯାହାକିଛି ଆବଶ୍ୟକ, ତାହା ଆପଣ ସବୁକିଛି ଜାଣିଛନ୍ତି । ମୋତେ ଆପଣଙ୍କର ହୃଦୟ ମଧ୍ୟକୁ ନେଇଯାଆନ୍ତୁ । ମୋତେ ବେଷ୍ଟନ କରି ରହନ୍ତୁ ।*

ମୋ'ର ପ୍ରିୟ ଶିଶୁ, ତୁମର ଯାହା ଦରକାର, ସେକଥା ମୁଁ ଭଲକରି ଜାଣିଛି । ସେହି କଥାଟି ହେଉଛି ଯେ ଏକ ସୁରକ୍ଷାରୂପେ ମୋ'ର ପ୍ରେମ ତୁମକୁ ବେଷ୍ଟନ କରି ରହିବ । ଏବଂ, ମୋ'ର ପ୍ରେମ ଯଥାର୍ଥରେ ତୁମ ସହିତ ରହିଛି; ତୁମକୁ ବେଷ୍ଟନ କରି ରହିଛି । ମାତ୍ର, ତୁମ ଆଡୁ ତୁମେ ମଧ୍ୟ ସେଥିଲାଗି ଉନ୍ମୋଚିତ ହୋଇଯିବ, ତାହାକୁ ତୁମକୁ ଘୋଡ଼ାଇ ରଖିବା ଲାଗି ଓ ତୁମର ସହାୟତା କରିବା ଲାଗି ବାଟ ଛାଡ଼ିଦେବ ।

*୧୬ ଅଗଷ୍ଟ ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ଆଜି ସନ୍ଧ୍ୟାରେ ମୁଁ ଆପଣଙ୍କ ଲାଗି ଯେଉଁ ଲଫାପାଟି ପଠାଉଛି, ମୁଁ ତା' ଉପରେ ଅଙ୍କା ହୋଇଥିବା ସିଂହ ଭଳି ହେବାକୁ ଇଚ୍ଛା କରୁଛି ।*

ମୋ'ର ପ୍ରିୟ କୁନି ସିଂହ,

ମୁଁ ତୁମର ହୃଦୟ ଭିତରେ ରହିଛି, ଯେପରିକି ତାହା ପ୍ରସନ୍ନ ରହିପାରିବ; ମୁଁ ତୁମର ମସ୍ତିଷ୍କ ଭିତରେ ରହିଛି, ଯେପରିକି ତାହା ଶାନ୍ତ ରହିପାରିବ । ଏବଂ, ତୁମ ହାତ ଭିତରେ ରହିଛି ଯେପରିକି ତାହା କୁଶଳତା ଅର୍ଜନ କରିପାରିବ ।

ମୋ'ର ସମସ୍ତ ପ୍ରେମ ସହିତ ।

*୨୧ ଅଗଷ୍ଟ ୧୯୩୪*

ମୋ'ର ପ୍ରିୟ କୁନି ଶିଶୁ,

ତୁମ ସିଂହଗୁଡ଼ିକ ଚମତ୍କାର ହୋଇଛନ୍ତି । ନିଜର ଶକ୍ତିରେ ସେମାନେ କେଡ଼େ ଶାନ୍ତ ହୋଇ ରହିଛନ୍ତି । ଏକ ସବଳ ସତ୍ତା ସର୍ବଦା ଶାନ୍ତ ହୋଇ ରହିଥାଏ । ଦୁର୍ବଳତାହିଁ ଅସ୍ଥିରତା ସୃଷ୍ଟି କରେ । ସଂକେନ୍ଦ୍ରିତ ଶକ୍ତିରୁ ଯେଉଁ ଶାନ୍ତି ସମ୍ଭବ ହୁଏ, ତୁମକୁ ମୁଁ ସେହି ଶାନ୍ତି (ମୋ' ଲଫାପା ଉପରେ, ଏବଂ ବାସ୍ତବରେ ମଧ୍ୟ) ପ୍ରେରଣ କରୁଛି ।

ନିଶ୍ଚିତ ହୁଅ ଯେ ତୁମେ ବଳବାନ୍ ହେବ, ଶାନ୍ତ ହେବ; ଏକ ପରିପୂର୍ଣ୍ଣ ଉପଲବ୍‌ଧିରେ ଏବଂ ଏହାର ପ୍ରାପ୍ତି ପାଇଁ ଦିବ୍ୟ ପରମସତ୍ତାଙ୍କର ସର୍ବଶକ୍ତିମତ୍ତାରେ ବିଶ୍ୱାସ

ସ୍ଥାପନ କର । ସେହି ଶକ୍ତି ଏବଂ ଚେତନା ତୁମ ସହିତ ସର୍ବଦା ରହିଛି, ମୋ'ର ସମସ୍ତ ପ୍ରେମ ମଧ୍ୟ ରହିଛି ।

ତୁମର ମାଆ । *୨୧ ଅଗଷ୍ଟ ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ଆପଣ ମୋତେ ବିଶୁଦ୍ଧ କରନ୍ତୁ । ଛାଇଗୁଡ଼ାକୁ ଅନ୍ତର୍ହିତ କରାଇ ନିଅନ୍ତୁ । ମୁଁ ଆଉ କେବେହେଲେ ବିଦ୍ରୋହ କରିବି ନାହିଁ ।*

ମୋ'ର ଅପରିବର୍ତ୍ତନଶୀଳ ପ୍ରେମ ଉପରୁ ତୁମେ କଦାପି ବିଶ୍ୱାସ ହରାଇବ ନାହିଁ ।

*୩୦ ଅଗଷ୍ଟ ୧୯୩୪*

*ମାଆ,*

*ମୁଁ ମୁଣ୍ଡରେ ଏକ ଯନ୍ତ୍ରଣା ଅନୁଭବ କରୁଛି । ଅତ୍ୟନ୍ତ କ୍ଳାନ୍ତି ଲାଗୁଛି ।*

ମୋ' ଶିଶୁ, ମୋ'ର ସମସ୍ତ ପ୍ରେମ ସର୍ବଦା ତୁମ ସହ ରହିଛି, ତାହାକୁ ଦୂରକୁ ଠେଲି ଦିଅ ନାହିଁ ।

*୧ ସେପ୍ଟେମ୍ବର ୧୯୩୪*

ମୋ'ର ପ୍ରିୟ ଶିଶୁ,

ଆହାରଶାଳାରୁ ମୋତେ ଖବର ଦିଆଯାଇଛି ଯେ, ତୁମେ କାଲି ସନ୍ଧ୍ୟାରେ କିଛି ଖାଇ ନ ଥିଲ । ଆଜି ଦିନମାନ ମଧ୍ୟ କିଛି ଖାଇ ନାହଁ । କାହିଁକି ? ଯଦି ତୁମର ଦେହ ଖରାପ ଅଛି, ତେବେ ତାହାର ଅବଶ୍ୟ ଚିକିତ୍ସା କରାଯିବ । ମୁଁ ଡାକ୍ତରଙ୍କୁ ତୁମ ପାଖକୁ ଯିବାକୁ କହିବି । ମାତ୍ର, ଯଦି ଦେହ ଖରାପ ନ ଥାଏ, ତେବେ ତୁମକୁ ନିଶ୍ଚୟ ଖାଇବାକୁ ହେବ । ନିୟମିତ ଭାବରେ ଆହାର ନ କଲେ ତୁମର ମସ୍ତିଷ୍କର ଶକ୍ତି ମଧ୍ୟ ଚାଲିଯିବ ଏବଂ ତୁମେ ନିଜର ବୁଦ୍ଧି ହରାଇ ବସିବ, ତା'ପରେ କ'ଣ ହେବ ?

ତୁମେ ନିୟମିତ ଖାଇବା ନ ଖାଇଲେ ମୋ' ମନରେ ଭାରି ଦୁଃଖ ହୁଏ । ଯେଉଁ ମାଆ ତୁମକୁ ଏତେ ଭଲ ପାଏ ଓ ତୁମର କେବଳ ଭଲହିଁ ଇଚ୍ଛା କରେ, ତୁମେ ସେହି ମାଆର ମନରେ ଦୁଃଖ ଦେବ କି ?

*ସେପ୍ଟେମ୍ବର ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ଆଜିଠାରୁ ମୁଁ ଆଦୌ ଅନିୟମିତ ହେବି ନାହିଁ । ଆପଣ ଭଲ କରି ଜାଣନ୍ତି ଯେ ମୋ'ର ଦେହ ଖରାପ ହୋଇ ନାହିଁ । ସତେଅବା ଗୋଟାଏ ମେଘ ଯେ ମୋତେ ଆଚ୍ଛନ୍ନ କରି ରହିଥିଲା, ସେକଥା ଆପଣ ଜାଣନ୍ତି । ଏବେ ମୁଁ ଭୋଜନ ଗୃହକୁ ଯାଉଛି । ମାଆ ମୋ'ର, ମୁଁ ପ୍ରକୃତରେ ଭଲ ହେବାକୁ ଚାହୁଁଛି । ବର୍ତ୍ତମାନ ସବୁକିଛି ଚାଲିଯାଇଛି । ମୁଁ ଆପଣଙ୍କର କୁନି ଶିଶୁ ହୋଇ ରହିବାକୁ ଇଚ୍ଛା କରୁଛି ।*

ମୋ' ପ୍ରିୟ ଶିଶୁ,

ତୁମେ ଗୋଟିଏ ଭାରି ଭଲ ପିଲା ଏବଂ, କାଲି ସନ୍ଧ୍ୟାରେ ତୁମେ ଖାଇଲ ଏବଂ ତୁମର ସବୁ ମେଘ ଅନ୍ତର୍ହିତ ହୋଇଗଲେଣି ଜାଣି ମୁଁ ଭାରି ଖୁସୀ । ବର୍ତ୍ତମାନ ତୁମେ ସେଗୁଡ଼ିକୁ ଫେରି ଆସିବା ଲାଗି ଆଦୌ ଅନୁମତି ଦେବ ନାହିଁ । ସେଥି ସକାଶେ ସର୍ବୋତ୍ତମ କାର୍ଯ୍ୟ ହେଉଛି ଯେ ତୁମେ ମୋ'ର ବାହୁ ଯୁଗଳ ଭିତରେ ଆସି ସର୍ବଦା ରହିଥିବ ଏବଂ ତୁମକୁ କଦାପି ଛାଡ଼ି ଚାଲି ଯାଉ ନ ଥିବା ମୋ'ର ପ୍ରେମ ଦ୍ୱାରା ସୁରକ୍ଷିତ ରହିଥିବ ।

*୭ ସେପ୍ଟେମ୍ବର ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ମୁଁ ଏପରି କିଛି କରିଛି ଯେଉଁଥିରେ କି ଆପଣ ଅସନ୍ତୁଷ୍ଟ ହୋଇଛନ୍ତି ? ମୋ'ର ମୁଣ୍ଡ ଭାରି ବିନ୍ଧୁଛି । ଭାରି କ୍ଳାନ୍ତି ଲାଗୁଛି ।*

ତୁମେ ସମ୍ପୂର୍ଣ୍ଣ ଭୁଲ୍ ବୁଝିଛ, ମୁଁ ତୁମ ଉପରେ ଆଦୌ ଅସନ୍ତୁଷ୍ଟ ହୋଇ ନାହିଁ । ମୁଁ କେବଳ ଟିକିଏ ଚିନ୍ତିତ ଅଛି, କାରଣ ସବୁବେଳେ ତୁମର ମୁଣ୍ଡବ୍ୟଥା ହେଉଛି ଏବଂ ତୁମେ ଏପରି କ୍ଳାନ୍ତ ହୋଇ ପଡୁଛ ।

ମୁଁ ଚାହୁଁଛି ସେହି ସବୁକିଛି ଦୂର ହୋଇଯାଉ ଏବଂ ତୁମେ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହୁଅ ବୋଲି ମୁଁ ଇଚ୍ଛା କରୁଛି । ସେଥିଲାଗି ତୁମକୁ ଏକ ଶାରୀରିକ ଶୃଙ୍ଖଳା ଭିତରେ ରହିବାକୁ ପଡ଼ିବ : ନିୟମିତ ଭାବରେ ଶୋଇବ, ନିୟମିତ ଭାବରେ ଖାଇବ, ନିୟମିତ ବ୍ୟାୟାମ କରିବ, ଇତ୍ୟାଦି, ଇତ୍ୟାଦି । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ତୁମେ କୌଣସି ଶୃଙ୍ଖଳା ସ୍ୱୀକାର କରୁ ନାହଁ । ଏହାଦ୍ୱାରା ମୋ'ର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇ ପଡୁଛି ।

ମୋ'ର ସମସ୍ତ ପ୍ରେମ ସହିତ ।

*୧୧ ସେପ୍ଟେମ୍ବର ୧୯୩୪*

*ପ୍ରିୟତମା ମାଆ,*

*ମୋତେ ଭାରି କ୍ଳାନ୍ତି ଲାଗୁଛି ଏବଂ ମୁଣ୍ଡ ବିନ୍ଧୁଛି । ମାଆ, ମୁଁ କ'ଣ କରିବି ?*

ମୋ'ର ପ୍ରିୟ ଶିଶୁ,

ତୁମେ ଜାଣିଛ ଯେ ମୋ'ର ପ୍ରେମ ସର୍ବଦା ତୁମ ସହିତ ରହିଛି ଏବଂ ତୁମେ ସୁସ୍ଥ ହୋଇଯାଅ ବୋଲି ମୁଁ ଇଚ୍ଛା କରୁଛି । ତୁମକୁ ସ୍ୱାସ୍ଥ୍ୟ ପ୍ରଦାନ କରିବା ଲାଗି ମୋ'ର ଶକ୍ତି ମଧ୍ୟ ତୁମ ସହିତ ରହିଛି । ମୁଁ ତୁମକୁ ମୋ'ର ବାହୁଯୁଗଳରେ ଗ୍ରହଣ କରୁଛି, ମୋ' ହୃଦୟ ଭିତରକୁ ନେଇ ଯାଉଛି । *୨୦ ସେପ୍‌ଟେମ୍ବର ୧୯୩୪*

ମୋ'ର ପ୍ରିୟ ଶିଶୁ,

ତୁମର ଦେହ ଖରାପ ହେଉ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ ଏବଂ ତୁମର ଆରୋଗ୍ୟବିଧାନ କରିବାକୁ ମୁଁ ସର୍ବଦା ତୁମ ପାଖରେ ରହିଛି । – ମାତ୍ର ତୁମ ନିଜର ମଧ୍ୟ ଆରୋଗ୍ୟଲାଭ କରିବା ଲାଗି ଇଚ୍ଛା ରହିଥିବା ଆବଶ୍ୟକ । ନିଜକୁ ଆଦୌ କଷ୍ଟ ଦିଅ ନାହିଁ ଏବଂ ମୋ'ର ପ୍ରେମ ଏବଂ ଶକ୍ତି ଲାଭ କରିବା ଲାଗି ସର୍ବଦା ମୋ'ର ଦୁଇ ବାହୁ ଭିତରେ ଲାଖି୍ ରହିଥାଅ । *୨୩ ସେପ୍‌ଟେମ୍ବର ୧୯୩୪*

ମୋ'ର ପ୍ରିୟ ଟିକି ଶିଶୁ,

ତୁମ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ ଯେ, ଅହଙ୍କାର, ଦାମ୍ଭିକତା ଏବଂ ପରଶ୍ରୀକାତରତାକୁ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ; ସେଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ କୁତ୍ସିତ, ନୀଚ ଏବଂ ଅଜ୍ଞାନମୟ ଓ ସେମାନେ ସକଳ ଅଗ୍ରଗତିକୁ ଅଟକାଇ ରଖିଥାନ୍ତି ।

ଏମାନଙ୍କୁ ଜୟ କରିବା ପାଇଁ ମୋ ଶକ୍ତି ତୋ'ଠାରେ ରହିଛି । ଏବଂ ମୋର ପ୍ରେମ ତୋତେ କଦାପି ଏକଲା ଛାଡ଼ି ଯାଏ ନାହିଁ ।

*୨୫ ସେପ୍‌ଟେମ୍ବର ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ମୁଁ ଆଦୌ ଦୁଃଖୀ ନୁହେଁ । ସେହି ସବୁକିଛି ହେଉଛି ଏକ ମିଥ୍ୟା ।*

*ମାଆ, ଆପଣ ଆପଣଙ୍କର କୁନି ଶିଶୁଟି ପାଖରେ ରହିଥାନ୍ତୁ ।*

ମୋ'ର ପ୍ରିୟ ଶିଶୁ,

ମୁଁ ସବୁବେଳେ, ସବୁବେଳେ ତୁମ ସହିତ ରହିଛି, ଏବଂ, ତୁମେ ଯେତିକି ଅଧିକ ସ୍ଥିର ଓ ଖୁସୀ ହୋଇ ରହିପାରିବ, ଏହି କଥାଟିକୁ ମଧ୍ୟ ସେତିକି ଅଧିକ ଅନୁଭବ କରିପାରିବ ।

ମୋ'ର ସମସ୍ତ ପ୍ରେମ ସହିତ ।

*୩ ଅକ୍ଟୋବର ୧୯୩୪*

*ମୋ' ଆଦରଣୀୟ ମାଆ,*

*ଆପଣ ମୋତେ ଶାନ୍ତି ଦିଅନ୍ତୁ, କର୍ମରେ ଆନନ୍ଦ ଦିଅନ୍ତୁ । ମୋତେ ଆପଣଙ୍କର ଯନ୍ତ୍ର କରିଦିଅନ୍ତୁ ।*

ମୋ'ର ପ୍ରିୟ ଶିଶୁ,

ତୁମେ ମୋ'ର ଯନ୍ତ୍ର ହେବାକୁ ଚାହୁଁଛ, ଏକଥା ଜାଣି ମୁଁ ଭାରି ଖୁସୀ । ମୋ'ର ଯନ୍ତ୍ର ହୋଇ ପାରିବାକୁ ହେଲେ, ତୁମକୁ ନିୟମିତ ହେବାକୁ ପଡ଼ିବ, ଶକ୍ତିମାନ୍, ସାହସୀ ଓ ସହିଷ୍ଣୁ ହେବାକୁ ପଡ଼ିବ । ସବୁବେଳେ ଉତ୍ତମ ମିଜାଜ୍‌ର ହେବାକୁ ପଡ଼ିବ । ତୁମେ ଯେ ଏହିସବୁ ଗୁଣର ଅଧିକାରୀ ହୋଇପାରିବ, ମୋ'ର ଏଥିରେ ସନ୍ଦେହ ନାହିଁ ।

ସର୍ବଦା ତୁମ ସହିତ ।

*୨୫ ଅକ୍ଟୋବର ୧୯୩୪*

*ମୋ' ଆଦରଣୀୟା ମାଆ,*

*ମୁଁ ଶାନ୍ତି ଚାହୁଁଛି । ସବୁକିଛି ମୋତେ ଅଶାନ୍ତ ହୋଇ ରହିଥିବା ପରି ଲାଗୁଛି । ମାଆ, ଆପଣ ମୋତେ ଶାନ୍ତି ଦିଅନ୍ତୁ ।*

ମୋ' ଶିଶୁ,

ମୁଁ ତୁମକୁ ନିରନ୍ତର ଶାନ୍ତି ଏବଂ ଶକ୍ତି ଦ୍ୱାରା ଆଚ୍ଛାଦିତ କରି ରଖିଛି । ମାତ୍ର, ତୁମେ ଅଧିକାଂଶ ସମୟରେ ଆପଣାକୁ କିଳି ରଖିଥାଅ ଏବଂ ମୁଁ ତୁମକୁ ଯାହା ଦିଏ, ତାହା ନେବାକୁ ସମ୍ମତ ହୁଅ ନାହିଁ ।

ମୋ' ଉପରେ ବିଶ୍ୱାସ ସ୍ଥାପନ ନ କଲେ ତୁମେ କିପରି ମୋ'ର ସହାୟତାକୁ ଅନୁଭବ କରିପାରିବ ଏବଂ ତାହାର ସୁଯୋଗ ଗ୍ରହଣ କରିପାରିବ ? ତଥାପି ମୋ'ର ପ୍ରେମ ସର୍ବଦା ତୁମ ସହିତ ରହିଛି ।

*୧ ନଭେମ୍ବର ୧୯୩୪*

*ମୋ'ର ପ୍ରିୟତମା ମାଆ,*

*ଆପଣ ମୋତେ କ୍ଷମା କରିବେ ନାହିଁ ? ମାଆ, ଆପଣଙ୍କର ବାହୁଯୁଗଳରେ ମୋତେ ଗ୍ରହଣ କରି ନିଅନ୍ତୁ ।*

ମୋ' ଶିଶୁ,

ତୁମକୁ ମୁଁ ଅବଶ୍ୟ କ୍ଷମା କରି ଦେଉଛି । ମାତ୍ର, ତୁମ ଆଡ଼ୁ ମଧ୍ୟ ତୁମେ ଆପଣାର ମନ ଭିତରୁ ତୁମର କ୍ଷତି କରୁଥିବା ଏହିସବୁ ମନ୍ଦ ଭାବନାକୁ ପରିଷ୍କାର କରି ପୋଛିଦେବ ।

ମୋ'ର ପ୍ରେମ ତୁମ ସହିତ ରହିଛି ।

*୨ ନଭେମ୍ବର ୧୯୩୪*

*ମୋ'ର ଆଦରଣୀୟା ଅନ୍ତରଙ୍ଗ ମାଆ,*

*ମୁଁ ଯେଉଁସବୁ ଭୁଲ୍ କରିଛି, ଆପଣ ସେଗୁଡ଼ିକୁ କ୍ଷମା କରନ୍ତୁ । ମୋତେ ଶାନ୍ତି ଦିଅନ୍ତୁ । ସର୍ବଦା ମୋ' ହୃଦୟ ଭିତରେ ରହିଥାନ୍ତୁ ।*

ହଁ, ମୋର ପ୍ରିୟ ଶିଶୁ, ମୁଁ ତୁମକୁ କ୍ଷମା କରୁଛି; ମାତ୍ର ମୁଁ ପ୍ରକୃତରେ କେତେ ଇଚ୍ଛା କରୁଛି ଯେ, ତୁମେ ଅଧିକ ସ୍ଥିର ହୁଅନ୍ତ, ଅଧିକ ବିବେକୀ ହୁଅନ୍ତ, ଅଧ୍ୟୟନରେ ଅଧିକ ମନ ଲଗାଇ ପାରନ୍ତ !

ତୁମେ ନିଜ ଜୀବନରେ ଯଦି ଆଦୌ କିଛିହେଲେ କରିବାକୁ ଇଚ୍ଛା କରୁଥାଅ, ତେବେ ସେଥିଲାଗି ଏକାନ୍ତ ଅପରିହାର୍ଯ୍ୟ କେତେକ ଗୁଣର ବିକାଶ କରିବା ତୁମ ଲାଗି ବର୍ତ୍ତମାନ ଅତ୍ୟନ୍ତ ଆବଶ୍ୟକ ବୋଲି ତୁମେ କ'ଣ ଭାବିପାରୁ ନାହଁ ?

*୫ ଡିସେମ୍ବର ୧୯୩୪*

*ପ୍ରିୟତମା ମାଆ,*

*ଆପଣ ସର୍ବଦା ମୋ' ସହିତ ରହିଥାନ୍ତୁ । ଆପଣଙ୍କୁ ସବୁ ଜଣାଅଛି ।*

ହଁ, ମୁଁ ସବୁ ଜାଣିଛି ଏବଂ ମୁଁ ସେଇଥିଲାଗି ଏକଥା ମଧ୍ୟ ଜାଣିଛି ଯେ ମୋ'ର କୁନି ଶିଶୁଟି ସବୁବେଳେ ବିବେକର ସହିତ ଆଦୌ କାର୍ଯ୍ୟ କରୁ ନାହିଁ ଏବଂ ସେହି କାରଣରୁ ତା'ର ମୁଣ୍ଡ ବଥାଉଛି, ପେଟରେ ମଧ୍ୟ ପୀଡ଼ା ହେଉଛି ।

*୨୨ ଡିସେମ୍ବର ୧୯୩୪*

*ମୋ'ର ଆଦରଣୀୟା ମାଆ,*

*ମୁଁ ତୁମକୁ ସବୁବେଳେ ମୋ' ପାଖରେ ରହିଥିବାର ଅନୁଭବ କରିବାକୁ ଇଚ୍ଛା କରୁଛି । ମୁଁ ଶାନ୍ତି ଚାହୁଁଛି ।*

ମୋ' ଟିକି ଶିଶୁ,

ମୁଁ ସର୍ବଦା ତୁମ ସହିତ ରହିଛି ଓ ତୁମ ଲାଗି ଶାନ୍ତି, ସ୍ଥିରତା, ନିଶ୍ଚଳତା ଏବଂ ଶକ୍ତିକୁ ବହନ କରି ଆଣୁଛି । ମାତ୍ର, ମୋ'ର ଉପସ୍ଥିତିକୁ ଅନୁଭବ କରିପାରିବାକୁ ହେଲେ ତୁମକୁ କ'ଣ କରିବାକୁ ହେବ, ତୁମେ ସେକଥା ଜାଣିଛ; ବିଶେଷତଃ, କ'ଣ ନ କରିବାକୁ ହେବ, ସେକଥା ମଧ୍ୟ ଜାଣିଛ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୧ ଫେବ୍ରୁଆରି ୧୯୩୫*

ମୋ' ପ୍ରିୟ ଶିଶୁ,

ଯଥେଷ୍ଟ ଶାରୀରିକ ବ୍ୟାୟାମ କରିବା ହେଉଛି ତୁମ ମୁଣ୍ଡବ୍ୟଥା ଭଲ ହେବାର ସର୍ବୋତ୍ତମ ଉପାୟ (ଉଦାହରଣ ସ୍ୱରୂପ, ବଗିଚାରେ କାମ କରିବା) ।

*୨୫ ଫେବ୍ରୁଆରି ୧୯୩୫*

*ମୋ'ର ସ୍ନେହମୟି ମାଆ,*

*ଆପଣ ନିଜର ଉପସ୍ଥିତି ଦ୍ୱାରା ମୋ'ର ଭାବନାକୁ ପୂର୍ଣ୍ଣ କରିଦିଅନ୍ତୁ । ଆପଣଙ୍କର ଏହି ଟିକି ଶିଶୁଟି ସହିତ ଆପଣ ସର୍ବଦା ରହିଥାଆନ୍ତୁ । ମୋତେ ଏକ ଗଭୀର ଓ ସ୍ଥାୟୀ ଶାନ୍ତି ଆଣି ଦିଅନ୍ତୁ ।*

ମୋ'ର ପ୍ରିୟ ଶିଶୁ,

ମୁଁ ତୁମ ହୃଦୟ ଭିତରକୁ ଶାନ୍ତି ବହନ କରି ଆଣୁଛି; ମାତ୍ର, ସେହି ବିଷୟରେ ସଚେତନ ହେବା ନିମନ୍ତେ ତୁମକୁ ଯଥାସମ୍ଭବ ଅଧିକ ସମୟରେ, ମନ ଭିତରେ ମୋ'ରି ଆଡ଼କୁ ଅନାଇ ବାରବାର ''ଆପଣ ମୋ' ହୃଦୟ ଭିତରେ ଶାନ୍ତି ଆଣି ଦେଇଛନ୍ତି, ମୋତେ ସେହି ବିଷୟରେ ଆପଣ ସଜ୍ଞାନ କରି ରଖନ୍ତୁ'' ବୋଲି ଉଚ୍ଚାରଣ କରିବାକୁ ପଡ଼ିବ ।

ମୋ'ର ସମସ୍ତ ଭଲ ପାଇବା ସହିତ ।

*୨୭ ଫେବ୍ରୁଆରି ୧୯୩୫*

ମୋ'ର ପ୍ରିୟ ଶିଶୁ,

କେବେ ଭୁଲିଯିବ ନାହିଁ ଯେ **ମୁଁ ସବୁବେଳେ ତୁମ ପାଖରେ ରହିଛି** ଏବଂ, ମୋ' ସମ୍ମୁଖରେ ତୁମେ ଆଦୌ କୌଣସି ଲଜ୍ଜା ଅନୁଭବ ନ କରି ଯାହା କରିପାରିବ, ତୁମେ କେବଳ ସେହିଗୁଡ଼ିକୁହିଁ କର । ଅର୍ଥାତ୍, ମୁଁ ଶରୀରସ୍ତରରେ ତୁମ ପାଖରେ ଉପସ୍ଥିତ ରହିଥିବା ବେଳେ ତୁମେ ଯାହା କରିବାକୁ କଦାପି ସାହସ କରିବ ନାହିଁ, ତୁମେ ସେହି କାର୍ଯ୍ୟଗୁଡ଼ିକୁ **କଦାପି କରିବ ନାହିଁ** । କାରଣ ମୁଁ ସର୍ବଦାହିଁ ତୁମ ପାଖରେ ରହିଛି ।

ପ୍ରେମର ସହିତ ।

*୬ ମାର୍ଚ୍ଚ ୧୯୩୫*

*ମୋ'ର ସ୍ନେହମୟି ମାଆ,*

*ମୋ' ଭିତରେ କ'ଣ ଗୋଟାଏ କାହିଁକି ଯେ ଦୁଃଖୀ ହୋଇ ରହୁଛି, ମୁଁ ମୋଟେ ଜାଣିପାରୁ ନାହିଁ । ଏପରିକି, ମୁଁ ଯେତେବେଳେ ଖୁବ୍ ଖୁସୀ, ପ୍ରକୃତରେ ଖୁସୀ, ସେତେବେଳେ ମଧ୍ୟ ଏହି ଅଂଶଟି ଦୁଃଖୀ ହୋଇ ରହୁଛି । ମାଆ, ମୋ' ଭିତରେ କେଉଁ ଅଂଶଟି ଏପରି ହୋଇ ରହିଛି ? ହୃଦୟ ନା ପ୍ରାଣ, ଅଥବା ଏହା ଏକ ଅତ୍ୟନ୍ତ ଅଗଭୀର ଅଂଶ, ଯାହାର କି ଆଦୌ କୌଣସି ଅର୍ଥ ନାହିଁ ?*

ମୋ' ଆଦରର ଶିଶୁ,

ଏହା ବସ୍ତୁତଃ ଏକ ଅତ୍ୟନ୍ତ ଅଗଭୀର ଉପାଦାନଟିଏ, ତଥାପି ତାହାର ଆରୋଗ୍ୟବିଧାନ ଅବଶ୍ୟ କରିବାକୁ ହେବ । ତୁମର ଶରୀର ଆପଣାକୁ ଆଦୌ ସବଳ ବୋଲି ଅନୁଭବ କରୁ ନାହିଁ ଓ ସର୍ବଦା ଦୁଃଖୀ ହୋଇ ରହିଛି, କାରଣ ସ୍ୱାସ୍ଥ୍ୟର କ୍ଷେତ୍ରରେ ତାହା ଏକ ସୁସ୍ଥ ଭାରସାମ୍ୟ ରକ୍ଷା କରିପାରୁ ନାହିଁ । ଏହାର ସର୍ବୋତ୍ତମ ପ୍ରତିକାର ହେଉଛି ଯେ ତୁମେ ଖୋଲା ପବନରେ ଯଥେଷ୍ଟ ବ୍ୟାୟାମ କରିବ ଏବଂ ଯଥେଷ୍ଟ ଖାଦ୍ୟ ମଧ୍ୟ ଖାଇବ ।

*୧୬ ମାର୍ଚ୍ଚ ୧୯୩୫*

*ମୋ'ର ଆଦରଣୀୟା ମାଆ,*

*ମୁଁ ମୋ'ର ସକଳ ଖୁସୀ ଓ ସକଳ ଶାନ୍ତିକୁ କାହିଁକି ହରାଇ ବସିଛି, ସେକଥା ଆଦୌ ଜାଣିପାରୁ ନାହିଁ । ସେଗୁଡ଼ିକ ପୁଣି କେବେ ମୋ' ଭିତରକୁ ଫେରି ଆସିବେ କେଜାଣି ? ମୋ' ସ୍ନେହମୟି ମାଆ, ମୁଁ ବର୍ତ୍ତମାନ କ'ଣ କରିବି ?*

ମୋ' ପ୍ରିୟ ଶିଶୁ,

ଯେତେବେଳେ ଜଣେ ବ୍ୟକ୍ତିର ସମସ୍ତ ଧ୍ୟାନ କେବଳ ତା' ନିଜ ଉପରେହିଁ ରହିଥାଏ, ସେତେବେଳେ ସେ କେବେହେଲେ ସୁଖୀ ହୋଇପାରେ ନାହିଁ । ଯେତେବେଳେ କେହି ନିଜର ପ୍ରତ୍ୟେକ ସାମୟିକ ଆବେଗ ଦ୍ୱାରାହିଁ ପରିଚାଳିତ ହେବାକୁ ଆପଣାକୁ ଛାଡ଼ି ଦେଇଥାଏ, ସେତେବେଳେ ସେ କଦାପି ଶାନ୍ତି ପାଏ ନାହିଁ ।

କେବଳ କର୍ମ ଏବଂ ଆତ୍ମପ୍ରଭୁତ୍ୱ ଦ୍ୱାରାହିଁ ଖୁସୀ ମିଳେ, ଶାନ୍ତି ମଧ୍ୟ ମିଳେ ।

*୨୩ ମାର୍ଚ୍ଚ ୧୯୩୫*

*ସ୍ନେହମୟି ମାଆ,*

*ମୁଁ ଖୁସୀ ରହିବାକୁ ଇଚ୍ଛା କରେ; ମାତ୍ର କିପରି ? ମୋ'ର କାମ ବେଳେହିଁ ମୋତେ ସବୁ ଦୁଃଖ ଆସି ମାଡ଼ିବସୁଛି । ମୁଁ ତାହାକୁ ମୋଟେ ଭୁଲିପାରୁ ନାହିଁ । ମୋ'ର ଆଦରଣୀୟା ମାଆ, ଆପଣ ସର୍ବଦା ମୋ' ସହିତ ରହିଥାଆନ୍ତୁ ।*

ମୋ'ର ପ୍ରିୟ ଶିଶୁ,

କୌଣସି କାରଣ ନ ଥିବା ଏହି ଦୁଃଖର ଅନୁଭବ ତୁମେ କାମ କରୁଥିବା ବେଳେ ମଧ୍ୟ ଆସିପାରେ । ମାତ୍ର, ମୋଟେ କାମ ନ କଲେ ଅବସ୍ଥା ଆହୁରି ଖରାପ ହୋଇଯିବ । କେବଳ କର୍ମରେହିଁ ଭାରସାମ୍ୟ ଏବଂ ଆନନ୍ଦ ପ୍ରାପ୍ତ ହୋଇଥାଏ ।

ତୁମକୁ ସାହାଯ୍ୟ କରିବାକୁ ଓ ବଳ ଦେବାକୁ ମୁଁ ସର୍ବଦା ତୁମ ସହିତ ରହିଛି ।

ତୁମ ମାଆଠାରୁ ଅନେକ ପ୍ରେମ ।

*୧୨ ଜୁନ୍ ୧୯୩୫*

*ମୋ'ର ସ୍ନେହମୟି ମାଆ,*

*ମୋତେ ଭାରି କ୍ଳାନ୍ତି ଲାଗୁଛି; ମୋ'ର ଭିତରେ ଥିବା ଗୋଟିଏ ଅଂଶ ମୋଟେ ଖୁସୀ ନାହିଁ । ଏହି ଅଂଶଟି ମୋ' ଭିତରେ ଅଛି ଅଥବା ବାହାରେ ଅଛି, ମୁଁ ଆଦୌ ଜାଣିପାରୁ ନାହିଁ । ସେହି କୌଣସି ଅଂଶଟି ଆପଣାକୁ ଏକାନ୍ତ ଭାବରେ ଅସହାୟ ଓ ନିର୍ଜୀବ ପରି ଅନୁଭବ କରୁଛି । ମାଆ, ଆପଣ ତ ସବୁକିଛି ଜାଣିଛନ୍ତି । ଏଇଟି ପ୍ରକୃତରେ କ'ଣ, ସେକଥା ଆପଣ ମୋତେ କହିବେ କି ?*

ତୁମର ପ୍ରାଣ ଭିତରେ ଏପରି ଗୋଟିଏ କିଛି ରହିଛି, ଯାହାକି କୌଣସି କଷ୍ଟ ସହ୍ୟ କରିପାରୁ

ନାହିଁ । ଏତେ ଟିକିଏ କଷ୍ଟ ମଧ୍ୟ ସହିପାରୁ ନାହିଁ । ପ୍ରାଣର ଏହି ଭାଗଟିକୁ ଅଧିକ ସବଳ ଏବଂ ଅଧିକ ସହନଶୀଳ ହୋଇ ଶିଖିବାକୁ ପଡ଼ିବ ।

*୪ ଅଗଷ୍ଟ ୧୯୩୫*

*ମୋ'ର ଆଦରଣୀୟା ମାଆ,*

*ଭାରି କ୍ଳାନ୍ତି ଲାଗୁଛି । ଟିକିଏ ମୁଣ୍ଡବ୍ୟଥା ମଧ୍ୟ ରହିଛି ।*

ମୋ' ପ୍ରିୟ ଶିଶୁ,

ତୁମର ମୁଣ୍ଡବ୍ୟଥା କେଉଁଠାରୁ ଆସୁଛି, ସେକଥା ତୁମକୁ କହିବା ଦରକାର ନାହିଁ । ସେକଥା ତୁମେ ଜାଣିଛ ବୋଲି ମୋ'ର ଅନୁମାନ । ଆପଣାର ଭୌତିକ ଜୀବନରେ ସମ୍ପୂର୍ଣ୍ଣ ନିୟମିତ ହୋଇପାରିଲେ ଯାଇ ତୁମେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୬ ସେପ୍ଟେମ୍ବର ୧୯୩୫*

*ମୋ' ସ୍ନେହମୟି ମାଆ,*

*ତିନିଦିନ ହେଲା ସନ୍ଧ୍ୟାବେଳେ ମୁଁ ଅତ୍ୟନ୍ତ ବିଷଣ୍ଣ ଅନୁଭବ କରୁଛି । ଆଜି ସକାଳେ ମଧ୍ୟ ସେହିପରି ଲାଗିଲା । ଏହା କାହିଁକି ଆସୁଛି ମୁଁ ଠିକ୍ କରି କିଛି ଜାଣିପାରୁ ନାହିଁ । ଦୁଇଦିନ ଲାଗି ଖୁବ୍ ଖୁସୀ ଲାଗୁଥିଲା, ମାତ୍ର ବର୍ତ୍ତମାନ ସେହି ଖୁସୀ ଅନ୍ତର୍ହିତ ହୋଇ ଯାଇଛି । ଏହିସବୁ ମୋତେ କେବେ ଛାଡ଼ି ଚାଲିଯିବେ ?*

ମୋ' ପ୍ରିୟ ଶିଶୁ,

ଏହିସବୁ ପରିବର୍ତ୍ତନ ବିଷୟରେ ତୁମେ ଆଦୌ ଚିନ୍ତିତ ହେବ ନାହିଁ । ଯେତେବେଳେ ଚୈତ୍ୟସତ୍ତା ପୁରୋଭାଗକୁ ଆସିଯାଏ, ସେତେବେଳେ ତାହା ନିଜର ଖୁସୀଟିକୁ ସାଙ୍ଗରେ ନେଇ ଆସିଥାଏ; ମାତ୍ର ଯେତେବେଳେ ମନ ବା ପ୍ରାଣ ଆଗକୁ ଆସେ, ସେତେବେଳେ ଖୁସୀଟି ନିଜକୁ ପ୍ରତ୍ୟାହାର କରିନେବା ପରି ବୋଧହୁଏ । ଅବଶ୍ୟ ତାହା ସର୍ବଦା ସେଠାରେହିଁ ରହିଥାଏ, ପଶ୍ଚାଦ୍‌ଭାଗରେ ରହିଥାଏ, ନିଜକୁ ପୁଣି ପ୍ରକାଶ କରିବା ଲାଗି ପ୍ରସ୍ତୁତ ହୋଇ ରହିଥାଏ । ମାତ୍ର ସବୁଠାରୁ ବଡ଼ କଥା ହେଉଛି ଯେ, ତୁମେ କଦାପି ଅସମର୍ଥତା ଏବଂ ବିଫଳତାର ପ୍ରସ୍ତାବନାଗୁଡ଼ିକ ଉପରେ ବିଶ୍ୱାସ କରିବ ନାହିଁ । ସେଗୁଡ଼ିକ ଏକ ପ୍ରତିକୂଳ ଉତ୍ସରୁ ଆସିଥାନ୍ତି ଏବଂ ସେଗୁଡ଼ିକ ପ୍ରତି କୌଣସି ଆସ୍ଥା ଜଣାଇବା ମୋତେ

ଉଚିତ ନୁହେଁ । ବାଟରେ ଯେ ଅସୁବିଧାମାନ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ଅଧ୍ୟବସାୟ ବଳରେ ନିଶ୍ଚିତ ଭାବରେ ବିଜୟ ସମ୍ଭବ ହୋଇପାରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୧୬ ଡିସେମ୍ବର ୧୯୩୬*

*ସ୍ନେହମୟି ମାଆ,*

*ମୋ'ର ଅଗ୍ରଗତି ହେଉଛି ବୋଲି ଆପଣ ମୋତେ କହୁଥିଲେ । ଏପରି କହି ଆପଣ ମୋତେ ସାନ୍ତ୍ୱନା ଦେବାକୁ ଇଚ୍ଛା କରୁଥିଲେ କି ? ଯେତେବେଳେ ମୁଁ ନିଜ ଭିତରକୁ ଅନାଇ ଦେଖୁଛି,– କେବଳ ଏବେ ନୁହେଁ, ବିଗତ ଦୁଇବର୍ଷ ଧରି,– ମୁଁ ଆଦୌ କିଛି ଦେଖିପାରୁ ନାହିଁ । ବେଳେବେଳେ ମୁଁ ଅନୁଭବ କରୁଛି : ''ଏତେ ଏତେ ଚେଷ୍ଟାକରି ଲାଭ ବା କ'ଣ ହେଉଛି ? ସବୁ ଚେଷ୍ଟା କେବଳ ନିଷ୍ଫଳହିଁ ହୋଇଯିବ ।'' ଆପଣ ମୋତେ କହିଥିଲେ ଯେ ହୃଦୟଟାକୁ ଖୋଲିଦେଲେ ସବୁ ଭଲ ହୋଇଯିବ । ମାତ୍ର ମାଆ, ଆପଣ ତ ଜାଣିଛନ୍ତି, ମୋ' ଭିତରେ କିଛି ସ୍ଥାୟୀ ହୋଇ ରହୁ ନାହିଁ ।*

ମୋ'ର ପ୍ରିୟ ଶିଶୁ,

ତୁମେ ଯେ ଅଗ୍ରଗତି କରିଛ, ସେକଥା ତୁମକୁ ସାନ୍ତ୍ୱନା ଦେବା ଲାଗି ମୁଁ ଆଦୌ କହି ନ ଥିଲି । ବାହାରକୁ ଦେଖା ନ ଗଲେ ମଧ୍ୟ ଅଗ୍ରଗତି ହେବହିଁ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯୋଗର ପଥ ହେଉଛି ଅତ୍ୟନ୍ତ କଠିନ ପଥ ଏବଂ ତୁମେ ତିନିଚାରିଟା ବର୍ଷରେହିଁ ତାହାର ଫଳ ପାଇବା ଲାଗି କଦାପି ଆଶା କରିପାରିବ ନାହିଁ । ଏଥିଲାଗି ଅନେକ ଅଧିକ ସମୟ ଲାଗିବ । ମାତ୍ର ତୁମର ବୟସ ଅଳ୍ପ, ସମ୍ମୁଖରେ ଜୀବନଟା ଯାକ ପଡ଼ିଛି । ତେଣୁ ଧୈର୍ଯ୍ୟ ହରାଇବାର କୌଣସି କାରଣ ନାହିଁ ।

ତୁମେ କହୁଛ ଯେ ତୁମେ ଅଧିକାଂଶ ସମୟରେ ନିରାଶ ଅନୁଭବ କରୁଛ । ଆପଣାର ବାସନାଗୁଡ଼ିକ ପୂର୍ଣ୍ଣ ନ ହେଲେ ପ୍ରାଣିକ ସତ୍ତାହିଁ ନିରାଶ ଅନୁଭବ କରିଥାଏ ।

ସାଧାରଣ ଜୀବନରେ, ଆପଣା ବାସନାଗୁଡ଼ିକୁ ପୂର୍ଣ୍ଣ କରିବା ଲାଗି ସଂଗ୍ରାମ କରିବାକୁ ପଡ଼ିଥାଏ । ମାତ୍ର, ଯୋଗର ଏହି କ୍ଷେତ୍ରରେ ସେପରି ନ କରିବାକୁ ସଂଘର୍ଷ କରିବାକୁ ପଡ଼େ । ବସ୍ତୁତଃ, ତୁମେ ଯେଉଁ ପଥରେ ଯାତ୍ରା କରୁଥାଅ ପଛକେ, ଯେଉଁମାନେ ବଳଯୁକ୍ତ, ସାହସୀ ଏବଂ ସହନଶୀଳ, ସର୍ବଦା ସେହିମାନେହିଁ ସଫଳତା ହାସଲ କରନ୍ତି । ଏବଂ ତୁମେ ଜାଣିଛ ଯେ ଏଠାରେ ତୁମ ଲାଗି ଆମର ଶକ୍ତି ଏବଂ ଆମର ସହାୟତା

ସବୁବେଳେ ଉପଲବ୍ଧ ହୋଇ ରହିଛି । ତୁମେ ସେଗୁଡ଼ିକୁ କେବଳ କାମରେ ଲଗାଇବାକୁ ଶିକ୍ଷା କରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୨୬ ଜୁଲାଇ ୧୯୩୭*

*ମୋ'ର ଆଦରଣୀୟା ମାଆ,*

*ନାଇଁ, ମୁଁ ସେସବୁ କାର୍ଯ୍ୟ କରିପାରିବି ନାହିଁ । ଆପଣ ସେକଥା ଚିନ୍ତା କଲେ କିପରି ? ଏହାର କୌଣସି ବିଶେଷ କାରଣ ରହିଛି କି ? ଆପଣ ମୋତେ ଗୋଟିଏ କଥା ଦୟାକରି କହିବେ କି : ଏବେ ଆପଣ ମୋ'ଠାରୁ ଏତେ ଦୂରକୁ ଚାଲି ଯାଇଛନ୍ତି କାହିଁକି ?*

ମୋ'ର ପ୍ରିୟ ଶିଶୁ,

ତୁମେ ଠିକ୍ କେଉଁ **କଥାଗୁଡ଼ିକ** ବିଷୟରେ କହୁଛ ମୁଁ ବୁଝିପାରୁ ନାହିଁ । ତୁମକୁ ମୁଁ କେବଳ ଏତିକି କହିଥିଲି ଯେ, ତୁମର କଳାତ୍ମକ ସାମର୍ଥ୍ୟଗୁଡ଼ିକର ବିକାଶ ନିମନ୍ତେ ତୁମେ ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ଏଠାରେ ଅନେକ ଅଧିକ ଅନୁକୂଳ ସ୍ଥିତିରେ ରହିଛ । ତା' ସହିତ ଏତିକ ମଧ୍ୟ କହିଥିଲି ଯେ, ବିବାହ କରିବାକୁ ଇଚ୍ଛା କରୁଥିଲେ ତୁମକୁ ଆଶ୍ରମ ଛାଡ଼ିବାକୁ ପଡ଼ିବ ।

ମାତ୍ର ତୁମେ ତ ଜାଣିଛ ଯେ ମୁଁ କାହାରିକୁ ବିବାହ କରିବା ଲାଗି ପରାମର୍ଶ ଦିଏ ନାହିଁ । ଏହା ହେଉଛି ଏକ ଭୟଙ୍କର ବନ୍ଧନ ।

ତୁମେ ଯେ ବିବାହ କରିବାକୁ ପ୍ରକୃତରେ ଇଚ୍ଛା କରୁଛ, ସେକଥା ମୁଁ କେବେହେଲେ ଭାବି ନାହିଁ । ମାତ୍ର, ତୁମର ଯେ ପୂର୍ଣ୍ଣ ସ୍ୱାଧୀନତା ରହିଛି ଓ ତୁମେହିଁ ଯେ ନିଜ ବିଷୟରେ ଯାହାକିଛି ନିଷ୍ପତ୍ତି କରିବ – ମଝିରେ ମଝିରେ ତୁମକୁ ଏହି କଥାଟିକୁ ମନେ ପକାଇଦେବା ମୋ'ର କର୍ତ୍ତବ୍ୟ ବୋଲି ମୁଁ ମନେକରୁଛି । ବାସ୍, ଏତିକି ।

ତୁମେ ମୋ' ଠାରୁ ଦୂରରେ ଅଛ ବୋଲି ମୁଁ ଆଦୌ ଅନୁଭବ କରୁ ନାହିଁ । ମୋ' ପାଇଁ ତ ତୁମେ ସର୍ବଦା ମୋ'ର ବାହୁବେଷ୍ଟନ ମଧ୍ୟରେ ରହିଛ । ତୁମେ ଦୂରରେ ଅଛ ବୋଲି ଯଦି ତୁମେ ଭାବୁଥାଅ, ତେବେ ତାହା ହେଉଛି ଗୋଟିଏ ଭୁଲ୍ ଧାରଣା, ଏବଂ ସତ୍ୟ ସହିତ ତା'ର କୌଣସି ମେଳ ନାହିଁ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୨୮ ଜୁଲାଇ ୧୯୩୭*

*ମୋ'ର ସ୍ନେହମୟି ମାଆ,*

*ଆପଣ ମୋତେ କହୁଥିଲେ ଯେ ମୁଁ ଖେଳୁଥିବା ସମୟରେ ଆପଣ ଦୁଇଟି କଥା ଦେଖିଛନ୍ତି : ''ଗରୁଡ଼'', ରାଜପ୍ରାସାଦ ଓ ନଦୀ ଦେଖିଛନ୍ତି । ସେଗୁଡ଼ିକର ଅର୍ଥ କ'ଣ ?*

ରାଜପ୍ରାସାଦ ଓ ନଦୀ, ଏଗୁଡ଼ିକ ହେଉଛି ତୁମର ବିଗତ ଜନ୍ମଗୁଡ଼ିକର ଗୋଟିଏ ମୁହୂର୍ତ୍ତର ପ୍ରତିଛବି ।

ଏବଂ, ଡେଣା ମେଲାଇ ତୁମ ପଛରେ ଛିଡ଼ା ହୋଇଥିବା ସର୍ପକୁଳନାଶକ ବୃହତ୍ ''ଗରୁଡ଼'' ପକ୍ଷୀ ହେଉଛି ବିଷ୍ଣୁଙ୍କର ବାହନ । ତୁମକୁ ରକ୍ଷା କରିବାକୁ ଏବଂ ପ୍ରେରଣା ଦେବାକୁ ସେ ତୁମ ପଛରେ ଠିଆ ହୋଇଥିଲା ବୋଲି ମନେ ହେଲା ।

ତୁମ ମାଆଠାରୁ ଅନେକ ପ୍ରେମ ।

*୨୮ ଅଗଷ୍ଟ ୧୯୩୭*

ଜହ୍ନ ହେଉଛି ଆଧ୍ୟାତ୍ମିକ ଆଲୋକର ପ୍ରତୀକ,– ଉତ୍ସରେ ଏକ, ମାତ୍ର ରୂପାୟନର କ୍ଷେତ୍ରରେ ଅନେକ । ଜହ୍ନ ତ କେବଳ ଗୋଟିଏ, ମାତ୍ର ଏହାର ପ୍ରତିଟି ପ୍ରତିଫଳନ ଭିନ୍ନ । ମୁଁ ଏକ କାବ୍ୟିକ ଶୈଳୀରେ ଏହାହିଁ କହିବାକୁ ଇଚ୍ଛା କରିଥିଲି ।

ତୁମ ମାଆଠାରୁ ଅନେକ ପ୍ରେମ ।

*୯ ସେପ୍ଟେମ୍ବର ୧୯୩୭*

କାଲି ମୁଁ ଏହି କଥା କହିବାକୁ ଚାହୁଁଥିଲି ଯେ, ଅତ୍ୟନ୍ତ ସ୍ପର୍ଶକାତର ବ୍ୟକ୍ତିମାନେ ନାନାବିଧ ପ୍ରଭାବ ଲାଗି ମୁକ୍ତ ରହିଥାନ୍ତି ଏବଂ ସେଥିଲାଗି ସେମାନଙ୍କ ପକ୍ଷରେ ଅଟଳ ରହିବା କଷ୍ଟକର ହୁଏ ।

ମାତ୍ର, ବିବେକ ପ୍ରୟୋଗ କରି ଖରାପ ଓ ଭଲ ପ୍ରଭାବ ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣିହେବ ଏବଂ ସର୍ବଦା ମନ୍ଦଗୁଡ଼ିକର ପ୍ରତ୍ୟାଖ୍ୟାନ କରାଯାଇ ପାରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୧୩ ସେପ୍ଟେମ୍ବର ୧୯୩୭*

ମୋ'ର ପ୍ରିୟ ଶିଶୁ,

ତୁମର ଅସୁବିଧାକୁ ମୁଁ ଖୁବ୍ ଭଲକରି ବୁଝୁଛି । ଏହା ଏକ ଅତ୍ୟନ୍ତ ସାଧାରଣ

ଅସୁବିଧା, ଏବଂ ଇଚ୍ଛାଶକ୍ତିର କ୍ଷେତ୍ରରେ ସହନଶୀଳତା ରଖି ଓ ଅନେକ ଧୈର୍ଯ୍ୟ ଅବଲମ୍ବନ କରି ତାହାର ସମାଧାନ କରାଯାଇ ପାରିବ ।

କାରଣ, ଗୋଟିଏ ପକ୍ଷରେ ତୁମେ ନିଜକୁ ଦିବ୍ୟ ପରମ ସତ୍ତାଙ୍କ ଲାଗି ଉତ୍ସର୍ଗ କରିଦେବାକୁ ଇଚ୍ଛା କରୁଛ ଏବଂ ନିର୍ମୀୟମାଣ ଦିବ୍ୟ ଜୀବନ ମଧ୍ୟରେ ଆପଣାର ସ୍ଥାନ ଗ୍ରହଣ କରିବାକୁ ଚାହୁଁଛ ।

ଅନ୍ୟ ପକ୍ଷରେ ତୁମେ ସାଧାରଣ ଜୀବନର ପରିତୃପ୍ତିଗୁଡ଼ିକୁ ମଧ୍ୟ ଇଚ୍ଛା କରୁଛ, ପ୍ରାଣିକ ସ୍ତରର ସୁଖଗୁଡ଼ିକୁ ଚାହୁଁଛ । ଏବଂ ଏକଥା ମଧ୍ୟ ବିଚାର କରୁ ନାହଁ ଯେ, ପ୍ରଭୂତ ସଂଗ୍ରାମ ଓ ଚେଷ୍ଟା ଦ୍ୱାରାହିଁ ସେହିସବୁ ସୁଖ ଉପଲବ୍ଧ ହୋଇପାରିବ ଏବଂ ସର୍ବଦା ସେଗୁଡ଼ିକ ସହିତ ତୁମକୁ ବହୁତ ଚିନ୍ତା ଓ ଦୁଃଖ ମଧ୍ୟଦେଇ ଯିବାକୁ ପଡ଼ିବ ।

ପ୍ରଥମ ପଥଟିର କ୍ଷେତ୍ରରେ ବ୍ୟକ୍ତିଗତ ଅସମର୍ଥତାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ, କାରଣ ଆମର ସହାୟତା ଏବଂ ସୁରକ୍ଷା ସର୍ବଦା ବଳବତ୍ତର ରହିଛି । ବସ୍ତୁତଃ ତୁମକୁ ଏହି ସହାୟତା ଏବଂ ସୁରକ୍ଷା ଲାଗି ନିଜକୁ ଉନ୍ମୁକ୍ତ କରି ରଖିବାକୁ ହେବ ଏବଂ, ଯେଉଁ ଶତ୍ରୁ ତୁମକୁ ନିମ୍ନତର ପଶୁଚେତନା ଆଡ଼କୁ ଟାଣିନେଇ ଯିବାର ଚେଷ୍ଟା କରୁଛି, ତାହାକୁ ଜୟ କରିବା ନିମନ୍ତେ ଏଗୁଡ଼ିକୁ କାମରେ ଲଗାଇ ଶିଖିବାକୁ ହେବ ।

ତୁମକୁ କଦାପି ତ୍ୟାଗ କରୁ ନ ଥିବା ତୁମ ମାଆର ଅନେକ ପ୍ରେମ ।

*୧୫ ମଇ ୧୯୩୮*

*ମୋର ସ୍ନେହମୟି ମାଆ,*

*ଗତ କେତେଦିନ ଧରି ମୁଁ ଅନୁଭବ କରୁଛି ଯେ ମୁଁ ପାହାଚ ପାହାଚ ହୋଇ ତଳକୁ ଖସିଯିବାରେ ଲାଗିଛି । ସତେ ଯେପରି ସବୁକିଛି ମୋ' ଆଗରେ, ମୋ'ର ହୃଦୟ ଆଗରେ ବନ୍ଦ ହୋଇ ଯାଉଛି । ଏପରିକି ମୁଁ ବର୍ତ୍ତମାନ ମଧ୍ୟ ଅଣନିଃଶ୍ୱାସୀ ହୋଇଗଲା ପରି ଅନୁଭବ କରୁଛି ।*

*ମୁଁ ଏପରି ଜୀବନ ବଞ୍ଚିବାକୁ ଇଚ୍ଛା କରୁଛି କି ନାହିଁ, ତାହା ପରୀକ୍ଷା କରି ଦେଖିବାକୁ ଆପଣ ମୋତେ ଆପଣଙ୍କ ବ୍ୟତୀତ ବଞ୍ଚୁଥିବା ଏକ ଜୀବନକୁ ଅନୁଭବ କରିବାକୁ ଶିଖାଉଛନ୍ତି କି ? ମାଆ, ମୋ' ବାଟଟି ପ୍ରକୃତରେ ଯେ କ'ଣ, ଯଦି ଆପଣ ତାହା ଜାଣି ନାହାନ୍ତି, ତେବେ ଆଉ କିଏ ଜାଣିଛି ?*

ମୋର ପ୍ରିୟ ଶିଶୁ,

ତୁମ ଲାଗି କେଉଁଟି ଯଥାର୍ଥ ଜୀବନ, ମୁଁ ତାହା ଖୁବ୍ ଭଲ କରି ଜାଣିଛି । ତୁମର

ନିୟତିଟି ମଧ୍ୟ ମୋତେ ଜଣାଅଛି । ମାତ୍ର, **ତୁମ ନିଜକୁହିଁ** ସେହି ବିଷୟରେ ସଜ୍ଞାନ ହେବାକୁ ପଡ଼ିବ, ତାହାକୁ ବୁଝିବାକୁ ପଡ଼ିବ, ଯେପରିକି ତୁମେ ତାହାର ଉପଲବ୍ଧି କରି ପାରିବ । ତୁମେ କେଉଁଭଳି ଭାବରେ ତଳକୁ ଖସି ଖସି ଯାଉଛ ବୋଲି ଅନୁଭବ କରୁଛ ? ବାସନାଗୁଡ଼ିକ ତୁମ ଭିତରେ କ୍ରମେ ଅଧିକ ଶକ୍ତିଶାଳୀ ହେଉଛନ୍ତି କି ? ଯାହାକିଛି ଘଟୁ ପଛକେ, ତୁମେ ମୋ'ର ସହାୟତା ଉପରେ ସର୍ବଦା ଆଶା ରଖି ପାରିବ; ସେହି ସହାୟତା ମାଗିବାରେ କଦାପି କୁଣ୍ଠିତ ହେବ ନାହିଁ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୨୯ ମଇ ୧୯୩୮*

*ମୋ'ର ସ୍ନେହମୟି ମାଆ,*

*ମୋତେ ଗୋଟାସୁଦ୍ଧା ଅଣନିଃଶ୍ୱାସୀ ଲାଗୁଛି । ସଂଗ୍ରାମଟା ଅଧିକ ଭୟଙ୍କର ହେଲାଣି । ମୋତେ ଏପରି ଆଉ କେତେଦିନ ଭୋଗିବାକୁ ପଡ଼ିବ ?*

ମୋ' ପ୍ରିୟ ଶିଶୁ,

ନିରାଶ ହୁଅ ନାହିଁ, ଧୈର୍ଯ୍ୟ ମଧ୍ୟ ହରାଅ ନାହିଁ । ଏସବୁ ଯିବା ଲାଗି ଦୀର୍ଘ ସମୟ ଲାଗେ । ତୁମେ ତ ଜାଣିଛ, ନୁହଁ କି ? – ଆମର ସାହାଯ୍ୟ ଓ ଆମର ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

ନିଜ କାମରେ ଆଗ୍ରହ ରଖ – ଦୁଃଖଦ ମୁହୂର୍ତ୍ତଗୁଡ଼ିକୁ ଅତିକ୍ରମ କରିବାରେ ଏହା ମଧ୍ୟ ତୁମକୁ ସାହାଯ୍ୟ କରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୨୮ ଜୁନ୍ ୧୯୩୮*

*ମାଆ,*

*ଭିତରର ଅବସ୍ଥାଟିରେ ଉନ୍ନତି ହେବା ପରିବର୍ତ୍ତେ ତାହା ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି । ଆପଣ ମୋତେ ଧୈର୍ଯ୍ୟ ଅବଲମ୍ବନ କରିବା ଲାଗି କହିଥିଲେ, ମାତ୍ର ମୁଁ ତ ପ୍ରକୃତରେ କ୍ରମେ ଗୋଟାଏ ପଥର ହୋଇ ଯାଉଛି,– ମୋ'ର ସବୁଯାକ ଶକ୍ତି ଚାଲିଯାଉଛି, ମୁଁ ଅତ୍ୟନ୍ତ ଜୀବନହୀନ ହୋଇପଡୁଛି, ଅଧିକରୁ ଅଧିକ କିଳି ହୋଇ ଯାଉଛି । ନିଜର ଚତୁର୍ଦ୍ଦିଗରେ ମୁଁ ଆପଣଙ୍କର ଆଲୋକ ଏବଂ ଶକ୍ତି ରହିଥିବାର ଅନୁଭବ କରି ପାରୁଛି ସତ, ମାତ୍ର ସେଗୁଡ଼ିକୁ ଗ୍ରହଣ*

*କରିପାରୁ ନାହିଁ । ମୋତେ କ'ଣ କରିବାକୁ ହେବ, ସେକଥା ଆପଣ ମୋତେ ବତାଇ ଦିଅନ୍ତୁ ବୋଲି ମୁଁ ଆଦୌ କହୁ ନାହିଁ;– ଆପଣ ତ ମୋତେ ଧୈର୍ଯ୍ୟ ଧରିବାକୁ କହିଛନ୍ତି ଓ ମୁଁ ଅବଶ୍ୟ ଧୈର୍ଯ୍ୟ ରଖିବି । ମୁଁ କେବଳ ମୋ'ର ଅବସ୍ଥାଟି ବିଷୟରେହିଁ ଆପଣଙ୍କୁ ଅବଗତ କରାଉଛି ।*

ମୋ' ଆଗରେ କହି ତୁମେ ଉଚିତ କାର୍ଯ୍ୟହିଁ କରୁଛ । ଏହା ତୁମକୁ ଆପଣାକୁ ଉନ୍ମୁକ୍ତ କରିଦେବାରେ ସାହାଯ୍ୟ କରିବ । ନିଜ ଭିତରେ ଏହି ପ୍ରତିରୋଧଟିକୁ ଅନୁଭବ କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ, ମୁଁ ସେକଥା ଜାଣିଛି । ମାତ୍ର ଏହାକୁ ଅତିକ୍ରମ କରିଯିବାରେ ନିଜର ଇଚ୍ଛାକୁ ସବଳ କରି ରଖିଥାଅ, ଏବଂ ତାହା ଗୋଟିଏ ମୁହୂର୍ତ୍ତରେ ହଠାତ୍ ପରାଭବ ସ୍ୱୀକାର କରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୧୦ ଜୁଲାଇ ୧୯୩୮*

*ମୋ'ର ସ୍ନେହମୟି ମାଆ,*

*ମୋ'କବିତା ବିଷୟରେ ମୁଁ ଆପଣଙ୍କୁ କିଛି ପଚାରିବାକୁ ଇଚ୍ଛା କରୁଛି । କବିତା ଲେଖା ବନ୍ଦ ହୋଇ ଗଲାଣି । ବର୍ତ୍ତମାନ ସେଥିଲାଗି କୌଣସି ଅନ୍ତର୍ଗତ ପ୍ରସ୍ତୁତି ଚାଲିଛି କି ଏବଂ ତାହା ଏକ ଉଚ୍ଚତର ପ୍ରେରଣା ଲାଗି ଅପେକ୍ଷା କରୁଛି କି ?*

ମୋ'ର ପ୍ରିୟ ଶିଶୁ,

ମୁଁ ବସ୍ତୁତଃ ଭାବୁଛି ଯେ, ତୁମେ ନିଜକୁ ଏକ ଉଚ୍ଚତର ପ୍ରେରଣା ଲାଗି ପ୍ରସ୍ତୁତ କରି ରଖିପାରିବ ବୋଲି ତୁମର କବିତା ପ୍ରବାହ ବନ୍ଦ ହୋଇ ଯାଇଛି । ତୁମେ ତ ସେହି ଗୋଟିଏ ପ୍ରକାରର କାବ୍ୟରୂପ ମଧ୍ୟରେ ଆବର୍ତ୍ତିତ ହେବାରେ ଲାଗିଥିଲ; କିଛି ନୂଆ ଆସିବ ବୋଲି ଅପେକ୍ଷା ରହିଥିଲା ।

ଅବଶ୍ୟ, ତୁମ ଭିତରୁ କିଛି ଅଭିବ୍ୟକ୍ତ ହେବାକୁ ଇଚ୍ଛା କରୁଛି ବୋଲି ଯଦି ତୁମେ ଅନୁଭବ କରୁଥାଅ, ତେବେ ତୁମକୁ ଅବଶ୍ୟ ଚେଷ୍ଟା କରିବାକୁ ହେବ ।

ମୋ'ର ପ୍ରିୟ ଶିଶୁ, ମୁଁ ଅହରହ ତୁମ ସହିତ ରହିଛି ଏବଂ ମୋ'ର ଭଲ ପାଇବା ତୁମକୁ କେବେହେଲେ ଛାଡ଼ି ଯାଉ ନାହିଁ ।

ତୁମର ମାଆ । ୧୭ ଜୁଲାଇ ୧୯୩୮

ତୁମେ କବିତା ଲେଖିବାକୁ ମୋ'ର ପୂର୍ଣ୍ଣ ସମ୍ମତି ରହିଛି, ଏବଂ ଶ୍ରୀଅରବିନ୍ଦ କହୁଛନ୍ତି ଯେ, ତୁମର କାବ୍ୟିକ ସାମର୍ଥ୍ୟ ବିଷୟରେ ଆଦୌ ସନ୍ଦେହର ଅବକାଶ ନାହିଁ । ଆଜିର କବିତାଟି ଖୁବ୍ ଭଲ ହୋଇଛି । ମାତ୍ର ତୁମେ ଯେତେବେଳେ ପ୍ରତିଦିନ ଲେଖିବାକୁ ଚେଷ୍ଟା କରିବ, ସେତେବେଳେ ତାହା ଅଧିକରୁ ଅଧିକ ମାନସିକ ହୋଇଯିବାକୁ ଆରମ୍ଭ କରିବ ଏବଂ ତା'ପରେ ଅସଲ ପ୍ରେରଣାଟି ସହିତ ତୁମର ଖିଅଟି ଛିଡ଼ିଯିବ । ତେଣୁ, ପ୍ରେରଣା ଆସୁଛି ବୋଲି ଅନୁଭବ କଲାବେଳେହିଁ ତୁମେ କବିତା ଲେଖିବ ।

*୨୦ ଜୁଲାଇ ୧୯୩୮*

*ମୋ'ର ସ୍ନେହମୟି ମାଆ,*

*ମୁଁ ଆଶ୍ରମ ଛାଡ଼ିବା ଲାଗି ସ୍ଥିର କରିଛି ବୋଲି ଆପଣ ମୋ' ଉପରେ ରାଗ କଲେ କି ? ମୁଁ ଆଗକୁ ଆଗକୁ ଯିବାକୁ ଚାହୁଁଛି – ଆପଣଙ୍କ ବିରୋଧରେ ବିଦ୍ରୋହ କରିବାକୁ ମୋଟେ, ମୋଟେ ଇଚ୍ଛା କରୁ ନାହିଁ । ମାତ୍ର, ମୋ' ପଥଟି ବିଷୟରେ ନିଶ୍ଚିତ ହେବାକୁ ଚାହୁଁଛି ।*

*ମାଆ, ମୋତେ ଦୟାକରି ଏକ ସୁଯୋଗ ଦିଅନ୍ତୁ ।*

*ମାଆ, ଆପଣଙ୍କୁ ମୁଁ ଗୋଟିଏ କଥା ପଚାରିବାକୁ ଇଚ୍ଛା କରୁଛି : ମାଆ, ଆପଣ ମୋ'ର ହୃଦୟରେ ନିରନ୍ତର ରହିଥିବେ ତ ?*

ମୁଁ ଆଦୌ ରାଗ କରି ନାହିଁ । ମାତ୍ର, ଯେହେତୁ ତୁମେ ଆଶ୍ରମ ଛାଡ଼ିବାକୁ ସ୍ଥିର କରିଛ, ମୁଁ ମଧ୍ୟ ତୁମକୁ ଅଟକାଇ ରଖିବି ନାହିଁ । ବା ଏପରି କିଛି କରିବି ନାହିଁ, ଯାହାକି ତୁମକୁ ହୁଏତ ଏଠାରୁ ଚାଲିଯିବାର ଦୃଢ଼ତାରୁ ବିଚ୍ୟୁତ କରିନେବ । ମୁଁ ସର୍ବଦା ତୁମ ହୃଦୟ ଭିତରେ ରହିଥିବି; ତେଣୁ ଯଦି ନିଜ ହୃଦୟର ଯଥେଷ୍ଟ ଗଭୀରକୁ ପ୍ରବେଶ କରିବ, ତେବେ ସେଠାରେ ମୋତେ ସୁନିଶ୍ଚିତ ଭାବରେ ପାଇବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*୩୦ ଅଗଷ୍ଟ ୧୯୩୮*

*[୧୯୩୮ ଅକ୍ଟୋବର୍ ମାସରେ ଅଠରବର୍ଷ ବୟସରେ ଏହି ସାଧକ ଆଠବର୍ଷ ସକାଶେ ଆଶ୍ରମ ତ୍ୟାଗ କରିଥିଲେ । ସେ ବାହାରେ ଥିବାବେଳେ ପରବର୍ତ୍ତୀ ପତ୍ରଗୁଡ଼ିକ ଲେଖା ହୋଇଥିଲା ।]*

ମୋ'ର ପ୍ରିୟ ଶିଶୁ,

ତୁମ ୨୫ ତାରିଖର ପତ୍ରଟି ମୁଁ ଏଇ ବର୍ତ୍ତମାନ ପାଇଲି ଏବଂ, ତୁମେ ଯେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲଣି, ସେକଥା ଜାଣି ଅତ୍ୟନ୍ତ ଖୁସୀ ହେଲି ।

ତୁମ ଚିଠିରେ ତୁମେ ଲେଖିଛ : ''ମାଆ, ଏହି ସଂସାର ମୋ'ର ଲୋଡ଼ା ନାହିଁ । ମୋ' ନିଜ କର୍ତ୍ତବ୍ୟ କରିବାକୁ ମୁଁ ଭୟ କରୁଛି ବୋଲି ନୁହେଁ, ମୁଁ ଆପଣଙ୍କୁ ଚାହୁଁଛି ବୋଲି ।'' ଏହି ବିଷୟରେ ମୁଁ ତୁମକୁ କିଛି କହିବାକୁ ଇଚ୍ଛା କରୁଛି । ତୁମେ ଆଶ୍ରମ-ଜୀବନ ନିମନ୍ତେ ଅଭିପ୍ରେତ ହୋଇ ରହିଛ ବୋଲି ନିଶ୍ଚିତ ଭାବରେ ଜାଣିବାକୁ ହେଲେ ଏହା ଅତ୍ୟାବଶ୍ୟକ ଯେ, ଆଧ୍ୟାତ୍ମିକ ଜୀବନ ଓ ତାହାର ଆନୁଷଙ୍ଗିକ ଯାବତୀୟ ସାଧନା,— ସଂକ୍ଷେପରେ କହିଲେ, ଦିବ୍ୟ ପରମସତ୍ତାଙ୍କୁ ଖୋଜିବା ଏବଂ ତାଙ୍କୁ ଉପଲବ୍ଧି କରିବାହିଁ ତୁମ ଲାଗି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହୋଇ ରହିବା ଉଚିତ, କେବଳ ସେଇଥିଲାଗି ନିଜ ଜୀବନକୁ ବଞ୍ଚିପାରିବା ଉଚିତ ।

**ମୋତେ ଚାହିଁବାର** ଏହି ଅନୁଭୂତିଟି ମଧ୍ୟ ତୁମକୁ ପଥ ହୁଡ଼ାଇ ନେବାର ଆଶଙ୍କା ରହିଛି । ତୁମେ କ'ଣ ସୁନିଶ୍ଚିତ ଭାବରେ ଜାଣିଛ ଯେ ତୁମେ ମୋ'ଭିତରେ ରହିଥିବା ପରମ ଦିବ୍ୟସତ୍ତାଙ୍କୁହିଁ ଚାହୁଁଛ ? ଏବଂ, ଯେତେବେଳେ ତୁମେ ଏଠାକୁ ଆସିବ ଓ ମୋତେ ଦେଖି ପାରିବ ନାହିଁ, (କାରଣ, ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣାଟି ପରେ ମୁଁ ଆଉ 'ପ୍ରଣାମ' ବା ସାକ୍ଷାତ୍‌କାରରେ ଉପସ୍ଥିତ ରହିପାରୁ ନାହିଁ) ସେତେବେଳେ କ'ଣ ତୁମେ ପୁଣିଥରେ ଅନୁଭବ କରିବାକୁ ଆରମ୍ଭ କରିବ ନାହିଁ ଯେ, ତୁମେ ସାଧାରଣ ଜୀବନ ତୁମକୁ ଦେଇ ପାରୁଥିବା ଅନେକ ସୁଖକୁ ପରିତ୍ୟାଗ କରି ଏଠାକୁ ଆସିଲ ସିନା, ମାତ୍ର ତା'ର ପ୍ରତିବଦଳରେ ଖୁବ୍‌ବେଶୀ କିଛି ଆଦୌ ପାଇ ପାରିଲ ନାହିଁ ?

ଅବଶ୍ୟ ଯଦି ତୁମେ ଯେମିତି ହେଉ ପଛକେ ଏକ ଆଧ୍ୟାତ୍ମିକ ଜୀବନହିଁ ଯାପନ କରିବାକୁ ଇଚ୍ଛା କରୁଛ, ତେବେ ତାହା ଏକ ଅନ୍ୟ କଥା ହେବ । ମାତ୍ର, ସେହି କ୍ଷେତ୍ରରେ, ତୁମକୁ **ଅନ୍ତର୍ଗତ** ସହାୟତା ଉପରେ ନିର୍ଭର କରିବାକୁ ପଡ଼ିବ । ବାହାରର ଓ ଉପରିଭାଗର ସହାୟତା ଉପରେ ନିର୍ଭର କଲେ ଆଦୌ ଚଳିବ ନାହିଁ ।

ମୁଁ ଏସବୁ କଥା ତୁମକୁ କହୁଛି, ଯେପରିକି ଏଠାକୁ ଫେରିଆସି ତୁମକୁ ହୁଏତ ନିରାଶ ହେବାକୁ ପଡ଼ିବ ନାହିଁ ।

ମୋ' ଚିଠିଟିକୁ **ଅତ୍ୟନ୍ତ ଯତ୍ନସହକାରେ** ପଢ଼ିବ; ଚିଠିଟିକୁ ଯେ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଲ, ସେଥିଲାଗି ସୁନିଶ୍ଚିତ ହେବାକୁ ଏହି ବିଷୟରେ ଖୁବ୍ ଭଲ ଭାବରେ ଚିନ୍ତା କରିବ ଏବଂ, ଯେତେବେଳେ ନିଜ ଭିତରକୁ ଅନାଇ ସ୍ପଷ୍ଟ ଭାବରେ ସବୁକିଛି ଦେଖିପାରିବ, ସେତେବେଳେ ପୁଣି ମୋ'ପାଖକୁ ଲେଖିବ ।

ମୋ'ର ପ୍ରେମ ଓ ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

ତୁମକୁ ଭଲ ପାଉଥିବା ତୁମର ମାଆ ।

*୩୦ ମାର୍ଚ୍ଚ ୧୯୩୯*

ମୋ'ର ପ୍ରିୟ ଶିଶୁ,

ତୁମର ଚିଠି ପାଇଲି । ଲକ୍ଷ୍ନୌରେ ତିନିବର୍ଷ ସଂଗୀତବିଦ୍ୟା ଅଧ୍ୟୟନ କରିବାକୁ ଯେ ତୁମେ ସେଠାକୁ ଯାଉଛ, ସେଥିରେ ମୋ'ର କୌଣସି ଆପତ୍ତି ନାହିଁ । କାରଣ ତୁମେ ନିଜେ ସେପରି ଇଚ୍ଛା କରୁଛ ।

ଏବଂ, ଫେବ୍ରୁଆରି ମାସରେ ପଣ୍ଡିଚେରୀ ଆସିବା ଏକ ବିଜ୍ଞୋଚିତ କାର୍ଯ୍ୟ ହେବ ବୋଲି ମୁଁ ଭାବୁ ନାହିଁ, କାରଣ, ଥରେ ଏଠାକୁ ଆସିଲେ, ପୁଣି ତୁମେ ହୁଏତ ଅସୁବିଧା ଓ ଅନିଶ୍ଚିତତା ଭିତରେ ପଡ଼ିଯିବ ଏବଂ ତାହା ତୁମ ଭିତରେ ଏକ ଅନାବଶ୍ୟକ ଦ୍ୱନ୍ଦ୍ୱ ଉଦ୍ରେକ କରି ଆଣିବ ।

ତେଣୁ ଲକ୍ଷ୍ନୌ ଯାଅ, ସେଠାରେ ଯାହା ପାରୁଛ ଶିକ୍ଷା କର ଏବଂ ତା'ପରେ ଯାଇ ତୁମେ ସମସ୍ୟାଟିର ବିଚାର କରିବାକୁ ସମର୍ଥ ହେବ ଏବଂ ନିଜର ଭବିଷ୍ୟତ ବିଷୟରେ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ଗ୍ରହଣ କରିପାରିବ ।

ମୋ'ର ପ୍ରେମ, ମୋ'ର ସହାୟତା ଓ ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିବ ।

ତୁମର ମାଆ । *୧୧ ଜାନୁଆରି ୧୯୪୦*

ମୋର ପ୍ରିୟ ଶିଶୁ,

ଯଦି ତୁମେ ଆଶ୍ରମ ଆସିବା ଲାଗି ଏତେ ଉତ୍ସୁକ ହେଉଛ, ତେବେ ଆସିପାରିବ । ମାତ୍ର ମୁଁ ତୁମକୁ ଦୁଇଟି ବିଷୟରେ ସାବଧାନ କରିଦେବି :

(୧) ଏଠାରେ ତୁମର ପ୍ରାଣକୁ କୌଣସି ପରିତୃପ୍ତି ମିଳିବ ନାହିଁ । କାରଣ ବର୍ତ୍ତମାନର ଯୁଦ୍ଧକାଳୀନ ଅବସ୍ଥା ହେତୁ ଏଠା ଜୀବନ ଅତ୍ୟନ୍ତ ସୀମିତ ହୋଇଯାଇଛି ।

(୨) ଆମ ସମସ୍ତଙ୍କ ପରି ତୁମକୁ ମଧ୍ୟ ଏଠାରେ ରାତି ଦିନ ହଠାତ୍ ବୋମାବର୍ଷଣ ହେବାର ଏକ ସତତ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିବ ।

ଯଦି ତୁମେ ଏହି ଦୁଇଟିଯାକ ବିପଦକୁ ଗମ୍ଭୀର ବୋଲି ନ ଭାବୁଥାଅ, ତେବେ ଆସିବ ।

ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ସହିତ ।

*୧୦ ଏପ୍ରିଲ୍ ୧୯୪୦*

*[୧୯୪୬ ମସିହା ଏପ୍ରିଲ୍ ମାସରେ ସାଧକ ଆଶ୍ରମକୁ ଫେରି ଆସିଥିଲେ । ସେ ସେହିଦିନଠାରୁ ଆଶ୍ରମରେ ଅଛନ୍ତି । ସେ ଫେରିଆସିବା ପରେ ନିମ୍ନର ଏହି ପତ୍ରଗୁଡ଼ିକ ଲିଖିତ ହୋଇଥିଲା ।]*

*ହେ ମୋ'ର ସ୍ନେହମୟି ମାଆ,*

*ମୋତେ ଆପଣ ଯଥାର୍ଥ ପଥଟି ଦେଖାଇ ଦେଇଥିବାରୁ ମୁଁ ଆପଣଙ୍କୁ କୃତଜ୍ଞତା ଜଣାଉଛି । ବାହାରୁ ଆସୁଥିବା ଯାବତୀୟ ବସ୍ତୁର ପ୍ରତ୍ୟାଖ୍ୟାନ କରି ପାରିବା ଲାଗି ଆପଣ ମୋତେ ବଳ ଦିଅନ୍ତୁ । ଆପଣଙ୍କର ଇଚ୍ଛାହିଁ କାର୍ଯ୍ୟକାରୀ ହେଉ ।*

ତୁମକୁ ପଥରେ ପରିଚାଳିତ କରିନେବା ପାଇଁ ମୋ'ର ପ୍ରେମ ଏବଂ ଆଶୀର୍ବାଦ ତୁମ ସଙ୍ଗେ ରହିଛି । *୪ ଜୁନ ୧୯୪୬*

*ମୋ'ର ସ୍ନେହମୟି ମାଆ,*

*ମୋ ହୃଦୟରେ ଏବଂ ସକଳ ସତ୍ତାରେ ମୁଁ ଆପଣଙ୍କର ଆହୁରି ନିକଟବର୍ତ୍ତୀ ହୋଇ ରହିବାକୁ ଚାହୁଁଛି । ଆପଣଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବାର ଶକ୍ତି ଆପଣ ମୋତେ ପ୍ରଦାନ କରନ୍ତୁ । ମୋ' ପାଖରେ ସବୁବେଳେ ରହିଥା'ନ୍ତୁ ।*

ହଁ, ମୋର ପ୍ରିୟ ଶିଶୁ,

ତୁମକୁ ସାହାଯ୍ୟ କରିବା ଲାଗି ମୁଁ ସର୍ବଦା ତୁମ ସହିତ ରହିଛି । ତୁମକୁ ସର୍ବଦା ସୁରକ୍ଷା ଯୋଗାଇ ଦେଉଛି । ବିବେକିତା, ସାଧୁତା ଏବଂ ଅଧ୍ୟବସାୟ ସହିତ ଆପଣାର କାର୍ଯ୍ୟ କରି ତୁମେ ମୋ'ର ଉପସ୍ଥିତିକୁ ନିଜ ଲାଗି ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବାର ଅନୁଭବ କରିପାରିବ ।

ମୋ'ର ଅନେକ ଆଶୀର୍ବାଦ ସହିତ । *୨୯ ଜୁନ୍ ୧୯୪୬*

*ମୋର ସ୍ନେହମୟି ମାଆ,*

*ନିଜ ଭିତରକୁ ମୁଁ ଯେତିକି ଅଧିକ ପରିମାଣରେ ଚାହିଁ ଦେଖୁଛି, ମୁଁ ସେତିକି ଅଧିକ ନିରାଶ ହେଉଛି ଏବଂ, ଜୀବନରେ ଆଉ କୌଣସି ଅଗ୍ରଗତି କରିବାର ସମ୍ଭାବନା ଅଛି କି ନାହିଁ, ମୁଁ ସେକଥା ମୋଟେ ଜାଣିପାରୁ ନାହିଁ । ମନେ ହେଉଛି,*

*ଚତୁର୍ଦ୍ଦିଗରୁ, ଭିତରୁ ଏବଂ ବାହାରୁ, ଯାବତୀୟ ଅନ୍ଧକାର ଓ ଯାବତୀୟ ମିଥ୍ୟା ମୁଣ୍ଡ ଟେକିବାକୁ ଆରମ୍ଭ କଲେଣି ଏବଂ ମୋତେ ଗିଳି ପକାଇବାକୁ ଇଚ୍ଛା କରୁଛନ୍ତି । ଏପରି ଗୋଟିଏ ଗୋଟିଏ ସମୟ ଆସୁଛି, ଯେତେବେଳେ କି ମୁଁ ସତ୍ୟ ଏବଂ ମିଥ୍ୟା ମଧ୍ୟରେ କୌଣସି ଅନ୍ତର ରହିଥିବାର ଦେଖିପାରେ ନାହିଁ ଏବଂ ସେତେବେଳେ ମୁଁ ମୋର ମଥାଟାକୁ ଗୋଟାସୁଦ୍ଧା ହରାଇବାକୁ ବସେ ।*

*ତଥାପି, ମୋ ଭିତରେ ଏଭଳି କିଛି ଉପାଦାନ ରହିଛି, ଯାହାକି ଅତ୍ୟନ୍ତ କ୍ଷୀଣ ଭାବରେ କହେ ଯେ ସବୁକିଛି ଦିନେ ନିଶ୍ଚୟ ଠିକ୍ ହୋଇଯିବ । ମାତ୍ର, ଏଇଟି ଏତେ କ୍ଷୀଣ ହୋଇ କଥା କହୁଛି ଯେ, ମୁଁ ତା' ଉପରେ ଆଦୌ ଆସ୍ଥା ରଖିପାରୁ ନାହିଁ ।**

*ମୋ'ର ଭୁଲ୍‌ଗୁଡ଼ିକ ଏତେ ସଂଖ୍ୟକ ଓ ଏତେ ବିରାଟ ଯେ, ମୁଁ ଭାବୁଛି, ମୁଁ କଦାପି ସଫଳ ହୋଇପାରିବି ନାହିଁ । ଅନ୍ୟ ପକ୍ଷରେ, ସାଧାରଣ ଜୀବନ ନିମନ୍ତେ ମୋ'ର କୌଣସି ଆକର୍ଷଣ ନାହିଁ, କୌଣସି ସାମର୍ଥ୍ୟ ମଧ୍ୟ ନାହିଁ । ଏବଂ ମୁଁ ଭଲ କରି ଜାଣିଛି ଯେ ମୁଁ ଏହି ଜୀବନଟିକୁ କେବେହେଲେ ଛାଡ଼ିପାରିବି ନାହିଁ । ବର୍ତ୍ତମାନ ମୁଁ ଠିକ୍ ଏହିପରି ଏକ ଅବସ୍ଥାରେ ରହିଛି । ସଂଗ୍ରାମଟି ଅଧିକରୁ ଅଧିକ ଉତ୍କଟ ହେବାରେ ଲାଗିଛି ଏବଂ ସବୁଠାରୁ ବଡ଼ ପ୍ରମାଦର ବିଷୟ ହେଉଛି ଯେ ମୁଁ ଆପଣଙ୍କୁ ମିଛ ବି କହିପାରୁ ନାହିଁ । ମୁଁ କ'ଣ କରିବି ?*

ମୋ' ଶିଶୁ,

ତୁମେ ନିଜକୁ ଆଦୌ କଷ୍ଟ ଦିଅ ନାହିଁ ଏବଂ ଯଥାସାଧ୍ୟ ସ୍ଥିର ହୋଇ ରହ । ସଂଗ୍ରାମଟିରୁ ଓହରି ଆସିବାର ସମସ୍ତ ପ୍ରଲୋଭନ ପାଖରେ କଦାପି ନତମସ୍ତକ ହୁଅ ନାହିଁ, ଆପଣାକୁ କଦାପି ଅନ୍ଧାର ଭିତରେ ପକାଇ ରଖ ନାହିଁ । ଚେଷ୍ଟା କର, ଅବିରତ ଚେଷ୍ଟା କର, ଏବଂ ତୁମେ ଦିନେ ନା ଦିନେ ନିଶ୍ଚୟ ଉପଲବ୍ଧି କରିବ ଯେ, ତୁମକୁ ସାନ୍ତ୍ୱନା ଦେବା ଲାଗି ଏବଂ ସାହାଯ୍ୟ କରିବା ଲାଗି ମୁଁ ତୁମର ଅତ୍ୟନ୍ତ ନିକଟରେ ରହିଛି । ଏପରି କରି ପାରିଲେ ତୁମେ ଏହି ଅବସ୍ଥାଟିର କଠିନତମ ପର୍ଯ୍ୟାୟଟିକୁ ନିଶ୍ଚୟ ପାର ହୋଇଯିବ ।

ମୋ'ର ସମସ୍ତ ପ୍ରେମ ଓ ଆଶୀର୍ବାଦ ସହିତ ।

*୨୫ ସେପ୍ଟେମ୍ବର ୧୯୪୭*

---

* ମାଆ 'ସବୁକିଛି ଦିନେ ନିଶ୍ଚୟ ଠିକ୍ ହୋଇଯିବା'ର ତଳେ ଗାର ଦେଇ ତା'ପାଖରେ ଲେଖି ଦେଇଥିଲେ : ''ଏଇଟି ହେଉଛି ସତ୍ୟର ବାଣୀ ଏବଂ ତୁମକୁ ତାହାରି କଥାଟିକୁହିଁ ଶୁଣିବାକୁ ପଡ଼ିବ ।''

ନିଷ୍ଠା ରଖ, ସର୍ବଦା ନିଷ୍ଠା ରଖିଥାଅ, ଅଧିକରୁ ଅଧିକ ନିଷ୍ଠାପର ହୋଇ ରହ ।

ନିଷ୍ଠା ଜଣେ ବ୍ୟକ୍ତି ପାଖରୁ ଏହି ଦାବି କରିଥାଏ ଯେ, ସିଏ ନିଜ ସତ୍ତାର କେବଳ ସତ୍ୟଟିକୁହିଁ ବ୍ୟକ୍ତ କରିବ ।

*୨୬ ଜାନୁଆରି ୧୯୫୦*

*ସ୍ନେହମୟି ମାଆ,*

*ମୁଁ ଅନୁଭବ କରୁଛି ଯେ କ'ଣ ଗୋଟାଏ ଭୁଲ୍ ହୋଇ ଯାଇଛି ଏବଂ ଆପଣ ମୋ' ଉପରେ ଖୁବ୍ ଅସନ୍ତୁଷ୍ଟ ହୋଇଛନ୍ତି ।*

ଏହି ବିଚାରଟିହିଁ ତୁମର ସର୍ବପ୍ରଥମ ଭୁଲ୍ । ମୁଁ ତୁମ ଉପରେ ଆଦୌ ଅସନ୍ତୁଷ୍ଟ **ହୋଇ ନାହିଁ** । ତେଣୁ, ତା'ପରେ ସେଥିରୁ ତୁମେ ଯାହାକିଛି ନିଷ୍କର୍ଷ ବାହାର କରିବ, ସେଗୁଡ଼ିକ ମଧ୍ୟ ଭୁଲ୍ ।

*ଆପଣଙ୍କ ଅସନ୍ତୋଷର କାରଣଟିକୁ ଜାଣିଲେ ମୁଁ ଅତ୍ୟନ୍ତ ଖୁସୀ ହେବି ଏବଂ ତାହାକୁ ଦୂର କରିବାକୁ ପ୍ରାଣପଣେ ଚେଷ୍ଟା କରିବି । କୌଣସି କାରଣରୁ ଆପଣ ମୋ' ଉପରେ ଅସନ୍ତୁଷ୍ଟ ହୋଇଛନ୍ତି ବୋଲି ଜାଣିଲେ ମୁଁ ଯେ କେତେ ଦୁଃଖ ପାଏ, ମୁଁ ଆପଣଙ୍କୁ ସେକଥା କହି ପାରିବି ନାହିଁ ।*

ଏହି କ୍ଷେତ୍ରରେ କୌଣସି ପ୍ରକୃତ କାରଣ ନାହିଁ, କାରଣ କୌଣସି ଅସନ୍ତୋଷ ମଧ୍ୟ ନାହିଁ । ତୁମର କଷ୍ଟ ହେଉଛି ସମ୍ପୂର୍ଣ୍ଣ ନିରାଧାର ଏବଂ ତେଣୁ ତୁମେ ସେଥିରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରିନେଇ ପାରିଲେହିଁ ଅତ୍ୟନ୍ତ ଭଲ ହେବ ।

ମୋ'ର ପ୍ରେମ ଓ ଆଶୀର୍ବାଦ ସହିତ ।

*୧୨ ଡିସେମ୍ବର ୧୯୫୩*

*ସ୍ନେହମୟୀ ମାଆ,*

*ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି, ମୋ'ର ଚିଠିଟିକୁ ପଢ଼ି ଆପଣ ବିରକ୍ତ ହେବେ ନାହିଁ । ଆପଣଙ୍କର ଅସନ୍ତୋଷକୁ ଛାଡ଼ି ମୁଁ ପ୍ରକୃତରେ ସବୁକିଛି ସହ୍ୟ କରିପାରିବି । ମୁଁ ଅନୁଭବ କରୁଛି ଯେ, ଆପଣ ଏପରି କୌଣସି କାରଣରୁ ମୋ' ଉପରେ ଅସନ୍ତୁଷ୍ଟ ହୋଇଛନ୍ତି, ଯାହାକୁ କି ମୁଁ ଏବେ ସୁଦ୍ଧା ବୁଝି ପାରିଲି ନାହିଁ । ଆପଣ ମୁଁ କ'ଣ କରେ ବୋଲି ଇଚ୍ଛା କରୁଛନ୍ତି ? କ'ଣ ଆପଣଙ୍କର ପ୍ରକୃତ*

*ଇଚ୍ଛା ? ଆପଣଙ୍କର ଅସନ୍ତୋଷ ମୋତେ କେତେ ବାଧୁଛି, ସେକଥା ମୁଁ କଥାରେ ବ୍ୟକ୍ତ କରି ପାରିବି ନାହିଁ । ଆପଣ ମୋ'ଠାରୁ ଅଧିକ କାର୍ଯ୍ୟ ଆଶା କରୁଛନ୍ତି କି ? – ଅଧିକ ଶୃଙ୍ଖଳା ଓ ଅଧିକ ପରିମାଣରେ ଏକ ଯଥାର୍ଥ ଦୃଷ୍ଟିକୋଣ ଆଶା କରୁଛନ୍ତି କି ?  ମୁଁ ତ ନାନା ବିଫଳତାର ଗୋଟାଏ ଏଡ଼େବଡ଼ ବିଡ଼ାରେ ପରିଣତ ହୋଇ ସାରିଲିଣି । ମୁଁ ଜଣେ ମନୁଷ୍ୟମାତ୍ର, ତେଣୁ ଆପଣ ସେଗୁଡ଼ିକୁ କ୍ଷମା କରିଦେବେ । ମୁଁ ଯାହାକିଛି କରିଛି, ଆପଣ ସେଗୁଡ଼ିକ ଲାଗି ମୋତେ କ୍ଷମା କରନ୍ତୁ ଏବଂ, ମୁଁ କ'ଣ ସବୁ ଭୁଲ୍ କରିଛି, ମୋତେ କହିଦିଅନ୍ତୁ ।*

ମୁଁ ବିରକ୍ତ **ହୋଇ ନାହିଁ,** ଅସନ୍ତୁଷ୍ଟ ବି **ହୋଇ ନାହିଁ** – ତୁମର ଏ ଧାରଣାଟି ସଂପୂର୍ଣ୍ଣ ମିଥ୍ୟା, ଏବଂ କଳ୍ପନା ମାତ୍ର । ଏକ ଅପରାଧବୋଧରୁ ଏପରି ଏକ ଧାରଣା ଉତ୍ପନ୍ନ ହୋଇ ଥାଇପାରେ; ମାତ୍ର ତୁମକୁ ଚୂଡ଼ାନ୍ତ ଭାବରେ ଏହି କଥାଗୁଡ଼ିକୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, ଲୋକମାନେ ଯେଉଁସବୁ ଭୁଲ୍ କରନ୍ତି, ତାହା ମୋତେ ଆଦୌ ବିରକ୍ତ କରାଇ ପାରେ ନାହିଁ, ଅସନ୍ତୁଷ୍ଟ ବି କରେ ନାହିଁ । ଯଦି କୌଣସି କ୍ଷେତ୍ରରେ ଏକ ଅସଦିଚ୍ଛା ବା ବିଦ୍ରୋହଭାବ ରହିଥାଏ, ତେବେ ହୁଏତ କାଳୀଙ୍କୁ ଆସି କିଛି ଭର୍ତ୍ସନା ଦେବାକୁ ପଡ଼ିପାରେ, ମାତ୍ର ସର୍ବଦା ପ୍ରୀତି ଦ୍ୱାରା ପରିଚାଳିତ ହୋଇହିଁ ସେ ତାହା କରିଥାନ୍ତି ।

ତେଣୁ, ଏହିସବୁ ନିରର୍ଥକ ଧାରଣାକୁ ମନରୁ ବାହାରକୁ ଫିଙ୍ଗିଦିଅ ଏବଂ ସ୍ଥିର ଓ ଖୁସୀ ରହିବାକୁ ଚେଷ୍ଟା କର ।

ମୋର ସମସ୍ତ ପ୍ରେମ ଏବଂ ଆଶୀର୍ବାଦ ସହିତ ।

*୨୩ ମାର୍ଚ୍ଚ ୧୯୫୪*

ମୋ'ର ପ୍ରିୟ ଶିଶୁ,

''ଯିଏ ପରମ ଅନନ୍ତଙ୍କୁ ବାଛିନିଏ, ସିଏ ପରମ ଅନନ୍ତଙ୍କ ଦ୍ୱାରା ବଛା ହୋଇ ସାରିଥାଏ ।''

ଶ୍ରୀଅରବିନ୍ଦଙ୍କର ଏହି ପ୍ରତିଶ୍ରୁତିଟିକୁ ତୁମେ କଦାପି ଭୁଲିଯିବ ନାହିଁ ଏବଂ ଯାବତୀୟ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ତଥାପି ସାହସ ରଖିଥିବ । ତୁମେ ଅବଶ୍ୟ ଲକ୍ଷ୍ୟରେ ଯାଇ ପହଞ୍ଚିବ, ଏବଂ ନିଜ ଭିତରେ ଯେତିକି ଆତ୍ମବିଶ୍ୱାସ ରହିଥିବ, ତୁମେ ସେତିକି ଶୀଘ୍ର ତାହା ହାସଲ କରିପାରିବ ।

ମୋ'ର ପ୍ରେମ ଓ ଅନେକ ଆଶୀର୍ବାଦ ସହିତ ।

*୨୬ ଜାନୁଆରି ୧୯୫୬*

*[ନିମ୍ନରେ ପ୍ରଦତ୍ତ ପତ୍ରଗୁଡ଼ିକରେ କୌଣସି ତାରିଖ ନାହିଁ । ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ୧୯୩୨ ଓ ୧୯୩୮ ମଧ୍ୟରେ ଲିଖିତ ହୋଇଥିଲା, ସାଧକଙ୍କର ଆଶ୍ରମରେ ପ୍ରଥମ ରହଣୀ ସମୟରେ ।]*

ମୋ' ପ୍ରିୟ ଶିଶୁ, ନିଜକୁ କଷ୍ଟ ଦିଅ ନାହିଁ ଏବଂ କୌଣସି ପ୍ରକାର ଭୟ କର ନାହିଁ । ମୋ'ର କରୁଣା ନିରନ୍ତର ତୁମ ପାଖରେ ରହିଥିବ ଓ ତୁମକୁ କଦାପି ଛାଡ଼ି ଯିବ ନାହିଁ । ଅଧିକନ୍ତୁ, ଏପରି ବିଶ୍ୱାସ କରିବାର ଆଦୌ କୌଣସି କାରଣ ନାହିଁ ଯେ, ଏହି ଜୀବନରେ ତୁମକୁ କୌଣସି ସଫଳତା ପ୍ରାପ୍ତ ହେବ ନାହିଁ; ବରଂ ତାହାର ଓଲଟାହିଁ ହେବ, ତୁମ ଭିତରେ ମୁଁ ଏକ ବ୍ରତର ସଂକେତମାନ ଦେଖିବାକୁ ପାଉଛି । ଏବଂ, ଯେହେତୁ ତୁମେ ନିଶ୍ଚୟ ଧୈର୍ଯ୍ୟ ରଖିବ ବୋଲି ଶପଥ ଗ୍ରହଣ କରିଛ, ତୁମର ଯାବତୀୟ ଅସୁବିଧାକୁ ତୁମେ ଅବଶ୍ୟ ଅତିକ୍ରମ କରି ଯାଇ ପାରିବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*

ତୁମର ଚାଲିଯିବା ଦ୍ୱାରା ତୁମର ଏତେଟିକିଏ ଲାଭ ହେବ ନାହିଁ । ବାହାରର ଯାବତୀୟ ଉପାୟ ଆଦୌ କୌଣସି କାମରେ ଲାଗନ୍ତି ନାହିଁ । ''ଭିତରଟିକୁ'' ବଦଳିବାକୁ ପଡ଼ିବ । ନିଜର ସଂକଳ୍ପକୁ ଅତୁଟ ରଖିଥାଅ ଓ ମୋ'ର ସହାୟତା ମଧ୍ୟ ଅବଶ୍ୟ କାମ ଦେବ ।

ମୋ'ର ସମସ୍ତ ପ୍ରେମ ଓ ଆଶୀର୍ବାଦ ସହିତ ।

*

*ମୋ' ସ୍ନେହମୟି ମାଆ,*

*ସବୁଯାକ ମେଘ ଓ ଛାଇ ଅପସରି ଗଲେ ମୁଁ ପ୍ରକୃତରେ ଅତ୍ୟନ୍ତ ଆନନ୍ଦିତ ହେବି । ମୁଁ ଏକ ନୂତନ ଜୀବନ ଇଚ୍ଛା କରୁଛି ।*

ମୋ'ର ପ୍ରିୟ ଶିଶୁ,

ଏକ ନୂତନ ଜୀବନର କାମନା କରି ତୁମେ ସମ୍ପୂର୍ଣ୍ଣ ଠିକ୍ କରିଛ ଏବଂ ତୁମେ ନିଶ୍ଚିନ୍ତ ହୋଇ ରହିପାର ଯେ ସେହି ଦିଗରେ ତୁମକୁ ସାହାଯ୍ୟ କରିବା ଲାଗି ମୁଁ ଯଥାଶକ୍ତି କାର୍ଯ୍ୟ କରିବି । ମୁଁ ପୂରା ନିଶ୍ଚିତ ଯେ, ଅଧ୍ୟୟନରେ ଅଧ୍ୟବସାୟିତା ଏବଂ କର୍ମକ୍ଷେତ୍ରରେ ତଥା ଜୀବନରେ ଏକ ଶୃଙ୍ଖଳାକୁ ସ୍ୱୀକାର କରିନେଇ ପାରିଲେ ଆପଣାର ଏହି ନୂତନ ଜୀବନଲାଭରେ ତୁମକୁ ଏକ ଶକ୍ତିଶାଳୀ ସାହାଯ୍ୟ ଅବଶ୍ୟ ମିଳିଯିବ ।

ତୁମକୁ ସାହାଯ୍ୟ କରିବା ପାଇଁ ଓ ବାଟ ଦେଖାଇବା ପାଇଁ ମୋର ସକଳ ପ୍ରେମ ତୁମ ସହିତ ରହିଛି ।

*

ମୋ'ର ପ୍ରିୟ ଶିଶୁ,

ଯେପରି ମାଂସପେଶୀର କର୍ଷଣ ହୁଏ, ଠିକ୍ ସେହିପରି ଇଚ୍ଛା ଏବଂ ଶକ୍ତିର ମଧ୍ୟ କର୍ଷଣ କରାଯାଇ ପାରିବ । ଏହା ବ୍ୟାୟାମ ଦ୍ୱାରା ସମ୍ଭବ ହେବ । ଧୈର୍ଯ୍ୟ ରଖିବା ଲାଗି ତୁମେ ନିଜର ଇଚ୍ଛାକୁ ଅଭ୍ୟସ୍ତ କରିବ ଏବଂ ନୈରାଶ୍ୟର ପ୍ରତ୍ୟାଖ୍ୟାନ କରିବାକୁ ନିଜ ଶକ୍ତିକୁ କାମରେ ଲଗାଇବ । ମୋ'ର ସମସ୍ତ ଭଲ ପାଇବା ସହିତ ତୁମକୁ ସାହାଯ୍ୟ କରିବା ଲାଗି ମୁଁ ସର୍ବଦା ତୁମ ପାଖରେ ରହିଛି ।

*

ତୁମେ କୌଣସି ପ୍ରକାରେ ବିବ୍ରତ ହେବ ନାହିଁ ଏବଂ ବର୍ତ୍ତମାନ ଯାହାସବୁ କରୁଛ, ସେଗୁଡ଼ିକୁ ଅବିଚ୍ଛିନ୍ନ ରଖିବ । କେବଳ ଏତିକି ବ୍ୟତିକ୍ରମ ରହିଥିବ ଯେ, ନିଜର ଉଦ୍ୟମ କ୍ଷେତ୍ରରେ ହସ୍ତକ୍ଷେପ କରି ତାହାକୁ ନଷ୍ଟ କରିଦେବା ଲାଗି ତୁମେ ନିଜର ପଲ୍ଲବଗ୍ରାହୀ ତଥା କିଞ୍ଚିତ୍ ପରିମାଣରେ ଅତ୍ୟନ୍ତ ହାଲୁକା ବାହ୍ୟ ସତ୍ତାଟିକୁ କଦାପି ଅନୁମତି ଦେବ ନାହିଁ । ଉଦାହରଣ ସ୍ୱରୂପ, ମାର୍ଚ୍ଚିଂ ସମୟରେ ତାହା ଯେପରି ହସ୍ତକ୍ଷେପ କରୁଛି, ସେହିପରି ।

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ତୁମ ଭିତରେ ଏକ ସ୍ଥାୟୀ ଓ ସ୍ଥିର ସହନଶୀଳତା ରହିଥିବ ଯାହାକି କୌଣସି ପ୍ରକାର ବିଷଣ୍ଣତା ଅଥବା ନୈରାଶ୍ୟକୁ ତୁମର ଅଗ୍ରଗତିରେ କଦାପି ହସ୍ତକ୍ଷେପ କରିବାକୁ ଦେବ ନାହିଁ । ଅଭୀପ୍ସାର କ୍ଷେତ୍ରରେ ନିଷ୍ଠା ରହିଥିଲେ ବିଜୟ ସୁନିଶ୍ଚିତ ହୋଇ ରହିଥିବ ।

ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ସହିତ ।

*

*ମୋ'ର ମାଆ,*

*ଶକ୍ତିର ଅଭାବହିଁ ମୋତେ ଛବି ଆଙ୍କିବାକୁ ବାଟ ଛାଡ଼ି ଦେଉ ନାହିଁ । ମୋତେ ଆପଣ ଦୟାକରି ଦୃଢ଼ ଶକ୍ତି ଦିଅନ୍ତୁ । ମୁଁ ଭିତର ଏବଂ ବାହାରର ଶାନ୍ତି ଚାହୁଁଛି, – ମୋ'ର ସକଳ ସତ୍ତାରେ ଶାନ୍ତି ଇଚ୍ଛା କରୁଛି, ଅନ୍ତରତମଠାରୁ ଆରମ୍ଭ କରି ବାହ୍ୟତମ ସକଳ ସତ୍ତାରେ । ଶାନ୍ତି, ମୋ'ର ସକଳ ସତ୍ତାରେ ସେହି ଶାନ୍ତି ପ୍ରତିଷ୍ଠିତ ହେଉ । ଏହି କଥାଟିକୁ ମୁଁ ଉପଯୁକ୍ତ ଶବ୍ଦ ଦେଇ ଆଦୌ ବ୍ୟକ୍ତ କରିପାରୁ ନାହିଁ ଏବଂ ତାହା ଅତ୍ୟନ୍ତ ଭାବପ୍ରବଣ ହୋଇଯାଉଛି । ଆପଣ ମୋ'ର ଭୁଲ୍‌କୁ କ୍ଷମା କରିବେ ।*

ତୁମର କଥାଗୁଡ଼ିକ ମୋତେ ମୋଟେ ଭାବପ୍ରବଣ ମନେ ହେଉ ନାହିଁ ଏବଂ ତେଣୁ ସେଥିରେ କ୍ଷମା କରିବାର ଆଦୌ କିଛି ନାହିଁ । ମୁଁ ଜାଣିଛି ଯେ ଅତିଶୟ ଦୁର୍ବଳତା ହେତୁ ତୁମେ ଛବି ଆଙ୍କି ପାରୁ ନାହଁ । ମାତ୍ର, ତୁମକୁ ମୁଁ ଆବଶ୍ୟକ ଶକ୍ତି ଅବଶ୍ୟ ଆଣି ଦେଇପାରିବି; ତୁମକୁ କେବଳ ନିଜକୁ ଉନ୍ମୁକ୍ତ କରି ଦେବାକୁ ହେବ ଓ ସେହି ଶକ୍ତିକୁ ଗ୍ରହଣ କରିବାକୁ ପଡ଼ିବ । ଏବଂ, ତୁମେ ଦେଖିବ ଯେ ତାହା ହେଉଛି ଶକ୍ତିର ଏକ ଅଶେଷ ଉତ୍ସ । ଶାନ୍ତିର କ୍ଷେତ୍ରରେ, ତୁମେ ଅଭୀପ୍ସା କରୁଥିବା ଯାବତୀୟ ଯଥାର୍ଥ ବସ୍ତୁର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ।

ତୁମ ମାଆଠାରୁ ଅନେକ ପ୍ରେମ ।

*

*ମୋ'ର ଆଦରଣୀୟା ମାଆ,*

*କ'ଣ କରିବାକୁ ହେବ ମୁଁ କିଛି ଜାଣିପାରୁ ନାହିଁ । ମୁଁ ଆପଣଙ୍କ ଆଡ଼କୁ ଆପଣାକୁ ଖୋଲିଦେବାକୁ ଇଚ୍ଛା କରୁଛି, ମାତ୍ର ମୋ' ଭିତରେ ଏପରି କିଛି ରହିଛି ଯାହାକୁ ମୋତେ ସେଥିରୁ କ୍ଷାନ୍ତ କରି ରଖୁଛି ।*

ମୋ'ର ପ୍ରିୟ ଶିଶୁ,

ନିଜକୁ ଖୋଲିଦେବା ତୁମ ପକ୍ଷରେ କଷ୍ଟକର ହେଉଛି, କାରଣ ତୁମେ ଏପର୍ଯ୍ୟନ୍ତ ତୁମ ନିଜ ଇଚ୍ଛା ନୁହେଁ, ମାତ୍ର ମୋ'ର ଇଚ୍ଛା ଦ୍ୱାରା ତୁମ ଜୀବନକୁ ପରିଚାଳିତ ହେବାକୁ ଦେବା ଲାଗି ସଂକଳ୍ପବଦ୍ଧ ହୋଇ ନାହଁ । ଏହାର ଆବଶ୍ୟକତାକୁ ଅନୁଭବ କରିବା ସଂଗେ ସଂଗେ ସବୁକିଛି ସହଜତର ହୋଇଯିବ — ଏବଂ, ଯେଉଁ ଶାନ୍ତିକୁ ତୁମେ ଏତେ ବେଶୀ ଆବଶ୍ୟକ କରୁଛ, ସେହି ଶାନ୍ତିକୁ ମଧ୍ୟ ତୁମେ ପରିଶେଷରେ ଅବଶ୍ୟ ଲାଭ କରିବ ।

ତୁମର ଏହି ଉଦ୍ୟମ ଏବଂ ଅଭୀପ୍ସାରେ ମୁଁ ଅନୁକ୍ଷଣ ତୁମ ସହିତ ରହିଛି ।

*

*ମାଆ,*

*ପ୍ରାଣ ଅତ୍ୟନ୍ତ, ଅତ୍ୟନ୍ତ ଖରାପ ହୋଇଗଲାଣି । ବିଶେଷତଃ ଆଜି ତାହା ଅତ୍ୟନ୍ତ ବିଦ୍ରୋହୀ ହୋଇ ଉଠିଛି ।*

*ଆପଣ ମୋ'ର ଗତ ଚିଠିର ଉତ୍ତର ଦେଇ ନାହାନ୍ତି । ପ୍ରାଣକୁ ଶାନ୍ତ କରିବାରେ କୌଣସି ଆବଶ୍ୟକତା ନାହିଁ ବୋଲି ଆପଣ ବିଚାର କରୁଛନ୍ତି କି ?*

ମୁଁ ଚିଠିର ଉତ୍ତର ଦେଲି ନାହିଁ, କାରଣ ମୁଁ ଦେଖୁଛି ଯେ ମୁଁ ଯାହାକିଛି କହୁଛି, ତାହାର କୌଣସି ଫଳ ହେଉ ନାହିଁ । ଯଦି ତୁମେ ସ୍ୱଷ୍ଟ ଭାବରେ, **ଏକ ଯଥାର୍ଥ ପ୍ରଣାଳୀରେ** ତୁମ

ବିଦ୍ରୋହର ପ୍ରକୃତିଟିକୁ ପ୍ରକାଶ କରି ପାରନ୍ତ, ତେବେ ସେଥିରୁ ମୁକ୍ତ ହେବାରେ ତାହା ତୁମକୁ ଖୁବ୍ ସାହାଯ୍ୟ କରନ୍ତା, କାରଣ ନିଜକୁ ଉନ୍ମୁକ୍ତ କରିଦେବାର ଏକ ଉପାୟ ଦ୍ୱାରାହିଁ ତୁମ ଅନ୍ଧକାର ମଧ୍ୟକୁ ଆଲୋକଟି ପ୍ରବେଶ କରିବ ଓ ତାହାକୁ ଆଲୋକିତ କରିଦେବ ।

*

*ମାଆ,*

*ଏକ ନୈରାଶ୍ୟ ମୋତେ ଆଚ୍ଛନ୍ନ କରି ରଖିଛି । ଏବଂ ମୁଁ ଅଧିକାଂଶ ସମୟରେ ଅନୁଭବ କରୁଛି ଯେ ମୋ'ର ମନଟା ମଧ୍ୟ ଭାରି କ୍ଲାନ୍ତ ହୋଇଗଲାଣି । ଏହାର କାରଣ ମୁଁ କିଛି ଜାଣିପାରୁ ନାହିଁ । ଆଜି ମୋ'ର ପ୍ରାଣ ମଧ୍ୟ ତୁମୁଳ ବିଦ୍ରୋହ କରି ଉଠିଛି । ମୁଁ କ'ଣ କରି ପାରିବି ?*

ଯଥେଷ୍ଟ ପରିମାଣରେ କାମରେ ନ ଲାଗିଲେ ମାଂସପେଶୀମାନେ ଯେପରି କ୍ଲାନ୍ତ ହୋଇ ଯାଆନ୍ତି, ଏହି କ୍ଲାନ୍ତିଟି ମଧ୍ୟ ଠିକ୍ ସେହିପରି । ଅତିରିକ୍ତ କାମ କରିବା ଦ୍ୱାରା କ୍ଲାନ୍ତ ହୋଇ ପଡ଼ିବା ପରି କୌଣସି କାମ ନ କଲେ ମଧ୍ୟ ମଣିଷ କ୍ଲାନ୍ତ ହୋଇପଡ଼େ । ଅତିରିକ୍ତ କାମ କରିବା ଯେପରି ଅପକାରୀ ଯଥେଷ୍ଟ କାମ ନ କରିବା ମଧ୍ୟ ସେହି ସମାନ ଭାବେ ଅପକାରୀ ।

ପ୍ରାଣ ସବୁଠାରୁ ବେଶୀ ଏକ କଷ୍ଟଦାୟକ ଚରିତ୍ର, ଯାହାକି ଅନ୍ତରାଳରେ ରହିବା ଅପେକ୍ଷା ଖରାପ ହେବାକୁହିଁ ଅଧିକ ପସନ୍ଦ କରିଥାଏ । ସିଏ ଯେ ମୋଟେ ତୁମ ଘରର ମାଲିକ ନୁହେଁ, ତୁମକୁ ତାକୁ ସେହି ଶିକ୍ଷା ଦେବାକୁ ପଡ଼ିବ ।

*

*ମାଆ,*

*ଏହି ପ୍ରାଣ ସହିତ କିପରି ବ୍ୟବହାର କରିବାକୁ ହେବ ମୁଁ କିଛି ଜାଣିପାରୁ ନାହିଁ । ଆପଣ ଦୟାକରି ତା'ର ଉତ୍ପାତକୁ ବନ୍ଦ କରିଦେବେ କି ?*

ଶ୍ରୀଅରବିନ୍ଦ : ଏହା ଯେତେବେଳେ ଆସୁଛି, ତୁମେ ତାହାକୁ ଆଦୌ ସ୍ୱୀକାର କରିବ ନାହିଁ ଏବଂ ତା' କଥାରେ ଆଦୌ ବିଶ୍ୱାସ କରିବ ନାହିଁ । ତାହାର ଇସାରାଗୁଡ଼ିକ ଅନୁସାରେ ତୁମେ କଦାପି କାର୍ଯ୍ୟ କରିବ ନାହିଁ । ତା'ପରେ ତାହାର ଉତ୍ପାତକୁ ବନ୍ଦ କରିଦେବା କଷ୍ଟକର ହେବ ନାହିଁ ।

ଏବଂ ଶ୍ରୀଅରବିନ୍ଦ ଯେତେବେଳେ ତୁମକୁ କିଛି କହୁଛନ୍ତି, ତେବେ, ଯଦି ତୁମେ ଅସୁବିଧାଟି ଉପରେ ବିଜୟ ପ୍ରାପ୍ତ କରିବାକୁ ଇଚ୍ଛା କରୁଛ, ତେବେ ସର୍ବପ୍ରଥମ ଓ ସର୍ବପ୍ରଧାନ କଥା ହେଉଛି ଯେ ତୁମେ ଏହାକୁ **ମାନିବ** ।

*

ମୋ' ପ୍ରିୟ ଶିଶୁ,

ତୀବ୍ର ଅଭିଜ୍ଞତାମାନ ଲାଭ କରିବାର ଏହି ଯେଉଁ ବାସନା, ଏହା ପ୍ରାଣସ୍ତରର ଏକ ଲକ୍ଷଣ । ଯେଉଁମାନଙ୍କର ପ୍ରାଣିକ କ୍ଷେତ୍ରର ଯଥେଷ୍ଟ ବିକାଶ ହୋଇ ନ ଥାଏ ଏବଂ ଆପଣାର ନୀରସତା ଓ ଜଡ଼ତାରୁ ରକ୍ଷା ପାଇବାର ଅଭିପ୍ରାୟରେ ଯେଉଁମାନଙ୍କର ପ୍ରାଣ ତୀବ୍ର ଇନ୍ଦ୍ରିୟାନୁଭୂତି ଖୋଜି ବୁଲୁଥାଏ, ଏହି ପ୍ରବୃତ୍ତିଟି ସେହିମାନଙ୍କଠାରେହିଁ ରହିଥାଏ । ମାତ୍ର ଏହି କ୍ରିୟାଶୀଳତା ଏକ ଅତ୍ୟନ୍ତ ଅଜ୍ଞାନପୂର୍ଣ୍ଣ କ୍ରିୟାଶୀଳତା, କାରଣ ତୀବ୍ର ଇନ୍ଦ୍ରିୟାନୁଭୂତି କଦାପି ଏକ ପ୍ରତିକାର ରୂପେ କାର୍ଯ୍ୟ କରିପାରେ ନାହିଁ । ଓଲଟି, ସେଗୁଡ଼ିକ ଦ୍ୱାରା ବିଭ୍ରାନ୍ତି ବୃଦ୍ଧି ପାଏ, ଅନ୍ଧକାର ମଧ୍ୟ ବୃଦ୍ଧି ପାଏ ।

ଉଚ୍ଚତର ଶକ୍ତିଗୁଡ଼ିକ ଲାଗି ଆପଣାକୁ ଖୋଲି ରଖିବା, ଯେପରିକି ସେମାନେ ପ୍ରାଣକ୍ଷେତ୍ରରେ ପ୍ରବେଶ କରି ସଂଗଠନ ଓ ଶ୍ରେଣୀବିଭାଗର ତଥା ଆଲୋକନ ଓ ଶାନ୍ତିସ୍ଥାପନର କାର୍ଯ୍ୟ କରିପାରିବେ, ଏହାହିଁ ଏକମାତ୍ର ପ୍ରତିକାର ।

ତୁମକୁ ସାହାଯ୍ୟ କରିବା ଲାଗି ସର୍ବଦା ପ୍ରସ୍ତୁତ ରହିଥିବା ତୁମ ମାଆର ଅନେକ ପ୍ରୀତି ଜାଣିବ ।

*

*ମୋ'ର ଆଦରଣୀୟା ମାଆ,*

*ଆପଣ ମୋ' ଉପରେ ଅପ୍ରସନ୍ନ ଅଛନ୍ତି, ନୁହେଁ ? ମୋ' ମନରେ ସେଥିଲାଗି ବହୁତ ଦୁଃଖ । ମୁଁ କ'ଣ କରିପାରିବି ? ମୁଁ ତ ପ୍ରତ୍ୟେକ ସୋପାନରେ ଝୁଣ୍ଟିବାରେ ଲାଗିଛି ।*

ନାଇଁ, ମୋ'ର ପ୍ରିୟ ଟିକି ଶିଶୁ, ମୁଁ ଅପ୍ରସନ୍ନ ହୋଇ ନାହିଁ – କାହିଁକି ଅପ୍ରସନ୍ନ ହେବି ? ମୁଁ ତୁମର ଅସୁବିଧାଗୁଡ଼ିକୁ ବୁଝୁଛି, ତୁମ ଭିତରେ ରହିଥିବା ସଦିଚ୍ଛାଟିକୁ ମଧ୍ୟ ଜାଣିଛି । ମୁଁ ଜାଣେ ଯେ ତୁମେ ଭଲ କରିବାକୁ ଇଚ୍ଛା କରୁଛ, ତୁମେ ବିଜୟ ହାସଲ କରିବାକୁ ଇଚ୍ଛା କରୁଛ । ନିଜର ଦୁର୍ବଳତାଗୁଡ଼ିକୁ ଅତିକ୍ରମ କରିବାକୁ ମଧ୍ୟ ଚାହୁଁଛ । ସେଗୁଡ଼ିକ ଆସିବା ବେଳେ ତୁମର ଭାବିବା ଉଚିତ ନୁହେଁ ଯେ ମୁଁ ତୁମ ଉପରେ ଅପ୍ରସନ୍ନ ହୋଇଛି । ବରଂ ତୁମେ ଭାବିବ ଯେ ମୁଁ ସତତ ତୁମ ନିକଟରେ ରହିଛି, ତୁମକୁ ସାହାଯ୍ୟ କରୁଛି, ରକ୍ଷା କରୁଛି, ଏକ ଅପରିବର୍ତ୍ତନୀୟ ପ୍ରୀତି ଓ କୋମଳତା ସହିତ ତୁମକୁ ଉତ୍ସାହ ଦେବାରେ ଲାଗିଛି ।

*

ମୋ'ର ପ୍ରିୟ ଶିଶୁ,

ତୁମକୁ ସାହାଯ୍ୟ ଓ ରକ୍ଷା କରିବା ଲାଗି ମୁଁ ସତତ ତୁମ ନିକଟରେ ଅଛି ।

ନାନାବିଧ ବୃଥା କଳ୍ପନା ଦ୍ୱାରା ଅଧିକୃତ ହୋଇ ରହିବାକୁ ଆଦୌ ବାଟ ଛାଡ଼ି ଦିଅ ନାହିଁ । ତୁମ ହୃଦୟର ଗଭୀର ଦେଶରେ ଶାନ୍ତି ବିଦ୍ୟମାନ ରହିଛି । ତୁମେ ନିଜକୁ ସେହିଠାରେ ସଂକେନ୍ଦ୍ରିତ କରି ରଖ ଏବଂ ତେବେ ଅବଶ୍ୟ ତାହାକୁ ପାଇବ ।

ତୁମ ମାଆଠାରୁ ଅନେକ ପ୍ରେମ ।

*ମୋ'ର ଆଦରଣୀୟା ସ୍ନେହମୟି ମାଆ,*

*ଆପଣ ମୋ'ର ସମଗ୍ର ପ୍ରକୃତିକୁ ରୂପାନ୍ତରିତ କରି ଦିଅନ୍ତୁ । ଆପଣ ମୁଁ ଯାହା ହୁଏ ବୋଲି ଇଚ୍ଛା କରୁଛନ୍ତି, ମୁଁ ତାହାହିଁ ହେବି । ଆପଣ ମୋତେ ଆପଣଙ୍କର ଶାନ୍ତି ପ୍ରଦାନ କରନ୍ତୁ, ମୋ'ର ହୃଦୟରେ ଆପଣଙ୍କର ନୀରବତା ଆଣି ଦିଅନ୍ତୁ । ମୁଁ ଶବ୍ଦରେ ସବୁକଥା କହିପାରୁ ନାହିଁ, ମାତ୍ର ମାଆ, ଆପଣ ତ ସବୁକଥା ଜାଣିଛନ୍ତି ।*

ହଁ, ମୋ'ର ଆଦରର ଶିଶୁ, ମୁଁ ଅତି ଭଲ ଭାବରେ ତୁମକୁ ବୁଝିପାରୁଛି ଏବଂ ମୋ'ର ସ୍ନେହ ସର୍ବଦା ତୁମ ସହିତ ରହିଛି ଏବଂ ତୁମେ ଏକ ବିସ୍ତୃତ, ସ୍ଥାୟୀ ଶାନ୍ତି ଲାଭ କର ବୋଲି ସିଏ ଇଚ୍ଛା କରୁଛି । ସିଏ ଇଚ୍ଛା କରୁଛି ଯେ ତୁମେ ଏକ ଗଭୀର ଓ ଆଲୋକମୟ ନୀରବତାର ଅଧିକାରୀ ହୁଅ, ଏକ ସ୍ଥିର ଓ ସଂକେନ୍ଦ୍ରିତ ଶକ୍ତି ଲାଭ କର । ପରମ ଆଲୋକ ସହିତ ସାତତ୍ୟ ଲାଭ କଲେ ଯେଉଁ ଅବିଚ୍ଛିନ୍ନ ଆନନ୍ଦ ଉପଲବ୍ଧ ହୋଇଥାଏ, ତୁମେ ମଧ୍ୟ ସେହି ଆନନ୍ଦର ଅଧିକାରୀ ହୁଅ ।

ମୋ'ର ସମସ୍ତ ପ୍ରୀତି ସହିତ ।

*

*ମୋ'ର ସ୍ନେହମୟି ମାଆ,*

*ମୁଁ ଏକ ଗଭୀର ଶାନ୍ତି, ଏକ ଅତ୍ୟନ୍ତ ଗଭୀର ଶାନ୍ତି ପାଇବାକୁ ଇଚ୍ଛା କରୁଛି । ମୁଁ ଅନୁଭବ କରୁଛି ଯେ ମୁଁ ସର୍ବଦା ଆପଣଙ୍କର ବାହୁପାଶ ଭିତରେ ରହିଛି ।*

ହଁ, ମୋ'ର ବାହୁପାଶ ଭିତରେ ରହିବା ନିଶ୍ଚୟ ଏକ ଭଲ କଥା । ତୁମେ ଏତେ ବ୍ୟାକୁଳ ଭାବରେ ଅଭୀପ୍ସା ରଖିଥିବା ଶାନ୍ତିକୁ ତୁମେ ସେହିଠାରେ ପାଇବ; ଏବଂ ଏପରି ଏକ ବିଶ୍ରାମ ଲାଭ କରିବ, ଯାହାକି ତୁମ ଲାଗି ଯଥାର୍ଥ ଶକ୍ତିଗୁଡ଼ିକୁ ମଧ୍ୟ ଆଣି ଦେଇପାରିବ ।

ମୋ'ର ପ୍ରୀତି ତୁମକୁ ସର୍ବଦା ବେଷ୍ଟିତ କରି ଧରିଛି, ତୁମକୁ ଆଲିଙ୍ଗନ କରି ରହିଛି ।

*

*ମୋ'ର ଆଦରଣୀୟା ମାଆ,*

*ଆଲୋକ, ଆହୁରି ଅଧିକ ଆଲୋକ । ଆପଣ ମୋତେ ଆଲୋକିତ କରନ୍ତୁ । ବର୍ତ୍ତମାନ ମୁଁ ଜାଣୁଛି ଯେ ଆପଣ ହେଉଛନ୍ତି ବୃହତ୍ତମା ଶକ୍ତି । ମୋ'ର ମାଆ, ଆପଣ ମୋତେ ଆପଣଙ୍କର ହୃଦୟ ଭିତରକୁ ନେଇଯାଆନ୍ତୁ ଏବଂ ମୋ'ର ସକଳ ପ୍ରତିବନ୍ଧକକୁ ଚୂର୍ଣ୍ଣ କରି ଦିଅନ୍ତୁ ।*

ମୋ'ର ପ୍ରିୟ ଶିଶୁ,

ତୁମେ ସବୁବେଳେ ମୋ'ର ହୃଦୟ ଭିତରେହିଁ ଲାଖି ରହିଥାଅ, ସେହି ହୃଦୟ ତୁମକୁ ସର୍ବଦା ସ୍ୱାଗତ କରିବା ଲାଗି ତିଆରି ହୋଇ ରହିଛି । ତୁମକୁ ବେଷ୍ଟିତ କରି ଧରିବା ଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥିବା ମୋ ବାହୁ ଯୁଗଳ ଭିତରେ ଆସି ତୁମେ ଲାଖି ରହ ଏବଂ କୌଣସି ପ୍ରତିବନ୍ଧକକୁ ଆଦୌ ଭୟ କର ନାହିଁ — ଆମେ ସେହି ସବୁକିଛିକୁହିଁ ଦୂର କରିଦେବୁ ।

ମୋ'ର ସମସ୍ତ ପ୍ରେମ ସହିତ ।

*

*ହେ ମୋ'ର ଆଦରଣୀୟା ମାଆ,*

*ଆପଣ ମୋତେ ଆପଣଙ୍କର ହୃଦୟ ଭିତରକୁ ନେଇ ଯାଆନ୍ତୁ । ନାହିଁ, ନାହିଁ, ଏହିସବୁ ଦୟନୀୟ ମିଥ୍ୟାଗୁଡ଼ିକରେ ମୋ'ର କୌଣସି ପ୍ରୟୋଜନ ନାହିଁ । ମୋତେ ଆପଣଙ୍କର ହୃଦୟ ଭିତରକୁ ନେଇ ଯାଆନ୍ତୁ ।*

ମୁଁ ସତତ ତୁମକୁ ମୋ' ହୃଦୟ ଭିତରକୁ ନେବାରେ ଲାଗିଛି; ମାତ୍ର ଯଦି ତୁମେ ସେଠାରୁ ଦଉଡ଼ି ପଳାଇବାରେ ଲାଗିଥିବ, ମୁଁ ତେବେ ଆଉ କ'ଣ କରିପାରିବି ? ମୁଁ ତୁମକୁ କୌଣସି ସାହାଯ୍ୟ କରିପାରେ ବୋଲି ଯଦି ତୁମେ ଇଚ୍ଛା କରୁଥାଅ, ତେବେ ତୁମକୁ ମୋ'ର ବାହୁ ଭିତରେ ସ୍ଥିର ହୋଇ ରହିବାକୁ ପଡ଼ିବ ।

*

*ମାଆ,*

*ଆପଣ ମୋତେ ଅଧିକ ଶାନ୍ତି ଦିଅନ୍ତୁ ।*

ତୁମେ ଯେତେଥର ଅସ୍ଥିରତା ଅସୁଖ ଅନୁଭବ କରିବ ସେତେଥର ମୋତେ ସ୍ମରଣ କରିବା ସଙ୍ଗେ ସଙ୍ଗେ ବାହ୍ୟ ଉଚ୍ଚାରଣ ବିନା ନିଜ ଭିତରେ କହି ଚାଲିବ :

''ହେ ମୋ ହୃଦୟ ! ଶାନ୍ତି, ଶାନ୍ତି ।'' ସ୍ଥିର ଅପ୍ରତିହତ ଭାବରେ ଏହା କରିଚାଲିଲେ ସେଥିରୁ ତୁମକୁ ଯେଉଁ ଫଳ ମିଳିବ ସେଥିରେ ତୁମେ ଖୁସୀହେବ ।

ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ।

*

ମୋ'ର ପ୍ରିୟ ଶିଶୁ,

ତୁମଠାରେ ଶାନ୍ତି ଅବସ୍ଥାନ କରୁଛି; ତାହାକୁ ତୁମେ ନିଜ ଭିତରକୁ ଭେଦ କରିବାକୁ ଦିଅ, ଏବଂ ସେହି ଶାନ୍ତି ଭିତରେ ତୁମେ ଆଲୋକ ଦେଖିବାକୁ ପାଇବ ଏବଂ ସେହି ଆଲୋକ ତୁମ ଲାଗି ଜ୍ଞାନକୁ ବହନ କରି ଆଣିବ ।

ମୋ'ର ସମସ୍ତ ପ୍ରୀତି ସହିତ । ତୁମର ମାଆ ।

*

ମୋ'ର ପ୍ରିୟ ଶିଶୁ,

ଯେଉଁଦିନ ତୁମେ ସର୍ବଦା ଓ ସବୁ ପରିସ୍ଥିତିରେ ନିଜକୁ ଶକ୍ତିମାନ୍ ଓ ଖୁସୀ ଅନୁଭବ କରିବ, ମୁଁ ସେଦିନ କେଡ଼େ ଖୁସୀ ନ ହେବି !

ମୋ'ର ସମସ୍ତ ପ୍ରେମ ସହିତ ।

# ଷଷ୍ଠ ସ୍ତବକ

## ଷଷ୍ଠ ସ୍ତବକ

*ଜଣେ ତରୁଣ ସାଧକଙ୍କ ପାଖକୁ ଲିଖିତ, ଯିଏକି ପରେ*
*ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଜଣେ ଶିକ୍ଷକ ହୋଇଥିଲେ ।**

୧

*ମୁଁ ଆଶା କରୁଛି ଓ ବିଶ୍ୱାସ କରୁଛି ଯେ ଆପଣଙ୍କର କାର୍ଯ୍ୟଟି ମନୁଷ୍ୟମାନଙ୍କ ଉପରେ ଆଦୌ ନିର୍ଭର କରୁ ନାହିଁ ।*

ନାଇଁ, ମନୁଷ୍ୟମାନଙ୍କ ଉପରେ ତାହା ଆଦୌ ନିର୍ଭର କରୁ ନାହିଁ । ଯାହା କରିବାକୁ ଅଛି, ଯାବତୀୟ ପ୍ରତିରୋଧ ସତ୍ତ୍ୱେ ତାହା ଅବଶ୍ୟ ସମ୍ପନ୍ନ ହେବ ।

*

*ମୋ' ଇଚ୍ଛାକୁ ଆପଣଙ୍କ ଇଚ୍ଛା ସହିତ ନେଇ ସମ୍ମିଳିତ କରିଦେବାର କ'ଣ କୌଣସି ଉପାୟ ନାହିଁ ? ସମ୍ଭବତଃ ଆପଣଙ୍କର କୌଣସି ସ୍ୱତନ୍ତ୍ର ଇଚ୍ଛା ନାହିଁ, କାରଣ ଆପଣ ତ କିଛି ଇଚ୍ଛା କରୁ ନାହାନ୍ତି ।*

ମୁଁ କ'ଣ ଇଚ୍ଛା କରୁଛି, ଅର୍ଥାତ୍ ଦିବ୍ୟ ପରମ ଇଚ୍ଛାଟି ଯେ କ'ଣ, ସେକଥା ମୁଁ ସମ୍ପୂର୍ଣ୍ଣ ଭଲ ଭାବରେ ଜାଣିଛି, ଏବଂ ସମୟକ୍ରମେ ସେହି ଇଚ୍ଛାହିଁ ବିଜୟ ଲାଭ କରିବ ।

*

ଆମେ ଯାହାକୁ ପୃଥିବୀ ପୃଷ୍ଠକୁ ଆଣିବା ଲାଗି ଇଚ୍ଛା କରୁଛୁ, ତାହାକୁ କ୍ୱଚିତ୍ ଏକ **ବିପ୍ଳବ** ବୋଲି କୁହାଯାଇ ପାରିବ; ଅବଶ୍ୟ ଏକଥା ସତ ଯେ ଏହା ଏକ ଅଦୃଷ୍ଟପୂର୍ବ ସବୁଠାରୁ ଅଧିକ ବିସ୍ମୟକାରୀ ପରିବର୍ତ୍ତନ ରୂପେ ପୃଥିବୀରେ ସଂଘଟିତ ହେବ । କୌଣସି ସ୍ଥିତିରେ ମଧ୍ୟ ଏହାକୁ କଦାପି ପୃଥିବୀର ରକ୍ତାକ୍ତ ବିପ୍ଳବଗୁଡ଼ିକ ସହିତ ତୁଳନା କରାଯାଇ ପାରିବ

---

* ଏହି ସ୍ତବକଟିକୁ ବିଷୟବସ୍ତୁ ଅନୁସାରେ ମୋଟାମୋଟି ଭାବେ ତେରୋଟି ଭାଗରେ ବିଭାଜିତ କରି ରଖାଯାଇଛି — ଏଥି ପୂର୍ବରୁ ଏକ ପୁସ୍ତିକାକାରରେ ଏହା ଠିକ୍ ଏହିଭାବେ ପ୍ରକାଶ ପାଇଥିଲା; ସେଥିପାଇଁ ତାରିଖକ୍ରମରେ ସଜା ହୋଇଥିବା ଅନ୍ୟ ଅଧ୍ୟାୟମାନଙ୍କଠାରୁ ଏହା ଭିନ୍ନ ଧରଣର । ଏଇଟିରେ ପ୍ରଦତ୍ତ ଉତ୍ତରଗୁଡ଼ିକ ୧୯୩୩ ଏବଂ ୧୯୪୯ ମଧ୍ୟରେ — ମୁଖ୍ୟତଃ ୧୯୩୩ ଓ ୧୯୩୫ ମଧ୍ୟରେହିଁ ପ୍ରଦତ୍ତ ।

ନାହିଁ, ଯେଉଁଗୁଡ଼ିକ କି ନିରର୍ଥକ ଭାବରେ ଦେଶମାନଙ୍କୁ ଚିରି ଚିରି ଖଣ୍ଡ ଖଣ୍ଡ କରିଦିଅନ୍ତି ଓ ତଥାପି କୌଣସି ବୃହତ୍ ପରିବର୍ତ୍ତନ ଘଟାଇ ପାରନ୍ତି ନାହିଁ। କାରଣ, ସେଗୁଡ଼ିକ ମନୁଷ୍ୟମାନଙ୍କୁ ସେହି ପୂର୍ବପରିହିଁ ମିଥ୍ୟା, ଅଜ୍ଞାନ ଓ ଅହଂ ମଧ୍ୟରେ ରଖିଥାଆନ୍ତି।

*

*ଏପରି ଗୋଟିଏ ଦିନ ଆସିବ ବୋଲି ମୁଁ ବିଶ୍ୱାସ କରୁଛି, ଯେତେବେଳେ କି ପାର୍ଥିବ ବସ୍ତୁଗୁଡ଼ିକୁ ଦେଖୁଥିବା ପରି ପରମ ଦିବ୍ୟସତ୍ତାଙ୍କୁ ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆଖିରେ ଦେଖିହେବ, ଏବଂ, ସେତେବେଳେ ଆଉ ''ପରମ ଦିବ୍ୟସତ୍ତା ସର୍ବତ୍ର ରହିଛନ୍ତି'' ବୋଲି ଆଦୌ ଚିତ୍କାର କରି କହିବା ଦରକାର ହେବ ନାହିଁ। କାରଣ ସେତେବେଳେ ତାହା ଏକ ସାଧାରଣ ଅନୁଭୂତିରେହିଁ ପରିଣତ ହୋଇଯିବ।*

ଏହି ଉପଲବ୍ଧିକୁ ଯଦି କେବଳ ଏତିକି ଭିତରେ ସୀମିତ ରଖିଦିଆଯିବ, ତେବେ ଏହାକୁ ସେପରି କୌଣସି ବଡ଼ ଉପଲବ୍ଧି ବୋଲି କଦାପି କୁହା ଯିବ ନାହିଁ। ଜାଗତିକ ଜୀବନର ଏକ ସମଗ୍ର ରୂପାନ୍ତରହିଁ ଅଭିଳଷିତ ହୋଇ ରହିଛି।

*

*ପ୍ରେମାସ୍ପଦା ମାଆ, ପ୍ରତ୍ୟେକ ମୁହୂର୍ତ୍ତରେହିଁ ମୁଁ ନିଜ ଭିତରେ ଏକ ବୃହତ୍ ରୂପାନ୍ତର ସଂଘଟିତ ହେଉଥିବାର ଅନୁଭବ କରୁଛି। ଏହା ସତ୍ୟ ନୁହେଁ କି ?*

ଏହା ସମ୍ପୂର୍ଣ୍ଣ ସତ୍ୟ। ମାତ୍ର ମୋତେ ଲାଗୁଛି ଯେ, ତୁମେ ଯେତିକି କହୁଛ, ବାହାରର ଆକାରଗୁଡ଼ିକ, ପ୍ରତିଭାସଗୁଡ଼ିକ ତା'ଠାରୁ ଅଧିକ ପରିମାଣରେ ବଦଳି ଯାଉଛି। କେବଳ, ତାହାକୁ ଅତ୍ୟନ୍ତ ସହଜରେ ଦେଖିହେଉ ନାହିଁ, କାରଣ ତାହା ସ୍ୱାଭାବିକ ଭାବରେ ଘଟୁଛି, ବସ୍ତୁଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟଟି ଅନୁସାରେ ଘଟୁଛି, କୌଣସି ମାନସିକ ନିଷ୍ପତ୍ତିରେ ଖାମଖିଆଲୀଭାବେ ଘଟୁ ନାହିଁ।

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦିବ୍ୟ ପରମ କରୁଣା ସର୍ବଦା କ୍ରିୟାଶୀଳ ହୋଇ ରହିଛି; ଏହି ଜଡ଼ସ୍ଥ ପୃଥିବୀ ଓ ସେଥିରେ ବାସ କରୁଥିବା ମନୁଷ୍ୟମାନେହିଁ ତାହା ଚାହୁଁ ନାହାନ୍ତି !

*

*ଦିବ୍ୟ ପରମସତ୍ତା ମୋ'ଠାରୁ କ'ଣ ଚାହୁଁଛନ୍ତି ?*

ସେ ଚାହୁଁଛନ୍ତି ଯେ ତୁମେ ସର୍ବପ୍ରଥମେ ନିଜକୁ ଆବିଷ୍କାର କର; ଅର୍ଥାତ୍, ତୁମର ଯଥାର୍ଥ ସତ୍ତାଟି ଦ୍ୱାରା, ତୁମର ଚୈତ୍ୟସତ୍ତା ଦ୍ୱାରା ତୁମେ ନିମ୍ନତର ସତ୍ତାଟି ଉପରେ ପ୍ରଭୁତ୍ୱ ଅର୍ଜନ କରି ତାହାର ପରିଚାଳନା କର । ଏବଂ ତେବେ ତୁମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏହି ବୃହତ୍ ଦିବ୍ୟ କର୍ମଟିରେ ନିଜର ଯଥାର୍ଥ ଭୂମିକାକୁ ଗ୍ରହଣ କରିପାରିବ ।

*

*ମୋ'ର ଯଥାର୍ଥ ସତ୍ତାଟି କେଉଁଠି ଅଛି ?*

ତୁମ ଅନ୍ତରର ଆହୁରି ତଳେ ଏବଂ ଊର୍ଦ୍ଧ୍ୱର ଆହୁରି ଉଚ୍ଚରେ, ତୁମ ସଂବେଗଗୁଡ଼ିକର ଅନ୍ୟପାଖରେ ଓ ତୁମ ମନର ଅତୀତ ହୋଇ ଅବସ୍ଥିତ ।

*

*ମାଆ, ମୋତେ ଭାରି କ୍ରୁଦ୍ଧ ଲାଗୁଛି, କାରଣ ମୁଁ ଏ ପର୍ଯ୍ୟନ୍ତ ମୋ ''ନିଜକୁ'' ଆବିଷ୍କାର କରିପାରୁ ନାହିଁ । ଏହି କାର୍ଯ୍ୟଟିକୁ ମୁଁ କରିବାକୁ ଯେମିତି ଚେଷ୍ଟା କରୁଛି, ସେମିତି ନିଜ ଶରୀରଟି ବ୍ୟତୀତ ମୁଁ ଆଉ କିଛି ଦେଖିପାରୁ ନାହିଁ । ଶରୀରଟା ତ କେବଳ କେତେଟା ତୁଚ୍ଛ ଭାବନା ଏବଂ ଶୃଙ୍ଖଳାହୀନ ବାସନାର ଏକ ସ୍ତର ପରି ପଡ଼ିରହିଛି ।*

କୌଣସି ପ୍ରକାରେ ନିରୁତ୍ସାହିତ ନ ହୋଇ ଆମକୁ ଅବିଚ୍ଛିନ୍ନ ଭାବରେ ଚେଷ୍ଟା କରିବାକୁ ହେବ ଏବଂ ସର୍ବପ୍ରଥମେ ଶରୀରକୁହିଁ ଅସଲ ''ଆତ୍ମା'' ବୋଲି ଅଭିହିତ କରିବାକୁ ଅସ୍ୱୀକାର କରିବାକୁ ପଡ଼ିବ । ବସ୍ତୁତଃ, ଏହାକୁ ଜୀବନ୍ତ କରି ରଖିଥିବା ସଂବେଗ ଓ ଭାବନାରାଜି ବ୍ୟତୀତ ଆଉ କ'ଣ କହିବା ? ଏହି ଜଡ଼, ନିଷ୍ପ୍ରାଣ ମେଦ ।

*

*ମାଆ, ମୁଁ ଯେ ଏକ ଆଧ୍ୟାତ୍ମିକ ଜୀବନ ଯାପନ କରୁଛି, ଏକଥା ସର୍ବଦା ମନେ ରଖିବାକୁ ମୋତେ କ'ଣ ସାହାଯ୍ୟ କରିପାରିବ ?*

ସକଳ ବସ୍ତୁରେ ଓ ସର୍ବଦା ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଜ୍ଞାନତା ।

*

*କଥୋପକଥନରେ ଆପଣ କହିଛନ୍ତି ଯେ, ନିଜକୁ ଯୋଗ ନିମନ୍ତେ ପ୍ରସ୍ତୁତ କରିବାକୁ ହେଲେ ସର୍ବପ୍ରଥମେ ସଚେତନ ହେବାକୁ ପଡ଼ିବ । ଆମ ଭିତରେ ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନ ହେବା ହେଉଛି ଆମର ଲକ୍ଷ୍ୟ । ତେଣୁ, ମୁଁ ଆରମ୍ଭରୁ କିପରି ସଚେତନ ହୋଇ ପାରିବି, ସେକଥା ବୁଝି ପାରୁ ନାହିଁ ।*

''ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନ ହେବା'' କଥା ମୁଁ କହି ନାହିଁ । ମୁଁ କେବଳ ସଚେତନ ହେବା କଥା କହିଛି । ତାହାର ଅର୍ଥ ହେଉଛି, ନିଜ ଭିତରେ କ'ଣସବୁ ଘଟୁଛି, ସେହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ନ ରହି ଜୀବନ ବଞ୍ଚିବା ।

*

*ଯାହାକିଛି ଘଟଣା ଘଟୁଛି, ମୁଁ ସେଗୁଡ଼ିକୁ ଏକ ସ୍ଥିର ହୃଦୟରେ ଆଦୌ ଗ୍ରହଣ କରିପାରୁ ନାହିଁ ।*

ମାତ୍ର ଏଇଟି ଯୋଗ ଲାଗି ଅପରିହାର୍ଯ୍ୟ । ଏବଂ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇ ତାଙ୍କୁ ପ୍ରକଟ କରିବାର ଏଡ଼େ ବଡ଼ ଲକ୍ଷ୍ୟଟିଏ ଯିଏ ଗ୍ରହଣ କରିଛି, ସିଏ କିପରି ଜୀବନର ଯାବତୀୟ ବ୍ୟର୍ଥତା ଏବଂ ନିର୍ବୋଧତାଗୁଡ଼ିକ ଦ୍ୱାରା ବିଚଳିତ ହୋଇଯିବ ?

*

*କେତେକ ବ୍ୟକ୍ତି କହନ୍ତି, ପ୍ରକଟ ହୋଇଥିବା ପୃଥିବୀଟି ଏଡ଼େ ସଫଳ ଭାବରେ ଯେଉଁ ଆନନ୍ଦକୁ ଗୁପ୍ତ କରି ରଖିଛି ଯେ, ତାହାକୁ ଆସ୍ୱାଦନ କରି ପାରିବା ନିମନ୍ତେ ଆମକୁ ଆମର ବାହ୍ୟ ପ୍ରକୃତି ସହିତ ନିବିଡ଼ ଭାବରେ ସଂଯୁକ୍ତ ହେବାକୁ ପଡ଼ିବ ।*

ମୁଁ ଏହାକୁ ଆଦୌ ଠିକ୍ ବୋଲି ଭାବୁ ନାହିଁ । ବାହ୍ୟ ପ୍ରକୃତି ସହିତ ସଂଯୁକ୍ତ ହୋଇ ରହିବା ଦ୍ୱାରା ଆନନ୍ଦ ଅପେକ୍ଷା ଅଧିକତର ଦୁଃଖହିଁ ପ୍ରାପ୍ତ ହୋଇଥାଏ ।

*

ତୁମେ କହିବା ଅନୁସାରେ ଯଦି ତୁମେ ଜଣେ ସଂସାରଲିପ୍ତ ମନୁଷ୍ୟ ହୋଇଥାନ୍ତ, ତେବେ ତୁମେ ଏଠାରେ କଦାପି ନ ଥାନ୍ତ । ତୁମେ ସଂସାରରେ ଥାଆନ୍ତ । ଏସବୁ ହେଉଛନ୍ତି ସତ୍ତାର କେତୋଟି ନିର୍ଦ୍ଦିଷ୍ଟ ଉପାଦାନ, ଯେଉଁଗୁଡ଼ିକ କି ସେମାନଙ୍କର ପୁରାତନ କ୍ରିୟାତ୍ମକତାଗୁଡ଼ିକ ସହିତ ବାନ୍ଧିହୋଇ ରହିଥାନ୍ତି ଏବଂ ବଦଳିବାକୁ ଆଦୌ ସମ୍ମତ ହୁଅନ୍ତି ନାହିଁ । ସେଗୁଡ଼ିକୁ ମଧ୍ୟ ନତିସ୍ୱୀକାର କରିବାକୁ ପଡ଼ିବ ଏବଂ ଦିନେ ନା ଦିନେ ରୂପାନ୍ତରିତ ହେବାକୁ ପଡ଼ିବ ।

*

*ମାଆ, ମୁଁ ଆପଣଙ୍କୁ ପୁଣି ଥରେ ପଚାରୁଛି, ମୋର ସତ୍ତାକୁ କିଏ ଏପରି ବିଭକ୍ତ କରି ରଖିଛି ?*

ଗୋଟିଏ ପାଖରେ ସେହି ଅଂଶଟି ଯାହା ଚେତନା ଉଦ୍ଦେଶ୍ୟରେ ଅଭୀପ୍ସା କରୁଛି, ସେଇଟି ହେଉଛି ତୁମ ସତ୍ତାର ''ସାତ୍ତ୍ୱିକ'' ଅଂଶ । ଏବଂ ଅନ୍ୟ ଅଂଶଟି ହେଉଛି, ଯାହା ଅଚେତନା

ଦ୍ୱାରା ଆକ୍ରାନ୍ତ ଓ ଶାସିତ ହେବା ଲାଗି ନିଜକୁ ଉନ୍ମୁକ୍ତ ରଖିଛି । ସେଇଟି ସତ୍ତାର ''ତାମସିକ'' ଅଂଶ । ଏହି ଦୁଇ ଅଂଶ ଭିତରେ ଦ୍ୱନ୍ଦ୍ୱ ଲାଗିଛି । ଗୋଟିଏ ଅଂଶ ଊର୍ଦ୍ଧ୍ୱକୁ ଠେଲୁଛି, ଆଉ ଗୋଟିଏ ନିମ୍ନକୁ ଟାଣୁଛି । ତେଣୁ ଏହା ଯାବତୀୟ ବାହ୍ୟ ପ୍ରଭାବର ଅଧୀନ ହୋଇ ରହିଛି ।

*

*ମାଆ, ଆପଣଙ୍କର ପୃଥିବୀ ମୋତେ ହୁଏତ ଆଘାତ କରିପାରିବ, ମାତ୍ର କୌଣସି ସୁଖ ଦେଇପାରିବ ନାହିଁ । ମୁଁ ନିଜେ ମଧ୍ୟ କୌଣସି ସୁଖ କାମନା କରୁ ନାହିଁ ।*

ପୃଥିବୀ ଯୋଗାଇଦେଇ ପାରୁଥିବା ଯାବତୀୟ ସୁଖର ଊର୍ଦ୍ଧ୍ୱରେ ରହିବା ଏକ ଉତ୍ତମ କଥା, ମାତ୍ର ତୁମେ ସେହି ପୃଥିବୀଠାରୁ ଆଘାତ ପାଇବାକୁ କାହିଁକି ସ୍ୱୀକାର କରି ନେଉଛ ?

*

*ଆଦୌ କୌଣସି ଆସକ୍ତି ନ ଥିବା ଏହି ଜୀବନ ମୋତେ ଭଲ ଲାଗୁ ନାହିଁ ।*

ଯଦି ତୁମେ ଆଦୌ କୌଣସି ବସ୍ତୁ ପ୍ରତି ଆସକ୍ତ ହୋଇ ରହି ନ ଥାଅ, ତେବେ ତାହାକୁ ଯୋଗମାର୍ଗର ଏକ ବୃହତ୍ ଉପଲବ୍ଧି ବୋଲି କହିବାକୁ ହେବ ଏବଂ ତେଣୁ ସେହି ବିଷୟରେ ଅଭିଯୋଗ କରିବା ତୁମ ପକ୍ଷରେ ଆଦୌ ଠିକ୍ ହେବ ନାହିଁ ।

*

*ସାରା ପୃଥିବୀ ମୋ' ବିରୋଧରେ ଛିଡ଼ା ହୋଇଛି ଓ ମୁଁ ଅସହାୟ ଅବସ୍ଥାରେ ରହିଛି ।*

ସାରା ପୃଥିବୀ ତୁମ ବିରୋଧରେ ବୋଲି ଭାବିବା ଲାଗି ତୁମେ କାହିଁକି ଇଚ୍ଛା କରୁଛ ? ଏହା ଏକ ପିଲାଳିଆ କଥା ।

*

*ମନୁଷ୍ୟର ଜୀବନ ଯେ ଯାବତୀୟ ଦୁଃଖକୁ, ଏପରିକି ମୃତ୍ୟୁକୁ ମଧ୍ୟ ଜୟ କରିପାରିବ, ମୋ'ର ଭୌତିକ ମନର ଏପର୍ଯ୍ୟନ୍ତ ସେହି ବିଷୟରେ ହୃଦ୍‌ବୋଧ ହୋଇ ନାହିଁ ।*

ହୋଇପାରେ ଯେ ମନୁଷ୍ୟର ଜୀବନ ପ୍ରକୃତରେ ତାହା ହାସଲ କରିବାକୁ ସମର୍ଥ ହେବ ନାହିଁ; ମାତ୍ର ଦିବ୍ୟ ଜୀବନ ନିମନ୍ତେ କୌଣସି କଥା ଆଦୌ ଅସମ୍ଭବ ନୁହେଁ ।

*

*ଜଣେ ଏହି ପୃଥିବୀ ବିଷୟରେ ବିରକ୍ତ ହୋଇ ପଡ଼ିବା କ'ଣ ଏକ ବିଚିତ୍ର କଥା ? ସେହି ଗୋଟିଏ ବୃତ୍ତରେ ଆବର୍ତ୍ତିତ ହେବାରେ ଲାଗିଥିବ, ଏହାକୁ ତ ସାକ୍ଷାତ୍ ମରଣ ବୋଲି କୁହାଯିବ ।*

ଏଇଟି ହେଉଛି ଏକ ଅନ୍ୟତମ ଦୃଷ୍ଟିକୋଣ । ମାତ୍ର, ଆଉ ଗୋଟିଏ ଦୃଷ୍ଟିକୋଣ ରହିଛି, ଯେତେବେଳେ କି ମଣିଷ ଦେଖୁଥାଏ ଯେ କୌଣସି ଦୁଇଟି ବସ୍ତୁ ଓ ଦୁଇଟି ମୁହୂର୍ତ୍ତ ମଧ୍ୟ ପୃଥିବୀରେ ଅବିକଳ ଏକାଭଳି ନୁହନ୍ତି ଏବଂ ପ୍ରତ୍ୟେକ ବସ୍ତୁ ଚିରନ୍ତନ ଭାବରେ କେବଳ ବଦଳି ଯିବାରେ ଲାଗିଛନ୍ତି ।

*

*ଆପଣଙ୍କର ''ପ୍ରାର୍ଥନାବଳୀ''ରେ ମୁଁ ଗୋଟିଏ ବାକ୍ୟାଂଶ ବୁଝିପାରୁ ନାହିଁ : ''ଏବଂ ପରମ ଶାଶ୍ୱତତା ସମ୍ମୁଖରେ ସବୁକିଛି ପରସ୍ପର ସହିତ ସମାନ – କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣା ଅଥବା ସମରୂପ ନକ୍ଷତ୍ରମାନେ ।''*

(ଆଧ୍ୟାତ୍ମିକ ଅର୍ଥରେ) ତାରାମାନେ ସମସ୍ତେ ଅଭିନ୍ନ । ମୋ' କହିବାର ଅର୍ଥ ହେଉଛି ଯେ, ଯଦି ଆମେ ଇଚ୍ଛା କରିବା, ତେବେ ମନୁଷ୍ୟମାନଙ୍କୁ ମଧ୍ୟ ଗୋଟିଏ ଗୋଟିଏ ଧୂଳିକଣା ବୋଲି କହିପାରିବା, ବା ସେଗୁଡ଼ିକୁ ତାରାମାନଙ୍କ ସହିତ ତୁଳନା ମଧ୍ୟ କରିପାରିବା । ଉଭୟ କ୍ଷେତ୍ରରେହିଁ ସେମାନେ ଆକାରରେ ସେହି ଏକା ପ୍ରକାରର ହେବେ ଏବଂ ପରମ ଶାଶ୍ୱତ ସତ୍ତାର ସମ୍ମୁଖରେ ସେମାନଙ୍କର ମୂଲ୍ୟ ମଧ୍ୟ ସେହି ଏକା ରହିବ ।

୨

*ପ୍ରେମାସ୍ପଦା ମାଆ,*

*ଆପଣ ମୋ'ର ପାଦଗୁଡ଼ିକୁ ବାଟ ଦେଖାନ୍ତୁ, ମୋ'ର ମନକୁ ଆଲୋକିତ କରି ଦିଅନ୍ତୁ ଏବଂ ମୋ'ର ବିନୀତ ପ୍ରାର୍ଥନା, ଆପଣ ଓ ମୋ' ଭିତରେ ଆଦୌ କୌଣସି ଦୂରତା ରହିବାକୁ ନ ଦିଅନ୍ତୁ ।*

ଆମ ଭିତରେ କୌଣସି ଦୂରତା ରହୁ ବୋଲି ମୁଁ ମଧ୍ୟ ଇଚ୍ଛା କରୁ ନାହିଁ । ମାତ୍ର ସମ୍ବନ୍ଧଟି ଏକ ଯଥାର୍ଥ ସମ୍ବନ୍ଧ ହେବା ଦରକାର, ତାହା ଦିବ୍ୟ ଚେତନାରେ ସମ୍ମିଳିତ ହୋଇ ରହିବା ଉପରେ ଆଧାରିତ ହୋଇ ରହିଥିବା ଉଚିତ ।

*

ନିଜ ହୃଦୟକୁ ତୁମେ ଆହୁରି ଅଧିକ ଖୋଲିଦିଅ, ତେବେ ଆଉ କୌଣସି ଦୂରତା ରହିବ ନାହିଁ ।

*

*ଏହି ଯେଉଁ କାରାଗାର ମୋତେ ଆପଣଙ୍କଠାରୁ ଏବଂ ପରମ ଦିବ୍ୟ ସତ୍ତାଙ୍କଠାରୁ ଅଲଗା କରି ରଖିଛି, ତାହାକୁ ଭାଙ୍ଗି ଦେବାକୁ ହେବ । ହେ ମାଆ, ମୋ'ର କ'ଣ କରିବା ଉଚିତ ମୁଁ କିଛି ଜାଣିପାରୁ ନାହିଁ ।*

ଏକ ସ୍ଥିର ଏବଂ ଅଧ୍ୟବସାୟଶୀଳ ଇଚ୍ଛା ଦ୍ୱାରା ଏହି କାର୍ଯ୍ୟଟି ସମ୍ପନ୍ନ ହୋଇ ପାରିବ ।

*

*ଯେଉଁ ପ୍ରେମ ଆପଣାକୁ ନିବେଦନ କରିଦେବାକୁ ଚାହେଁ ଏବଂ ଯାହା ମୋତେ ଆପଣଙ୍କ ପାଖକୁ ବାଟ ଦେଖାଇ ନିଏ, ମୋ'ର ସମସ୍ତ ସତ୍ତା କେବଳ ସେହି ପ୍ରେମରେ ପରିଣତ ହୋଇଯାଉ ।*

ତୁମେ ଏହି ଅଭୀପ୍ସାଟିକୁ ଅବିଚଳ ରଖିଥିବ, ତେବେ ବିଜୟ ସୁନିଶ୍ଚିତ ହେବ । ଦିନେ ତୁମେ ମୋତେ ଏପରି ଏକ ପ୍ରେମର ସହ ଭଲ ପାଇବ, ଯାହାକି ତୁମକୁ ବଳ ଓ ଆନନ୍ଦରେ ପୂର୍ଣ୍ଣ କରିଦେଉଥିବ ।

*

*ମୋ'ର ମାଆ, ମୋ'ର ସମସ୍ତ ଇଚ୍ଛା ଓ ସମସ୍ତ ଉଦ୍ୟମ ଦ୍ୱାରା ମୁଁ ସେହି ପ୍ରେମକୁ ଉପଲବ୍ଧି କରିବାକୁ ଚାହେଁ, ଯାହାକୁ ଆପଣ ନିଜର ଦିବ୍ୟ ଦୃଷ୍ଟିରେ ଦେଖିବାକୁ ସମର୍ଥ ହୋଇଛନ୍ତି ।*

ତୁମର ଉଦ୍ୟମରେ ମୁଁ ସର୍ବଦା ତୁମ ପାଖରେ ରହିଥିବି ।

*

*ମୋ'ର ଆଦରଣୀୟା ମାଆ, ମୁଁ ଆପଣଙ୍କୁ ଯେ ଭଲପାଏ ଓ ଆପଣଙ୍କର ହୋଇଗଲିଣି ଏକଥା କହୁ ନାହିଁ; କାରଣ ମୋତେ ନିଜର କାର୍ଯ୍ୟ ଦେଇ ତାହାର ପ୍ରମାଣ ଦେବାକୁ ହେବ । ତାହା ନ ହୋଇ ପାରିଲେ ଏସବୁ କେବଳ କେତୋଟି ନିରର୍ଥକ ଶବ୍ଦରେହିଁ ପରିଣତ ହୋଇଯିବ, ଯାହା ପଛରେ କି ମଣିଷ ଅନେକ ସମୟରେ ଆଶ୍ରୟ ଓ ସୁରକ୍ଷା ଖୋଜୁଥାଏ । ମାତ୍ର ତଥାପି, ମୁଁ ହେଉଛି ଆପଣଙ୍କର ସନ୍ତାନ ।*

ତୁମେ ଯାହା ଭାବିଛ, ଭଲ । ତୁମେ ପ୍ରକୃତରେ ସର୍ବଦାହିଁ ମୋ'ର ସନ୍ତାନ ହୋଇ ରହିଛ ଏବଂ ତୁମେ ଆହୁରି ଅଧିକ ସାର୍ଥକ ଭାବରେ ଏକ ଉତ୍ତମ ଶିଶୁରେ ପରିଣତ ହେବ, ଯିଏ କି ମୋତେ ସକଳ ଆନ୍ତରିକତା ଓ ଯଥାର୍ଥତା ସହିତ କହିପାରିବ : ''ମୁଁ ଆପଣଙ୍କୁ ଭଲ ପାଏ ଓ ଶାଶ୍ୱତ କାଳ ଲାଗି ଆପଣଙ୍କର ହୋଇ ରହିଛି ।''

*

*ହେ ମାଆ, ମୋତେ ଆପଣ ସାଙ୍ଗରେ ନିଅନ୍ତୁ । ମୁଁ ଆପଣଙ୍କୁ ଚିରକାଳ ଲାଗି ମୋ'ର ହୃଦୟରେ ବସାଇ ରଖିଥିବି । ଆପଣଙ୍କୁ ହରାଇ ମୁଁ କଦାପି ବଞ୍ଚି ପାରିବି ନାହିଁ ।*

ମୋତେ ହରାଇବାର ପ୍ରଶ୍ନହିଁ ନାହିଁ । ଆମେ ନିଜ ଭିତରେ ଏକ ଶାଶ୍ୱତ ଚେତନାକୁ ବହନ କରି ରହିଛୁ ଏବଂ ଆମକୁ ଏଇଟି ବିଷୟରେହିଁ ସଚେତନ ହେବାକୁ ପଡ଼ିବ ।

*

*କାରଣ ଯାହା ହୋଇଥାଉ ପଛକେ, ମୋ'ର ଚେତନା ଆପଣଙ୍କୁ ନ ପାଇବା ମାତ୍ରେ ମୁଁ ଆନନ୍ଦଶୂନ୍ୟ ଓ ହୀନ ହୋଇଯାଏ ।*

କୌଣସି ଗୋଟିଏ ମୁହୂର୍ତ୍ତରେ ମଧ୍ୟ ମୁଁ ତୁମକୁ ଭୁଲି ଯାଏ ନାହିଁ । ବରଂ ତୁମେ ଅନ୍ୟ ଅନେକ ପ୍ରଭାବକୁ ତୁମ ଓ ମୋ' ଭିତରେ ବ୍ୟବଧାନ ସୃଷ୍ଟି କରିବାକୁ ବାଟ ଛାଡ଼ିଦିଅ ନାହିଁ କି ?

*

*ମାଆ, ଅନୁକ୍ଷଣ ଆପଣଙ୍କର ଉପସ୍ଥିତିକୁ ମୋ' ନିକଟରେ ଅନୁଭବ କରିବା ଏତେ କଷ୍ଟକର କାହିଁକି ? ମୋ' ହୃଦୟର ଗଭୀର ତଳରେ ମୁଁ ଭଲକରି ଜାଣିଛି ଯେ, ଆପଣଙ୍କ ବ୍ୟତୀତ ମୋ' ଜୀବନରେ କୌଣସି ଅର୍ଥହିଁ ନାହିଁ । ମାତ୍ର, ଏତେଟିକିଏ ଅବସର ପାଇବା ମାତ୍ରକେ ମୋ'ର ମନ ଏଣେତେଣେ ଦଉଡ଼ିବାରେ ଲାଗିଯାଏ ।*

ଠିକ୍ ଏହି କାରଣରୁହିଁ ତୁମେ ମୋ'ର ଉପସ୍ଥିତିର ଅନୁଭୂତିଟିକୁ ହରାଇ ବସ ।

*

ମୁଁ ସର୍ବଦା ତୁମ ପାଖରେ ରହିଛି; ଏବଂ, ଅନ୍ତର୍ଗତ ସେହି ଉପସ୍ଥିତି ବିଷୟରେ ସଚେତନ ହୋଇ ରହିବା ହେଉଛି ସାଧନାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା । ତୁମେ 'କ'ଙ୍କୁ ପଚାରିବ, ସେ ତୁମକୁ କହିପାରିବେ ଯେ, ଏହି ଉପସ୍ଥିତି ବିଶ୍ୱାସର କିଂବା କଳ୍ପନାର ଏକ ବସ୍ତୁ ଆଦୌ

ନୁହେଁ, ଏହା ହେଉଛି ଏକ ପ୍ରକୃତ ଘଟଣା, ସମ୍ପୂର୍ଣ୍ଣ ଭାବରେ ଜଡ଼ଭୂମିର ଯେକୌଣସି ଏକ ଘଟଣା ପରି ଚେତନା ଲାଗି ଏହା ହେଉଛି ଏକ ସମ୍ପୂର୍ଣ୍ଣ ସାକାର ଏବଂ ସତ୍ୟ ଘଟଣା ।

*

*ମୋ'ର ପ୍ରେମାସ୍ପଦା ମାଆ, ଆପଣଙ୍କୁ ମୋ'ର ହୃଦୟକେନ୍ଦ୍ରରେ ଲାଭ କରିବା ଅବଶ୍ୟ ସମ୍ଭବ ବୋଲି ମୁଁ ମୋ'ର ଅଜ୍ଞାନଜଡ଼ିତ ସତ୍ତାଟିକୁ ହୃଦ୍‌ବୋଧ କରାଇ ପାରନ୍ତି କି ?*

ଏହା ତୁମର ହୃଦୟକୁ **ହୃଦ୍‌ବୋଧ କରାଇବାର** କୌଣସି ପ୍ରଶ୍ନ ନୁହେଁ, ତୁମକୁ ଏହି ଉପସ୍ଥିତିର **ଅନୁଭୂତି** ଲାଭ କରିବାକୁ ହେବ ଏବଂ ତା'ପରେ ତୁମେ ଅବଶ୍ୟ ସଜ୍ଞାନ ହୋଇଯିବ ଯେ, ତୁମର ହୃଦୟ ଆପଣାର ଗଭୀର ତଳରେ ଏହି ଉପସ୍ଥିତି ବିଷୟରେ ସର୍ବଦା ସଚେତନ ରହି ଆସିଥିଲା ।

*

*ମୋତେ ଅନ୍ଧ କରି ପକାଉଥିବା ଅନ୍ଧକାରକୁ ଆପଣ ଦୂର କରି ନିଅନ୍ତୁ ଏବଂ ମୋ' ସହିତ ସବୁବେଳେ ରହିଥାଆନ୍ତୁ ।*

ମୋ'ଲାଗି ଅଭିପ୍ରେତ ତୁମର ପ୍ରତ୍ୟେକ ଭାବନା ଏବଂ ପ୍ରତ୍ୟେକ ଅଭୀପ୍ସାରେ ମୁଁ ବିଦ୍ୟମାନ ରହିଛି; କାରଣ, ଯଦି ତୁମେ ସତତ ମୋ'ର ଚେତନା ମଧ୍ୟରେ ରହି ନ ଥା'ନ୍ତ, ତେବେ ମୋ' କଥା ତୁମେ ଭାବି ବି ପାରୁ ନ ଥା'ନ୍ତ । ତେଣୁ, ମୋ'ର ଉପସ୍ଥିତି ବିଷୟରେ ସୁନିଶ୍ଚିତ ରହ । ମୋ'ର ଅନେକ ଆଶୀର୍ବାଦ ସହିତ ।

*

*ପ୍ରେମାସ୍ପଦା ମାଆ, ମୁଁ ସେହି ପରମ ପ୍ରେମର ଉତ୍ସକୁ କିପରି ଆବିଷ୍କାର କରି ପାରିବି, ଯାହା ମୋତେ ଏହି ଅନୁଭୂତିଟିକୁ ଆଣିଦେଇ ପାରିବ ଯେ, ଦିବ୍ୟ ପରମ ଉପସ୍ଥିତି ସବୁବେଳେ ସର୍ବତ୍ର ବିଦ୍ୟମାନ ରହିଛି ?*

ଆଗ ତୁମେ ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରିବ; ହୁଏତ ଅନ୍ତର୍ଗତୀକରଣ ଏବଂ ସଂକେନ୍ଦ୍ରଣ ଦ୍ୱାରା ତାହା କରିପାରିବ ଅଥବା ପ୍ରେମ ତଥା ଆତ୍ମଦାନର ମାଧ୍ୟମରେ ଶ୍ରୀଅରବିନ୍ଦ ଓ ମୋ' ଭିତରେ ତାଙ୍କୁ ଆବିଷ୍କାର କରିବ । ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ପରେ ତୁମେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାଙ୍କୁ ସକଳ ବସ୍ତୁରେ ଓ ସକଳ ସ୍ଥାନରେ ଦେଖିପାରିବ ।

*

ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେବା ଲାଗି ଦୁଇଟି ବାଟ ରହିଛି । ପ୍ରଥମଟି ହେଉଛି, ନିଜକୁ ହୃଦୟ ଭିତରେ ଅଭିନିବିଷ୍ଟ ହୋଇ ଗଭୀର ଓ ଆହୁରି ଗଭୀରକୁ ଯିବା ତାଙ୍କରି ଉପସ୍ଥିତିକୁ ଲାଭ କରିବାକୁ; ଅନ୍ୟ ବାଟଟି ହେଉଛି, ତୁମେ ନିଜକୁ ନେଇ ତାଙ୍କର ବାହୁପାଶ ମଧ୍ୟରେ ନିକ୍ଷେପ କରିଦେବ, ଗୋଟିଏ ଶିଶୁ ତା' ମାଆର ବାହୁପାଶରେ ଲାଖି ରହିଲା ପରି ତୁମେ ସେହିଠାରେ ଲାଖିରହିବ, ଏକ **ପୂର୍ଣ୍ଣ ସମର୍ପଣ** ମଧ୍ୟରେ ଲାଖି ରହିଥିବ । ଏବଂ, ଏହି ଦୁଇଟି ବାଟ ମଧ୍ୟରେ ମୋତେ ଦ୍ୱିତୀୟଟି ଅପେକ୍ଷାକୃତ ଅଧିକ ସହଜ ବୋଲି ମନେ ହେଉଛି ।

*

*ମୋ'ର ପରମପ୍ରିୟା ମାଆ, ଯଦି ତାଙ୍କ ପ୍ରତି ରହିଥିବା ମୋ'ର ପ୍ରେମ ଏବଂ ମୋ' ଆତ୍ମାର ନିବେଦନ ବିନିମୟରେ ଦିବ୍ୟ ପରମସତ୍ତା ମୋତେ ଆସି ଦେଖାଦିଅନ୍ତି, ତେବେ ତାହା ମୋ'ଲାଗି ଏକ ଅତ୍ୟନ୍ତ ସହଜ କଥା ହେବ ।*

ଖାଲି ଆତ୍ମାର ନିବେଦନ ନୁହେଁ, ମାତ୍ର ସମଗ୍ର ସତ୍ତାର; ଏବଂ କୌଣସି କୃପଣତା ଯେପରି ନ ଥିବ ।

*

*କିଏ ମୋତେ ଆପଣଙ୍କଠାରୁ ଦୂରରେ ନେଇ ରଖିପାରିବ ?*

ତୁମେ ନିଜେ ।

ଏହା ଆଦୌ ଠିକ୍ କଥା ନୁହେଁ ଯେ ମୁଁ ତୁମଠାରୁ ଦୂରରେ ରହିବାକୁ ଇଚ୍ଛା କରୁଛି । ମାତ୍ର, ମୋ'ର ନିକଟବର୍ତ୍ତୀ ହୋଇ ରହିବାକୁ ହେଲେ ତୁମକୁ ସୋପାନ ଆରୋହଣ କରି ମୋ'ର ଅତ୍ୟନ୍ତ ନିକଟକୁ ଆସିବାକୁ ପଡ଼ିବ ଏବଂ ମୁଁ ଏତେ ତଳକୁ ଓହ୍ଲାଇ ତୁମ ପାଖକୁ ଯିବି ବୋଲି କଦାପି ଆଶା କରିବ ନାହିଁ ।

*

*ମୋ'ର ପ୍ରେମାସ୍ପଦା ମାଆ, ଆପଣ ଦିନେ ମୋ' ପାଖକୁ ଲେଖିଥିଲେ ଯେ, ଆପଣ ଯେଉଁ ଭୂମିରେ ଅବସ୍ଥିତ ଅଛନ୍ତି, ଆପଣଙ୍କୁ ସଙ୍ଗେ ସଙ୍ଗେ ପାଇବାକୁ ହେଲେ ମୋତେ ସୋପାନ ଆରୋହଣ କରି ସେହି ଭୂମିରେ ଯାଇ ପହଞ୍ଚିବାକୁ ପଡ଼ିବ । ଏବଂ, ଆପଣ ତଳକୁ ଓହ୍ଲାଇ ଏଠାକୁ ଆସିବେ ବୋଲି ଆଶା କଲେ ଚଳିବ ନାହିଁ । ମାତ୍ର ମାଆ, ଆପଣ ଏଡ଼େ ବଡ଼ ଏବଂ ଏତେ ଉପରେ ଯାଇ ରହିଛନ୍ତି ଯେ, ମୁଁ ସେପର୍ଯ୍ୟନ୍ତ ଆରୋହଣ କରି ଯାଇ ପହଞ୍ଚି ପାରିବି ବୋଲି*

*ମୋତେ ପ୍ରାୟ ଅସମ୍ଭବ ଲାଗୁଛି । ଆମର ଦୁଇ ଭୂମି ମଧ୍ୟରେ ଗୋଟାଏ ଲୋକର ଫରକ ରହିଛି । ମୁଁ କେବେ ଯାଇ ଆପଣଙ୍କ ପାଖରେ ପହଞ୍ଚିବି ବୋଲି ସ୍ୱପ୍ନରେ ମଧ୍ୟ କଳ୍ପନା କରିପାରୁ ନାହିଁ; କାରଣ ଆପଣ ସବୁବେଳେ ଆହୁରି ଉଚ୍ଚ ହୋଇ ରହିଥିବେ ଏବଂ ମୁଁ ଆପଣଙ୍କ ଲାଗି ଅଭୀପ୍ସା ରଖିଥିବି । ମୁଁ ଭୂମିରୁ ଭୂମିକୁ ଆପଣଙ୍କର ଅନୁଗମନ କରୁଥିବି, ମାତ୍ର ତଥାପି ଆପଣ ସର୍ବଦା ଦୂର ହୋଇ ରହିଥିବେ । ଏହି ପ୍ରକ୍ରିୟାଟିର ଚିତ୍ରଟି ମୋତେ ଆଦୌ ମନ୍ଦ ବୋଲି ଲାଗୁ ନାହିଁ, କାରଣ ମୁଁ ଜାଣିଛି ଯେ ଅନ୍ୱେଷଣ କରିବାରେ ମଧ୍ୟ ଏକ ପ୍ରଭୂତ ଆନନ୍ଦ ରହିଛି । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୋ'ର ହୃଦୟ ସବୁବେଳେ ତୃଷାର୍ତ୍ତ ହୋଇ ରହିଥିବ ।*

ତୁମେ ଯାହା କହୁଛ, ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ତାହା ଅବଶ୍ୟ ସତ; ମାତ୍ର ଏହି କ୍ଷେତ୍ରରେ ଚେତନାର ଏକ ପ୍ରକାରର ଉତ୍‌କ୍ରାନ୍ତି ମଧ୍ୟ ରହିଛି, ଯାହାଦ୍ୱାରା କି ଏହା ଆପଣାର ଅନ୍ଧ ଏବଂ ମିଥ୍ୟାମୟ ଅଜ୍ଞାନର ଅବସ୍ଥା ମଧ୍ୟରୁ ଏକ ସତ୍ୟ ଅବସ୍ଥାରେ ପ୍ରବିଷ୍ଟ ହେବ । ଏବଂ, ଯେତେବେଳେ ସେହି ଉତ୍‌କ୍ରାନ୍ତି ଓ ନୂତନଦୀକ୍ଷା ସଂଘଟିତ ହେବ, ସେତେବେଳେ ତୁମେ ସର୍ବଦା ମୋ'ର ନିକଟବର୍ତ୍ତୀ ହୋଇ ରହିଥିବାର ଅନୁଭବ କରିବ ।

*

*ମୋ'ର ପ୍ରେମାସ୍ପଦା ମାଆ, ଭୌତିକ ଭୂମି ବ୍ୟତୀତ ଅନ୍ୟ କୌଣସି ଭୂମିରେ ଆପଣଙ୍କୁ ଯାଇ ଭେଟିବା ସମ୍ଭବ, ନୁହେଁ କି ? ମୁଁ ଶରୀର ତ୍ୟାଗ କରି ଭେଟିବା କଥା କହୁ ନାହିଁ; ଶରୀରରେ ରହିଥିବା ଅବସ୍ଥାରେ ମଧ୍ୟ ଆଉ କୌଣସି ଉଚ୍ଚତର ଭୂମିରେ ଆପଣଙ୍କୁ ଭେଟିବା ସମ୍ଭବ, ନୁହେଁ କି ?*

ଅବଶ୍ୟ ସମ୍ଭବ । ମାତ୍ର ଏହିସବୁ ଭୂମିର ଚେତନା ମଧ୍ୟକୁ ପ୍ରବେଶ କରିବାକୁ ପଡ଼ିବ ।

*

*ମାଆ, ମୁଁ ଶରୀରଟାକୁ ଛାଡ଼ିଦେବାକୁ ଇଚ୍ଛା କରୁଛି । ଏହି ଶରୀରହିଁ ମୋତେ ଆପଣଙ୍କଠାରୁ ଅଲଗା କରି ରଖିଛି ।*

ତୁମର ଶରୀରହିଁ ମୋ'ଠାରୁ ତୁମକୁ ଅଲଗା କରି ରଖିଛି ବୋଲି କହିବାଟା ଏକାନ୍ତ ନିର୍ବୋଧତା । ମୋତେ ଲାଗୁଛି ଯେ ଏହି କ୍ଷେତ୍ରରେ ବସ୍ତୁତଃ ଓଲଟାଟାହିଁ ସତ; କାରଣ ମୋତେ ପ୍ରତିଦିନ ଦେଖିବାର ସମ୍ଭାବନା ରହି ନ ଥିଲେ ତୁମ ଚେତନାର ବର୍ତ୍ତମାନ ଅବସ୍ଥାରେ

ତୁମେ ମୋ' ସହିତ କିଭଳି ସମ୍ପର୍କ ରଖିପାରନ୍ତ ? ତୁମର ଭୌତିକ ନେତ୍ରଗୁଡ଼ିକ ମୋତେ ଦେଖୁ ନ ଥିବା ସମୟରେ ତୁମେ ମୋତେ ଅନୁଭବ କରି ପାରିବ କି, ମୋ'ର ଉପସ୍ଥିତିକୁ ମୂର୍ତ୍ତ ଭାବରେ ଦେଖିପାରିବ କି ? ପାରିବ ବୋଲି ମୁଁ ଭାବୁ ନାହିଁ, କାରଣ, ଯଦି ସେଭଳି ସମ୍ଭବ ହେଉଥାନ୍ତା, ତେବେ ତୁମେ କଦାପି ଅଲଗା ହୋଇଯିବା ବିଷୟରେ କୌଣସି ଅଭିଯୋଗହିଁ କରନ୍ତ ନାହିଁ । ଓଲଟି ତୁମେ ଜାଣୁଥାନ୍ତ ଯେ, ପ୍ରକୃତରେ ବିଚ୍ଛେଦ ବୋଲି କିଛି ନାହିଁ ଏବଂ ତୁମ ସତ୍ତାର ସତ୍ୟ କ୍ଷେତ୍ରରେ ଆମେ ସର୍ବଦା ସଂଯୁକ୍ତ ହୋଇ ରହିଛୁ ।

ଶରୀର ତ୍ୟାଗ କରିଦେବା ପରେ ତୁମେ ମୋ'ର ଅଧିକ ନିକଟବର୍ତ୍ତୀ ହୋଇପାରିବ, ଏକଥା ଭାବିବା ଏକ ମସ୍ତବଡ଼ ଭୁଲ୍ । କାରଣ, ଶରୀର ଜୀବିତ କିଂବା ମୃତ ଯେଉଁ ଅବସ୍ଥାରେ ଥାଉ ପଛକେ, ପ୍ରାଣିକ ସତ୍ତା ଯେପରି ଅଛି ସେହିପରି ରହିଥିବ; ଏବଂ ଜଣେ ବ୍ୟକ୍ତିର ଜୀବଦ୍ଦଶାରେ ଯଦି ପ୍ରାଣିକ ସତ୍ତା ନୈକଟ୍ୟଟିକୁ ଓ ଗଭୀର ଅନ୍ତରଙ୍ଗତାଟିକୁ ଅନୁଭବ କରିବା ଲାଗି ସମର୍ଥ ହେଉ ନାହିଁ, ତେବେ ନ୍ୟାୟର ସହିତ ଜଣେ କିପରି ଆଶା କରିପାରିବ ଯେ, ଶରୀରଟିକୁ ଛାଡ଼ି ଦେଇଛି ବୋଲି ସେ ହଠାତ୍ ସେଥିଲାଗି ସମର୍ଥ ହୋଇଯିବ ? ଏହାକୁ କେବଳ ଅଜ୍ଞାନପୂର୍ଣ୍ଣ ପିଲାମି ବୋଲି କୁହାଯିବ ।

ଏବଂ, ଶରୀରଘଟର ପରିବର୍ତ୍ତନ ଘଟିଲେ ପରବର୍ତ୍ତୀ ଶରୀରଟି ଯେ ଅବଶ୍ୟ ଅଧିକ ସମର୍ଥ ହେବ ବୋଲି ସେହି ଅନ୍ୟ ଧାରଣାଟି ମଧ୍ୟ ଗୋଟିଏ ଭୁଲ୍ । ଭୌତିକ ଶରୀର ଧାରଣ କରିଥିବା ଆମର ଏହି ଜୀବନ ଆମ ଲାଗି ଯେଉଁ ଅଗ୍ରଗତିର ସମ୍ଭାବନା ବିଷୟରେ ପ୍ରତିନିଧିତ୍ୱ କରୁଛି, ସମ୍ପୂର୍ଣ୍ଣ ଭାବରେ ଏବଂ **ଯଥାସମ୍ଭବ ଅଧିକ** ପରିମାଣରେ ତଦ୍ଦ୍ୱାରା ଲାଭବାନ୍ ହୋଇ ପାରିଲେ ଯାଇ ଜଣେ ବ୍ୟକ୍ତି ଏକ ଉଚ୍ଚତର ଜୀବରୂପେ ପୁନର୍ଜନ୍ମ ଲାଭ କରିବାର ଆଶା ରଖିପାରିବ । ଏହି କ୍ଷେତ୍ରରେ ଯାବତୀୟ ବିଫଳତା ସ୍ୱଭାବତଃ ସତ୍ତାରେ ମଧ୍ୟ ଏକ ହ୍ରାସକୁ ବହନ କରି ଆଣିବ ।

ଏହି ଜୀବନରେହିଁ ଯାବତୀୟ ଅସୁବିଧାକୁ ସାହସର ସହିତ ସମ୍ମୁଖୀନ ହେବାର ଓ ସେଗୁଡ଼ିକୁ ଅତିକ୍ରମ କରିଯିବାର ସଂକଳ୍ପହିଁ ତୁମର ଅଭିଳଷିତ ସମ୍ମିଳନର ନିଶ୍ଚିତ ଉପାୟ ରୂପେ କାର୍ଯ୍ୟ କରିପାରିବ ।

*

*ଯଥାସମ୍ଭବ ଅଧିକ ଅଗ୍ରଗତି କରିବାକୁହିଁ ମୁଁ ଆଶା ପୋଷଣ କରିଛି, ଯେପରିକି ମୋ'ର ଆଗାମୀ ଜନ୍ମଟି ଏ ଜନ୍ମ ପରି ବୃଥା ହୋଇଯିବ ନାହିଁ ।*

ଏସବୁ କଥା ତୁଚ୍ଛା ନିରର୍ଥକ; ଆମେ ପରବର୍ତ୍ତୀ ଜୀବନଟି ଲାଗି ନିଜକୁ ଆଦୌ ବ୍ୟସ୍ତ ରଖିବା ନାହିଁ, ଆମେ ଆମର ଏହି ଜୀବନଟିକୁ ନେଇହିଁ ଯାହାକିଛି କରିବା । **ଆମର**

**ସର୍ବଶେଷ ନିଃଶ୍ୱାସଟି ପର୍ଯ୍ୟନ୍ତ** ଏହି ଜୀବନହିଁ ଆପଣାର ସମ୍ଭାବନାଗୁଡ଼ିକୁ ଆମ ଲାଗି ଉନ୍ମୁକ୍ତ କରି ରଖିଛି । ଏହି ଜୀବନରେ ଆମେ ଯାହା କରିପାରିବା, ତାହାକୁ ପରବର୍ତ୍ତୀ ଜୀବନ ଲାଗି ଗଡ଼ାଇଦେବା ଆମର ଯାହା କରିବା କଥା, ତାହାକୁ ଆସନ୍ତା କାଲି ପର୍ଯ୍ୟନ୍ତ ଗଡ଼ାଇ ଦେବା ପରିହିଁ ହେବ । ଏହାକୁ ଆଳସ୍ୟ ବୋଲି କୁହାଯିବ । କେବଳ ମୃତ୍ୟୁରେହିଁ ପୂର୍ଣ୍ଣାଙ୍ଗ ଉପଲବ୍ଧିର ସମ୍ଭାବନାରେ କୌଣସି ଅବସାନ ଆସିବ; ଜଣେ ବ୍ୟକ୍ତି ବଞ୍ଚିଥିବା ପର୍ଯ୍ୟନ୍ତ ତା’ ପାଇଁ କଦାପି କିଛି ଅସମ୍ଭବ ହୋଇ ରହି ନାହିଁ ।

*

ନିଜ ଜୀବଦ୍ଦଶାରେ ଆମେ ଯାହା ଅର୍ଜନ କରିପାରିବା ନାହିଁ ଅଥବା ଯାହା ଉପରେ ବିଜୟ ହାସଲ କରିପାରିବା ନାହିଁ, ମୃତ୍ୟୁ ପରେ ମଧ ତାହା କଦାପି ସମ୍ପନ୍ନ ହେବ ନାହିଁ । ଏହି ଭୌତିକ ଜୀବନହିଁ ଯାବତୀୟ ଅଗ୍ରଗତି ତଥା ଉପଲବ୍ଧି ଲାଗି ଏକମାତ୍ର ଯଥାର୍ଥ କ୍ଷେତ୍ର ।

*

*ପ୍ରେମାସ୍ପଦା ମାଆ, ହୁଏତ ମୋ’ର ରୂପାନ୍ତର ଘଟିବ କିଂବା ମୋ’ର ଅସ୍ତିତ୍ୱହିଁ ବିଲୁପ୍ତ ହୋଇଯିବ ।*

**ଅସ୍ତିତ୍ୱ ବିଲୁପ୍ତ ହେବା** ଆଦୌ ସମ୍ଭବ ନୁହେଁ । କାରଣ, ଏହି ରୂପାୟିତ ପୃଥିବୀରେ ଯାହାକିଛି ରହିଛି, ତାହା କେବଳ ଆଧ୍ୟାତ୍ମିକ ମୁକ୍ତିର ଦ୍ୱାର ମଧ ଦେଇ ଯିବା ବ୍ୟତୀତ, ଅର୍ଥାତ୍ **ରୂପାନ୍ତର** ବ୍ୟତୀତ ଏଠାରୁ ଆଉ କୌଣସି ପ୍ରକାରେ ବାହାରକୁ ଯାଇପାରିବ ନାହିଁ ।

୩

*ଆପଣଙ୍କର ନିକଟବର୍ତ୍ତୀ ହେବାର ଏହି ବାସନା ପଶ୍ଚାତ୍‌ରେ ଏକ ସତ୍ୟ ରହିଛି କି ନାହିଁ, ମୁଁ ଅନେକ ସମୟରେ ଆପଣାକୁ ସେହି ପ୍ରଶ୍ନ ପଚାରିଥାଏ ।*

ହଁ, ଚେତନା ଏବଂ ଇଚ୍ଛାର ଏକ ଏକାତ୍ମକତା ମଧରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ରହିଥିବାର ମହାନ୍ ସତ୍ୟଟି ଏହା ପଛରେ ରହିଛି ।

*

*ମୋ’ର ସ୍ନେହମୟି ମାଆ, ସ୍ଥୂଳ ସ୍ତରରେ ଆପଣଙ୍କ ପାଖକୁ ଆସିବାର ଏହି ବାସନାଟିକୁ ମୋ’ର ଅତିକ୍ରମ କରିବା ଉଚିତ ବୋଲି ଆପଣ କହୁଛନ୍ତି କି ?*

ମୁଁ ସେହି ପ୍ରକାରର କଥା ଆଦୌ କେବେହେଲେ କହି ନାହିଁ । ମାତ୍ର ତୁମକୁ ନିଜକୁ ପ୍ରସ୍ତୁତ କରିବାକୁ ହେବ, ନିଜ ଭିତରେ ଶୁଦ୍ଧ ହେବାକୁ ପଡ଼ିବ, ଯେପରିକି ଏହି ନିକଟକୁ ଆସିବା ଉପଯୋଗୀ ଏବଂ ଫଳପ୍ରଦ ହୋଇପାରିବ ।

*

ମୁଁ **କେବଳ** ତୁମ ପାଇଁ ଅଛି ବୋଲି ଯଦି ତୁମେ କହିବ, ତେବେ ସେହି କଥାକୁ ନିଃସନ୍ଦେହ ଭାବରେ ଅହଂପ୍ରେରିତ ଏବଂ ମିଛ ବୋଲି କୁହାଯିବ । ମାତ୍ର, ମୋ'ର ସମସ୍ତ ସନ୍ତାନଙ୍କ ପାଇଁ ମୁଁ ରହିଛି, ସେମାନଙ୍କୁ ମୁଁ ମୋ'ର ହୃଦୟରେ ବହନ କରୁଛି ଏବଂ ସେମାନଙ୍କୁ ଦିବ୍ୟ ପରମସତ୍ତାଙ୍କ ପାଖକୁ ପରିଚାଳିତ କରିଦେବାକୁ ଇଚ୍ଛା କରୁଛି ଓ ସେମାନେ ତାଙ୍କଠାରୁ ଦୂରକୁ ଚାଲିଗଲେ ମୁଁ ଦୁଃଖ ପାଉଛି ବୋଲି ଯଦି ତୁମେ ଭାବୁଥାଅ,– ତେବେ ଏହା ଅବଶ୍ୟ ଏକ ସତ କଥା ।

*

ତୁମକୁ ମୋ'ଠାରୁ ଦୂରରେ ରଖିବା ଲାଗି ମୋ'ର ଲେଶ ମାତ୍ର ଇଚ୍ଛା ନାହିଁ । ମୁଁ କେବଳ ଏହି କଥାଟିକୁ ତୁମକୁ ସ୍ମରଣ କରାଇ ଦେବାକୁ ଚାହିଁଥିଲି ଯେ, ତୁମେ ଏହି ଆଶ୍ରମରେ ଏକାକୀ ରହି ନାହଁ ଏବଂ, ଯେଉଁମାନେ ମୋତେ ଆବଶ୍ୟକ କରନ୍ତି, ସେହି ସମସ୍ତଙ୍କ ମଧ୍ୟରେ ମୋତେ ନିଜର ସମୟକୁ ଅବଶ୍ୟ ବାଣ୍ଟି ରଖିବାକୁ ପଡ଼ିବ ।

*

ଯଦି ତୁମେ ସ୍ଥୂଳ ଭାବରେ ମୋ'ଠାରୁ ଦୂରରେ ରହିଛ ଏବଂ ତଥାପି ସର୍ବଦା ମୋତେହିଁ ଭାବନାରେ ରଖିଛ, ତେବେ, ମୋ'ର ଏକାବେଳେକେ ପାଖରେ ବସିଥିଲେ ଓ ତଥାପି ଅନ୍ୟ ବସ୍ତୁଗୁଡ଼ିକ ବିଷୟରେ ଚିନ୍ତା କରୁଥିଲେ ତୁମେ ଯେତିକି ନିକଟବର୍ତ୍ତୀ ହୋଇ ରହିଥାନ୍ତ, ତା'ଠାରୁ ନିଶ୍ଚୟ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବ ।

*

*ମାଆ, ମୋ'ର ଶରୀର ଆପଣଙ୍କଠାରୁ ଦୂରରେ ଥିଲେ ମଧ୍ୟ ମୁଁ କିପରି ଆପଣ ମୋ' ନିକଟରେ ମୂର୍ତ୍ତ ଭାବରେ ରହିଛନ୍ତି ବୋଲି ଅନୁଭବ କରିପାରିବି ?*

ତୁମର ଭାବନାକୁ ସଂକେନ୍ଦ୍ରିତ କରି ରଖିବା ଦ୍ୱାରା ।

*

*ପ୍ରେମାସ୍ପଦା ମାଆ, ଦିନରେ ତ ଚବିଶ ଘଣ୍ଟା ସମୟ ରହିଛି, ମାତ୍ର ଆପଣଙ୍କର ଚରଣପାର୍ଶ୍ୱରେ ମୁଁ ମାତ୍ର କେତେଟା ସେକେଣ୍ଡ ବ୍ୟତୀତ ମଧ୍ୟ ଅଧିକ ସମୟ ରହିପାରୁ ନାହିଁ । ତେବେ ମୁଁ କିପରି ବଞ୍ଚିପାରିବି ?*

ନିଜ ଭିତରକୁ ପ୍ରବେଶ କର, ନିଜର ଚୈତ୍ୟସତ୍ତାକୁ ଆବିଷ୍କାର କର ଏବଂ ଯୁଗପତ୍ ଭାବରେ ଦେଖିବ ଯେ ମୁଁ ତୁମ ଭିତରେ ମଧ୍ୟ ବାସ କରୁଛି, ତୁମ ଜୀବନର ଜୀବନ ହୋଇ ରହିଛି, ସର୍ବଦା ଉପସ୍ଥିତ ରହିଛି ଓ ସର୍ବଦା ନିକଟବର୍ତ୍ତୀ ହୋଇ ରହିଛି, ଅତ୍ୟନ୍ତ ମୂର୍ତ୍ତଭାବରେ ଏବଂ ସାକାର ଭାବରେ ରହିଛି ।

*

ଅତ୍ୟନ୍ତ ସ୍ଥିର ହୋଇ ରହ, ଶ୍ରୀଅରବିନ୍ଦ ଓ ମୋ'ର ପ୍ରଭାବ ଲାଗି ନିଜର ମନ ଓ ନିଜର ହୃଦୟକୁ ଉନ୍ମୁକ୍ତ କରିଦିଅ, ଏକ ଗଭୀର ଅନ୍ତର୍ଗତ ନୀରବତା ମଧ୍ୟକୁ ନିଜକୁ ପ୍ରତ୍ୟାହୃତ କରିନିଅ (ସେହି ନୀରବତାକୁ ତୁମେ ସକଳ ସ୍ଥିତିରେ ମଧ୍ୟ ସ୍ଥାୟୀ କରି ରଖିପାରିବ) । ଏହି ନୀରବତାର ଗଭୀରଗୁଡ଼ିକ ଭିତରୁ ମୋତେ ଆହ୍ୱାନ କର; ଦେଖିବ, ତୁମ ସତ୍ତାର କେନ୍ଦ୍ରସ୍ଥାନରେ ମୁଁ ଛିଡ଼ା ହୋଇ ରହିଛି ।

*

ଦୁଇଦିନ ପାଇଁ ମୁଁ ପ୍ରଣାମ କାର୍ଯ୍ୟକ୍ରମ ବନ୍ଦ କରିଦେଲି ବୋଲି ତୁମର ଭାବିବା ଉଚିତ ନୁହେଁ ଯେ ମୁଁ ତୁମ ପାଖରେ ନ ଥିଲି । ତୁମେ ଯେଉଁଠାରେ କାମ କରୁଥାଅ ପଛକେ, ସ୍ଥୂଳ ଦୃଷ୍ଟିରୁ ସେହି ସ୍ଥାନଟି ନିକଟରେ ହୋଇଥାଉ ବା ଦୂରରେ ଥାଉ, **ମୁଁ ସର୍ବଦାହିଁ ତୁମର କର୍ମ ଏବଂ ତୁମର ଚେତନାରେ ତୁମ ନିକଟରେ ରହିଛି ।** ତୁମର ଏହି କଥାଟି ଜାଣି ରଖିବା ଉଚିତ ।

*

*ଆପଣ ମୋ' ସହିତ ଅଛନ୍ତି ବୋଲି ଅନୁଭବ ନ କଲେ ମୋ' ଲାଗି ଏହି ଜୀବନର ଆଉ କୌଣସି ଆକର୍ଷଣ ରହିବ ନାହିଁ ।*

ମୁଁ ସର୍ବଦାହିଁ ତୁମ ସହିତ ରହିଛି ।

*

*ମାଆ, ମୋ ହୃଦୟକୁ ଖାଲିକରି ଚାଲିଯାଅ ନାହିଁ ।*

ତୋ ହୃଦୟରେ ମୁଁ ସର୍ବଦା ରହିଛି ।

*

ଚୈତ୍ୟସତ୍ତା ଅନୁକ୍ଷଣ ଓ ଅପରିବର୍ତ୍ତିତ ଭାବରେ ଦିବ୍ୟ ପରମସତ୍ତାଙ୍କ ସଂସ୍ପର୍ଶରେ ରହିଛି ଏବଂ ସେହି ସଂସ୍ପର୍ଶ କଦାପି ବିଚ୍ଛିନ୍ନ ହୋଇଯାଏ ନାହିଁ ।

*

ଦିବ୍ୟ ପରମସତ୍ତା ଅନୁକ୍ଷଣ ଚୈତ୍ୟସତ୍ତାରେ ବିଦ୍ୟମାନ ଏବଂ ଚୈତ୍ୟସତ୍ତା ଏହି ବିଷୟରେ ସମ୍ପୂର୍ଣ୍ଣ ସଚେତନ ରହିଛି ।

*

*ଚୈତ୍ୟସତ୍ତା ମୋ' ଭିତରେ ସୁପ୍ତ ହୋଇ ରହିଛି ।*

ଚୈତ୍ୟସତ୍ତା ସୁପ୍ତ ହୋଇ ରହି ନାହିଁ । ତା' ସହିତ ଲାଗିଥିବା ଖୁଅଟି ହୁଏତ ଦୃଢ଼ ପ୍ରତିଷ୍ଠିତ ହୋଇପାରି ନାହିଁ, କାରଣ ମନ ଅତିବେଶୀ କୋଳାହଳ କରୁଛି ଏବଂ ପ୍ରାଣ ଅତିରିକ୍ତ ଅସ୍ଥିର ହୋଇ ରହିଛି ।

*

*ମାଆ, ଯଦି ଚୈତ୍ୟସତ୍ତା ସର୍ବଦାହିଁ ଦିବ୍ୟ ପରମସତ୍ତାଙ୍କର ଉପସ୍ଥିତିକୁ ଅନୁଭବ କରୁଥାଏ, ତେବେ ଏହି ଉପସ୍ଥିତି ଦୂରକୁ ଚାଲିଗଲା ବୋଲି ମଣିଷ ପୁଣି କ୍ରନ୍ଦନ ଓ ଆର୍ତ୍ତନାଦ କରେ କାହିଁକି ?*

ମୁଁ ତୁମକୁ ଆଗରୁ କହିଛି ଯେ, ଏପରି ହୁଏ, କାରଣ ବାହ୍ୟ ଚେତନା ଏବଂ ଚୈତ୍ୟଚେତନା ମଧ୍ୟରେ ରହିଥିବା ଖୁଅଟି ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ନ ଥାଏ । ଯାହା ଭିତରେ ସେଇଟିର ଦୃଢ଼ ପ୍ରତିଷ୍ଠା ହୋଇ ସାରିଥାଏ, ସିଏ ସର୍ବଦା ସୁଖୀ ।

*

*ଆମେ ଅନୁଭବ କରୁଥିବା କଷ୍ଟଭୋଗ ପ୍ରମାଣ କରିଦେଉଛି ଯେ, ଚୈତ୍ୟସତ୍ତା ଦିବ୍ୟ ପରମସତ୍ତାଙ୍କଠାରୁ ବହୁଦୂରରେ ରହିଛି ।*

ଚୈତ୍ୟସତ୍ତା କୌଣସି କଷ୍ଟଭୋଗ କରେ ନାହିଁ; ଅଜ୍ଞାନ ଭିତରେ ରହିଥିବା ମନୁଷ୍ୟର ମନ, ପ୍ରାଣ ଏବଂ ସାଧାରଣ ଚେତନାଟିହିଁ କଷ୍ଟ ପାଏ ।

*

*ପ୍ରାୟ ଏଗାର ବର୍ଷ ପୂର୍ବେ ଆପଣଙ୍କ ଉପସ୍ଥିତିରେ ଓ ଆପଣଙ୍କ ମାଧ୍ୟମରେ ମୋର ଗୋଟିଏ ଅନୁଭୂତି ହୋଇଥିଲା । ମୁଁ ଏକ ବଡ଼ ଅସୁବିଧାରେ ପଡ଼ିଥିଲି ଏବଂ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅସହାୟ ଅନୁଭବ କରୁଥିଲି । ହଠାତ୍ ଅନୁଭବ କଲି ସତେ ଯେପରି ମୋ' ସତ୍ତାର ଗଭୀରରୁ କୌଣସି ଏକ ବସ୍ତୁ ଉତ୍ଥିତ ହେବାକୁ ଲାଗିଲା, ବହୁବିଧ ପ୍ରତିବନ୍ଧକର ଗହଳି ଭିତରୁ ଉତ୍ଥିତ ହୋଇ ଆସିଲା ଏବଂ ଯେତେବେଳେ ତାହା ବାହାରକୁ ଆସି ଉପରେ ପହଞ୍ଚିଲା, ସେତେବେଳେ ମୋ'*

*ଭିତରେ ସବୁକିଛିର ପରିବର୍ତ୍ତନ ହୋଇଗଲା । ମୁଁ ଅମାପ ଆନନ୍ଦ ଓ ଶାନ୍ତି ଅନୁଭବ କରିବାକୁ ଲାଗିଲି ଏବଂ ଯାବତୀୟ ଅସୁବିଧା ତତ୍‌କ୍ଷଣାତ୍ ଅପସାରିତ ହୋଇଗଲା । ସେହିଦିନଠାରୁ ମୋ'ର ପଥକୁ ଉଗାଳି ରଖିଲା ଭଳି ମୁଁ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହିଁ ।*

*ମାଆ, ଏହି ଜିନିଷଟି ପ୍ରକୃତରେ କ'ଣ ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ହେଉଛି ଚୈତ୍ୟସତ୍ତା, କିନ୍ତୁ କେବଳ ମୋ'ର ହସ୍ତକ୍ଷେପ ଫଳରେହିଁ ତାହା କ୍ରିୟାଶୀଳ ହେଲା ।

*

ମୋ'ର କହିବା କଥାଟି ହେଲା, ତୁମ ଦୋଷଗୁଡ଼ିକୁ ମୁଁ ଦେଖାଇଦିଏ ବୋଲି ଯଦି ତୁମକୁ ଭଲ ଲାଗୁ ନାହିଁ, ତେବେ ମୁଁ ସେକଥା ମଧ୍ୟ କରିବି ନାହିଁ । ମାତ୍ର ସେହି କ୍ଷେତ୍ରରେ ତୁମେ ଆଉ ମୋତେ ତୁମର ଅଗ୍ରଗତିରେ ସାହାଯ୍ୟ କରିବାକୁ ମଧ୍ୟ କହିବ ନାହିଁ । କାରଣ, ଏଣେ ହସ୍ତକ୍ଷେପ କରିବାକୁ କହୁଥିବ ଏବଂ ତେଣେ ହସ୍ତକ୍ଷେପକୁ ଅସ୍ୱୀକାର କରୁଥିବ, ଏକା ସାଙ୍ଗରେ ଦୁଇଟିଯାକ କଥା କଦାପି ହୋଇ ପାରିବ ନାହିଁ ।

*

ମୁଁ କହୁଥିବା କଥାରେ ଯଦି ତୁମକୁ ବିରକ୍ତି ଲାଗୁଥାଏ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ଅଗ୍ରଗତି କରିବା ଲାଗି ତୁମେ ଇଚ୍ଛା ମଧ୍ୟ କରୁ ନାହଁ । ଏବଂ, ତେଣୁ, ତୁମ ଭିତରେ କ'ଣ ସବୁ ବଦଳିଯିବା ଉଚିତ, ତୁମକୁ ସେ ବିଷୟରେ ସଜ୍ଞାନ କରିଦେବାକୁ ମଧ୍ୟ ମୋ'ର ଆଉ କୌଣସି ଆବଶ୍ୟକତା ନାହିଁ ।

*

*ମାଆ, ମୁଁ ଅନୁଭବ କରୁଛି ଯେ ମୁଁ ଜଣେ ନିତାନ୍ତ ଚପଳ ବ୍ୟକ୍ତି । ମୋତେ ଆପଣ ବଦଳାଇ ଦିଅନ୍ତେ ନାହିଁ ?*

ତୁମକୁ ବଦଳାଇ ପାରିଲେ ମୁଁ ଅତ୍ୟନ୍ତ ଖୁସୀ ହୁଅନ୍ତି । ମାତ୍ର, ତୁମ ଭିତରର ସେହି ଚପଳ ଉପାଦାନଟି ଯେ ବଦଳିବାକୁ ଇଚ୍ଛା କରୁଛି, ତୁମେ ସେ ବିଷୟରେ ନିଶ୍ଚିତ ତ ?

*

ମୋ' ଠାରେ ଯେତେବେଳେ ତୁମର କୌଣସି ବିଶ୍ୱାସ ନାହିଁ, ସେତେବେଳେ ମୁଁ ତୁମକୁ ସାହାଯ୍ୟ କରିପାରିବି ବୋଲି ତୁମେ କିପରି ଆଶା କରୁଛ !

*

*ଆପଣଙ୍କର ସାହାଯ୍ୟ ବ୍ୟତୀତ, ଚିରନ୍ତନ କାଳରୁ ରହି ଆସିଥିବା ଏହି ସମ୍ବନ୍ଧଟିକୁ ମୁଁ କଦାପି ସମ୍ପୂର୍ଣ୍ଣ ଭାବରେ ହୃଦୟଙ୍ଗମ କରିପାରିବି ନାହିଁ ।*

ମୋ'ର ସହାୟତା ସମ୍ପୂର୍ଣ୍ଣ ଭାବରେ ରହିଛି । କେବଳ ବିଶ୍ୱାସର ସହିତ ତୁମେ ସେଥିଲାଗି ନିଜକୁ ଉନ୍ମୋଚିତ କରିଦେବ, ଏବଂ ତାହା ତୁମକୁ ଅବଶ୍ୟ ମିଳିବ ।

*

ହଁ, ଦିବ୍ୟ ପରମ ସତ୍ତାଙ୍କର ବିରୋଧୀ ହୋଇ ରହିଥିବା ଯାବତୀୟ ଗତିଶୀଳତା ଉପରେ ପ୍ରଭୁତ୍ୱ ଅର୍ଜନ କରିବା ଲାଗି ମୋ'ର ସହାୟତା ଅବଶ୍ୟ ତୁମ ସହିତ ରହିଛି ।

*

ତୁମକୁ ଗୋଟିଏ କୋଣକୁ ଠେଲିଦେବା ନିମନ୍ତେ ମୋ'ର ଏ ଜଗତରେ ଏତେଟିକିଏ ହେଲେ ଇଚ୍ଛା ନାହିଁ; ଏବଂ, ଏହିସବୁ ଅସୁବିଧାକୁ ତୁମେ ଅତିକ୍ରମ କରି ଯାଇପାରିବ ବୋଲି ଯଦି ମୁଁ ପୂର୍ଣ୍ଣ ବିଶ୍ୱାସ ରଖି ନ ଥାନ୍ତି, ତେବେ ମୁଁ ସେଗୁଡ଼ିକର ଉଲ୍ଲେଖ ମଧ୍ୟ କରି ନ ଥାନ୍ତି । ''ତୁମର ଅମୁକ ଓ ଅମୁକ ଦୋଷ ରହିଛି'' ବୋଲି କହିବା ଆଦୌ ଏକ ପ୍ରୀତିକର କଥା ନୁହେଁ; ଯଦି ଏହା ତାହାର ସଂଶୋଧନ କରାଇବାରେ ସାହାଯ୍ୟ କରୁ ନ ଥାଏ ।

*

*ଏଥର ଆପଣଙ୍କଠାରୁ ଆଉ ଗୋଟିଏ ଆଘାତ ପାଇବି ବୋଲି ମୁଁ ଆଜି ସକାଳେ ଭାବୁଥିଲି ।*

ତୁମକୁ ମୋତେ ଯେ କାହିଁକି ଆଘାତ ଦେବାକୁ ପଡ଼ିବ, ମୁଁ ତାହା ଭାବିପାରୁ ନାହିଁ । ଆଘାତ ଦେବାକୁ ଭଲ ଲାଗେ ବୋଲି ମୁଁ କାହାକୁ ଆଘାତ ଦିଏ ନାହିଁ । କେବଳ ତାହା ଅପରିହାର୍ଯ୍ୟ ହୋଇ ପଡ଼ିଲେହିଁ ଆଘାତ ଦିଏ ।

*

*ସବୁକିଛି ସତ୍ତ୍ୱେ, ମୋ'ର ସମସ୍ତ ଜୀବନ ଆପଣଙ୍କଠାରେ ସମର୍ପିତ ହୋଇ ରହିଛି । ମୋ'ର କ'ଣ ହେଉଛି ବା ନ ହେଉଛି, ସେବିଷୟରେ ଆଦୌ କୌଣସି ଚିନ୍ତା ନ କରି ମୁଁ ସ୍ଥିର ହୋଇ ରହିବି ।*

ଖୁବ୍ ଉତ୍ତମ କଥା । ତୁମ ନିଜକୁ ଯେତିକି ଜାଣ ଓ ଭଲ ପାଅ ତା' ଅପେକ୍ଷା ମୁଁ ତୁମକୁ ଅଧିକ ଭଲ କରି ଜାଣେ ଓ ଭଲ ପାଏ ଏବଂ ତୁମ ଲାଗି କ'ଣ ପ୍ରକୃତରେ ଭଲ, ତାହା

ମୁଁ ଅଧିକ ଭଲ କରି ଜାଣେ ବୋଲି ତୁମର ଭାବନାଟିକୁ ତୁମେ ଯଦି ଯୋଗ କରିଦେବ ତେବେ ବହୁତ ଭଲ ହେବ ।

*

*ମାଆ ଆନନ୍ଦମୟି, ମୋତେ ଏକଥା ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ, ଏପରି ଲୋକ ଅଛନ୍ତି, ଯେଉଁମାନେ ଭାବନ୍ତି ଯେ, ଯେଉଁ ସାଧକମାନେ ଦୂରରୁ ଆପଣଙ୍କର କରୁଣାକୁ ଗ୍ରହଣ କରିପାରନ୍ତି ନାହିଁ, କେବଳ ସେହିମାନଙ୍କୁହିଁ ଆପଣ ପାଖକୁ ଡାକନ୍ତି । ଏବଂ ତେଣୁ, ଯେଉଁମାନେ ଆପଣଙ୍କୁ ବାରଂବାର ଦେଖା କରିବାକୁ ଯାଆନ୍ତି, ସେଇଟି ହେଉଛି ସେମାନଙ୍କ ଭିତରେ ଥିବା ଏକ ଦୁର୍ବଳତାର ସଂକେତ ।*

ଲୋକମାନେ କ'ଣ ଭାବୁଛନ୍ତି ବା କହୁଛନ୍ତି, ସେକଥାରେ ମୁଣ୍ଡ ଖେଳାଅ ନାହିଁ; ଏଗୁଡ଼ାକ କେବଳ ସର୍ବଦା ସେହି ଅଜ୍ଞାନପ୍ରସୂତ ନିର୍ବୋଧତାର ପରିଚୟହିଁ ଦେଇଥାଏ ।

ମୋତେ ଆଶ୍ଚର୍ଯ୍ୟ ଲାଗେ ଯେ ମୋ'ର ଯାବତୀୟ କାର୍ଯ୍ୟ ପଛରେ ରହିଥିବା କାରଣଗୁଡ଼ିକୁ ସେମାନେ ଜାଣିଛନ୍ତି ବୋଲି କଳ୍ପନା କରନ୍ତି । ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ମୁଁ ଭିନ୍ନ ପ୍ରକାରେ କାର୍ଯ୍ୟ କରେ, ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଆବଶ୍ୟକତା ଅନୁସାରେହିଁ କାର୍ଯ୍ୟ କରିଥାଏ ।

*

*ମୋ' ଭିତରେ ରହିଥିବା କୌଣସି ଭାବନା, କୌଣସି ଧାରଣା, ସେଇଟି ଏକ ମନ୍ଦ ଭାବନା ଓ ମନ୍ଦ ଧାରଣା ହୋଇଥାଉ ପଛକେ, ଆପଣଙ୍କ ଆଗରେ କହିଦେଲେ ତାହା ଆଦୌ ଖରାପ ହେବ ବୋଲି ମୁଁ ବିଚାର କରୁ ନାହିଁ ।*

ମୋତେ ସଙ୍ଗେ ସଙ୍ଗେ ସେଇଟିକୁ କହିଦେଲେ ତାହା ଓଲଟି ଭଲହିଁ ହେବ ।

*

ବନ୍ଦ ହୋଇ ରହିଥିବା ଦ୍ୱାରଗୁଡ଼ିକୁ ଖୋଲିଦେବା ସକାଶେ ଏକ ସ୍ୱୀକାରୋକ୍ତି ଅପେକ୍ଷା ଅଧିକ ଭଲ କଥା ଆଉ କିଛି ନାହିଁ । **ଯାହାକୁ ମୋ' ଆଗରେ କହିବାକୁ ତୁମକୁ ସବୁଠାରୁ ଅଧିକ ଡର ମାଡୁଛି, ସେଇଟିକୁ ମୋତେ କହିଦିଅ,** ଏବଂ ତାହାହେଲେ ତୁମେ ସଙ୍ଗେ ସଙ୍ଗେ ମୋ'ର ଅଧିକ ନିକଟବର୍ତ୍ତୀ ହୋଇ ଆସିଯିବା ପରି ଅନୁଭବ କରିବ ।

୪

ଦିବ୍ୟ ପରମସତ୍ତା ହେଉଛନ୍ତି ଅନନ୍ତ ଏବଂ ଅସୁମାରି । ତେଣୁ, ତାଙ୍କ ଆଡ଼କୁ ଯାଇ ପାରିବାର

ପଥ ମଧ୍ୟ ଅନନ୍ତ ଏବଂ ଅସୁମାରି । ଏବଂ, ଯେଉଁ ବ୍ୟକ୍ତି ଯେଉଁପରି ଭାବରେ ତାଙ୍କୁ ଭଜନା କରୁଥିବ, ସିଏ ପରମସତ୍ତାଙ୍କଠାରୁ କ'ଣ ଲାଭ କରୁଛି ଓ ତାଙ୍କୁ କେତେଦୂର ଜାଣିଛି, ଏକଥା ତାହାରି ଉପରେ ଅବଶ୍ୟ ନିର୍ଭର କରିବ । ଭକ୍ତ ପ୍ରେମ ଓ ମାଧୁର୍ଯ୍ୟମୟ ଭଗବାନଙ୍କୁ ପାଏ, ଜଣେ ଜ୍ଞାନୀ ବ୍ୟକ୍ତି ତାଙ୍କୁ ପ୍ରଜ୍ଞା ଓ ଜ୍ଞାନ ଦ୍ୱାରା ପୂର୍ଣ୍ଣ ଭଗବାନରୂପେ ପ୍ରତ୍ୟକ୍ଷ କରେ । ଯିଏ ତାଙ୍କୁ ଭୟ କରେ, ତାକୁ ଏକ କଠୋର ଭଗବାନ୍ ଦେଖାଦିଅନ୍ତି; ଏବଂ ଯିଏ ତାଙ୍କୁ ବିଶ୍ୱାସ କରେ, ସିଏ ଭଗବାନଙ୍କୁ ଜଣେ ବନ୍ଧୁ ଓ ରକ୍ଷାକାରୀରୂପେ ଭେଟିବାରେ ସମର୍ଥ ହୁଏ । ... ଏହିପରି ଭାବରେ ସମ୍ଭାବନାର ଅନନ୍ତ ବିଚିତ୍ରତା ମଧ୍ୟରେ ତାଙ୍କ ପରିଚୟ ଲାଭ କରିବା ଲାଗି ରହିଥାଏ ।

*

**କାହାକୁ ଭୟ କର ନାହିଁ :** ପ୍ରତ୍ୟେକ ନିଷ୍ଠାପର ଅଭୀପ୍‌ସାର ଉତ୍ତର ଦିବ୍ୟ ପରମସତ୍ତା ସବୁବେଳେ ଦେଇଥା'ନ୍ତି ଏବଂ ଶ୍ରଦ୍ଧାପୂର୍ଣ୍ଣ ହୃଦୟର ସହ ତାଙ୍କୁ ଯାହା ସମର୍ପଣ କରାଯାଏ ତାହାକୁ ସେ କଦାପି ପ୍ରତ୍ୟାଖ୍ୟାନ କରନ୍ତି ନାହିଁ; ଭଗବାନ୍ ଯେ ତୁମକୁ ସ୍ୱୀକାର କରିଛନ୍ତି ଏହି ନିଶ୍ଚିତତାର ଶାନ୍ତି ନେଇ ତୁମେ ଜୀବନନିର୍ବାହ କର ।

*

*ପ୍ରେମାସ୍ପଦା ମାଆ, ମୋତେ ଆକ୍ରାନ୍ତ କରି ପକାଉଥିବା ଏହି ଆଳସ୍ୟକୁ କିପରି ଜୟ କରିହେବ ? ମୁଁ ପ୍ରକୃତରେ କୌଣସି ଜୀବନକୁ ବଞ୍ଚୁ ନାହିଁ, ମୁଁ କେବଳ ଜୀବନଟିଏ ଧରି ପଡ଼ି ରହିଛି । ମାଆ, ମୋତେ ଏପରି କିଛି ଆବିଷ୍କାର କରିବାକୁ ପଡ଼ିବ, ଯାହାକି ମୋ' ଜୀବନରେ ଏକ ମୋଡ଼ ବୁଲାଇଦେବ ।*

ଏହିଭଳି ଏକ ମାନସିକ ସ୍ଥିତି ଦ୍ୱାରା ତୁମେ ପରମ ଦିବ୍ୟସତ୍ତାଙ୍କ ଉପସ୍ଥିତିକୁ ଖୋଜି ପାଇବାର ଆଶା ପୋଷଣ କରି ପାରିବ ନାହିଁ । ଆପଣାର ହୃଦୟକୁ ଏକ ଅନ୍ୟ ''ମୋଡ଼ ଆଣି ଦେବା ଲାଗି'' ନାନାବିଧ ତୁଚ୍ଛତାକୁ ଖୋଜି ବୁଲିବା ପରିବର୍ତ୍ତେ ତୁମେ ଅତ୍ୟନ୍ତ ଦୃଢ଼ତା ସହିତ ହୃଦୟଟିରୁ ଏହିପରି ସବୁକିଛିକୁ ବାହାର କରିଦେବାକୁ ହେବ, କିଛିବି ଯେପରି ବାଦ୍ ନ ପଡ଼େ, ବଡ଼ ଆଉ ସାନ ସବୁକିଛିକୁ ବାହାର କରିଦେବ, ଯାହାଫଳରେ ଶୂନ୍ୟଗର୍ଭତ୍ୱର ଏହି ଶକ୍ତିଟିହିଁ ପରମ ଚମତ୍କାରମୟ ସେହି ଉପସ୍ଥିତିକୁ ପ୍ରକୃତରେ ଆକୃଷ୍ଟ କରି ଆଣିପାରିବ । ଏହି ସର୍ବୋଚ୍ଚ କରୁଣାକୁ କିପରି ତାହାର ପ୍ରାପ୍ୟଟି ଦେବାକୁ ହୁଏ, ସେକଥା ଜଣେ ଅବଶ୍ୟ ଜାଣିଥିବା ଦରକାର ।

*

ପ୍ରତ୍ୟେକ ବ୍ୟକ୍ତି ପାଖରେ ଯାହା ରହିଛି ଓ ସେ ପ୍ରକୃତରେ ଯାହା, ତା'ଠାରୁ କେବଳ ସେତିକି ମଗାଯାଏ; ତାହାଠାରୁ ବେଶୀ ନୁହେଁ, ତାହାଠାରୁ କମ୍ ମଧ୍ୟ ନୁହେଁ ।

*

ତୁମ ନିଜ ଭିତରେ ଏକ ଶୂନ୍ୟତାର ସୃଷ୍ଟି କରିବାକୁ ଇଚ୍ଛା କରି ଉଚିତ କାର୍ଯ୍ୟ କରୁଛ; କାରଣ ତା'ହେଲେ ତୁମେ ଆବିଷ୍କାର କରିପାରିବ ଯେ, ସେହି ଶୂନ୍ୟତାର ଗଭୀର ତଳରେ ଦିବ୍ୟ ପରମସତ୍ତା ବିଦ୍ୟମାନ୍ ।

*

*ଯଦି ମୁଁ ବହିଗୁଡ଼ିକରୁ ସାନ୍ତ୍ୱନା ପାଇପାରୁଛି, ତେବେ ମୁଁ କିପରି କହିପାରିବି ଯେ ମୋତେ କେହି କିଛିହେଲେ ପୁଷ୍ଟି ଯୋଗାଉ ନାହିଁ ଏବଂ ଏକ ଚରମ ଶୂନ୍ୟତାର ମଧ୍ୟ ଦେଇ ଦିବ୍ୟ ଜୀବନରେ ପ୍ରବିଷ୍ଟ ହୋଇ ରହିଛି ବୋଲି ?*

ତୁମେ କହୁଥିବା ''ଚରମ ଶୂନ୍ୟତା''ଟି ଅଧିକତର ପରିମାଣରେ ଏକ କଳ୍ପନା, ଏକ ସତ୍ୟ ଆଦୌ ନୁହେଁ । ନିଜ ହୃଦୟ ଭିତରେ ଏକ ଉଚ୍ଚ ଅଭୀପ୍ସା ପୋଷଣ କରିବା କୌଣସି ପ୍ରକାର ଅନ୍ଧକାରାଚ୍ଛନ୍ନ ନିଦ୍ରାଳୁତାଠାରୁ ଅନେକ ଅଧିକ ଭଲ ।

*

*ମୁଁ ଯେତେବେଳେ ନିଜ ଭିତରକୁ ଚାହିଁ ଦେଖିବାକୁ ଚେଷ୍ଟା କରେ, ସେତେବେଳେ ମୁଁ ସେଠାରେ ଏପରି ଏକ ସତ୍ତାର ପ୍ରତ୍ୟକ୍ଷ କରେ, ଯାହାକି ସବୁକିଛିରୁ ଅସଂଲଗ୍ନ ହୋଇ ରହିଛି, ସେଠାରେ ଏକ ବୃହତ୍ ଉଦାସୀନତା ରାଜତ୍ୱ କରୁଛି ।*

ଏହି ଉଦାସୀନତା ବିକାଶର ଏପରି ଗୋଟିଏ ସୋପାନ ଯାହାକି ଆତ୍ମାର ପୂର୍ଣ୍ଣ ସମତାର ଏକ ସ୍ଥିତିକୁ ତୁମକୁ ଅବଶ୍ୟ ପରିଚାଳିତ କରି ନେଇଯିବ ।

*

*ମାଆ, ମୋ'ର ଜୀବନ ଅତ୍ୟନ୍ତ ଶୁଷ୍କ ହୋଇ ଯାଇଛି, ତାହା ସବୁବେଳେହିଁ ସେହିପରି ଶୁଷ୍କ ହୋଇ ରହିଥିଲା । ମୋ' ଜୀବନର ଏହି ଶୁଷ୍କତା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି ।*

ଏପରି ହେବା କୌଣସି ବାହ୍ୟ ପରିସ୍ଥିତି ଉପରେ ଆଦୌ ନିର୍ଭର କରୁ ନାହିଁ, ଏହା ତୁମର ଅନ୍ତର୍ଗତ ସ୍ଥିତି ଉପରେହିଁ ନିର୍ଭର କରୁଛି । ଏପରି ହେଉଛି, କାରଣ ତୁମେ ଆପଣା ମନର ଏକ ଅତ୍ୟନ୍ତ ଅଗଭୀର କ୍ଷେତ୍ରରେହିଁ ନିଜର ଜୀବନକୁ ବଞ୍ଚୁଛ । ତୁମକୁ ନିଜ ଚେତନା

ମଧ୍ୟରେ କିଛି ଗଭୀର ସ୍ତରର ଆବିଷ୍କାର କରିବାକୁ ପଡ଼ିବ ଏବଂ ସେହିଠାରେ ବାସ କରିବାକୁ ହେବ ।

*

ଅବସନ୍ନ ଏବଂ ବିଷାଦଗ୍ରସ୍ତ ହୋଇ ରହିଲେ ତୁମେ କଦାପି ଦିବ୍ୟ ପରମସତ୍ତାଙ୍କର ନିକଟବର୍ତ୍ତୀ ହୋଇପାରିବ ନାହିଁ । ଆମକୁ ଆମ ହୃଦୟ ଭିତରେ ନିରନ୍ତର ଏକ ଅବିଚଳିତ ବିଶ୍ୱାସ ଏବଂ ଆତ୍ମପ୍ରତ୍ୟୟ ରଖିବାକୁ ପଡ଼ିବ ଏବଂ ମସ୍ତିଷ୍କ ଭିତରେ ବିଜୟର ସୁନିଶ୍ଚିତତା ଅବଶ୍ୟ ପୋଷଣ କରିବାକୁ ପଡ଼ିବ । ତୁମ ଓ ମୋ' ଭିତରେ ଏହି ଯେଉଁ ଛାଇଗୁଡ଼ିକ ଆସି ମୋତେ ତୁମ ଦୃଷ୍ଟି ସମ୍ମୁଖରୁ ଅନ୍ତରାଳ କରି ରଖୁଛନ୍ତି, ତୁମେ ସେଗୁଡ଼ିକୁ ତଡ଼ି ବାହାର କରିଦିଅ । କେବଳ ସୁନିଶ୍ଚିତତାର ବିଶୁଦ୍ଧ ଆଲୋକ ମଧ୍ୟରେହିଁ ତୁମେ ମୋ'ର ଉପସ୍ଥିତି ବିଷୟରେ ସଚେତନ ହୋଇ ପାରିବ ।

*

ଯେତିକି ଅଧିକ ଦୁଃଖୀ ହେଉଥିବ ଓ ଅଧିକ ବିଳାପ କରୁଥିବ, ତୁମେ ମୋ'ଠାରୁ ସେତିକି ଅଧିକ ଦୂରକୁ ଚାଲି ଯାଉଥିବ । ଦିବ୍ୟ ପରମସତ୍ତା ଆଦୌ **ଦୁଃଖୀ ନୁହନ୍ତି** ଏବଂ ତେଣୁ, ତାଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ନିଜ ଭିତରୁ ସକଳ ଦୁଃଖଭାବ ଏବଂ ଭାବପ୍ରବଣ ସକଳ ଦୁର୍ବଳତାକୁ ଦୂରକୁ ବର୍ଜନ କରି ରଖିବାକୁ ହେବ ।

*

*ସ୍ନେହମୟି ମାଆ, ମୁଁ ଭାରି ସୁଖୀ, କାରଣ ମୁଁ ଆପଣଙ୍କୁ ଭଲ ପାଉଛି ଓ ଆପଣଙ୍କୁ ଭଲ ପାଇବାରେ କିଞ୍ଚିତ୍ ଦୁଃଖ ମଧ୍ୟ ଅଙ୍ଗେ ନିଭାଉଛି ।*

ତୁମର ଏହି ଦୁଃଖକୁ ଅଙ୍ଗେ ନିଭାଇବାର କୌଣସି କାରଣ ମୁଁ ଦେଖିପାରୁ ନାହିଁ । ଚୈତ୍ୟସ୍ତରର ଭଲ ପାଇବା ସର୍ବଦା ଶାନ୍ତ, ସର୍ବଦା ଆନନ୍ଦମୟ । ପ୍ରାଣଟାହିଁ ଯାବତୀୟ ବ୍ୟାପାର ଭିତରେ ଏକ ନାଟକୀୟତା ଆଣି ଭର୍ତ୍ତି କରିଦିଏ ଏବଂ ଆଦୌ କୌଣସି କାରଣ ନ ଥାଇ ଆପଣାକୁ ଅସୁଖୀ କରି ରଖିଥାଏ । ବସ୍ତୁତଃ, ମୁଁ ଆଶା କରୁଛି ଯେ, ତୁମେ ସର୍ବଦା ନିଜ ନିକଟରେ ମୋ'ର ଉପସ୍ଥିତିକୁ ଅନୁଭବ କରିବ ଏବଂ ଏହା ତୁମକୁ ଶାନ୍ତି ଓ ଆନନ୍ଦ ମଧ୍ୟ ଆଣି ଦେଉଥିବ ।

*

*ମୋ'ର ପରମ ପ୍ରେମାସ୍ପଦା ମାଆ, ଆପଣଙ୍କଠାରୁ ବିଚ୍ଛିନ୍ନ ହୋଇଯିବାର ଧାରଣା ଆପଣ ଓ ମୋ' ଭିତରେ ସତେଅବା ଏକ ଭୟାବହ ଗର୍ତ୍ତର ଚିତ୍ରକୁ ଆଣି ଉନ୍ମୋଚିତ କରି ଦେଉଛି । ମୁଁ ଆଦୌ ସନ୍ତୁଷ୍ଟ ନୁହେଁ, ଏହି ଅସନ୍ତୋଷର ମୂଳ କେଉଁଠି ?*

ପ୍ରାଣସତ୍ତାହିଁ ସର୍ବଦା ପ୍ରତିବାଦ ଓ ଅଭିଯୋଗ କରିଥାଏ । ସମ୍ମିଳନଟିକୁ ଏକ ବାସ୍ତବ ଘଟଣାରେ ପରିଣତ କରିବା ଲାଗି ଚୈତ୍ୟସତ୍ତା ଅଧ୍ୟବସାୟ ଏବଂ ଉତ୍ସାହ ସହିତ କାର୍ଯ୍ୟ କରୁଥାଏ । ମାତ୍ର ସିଏ କଦାପି ଅଭିଯୋଗ କରେ ନାହିଁ ଏବଂ ଉପଲବ୍ଧିର ମୁହୂର୍ତ୍ତଟି ନିମନ୍ତେ ଅପେକ୍ଷା କରିବା ମଧ୍ୟ ଜାଣିଥାଏ ।

*

ପ୍ରାଣଟାହିଁ ପ୍ରଶ୍ନ କରେ, ଖାଲି ପ୍ରଶ୍ନ କରିବାରେ ଲାଗିଥାଏ ଓ କେବେହେଲେ ସନ୍ତୁଷ୍ଟ ହୁଏ ନାହିଁ ।... ଚୈତ୍ୟ, ଯଥାର୍ଥ, ଗଭୀର ଅନୁଭୂତିଗୁଡ଼ିକ ସର୍ବଦା ସନ୍ତୁଷ୍ଟ ହୋଇ ରହିଥାନ୍ତି ଏବଂ କେବେ କିଛିହେଲେ ମାଗନ୍ତି ନାହିଁ । ଚୈତ୍ୟ ସର୍ବଦା ମୋ'ର ଉପସ୍ଥିତିକୁ ଅନୁଭବ କରୁଥାଏ । ମୋ'ର ପ୍ରେମ ଏବଂ ବ୍ୟାକୁଳତା ବିଷୟରେ ସଜ୍ଞାନ ହୋଇ ରହିଥାଏ, ଏବଂ ତାହା ନିରନ୍ତର ଶାନ୍ତ, ସୁଖୀ ଓ ସନ୍ତୁଷ୍ଟ ହୋଇ ରହିଥାଏ ।

*

ଖୋଜିବାରେ ଏକ ଆନନ୍ଦ ରହିଛି, ଅପେକ୍ଷା କରିବାରେ ଆନନ୍ଦ ଅଛି, ଅଭୀପ୍ସାରେ ଆନନ୍ଦ ରହିଛି, ଅଧିକାର କରିବାରେ ଯେଉଁ ବିରାଟ ଆନନ୍ଦ ରହିଛି, ଏସବୁଥିରେ ମଧ୍ୟ ଅନ୍ତତଃ ସେତିକି ଆନନ୍ଦ ରହିଛି ।

*

ଏକ ଶୁଦ୍ଧ ଏବଂ ସ୍ୱାର୍ଥରହିତ ଭଲ ପାଇବା ପରି ଆଉ କୌଣସିଥିରୁ ଏତେ ବେଶୀ ସୁଖ କଦାପି ମିଳିପାରେ ନାହିଁ ।

*

ଯଥାର୍ଥ ଦିବ୍ୟ ପ୍ରେମ ସକଳ କଳହର ଊର୍ଦ୍ଧ୍ୱରେ ରହିଥାଏ । ଏହାକୁ ଆମେ ଏକ ଅପରିବର୍ତ୍ତିତ ଆନନ୍ଦ ଏବଂ ଶାନ୍ତି ମଧ୍ୟରେ ପରିପୂର୍ଣ୍ଣ ଭାବରେ ସଂଯୁକ୍ତ ହୋଇ ରହିଥିବାର ଏକ ଅନୁଭବ ବୋଲି କହିପାରିବା ।

*

ରାଧା ହେଉଛି ଦିବ୍ୟ ପରମସତ୍ତାଙ୍କ ଲାଗି ପ୍ରେମଯୁକ୍ତ ଉତ୍ସର୍ଗୀକୃତତାର ପ୍ରତୀକ ।

*

ସର୍ବଦା ଆପଣାର ଭାରସାମ୍ୟଟିକୁ ରଖିଥାଅ, ଏକ ସ୍ଥିର ସ୍ୱଚ୍ଛତା ବଜାୟ ରହିଥାଉ । କେବଳ ଏହିପରି ଭାବରେହିଁ ଯଥାର୍ଥ ପରମ ସମ୍ମିଳନଟି ଲାଭ କରିବା ସମ୍ଭବ ହେବ ।

*

ତୁମ ନିଜ ଆତ୍ମା ଭିତରେହିଁ ତୁମେ ସେହି ପ୍ରଶାନ୍ତିକୁ ଲାଭ କରି ପାରିବ ଏବଂ ସଂକ୍ରମଣ ଦ୍ୱାରା ତାହା ତୁମର ସମସ୍ତ ସତ୍ତା ମଧ୍ୟକୁ ପ୍ରସାରିତ ହୋଇଯିବ । ଏହା ସ୍ଥାୟୀ ହୋଇ

ନାହିଁ, କାରଣ ତୁମ ଆତ୍ମାର ସାର୍ବଭୌମତ୍ୱ ତୁମ ସମଗ୍ର ସତ୍ତାର କ୍ଷେତ୍ରରେ ଏପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠିତ ହୋଇପାରି ନାହିଁ ।

*

ଭାବପ୍ରବଣ ନ ହେବାରେ ମୁଁ ଆଦୌ କୌଣସି ଭୁଲ୍ ଦେଖିପାରୁ ନାହିଁ । ଭାବପ୍ରବଣ ହେବାଠାରୁ ଆଉ କିଛିହେଲେ ନାହିଁ ଯାହା ଯଥାର୍ଥ ପ୍ରେମଠାରୁ, ଅର୍ଥାତ୍ ଦିବ୍ୟ ପ୍ରେମଠାରୁ ବେଶୀ ଦୂର ଥାଏ ।

*

*ମାଆ, ସବୁକିଛି ଅବଶ୍ୟ କରା ହେବ; ମାତ୍ର ତଥାପି ମୋ'ର ହୃଦୟଟା କାହିଁକି ଅଧିକରୁ ଅଧିକ ଶୁଷ୍କ ଓ କଠିନ ହୋଇଯିବାରେ ଲାଗିଛି ?*

ତାହା ପ୍ରକୃତରେ ଏତେ ଶୁଷ୍କ ଓ କଠିନ ବୋଲି ତୁମେ ନିଶ୍ଚିତ ଭାବରେ ଜାଣିଛ ତ ? ''ଶୁଷ୍କ ଓ କଠିନ'' ବୋଲି କହିଲାବେଳେ ତୁମେ **ଭାବପ୍ରବଣତାର** ଅନୁପସ୍ଥିତିକୁ ବୁଝୁ ନାହଁ ତ, ଅର୍ଥାତ୍, ଏକ ଦୁର୍ବଳ ଓ ଅଗଭୀର ସଂବେଗଶୀଳତାର ଅନୁପସ୍ଥିତିକୁ ବୁଝୁ ନାହଁ ତ ?

ଯଥାର୍ଥ ପ୍ରେମ ହେଉଛି **ଅତ୍ୟନ୍ତ ଗଭୀର,** ଆପଣାର ପ୍ରଗାଢ଼ତାରେ **ଅତ୍ୟନ୍ତ ସ୍ଥିର ।** ବାହ୍ୟ ଉଲ୍ଲାସର ମାଧ୍ୟମରେ ହୁଏତ ଏହାର ଆଦୌ କୌଣସି ଅଭିବ୍ୟକ୍ତି ଘଟି ନ ପାରେ ।

*

**ଭଲ ପାଇବା** ଆଦୌ **ଅଧିକାର ସାବ୍ୟସ୍ତ କରିବାକୁ** ବୁଝାଏ ନାହିଁ । ଏହା **ଆପଣାକୁ ଦେଇଦେବାକୁହିଁ** ବୁଝାଏ ।

*

*ମୁଁ କାହାରି ପ୍ରତି କୌଣସି ତୀବ୍ର ଏବଂ ନିୟନ୍ତ୍ରଣହୀନ ପ୍ରେମର ଭାବ ଅନୁଭବ କରିପାରେ ନାହିଁ । ମୋତେ କେହି ଆକର୍ଷଣ କରିପାରନ୍ତି ନାହିଁ । ଏବଂ ଏହି କାରଣରୁ ମୁଁ ଆପଣଙ୍କୁ କହିଥିଲି ଯେ, ମୋର ସକଳ ପ୍ରକାରର ମନୁଷ୍ୟସୁଲଭ ଅନୁଭୂତି ଚାଲିଯାଉଛି ।*

ଏହାକୁ ଏକ ହରାଇବା ବୋଲି କୁହାଯିବ ନାହିଁ । ଏହାକୁ ମୁଁ ଏକ ଅକଳନୀୟ ଲାଭ ବୋଲି ବିଚାର କରୁଛି ।

*

*ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇ ରହିଥିବା ଏକ ପ୍ରେମ ଜଣେ ବ୍ୟକ୍ତିକୁ ହୁଏତ ତା'ର ପ୍ରେମାସ୍ପଦର ଏକ ଦାସ କରି ପକାଇବ ।*

ଏହି କ୍ଷେତ୍ରରେ ତୁମେ ପ୍ରାଣିକ ପ୍ରେମ କଥା କହୁଛ, ଚୈତ୍ୟପ୍ରେମର କଥା ନିଶ୍ଚିତରୂପେ ନୁହେଁ; ଦିବ୍ୟପ୍ରେମ କଥା ତ ଆହୁରି ଦୂରର କଥା ।

*

*ମୁଁ ଯେଉଁ ବ୍ୟକ୍ତିକୁ ଭଲ ପାଏ, ସେ ହେଉଛି ମୋ'ର ।*

ଏହା ଏକ ଅତ୍ୟନ୍ତ କୁତ୍ସିତ ସ୍ତରର ଭଲ ପାଇବା, ଅତ୍ୟନ୍ତ ଅହଂପ୍ରଣୋଦିତ ।

*

ଆଶ୍ରମ ଆଦୌ ଏପରି ଏକ ସ୍ଥାନ ନୁହେଁ, ଯେଉଁଠାରେ କି ତୁମେ କାହାକୁ ପ୍ରେମ କରି ପାରିବ । ଯଦି ତୁମେ ଏପରି ଏକ ନିର୍ବୋଧତା ମଧ୍ୟକୁ ଫେରିଯିବାକୁ ଇଚ୍ଛା କରୁଛ, ତେବେ ତୁମେ ତାହା ଅନ୍ୟତ୍ର କରିପାର, ଏଠାରେ ନୁହେଁ ।

*

ତୁମକୁ ଯେ ଅମୁକ ବା ସମୁକ ବ୍ୟକ୍ତି ଆକର୍ଷଣ କରୁଛି, ସେକଥା ଆଦୌ ନୁହେଁ ।... ନିମ୍ନ ପ୍ରକୃତିରେ ରହିଥିବା ଚିରନ୍ତନ ନାରୀ ନିମ୍ନ ପ୍ରକୃତିରେ ରହିଥିବା ଚିରନ୍ତନ ପୁରୁଷକୁ ଆକର୍ଷଣ କରିଥାଏ ଏବଂ ମନରେ ଏକ ଭ୍ରମ ସୃଷ୍ଟି କରେ । ଏହାକୁ ଆମେ ଅନାଲୋକିତ ପ୍ରକୃତିର ଶକ୍ତିଗୁଡ଼ିକର ଅନ୍ଧକାରାବୃତ ଓ ଅର୍ଦ୍ଧଚେତନ ଏକ ବୃହତ୍ ଲୀଳା ବୋଲି କହିପାରିବା । ଏବଂ, ଅନ୍ଧ କରି ପକାଉଥିବା ଏହାର ତୀବ୍ର ଘୂର୍ଣ୍ଣି ମଧ୍ୟରୁ ନିଷ୍କୃତି ଲାଭ କରିବାରେ ସଫଳ ହେବା ମାତ୍ରକେ ଅଚିରେ ଏହି କଥାଟିକୁ ଆବିଷ୍କାର କରିହୁଏ ଯେ, ସକଳ ବାସନା ଓ ସକଳ ଆକର୍ଷଣର ଦିନେ ନା ଦିନେ ଅନ୍ତ ହୋଇଯାଏ; କେବଳ ଦିବ୍ୟ ପରମସତ୍ତାଙ୍କ ଲାଗି ପ୍ରଦୀପ୍ତ ଅଭୀପ୍ସାଟିହିଁ ଅବଶେଷ ରୂପେ ରହିଯାଏ ।

*

*ମୋ'ର ପ୍ରେମାସ୍ପଦା ମାଆ, ଦିନତମାମ ''ଦିବ୍ୟ ପରମସତ୍ତାଙ୍କ ଲାଗି ପ୍ରେମ ରୂପେ ରୂପାନ୍ତରିତ ହୋଇ ଯାଉଥିବା ମନୁଷ୍ୟର ପ୍ରବଳ ବାସନାଚୟ''ର ପ୍ରତୀକ ସେହି ଲାଲରଙ୍ଗର ଗୋଲାପଟି ବ୍ୟତୀତ ମୁଁ ଅନ୍ୟ କିଛିହେଲେ ଚିନ୍ତା କରି ନାହିଁ । ମନୁଷ୍ୟର ପ୍ରବଳ ବାସନାଚୟ କହିଲେ ପ୍ରକୃତରେ କ'ଣ ବୁଝାଏ, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

''ବାସନାଚୟ'' କହିଲେ ଯାବତୀୟ ତୀବ୍ର କାମନାକୁହିଁ ବୁଝାଏ, ତାହା ଜଣେ ବ୍ୟକ୍ତିକୁ ଅଧିକାର କରିନିଏ ଓ ତା'ର ଜୀବନକୁ ଶାସନ କରୁଥାଏ – ମଦ୍ୟପର ମଦ୍ୟପାନ ଲାଗି ପ୍ରବଳ ବାସନା ରହିଥାଏ, ସ୍ତ୍ରୈଣ କାମାସକ୍ତ ପୁରୁଷର ସ୍ତ୍ରୀମାନଙ୍କ ପ୍ରତି ପ୍ରବଳ ବାସନା ରହିଥାଏ, ଜୁଆଖେଳାଳିର ଜୁଆଖେଳ ପ୍ରତି ପ୍ରବଳ ବାସନା ଥାଏ, ଏହିପରି । ଯଦି ଜଣେ ମନୁଷ୍ୟବ୍ୟକ୍ତି ଆଉଜଣେ ମନୁଷ୍ୟବ୍ୟକ୍ତି ପ୍ରତି ଏକ ତୀବ୍ର ଓ ନିୟନ୍ତ୍ରଣାତୀତ କାମାକର୍ଷଣ ଅନୁଭବ କରେ, ତେବେ ତାହାକୁ **ପ୍ରବଳ ବାସନା** ବୋଲି କୁହାଯାଏ; ଏବଂ ଏଠାରେ ଆମେ ସେହି ବିଷୟରେହିଁ କହିଛୁ । ମନୁଷ୍ୟମାନେ ପରସ୍ପର ପ୍ରତି ଯେଉଁ ଅତିତୀବ୍ର ପ୍ରୀତିଭାବର ଅନୁଭବ କରନ୍ତି, ତାହାକୁହିଁ ଦିବ୍ୟ ପରମସତ୍ତାଙ୍କ ପ୍ରତି ପ୍ରେମରେ ପରିବର୍ତ୍ତିତ କରିଦେବାକୁ ହେବ ।

*

ଇନ୍ଦ୍ରିୟଗତ ଉତ୍ତେଜନା ହେଉଛି ପ୍ରାଣିକ ରାଜ୍ୟର ଏକ ଘଟଣା; ପ୍ରାଣର ଯେଉଁ ଭାଗଟି ଶରୀରର ସ୍ନାୟୁଗୁଡ଼ିକ ଦ୍ୱାରା ଅଭିବ୍ୟକ୍ତି ଲାଭ କରେ, ସେହି ଭାଗଟିର । ଏହା ଦ୍ୱାରା ଆମେ ସେହି ଭାବବୋଧ ଏବଂ ସଂବେଗଗୁଡ଼ିକୁ ବୁଝିବା, ଯେଉଁଗୁଡ଼ିକ କି ହୃଦୟର ଗୋଟିଏ ଗୋଟିଏ ଲକ୍ଷଣ ହୋଇ ରହିଥାଏ । ଅଧିକ କାମ୍ୟ ହେଉଛି ଯେ, ଆମେ ସେହି ଇନ୍ଦ୍ରିୟୋତ୍ତେଜନାଗୁଡ଼ିକୁ ଅବଲମ୍ବନ କରି ନିଜ ଜୀବନକୁ ବଞ୍ଚୁ ନ ଥିବା, ସେଗୁଡ଼ିକୁ ଆମ ବାହାରେ ରହିଥିବା ବସ୍ତୁଚୟ ବୋଲି ବିଚାର କରୁଥିବା, ଆମେ ପରିଧାନ କରୁଥିବା ବସ୍ତ୍ରଗୁଡ଼ିକ ପରି ବାହ୍ୟ ବସ୍ତୁ ବୋଲି ଭାବୁଥିବା ।

## ୫

ସାହସ ଅବଲମ୍ବନ କର ଓ ନିଜ ବିଷୟରେ ଏତେ ବେଶୀ ଭାବ ନାହିଁ । ନିଜ କ୍ଷୁଦ୍ର ଅହଂଟାକୁହିଁ ଆପଣା ଭାବନାଗୁଡ଼ିକର ସର୍ବସ୍ୱକେନ୍ଦ୍ର କରି ରଖୁଥିବାରୁହିଁ ତୁମେ ଦୁଃଖ ଓ ଅସନ୍ତୋଷ ଭୋଗ କରୁଛ । ନିଜକୁ ଭୁଲିଯିବା ହେଉଛି ଏହି ଯାବତୀୟ ବ୍ୟାଧିର ମହୌଷଧ ।

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆପଣାକୁ ନେଇ ଅତିରିକ୍ତ ଭାବରେ ବ୍ୟସ୍ତ ନ ରହିବା ହେଉଛି ଅଧିକ ଭଲ କଥା ।

*

ଆପଣାକୁ ଅତିରିକ୍ତ ଭାବରେ ନିନ୍ଦା କରିବା ଆପଣାର ଅତିରିକ୍ତ ପ୍ରଶଂସା କରିବାଠାରୁ କୌଣସି ଗୁଣରେ ଅଧିକ ଭଲ ନୁହେଁ । ଆମେ ନିଜେ ନିଜର ବିଚାର କରିବା ନାହିଁ ଓ

ଦିବ୍ୟ ପରମସତ୍ତାଙ୍କୁହିଁ ଆମର ଯଥାର୍ଥ ଯୋଗ୍ୟତା ନିରୂପଣ କରିବା ଲାଗି ବାଟ ଛାଡ଼ିଦେବା, ତାହା ହେଉଛି ପ୍ରକୃତ ବିଜୟ ।

*

*ମୋତେ ଏପରି ନୈରାଶ୍ୟ ଭିତରେ ବୁଡ଼ାଇ ରଖିଥିବା ଏହି ଦୀନତା ଅପେକ୍ଷା ସମ୍ଭବତଃ ମୋ'ର ଆତ୍ମଶ୍ଳାଘା ଅଧିକ ଭଲ ଥିଲା ।*

ଗୋଟିକ ପରି ଅନ୍ୟଟିକୁ ମଧ୍ୟ ତୁମେ ସମାନ ସାବଧାନତା ସହିତ ଏଡ଼ି ରହିବାକୁ ହେବ ।

*

*ମୋ'ର ପରମ ପ୍ରେମାସ୍ପଦା ମାଆ, ଏକ ଅନ୍ତର୍ନିରୀକ୍ଷଣ ଦ୍ୱାରା ମୋ' ସମ୍ମୁଖରେ ବହୁତ କିଛି ଉଦ୍‌ଘାଟିତ ହୋଇପାରିଛି । ମୋ' ଭିତରେ ଏକ ଈର୍ଷାଭାବ ରହିଛି ଯାହାକି ମୋତେ ଅନ୍ଧ କରି ରଖିଛି; ମୋ' ଭିତରର ଆଉ ଗୋଟିଏ ଭାଗ ଦମ୍ଭରେ ଫୁଲିକରି ରହିଛି, ଏହା ମୋ' ଭିତରେ ଏକ ଭ୍ରମଧାରଣା ଆଣି ଦେଉଛି ଯେ ମୁଁ ଲକ୍ଷ୍ୟସ୍ଥଳରେ ଆସି ପହଞ୍ଚି ସାରିଲିଣି ।*

ତୁମେ ଏକ ନିର୍ଭୁଲ ବର୍ଣ୍ଣନା ଦେଇଛ ସତ, ମାତ୍ର, ଏପରି ଆଉ କଦାପି ହେବ ନାହିଁ ବୋଲି ଏକ ସଂକଳ୍ପ ଗ୍ରହଣ କରିପାରିଲେ ଯାଇ ଏହାର ଆଦୌ କୌଣସି ଉପଯୋଗିତା ରହିଛି । ଅର୍ଥାତ୍, ତୁମେ ନିଜର ଏହି ଦୁଇଟିଯାକ ଶତ୍ରୁଙ୍କ ଉପରେ ଈର୍ଷା ଓ ଦାମ୍ଭିକତା ଉପରେ ବିଜୟଲାଭ କରିବା ନିମନ୍ତେହିଁ ଉଦ୍ୟମ କରିବ । ନିଜ ମାର୍ଗରେ ଆମେ ଯେତିକି ଆଗକୁ ଯାଉଥିବା, ଆମେ ସେତିକି ନମ୍ର ହେବାରେ ଲାଗିଥିବା ଏବଂ ଏହି କଥାଟିକୁ ଅଧିକରୁ ଅଧିକ ଆବିଷ୍କାର ମଧ୍ୟ କରୁଥିବା ଯେ, ଯାହାସବୁ ହାସଲ କରିବାକୁ ବାକି ରହିଛି, ତାହା ତୁଳନାରେ ଆମେ ଆଦୌ କିଛିହେଲେ ହାସଲ କରି ନାହୁଁ ।

*

ଯେତେବେଳେ ଆପଣାକୁ ଠିକ୍ ଜଣେ ଅନ୍ଧ ବ୍ୟକ୍ତି ପରି ଅନୁଭବ ହେବ, ସେତିକିବେଳେ ଯାଇ ଆମେ ଆଲୋକନ ଲାଗି ପ୍ରସ୍ତୁତ ହେବାକୁ ଆରମ୍ଭ କରିବା ।

*

*ଆଗେ ମୁଁ ''ମୁଁ ବୃହତ୍ତମ ସାଧକମାନଙ୍କ ମଧ୍ୟରୁ ଜଣେ'' ବୋଲି ନିଜକୁ ବାରଂବାର କହୁଥିଲି । ଏବଂ, ଏବେ ''ମୁଁ ଆଦୌ କେହି ନୁହେଁ'' ବୋଲି କହୁଛି ।*

ସର୍ବୋତ୍ତମ କଥାଟି ହେଉଛି ଯେ, ତୁମେ ନିଜକୁ ବଡ଼ ବା ସାନ କିଛି ବୋଲି ଭାବିବ ନାହିଁ ।

ନିଜକୁ ଅତି ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିବ ନାହିଁ ଓ ଅତି ନଗଣ୍ୟ ବୋଲି ଭାବିବ ନାହିଁ । କାରଣ, ଆମେ ନିଜେ ନିଜ ଭିତରେ ଆଦୌ କିଛି ନୋହୁ । ଦିବ୍ୟ ପରମ ଇଚ୍ଛା ଆମଠାରୁ ଯାହା ପ୍ରତ୍ୟାଶା କରୁଛି, ଆମକୁ କେବଳ ତାହାହିଁ ହେବା ଲାଗି ଇଚ୍ଛା କରିବାକୁ ହେବ ।

*

*ପିଲାଦିନରୁହିଁ ମୋ'ର ଯାବତୀୟ ସଦିଚ୍ଛା ଆଦୌ କୌଣସି କାମର ହୋଇ ପାରି ନାହିଁ । ମୁଁ ପିଲା ଥିଲାବେଳେ ମୋ'ର ପ୍ରକୃତି ଯେପରି ଥିଲା, ବର୍ତ୍ତମାନ ମଧ୍ୟ ସେହିପରି ରହିଛି । ଏହାର ଆଦୌ କୌଣସି ପରିବର୍ତ୍ତନ ହେବ ବୋଲି ମୁଁ ଆଶା କରିପାରୁ ନାହିଁ । ଏବଂ ସର୍ବୋପରି, ଚେଷ୍ଟା କରି ଏହାର ପରିବର୍ତ୍ତନ ଘଟାଇବାକୁ ବାହାରିବା ଦ୍ୱାରା ପ୍ରକୃତରେ ଆଦୌ କିଛି ଫଳ ମିଳିବ କି ? ଅଧିକ ଭଲ କଥା ହେଉଛି ଯେ, ମୁଁ ଏହି ବ୍ୟକ୍ତିଗତ ପ୍ରକୃତିକୁ ଆଦୌ ମୋ'ର ବୋଲି ଭାବିବି ନାହିଁ । ଏହା ସହିତ ନିଜକୁ ଏକାତ୍ମକ କରି ନ ରଖିବା ହେଉଛି ନିଜର ନିମ୍ନତର ଏବଂ ଅଚେତନ ପ୍ରକୃତି ବିରୋଧରେ ଏକ ସର୍ବୋତ୍ତମ ପ୍ରତିକାର ବୋଲି ମୁଁ ଭାବୁଛି ।*

ଏହି କୌଣସିଟିହିଁ ଆଦୌ ଉଚିତ ଦୃଷ୍ଟିକୋଣ ନୁହେଁ । ଯେପର୍ଯ୍ୟନ୍ତ ତୁମେ ନିଜର ରୂପାନ୍ତର ଘଟାଇବା ଓ ରୂପାନ୍ତର ନ ଘଟାଇବା ମଧ୍ୟରେ ଦୋଦୁଲ୍ୟମାନ ହେବାରେ ଲାଗିଥିବ,— ଅଗ୍ରଗତି ଲାଗି ଉଦ୍ୟମ କରୁଥିବ ଓ ତେଣେ କ୍ଳାନ୍ତି ହେତୁ ଯାବତୀୟ ଉଦ୍ୟମ ପ୍ରତି ଉଦାସୀନ ହୋଇ ରହିଥିବ, ସେପର୍ଯ୍ୟନ୍ତ ତୁମେ କଦାପି ସମୁଚିତ ଦୃଷ୍ଟିକୋଣଟିକୁ ଲାଭ କରିପାରିବ ନାହିଁ । ତୁମର ଯାବତୀୟ ଅବଲୋକନ ତୁମକୁ ଏହି ଗୋଟିଏ ସୁନିଶ୍ଚିତତା ଆଡ଼କୁ ପରିଚାଳିତ କରିନେଇ ପାରିବା ଉଚିତ ଯେ, କେବଳ ଆପଣା ଉପରେ ନିର୍ଭର କରୁଥିବା ପର୍ଯ୍ୟନ୍ତ ତୁମର ପ୍ରକୃତରେ ସାମର୍ଥ୍ୟ ବୋଲି କିଛି ନ ଥିବ ଏବଂ ତୁମେ କିଛିହେଲେ କରିପାରିବ ନାହିଁ । କେବଳ ଦିବ୍ୟ ପରମସତ୍ତା ହେଉଛନ୍ତି ଆମ ଜୀବନର ଜୀବନ, ଆମ ଚେତନାର ଚେତନା, ଆମ ଭିତରେ ରହିଥିବା ଅସଲ ଶକ୍ତି ଓ ଅସଲ ସାମର୍ଥ୍ୟ । ଆମେ ତାଙ୍କରି ପାଖରେହିଁ ନିଜକୁ ନେଇ ସମର୍ପଣ କରିଦେବା, କୌଣସି ସଂଶୟ ନ ରଖି ନିଜକୁ ତାଙ୍କରି ହାତରେ ଦେଇଦେବା ଏବଂ, ତାଙ୍କର ଅନନ୍ତ ପ୍ରଜ୍ଞାର ପରିପ୍ରେକ୍ଷୀରେ ସିଏ ଯାହା ଇଚ୍ଛା କରୁଥିବେ, ଆମକୁ ସିଏ ସେହିରୂପେହିଁ ତିଆରି କରିବେ ।

*୬*

*ମୋ'ର ସ୍ନେହମୟି ପ୍ରେମାସ୍ପଦା ମାଆ, ମୁଁ ''କଥୋପକଥନ''ରେ ପାଠ କଲି :*

*‘‘କେବଳ ସଂକେନ୍ଦ୍ରଣ ଦ୍ୱାରାହିଁ ତୁମେ ଏହି ଲକ୍ଷ୍ୟରେ ଆସି ପହଞ୍ଚି ପାରିବ ।’’ ଧ୍ୟାନର ସମୟକୁ ବଢ଼ାଇଦେବା ଉଚିତ ହେବ କି ?*

ସଂକେନ୍ଦ୍ରଣ କହିଲେ ଧ୍ୟାନକୁ ବୁଝାଏ ନାହିଁ; ବରଂ, ସଂକେନ୍ଦ୍ରଣ ହେଉଛି ଏପରି ଗୋଟିଏ ଅବସ୍ଥା, ଯେଉଁଥିରେ କି, ବାହାରେ ଯେଉଁ କାର୍ଯ୍ୟ କରୁଥିଲେ ମଧ୍ୟ, ଜଣେ ଅବିଚ୍ଛିନ୍ନ ଭାବରେ ରହିପାରିବ । ସଂକେନ୍ଦ୍ରଣ କହିଲେ ମୁଁ ଏହି କଥା ବୁଝୁଛି ଯେ, ସକଳ ଶକ୍ତି, ସକଳ ଇଚ୍ଛା ଏବଂ ସକଳ ଅଭୀପ୍ସା କେବଳ ସେହି ଦିବ୍ୟ ପରମସତ୍ତାଙ୍କର ଅଭିମୁଖୀ ହୋଇ ରହିଥିବ, ଆମ ନିଜ ଚେତନା ମଧ୍ୟରେ ତାଙ୍କୁ ସମଗ୍ର ଭାବରେ ଉପଲବ୍ଧି କରିବା ଦିଗରେହିଁ ଉଦ୍‌ଧାବିତ ହୋଇ ରହିଥିବ ।

*

ନିର୍ଦ୍ଦିଷ୍ଟ ସମୟମାନଙ୍କରେ ଧ୍ୟାନ କରିବା ଅପେକ୍ଷା ସର୍ବଦା ଏକ ସଂକେନ୍ଦ୍ରିତ ଓ ସମାହୃତ ଦୃଷ୍ଟିକୋଣ ରଖିଥିବା,— ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ।

*

*ମୁଁ ମୋ ଚଉକି ଉପରେ ବସି ପାଣି ଉପରେ ଚକ୍‌ଚକ୍ ହେଉଥିବା ଚନ୍ଦ୍ରକିରଣ ବିଷୟରେ ଚିନ୍ତା କରିଥିଲେ ତାହା ଅଧିକ ଭଲ ହୋଇଥାନ୍ତା ।*

ଅଥବା, ଆହୁରି ଭଲ ହୋଇଥାନ୍ତା, ତୁମେ ଆଦୌ କିଛି ଚିନ୍ତା କରି ନ ଥାନ୍ତ ମାତ୍ର ଦିବ୍ୟ ପରମ କରୁଣାର ଭାବନାରେ ନିମଗ୍ନ ହୋଇ ରହିଥାନ୍ତ ।

*

ଯଦି ପୂର୍ଣ୍ଣ ସମର୍ପଣ-ବୁଦ୍ଧିରେ ତୁମେ ନିଜର କାର୍ଯ୍ୟ କରିବ ଏବଂ ସକଳ ଆନ୍ତରିକତା ସହିତ ତାହାକୁ ଦିବ୍ୟ ପରମସତ୍ତାଙ୍କ ଚରଣରେ ନିବେଦନ କରିଦେଇ ପାରିବ, ତେବେ କର୍ମ ଠିକ୍ ଧ୍ୟାନ ପରି ସମାନ ଭାବରେ ଉତ୍ତମ ଫଳ ଦେବ ।

*

*ସମ୍ଭବତଃ ମୁଁ ଏପରି ଭାବି ଭୁଲ୍ କରିଛି ଯେ ଅନେକ ଲୋକଙ୍କ ସହିତ ମିଶିବା ଓ ଅନେକ କାର୍ଯ୍ୟ କରିବା ଅପେକ୍ଷା ମୋ’ ନିଜ ସତ୍ତାଟିକୁ ବିଲୁପ୍ତ କରିଦେବା ଦ୍ୱାରାହିଁ ମୁଁ ଅଧିକଶୀଘ୍ର ଆପଣଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରିବି ।*

ମୋ’ ନିଜର ଏହି ଅନୁଭବ ହୋଇଛି ଯେ, ହାତଗୁଡ଼ିକୁ କାମରେ ଲଗାଇ କୌଣସି ଶାରୀରିକ କାର୍ଯ୍ୟ କରୁଥିବା ସମୟରେ ମଧ୍ୟ ଜଣେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ସହିତ

ସଂଯୁକ୍ତ ହୋଇ ରହିପାରିବ । ମାତ୍ର ସ୍ୱଭାବତଃ ଏଥିଲାଗି କିଞ୍ଚିତ୍ ଅଭ୍ୟାସ ମଧ୍ୟ ଆବଶ୍ୟକ ଏବଂ ସବୁଠାରୁ ଅଧିକ ଜରୁରୀ ଯେ ସେତେବେଳେ ଯାବତୀୟ **ନିରର୍ଥକ କଥାବାର୍ତ୍ତା**ରୁ ନିଜକୁ ଅଲଗା କରି ରଖିଥିବ । କାମ ନୁହେଁ, ନିରର୍ଥକ କଥାବାର୍ତ୍ତାହିଁ ଆମକୁ ଦିବ୍ୟ ପରମସତ୍ତାଙ୍କଠାରୁ ଦୂରକୁ ନେଇ ଯାଇଥାଏ ।

*

ତୁମେ କେଉଁ କାର୍ଯ୍ୟ କରୁଛ, ତାହା ଉପରେ ନୁହେଁ, ମାତ୍ର କାର୍ଯ୍ୟଟି ପଛରେ କେଉଁ ଦୃଷ୍ଟିକୋଣ ରହିଛି, ସବୁକଥା ତାହାରି ଉପରେ ନିର୍ଭର କରେ ।

*

ଯଦି ଜଣେ ବ୍ୟକ୍ତି ପୂର୍ଣ୍ଣ ଆନ୍ତରିକତା ସହିତ କେବଳ ଦିବ୍ୟ ପରମସତ୍ତାଙ୍କର ଇଚ୍ଛାଟିକୁ ବ୍ୟକ୍ତ କରିବାକୁହିଁ କାର୍ଯ୍ୟ କରୁଥାଏ, ତେବେ ଆଦୌ କୌଣସି ବ୍ୟତିକ୍ରମ ବିନା ତାହାର ସମସ୍ତ କାର୍ଯ୍ୟ ସ୍ୱାର୍ଥରୁ ମୁକ୍ତ ହୋଇ ରହିପାରିବ । ମାତ୍ର ଏହି ସ୍ଥିତିରେ ଆସି ନ ପହଞ୍ଚିଥିବା ପର୍ଯ୍ୟନ୍ତ, ଏପରି କେତେକ କାର୍ଯ୍ୟ ରହିଛି, ଯାହାକି ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପର୍କ ସ୍ଥାପନ କରାଇବାରେ ଅଧିକ ସାହାଯ୍ୟ କରିଥାଏ ।

*

ଜଣେ ବ୍ୟକ୍ତି କେଉଁ କାର୍ଯ୍ୟ କରୁଛି, ତା' ଉପରେ ନୁହେଁ, ମାତ୍ର ତାହାକୁ ସେ କିପରି କରୁଛି, ତାହାରି ଉପରେହିଁ ଯୋଗସାଧନାର ଜୀବନ ନିର୍ଭରଶୀଳ । ଅର୍ଥାତ୍, କର୍ମ ତୁଳନାରେ କର୍ମ ପ୍ରତି ଦୃଷ୍ଟିକୋଣ, ଯେଉଁ ଭାବ ନେଇ ଜଣେ କାର୍ଯ୍ୟଟିକୁ କରୁଛି, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଦାମ୍ଭିକତା ଓ ଗର୍ବର ସହିତ ଲୋକମାନେ ଯାହାକୁ ''ବଡ଼'' ବୋଲି କହନ୍ତି, ସେଗୁଡ଼ିକୁ କରିବା ଅପେକ୍ଷା ବାସନ ଧୋଇବା ଅଥବା ଖାଦ୍ୟ ବାଢ଼ି ଦେଉଥିବା ସମୟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଓ ଆଦୌ କୌଣସି ଅହଂବୋଧ ବିନା ସମର୍ପିତ କରିଦେବା ଜାଣିଥିଲେ ତୁମେ ତଦ୍ଦ୍ୱାରା ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରିବ ।

*

*ଏହି କାର୍ଯ୍ୟଟି ମୋତେ କିଞ୍ଚିତ୍ ପରିମାଣରେ ଆପଣଙ୍କର ଅଧିକ ନିକଟକୁ ଆଣି ପାରିବ କି ନାହିଁ, ଆଗ ସେହି କଥାଟିକୁ ମୋର ଜାଣିବା ଉଚିତ ।*

କାମ, କୌଣସି କାମ ଏପରି ନାହିଁ, ଯାହାକୁ କଲେ ତୁମେ ଆପଣାଛାଏଁ ମୋ'ର ନିକଟବର୍ତ୍ତୀ ହୋଇଯାଇ ପାରିବ । ଯେଉଁ ଭାବଟି ସହିତ ତୁମେ କାର୍ଯ୍ୟଟିକୁ କରୁଥିବ, ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ ।

*

*ମାଆ, ଏଇ ଯେଉଁ ସତ୍ତାଟି ଆପଣଙ୍କଠାରୁ ଖୁସୀରେ ଯେକୌଣସି କାର୍ଯ୍ୟକୁ ଗ୍ରହଣ କରିନେଇ ପାରୁଛି, ସେଇଟି କେଉଁ ସତ୍ତା ?*

ତୁମ ସତ୍ତାର ଯେଉଁ ଭାଗଟି ଚୈତ୍ୟର ପ୍ରଭାବକୁ ଆସିପାରିଛି ଏବଂ ଦିବ୍ୟ ଦ୍ୟୋତନାଟିକୁ ମାନି ପାରୁଛି ।

*

*ମୁଁ ଆପଣଙ୍କର ସେବା ଯଥାଶକ୍ତି ସର୍ବୋତ୍ତମ ଭାବେ କରିପାରୁଛି କି ?*

ତୁମେ ଯଥାଶକ୍ତି ସର୍ବୋତ୍ତମ ଭାବରେ ମୋ'ର ସେବା ଅବଶ୍ୟ କରୁଛ, ମାତ୍ର ତୁମ ଆଗାମିକାଲିର ସର୍ବୋତ୍ତମଟି ତୁମ ଆଜିର ସର୍ବୋତ୍ତମଠାରୁ ଅବଶ୍ୟ ଅଧିକ ଭଲ ହୋଇପାରିବା ଆବଶ୍ୟକ ।

*

ଶୃଙ୍ଖଳା ନ ଥିଲେ ଜଡ଼ ସ୍ତରରେ କୌଣସି କିଛିକୁ ବାସ୍ତବ କରିବା ସମ୍ଭବ ହେବ ନାହିଁ । ଯଦି ନିୟମିତ ଓ ଅବିରତ ପ୍ରହାର କରୁଥିବା କଠୋର ଶୃଙ୍ଖଳା ପାଖରେ ତୁମ ହୃଦୟ ନିଜକୁ ସମର୍ପି ଦେବାକୁ ସମ୍ମତ ହୋଇ ନ ଥାନ୍ତା, ତେବେ ତୁମେ ପୃଥିବୀରେ କଦାପି ଜୀବନଧାରଣ କରିପାରି ନ ଥାନ୍ତ ।

ମହାନ୍ ଉପଲବ୍ଧିବାନ୍ ସମସ୍ତେ ଥିଲେ ଜଣେ ଜଣେ ଶୃଙ୍ଖଳାସମ୍ପନ୍ନ ବ୍ୟକ୍ତି ।

*

ଆଶ୍ରମରେ କାମ ନ ଥିବା ବ୍ୟକ୍ତିମାନଙ୍କର ଯେ କୌଣସି ଅଭାବ ଅଛି, ଏକଥା ସତ ନୁହେଁ । ମାତ୍ର, ଯେଉଁମାନଙ୍କ ହାତରେ କୌଣସି କାମ ନାହିଁ, ସେମାନେ କାମ କରିବାକୁ ଇଚ୍ଛା କରୁ ନାହାନ୍ତି ବୋଲିହିଁ ସେମାନଙ୍କ ହାତରେ କାମ ନାହିଁ । ଏବଂ, ସେହି ରୋଗର ଔଷଧ ବାହାର କରିବା ଅତ୍ୟନ୍ତ କଷ୍ଟକର – ଏହି ରୋଗଟିର ନାମ ହେଉଛି ଆଳସ୍ୟ ।...

*

*ଶରୀର ସ୍ୱଭାବତଃ ମାନ୍ଦା । ମାତ୍ର ଆପଣଙ୍କ ଲାଗି କାର୍ଯ୍ୟ କରିବାରେ ତାହା ''ତାମସିକ'' ହେବ ନାହିଁ ।*

ହଁ, ଠିକ୍ ଏହିପରିହିଁ ଘଟିବ ।

*

*ମୁଁ ସବୁବେଳେ ସାବଧାନ ହେବାକୁ ଚେଷ୍ଟା କରେ, ମାତ୍ର ମୋ ହାତରେ ସବୁଜିନିଷ ନଷ୍ଟ ହୋଇଯାଉଛି ।*

ହଁ, ଅନେକ ସମୟରେ ସେମିତି ହୁଏ; ମାତ୍ର ତୁମକୁ ଅଧିକରୁ ଅଧିକ ଶାନ୍ତି ଆବାହନ କରିବାକୁ ହେବ ଓ ତାହାକୁ ତୁମ ଶରୀରର କୋଷରାଜି ଭିତରକୁ ପ୍ରବେଶ କରାଇବାକୁ ହେବ । ତେଣିକି ଅସ୍ୱସ୍ତି ଭାବର କୌଣସି ପ୍ରଭାବ ରହିବ ନାହିଁ ।

*

*ମାଆ, 'କ' ଗୋଟିଏ ପୋର୍ସିଲେନ୍ ପାତ୍ର ଭାଙ୍ଗି ଦେଇଛନ୍ତି ।*

ସିଏ କେବେ କୌଣସି ଦ୍ରବ୍ୟ ଭାଙ୍ଗି ନାହାନ୍ତି ବୋଲି ତୁମେ କାଲି ବିସ୍ମିତ ହେଉଥିଲ । ଏବଂ ସେ ଆଜି ସ୍ୱଭାବତଃ କୌଣସି ଏକ ଦ୍ରବ୍ୟ ଭାଙ୍ଗି ଦେଇଛନ୍ତି । ମାନସିକ ସଂରଚନାଗୁଡ଼ିକ ଠିକ୍ ଏହିପରି ଭାବରେ କାର୍ଯ୍ୟ କରନ୍ତି । ତେଣୁ, ଯାହା ପ୍ରକୃତରେ ଘଟୁ ବୋଲି ଜଣେ ବ୍ୟକ୍ତି ଇଚ୍ଛା କରୁଥିବ, ସେ କେବଳ ସେତିକିହିଁ କହିବ ।

*

ଯଦି କୌଣସି ବ୍ୟକ୍ତି ବିଷୟରେ ତୁମେ କୌଣସି ଭଲ କଥା ଭାବି ପାରୁ ନ ଥିବ, ତେବେ ତୁମକୁ ତା' ବିଷୟରେ ଆଦୌ କିଛି ଭାବିବା ମଧ୍ୟ ଛାଡ଼ିଦେବାକୁ ପଡ଼ିବ ।

୭

*ଆପଣଙ୍କ ପାଖରେ ମୋ'ର ଏହି ସତ୍ତାଟିକୁ ଉତ୍ସର୍ଗ କରିଦେବାର ମାର୍ଗ ମୋତେ ଖୋଜି ବାହାର କରିବାକୁ ହେବ ।*

ତୁମ ଭିତରେ ମୁଁ ଯେଉଁ ଅଭୀପ୍ସା ଏବଂ ବିଶୁଦ୍ଧୀକରଣର ଅଗ୍ନିକୁ ପ୍ରଜ୍ୱଳିତ କରିଦେଇଛି, ତୁମେ ତାହାକୁ ନିରନ୍ତର ପ୍ରଜ୍ୱଳିତ କରି ରଖିଥିବ ।

*

*ଅଧ୍ୟବସାୟ ବିନା କୌଣସି କିଛି ସମ୍ଭବ ହୁଏ ନାହିଁ ।*

କୌଣସି ବିଷୟ କଷ୍ଟକର ବୋଲି ଜଣେ ଯେ ତାକୁ ଛାଡ଼ିଦେବ, ତାହାର କୌଣସି କାରଣ ନାହିଁ । ବରଂ, ଗୋଟିଏ ବିଷୟ ଯେତିକି ଅଧିକ କଷ୍ଟକର ହୋଇଥିବ, ତାହାକୁ ସେତିକି

ଅଧିକ ଆଗ୍ରହ ସହିତହିଁ ସଫଳ ଭାବରେ ସମ୍ପାଦିତ କରିବା ନିମନ୍ତେ ବାହାରି ଯିବାକୁ ହେବ ।

ସବୁ କାର୍ଯ୍ୟ ମଧ୍ୟରେ ଦିବ୍ୟ ଚେତନାକୁ ପୃଥିବୀକୁ ଅବତରଣ କରାଇ ଆଣିବା ହେଉଛି ସବୁଠାରୁ ଅଧିକ କଷ୍ଟକର । ସେହି କାରଣରୁ କ'ଣ ଆମେ ସେଥିଲାଗି କୌଣସି ପ୍ରୟାସ କରିବା ନାହିଁ ?

*

ଆମକୁ **ଅନେକ ଦୀର୍ଘ** ପଥ ଅତିକ୍ରମ କରିବାକୁ ପଡ଼ିବ; ଏବଂ, ମୁଁ ପ୍ରକୃତରେ ଅଗ୍ରଗତି କରୁଛି କି ନାହିଁ, ପଦେ ପଦେ ନିଜକୁ ଆଦୌ ସେକଥା ନ ପଚାରି ଶାନ୍ତ ଭାବରେ ଆଗକୁ ଯିବାହିଁ ଅତ୍ୟନ୍ତ ଅପରିହାର୍ଯ୍ୟ ।

*

ଅଧ୍ୟବସାୟ ଦ୍ୱାରା ସଫଳତା ସୁନିଶ୍ଚିତ । ମୋ'ର ସାହାଯ୍ୟ କହିଲେ, ତାହା ସର୍ବଦା ତୁମ ପାଖରେ ରହିଛି ବୋଲି ତୁମେ ନିଶ୍ଚିତ ହୋଇ ରହିଥିବ । ଏବଂ, କୌଣସି ଆବାହନ ବ୍ୟର୍ଥ ହେବ ନାହିଁ ।

*

ଯଦି ତୁମେ କାର୍ଯ୍ୟଟିକୁ କରିବାର ସଂକଳ୍ପ କରିଥିବ, ତେବେ ତୁମର ପ୍ରୟାସକୁ ସଂବଳିତ କରି ରଖିବାକୁ ମୋ'ର ଶକ୍ତି ସେଠାରେ ଅବଶ୍ୟ ରହିଥିବ ।

*

ବ୍ୟାଘାତ ସୃଷ୍ଟି କରାଇବା ଆଦୌ ଠିକ୍ ହେବ ନାହିଁ; ଖିଆଲ ଦ୍ୱାରା ପରିଚାଳିତ ହୋଇ ଆଦୌ କିଛି ହାସଲ ହୋଇପାରେ ନାହିଁ । ଏବଂ, ଯେତେବେଳେ କାର୍ଯ୍ୟଗୁଡ଼ିକ ଏକ ଅନ୍ତର୍ଗତ ସତ୍ୟର ଅଭିବ୍ୟକ୍ତି କରୁଥାନ୍ତି, କେବଳ ସେତିକିବେଳେହିଁ ସେଗୁଡ଼ିକର ଉପଲବ୍ଧି ସମ୍ଭବ ହୁଏ ।

*

ହଁ, ବିଭିନ୍ନ ବିଷୟକୁ ନେଇ ତୁମର ମନ ଅତିବେଶୀ ଉତ୍ତେଜିତ ହୋଇ ପଡୁଛି । ଏହା ନିଜ ଭିତରେ କ'ଣ ନା କ'ଣସବୁ ରଚନା କରିବାରେ ଖୁବ୍ ବ୍ୟସ୍ତ ଅଛି (ସବୁବେଳେ କେଡ଼େ ଆଣ୍ଟର ସହିତ ଭାବୁଛି : ଏଇଟା ଏପରି ହେବା ଦରକାର, ସେଇଟା ସେପରି ହେବା ଦରକାର, ଇତ୍ୟାଦି), ଏବଂ ଅତ୍ୟନ୍ତ ଅଜାଣତ ଭାବରେ ତାହା ଆପଣାର ସେହି ରଚନାଗୁଡ଼ିକ ମଧ୍ୟରେ ଏପରି ଭାବରେ ଯାଇ ଲାଖିଯାଉଛି ଯେ, ସେଗୁଡ଼ିକର ଓଲଟା ଫଳ ଫଳିଲେ ତାହା ଆତଙ୍କିତ ହୋଇ ଉଠୁଛି ଏବଂ ଭାରି ଯନ୍ତ୍ରଣା ପାଉଛି । ଏହି ମନକୁ ଅତ୍ୟନ୍ତ ଶାନ୍ତ ହେବାକୁ ପଡ଼ିବ ଓ ଶାନ୍ତ ରହିବାର ଅଭ୍ୟାସଟିକୁ ବିକଶିତ କରି ଆଣିବାକୁ ହେବ ।

*

ଦିବ୍ୟ ପରମ କରୁଣାଙ୍କଠାରେ ବିଶ୍ୱାସ ରଖିଥାଅ ଏବଂ ତା'ହେଲେ ମୁକ୍ତିଲାଭ କରିବାର ସମୟ ତ୍ୱରାନ୍ୱିତ ହୋଇଯିବ ।

*

ମନୁଷ୍ୟସ୍ତରୀୟ କୌଣସି ଉପାୟ ଯେ ମନୁଷ୍ୟକୃତ କୌଣସି ମନ୍ଦର ଆରୋଗ୍ୟ କରିପାରିବ, ଏହା ସମ୍ପୂର୍ଣ୍ଣ ମିଥ୍ୟା ।

**କେବଳ ଦିବ୍ୟ ପରମସତ୍ତାହିଁ** ଯାବତୀୟ ଆରୋଗ୍ୟ ସମ୍ଭବ କରିବେ । ତେଣୁ ତୁମକୁ **କେବଳ ତାଙ୍କରି** ସହାୟତା ଏବଂ ସୁରକ୍ଷା ଭିକ୍ଷା କରିବାକୁ ହେବ । **କେବଳ ତାଙ୍କରି ଉପରେହିଁ** ସମସ୍ତ ଆଶା ଛାଡ଼ିଦେବାକୁ ପଡ଼ିବ ।

*

ତୁମକୁ ସାହାଯ୍ୟ କରିବା ଲାଗି ମୋ'ର ସମସ୍ତ ଶକ୍ତି ତୁମ ସହିତ ରହିଛି । ଏକ ସ୍ଥିର ବିଶ୍ୱାସର ସହିତ ଆପଣାକୁ ଉନ୍ମୋଚିତ କରିଦିଅ, ଦିବ୍ୟ ପରମକରୁଣା ଉପରେ ଭରସା ରଖ, ତୁମେ ନିଜର ସମସ୍ତ ବାଧାକୁ ଅତିକ୍ରମ କରିପାରିବ ।

*

ଚିନ୍ତିତ ହୁଅ ନାହିଁ, ସବୁ କାର୍ଯ୍ୟକୁ ଭଲ ଭାବରେ କରିବାର ଇଚ୍ଛାଟିକୁ ନିଜ ଭିତରେ ସର୍ବଦା ଉଜ୍ଜୀବିତ କରି ରଖିଥାଅ ।

*

ତୁମେ ଦୁର୍ବଳ, ଏହି ଧାରଣାଟିକୁ ସ୍ୱୀକାର କରିନେଉଛ କାହିଁକି ? ଏଇ କଥାଟାହିଁ ଖରାପ ।

*

ହଁ, ଏକ ସ୍ଥିର ଓ ଧୈର୍ଯ୍ୟଶୀଳ ବିଶ୍ୱାସରେହିଁ ବିଜୟର ସୁନିଶ୍ଚିତତା ନିହିତ ହୋଇ ରହିଛି ।

*

*ଦିବ୍ୟ ପରମସତ୍ତାଙ୍କଠାରେ ମୋ'ର ବିଶ୍ୱାସର ଅଭାବ ନାହିଁ । ମାତ୍ର ସମ୍ଭବତଃ ମୋ'ର ଅହଂଟା ଅଧିକରୁ ଅଧିକ ପରିମାଣରେ କହିବାରେ ଲାଗିଛି ଯେ ଦିବ୍ୟ ପରମସତ୍ତା ମୋ'ଠାରୁ ଯାହା ପାଇବେ ବୋଲି ଇଚ୍ଛା କରୁଛନ୍ତି, ମୁଁ ତାହା ହାସଲ କରିପାରିବି ନାହିଁ ।*

ହଁ, ଏବଂ ସେହି ଅହଂ ଯେତେବେଳେ ଆପଣାକୁ ସମର୍ପିତ କରିଦେବ ଓ ଗାଦିରୁ ଓହ୍ଲାଇ ଆସିବ, ସେତେବେଳେ ଏହି ଭୟ ଅବଶ୍ୟ ଅନ୍ତର୍ହିତ ହୋଇଯିବ ଏବଂ ତା' ଜାଗାରେ ତୁମ ଭିତରେ ଏହି ସ୍ଥିରନିଶ୍ଚିତତା ଆସିବ ଯେ କିଛିହେଲେ କଦାପି ଅସମ୍ଭବ ନୁହେଁ ।

*

*‘‘ତୁମେ ନିଜର ଯାବତୀୟ ଅସୁବିଧାକୁ ଅତିକ୍ରମ କରିଯିବ’’, – ମୁଁ ଏହି ବାକ୍ୟଟିକୁ ବାରବାର କହୁଛି । କେବଳ ମୋ’ର ସମଗ୍ର ସତ୍ତାଟିହିଁ ଏହାକୁ ଗ୍ରହଣ କରୁ ନାହିଁ ।*

ଯଥେଷ୍ଟ ସାତତ୍ୟ ସହିତ ଯଦି ତୁମେ ବାକ୍ୟଟିର ପୁନରାବୃତ୍ତି କରିବ, ଅନିଚ୍ଛୁକ ଅଂଶଟିର ମଧ୍ୟ ଶେଷରେ ପ୍ରତ୍ୟୟ ଆସିଯିବ ।

*

ହଁ, ଆଶା ପୋଷଣ କରିବା ଦ୍ୱାରା ତୁମେ ଠିକ୍ କରୁଛ । ଆଶାହିଁ ଆନନ୍ଦମୟ ଭବିଷ୍ୟତଗୁଡ଼ିକର ନିର୍ମାଣ କରିପାରେ ।

*

*ମୁଁ ମୋ ଅତୀତଟାକୁ ପୂରା ଭୁଲିଗଲିଣି ।*

ହଁ, ଅତୀତଟାକୁ ଭୁଲିଯିବାକୁହିଁ ପଡ଼ିବ ।

*

ମାତ୍ର ତୁମେ ନିଜକୁ କାହିଁକି ଏତେ କଷ୍ଟ ଦେଉଛ ? ସ୍ଥିର ହୁଅ, ହଲଚଲ ହୋଇ ପଡ଼ ନାହିଁ, ମନେରଖ ଯେ ଆମ ଜୀବନର ଅବସ୍ଥାଗୁଡ଼ିକ ଆଦୌ ସମ୍ପୂର୍ଣ୍ଣ ସାଧାରଣ ଅବସ୍ଥା ନୁହେଁ ଏବଂ ଦିବ୍ୟ ପରମସତ୍ତାଙ୍କର ଶକ୍ତି ଉପରେ ଆସ୍ଥା ରଖିଥାଅ ଯେ, ମନୁଷ୍ୟରୂପୀ ଯେଉଁ ଯନ୍ତ୍ରମାନେ ତାଙ୍କର ପ୍ରଭାବ ଲାଗି ଆପଣାକୁ ଉନ୍ମୋଚିତ କରି ରଖିଛନ୍ତି, ସେହିମାନଙ୍କର ମାଧ୍ୟମରେ ସେ ସବୁକିଛି ସଂଗଠିତ କରି ଆଣିବେ ଓ ସବୁକିଛି କାର୍ଯ୍ୟକୁ ସମ୍ପନ୍ନ କରିବେ ।

*

*ମାଆ, ଆପଣ ମୋ’ ସହିତ ରହିଥାନ୍ତୁ । ଆପଣଙ୍କ ବିନା ମୁଁ ଦୁର୍ବଳ ହୋଇଯାଏ, ବଡ଼ ଦୁର୍ବଳ ଓ ଭୀତ ହୋଇପଡ଼େ ।*

ଆଦୌ କୌଣସି ଭୟ ରହିବା ଉଚିତ ନୁହେଁ, ଯିଏ କୌଣସି ଭୟ ନ କରେ ସେଇ ବିଜୟୀ ହୁଏ । ପରିଚାଳିତ କରିନେବାକୁ ଓ ସୁରକ୍ଷା ଦେବାକୁ ମୁଁ ସର୍ବଦା ତୁମ ସହିତ ରହିଛି ।

*

ଆଦୌ କୌଣସି ଭୟ ରହିବା ଉଚିତ ନୁହେଁ; ଭୟହିଁ ଯାବତୀୟ ଖରାପ କଥାର ପରାମର୍ଶଦାତା । ତାହା ଚୁମ୍ବକ ପରି କାର୍ଯ୍ୟ କରେ ଏବଂ ଆମେ ଯାହାକୁ ଭୟ କରିବା ତାହାକୁ ଆମ ପାଖକୁ ଟାଣି ନେଇଆସେ । ତେଣୁ, ଆମକୁ ଓଲଟି, ଶୀଘ୍ର ବା ବିଳମ୍ବରେ ସବୁକିଛି ଠିକ୍ ହୋଇଯିବ ବୋଲି ସର୍ବଦା ସ୍ଥିରନିଶ୍ଚିତ ହୋଇ ରହିବାକୁ ହେବ ।

*

ନୈରାଶ୍ୟବାଦୀ ହେବା ଦ୍ୱାରା ଆଦୌ କୌଣସି ଉପକାର ହୋଇ ନାହିଁ; ବରଂ, ଆମେ ଯାହାସବୁକୁ ଭୟ କରିଛୁ, ତାହା ସେଗୁଡ଼ିକୁ ଆମ ପାଖକୁ ଆକର୍ଷିତ କରି ଆଣିଛି । ତେଣୁ ଆମେ ନିଜ ଭିତରୁ ନିରାଶା ଆଣି ଦେଉଥିବା ଯାବତୀୟ ଭାବନାକୁ ନିକାଲି ବାହାର କରିଦେବା ଓ ଆମେ ଯାହା ଘଟୁ ବୋଲି ଇଚ୍ଛା କରୁଛୁ, କେବଳ ତାହାହିଁ ଭାବିବା ଲାଗି ନିଜକୁ ବାଧ୍ୟ କରି ରଖିବା ।

୮

*ମୋ'ର ପରମପ୍ରିୟା ଜନନୀ, ଶ୍ରୀଅରବିନ୍ଦଙ୍କର ଶେଷ ଚିଠିଟି ମୋତେ ଅନେକ ଭାବିବା ଲାଗି ପ୍ରବୃତ୍ତ କରିଦେଲା । ଏକ ପ୍ରତିକୂଳ ଶକ୍ତି ଯେ କାର୍ଯ୍ୟ କରୁଛି, ତାହାର ସ୍ପଷ୍ଟତମ ସଙ୍କେତ କ'ଣ ହୋଇପାରେ, ମୁଁ ଏହାକୁହିଁ ମୋ' ଭିତରେ ତଥା ଅନ୍ୟମାନଙ୍କ ଭିତରେ ଦେଖି ଶିଖିବାକୁ ଇଚ୍ଛା କରୁଛି ।*

ପ୍ରଥମ ସଙ୍କେତ : ତୁମେ ଶ୍ରୀଅରବିନ୍ଦ ଏବଂ ମୋ'ଠାରୁ **ଅନେକ ଦୂରକୁ** ଚାଲି ଯାଇଥିବା ପରି ଅନୁଭବ କରିବ ।
ଦ୍ୱିତୀୟ ସଙ୍କେତ : ନିଜର ଆତ୍ମବିଶ୍ୱାସ ହରାଇ ବସିବ, ଅନ୍ୟମାନଙ୍କୁ ସମାଲୋଚନା କରିବାକୁ ଆରମ୍ଭ କରିବ, ଭାରି ଅସନ୍ତୁଷ୍ଟ ଲାଗୁଥିବ ।
ତୃତୀୟ ସଙ୍କେତ : ତା'ପରେ ବିଦ୍ରୋହ ଆରମ୍ଭ ହୋଇଯିବ ଓ ମିଥ୍ୟା ଭିତରେ ଯାଇ ବୁଡ଼ିରହିବ ।

*

ଆଦୌ ଦୁଃଖ କର ନାହିଁ । ସର୍ବଦା ସେହି ଗୋଟିଏ ଯୁଦ୍ଧରେହିଁ ବାରବାର ବିଜୟ ହାସଲ କରିବାକୁ ପଡ଼ିବ । ବିଶେଷତଃ ଯେତେବେଳେ ପ୍ରତିକୂଳ ଶକ୍ତିମାନଙ୍କ ସହିତ ତୁମର ଏହି ଯୁଦ୍ଧ ଚାଲିଥିବ, ସେତେବେଳେ ଏହା ହେବହିଁ ହେବ । ତେଣୁ ଧୈର୍ଯ୍ୟକୁ ଅସ୍ତ୍ରରୂପେ ଧରି ସଜ୍ଜିତ ରହିବାକୁ ହେବ ଏବଂ ଚୂଡ଼ାନ୍ତ ବିଜୟ ଉପରେ ବିଶ୍ୱାସ ରଖିବାକୁ ପଡ଼ିବ ।

*

*ମୋ'ର ପରମପ୍ରିୟା ମାଆ, ଜଣେ ମନୁଷ୍ୟସତ୍ତାକୁ ମାଧ୍ୟମରୂପେ ବ୍ୟବହାର ନ କରି ପ୍ରତିକୂଳ ଶକ୍ତିମାନେ ପୃଥ୍ୱୀ-ବିବର୍ତ୍ତନ ବିରୋଧରେ ଫଳପ୍ରଦ ଭାବରେ କାର୍ଯ୍ୟ କରିପାରିବେ କି ?*

ଏହା ଆଦୌ ଅସମ୍ଭବ ନୁହେଁ, ମାତ୍ର ଏକ ମନୁଷ୍ୟସତ୍ତାକୁ ମାଧ୍ୟମରୂପେ ପାଇବା ସେମାନଙ୍କ ପକ୍ଷରେ ଖୁବ୍ ସହଜ ।

*

ଆସ୍ଥା ରଖିବା ଏବଂ ଏକ ଜୀବନ୍ତ ଅବିଚଳିତ ବିଶ୍ୱାସ ଦ୍ୱାରା ପରିଚାଳିତ ହେବା ଏକ ଅତ୍ୟନ୍ତ ଉତ୍ତମ କଥା । ମାତ୍ର, ପ୍ରତିକୂଳ ଶକ୍ତିମାନଙ୍କର ବ୍ୟାପାରରେ, ସର୍ବଦା ସତର୍କ ଓ ନିଷ୍ଠାଯୁକ୍ତ ହୋଇ ରହିବା ମଧ୍ୟ ଏକ ଉତ୍ତମ କଥା ହେବ ।

*

*ମାଆ, ନାରୀମାନଙ୍କ ପ୍ରତି ମୋ'ର କି ପ୍ରକାର ଦୃଷ୍ଟିକୋଣ ରହିବା ଉଚିତ ? ମୋ' ଭିତରେ ଏଭଳି ଗୋଟିଏ ଭାଗ ରହିଛି, ଯାହାକି ମୋତେ 'କ'ଙ୍କ ପାଖକୁ ଯିବା ଲାଗି ପ୍ରବର୍ତ୍ତନା ଦେଉଛି । ଏହି ଗୁପ୍ତ ଭାଗଟି ମୋତେ ତାଙ୍କ ପାଖକୁ ଯିବା ଲାଗି ପରାମର୍ଶ ଦେଉଛି; ମୋତେ କହିବାରେ ଲାଗିଛି ଯେ ବଡ଼ ବା ସାନ ଯେକୌଣସି ଆକର୍ଷଣକୁ ଏଡ଼ିବାକୁ ହେଲେ ଏହାହିଁ ସର୍ବୋତ୍ତମ ଉପାୟ ।*

ଏହା ଅତ୍ୟନ୍ତ ପିଲାଳିଆ କଥା । ଏହାକୁ ପ୍ରତିକୂଳ ଶକ୍ତିମାନଙ୍କର ସେହି ଏକା ଜାଲ ବୋଲି କୁହାଯାଇ ପାରିବ । ଯଦି ସେମାନଙ୍କୁ ଚତୁରତାର ସହିତ ନିଜର ପରାମର୍ଶଟିକୁ ବିକୃତ ନାନାବିଧ ଆକାରରେ ବ୍ୟକ୍ତ ନ କରି ସିଧା ଭାବରେ କହିବାକୁ ପଡୁଥାନ୍ତା, ତେବେ ତାହା ଏହିପରି କିଛି କହିବା ଭଳି ହୁଅନ୍ତା : ''ମଦ୍ୟପ ହେବାରୁ ରକ୍ଷା ପାଇବା ନିମନ୍ତେ ମଦ୍ୟପାନ କରିଚାଲ'' ଅଥବା ''ହନ୍ତା ହେବାରୁ ରକ୍ଷା ପାଇବା ସକାଶେ ହତ୍ୟା କରିଚାଲିଥାଅ ।''

*

କେତେବେଳେ ହେଲେ ଭୀତ ହେବା ଉଚିତ ନୁହେଁ; ଏବଂ, ପ୍ରତିକୂଳ ଶକ୍ତିମାନେ ଯଦି ତୁମର ନିମ୍ନତର ପ୍ରକୃତିରେ ଆସି ଆଶ୍ରୟ ନେବାକୁ ଇଚ୍ଛା କରୁଥାନ୍ତି, ତେବେ ତୁମକୁ ସେମାନଙ୍କୁ କେବଳ ସେଠାରୁ ନିକାଲି ବାହାର କରିଦେବାକୁ ପଡ଼ିବ,– ସେତେବେଳେ ମୋ'ର ସହାୟତାକୁ ମଧ୍ୟ ଆବାହନ କରୁଥିବ ।

*

*ମାଆ, କାଲି ରାତିରେ ମୁଁ ହଠାତ୍ ଏକ ଦୁଃସ୍ୱପ୍ନ ଦେଖିଲି ଏବଂ ପ୍ରାୟ ଭୀତ ହୋଇ ପଡ଼ିଥିଲି ।*

କେତେବେଳେ ହେଲେ ଭୀତ ହେବା ଉଚିତ ନୁହେଁ । ତୁମ ନିଦ୍ରାରେ ମଧ୍ୟ ତୁମର ମୋତେ ସ୍ମରଣ କରିବାକୁ ସମର୍ଥ ହେବା ଉଚିତ ଏବଂ କୌଣସି ବିପଦ ରହିଥିଲେ ମୋତେ ସାହାଯ୍ୟ ଲାଗି ଆବାହନ କରିବା ଉଚିତ । ତେବେ ଦେଖିବ, ଯାବତୀୟ ଦୁଃସ୍ୱପ୍ନ କୁଆଡ଼େ ଅନ୍ତର୍ହିତ ହୋଇଯିବ ।

*

*ମୋତେ ଲାଗିଲା, ମୋ' କୋଠରିରେ ଏପରି କେହିଜଣେ ଆସି ପ୍ରବେଶ କରିଛି, ଯିଏକି ମୋ'ର ରକ୍ତ ଶୋଷିନେବାକୁ ଇଚ୍ଛା କରୁଛି । ସେ ଯେପରି ତାହା କରି ପାରିବ, ସେଥିଲାଗି ମୁଁ ତା' ଆଡ଼କୁ ନିଜର ବାଆଁ ହାତଟିକୁ ଲମ୍ବାଇ ଦେବାକୁ ଚାହୁଁଥିଲି ।*

ଯଦି ତୁମେ ପ୍ରତିକୂଳ ଶକ୍ତିମାନଙ୍କୁ ଆହାର ଯୋଗାଇବାକୁ ଆରମ୍ଭ କରିବ, ତେବେ ସେମାନେ ତୁମଠାରୁ ଆହୁରି ଅଧିକରୁ ଅଧିକ ଝୁଣିନେବାକୁ ଆସିବେ ଏବଂ ତଥାପି ଆଦୌ ପରିତୃପ୍ତ ହେବେ ନାହିଁ ।

*

*'ଖ' ମୋତେ କହୁଥିଲେ ଯେ ସେ ଅଧିକାଂଶ ସମୟରେ ପ୍ରତିକୂଳ ଶକ୍ତିମାନଙ୍କର ଯନ୍ତ୍ର ହୋଇପଡୁଛନ୍ତି ।*

ଏଥିରୁ ଅଧିକ ଭାଗ ହେଉଛି ତାଙ୍କର **ନିଜର କଳ୍ପନା ମାତ୍ର** । ଏହିସବୁ ପ୍ରାଣିକ ସତ୍ତାମାନଙ୍କ ସମ୍ବନ୍ଧରେ ସେ ଯେତେ କମ୍ ଚିନ୍ତା କରିବେ, ତେବେ ସେମାନଙ୍କ ଭିତରୁ ଅଧିକାଂଶ ସଙ୍ଗେ ସଙ୍ଗେ ଅନ୍ତର୍ହିତ ହୋଇଯିବେ ।

*

*ସକଳ ପ୍ରକାର ପରିସ୍ଥିତିରେ ଯଦି ମୁଁ ଶାନ୍ତ ହୋଇ ରହିପାରିବି, ତେବେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ ଯେ ପ୍ରତିକୂଳ ଶକ୍ତି ମୋ'ଠାରୁ ଦୂରକୁ ପଳାଇବ ।*

ହଁ, ସେଥିରେ କେବଳ ଗୋଟିଏ ସର୍ତ୍ତ ରହିଥିବ ଯେ ''ଶାନ୍ତି'' କହିଲେ ଆଦୌ **କଠିନ ହୋଇଯିବାକୁ** ବୁଝାଇବ ନାହିଁ, ମାତ୍ର ଏକ ସଚେତନ ଶକ୍ତିକୁହିଁ ବୁଝାଇବ ।

*

*ମାଆ, ''କଠିନ ହୋଇଯିବାର'' ଶାନ୍ତି କହିଲେ କ'ଣ ବୁଝାଏ, ମୁଁ ତାହା ଠିକ୍ ବୁଝିପାରୁ ନାହିଁ ।*

ପୃଥିବୀର ଦୁର୍ଭାଗ୍ୟଗୁଡ଼ିକ ବିଷୟରେ ଓ ଅନ୍ୟମାନଙ୍କର କଷ୍ଟଭୋଗ ବିଷୟରେ ଯେଉଁମାନେ ଉଦାସୀନ ଓ ସମ୍ବେଦନାଶୂନ୍ୟ ହୋଇ ରହିଥାନ୍ତି, ଯେଉଁମାନେ ନିଜ ହୃଦୟକୁ ପଥର କରିଦେଇ ଥାନ୍ତି ଏବଂ କୌଣସି କରୁଣା ଲାଗି ସମର୍ଥ ହୁଅନ୍ତି ନାହିଁ, ସେହିମାନେ ଯେଉଁ ଶାନ୍ତି ଅନୁଭବ କରନ୍ତି, ମୁଁ ତାହାରି କଥା କହୁଛି ।

୯

*ଯଦି ମୁଁ ଏହି ବାହ୍ୟ ପୃଥିବୀ ସହିତ ସବୁ ଖିଅ ଛିଣ୍ଡାଇଦେଇ ପାରନ୍ତି, ଯଦି ମୁଁ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ରହିପାରନ୍ତି, ତେବେ ମୁଁ ଆଦୌ ଆପଣାକୁ ମୁକ୍ତ କରି ପାରୁ ନ ଥିବା ଏହି ଅବସାଦବୋଧ ଉପରେ ମଧ୍ୟ ଅବଶ୍ୟ ନିୟନ୍ତ୍ରଣ ଅର୍ଜନ କରିପାରନ୍ତି ।*

ତାହା ଆଦୌ ଉଚିତ କଥା ନୁହେଁ; ସକଳ ଏକାନ୍ତବାସୀ, ସକଳ ବୈରାଗୀଙ୍କର ଅଭିଜ୍ଞତା ସମ୍ପୂର୍ଣ୍ଣ ନିର୍ବିବାଦ ଭାବରେ ଠିକ୍ ବିପରୀତ କଥାଟିକୁହିଁ ପ୍ରମାଣ କରି ଦେଉଛି । ସବୁଯାକ ଅସୁବିଧା କେବଳ ଆପଣାଠାରୁହିଁ ଆସେ, ଆପଣାର ପ୍ରକୃତିଠାରୁ ଆସିଥାଏ । ଏବଂ, ଜଣେ ବ୍ୟକ୍ତି ଯେଉଁଆଡ଼େ ଯାଉ ପଛକେ, ଯେଉଁଭଳି ପରିସ୍ଥିତିରେ ରହିଥାଉ ପଛକେ, ସେ ତାହାକୁ ନିଜ ସାଙ୍ଗରେହିଁ ବହନ କରି ଯିବାରେ ଲାଗିଥାଏ । ଏଥିରୁ ନିଷ୍କୃତି ଲାଭ କରିବାର କେବଳ ଗୋଟିଏ ଉପାୟ ରହିଛି,— ସେହି ଉପାୟଟି ହେଉଛି ଯେ ଆମେ ଅସୁବିଧାଟି ଉପରେ ବିଜୟ ହାସଲ କରିବା, ଆମ ନିମ୍ନ ପ୍ରକୃତିଟିକୁ ନିଜର ନିୟନ୍ତ୍ରଣରେ ରଖିବା । ଏବଂ, ଏଠାରେ, ଯେଉଁଠି ଏକ ମୂର୍ତ୍ତ ଓ ସାକାର ସହାୟତା ମିଳିପାରୁଛି, ଏକୁଟିଆ ରହିବା ଅପେକ୍ଷା ଏଠାରେ ତାହା ଅପେକ୍ଷାକୃତ ଅଧିକ ସହଜ ହେବ ନାହିଁ କି ? ଏକୁଟିଆଟି ରହିଥିଲେ ତୁମ ପଥ ଉପରେ ଏତେଟିକିଏ ଆଲୋକପାତ କରିବାକୁ କେହି ନ ଥିବେ ଏବଂ ତୁମର ଅନିଶ୍ଚିତ ପଦଗୁଡ଼ିକୁ ମଧ୍ୟ କେହି ପରିଚାଳିତ କରିବା ଲାଗି ଉପଲବ୍ଧ ହେଉ ନ ଥିବେ ?

*

*ମୋ'ର ପରମପ୍ରିୟା ମାଆ, ମୁଁ ଏକ ଶୁଦ୍ଧ ଜୀବନ ଯାପନ କରିବାକୁ ଇଚ୍ଛା କରୁଛି ଏବଂ ଦିବ୍ୟ ଜୀବନ ଆଡ଼କୁ ଅଗ୍ରଗତି କରିବା ନିମନ୍ତେ ଯଥାସାଧ୍ୟ ସବୁକିଛି କରିବି ।*

ଏହା ବାହ୍ୟ ପରିସ୍ଥିତି ଉପରେ ଆଦୌ ସେତେ ନିର୍ଭର କରେ ନାହିଁ, ମାତ୍ର ସର୍ବୋପରି ଅନ୍ତର୍ଗତ ସ୍ଥିତିଟି ଉପରେହିଁ ନିର୍ଭର କରେ ।

ଏକ ଶୁଦ୍ଧ ସତ୍ତା ସବୁବେଳେ, ସକଳ ପ୍ରକାରର ପରିସ୍ଥିତିରେ ମଧ୍ୟ ଶୁଦ୍ଧ ।

*

*ଆପଣ ସ୍ୱୀକାର କରିବେ ଯେ, ଅନ୍ୟମାନଙ୍କ ସହିତ ରହିଲେ ସେମାନଙ୍କ ଦ୍ୱାରା ଅଳ୍ପ ବହୁତ ଅବଶ୍ୟ ପ୍ରଭାବିତ ହେବାକୁ ପଡ଼ିବ ।*

ନା – ଏକଥା ଆଦୌ ଠିକ୍ ନୁହେଁ; ସାଧାରଣ ଜୀବନରେ ଏପରି ହୁଏ, ମାତ୍ର ଜଣେ ଯୋଗୀର ଜୀବନରେ ନୁହେଁ ।

*

*ସ୍ନେହମୟି ମାଆ, ମୋ' ସହିତ ମିଶିଲେ ଯଦି ଅନ୍ୟମାନଙ୍କର ଭଲ ନ ହେଉଛି, ତେବେ ମୋ'ର ସମସ୍ତଙ୍କ ସହିତ ମିଶିବା ଛାଡ଼ିଦେବା ଉଚିତ ହେବ ନାହିଁ କି ?*

ତୁମ ସାଧାରଣ ଚେତନାର ସ୍ତରକୁ ଖସି ଆସିବାର ପ୍ରବୃତ୍ତିଟିକୁ ତୁମେ ନିଜେ ଛାଡ଼ିଦେଇ ପାରିଲେ ବରଂ ଅନେକ ଅଧିକ ଭଲ ହେବ ।

*

*ଏକ ନିର୍ଦ୍ଦିଷ୍ଟ ବସ୍ତୁ, ତାହା ଯାହା ହୋଇଥାଉ ପଛକେ, ଏବଂ ମୋ' ଭିତରେ ଆଦୌ କୌଣସି ପାର୍ଥକ୍ୟ ଯେ ନାହିଁ, ମୁଁ ଏହି ବିଚାରଟିକୁ ନେଇ ଧ୍ୟାନସ୍ଥ ହେଲେ ତାହାର କି ଫଳ ହେବ ? କାରଣ ଦିବ୍ୟ ପରମସତ୍ତା ମୋ' ଭିତରେ ଯେଉଳି ଅଛନ୍ତି, ଠିକ୍ ସେହିଭଳି ସେହି ବସ୍ତୁଟି ଭିତରେ ମଧ୍ୟ ରହିଛନ୍ତି ।*

ଏହାର ଏକ ବିନାଶକାରୀ ଫଳ ଫଳିବ; ଅର୍ଥାତ୍ ତୁମେ ଅତ୍ୟନ୍ତ ନିଷ୍କ୍ରିୟ ଭାବରେ ଯାବତୀୟ ପ୍ରଭାବ ଆଡ଼କୁ ଉନ୍ମୋଚିତ ହୋଇ ରହିବ ଏବଂ ସେଗୁଡ଼ିକ ମଧ୍ୟରୁ ଅନେକ ପ୍ରଭାବକୁ କଦାପି ଉପକାରକ ବୋଲି କୁହାଯାଇ ପାରିବ ନାହିଁ ।

*

*ଏକ ସମ୍ପୂର୍ଣ୍ଣ ସମତାଭାବ ସହିତ ଯୋଗୀର ଯାବତୀୟ ଆବର୍ଜନାକୁ ସ୍ୱୀକାର ଏବଂ ହଜମ କରିନେଇ ପାରିବା ଉଚିତ ।*

କାହିଁକି ? ଏହା ଆବଶ୍ୟକ ବୋଲି ମୁଁ ଆଦୌ ବିଚାର କରୁ ନାହିଁ । ଆବର୍ଜନାର କୁପ୍ରଭାବରୁ ଆପଣାକୁ ବିପଦମୁକ୍ତ କରି ରଖିବା ଲାଗି ଯେଉଁ ପ୍ରୟାସର ପ୍ରୟୋଜନ ହେବ, ତାହାକୁ ଅନେକ ଅଧିକ ଲାଭଜନକ ଭାବରେ ଅନ୍ୟାନ୍ୟ କ୍ଷେତ୍ରରେ କାମରେ ଲଗାଯାଇ ପାରିବ ।

*

*ପରମପ୍ରିୟା ମାଆ, ଆପଣ ମୋତେ ଅତ୍ୟନ୍ତ ଖୁସୀ ରଖି ପାରୁଛନ୍ତି ଓ ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ମୋ' ପରି ଖୁସୀ ରହନ୍ତୁ ବୋଲି ମୁଁ ଇଚ୍ଛା କରୁଛି ।*

ଏଥିରୁ ଅତ୍ୟନ୍ତ ଭଲ ନାନା ଭାବର ପରିଚୟ ନିଶ୍ଚିତ ଭାବରେ ମିଳିଯାଉଛି । ମାତ୍ର,

ଏହିସବୁ ଭାବ ସହିତ କିଛି ପରିମାଣରେ ଜ୍ଞାନ ମଧ୍ୟ ରହିଥିବା ଉଚିତ । କାରଣ, ଅନ୍ୟମାନଙ୍କ ମଧ୍ୟକୁ ଶାନ୍ତି ତଥା ଆନନ୍ଦର ସଞ୍ଚାରଣ ସମ୍ଭବ କରାଇବା ଆଦୌ ସହଜ ନୁହେଁ । ଏବଂ, ତୁମ ନିଜ ଭିତରେ **ଏକ ଅବିଚଳ ଶାନ୍ତି ଓ ଆନନ୍ଦ** ରହି ନ ଥିଲେ ଏହି କ୍ଷେତ୍ରରେ, ଅନ୍ୟମାନଙ୍କ ମଧ୍ୟକୁ ତାହାକୁ ସଞ୍ଚାରିତ କରାଇଦେବା ପରିବର୍ତ୍ତେ ନିଜ ପାଖରେ ରହିଥିବା ଶାନ୍ତି ଓ ଆନନ୍ଦକୁ ହରାଇ ବସିବାର ଏକ ବୃହତ୍ ବିପଦ ମଧ୍ୟ ରହିଛି ।

*

*ଅନ୍ୟମାନଙ୍କ ପ୍ରତି ଅନୁକମ୍ପାରେ ମୋ'ର ହୃଦୟ ପୂର୍ଣ୍ଣ ହୋଇ ରହିଛି, ମୁଁ ସେମାନଙ୍କର ଦୁଃଖଭୋଗ ବିଷୟରେ ଆଦୌ ଉଦାସୀନ ନୁହେଁ । ମାତ୍ର, ସେମାନଙ୍କର ସେହି ଦୁଃଖଭୋଗର କ୍ଷେତ୍ରରେ ମୁଁ ଯଦି ସେମାନଙ୍କୁ କୌଣସି ସାହାଯ୍ୟ କରି ନ ପାରିଲି, ତେବେ ଖାଲି ସମବେଦନା ଅନୁଭବ କରିବା ଦ୍ୱାରା କି ଲାଭ ହେବ ?*

ଅନ୍ୟମାନେ ସେମାନଙ୍କ ନିଜ ଭିତରେ ନିଜର ଦୁଃଖ ଏବଂ କଷଣଭୋଗକୁ ଜୟ କରିବାକୁ ସମର୍ଥ ନ ହୋଇଥିବା ଯାଏ ଏବଂ ନିଜର ଅନୁଭୂତି ତଥା ପ୍ରତିକ୍ରିୟାଗୁଡ଼ିକ ଉପରେ ନିଜେ ନିୟନ୍ତ୍ରଣ ଅର୍ଜନ କରି ନ ଥିବା ଯାଏ ତୁମେ ସେମାନଙ୍କୁ ଆଦୌ କୌଣସି ସାହାଯ୍ୟ କରିପାରିବ ନାହିଁ ।

*

ଅନ୍ୟମାନେ କ'ଣ କରୁଛନ୍ତି ଅଥବା ନ କରୁଛନ୍ତି, ସେଗୁଡ଼ିକର ବିଚାର କରିବାରେ ସମୟ ଅତିବାହିତ କରିବା ଅପେକ୍ଷା ତୁମର ନିଜର ହୃଦୟଟିକୁହିଁ ଶୁଦ୍ଧ କରି ରଖିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଉଚିତ ।

*

ହଁ, ଯାବତୀୟ ଉପରଠାଉରିଆ ଏବଂ ଭିତ୍ତିହୀନ ବିଚାରକୁ ଆଦୌ ବିଶ୍ୱାସ କରିବ ନାହିଁ ।

*

ଆମେ ନିର୍ଦ୍ଦୋଷ ଥିବା ବେଳେହିଁ ଯାବତୀୟ ମନ୍ଦ-ବ୍ୟବହାର ପ୍ରତି ଅଧିକାଂଶତଃ ଉଦାସୀନ ରହିବା ଉଚିତ, କାରଣ ସେହି କ୍ଷେତ୍ରରେ ଆପଣାକୁ ଦୋଷ ଦେବା ଲାଗି ଆଦୌ କିଛି ନ ଥିବ ଏବଂ ଆପଣାକୁ ସାନ୍ତ୍ୱନା ଦେବା ଲାଗି ନିଜ ବିବେକର ଅନୁମୋଦନ ମଧ୍ୟ ମିଳି ଯାଉଥିବ ।

*

ଅନ୍ୟମାନେ କ'ଣ କହୁଛନ୍ତି, ସେହିସବୁ ବିଷୟରେ ବ୍ୟସ୍ତ ନ ରହିବାହିଁ ତୁମ ପାଇଁ ଅଧିକ ଭଲ ହେବ ।

*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ସାହସୀ, ସେମାନେ ସାହସହୀନ ବ୍ୟକ୍ତିମାନଙ୍କୁ ମଧ୍ୟ ନିଜ ସାହସରୁ କିଛି ଭାଗ ଦେବା ଉଚିତ ।

*

*ମୁଁ ପ୍ରାୟ ରାଗର କବଳରେ ପଡ଼ି ଯାଇଥିଲି, ଏବଂ ବହୁତ ଚେଷ୍ଟା କରିବା ଫଳରେ ଯାଇ ଆପଣାକୁ ନିୟନ୍ତ୍ରଣ କରି ପାରିଲି ।*

ନିଜର ରାଗକୁ ନିୟନ୍ତ୍ରଣରେ ରଖିବା ଖୁବ୍ ଭଲ କଥା । ଏପରିକି ଯଦି ଏତିକମାତ୍ର କରିଶିଖିବାର ଅଛି ତେବେ ମଧ୍ୟ ଅନ୍ୟମାନଙ୍କ ସହିତ ଏହିସବୁ ସମ୍ପର୍କ ରଖିବା ଅବଶ୍ୟ ଉପଯୋଗୀ ।

*

ଯେଉଁଥିରେ ସମସ୍ତଙ୍କର ଭୁଲ୍ ରହିଥାଏ, ସେହିଭଳି କଳହଗୁଡ଼ିକ ଅପେକ୍ଷା ଆଉକିଛି ଅଧିକ ନିର୍ବୋଧତା ରହିଛି ବୋଲି ମୋତେ ଜଣା ନାହିଁ । ଏବଂ, ଆପଣାକୁ ଆହତ ଅନୁଭବ କରୁଥିବା ଆତ୍ମସମ୍ମାନଠାରୁ ବଳି ଆଉକିଛି ଅଧିକ ହାସ୍ୟାସ୍ପଦ କଥା ଅଛି କି ?

*

ଚୁପ୍ ରହିଯିବା ଦ୍ୱାରା ନିଜେ କୌଣସି ଭୁଲ୍ କରିବାର କେବେ ଆଶଙ୍କା ନ ଥାଏ । ଅନ୍ୟ ପକ୍ଷରେ, କଥା କହିଲେ, କିଛି ନିର୍ବୋଧ ଭାବରେ କହି ପକାଇବାର ଆଶଙ୍କା ଦଶରୁ ନଅଟା କ୍ଷେତ୍ରରେ ରହିଥାଏ ।

*

ମିଛ କହିବା କେବେହେଲେ ଠିକ୍ ନୁହେଁ, ମାତ୍ର ଏଠାରେ ତାହାର ପରିଣାମ ଅତ୍ୟନ୍ତ ବିନାଶକାରୀ ଅବଶ୍ୟ ହେବ; କାରଣ, ଯାହାକିଛି ପରମସତ୍ୟର ଦିବ୍ୟ କାର୍ଯ୍ୟଟିକୁ ବାଧା ଦେବାକୁ ଇଚ୍ଛା କରୁଥାଏ, ମିଥ୍ୟା ହେଉଛି ସେହିସବୁର ପ୍ରତୀକ ।

## ୧୦

ସ୍ୱାସ୍ଥ୍ୟ ହେଉଛି ଏକ ଗଭୀର ସୁସମଞ୍ଜସତାର ବାହ୍ୟ ନିଦର୍ଶନ । ଆମେ ସ୍ୱାସ୍ଥ୍ୟ ପାଇଁ ଗର୍ବ ଅନୁଭବ କରିବା ଓ କଦାପି ତାହାର ହତାଦର କରିବା ନାହିଁ ।

*

ସବୁବେଳେ କାହିଁକି ଭାବୁଛ ଯେ ତୁମେ ଅସୁସ୍ଥ ଅଛ ବା ଅସୁସ୍ଥ ହେବାକୁ ଯାଉଛ ଏବଂ ତାହା ଫଳରେ ଆପଣାକୁ ଯାବତୀୟ କିସମର ମନ୍ଦ ପ୍ରବର୍ତ୍ତନା ଲାଗି ଉନ୍ମୋଚିତ କରି ରଖୁଛ ? ଅସୁସ୍ଥ ହେବାର ଆଦୌ କୌଣସି କାରଣ ନାହିଁ ଏବଂ, ତୁମେ ଯେ କାହିଁକି ଅସୁସ୍ଥ ହେବ, ମୁଁ ତାହାର କୌଣସି କାରଣ ମଧ୍ୟ ଦେଖୁ ନାହିଁ ।

*

*ପରମ ପ୍ରିୟା ମାଆ, ମୋତେ ଥଣ୍ଡା ଧରିଛି । ମୁଁ ସବୁଦିନ ପରି ଆଜି ମଧ୍ୟ ଗାଧୋଇବି କି ?*

ଯାହା ଭଲ ଲାଗିବ ତାହା କର, ଏଥିରେ ବେଶୀ କିଛି ଯାଏ ଆସେ ନାହିଁ । ମାତ୍ର, ସକଳ ଭୟ ତ୍ୟାଗ କରିବା ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଭୟହିଁ ମଣିଷକୁ ଅସୁସ୍ଥ କରାଏ ଏବଂ ଭୟ ଦ୍ୱାରା ଆରୋଗ୍ୟ ଲାଭ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ତେଣୁ, ସମସ୍ତ ଭୟକୁ ଅବଶ୍ୟ ପରିହାର କରିବାକୁ ହେବ ଏବଂ ତାହା ପରିବର୍ତ୍ତେ ଦିବ୍ୟ ପରମକରୁଣା ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାକୁ ହେବ ।

*

*ଗତ ବେଶ୍ କେତେଦିନ ହେଲା ମୋ' ବେକ ପଛପଟ ଭାରି ଦରଜ ହୋଇଛି । ଆମ ଡାକ୍ତରଖାନାର ଚିକିତ୍ସାରେ ମୁଁ କ୍ଳାନ୍ତ ହୋଇ ସାରିଲିଣି । ଏହି ଅସୁସ୍ଥତାରୁ ଭଲ ହେବା ଲାଗି ମୁଁ କେବଳ ଆପଣଙ୍କ ଇଚ୍ଛା ଉପରେହିଁ ବିଶ୍ୱାସ ରଖିଛି ।*

ଔଷଧ-ବ୍ୟବହାରରୁ ମୁକ୍ତ ରହିବାକୁ ଏକ ଅବିଚଳ ବିଶ୍ୱାସ ରହିଥିବା ଉଚିତ ।

*

ବିଶ୍ୱାସ ବା ଆଶାକୁ ଛାଡ଼ି ଦେବା କଦାପି ଉଚିତ ନୁହେଁ – କଦାପି ଆରୋଗ୍ୟ ନ ହେବ, ଏଭଳି ଆଦୌ କିଛି ନାହିଁ । ଏବଂ, ଦିବ୍ୟ ପରମସତ୍ତାଙ୍କର ଶକ୍ତି ବିଷୟରେ ଆଦୌ କୌଣସି ସୀମା ଧାର୍ଯ୍ୟ କରି ଦିଆଯାଇ ପାରିବ ନାହିଁ ।

*

ଆଗ ଅନ୍ତର୍ଗତ ଶାନ୍ତିଟିକୁ ଆବିଷ୍କାର କରିବାକୁ ହେବ ଓ ତାହାକୁ ସ୍ଥାୟୀ କରି ରଖିବାକୁ ହେବ । ଏହି ଶାନ୍ତି ଯେଉଁ ଶକ୍ତି ଆଣିଦେବ, ସେଥିରେ ଏହିସବୁ ଟିକି ଟିକି ବେରାମ କୁଆଡ଼େ ଅନ୍ତର୍ହିତ ହୋଇଯିବ ।

*

*ମାଆ, ଜଡ଼ ଶରୀର ଭିତରେ ନିଜେ ନଷ୍ଟ ହୋଇ ଯିବାର ଏକ ଅନ୍ତର୍ନିହିତ ପ୍ରବୃତ୍ତି ରହିଛି । ଏବଂ ମନ ସେଥିରେ ତାକୁ ସାହାଯ୍ୟ କରୁଛି । ବିଘଟିତ ଓ ନଷ୍ଟ ହୋଇଯିବାକୁ ମୋ' ଶରୀରର ରହିଥିବା ଏହି ସ୍ୱାଭାବିକ ଧର୍ମଟିକୁ ବନ୍ଦ କରିବାକୁ ଆପଣ ସମର୍ଥ ହେବେ କିପରି ?*

ଯେଉଁସବୁ କ୍ଷୟହୀନ ଉପାଦାନ ଦ୍ୱାରା ଶରୀରର ନିର୍ମାଣ ହୋଇଛି, ଶରୀରକୁ ସେହି ବିଷୟରେ ସଜ୍ଞାନ ହେବାକୁ ପଡ଼ିବ (ଏକଥା ବିଜ୍ଞାନ ସ୍ୱୀକାର କରି ସାରିଲାଣି) । ଏବଂ, ତା'ପରେ ନିଜ ସ୍ୱଭାବରେ ଆମର ଚୈତ୍ୟସତ୍ତାର ପ୍ରଭାବ ଓ ସଂକଳ୍ପ ପାଖରେ ସେ ନିଜକୁ ସମର୍ପଣ କରିଦେବ ।

*

*ପରମପ୍ରିୟା ମାଆ, ଆପଣ କ'ଣ ଭାବୁଛନ୍ତି ଯେ ଖାଦ୍ୟ ନ ଖାଇ ବଞ୍ଚିବା ମଧ୍ୟ ସମ୍ଭବ ?*

ଖାଦ୍ୟ ଆଦୌ ଆବଶ୍ୟକ ନ ହେବା ପାଇଁ ଶରୀରକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ ହେବାକୁ ପଡ଼ିବ ଏବଂ ବର୍ତ୍ତମାନ ତାକୁ ଯେଉଁସବୁ ବିଧାନର ଅଧୀନ ହୋଇ ରହିବାକୁ ପଡୁଛି, ସେହିସବୁ ବିଧାନରୁ ମୁକ୍ତ ହେବାକୁ ପଡ଼ିବ ।

*

ଭୋକ କଲା ବୋଲି ଲୋକମାନେ କାହିଁକି ନିଜକୁ ଅପରାଧୀ ବୋଲି ଭାବିବେ, ମୁଁ ତାହା ବୁଝିପାରୁ ନାହିଁ । ଖାଇବା ପାଇଁ ତ ଖାଦ୍ୟକୁ ପ୍ରସ୍ତୁତ କରାଯାଉଛି ।

*

*ମୋ'ର ପରମପ୍ରିୟା ମାଆ, ଏପ୍ରକାର ଭୋଜିକୁ ନ ଗଲେ ବୋଧହୁଏ ଅଧିକ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି ।*

ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏହା ଏପରି ଏକ ବାତାବରଣର ସୃଷ୍ଟି କରେ, ଯେଉଁଠାରେ କି ଖାଦ୍ୟହିଁ ସର୍ବମୁଖ୍ୟ । ଆଧ୍ୟାତ୍ମିକ ଜୀବନ ଲାଗି ଏହା ଖୁବ୍‌ବେଶୀ ଅନୁକୂଳ ନୁହେଁ ।

୧୧

**ପ୍ରାଣ** ହେଉଛି ଏକାଧାରରେ ବାସନା ଏବଂ ଶକ୍ତିଗୁଡ଼ିକର ଆଧାର, ପ୍ରବଳ ଆବେଗ ଓ

ଆକାଙ୍କ୍ଷାଗୁଡ଼ିକର ଆସ୍ଥାନ, ଭୀରୁତାର ଆସ୍ଥାନ, ମାତ୍ର ବୀରତ୍ୱର ମଧ୍ୟ ଆସ୍ଥାନ । ତାହାକୁ ନିୟନ୍ତ୍ରଣକୁ ଆଣିବାର ଅର୍ଥ ହେଉଛି ଏହି ସବୁକିଛିକୁ ଦିବ୍ୟ ପରମଙ୍କ ଇଚ୍ଛା ଉଦ୍ଦେଶ୍ୟରେ ଅଭିମୁଖୀ କରି ରଖିବା ଏବଂ ତାହାକୁ ଏହି ଇଚ୍ଛାର ଅଧୀନ କରିବା ।

*

*ପ୍ରାଣିକ ସତ୍ତା କେବଳ କ୍ଷମତା ଲୋଡୁଥାଏ – ସ୍ଥୂଳ ସମ୍ପତ୍ତି ଏବଂ ପାର୍ଥିବ କ୍ଷମତା ଲୋଡୁଥାଏ ।*

ଏଇଟା ମଧ୍ୟ ଭୁଲ୍ କଥା । ମାନସିକ ସତ୍ତାର ଉଚ୍ଚତର ଭାଗଟି ପରି ପ୍ରାଣିକ ସତ୍ତାର ଉଚ୍ଚତର ଭାଗଟି ମଧ୍ୟ ଦିବ୍ୟ ପରମସତ୍ତାଙ୍କ ଲାଗି ଅଭୀପ୍ସା ରଖିଥାଏ ଏବଂ, ତାଙ୍କଠାରୁ ଦୂରବର୍ତ୍ତୀ ହୋଇଗଲେ ଦୁଃଖ ପାଏ ।

*

*ଏକ ବୁଦ୍ଧି ସଂଜୀବିତ ବାତାବରଣରେ ବାସ କରିବାର ଏହି ବାସନା,– ଏଥିରୁ କ'ଣ ଏକ ସଙ୍କେତ ମିଳୁ ନାହିଁ ଯେ ପ୍ରାଣକୁ ମୋ'ର ମନ ଶାସନ କରି ପାରିବ ?*

ନା – ଏଥିରୁ କେବଳ ଏହି ସଙ୍କେତଟି ମିଳୁଛି ଯେ, ତୁମର ଚେତନା ଭିତରେ ପ୍ରାଣ ତୁଳନାରେ ମନ ଲାଗି ଏକ ବୃହତ୍ତର ସ୍ଥାନ ପ୍ରଦତ୍ତ ହୋଇ ରହିଛି । ଯେତେବେଳେ ପ୍ରାଣର କୌଣସି ଆପଣା ଉଦ୍ୟମ ନ ଥାଏ, ମନର ପୂର୍ବ-ଅନୁମୋଦନ ବ୍ୟତୀତ ତାହା କୌଣସି ଆକାଙ୍କ୍ଷାକୁ ଗ୍ରହଣ କରେ ନାହିଁ, ଯେତେବେଳେ କି, ମନ ଭଲ ବୋଲି ନ ଭାବିଲା ପର୍ଯ୍ୟନ୍ତ ପ୍ରାଣର ଆଦୌ କୌଣସି ବାସନା କିଂବା ଆକାଙ୍କ୍ଷା ଉଦ୍ରେକ ହୁଏ ନାହିଁ, ମୁଁ ସେହି ଅବସ୍ଥାଟିକୁହିଁ ପ୍ରାଣ ଉପରେ ମନର ଆଧିପତ୍ୟଲାଭ ବୋଲି କହିଥାଏ । ଏବଂ, ଯଦି କୌଣସି ବାସନା, ଆକାଙ୍କ୍ଷା ଅଥବା ଉଗ୍ରତାର ପ୍ରଚୋଦନା ବାହାରୁ ଆସେ, ସେତେବେଳେ ତାହାକୁ ତତ୍କ୍ଷଣାତ୍ ନିୟନ୍ତ୍ରଣାଧୀନ କରିନେବା ଲାଗି ମନର ହସ୍ତକ୍ଷେପହିଁ ଯଥେଷ୍ଟ ହୋଇଯାଏ ।

*

*ପରମପ୍ରିୟା ମାଆ, ମୋ'ର ଶରୀର ଅଧିକ ଦୁର୍ବଳ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ପ୍ରାଣିକ ବାସନାଗୁଡ଼ିକ ମଧ୍ୟ ଅନ୍ତର୍ହିତ ହୋଇଯିବ, ନୁହେଁ ?*

କଦାପି ନୁହେଁ, ଠିକ୍ ଓଲଟାଟାହିଁ ହେବ । ପ୍ରାଣିକ ସ୍ତରର ବାସନାଗୁଡ଼ିକ ଉପରେ ଜୟଲାଭ କରିବାକୁ ହେଲେ ଜଣେ ବ୍ୟକ୍ତିର ଏକ ଚମତ୍କାର ଶାରୀରିକ ସମତାବସ୍ଥା ଏବଂ ଉତ୍ତମ ସ୍ୱାସ୍ଥ୍ୟ ରହିଥିବା ଉଚିତ ।

*

ପ୍ରାଣିକ ଜଗତରେ ଆକର୍ଷଣ ଓ ବିକର୍ଷଣ ସେହି ଗୋଟିଏ କଥାର ଠିକ୍ ଏବଂ ଭୁଲ୍ ଦିଗଗୁଡ଼ିକୁହିଁ ବୁଝାଇଥାଏ ଏବଂ ସର୍ବଦା ଏକ ଆସକ୍ତିକୁ ସୂଚିତ କରି ଦେଇଥାଏ । ଆମକୁ ଅବିଚଳ ଭାବରେ ତାହାର ଅଭିପ୍ରେତ ବସ୍ତୁଟିଠାରୁ ଆପଣାର ଭାବନାକୁ ଦୂରବର୍ତ୍ତୀ କରି ରଖିବାକୁ ପଡ଼ିବ ।

*

*ଅବାଞ୍ଛିତ ନାନା ପ୍ରଚୋଦନା ଲାଗି ଅନୁକୂଳ ହୋଇ ରହିଥିବା କୌଣସି ବାତାବରଣକୁ କ'ଣ ସର୍ବଦା ଏଡ଼ି ରହିବାକୁ ପଡ଼ିବ ? ଅଥବା, ସେହି ବାତାବରଣଟିକୁ ସ୍ୱୀକାର କରିନେଇ ତାହାକୁ ନିଜର ଅଧୀନ କରି ରଖିବା ଲାଗି ଚେଷ୍ଟା କରିବାକୁ ହେବ ?*

ପ୍ରଲୋଭନଟିକୁ ଏଡ଼ାଇବାହିଁ ସର୍ବଦା ଅଧିକ ଭଲ ହେବ ।

*

ଆମକୁ କେବଳ ଏକ ସ୍ଥିର ବିଶ୍ୱାସରେ ଅବିଚଳ ହୋଇ ରହିବାକୁ ହେବ ଏବଂ ତା'ହେଲେ ପ୍ରାଣ ଆଉ କୌଣସି ବିଦ୍ରୋହ କରିବ ନାହିଁ ।

*

ନୈରାଶ୍ୟ ପଛରେ କେତେବେଳେ ହେଲେ କୌଣସି ବୁଦ୍ଧିସମର୍ଥିତ ଯୁକ୍ତି ନ ଥାଏ ଏବଂ ଏହାଦ୍ୱାରା କୌଣସି ଫଳ ମଧ୍ୟ ମିଳେ ନାହିଁ । ଏହା ହେଉଛି ଯୋଗର ଏକ ସବୁଠାରୁ ଅଧିକ ସୂକ୍ଷ୍ମ ଶତ୍ରୁ ।

୧୨

*ଆପଣଙ୍କର **କଥୋପକଥନ** ପୁସ୍ତକରେ ଆପଣ କହିଛନ୍ତି ଯେ ବୁଦ୍ଧି ଯଥାର୍ଥ ଜ୍ଞାନ ଏବଂ ଏହି ନିମ୍ନ ସ୍ତରରେ ତାହାର ଉପଲବ୍ଧି ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସୋପାନ ହୋଇ ରହିଥାଏ । ଏଥିରୁ କ'ଣ ଏହାହିଁ ବୁଝିବାକୁ ହେବ ନାହିଁ ଯେ, ମନର ଊର୍ଦ୍ଧ୍ୱକୁ ଯାଇ ସେଠାରେ ଯଥାର୍ଥ ଜ୍ଞାନର ଆବିଷ୍କାର କରିବାକୁ ହେଲେ ବୁଦ୍ଧିଗତ କର୍ଷଣ ମଧ୍ୟ ଅପରିହାର୍ଯ୍ୟ ?*

ମନକୁ ଏକ ଉତ୍ତମ ଯନ୍ତ୍ରରୂପେ ତିଆରି କରିବା ସକାଶେ ବୁଦ୍ଧିଗତ କର୍ଷଣ ଅପରିହାର୍ଯ୍ୟ । ଏହି ମନ ପ୍ରଶସ୍ତ ହେବ, ସୂକ୍ଷ୍ମ ହେବ ଏବଂ ସମ୍ପନ୍ନ ମଧ୍ୟ ହେବ । ମାତ୍ର ତାହାର କାର୍ଯ୍ୟ ଏହିଠାରେହିଁ ଶେଷ ହେବ ।

ମନଃସ୍ତରରୁ ଉପରକୁ ଉଠିଯିବାର କ୍ଷେତ୍ରରେ ଏହା ଅଧିକାଂଶ ସମୟରେ ସହାୟକ ନ ହୋଇ ଏକ ବାଧା ହୋଇ ଆସି ଛିଡ଼ା ହୁଏ; କାରଣ, ସାଧାରଣତଃ ଏକ ସୁଶୋଧିତ ଏବଂ ସୁଶିକ୍ଷିତ ମନ ଆପଣା ମଧ୍ୟରେହିଁ ଆପଣାର ସନ୍ତୋଷକୁ ପାଇଯାଏ ଏବଂ ଯେପରି ଆମେ ତାହାକୁ ଅତିକ୍ରମ କରି ଆହୁରି ଆଗକୁ ଯାଇ ପାରିବା, ସେଥିଲାଗି କ୍ୱଚିତ୍ ନିଜକୁ ନୀରବ କରି ରଖିବାକୁ ଇଚ୍ଛା କରୁଥାଏ ।

*

*ଏକ ସାମୟିକ ବାସନାହିଁ ମୋତେ ଅଧ୍ୟୟନ ଲାଗି ଅତ୍ୟଧିକ ପ୍ରେରିତ କରିବା ପରି ମନେ ହେଉଛି ।*

ନିଜକୁ ତିଆରି କରିବାର, ମସ୍ତିଷ୍କର ବିକାଶ କରିବାର ଆବଶ୍ୟକତା ରହିଥିବା ପର୍ଯ୍ୟନ୍ତ ତୁମେ ଅଧ୍ୟୟନ ଲାଗି ଏକ ଶକ୍ତିଶାଳୀ ପ୍ରେରଣା ଅନୁଭବ କରିବ; ମାତ୍ର ଯେତେବେଳେ ମସ୍ତିଷ୍କଟି ସୁଗଠିତ ହୋଇଯିବ, ଅଧ୍ୟୟନର ରୁଚି କ୍ରମଶଃ ମରିମରି ଯିବାକୁ ଆରମ୍ଭ କରିବ ।

*

*ପରମପ୍ରିୟା ମାଆ, ଦର୍ଶନତତ୍ତ୍ୱ ଓ ନୀତିଶାସ୍ତ୍ରର ଏକ ବିଧିବଦ୍ଧ ପାଠ୍ୟକ୍ରମ ମୁଁ ଅଧ୍ୟୟନ କରିବାକୁ ଇଚ୍ଛା କରୁଛି । ମୁଁ ''ଦିବ୍ୟ ଜୀବନ'' ଗ୍ରନ୍ଥ ପଢ଼ିବାକୁ ମଧ୍ୟ ଚିନ୍ତା କରୁଛି ।*

ଯଦି ତୁମେ ଦର୍ଶନତତ୍ତ୍ୱ ଓ ନୀତିଶାସ୍ତ୍ର ଅଧ୍ୟୟନ କରିବାକୁ ଇଚ୍ଛା କରୁଛ, ତେବେ ତୁମର ମସ୍ତିଷ୍କ ଲାଗି କିଞ୍ଚିତ୍ ବ୍ୟାୟାମର ବରାଦ କରିବା ଲାଗି ତୁମକୁ **ମାନସିକ କସରତ୍ ହିସାବରେ** ତାହା କରିବାକୁ ହେବ । ମାତ୍ର, ଏକଥା କଦାପି ପାସୋରି ଦେବ ନାହିଁ ଯେ ଏହା ତୁମକୁ **ଜ୍ଞାନର ଉତ୍ସ** ହିସାବରେ ଆଦୌ କୌଣସି **କାମ ଦେବ ନାହିଁ** ଏବଂ ଏହି ମାର୍ଗରେ କେହି ଜ୍ଞାନର ନିକଟବର୍ତ୍ତୀ ହୋଇପାରିବ ନାହିଁ । ଅତ୍ୟନ୍ତ ସ୍ପଷ୍ଟ ଯେ, ''ଦିବ୍ୟ ଜୀବନ'' ଗ୍ରନ୍ଥ ବିଷୟରେ ସେ କଥାଟି ମୋଟେ ସତ ନୁହେଁ ।

*

ନୀରବତାରେହିଁ ଉଚ୍ଚତମ ଅଭୀପ୍ସାଗୁଡ଼ିକର ଉତ୍ସ ନିହିତ ।

*

*ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକତା ଲାଭ କରିବା ଆମର ଲକ୍ଷ୍ୟ, ତେଣୁ, ମୁଁ କାହିଁକି ଏଇଟା ବା ସେଇଟା ଜାଣିବାକୁ ଇଚ୍ଛା କରୁଛି, ତା'ର କୌଣସି କାରଣ ଜାଣିପାରୁ ନାହିଁ ।*

ଯେକୌଣସି କାର୍ଯ୍ୟ ଯେତେ ମହତ୍ତ୍ୱପୂର୍ଣ୍ଣ ନୁହେଁ, ଯେଉଁଭଳି ଭାବ ରଖି କାର୍ଯ୍ୟଟିକୁ କରାଯାଉଛି, ତାହା ଅଧିକ ମହତ୍ତ୍ୱପୂର୍ଣ୍ଣ । ନିଜର ମନକୁ ସମ୍ପୂର୍ଣ୍ଣ ଭାବରେ ସ୍ଥିର ରଖିବା ନିଶ୍ଚୟ କଷ୍ଟକର; ଏହାକୁ ନାନା ନିର୍ବୋଧ ଧାରଣା ଭିତରେ ବା ଅସ୍ୱାସ୍ଥ୍ୟକର ସ୍ୱପ୍ନ ଭିତରେ ବ୍ୟସ୍ତ ନ ରଖି ଅଧ୍ୟୟନରେ ରତ ରଖିବା ନିଶ୍ଚୟ ଅଧିକ ଭଲ କଥା ।

*

*ପଢ଼ାପଢ଼ି ଏକାବେଳେକେ ବନ୍ଦ କରିଦେଲେ ମୋ' ଜୀବନରେ କ'ଣ ଘଟିବ, ମୁଁ ତାହା ଦେଖିବାକୁ ଚାହୁଁଛି ।*

କୌଣସି ଗୋଟିଏ ବିଷୟରେ ମନକୁ ଅଭିନିବିଷ୍ଟ କରି ରଖିବା ଆଦୌ ସହଜ ନୁହେଁ, ଏବଂ ତାହାକୁ ବ୍ୟସ୍ତ ରଖିବା ଲାଗି ଯଦି ଯଥେଷ୍ଟ କାର୍ଯ୍ୟ ଯୋଗାଇ ଦିଆ ନ ଯାଏ, ତେବେ ତାହା ଅବଶ୍ୟ ଅସ୍ଥିର ହେବାକୁ ଆରମ୍ଭ କରିବ । ତେଣୁ, ଗୋଟାସୁଦ୍ଧା ସବୁ ବହିପଢ଼ା ବନ୍ଦ କରିଦେବା ଅପେକ୍ଷା ଯତ୍ନର ସହିତ ନିଜର ପଠନୀୟ ପୁସ୍ତକଗୁଡ଼ିକୁ ବାଛିବା ଅଧିକ ଭଲ ହେବ ।

*

*ମୁଁ ମୋଟରଗାଡ଼ି ବିଷୟରେ ଗୋଟିଏ ବହି ପଢୁଛି, ମାତ୍ର ଭାରି ତରତର ହୋଇ ପଢ଼ି ଯାଉଛି । ଜଟିଳ ଯାନ୍ତ୍ରିକ ପ୍ରଣାଳୀଗୁଡ଼ିକର ବର୍ଣ୍ଣନାଗୁଡ଼ିକୁ ମୁଁ ଟାଉଟାଉ ହୋଇ ଡେଇଁ ପଳାଉଛି ।*

ଯଦି ତୁମେ  ପରିପୂର୍ଣ୍ଣ ଭାବରେ, ବିବେକପୂର୍ଣ୍ଣ ଭାବରେ ଏବଂ ବିସ୍ତାରିତ ଭାବରେ କୌଣସି ବିଷୟକୁ ଶିକ୍ଷା ନ କରିବାକୁ ଇଚ୍ଛା କରୁଛ, ତେବେ ସେଇଟିକୁ ଆଦୌ ନ ପଢ଼ିବା ବରଂ ଅଧିକ ଭଲ ହେବ । ଏପରି ଭାବି ଅନେକ ସମୟରେ ଆମେ ଭୁଲ୍ କରିଥାଉ ଯେ, ବିଭିନ୍ନ ବିଷୟ ସମ୍ବନ୍ଧରେ ଅଳପ ଅଳପ ଉପରେ ଓ ଅସଂପୂର୍ଣ୍ଣ ଭାବରେ କିଛି ଜାଣିପାରିଲେ ଆମର ହୁଏତ କିଛି ଉପକାର ହୋଇ ପାରିବ । ଏହାଦ୍ୱାରା କୌଣସି ଉପକାର ହେବ ନାହିଁ, ଅଥଚ ଲୋକମାନଙ୍କ ମନରେ ଗର୍ବ ଆଣିଦେବ, କାରଣ ସେମାନେ ବିଷୟଟିକୁ ଜାଣିଛନ୍ତି ବୋଲି କଳ୍ପନା କରୁଥିବେ, ମାତ୍ର କିଛି ଜାଣି ନ ଥିବେ ।

*

ଗୋଟିଏ ପିଲା ସକାଶେ କେଉଁ ଖେଳଗୁଡ଼ିକ ଉପଯୋଗୀ ଓ ଉପକାରୀ, ତାହା ବାଛିବା ଅତ୍ୟନ୍ତ କଷ୍ଟକର । ଏଥିଲାଗି ଅନେକ ବିଚାର ଓ ମନନର ପ୍ରୟୋଜନ ରହିଛି । ଏବଂ, ଆଦୌ କିଛି ଚିନ୍ତା ନ କରି ଆମେ ଯାହାକିଛି କରୁ, ତାହାର ପରିଣାମ ଖରାପ ମଧ୍ୟ ହୋଇପାରେ ।

*

*ମୁଁ ମଲିଏର୍‌ଙ୍କ ବହି ପଢୁଛି, ସେଗୁଡ଼ିକ ବେଶ୍ ହାଲୁକା ।*

ଯେତେ ହାଲୁକା ଲାଗୁଛି, ତାହା ଆଦୌ ସେତେ ହାଲୁକା ନୁହେଁ । ମଲିଏର୍‌ଙ୍କର ମିଳନାତ୍ମକ ନାଟକଗୁଡ଼ିକରେ ସର୍ବଦା ଏକ ଗଭୀର ଓ ପ୍ରଜ୍ଞାପୂର୍ଣ୍ଣ ଅବଲୋକନ ମଧ୍ୟ ରହିଥାଏ ।

*

*ମୁଁ ବର୍ତ୍ତମାନ 'ସାଲାମ୍ବୁ'* ବହିଟିକୁ ପଢ଼ି ଶେଷ କଲି । ସେଥିରେ ମୁଁ କୌଣସି ଆଦର୍ଶ ଚରିତ୍ର ଥିବାର ଦେଖି ପାରିଲି ନାହିଁ ।*

ଏହି ବହିଟିରେ କୌଣସି ବିଚାର ଦିଆ ଯାଇ ନାହିଁ । ବହିଟି ତା'ର ଆଙ୍ଗିକ ଏବଂ ଶୈଳୀଗତ ସୌନ୍ଦର୍ଯ୍ୟ ଲାଗିହିଁ ସୁନାମ ଅର୍ଜନ କରିଛି ।

*

*ଖରାପ ବହିଟିଏ, ଉଦାହରଣ ସ୍ୱରୂପ ଅଶ୍ଳୀଳ ଉପନ୍ୟାସଟିଏ ପଢୁଥିବା ସମୟରେ ପ୍ରାଣ ମନର ମାଧ୍ୟମରେ ତାହାକୁ ଉପଭୋଗ କରୁ ନ ଥାଏ କି ?*

ମନ ଭିତରେ ମଧ୍ୟ ବିକୃତିମାନ ରହିଥାଏ । କେବଳ ଏକ ଦରିଦ୍ର ଓ ଅଶୋଧିତ ପ୍ରାଣହିଁ ସାଧାରଣତଃ ଏହିଭଳି ବସ୍ତୁମାନଙ୍କରେ ସୁଖ ଅନୁଭବ କରିଥାଏ ।

୧୩

*ପିଲାମାନେ କ୍ଲାସ୍‌ରେ ଏତେ ପାଟି କରୁଛନ୍ତି ଯେ ଅନେକ ସମୟରେ ମୁଁ ସେମାନଙ୍କୁ ଗାଳି ମଧ୍ୟ ଦେଉଛି ।*

କଠୋରତା ଅବଲମ୍ବନ କରି ନୁହେଁ, ମାତ୍ର **ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରି** ହିଁ ପିଲାମାନଙ୍କୁ ନିୟନ୍ତ୍ରଣରେ ଅଣାଯାଇ ପାରିବ ।

*

ମୁଁ ତୁମକୁ ଏକଥା ଅବଶ୍ୟ କହିବି ଯେ, ଜଣେ ଶିକ୍ଷକ ଯଦି ସମ୍ମାନ ପାଇବାକୁ ଇଚ୍ଛା କରୁଥାଏ, ତେବେ ତାକୁ **ସମ୍ମାନର ଯୋଗ୍ୟ ହେବାକୁ** ପଡ଼ିବ । ତୁମକୁ ପିଲାମାନେ ମାନନ୍ତୁ, ଏହି ଉଦ୍ଦେଶ୍ୟରେ ତୁମେ ପିଲାମାନଙ୍କୁ ମାରଧର କରୁଛ ବୋଲି କେବଳ 'କ'

* ଗୁଷ୍ଟାଫ୍ ଫ୍ଲୋବେଆର୍‌ଙ୍କ ଦ୍ୱାରା ଲିଖିତ ଗୋଟିଏ ଉପନ୍ୟାସ ।

ମୋତେ କହି ନାହାନ୍ତି; ଏହାଠାରୁ ବଳି ଅଧିକ ସମ୍ମାନହାନିକର ଆଉ କିଛି ନାହିଁ । ତୁମେ ଆଗ ଆପଣାକୁ ନିୟନ୍ତ୍ରଣରେ ରଖିବ ଏବଂ ନିଜର ଇଚ୍ଛାକୁ ଲଦିଦେବା ନିମନ୍ତେ କଦାପି ପଶୁବଳର ବ୍ୟବହାର କରିବ ନାହିଁ ।

*

ମୁଁ ସର୍ବଦା ଭାବିଆସିଛି ଯେ, ପିଲାମାନେ ବିଶୃଙ୍ଖଳ ହୋଇ ପଡ଼ିବା ପଛରେ ଶିକ୍ଷକର ଚରିତ୍ର ଭିତରେ ଥିବା କୌଣସି ଉପାଦାନହିଁ ଦାୟୀ ହୋଇ ରହିଥିଲା ।

*

*ଆପଣ ମୋତେ କେତୋଟି ନିର୍ଦ୍ଦିଷ୍ଟ ଉପାୟ ବତାଇଦେବେ ବୋଲି ମୁଁ ଆଶା କରୁଛି, ଯାହାକି ମୋତେ ଶ୍ରେଣୀରେ ଶୃଙ୍ଖଳା ରକ୍ଷା କରିବାରେ ସାହାଯ୍ୟ କରିବ ।*

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ ତୁମେ ନିଜ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିବ ଏବଂ କେବେହେଲେ ରାଗିଯିବ ନାହିଁ । ଯଦି ତୁମର ନିଜ ଉପରେ ନିୟନ୍ତ୍ରଣ ନ ଥିବ, ତେବେ ତୁମେ ଅନ୍ୟମାନଙ୍କୁ ନିୟନ୍ତ୍ରଣରେ ରଖିବାର କିପରି ଆଶା କରି ପାରିବ, ବିଶେଷତଃ ପିଲାମାନଙ୍କୁ କିପରି ନିୟନ୍ତ୍ରଣରେ ରଖିବ ? କେହି ନିଜେ ନିଜକୁ ନିୟନ୍ତ୍ରଣରେ ରଖି ପାରୁ ନାହିଁ ବୋଲି ପିଲାମାନେ ତ ସଙ୍ଗେ ସଙ୍ଗେ ଜାଣିପାରନ୍ତି ।

*

*ପାଖରେ ବହି ରହିଥିଲେ ମଧ୍ୟ ପିଲାମାନେ ସେମାନଙ୍କର ପାଠକୁ ଶିକ୍ଷା କରି ପାରୁ ନାହାନ୍ତି ।*

ସାନ ପିଲାଙ୍କ ପାଖରେ ଆମର ପ୍ରଭୂତ ଧୈର୍ଯ୍ୟ ରହିଥିବା ଉଚିତ । ଆମେ ସେମାନଙ୍କ ଆଗରେ ସେହି ଗୋଟିଏ କଥାକୁ ବାରବାର କହି ପାରୁଥିବା, ବିଭିନ୍ନ ବାଟରେ ସେମାନଙ୍କୁ ବୁଝାଇଦେଇ ପାରୁଥିବା । ସେମାନଙ୍କର ମୁଣ୍ଡ ଭିତରେ ପାଠ କେବଳ ଅତ୍ୟନ୍ତ ଧୀରେ ଧୀରେହିଁ ପ୍ରବେଶ କରିବ ।

# ସପ୍ତମ ସ୍ତବକ

## ସପ୍ତମ ସ୍ତବକ

*ଜଣେ ସାଧକଙ୍କୁ ଲିଖିତ, ଯିଏକି ୧୯୩୦ରୁ ଶ୍ରୀଅରବିନ୍ଦ ଆଶ୍ରମରେ ଦନ୍ତଚିକିତ୍ସକ ରୂପେ କାର୍ଯ୍ୟ କରୁଥିଲେ । ଏବଂ ୧୯୩୮ରୁ ୧୯୫୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କର ଅନ୍ୟତମ ବ୍ୟକ୍ତିଗତ ପରିଚାରକ ରୂପେ କର୍ମରତ ଥିଲେ ।**

> *ସମର୍ପଣ ବିଷୟରେ କହିବା ଖୁବ୍ ସହଜ, ପ୍ରକୃତରେ ଭାରି ସହଜ । ସମର୍ପଣର ବହୁମୁଖୀ ବିଭାବଗୁଡ଼ିକ ସହିତ ତାହା ବିଷୟରେ ଚିନ୍ତା କରିବା ଏତେ ସହଜ ନୁହେଁ, ଆଦୌ ଏତେ ସହଜ ନୁହେଁ । ମାତ୍ର, ନିଜକୁ ସମର୍ପିତ କରିଦେବାର ଆଦ୍ୟ ସୋପାନଟିକୁ ମଧ୍ୟ ଉପଲବ୍ଧି କରିବା, ମାଆ, ତାହା ପ୍ରକୃତରେ କେତେ କଷ୍ଟକର !*
>
> *ମୋ ଜୀବନରେ ଯେ ବହୁତ କିଛି ଭୁଲ୍ ରହିଛି, ସେ କଥା ମୁଁ ଜାଣେ । ମାତ୍ର, ନିଶ୍ଚୟ କିଛି ମୂଳତଃ ଭୁଲ୍ ରହିଯାଇଛି । ମାଆ, ସେଇଟି ପ୍ରକୃତରେ କ'ଣ ?*

ତୁମ କ୍ଷେତ୍ରରେ ବିଶେଷ ସେପରି କିଛି ନାହିଁ । ସବୁ ମନୁଷ୍ୟଙ୍କ ମଧ୍ୟରେ ସେହି ଗୋଟିଏ ଅସୁବିଧାହିଁ ରହିଛି । ସେଇଟି ହେଲା, ଭୌତିକ ମନର ଗର୍ବ ଓ ଅନ୍ଧତା ।

*୮ ଜୁଲାଇ ୧୯୩୫*

> *ଏପରି ଗୋଟିଏ ପୁରାତନ ହିନ୍ଦୁ ବିଶ୍ୱାସ ରହିଛି ଯେ, ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଉଚିତ ନୁହେଁ । ମାଆ, ଏହାର କୌଣସି ପ୍ରକୃତ ତାତ୍ପର୍ଯ୍ୟ ରହିଛି କି ?*

ଏହି ବିଷୟରେ ଅନେକ କଥା କୁହାଯାଇଛି, ମାତ୍ର ମୋ'ର ଯେତେଦୂର ଅଭିଜ୍ଞତା ରହିଛି, ମୁଁ ସେହି ବିଶ୍ୱାସଟିକୁ ଆଦୌ ଖୁବ୍‌ବେଶୀ ମହତ୍ତ୍ୱ ଦିଏ ନାହିଁ ।

*୨୪ ମାର୍ଚ୍ଚ ୧୯୩୬*

ଗୋଟିଏ ପ୍ରାର୍ଥନା :

''ହେ ପ୍ରଭୁ, ମୋ'ର ସମ୍ପୂର୍ଣ୍ଣ ସତ୍ତାକୁ ଜାଗୃତ କରନ୍ତୁ ଯେପରିକି ତାହା ଆପଣଙ୍କ ଲାଗି ଆବଶ୍ୟକ ଏକ ଯନ୍ତ୍ରରେ ପରିଣତ ହୋଇଯାଇ ପାରିବ, ଆପଣଙ୍କର ଏକ ପୂର୍ଣ୍ଣକୁଶଳ ଭୃତ୍ୟ ହୋଇପାରିବ ।

*୨୭ ମାର୍ଚ୍ଚ ୧୯୩୬*

---

* ଏହି ପତ୍ରାଳାପ ସଂପୂର୍ଣ୍ଣ ଭାବରେ ଇଂରାଜୀ ଭାଷାରେ ହୋଇଥିଲା ।

*ମୋ' ଜାତକରେ 'କ' ଶନିଗ୍ରହର କିଛି ପ୍ରଭାବ ଲକ୍ଷ୍ୟ କରିଛନ୍ତି ବୋଲି ସେ ଆପଣଙ୍କୁ କହିଛନ୍ତି କି ? ମୋ' ଜନ୍ମଦିନ ଦିନ ମୁଁ ଏକଥା ଆପଣଙ୍କୁ ପଚାରିବାକୁ ଭୁଲିଗଲି ।*

ହଁ, ଏ ବିଷୟରେ ସେ ମୋତେ କହିଛନ୍ତି । ମାତ୍ର ତୁମର ଜାଣିବା ଉଚିତ ଯେ, ଯୋଗସାଧନା ଆମକୁ ଜାତକର ଅଧୀନ ହୋଇ ରହିବାରୁ ମୁକ୍ତ କରି ଆଣେ । ଜଡ଼ସ୍ଥ ପୃଥିବୀ ସହିତ ଜଣେ ବ୍ୟକ୍ତିର କ'ଣସବୁ ସମ୍ବନ୍ଧ ରହିଛି, ଜାତକ ସେହି ଅବସ୍ଥାଟିକୁହିଁ ବ୍ୟକ୍ତ କରେ । ମାତ୍ର ସାଧନା ଦ୍ୱାରା ଆମେ ସେହି ପୃଥିବୀ ପାଖରେ ଦାସ ହୋଇ ରହିବାର ଦଶାରୁ ମୁକ୍ତି ଲାଭ କରୁ ।

*୧୪ ସେପ୍ଟେମ୍ବର ୧୯୩୬*

*ମୁଁ ଜାଣେ ଯେ, ଏବେ ମୋତେ ଯେଉଁ କାର୍ଯ୍ୟ ଦିଆଯାଇଛି, ତାହା ଅଧିକ ସମୟରେ ଅତ୍ୟନ୍ତ ହାଲୁକା । ମାତ୍ର ମୁଁ ସେ ବିଷୟରେ ତଥାପି ବିବରଣୀମାନ ଦେଉଛି, କାରଣ ଏପରି କରିବା ଉଚିତ ବୋଲି ଆପଣ ଥରେ ଇଚ୍ଛା ପ୍ରକାଶ କରିଥିଲେ ।*

ହଁ, ତୁମଠାରୁ ମୁଁ ସେହି ଖାତାଟି ପାଇବି ବୋଲି ଆଶା କରୁଛି । ଏହାଦ୍ୱାରା ସ୍ଥୂଳ ସମ୍ପର୍କ ରକ୍ଷା କରିବାରେ ସହାୟତା ମିଳିଥାଏ ।

*୫ ଡିସେମ୍ବର ୧୯୩୬*

*ମୁଁ ଖାଲି ନେଇ ନେଇ କ୍ଲାନ୍ତ ହୋଇଗଲିଣି । ପ୍ରତିବଦଳରେ ମୁଁ ଆଦୌ କିଛି ଦେଉ ନାହିଁ । ଏହାକୁ ପ୍ରାୟ ଏକ ଅସୁନ୍ଦର କଥା ବୋଲି କୁହାଯିବ । ମାତ୍ର, ତଥାପି, ମୋତେ ନିଜକୁ ନିଜଠାରୁ ମୁକ୍ତ କରିଆଣିବା ଲାଗି ଆପଣଙ୍କୁ ପ୍ରାର୍ଥନା କରିବା ବ୍ୟତୀତ ମୁଁ ଆଉ କ'ଣ କରି ପାରିବି, ମୁଁ ସେ ବିଷୟରେ କିଛି ଜାଣି ନାହିଁ ।*

ନିଜର ମାଆଠାରୁ ତୁମେ ସର୍ବଦା ନେଇପାରିବ । ଏହା ଅତ୍ୟନ୍ତ ସ୍ୱାଭାବିକ, ବିଶେଷ କରି ଯେତେବେଳେ ତୁମକୁ ପୂର୍ଣ୍ଣ ହୃଦୟର ସହିତ ସବୁକିଛି ପ୍ରଦତ୍ତ ହେଉଛି; ଏବଂ ମୁଁ କ'ଣ ତୁମକୁ ଭଲ ପାଉଥିବା ତୁମର ମାଆ ନୁହେଁ ?...

*୩ ଜାନୁଆରି ୧୯୩୭*

ତୁମେ ତୁମର ଭାଇଙ୍କୁ କହିବ କି ଯେ ମୁଁ ଯାବତୀୟ କଷ୍ଟ ଓ ଅସୁବିଧାରୁ ମୁକ୍ତ ହେବାର କେବଳ ଗୋଟିଏ ଉପାୟ ଜାଣିଛି; ସେଇଟି ହେଉଛି ସମ୍ପୂର୍ଣ୍ଣ ଆତ୍ମଦାନ, ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବା ।

*୧୩ ନଭେମ୍ବର ୧୯୩୭*

*ମାଆ, 'ଖ' ଙ୍କ ପାଖକୁ ଆପଣ କିଭଳି ଚିଠିଟିଏ ଲେଖିଛନ୍ତି, କହିଲେ ! ଯଦି ମୋ' ମୁଣ୍ଡ ଇତି ମଧ୍ୟରେ ବଙ୍କା ହୋଇଯାଇ ନ ଥାଏ, ତେବେ ଆପଣ ଦିନେ ନା ଦିନେ ନିଶ୍ଚୟ ତାହା କରିଦେବେ ! କିନ୍ତୁ ମୁଁ ଜାଣେ, ତାଙ୍କ ଭିତରେ ବିଶ୍ୱାସ ଆଣି ଦେବାକୁ ଆପଣ ଏପରି ଲେଖିଛନ୍ତି ।*

ନାଇଁ, ମୁଁ ଯାହା ଯେତେବେଳେ କହେ, ସର୍ବଦା ତାହାହିଁ କହିବାକୁ ଚାହୁଁଥାଏ ।

ମୋ'ର ପ୍ରିୟ ଶିଶୁ ଲାଗି ପ୍ରୀତି ଓ ଅନେକ ଆଶୀର୍ବାଦ ।

*୪ ମଇ ୧୯୩୮*

*ଶାଶ୍ୱତି ଜନନି,*

*ମୁଁ ନିଜ ଚେତନାରେ ଅନେକ ତଳକୁ ଖସିଯାଇଛି ଓ ଆପଣଙ୍କଠାରୁ ପୂର୍ବର ଯାବତୀୟ ଅବସର ତୁଳନାରେ ଅଧିକ ଦୂରକୁ ଚାଲିଯାଇଛି ବୋଲି ମୋତେ ଲାଗୁଛି । ଆପଣ ହେଉଛନ୍ତି ଆପଣଙ୍କର ସମଗ୍ର ସୃଷ୍ଟିର ଅନନ୍ତରୂପିଣୀ ଜନନୀ, ଏବଂ ଆପଣଙ୍କର ସନ୍ତାନ ଅନେକ । ମାତ୍ର, ଆପଣଙ୍କର କରୁଣା ହେଉଛି ଆମର ଏକମାତ୍ର ଆଶ୍ରୟ ଏବଂ ଆମର ସୁରକ୍ଷା ଲାଗି ଆପଣଙ୍କ ବ୍ୟତୀତ ଆମେ ଆଉ କାହାର ଶରଣ ଯିବୁ ? ମାତ୍ର, ମୋ'ର ପ୍ରାର୍ଥନା ଯେ ବର୍ତ୍ତମାନ ଆପଣଙ୍କର କରୁଣା ଅଧିକ ପ୍ରକାଶ୍ୟ ଭାବରେ ଆସି ହସ୍ତକ୍ଷେପ କରୁ, ଯେପରିକି ମୋ'ର ପାର୍ଥିବ ନେତ୍ରଦ୍ୱୟ ସେମାନଙ୍କ ଉପରେ ବହଳ ହୋଇ ରହିଥିବା ନୀରସ ଏବଂ ଭାରି ଆବରଣଟି ସତ୍ତ୍ୱେ ସେହି କରୁଣାର କିଞ୍ଚିତ୍ ଅଂଶକୁ ଦେଖିବାକୁ ଏବଂ ବୁଝିବାକୁ ସମର୍ଥ ହେଉ । ଏବଂ, ଆପଣଙ୍କର ସେହି କରୁଣା ମୋ'ର ହୃଦୟ-ପଦ୍ମଟିକୁ ସମ୍ପୂର୍ଣ୍ଣ ଭାବରେ ଖୋଲିଦେଇ ଯାଉ, ଯେପରିକି ମୁଁ ଆପଣଙ୍କର ସେହି ଆତ୍ମା-ସମ୍ମୋହନକାରୀ ପରମ ଉପସ୍ଥିତିକୁ ତାହାର ଉଲ୍ଲାସମୟ ସୌନ୍ଦର୍ଯ୍ୟ, ମଙ୍ଗଳ ଏବଂ ମାଧୁର୍ଯ୍ୟ ସହିତ ଦେଖିବାର ପରମ ସୌଭାଗ୍ୟ ଲାଭ କରିପାରିବି, ଯେପରିକି ମୋ'ର ସକଳ ଅଶୁଦ୍ଧତା ଧୌତ ହୋଇଯିବ ଏବଂ ମନର ଅସ୍ଥିରତା*

*ତଥା ପ୍ରବଳ ବାସନାଗୁଡ଼ିକର ଝଡ଼ବତ୍ ଯାବତୀୟ ଆନ୍ଦୋଳନ ପ୍ରଶମିତ ହୋଇଯିବ ।*

*ମୁଁ ମୋ'ର ଆତ୍ମାକୁ ଆପଣଙ୍କର ତତ୍ତ୍ୱାବଧାନରେ ଛାଡ଼ିଦେଉଛି ।*

ମୁଁ ତଥାପି ତୁମକୁ ମୋ'ର ଅତ୍ୟନ୍ତ ନିକଟରେ ଥିଲାପରି ଅନୁଭବ କରୁଛି ଏବଂ, ତୁମ ଭିତରେ ଏପରି ଏକ ଉନ୍ମୋଚନ ଦେଖିପାରୁଛି, ଯାହାକି ଆଗରୁ ସେଠାରେ ଆଦୌ ନ ଥିଲା । ମୁଁ ଭାବୁଛି ତୁମେ ଅଚିରେ ଉପରଭାଗର ଯାବତୀୟ ଶୁଷ୍କତା ସତ୍ତ୍ୱେ ଏକ ସଚେତନ ପରମପ୍ରେମର ସତତ-ପ୍ରଜ୍ୱଳିତ ଶିଖାଟିକୁ ନିଶ୍ଚୟ ଆବିଷ୍କାର କରିବ ।

ଅନେକ ଆଶୀର୍ବାଦ ।

*୪ ଜୁଲାଇ ୧୯୩୮*

*'ଗ' ମୋତେ କହିଲେ ଯେ, ମୁଁ ଲୋକମାନଙ୍କର ଭାବକୁ ଆଘାତ କରୁଛି ବୋଲି ଆପଣ ଅଭିଯୋଗମାନ ପାଇଛନ୍ତି ।*

ମୁଁ ଭଲକରି ଜାଣିଛି ଯେ କେବଳ ଦୁର୍ବଳ ଲୋକମାନେହିଁ ଅଭିଯୋଗ କରିଥାନ୍ତି । ସବଳମାନେ ଅଭିଯୋଗ କରନ୍ତି ନାହିଁ, କାରଣ ସେମାନଙ୍କୁ ମଧ କେହି ଆଘାତ କରିପାରେ ନାହିଁ, ତେଣୁ ଅଭିଯୋଗଗୁଡ଼ିକ ଉପରେ ମୁଁ କେବେହେଲେ ଖୁବ୍ ବେଶୀ ମହତ୍ତ୍ୱ ଦିଏ ନାହିଁ ।

ମୋ'ର ଆଦରର ଶିଶୁଟିକୁ ମୋ'ର ପ୍ରୀତି ଏବଂ ଅନେକ ଆଶୀର୍ବାଦ ।

*୯ ଅକ୍ଟୋବର ୧୯୩୮*

*(ନିଜର ଖାତାରେ ସାଧକ ପେନ୍‌ସିଲ୍ ଦ୍ୱାରା ଗୋଟିଏ ପାଦର ସରଳ ଚିତ୍ରଟିଏ ଆଙ୍କି ଦେଇଥିଲେ, ଯାହାକି ଏକ ପଦ୍ମଫୁଲକୁ ସ୍ପର୍ଶ କରିବାପର୍ଯ୍ୟନ୍ତ ପ୍ରସାରିତ ହୋଇ ଯାଇଥିଲା ।) ଏପରି ଏକ ଅମାର୍ଜିତ ଅର୍ପଣ ଦ୍ୱାରା ବହିଟିକୁ ନଷ୍ଟ କରିଦେଇ ଥିବାରୁ ଆପଣ ମୋତେ କ୍ଷମା କରିବେ ।*

ଏଥିରେ କ୍ଷମା କରିବାର କିଛି ନାହିଁ । ସବୁକିଛି ଏକ ନିବେଦନର ଭାବ ନେଇ କରା ହୋଇଛି ।...

ମୋ' ଆଦରର ଶିଶୁଟିକୁ ମୋ'ର ପ୍ରୀତି ଓ ଆଶୀର୍ବାଦ ।

*୧୪ ଅକ୍ଟୋବର ୧୯୩୮*

*ବେଦର ଅଗ୍ନି ସହିତ ଚୈତ୍ୟ ଶିଖାର କଳ୍ପନାଗତ କୌଣସି ଅନୁରୂପତା ରହିଛି କି ? ଉଭୟଟି ମଧ୍ୟରେ ଅଳ୍ପବହୁତ ପରିମାଣରେ ସେହି ଏକାଭଳି ନେତୃତ୍ୱର ଗୁଣମାନ ଥିବାପରି ବୋଧ ହେଉଛି ।*

ହଁ, ଏହି ଦୁଇଟିଯାକ ହେଉଛନ୍ତି ସେହି ଗୋଟିଏ ବସ୍ତୁର ଦୁଇଟି ନାମ ।

ମୋ' ଆଦରର ଶିଶୁକୁ ଅନେକ ପ୍ରୀତି ଓ ଆଶୀର୍ବାଦ ।

*୨୦ ଅକ୍ଟୋବର ୧୯୩୮*

*ମାଆ, ଆପଣ ମୋତେ ପରମସତ୍ୟସ୍ଥ ଆପଣଙ୍କର ନିଜ ସଦନକୁ ବାଟ ଦେଖାଇ ନେଇଯାଆନ୍ତୁ । ମୁଁ ଆପଣଙ୍କ ପାଖରେ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ସମର୍ପଣ ଏବଂ ଆରାଧନାର ଇଚ୍ଛାକୁ ନିବେଦନ କରି ଦେଉଛି ।*

ମୋ' ଆଦରର ଶିଶୁ, ଦ୍ୱାର ଉନ୍ମୋଚିତ ହୋଇ ରହିଛି ଏବଂ ମୁଁ ବାହୁ ବଢ଼ାଇ ତୁମ ଲାଗି ଅପେକ୍ଷା କରିଛି ସ୍ନେହର ସହିତ ତୁମକୁ କୋଳେଇ ନେବାକୁ – ମୋ'ର ଅନେକ ପ୍ରୀତି ଓ ଆଶୀର୍ବାଦ ସହିତ ।

*୨୨ ଅକ୍ଟୋବର ୧୯୩୮*

*ମୋ' ଜୀବନର ଜୀବନ, ମୁଁ ଆପଣଙ୍କ ପାଖକୁ ଆସିବାକୁ ମଧ୍ୟ ଇଚ୍ଛା କରୁଛି; କାରଣ, କେବଳ ଆପଣଙ୍କର ବାହୁଯୁଗଳ ଭିତରେହିଁ ମୁଁ ଶାନ୍ତି, ଖୁସୀ, ଆନନ୍ଦ, ଯଥାର୍ଥ ସତ୍ୟ ଏବଂ ମୋ' ସତ୍ତାର ଓ ଜୀବନର ପରିପୂର୍ଣ୍ଣତାକୁ ଲାଭ କରିପାରିବି । ମାତ୍ର ତଥାପି, ହେ ମୋ'ର ଉଜ୍ଜ୍ୱଳ କିରଣ, ମୋ' ଆଗରେ ବାଟଟି ଏବେ ମଧ୍ୟ ପରିଷ୍କାର ହୋଇ ଦେଖାଯାଉ ନାହିଁ । ଏବଂ, ମୋ'ର ଗୋଡ଼ରେ ଏକ ମର ମନୁଷ୍ୟ-ପ୍ରକୃତିର ଭାରୀ ଜଞ୍ଜିର ବନ୍ଧାହୋଇ ରହିଥିବା ପର୍ଯ୍ୟନ୍ତ ମୁଁ  କିପରି ଆପଣଙ୍କର ସେହି ମଥା ଘୂରାଇ ଦେଉଥିବା ଉଚ୍ଚତାଗୁଡ଼ିକୁ ଆରୋହଣ କରିପାରିବି ?*

ମୁଁ ତୁମକୁ ନିଜର ଦୁଇ ବାହୁରେ ବହନ କରିନେବି ଓ ଆରୋହଣ ଅତ୍ୟନ୍ତ ସହଜ ହୋଇଯିବ ।

ମୋ' ଆଦରର ଶିଶୁକୁ ଅନେକ ପ୍ରୀତି ଓ ଆଶୀର୍ବାଦ ।

*୨୫ ଅକ୍ଟୋବର ୧୯୩୮*

*ମାଆ, ଆପଣଙ୍କର ଅତିସଂବେଦନଶୀଳ ପ୍ରେମ ବଦଳରେ ମୁଁ କ'ଣ ଦେଇ ମୋ' ଋଣର ପରିଶୋଧ କରିପାରିବି ? ଏହାହିଁ ମୋ' ହୃଦୟର ଅନ୍ତରତମ ବାସନା ବୋଲି ଆପଣ ଜାଣିଲେ କିପରି ? ଆପଣଙ୍କୁ ଭଲ ପାଉଥିବା ଏବଂ ସେହିଥିରେ ଖୁସୀ ହୋଇ ରହୁଥିବା ଏହି କ୍ଷୁଦ୍ର ସନ୍ତାନଟି ପ୍ରତି ଆପଣ ପ୍ରକୃତରେ ଅତ୍ୟନ୍ତ ଶ୍ରଦ୍ଧାଶୀଳ ଓ ସଦୟ ହୋଇ ରହିଛନ୍ତି ।*

ମୋ'ର ଅତି ଆଦରର ଶିଶୁଟି, ତୁମେ ମୋ'ର ପ୍ରେମ ମଧ୍ୟରେହିଁ ବାସ କରୁଥାଅ, ସେହି ପ୍ରେମକୁ ଅନୁଭବ କର, ତାହାରି ଦ୍ୱାରା ପୂର୍ଣ୍ଣ ହୋଇ ରହ ଏବଂ ଖୁସୀ ହୁଅ – ତାହାହିଁ ମୋତେ ମଧ୍ୟ ସବୁଠାରୁ ଅଧିକ ଆନନ୍ଦ ଦେବ ।

ଅନେକ ସ୍ନେହର ସହିତ । *୨୮ ଅକ୍ଟୋବର ୧୯୩୮*

*ମୁଁ ପ୍ରଥମେ ଆପଣଙ୍କର ସନ୍ତାନ, ଶେଷରେ ମଧ୍ୟ ଆପଣଙ୍କର ସନ୍ତାନ; ମୋ' କାର୍ଯ୍ୟଟିର ମାଧ୍ୟମରେ ମୁଁ ଆପଣଙ୍କ ଇଚ୍ଛାର ପରିଚର୍ଯ୍ୟା କରିପାରୁଛି, ହେ ମୋ'ର ପ୍ରିୟତମା ମାଆ, ଏହାରି ମାଧ୍ୟମରେ ମୁଁ ଆପଣଙ୍କର ଜଣେ ଅଧିକରୁ ଅଧିକ ଭଲ ଓ ଯଥାର୍ଥ ସନ୍ତାନରୂପେ ବିକଶିତ ହେବାରେ ଲାଗିଛି, ଏହାକୁ ଛାଡ଼ିଦେଲେ ଏହି କାର୍ଯ୍ୟର ମୋ' ଲାଗି ଆଉ ଆଦୌ କୌଣସି ମୂଲ୍ୟ ନାହିଁ ।*

ହଁ, ତୁମେ ହେଉଛ ମୋ'ର ସନ୍ତାନ ଏବଂ ଏକଥା ମଧ୍ୟ ସତ ଯେ, ଏହି କଥାଟିହିଁ ଅନ୍ୟ ଯାବତୀୟ କଥାଠାରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ।... ମୋ' ଆଦରର ସନ୍ତାନଟି, ମୁଁ ସର୍ବଦା ତୁମ ସହିତ ରହିଛି ଏବଂ ମୋ' ପ୍ରୀତି ତଥା ଆଶୀର୍ବାଦଚୟ ସର୍ବଦା ତୁମ ସହିତ ରହିଛନ୍ତି ।

*୩୧ ଅକ୍ଟୋବର ୧୯୩୮*

*ମୋ'ର ଗତ ଜନ୍ମଦିନ ଦିନ, ଆପଣଙ୍କଠାରୁ ବିଦାୟ ନେଇ ଆସିବା ସମୟରେ ଆପଣ କହିଥିଲେ, ''ନିଜ ବିଶ୍ୱାସକୁ ଅଟଳ ରଖିବ'' । ମାଆ, ଏହା କହିବା ଦ୍ୱାରା ଆପଣ ଠିକ୍ କ'ଣ କହିବାକୁ ଚାହୁଁଥିଲେ, ଏବେ ମଧ୍ୟ ମୁଁ ସେହି କଥା ଭାବୁଛି । ମୁଁ କେଉଁଭଳି ଏକ ବିଶ୍ୱାସର ଅଭୀପ୍ସା ରଖିବି ବୋଲି ଆପଣ ଚାହୁଁଛନ୍ତି ?*

ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ, ତୁମକୁ ରୂପାନ୍ତରିତ କରିପାରିବା ଲାଗି ସେହି କରୁଣାର ଶକ୍ତି ଉପରେ ବିଶ୍ୱାସ ।

ମୋ' ଆଦରର ସନ୍ତାନକୁ ଅନେକ ପ୍ରୀତି ଓ ଆଶୀର୍ବାଦ ।

*୪ ନଭେମ୍ବର ୧୯୩୮*

*ଆଦରଣୀୟା, ଆଦରଣୀୟା, ଆଦରଣୀୟା ମାଆ,*

*ମୋ' ଲାଗି ଆପଣ ଦିନକୁ ଦିନ ଅଧିକରୁ ଅଧିକ ପ୍ରେମାସ୍ପଦା ଓ ଶ୍ରଦ୍ଧାମୟୀ ହେବାରେ ଲାଗିଛନ୍ତି । କେଉଁ ଦିବ୍ୟ ପରମରହସ୍ୟ ଦ୍ୱାରା ଆପଣ ମୋ' ଉପରେ ଏହି ମଧୁର କୁହୁକକୁ ବିସ୍ତାର କରି ରଖିଛନ୍ତି ?*

ଏକମାତ୍ର କୁହୁକ, ଏକମାତ୍ର କିମିଆ ହେଉଛି ମୋ'ର ଭଲ ପାଇବା, ଯେଉଁ ଭଲପାଇବା ମୋ'ର ସନ୍ତାନମାନଙ୍କ ଉପରେ ବିସ୍ତୃତ ହୋଇ ରହିଛି ଏବଂ ସେମାନଙ୍କର ସହାୟତା ଏବଂ ସୁରକ୍ଷା ନିମନ୍ତେ ଦିବ୍ୟ ପରମସତ୍ତାଙ୍କର କରୁଣାକୁ ଆବାହନ କରିବାରେ ଲାଗିଛି ।

*୬ ନଭେମ୍ବର ୧୯୩୮*

*ଆଦରଣୀୟା ମାଆ, ଏବେ ଆପଣ ପ୍ରତ୍ୟେକ ଦିନ ଆପଣଙ୍କର ପ୍ରୀତି ଓ ଆଶୀର୍ବାଦ ମୋ'ଲାଗି ପଠାଇ ଦେଉଛନ୍ତି ଏବଂ, କେତୋଟି ଅତ୍ୟନ୍ତ ବିରଳ ଆନନ୍ଦମୟ ମୁହୂର୍ତ୍ତରେ ମୁଁ ଅବଶ୍ୟ ଅନୁଭବ କରୁଛି ଯେ, ଆମେ ସତତ ଆପଣଙ୍କର ପ୍ରେମ ଦ୍ୱାରା ବେଷ୍ଟିତ ହୋଇ ରହିଛୁ । ମାତ୍ର, ଏକ ଯଥାର୍ଥ ଅନୁସ୍ପନ୍ଦନ ଜଣାଇବାର କ୍ଷେତ୍ରରେ, ମୋ' ହୃଦୟଟା ସତେଅବା ପଥରରେ ତିଆରି ହୋଇଛି; ନ ହେଲେ, ଏପରି ଏକ ପ୍ରେମର ସମ୍ମୁଖରେ ତାହା ନିଜକୁ ଉନ୍ମୋଚିତ କରିଦେବା ଲାଗି ତଥାପି କାହିଁକି ଅସମ୍ମତ ହେଉଥାନ୍ତା ?*

ପ୍ରେମର ଚିରସ୍ଥାୟୀ କ୍ରିୟାଟିର କୌଣସି ବସ୍ତୁ ପ୍ରତିରୋଧ କରିପାରିବ ନାହିଁ । ତାହା ସମସ୍ତ ପ୍ରତିରୋଧକୁ ବିଗଳିତ କରିଦେବ ଏବଂ ସକଳ ବାଧା ଉପରେ ବିଜୟ ଲାଭ କରିବ । ...

ମୋ' ଆଦରର ସନ୍ତାନକୁ ଅନେକ ପ୍ରୀତି ଓ ଆଶୀର୍ବାଦ ।

*୯ ନଭେମ୍ବର ୧୯୩୮*

*ଆପଣଙ୍କର ପ୍ରୀତି ଓ ଆଶୀର୍ବାଦ ସତତ ମୋ' ସହିତ ରହିଛି ବୋଲି ମୋତେ ଜଣାଅଛି, ଏବଂ ମୁଁ ବେଳେବେଳେ ଭାବିଥାଏ ଯେ ଆପଣଙ୍କର ହୁଏତ ମୋ' ପ୍ରତି ଏତେ ଅପରିବର୍ତ୍ତନୀୟ ଭାବରେ ସଦୟ ଏବଂ କରୁଣାସମ୍ପନ୍ନ ହେବା ଉଚିତ*

*ନ ଥିଲା । କାରଣ, ସେହି କାରଣରୁ ମୋ' ପକ୍ଷରେ ଆପଣଙ୍କୁ ଏକଥା କହିବା ଆହୁରି ଅଧିକ କଠିନ ହୋଇପଡୁଛି ଯେ, ମୋ' ପ୍ରକୃତିରେ ଏପରି ଅସୁବିଧାମାନ ରହିଛି, ଯାହାକି ମୋ'ଲାଗି ଉପଯୁକ୍ତ ଭାବର ସହିତ ଆପଣଙ୍କୁ ଓ ଆପଣଙ୍କର ଯୋଗକୁ ଗ୍ରହଣ କରିବା କଷ୍ଟକର କରି ରଖିଛି । ଏବଂ, ଏତିକି ନ ଥିଲେ, ଶିଷ୍ୟତ୍ୱର ଆଉ କି ଅର୍ଥ ରହିବ ?*

ଜଣେ ଗୁରୁ ହିସାବରେ ମୁଁ ଭଲପାଏ ନାହିଁ ବା ଆଶୀର୍ବାଦ କରେ ନାହିଁ, ମାଆ ହିସାବରେ ଭଲପାଏ ଓ ଆଶୀର୍ବାଦ କରେ । ଏପରି ଗୋଟିଏ ମାଆ, ଯିଏକି, ନିଜେ ଯାହା ଦିଏ, ତାହାର ପ୍ରତିଦାନ ସ୍ୱରୂପ ଆଦୌ କିଛିହେଲେ ମାଗେ ନାହିଁ ।

*୯ ଜୁଲାଇ ୧୯୩୯*

*ମାତାଜି,*

*ଆପଣଙ୍କର ପ୍ରେମ ଯେ ନିଜ ଦାନର ପ୍ରତିଦାନ ସ୍ୱରୂପ ଆଦୌ କିଛି ମାଗୁ ନ ଥିବା ଜଣେ ମାଆର ପ୍ରେମ, ଏକଥା କହି ଆପଣ ନିଜର ଅପାର ମଧୁମୟତାର ପରିଚୟ ଦେଇଛନ୍ତି । ଆପଣଙ୍କ ପାଇଁ ତାହା ଅବଶ୍ୟ ଠିକ୍, କାରଣ ଆପଣଙ୍କର ଜୀବନ ହେଉଛି ଆପଣା ମଧ୍ୟରେ ଆପେ ପରିପୂର୍ଣ୍ଣ ହୋଇ ରହିଥିବା ଏକ ଜୀବନ । ମାତ୍ର, ମୋ'ର ତ ଏବେ ମଧ୍ୟ ସବୁକିଛି ହାସଲ କରିବାକୁ ରହିଛି, ମୋ'ର ଏହି ମନୁଷ୍ୟ-ଜୀବନକୁ ସାର୍ଥକ କରିବା ବାକି ରହିଛି । ଏପର୍ଯ୍ୟନ୍ତ ମୋ'ର ଆତ୍ମା ଏବଂ ଆତ୍ମାକୁ ଜାଣିବା, ଦିବ୍ୟ ପରମେଶ୍ୱରସତ୍ତାକୁ ଜାଣି ତାଙ୍କୁ ଭଲପାଇବା ବାକି ରହିଛି; ଯଦି ତାଙ୍କର ମଧ୍ୟ ସେହି ଇଚ୍ଛା ରହିଥାଏ, ତେବେ ତାଙ୍କୁ ଆପଣାର ଜୀବନରେ ପରିପୂର୍ଣ୍ଣ କରିବା ଓ ଭୁବନଗୁଡ଼ିକୁ ଜାଣିବା ମଧ୍ୟ ବାକି ରହିଛି । ମାତ୍ର, ସର୍ବୋପରି, ମୋତେ ବିଶ୍ୱଜନନୀ, ଆଦ୍ୟାଶକ୍ତି ମହାକାଳୀଙ୍କର ମଧ୍ୟ ଦର୍ଶନ ଲାଭ କରିବାକୁ ହେବ । ମୋ' ପାଇଁ ଯାହା ସର୍ବୋତ୍ତମ, ସେକଥା କେବଳ ତାଙ୍କୁହିଁ ଜଣା । ତେବେ ଜଣେ ଗୁରୁ ବ୍ୟତୀତ ମୁଁ ଏସବୁ କିପରି ଅର୍ଜନ କରିପାରିବି, ଯିଏକି ମୋତେ ତାଙ୍କର ଚରଣଯୁଗଳକୁ ନେଇ ଯାଇପାରିବେ ?*

ତୁମକୁ ମହାଶକ୍ତିଙ୍କର ଚରଣକୁ ନେଇଯାଇ ପାରିବାକୁ ମୁଁ ଶ୍ରୀଅରବିନ୍ଦଙ୍କଠାରୁ ଅଧିକ ସମର୍ଥ ଆଉ କାହାରିକୁ ହେଲେ ଏହି ପୃଥିବୀଯାକରେ ଦେଖିପାରୁ ନାହିଁ ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ । *୧୬ ଜୁଲାଇ ୧୯୩୯*

ମୋ'ର ସ୍ନେହର ଶିଶୁ,

ତୁମର ଏଡ଼େ ଭଲ ଏବଂ ଆନ୍ତରିକତାପୂର୍ଣ୍ଣ ପତ୍ରଟି ପାଇ ମୁଁ ଅତ୍ୟନ୍ତ ଖୁସୀ ହୋଇଛି ।

କାଲି ମୁଁ ତୁମକୁ ନୀରବତାରେ କହିଥିଲି, ''ତୁମେ ଯାହା ଲାଗି ଅଭୀପ୍ସା କରୁଛ, ସେଠାରେ ଯାଇ ପହଞ୍ଚି ପାରିବାକୁ ହେଲେ, ପ୍ରେମହିଁ ମାର୍ଗ, ସେହି ପ୍ରେମ ମଧ୍ୟ ଲକ୍ଷ୍ୟ ।'' ଏହାହିଁ ତୁମ ପତ୍ରର ସର୍ବୋତ୍ତମ ଉତ୍ତର ହେବ ନାହିଁ କି ?...

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୧୭ ଜୁଲାଇ ୧୯୩୯*

*ମଝିରେ ମଝିରେ ମନ୍ଦ ପୁତ୍ର ହୁଏତ ଦେଖିବାକୁ ମିଳନ୍ତି, କିନ୍ତୁ ଜଣେ ମନ୍ଦ ମାଆ କଦାପି ଦେଖିବାକୁ ମିଳିବ ନାହିଁ ।*

ମାତ୍ର, ଯେତେବେଳେ ଉଭୟେ ମାଆ ଓ ପୁଅ ଭଲ ହୋଇଥିବେ, ସେତେବେଳେ ତାହା କେତେ ବେଶୀ ଆନନ୍ଦ ଓ ପ୍ରୀତିର କାରଣ ନ ହେବ !

ମୋର ପ୍ରିୟ (ଭଲ) ଶିଶୁକୁ ମୋ ପ୍ରେମ ଓ ଆଶୀର୍ବାଦ ।

*୨୭ ଜୁଲାଇ ୧୯୩୯*

*ଆପଣ ସର୍ବଦା ସଦିଚ୍ଛା ରଖି ସବୁକଥା କହନ୍ତି ସତ, ମାତ୍ର ଭଲ, ଯଥାର୍ଥରେ ଭଲ ହେବା, କେବଳ ସେହିମାନଙ୍କର ଜୀବନରେ ସମ୍ଭବ ହୁଏ ଯେଉଁମାନେ କି ଯାବତୀୟ ଅହଂବୋଧକୁ ଅତିକ୍ରମ କରିଯାଇଥାନ୍ତି । ମାତ୍ର, ମୋ'ର ପରମା ଜନନୀ ଯଦି ତାଙ୍କର ସନ୍ତାନ ମଧ୍ୟରେ କେବଳ ଭଲଟିକୁ ଦେଖିବାକୁ ମନ କରନ୍ତି, ତେବେ ତାହା କେବଳ ସେହି ଜନନୀଙ୍କର ହୃଦୟ ଭିତରେ ରହିଥିବା ଭଲଟିରହିଁ ପରିଚାୟକ ହୋଇଥାଏ ।*

ମୋ' ସନ୍ତାନର ହୃଦୟଟି ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଥିବା ପ୍ରେମ ଏବଂ ଆଲୋକରେ ପୂର୍ଣ୍ଣ ହୋଇ ରହିଛି; ସେମାନେ ତୁମର ସମଗ୍ର ସତ୍ତାର ସକଳ ଭାଗକୁ ଉଜ୍ଜ୍ୱଳ କରି ରଖିଥାନ୍ତୁ ଏବଂ ସେଥି ଭିତରେ ଯଦି ମେଘମାଳା ରହିଥିବ, ତେବେ ତାହା ଅବଶ୍ୟ ଅପସୃତ ହୋଇଯିବ ।

ମୋ'ର ଆଦରର ଶିଶୁକୁ ପ୍ରୀତି ଓ ଅନେକ ଶୁଭେଚ୍ଛା ।

*୨୮ ଜୁଲାଇ ୧୯୩୯*

*(ମାଆ ସାଧକଙ୍କ ପାଖକୁ ବୋତଲେ ଆଚାର ପଠାଇଥିଲେ) । ମାଆ, ଆପଣ ନିଜର ଭଲ ପାଇବା ଦ୍ୱାରା ମୋ'ର କୂଳ ଉଚ୍ଛୁଳାଇ ଦେଇଛନ୍ତି । ମୁଁ ଜାଣେ ଯେ ଆପଣ ମୋତେ ଯେଉଁ ସଦୟତା ପ୍ରଦର୍ଶନ କରୁଛନ୍ତି, ମୁଁ ତାହାର ଏତେଟିକିଏ ମଧ୍ୟ ଯୋଗ୍ୟ ହୋଇ ନାହିଁ । ଯାହାଙ୍କର ସ୍ୱଭାବହିଁ ଦିବ୍ୟପ୍ରେମରେ ଉଚ୍ଛୁଳି ରହିଛି, ସେହି ଆପଣଙ୍କୁ ମୁଁ ଆଉ କ'ଣ କହିବି ? ଆପଣଙ୍କର ଭଲ ପାଇବାହିଁ ହେଉଛି ଏକ ଅମୂଲ୍ୟ ଦାନ । ତେବେ ଏହି ଉପହାରଗୁଡ଼ିକ ପଠାଇବାରେ ଆଉ କି ପ୍ରୟୋଜନ ରହିଛି ?*

ଦେବାରେ ଏକ ବୃହତ୍ ଆନନ୍ଦ ରହିଛି; ଆମେ ଯେଉଁମାନଙ୍କୁ ଭଲ ପାଉ ସେମାନଙ୍କୁ ଖୁସୀ କରିବାରେ ମଧ୍ୟ ଆହୁରି ଅନେକ ଅଧିକ ଆନନ୍ଦ ରହିଛି । ... ଏବଂ, ତୁମେ ଯେତେବେଳେ ଏହି ଆଚାରକୁ ଖାଇବ, ସେତେବେଳେ ତୁମେ ମୋତେ ମନେ ପକାଇବ ଏବଂ ମାଆ ମୋତେ ଭଲ ପାଆନ୍ତି ...

ମୋ' ଆଦରର ଶିଶୁଟିକୁ ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୬ ଅଗଷ୍ଟ ୧୯୩୯*

*ଆଦରଣୀୟା, ଆଦରଣୀୟା, ଆଦରଣୀୟା ମାଆ,*

*ମୁଁ ଆପଣଙ୍କୁ ଗଦାଗଦା ଭଲ ପାଇବା ଜଣାଇ ପଠାଉଛି । ମୋ'ର ହୃଦୟକମଳରେ ମୁଁ ଚିରନ୍ତନ କାଳ ଲାଗି ଆପଣଙ୍କର ଚରଣକମଳକୁ ପ୍ରୀତିର ଏକ ସିଂହାସନ ଉପରେ ଥାପନା କରି ରଖିଛି ।*

ମୋ'ର ପ୍ରିୟ ପ୍ରେମମୟ ଶିଶୁ,

ତୁମର ପ୍ରେମ ସକାଶେହିଁ ତୁମର ହୃଦୟ ସମ୍ପୂର୍ଣ୍ଣ ଭାବରେ ଏକ ମଧୁରତାପୂର୍ଣ୍ଣ ସ୍ଥାନରେ ପରିଣତ ହୋଇଛି । – ମୁଁ ସେଠାରେ ସର୍ବଦା ଅବସ୍ଥାନ କରୁଥିବି, ଯେପରିକି ତୁମର ସମସ୍ତ ସତ୍ତାକୁ ମୁଁ ଆଲୋକ, ପ୍ରେମ ଏବଂ ଆନନ୍ଦରେ ପୂର୍ଣ୍ଣ କରି ରଖିଥିବି ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୮ ଅଗଷ୍ଟ ୧୯୩୯*

*ହେ ଦେବି, ହେ ଜନନି,*

*ମୋ' ହୃଦୟସଦନର ଗୋପନ ମନ୍ଦିରରେ ମୁଁ ସତେଅବା ଅତ୍ୟନ୍ତ*

*ସହଜାତ ଏପରି ଏକ ବିଶ୍ୱାସ ବିଷୟରେ ନିରନ୍ତର ସଜ୍ଞାନ ହୋଇ ରହିଆସିଛି ଯେ, ଆପଣ ହେଉଛନ୍ତି ଦିବ୍ୟ ପରମା ଜନନୀଙ୍କର ଏକ ଅବତାର । ମୁଁ ସେହି ଜନନୀଙ୍କର ଆରାଧନା କରୁଛି, ମାତ୍ର ତାଙ୍କର ସେହି ଚରଣକମଳ ବ୍ୟତୀତ ତାଙ୍କୁ ଆଉ ଅନ୍ୟ କୌଣସି ପ୍ରକାରେ ମୁଁ ଜାଣି ନାହିଁ । ସେହି କାରଣରୁହିଁ ମୁଁ ତାଙ୍କୁ ଆପଣଙ୍କର ଚରଣ କମଳରେହିଁ ଖୋଜିବାରେ ଲାଗିଛି ଏବଂ ତାହାକୁହିଁ ଆପଣାର ଏକମାତ୍ର ଆଶ୍ରୟ ବୋଲି ଜାଣି ମୋ'ର ହୃଦୟ ମଧ ସେଗୁଡ଼ିକୁ ନିଜ ଉପରେ ଜାବୁଡ଼ି ଧରିବାର ଅଭିଳାଷୀ ହୋଇ ରହିଛି ।*

ମୋ'ର ପ୍ରିୟ, ପ୍ରିୟ ଶିଶୁ, ଏକ ସଚେତନ ନିଶ୍ଚୟତାର ପରମ ଆଲୋକ ଏବଂ ଏକ ଚିରନ୍ତନ ଉପସ୍ଥିତିର ଆନନ୍ଦ ସର୍ବଦା ତୁମ ସହିତ ଅବସ୍ଥାନ କରୁଥାଉ, ଅତ୍ୟନ୍ତ ସ୍ଥୂଳ ଭାବରେ ରହିଥାଉ, ଦିବ୍ୟପ୍ରେମର ମଧୁରତା ମଧ୍ୟରେ ଅବସ୍ଥାନ କରୁଥାଉ ।

*୧୦ ଅଗଷ୍ଟ ୧୯୩୯*

*ଆଦରଣୀୟା ମାଆ, ମୋ'ର ମାନବସ୍ଥିତିଗତ ସକଳ ଦୀନତା ସତ୍ତ୍ୱେ ଆପଣ ମୋତେ ଯଥାର୍ଥରେ ଭଲ ପାଆନ୍ତି ନା ଏହି ସବୁକିଛିକୁ ଆପଣଙ୍କର କେବଳ ଏକ ପ୍ରୟୋଗ ବୋଲି କୁହାଯିବ,– ଦୟାକରି ଆପଣ ମୋତେ ସେକଥା କହିବେ କି ? ଆପଣଙ୍କୁ ଏପରି ଗୋଟିଏ ପ୍ରଶ୍ନ ପଚାରୁଥିବାରୁ ମୁଁ ପ୍ରକୃତରେ ଲଜ୍ଜିତ, ମାତ୍ର 'ପ୍ରୟୋଗ' ଶବ୍ଦଟିକୁ ଏତେ ଅଧିକ ସମୟରେ ଓ ଏଭଳି ନାନା ବିଚିତ୍ର ଧାରାରେ ବ୍ୟବହୃତ ହେଉଥିବାର ମୁଁ ଶୁଣିବାକୁ ପାଉଛି ଯେ, ମୋତେ ସେଥିପାଇଁ ଭାରି ଭୟ ଲାଗୁଛି ଓ ଆପଣ ଆମକୁ ନେଇ କେବଳ କୌଣସି ପ୍ରୟୋଗ କରୁଛନ୍ତି କି ନାହିଁ, ସେହି କଥାଟି ବ୍ୟକ୍ତିଗତ ଭାବରେ ମୁଁ ଆପଣଙ୍କଠାରୁହିଁ ଶୁଣିବାକୁ ଇଚ୍ଛାକରୁଛି । ଆପଣ ମୋତେ କ୍ଷମା କରିବେ ବୋଲି ବିନୀତ ପ୍ରାର୍ଥନା ।*

ମୋ' ପ୍ରିୟ ଶିଶୁ,

ହଁ, ଲୋକମାନେ ଯାହା କହୁଛନ୍ତି, ତୁମେ ସେକଥାକୁ କାନ ନ ଦେଲେହିଁ ସର୍ବୋତ୍ତମ କଥା ହୁଅନ୍ତା । ଏହା ତୁମକୁ ଚେତନାର ଅନେକ ସ୍ଖଳନରୁ ରକ୍ଷାକରି ପାରନ୍ତା । ଆଜି ଅପରାହ୍ଣରେ ତୁମ ଆଡ଼କୁ ନୀରବରେ ଅନାଇବା ବେଳେ ମୁଁ ତୁମକୁ କହୁଥିଲି, **"ତୁମେ ନିଜର ପ୍ରେମ ପ୍ରତି ନିଷ୍ଠାଯୁକ୍ତ ରହିବ ।"** ମୁଁ ଭାବୁଛି, ଏହାଦ୍ୱାରାହିଁ ଯଥେଷ୍ଟ ଉତ୍ତର ଦିଆଯାଇ ସାରିଛି ଏବଂ ଏହିସବୁ ଯାବତୀୟ ଭାଷ୍ୟର ନିର୍ବୋଧ ଅଜ୍ଞାନତା

ସମ୍ମୁଖରେ ମୁଁ ମୋ' ପ୍ରେମର ଔଚିତ୍ୟକୁ ପ୍ରମାଣ ଦ୍ୱାରା ପ୍ରତିଷ୍ଠିତ କରେ ବୋଲି ତୁମେ ନିଶ୍ଚୟ କଦାପି ମୋ' ଠାରୁ ପ୍ରତ୍ୟାଶା କରୁ ନ ଥିବ । ତୁମେ ବିଶ୍ୱାସ ବା ସଂଶୟ ଯାହା କର ପଛକେ, ମୋ'ର ପ୍ରେମ ଓ ଅନେକ ଆଶୀର୍ବାଦ ତୁମ ସହିତ ଅବଶ୍ୟ ରହିଛି ।

*୧୨ ଅଗଷ୍ଟ ୧୯୩୯*

*ଆଦରଣୀୟା ମାଆ,*

*କାଲି ଆପଣଙ୍କଠାରୁ ମୁଁ ଯାହା ଜାଣିବାକୁ ଚାହିଁଥିଲି, ସେଥିଲାଗି କ୍ଷମା ପ୍ରାର୍ଥନା କରୁଛି । ମୁଁ ପ୍ରାର୍ଥନା କରୁଛି ଯେ ଆପଣ ମୋ'ର ଏହି ନିର୍ବୋଧତାକୁ କ୍ଷମା କରିବେ ।*

*ହାୟ, ଆପଣଙ୍କର ପ୍ରୀତିକୁ ମୁଁ କିପରି ସନ୍ଦେହ କରିପାରିଲି,– ଯିଏ ସ୍ୱୟଂ ସତ୍ୟ, ପ୍ରେମ ଏବଂ ମଙ୍ଗଳର ଆତ୍ମା, ତାଙ୍କର ପ୍ରେମକୁ ?*

ମୋ' ଆଦରର ଶିଶୁ,

ମୁଁ ଜାଣିଥିଲି ଯେ, ତାହା ତୁମ ଭିତରେ ଏକ ଅସ୍ଥାୟୀ ମନୋଭାବନା ରୂପେ ଆସିଥିଲା ଏବଂ ତୁମେ ନିଶ୍ଚୟ ଅଚିରେ ସେଥିଭିତରୁ ବାହାରକୁ ବାହାରି ଆସିବ – ମାତ୍ର, ଏହି ପ୍ରେମ ଏବଂ ଏହି ସତ୍ୟହିଁ ଢାଲ ହୋଇ ତୁମକୁ ରକ୍ଷାକରୁ, ମିଥ୍ୟାର ଯାବତୀୟ ଶକ୍ତିର ଅନୁପ୍ରବେଶ ହାତରୁ ତୁମକୁ ରକ୍ଷାକରୁ ।

ମୋ'ର ପ୍ରେମ ଓ ଅନେକ ଆଶୀର୍ବାଦ ତୁମକୁ ଲକ୍ଷ୍ୟସ୍ଥଳକୁ ପରିଚାଳିତ କରି ନେଇଯିବ ।

*୧୩ ଅଗଷ୍ଟ ୧୯୩୯*

ମୋ'ର ଅତି ଆଦରର ଶିଶୁ,

ଯଦି ତୁମେ ସର୍ବଦା କେବଳ ନିଜର ଅନ୍ତରସ୍ଥ ଖୁସିଟିକୁ ଅବିଚଳିତ କରି ରଖିପାରନ୍ତ, ତେବେ ତାହା ମୋତେ ଅପାର ଆନନ୍ଦ ଆଣି ଦିଅନ୍ତା । ଏବଂ ତୁମକୁ ମାର୍ଗରେ ଅନେକ ସାହାଯ୍ୟ କରିପାରନ୍ତା ।

ସ୍ନେହର ସନ୍ତାନ, ତୁମ ଲାଗି ମୋ'ର ଅନେକ ପ୍ରୀତି ଓ ଆଶୀର୍ବାଦ ।

*୧୭ ଅଗଷ୍ଟ ୧୯୩୯*

*ମୋ' ପ୍ରତି ଆପଣଙ୍କର ଯେଉଁ ପ୍ରେମ ରହିଛି, ତାହାହିଁ ମୋ'ର ଯଥାର୍ଥ ଆଶ୍ରୟ*

*ଏବଂ ଯଥାର୍ଥ ଶକ୍ତି, ହେ ମୋ'ର ଜନନି, ମୁଁ ଆପଣଙ୍କ ପାଖରେ ଯାହାକିଛି ନିବେଦନ କରି ପାରୁଛି, ତାହା ହେଉଛି ଏକ ଆବିଳ ବିମିଶ୍ରଣ ମାତ୍ର । ସେଥିଲାଗି ମୁଁ ଅତ୍ୟନ୍ତ ଲଜ୍ଜିତ, ମାତ୍ର କେବଳ ଆପଣହିଁ ତାହାକୁ ଶୁଦ୍ଧ କରିଦେଇ ପାରିବେ ।*

ମୋ'ର ଅତି ଆଦରଣୀୟ ସନ୍ତାନ,

ନିବେଦନର ସ୍ୱଭାବଟି ଯାହା ହୋଇଥାଉ ନା କାହିଁକି, ଯଦି ଆନ୍ତରିକତା ସହିତ ସେଇଟିକୁ କରାଯାଉଥାଏ, ତେବେ ସେଥିରେ ସର୍ବଦାହିଁ ଦିବ୍ୟ ଆଲୋକର ଏକ ସ୍ଫୁଲିଙ୍ଗ ରହିଥାଏ, ଯାହାକି ବୃଦ୍ଧିଲାଭ କରି ଏକ ପୂର୍ଣ୍ଣ ସୂର୍ଯ୍ୟରେ ପରିଣତ ହୋଇ ପାରିବ ଏବଂ ସମଗ୍ର ସତ୍ତାକୁ ଆଲୋକିତ କରିଦେଇ ପାରିବ । ମୋ'ର ଭଲପାଇବା ବିଷୟରେ ତୁମେ ନିଶ୍ଚିତ ରହିବ, ମୋ'ର ସହାୟତା ବିଷୟରେ ମଧ୍ୟ ନିଶ୍ଚିତ ରହିବ । ଆମର ଅନେକ ଆଶୀର୍ବାଦ ସବୁବେଳେ ତୁମ ସହିତ ରହିଛି ।

*୧୯ ଅଗଷ୍ଟ ୧୯୩୯*

*ଆଦରଣୀୟା ମାମା, ଆପଣ ପ୍ରକୃତରେ କେତେ, କେତେ ପ୍ରେମାସ୍ପଦା ! ସମଗ୍ର ପୃଥିବୀରେ ଆପଣଙ୍କ ପରି କେହି ଦ୍ୱିତୀୟ ଜଣେ ଅଛି କି ?* ***ପ୍ରେମ ।***

ମୋ'ର ପ୍ରିୟ ସନ୍ତାନଟି ଲାଗି ଅନେକ ପ୍ରେମ, ଅନେକ ପ୍ରେମ, ଅନେକ ପ୍ରେମ,– ତା'ଲାଗି ମୋ'ର ସକଳ ଆନନ୍ଦ, ସକଳ ଆଲୋକ, ଦିବ୍ୟ ପ୍ରେମର ସକଳ ଶାନ୍ତି ତଥା ମୋ'ର ପ୍ରୀତିପୂର୍ଣ୍ଣ ଅନେକ ଆଶୀର୍ବାଦ ।

*୨୦ ଅଗଷ୍ଟ ୧୯୩୯*

*ପ୍ରିୟତମା ମାମା,*

*ଆଚାର ବୋତଲଟିକୁ ମୁଁ ଫେରାଇ ଦେଇଛି, ମାତ୍ର ଏବେ ମଧ୍ୟ ଆଚାର ସରି ନାହିଁ । ଏବଂ, ଯେତେବେଳେ ମୁଁ ସେହି ଆଚାରକୁ ଚାହିଁ ଦେଖୁଛି, ସେତେବେଳେ ମୁଁ ଆପଣଙ୍କୁ ମନେ ପକାଉଛି ଓ ମନେ ମନେ କହୁଛି, ''ମାଆ ମୋତେ ଭଲ ପାଆନ୍ତି ।'' ଏହି ଉପହାରଟି ପ୍ରେମର ଏକ ବୃହତ୍ ତରଙ୍ଗର ଚୂଡ଼ା ଉପରେ ବସି ମୋ'ପାଖକୁ ଆସିଥିଲା ଏବଂ ମୁଁ ସେହି ତରଙ୍ଗଟିର ପ୍ରକ୍ଷେପଣ ଘଟାଇଥିବା ମହାସାଗରର ଉପସ୍ଥିତିକୁ ଅନୁଭବ କରିବାରେ ଲାଗିଥିଲି । ସେହି ପାତ୍ରଟିକୁ ହାତରେ ଧରି ଆପଣ ଯେତେବେଳେ ମୋତେ ଡାକିଲେ, ଆପଣ ଜାଣନ୍ତି, ମୁଁ ସେତେବେଳେ କାହା କଥା ଭାବୁଥିଲି ? ମୁଁ ଭାବୁଥିଲି, ଏକ ବର*

*ଦେବା ଲାଗି ସ୍ୱୟଂ କାଳୀ ମୋ' ସମ୍ମୁଖରେ ଆସି ଛିଡ଼ା ହୋଇଛନ୍ତି ! ବସ୍ତୁତଃ ମୁଁ ତାଙ୍କୁ ଆବାହନହିଁ କରୁଥିଲି ଏବଂ ମୋ' ଆଗରେ ଆପଣ ଆଚାରର ବୋତଲଟି ଧରି ଛିଡ଼ା ହୋଇଥିଲେ, ତା' ସହିତ ପ୍ରୀତିର ଏକ ମହାସାଗରକୁ ବହନ କରି ଛିଡ଼ା ହୋଇଥିଲେ । ଆଦରଣୀୟା ଲୀଳାମୟି ମାଆ ମୋ'ର, ଆପଣଙ୍କର ଲୀଳା ଠିକ୍ ଏହିପରି !*

ହଁ, ମୁଁ ସେଦିନ ତୁମେ ମୋତେ ଆବାହନ କରୁଥିବାର ସ୍ପଷ୍ଟ ଭାବରେ ଶୁଣି ପାରୁଥିଲି ଏବଂ ଅତ୍ୟନ୍ତ ମୂର୍ତ୍ତ ଭାବରେ ତୁମର ସେହି ଆବାହନର ଉତ୍ତର ଦେବା ଲାଗି ଇଚ୍ଛା କରୁଥିଲି ... ମୋ'ର ପ୍ରିୟ ସନ୍ତାନଟି ନିମନ୍ତେ ମୋ'ର ପ୍ରେମ ଏବଂ ଅନେକ ଆଶୀର୍ବାଦ ।

*୨୪ ଅଗଷ୍ଟ ୧୯୩୯*

*ମୋ'ର କ'ଣ କେଉଁଠି ବିଗିଡ଼ି ଯାଇଛି ବୋଲି ଆପଣ ମୋତେ ଆଜି ସକାଳେ ପଚାରୁଥିଲେ । ମୋ'ର ସେହି ପୁରୁଣା ରୋଗଟାହିଁ ମୋତେ ଘାରିଛି, ପୁରୁଣା ହୋଇ ମଧ୍ୟ ମୋତେ ସେହିପରି ଉତ୍ପୀଡ଼ିତ କରି ରଖିଛି । ଏହା ଗୃହଯୁଦ୍ଧ, ଦୁଇଟି ଭିନ୍ନ ଭିନ୍ନ ପ୍ରବୃତ୍ତି ଓ ଆଦର୍ଶ ମଧ୍ୟରେ ଏକ ଦ୍ୱନ୍ଦ୍ୱ, ଦୁଇ ବିଭିନ୍ନ ପ୍ରକାର ମାର୍ଗଦର୍ଶନର ଦୁଇ ବିଭିନ୍ନ ଆଡ଼କୁ ଆକର୍ଷଣ, ଗୋଟିଏ ହେଉଛି ଦେବ ପ୍ରକାରର, ଆଉ ଗୋଟିଏ ସନ୍ଥ ପ୍ରକାରର (ପାଶ୍ଚାତ୍ୟ ବ୍ୟାଖ୍ୟାର ଅର୍ଥରେ ମୁଁ ଏକଥା କହୁ ନାହିଁ), ଏହି ଯୁଦ୍ଧ ସବୁଯାକ ଭୂମିରେ ଲାଗିଛି, ମାନସିକ, ପ୍ରାଣିକ ଓ ଶାରୀରିକ ସବୁଯାକ ଭୂମିରେ । ମାଆ, ମାତ୍ର ମୁଁ ଆପଣଙ୍କର ଦୟାଳୁତା ଆଡ଼କୁ ଗଭୀର ଭାବରେ ଗ୍ରହଣଶୀଳ ହୋଇ ରହିଛି । ଏବଂ, କୃତଜ୍ଞ ମଧ୍ୟ ରହିଛି ।*

ଏପରି କୌଣସି ବିରୋଧ ନାହିଁ, ଯାହାର କୌଣସି ସମାଧାନ କରାଯାଇ ପାରିବ ନାହିଁ ବା ଏକ ସମନ୍ୱୟ ମଧ୍ୟରେ ଯାହାର ଏକ ସମଞ୍ଜସତା ଉପଲବ୍ଧ ହେବ ନାହିଁ । ମାତ୍ର ସେଥିଲାଗି ତୁମକୁ ଆପଣାର ସମ୍ବୋଧି-ମନରେ ଯଥେଷ୍ଟ ଉଚ୍ଚକୁ ଉଠିଯିବାକୁ ପଡ଼ିବ ଏବଂ ତୁମର ସମ୍ବୋଧି-ମନଟି ଅପରିବର୍ତ୍ତନୀୟ ବୋଲି ମୁଁ ମୋଟେ ଭାବୁ ନାହିଁ । ମୋ' ମନରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଦିନେ ତୁମକୁ ମଧ୍ୟ ଏହି ମାର୍ଗଟି ଉପଲବ୍ଧ ହୋଇଯିବ ।

ମୋ'ର ପ୍ରୀତି ଏବଂ ଅନେକ ଆଶୀର୍ବାଦ ।

*୨୭ ଅଗଷ୍ଟ ୧୯୩୯*

*ମୋ’ ଜୀବନର ଜୀବନ, ମୋ’ ନିଜର ପରମ ସ୍ନେହମୟି ମାଆ,*

*ଆପଣ ମୋ’ର ଭଲ ପାଇବାକୁ ଗ୍ରହଣ କରିବେ ଓ ମୋ’ର ବିଫଳତାଗୁଡ଼ିକୁ କ୍ଷମା ଦେବେ । – ଗତ ଅନେକ ବର୍ଷ ହେଲା ଆପଣ ଯାହା କରି ଆସୁଛନ୍ତି, ଠିକ୍ ସେହିପରି । ମୁଁ ଭାବୁଛି, ଏହି ବିଶେଷ ଅବସ୍ଥାଗୁଡ଼ିକ ଆସୁଥିବ ଏବଂ ଚାଲି ଯାଉଥିବ । ମାତ୍ର ଭାସି ଚାଲି ଯାଉଥିବା ଏହି ଯାବତୀୟ ମେଘଖଣ୍ଡ ସତ୍ତ୍ୱେ ଆପଣଙ୍କର ଆଲୋକମୟ ସ୍ମିତହାସ୍ୟୋଜ୍ଜ୍ୱଳ ମୁଖଟିକୁ ମୁଁ ଯେପରି ଅନୁକ୍ଷଣ ଦେଖିବାକୁ ପାଉଥାଏ !*

ମୋ’ର ଅତ୍ୟନ୍ତ ପ୍ରିୟ ସନ୍ତାନ,

ମୁଁ ସତକୁ ସତ ଆଶା କରୁଛି ଯେ, ତୁମେ ଅଚିରେ ତୁମର ଏହି ଯାବତୀୟ ଅସୁବିଧା ଭିତରୁ ମୁକ୍ତ ହୋଇ ବାହାରି ଆସିବ । ଏଥିପାଇଁ ଉଚ୍ଚତର ଚେତନା ମଧ୍ୟକୁ କେବଳ ଗୋଟିଏ ଉତ୍ତମ ଲମ୍ଫପ୍ରଦାନହିଁ ଆବଶ୍ୟକ, ଯେଉଁଠାରେ କି ସକଳ ସମସ୍ୟାର ସମାଧାନ ହୋଇଯିବ ଏବଂ ତୁମେ ନିଜର ସକଳ ଅସୁବିଧାରୁ ନିଷ୍କୃତି ଲାଭ କରିବ । ମୁଁ କେବେ କ୍ଷମା ଦେଉଛି ବୋଲି ଅନୁଭବ କରେ ନାହିଁ । ପ୍ରେମ କ୍ଷମା ଦିଏ ନାହିଁ, ପ୍ରେମ ବୁଝେ ଏବଂ ଭଲ କରିଦିଏ ।

ଅନୁକ୍ଷଣ ମୋ’ର ପ୍ରେମ ଏବଂ ଅନେକ ଆଶୀର୍ବାଦ ।

*୨୮ ଅଗଷ୍ଟ ୧୯୩୯*

ଦିବ୍ୟ ପ୍ରେମ ତୁମର ଲକ୍ଷ୍ୟ ହୋଇ ରହୁ ।

ଶୁଦ୍ଧ ପ୍ରେମ ତୁମର ମାର୍ଗ ହେଉ ।

ତୁମେ ଆପଣାର ପ୍ରେମ ଲାଗି ସର୍ବଦା ନିଷ୍ଠାଯୁକ୍ତ ହୋଇ ରହିଥାଅ, ତା’ହେଲେ ତୁମର ସକଳ ଅସୁବିଧା ଉପରେ ତୁମେ ବିଜୟ ହାସଲ କରିପାରିବ ।

ମୋ’ର ପ୍ରିୟ ସନ୍ତାନକୁ ପ୍ରୀତି ଓ ଅନେକ ଆଶୀର୍ବାଦ ।

*୯ ସେପ୍ଟେମ୍ବର ୧୯୩୯*

*ମୋ’ର ଆଦରଣୀୟା ପ୍ରେମଶୀଳା ମାଆ,*

*ମୋ’ର ଜନ୍ମଦିନ-ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ‘‘ତୁମେ ଉଚ୍ଚତର ଚେତନା ମଧ୍ୟକୁ ଉନ୍ନୀତ ହୋଇଯାଅ, ତାହାରି ଆଲୋକହିଁ ତୁମର ପ୍ରକୃତିକୁ ଶାସନ କରୁ ଓ ରୂପାନ୍ତରିତ କରିଦେଉ ।’’ କିଛିଦିନ ପୂର୍ବେ ଆପଣ ମୋ’*

*ପାଖକୁ ଲେଖିଥିଲେ, ''ସେହି ଉଚ୍ଚତର ଚେତନା ମଧ୍ୟକୁ ତୁମେ ଏକ ଉତ୍ତମ ଲମ୍ଫ ପ୍ରଦାନ କରିବ, ଯେଉଁଠାରେ କି ସକଳ ସମସ୍ୟାର ସମାଧାନ ହୋଇଯିବ ଏବଂ ତୁମେ ନିଜର ସକଳ ଅସୁବିଧାରୁ ନିଷ୍କୃତି ଲାଭ କରିବ ।'' ବର୍ତ୍ତମାନ ଆପଣ ମୋତେ କହିଦିଅନ୍ତୁ, ଏହି ଉଚ୍ଚତର ଚେତନା କହିଲେ ପ୍ରକୃତରେ କ'ଣ ବୁଝାଏ ଏବଂ ମୁଁ ଏହା ଭିତରକୁ ଉଠିପାରିବି ଓ ଲମ୍ଫପ୍ରଦାନ କରିପାରିବି କିପରି । ଏବଂ, ଆପଣ ପୁଣି କହିଛନ୍ତି, ''ଦିବ୍ୟ ପ୍ରେମ ତୁମର ଲକ୍ଷ୍ୟ ହୋଇ ରହୁ । ଶୁଦ୍ଧ ପ୍ରେମ ତୁମର ମାର୍ଗ ହେଉ । ତୁମେ ଆପଣାର ପ୍ରେମ ଲାଗି ସର୍ବଦା ନିଷ୍ଠାଯୁକ୍ତ ହୋଇ ରହିଥାଅ, ତା'ହେଲେ ତୁମର ସକଳ ଅସୁବିଧା ଉପରେ ତୁମେ ବିଜୟ ହାସଲ କରିପାରିବ ।'' ଏହି ଉଚ୍ଚତର ଚେତନା ଯାହା, ଶୁଦ୍ଧ ପ୍ରେମର ସ୍ଥିତି କ'ଣ ସେଇଆ, ଏବଂ ଯଦି ସେହିଭଳି ହୋଇଥାଏ, ତେବେ ଏହାର ଉଚ୍ଚତର ଜ୍ଞାନର ଏକ ସ୍ଥିତି ସହିତ କିଭଳି ସମ୍ବନ୍ଧ ରହିଛି ?*

ଉଚ୍ଚତର ଚେତନା ହେଉଛି ଶୁଦ୍ଧ ପ୍ରେମର ଏକ ଅବସ୍ଥା, ମାତ୍ର ତାହା ଦିବ୍ୟଜ୍ଞାନ ଲାଗି ଶୁଦ୍ଧ ଭାବରେ ଉନ୍ମୋଚିତ ହୋଇ ରହିବାର ଏକ ଅବସ୍ଥାକୁ ମଧ୍ୟ ବୁଝାଇଥାଏ । ଏହି ଦୁଇ ସଦୃଶ ବସ୍ତୁଗୁଡ଼ିକର ପରସ୍ପର ସହିତ ଆଦୌ କୌଣସି ବିରୋଧ ନାହିଁ । କେବଳ ମନଟାହିଁ ଗୋଟିକୁ ଆଉ ଗୋଟିକଠାରୁ ଅଲଗା କରି ଦେଖିଥାଏ ।

ଏହି ଅବସ୍ଥାରେ ଆସି ପହଞ୍ଚିବାର ସର୍ବୋତ୍ତମ ଉପାୟ ହେଉଛି ଯେ, ଆମେ ଯାବତୀୟ ମାନସିକ ଉତ୍ତେଜନାକୁ ଆମ ଭିତରକୁ ଆସିବାକୁ ଆଦୌ ଅନୁମତି ଦେବା ନାହିଁ, ଯାବତୀୟ ପ୍ରାଣସ୍ତରୀୟ ବାସନା ଓ ବିକ୍ଷୋଭକୁ ମଧ୍ୟ ଆମ ଭିତରେ ପ୍ରବେଶ କରିବାକୁ ବାଟ ଛାଡ଼ିଦେବା ନାହିଁ । ଯଥାସମ୍ଭବ ଅଧିକ ସାତତ୍ୟର ସହିତ ମନ ଏବଂ ହୃଦୟକୁ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ମୁହାଁଇ ରଖିଥିବା । ଏଥିଲାଗି ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ଆମ ଭିତରେ ରହିଥିବା ପ୍ରେମହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ଉପାଦାନରୂପେ କାର୍ଯ୍ୟ କରିବ ।

ମୋ'ର ପ୍ରେମ ଓ ଅନେକ ଆଶୀର୍ବାଦ ।

*୧୯ ଅକ୍ଟୋବର ୧୯୩୯*

*ପରମପ୍ରିୟା !*

*ପରମା ଜନନୀ ଏହି ଶକ୍ତିହୀନ ଶରୀରଘଟଟିକୁ କାହିଁକି ତାଙ୍କର ସଦନ ରୂପେ ବାଛିଛନ୍ତି ? ମୁଁ ଜାଣିଛି ଯେ, ସେ ଯେପର୍ଯ୍ୟନ୍ତ ଏଇଟି ମଧ୍ୟରେହିଁ ଅବସ୍ଥାନ*

*କରିବାକୁ ବାଛୁଥିବେ, ସେତେବେଳ ଯାଏ ଏହି ବିଚରା 'ମୁଁ'ଟିକୁ ସେହି ବିଶ୍ୱସାମ୍ରାଜ୍ଞୀଙ୍କ ନିମନ୍ତେ ଦିନେ ନା ଦିନେ ଆସନ ଛାଡ଼ିଦେଇ ଅପସରି ଯିବାକୁ ପଡ଼ିବ ଏବଂ, ସେହି ଦିନଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ବିଚରା ମୋତେ ଆଉ ଆଦୌ କୌଣସି ବିଶ୍ରାମ ମିଳିବ ନାହିଁ ।*

ମୋ'ର ପ୍ରିୟ ସନ୍ତାନ,

ତେଣୁ, ସଙ୍ଗେ ସଙ୍ଗେ ସିଂହାସନଟିକୁ ଖାଲି କରିଦେଇ ବିଶ୍ରାମ କରିବାକୁ ଯିବାହିଁ ସର୍ବୋତ୍ତମ କାର୍ଯ୍ୟ ହେବ । ସେଥିରୁ ତୁମକୁ ଶାନ୍ତି ମିଳିବ, ଆନନ୍ଦ ମିଳିବ । ଯେତେବେଳେ ତୁମକୁ ଏକ ଦୁରାଗ୍ରହୀ ପ୍ରତିରୋଧର ହାତରୁ ମୁକ୍ତି ପାଇବାକୁ ପଡ଼ିବ, ଗୋଟିଏ ଖରାପ ଦାନ୍ତକୁ ଯଥାଶୀଘ୍ର ଉପାଡ଼ି ବାହାର କରିଦେଲା ଭଳି ସେହି କ୍ଷେତ୍ରରେ ମଧ୍ୟ ଆଦୌ କୌଣସି ବିଳମ୍ବ କରିବା ଉଚିତ ହେବ ନାହିଁ ।

ଜନନୀଙ୍କର ସହାୟତା ଭିତରେ ରହିଛି, ବାହାରେ ରହିଛି, ସର୍ବତ୍ର ରହିଛି ... ତାଙ୍କର ପ୍ରୀତି ଏବଂ ଅନେକ ଆଶୀର୍ବାଦ ସହିତ ।

*୨୮ ଅକ୍ଟୋବର ୧୯୩୯*

*ଆଦରଣୀୟା ମାଆ,*

*ଏହି ବିଚରାଟି ପ୍ରତି ଆପଣଙ୍କର ପ୍ରେମ ଏବେ ମଧ୍ୟ ମୋ'ର ଧ୍ରୁବତାରା ହୋଇ ରହିଛି ଏବଂ ମୁଁ ସେଥିଲାଗି ଅତ୍ୟନ୍ତ କୃତଜ୍ଞ ।*

ମୋ'ର ପ୍ରିୟ ସନ୍ତାନ,

ମୋ'ର ପ୍ରେମ ତୁମକୁ ଲକ୍ଷ୍ୟ ସ୍ଥଳରେ ନେଇ ପହୁଞ୍ଚାଇ ଦେବାକୁ ଇଚ୍ଛା କରୁଛି ଏବଂ ଏଥିରେ ତାହା ଅବଶ୍ୟ ସଫଳତା ହାସଲ କରିବ ।

ମୋ'ର ଅନେକ ଆଶୀର୍ବାଦ ସହିତ । *୨୯ ମାର୍ଚ୍ଚ ୧୯୪୦*

*ଆଦରଣୀୟା ମାଆ,*

*ଆପଣଙ୍କର ସକଳ ଦୟା, କରୁଣା, ଯତ୍ନ ଓ ପ୍ରେମ ପାଇଁ ମୁଁ ଆପଣଙ୍କୁ ଅନେକ ଧନ୍ୟବାଦ ଦେଉଛି । ମୁଁ ଆଦୌ ଏଗୁଡ଼ିକର ଯୋଗ୍ୟ ନୁହେଁ । ଏବଂ ତଥାପି, ଆପଣଙ୍କ ସହିତ ମୋ'ର ଏକ ବ୍ୟକ୍ତିଗତ ଡୋର, ତାହା ଚୈତ୍ୟ ସ୍ତରର ବୋଲି ମୋର ଆଶା, ଲାଗିଥିବା ପରି ଅନୁଭବ କରୁଥିଲେ ମଧ୍ୟ ମୁଁ ଏହି*

*ଯୋଗକୁ ଏକାନ୍ତ ଆବଶ୍ୟକ ବୋଲି ତଥାପି ଅନୁଭବ କରିପାରୁ ନାହିଁ । ମୋକ୍ଷର ସେହି ପୁରାତନ ଲକ୍ଷ୍ୟ ବିଷୟରେ ମୁଁ ଏକଦା ଯେପରି ଅନୁଭବ କରୁଥିଲି, ଏହି ଆଦର୍ଶଟି ବିଷୟରେ ଆଦୌ ସେପରି ଅନୁଭବ କରିପାରୁ ନାହିଁ । ଆପଣ ଯେଉଁ ମାର୍ଗ ଅର୍ଥାତ୍ ଆଦର୍ଶର ବା ମୂଲ୍ୟର ପ୍ରତିନିଧିତ୍ୱ କରୁଛନ୍ତି, ସେଗୁଡ଼ିକ ମୋତେ ତଥାପି ଖୁବ୍ ବେଶୀ ଉତ୍ସାହ ଦେଇପାରୁ ନାହାନ୍ତି । ମୁଁ ଏବେ ମଧ୍ୟ ଏଠାରେ ଦୃଢ଼ ହୋଇ ରହିଥିବା ପରି ଆଦୌ ଅନୁଭବ କରୁ ନାହିଁ । ମୋ'ର କ'ଣ କରିବା ଉଚିତ, ମୁଁ ଜାଣିପାରୁ ନାହିଁ । ଏବଂ, ସମୟ କ'ଣ କାହା ଲାଗି ଅପେକ୍ଷା କରି ରହିଛି ? ଆପଣ ମୋତେ କ୍ଷମା କରିବେ, ମାତ୍ର ମୋ'ର ସମଗ୍ର ବାହ୍ୟସତ୍ତାଟି ବିରୋଧରେ ଅହରହ ଏକ ସଂଗ୍ରାମ ଲଢ଼ି ଲଢ଼ି ମୁଁ ବଡ଼ କ୍ଳାନ୍ତ ଅନୁଭବ କଲିଣି । ଏବଂ, ସେକଥା ଯାହା ହେଉ ପଛକେ, ମୂଳରୁ ଆରମ୍ଭ କରିବା ଲାଗି ବର୍ତ୍ତମାନ ଅତିରିକ୍ତ ବିଳମ୍ବ ହୋଇଗଲାଣି ଏବଂ ଏକ ନୂତନ ଆଦର୍ଶର ଅଭିଳାଷ କରିବାକୁ, ଯାହାର ଉପଲବ୍ଧି ଏତେ ନିକଟରେ ନୁହେଁ, ସେଥିଲାଗି ଅନୁରୂପ ଶିକ୍ଷା ଦେଇ ପାରିବାର ବେଳ ମଧ୍ୟ ଗଡ଼ି ଯାଇ ସାରିଲାଣି ।*

ଦିବ୍ୟ ପରମସତ୍ତା ଆମ ଲାଗି ଯାହା ନିରୂପିତ କରି ଦେଇଛନ୍ତି, **ତାହା ଅବଶ୍ୟ ହେବ ।**

ମୋ'ର ପ୍ରିୟ ସନ୍ତାନଟିକୁ ମୋ'ର ପ୍ରୀତି ଏବଂ ଅନେକ ଆଶୀର୍ବାଦ ।

*୨୯ ଜୁନ୍ ୧୯୪୦*

*ମୋ' ଜୁଲାଇ ୨୨ର ଚିଠିର ଉତ୍ତରରେ ଆପଣ ଦୟାପୂର୍ବକ ଯେପରି ମୋ'ର ପୁନର୍ବିଶ୍ୱାସ ଜାଗ୍ରତ କରିବାକୁ ଇଚ୍ଛା କରିଥିଲେ* ତାହା ପ୍ରକୃତରେ ସଫଳକାମ ହୋଇ ନାହିଁ । ମାଆ, ଏପରି କାହିଁକି ହେଉଛି ? ସମ୍ଭବତଃ, ମୁଁ ଯେପରି ଭାବରେ କଥାଗୁଡ଼ିକୁ ବ୍ୟକ୍ତ କରୁଛି, ତାହାକୁ ଆପଣ ଅନୁମୋଦନ କରୁ ନାହାନ୍ତି । ସମ୍ଭବତଃ ମୋ'ର ଅସମର୍ଥତା ଲାଗି ଆପଣ ଅସନ୍ତୋଷ ପ୍ରକାଶ କରୁଛନ୍ତି; ହୁଏତ ଆପଣ ମୋତେ ନେଇ ଏକାବେଳକେ ଥକି ଗଲେଣି । ଏପରି ଘଟିଥିଲେ ମୁଁ ଆଦୌ ବିସ୍ମିତ ହେବି ନାହିଁ, ଆପଣଙ୍କୁ କଦାପି ଦୋଷ ଦେବି ନାହିଁ । କାରଣ, ''ମୁଁ'' ନାମକ ସମସ୍ୟାଟିକୁ ନେଇ ମୁଁ ନିଜେ ମଧ୍ୟ କ୍ଳାନ୍ତ ହୋଇ ଗଲିଣି ।*

---

* ଆତ୍ମୀୟସ୍ୱଜନ ପଠାଉଥିବା ପଇସାକୁ ସେ ଗ୍ରହଣ କରି ପାରିବେ କି ନାହିଁ, ସାଧକ ସେହି କଥା ପଚାରିଥିଲେ । ମାଆ ଉତ୍ତର ଦେଇଥିଲେ : ''ମୋ' ପ୍ରିୟ ସନ୍ତାନ, ତୁମେ ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ପାଇବା ବିଷୟରେ ସୁନିଶ୍ଚିତ ରହି ପାରିବ ।''

*ଯଦି ଏହାଦ୍ୱାରା ଆପଣଙ୍କର ପ୍ରୀତି ଏବଂ ସହାୟତାରେ ଆଦୌ କୌଣସି ଫରକ ହେବ ନାହିଁ,– ଆପଣ ତ ମୋତେ ଏବିଷୟରେ ନିର୍ଭର ଦେଇଛନ୍ତି, ନୁହେଁ କି ?– ତେବେ ଏହି ପଇସା ରଖିବାକୁହିଁ ମୁଁ ପସନ୍ଦ କରିବି ଏବଂ ଏହି ବ୍ୟବସ୍ଥାଟିକୁ ଚାଲୁ ରଖିବି । ମାତ୍ର, ଏହାକୁ ଯଦି ଆପଣ ସମର୍ଥନ ନ କରୁଛନ୍ତି, ତେବେ ମୋ'ର ବୁଝିବା ଭଳି ଶବ୍ଦରେ ଆପଣ ଦୟାକରି ମୋତେ କହିଦିଅନ୍ତୁ, ତେବେ ମୁଁ ମୋଟେ ତାହା କରିବି ନାହିଁ । ତେଣୁ, ମୁଁ ଆପଣଙ୍କୁ ନିର୍ଭର ଦେଇ କହୁଛି ଯେ, ଯଦି ଏହାଦ୍ୱାରା ଆପଣ ଅସନ୍ତୁଷ୍ଟ ହେଉଥାନ୍ତି, ତେବେ ମୁଁ ଏହି ବ୍ୟବସ୍ଥାଟିକୁ ବନ୍ଦ କରିଦେଇ ପାରିବି ।*

ମୋ'ର ପ୍ରିୟ ସନ୍ତାନ,

ଏହା ମୋତେ ଲେଶମାତ୍ର ଅସନ୍ତୁଷ୍ଟ କରୁ ନାହିଁ । ସେଦିନ ତୁମେ ଲେଖିଥିବା ବିଷୟଟିର ଉତ୍ତର ଯେ ଦେଇ ନ ଥିଲି, ତାହାର କାରଣ, ମୁଁ ତା' ଉପରେ ଖୁବ୍‌ବେଶୀ ଗୁରୁତ୍ୱ ଦେଉ ନ ଥିଲି । ମୋ'ର ବାକ୍ୟଟି ଏହାହିଁ କହିବାକୁ ଚାହୁଁଥିଲା ଯେ, ମୋ'ର ପ୍ରେମ ସବୁକିଛି ବୁଝିପାରୁଛି ଏବଂ, ବାହାରେ କିଏ କ'ଣ କରୁଛି ବା ନ କରୁଛି, ମୋ'ର ଆଶୀର୍ବାଦ ଆଦୌ ତାହା ଉପରେ ନିର୍ଭର କରୁ ନାହିଁ ।

ଆଜି ମୁଁ ପୁନର୍ବାର କହିବାକୁ ଇଚ୍ଛା କରୁଛି ଯେ, '' 'ମୁଁ'କୁ ନେଇ ଏହି ସମସ୍ୟାଟି''ରେ ମୁଁ ଆଦୌ କ୍ଳାନ୍ତ ହୋଇ ପଡ଼ି ନାହିଁ । ମୋ'ର ଏବେ ମଧ୍ୟ ବିଶ୍ୱାସ ଅଛି ଯେ ତାହାର ଏକ ସଫଳ ସମାଧାନ ଅବଶ୍ୟ ହେବ ।...

ମୋ'ର ପ୍ରୀତି ଏବଂ ଅନେକ ଆଶୀର୍ବାଦ ସହିତ ।

*୨୫ ଜୁଲାଇ ୧୯୪୦*

ମୋ'ର ପ୍ରିୟ ସନ୍ତାନ,

ତୁମେ ଯେତେବେଳେ ଆଧ୍ୟାତ୍ମିକ ସାହାଯ୍ୟ ଆବଶ୍ୟକ କରିବ, ତାହା ଯେଉଁ ଆକାରର ହୋଇଥାଉ ପଛକେ, ତାହା ଦେବା ଲାଗି ମୁଁ ସବୁବେଳେ ପ୍ରସ୍ତୁତ ଅଛି ।

ମୋ'ର ପ୍ରୀତି ଏବଂ ଅନେକ ଆଶୀର୍ବାଦ ସହିତ ।

*୯ ସେପ୍ଟେମ୍ବର ୧୯୪୧*

ମୋ'ର ପ୍ରିୟ ସନ୍ତାନ,

ଏହି ବର୍ଷଟି ତୁମକୁ ଯାବତୀୟ ଯେକୌଣସି ପରିସ୍ଥିତିରେ ମଧ୍ୟ ହସି ପାରିବାର

ଶକ୍ତି ଆଣିଦେଉ । କାରଣ, ମେଘମାନଙ୍କ ଉପରେ ସୂର୍ଯ୍ୟର କାର୍ଯ୍ୟ ଯାହା, ଅସୁବିଧାଗୁଡ଼ିକ ଉପରେ ହସି ପାରିବାର କାର୍ଯ୍ୟ ମଧ୍ୟ ଠିକ୍ ସେଇଆ,– ଏହା ସେଗୁଡ଼ିକୁ ଅପସାରିତ କରିଦିଏ ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ।

*୯ ସେପ୍‌ଟେମ୍ବର ୧୯୪୨*

ମୋ' ପ୍ରିୟ ଶିଶୁ,

ଏଠାରେ ଏହି ବର୍ଷଟିର କାର୍ଯ୍ୟକ୍ରମ ଦିଆହୋଇଛି : ନିଜର ଉଚ୍ଚତମ ଚେତନାର ଚାରିପାଖରେ ତୁମର ସମସ୍ତ ସତ୍ତାକୁ ଏକତ୍ର କରି ରଖ ଏବଂ ଉଦ୍ଦେଶ୍ୟହୀନ ଭାବରେ କାର୍ଯ୍ୟ କରିବାକୁ ତୁମର ମନକୁ ଆଦୌ ବାଟ ଛାଡ଼ିଦିଅ ନାହିଁ । ସନ୍ଦେହ କରିବା ଏକ ଖେଳ ନୁହେଁ ଯେ ମନୁଷ୍ୟ ଆଦୌ କୌଣସି ବିଚାର ନ କରି ସେଥିରେ ମାତି ରହିଥିବ : ଏହା ହେଉଛି ଏପରି ଏକ ବିଷ, ଯାହାକି ବିନ୍ଦୁ ବିନ୍ଦୁ କରି ପଡ଼ି ଆତ୍ମାର କ୍ଷୟସାଧନ କରିବାରେ ଲାଗିଥାଏ ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୯ ସେପ୍‌ଟେମ୍ବର ୧୯୪୩*

ଦିବ୍ୟ ପରମସତ୍ତାଙ୍କର କରୁଣା ସର୍ବଦା ବିଦ୍ୟମାନ ରହିଛି – ତୁମେ ଦ୍ୱାର ଫିଟାଇ ତାହାର ସ୍ୱାଗତ କର ।

ମୋ'ର ପ୍ରୀତି ଓ ଅନେକ ଆଶୀର୍ବାଦ ସହିତ ।

*୯ ସେପ୍‌ଟେମ୍ବର ୧୯୪୪*

# ଅଷ୍ଟମ ସ୍ତବକ

## ଅଷ୍ଟମ ସ୍ତବକ

*ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷା-ବିଭାଗସ୍ଥ ଜଣେ ତରୁଣ କ୍ୟାପ୍‌ଟେନ୍‌ଙ୍କୁ ଲିଖିତ ।*

*ସ୍ନେହମୟି ମାଆ,*

*ଚୈତ୍ୟ ପରିବର୍ତ୍ତନ ଏବଂ ଆଧ୍ୟାତ୍ମିକ ପରିବର୍ତ୍ତନ, ଦୁଇଟି ମଧ୍ୟରେ କି ପ୍ରଭେଦ ରହିଛି ?*

ଚୈତ୍ୟ ପରିବର୍ତ୍ତନକୁ ଆମେ ସେହି ପରିବର୍ତ୍ତନ ବୋଲି କହିବା, ଯାହାକୁ ତୁମ ଭିତରେ ସଂଗୁପ୍ତ ହୋଇ ରହିଥିବା ଦିବ୍ୟ ପରମସତ୍ତାଙ୍କ ସହିତ ତୁମର ଖିଅ ଲଗାଇ ଦେଇଥାଏ – ସେହି ପରମସତ୍ତା ପ୍ରତ୍ୟେକ ସତ୍ତାର କେନ୍ଦ୍ରରେ ଅବସ୍ଥିତ ଏବଂ ଚୈତ୍ୟସତ୍ତା ଯାହାର ଏକ କୋଷ ଭଳି ଏବଂ ଅଭିବ୍ୟକ୍ତି ହୋଇ ରହିଛି । ଚୈତ୍ୟ ପରିବର୍ତ୍ତନ ଦ୍ୱାରା ଜଣେ ବ୍ୟକ୍ତି ବ୍ୟକ୍ତିଗତ ଦିବ୍ୟ ପରମସତ୍ତାଙ୍କର ସୋପାନଟିରୁ ବିଶ୍ୱଗତ ପରମସତ୍ତା ଓ ତା'ପରେ ପରିଶେଷରେ ବିଶ୍ୱାତୀତ ପରମସତ୍ତାଙ୍କର ସୋପାନଟିକୁ ଅତିକ୍ରମ କରିଯାଇଥାଏ ।

ଆଧ୍ୟାତ୍ମିକ ପରିବର୍ତ୍ତନ ତୁମକୁ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ସିଧା ସଂଯୁକ୍ତ କରାଇ ଦେଇଥାଏ ।

*୯ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆମେ କେଉଁ ଉପାୟରେ ଆମ ଚୈତ୍ୟ ବ୍ୟକ୍ତିତ୍ୱର ବିକାଶ ସାଧନ କରିପାରିବା ?*

ଜୀବନର ସକଳ ଅଭିଜ୍ଞତାର ମଧ୍ୟ ଦେଇହିଁ ଚୈତ୍ୟ ବ୍ୟକ୍ତିତ୍ୱ ଏକ ଆକାର ଗ୍ରହଣ କରେ, ଅଭିବୃଦ୍ଧି ଲାଭ କରେ, ବିକଶିତ ହୁଏ ଏବଂ ଶେଷରେ ଏକ ପୂର୍ଣ୍ଣ, ସଚେତନ ଏବଂ ମୁକ୍ତ ସତ୍ତାରେ ପରିଣତ ହୋଇଥାଏ ।

ଅଭିବୃଦ୍ଧି ଓ ବିକାଶର ଏହି ପ୍ରକ୍ରିୟାଟି ଅବିରାମ ଭାବରେ ଅଗଣିତ ଜୀବନ ମଧ୍ୟଦେଇ ଲାଗି ରହିଥାଏ, ଏବଂ, ଆମେ ଯେ ସେହି ବିଷୟରେ ସଚେତନ ନ ଥାଉ, ତା'ର କାରଣ ହେଉଛି ଯେ, ଆମେ ଆମର ଚୈତ୍ୟ ସତ୍ତା ବିଷୟରେ ମଧ୍ୟ ସଚେତନ ହୋଇ ରହି ନ ଥାଉ,– କାରଣ, ତାହାହିଁ ହେଉଛି ଆମର ଅପରିହାର୍ଯ୍ୟ ବିନ୍ଦୁ, ଆମକୁ

ଯେଉଁଠାରୁ ଆରମ୍ଭ କରିବାକୁ ପଡ଼ିବ । ଅନ୍ତରୀକରଣ ଏବଂ ସଂକେନ୍ଦ୍ରଣ ଦ୍ୱାରା ଆମକୁ ନିଜର ଚୈତ୍ୟସତ୍ତା ସହିତ ସଚେତନ ସମ୍ପର୍କରେ ପ୍ରବିଷ୍ଟ ହେବାକୁ ହୁଏ । ଏହି ଚୈତ୍ୟ ସତ୍ତାର ନିରନ୍ତର ବାହ୍ୟ ସତ୍ତା ଉପରେ ଏକ ପ୍ରଭାବ ଅବଶ୍ୟ ରହିଥାଏ, ମାତ୍ର ତାହା ପ୍ରାୟ ସର୍ବଦା ଗୂଢ଼ ହୋଇ ରହିଥାଏ; ସେହି ପ୍ରଭାବକୁ ଦେଖିହୁଏ ନାହିଁ, ତାହାର ଅବବୋଧ ଅଥବା ଅନୁଭବ କରିହୁଏ ନାହିଁ । ଯଥାର୍ଥ ଭାବରେ କେତୋଟି ବିଶେଷ ଅବସର ବ୍ୟତୀତ ତାହା ସାଧାରଣତଃ ଆଦୌ ସମ୍ଭବ ହୁଏ ନାହିଁ ।

ସେହି ସଂଯୋଗ ଓ ସହାୟତାକୁ ଅଧିକ ସବଳ କରିବାକୁ ହେଲେ ଏବଂ ଯଦି ସମ୍ଭବ ହୁଏ, ସଚେତନ ଚୈତ୍ୟ ବ୍ୟକ୍ତିତ୍ୱର ବିକାଶ କରିବାକୁ ହେଲେ ଆମକୁ ସଂକେନ୍ଦ୍ରଣ ଦ୍ୱାରା ଏହାର ଅଭିମୁଖୀ ହୋଇ ରହିବାକୁ ହେବ, ତାହାକୁ ଜାଣିବାର ଏବଂ ଅନୁଭବ କରିବାର ଅଭୀପ୍ସା ରଖିବାକୁ ହେବ, ତାହାର ପ୍ରଭାବକୁ ଗ୍ରହଣ କରି ପାରିବା ଲାଗି ଉନ୍ମୁକ୍ତ ହୋଇ ରହିବାକୁ ପଡ଼ିବ; ଏବଂ ଅତ୍ୟନ୍ତ ଯତ୍ନ ନେବାକୁ ପଡ଼ିବ, ଯେପରିକି ପ୍ରତ୍ୟେକ ଥର ସେଥିରୁ ଏକ ସଂକେତ ଆସି ଉପଲବ୍ଧ ହେବା ମାତ୍ରକେ, ଅତ୍ୟନ୍ତ ବିବେକପୂର୍ଣ୍ଣ ଏବଂ ଆନ୍ତରିକ ଭାବରେ ଆମେ ତାହାର ଅନୁସରଣ ମଧ୍ୟ କରିପାରିବା । ଏକ ବୃହତ୍ ଅଭୀପ୍ସା ନେଇ ଜୀବନ ବଞ୍ଚିବା, ନିଜ ଭିତରେ ସଦାସ୍ଥିର ହୋଇ ରହିବା ଏବଂ ଯଥାସମ୍ଭବ ସେହି ସ୍ଥିତିଟିକୁ ସ୍ଥାୟୀ କରି ରଖିବା ଲାଗି ଯତ୍ନଶୀଳ ହୋଇ ରହିଥିବା, ଆପଣା ସତ୍ତାର ଯାବତୀୟ କ୍ରିୟାଶୀଳତାରେ ଏକ ପୂର୍ଣ୍ଣ ନିଷ୍ଠାଯୁକ୍ତତାର କର୍ଷଣ କରିବାରେ ଲାଗିଥିବା,— ଚୈତ୍ୟ ସତ୍ତାର ଅଭିବୃଦ୍ଧି ଲାଗି ଏହିଗୁଡ଼ିକୁହିଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କେତୋଟି ସର୍ତ୍ତ ବୋଲି କୁହାଯାଇ ପାରିବ ।

*୧୦ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଜଣେ ବ୍ୟକ୍ତି ବାହାରୁ ନିଜ ଭିତରକୁ କିପରି ଭାବରେ ଶକ୍ତି ଆହରଣ କରିଆଣି ପାରିବ ?*

ତୁମେ କିଭଳି ଶକ୍ତିର ଆହରଣ କରିବାକୁ ଇଚ୍ଛା କରୁଛ, ସେକଥା ତାହାରି ଉପରେ ନିର୍ଭର କରେ । କାରଣ, ସତ୍ତାର ପ୍ରତ୍ୟେକ ଅଂଶ ଅନୁରୂପ ଗୋଟିଏ ଗୋଟିଏ ପ୍ରକାରର ଶକ୍ତିକୁ ବହନ କରି ରହିଥାଏ । ଯଦି ଏହା ଏକ ଭୌତିକ ଶକ୍ତି ହୋଇଥାଏ, ତେବେ ଆମେ ପ୍ରଧାନତଃ ଶ୍ୱାସପ୍ରକ୍ରିୟା ଦ୍ୱାରା ତାହାକୁ ଗ୍ରହଣ କରିପାରିବା । ଏବଂ, ଆମର ଯାହାକିଛି କାର୍ଯ୍ୟ ଦ୍ୱାରା ଶ୍ୱାସପ୍ରକ୍ରିୟାର ସାବଲୀଳତା ଓ ଉନ୍ନତିବିଧାନ ସମ୍ଭବ

ହୋଇଥାଏ, ତାହା ଯୁଗପତ୍ ଭାବରେ ଶାରୀରିକ ଶକ୍ତିର ଗ୍ରହଣକ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟାଇଥାଏ ।

ମାତ୍ର, ଏତଦ୍‌ବ୍ୟତୀତ ଆହୁରି ଅନେକ ଅନ୍ୟପ୍ରକାରର ଶକ୍ତିସବୁ ରହିଛନ୍ତି,– ବରଂ ଏପରି କୁହାଯିବ ଯେ, ସେହି **ଗୋଟିଏ** ବିଶ୍ୱମୟ ଶକ୍ତିର ଅନେକ ଅନ୍ୟ ଆକାରମାନ ରହିଛି ।

ଏବଂ, ନିଃଶ୍ୱାସଗ୍ରହଣ, ଧ୍ୟାନ, ଜପ ଓ ସଂକେନ୍ଦ୍ରଣ ପ୍ରଭୃତି ନାନାବିଧ ଯୋଗମାର୍ଗୀୟ ଅଭ୍ୟାସ ଦ୍ୱାରା ଶକ୍ତିର ଏହି ବିବିଧ ଆକାର ସହିତ ଆମେ ସମ୍ପର୍କ ସ୍ଥାପନ କରିପାରିବା ।

*୧୦ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଶକ୍ତିର ଏହି ଅନ୍ୟ ଆକାରଗୁଡ଼ିକ କହିଲେ କ'ଣ ବୁଝାଏ ଏବଂ ଆମର ସାଧନାରେ ସେଗୁଡ଼ିକ ଆମକୁ କିପରି ସାହାଯ୍ୟ କରିପାରିବେ ?*

ସତ୍ତାର ପ୍ରତ୍ୟେକ ଭାଗ ଏବଂ ଆମର ପ୍ରତ୍ୟେକ କ୍ରିୟାଶୀଳତାର ସ୍ୱକୀୟ ଶକ୍ତିମାନ ଅଛନ୍ତି । ଆମେ ସେଗୁଡ଼ିକୁ ସାଧାରଣତଃ ପ୍ରାଣିକ ଶକ୍ତି, ମାନସିକ ଶକ୍ତି ଓ ଆଧ୍ୟାତ୍ମିକ ଶକ୍ତି,– ଏହିପରି କେତେକ ଶ୍ରେଣୀରେ ବିଭକ୍ତ କରିପାରିବା । ଆଧୁନିକ ବିଜ୍ଞାନ ଆମକୁ କହୁଛି ଯେ ଜଡ଼ ତା'ର ଚରମ ସ୍ଥିତିରେ ଘନୀଭୂତ ଶକ୍ତି ବ୍ୟତୀତ ଆଉ କିଛି ନୁହେଁ ।

ଆମର ଯୋଗ ପୂର୍ଣ୍ଣାଙ୍ଗ ଯୋଗ ହୋଇଥିବାରୁ, ଶକ୍ତିର ଏହି ନାନାବିଧ ଆକାର ଅଥବା ପ୍ରକାର ଆମ ଉପଲବ୍ଧି ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।

*୧୨ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*''ମାନସିକ ଆଚ୍ଛାଦନର ଉପରିଭାଗୀୟ ଆକାରଟିର ଏକ ସୂକ୍ଷ୍ମଭୌତିକ ପ୍ରବର୍ଦ୍ଧନ''*ର ଅର୍ଥ କ'ଣ ?*

ଏହାର ଅର୍ଥ ହେଉଛି, ଆମେ ଭୂତ ବୋଲି ଯାହା ଦେଖୁ ଏବଂ ତାହା ସ୍ୱୟଂ ମୃତ ବ୍ୟକ୍ତି ବୋଲି ଯେଉଁ ଭ୍ରମ କରୁ, ସେଇଟି ହେଉଛି ତାହାର କେବଳ ଏକ **ପ୍ରତିରୂପ,** ଉପରିଭାଗୀୟ

* ଶ୍ରୀଅରବିନ୍ଦ, ଦିବ୍ୟଜୀବନ

ମାନସିକ ଆକାରଟି ସୂକ୍ଷ୍ମ ଭୌତିକ ଭୂମିରେ ଅଙ୍କିତ କରି ଯାଇଥିବା ଏକ ମୁଦ୍ରିତ ଛବି (ଫୋଟୋଗ୍ରାଫ୍‌ର ଛବି ପରି) ମାତ୍ର । କେତେକ ପରିସ୍ଥିତିରେ ଏହି ପ୍ରତିରୂପଟି ଦୃଶ୍ୟମାନ ମଧ୍ୟ ହୋଇଥାଏ । ଏହି ପ୍ରତିରୂପଗୁଡ଼ିକ ଗତିଶୀଳ ହୋଇପାରନ୍ତି (ସିନେମାର ପ୍ରତିରୂପଗୁଡ଼ିକ ପରି), ମାତ୍ର ସେମାନଙ୍କର କୌଣସି ବାସ୍ତବ ଅସ୍ତିତ୍ୱ ନ ଥାଏ । ଏହି ପ୍ରତିରୂପଗୁଡ଼ିକୁ ଦେଖୁଥିବା ମନୁଷ୍ୟମାନଙ୍କର ଭୟ ଅଥବା ଭାବାବେଗହିଁ ବେଳେ ବେଳେ ପ୍ରତିରୂପଗୁଡ଼ିକୁ ଏକ ଶକ୍ତି ବା ସକ୍ରିୟତାର ପ୍ରତିଭାସ ଆଣି ଦେଇଥାନ୍ତି, ମାତ୍ର ପତିରୂପଗୁଡ଼ିକ ମଧ୍ୟରେ ସେହି ଶକ୍ତି ବା ସକ୍ରିୟତା ପ୍ରକୃତରେ ନ ଥାଏ । ତେଣୁ, ଏହା ଅତ୍ୟନ୍ତ ଆବଶ୍ୟକ ଯେ, ଆମେ ଏହିସବୁ କ୍ଷେତ୍ରରେ ଆଦୌ ଭୟର ବଶବର୍ତ୍ତୀ ହେବା ନାହିଁ; ସେଗୁଡ଼ିକ ପ୍ରକୃତରେ ଯାହା, ଆମେ ସେଗୁଡ଼ିକୁ ଠିକ୍ ସେହିଭଳିହିଁ ଚିହ୍ନିବା । ସେହି ପ୍ରତିଭାସ ଆମକୁ ବହୁ ଭ୍ରମରେ ପକାଇଥାଏ ।

*୧୪ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ମନକୁ କିପରି ସ୍ଥିର କରିହେବ, କିପରି ସ୍ଥିର ରହିହେବ, ଏବଂ ଯୁଗପତ୍ ଅଭୀପ୍ସା କରିହେବ, ଏକ ପ୍ରଗାଢ଼ତା ଏବଂ ପ୍ରଶସ୍ତୀକରଣ ମଧ୍ୟ ସମ୍ଭବ କରିହେବ ? କାରଣ, ଅଭୀପ୍ସା କରିବା ଆରମ୍ଭ ହେବା ମାତ୍ରକେ, ସେହି ମନହିଁ ତ ଅଭୀପ୍ସା କରି ନ ଥାଏ କି ?*

ନା — ଅଭୀପ୍ସା, ତଥା ପ୍ରଶସ୍ତତା ଏବଂ ପ୍ରଗାଢ଼ତା, ହୃଦୟରୁ, ଆମ ଭାବସଂବେଗର କ୍ଷେତ୍ରରୁ ଆସିଥାଏ; ଚୈତ୍ୟର ଦ୍ୱାରଦେଶରୁ, ଅଥବା ଆହୁରି ଯଥାର୍ଥ ଭାବରେ କହିବାକୁ ଗଲେ, ଚୈତ୍ୟ ଭିତରକୁ ବାଟ ଦେଖାଇ ନେଉଥିବା ଦ୍ୱାରଟିରୁ ଆସିଥାଏ ।

ଉତ୍ସୁକତା ଓ ଆଗ୍ରହ ପ୍ରଦର୍ଶନ କରିବା ହେଉଛି ମନର ସ୍ୱଭାବ । ମନ ଅବଲୋକନ କରେ, ନିରୀକ୍ଷଣ କରେ, ବୁଝିବାକୁ ଓ ବ୍ୟାଖ୍ୟା କରିବାକୁ ଚେଷ୍ଟା କରେ ଏବଂ, ଏହି ଯାବତୀୟ କାର୍ଯ୍ୟକଳାପ ମାଧ୍ୟମରେ ସେ ଆପଣାର ଅନୁଭବଟିକୁ ଚହଲାଇ ଦିଏ ଏବଂ ନିଜର ପ୍ରଗାଢ଼ତା ତଥା ଶକ୍ତିମତ୍ତାକୁ ହ୍ରାସ କରିଦିଏ ।

ଅନ୍ୟ ପକ୍ଷରେ, ମନ ଯେତିକି ଅଧିକ ପରିମାଣରେ ସ୍ଥିର ଓ ନୀରବ ହୋଇ ରହିପାରେ, ଆସ୍ପୃହା ଆପଣାର ସକଳ ଉଦ୍ଦୀପ୍ତତାର ପୂର୍ଣ୍ଣତାକୁ ବହନ କରି ହୃଦୟର ଗଭୀର ତଳଗୁଡ଼ିକରୁ ସେତିକି ଅଧିକ ପରିମାଣରେ ଜାଗୃତ ହୋଇ ଆସିଥାଏ ।

*୧୭ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଅହଂର ଯାବତୀୟ ଇଚ୍ଛାକୁ ଦୂର କରାଯାଇ ପାରିବ କିପରି ?*

ଅହଂର ବିଲୁପ୍ତିସାଧନ କିପରି କରାଯାଇ ପାରିବ,– ତୁମେ ବସ୍ତୁତଃ ସେହି ପ୍ରଶ୍ନଟିକୁ ପଚାରୁଛ । କେବଳ ଯୋଗ ଦ୍ୱାରାହିଁ ତାହା କରିହେବ । ମନୁଷ୍ୟଜାତିର ଆଧ୍ୟାତ୍ମିକ ଇତିହାସରେ ଯୋଗର ଏକାଧିକ ମାର୍ଗର ଉଦ୍ଭବ ହୋଇଛି,– ଆପଣାର ''ଯୋଗ-ସମନ୍ୱୟ'' ଗ୍ରନ୍ଥରେ ଶ୍ରୀଅରବିନ୍ଦ ସେହିଗୁଡ଼ିକର ବର୍ଣ୍ଣନା ଓ ବ୍ୟାଖ୍ୟା କରିଛନ୍ତି ।

ଅହଂର ଇଚ୍ଛାକୁ **ବିଲୁପ୍ତ କରି** ପାରିବାକୁ ଦୀର୍ଘ ସମୟ ଲାଗିଥାଏ; ମାତ୍ର ତା' ପୂର୍ବରୁ ଆମେ ଯଥାସମ୍ଭବ ପ୍ରତ୍ୟେକ ଅବସରରେ ଅହଂର ଇଚ୍ଛାଟିକୁ ଦିବ୍ୟ ପରମେଚ୍ଛା ପାଖରେ ସମର୍ପିତ କରି ଦେବାରୁହିଁ ପ୍ରକ୍ରିୟାଟିର ଆରମ୍ଭ କରିପାରିବା ଏବଂ ପରିଶେଷରେ ତାହାକୁ ସାତତ୍ୟର ସହିତ କରିବାକୁ ମଧ୍ୟ ସମର୍ଥ ହେବା । ଏଭଳି କରିପାରିବାକୁ ହେଲେ, ସର୍ବପ୍ରଥମ ପଦକ୍ଷେପ ରୂପେ ଆମକୁ ବୁଝିବାକୁ ହେବ ଯେ, କେବଳ ଆମର ଆଧ୍ୟାତ୍ମିକ ଅଗ୍ରଗତି ସକାଶେ ନୁହେଁ, ଆମର ଭୌତିକ ଭଲ ଓ କଲ୍ୟାଣ ନିମନ୍ତେ, ଆମ ଶରୀରର ସ୍ୱାସ୍ଥ୍ୟ ନିମନ୍ତେ ଓ ଆମ ସତ୍ତାର ଯାବତୀୟ କ୍ରିୟାଶୀଳତାର ଯଥାର୍ଥ ବାସ୍ତବାୟନ ନିମନ୍ତେ ମଧ୍ୟ ଆମ ଲାଗି କ'ଣ ଉପକାରୀ, ଆବଶ୍ୟକ ଓ ଉପଯୋଗୀ, ସେକଥା ଆମ ନିଜ ଅପେକ୍ଷା ପରମ ଦିବ୍ୟସତ୍ତାହିଁ ଅଧିକ ଭଲ ଭାବରେ ଜାଣିଛନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହାକୁ ଆମ ଅହଂର ମତ ସହିତ କଦାପି ସମତୁଲ କରାଯାଇ ପାରିବ ନାହିଁ । ଅହଂ ଭାବୁଥାଏ ଯେ ଆପଣାର ଆବଶ୍ୟକତାଗୁଡ଼ିକୁ ସେ ସମସ୍ତଙ୍କଠାରୁ ଅଧିକ ଭଲ ଭାବରେ ଜାଣିଛି ଏବଂ ତେଣୁ ଯାବତୀୟ ବିଚାର ଏବଂ ନିର୍ଣ୍ଣୟର କ୍ଷେତ୍ରରେ ସିଏ ସ୍ୱତନ୍ତ୍ର ଓ ମୁକ୍ତ ରହିବା ନିମନ୍ତେ ଦାବି କରୁଥାଏ । ଅହଂ ଏପରି ଭାବେ ଓ ଅନୁଭବ କରେ, କାରଣ ତାହା ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥାଏ । ତେଣୁ, ଆମକୁ ଧୀରେ ଧୀରେ ସେହି ଅହଂର ହୃଦୟଙ୍ଗମ କରାଇବାକୁ ପଡ଼ିବ ଯେ, ତାହାର ଅବବୋଧ ଏବଂ ବୁଝିବାର ଶକ୍ତି ପ୍ରକୃତରେ ଅତ୍ୟନ୍ତ ସୀମିତ ହୋଇ ରହିଛି ଏବଂ ସେହି କାରଣରୁହିଁ ସିଏ ଯଥାର୍ଥରେ ଜାଣିବା ଲାଗି ଆଦୌ ସମର୍ଥ ହୋଇପାରୁ ନାହିଁ । ତାହା କେବଳ ଆପଣାର ଅନ୍ଧ ବାସନାଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ ଯାହାକିଛିର ବିଚାର କରିପାରୁଛି, ସତ୍ୟ ଦ୍ୱାରା ପରିଚାଳିତ ହୋଇ ଆଦୌ କରୁ ନାହିଁ ।

କାରଣ ବାସନାମାନେ କେବେହେଲେ ଆବଶ୍ୟକତାଗୁଡ଼ିକୁ ବ୍ୟକ୍ତ କରନ୍ତି ନାହିଁ, ସେମାନେ ଅଭିରୁଚିଗୁଡ଼ିକୁହିଁ ବ୍ୟକ୍ତ କରିଥାନ୍ତି ।

*୧୯ ସେପ୍ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଦିବ୍ୟ ପରମସତ୍ତା ତାଙ୍କର ପଥଟିକୁ ଏପରି କଷ୍ଟସାଧ କରି ରଖିଛନ୍ତି କାହିଁକି ? ସିଏ ଇଚ୍ଛା କଲେ ତ ଏହାକୁ ଆଉଟିକିଏ ଅଧିକ ସହଜ କରିଦେଇ ପାରନ୍ତେ, ନୁହେଁ କି ?*

ଆମକୁ ସର୍ବପ୍ରଥମେ ଜାଣିବାକୁ ହେବ ଯେ ମନ ଓ ବୁଦ୍ଧି ଦିବ୍ୟ ପରମସତ୍ତାଙ୍କ ବିଷୟରେ ଆଦୌ କିଛିହେଲେ ବୁଝି ପାରିବେ ନାହିଁ; ସେ କ'ଣସବୁ କରୁଛନ୍ତି, **କିପରି** କରୁଛନ୍ତି, ସେଗୁଡ଼ିକୁ ଆଦୌ ବୁଝିପାରିବେ ନାହିଁ । ଏବଂ **କାହିଁକି** କରୁଛନ୍ତି, ସେକଥାକୁ ତ ଆହୁରି କମ୍ ବୁଝିବେ । ଦିବ୍ୟ ପରମସତ୍ତାଙ୍କ ବିଷୟରେ କିଛି ଜାଣିବାକୁ ହେଲେ ଆମକୁ ଆମ ଭାବନାର ଊର୍ଦ୍ଧ୍ୱକୁ ଉଠିଯିବାକୁ ପଡ଼ିବ ଏବଂ ଚୈତ୍ୟ ଚେତନାର ରାଜ୍ୟରେ, ଆତ୍ମାର ଚେତନାରାଜ୍ୟରେ ଅଥବା ଆଧ୍ୟାତ୍ମିକ ଚେତନା ଭିତରକୁ ପ୍ରବେଶ କରିବାକୁ ପଡ଼ିବ ।

ଯେଉଁମାନଙ୍କର ଯଥାର୍ଥ ଅନୁଭୂତି ରହିଛି, ସେମାନେ ସର୍ବଦା ଏକଥା କହିଛନ୍ତି ଯେ, ପଥରେ ଆସି ପହଞ୍ଚୁଥିବା ଯାବତୀୟ ଅସୁବିଧା ଓ କଷ୍ଟଭୋଗଗୁଡ଼ିକ ଆଦୌ ପ୍ରକୃତ ନୁହନ୍ତି; ମନୁଷ୍ୟର ଅଜ୍ଞାନହିଁ ସେଗୁଡ଼ିକର ସୃଷ୍ଟି କରିଥାଏ, ଏବଂ ଏହି ଅଜ୍ଞାନ ଭିତରୁ ବାହାରି ଯାଇପାରିବା ସଙ୍ଗେ ସଙ୍ଗେ ଅସୁବିଧାଗୁଡ଼ିକରୁ ମଧ୍ୟ ବାହାରି ଆସିବା ସମ୍ଭବ ହୁଏ । ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବା ଦ୍ୱାରା ଏକ ଅପରିବର୍ତ୍ତନୀୟ ଆନନ୍ଦମୟତାର ସ୍ଥିତିରେ ବାସ କରିବା ମଧ୍ୟ ସମ୍ଭବ ହୋଇଯାଏ ।

ତେଣୁ, ସେମାନଙ୍କର କହିବା ଅନୁସାରେ, ଏହି ପ୍ରଶ୍ନଟିର ଆଦୌ କୌଣସି ପ୍ରକୃତ ଆଧାର ନାହିଁ ଏବଂ ତେଣୁ ତାହାର ଉତ୍ଥାପନ କରିବା ମଧ୍ୟ ସମୀଚୀନ ହେବ ନାହିଁ ।

*୨୧ ସେପ୍ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆପଣ ଲେଖିଛନ୍ତି ଯେ, ନିଜ ଚୈତ୍ୟସତ୍ତା ସହିତ ସଚେତନ ସମ୍ପର୍କ ସ୍ଥାପନ କରିବାକୁ ହେଲେ ଆମକୁ "ଏହାକୁ ଜାଣିବାର ଓ ଅନୁଭବ କରିବାର ଆସ୍ପୃହା ରଖିବାକୁ ହେବ, ତାହାର ପ୍ରଭାବ ଲାଭ କରିବା ନିମନ୍ତେ ଆପଣାକୁ ଉନ୍ମୁକ୍ତ କରି ରଖିବାକୁ ହେବ ଏବଂ ଅତ୍ୟନ୍ତ ବିବେକସମ୍ପନ୍ନ ଓ ଆନ୍ତରିକତାଯୁକ୍ତ ହୋଇ ... ତାହାର ଅନୁସରଣ କରିବାକୁ ଅତ୍ୟନ୍ତ ଯତ୍ନଶୀଳ ରହିବାକୁ ପଡ଼ିବ ।" ମାତ୍ର, ସ୍ନେହମୟି ମାଆ, ଏହା କିପରି କରିବାକୁ ହେବ, ମୁଁ ସେ ବିଷୟରେ କିଛି ଜାଣେ ନାହିଁ । ଯେତେବେଳେ ମୁଁ ଆପଣଙ୍କୁ ସ୍ମରଣ କରୁଛି, ଆପଣଙ୍କ ସହିତ*

*ସମ୍ପର୍କ ସ୍ଥାପନରେ ପ୍ରବିଷ୍ଟ ହେବାକୁ ଓ ଆପଣଙ୍କ ପାଖରେ ନିଜକୁ ଉନ୍ମୁକ୍ତ କରିଦେବାକୁ ଇଚ୍ଛା କରୁଛି, ସେତେବେଳେ ଏସବୁ ଅଧିକ ସହଜରେ ସମ୍ଭବ ହୋଇପାରୁଛି ।*

ଏଇଟି ମଧ୍ୟ ଗୋଟିଏ ବାଟ, ଏବଂ ନିଃସନ୍ଦେହ ଭାବରେ ଅନ୍ୟଟି ପରି ଏକ ଉତ୍ତମ ବାଟ ।

ଆତ୍ମ-ଉପଲବ୍ଧିର ଅନେକ ବାଟ ରହିଛି, ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସର୍ବାଧିକ ସ୍ୱଭାବସାପେକ୍ଷ ଭାବରେ ତା' ପାଖକୁ ଆସୁଥିବା ବାଟଟିକୁ ବାଛିନେବାକୁ ପଡ଼ିବ ।

ମାତ୍ର, ଯଥାର୍ଥରେ ଫଳପ୍ରଦ ହେବାକୁ ହେଲେ ପ୍ରତ୍ୟେକ ବାଟରେ କେତେକ ଦାବିକୁ ଅବଶ୍ୟ ପୂରଣ କରିବାକୁ ପଡ଼ିବ ।

ମୋତେ ସ୍ମରଣ କଲାବେଳେ ତୁମେ କେବଳ ବାହ୍ୟ ବ୍ୟକ୍ତିଟିକୁ ସ୍ମରଣ କରିବ ନାହିଁ; ମାତ୍ର ସିଏ ଯାହାର ପ୍ରତିନିଧିତ୍ୱ କରୁଛି, ଯାହା ତାହାର ପଶ୍ଚାତରେ ରହିଛି, ତାହାକୁ ସ୍ମରଣ କରିବ । କାରଣ, ତୁମେ ଏହି କଥାଟିକୁ କଦାପି ଭୁଲିଯିବ ନାହିଁ ଯେ ବାହ୍ୟ ବ୍ୟକ୍ତିଟି ହେଉଛି ଏକ ଶାଶ୍ୱତ ପରମସତ୍ୟର କେବଳ ଏକ ଆକୃତି ଏବଂ ଏକ ପ୍ରତୀକ ଏବଂ ଦୃଶ୍ୟମାନ ଜଡ଼ ଆକାରଟିର ମାଧ୍ୟମରେ ତୁମକୁ ସେହି ଉଚ୍ଚତର ପରମସତ୍ୟଟି ଆଡ଼କୁହିଁ ଆପଣାକୁ ମୁହାଁଇ ରଖିବାକୁ ହେବ । ଜଡ଼ସ୍ଥ ସତ୍ତାଟି ଅତିମାନସ ଅଭିବ୍ୟକ୍ତି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ ନ ହୋଇଥିବା ପର୍ଯ୍ୟନ୍ତ ତାହା କଦାପି ଯଥାର୍ଥ ଭାବରେ ଶାଶ୍ୱତ ପରମସତ୍ୟର ପ୍ରତିନିଧିତ୍ୱ କରିପାରିବ ନାହିଁ । ଏବଂ, ସେପର୍ଯ୍ୟନ୍ତ, ତୁମକୁ ଏହି **ମାଧ୍ୟମଟି ଦ୍ୱାରା** ହିଁ ପରମସତ୍ୟର ପରିଚୟ ଲାଭ କରିବାକୁ ହେବ ।

*୨୨ ସେପ୍ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ନିଦ୍ରା ସମୟରେ ମଧ୍ୟ ଆପଣା ଉପରେ ନିୟନ୍ତ୍ରଣ ଅର୍ଜନ କରିପାରିବା ସମ୍ଭବ କି ? ଉଦାହରଣ ସ୍ୱରୂପ, ଯଦି ମୁଁ ଆପଣଙ୍କୁ ମୋ' ସ୍ୱପ୍ନଗୁଡ଼ିକରେ ଦେଖିବାକୁ ଇଚ୍ଛା କରୁଥାଏ, ତେବେ ମୁଁ ଇଚ୍ଛାକଲେ ତାହା କରି ପାରିବି କି ?*

ନିଦ୍ରିତାବସ୍ଥାରେ ନିୟନ୍ତ୍ରଣ ଅର୍ଜନ ସମ୍ପୂର୍ଣ୍ଣ ଭାବରେ ସମ୍ଭବ ଏବଂ, ଯଦି ତୁମେ ନିଜର ପ୍ରୟାସକୁ ଅବ୍ୟାହତ ରଖିପାରିବ, ତେବେ ସେହି ନିୟନ୍ତ୍ରଣ ଉତ୍ତରୋତ୍ତର ଭାବରେ ଅଧିକ ମଧ୍ୟ ହୋଇପାରିବ । ତୁମେ ପ୍ରଥମେ ନିଜ ସ୍ୱପ୍ନଗୁଡ଼ିକୁ ମନେ ପକାଇବାରୁ ଆରମ୍ଭ କରିବ ଏବଂ ତା'ପରେ କ୍ରମଶଃ ନିଜର ନିଦ୍ରିତାବସ୍ଥାରେ ଅଧିକରୁ ଅଧିକ ସଚେତନ ରହିବ ।

ତା' ହେଲେ, ତୁମେ କେବଳ ନିଜର ସ୍ୱପ୍ନଗୁଡ଼ିକ ଉପରେ ଯେ ନିୟନ୍ତ୍ରଣ ଅର୍ଜନ କରିପାରିବ ତା' ନୁହେଁ, ମାତ୍ର ନିଦ୍ରିତାବସ୍ଥାରେ ନିଜର ଯାବତୀୟ କାର୍ଯ୍ୟକଳାପକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ବାଟରେ ପରିଚାଳିତ କରିନେଇ ପାରିବ ଏବଂ ସୁସଂଗଠିତ କରି ରଖିପାରିବ ।

ଯଦି ନିଜର ଇଚ୍ଛାଶକ୍ତି ଏବଂ ଉଦ୍ୟମକୁ ଅବ୍ୟାହତ ରଖିପାରିବ, ତେବେ ରାତ୍ରିରେ ନିଦ୍ରିତାବସ୍ଥାରେ ମୋ'ପାଖକୁ ଆସି ମୋ' ସହିତ ସାକ୍ଷାତ କରି ପାରିବ, ତୁମେ ସେକଥାକୁ ମଧ୍ୟ ଶିକ୍ଷା କରିବ ଏବଂ, ଯାହାସବୁ ଘଟିଲା, ପରେ ସେଗୁଡ଼ିକର ସ୍ମରଣ ମଧ୍ୟ କରିପାରିବ ।

ଏଥିଲାଗି ଦୁଇଟି କଥା ଆବଶ୍ୟକ ଏବଂ ଆସ୍ପୃହା ଦ୍ୱାରା ତଥା ସ୍ଥିର ଓ ଅବିରାମ ପ୍ରୟାସ ଦ୍ୱାରା ତୁମକୁ ତାହାର ବିକାଶ କରି ଆଣିବାକୁ ପଡ଼ିବ ।

(୧) ମୋ'ପାଖକୁ ଆସି ମୋ' ସହିତ ସାକ୍ଷାତ କରିବାର ଇଚ୍ଛା ବିଷୟରେ ଆପଣାର ଭାବନାକୁ ସଂକେନ୍ଦ୍ରିତ କରିବ; ଏବଂ ତା'ପରେ ସେହି ଭାବନାଟିର ଅନୁସରଣ କରୁଥିବ; ପ୍ରଥମେ କଳ୍ପନା କ୍ଷେତ୍ରର ଏକ ପ୍ରୟାସ ଦ୍ୱାରା ଏବଂ ତା'ପରେ ଏକ ସାକାର ଏବଂ ଅଧିକରୁ ଅଧିକ ବାସ୍ତବ ଭାବରେ ଅନୁସରଣ କରିବ । ଏହିପରି ଭାବରେ କ୍ରମେ ତୁମେ ମୋ' ସାନ୍ନିଧ୍ୟକୁ ଆସିଯାଇ ପାରିବ ।

(୨) ଜାଗ୍ରତାବସ୍ଥା ଏବଂ ନିଦ୍ରିତାବସ୍ଥାର ଚେତନା ମଧ୍ୟରେ ତୁମେ ଗୋଟିଏ ପ୍ରକାରେ ସେତୁ ପ୍ରତିଷ୍ଠା କରିବ, ଯେପରିକି, ଯେତେବେଳେ ତୁମେ ନିଦରୁ ଉଠିବ, ସେତେବେଳେ, ଯାହାସବୁ ଘଟିଥିଲା, ସେଗୁଡ଼ିକୁ ସ୍ମରଣ କରିପାରିବ ।

ଏହିପରି ହୋଇପାରେ ଯେ ଏହି ପ୍ରୟାସରେ ତୁମକୁ ସଙ୍ଗେସଙ୍ଗେ ସଫଳତା ମିଳିଯିବ; ମାତ୍ର ଅଧିକାଂଶ ସମୟରେ ଏଥିଲାଗି ଅବଶ୍ୟ କିଛି ସମୟ ଲାଗିବ ଏବଂ ତେଣୁ ତୁମକୁ ପ୍ରୟାସଟିକୁ ଅବ୍ୟାହତ ରଖିବାକୁ ପଡ଼ିବ ।

*୨୫ ସେପ୍‌ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆତ୍ମାର ଭୂମିକା କ'ଣ ?*

ମାତ୍ର ଆତ୍ମା ନ ଥିଲେ ଆମର ତ କୌଣସି ଅସ୍ତିତ୍ୱହିଁ ନ ଥାନ୍ତା !

ଆତ୍ମା ସେହି ଦିବ୍ୟ ପରମସତ୍ତାଙ୍କ ପାଖରୁ ଆସିଥାଏ, ମାତ୍ର ତାଙ୍କଠାରୁ କେବେହେଲେ ଛାଡ଼ିହୋଇ ଯାଇ ନ ଥାଏ । ଏବଂ ଆପଣାକୁ ପ୍ରକଟ କରିବାର ପ୍ରକ୍ରିୟାଟିକୁ ପରିହାର ନ କରି ତାହା ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟକୁହିଁ ଫେରିଯାଏ ।

ଆତ୍ମାକୁ ଆମେ ଦିବ୍ୟ ପରମସତ୍ତାଙ୍କର ଦିବ୍ୟ ରୂପ ବୋଲି କହିପାରିବା, ମାତ୍ର

ସେତେବେଳେ ମଧ୍ୟ ତାହା ଆପଣାର ଦିବ୍ୟତାକୁ ପରିତ୍ୟାଗ କରି ନ ଥାଏ ।

ଆତ୍ମାରେ ବ୍ୟକ୍ତି ଓ ଦିବ୍ୟପରମସତ୍ତା ଶାଶ୍ୱତଭାବେ ଏକ; ତେଣୁ ଆପଣାର ଆତ୍ମାର ଉପଲବ୍ଧି ଦ୍ୱାରାହିଁ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ମଧ୍ୟ ସମ୍ଭବ ହୁଏ । ନିଜ ଆତ୍ମା ସହିତ ଏକାତ୍ମକତା ଅର୍ଜନ କରିବା ଦ୍ୱାରା ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ମଧ୍ୟ ସମ୍ଭବ ହୋଇଯାଏ ।

ତେଣୁ, ଏକଥା ହୁଏତ କୁହାଯାଇ ପାରିବ ଯେ, ମନୁଷ୍ୟକୁ ଏକ ଯଥାର୍ଥ ସତ୍ତାରେ ପରିଣତ କରିବା ହେଉଛି ଆତ୍ମାର ଭୂମିକା ।

*୨୯ ସେପ୍ଟେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଭଲ ଭାଗ୍ୟ ଓ ମନ୍ଦ ଭାଗ୍ୟ ବୋଲି ଆଦୌ କୌଣସି ଜିନିଷ ଅଛି କି; ବା ମଣିଷ ନିଜେହିଁ ତା'ର ଭଲ ବା ମନ୍ଦ ଭାଗ୍ୟର କାରଣ ହୋଇଥାଏ ?*

ଏପରି କିଛି ବସ୍ତୁ ନାହିଁ ଯାହାକୁ କି ଆମେ ପ୍ରକୃତରେ **ଭାଗ୍ୟ** ବୋଲି କହିପାରିବା । ମନୁଷ୍ୟମାନେ ଯାହାକୁ ଭାଗ୍ୟ ବୋଲି କହନ୍ତି, ତାହା ହେଉଛି ଏପରି କେତେକ **କାରଣର ପରିଣାମ**, ଯାହା ବିଷୟରେ କି ସେମାନଙ୍କର କୌଣସି ଜ୍ଞାନ ନ ଥାଏ ।

ଏପରି କୌଣସି ଜିନିଷ ମଧ୍ୟ ନାହିଁ ଯାହାକୁ କି ଅନାପେକ୍ଷିକ ଭାବରେ ଭଲ ବା ମନ୍ଦ ଭାଗ୍ୟ ବୋଲି କୁହାଯିବ । ଜଣେ ମନୁଷ୍ୟର ଜୀବନରେ ପରିସ୍ଥିତିଗୁଡ଼ିକ ଅଧିକ ବା ଅଳ୍ପ ଅନୁକୂଳ ହୋଇ ରହିଥାଏ, ତାହାରି ଅନୁସାରେହିଁ ସେ ସେଗୁଡ଼ିକୁ ଭଲ ବା ମନ୍ଦ ବୋଲି କହିଥାଏ । ଏବଂ, ଏହି ମୂଲ୍ୟାୟନ ବଡ଼ ଉପରଠାଉରିଆ ଓ ଅଜ୍ଞାନପୂର୍ଣ୍ଣ ଭାବରେ ମଧ୍ୟ କରା ଯାଇଥାଏ, କାରଣ, ନିଜ ପାଇଁ ପ୍ରକୃତରେ କ'ଣ ଅନୁକୂଳ ଅଥବା ପ୍ରତିକୂଳ, ତାହା ଜାଣିବା ନିମନ୍ତେ ଆଗରୁ ଜଣେ ବଡ଼ ମନୀଷୀ ହୋଇଥିବା ଆବଶ୍ୟକ ହୁଏ ।

ପୁନଶ୍ଚ, ସେହି ଗୋଟିଏ ଘଟଣା ଜଣେ ବ୍ୟକ୍ତି ପାଇଁ ଅତ୍ୟନ୍ତ ଭଲ ହୋଇପାରେ ଏବଂ ଆଉ ଜଣେ ବ୍ୟକ୍ତି ପାଇଁ ଅତ୍ୟନ୍ତ ଖରାପ ମଧ୍ୟ ହୋଇପାରେ । ଏହିସବୁ ବିଚାର ଓ ମୂଲ୍ୟାୟନ ସମ୍ପୂର୍ଣ୍ଣ ଭାବରେ ମୋହାଚ୍ଛନ୍ନ ହୋଇ ରହିଥାଏ ଏବଂ ବାହାରୁ ଆସୁଥିବା ସଂସ୍ପର୍ଶଗୁଡ଼ିକ ଲାଗି ପ୍ରତ୍ୟେକ ବ୍ୟକ୍ତିର ପ୍ରତିକ୍ରିୟା ଉପରେ ନିର୍ଭର କରୁଥାଏ ।

ପରିଶେଷରେ, ଆମ ଜୀବନର ଯାବତୀୟ ପରିସ୍ଥିତି, ଆମେ ଯେଉଁସବୁ ପରିବେଷ୍ଟନୀରେ ବାସ କରୁଥାଉ ଏବଂ ଲୋକମାନେ ଆମକୁ ଯେଉଁଭଳି ଦୃଷ୍ଟିରେ ଦେଖୁଥାନ୍ତି, ସେହିଗୁଡ଼ିକହିଁ ବାହାରେ ତଥା ଭିତରେ, ଆମେ ଯେପରି ହୋଇ ରହିଛୁ

ବୋଲି ଭାବୁଥାଉ ତାହା ସେହିଗୁଡ଼ିକର ଅଭିବ୍ୟକ୍ତି ଏବଂ ବାହ୍ୟ ପ୍ରକ୍ଷେପଣ ହୋଇ ରହିଥାଏ । ତେଣୁ, ଆମେ ସୁନିଶ୍ଚିତ ଭାବରେ କହିପାରିବା ଯେ, ମାନସିକ, ପ୍ରାଣିକ ତଥା ଶାରୀରିକ ଭୂମିରେ ଅର୍ଥାତ୍ ଆମ ସତ୍ତାର ସକଳ ଅବସ୍ଥାରେ ଆମେ ନିଜ ଭିତରେ ଯାହାକିଛିକୁ ବହନ କରୁଥାଉ, ତାହାହିଁ ଆମର ପରିବେଷ୍ଟନୀ ମଧ୍ୟରେ ଆମ ଜୀବନ ରୂପେ ଉକୁଟି ଉଠିଥାଏ ।

ଏବଂ ଏହି କଥାଟିକୁ ଅତି ସହଜରେ ପରୀକ୍ଷା କରି ଦେଖି ମଧ୍ୟ ହେବ; କାରଣ ଆମେ ଯେଉଁ ଅନୁପାତରେ ଆପଣାର ଉନ୍ନତି ସାଧନ କରୁ ଓ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଉଥାଉ, ଆମର ପରିସ୍ଥିତିଗୁଡ଼ିକ ମଧ୍ୟ ସେହି ଅନୁପାତରେ ଅଧିକ ଉନ୍ନତ ହୋଇ ଯାଉଥାନ୍ତି ।

ଠିକ୍ ସେହିପରି, ଯେଉଁମାନେ ଅପକର୍ଷର ସମ୍ମୁଖୀନ ହୁଅନ୍ତି ଏବଂ ପଛରେ ରହିଯାଆନ୍ତି, ସେମାନଙ୍କ ଜୀବନର ପରିସ୍ଥିତିଗୁଡ଼ିକ ମଧ୍ୟ ଅଧିକ ଖରାପ ହେବାରେ ଲାଗିଥାନ୍ତି ।

*୫ ଅକ୍ଟୋବର ୧୯୫୯*

*ସ୍ନେହମୟି ମାଆ,*

*ପ୍ରଭାତ ସମୟରେ ଆପଣ ବାଲ୍‌କୋନିରେ* * *ଥାଇ ଆମକୁ କ'ଣ ପ୍ରଦାନ କରନ୍ତି ଏବଂ ଆପଣ ଯାହା ପ୍ରଦାନ କରୁଛନ୍ତି, ତାହାକୁ ଗ୍ରହଣ କରିପାରିବା ନିମନ୍ତେ ଆମର ମଧ୍ୟ କ'ଣ କରିବାକୁ ଚେଷ୍ଟା କରିବା ଉଚିତ ?*

ପ୍ରତିଦିନ ସକାଳେ ବାଲ୍‌କୋନିରେ ଠିଆହୋଇ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଏକ ସଚେତନ ସଂସ୍ପର୍ଶର ପ୍ରତିଷ୍ଠା କରିସାରିବା ପରେ ମୁଁ ସର୍ବୋଚ୍ଚ ପରମପ୍ରଭୁଙ୍କ ସହିତ ଆପଣାକୁ ଏକାତ୍ମକ କରି ରଖେ ଏବଂ ନିଜକୁ ତାଙ୍କରି ଭିତରେ ବିଲୀନ କରିଦିଏ । ସେତେବେଳେ ମୋର ଶରୀର ସମ୍ପୂର୍ଣ୍ଣ ଭାବରେ କ୍ରିୟାରହିତ ହୋଇ ଯାଇଥାଏ ଏବଂ କେବଳ ଏକ ସଂଯୋଜକ ମାଧ୍ୟମ ହୋଇ ରହେ, ଯାହାର ମଧ୍ୟଦେଇ ପରମପ୍ରଭୁ ମୁକ୍ତ ଭାବରେ ତାଙ୍କର ଶକ୍ତିଗୁଡ଼ିକୁ ସଞ୍ଚାରିତ କରି ଆଣନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିର ଗ୍ରହଣଶୀଳତା ଅନୁସାରେ ଆପଣାର ପରମ ଆଲୋକ, ପରମ ଚେତନା ଓ ପରମ ଆନନ୍ଦକୁ ଅଜାଡ଼ି ଦେବାରେ ଲାଗିଥାନ୍ତି ।

---

* ଏହି ସମୟରେ ମାଆ ପ୍ରତିଦିନ ସକାଳେ ବାଲ୍‌କୋନିରେ ରାସ୍ତା ଆଡ଼କୁ ମୁହଁ କରି କିଛି ସମୟ ଠିଆହୋଇ ରହୁଥିଲେ ଏବଂ ତଳେ ସମବେତ ସାଧକମାନଙ୍କ ଉପରେ ଦୃଷ୍ଟିପାତ କରୁଥିଲେ ।

ସିଏ ଯାହା ଦେଉଛନ୍ତି, ତାହାକୁ ଗ୍ରହଣ କରିବାର ପ୍ରକୃଷ୍ଟତମ ମାର୍ଗ ହେଉଛି ଯେ, ତୁମେ ବିଶ୍ୱାସ ଓ ଅଭୀପ୍ସା ସହିତ ବାଲ୍‌କୋନି ପାଖକୁ ଆସୁଥିବ, ଏବଂ **ପ୍ରତ୍ୟାଶାର ଏକ ନୀରବ ତଥା କ୍ରିୟାରହିତ ଅବସ୍ଥା ମଧ୍ୟରେ** ଯଥାସମ୍ଭବ **ଅଧିକ ସ୍ଥିର ଏବଂ ନିଶ୍ଚଳ** ହୋଇ ରହି ପାରୁଥିବ । ଯଦି କାହାର ନିର୍ଦ୍ଦିଷ୍ଟ ଭାବରେ କିଛି ମାଗିବାର ଥିବ, ତେବେ ତାହାକୁ **ଆଗରୁ** ମାଗି ସାରିଥିବାହିଁ ଅଧିକ ଭଲ ହେବ । ମୁଁ ସେଠାରେ ଉପସ୍ଥିତ ଥିବାବେଳେ ଆଦୌ ମାଗିବ ନାହିଁ, କାରଣ ସେତେବେଳେ ଯେକୌଣସି କ୍ରିୟାଶୀଳତାହିଁ ଗ୍ରହଣଶୀଳତାକୁ ହ୍ରାସ କରିଦିଏ ।

*୧୨ ଅକ୍ଟୋବର ୧୯୫୯*

*ସ୍ନେହମୟି ମାଆ,*

*''ଶାରୀର ଚେତନାର ନୀରବତା''* କହିବା ଦ୍ୱାରା ପ୍ରକୃତରେ କ'ଣ ବୁଝାଉଛି ଓ ଆମେ କିପରି ଏହି ନୀରବତା ମଧ୍ୟରେ ଅବସ୍ଥାନ କରିପାରିବା ?*

ଶାରୀର ଚେତନା କେବଳ ଆମ ଶରୀରର ଚେତନା ନୁହେଁ; ଆମର ଚାରିପାଖରେ ଆମକୁ ଯାହାକିଛି ଘେରି ରହିଛି, ଆମର ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଆମେ ଯାହାକିଛିର ଅବବୋଧ କରିପାରୁଛୁ, ସେହି ସବୁକିଛି ମଧ୍ୟ । ଏହି ଚେତନା ହେଉଛି ଗୋଟିଏ ଯନ୍ତ୍ର ପରି, ଯାହାକି ସବୁକିଛିକୁ ଲିପିବଦ୍ଧ କରି ରଖେ ଓ ସବୁକିଛିକୁ ପ୍ରସାରିତ କରିଦେବାରେ ଲାଗିଥାଏ; ବାହାରୁ ଆସୁଥିବା ଯାବତୀୟ ସଂସ୍ପର୍ଶ ଓ ଆଘାତ ଲାଗି ଯାହା ଉନ୍ମୁକ୍ତ ହୋଇ ରହିଥାଏ ଏବଂ ଯାହା ସେଗୁଡ଼ିକୁ ସୁଖ ଓ ଦୁଃଖ ଆକାରରେ ଆପଣାର ପ୍ରତିକ୍ରିୟା ବ୍ୟକ୍ତ କରିବାରେ ଲାଗିଥାଏ । ସେହି ପ୍ରତିକ୍ରିୟାଗୁଡ଼ିକ ତାକୁ ଆକର୍ଷିତ ଓ ବିକର୍ଷିତ କରିବାରେ ଲାଗିଥାନ୍ତି । ଏହାରି ଫଳରେ ଆମ ବାହ୍ୟ ସତ୍ତାରେ ସତତ ନାନା କ୍ରିୟାଶୀଳତା ଏବଂ କୋଳାହଳ ଲାଗି ରହିଥାଏ । ଏହି କ୍ରିୟାଶୀଳତା ଓ କୋଳାହଳଗୁଡ଼ିକ ବିଷୟରେ ଆମେ କେବଳ ଆଂଶିକ ଭାବରେହିଁ ସଜ୍ଞାନ ଥାଉ, କାରଣ ସେଗୁଡ଼ିକ ବିଷୟରେ ଆମେ ଅତ୍ୟନ୍ତ ଅଭ୍ୟସ୍ତ ହୋଇ ଯାଇଥାଉ ।

ମାତ୍ର ଯଦି ଧ୍ୟାନ ଅଥବା ସଂକେନ୍ଦ୍ରଣ ଦ୍ୱାରା ଆମେ ଅନ୍ତର ଭିତରକୁ ଅଥବା ଊର୍ଦ୍ଧ୍ୱଦିଗକୁ ଆପଣାକୁ ମୁହାଁଇନେଇ ପାରିବା, ତେବେ ସ୍ଥିରତା, ନିଶ୍ଚଳତା, ଶାନ୍ତି ଏବଂ ପରିଶେଷରେ ନୀରବତାକୁ ଊର୍ଦ୍ଧ୍ୱରୁ ଆମ ଭିତରକୁ ଅବତୀର୍ଣ୍ଣ କରାଇ ଆଣିପାରିବା ଅଥବା ସେଗୁଡ଼ିକୁ ଆମ ଗଭୀର ତଳଗୁଡ଼ିକରୁ ଜାଗ୍ରତ କରାଇ ପାରିବା । ଏହି ନୀରବତା ହେଉଛି

* ଶ୍ରୀଅରବିନ୍ଦ, ଦିବ୍ୟଜୀବନ ।

ଏକ ମୂର୍ତ୍ତ ସକାରାତ୍ମକ ନୀରବତା (ତାହା କେବଳ କୋଳାହଳଶୂନ୍ୟତା ରୂପକ ନକାରାତ୍ମକ ନୀରବତା ନୁହେଁ) । ସେହି ନୀରବତା ଆମ ଭିତରେ ଥିବା ପର୍ଯ୍ୟନ୍ତ ଅତ୍ୟନ୍ତ ଅପରିବର୍ତ୍ତନୀୟ ଥାଏ, ଏକ ପ୍ରବଳ ଝଡ଼ ଅଥବା ଯୁଦ୍ଧଭୂମିର ବାହ୍ୟ କୋଳାହଳ ଭିତରେ ମଧ୍ୟ ସେହି ନୀରବତାକୁ ଅନୁଭବ କରିହୁଏ । ଏହି ନୀରବତା ହେଉଛି ଶାନ୍ତିର ସମବାଚୀ ଏବଂ ଏହା ସର୍ବଶକ୍ତିଶାଳୀ; ଅନ୍ତର୍ଗତ ଯାବତୀୟ ଅତିକ୍ରିୟାଶୀଳତା ଏବଂ କୋଳାହଳରୁ ସମ୍ଭୂତ ହେଉଥିବା ଯେଉଁ କ୍ଳାନ୍ତି, ଉତ୍ତେଜନା ଓ ଅବସନ୍ନତାକୁ ଆମେ ସାଧାରଣତଃ ଆଦୌ ନିୟନ୍ତ୍ରଣରେ ରଖିପାରୁ ନାହିଁ ଏବଂ ଯାହା ଦିନରାତି ଆମକୁ ଜାବୁଡ଼ି ରହିଥାଏ, ଏହି ନୀରବତାହିଁ ତାହାର ଏକ ସମ୍ପୂର୍ଣ୍ଣ ଏବଂ ଅମୋଘ ଔଷଧରୂପେ କାର୍ଯ୍ୟ କରିଥାଏ ।

ତେଣୁ, ଯୋଗସାଧନାର ଅଭିଳାଷ ଜନ୍ମିଲେ ଆମର ସର୍ବପ୍ରଥମ ଆବଶ୍ୟକତା ରୂପେ ଆମକୁ ସେହି ସ୍ଥିରତା, ଶାନ୍ତି ଏବଂ ନୀରବତାକୁ ଊର୍ଦ୍ଧ୍ୱରୁ ଅବତୀର୍ଣ୍ଣ କରାଇ ଆଣି ନିଜ ଭିତରେ ପ୍ରତିଷ୍ଠା କରିବାକୁ ହୋଇଥାଏ ।

*୧୫ ଅକ୍ଟୋବର ୧୯୫୯*

*ସ୍ନେହମୟି ମାଆ,*

*ଜଣେ କେହି ବାଦ୍ୟଯନ୍ତ୍ରରେ କୌଣସି ସାଙ୍ଗୀତିକ ରଚନାଟିଏ ବଜାଉଥିବା ବେଳେ ଆମେ କିପରି ସେହି ସଂଗୀତର ଅନୁଭବଗୁଡ଼ିକ ମଧ୍ୟରେ ପ୍ରବେଶ କରି* ପାରିବା ?

ଅନ୍ୟଜଣେ ବ୍ୟକ୍ତିର ଭାବସଂବେଗରେ ଆମେ ଯେପରି ଭାଗୀ ହୋଇ ପାରୁଛୁଁ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହେବ – ଆମେ ସହାନୁଭବ ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା କରିପାରିବା, ଅଳ୍ପବହୁତ ଗଭୀର ହୋଇ ରହିଥିବା ଘନିଷ୍ଠ ସମ୍ବନ୍ଧ ସ୍ଥାପନ ଦ୍ୱାରା ଅଥବା, ସଂକେନ୍ଦ୍ରଣର ଏକ ପ୍ରୟାସ ଦ୍ୱାରା ବି ତାହା କରିପାରିବା, ଯାହା ଆମକୁ ପରିଶେଷରେ ଏକାତ୍ମକତାରେ ନେଇ ପହଞ୍ଚାଇ ଦେଇ ପାରିବ । ଏକ ପ୍ରଗାଢ଼ ଏବଂ ସଂକେନ୍ଦ୍ରିତ ମନୋନିବେଶ ଦ୍ୱାରା ସଂଗୀତଟିଏ ଶୁଣୁଥିବା ସମୟରେ ଆମେ ଏହି ଏକାତ୍ମକ ହେବାର ମାର୍ଗଟିକୁ ଅବଲମ୍ବନ କରିଥାଉ; ସେତେବେଳେ ଆମ ମୁଣ୍ଡ ଭିତରେ ଆମେ ଅନ୍ୟ ସକଳ କୋଳାହଳକୁ ବନ୍ଦ କରିଦେଇଥାଉ ଏବଂ ଏପରି ଏକ ପରିପୂର୍ଣ୍ଣ ନୀରବତା ଭିତରେ ରହିଥାଉ ଯାହା ଭିତରକୁ କି ସତେଅବା ବିନ୍ଦୁ ବିନ୍ଦୁ ହୋଇ ସଂଗୀତର ସ୍ୱରଗୁଡ଼ିକ ଝରି ପଡ଼ିବାରେ ଲାଗିଥାଏ; ଆମେ ସେହି ସଂଗୀତର ଧ୍ୱନିଟିକୁହିଁ ଶୁଣୁଥାଉ ଏବଂ ସେହି ଧ୍ୱନିଟି ଦ୍ୱାରା ଆମେ ଯାବତୀୟ ଭାବାନୁବେଗ ଓ ଭାବଗତ ଯାବତୀୟ ଗତିଶୀଳତାକୁ

ଛୁଇଁ ପାରୁଥାଉ, ଅନୁଭବ କରୁଥାଉ; ଯେପରିକି ତାହା ଆମ ନିଜ ଭିତରେ ଧ୍ୱନିତ ହେବାରେ ଲାଗିଛି, ଏବଂ ତାହାକୁ ଆଉଥରେ ଆହରଣ କରି ନେଉଥାଉ ।

*୨୦ ଅକ୍ଟୋବର ୧୯୫୯*

*ସ୍ନେହମୟି ମାଆ,*

*ସ୍ୱପ୍ନରେ ଭଲ ଓ ମନ୍ଦ ଭିତରେ ଫରକ ଦେଖିହେବ କିପରି ?*

ସିଦ୍ଧାନ୍ତ ଅନୁସାରେ ସ୍ତରରେ, ଆମ ଜୀବନର ଜାଗୃତ ଅବସ୍ଥାର କ୍ରିୟାକଳାପଗୁଡ଼ିକର ବିଚାର କରି ପାରିବା ଲାଗି ବିବେଚନାର ଯେଉଁ ସାମର୍ଥ୍ୟର ପ୍ରୟୋଜନ ହୋଇଥାଏ, ନିଦ୍ରାକାଳୀନ ଯାବତୀୟ କ୍ରିୟାଶୀଳତାର ବିଚାର ଲାଗି ମଧ୍ୟ ସେହି ସାମର୍ଥ୍ୟ ଆବଶ୍ୟକ ହୁଏ ।

ମାତ୍ର, ''ସ୍ୱପ୍ନ'' କହିଲେ ଯେହେତୁ ଆମେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ହୋଇ ରହିଥିବା ବହୁସଂଖ୍ୟକ କ୍ରିୟାଶୀଳତାକୁ ବୁଝିଥାଉ, ଆମର ସର୍ବପ୍ରଥମ ପଦକ୍ଷେପ ରୂପେ ଆମେ ଏହିସବୁ ବିଭିନ୍ନ କ୍ରିୟାଶୀଳତା ମଧ୍ୟରେ ରହିଥିବା ପ୍ରଭେଦଗୁଡ଼ିକୁ ଜାଣି ଶିଖିବା, ଅର୍ଥାତ୍ ଆମ ସତ୍ତାର କେଉଁ ଅଂଶଟି ପ୍ରକୃତରେ ଏହି ସ୍ୱପ୍ନଗୁଡ଼ିକୁ ''ଦେଖୁଛି'', କେଉଁ ସ୍ତରରେ ଅବସ୍ଥିତ ରହି ଜଣେ ବ୍ୟକ୍ତି ସ୍ୱପ୍ନ ''ଦେଖୁଛି'' ଏବଂ ସେହି କ୍ରିୟାଶୀଳତାଟି ପ୍ରକୃତରେ କିଭଳି ସ୍ୱଭାବର ହୋଇ ରହିଛି । ନିଦ୍ରାକାଳୀନ ଯାବତୀୟ କ୍ରିୟାଶୀଳତା ବିଷୟରେ ଶ୍ରୀଅରବିନ୍ଦ ଅତ୍ୟନ୍ତ ସମ୍ପୂର୍ଣ୍ଣ ଏବଂ ବିସ୍ତାରିତ ଭାବରେ ନାନା ବର୍ଣ୍ଣନା ଓ ବ୍ୟାଖ୍ୟା ଦେଇଛନ୍ତି । ସେହି ପତ୍ରଗୁଡ଼ିକୁ ପଢ଼ିଲେ ଏହି ବିଷୟରେ ଏବଂ ଏଗୁଡ଼ିକୁ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ବିଷୟରେ ଅଧ୍ୟୟନ କରିବା ଲାଗି ଆମକୁ ଏକ ଉତ୍ତମ ଉପକ୍ରମଣିକା ମିଳିଯାଇ ପାରିବ ।

*୨ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆମେ ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ଲିଖିତ ଗ୍ରନ୍ଥଗୁଡ଼ିକୁ କିପରି ପଢ଼ିବୁ, ଯେପରିକି ସେଗୁଡ଼ିକୁ କେବଳ ମନ ଦ୍ୱାରା ନ ବୁଝି ଆମେ ଆମ ଚେତନା ଭିତରେ ମଧ୍ୟ ସେଗୁଡ଼ିକର ପ୍ରବେଶ ଘଟାଇ ପାରିବୁ ?*

ମୁଁ ଲେଖିଥିବା ପୁସ୍ତକଗୁଡ଼ିକୁ ପଢ଼ିବା ଆଦୌ କଷ୍ଟ ହେବ ନାହିଁ, କାରଣ ସେଗୁଡ଼ିକ

ସରଳତମ ଭାଷାରେ ଲିଖିତ, ପ୍ରାୟ କଥିତ ଭାଷାରେହିଁ ଲେଖା ହୋଇଛି । ସେଗୁଡ଼ିକରୁ ସାହାଯ୍ୟ ଲାଭ କରିବାକୁ ହେଲେ, କିଞ୍ଚିତ୍ ମନୋଯୋଗ ଓ ଅଭିନିବେଶ ସହିତ ଏବଂ ଅନ୍ତର୍ଗତ ସଦିଚ୍ଛାର ଏକ ଦୃଷ୍ଟି ସହିତ ତଥା, ଯାହାକିଛି ଲେଖାଯାଇଛି, ତାହାକୁ ଗ୍ରହଣ କରିବା ଓ ତହିଁରେ ଜୀବନ ବଞ୍ଚିବାର ଅଭିଳାଷ ନେଇ ପଢ଼ିବାହିଁ ଅବଶ୍ୟ ଯଥେଷ୍ଟ ହେବ ।

ଶ୍ରୀଅରବିନ୍ଦଙ୍କର ଲେଖାଗୁଡ଼ିକୁ ପଢ଼ିବା ଅପେକ୍ଷାକୃତ ଅଧିକ କଷ୍ଟକର, କାରଣ ସେଥିରେ ଅତ୍ୟନ୍ତ ବୁଦ୍ଧିଶାଣିତ ଭାବରେ ସବୁକଥା ବ୍ୟକ୍ତ କରାଯାଇଛି ଏବଂ ଅନେକ ଅଧିକ ସାହିତ୍ୟିକ ଓ ଦାର୍ଶନିକ ଭାଷାର ବ୍ୟବହାର କରାଯାଇଛି । ସେଗୁଡ଼ିକୁ ପ୍ରକୃତରେ ବୁଝିପାରିବାକୁ ହେଲେ ମସ୍ତିଷ୍କର ଏକ ପ୍ରସ୍ତୁତି ରହିଥିବା ଆବଶ୍ୟକ ଏବଂ ସାଧାରଣତଃ ସେହି ପ୍ରସ୍ତୁତି ଲାଗି ସମୟ ମଧ ଲାଗିବ । ଅବଶ୍ୟ ଜଣେ ବ୍ୟକ୍ତି ଭିତରେ ଯଦି ସହଜାତ ଭାବରେ ଏକ ଅନ୍ତର୍ବୋଧସମର୍ଥ ପ୍ରତିଭା ରହିଥାଏ, ତେବେ ତାହା ନିଶ୍ଚୟ ଭିନ୍ନ କଥା ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଥରକେ କିଞ୍ଚିତ୍ ଅଂଶ ପାଠକରିବା ଲାଗି ମୁଁ ସର୍ବଦା ପରାମର୍ଶ ଦେଇଥାଏ; ନିଜର ମନକୁ ଯଥାସମ୍ଭବ ସ୍ଥିର ରଖିବ, ବୁଝିବା ଲାଗି କୌଣସି କ୍ଲାନ୍ତିକର କସରତ କରିବ ନାହିଁ, ମାତ୍ର ନିଜର ମୁଣ୍ଡଟିକୁ ଯଥାସମ୍ଭବ ଅଧିକ ନୀରବ ରଖିଥିବ ଏବଂ ଯାହା ପାଠ କରୁଥିବ, ସେଥିରେ ରହିଥିବା **ଶକ୍ତିକୁ** ତୁମ **ଭିତରେ ଅନେକ ଗଭୀରକୁ ପ୍ରବେଶ କରିବା ଲାଗି** ବାଟ ଛାଡ଼ି ଦେଉଥିବ । ସ୍ଥିରତା ଏବଂ ନୀରବତା ସହିତ ଗ୍ରହଣ କରି ପାରିଲେ, ଏହି ଶକ୍ତିଟି ଆଲୋକନର ଆପଣା କାର୍ଯ୍ୟଟିକୁ ଅବଶ୍ୟ କରିବ ଏବଂ ଆବଶ୍ୟକ ହେଲେ ମସ୍ତିଷ୍କ ଭିତରେ ବୁଝିବା ସକାଶେ ଆବଶ୍ୟକ ହେଉଥିବା କୋଷଗୁଡ଼ିକୁ ତିଆରି କରିନେବ । ଏହିପରି ଭାବରେ, କେତେ ମାସ ପରେ ଯଦି ତୁମେ ପୁନର୍ବାର ସେହି ବିଷୟଟିକୁ ପଢ଼ିବ, ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ, ସେଥିରେ ବ୍ୟକ୍ତ କରା ଯାଇଥିବା ବିଚାରଗୁଡ଼ିକ ଅନେକ ସ୍ପଷ୍ଟତର ହୋଇଯାଇଛି, ଅନେକ ନିକଟ ହୋଇଯାଇଛି ଏବଂ ଏପରିକି ବେଳେବେଳେ ସମ୍ପୂର୍ଣ୍ଣ ପରିଚିତ ବୋଲି ମନେହେଉଛି ।

ଅଧିକ ଉଚିତ ହେବ, ଯଦି ତୁମେ ନିୟମିତ ପଢ଼ିବ, ପ୍ରତିଦିନ ଅଳ୍ପ ଅଳ୍ପ ପଢ଼ିବ । ଯଦି ସମ୍ଭବ ହୁଏ, ତେବେ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ପଢ଼ିବ । ଏହା ତୁମ ମସ୍ତିଷ୍କର ଗ୍ରହଣଶୀଳତାକୁ ସହଜ କରିଦେବ ।

*୨ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆପଣଙ୍କର ଭିନ୍ନ ଭିନ୍ନ ଫଟୋଚିତ୍ର ଆଗରେ ବସି କରାଯାଉଥିବା ଧ୍ୟାନରୁ ବିଭିନ୍ନ ପ୍ରକାରର ଅନୁଭବ ମିଳିଥାଏ କାହିଁକି ?*

ଏହାର କାରଣ ହେଉଛି ଯେ ପ୍ରତ୍ୟେକ ଫଟୋଚିତ୍ର ମୋ' ସତ୍ତାର ଏକ ଭିନ୍ନ ବିଭାବ, ଅନେକ ସମୟରେ ଏପରିକି ଏକ ଭିନ୍ନ ବ୍ୟକ୍ତିତ୍ୱର ଅବତାରଣା କରିଥାଏ; ଏବଂ, ଏକ ଫଟୋଚିତ୍ର ପାଖରେ ନିଜକୁ ସଂକେନ୍ଦ୍ରିତ କରିରଖିବା ଦ୍ୱାରା ତୁମେ ଫଟୋଚିତ୍ରଟି ବହନ କରୁଥିବା ଓ ତାହାର ପ୍ରତିରୂପଟିକୁ ବ୍ୟକ୍ତ କରୁଥିବା ବିଶେଷ ବିଭାବ ଅଥବା ଭିନ୍ନ ବ୍ୟକ୍ତିତ୍ୱଟି ସହିତହିଁ ସମ୍ବନ୍ଧ ସ୍ଥାପନ କରିଥାଅ ।

ଫଟୋଚିତ୍ର ହେଉଛି ଏକ ପ୍ରକୃତ ଏବଂ ସାକାର ଉପସ୍ଥିତି, ମାତ୍ର ଏକ ଆଂଶିକ ଏବଂ ସୀମିତ ଉପସ୍ଥିତି ।

*୪ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଆପଣ ଫଟୋଚିତ୍ରକୁ କାହିଁକି ଏକ ଆଂଶିକ ଏବଂ ସୀମିତ ଉପସ୍ଥିତି ବୋଲି କହୁଛନ୍ତି ?*

କାରଣ, ଫଟୋଚିତ୍ରରେ କେବଳ ଏକ ମୁହୂର୍ତ୍ତର ପ୍ରତିରୂପହିଁ ଅଭିବ୍ୟକ୍ତି ଲାଭ କରିଥାଏ, ତାହା ଜଣେ ବ୍ୟକ୍ତିର ଚେହେରାର କେବଳ ଗୋଟିଏ ଝଲକକୁ ବହନ କରୁଥାଏ; ସେହି ଚେହେରାଟି ଏକ କ୍ଷଣିକ ମାନସିକ ଅବସ୍ଥା ଏବଂ ଆଂଶିକ ଆନ୍ତରାବସ୍ଥାର ଯେତିକି ଅଂଶକୁ ପ୍ରକଟ କରୁଥାଏ, କେବଳ ତାହାକୁହିଁ ବ୍ୟକ୍ତ କରି ପାରୁଥାଏ । ଏପରିକି, ବିଶେଷ ଓ ନିର୍ଦ୍ଦିଷ୍ଟ ଭାବରେ ଏକ ଅଭିବ୍ୟକ୍ତିସମ୍ପନ୍ନ ମୁହୂର୍ତ୍ତରେ ସର୍ବୋତ୍ତମ ସ୍ଥିତିରେ କୌଣସି ଫଟୋଚିତ୍ର ଗ୍ରହଣ କରାଯାଇଥିଲେ ମଧ୍ୟ ତାହା କଦାପି ସମଗ୍ର ବ୍ୟକ୍ତିତ୍ୱଟିକୁ ବ୍ୟକ୍ତ କରିପାରେ ନାହିଁ ।

*୫ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଅବଚେତନ ଓ ଅଚେତନ କହିଲେ ପ୍ରକୃତରେ କ'ଣ ବୁଝାଏ ?*

ଅଚେତନ ଆମ ପ୍ରକୃତିର ସେହି ଅଂଶକୁ ବୁଝାଏ, ଯାହାକି ଏତେ ଅଧିକ ପରିମାଣରେ ଅସ୍ପଷ୍ଟ ଏବଂ ସୁପ୍ତ ଅବସ୍ଥାରେ ରହିଥାଏ ଯେ, ସେଥିରେ ସତେଅବା ଆଦୌ ଚେତନା ରହି ନ ଥିବା ପରି ପ୍ରତୀତ ହେଉଥାଏ । ସେକଥା ଯାହାହୋଇଥାଉ ପଛକେ, ପଥର ଭିତରେ ଓ ଧାତୁଗୁଡ଼ିକର ରାଜ୍ୟରେ ବିଦ୍ୟମାନ ଚେତନା ସମ୍ପୂର୍ଣ୍ଣ ଭାବରେ ଅକ୍ରିୟ ଏବଂ ପ୍ରଚ୍ଛନ୍ନ ହୋଇ ରହିଥାଏ । ଏହି ଅଚେତନାରୁହିଁ ପୃଥିବୀ-ଇତିହାସର ଆରମ୍ଭ ହୋଇଛି ।

ଆମ ଭିତରେ, ଆମ ଶରୀରର ଉପାଦାନରେ ମଧ୍ୟ ଆମେ ଏହି ଅଚେତନାକୁ ବହନ କରୁଛୁ; କାରଣ, ଆମ ଶରୀରର ଉପାଦାନ ଯାହା, ଏହି ଜଡ଼ ଜଗତର ଉପାଦାନ ମଧ୍ୟ ଠିକ୍ ସେଇଆ ।

ମାତ୍ର ବିବର୍ତ୍ତନର ପ୍ରକ୍ରିୟା ଦ୍ୱାରା ଏହି ସୁପ୍ତ ଓ ପ୍ରଚ୍ଛନ୍ନ ଚେତନାଟି କ୍ରମେ ଉଦ୍ଭିଦ ଏବଂ ପ୍ରାଣୀର ରାଜ୍ୟ ମଧ୍ୟ ଦେଇ ଜାଗ୍ରତ ହୁଏ ଏବଂ ସେଗୁଡ଼ିକ ମଧ୍ୟରେ ଅବଚେତନର ଆରମ୍ଭ ହୋଇଯାଏ । ଏବଂ, ମନୁଷ୍ୟ ମଧ୍ୟରେ ମନର ଆବିର୍ଭାବ ହେବା ସଙ୍ଗେସଙ୍ଗେ ଏହି ଅବଚେତନା ଚେତନାରେ ପରିଣତ ହୁଏ । ଏହି ଚେତନା ମଧ୍ୟ କ୍ରମବର୍ଦ୍ଧନଶୀଳ, ଏବଂ ମନୁଷ୍ୟ ବିବର୍ତ୍ତିତ ହେଉଥିବାର ଅନୁପାତରେ ଏହା ମଧ୍ୟ ଦିନେ ଅତିଚେତନାର ସ୍ତରକୁ ବିବର୍ତ୍ତିତ ହୋଇଯିବ ।

ତେଣୁ ଆମେ ମଧ୍ୟ ନିଜ ଭିତରେ ଏହି ଅବଚେତନକୁ ବହନ କରି ରହିଛୁ ଯାହାକି ଆମକୁ ଇତର ପ୍ରାଣୀ ସହିତ ଖିଅ ଲଗାଇ ରଖିଛି ଏବଂ ଅପର ଦିଗରେ ଆମେ ଆମର ଭବିଷ୍ୟତ ଉପଲବ୍ଧିର ଆଶା ଏବଂ ପ୍ରତିଶ୍ରୁତି ସ୍ୱରୂପ ହୋଇ ରହିଥିବା ଅତିଚେତନ ସହିତ ଯୋଡ଼ି ହୋଇ ରହିଛୁ ।

*୭ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*କ୍ରୀଡ଼ାପ୍ରାଙ୍ଗଣରେ ଆପଣଙ୍କର ସଂଗୀତ ସହିତ ଧ୍ୟାନସ୍ଥ ହୋଇ ରହିଥିବା ସମୟରେ ଆମର କ'ଣ କରିବା ଉଚିତ ?*

କେତେକ ନିର୍ଦ୍ଦିଷ୍ଟ ଗଭୀର ଭାବାନୁଭୂତିକୁ ଜାଗ୍ରତ କରି ଆଣିବା ହେଉଛି ଏହି ସଂଗୀତର ଉଦ୍ଦେଶ୍ୟ ।

ଏହି ସଂଗୀତକୁ ଶୁଣୁଥିବା ସମୟରେ, ତୁମେ ଆପଣାକୁ ଯଥାସମ୍ଭବ ଅଧିକ ନୀରବ ଓ କ୍ରିୟାମୁକ୍ତ କରି ରଖିବ । ଏବଂ, ମାନସିକ ଭୂମିର ସେହି ନୀରବତା ମଧ୍ୟରେ ଯଦି ତୁମ ସତ୍ତାର ଗୋଟିଏ ଅଂଶ ସକଳ ପ୍ରତିକ୍ରିୟା ଅଥବା ଅଂଶଗ୍ରହଣରୁ ମୁକ୍ତ ରହି କେବଳ ଅବଲୋକନହିଁ କରୁଥିବା ସାକ୍ଷୀର ଦୃଷ୍ଟିକୋଣଟିକୁ ଗ୍ରହଣ କରିପାରେ, ତେବେ ତୁମେ ତୁମର ଭାବାବେଗ ଏବଂ ଅନୁଭୂତିର ସ୍ତରରେ ସେହି ସଂଗୀତ ଦ୍ୱାରା ସମ୍ଭୂତ ହେଉଥିବା ପ୍ରଭାବଟିକୁ ମଧ୍ୟ ହୃଦୟଙ୍ଗମ କରିପାରିବ । ଏବଂ, ଯଦି ତଦ୍ଦ୍ୱାରା ଏକ ଗଭୀର ସ୍ଥିରାବସ୍ଥା ତଥା ଅର୍ଦ୍ଧସମାଧିର ଅବସ୍ଥାଟିଏ ଉତ୍ପନ୍ନ ହୋଇ ପାରିବ, ତାହା ଅତ୍ୟନ୍ତ ଉତ୍ତମ କଥା ହେବ ।

*୧୫ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*'ଅଧିମାନସ'ର* କାର୍ଯ୍ୟ କ'ଣ ?*

ଅଧିମାନସ ହେଉଛି ଦେବତାମାନଙ୍କର ଭୂମି, ଦିବ୍ୟ ଉତ୍ପତ୍ତିବିଶିଷ୍ଟ ସତ୍ତାମାନଙ୍କର ଭୂମି, ଯେଉଁମାନଙ୍କ ଉପରେ ବିଶ୍ୱବିବର୍ତ୍ତନର ଅଧୀକ୍ଷଣ, ନିର୍ଦ୍ଦେଶନା ଏବଂ ସଂଗଠନର ଦାୟିତ୍ୱଗୁଡ଼ିକ ନ୍ୟସ୍ତ ହୋଇ ରହିଛି । ଏବଂ, ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ପୃଥିବୀ ଆକୃତି ଲାଭ କରିବା ଦିନଠାରୁ ପୃଥିବୀକୁ ଉଚ୍ଚତର ଭୂମିର ସହାୟତା ଆଣି ଦେବାକୁ ଏବଂ ମନ ଓ ତାହାର ଉତ୍ତରୋତ୍ତର ଆରୋହଣ-ସୋପାନଗୁଡ଼ିକର ସଂରଚନା ସମ୍ଭବ କରିବାକୁ ସେମାନେ ବାର୍ତ୍ତାବହ ଓ ମଧ୍ୟବର୍ତ୍ତୀ ନିମିତ୍ତ ରୂପେ କାର୍ଯ୍ୟ କରି ଆସିଛନ୍ତି । ସାଧାରଣତଃ ଅଧିମାନସ ସ୍ତରର ଏହି ଦେବତାମାନଙ୍କ ଲାଗିହିଁ ବିଭିନ୍ନ ଧର୍ମର ପ୍ରାର୍ଥନାଗୁଡ଼ିକ ଉଦ୍ଦିଷ୍ଟ ହୋଇ ରହିଥାଏ । ଏକାଧିକ କାରଣରୁ ଏହି ଧର୍ମଗୁଡ଼ିକ ଅଧିକାଂଶ ସମୟରେ ଏମାନଙ୍କ ଭିତରୁ ଗୋଟିଏ ଦେବତାଙ୍କୁ ବାଛି ନେଇଥା'ନ୍ତି ଏବଂ ଆପଣାର ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ତାଙ୍କୁ ସର୍ବୋଚ୍ଚ ପରମେଶ୍ୱର ଭାବେ ପରିଣତ କରି ଦେଇଥା'ନ୍ତି ।

ବ୍ୟକ୍ତିଗତ ବିବର୍ତ୍ତନ-କ୍ଷେତ୍ରରେ ଆମକୁ ଅଧିମାନସର ଅନୁରୂପ ଏକ ଅଞ୍ଚଳ ତଥା ଏକ ଅଧିମାନସ ଚେତନାକୁ ନିଜ ଭିତରେ ବିକଶିତ କରି ଆଣିବାକୁ ହୋଇଥାଏ । ତା'ପରେ ଯାଇ ଏହାର ଆହୁରି ଊର୍ଦ୍ଧ୍ୱକୁ ଉଠି ଅତିମାନସ ପାଖକୁ ଆସିବାକୁ ହୁଏ, ଅର୍ଥାତ୍ ତାହାରି ଆଡ଼କୁ ନିଜକୁ ଉନ୍ମୋଚିତ କରି ଦେବାକୁ ହୁଏ ।

ଗୂଢ଼ ବିଦ୍ୟାର ପ୍ରାୟ ସମସ୍ତ ମାର୍ଗ ଓ ସାଧନା ଏହି ଅଧିମାନସର ବିକାଶ ଏବଂ ତାହା ଉପରେ ନିୟନ୍ତ୍ରଣ ଲାଭକୁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଥା'ନ୍ତି ।

*୨୭ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*''ଅଧିମାନସର ଅନୁରୂପ ଏକ ଅଞ୍ଚଳ''ର ଅର୍ଥ କ'ଣ ? ଏବଂ ଏହାକୁ ଜଣେ ନିଜ ଭିତରେ ବିକଶିତ କରି ପାରିବ କିପରି ? ''ଅଧିମାନସ ଉପରେ ନିୟନ୍ତ୍ରଣ ଅର୍ଜନ କରିବା''ର ଅର୍ଥ କ'ଣ ?*

* 'ଦିବ୍ୟଜୀବନ' ଗ୍ରନ୍ଥରେ ବିଶେଷତଃ ଏହାର ଅନ୍ତିମ ଅଧ୍ୟାୟଗୁଡ଼ିକରେ ଶ୍ରୀଅରବିନ୍ଦ ଯେଉଁସବୁ ପାରିଭାଷିକ ଶବ୍ଦର ବ୍ୟବହାର କରିଛନ୍ତି, ଏହି ପ୍ରଶ୍ନଟି ଏବଂ ଏହାପରେ ଥିବା ତିନୋଟିଯାକ ପ୍ରଶ୍ନ ସେହିଗୁଡ଼ିକ ଉପରେ ଆଧାରିତ ।

ବିଶ୍ୱଗତ ନାନା ଅଞ୍ଚଳ ଓ ଭୂମିର ଅନୁରୂପ ସତ୍ତାର ନାନାବିଧ ଅବସ୍ଥା ଦ୍ୱାରା ମନୁଷ୍ୟ ବ୍ୟକ୍ତି ଗଠିତ ହୋଇଛି । ଏବଂ, ସତ୍ତାର ଏହି ଅନ୍ତର୍ଗତ ଅବସ୍ଥାଗୁଡ଼ିକ ବିକଶିତ ହେଉଥିବା ସଙ୍ଗେ ସଙ୍ଗେହିଁ ସେ ସେହିସବୁ ଭୂମି ବିଷୟରେ ସଚେତନ ହୋଇ ପାରୁଛି । ଏହି ଚେତନା ହେଉଛି ଏକ ଦ୍ୱୈତ ଚେତନା; ପ୍ରଥମେ ଏହା ମାନସିକ ଏବଂ ଆଶୟଗତ, ତାହା ଅନ୍ତର୍ଗତ ହୋଇ ରହିଥାଏ ଏବଂ ଭାବନା, ଅନୁଭୂତି, ସଂବେଗ ଓ ଅବବୋଧଗୁଡ଼ିକର ମାଧ୍ୟମରେ ଆପଣାକୁ ବ୍ୟକ୍ତ କରେ । ତା'ପରେ ତାହା ବିଷୟଗତ ହୁଏ, ସାକାର ହୁଏ; ସେତେବେଳେ ବ୍ୟକ୍ତି ଶରୀରର ସୀମା ଭିତରୁ ଆହୁରି ବାହାରକୁ ଯାଇପାରିବାକୁ ସମର୍ଥ ହୁଏ ଏବଂ ବିଶ୍ୱମଣ୍ଡଳର ବିଭିନ୍ନ ଅଂଶରେ ବିଚରଣ କରିପାରେ, ସେ ସେଗୁଡ଼ିକ ସମ୍ବନ୍ଧରେ ସଚେତନ ହୁଏ ଏବଂ ସେଗୁଡ଼ିକ ମଧ୍ୟରେ ମୁକ୍ତ ଭାବରେ କ୍ରିୟା କରିପାରେ । ଏହାକୁହିଁ ''ନିୟନ୍ତ୍ରଣ ଅର୍ଜନ କରିବା'' ବୋଲି କୁହାଯାଏ; ଅଧିମାନସ ଉପରେ କର୍ତ୍ତୃତ୍ୱ ଅର୍ଜନ କରିବା ବିଷୟରେ ଉଲ୍ଲେଖ କଲାବେଳେ ମୁଁ ଏହି କଥାହିଁ କହିଥିଲି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ସବୁକିଛି ଗୋଟିଏ ଦିନରେ ଆଦୌ ସାଧ ହୋଇଯାଏ ନାହିଁ; ଗୋଟିଏ ବର୍ଷରେ ମଧ୍ୟ ସମ୍ଭବ ହୁଏ ନାହିଁ । ପ୍ରାଣିକ, ମାନସିକ ଅଥବା ଅଧିମାନସ ଯେଉଁ କ୍ଷେତ୍ରରେ ହୋଇଥାଉ ପଛକେ, ଏହି କର୍ତ୍ତୃତ୍ୱ-ଅର୍ଜନ ଅତ୍ୟନ୍ତ ଶ୍ରମଶୀଳ ଉଦ୍ୟମ ଓ ଏକ ବୃହତ୍ ସଂକେନ୍ଦ୍ରଣ ଶକ୍ତି ଆବଶ୍ୟକ କରିଥାଏ । ଜଡ଼ ପୃଥିବୀ ଉପରେ କର୍ତ୍ତୃତ୍ୱ-ଅର୍ଜନଠାରୁ ଏହିସବୁ କର୍ତ୍ତୃତ୍ୱ-ଅର୍ଜନ ଆଦୌ ଅଧିକ ସହଜ ନୁହେଁ, ଏବଂ, ଆପଣାର ଜୀବନଟିକୁ ଯଥାର୍ଥ ଭାବରେ ବଞ୍ଚିବା ଲାଗି ଅପରିହାର୍ଯ୍ୟ ହୋଇ ରହିଥିବା ବିଷୟଗୁଡ଼ିକୁ କେବଳ ଶିକ୍ଷା କରିବାକୁହିଁ କେତେ ବେଶୀ ସମୟ ଓ ଉଦ୍ୟମ ଯେ ଆବଶ୍ୟକ ହୁଏ, ସେ କଥା ପ୍ରତ୍ୟେକ ବ୍ୟକ୍ତି ଅବଶ୍ୟ ଜାଣିଛନ୍ତି । ଏହି କ୍ଷେତ୍ରରେ ''ପ୍ରଭୁତ୍ୱ-ଅର୍ଜନ'' ବିଷୟରେ ଆଉ ଅଧିକ କ'ଣ କୁହାଯାଇ ପାରିବ, ଯାହାକୁ କି ପୃଥିବୀ ପୃଷ୍ଠରେ ଏକ ବ୍ୟତିକ୍ରମ ବୋଲିହିଁ କହିବାକୁ ହେବ ?

*୨୮ ନଭେମ୍ବର ୧୯୫୯*

*ସ୍ନେହମୟି ମାଆ,*

*''ଅତିପ୍ରକୃତି'' କହିଲେ କ'ଣ ବୁଝାଇବ ?*

ଅତିପ୍ରକୃତି ହେଉଛି ଜଡ଼ ବା ଭୌତିକ ପ୍ରକୃତିଠାରୁ ଉଚ୍ଚତର ହୋଇ ରହିଥିବା ପ୍ରକୃତି; ଆମେ ସାଧାରଣତଃ ଯାହାକୁ ''ପ୍ରକୃତି'' ବୋଲି କହିଥାଉ, ତାହାଠାରୁ ଏକ ଉଚ୍ଚତର ପ୍ରକୃତି । ମାତ୍ର, ଏହି ଯେଉଁ ପ୍ରକୃତିକୁ ଆମେ ଦେଖିପାରୁଛୁ, ଅନୁଭବ ଓ ଅଧ୍ୟୟନ କରୁଛୁ,

ପୃଥିବୀପୃଷ୍ଠରେ ଜନ୍ମ ଲାଭ କରିବା ଦିନଠାରୁ ଯେଉଁ ପ୍ରକୃତି ଆମର ପରିଚିତ ପରିବେଶରେ ପରିଣତ ହୋଇ ରହିଛି, ତାହା କଦାପି କେବଳ ଏକମାତ୍ର ପ୍ରକୃତି ନୁହେଁ । ଏକ ପ୍ରାଣସ୍ତରୀୟ ପ୍ରକୃତି ରହିଛି, ଏକ ମନଃସ୍ତରୀୟ ପ୍ରକୃତି ରହିଛି, ଇତ୍ୟାଦି, ଇତ୍ୟାଦି । ସାଧାରଣ ଚେତନା ଲାଗି ଏହାକୁହିଁ ଅତିପ୍ରକୃତି ବୋଲି କୁହାଯାଇ ପାରିବ ।

ଅଧିକାଂଶ ସମୟରେ ଏହି ''ପ୍ରକୃତି'' ଶବ୍ଦଟିକୁ ପୁରୁଷର କ୍ରିୟାତ୍ମିକା ଶକ୍ତି ପ୍ରକୃତିର ସମବାଚୀ ରୂପେ ବ୍ୟବହାର କରା ଯାଇଥାଏ । ମାତ୍ର, ଅଧିକ ନିର୍ଭୁଲ୍ ଭାବରେ ତୁମ ପ୍ରଶ୍ନଟିର ଉତ୍ତର ଦେବାକୁ ହେଲେ, କେଉଁ ଅବସରରେ ଶ୍ରୀଅରବିନ୍ଦ ଅତିପ୍ରକୃତି ବିଷୟରେ କହିଥିଲେ, ସେହି ସନ୍ଦର୍ଭଟିକୁ ଜାଣିବା ମଧ୍ୟ ଆବଶ୍ୟକ ।

*୧୫ ଡିସେମ୍ବର ୧୯୫୯*

*ସ୍ନେହମୟି ମାଆ,*

***ଦିବ୍ୟଜୀବନ*** *ଗ୍ରନ୍ଥରେ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଆମର ଉପରିଭାଗରେ ଅଥବା ଆମର ସାଧାରଣ ମଗ୍ନ ଚେତନାର ଅଂଶଗୁଡ଼ିକରେ ସକ୍ରିୟ ହୋଇ ରହିଥିବା କୌଣସି ଅଧିମାନସ ସତ୍ତା ବା ସୁସଙ୍ଗଠିତ ଅଧିମାନସ ପ୍ରକୃତି, କୌଣସି ଅତିମାନସ ସତ୍ତା ଅଥବା ସୁସଙ୍ଗଠିତ ଅତିମାନସ ପ୍ରକୃତି ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ ।''* ସ୍ନେହମୟି ମାଆ, ବର୍ତ୍ତମାନ ଅତିମାନସର ଅବତରଣ** ପରେ ମଧ୍ୟ ସ୍ଥିତିଟି କ'ଣ ତାହାହିଁ ରହିଛି ?*

ଶ୍ରୀଅରବିନ୍ଦ ଏଠାରେ ଏହି କଥା କହିବାକୁ ଚାହୁଁଛନ୍ତି ଯେ, ସାଧାରଣ ମାନବ ସମୂହର ଅନ୍ତର୍ଗତ ହୋଇ ରହି ନ ଥିବା କେବଳ ମୁଷ୍ଟିମେୟ କେତେଜଣ ଅସାଧାରଣ ମନୁଷ୍ୟଙ୍କର ଏକ ସଚେତନ ଏବଂ ସୁସଙ୍ଗଠିତ ଅଧିମାନସ ସତ୍ତା ଓ ଅଧିମାନସ ଜୀବନ ରହିଛି; ଏବଂ ତା'ଠାରୁ ଆହୁରି ଅଳ୍ପବ୍ୟକ୍ତି ଏକ ସୁସଂଗଠିତ ଅତିମାନସ ସତ୍ତା ଓ ଅତିମାନସ ଜୀବନର ଅଧିକାରୀ ହୋଇ ପାରିଛନ୍ତି । ଏପରି ବ୍ୟକ୍ତି ଆଦୌ ପୃଥିବୀରେ ଅଛନ୍ତି ବୋଲି ସ୍ୱୀକାର କଲେ ଯାଇ କେବଳ ଏତିକି କୁହାଯାଇ ପାରିବ । ଏଥିରେ ସନ୍ଦେହର କୌଣସି ଅବକାଶ

---

* ଶତବାର୍ଷିକୀ ସଂସ୍କରଣ, ୧୯ଶ ଖଣ୍ଡ, ପୃଷ୍ଠା - ୯୨୧

** ମାଆଙ୍କର ଭାଷାରେ କହିଲେ, ୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' ଘଟିଥିଲା । ''ସେତେବେଳେ ଏକ ଅବାଧ ପ୍ରବାହରେ ଅତିମାନସ ପରମ ଆଲୋକ ଏବଂ ପରମ ଶକ୍ତି ଏବଂ ପରମ ଚେତନା ପୃଥିବୀ ଉପରକୁ ପ୍ରବାହିତ ହୋଇ ଆସିଥିଲା ।''

ନାହିଁ ଯେ, ସମ୍ପ୍ରତି ଏହି ପୃଥିବୀର ବାୟୁମଣ୍ଡଳ ମଧ୍ୟକୁ ଅତିମାନସର ପ୍ରଥମ ଉପାଦାନଗୁଡ଼ିକର ଯେଉଁ ଅବତରଣ ଘଟିଛି, (ତାହା ହେବାର ଚାରିବର୍ଷ ମଧ୍ୟ ପୂରି ନାହିଁ) । ତାହା ବସ୍ତୁଗୁଡ଼ିକର ସ୍ଥିତିରେ ଆଦୌ କୌଣସି ପରିବର୍ତ୍ତନ ଘଟାଇ ନାହିଁ ।

ଆମେ ବର୍ତ୍ତମାନ କେବଳ ଏକ ପ୍ରସ୍ତୁତିର ପର୍ଯ୍ୟାୟରେହିଁ ରହିଛୁ ।

*୧୮ ଡିସେମ୍ବର ୧୯୫୯*

*ସ୍ନେହମୟି ମାଆ,*

*ଭକ୍ତିଯୋଗ ଓ ଜ୍ଞାନଯୋଗ କହିଲେ କ'ଣ ବୁଝାଏ ?*

ଜ୍ଞାନଯୋଗ ବିଶୁଦ୍ଧ ଓ ପରମ ସତ୍ୟଜ୍ଞାନର ଐକାନ୍ତିକ ଅନୁଧାବନର ପଥରେ ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିବାକୁ ବୁଝାଏ ।

ଯେଉଁ ପଥ ସମ୍ପୂର୍ଣ୍ଣ, ସମଗ୍ର ଏବଂ ଚିରନ୍ତନ ପ୍ରେମକୁ ମାଧ୍ୟମ କରି ଦିବ୍ୟ ପରମସତ୍ତାଙ୍କ ସହିତ ଆମର ସମ୍ମେଳନ ଘଟାଏ, ତାହାକୁ ଭକ୍ତିଯୋଗ କହନ୍ତି ।

ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗରେ ଏହି ଦୁଇ ପଥକୁ କର୍ମଯୋଗ ଏବଂ ଆତ୍ମପରିପୂର୍ଣ୍ଣତାର ଯୋଗ ସହିତ ଯୋଡ଼ି ଦିଆଯାଇଛି ଏବଂ ସବୁଗୁଡ଼ିକୁ ମିଶାଇ ଏକ ସମରୂପ ସମଗ୍ରତାରେ ପରିଣତ କରାଯାଇଛି । ପରିଶେଷରେ ତାହାହିଁ ଅତିମାନସ ଉପଲବ୍ଧିର ଯୋଗ ବୋଲି ଘୋଷିତ ହୋଇଛି ।

*୫ ଫେବ୍ରୁଆରି ୧୯୬୦*

*ସ୍ନେହମୟି ମାଆ,*

*''ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ'' ପ୍ରକୃତରେ କ'ଣ ?*

ସନ୍ଦର୍ଭଟି ବ୍ୟତୀତ ଉତ୍ତର ଦେବା ଅବଶ୍ୟ କଷ୍ଟକର ହେବ । ଏଠାରେ କେଉଁ ''ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ'' ସମ୍ବନ୍ଧରେ କୁହାଯାଇଛି ? ଅତିମାନବ ହେବାର ପଥରେ ଅଗ୍ରସର ହେଉଥିବା ମନୁଷ୍ୟର ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ ବିଷୟରେ କୁହାଯାଇଛି, ଅଥବା ଯେତେବେଳେ ପୃଥିବୀ ଉପରେ ଅତିମାନସ ସତ୍ତାର ଆବିର୍ଭାବ ଘଟିବ, ସେତେବେଳେ ସେ ଯେଉଁ ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକର ଅଧିକାରୀ ହେବ ସେହି ବିଷୟରେ କୁହାଯାଇଛି ?

ପ୍ରଥମଟି ବିଷୟରେ କହିବାକୁ ଗଲେ, ସେଗୁଡ଼ିକ ସେହିସବୁ ସାମର୍ଥ୍ୟକୁ ବୁଝାଇବ, ଯେଉଁଗୁଡ଼ିକ କି ବ୍ୟକ୍ତି ଉଚ୍ଚତର ମନ ଓ ଅଧିମାନସ ମଧ୍ୟକୁ ଉନ୍ମୋଚିତ ହୋଇଗଲେ

ତା’ଭିତରେ ବିକାଶଲାଭ କରିଥାଏ । ଏହିସବୁ ଭୂମିର ମଧ୍ୟଦେଇ ସେ ପରମସତ୍ୟର ଆଲୋକକୁ ପ୍ରାପ୍ତ ହୁଏ । ଏହି ସାମର୍ଥ୍ୟଗୁଡ଼ିକ ସର୍ବୋଚ୍ଚ ପରମସତ୍ୟକୁ ପ୍ରତ୍ୟକ୍ଷ ଭାବରେ ଅଭିବ୍ୟକ୍ତ କରୁ ନ ଥାନ୍ତି; ସେଗୁଡ଼ିକ ତାହାର ଏକ ଅନୁଲିଖନ ସଦୃଶ ହୋଇ ରହିଥା’ନ୍ତି, ତାହାର କେବଳ ଏକ ପରୋକ୍ଷ ପ୍ରତିଫଳନ ହୋଇ ରହିଥାନ୍ତି । ସେଗୁଡ଼ିକ ମଧ୍ୟରେ ଅନ୍ତର୍ବୋଧ, ପୂର୍ବଜ୍ଞାନ, ଏକାତ୍ମତା ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ ଏବଂ ଆରୋଗ୍ୟ-ବିଧାନ କରିବା ପ୍ରଭୃତି କେତେକ ନିର୍ଦ୍ଦିଷ୍ଟ ଶକ୍ତି ଏବଂ କେତେକ ପରିମାଣରେ, ପରିସ୍ଥିତିଗୁଡ଼ିକ ଉପରେ କ୍ରିୟା କରି ତାହାକୁ ପ୍ରଭାବିତ କରିବା ଆଦି ସାମର୍ଥ୍ୟମାନ ଅନ୍ତର୍ଗତ ହୋଇ ରହିଥାଏ ।

ଯଦି ଏହା ଅତିମାନସ ସତ୍ତାର ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକୁ ବୁଝାଉଥାଏ, ତେବେ ଆମେ ସେଗୁଡ଼ିକ ବିଷୟରେ ଆଦୌ ବେଶୀ କିଛି କହି ପାରିବା ନାହିଁ; କାରଣ, ବର୍ତ୍ତମାନ ସ୍ଥିତିରେ ଯେତିକି କହିହେବ, ତାହା ଜ୍ଞାନର କ୍ଷେତ୍ର ଅପେକ୍ଷା ଅଧିକତର ପରିମାଣରେ କଳ୍ପନାର କ୍ଷେତ୍ରରେହିଁ ରହିଛି । କାରଣ ଧରାପୃଷ୍ଠରେ ଏବେ ମଧ୍ୟ ଅତିମାନସ ସତ୍ତାର ଅଭିବ୍ୟକ୍ତି ଘଟି ନାହିଁ ।

*୨୩ ଏପ୍ରିଲ୍ ୧୯୬୦*

*ସ୍ନେହମୟି ମାଆ,*

*‘‘ମନୁଷ୍ୟର ଭିନ୍ନ ଭିନ୍ନ ମନସ୍ତାତ୍ତ୍ୱିକ ଭାଗ’’ କହିଲେ ଆମେ କ’ଣ ବୁଝିବା ?*

ଅତ୍ୟନ୍ତ ଆନୁମାନିକ ଭାବରେ ଏହି ବିଭାଜନଗୁଡ଼ିକର ନିର୍ଣ୍ଣୟ କରାଯାଇଛି । ମନୁଷ୍ୟର ପ୍ରକୃତିକୁ ସୁବିଧାରେ ଅଧ୍ୟୟନ କରିବା ଏବଂ ବିଶେଷତଃ ଆତ୍ମବିକାଶ ଏବଂ ଆତ୍ମ-ନିୟନ୍ତ୍ରଣର ବିଭିନ୍ନ ପ୍ରଣାଳୀ ଲାଗି ଏକ ସୁନିର୍ଦ୍ଦିଷ୍ଟ ଆଧାର ସମ୍ଭବ କରିବା ଉଦ୍ଦେଶ୍ୟରେ ସେହି ବିଭାଜନଗୁଡ଼ିକର ପ୍ରତିଷ୍ଠା ହୋଇଛି । ସେହି କାରଣରୁହିଁ ଦର୍ଶନ, ଶିକ୍ଷା ଏବଂ ଯୋଗର ପ୍ରତ୍ୟେକ ସିଦ୍ଧାନ୍ତର ଆପଣା ବିଭାଜନମାନ ରହିଛି । ଏଗୁଡ଼ିକର ପ୍ରତ୍ୟେକର ପ୍ରତିଷ୍ଠାତାଙ୍କର ଅନୁଭବ ଉପରେ ସେସବୁ ଆଧାରିତ ହୋଇଛି । ତଥାପି, ଏହିସବୁ ଯାବତୀୟ ବିଭିନ୍ନତା ସତ୍ତ୍ୱେ, ଗୋଟିଏ ପ୍ରକାରର ପରମ୍ପରା ମଧ୍ୟ ରହିଛି, ଯାହାକି ବିଭିନ୍ନ ନାମ ଓ ଅଭିଧାର ପଶ୍ଚାତରେ ଏକ ମୌଳିକ ସାଦୃଶ୍ୟର ମଧ୍ୟ ଉପସ୍ଥାପନା କରିପାରୁଛି । ଏହି ସାଦୃଶ୍ୟକୁ ଏକ ଚତୁର୍ବିଧତା ଦ୍ୱାରା ବ୍ୟକ୍ତ କରାଯାଇ ପାରିବ, ଯଥା : ଶାରୀରିକ, ପ୍ରାଣିକ, ମାନସିକ ଏବଂ ଚୈତ୍ୟ ବା ଆତ୍ମାର କ୍ଷେତ୍ର ।

ଶ୍ରୀଅରବିନ୍ଦ ଏହି ବିଷୟରେ ସୁବିସ୍ତାରିତ ଭାବରେ ତାଙ୍କର କେତେଗୁଡ଼ିଏ ପତ୍ରରେ, **'ଯୋଗ-ସମନ୍ୱୟ'** ତଥା **'ଗୀତା-ନିବନ୍ଧମାଳା'** ଗ୍ରନ୍ଥଦ୍ୱୟରେ ବହୁତ କିଛି ଲେଖି ଯାଇଛନ୍ତି ।

*୩୦ ମଇ ୧୯୬୦*

*ସ୍ନେହମୟି ମାଆ,*

*ଦିବ୍ୟ ପରମସତ୍ତାଙ୍କ ସମ୍ବନ୍ଧରେ ଏକ ନିର୍ଭୁଲ୍ ଅବଧାରଣା ଲାଭ କରିବା ସମ୍ଭବ କି ?*

ଦିବ୍ୟ ପରମସତ୍ତାଙ୍କ ବିଷୟରେ କୌଣସି ଅବଧାରଣା ନିର୍ଭୁଲ୍ ହୋଇପାରିବ ନାହିଁ; କାରଣ ଯାବତୀୟ ଅବଧାରଣା ଏହି ମନର କ୍ରିୟାଶୀଳତା ଦ୍ୱାରାହିଁ କରାଯାଏ ଏବଂ ମାନସିକ କୌଣସି କ୍ରିୟାଶୀଳତା ଦିବ୍ୟ ପରମସତ୍ତାଙ୍କୁ ବ୍ୟକ୍ତ କରିବା ଲାଗି କଦାପି ଉପଯୁକ୍ତ ହୋଇପାରିବ ନାହିଁ ।

କେବଳ ସ୍ୱ-ଅନୁଭବ ଦ୍ୱାରାହିଁ ତାଙ୍କର ପରିଚୟ ଲାଭ କରିବା ସମ୍ଭବ ହେବ, ଏବଂ ସେହି ଅନୁଭବକୁ କଦାପି ଶବ୍ଦ ଦ୍ୱାରା ତର୍ଜମା କରି କହିହେବ ନାହିଁ ।

*୨୦ ଜୁନ୍ ୧୯୬୦*

# ନବମ ସ୍ତବକ

## ନବମ ସ୍ତବକ

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣେ ତରୁଣ ଶିକ୍ଷକଙ୍କୁ ଲିଖିତ ।

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦଙ୍କର ରଚନାବଳୀ ମୋତେ କଷ୍ଟ ଲାଗୁଥିବା ସମୟରେ ଓ ସେଗୁଡ଼ିକୁ ମୁଁ ବୁଝି ନ ପାରୁଥିବା ବେଳେ କିଭଳି ମନୋବୃତ୍ତି ନେଇ ସେଗୁଡ଼ିକୁ ମୋ'ର ପଢ଼ିବା ଉଚିତ ? ଉଦାହରଣ ସ୍ୱରୂପ, ସାବିତ୍ରୀ, ଦିବ୍ୟ ଜୀବନ ପ୍ରଭୃତି ଗ୍ରନ୍ଥକୁ ।*

ଥରକୁ କିଛି କିଛି ପଢ଼ିବ, ବୁଝି ପାରିବା ପର୍ଯ୍ୟନ୍ତ ବାରବାର ପଢୁଥିବ ।

*ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଯୋଗ ପ୍ରାୟୋଗିକ ମନସ୍ତତ୍ତ୍ୱ ବ୍ୟତୀତ ଆଉ କିଛି ନୁହେଁ ।''* ଏହି ବାକ୍ୟଟିର ଅର୍ଥ କ'ଣ ? ସମୁଦାୟ ପାରାଟିକୁ ମୁଁ ସ୍ପଷ୍ଟ ଭାବରେ ବୁଝିପାରୁ ନାହିଁ ।*

କାରଣ ମନସ୍ତତ୍ତ୍ୱ ବିଷୟରେ ତୁମକୁ କିଛି ଜଣା ନାହିଁ । ମନସ୍ତତ୍ତ୍ୱ ଅଧ୍ୟୟନ କର, ତେବେ ତାଙ୍କର ଉକ୍ତିଟିକୁ ବୁଝିପାରିବ ।

*ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଯେଉଁ ଭଳି ଆକାରରେ ତାଙ୍କର କଳ୍ପନା କରି ଏବଂ ଯେଉଁଭଳି ଭାବ ନେଇ ଆମେ ତାଙ୍କର ନିକଟବର୍ତ୍ତୀ ହେବା, ଆମର ସକଳ ନୈବେଦ୍ୟକୁ ସେ ସେହି ଆକାରରେ ଏବଂ ସେହି ଭାବରେହିଁ ଗ୍ରହଣ କରିବେ ।''** ଏହାର ଅର୍ଥ କ'ଣ ?*

ଏହାର ଅର୍ଥ ହେଉଛି, ଆମେ ଯାହାକିଛି ନିବେଦନ କରୁ, ତାହାକୁ ସର୍ବଦା ସେହି ସର୍ବୋଚ୍ଚ ପରମସତ୍ତାଙ୍କୁହିଁ ନିବେଦନ କରିଥାଉ, କାରଣ କେବଳ ସିଏ ପ୍ରତ୍ୟେକ ବସ୍ତୁର ପଶ୍ଚାତରେ ଏକମାତ୍ର ସତ୍ୟରୂପେ ଅଧିଷ୍ଠିତ ରହିଛନ୍ତି ।

---

* ଯୋଗ-ସମନ୍ୱୟ(ଇଂ), ଶତବାର୍ଷିକୀ ଗ୍ରନ୍ଥମାଳା, ୨୦ଶ ଖଣ୍ଡ, ପୃଷ୍ଠା. ୩୯ ।

** ତତ୍ରୈବ, ପୃଷ୍ଠା. ୧୦୨ ।

*ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଯିଏ ପରମ ଅନନ୍ତଙ୍କୁ ବାଛିନିଏ, ପରମ ଅନନ୍ତ ତାକୁ ପୂର୍ବରୁହିଁ ବାଛି ନେଇଥା'ନ୍ତି ।''* ମାଆ, ଅନ୍ୟମାନଙ୍କର ପୁଣି କ'ଣ ହେବ ? ଯଦି ଦିବ୍ୟ ପରମସତ୍ତା ଆମକୁ ଲୋଡ଼ୁ ନାହାନ୍ତି, ତେବେ ଏ ଜୀବନରେ ଆଉ କି ଲୋଡ଼ା ରହିଛି ? ମୁଁ ଭାବୁଛି ଯେ ଦିବ୍ୟ ପରମସତ୍ତା ପ୍ରକୃତରେ ଆମ ସମସ୍ତଙ୍କୁହିଁ ବାଛିଛନ୍ତି; ମାତ୍ର, ତେବେ ଏହି ବାକ୍ୟଟିର ଅର୍ଥ କ'ଣ ?*

ପ୍ରକୃତରେ ଦିବ୍ୟ ପରମସତ୍ତା ସମସ୍ତଙ୍କୁ ଓ ସକଳ ବସ୍ତୁକୁ ବାଛିଛନ୍ତି । ଏବଂ ସମସ୍ତେ ଓ ସକଳ ବସ୍ତୁ ତାଙ୍କରି ପାଖକୁହିଁ ଫେରିଯିବେ । ମାତ୍ର କେତେକଙ୍କ ପାଇଁ ଏଥିଲାଗି ହଜାର ହଜାର ବର୍ଷ ଲାଗିବ, ଏବଂ ଅନ୍ୟମାନଙ୍କ ପାଇଁ ଏହି ଜୀବନରେହିଁ ତାହା ଘଟିବ । ଏହିଠାରେହିଁ ପ୍ରଭେଦ ରହିଛି ।

*୨୩ ମଇ ୧୯୬୦*

*ସ୍ନେହମୟି ମାଆ,*

*ମୋ'ର ଭାବନାଶକ୍ତି ଭଲ ନୁହେଁ ବୋଲି ଆପଣ କହିଛନ୍ତି, ଆପଣାର ଭାବନାର ବିକାଶ କରିହେବ କିପରି ?*

ସେଥିଲାଗି ତୁମକୁ ଯଥେଷ୍ଟ ମନୋଯୋଗ ଏବଂ ଅଭିନିବେଶ ସହିତ ଅଧ୍ୟୟନ କରିବାକୁ ହେବ; ଉପନ୍ୟାସ ବା ନାଟକ ପଢ଼ିଲେ ହେବ ନାହିଁ; ଯେଉଁସବୁ ବହି ପଢ଼ିଲେ ଭାବିବା ଲାଗି ପ୍ରେରଣା ମିଳେ ସେହିଭଳି ବହି । ଯାହା ପଢ଼ିଲ, ତୁମକୁ ସେହି ବିଷୟରେ ଧ୍ୟାନସ୍ଥ ହେବାକୁ ପଡ଼ିବ, ସମ୍ପୂର୍ଣ୍ଣ ଭାବରେ ବୁଝିପାରିବା ଯାଏ କୌଣସି ଭାବନା ବିଷୟରେ ମନନ କରିବାକୁ ହେବ । କଥା କମ୍ କହିବ, ସ୍ଥିର ଓ ଅଭିନିବିଷ୍ଟ ହୋଇ ରହିବ ଏବଂ, ଏକାନ୍ତ ଅପରିହାର୍ଯ୍ୟ ହେଉଥିବା ସମୟରେ କଥା କହିବ ।

*୧ ଜୁନ୍ ୧୯୬୦*

*ସ୍ନେହମୟି ମାଆ,*

*''ଶବ୍ଦ ପରିବର୍ତ୍ତେ ବିଚାରକୁ ନେଇ ଭାବିବା ଲାଗି'' ଆପଣ ଶିକ୍ଷକମାନଙ୍କୁ କହିଛନ୍ତି ।** ଆପଣ ଏକଥା ମଧ୍ୟ କହିଛନ୍ତି ଯେ, ଏହାପରେ*

---

* ଯୋଗ-ସମନ୍ୱୟ(ଇଂ), ଶତବାର୍ଷିକୀ ଗ୍ରନ୍ଥମାଳା, ୨୦ଶ ଖଣ୍ଡ, ପୃଷ୍ଠା. ୪୭ ।

** ଶିକ୍ଷା ସମ୍ବନ୍ଧରେ(ଇଂ), ଶତବାର୍ଷିକୀ ଗ୍ରନ୍ଥମାଳା, ୧୨ଶ ଖଣ୍ଡ, ପୃଷ୍ଠା. ୧୮୭ ।

*ଆପଣ ସେମାନଙ୍କୁ ଅନୁଭୂତିଗୁଡ଼ିକୁ ନେଇ ଭାବିବା ଲାଗି ନିର୍ଦ୍ଦେଶ ଦେବେ । ତିନି ପ୍ରକାରର ଏହି ଭାବିବା ବିଷୟରେ ଆପଣ କିଞ୍ଚିତ୍ ଆଲୋକପାତ କରିବେ କି ?*

ଆମ ଘରେ ଗୋଟିଏ ଅତ୍ୟନ୍ତ ଉଚ୍ଚ ମିନାର୍ ରହିଛି; ଏହି ମିନାର୍‌ର ସବା ଉପରେ ଗୋଟିଏ ଉଜ୍ଜ୍ୱଳ ଖାଲି କୋଠରି ରହିଛି; ମୁକ୍ତ ବାୟୁ ଭିତରକୁ, ପୂର୍ଣ୍ଣ ଆଲୋକ ମଧ୍ୟକୁ ପ୍ରବେଶ କରିବାକୁ ହେଲେ ଏଇଟି ହେଉଛି ସର୍ବଶେଷ ପ୍ରକୋଷ୍ଠ ।

ବେଳେବେଳେ, ସଂପୂର୍ଣ୍ଣ ସ୍ୱାଧୀନ ହୋଇ ରହିଥିବା ବେଳେ, ଆମେ ଏହି ଉଜ୍ଜ୍ୱଳ ପ୍ରକୋଷ୍ଠଟି ମଧ୍ୟକୁ ଆରୋହଣ କରି ଚାଲିଯାଉ, ଏବଂ ସେଠାରେ, ଯଦି ଆମେ ଅତ୍ୟନ୍ତ ନୀରବ ହୋଇ ରହୁ, ତେବେ ଜଣେ ବା ଏକାଧିକ ଆଗନ୍ତୁକ ଆମକୁ ଭେଟିବା ଲାଗି ଆସନ୍ତି । ସେମାନଙ୍କ ଭିତରୁ କେତେକ ଡେଙ୍ଗା, କେତେକ ଗେଡ଼ା, କେତେକ ଏକା ଆସନ୍ତି ଓ କେତେକ ଦଳ ବାନ୍ଧି ଆସନ୍ତି । ସମସ୍ତେ ଉଜ୍ଜ୍ୱଳ ଆଉ ସୁନ୍ଦର ଦିଶୁଥା'ନ୍ତି ।

ସାଧାରଣତଃ, ସେମାନଙ୍କର ଆଗମନ ଦ୍ୱାରା ପୁଲକ ପ୍ରକାଶ କରି ଏବଂ ସେମାନଙ୍କୁ ସ୍ୱାଗତ କରିବା ଲାଗି ତରତର ହୋଇ ଆମେ ଆମର ଶାନ୍ତି ହରାଇବସୁ ଏବଂ ଘୋଡ଼ାର ଟାପୁ ପରି ପାଦ ପକାଇ ମିନାର୍‌ର ସବା ତଳ ମାହାଲାରେ ଥିବା ଓ ଶବ୍ଦର ଭଣ୍ଡାର ହୋଇ ରହିଥିବା ବୃହତ୍ କକ୍ଷଟି ଯାଏ ଧାଇଁ ଆସୁ । ସେଠାରେ, ଅଳ୍ପବହୁତ ଉତ୍ତେଜିତ ଭାବରେ, ଆମ ପାଖକୁ ଆସିଥିବା ଏହି ବା ସେହି ବ୍ୟକ୍ତିଟିକୁ ବର୍ଣ୍ଣନା କରିବାର ଅଭିଳାଷରେ ଆମେ ଆମର ପହୁଞ୍ଚ ଭିତରେ ରହିଥିବା ଶବ୍ଦଗୁଡ଼ିକୁ ବାଛିବାରେ, ବର୍ଜନ କରିବାରେ, ଠୁଳ କରିବାରେ, ଯୋଡ଼ିବାରେ, ଭାଙ୍ଗିଦେବାରେ ଓ ପୁନର୍ବାର ସଜାଇ ଆଣିବାରେ ଲାଗିଥାଉ । ମାତ୍ର, ଅଧିକାଂଶ ସମୟରେ ଏଭଳି ଘଟେ ଯେ, ଆମ ଆଗନ୍ତୁକ ଜଣଙ୍କର ଯେଉଁ ଛବିଟି ପ୍ରସ୍ତୁତ କରିବାରେ ଆମେ ସଫଳତା ଲାଭ କରୁ, ତାହା ତାଙ୍କର ଯଥାର୍ଥ ପରିଚୟ ଦେବା ଅପେକ୍ଷା ବରଂ ତାଙ୍କୁ ବିଦ୍ରୂପ କରୁଥିବା ଏକ ବର୍ଣ୍ଣନାରେ ପରିଣତ ହୋଇଯାଏ ।

ମାତ୍ର, ତଥାପି, ଆମର ଯଦି ଅଧିକ ବିବେକବୁଦ୍ଧି ଥାଆନ୍ତା, ତେବେ ଆମେ ତଳକୁ ଧାଇଁ ନ ଆସି ଉପରେହିଁ ରହିଥା'ନ୍ତେ, ସେହି ଉପରେ ମିନାର୍‌ର ଅଗ୍ରଭାଗରେ ଶାନ୍ତ ହୋଇ ଏକ ଆନନ୍ଦମୟ ମନନ ମଧ୍ୟରେ ନିମଗ୍ନ ହୋଇ ରହି ପାରିଥା'ନ୍ତେ । ଏବଂ, ତା'ପରେ, କିଛି ସମୟ ପରେ, ଆମେ ସେହି ଆଗନ୍ତୁକମାନଙ୍କୁ ଆପେ ଆପେ ଅତ୍ୟନ୍ତ ଧୀର, ରୁଚିପୂର୍ଣ୍ଣ ଏବଂ ଶାନ୍ତ ଭାବରେ ଓହ୍ଲାଇ ଯାଉଥିବାର ଦେଖିବାକୁ ପାଆନ୍ତେ । ସେମାନେ ଆପଣାର କମନୀୟତା କିଂବା ସୌନ୍ଦର୍ଯ୍ୟର ଆଦୌ କିଛି ହେଲେ ହରାଇ ନ

ଥିବେ ଏବଂ ଶବ୍ଦଗୁଡ଼ିକ ରହିଥିବା ଭଣ୍ଡାରଗୃହଟି ବାଟଦେଇ ଯିବାବେଳେ ସେମାନେ ଆଦୌ କୌଣସି ପ୍ରୟାସ ନ କରି ଅତ୍ୟନ୍ତ ସ୍ୱାଭାବିକ ଭାବରେ, ଏପରିକି ଏକ ଜଡ଼ସ୍ତରୀୟ ଗୃହରେ ମଧ୍ୟ ଦୃଶ୍ୟମାନ ଓ ବୋଧ ହୋଇ ପାରିବାକୁ ଯେତିକି ଆବଶ୍ୟକ ସେତିକି ଶବ୍ଦ ଦ୍ୱାରା ଅବଶ୍ୟ ବିମଣ୍ଡିତ ହୋଇ ପାରୁଥାନ୍ତେ ।

ମୁଁ ଏହାକୁହିଁ ବିଚାର ଦ୍ୱାରା ଚିନ୍ତା କରିବା ବୋଲି କହେ ।

ଏବଂ, ଯେତେବେଳେ ଏହି ପ୍ରକ୍ରିୟାଟି ତୁମ ଲାଗି ଆଉ ଆଦୌ ରହସ୍ୟମୟ ହୋଇ ରହିବ ନାହିଁ, ସେତେବେଳେ ମୁଁ ତୁମକୁ ଅଭିଜ୍ଞତାର ସାହାଯ୍ୟରେ ଚିନ୍ତା କରିବାର ଅର୍ଥଟିକୁ ବୁଝାଇ କହିଦେବି ।

*୧ ଜୁନ୍ ୧୯୬୦*

ମୋ'ର ପ୍ରିୟ ସନ୍ତାନ, ତୁମର ଚମତ୍କାର ଚିଠିଟିକୁ ଏବେ ପଢ଼ିଲି । କୌଣସି କଥାକୁ ଭୟ କର ନାହିଁ; ଯେଉଁମାନେ ସେମାନଙ୍କର ଅଭୀପ୍ସାରେ ନିଷ୍ଠାଯୁକ୍ତ ହୋଇ ରହିଛନ୍ତି, ସେମାନେ ଏଠାରେ ଅବଶ୍ୟ ରହିବେ ଏବଂ ସେମାନଙ୍କ ମଧ୍ୟରେ ଯାହାର ପରିବର୍ତ୍ତନ ହେବା ଏକାନ୍ତ ଆବଶ୍ୟକ, ସେଗୁଡ଼ିକର ପରିବର୍ତ୍ତନ କରିପାରିବା ଲାଗି ସକଳ ସହାୟତା ଲାଭ କରିବେ । ତୁମେ ସୁନିଶ୍ଚିତ ରହିଥାଅ ଯେ, ମୋର ଶକ୍ତି ତୁମ ସହିତ ନିରନ୍ତର ରହିବ, ଯେପରିକି ତୁମେ ଈପ୍ସିତ ସକଳ ଅଗ୍ରଗତିକୁ ସମ୍ଭବ କରି ପାରିବ ।

ବିଶ୍ୱାସ ରଖିଥାଅ; ସବୁକିଛି ଠିକ୍ ହୋଇଯିବ ।

*୫ ଜୁନ୍ ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ ''ବାସନାଗୁଡ଼ିକର ଏକ କେନ୍ଦ୍ରୀୟ ଗ୍ରନ୍ଥି'' ବିଷୟରେ କହିଛନ୍ତି, ଯେଉଁଟିକୁ କି ଅବଶ୍ୟ କାଟିଦେବାକୁ ପଡ଼ିବ । ତାହା କିପରି ସମ୍ଭବ ହେବ, ଏଥିଲାଗି କେଉଁଠାରୁ ଆରମ୍ଭ କରିବାକୁ ହେବ ?*

ବାସନାଗୁଡ଼ିକର କେନ୍ଦ୍ରୀୟ ଗଣ୍ଠିଟି ହେଉଛି ଆପଣାର ବ୍ୟକ୍ତିସତ୍ତା ଅଲଗା ବୋଲି ଅନୁଭବ କରିବାର ଏକ ବୋଧ । ଅର୍ଥାତ୍, ଅହଂ । ଅହଂ ଅନ୍ତର୍ହିତ ହୋଇଯିବା ସଙ୍ଗେ ସଙ୍ଗେ ବାସନାଗୁଡ଼ିକ ଅନ୍ତର୍ହିତ ହୋଇଯିବ ।

*୧୩ ଜୁନ୍ ୧୯୬୦*

*ସ୍ନେହମୟି ମାଆ,*

*ଦିନେ କ୍ଲାସ୍‌ରେ ଆପଣ କହିଥିଲେ,— ସେତେବେଳେ ଆପଣଙ୍କ ହାତ ଦୁଇଟି ପୂର୍ଣ୍ଣ ପ୍ରସାରିତ ହୋଇ ରହିଥିଲା,— ଯେ, ଆମର ଆପଣଙ୍କୁ ସବୁକିଛି ଦେଇ ଦେବାକୁ ହେବ, ଏପରିକି ଆମର ଦୋଷ ଏବଂ ପାପଗୁଡ଼ିକୁ ମଧ୍ୟ ଦେଇ ଦେବାକୁ ହେବ, ଆମ ଭିତରେ ଥିବା ସମସ୍ତ ଆବର୍ଜନାକୁ ଦେଇ ଦେବାକୁ ହେବ । ସେଗୁଡ଼ିକରୁ ମୁକ୍ତ ହୋଇପାରିବା ଲାଗି କ'ଣ ଏହି ଗୋଟିଏ ବାଟ ରହିଛି, ଏବଂ ଏକଥା କରିବା କିପରି ସମ୍ଭବ ହେବ ?*

ବ୍ୟକ୍ତି ଆପଣାର ଦୋଷଗୁଡ଼ିକୁ ନିଜ ପାଖରେ ରଖିଥାଏ, କାରଣ ସେଗୁଡ଼ିକ ସତେଅବା କୌଣସି ମୂଲ୍ୟବାନ୍ ସମ୍ପଦ ହୋଇଥିବେ ବୋଲି ଭାବି ସେ ସେଗୁଡ଼ିକୁ ଜାକି ଧରିଥାଏ । ସତେଅବା ନିଜ ଶରୀରର ଗୋଟିଏ ଅଂଶ ପରି ସେ ନିଜର ପାପଗୁଡ଼ିକୁ ଜାବୁଡ଼ି ଧରିଥାଏ । ଏବଂ, ଗୋଟାଏ ଦାନ୍ତକୁ ଓପାଡ଼ିଲା ପରି ଗୋଟାଏ ମନ୍ଦ ଅଭ୍ୟାସକୁ ଦୂର କରିବାରେ ମଧ୍ୟ ସେ ଅନେକ କଷ୍ଟ ପାଇଥାଏ । ଏବଂ, ସେହି କାରଣରୁହିଁ ତା'ର କୌଣସି ଅଗ୍ରଗତି ହୁଏ ନାହିଁ ।

ଅନ୍ୟ ପକ୍ଷରେ, ଯଦି ସେ ନିଜର ଦୋଷ, ପାପ ଅଥବା ମନ୍ଦ ଅଭ୍ୟାସକୁ ଆଣି ମୋ'ପାଖରେ ନିବେଦନ କରିଦିଏ, ତେବେ ସେ ପ୍ରକୃତରେ କିଛି ନିବେଦନ କରିଦେଇ ପାରିଲା ବୋଲି ତଜ୍ଜନିତ ଆନନ୍ଦଟିକୁ ଅନୁଭବ କରୁଥାଏ ଏବଂ ତାହାର ପ୍ରତିବଦଳରେ, ଯାହା ସେ ନିବେଦନ କରି ଦେଇଛି, ତାହାଠାରୁ ଏକ ଅଧିକ ଉତ୍ତମ ଏବଂ ଯଥାର୍ଥ ସ୍ପନ୍ଦନ ଲାଭ କରିବା ଲାଗି ଏକ ଶକ୍ତିର ଅଧିକାରୀ ମଧ୍ୟ ହୋଇଥାଏ ।

*୧୩ ଜୁନ୍ ୧୯୬୦*

*ସ୍ନେହମୟି ମାଆ,*

*ଏପରି ଘଟିଥାଏ ଯେ, ଆମେ ଯେତେବେଳେ ଆପଣଙ୍କୁ ଗଭୀର ଭାବରେ ଭଲ ପାଉ ଏବଂ ଆପଣଙ୍କର ଅନ୍ତରଙ୍ଗ ସଂସ୍ପର୍ଶରେ ରହିଥାଉ, ସେତେବେଳେ ଦିବ୍ୟ ପରମସତ୍ତା କେବଳ ଆମରି ସମ୍ପତ୍ତି ବୋଲି (ଆମେ ତାଙ୍କର ସମ୍ପତ୍ତି ବୋଲି ନୁହେଁ) ମନେ ହୋଇଥାଏ । ଏହାର କାରଣ କ'ଣ ?*

ଦୁଇଟି ଯାକ ସମାନ ଭାବରେ ସତ ଏବଂ ଯୁଗପତ୍ ଭାବରେ ଦୁଇଟିର ଅନୁଭବ ମଧ୍ୟ ସମ୍ଭବ ହେବା ଉଚିତ । ମାତ୍ର, ଦେବା ପରିବର୍ତ୍ତେ ବରଂ ନେବାକୁହିଁ ମନୁଷ୍ୟ ଭିତରେ

ରହିଥିବା ଅହଂର ଏକ ପ୍ରବୃତ୍ତି ସର୍ବଦା ରହିଥାଏ । ଏହି ଉତ୍ସରୁହିଁ ଉକ୍ତ ଧାରଣାଟି ଜନ୍ମଲାଭ କରେ ।

*୩ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦଙ୍କ ନିକଟକୁ ଯିବା ଅପେକ୍ଷା ଆପଣଙ୍କ ପାଖକୁ ଯିବା ମୋତେ ଅଧିକ ସହଜ ମନେ ହୋଇଥାଏ । ଏହାର କାରଣ କ'ଣ ? ଶ୍ରୀଅରବିନ୍ଦ କହିଲେ ଆମ ଲାଗି ଯାହାକିଛି ବୁଝାଏ, ଆପଣ ସେହି ସବୁକିଛିର ପ୍ରତିଭୂ ହୋଇ ରହିଛନ୍ତି ଏବଂ ଅଧିକନ୍ତୁ ଆମ ଲାଗି ଏକ ଦିବ୍ୟ ଏବଂ ସ୍ନେହଶୀଳ ଜନନୀ ମଧ୍ୟ ହୋଇ ରହିଛନ୍ତି । ତେଣୁ, ଶ୍ରୀଅରବିନ୍ଦଙ୍କ ସହିତ ମଧ୍ୟ ସେହିଭଳି ସମ୍ବନ୍ଧର ପ୍ରତିଷ୍ଠା କରିବା ଏକାନ୍ତ ଆବଶ୍ୟକ କି ?*

ତୁମେ ନିଜ ପ୍ରଶ୍ନଟିର ଉତ୍ତର ନିଜେହିଁ ଦେଇଛ । ମୁଁ ତୁମ ଲାଗି ଜଣେ ମାଆ ହୋଇ ରହିଛି, ଯିଏକି ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଅଛି, ଯିଏ ତୁମକୁ ଭଲ ପାଉଛି ଓ ତୁମକୁ ବୁଝୁଛି । ସେହି କାରଣରୁହିଁ ଏକ ସ୍ନେହାବନତ ପ୍ରତ୍ୟୟ ସହିତ ମୋ' ନିକଟକୁ ଆସିବା ତୁମ ଲାଗି ଏଡ଼େ ସହଜ ହେଉଛି, ଭୟ କିଂବା ସଙ୍କୋଚର କୌଣସି ଅବକାଶ ରହୁ ନାହିଁ । ତୁମର ସହାୟତା ଏବଂ ମାର୍ଗଦର୍ଶନ ଲାଗି ଶ୍ରୀଅରବିନ୍ଦ ସର୍ବଦା ପ୍ରସ୍ତୁତ ରହିଛନ୍ତି; ମାତ୍ର ଏହା ଏକ ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଶ୍ରୀଅରବିନ୍ଦଙ୍କ ନିକଟବର୍ତ୍ତୀ ହେଲାବେଳେ ତୁମେ ଯୋଗମାର୍ଗର ଜଣେ ପରମ ସିଦ୍ଧିପ୍ରାପ୍ତ ବ୍ୟକ୍ତିଙ୍କ ପାଖକୁ ଯିବା ବେଳର ଉପଯୁକ୍ତ ଭକ୍ତି ସହିତ ତାହା ଅବଶ୍ୟ କରିବ ।

*୩ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ଆତ୍ମା ବା ଚୈତ୍ୟସତ୍ତା କହିଲେ ଠିକ୍ କ'ଣ ବୁଝାଏ ? ଏବଂ, ଚୈତ୍ୟ ସତ୍ତାର ବିବର୍ତ୍ତନ କହିଲେ ମଧ୍ୟ ଆମେ କ'ଣ ବୁଝିବା ? ସର୍ବୋଚ୍ଚ ପରମ କର୍ତ୍ତାଙ୍କ ସହିତ ଏହାର କିଭଳି ସମ୍ବନ୍ଧ ରହିଛି ?*

ଆତ୍ମା ଏବଂ ଚୈତ୍ୟସତ୍ତା ପ୍ରକୃତରେ ଠିକ୍ ଗୋଟିଏ ବସ୍ତୁ ନୁହନ୍ତି । ଅବଶ୍ୟ, ମୂଳଭୂତ ଭାବରେ ସେମାନେ ଗୋଟିଏ ବସ୍ତୁ ।

ଆତ୍ମାକୁ ଆମେ ସେହି ଦିବ୍ୟ ସ୍ଫୁଲିଙ୍ଗ ବୋଲି ଜାଣିବା ଯାହା ପ୍ରତ୍ୟେକ ସତ୍ତାରେ ଅବସ୍ଥାନ କରୁଛି; ଦିବ୍ୟ ପରମ ଉତ୍ସଟି ସହିତ ତାହା ଅଭିନ୍ନ ହୋଇ ରହିଛି । ଏହାକୁ ମନୁଷ୍ୟ ମଧ୍ୟରେ ରହିଥିବା ଦିବ୍ୟ ଅଂଶଟିଏ ବୋଲି କୁହାଯିବ ।

ଏହି ଦିବ୍ୟ କେନ୍ଦ୍ର ବା ଆତ୍ମାର ଚତୁଷ୍ପାର୍ଶ୍ୱରେ ଉତ୍ତରୋତ୍ତର ଭାବରେ ଯାହା ସଂରଚିତ ହେବାରେ ଲାଗିଥାଏ, ସେଇଟି ଚୈତ୍ୟସତ୍ତା । ପାର୍ଥିବ ବିବର୍ତ୍ତନର ଅଗଣିତ ଜୀବନକାଳ ଦେଇ ଏହି ପ୍ରକ୍ରିୟା ଲାଗି ରହିଥାଏ ଏବଂ ପରିଶେଷରେ ଏପରି ଏକ ସମୟ ଆସେ, ଯେତେବେଳେ କି ପରିପୂର୍ଣ୍ଣ ଭାବରେ ଗଠିତ ଏବଂ ପୂର୍ଣ୍ଣ ଭାବରେ ଜାଗୃତ ହୋଇ ଚୈତ୍ୟସତ୍ତା, ତାହା ଆପଣାକୁ ଯାହାର ଚାରିପାଖରେ ସଂରଚିତ କରି ଆଣୁଥିଲା, ସେହି ଆତ୍ମାର ଏକ ସଚେତନ କୋଷରେ ପରିଣତ ହୋଇଯାଏ ।

ଏବଂ, ଏହିପରି ଭାବରେ ଦିବ୍ୟ ପରମସତ୍ତା ସହିତ ଏକାତ୍ମକତା ଲାଭ କରି ତାହା ପୃଥିବୀରେ ତାଙ୍କର ଏକ ପୂର୍ଣ୍ଣ ସମର୍ଥ ଯନ୍ତ୍ର ହୋଇ ଅବସ୍ଥାନ କରେ ।

*୧୬ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ଆପଣ କହିଛନ୍ତି ଯେ, ଚୈତ୍ୟସତ୍ତାର ଉପଲବ୍ଧି ହୋଇଗଲେ ଆମେ ତାହାକୁ ଆଉ କେବେହେଲେ ହରାଇବା ନାହିଁ । ଏହା ପ୍ରକୃତରେ ଠିକ୍, ନୁହେଁ କି ? ମାତ୍ର, ଗ୍ରହଣଶୀଳ ହୋଇ ରହିଥିବା ବେଳେ ଆମେ ବାରବାର ତାହାର ସଂସ୍ପର୍ଶରେ ଆସିବାର ସମ୍ଭାବନା ରହିଛି କି ?*

ନିଜ ଚୈତ୍ୟସତ୍ତା ସହିତ ସଂପର୍କ ପ୍ରତିଷ୍ଠା କରିସାରିବା ପରେ ତାହା ପ୍ରକୃତରେ ସୁଦୃଢ଼ ହୋଇ ରହିଥାଏ ।

ମାତ୍ର ଏହି ସମ୍ପର୍କର ପ୍ରତିଷ୍ଠା ହେବା ପୂର୍ବରୁ ତୁମେ, କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ସଚେତନ ଭାବରେ ଚୈତ୍ୟର **ପ୍ରଭାବଟିକୁ** ଅବଶ୍ୟ ଲାଭ କରି ପାରିବ । ସେହି ପ୍ରଭାବ ସତ୍ତା ମଧ୍ୟରେ ଏକ ଆଲୋକନ ଘଟାଇଥାଏ ଏବଂ ତାହାର ଅଳ୍ପବହୁତ ଏକ ସ୍ଥାୟୀ ଫଳପ୍ରଦତା ମଧ୍ୟ ରହିଥାଏ ।

*୧୬ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ଆତ୍ମା ଆପଣାକୁ ବ୍ୟକ୍ତିଭାବରେ ଅବସ୍ଥାପିତ କରିଆଣେ ଏବଂ ଆପଣାକୁ*

*ଉତ୍ତରୋତ୍ତର ଭାବରେ ଏକ ଚୈତ୍ୟସତ୍ତାରୂପେ ରୂପାନ୍ତରିତ କରି ଦେବାରେ ଲାଗିଥାଏ । ଏହାର କ୍ଷିପ୍ର ଅଭିବର୍ଦ୍ଧନ ନିମନ୍ତେ ସର୍ବୋତ୍ତମ ସର୍ତ୍ତମାନ କ'ଣ ହେବା ଉଚିତ ?*

ଏପରି କହିଲେ ବରଂ ଅଧିକ ନିର୍ଭୁଲ ହେବ ଯେ, ଆତ୍ମା ଏକ ଉତ୍ତରୋତ୍ତର ବର୍ଦ୍ଧନଶୀଳ ବ୍ୟକ୍ତି-ଆକାର ଧାରଣ କରେ ଏବଂ ତାହାହିଁ ଚୈତ୍ୟ ସତ୍ତାରେ ପରିଣତ ହୁଏ । କାରଣ, ଆତ୍ମା ସ୍ୱୟଂ ସର୍ବୋଚ୍ଚ ପରମସତ୍ତାଙ୍କର ଏକ ଅଂଶ ହୋଇଥିବାରୁ ତାହା ଅପରିବର୍ତ୍ତନୀୟ ଏବଂ ଚିରନ୍ତନ ହୋଇ ରହିଥାଏ । ଅନ୍ୟ ପକ୍ଷରେ, ଚୈତ୍ୟସତ୍ତାର ଉତ୍ତରୋତ୍ତର ବିକାଶ ହେବାରେ ଲାଗିଥାଏ, ତାହା ଉତ୍ତରୋତ୍ତର ଭାବରେ ଅମରତ୍ୱ ମଧ୍ୟ ଲାଭ କରୁଥାଏ ।

ଆତ୍ମ-ଜ୍ଞାନ, ଆତ୍ମ-ନିୟନ୍ତ୍ରଣ ଏବଂ ଆତ୍ମ-ସ୍ୱାମିତ୍ୱର ଯେତେସବୁ ପଦ୍ଧତି ରହିଛି, ସେଗୁଡ଼ିକ ସବୁଯାକ ଉତ୍ତମ ପଦ୍ଧତି । ଏଗୁଡ଼ିକରୁ ଯେଉଁଟି ତୁମ ପାଖକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିବ ଓ ତୁମ ସ୍ୱଭାବର ସର୍ବାଧିକ ଅନୁକୂଳ ହୋଇଥିବ, ତୁମେ ସେଇଟିକୁହିଁ ଆଚରଣ କରିବ । ଏବଂ, ଥରେ ନିଜ ପଦ୍ଧତିଟିକୁ ବାଛିନେବା ପରେ, ତୁମକୁ ଏପରି ଏକ ଅବିଚଳିତ ଅଧ୍ୟବସାୟ ସହିତ ଆପଣାର ବୁଦ୍ଧିଶାଣିତ ଇଚ୍ଛାଟିକୁ କାମରେ ଲଗାଇବାକୁ ପଡ଼ିବ । ଯାହାକି ଆଦୌ କୌଣସି ବାଧା ବା ପ୍ରତିବନ୍ଧକର ସମ୍ମୁଖରେ ମଧ୍ୟ ନିରସ୍ତ ହୋଇଯିବ ନାହିଁ । ଏଇଟି ହେଉଛି ଏକ ଅତ୍ୟନ୍ତ ଦୀର୍ଘ ଏବଂ ଯତ୍ନସାପେକ୍ଷ କାର୍ଯ୍ୟ ଯାହାକୁ କି ଅତ୍ୟନ୍ତ ନିଷ୍ଠାର ସହିତ ଅନୁସରଣ କରିବାକୁ ହେବ ଏବଂ ସର୍ବଦା ଅଧିକରୁ ଅଧିକ ବିବେକପୂର୍ଣ୍ଣ ଏବଂ ସମଗ୍ର ହୋଇ ପାରୁଥିବା ସତତ ଅଧିକ ନିଷ୍ଠା ସହିତ ଅବ୍ୟାହତ ରଖିବାକୁ ପଡ଼ିବ ।

ସହଜ ବାଟଗୁଡ଼ିକ ସାଧାରଣତଃ ଆମକୁ କୌଣସି ଲକ୍ଷ୍ୟ ସ୍ଥଳରେ ନେଇ ପହଞ୍ଚାଇ ପାରନ୍ତି ନାହିଁ ।

*୨୮ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ନାନା ମନ୍ଦ କର୍ମ ଏବଂ ଏକ ନିମ୍ନସ୍ତରୀୟ ଚେତନାର ବାହ୍ୟ ଜୀବନର ପ୍ରଭାବ ଚୈତ୍ୟସତ୍ତା ଉପରେ ପଡ଼ିଥାଏ କି ? ତାହା ସ୍ୱୟଂ କୌଣସି ସ୍ଖଳନର ବଶବର୍ତ୍ତୀ ହେବାର ସମ୍ଭାବନା ଥାଏ କି ?*

ଏକ ନିମ୍ନସ୍ତରୀୟ ଏବଂ ମନ୍ଦ ଜୀବନଯାପନ କେବଳ ଚୈତ୍ୟସତ୍ତାଠାରୁ ବାହ୍ୟ ସତ୍ତାଟିକୁ ଅଧିକରୁ ଅଧିକ ନିଃଶେଷରେ ଅଲଗା କରି ଦେଇପାରେ । ସେହି ସ୍ଥିତିରେ ଚୈତ୍ୟସତ୍ତା

ଆପଣାକୁ ଉଚ୍ଚତର ଚେତନାର ଗଭୀରତା ମଧ୍ୟକୁ ପ୍ରତ୍ୟାହୃତ କରିନିଏ ଏବଂ ବେଳେବେଳେ ଶରୀର ସହିତ ଯାବତୀୟ ସମ୍ବନ୍ଧକୁ କାଟି ମଧ୍ୟ ଦିଏ । ସେତେବେଳେ ଶରୀର ସାଧାରଣତଃ ଏକ ଆସୁରିକ ବା ରାକ୍ଷସିକ ସତ୍ତାର କବଳ ଭିତରେ ରହିଥାଏ ।

ଚୈତ୍ୟସତ୍ତା ସ୍ୱୟଂ ସ୍ଖଳନର ଯାବତୀୟ ସମ୍ଭାବନାର ଊର୍ଦ୍ଧ୍ୱରେ ରହିଥାଏ ।

*୨୮ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ସାଧାରଣତଃ ଅଚେତନ ହୋଇ ରହିଥିବା ଏକ ସତ୍ତାକୁ ଆତ୍ମା କିପରି ଭାବରେ ପ୍ରଭାବିତ କରିଥାଏ ?*

ଆତ୍ମାର ପ୍ରଭାବକୁ ଏକ ପ୍ରକାରର ଦୀପ୍ତି ବୋଲି କୁହାଯିବ, ଯାହାକି ସଂପୂର୍ଣ୍ଣ ଭାବରେ ଅପାରଦର୍ଶକ ହୋଇ ରହିଥିବା ଉପାଦାନଗୁଡ଼ିକୁ ମଧ୍ୟ ଭେଦ କରିପାରେ ଏବଂ ଅଚେତନା ମଧ୍ୟରେ ମଧ୍ୟ ଆପଣାକୁ କ୍ରିୟାଶୀଳ କରି ରଖିପାରେ ।

ମାତ୍ର, ସେହି ସ୍ଥିତିରେ ତାହାର କ୍ରିୟା ଅତ୍ୟନ୍ତ ମନ୍ଥର ହୋଇଯାଏ ଏବଂ ଏକ ଦୃଶ୍ୟମାନ ପରିଣାମ ଲାଭ କରିବା ନିମନ୍ତେ ତାହାକୁ ସୁଦୀର୍ଘ ସମୟ ଲାଗିଥାଏ ।

*୩୧ ଜୁଲାଇ ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ କହିଛନ୍ତି ଯେ, ସାଧାରଣ ବିବେକର ବାଣୀକୁ ଆତ୍ମାର ବାଣୀ ବୋଲି ଆଦୌ ଭୁଲ୍ କରିବା ଉଚିତ ନୁହେଁ । ତେବେ ସାଧାରଣ ବିବେକର ବାଣୀ ପ୍ରକୃତରେ କ'ଣ ?*

ସାଧାରଣ ବିବେକର ବାଣୀ ହେଉଛି ଏକ ନୈତିକ ବାଣୀ, ନୈତିକତାର ଏକ ବାଣୀ, ଯାହାକି ଭଲ ଆଉ ମନ୍ଦ ଭିତରେ ତାରତମ୍ୟ ବିଚାର କରେ, ଆମକୁ ଭଲ କାମ କରିବାକୁ ଉତ୍ସାହ ଦିଏ ଏବଂ ମନ୍ଦ କାମ କରିବାକୁ ମନା କରେ । ସାଧାରଣ ଜୀବନରେ ଏହି ବାଣୀ ଖୁବ୍ କାମରେ ଆସେ । ମାତ୍ର, ଏପରି ଏକ ମୁହୂର୍ତ୍ତ ଆସେ, ଯେତେବେଳେ କି ଜଣେ ବ୍ୟକ୍ତି ତା'ର ଚୈତ୍ୟସତ୍ତା ବିଷୟରେ ସଚେତନ ହେବାକୁ ସମର୍ଥ ହୁଏ ଓ ଆପଣାର ଜୀବନଚାରଣାକୁ ସଂପୂର୍ଣ୍ଣ ଭାବରେ ତାହାର ହାତରେ ଛାଡ଼ିଦିଏ; ଅନ୍ୟ ଭାଷାରେ କହିଲେ, ସେ ସାଧାରଣ ମନୁଷ୍ୟର ଆଚରଣ-ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଯାଏ, ଯାବତୀୟ ଅହଂବୋଧରୁ

ଆପଣାକୁ ମୁକ୍ତ କରି ଆଣେ ଏବଂ ଦିବ୍ୟ ପରମସତ୍ତାଙ୍କର ଏକ ସଚେତନ ଯନ୍ତ୍ରରେ ପରିଣତ ହୋଇଯାଏ । ଆତ୍ମା ମଧ୍ୟ ସେହି ଦିବ୍ୟ ପରମସତ୍ତାଙ୍କର ଏକ ଅଂଶ ହୋଇଥିବାରୁ ଯାବତୀୟ ନୀତିଗତ ଏବଂ ନୈତିକ ଧାରଣାର ଊର୍ଦ୍ଧ୍ୱରେ ରହିଥାଏ, ତାହା ଦିବ୍ୟ ପରମ ଆଲୋକରେହିଁ ଅବଗାହନ କରୁଥାଏ ଓ ତାହାକୁ ବି ପ୍ରକାଶିତ କରେ; ମାତ୍ର, କେବଳ ଅହଂର ବିଲୋପସାଧନ ଘଟିଲେ ଯାଇ ତାହା ସମଗ୍ର ସତ୍ତାକୁ ଯଥାର୍ଥରେ ଶାସନ କରିପାରେ ।

*୧୨ ଅଗଷ୍ଟ ୧୯୬୦*

*ସ୍ନେହମୟି ମାଆ,*

*ଆପଣ କହିଛନ୍ତି ଯେ, ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠରେ ବସି ଧ୍ୟାନ କରିବାର ଅନୁମତି ଲାଭ କରିବାକୁ ହେଲେ ''ତାଙ୍କ ଲାଗି ପ୍ରକୃତରେ ବହୁତ କିଛି କାର୍ଯ୍ୟ କରିଥିବା ଉଚିତ ।''* ମାଆ, ଆପଣ ଏହାଦ୍ୱାରା କ'ଣ କହିବାକୁ ଇଚ୍ଛା କରୁଛନ୍ତି ? ''ବହୁତ କିଛି'' ହେବାକୁ ହେଲେ ପ୍ରଭୁଙ୍କ ଲାଗି ପ୍ରକୃତରେ କ'ଣ କରି ପାରିଥିବା ଉଚିତ ?*

ପ୍ରଭୁଙ୍କ ପାଇଁ କିଛି କରିବାର ଅର୍ଥ ହେଉଛି, ଜଣକ ପାଖରେ ଯାହା ଅଛି, ଜଣେ ଯାହା କରୁଛି କିଂବା ଜଣେ ଯାହାକିଛି ହୋଇ ପାରିଛି, ସେଇଥିରୁ ତାଙ୍କୁ କିଛି ଦେବା ଲାଗି ସମର୍ଥ ହେବା । ଅନ୍ୟ ଶବ୍ଦ ବ୍ୟବହାର କରି କହିଲେ, ଆମ ପାଖରେ ସମ୍ପତ୍ତି ବା ସମ୍ପଦ ବୋଲି ଯାହା ଅଛି, ସେହି ସବୁକିଛିକୁ ତାଙ୍କୁ ନିବେଦନ କରିଦେବା; ଆମ କାର୍ଯ୍ୟର କିୟଦଂଶ ଅଥବା ସକଳ ଅଂଶ ତାଙ୍କୁ ଅର୍ପଣ କରିଦେବା ଅଥବା, ଆପଣାକୁ ତାଙ୍କ ପାଖରେ ସମଗ୍ର ଓ ଦ୍ୱିଧାହୀନ ଭାବରେ ଦେଇଦେବା, ଯେପରିକି ସେ ଆମର ପ୍ରକୃତିକୁ ଅଧିକାର କରିନେଇ ପାରିବେ ଏବଂ ତାହାକୁ ରୂପାନ୍ତରିତ କରିଦେବେ, ଦିବ୍ୟ ପ୍ରକୃତିରେ ପରିଣତ କରିଦେବେ । ମାତ୍ର, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆଦୌ କିଛି ହେଲେ ଦିଅନ୍ତି ନାହିଁ ମାତ୍ର ସର୍ବଦା ନେବାକୁ ଓ ପାଇବାକୁ ଇଚ୍ଛା କରୁଥା'ନ୍ତି । ସେମାନେ ହେଉଛନ୍ତି ସ୍ୱାର୍ଥପର ମଣିଷ ଏବଂ, ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠରେ ଧ୍ୟାନ କରିବା ଲାଗି ସେମାନଙ୍କର କୌଣସି ଯୋଗ୍ୟତା ନାହିଁ ।

*୨୬ ସେପ୍ଟେମ୍ବର ୧୯୬୦*

* ମାତୃବାଣୀ, ଶତବାର୍ଷିକୀ ଗ୍ରନ୍ଥମାଳା, ୧୩ ଶ ଖଣ୍ଡ(ଇଂ), ପୃଷ୍ଠା. ୨୯ ।

*ସ୍ନେହମୟି ମାଆ,*

*ଆଶୀର୍ବାଦ-ଦିବସମାନଙ୍କରେ ଆପଣ ଆମକୁ ଯେଉଁ ବାଣୀଗୁଡ଼ିକ ଦିଅନ୍ତି, ସେଗୁଡ଼ିକୁ ଆପଣ କିପରି ବାଛିଥା'ନ୍ତି ? ସେଗୁଡ଼ିକୁ ଆମେ କିଭଳି ପଢ଼ିବୁ ଏବଂ ସେଗୁଡ଼ିକ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବରେ କେଉଁସବୁ ନୂତନ ପଦାର୍ଥର ଅନ୍ୱେଷଣ କରିବୁ ?*

ସାଧାରଣତଃ ଅବସର ଅନୁସାରେ ଏବଂ ସେହି ମୁହୂର୍ତ୍ତଟିର ଆବଶ୍ୟକତା ଅନୁସାରେ ବାଣୀଗୁଡ଼ିକୁ ବଛା ଯାଇଥାଏ, ଯେପରିକି ପ୍ରତ୍ୟେକ ବ୍ୟକ୍ତି ସେଗୁଡ଼ିକ ମଧ୍ୟରେ ତାକୁ ଅଗ୍ରଗତିରେ ସାହାଯ୍ୟ କରିବାଭଳି ଶକ୍ତି ଅଥବା ଜ୍ଞାନଟିକୁ ଲାଭ କରିପାରିବ ।

ପ୍ରତ୍ୟେକଟିରେ ଅଗ୍ରଗତି ଲାଗି ଇଚ୍ଛାରହିଁ ଅସଲ ଆବଶ୍ୟକତା ରହିଛି — ଆମକୁ ତାହାହିଁ ଦିବ୍ୟ ପ୍ରଭାବ ଆଡ଼କୁ ଉନ୍ମୋଚିତ କରିଦିଏ ଏବଂ ତାହା ବହନ କରି ଆଣୁଥିବା ସମ୍ପଦଗୁଡ଼ିକୁ ଗ୍ରହଣ କରିବା ଲାଗି ଆମକୁ ସମର୍ଥ କରାଏ ।

*୨୬ ସେପ୍‌ଟେମ୍ବର ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ ଆମକୁ କହିଛନ୍ତି : ''ସର୍ବପ୍ରଥମେ ଆହ୍ୱାନଟି ବିଷୟରେ ଏବଂ ତୁମର ଆତ୍ମା ତାହାର କି ଜବାବ ଦେଉଛି ତାହାରି ବିଷୟରେ ସୁନିଶ୍ଚିତ ହୁଅ ।''* ତାଙ୍କର କହିବା ଅନୁସାରେ ଆମେ ତା'ପରେ ଯାଇ ଯୋଗର ମାର୍ଗରେ ଯାତ୍ରା କରି ପାରିବା । ତା' ନ ହେଲେ ଅନ୍ତିମ ପରିଣତିରେ ବିପର୍ଯ୍ୟୟହିଁ ଘଟିବ । ମାତ୍ର ଆହ୍ୱାନଟି ପ୍ରକୃତ ଆହ୍ୱାନ କି ନୁହେଁ ସେ କଥା ଆମେ କିପରି ଜାଣିବା ? ଏବଂ, ଆମର ଆତ୍ମା କ'ଣ ସକଳ ପରିସ୍ଥିତିରେହିଁ ଯୋଗର ମାର୍ଗଟିକୁ ବାଛିନେବ ନାହିଁ ?*

ଶ୍ରୀଅରବିନ୍ଦ ଏହି କଥା କହିବାକୁ ଚାହୁଁଛନ୍ତି ଯେ, ଜଣେ ବ୍ୟକ୍ତି ଏକ ମନଃସ୍ତରୀୟ ଉଚ୍ଚାକାଙ୍କ୍ଷା କିଂବା ଏକ ପ୍ରାଣସ୍ତରୀୟ ଖିଆଲକୁ ଆଧ୍ୟାତ୍ମିକ ଆହ୍ୱାନ ବୋଲି କଦାପି ଭୁଲ୍ କରିବ ନାହିଁ । କାରଣ, ତା'ର ଯେ ଯୋଗମାର୍ଗକୁ ଗ୍ରହଣ କରିବା ଉଚିତ, ଏକ ଆଧ୍ୟାତ୍ମିକ ଆହ୍ୱାନହିଁ ତାହାର ନିଶ୍ଚିତ ସଙ୍କେତ ଦେଇପାରିବ । ଉଚିତ ସମୟଟି ଆସିଲେ ଯାଇ ଆଧ୍ୟାତ୍ମିକ ଆହ୍ୱାନଟିକୁ ଶୁଣିହୁଏ; ସେତେବେଳେ ଆତ୍ମା ତାହାକୁ ଅନୁସ୍ପନ୍ଦନ ଜଣାଏ ଏବଂ ମାର୍ଗରେ ବାହାରିଯାଏ । ତାହା ନିଜକୁ କୌଣସି ମହତ୍ତ୍ୱାକାଙ୍କ୍ଷା, ଗର୍ବ ବା ବାସନା

* ଶତବାର୍ଷିକୀ ଗ୍ରନ୍ଥମାଳା, ୧୭ ଶ ଖଣ୍ଡ(ଇଂ), ପୃଷ୍ଠା. ୩୯ ।

ଦ୍ୱାରା ପ୍ରତାରିତ ହେବାକୁ ଦିଏ ନାହିଁ ଏବଂ, ମାର୍ଗରେ ବାହାରି ଯିବାକୁ ସେ ଯେତେବେଳ ଯାଏ ଦିବ୍ୟ ପରମକର୍ତ୍ତାଙ୍କର ଆଦେଶ ପାଇ ନ ଥାଏ, ସେତେବେଳ ଯାଏ ସେ ଧୈର୍ଯ୍ୟର ସହିତ ଅପେକ୍ଷା କରେ ଏବଂ ଭଲ କରି ଜାଣିଥାଏ ଯେ, ଯଥାର୍ଥ ସମୟଟି ଆସି ପହଞ୍ଚିବା ପୂର୍ବରୁ ବାହାରିଗଲେ ତଦ୍ୱାରା ଅନ୍ତତଃ କୌଣସି ଫଳ ହେବ ନାହିଁ । ଏବଂ, ହୁଏତ ଏହାଦ୍ୱାରା ଅନିଷ୍ଟ ମଧ୍ୟ ହୋଇପାରେ । *୧୭ ଅକ୍ଟୋବର ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ ଆମକୁ କହୁଛନ୍ତି : ''ଦେବତାମାନଙ୍କର ଅମୃତ ଅପେକ୍ଷା ପରମେଶ୍ୱରଙ୍କର କରୁଣାକୁ ଲାଭ କରିବା ବା ତାକୁ ସ୍ଥାୟୀ କରି ରଖିବା ଅଧିକ କଷ୍ଟକର ।''* ଏହାର ଅର୍ଥ କ'ଣ ? କେବଳ ଆମର ଗ୍ରହଣଶୀଳତା ଅନୁସାରେହିଁ ପରମେଶ୍ୱରଙ୍କର କରୁଣା ସର୍ବଦା ଆମ ଉପରେ ଅଜାଡ଼ି ହୋଇ ପଡୁ ନ ଥାଏ କି ?*

ପରମ କରୁଣା ସର୍ବଦା ବିଦ୍ୟମାନ, ଶାଶ୍ୱତ କାଳ ଲାଗି ତଥା ସକ୍ରିୟଭାବେ ବିଦ୍ୟମାନ । ମାତ୍ର ଶ୍ରୀଅରବିନ୍ଦ କହୁଛନ୍ତି ଯେ, ତାହାକୁ ଗ୍ରହଣ କରିବାର ଏକ ସ୍ଥିତିରେ ରହିବା ଆମ ଲାଗି ଅତ୍ୟନ୍ତ, ଅତ୍ୟନ୍ତ କଷ୍ଟକର; ତାହାକୁ ଧରି ରଖିବା ଓ ତା'ର ଦାନର ଉପଯୋଗ କରିବା ଅତ୍ୟନ୍ତ କଷ୍ଟକର ।

ଶ୍ରୀଅରବିନ୍ଦ ଏକଥା ମଧ୍ୟ କହୁଛନ୍ତି ଯେ, ଅମରପୁରର ଦେବତାମାନଙ୍କର ପାତ୍ରରୁ ଅମୃତ ପାନ କରିବା ଅପେକ୍ଷା ମଧ୍ୟ ତାହା ଅଧିକ କଷ୍ଟକର ।

ଦିବ୍ୟ କରୁଣାକୁ ଗ୍ରହଣ କରିବାକୁ ହେଲେ, କେବଳ ଯେ ଏକ ବୃହତ୍ ଅଭୀପ୍ସା ରହିଥିବା ଆବଶ୍ୟକ ତା'ନୁହେଁ, ମାତ୍ର ଆନ୍ତରିକ ବିନମ୍ରତା ଏବଂ ଏକ ଅବିଚଳ ବିଶ୍ୱାସ ମଧ୍ୟ ଅବଶ୍ୟ ରହିଥିବା ଉଚିତ ।

*୧୭ ଅକ୍ଟୋବର ୧୯୬୦*

*ସ୍ନେହମୟି ମାଆ,*

*ସର୍ବଦା ଚେତନାର ସେହି ଗୋଟିଏ ଉଚ୍ଚତାରେ ଜୀବନ ବଞ୍ଚିବା କାହିଁକି ସମ୍ଭବ ହୁଏ ନାହିଁ ? ସକଳ ଉଦ୍ୟମ ଓ ଅଭୀପ୍ସା ସତ୍ତ୍ୱେ ମୁଁ ବେଳେବେଳେ ତଥାପି ନିମ୍ନକୁ ଖସିଆସେ ।*

---

* ଶତବାର୍ଷିକୀ ଗ୍ରନ୍ଥମାଳା, ୧୭ ଶ ଖଣ୍ଡ(ଇଂ), ପୃଷ୍ଠା. ୪୦ ।

*ଶ୍ରୀଅରବିନ୍ଦ ଏକ ''ପରିପାଚନର ସମୟାବଧି''ର କଥା କହିଛନ୍ତି । ମାଆ, ତାହାର ଅର୍ଥ କ'ଣ ?*

ତାହାର କାରଣ ହେଉଛି ଯେ ଜଣେ ବ୍ୟକ୍ତି ଗୋଟିଏ ଅକ୍ଷୁଣ୍ଣ ଉପାଦାନରେ ତିଆରି ହୋଇ ନ ଥାଏ । ତା'ଭିତରେ ଅନେକ ସତ୍ତା ରହିଥା'ନ୍ତି, ଅଥଚ ସେଗୁଡ଼ିକ ଅନେକ ସମୟରେ ପରସ୍ପରର ବିରୋଧୀ : କେତେକେ ଆଧ୍ୟାତ୍ମିକ ଜୀବନର କାମନା କରୁଥା'ନ୍ତି, ଆଉ କେତେକେ ଇହ ଜଗତର ଦ୍ରବ୍ୟଗୁଡ଼ିକ ପ୍ରତି ଆସକ୍ତ ହୋଇ ରହିଥା'ନ୍ତି । ଏହି ସବୁଯାକ ଅଂଶକୁ ସମ୍ମତ କରାଇବା ଏବଂ ସେମାନଙ୍କ ମଧ୍ୟରେ ଏକତ୍ୱର ସ୍ଥାପନ କରିବା,— ତାହା ଅନେକ ସମୟସାପେକ୍ଷ, ଅତ୍ୟନ୍ତ କଷ୍ଟକର ।

ଅପେକ୍ଷାକୃତ ଅଧିକ ବିକଶିତ ଅଂଶଗୁଡ଼ିକ ଯେଉଁ ଶକ୍ତି ଏବଂ ଆଲୋକ ଗ୍ରହଣକରନ୍ତି, ପରିପାଚନର ଏକ ପ୍ରକ୍ରିୟା ଦ୍ୱାରା ତାହା ସତ୍ତାର ଅବଶିଷ୍ଟ ଅଂଶକୁ ସଞ୍ଚାରିତ ହୋଇ ଯାଏ ଏବଂ ପରିପାଚନର ଏହି ସମୟାବଧିରେ ଅପେକ୍ଷାକୃତ ଅଧିକ ବିକଶିତ ଅଂଶଗୁଡ଼ିକର ଅଗ୍ରଗତି ବାଧାପ୍ରାପ୍ତ ହେଉଥିବା ପରି ପ୍ରତୀତ ହେଉଥାଏ । ଶ୍ରୀଅରବିନ୍ଦ ତାହାରି ବିଷୟରେ କହିଛନ୍ତି ।

*୨୯ ଅକ୍ଟୋବର ୧୯୬୦*

*ସ୍ନେହମୟି ମାଆ,*

*ଅନେକ ସମୟରେ ସର୍ବୋଚ୍ଚ ଉଲ୍ଲାସମୟତାର କେତୋଟି କ୍ଷଣ ବଞ୍ଚିବା ପ୍ରକୃତରେ ସମ୍ଭବ ହୋଇଯାଏ, କାରଣ ସେତେବେଳେ ନିଜର ପରମ ବ୍ୟକ୍ତିରୂପ ଦିବ୍ୟସତ୍ତାଙ୍କ ସହିତ ସଂସ୍ପର୍ଶରେ ରହିଥାଏ । ବିଶ୍ୱାତୀତ ଦିବ୍ୟସତ୍ତାଙ୍କର ନିକଟବର୍ତ୍ତୀ ହେବାର ବାଟ କ'ଣ ?*

ଏହା ଏକାନ୍ତ ସୁନିଶ୍ଚିତ ଯେ, ଯଦି ତୁମେ ''ନିଜର ବ୍ୟକ୍ତିରୂପ ଦିବ୍ୟସତ୍ତା''ଙ୍କର ସଂସ୍ପର୍ଶରେ ପ୍ରକୃତରେ ରହି ପାରୁଥାନ୍ତ, ତେବେ କିପରି ''ବିଶ୍ୱାତୀତ ଦିବ୍ୟସତ୍ତାଙ୍କର'' ସମୀପବର୍ତ୍ତୀ ହେବାକୁ ହୁଏ, ତୁମେ ସେ କଥାଟିକୁ ମଧ୍ୟ ସଂପୂର୍ଣ୍ଣ ଭଲ ଭାବରେ ଜାଣି ପାରନ୍ତ । କାରଣ ଦୁଇଟିଯାକ ପ୍ରକୃତରେ ଅଭିନ୍ନ; କେବଳ ସେମାନଙ୍କର ସମୀପବର୍ତ୍ତୀ ହେବାର ମାର୍ଗରେହିଁ ଯାହାକିଛି ପାର୍ଥକ୍ୟ ରହିଛି । ଗୋଟିଏ ହୃଦୟ ମଧ୍ୟଦେଇ ଓ ଆରଟି ତୁମ ମନର ମଧ୍ୟ ଦେଇ ।

*୨୯ ଅକ୍ଟୋବର ୧୯୬୦*

*ସ୍ନେହମୟି ମାଆ,*

*ଗତ ପ୍ରଶ୍ନଟିରେ ମୁଁ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ ନିଜକଥା ବ୍ୟକ୍ତ କରିଥିଲି ଏବଂ ତେଣୁ ଆପଣଙ୍କର ଉତ୍ତର ପାଇ ମୁଁ ଅତ୍ୟନ୍ତ ନିଷ୍ପାହୀନ ପରି ଅନୁଭବ କଲି । ମୁଁ ଏକଥା କହିବାକୁ ଇଚ୍ଛା କରୁଥିଲି ଯେ, ଆମ ଗ୍ରହଣଶୀଳତାର ସର୍ବୋତ୍ତମ ମୁହୂର୍ତ୍ତମାନଙ୍କରେ ଆମେ ଏପରି ଏକ ପରମ ଉପସ୍ଥିତିର ସଂସ୍ପର୍ଶରେ ଆସୁ, ଯାହାଙ୍କ ପାଖରେ କି ନିଜକୁ ଦେଇ ଦେବାକୁ ଏକ ଅପ୍ରତିରୋଧ ପ୍ରେରଣା ଅନୁଭବ କରିଥାଉ । ସେଇ ଉପସ୍ଥିତିହିଁ ଆମର ପ୍ରେମ ଏବଂ ଆରାଧନାର ଶିଖର ସ୍ଥାନ ହୋଇ ରହିଥାଏ । ସେହି ଉପସ୍ଥିତିକୁ ମୁଁ ''ବ୍ୟକ୍ତିରୂପ ଦିବ୍ୟସତ୍ତା'' ବୋଲି କହିଛି, ସିଏ ପ୍ରକୃତରେ ଆପଣଙ୍କ ବ୍ୟତୀତ ଆଦୌ ଅନ୍ୟ କେହି ନୁହନ୍ତି । ମୁଁ ଜାଣେ ଯେ, ଏହି ଅବସ୍ଥାରେ ଦିବ୍ୟ ପରମସତ୍ତାଙ୍କର ଏକ ପରିପୂର୍ଣ୍ଣ ଅବଧାରଣା ଲାଭ କରିବା ଆଦୌ ସମ୍ଭବ ନୁହେଁ ।*

*ମାଆ, ତେଣୁ ବର୍ତ୍ତମାନ ଆପଣ ମୋତେ କହନ୍ତୁ, ''ବିଶ୍ୱାତୀତ ଦିବ୍ୟସତ୍ତା''ଙ୍କ ବିଷୟରେ ଏକ ଅବଧାରଣା କରିପାରିବା ସମ୍ଭବ କି ନାହିଁ ?*

ମୁଁ ଦେଇଥିବା ଉତ୍ତରରେ ତୁମେ ପଚାରିଥିବା ପ୍ରଶ୍ନଟିର ମଧ୍ୟ ଉତ୍ତର ରହିଥିଲା, କାରଣ ମୁଁ ଖୁବ୍ ଭଲ କରି ବୁଝିଥିଲି ଯେ ତୁମେ ପ୍ରକୃତରେ ଆଦୌ କିଛି ହେଲେ ଦାବି କରୁ ନ ଥିଲ, ମାତ୍ର ନିଜର କଥାଟିକୁ କେବଳ ସ୍ପଷ୍ଟ ଭାବରେ ବ୍ୟକ୍ତ କରି ପାରି ନ ଥିଲ ।

ବିଶ୍ୱାତୀତ ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବାକୁ ହେଲେ ଜଣେ ବ୍ୟକ୍ତିଙ୍କୁ ବୁଦ୍ଧି-ରାଜ୍ୟର ଶୃଙ୍ଖଳା ଅନୁସରଣ କରିବାକୁ ହେବ, ଜ୍ଞାନର ମାର୍ଗରେ ଯିବାକୁ ପଡ଼ିବ; ଏବଂ, ଏକ ଆନୁକ୍ରମିକ ବିଲୋପନର ପଦ୍ଧତିରେ ସେହି ଅଦ୍ୱିତୀୟ ପରମସତ୍ୟ ଓ ରୂପ, ଦେଶ ଓ କାଳର ଅତୀତ ହୋଇ ରହିଥିବା ସେହି ପରମ ଏକମାତ୍ର ସତ୍ତାଙ୍କ ପାଖରେ ଯାଇ ପହଞ୍ଚିବାକୁ ପଡ଼ିବ । ଏହା ଏକ ଦୀର୍ଘ ଏବଂ କଷ୍ଟସାଧ୍ୟ ପଥ, ଏକ ଅତ୍ୟନ୍ତ ଦୁଷ୍କର ମାର୍ଗ ।

ଅନ୍ୟ ପକ୍ଷରେ, ଆପଣାର ହୃଦୟକୁ ସାଙ୍ଗରେ ଧରି ଜଣେ ବ୍ୟକ୍ତି ଅନ୍ତର୍ନିହିତ ପରମ ଦିବ୍ୟସତ୍ତାଙ୍କୁ ଆବିଷ୍କାର କରିବା ଲାଗି ମଧ୍ୟ ବାହାରିଯାଇ ପାରିବ । ଏବଂ, ଆଦୌ କୌଣସି ବାସନା ଏବଂ ଅହଂବୋଧ ନ ରଖି ଭଲ ପାଇବାର ମାର୍ଗଟି ଯଦି ଯଥାର୍ଥରେ ଜଣାଥିବ, ତେବେ ଅଚିରେ ସେହି ଦିବ୍ୟସତ୍ତାଙ୍କର ସାକ୍ଷାତ ମିଳିଯିବ, କାରଣ ତୁମକୁ ସାହାଯ୍ୟ କରିବା ଲାଗି ସେ ଅନୁକ୍ଷଣେ ତୁମକୁ ଭେଟିବାକୁ ଆସୁ ଥାଆନ୍ତି ।

*୧୨ ନଭେମ୍ବର ୧୯୬୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ ଆମକୁ କହିଛନ୍ତି : ''ଆପଣାର ପରିପୂର୍ଣ୍ଣତାରେ ଭଗବାନ୍ ପ୍ରତ୍ୟେକ ବସ୍ତୁକୁ ଆଲିଙ୍ଗନ କରି ରହିଛନ୍ତି; ଆମକୁ ମଧ୍ୟ ସେହିପରି ସବୁକିଛିକୁ ଆଲିଙ୍ଗନ କରି ପାରିବାରେ ସମର୍ଥ ହେବାକୁ ପଡ଼ିବ ।'' ଏହି ବାକ୍ୟଟିକୁ ନେଇ ତରୁଣମାନଙ୍କ ଭିତରେ ଅନେକ ଭୁଲ୍ ବୁଝାମଣା ସୃଷ୍ଟି ହୋଇଛି, ଏହାର ପ୍ରକୃତ ତାତ୍ପର୍ଯ୍ୟ କ'ଣ ?*

ଏହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝି ରଖିବା ଉଚିତ ଯେ, ଏଠାରେ ଶରୀରସ୍ତରୀୟ ଆଲିଙ୍ଗନର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ । ରାସ୍ତାରେ ବୁଲୁଥିବା ବାଳକମାନଙ୍କର ରୁଚି ଏବଂ ଅଭ୍ୟାସ ରଖିଥିବା ବେରସିକ ବ୍ୟଙ୍ଗକାରୀମାନେ ସମ୍ଭବତଃ କଥାଟିର ସେଭଳି ଅର୍ଥ କରିପାରନ୍ତି । ସେମାନେ ଶ୍ରୀଅରବିନ୍ଦ ଲେଖିଥିବା କଥାଗୁଡ଼ିକୁ ନିଜର ସଂଯମହୀନତା ଲାଗି ହୁଏତ ଏକ ଆଳ ରୂପେ ବ୍ୟବହାର କରିବାକୁ ଇଚ୍ଛା କରୁଥା'ନ୍ତି । ଦିବ୍ୟ ଆଲିଙ୍ଗନଗୁଡ଼ିକ ସର୍ବକ୍ଷେତ୍ରରେ କେବଳ ଆତ୍ମାର ଓ ଚେତନାର ଆଲିଙ୍ଗନ ହୋଇହିଁ ରହିଥାଏ ଏବଂ, କେବଳ ଚେତନାର ପ୍ରଶସ୍ତୀକରଣ ଦ୍ୱାରା, ଆପଣାର ବୁଝିବା ଶକ୍ତି ତଥା ଅନୁଭବକୁ ପ୍ରଶସ୍ତ କରିଦେବା ଦ୍ୱାରାହିଁ ମନୁଷ୍ୟମାନଙ୍କର ସ୍ତରରେ ସେଗୁଡ଼ିକୁ ସମ୍ଭବ କରାଯାଇ ପାରେ । ଏହି ପ୍ରଶସ୍ତୀକରଣ ତୁମକୁ ସବୁକିଛି ବୁଝି ପାରିବାର ସାମର୍ଥ୍ୟ ଆଣିଦିଏ, ଆଦୌ କୌଣସି ଅଭିରୁଚି ବା ଏକାନ୍ତବାଦିତା ନ ରଖି ସବୁକିଛିକୁ ଭଲ ପାଇବାର ସାମର୍ଥ୍ୟ ଆଣି ଦେଇଥାଏ ।

*୨୬ ନଭେମ୍ବର ୧୯୬୦*

*ସ୍ନେହମୟି ମାଆ,*

*ଆମେ ଶୁଣିଛୁ ଯେ, ଆଶ୍ରମକୁ ପିଲାମାନେ ଆସିବା ପୂର୍ବରୁ ଆଶ୍ରମର ବ୍ୟବସ୍ଥା ଅନେକ ଅଧିକ କଠୋର ଥିଲା, ଶୃଙ୍ଖଳା ମଧ୍ୟ ଅନେକ ଅଧିକ ପରିମାଣରେ କଡ଼ା ଥିଲା । କିପରି ଏବଂ କାହିଁକି ଏଗୁଡ଼ିକରେ ଏବେ ପରିବର୍ତ୍ତନ କରାଯାଇଛି ?*

ପିଲାମାନେ ଆସିବା ପୂର୍ବରୁ, କେବଳ ସାଧନା କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କୁ ଆଶ୍ରମରେ ଗ୍ରହଣ କରା ଯାଉଥିଲା ଏବଂ, ସାଧନାର ଚର୍ଯ୍ୟା ନିମନ୍ତେ କେବଳ ଯାହାକିଛି ଉପଯୋଗୀ ହେଉଥିଲା, ସେହି ଅଭ୍ୟାସ ଏବଂ କ୍ରିୟାଗୁଡ଼ିକୁହିଁ ଏଠାରେ ଅନୁମତି ଦିଆ ଯାଉଥିଲା ।

ମାତ୍ର, ପିଲାମାନେ ମଧ୍ୟ ସାଧନା କରନ୍ତୁ ବୋଲି ଦାବି କରିବାର ଆଦୌ କୌଣସି ଯୁକ୍ତିଯୁକ୍ତତା ନ ଥିବାରୁ, ପିଲାମାନେ ଆଶ୍ରମକୁ ଆସିବା ସଙ୍ଗେ ସଙ୍ଗେ ସେହି କଠୋରତାକୁ ମଧ୍ୟ ଅପସରି ଯିବାକୁ ପଡ଼ିଲା ।

*୨୬ ନଭେମ୍ବର ୧୯୬୦*

*ସ୍ନେହମୟି ମାଆ,*

*ନିଜ ଭିତରେ ଚୈତ୍ୟସତ୍ତାର ଆବିଷ୍କାର କରିବା ପୂର୍ବରୁ ମଧ୍ୟ ଆପଣଙ୍କୁ କ'ଣ ପରିପୂର୍ଣ୍ଣ ଭାବରେ, ଐକାନ୍ତିକ ଭାବରେ ଭଲ ପାଇବା ସମ୍ଭବ ?*

ପାର୍ଥିବ ମନୁଷ୍ୟ ଭିତରେ କେବଳ ଚୈତ୍ୟସତ୍ତାହିଁ ଯଥାର୍ଥ ପ୍ରେମ କ'ଣ ଜାଣିଥାଏ । **ପରିପୂର୍ଣ୍ଣ** ପ୍ରେମ ବିଷୟରେ କହିବାକୁ ଗଲେ, ତାହା କେବଳ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ ରହଛି ।

*୨୬ ଏପ୍ରିଲ୍ ୧୯୬୧*

*ସ୍ନେହମୟି ମାଆ,*

*୧୯୬୧ର ନବବର୍ଷ-ସନ୍ଦେଶରେ ଆପଣ କହିଛନ୍ତି : ''ଆନନ୍ଦର ଏହି ଅଦ୍ଭୁତ ପୃଥିବୀ ତାହାକୁ ପୃଥିବୀ ଉପରକୁ ଓହ୍ଲାଇ ଆସିବା ଲାଗି ଆମର ଆବାହନଟି ନିମନ୍ତେହିଁ ଆମର ଦ୍ୱାରଦେଶରେ ଅପେକ୍ଷା କରି ରହିଛି ।...'' ଆପଣ ଦୟା କରି ଏହାକୁ ବୁଝାଇଦେବେ କି ? ତାହା କ'ଣ ଆଗରୁ ଓହ୍ଲାଇ ଆସି ନାହିଁ ?*

ଆନନ୍ଦର ପୃଥିବୀଟି ଅବତରଣ କରି ନାହିଁ । କେବଳ ଅତିମାନସ ପରମ ଆଲୋକ, ପରମ ଚେତନା ଓ ପରମ ଶକ୍ତିର ଅବତରଣ ଘଟିଛି ।

*୨୬ ଏପ୍ରିଲ୍ ୧୯୬୧*

*ସ୍ନେହମୟି ମାଆ,*

*ସବୁଠାରୁ ଅଧିକ ଫଳପ୍ରସୂ ଭାବରେ ଏହି ଅଦ୍ଭୁତ ପୃଥିବୀଟିକୁ ଆବାହନ କରିହେବ କିପରି ?*

ଅଭୀପ୍ସାର କ୍ଷେତ୍ରରେ ଏକ ସଂପୂର୍ଣ୍ଣ ଆନ୍ତରିକତା ଦ୍ୱାରା ।

*୨୬ ଏପ୍ରିଲ୍ ୧୯୬୧*

*ସ୍ନେହମୟି ମାଆ,*

*ଯେତେବେଳେ ଏହି ଆଲୋକ ଅବତରଣ କରି ଆସିବ, ପୃଥିବୀରେ ତାହାର କେଉଁସବୁ ପରିଣାମକୁ ଆଖିରେ ଦେଖିହେବ ?*

ଏକ ସାର୍ବଜନୀନ ସଦିଚ୍ଛା ଏବଂ ସମଞ୍ଜସତା ।

*୨୬ ଏପ୍ରିଲ୍ ୧୯୬୧*

*ସ୍ନେହମୟି ମାଆ,*

*ଏବେ ସେମାନେ ଆପଣଙ୍କର ପ୍ରତୀକ ଓ ଶ୍ରୀଅରବିନ୍ଦଙ୍କର ନାମକୁ ଯାବତୀୟ ପ୍ରକାରର ପଦାର୍ଥ ଉପରେ ଛାପିବାକୁ ଆରମ୍ଭ କଲେଣି; ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ହଜାର ପ୍ରକାରର ତୁଚ୍ଛ ବସ୍ତୁମାନ, କାମ ସରିଗଲେ ଯେଉଁଗୁଡ଼ିକୁ କି କେବଳ ଫୋପାଡ଼ି ଦେବାକୁ ପଡ଼ିଥାଏ, ଉଦାହରଣ ସ୍ୱରୂପ ଦିଆଶିଲି, ପେନ୍‌ସିଲ୍, ଦାନ୍ତଘଷା ବୁରୁଶ୍, ପାନିଆ, ଏପରିକି ଶାଢ଼ିର ଧଡ଼ିଗୁଡ଼ାକ ଉପରେ, ଯେଉଁଗୁଡ଼ିକ ପାଦ ତଳେ ହୁଏତ ମକଚି ହୋଇ ଯାଉଥିବ, ସେସବୁ ଉପରେ ଛାପିବାକୁ ଆରମ୍ଭ କଲେଣି । ଏହିସବୁ ମୂଲ୍ୟବାନ୍ ଦ୍ରବ୍ୟକୁ ଏପରି ଲଗାମଛଡ଼ା ଓ ସାଧାରଣ ଭାବରେ ବ୍ୟବହାର କରିବା ଭଲ କି ?*

*ମାଆ, ଏଗୁଡ଼ିକୁ ବ୍ୟବହାର କରିସାରିବା ପରେ ଆମେ ଏଗୁଡ଼ିକୁ ପ୍ରକୃତରେ ଆଉ କ'ଣ କରିପାରିବୁ ? ସେଗୁଡ଼ିକୁ ତ କଦାପି ଫୋପାଡ଼ି ଦେଇ ହେବ ନାହିଁ । ଏଠାରେ ପୁରୁଣା କ୍ୟାଲେଣ୍ଡରଗୁଡ଼ିକର ଉଦାହରଣ ନିଆ ଯାଇପାରେ ।*

ପରମ ପ୍ରଭୁ ସର୍ବତ୍ର ଅଛନ୍ତି । ସକଳ ବସ୍ତୁରେ ଅଛନ୍ତି; ଆମେ ଯାହାସବୁ ଫିଙ୍ଗିଦେଉଛୁ ଏବଂ ଯାହାକିଛିକୁ ମୂଲ୍ୟବାନ୍ ମଣି ସାଇତି ରଖୁଛୁ, ଯାହାକୁ ଗୋଡ଼ତଳେ ମାଡ଼ି ମକଚି ଦେଉଛୁ ଓ ଯାହାକୁ ସମ୍ମାନ ଦେଖାଉଛୁ, ସବୁ ଦ୍ରବ୍ୟ ଓ ସବୁ ବସ୍ତୁରେ । ଆମକୁ ସେହି ସମ୍ମାନବୋଧ ସହିତ ଜୀବନ ବଞ୍ଚିବାକୁ ପଡ଼ିବ ଏବଂ ସେହି ପ୍ରଭୁଙ୍କର ନିରନ୍ତର ତଥା ଅପରିବର୍ତ୍ତନୀୟ ଉପସ୍ଥିତିକୁ ଆଦୌ ପାସୋରି ଦେବାକୁ ହେବ ନାହିଁ ।

*୨ ଜୁନ୍ ୧୯୬୧*

ତୁମେ ଫଟୋଚିତ୍ର ଥିବା କ୍ୟାଲେଣ୍ଡରଗୁଡ଼ିକର କଥା କହୁଛ । ଫଟୋଗୁଡ଼ିକୁ ସେଥିରୁ କାଟି ନେବାହିଁ ଅଧିକ ଯୁକ୍ତିଯୁକ୍ତ ହେବ । ଏବଂ, ଯଦି ତୁମେ ନିଜେ ସେଗୁଡ଼ିକୁ ରଖିବାକୁ ଇଚ୍ଛା ନ କରୁଛ, ତେବେ 'କ' ଙ୍କୁ ଦେଇ ଦେବ; ସେ ସେଗୁଡ଼ିକର ସୁବ୍ୟବହାର କରୁଛନ୍ତି ।

ଏବଂ ଫଟୋଗୁଡ଼ିକ **ନଷ୍ଟ ହେଉଛି** ବୋଲି ଯଦି ମୋତେ କହୁଛ, ତୁମେ ସେଇଥିରୁ ଅବଶ୍ୟ ବୁଝିପାରିବ ଆମେ ବ୍ୟବହାର କରୁଥିବା ବସ୍ତୁଗୁଡ଼ିକର ଯତ୍ନ ନେବା ପ୍ରକୃତରେ କେତେ ଆବଶ୍ୟକ । ସମ୍ମାନବୋଧ ସହିତ ଜୀବନ ବଞ୍ଚିବାକୁ କହିବା ଦ୍ୱାରା ମୁଁ ସେହିକଥା କହିବାକୁ ଇଚ୍ଛା କରୁଛି ।

*ଜୁନ୍ ୧୯୬୧*

*ସ୍ନେହମୟି ମାଆ,*

*ଆପଣା ଚୈତ୍ୟସତ୍ତାର ଆବିଷ୍କାର କରିବା ଏବଂ ନିଜ ଚେତନାର ଊର୍ଦ୍ଧ୍ୱାୟନ ଘଟାଇବା ଲାଗି ଏକ ଅତ୍ୟନ୍ତ ଗତିଶୀଳ ଏବଂ ସତ୍ୱର ଫଳଦାୟକ ଉପାୟ ରହିଛି କି ?*

ଯାହାକୁ କି ସତ୍ୱର ଫଳଦାୟକ ବୋଲି କୁହାଯାଇ ପାରିବ, ସେହିଭଳି ଗୋଟିଏ ମାତ୍ର ଉପାୟ ହେଉଛି ଯେ ଆମେ କେବଳ **ସେହି** ବିଷୟରେ ଭାବିବା ଓ କେବଳ **ତାହାକୁ**ହିଁ ଇଚ୍ଛା କରିବା ।

ଏହା ଫଳଦାୟକ ସତ, ମାତ୍ର କାର୍ଯ୍ୟ ଦୃଷ୍ଟିରୁ ଆଦୌ ସେତେ ବ୍ୟାବହାରିକ ନୁହେଁ !

*୨୭ ମଇ ୧୯୬୩*

# ଦଶମ ସ୍ତବକ

## ଦଶମ ସ୍ତବକ

*ଶ୍ରୀଅରବିନ୍ଦ ଆଶ୍ରମସ୍ଥ ଶାରୀରିକ ଶିକ୍ଷା ବିଭାଗର ଜଣେ ତରୁଣ କ୍ୟାପ୍‌ଟେନ୍‌ଙ୍କୁ ଲିଖିତ । ସେ ଉଣେଇଶ ବର୍ଷ ବୟସରେ ମାଆଙ୍କୁ ଚିଠି ଲେଖିବା ଆରମ୍ଭ କରିଥିଲେ ।*

*ସ୍ନେହମୟି ମାଆ,*

*ଶୁକ୍ରବାର ଆଠ ତାରିଖ ରାତିରେ ମୁଁ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି । 'କ୍ରୀଡ଼ାଙ୍ଗନ'ରେ ମୁଁ ଏକଥା କହି ପାରି ନ ଥିବାରୁ ବର୍ତ୍ତମାନ ଆପଣଙ୍କୁ ତାହା କହିବାକୁ ଇଚ୍ଛା କରୁଛି ।*

*ଭାରି ଚମତ୍କାର ଦିନଟିଏ ଥିଲା – ଅତି ବିଶେଷ ଦିନଟିଏ । 'କ୍ରୀଡ଼ାଙ୍ଗନ'ରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବୈଠକ ହେବାର ଥିଲା, ତେଣୁ ମୁଁ ଭାରି ତରତର ହୋଇ ସେଠାକୁ ଯାଉଥିଲି । ମାତ୍ର, କ୍ରୀଡ଼ାଙ୍ଗନର ନିକଟରେ ଷ୍ଟାଣ୍ଡାର୍ଡ ଷ୍ଟୋର୍ସ୍‌ର ଠିକ୍ ଆଗରେ ରାସ୍ତାଟି ଉପରେ ଅଗଣିତ ସାପ ସାଲୁବାଲୁ ହେଉଥିଲେ । ମୋତେ ଆଶ୍ଚର୍ଯ୍ୟ ଲାଗିଲା, ବରଂ ଭୟ ବି ଲାଗିଥିଲା । ତେଣୁ ମୁଁ ବୁଲି ଆଉ ଗୋଟିଏ ବାଟରେ କ୍ରୀଡ଼ାଙ୍ଗନକୁ ଯିବାକୁ ବାହାରୁଥିଲି । ମାତ୍ର ଠିକ୍ ସେତିକିବେଳେ ମୋ' ଭିତରୁ କିଏ ଯେପରି ମୋତେ କହିବାକୁ ଲାଗିଲା : ''କ'ଣ ହେଲା ! ତୁ ସାପଙ୍କୁ ଭୟ କରୁଛୁ ? ଆ, ସାହସ ଅବଲମ୍ବନ କରି ସେମାନଙ୍କ ମଧ୍ୟ ଦେଇ ଚାଲିଯା । ସେମାନେ ତୋ'ର କୌଣସି କ୍ଷତି କରିବେ ନାହିଁ ।'' ବେଶ୍ ବିଶ୍ୱାସର ସହିତ ସାପମାନଙ୍କ ଭିତରେ ପଶି ମୁଁ ଆଗକୁ ଯିବାକୁ ଲାଗିଲି । ଗୋଟିଏ ସାପ ବି ମୋ'ର କିଛି କ୍ଷତି କଲା ନାହିଁ ଓ ମୁଁ ମଧ୍ୟ କୌଣସି ସାପର କିଛି କ୍ଷତି କଲି ନାହିଁ । କ୍ରୀଡ଼ାଙ୍ଗନରେ ପହଞ୍ଚି ମୁଁ ଜଣେ ବନ୍ଧୁଙ୍କ ସହିତ କଥାବାର୍ତ୍ତା କରୁଥିଲି । ସେ ହଠାତ୍ ଭୟରେ ଡେଇଁପଡ଼ି କହିଲେ : ''ସାବଧାନ, ଆପଣଙ୍କର ବାହୁରେ ଗୋଟିଏ ସାପ ଗୁଡ଼ାଇହୋଇ ରହିଛି ଏବଂ ଆଉ କେତୋଟି ଆପଣଙ୍କର ଗୋଡ଼ ଏବଂ ଗୋଇଠିରେ ମଧ୍ୟ ଗୁଡ଼ାଇ ହୋଇଛନ୍ତି ।'' ସେତେବେଳ ପର୍ଯ୍ୟନ୍ତ ମୁଁ ସାପମାନଙ୍କର ଉପସ୍ଥିତିକୁହିଁ ଅନୁଭବ କରି ନ ଥିଲି । ତେଣୁ ମୁଁ ଏତେ ଟିକିଏ ମଧ୍ୟ ଆଶଙ୍କିତ ହୋଇ ଉଠିଲି ନାହିଁ । ସାପମାନଙ୍କୁ ଗୋଟି ଗୋଟି କରି ବାହାର କରି ଫୋପାଡ଼ି ଦେଲି । ଗୋଟିଏ ସାପ ମରିଗଲା, କାରଣ ମୁଁ ସେଇଟିକୁ କୁଦି ପକାଇଥିଲି ।*

*ମୁଁ ପରିଷ୍କାର ଭାବରେ ଏତିକି ମନେ ରଖି ପାରିଛି । ପରେ ସେଠାରେ କ'ଣ ଘଟିଲା, ସେ ବିଷୟରେ ନିର୍ଭୁଲ୍ ଭାବରେ ମୋ'ର କିଛି ମନେ ନାହିଁ । ମାଆ, ଏହି ସ୍ୱପ୍ନଟି ବିଷୟରେ ଆପଣ କ'ଣ ଭାବୁଛନ୍ତି ?*

ସ୍ୱପ୍ନଟି ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । ସାପମାନେ ସାଧାରଣତଃ ତୁମ ଚାରିପାଖରେ ଥିବା ଲୋକମାନଙ୍କଠାରୁ ମନ୍ଦ ଭାବନା ଓ ମନ୍ଦ ଇଚ୍ଛାର ଇଙ୍ଗିତ ଦେଇଥା'ନ୍ତି । ବା, ଏକ ପ୍ରତିକୂଳ ଆକ୍ରମଣକୁ ମଧ୍ୟ ସୂଚାଇ ଦିଅନ୍ତି, ଯାହାକି ହୁଏତ ଏକ ଅସୁସ୍ଥତା ରୂପେ ଆପଣାକୁ ବ୍ୟକ୍ତ କରି ପାରିବ । ମାତ୍ର, ସ୍ୱପ୍ନରେ ତୁମର ଯେପରି ପରିଷ୍କାର ଅନୁଭୂତି ହୋଇଛି, ଯଦି ତୁମେ ଆଦୌ ଭୀତ ହେବ ନାହିଁ ଏବଂ ଆଦୌ କୌଣସି ପ୍ରକାରେ ବ୍ୟସ୍ତ ହୋଇ ନ ପଡ଼ି ନିଜ ବାଟରେ ଚାଲିଯିବ, ତେବେ ତୁମ ପାଇଁ ଆଦୌ କୌଣସି ମନ୍ଦ ଘଟଣା ଘଟିବ ନାହିଁ ।

ମୋର ଅନେକ ଆଶୀର୍ବାଦ ସହିତ ।

*୧୩ ଅକ୍ଟୋବର ୧୯୫୪*

*ସ୍ନେହମୟି ମାଆ,*

*ମଝିରେ ମଝିରେ କେତେ କ'ଣ ମନ୍ଦ ଭାବନା ଆସି ମୋତେ କବଳିତ କରି ପକାଉଛି । ସେତେବେଳେ ମୋ'ର ମନ ନାନା ପ୍ରବଳାବେଗର ଏକ କର୍ଦ୍ଦମଭୂମିରେ ପରିଣତ ହୋଇ ଯାଉଛି ଓ ମୁଁ ତାହାରି ଭିତରେ ଗୋଟାଏ କୀଟ ପରି ଲଟରପଟର ହେବାରେ ଲାଗିଛି । କିଛି ସମୟ ପରେ ମୋ'ର ଜାଗୃତି ଘଟୁଛି ଓ ନିଜର ଭାବନାଗୁଡ଼ିକ ଲାଗି ମୁଁ ଖୁବ୍ ଅନୁଶୋଚନା କରୁଛି । ମାତ୍ର ଏହିଭଳି ସଂଗ୍ରାମ ବାରବାର କରିବାକୁ ହେଉଛି । ଏଥିରୁ ଉଦ୍ଧାର ପାଇବା ନିମନ୍ତେ ଆପଣ ମୋତେ ସାହାଯ୍ୟ କରନ୍ତୁ ।*

ପୂର୍ଣ୍ଣ ବିଜୟ ହାସଲ କରିବା ପର୍ଯ୍ୟନ୍ତ ନିଜର ମନ୍ଦ ଭାବନାଗୁଡ଼ିକ ବିରୋଧରେ ତୁମକୁ ସଂଗ୍ରାମ କରିବାକୁ ପଡ଼ିବ । ମୋ'ର ସାହାଯ୍ୟ ଏବଂ ଆଶୀର୍ବାଦଚୟ ସର୍ବଦା ତୁମ ସହିତ ରହିଛି ।

*୨୬ ଜାନୁଆରି ୧୯୬୧*

*ସ୍ନେହମୟି ମାଆ,*

*ଏଠାରେ ଆମର କାର୍ଯ୍ୟକ୍ରମଗୁଡ଼ିକ ଏତେ ବିଭିନ୍ନ ପ୍ରକାରର ହୋଇ ରହିଛି ଯେ, ଶେଷ ପର୍ଯ୍ୟନ୍ତ କୌଣସି ଗୋଟିଏ ବିଷୟର ସ୍ଥାୟୀ ଅନୁଶୀଳନ*

*କରିବା ଭାରି କଷ୍ଟକର ହେଉଛି, ସମ୍ଭବତଃ କ'ଣ ସେହି କାରଣରୁ ଆମେ ଏକ ସାଧାରଣ ମଧ୍ୟମ ସ୍ତରରୁ ମୋଟେ ଆଗକୁ ଯାଇ ପାରୁ ନାହୁଁ, ବା, ଦୃଢ଼ ଓ ପୂର୍ଣ୍ଣ ମନୋଯୋଗର ଅଭାବରୁ ଏପରି ହେଉଛି ?*

କାର୍ଯ୍ୟକ୍ରମଟି ବିଭିନ୍ନ ପ୍ରକାରର ଓ ବହୁସଂଖ୍ୟକ ହୋଇ ରହିଛି ବୋଲି ସମ୍ପନ୍ନତା ହାସଲ କରିବାର ସ୍ତରଟି ମଧ୍ୟମ ସ୍ତରର ମୋଟେ ହେଉ ନାହିଁ । ମନୋଯୋଗ-ଶକ୍ତିର ଅଭାବରୁ ତାହା ହେଉଛି ।

ତେଣୁ ଅଭିନିବେଶର ଶିକ୍ଷା କରିବାକୁ ହେବ ଏବଂ ଯାହାକିଛି କରୁଛ, ତାହାକୁ ପୂର୍ଣ୍ଣ ଅଭିନିବେଶ ସହିତ କରିବାକୁ ହେବ । *୪ ଜୁଲାଇ ୧୯୬୧*

*ସ୍ନେହମୟି ମାଆ,*

*ଖେଳରେ, ବ୍ୟାୟାମରେ ବା ଜିମ୍‌ନାଷ୍ଟିକ୍‌ସ୍‌ରେ କିପରି ଛାତ୍ରମାନଙ୍କର ଆଗ୍ରହ ସୃଷ୍ଟି କରିବାକୁ ହେବ, ତାହା ପ୍ରକୃତରେ ଏକ ସମସ୍ୟା । ସବୁ କଥାରେ ସେମାନଙ୍କର ଉତ୍ସାହର ଅଭାବ ଦେଖି ଆମ ନିଜର ଉତ୍ସାହ ମଧ୍ୟ କ୍ଷୀଣ ହୋଇ ଯାଉଛି ।*

ଶିକ୍ଷକ ଭିତରେ ଯେତିକି **ଯଥାର୍ଥ ସାମର୍ଥ୍ୟ** ରହିଥିବ, ସେହି ଅନୁପାତରେ ଛାତ୍ରମାନଙ୍କର ଉତ୍ସାହ ମଧ୍ୟ ସମ୍ଭବ ହେବ ।

*୧୨ ଜୁଲାଇ ୧୯୬୧*

*(ସିଲ୍‌ଭିଉ କ୍ରାସିଉନାସ୍‌ଙ୍କ ଲିଖିତ The Lost Footsteps ବହିଟି ବିଷୟରେ)*
*ଶ୍ରୀଅରବିନ୍ଦ ପୃଥିବୀର ପ୍ରତ୍ୟେକ କୋଣରେ କିପରି କାର୍ଯ୍ୟ କରୁଛନ୍ତି, ଏହି ପୁସ୍ତକରୁ ତାହାର ସୂଚନା ମିଳୁଛି, ଆମେ ଏଠାରେ ଯେଉଁମାନେ ଆଶ୍ରମରେ ଅଛୁ, ଆଗେ ତାଙ୍କର ଥରେହେଲେ ବି ଦର୍ଶନ ପାଇ ନାହୁଁ ।*

ଏଠାରେ ଲୋକମାନେ ଅଛନ୍ତି, ଯେଉଁମାନେ କି ତାଙ୍କୁ ଦେଖୁଛନ୍ତି ଓ ସତତ ତାଙ୍କର ସଂସ୍ପର୍ଶରେ ଅଛନ୍ତି । ତାଙ୍କ ଆଦର୍ଶ ଅନୁସାରେ ବଞ୍ଚି ପାରିବା ଭଳି ଯେଉଁମାନେ ତାଙ୍କୁ ଆନ୍ତରିକ ଭାବରେ ଏବଂ ଯଥେଷ୍ଟ ପରିମାଣରେ ଭଲ ପାଉଛନ୍ତି, ସେହିମାନେ ତାହା କରି ପାରୁଛନ୍ତି । *୧୪ ଜୁଲାଇ ୧୯୬୧*

*(ଅଧିନାୟକମାନଙ୍କୁ ମାର୍ଚ୍ଚ ୧୯୬୧ରେ ମାଆ ଦେଇଥିବା 'ବାର୍ତ୍ତା'ଟି ସମ୍ବନ୍ଧରେ; ସେଥିରେ ମାଆ ସେମାନଙ୍କୁ ''ଏକ ବିଶିଷ୍ଟ ଓ ସର୍ବୋତ୍କୃଷ୍ଟ ଶ୍ରେଣୀର ହେବା ପାଇଁ'' କହିଥିଲେ ।) ଆମଠାରୁ ଆପଣ ଯାହା ଚାହୁଁଛନ୍ତି, ଆମେସବୁ ତାହାର ଅନେକ ଦୂରରେ ରହିଛୁ; ଅନ୍ତତଃ ମୁଁ ନିଜେ ରହିଛି । ଏହା ଏକ ଅତ୍ୟନ୍ତ କଠିନ କାର୍ଯ୍ୟ, ଏବଂ ଏଥିପାଇଁ ସମୟ, ଅନେକ ସମୟ ଲାଗିବ । ମାତ୍ର, ବର୍ତ୍ତମାନ କ'ଣ କରାଯାଇ ପାରିବ ? ଆପଣାର ଚେତନାକୁ ପରିବର୍ତ୍ତିତ କରି ଏକ ସର୍ବୋତ୍କୃଷ୍ଟ ବର୍ଗରେ ପରିଣତ ହେବା ସକାଶେ ବହୁତ ସମୟ ଦରକାର ହେବ । ବର୍ତ୍ତମାନ, ଆମେ ଓ ଆମ ଛାତ୍ରମାନଙ୍କର ସ୍ତରରେହିଁ ରହୁଛୁ, ତେଣୁ ବର୍ତ୍ତମାନର ତାତ୍କାଳିକ ସମସ୍ୟାଟିର ମଧ୍ୟ ସମାଧାନ ହୋଇପାରୁ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦିନ ଆମେ ସେମାନଙ୍କ ଭିତରେ କିପରି ଏକ ଆଗ୍ରହ ସୃଷ୍ଟି କରିପାରିବା ?*

ନିଜେ ବଦଳି ଏକ ସର୍ବୋତ୍କୃଷ୍ଟ ବର୍ଗରେ ପରିଣତ ହେବା ଯେତିକି ଅସମ୍ଭବ, ତା' ଅପେକ୍ଷା ଏହା ଆହୁରି ଅଧିକ ଅସମ୍ଭବ । ତେଣୁ ସଙ୍ଗେ ସଙ୍ଗେ କାର୍ଯ୍ୟଟିକୁ ଆରମ୍ଭ କରିଦେବାହିଁ ସର୍ବୋତ୍ତମ କାର୍ଯ୍ୟ । ବାକି ଯାହା, ତାହା ହେଉଛି ଆମର ଆଳସ୍ୟ ଆପଣା ପାଇଁ ସୃଷ୍ଟି କରୁଥିବା କେବଳ ଏକ ଆଳ ।

*୧୫ ଜୁଲାଇ ୧୯୬୧*

*ସ୍ନେହମୟି ମାଆ,*

*ମୁଁ କେବଳ ଘଣ୍ଟାକ ପାଇଁ କାମ କରିବାକୁ ଯାଇଥିଲି, କାରଣ ଘରେ ଅନେକ କାର୍ଯ୍ୟ ରହିଥିଲା ।*

ଏହା ମୋଟେ ଭଲ ନୁହେଁ, ବ୍ୟକ୍ତିଗତ କାର୍ଯ୍ୟ ସକାଶେ ସାମୂହିକ କାର୍ଯ୍ୟ ବ୍ୟାହତ ହେବା ଉଚିତ ନୁହେଁ ।

*୧୯ ଜୁଲାଇ ୧୯୬୧*

*ସ୍ନେହମୟି ମାଆ,*

*ଆଜି ସଞ୍ଜବେଳେ ଯେତେବେଳେ ମୁଁ 'ପ୍ରସ୍ପରିଟି'* ପାଇଁ ଆପଣଙ୍କ*

---

* ପ୍ରତ୍ୟେକ ମାସର ପହିଲା ଦିନ ସାଧକମାନେ ଆଶ୍ରମଭଣ୍ଡାରରୁ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ପାଇଥା'ନ୍ତି । ଏହାକୁ ''ପ୍ରସ୍ପରିଟି'' କୁହାଯାଏ ।

*ପାଖକୁ ଆସିଲି, ସେତେବେଳେ ମୋତେ କେମିତି କେମିତି ଅସ୍ୱସ୍ତି ଲାଗିଲା – ସତେ ଯେପରି ମୁଁ କିଛି ଭୁଲ୍ କାମ କରି ପକାଇଥିଲି । ଆପଣଙ୍କୁ ଦେଖି ମୋ'ର ତ ବରଂ ଆନନ୍ଦ ଅନୁଭବ କରିବାର ଥିଲା । ଆପଣଙ୍କର ଆଶୀର୍ବାଦ ପାଇବା ଲାଗି ଏକ ଉତ୍ସୁକତା ରହିଥିବା ଦରକାର, ମାତ୍ର ମୋ'ର ସେହି ଅନୁଭବଟି କାହିଁକି ହେଉ ନାହିଁ ?*

ତୁମ ଭିତରେ ନିଶ୍ଚୟ ଆନ୍ତରିକତାର କିଛି ଅଭାବ ରହିଥିବ,– ଏକ ଅନ୍ଧକାରମୟ କୋଣରେ ତାହା ନିଜକୁ ଲୁଚାଇ ରଖିଥିବ,– ଏପରି କିଛି, ଯାହାକି ବଦଳିବାକୁ ଇଚ୍ଛା କରୁ ନ ଥିବ ଏବଂ ପରମ ଆଲୋକକୁ ଭୟ କରୁଥିବ ।

*୧ ଅଗଷ୍ଟ ୧୯୬୧*

*ସ୍ନେହମୟି ମାଆ,*

*ଆଜି ଆପଣଙ୍କ ପାଖକୁ ଆସିବାରେ ମୋ' ଭିତରେ କୌଣସି ଆଶଙ୍କାର ଭାବ ନ ଥିଲା, ମାତ୍ର ମୁଁ ଏକ ଉତ୍ସାହହୀନ ଅବସ୍ଥାରେହିଁ ରହିଥିଲି । ଅନ୍ୟ ପକ୍ଷରେ, ମୁଁ ଏକ ପ୍ରଗାଢ଼ ଆନନ୍ଦ, ଉଲ୍ଲାସମୟତାର ଏକ ମୁହୂର୍ତ୍ତକୁ ଅନୁଭବ କରିବାକୁ ଇଚ୍ଛା କରୁଛି । ଏହା ମୁଁ କିପରି ପାଇ ପାରିବି ?*

ଆପଣାକୁ ଦେଇ ଦେବା ଲାଗି, ଆଦୌ କୌଣସି କୁଣ୍ଠା ନ ରଖି ଆପଣାର ସମଗ୍ର ସତ୍ତାକୁ ନିବେଦନ କରିଦେବା ଲାଗି ତୁମେ ଦିବ୍ୟ ପରମ କରୁଣା ପାଖକୁ ଆସିବ ଏବଂ ତୁମେ ଅଭୀପ୍ସା କରୁଥିବା ଆନନ୍ଦଟିକୁ ଅବଶ୍ୟ ଅନୁଭବ କରି ପାରିବ ।

*୬ ଅଗଷ୍ଟ ୧୯୬୧*

*ସ୍ନେହମୟି ମାଆ,*

*ମୋ'କୋଠରିର ବାରଣ୍ଡାରେ ମୁଁ ଗୋଟିଏ ବିଜୁଳି ଆଲୁଅ ଲଗାଇବାକୁ ଚାହୁଁଛି ।*

ତୁମେ ଏହିପରି ଲେଖିଲେ ତାହା ଅଧିକ ସମୀଚୀନ ହେବ (ଏବଂ, ସର୍ବୋପରି, ଭାବିଲେ) : ''ବାରଣ୍ଡାରେ ଗୋଟିଏ ବିଜୁଳି ଆଲୁଅ ଲଗାଇବା ସମ୍ଭବ ହେବ କି ?''

**ଅହଂ** ଆଉଟିକିଏ ଅଧିକ ନମ୍ର ହୋଇପାରିଲେ ତାହା ଅଧିକ ସ୍ୱାଗତଯୋଗ୍ୟ ହେବ ।

*୧୩ ଅଗଷ୍ଟ ୧୯୬୧*

*ସ୍ନେହମୟି ମାଆ,*

*ଆପଣଙ୍କ ପାଖରେ ସ୍ୱୀକାରୋକ୍ତି ରୂପେ ମୋ'ର କେତେକ ବିଷୟ କହିଦେବା କଥା, ମାତ୍ର ମୁଁ ତାହା ମୋଟେ କରିପାରୁ ନାହିଁ । ମୁଁ କ'ଣ କରିବି ? ସବୁ ଯାଇ କହିଦେବି ନା ଅତୀତକୁ ଭୁଲିଯାଇ ଅତୀତର ବିଷୟଗୁଡ଼ିକୁ ବିଲୁପ୍ତ ହୋଇଯିବାକୁ ଛାଡ଼ି ଦେବି ?*

ସେଗୁଡ଼ିକୁ ତୁମର ସ୍ମରଣରୁ ମଧ୍ୟ ପ୍ରକୃତରେ ବିଲୁପ୍ତ ହୋଇ ଚାଲିଯିବାକୁ ଦେବାରେ ସମର୍ଥ ହେଲେ, ତାହା ଅଧିକ ଭଲ ହେବ ।

*୩ ସେପ୍‌ଟେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ଆପଣ ଆମକୁ କହିଥିଲେ : ''ତୁମେ ସମସ୍ତେ ଜୀବନକୁ ଏଠାରେ ଭାରି ହାଲୁକା ଭାବରେ ନେଉଛ, ସବୁବେଳେ ନିଜର ବିନୋଦନରେ ବ୍ୟସ୍ତ ରହିଛ, ତୁମେସବୁ ଏଡ଼େ ଆତ୍ମ-କେନ୍ଦ୍ରିତ ହୋଇ ରହିଛ ।'' ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ଆମେ ଜୀବନକୁ ଭାରି ହାଲୁକା ଭାବରେ ଗ୍ରହଣ କରୁଛୁ ଏବଂ ଏହା ଆମ ଲାଗି ଏଡ଼େ ସ୍ୱାଭାବିକ ହୋଇଗଲାଣି ଯେ, ଆମେ ଏହାକୁ ଯଥାର୍ଥ ଦୃଷ୍ଟିକୋଣ ବୋଲି ବିଶ୍ୱାସ ମଧ୍ୟ କରୁଛୁ । ଏବଂ, ଆମେ ଆତ୍ମକେନ୍ଦ୍ରିତ ହୋଇ ରହିଛୁ । ଏହି ଜାଲରୁ ମୁକ୍ତ ହେବାର ଉପାୟ କ'ଣ ? ମାତ୍ର, ସେ କଥା ଯାହା ହୋଇଥାଉ ପଛକେ, ଆଜି ସକାଳେ ଆପଣ ଆମକୁ ଯେଉଁ ପାନେ ଶୁଣାଇଦେଲେ, ତାହା ବସ୍ତୁତଃ ସଂପୂର୍ଣ୍ଣ ଭାବରେ ଯଥାର୍ଥ ହୋଇଛି । ସେଥିପାଇଁ ମୁଁ ଖୁବ୍ ଖୁସୀ ।*

ପ୍ରଥମ କଥାଟି ହେଉଛି, ଆପଣାର ଭାବନାରେ, ଅନୁଭୂତିରେ ଅଥବା କାର୍ଯ୍ୟରେ ନିଜକୁ କେବେହେଲେ **ବିଶ୍ୱର କେନ୍ଦ୍ରରେ** ନେଇ ରଖିବ ନାହିଁ ଯେପରିକି ତୁମେ ଭାବୁଥିବ ଯେ ବିଶ୍ୱ କେବଳ ତୁମରି ସକାଶେହିଁ ରହିଛି – ଆମେ ପ୍ରତ୍ୟେକେ ଏହି ବିଶ୍ୱର ଏକ ଅଂଶ ହିସାବରେହିଁ ରହିଛୁ । ଆମେ ଏହା ସହିତ ସମ୍ମିଳିତ ହୋଇ ପାରିବା, ମାତ୍ର କେବଳ ସର୍ବୋଚ୍ଚ ପରମପ୍ରଭୁହିଁ ତାହାର କେନ୍ଦ୍ର ହୋଇ ରହିଛନ୍ତି, କାରଣ ସେ ବିଶ୍ୱର ଅତୀତ ହୋଇ ବ୍ୟାପ୍ତ ରହିଛନ୍ତି ଓ ବିଶ୍ୱକୁ ନିଜର ଅନ୍ତର୍ଗତ କରି ରଖିଛନ୍ତି ।

*୧୯ ସେପ୍‌ଟେମ୍ବର ୧୯୬୧*

*ସ୍ନେହମୟି ମାଆ,*

*୯୫ ତମ ସୂକ୍ତିରେ ଶ୍ରୀଅରବିନ୍ଦ କହିଛନ୍ତି ଯେ କେବଳ ବାସନାତ୍ୟାଗ ଅଥବା ବାସନାର ସଂପୂର୍ଣ୍ଣ ପରିତର୍ପଣ ଦ୍ୱାରା ଜଣେ ବ୍ୟକ୍ତି ପରମେଶ୍ୱରଙ୍କର ଅନୁଭୂତି ଲାଭ କରି ପାରିବ ।* ମାତ୍ର, ଦ୍ୱିତୀୟ ଉପାୟଟି (ବାସନାର ସଂପୂର୍ଣ୍ଣ ପରିତର୍ପଣ) ପ୍ରକୃତରେ ଅତ୍ୟନ୍ତ ବିପଜ୍ଜନକ, ନୁହେଁ କି ? କାରଣ, ମନୁଷ୍ୟର ବାସନାକୁ ତୃପ୍ତ କରିବା ଆଦୌ ସମ୍ଭବ କି ?*

ଆଉ ଗୋଟିଏ ସ୍ଥାନରେ ସେ ଅତ୍ୟନ୍ତ ସ୍ୱଷ୍ଟ ଭାବରେ କହିଛନ୍ତି ଯେ, ବାସନାଗୁଡ଼ିକର ତୃପ୍ତି କରିବାକୁ ଚେଷ୍ଟା କରିବା ଏକାନ୍ତ ନିରର୍ଥକ, କାରଣ ବାସନାର ତୃପ୍ତି କଦାପି ସମ୍ଭବ ନୁହେଁ ଏବଂ କଦାପି ଏହାର ତୃପ୍ତି ହୋଇ ପାରିବ ନାହିଁ ।

ସେ ଯାହା ଲେଖିଛନ୍ତି, ତାହାକୁ ଅଲଗା ଅଲଗା ପଢ଼ିବା ଉଚିତ ନୁହେଁ; ସର୍ବଦା ଏକ ସମଗ୍ରର ଅଂଶହିଁ ଯାବତୀୟ ବିପରୀତ ବସ୍ତୁର ସମନ୍ୱୟ ସାଧନ କରିଥାଏ ।

*୨୭ ସେପ୍‌ଟେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ଆମେ ଅଧିକାଂଶ ସମୟରେ ଚୈତ୍ୟର କଥା ଓ ଆତ୍ମାର କଥା କହିଥାଉ, ମାତ୍ର ମୁଁ ସେଗୁଡ଼ିକ ବିଷୟରେ ଆଦୌ କିଛି ବୁଝିପାରେ ନାହିଁ । ଏହି ଦୁଇଟି ଯାକ ବସ୍ତୁ ପ୍ରକୃତରେ କ'ଣ ଓ ସେଗୁଡ଼ିକର ଅନୁଭବ କିପରି ସମ୍ଭବ ହେବ ?*

ଶ୍ରୀଅରବିନ୍ଦ ଏହି ବିଷୟରେ ବହୁତ କଥା ଲେଖିଛନ୍ତି (ତାଙ୍କର ପତ୍ରାବଳୀରେ) ଏବଂ ମୁଁ ମଧ୍ୟ **ଶିକ୍ଷା** ବହିରେ ସବୁକିଛି ବୁଝାଇ କରି କହିଛି । ତୁମକୁ ସେଗୁଡ଼ିକୁ ପଢ଼ିବାକୁ ହେବ, ଅଧ୍ୟୟନ କରିବାକୁ ହେବ, ଏବଂ **ସର୍ବୋପରି, ସେଗୁଡ଼ିକର ପ୍ରୟୋଗ କରିବାକୁ ହେବ ।**

*୪ ଅକ୍‌ଟୋବର ୧୯୬୧*

* ''କେବଳ ପରିପୂର୍ଣ୍ଣ ବାସନାତ୍ୟାଗ ଅଥବା ବାସନାର ପରିପୂର୍ଣ୍ଣ ପରିତର୍ପଣ ଦ୍ୱାରାହିଁ ପରମେଶ୍ୱରଙ୍କର ସମ୍ପୂର୍ଣ୍ଣ ଅନୁଭବ ସମ୍ଭବ ହେବ । କାରଣ, ଉଭୟ ପଥରେ ସର୍ବାବଶ୍ୟକ ପୂର୍ବସର୍ତ୍ତଟିର ପୂରଣ – ବାସନାର ବିଲୋପ – ସମ୍ଭବ ହୋଇଥାଏ ।'' ବିଚାର ଓ ସୂକ୍ତିମାଳା (ଇଂ), ଶତବାର୍ଷିକୀ ଗ୍ରନ୍ଥମାଳା, ୧୭ ଶ ଖଣ୍ଡ (ଇଂ), ପୃ. ୮୯ ।

*ସ୍ନେହମୟି ମାଆ,*

*ମୁଁ ଗୋଟିଏ କଥା ଲକ୍ଷ୍ୟ କରିଛି : ଶୋଇବାକୁ ଯିବା ପୂର୍ବରୁ ମୁଁ ଯେତେବେଳେ କିଛି ସମୟ ଲାଗି ବସି ଅଭିନିବିଷ୍ଟ ହୋଇ ରହିବାକୁ ଚେଷ୍ଟା କରେ, ତହିଁ ଆରଦିନ ମୁଁ ବେଶ୍ ସହଳ ନିଦରୁ ଉଠିପାରେ ଏବଂ ମୋତେ ଖୁବ୍ ସତେଜ ଲାଗୁଥାଏ । ମୁଁ ଗୋଟିଏ ଧୂପକାଠିର ଜଳନ୍ତା ସାନ ଅଗ୍ରଭାଗଟି ଉପରେ ଆପଣାକୁ ଅଭିନିବେଶିତ କରି ରଖେ । ମାତ୍ର, ଏକଥା କିପରି ହୁଏ ଯେ, ମୁଁ ତାହାରି କାରଣରୁ ନିଦରୁ ଉଠିଯାଏ ? ଏହି ଦୁଇଟି ବସ୍ତୁ ମଧ୍ୟରେ ତ ଆଦୌ କୌଣସି ସମ୍ବନ୍ଧହିଁ ନାହିଁ !*

ଠିକ୍ ଓଲଟାଟିହିଁ ସତ, ଦୁଇଟି ମଧ୍ୟରେ ଏକ ଅତ୍ୟନ୍ତ ସାକାର ସମ୍ବନ୍ଧ ରହିଛି । ଶୋଇବା ପୂର୍ବରୁ ଯେତେବେଳେ ତୁମେ ନିଜକୁ ଅଭିନିବେଶିତ କରି ରଖ, ସେତେବେଳେ ତୁମେ ତୁମର ନିଦ୍ରାବସ୍ଥାରେ ଦିବ୍ୟ ଶକ୍ତିଟି ସହିତ ସଂସ୍ପର୍ଶଯୁକ୍ତ ହୋଇ ରହ । ମାତ୍ର, ଯେତେବେଳେ ପୂର୍ବରୁ କୌଣସି ଅଭିନିବେଶ ନ କରି ତୁମେ ଫଟ୍ କରି ଶୋଇପଡ଼, ସେତେବେଳେ ତୁମେ ଅଚେତନ ଭିତରକୁ ସ୍ଖଳିତ ହୋଇଯାଅ ଏବଂ ସେହି କ୍ଷେତ୍ରରେ ତୁମର ନିଦ ତୁମକୁ ବିଶ୍ରାମ ଦେବା ଅପେକ୍ଷା ଅଧିକ କ୍ଲାନ୍ତ କରି ପକାଏ ଏବଂ ଏହି ଆଳସ୍ୟ ଭିତରୁ ବାହାରି ଆସିବା କଷ୍ଟକର ହୋଇଥାଏ ।

*୮ ଅକ୍ଟୋବର ୧୯୬୧*

ମୋ'ର ଇଚ୍ଛା ଯେ ତୁମେ ମନୋନିବେଶ ସହକାରେ ନିଜ ଭିତରକୁ ଅନାଇବ ଏବଂ, ଡିଟେକ୍ଟିଭ୍ ଗପମାନଙ୍କରେ ତୁମକୁ ଠିକ୍ କେଉଁଟା ଏତେବେଶୀ ଭଲ ଲାଗୁଛି, ମୋତେ ବୁଝାଇ କହିବାକୁ ଚେଷ୍ଟା କରିବ ।

*୧୬ ଅକ୍ଟୋବର ୧୯୬୧*

*ସ୍ନେହମୟି ମାଆ,*

*ହାଲୁକା ଲାଗିବାର ଏକ ମାଧ୍ୟମରୂପେ ମୁଁ ସେଗୁଡ଼ିକୁ ପଢ଼େ । ବିଶେଷତଃ ପେରୀ ମେସନ୍‌ଙ୍କର ବହିଗୁଡ଼ିକୁ — ବହିଗୁଡ଼ିକରେ ସର୍ବଦା ଗୋଟିଏ ବିଚାରାଳୟର ବର୍ଣ୍ଣନା ରହିଥାଏ, ଯେଉଁଠି କି ଓକିଲ ପେରୀ ମେସନ୍ ତାଙ୍କ ମକଦ୍ଦମାରେ ନିଶ୍ଚୟ ହାରିଯିବେ ବୋଲି ମନେ ହେଉଥାଏ; ତାଙ୍କର ମହକିଲ ହତ୍ୟା — ଅପରାଧରେ ଅଭିଯୁକ୍ତ ହୋଇଥାନ୍ତି, ତାଙ୍କ ବିରୋଧରେ ସବୁଯାକ ପ୍ରମାଣ ରହିଥାଏ,— ମାତ୍ର*

*ଓକିଲ ପେରୀ ମାସନ୍ ଏପରି ଦକ୍ଷତା ସହକାରେ ଯୁକ୍ତିଟିଏ ବାଢ଼ିଦିଅନ୍ତି ଯେ, ତାହାରି ଦ୍ୱାରା ସଂପୂର୍ଣ୍ଣ ଅବସ୍ଥାଟିହିଁ ବଦଳିଯାଏ । କାହାଣୀର ଏପାଖରୁ ସେପାଖ କେତେ ରହସ୍ୟ ଭର୍ତ୍ତି ହୋଇ ରହିଥାଏ ଏବଂ ସମସ୍ତ ବିଚାରଟି ଜଣେ ଦକ୍ଷ ବ୍ୟାୟାମ-ବିଶାରଦଙ୍କର ମାନସିକ ବ୍ୟାୟାମକୌଶଳର ପ୍ରଦର୍ଶନ ପରି ମନେ ହେଉଥାଏ । ମାତ୍ର, ତାଙ୍କର ଗୋଟିଏ ବହିକୁ ପଢ଼ିସାରିବା ପରେ ମୋତେ ପ୍ରତ୍ୟେକ ଥର ଲାଗେ, ସତେ ଯେପରି ଏହାଦ୍ୱାରା ମୋ'ର କିଛି ଲାଭ ହୋଇ ନାହିଁ । ସତେ ଯେପରି ମୁଁ କିଛି ଶିକ୍ଷା କରି ନାହିଁ, କେବଳ ସମୟହିଁ ନଷ୍ଟ ହୋଇଛି ।*

ଏହାକୁ **ଏକାବେଳେକେ** ବୃଥା ବୋଲି କୁହାହେବ ନାହିଁ । ସମ୍ଭବତଃ ତୁମର ମୁଣ୍ଡ ଭିତରେ ବହୁତ ତମଃ ରହିଥିଲା, ଏବଂ, ଲେଖକଙ୍କର ମାନସିକ ବ୍ୟାୟାମକୌଶଳ ସେହି ତମଃକୁ କିଞ୍ଚିତ୍ ପରିମାଣରେ ଝାଡ଼ିଦେଇ ଯିବାରେ ସାହାଯ୍ୟ କରିଛି ଓ ମନକୁ ଜାଗ୍ରତ କରି ଦେଇଛି । ମାତ୍ର ଏହା କଦାପି ସବୁଦିନ ଲାଗି ଏହିପରି ଚାଲିବ ନାହିଁ ଏବଂ ତୁମକୁ ଅଚିରେ ଉଚ୍ଚତର ସାମଗ୍ରୀ ଆଡ଼କୁ ମନ ବଳାଇବାକୁ ପଡ଼ିବ ।

*୧୬ ଅକ୍ଟୋବର ୧୯୬୧*

*(ଲକ୍ଷ୍ମୀ-ପୂଜା ଦିନ ମାଆଙ୍କୁ ଦର୍ଶନ କରିବା ପରେ) ମୁଁ ସେହି ଦିନଟି ଲାଗି ଅପେକ୍ଷା କରି ରହିଛି, ଯେତେବେଳେ ଏହି ଆନନ୍ଦ ଓ ଏହି ପ୍ରସନ୍ନତା ମୋ'ଭିତରେ ଚିରକାଳ ଲାଗି ପ୍ରତିଷ୍ଠିତ ହୋଇ ରହିବ । ବର୍ତ୍ତମାନ ତ ଏହା କେବଳ ଏକ ସ୍ୱପ୍ନ ହୋଇ ରହିଛି ଏବଂ ଆଜି ଦିନଟିର ଅନୁଭୂତି ପରି ଅତ୍ୟନ୍ତ ସାମୟିକ ହୋଇ ରହିଛି । ମାତ୍ର, ମୁଁ ଆଶା କରୁଛି ଯେ, ଆପଣଙ୍କ ସହାୟତାରେ ମୁଁ ଏହାକୁ ଚିରକାଳ ଲାଗି ଉପଲବ୍ଧି କରି ପାରିବି ।*

ଆପଣାର ଅଭୀପ୍ସାରେ ଅବିଚଳ ହୋଇ ରହିଥାଅ ଏବଂ ତୁମର ସ୍ୱପ୍ନ ଅବଶ୍ୟ ସଫଳ ହେବ ।

*୨୩ ଅକ୍ଟୋବର ୧୯୬୧*

*ସ୍ନେହମୟି ମାଆ,*

*ଏପରି କଥାଟିଏ ମୁଁ ଲକ୍ଷ୍ୟ କରିଛି ଯାହାକି ଆମ ସମସ୍ତଙ୍କ ଲାଗି ପ୍ରଯୁଜ୍ୟ*

*ହେବ । କଥାଟି ହେଉଛି ଯେ ୨ ଡିସେମ୍ବରର କାର୍ଯ୍ୟକ୍ରମରେ* ଆମେ ଯଥାସମ୍ଭବ ଅଧିକ ରକମଗୁଡ଼ିକରେ ଭାଗ ନେଇଥାଉ । ଯଦି ଆମେ ଗୋଟିଏ କିଂବା ଦୁଇଟି ରକମରେ ଭାଗ ନିଅନ୍ତୁ ଏବଂ ସେଗୁଡ଼ିକରେ ଅତି ଉତ୍ତମ ପ୍ରଦର୍ଶନମାନ କରିପାରନ୍ତୁ, ତେବେ ଏକାଧିକ ରକମରେ ଅତି ମାମୁଲି ଭାବରେ ଫଳ ଦେଖାଇବା ଅପେକ୍ଷା ତାହା ଅଧିକ ଭଲ ହୁଅନ୍ତା ନାହିଁ କି ?*

ପ୍ରତ୍ୟେକ ବ୍ୟକ୍ତି ତା'ର ସ୍ୱଭାବ ଅନୁସାରେ କାର୍ଯ୍ୟ କରେ, ଏବଂ ଯଦି ସେ ସାହସ ଏବଂ ଆନ୍ତରିକତା ସହିତ ସେହି ସ୍ୱଭାବର ବିଧାନଟିକୁ ଅନୁସରଣ କରୁଥାଏ, ତେବେ ସେ ସତ୍ୟ ଅନୁଯାୟୀ କାର୍ଯ୍ୟ କରୁଥାଏ । ତେଣୁ, ଅନ୍ୟମାନଙ୍କ ପାଇଁ ବିଚାର କରିବା ବା ନିଷ୍ପତ୍ତି କରିବା ଆଦୌ ସମ୍ଭବ ହେବ ନାହିଁ । କେବଳ ନିଜର କଥାଟିକୁହିଁ ଜାଣି ହେବ, ଏବଂ, ସେତେବେଳେ ମଧ୍ୟ ଅତ୍ୟନ୍ତ **ନିଷ୍ଠା** ଅବଲମ୍ବନ କରିବାକୁ ହେବ, ଯେପରିକି କୌଣସି ଆତ୍ମପ୍ରତାରଣା ନ ହୁଏ ।

*୪ ନଭେମ୍ବର ୧୯୬୧*

*ସ୍ନେହମୟି ମାଆ,*

*୧୩୩ ତମ ସୂକ୍ତିରେ ଶ୍ରୀଅରବିନ୍ଦ କହିଛନ୍ତି ଯେ, ''ଦେବତାମାନେ ତାଙ୍କ ପ୍ରେମର କେବଳ ସୁଖକର ବୋଝଟିକୁ ଏବଂ ଅଧିକ ସୁଖଦ ଉଲ୍ଲାସଟିକୁହିଁ ଗ୍ରହଣ କରିବାକୁ ସମର୍ଥ ହୋଇଥିଲେ ।''** ତେବେ ଦେବତାମାନେ ହେଉଛନ୍ତି ଭୀରୁ ! ତେବେ ସେମାନଙ୍କର ମହତ୍ତା ଏବଂ ସେମାନଙ୍କର ଐଶ୍ୱର୍ଯ୍ୟ ଆଉ କ'ଣ ରହିଲା ? ତେବେ ଆମେ କାହିଁକି ଏହି ଅବର ସ୍ତରର ପ୍ରତିମାଗୁଡ଼ିକୁ ପୂଜା କରୁଛୁ ? ଏବଂ, ଦାନବମାନଙ୍କୁହିଁ ତେବେ ଦିବ୍ୟ ପରମସତ୍ତାଙ୍କର ସବୁଠାରୁ ଅଧିକ ପ୍ରିୟ ସନ୍ତାନ ବୋଲି କହିବାକୁ ହେବ !*

---

* ଶାରୀରିକ ଶିକ୍ଷାର ବାର୍ଷିକ ପ୍ରଦର୍ଶନ, ଆଶ୍ରମ ସ୍ପୋର୍ଟ୍ସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୁଏ ।

** ''ଦାନବମାନେ ଦେବତାମାନଙ୍କଠାରୁ ଅଧିକ ବଳବାନ୍ କାରଣ ସେମାନେ ପରମେଶ୍ୱରଙ୍କର କ୍ରୋଧ ଏବଂ ବୈରର ବୋଝକୁ ବହନ କରିବା ଲାଗି ତାଙ୍କ ସହିତ ଚୁକ୍ତି କରିଛନ୍ତି । ଦେବତାମାନେ ତାଙ୍କ ପ୍ରେମର କେବଳ ସୁଖକର ବୋଝଟିକୁ ଓ ଅଧିକ ସୁଖଦ ଉଲ୍ଲାସଟିକୁହିଁ ଗ୍ରହଣ କରିବାକୁ ସମର୍ଥ ହୋଇଥିଲେ ।'' — **ବିଚାର ଓ ସୂକ୍ତିମାଳା,** ଶତବାର୍ଷିକୀ ସଂସ୍କରଣ, ୧୭ ଶ ଖଣ୍ଡ(ଇଂ), ପୃ. ୯୪ ।

ଶ୍ରୀଅରବିନ୍ଦ ଏଠାରେ ଏକ ବିରୋଧବାକ୍ୟର ଅବତାରଣା କରିଛନ୍ତି । ସୁପ୍ତ ମାନସଗୁଡ଼ିକର ସୁପ୍ତି ଭାଙ୍ଗିଦେବା ଉଦ୍ଦେଶ୍ୟରେ ସେ ଏହିଭଳି ଲେଖିଛନ୍ତି । ମାତ୍ର, ଏହିସବୁ ଉକ୍ତିରେ ଯେଉଁ ବ୍ୟଙ୍ଗଟି ରହିଛି, ବିଶେଷତଃ ତାଙ୍କର ଶବ୍ଦଗୁଡ଼ିକ ପଛରେ ଯେଉଁ ଅଭିପ୍ରାୟଟି ରହିଛି, ଆମେ ସେଇଟିକୁ ସମ୍ପୂର୍ଣ୍ଣ ଭାବରେ ଅବଶ୍ୟ ବୁଝିବା । ଅଧିକନ୍ତୁ, ଭୀରୁ ହୁଅନ୍ତୁ ବା ନ ହୁଅନ୍ତୁ, ବଡ଼ ହୁଅନ୍ତୁ ବା ସାନ ହୁଅନ୍ତୁ, ଦେବତାମାନଙ୍କୁ ଆମର ପୂଜା କରିବା ଲାଗି ମୁଁ ଆଦୌ କୌଣସି ଆବଶ୍ୟକ ଦେଖୁ ନାହିଁ । ଆମେ କେବଳ ସର୍ବୋଚ୍ଚ ପରମପ୍ରଭୁଙ୍କର ଆରାଧନା କରିବା, ଯିଏକି ସକଳ ବସ୍ତୁରେ ଏବଂ ସକଳ ସତ୍ତାରେ ସେହି ଏକ ଭାବରେ ବିଦ୍ୟମାନ ।

*୬ ନଭେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ଦୀର୍ଘ ଅନେକ ଦିନ ହେଲା ମୁଁ ଲକ୍ଷ୍ୟ କରୁଛି ଯେ ମୁଁ ଯେପରି ବଡ଼ ଲାଜକୁଳା ହୋଇଯାଉଛି । ସବୁବେଳେ ଯେପରି ମୋର ଏକ ହୀନମନ୍ୟତାର ଭାବ ରହିଛି । ମୁଁ ଭାବୁଛି, ଲୋକେ କାଳେ ମୋ'ର ଅଜ୍ଞାନତାକୁ ଜାଣି ଦେବେ, ମୋ' ଭିତରେ ସେଥିପାଇଁ ଭୟ ମଧ୍ୟ ରହିଛି । ମୁଁ ସେପରି କାହିଁକି ହେଲି ? ଏବଂ, ତା'ମଧ୍ୟରୁ ବାହାରି ଆସିପାରିବି କିପରି ?*

ସେହି ସବୁକିଛି ପଛରେ ଏବଂ ଏହି ବିଖ୍ୟାତ ହୀନମନ୍ୟତାର ଭାବ ପଛରେ ଅହଂଟାହିଁ ବସି ରହିଛି ଓ ତାହାର ଦାମ୍ଭିକତାକୁ ବିସ୍ତାରି ରଖିଛି, ଯାହାକି ନିଜକୁ ଏଡ଼େବଡ଼ ବୋଲି ଦେଖାଇବାକୁ ଏବଂ ଅନ୍ୟମାନଙ୍କର ପ୍ରଶଂସା ଲାଭ କରିବାକୁ ଇଚ୍ଛା କରୁଛି । ମାତ୍ର, ଯଦି ତୁମର ଯାବତୀୟ କ୍ରିୟାଶୀଳତା ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ନିବେଦନରେ ପରିଣତ ହୋଇଯାଇ ପାରିବ, ତେବେ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବା ଲାଗି ତୁମେ ଆଦୌ ଖାତିରି ବି କରିବ ନାହିଁ ।

*୧୪ ନଭେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ଆପଣ ଅନେକ ସମୟରେ ଆମକୁ କହିଛନ୍ତି ଯେ, ଆମର କାର୍ଯ୍ୟଗୁଡ଼ିକ ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ହୋଇ ରହିବା ଉଚିତ । ଏହି କଥାଟିର ଯଥାର୍ଥ ତାତ୍ପର୍ଯ୍ୟ କ'ଣ ଏବଂ ଏହା କରିବା କିପରି ସମ୍ଭବ ହେବ ? ଉଦାହରଣ ସ୍ୱରୂପ, ଆମେ ଯେତେବେଳେ ଟେନିସ୍ କିଂବା ବାସ୍କେଟ୍‌ବଲ୍ ଖେଳୁଛୁ,*

*ଆମେ ତାହାକୁ ଏକ ନିବେଦନ ଭଳି କିପରି କରିପାରିବୁ ? ଖାଲି ମନରେ ଭାବିନେଲେ ତ ହେବ ନାହିଁ !*

ଏହାର ଅର୍ଥ ହେଉଛି, ତୁମେ ଯାହାକିଛି କରିବ, ତାହାକୁ ଏକ ବ୍ୟକ୍ତିଗତ ଓ ଅହଂକାମୀ ଉଦ୍ଦେଶ୍ୟ ରଖି କଦାପି କରିବ ନାହିଁ । ସଫଳତା ହାସଲ କରିବା ପାଇଁ, ଗୌରବ ଅର୍ଜନ ପାଇଁ, ଲାଭ ପାଇଁ, ବସ୍ତୁଗତ ଲାଭ ଉଦ୍ଦେଶ୍ୟରେ ଅଥବା ଗର୍ବ ଦ୍ୱାରା ପ୍ରେରିତ ହୋଇ କଦାପି କରିବ ନାହିଁ । ତାକୁ ତୁମେ ଏକ ସେବା ବା ନିବେଦନର ଜ୍ଞାନରେ କରିବ, ଦିବ୍ୟ ଇଚ୍ଛା ସମ୍ବନ୍ଧରେ ଅଧିକ ସଚେତନ ହେବା ପାଇଁ ଏବଂ ଆପଣାକୁ ସେଥିଲାଗି ଅଧିକ ସଂପୂର୍ଣ୍ଣ ଭାବରେ ଦେଇ ପାରିବା ସକାଶେ ତାହାକୁ କରିବ । ଏହିପରି ଭାବରେ କ୍ରମାଗ୍ରଗତି କରି ତୁମେ ଜାଣିପାରିବ ଓ **ଅନୁଭବ କରି ପାରିବ** ଯେ ପ୍ରକୃତରେ ଦିବ୍ୟ ପରମସତ୍ତାହିଁ ତୁମ ଭିତରେ ରହି ଯାବତୀୟ କାର୍ଯ୍ୟ କରୁଛନ୍ତି, ତାଙ୍କରି ଶକ୍ତିହିଁ ତୁମକୁ ସକଳ କାର୍ଯ୍ୟରେ ଉଦ୍ୟତ କରି ରଖିଛି, ତାଙ୍କରି ଇଚ୍ଛାହିଁ ତୁମକୁ ବଳ ଯୋଗାଇ ଦେଉଛି — କେବଳ ଏକ ମାନସିକ ଜ୍ଞାନରୂପେ ନୁହେଁ, ମାତ୍ର ଏକ ଚେତନାସ୍ଥିତିର ଆନ୍ତରିକ ଅନୁଭୂତି ରୂପେ ଓ ଏକ ଜୀବନ୍ତ ଅନୁଭବଶକ୍ତିରୂପେ ।

ସେହି କଥାଟି ସମ୍ଭବ ହେବାକୁ ହେଲେ, ଅହଂପ୍ରେରିତ ଯାବତୀୟ ଅଭିପ୍ରାୟ ଏବଂ ଅହଂପ୍ରେରିତ ଯାବତୀୟ ପ୍ରତିକ୍ରିୟାକୁ ଅନ୍ତର୍ହିତ ହୋଇଯିବାକୁ ପଡ଼ିବ ।

*୨୦ ନଭେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ପ୍ରତ୍ୟେକ ବ୍ୟକ୍ତିଙ୍କ ତରଫରୁ ମୁଁ ଆପଣଙ୍କୁ ପ୍ରାର୍ଥନା କରି କହୁଛି ଯେ, ଆଜି ସନ୍ଧ୍ୟାର କ୍ରୀଡ଼ାପ୍ରଦର୍ଶନଟି ଅତ୍ୟନ୍ତ ସଫଳ ହେଉ । ସମସ୍ତେ ଭାବୁଛନ୍ତି, ଏହାର ଠିକ୍ ବିପରୀତଟିହିଁ ଘଟିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ କାମ୍ୟ ସ୍ତରଟିରେ ଆଦୌ ପହଞ୍ଚି ପାରି ନାହୁଁ । ମୁଁ ଆଶା କରୁଛି ଏବଂ ଆପଣଙ୍କୁ ପ୍ରାର୍ଥନା କରୁଛି ଯେ, ଆଜି ସନ୍ଧ୍ୟାର ପ୍ରଦର୍ଶନଟି ଏହାର ଯଥାଶକ୍ତି ଅଧିକ ଉତ୍ତମ ହେଉ । ସ୍ନେହମୟି ମାଆ, ଆମର ଯାବତୀୟ କାର୍ଯ୍ୟକୁ ଆପଣ ନିଜେ ହାତକୁ ନିଅନ୍ତୁ ଏବଂ ଆମର ପରିଚାଳନା କରନ୍ତୁ । ଆପଣ ସେଠାରେ ଉପସ୍ଥିତ ରହିବେ ବୋଲି ଆମକୁ କହିଥିଲେ — ଆପଣଙ୍କୁ ଦେଖି ପାରିବା ଲାଗି ଯଦି ମୋ' ପାଖରେ ଆଖି ଥାଆନ୍ତା !*

୨୬ ତାରିଖରେ ମୁଁ ଯାହା ଦେଖିଥିଲି, ତାହା ଅତ୍ୟନ୍ତ ସନ୍ତୋଷଜନକ ଥିଲା (ଅବଶ୍ୟ ତାହା ସର୍ବଦା ନିଶ୍ଚୟ ଅଧିକ ଭଲ ହୋଇ ପାରିବ ।) ଏବଂ ଡିସେମ୍ବର ଦୁଇ ତାରିଖର ପ୍ରଦର୍ଶନ ବିଷୟରେ ମୁଁ **ବହୁ ପ୍ରଶଂସା** ମଧ୍ୟ ଶୁଣିଛି । ଯେଉଁ ବ୍ୟକ୍ତିମାନେ ଖାଲି ସମାଲୋଚନା କରନ୍ତି, ତୁମେ ଆଦୌ ସେମାନଙ୍କ କଥା ଶୁଣିବ ନାହିଁ । ଅତିରଞ୍ଜିତ ସମାଲୋଚନା ଅଗ୍ରଗତି ଲାଗି ଆଦୌ କୌଣସି ସାହଯ୍ୟ କରିପାରେ ନାହିଁ ।

*୨ ଡିସେମ୍ବର ୧୯୬୧*

*ସ୍ନେହମୟି ମାଆ,*

*ମୁଁ ଭାରି ଅଳସୁଆ ଏବଂ ନିର୍ବାଚିତ ମାର୍ଗଟିରେ ଅବାରିତ ଭାବରେ ଗତି କରିବା ଲାଗି ମୋ'ଭିତରେ ଉତ୍ସାହ ଓ ଅଧ୍ୟବସାୟର ଅଭାବ ରହିଛି । ମୁଁ ସେହି ଦୀପଶିଖାଟି ପରି, ଯାହାକି ପବନ ପାଇଲେ ଜଳି ଉଠେ ଓ ଊର୍ଦ୍ଧ୍ୱାୟନ ହୁଏ, ମାତ୍ର ପବନ ବନ୍ଦ ହୋଇଗଲେ ମିଞ୍ଜି ମିଞ୍ଜି ହେବାକୁ ଲାଗେ ଅଥବା ନିଭିଯାଏ । ମୋତେ ସାବଧାନହିଁ ହେବାକୁ ପଡ଼ିବ । ମାତ୍ର କିପରି ?*

ମାଂସପେଶୀଗୁଡ଼ିକର କର୍ଷଣ କରାଯାଉଥିବା ପରି ମନସ୍ତାତ୍ତ୍ୱିକ ଯାବତୀୟ ଗୁଣର ମଧ୍ୟ କର୍ଷଣ କରାଯାଇ ପାରିବ,– ନିୟମିତ, ଦୈନିକ ବ୍ୟାୟାମ ଦ୍ୱାରା ତାହା କରାଯାଇ ପାରିବ । ସର୍ବୋପରି, ତୁମେ ଏକ ଆନ୍ତରିକ ଅଭୀପ୍ସା ସହିତ ଦିବ୍ୟ ପରମଶକ୍ତି ଆଡ଼କୁ ଅଭିମୁଖୀ ହୋଇ ରହ ଏବଂ ନିଜ ସୀମାବଦ୍ଧତାଗୁଡ଼ିକରୁ ତୁମକୁ ମୁକ୍ତି ଦେବା ସକାଶେ ତାଙ୍କୁ ଆବାହନ କରୁଥାଅ । ଅଗ୍ରଗତିର ଇଚ୍ଛାରେ ଯଦି **ଆନ୍ତରିକତା** ରହିଥାଏ, ତେବେ ଅଗ୍ରଗତି ଅବଶ୍ୟ ହେବ ।

*୨୧ ଜାନୁଆରି ୧୯୬୨*

*ସ୍ନେହମୟି ମାଆ,*

*ଅନ୍ତ୍ୟେଷ୍ଟି କ୍ରିୟାର ଉପଚାର ମଧ୍ୟରେ ଆସି ପ୍ରବେଶ କରିଥିବା ଏହି ନୂତନ ବିଧି ''ଶ୍ରୀଅରବିନ୍ଦଃ ଶରଣଂ ମମ''ର ଆବୃତ୍ତିକୁ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା । 'କ' ଧ୍ୟାନସ୍ଥ ହୋଇ ଶରୀରଟି ପାର୍ଶ୍ୱରେ ଛିଡ଼ା ହୋଇଥିଲେ ଏବଂ ''ଶ୍ରୀଅରବିନ୍ଦଃ ଶରଣଂ ମମ'' ବୋଲି ଉଚ୍ଚାରଣ କଲେ । ଏବଂ ଶରୀରର ଚତୁଷ୍ପାର୍ଶ୍ୱରେ ଛିଡ଼ା ହୋଇଥିବା ଅନ୍ୟମାନଙ୍କୁ ମଧ୍ୟ ତାଙ୍କ ପରେ ସେହି ବାକ୍ୟଟିକୁ ଉଚ୍ଚାରଣ କରିବାକୁ ହେଉଥିଲା । ଏହିପରି ଶହେଥର କରିବାକୁ ପଡ଼ିଲା ।*

*ବ୍ୟକ୍ତିଗତ ଭାବରେ ଏହି ଅନୁଷ୍ଠାନଟି ମୋତେ ଆଦୌ ଭଲ ଲାଗିଲା ନାହିଁ । ଏଥିରେ ଆଦୌ କୌଣସି ଅନୁଭୂତି ନ ଥିଲା ପରି ମନେ ହେଲା । ଶ୍ରୀଅରବିନ୍ଦଙ୍କ ନାମକୁ ଆଦୌ କୌଣସି ଅନୁଭବ ନ ଥାଇ ଆବାହନ କରାଯିବ ଏବଂ ଏକ ବିଧିରେ ପରିଣତ କରିଦିଆଯିବ, ଏକଥା ମୋତେ ଭଲ ଲାଗେ ନାହିଁ । ଅନ୍ୟ ପକ୍ଷରେ, ଆପଣଙ୍କ ଦ୍ୱାରା ଲିଖିତ ଗୋଟିଏ ପ୍ରାର୍ଥନା ପାଠ କରାଯାଆନ୍ତା ଏବଂ ତା'ପରେ ପ୍ରୟାତ ବ୍ୟକ୍ତିଙ୍କ ପାଇଁ ଦିବ୍ୟ ପରମକରୁଣାର ଆବାହନ କରାଯାଆନ୍ତା, ପ୍ରତ୍ୟେକେ ନିଜ ଧାରାରେ ସେହି କଥାଟିକୁ କରନ୍ତେ ତାହା ଅଧିକ ଭଲ ହୁଅନ୍ତା, ଆଗରୁ ଠିକ୍ ଯେପରି ହେଉଥିଲା ମୋ'ର ମତ ବି ସେୟା ।*

ଯେଉଁ ଅନୁଷ୍ଠାନଟି କଥା ତୁମେ କହୁଛ ତା'ର ଖାଲି ଏକ ଗୌଣ ମହତ୍ତ୍ୱ ରହିଛି । ଏହା କେବଳ ଏକ ବିଧିମାତ୍ର ଏବଂ ଅତିବେଶୀରେ ଏହାକୁ ଏକ ଦେଶାଚାର ବୋଲିହିଁ କହିବାକୁ ହେବ ।

ଅସଲ ଓ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ଉପଚାରରେ ଆମେ ଅନୁଷ୍ଠାନଟିଏ କରୁଥିବା ପଛକେ, ସେଥିରେ ଏକ ଆନ୍ତରିକ ଶ୍ରଦ୍ଧା ରହିଥିବ, ଏକ ଉଦ୍ଦୀପ୍ତ ଅଭୀପ୍ସା ମଧ ରହିଥିବ, ତାହାହିଁ ଯେକୌଣସି ଅନୁଷ୍ଠାନରେ ଜୀବନ ଆଣି ଭରିଦିଏ, ଯାହାବି ହେଉନା କାହିଁକି, ତାହା ତଥାପି ଅନୁଷ୍ଠାନଟି ଉପରେ ନିର୍ଭରଶୀଳ ହୋଇ ନ ଥିବ ।

*୬ ଫେବ୍ରୁଆରି ୧୯୬୨*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ କହିଛନ୍ତି ଯେ କୁରୁକ୍ଷେତ୍ରର ଯୁଦ୍ଧ ପରେ ପାଞ୍ଚ ହଜାର ବର୍ଷ ଅତିବାହିତ ହୋଇଗଲାଣି । ମାତ୍ର, ଶ୍ରୀକୃଷ୍ଣଙ୍କର ରାଜନୀତିକ ପ୍ରତିଭାର ସୌମ୍ୟ ପ୍ରଭାବଟି କେବଳ ଗତକାଲିହିଁ ରାଣୀ ଲକ୍ଷ୍ମୀବାଈଙ୍କ* ଯାଏ ଆସି ଅବସାନ ଲଭିଲା । ତା'ପରେ ନବ ଭାରତବର୍ଷ ଏବଂ ପୃଥିବୀକୁ ରକ୍ଷା କରିବା ଲାଗି ଏକ ପୂର୍ଣ୍ଣ ଅବତାରର ଅପେକ୍ଷା ରହିଥିଲା । ଏହି ଅବତାର ଆସି ସୁପ୍ତ ରହିଥିବା ବ୍ରହ୍ମତେଜର ଜାଗୃତି ଘଟାଇବ । ଶ୍ରୀଅରବିନ୍ଦ ଏକଥା ମଧ କହିଛନ୍ତି ଯେ, କେବଳ କଳିଯୁଗରେହିଁ ଦିବ୍ୟ ପରମସତ୍ତାଙ୍କର ପୂର୍ଣ୍ଣ ପ୍ରକାଶ ଘଟିବ, କାରଣ ଏହି ଯୁଗରେ ମନୁଷ୍ୟ ଘୋର ବିପଦର ସମ୍ମୁଖୀନ ହୋଇଛି । ଏବଂ ତା'ପରେ, ତା'ପରେ ସେ*

* ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ଯିଏକି ବ୍ରିଟିଶ୍ ସେନାବାହିନୀ ସହିତ ଯୁଦ୍ଧ କରୁଥିବା ଅବସ୍ଥାରେ ୧୮୫୮ ମସିହାରେ ପ୍ରାଣବଳୀ ଦେଇଥିଲେ ।

*ମହାନ୍ ରହସ୍ୟଟିର ଉଦ୍‌ଘାଟନ କରି ଦେଇଛନ୍ତି : ଭାରତବର୍ଷରେ ଦିବ୍ୟ ପରମସତ୍ତାଙ୍କର ପୂର୍ଣ୍ଣ ଆବିର୍ଭାବ ଘଟିଛି । ମାତ୍ର, ସେ ସ୍ୱୟଂ ଯେ ଏହି ଅବତାରରୂପେ ଆବିର୍ଭୂତ ହୋଇଛନ୍ତି, ବିନୟ ହେତୁ ସେ ଏହି କଥାଟିକୁ କହି ନାହାନ୍ତି ।*

ଯେଉଁମାନେ କାର୍ଯ୍ୟଟିକୁ ସମ୍ପନ୍ନ କରନ୍ତି, ସେମାନେ ଆଦୌ ଆପଣାର ପ୍ରଶଂସା କରନ୍ତି ନାହିଁ । ସେମାନେ କାର୍ଯ୍ୟଟି ନିମନ୍ତେହିଁ ଆପଣାର ଶକ୍ତିକୁ ସଂରକ୍ଷିତ କରି ରଖିଥା'ନ୍ତି ଏବଂ ପରିଣାମର ଯାବତୀୟ ଗୌରବକୁ ଶାଶ୍ୱତ ପରମପ୍ରଭୁଙ୍କ ଲାଗି ଛାଡ଼ି ଦେଇଥା'ନ୍ତି ।

*୬ ମାର୍ଚ୍ଚ ୧୯୬୨*

*ସ୍ନେହମୟି ମାଆ,*

*ଆଦୌ କୌଣସି ବୃଥା ଆସ୍ଫାଳନ ନ କରି ମୁଁ ଆପଣଙ୍କୁ ଏକଥା କହି ପାରିବି : ଆଗ ଅପେକ୍ଷା ମୁଁ ଅନେକ ଅଧିକ ଭଲ ଅଛି; ମାତ୍ର ତଥାପି ଆପଣ ଆମକୁ ପ୍ରଦାନ କରିଥିବା ଆଦର୍ଶଠାରୁ ବେଶ୍ ଦୂରରେ, ସମ୍ଭବତଃ ବହୁଦୂରରେ ରହିଛି । ଏଥିରେ ମୁଁ ଆଦୌ ହତୋତ୍ସାହିତ ହୋଇଯାଉ ନାହିଁ, କାରଣ ଆପଣଙ୍କଠାରେ ମୋ'ର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ।*

ହଁ, ତୁମକୁ ସାହସ ଏବଂ ନିଷ୍ଠାର ସହିତ ଅବିରାମ ପ୍ରୟାସ କରିବାକୁ ହେବ । ତେବେ, ଦିନେ ନା ଦିନେ ଅବଶ୍ୟ ସଫଳତା ଅର୍ଜନ କରିବ ।

*୨ ସେପ୍‌ଟେମ୍ବର ୧୯୬୨*

*ସ୍ନେହମୟି ମାଆ,*

*ଶାରୀରିକ ଶିକ୍ଷାର ସମସ୍ୟା ଓ ସମ୍ଭାବ୍ୟ ନାନାବିଧ ପ୍ରଣାଳୀ ସମ୍ବନ୍ଧରେ ଆମ ବନ୍ଧୁମାନଙ୍କ ମଧ୍ୟରେ ଏକ ଆଲୋଚନା ହୋଇଯାଇଛି । ଅସଲ ଓ ମୂଳ ସମସ୍ୟାଟି ହେଉଛି ଏହିପରି : ଆମେ କିପରି ଏକ କାର୍ଯ୍ୟକ୍ରମର ପ୍ରତିଷ୍ଠା କରିପାରିବା, ଯାହାକି ପ୍ରତ୍ୟେକ ବ୍ୟକ୍ତିର ସନ୍ତୋଷଭାଜନ ହୋଇପାରିବ ଏବଂ ସବୁ ସଦସ୍ୟଙ୍କ ଲାଗି ଯଥାସମ୍ଭବ ଅଧିକ ଫଳପ୍ରଦ ମଧ୍ୟ ହୋଇପାରିବ ? କ୍ରୀଡ଼ା-ପ୍ରତିଯୋଗିତାଗୁଡ଼ିକର ପ୍ରକୃତରେ କୌଣସି ଆବଶ୍ୟକତା ଅଛି କି ? କ'ଣ ଆଦୌ କୌଣସି ପ୍ରକାରର ବାଧ୍ୟବାଧକତା ରହିବ ନାହିଁ ? ଏବଂ, ଯଦି ସଂପୂର୍ଣ୍ଣ ସ୍ୱାଧୀନତା*

*ଦିଆଯିବ, ତେବେ ତାହା ବ୍ୟାବହାରିକ ଦୃଷ୍ଟିରୁ ଉଚିତ ହେବ କି ? ଏହିପରି ନାନା ସମସ୍ୟା । ଏହା ଏପରି ଗୋଟିଏ ବିଷୟ, ଯେଉଁଥିରେ କି ମାଆ ସ୍ୱୟଂ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କର ସନ୍ତୋଷଭାଜନ ହେଲାପରି ସମାଧାନଟିଏ ପାଇବା ସହଜ ନୁହେଁ ।*

ଏହା ପ୍ରକୃତରେ ଅସମ୍ଭବ । ପ୍ରତ୍ୟେକ ବ୍ୟକ୍ତିର ନିଜର ରୁଚି ରହିଛି, ମିଜାଜ୍ ମଧ୍ୟ ରହିଛି । **ଶୃଙ୍ଖଳା** ବ୍ୟତୀତ ଆଦୌ କିଛି ହେଲେ ସମ୍ଭବ ହେବ ନାହିଁ । ସମଗ୍ର ଜୀବନହିଁ ଏକ ଶୃଙ୍ଖଳା ।

*୨୦ ସେପ୍ଟେମ୍ବର ୧୯୬୨*

*ସ୍ନେହମୟି ମାଆ,*

*ସହରକୁ ସିନେମା ଦେଖି ଯିବା ଖରାପ କି ?*

ଯେଉଁମାନେ ଯୋଗସାଧନା କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ଲାଗି **ଅତ୍ୟନ୍ତ ଖରାପ ।** ପୁନଶ୍ଚ, ମୁଁ ଏହି କଥାଟିକୁ ଅନେକ ଥର କହିସାରିଛି, ଏବଂ ଯଦି ତୁମେ ସେ କଥା ଜାଣି ନାହଁ, ତାହାର କାରଣ ହେଉଛି ଯେ, ଏକଥା ପାସୋରି ଦେବାଟାହିଁ ତୁମକୁ ସୁବିଧାଜନକ ବୋଲି ମନେ ହେଉଛି ।

*୨୭ ସେପ୍ଟେମ୍ବର ୧୯୬୨*

*ସ୍ନେହମୟି ମାଆ,*

*ଏହି ଆଶ୍ରମର ବିଶାଳ ସଙ୍ଗଠନଟି ମଧ୍ୟରେ ଅତିରିକ୍ତ ଭାବରେ ଅନେକ କଷି କରି ବନ୍ଧା ହୋଇଥିବା ଗଣ୍ଠି ରହିଛି । ସେହି ପ୍ରତିଶ୍ରୁତ ଆଦର୍ଶ ସମୟଟି କେଉଁଦିନ ଆସିବ, ଯେତେବେଳେ କି କେବଳ ଅବିମିଶ୍ରିତ ସମଞ୍ଜସତା, ଆନନ୍ଦ ଏବଂ ଶାନ୍ତି ବ୍ୟତୀତ ଏଠି ଆଉ କିଛି ନ ଥିବ ?*

ଅନ୍ୟମାନଙ୍କର ଦୋଷକୁ ସମାଲୋଚନା କରିବା ଅପେକ୍ଷା ଯଦି ପ୍ରତ୍ୟେକ ବ୍ୟକ୍ତି ନିଜର ଦୋଷଟିକୁ ସଂଶୋଧିତ କରିବା ଲାଗି ଅଧିକ ଧ୍ୟାନ ଦିଅନ୍ତେ, ତେବେ କାର୍ଯ୍ୟଟି ଅଧିକ ସତ୍ୱର ଭାବରେ ଅଗ୍ରସର ହୋଇ ଯାଆନ୍ତା ।

*୨୯ ସେପ୍ଟେମ୍ବର ୧୯୬୨*

ଅତ୍ୟନ୍ତ ଅଳ୍ପ ପରିମାଣର ଅଥଚ ଆନ୍ତରିକ ଏବଂ ନିୟମିତ ଅଭ୍ୟାସ କୁଢ଼ କୁଢ଼ ଅଳ୍ପସମୟ ସ୍ଥାୟୀ ପ୍ରସ୍ତାବଗୁଡ଼ିକଠାରୁ ଅନେକ ଅଧିକ ଫଳଦାୟକ ଓ ମୂଲ୍ୟବାନ୍ ।

*୨ ଅକ୍ଟୋବର ୧୯୬୨*

*ସ୍ନେହମୟି ମାଆ,*

*ମୁଁ ଆଜି ସକାଳେ ଶୁଣିଲି ଯେ, 'କ' 'ଖ'ଙ୍କଠାରୁ ଖୁବ୍ ମାଡ଼ ଖାଇଲେ । ଏଇଟାକୁ ମୁଁ ଆଦୌ ଉଚିତ ବୋଲି ଭାବୁ ନାହିଁ ।*

ନିଜ ଆଖିରେ ଆମେ ଯେତିକି ଦେଖିଥିବା, ଆମେ କେବଳ ସେତିକି ବିଷୟରେ କହିବା – ଏବଂ, ସେହି ସ୍ଥିତିରେ ମଧ୍ୟ ... ତୁମର କେଉଁ ଜ୍ଞାନ ଅଛି ଯେ ତୁମେ ଏହାକୁ ବିଚାର କରିବାର ଯୋଗ୍ୟ ବୋଲି ନିଜକୁ ଭାବୁଛ ? କେବଳ ପରମ ପ୍ରଭୁହିଁ ସବୁ ଦେଖୁଛନ୍ତି ଓ ବିଚାର କରୁଛନ୍ତି – ସେଇ ହେଉଛନ୍ତି ଏକମାତ୍ର ସତ୍ୟ ।

ଶ୍ରୀଅରବିନ୍ଦଙ୍କର ସୂକ୍ତିଗୁଡ଼ିକୁ ତୁମର କିଞ୍ଚିତ୍ ଅଧିକ ଯତ୍ନ ସହିତ ଅଧ୍ୟୟନ କରିବା ଉଚିତ । ତାହା ତୁମକୁ କ୍ଷିପ୍ର ମତାମତ ଦେବାର କୁଅଭ୍ୟାସରୁ ଆରୋଗ୍ୟ କରି ଆଣି ପାରିବ ।

*୧୫ ଅକ୍ଟୋବର ୧୯୬୨*

*ସ୍ନେହମୟି ମାଆ,*

*ମାଆ 'ଗ'ଙ୍କୁ କାହିଁକି ଦର୍ଶନ ଦେଲେ ନାହିଁ, ସେହି ବିଷୟରେ ମୁଁ ମାଆଙ୍କ ପାଖକୁ ଏକ ପତ୍ର ଲେଖିଥିଲି । ମାତ୍ର, ବର୍ତ୍ତମାନ ମୋ'ର ଭୟ ହେଉଛି ଯେ ଏପରି ଏକ ପତ୍ର ଲେଖିବା ଲାଗି ମୋ'ର ଦୁଃସାହସ ସକାଶେ ମାଆ ହୁଏତ ମୋ'ଉପରେ ରାଗିଥିବେ । କାରଣ, ଏ ବିଷୟରେ ମୋ'ର ଆଦୌ କିଛି କରିବାର ନ ଥିଲା ।*

ମୁଁ ତୁମର ଚିଠି ପଢ଼ିଲି; ମାତ୍ର ଆଦୌ ରାଗ କରି ନାହିଁ । ମାତ୍ର ଦର୍ଶନ ଲାଗି 'ଗ' ଆଦୌ ପ୍ରସ୍ତୁତ ନ ଥିଲେ ।

*୧୯ ଅକ୍ଟୋବର ୧୯୬୨*

*(ଉତ୍ତର କାଶ୍ମୀର ଏବଂ ଉତ୍ତର-ପୂର୍ବ ଭାରତବର୍ଷରେ ବିବାଦାସ୍ପଦ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଦଖଲ କରିନେବା ପାଇଁ ଚୀନ ଦେଇଥିବା ଏକ ଧମକ ବିଷୟରେ) ବେଳେବେଳେ ମୋ'ର ଏପରି ଧାରଣା ହେଉଛି ଯେ, କେନେଡି କ୍ୟୁବା ସମ୍ପର୍କରେ*

*ତାଙ୍କର ନିଷ୍ପତ୍ତି କଲାବେଳେ ଯେଉଁ ପ୍ରକାର ମେରୁଦଣ୍ଡ ଥିବାର ପରିଚୟ ଦେଲେ, ଆମ ନେତାମାନେ ସେହି ମେରୁଦଣ୍ଡକୁ ସମ୍ଭବତଃ ହରାଇ ବସିଛନ୍ତି ।*

ବର୍ତ୍ତମାନ ସ୍ଥିତିରେ ଏପରି ଟୀକାର କୌଣସି ପ୍ରାସଙ୍ଗିକତା ନାହିଁ । ଏହିଭଳି ଏକ ପରିସ୍ଥିତିରେ ଆମେ ଆଉ ଜଣକଠାରୁ ଅଧିକ ଭଲ କିଛି କରି ପାରିଥା'ନ୍ତୁ ବୋଲି ବିବାଦାତୀତ ଭାବରେ ପ୍ରମାଣ ନ କରିଥିବା ପର୍ଯ୍ୟନ୍ତ ଆମେ ଆଉ ଜଣକୁ କଦାପି ସମାଲୋଚନା କରିବା ନାହିଁ ।

ତୁମେ ନିଜେ ଭାରତବର୍ଷର ଜଣେ ସମକକ୍ଷହୀନ ପ୍ରଧାନମନ୍ତ୍ରୀ ହେବାକୁ ସମର୍ଥ ବୋଲି ନିଜକୁ ମନେ କରୁଛ କି ? ମୁଁ ଉତ୍ତର ଦେବି, ''କଦାପି ନୁହେଁ'', ଏବଂ ମୁଁ ଭାବୁଛି, ତୁମେ ନୀରବ ଓ ସ୍ଥିର ହୋଇ ରହିବା ଉଚିତ ।

*୨୪ ଅକ୍ଟୋବର ୧୯୬୨*

(*କାଳୀ-ପୂଜା ଦିବସ ପାଇଁ ଏକ ପ୍ରାର୍ଥନା ବିଷୟରେ*)

ମୋ'ର ସନ୍ତାନଗଣ, ଏହା ଠିକ୍ ଅଛି, ମାତ୍ର କେବଳ ପ୍ରାର୍ଥନା କଦାପି ଯଥେଷ୍ଟ ନୁହେଁ । ତୁମମାନଙ୍କୁ ଏକ ଅବିରାମ ଉଦ୍ୟମ ମଧ୍ୟ କରିବାକୁ ହେବ ।

*୨୬ ଅକ୍ଟୋବର ୧୯୬୨*

*ସ୍ନେହମୟି ମାଆ,*

*ଆମ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଏଠାରେ ରହିଥିବା ଆମର ଅଗଣିତ କାର୍ଯ୍ୟକଳାପ ବିଷୟରେ ଜଣେ ବନ୍ଧୁଙ୍କ ସହିତ ଆଲୋଚନା କରୁ ଥିବା ସମୟରେ ସେ ମୋତେ ପଚାରିଲେ : ''ତୁମେ ମୋତେ ଏପରି ଜଣେ ବ୍ୟକ୍ତିଙ୍କର ମଧ୍ୟ ପ୍ରାମାଣିକ ଦୃଷ୍ଟାନ୍ତଟିଏ ଦେଇ ପାରିବକି ଯିଏ ଏତେ ଅଧିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ଓ ଏକ ବେଶ୍ ଉଚ୍ଚ ମାନ ରଖି ପାରୁଛନ୍ତି ? — ପୃଥିବୀରେ ଥିବା ଜଣେ ବ୍ୟକ୍ତିଙ୍କର ମଧ୍ୟ ଉଦାହରଣ ଦେଇ ପାରିବ କି ?''*

କଦାପି ଭୁଲିଯିବ ନାହିଁ — ଏଠାରେ ଥିବା ତୁମେ ସମସ୍ତେ — ଯେ ଆମେ ଏକ ବସ୍ତୁର ଉପଲବ୍ଧି କରିବାକୁ ଚାହୁଁଛୁ; ଏପରି ଏକ ବସ୍ତୁ ଯାହାକି ବର୍ତ୍ତମାନ ପୃଥିବୀପୃଷ୍ଠରେ ନାହିଁ । ତେଣୁ, ଆମେ କ'ଣ କରିବାକୁ ଇଚ୍ଛା କରୁଛୁ, ଅନ୍ୟତ୍ର ତାହାର ଏକ ଉଦାହରଣ ଖୋଜି ଯିବାରେ ଆଦୌ କୌଣସି ଯୁକ୍ତି ନାହିଁ ।

*ସିଏ ମୋତେ ଏକଥା ମଧ୍ୟ କହିଲେ : ''ମାଆ କହୁଛନ୍ତି ଯେ, ଯେଉଁମାନଙ୍କର ଏକ ନିର୍ଦ୍ଦିଷ୍ଟ କୌଣସି ବିଷୟରେ ପ୍ରତିଭା ରହିଛି ଏବଂ ସେହି କ୍ଷେତ୍ରଟିରେ ସେମାନେ ପୂର୍ଣ୍ଣ ବ୍ୟୁତ୍ପତ୍ତି ଅର୍ଜନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଲାଗି ଏଠାରେ ସମ୍ପୂର୍ଣ୍ଣ ସ୍ୱାଧୀନତା ଏବଂ ପ୍ରତ୍ୟେକ ସୁଯୋଗ ରହିଛି । ମାତ୍ର, ଉଦାହରଣ ସ୍ୱରୂପ, ଜଣେ ନିପୁଣ ସଙ୍ଗୀତଜ୍ଞ ହେବା ଲାଗି ଏହି ସ୍ୱାଧୀନତା ଏଠି କେଉଁଠି ରହିଛି ?'' ସ୍ନେହମୟି ମାଆ, ସ୍ୱାଧୀନତାର ଏହି ବିଷୟଟି ଉପରେ ଆପଣ ଦୟାକରି କିଛି କହିବେ କି ?*

ମୁଁ ଯେଉଁ ସ୍ୱାଧୀନତାର କଥା କହେ, ତାହା ହେଉଛି ଆତ୍ମାର ଇଚ୍ଛା ଅନୁସାରେ ବାଟ ଚାଲିବାର ସ୍ୱାଧୀନତା, ମନ ତଥା ପ୍ରାଣିକର ଯାବତୀୟ ଖିଆଲ ଅନୁସାରେ ବାଟ ଚାଲିବାର ସ୍ୱାଧୀନତା ଆଦୌ ନୁହେଁ ।

ମୁଁ ଯେଉଁ ସ୍ୱାଧୀନତାର କଥା କହେ, ତାହା ହେଉଛି ଏକ କଠୋର ସତ୍ୟ, ଯାହାକି ନିମ୍ନତର, ଅଜ୍ଞାନ ସତ୍ତାର ଯାବତୀୟ ଦୁର୍ବଳତା ଏବଂ ବାସନାକୁ ଅତିକ୍ରମ କରିବା ଲାଗି ଉଦ୍ୟମ କରୁଥାଏ ।

ମୁଁ ଯେଉଁ ସ୍ୱାଧୀନତାର କଥା କହେ, ତାହା ହେଉଛି ନିଜକୁ ସମ୍ପୂର୍ଣ୍ଣ ଭାବରେ ଏବଂ ଆଦୌ କୌଣସି କୁଣ୍ଠା ନ ରଖି ଆପଣାର ଉଚ୍ଚତମ, ଶୁଦ୍ଧତମ ଓ ଦିବ୍ୟତମ ଅଭୀପ୍ସା ପାଖରେ ଉତ୍ସର୍ଗ କରି ଦେବାର ସ୍ୱାଧୀନତା ।

ତୁମମାନଙ୍କ ଭିତରୁ କିଏ ଆନ୍ତରିକତା ସହିତ ଏହି ପଥରେ ଯାତ୍ରା କରୁଛି ? ବିଚାର କରି ଭଲ ବା ମନ୍ଦ କହିଦେବା ଅତ୍ୟନ୍ତ ସହଜ, ମାତ୍ର ବୁଝିବା ଅଧିକ କଷ୍ଟକର, ଏବଂ ଉପଲବ୍ଧି କରିବା ତଥାପି ଆହୁରି ଅଧିକ କଷ୍ଟକର ।

*୧୮ ନଭେମ୍ବର ୧୯୬୨*

(*ଅନ୍ୟ କାହା ବିଷୟରେ ଅଧିନାୟକଙ୍କର ମନ୍ତବ୍ୟ ବିଷୟରେ*)

ସ୍ମରଣ ରଖିଥାଅ ଯେ, ଏହି ଯାବତୀୟ ବ୍ୟକ୍ତିଗତ ଗୁଣ ତଥା ଦୋଷସବୁ ଆମେ ଆଦୌ ବୁଝୁ ନ ଥିବା ବିଶ୍ୱଗତ ଶକ୍ତିଗୁଡ଼ିକର ଏକ ଲୀଳାର କେବଳ ପ୍ରତାରଣାକାରୀ କେତେକ ପ୍ରତିଭାସ ମାତ୍ର ।

*୫ ଜାନୁଆରି ୧୯୬୩*

*(ଜଣେ ବନ୍ଧୁଙ୍କ ବିଷୟରେ)*

କେବଳ ଭଲ ପାଇବାରେହିଁ ସୁଖ ପାଅ, ଆନନ୍ଦ ପାଅ; ଏବଂ ତାହା ତୁମକୁ ତୁମ ଅନ୍ତର୍ଗତ ଅଗ୍ରଗତିରେ ସାହାଯ୍ୟ କରିବ । କାରଣ, ଯଦି ତୁମେ **ନିଷ୍ଠାଯୁକ୍ତ** ହୋଇଥାଅ, ତେବେ ତୁମେ ଦିନେ ନା ଦିନେ ଅବଶ୍ୟ ଉପଲବ୍ଧି କରିବ ଯେ, ତାଙ୍କ ଭିତରେ ରହିଥିବା ଦିବ୍ୟ ପରମସତ୍ତାଙ୍କୁହିଁ ତୁମେ ଭଲ ପାଉଛ ଏବଂ ବାହାରର ବ୍ୟକ୍ତିଟି ହେଉଛି କେବଳ ଏକ ଉପଲକ୍ଷ୍ୟ ମାତ୍ର ।

*୨୭ ଜାନୁଆରି ୧୯୬୩*

*ସ୍ନେହମୟି ମାଆ,*

*ଏଠାରେ ମୋ'କୋଠରିରେ ବସି ଧ୍ୟାନ କରିବା ଏବଂ ପ୍ଲେଗ୍ରାଉଣ୍ଡରେ ସମସ୍ତଙ୍କ ସହିତ ଏକାଠି ଧ୍ୟାନ କରିବା ଭିତରେ କି ଫରକ ରହିଛି ?*

*ସେଠାରେ ନା ଏଠାରେ ମୋ' କୋଠରିରେ ଧ୍ୟାନ କରିବା ଅଧିକ ଭଲ ?*

ଯେଉଁଠାରେ ସବୁଠାରୁ ପ୍ରକୃଷ୍ଟ ଭାବରେ ଧ୍ୟାନ କରି ପାରୁଛ, ତୁମେ ସେହିଠାରେହିଁ ଧ୍ୟାନ କରିବ । ଅର୍ଥାତ୍, ଯେଉଁ ସ୍ଥାନରେ ତୁମେ ସବୁଠାରୁ ଅଧିକ ନୀରବ ଓ ସ୍ଥିର ହୋଇ ରହିପାରୁଛ ।

*୩୧ ଜାନୁଆରି ୧୯୬୩*

(ଏକ ଖରାପ ସ୍ୱପ୍ନ ସମ୍ବନ୍ଧରେ)

ମୁଁ ତାହାକୁ ମାନସିକ ଉତ୍ତେଜନା ବୋଲି କହିବି । ତୁମର ଜାଗ୍ରତ ଚେତନା ଯେମିତି ଶୋଇ ପଡୁଛି ବା ତୁମର ଶରୀରକୁ ଛାଡ଼ି ଚାଲିଯାଉଛି, ସେତେବେଳେ, ମସ୍ତିଷ୍କର ଯେଉଁ କୋଷଗୁଡ଼ିକୁ ତୁମେ ଶାନ୍ତ କରିଦେବାର ଯଥେଷ୍ଟ ପ୍ରୟାସ କରି ନାହଁ, ସେଗୁଡ଼ିକ ଅତ୍ୟନ୍ତ ଅସ୍ଥିର ଓ ଆକୁଳ ହୋଇ ଉଠୁଛନ୍ତି ଏବଂ ତୁମେ ସ୍ୱପ୍ନ ବୋଲି କହୁଥିବା ପଦାର୍ଥଟିକୁ ନିଷ୍ପନ୍ନ କରୁଛନ୍ତି । ମାତ୍ର ତାହାକୁ ଶୃଙ୍ଖଳାରହିତ ଏକ କ୍ରିୟାଶୀଳତା ବ୍ୟତୀତ ଆଉ କିଛି ବୋଲି କୁହାଯିବ ନାହିଁ । ତାହାର କୌଣସି ଅର୍ଥ ନାହିଁ ଏବଂ ତାହା କେବଳ ଗୋଟିଏ ଉଦ୍ଦେଶ୍ୟ ସାଧନ କରି ପାରିବ : ତୁମ ମୁଣ୍ଡ ଭିତରେ କ'ଣ ସବୁ ଘଟୁଛି, ତୁମକୁ ସେହି ବିଷୟରେ ସଜ୍ଞାନ କରାଇଦେଇ ପାରିବ ।

*୧୯ ମାର୍ଚ୍ଚ ୧୯୬୩*

*ସ୍ନେହମୟି ମାଆ,*

*ମୋ'ପାଖକୁ ଏକ ନିର୍ଦ୍ଦିଷ୍ଟ ପରିମାଣର କିଛି ଟଙ୍କା ଆସିଛି । ତାହାକୁ ମୁଁ ଆପଣଙ୍କୁ ଅର୍ପଣ କରିବାକୁ ଇଚ୍ଛା କରୁଛି, ଏବଂ ଯଦି ମୋ'ର କିଛି ଆବଶ୍ୟକ ହୁଏ, ତେବେ ମୁଁ ସେ ବିଷୟରେ ଆପଣଙ୍କୁ ଜଣାଇବି । ସେପରି ହେଲେ, ମୋ'ଲାଗି କ'ଣ ଆବଶ୍ୟକ ବା ସବୁଠାରୁ ଭଲ, ସେକଥା ଆପଣ ନିଷ୍ପତ୍ତି କରି ପାରିବେ । ମାତ୍ର, ମୋତେ ପରାମର୍ଶ ଦିଆଯାଉଛି ଯେ, ନିଜର ବ୍ୟକ୍ତିଗତ ପ୍ରୟୋଜନ ନିମନ୍ତେ ଯେତିକି ଦରକାର, ମୁଁ ସେତିକି ନିଜ ପାଖରେ ରଖିବି ଏବଂ ଅବଶିଷ୍ଟ ଅଂଶ ଆପଣଙ୍କୁ ଦେଇଦେବି । ନ ହେଲେ ଲୋକମାନେ କୁଆଡ଼େ କହିବେ ଯେ, ମୁଁ ଆପଣଙ୍କୁ କିଛି ଅର୍ଥ ଦେଇଛି ବୋଲି ମୋ'ର ପ୍ରୟୋଜନ ଅନୁସାରେ ସବୁକିଛି ଯାଇ ମାଗିପାରୁଛି । ମାଆ, ଆପଣ ମୁଁ କ'ଣ କରେ ବୋଲି ଚାହାନ୍ତି ?*

ଯାହା ଅନୁଭବ କରୁଛ ତାହାହିଁ କର – ଏବଂ, ଏବିଷୟରେ ନିଶ୍ଚିତ ହୋଇ ରହିଥାଅ ଯେ, ତୁମେ ଯାହାକିଛି କଲେ ମଧ୍ୟ ଲୋକମାନଙ୍କର ଅବଶ୍ୟ କିଛି ନା କିଛି କହିବାକୁ ରହିଥିବ ।

ଏବଂ, ସ୍ୱାର୍ଥରୁ କିଏ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ପାରିଛି ? ଆମେ ଯାହା ନୋହୁ, ତାହା ବୋଲି କଦାପି ଛଳନା କରିବା ଉଚିତ ନୁହେଁ । କପଟୀ ହେବା ଅପେକ୍ଷା ସଫା ସଫା କହିଦେବା ଅନେକ ଭଲ ।

*୧୨ ଏପ୍ରିଲ୍ ୧୯୬୩*

*ସ୍ନେହମୟି ମାଆ,*

*ସାନ ସାନ ବସ୍ତୁ ଲାଗି ଏବଂ ସ୍ୱାର୍ଥପ୍ରଣୋଦିତ କୌଣସି ଲାଭ ଲାଗି ମାଆଙ୍କୁ ପ୍ରାର୍ଥନା କରିବା ଉଚିତ କି ?*

ସବୁକିଛି ଜଣେ ବ୍ୟକ୍ତିର ଦୃଷ୍ଟିକୋଣ ଉପରେ ନିର୍ଭର କରେ । ଏହା ଅତ୍ୟନ୍ତ ସମ୍ଭବ ଯେ, ଜଣେ ଯେଉଁ ବସ୍ତୁ ନିମନ୍ତେ ପ୍ରାର୍ଥନା କରିଛି, ତାକୁ ତାହା ଅବଶ୍ୟ ମିଳିଯିବ । ମାତ୍ର, ଆଧ୍ୟାତ୍ମିକ ଅଗ୍ରଗତି ଲାଗି ଏହା କ୍ଷତିକାରକ ହେବ ।

୪ ମଇ ୧୯୬୩

*ସ୍ନେହମୟି ମାଆ,*

*ବିବାହର ପ୍ରକୃତ ତାତ୍ପର୍ଯ୍ୟ କ'ଣ ?*

ଏହାର କ୍ୱଚିତ୍ କୌଣସି **ପ୍ରକୃତ** ତାତ୍ପର୍ଯ୍ୟ ରହିଛି । ମନୁଷ୍ୟପ୍ରାଣୀକୁ ସ୍ଥାୟୀ କରି ରଖିବା ପାଇଁ ଏହା ଏକ ସାମାଜିକ ବିଧି ।

*୧୦ ମଇ ୧୯୬୩*

*ସ୍ନେହମୟି ମାଆ,*

*ଏବେ ଆମେ ଅନେକ ଚଳଚିତ୍ର ଦେଖୁଛୁ ଏବଂ ତାହା ଦ୍ୱାରା ଆମକୁ କେଉଁଠି କି ଶିକ୍ଷା ମିଳୁଛି, ମୁଁ ଆଦୌ ଜାଣି ପାରୁ ନାହିଁ ।*

ଯଦି ବ୍ୟକ୍ତିର ସମୁଚିତ ଦୃଷ୍ଟିକୋଣଟି ରହିଥିବ, ତେବେ ସବୁକିଛି ଶିକ୍ଷା କରିବାର ଏକ ସୁଯୋଗରେ ଅବଶ୍ୟ ପରିଣତ ହୋଇ ପାରିବ ।

ମାତ୍ର ସେ କଥା ଯାହା ହୋଇଥାଉ ପଛକେ, ଏହି ପ୍ରଚୁରତା ତୁମକୁ ଏତିକି ବୁଝିବାରେ ସାହାଯ୍ୟ କରିପାରିବା ଉଚିତ ଯେ, ଚଳଚିତ୍ର ଦେଖିବାର ଯେଉଁ ବାସନା କେତେକ ବ୍ୟକ୍ତିଙ୍କ ଭିତରେ ଏଡ଼େ ପ୍ରବଳ ହୋଇ ରହିଥାଏ, ତାହା ଅନ୍ୟ ଯେକୌଣସି ବାସନା ପରିହିଁ ସମାନ ଭାବରେ ଅନିଷ୍ଟକାରକ ହୋଇ ପାରିବ ।

*୧୧ ମଇ ୧୯୬୩*

*ସ୍ନେହମୟି ମାଆ,*

*ଜୀବନରେ ମୁଁ ଯେତେଥର କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି, ପ୍ରତିଥର ମୋତେ ତଦ୍ୱାରା କୌଣସି ନା କୌଣସି ସୁଖରୁ ବଞ୍ଚିତ ହେବାକୁହିଁ ପଡ଼ିଛି – କୌଣସି ନା କୌଣସି ଆପାତ ସୁଖରୁ –; ମାତ୍ର ମୋ'ର ଏହି ମାନସିକ ଦୁଃଖକୁ ଅପସାରିତ କରି ଦେବା ପାଇଁ ଏକ ସାନ୍ତ୍ୱନା ମଧ୍ୟ ଆସି ପହଞ୍ଚିଛି । କାରଣ, କିଛି ନା କିଛି ମୋତେ ଆସି କହିଛି : ''ଯାହାକିଛି ଘଟୁଛି, ତାହା କେବଳ ତୋ'ର ନିଜର ଭଲ ପାଇଁ କରାହେଉଛି ଏବଂ ପରମ ଦିବ୍ୟକରୁଣାହିଁ ତାହା କରୁଛନ୍ତି । ଏପରି ଭାବିବା ଭଲ କି, ଏବଂ ସୁସ୍ଥ କି ?*

ଏପରି ଭାବିବା ଯେ କେବଳ ଉଚିତ ତା' ନୁହେଁ, କେବଳ ଭଲ ଓ ସୁସ୍ଥ ତା' ନୁହେଁ, ମାତ୍ର, ଯଦି ଜଣେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କରୁଥାଏ, ତେବେ ଏହାକୁହିଁ ଏକ ସମ୍ପୂର୍ଣ୍ଣ ଭାବରେ ଅପରିହାର୍ଯ୍ୟ ଦୃଷ୍ଟିକୋଣ ବୋଲି କୁହାଯିବ । ବସ୍ତୁତଃ, ଏହା ହେଉଛି ସର୍ବପ୍ରଥମ ପଦକ୍ଷେପ, ଯାହା ବ୍ୟତୀତ ଆଦୌ କୌଣସି ଅଗ୍ରଗତି ସମ୍ଭବ ହେବ ନାହିଁ ।

ସେଥିପାଇଁହିଁ ମୁଁ ସର୍ବଦା କହିଥାଏ, ''ତୁମେ ଯାହାକିଛି କରୁଛ, ଆପଣାର ସର୍ବୋତ୍ତମ ସମ୍ଭାବ୍ୟ ପର୍ଯ୍ୟନ୍ତ ତାହା କର ଏବଂ ଫଳାଫଳ ପ୍ରଭୁଙ୍କ ହାତରେହିଁ ଛାଡ଼ିଦିଅ; ତେବେ ତୁମର ହୃଦୟ ଶାନ୍ତିପ୍ରାପ୍ତ ହୋଇପାରିବ।''

*୧୩ ମଇ ୧୯୬୩*

*ସ୍ନେହମୟି ମାଆ,*

*ଆମ ହାତର ରେଖାଗୁଡ଼ିକ ଆମ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର କୌଣସି ସୂଚନା ଦେଉଥା'ନ୍ତି କି ?*

ହଁ, ଅବଶ୍ୟ ଦେଉଥାନ୍ତି; ଯାହାକୁ ଦେଖି ଆସେ, ତା' ଲାଗି ଅବଶ୍ୟ ଅବଶ୍ୟ ସୂଚନା ଦିଅନ୍ତି। ଏବଂ 'କ' ଙ୍କର ଏଥିରେ ଅତ୍ୟନ୍ତ ପ୍ରବୀଣତା ରହିଛି।

*୧୫ ମଇ ୧୯୬୩*

*ସ୍ନେହମୟି ମାଆ,*

*ମୁଁ ଅନେକ ସମୟରେ ଲକ୍ଷ୍ୟ କରିଛି ଯେ, ଆମେ ଯେଉଁ କାର୍ଯ୍ୟ କରୁଥାଉ, ମଜୁରି ପାଉଥିବା ମୂଲିଆଙ୍କ ତୁଳନାରେ ସେହି କାର୍ଯ୍ୟଟି ଅଧିକ ଭଲଭାବେ ଏବଂ ଅଧିକ ଶୀଘ୍ର ହୋଇଯାଏ। ଏହାର କାରଣ ମୁଁ ଜାଣି ପାରେ ନାହିଁ।*

କାରଣ ତୁମେ ଅଧିକ ଚେତନାଯୁକ୍ତ ରହିଥାଅ, ବା, କମ୍ ଚେତନାବର୍ଜିତ ହୋଇ ରହିଥାଅ।

*୨୩ ମଇ ୧୯୬୩*

*ସ୍ନେହମୟି ମାଆ,*

*ଝିଅମାନଙ୍କର ସର୍ବଦା ଗୋଟିଏ ଅସୁବିଧା ରହିଛି : ସେମାନେ ଯାହା ଇଚ୍ଛା କରୁଥା'ନ୍ତି, ତାହା ଆଦୌ ପୁଅମାନଙ୍କ ପରି କରି ପାରନ୍ତି ନାହିଁ।*

କିଏ କହିଲା ? ଏହାକୁ ଭୁଲ୍ ବୋଲି ପ୍ରମାଣିତ କରି ଦେବାକୁ ଶହ ଶହ ଦୃଷ୍ଟାନ୍ତ ରହିଛି।

*୩୧ ମଇ ୧୯୬୩*

*ସ୍ନେହମୟି ମାଆ,*

*ଦୁଇଜଣ ମନୁଷ୍ୟଙ୍କ ଭିତରେ ସର୍ବୋତ୍ତମ ସମ୍ବନ୍ଧ କ'ଣ ହୋଇପାରେ ? ମାଆ ଏବଂ ପୁଅ ? ଭାଇ, ବନ୍ଧୁ ବା ପ୍ରେମିକ ଇତ୍ୟାଦି ?*

**ସିଦ୍ଧାନ୍ତତଃ** ସବୁ ସମ୍ବନ୍ଧଗୁଡ଼ିକ ଭଲ ଏବଂ ପ୍ରତ୍ୟେକଟି ସମ୍ବନ୍ଧ ପରମ ଶାଶ୍ୱତଙ୍କର ଏକ ରୀତିକୁହିଁ ବ୍ୟକ୍ତ କରିଥାଏ । ମାତ୍ର ପ୍ରତ୍ୟେକ ସମ୍ବନ୍ଧ ବିକୃତ ଓ ମନ୍ଦ ମଧ୍ୟ ହୋଇ ଯାଇପାରେ; ମନୁଷ୍ୟ-ପ୍ରକୃତିର ସ୍ୱାର୍ଥପୂର୍ଣ୍ଣ ମିଥ୍ୟା ହେତୁ ତାହା ହୋଇଥାଏ, ଯାହାକି ପ୍ରେମର ସ୍ପନ୍ଦନଗୁଡ଼ିକୁ ସେମାନଙ୍କର ଶୁଦ୍ଧତାରେ ବ୍ୟକ୍ତ ହେବା ଲାଗି ପଥରୁଦ୍ଧ କରି ରଖିଥାଏ ।

*୪ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*Reach for the sky ଚଳଚ୍ଚିତ୍ରର ନାୟକଙ୍କ ବିଷୟରେ ମୁଁ କହିଲି ଯେ, କୌଣସି ବିଷୟ ତାଙ୍କୁ ନିରୁତ୍ସାହିତ କରିପାରୁ ନ ଥିଲା । କାରଣ, ଏକ ଦୁର୍ଘଟଣାରେ ଆପଣାର ଦୁଇଟିଯାକ ଗୋଡ଼ ହରାଇବା ପରେ ମଧ୍ୟ ସେ ତଥାପି ଶପଥ ନେଇଥିଲେ ଯେ ସେ ଜଣେ ଉଡ଼ାଜାହାଜ-ଚାଳକ ହିସାବରେ ଜୀବନ ଯାପନ କରିବେ । ତାଙ୍କର ପ୍ରାଣିକ ବଳ ପ୍ରକୃତରେ ଅଦ୍ଭୁତ, ଶକ୍ତିରେ ପୂର୍ଣ୍ଣ ହୋଇ ରହିଥିବା ଜଣେ ବ୍ୟକ୍ତି ...*

ସମଗ୍ର ଭାବେ ପରିପୂର୍ଣ୍ଣ ଯୋଗକୁ ଅଭ୍ୟାସ କରିବା ଲାଗି ଠିକ୍ ସେହିଭଳି ସଂକଳ୍ପଶକ୍ତି ରହିଥିବା ଏକାନ୍ତ ଆବଶ୍ୟକ ।

*୭ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*ଏପରି ମୁହୂର୍ତ୍ତମାନ ଆସେ, ଯେତେବେଳେ କି ମୁଁ ଅନୁଭବ କରେ ଯେ ପଢ଼ିବା କିଂବା ଆଉ କିଛି କରିବା ଅପେକ୍ଷା, କେବଳ ନୀରବ ହୋଇ ବସିବା ହେଉଛି ଅଧିକ ଭଲ । ମାତ୍ର, କାଳେ ସମୟ ନଷ୍ଟ ହେବ ବୋଲି ମୁଁ ଭୟ କରୁଥାଏ । ତେବେ ମୋ'ର କ'ଣ କରିବା ଉଚିତ ?*

ସେହି ନୀରବତାର ଗୁଣାତ୍ମକତା ଉପରେହିଁ ସବୁକିଛି ନିର୍ଭର କରୁଛି — ଯଦି ତାହା ଏକ

ଆଲୋକମୟ ନୀରବତା ହୋଇଥାଏ, ଶକ୍ତି ଏବଂ ସଚେତନ ଅଭିନିବେଶରେ ପୂର୍ଣ୍ଣ ହୋଇ ରହିଥାଏ, ତେବେ ତାହା ନିଶ୍ଚୟ ଭଲ ହେବ । ମାତ୍ର, ଯଦି ତାହା ଏକ ତାମସିକ ଏବଂ ଚେତନାବର୍ଜିତ ନୀରବତା ହୋଇଥାଏ, ତେବେ ତାହା ଅନିଷ୍ଟ କରିବ ।

*୧୦ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*ଅନେକ ଦିନ ପରେ ମୁଁ ଗୋଟିଏ ସୁନ୍ଦର ସ୍ୱପ୍ନ ଦେଖିଲି, ଯେଉଁଥିରେ କି ମୁଁ ମାଆଙ୍କୁ ଦର୍ଶନ କଲି ଓ ତାଙ୍କର ଆଶୀର୍ବାଦ ଲାଭ କଲି ।*

ଏହା ସ୍ୱପ୍ନ ନୁହେଁ, ଏହା ହେଉଛି ତା' ପୂର୍ବରୁ ତୁମେ କରିଥିବା ଧ୍ୟାନର ଫଳ, ତୁମ ଅଭୀପ୍ସାର ଫଳ ।

*୧୨ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*ମୋ' ମୁଣ୍ଡ ଭିତରେ ବହୁ ପରିମାଣରେ ''ଆଳସ୍ୟ ସୃଷ୍ଟି କରୁଥିବା'' ବସ୍ତୁ ରହିଛି, ଯାହାକି ପରିଷ୍କାର ଭାବରେ ଭାବି ପାରିବାରେ ଏବଂ ନୂତନ ବିଚାରଗୁଡ଼ିକୁ ଶୀଘ୍ର ବୁଝି ପାରିବାରେ ମୋ'ଲାଗି ଅନ୍ତରାୟ ହୋଇ ରହିଛି । ମୁଁ ଏଥିରୁ ମୁକ୍ତି ପାଇପାରିବି କିପରି ?*

ବହୁତ ଅଧ୍ୟୟନ କରିବା ଦ୍ୱାରା, ଅଧିକ ମନନ ଦ୍ୱାରା, ବୁଦ୍ଧିକୁ ଅଧିକ କାମରେ ଲଗାଇବା ଦ୍ୱାରା । ଦୃଷ୍ଟାନ୍ତ ସ୍ୱରୂପ, କୌଣସି ବିଚାରକୁ ତୁମେ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବ, ତା' ପରେ ତା'ର ବିପରୀତ ବିଚାରଟିକୁ ମଧ୍ୟ ବ୍ୟକ୍ତ କରିବ, ତା'ପରେ ଦୁଇଟି ମଧ୍ୟରେ ଏକ ସମନ୍ୱୟ ଲୋଡ଼ିବ,– ଅର୍ଥାତ୍, ଏପରି ଏକ ତୃତୀୟ ବିଚାରର ଆବିଷ୍କାର କରିବ, ଯାହାକି ଅନ୍ୟ ଦୁଇଟି ମଧ୍ୟରେ ସମଞ୍ଜସତା ସ୍ଥାପନ କରି ପାରୁଥିବ ।

*୨୫ ଜୁନ୍ ୧୯୬୩*

(ଉପନ୍ୟାସ ପଢ଼ିବା ବିଷୟରେ)

ତୁମେ କାହିଁକି ଉପନ୍ୟାସ ପଢୁଛ ? ଏହା ଏକ ନିର୍ବୋଧ ଅଭ୍ୟାସ ଏବଂ ଏଥିରେ କେବଳ

ସମୟ ନଷ୍ଟହିଁ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମର ମସ୍ତିଷ୍କ ଏବେ ମଧ୍ୟ ଅଡୁଆ ଭିତରେ ପଡ଼ିଛି ଏବଂ ସେଥିରେ ସ୍ୱଚ୍ଛତାର ଅଭାବ ରହିଛି, ଏଇଟି ମଧ୍ୟ ତାହାର ଏକ କାରଣ ।

*୨୭ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*ମନୁଷ୍ୟ ଏଡ଼େ ଦୁର୍ବଳ ଯେ ସେ ତା' ଚାରିପାଖରେ ବହୁଥିବା ପବନର କବଳରେ ମଧ୍ୟ ପଡ଼ିଯାଏ, ପଢୁଥିବା ଗୋଟିଏ ବହି ଅଥବା ଦେଖୁଥିବା ଗୋଟିଏ ଛବିର ପ୍ରଭାବରେ ପଡ଼ିଯାଏ । ସିଏ ଅତି ସହଜରେ ପରାଭୂତ ହୋଇଯାଏ ।*

ତା' ସତ୍ତାର ପରମସତ୍ୟ ରୂପେ ରହିଥିବା ନିଜ ଚୈତ୍ୟସତ୍ତାକୁ କେନ୍ଦ୍ର କରି ଆପଣାର ସଚେତନ ସତ୍ତାଟିକୁ ସଙ୍ଗଠିତ କରି ରଖିବା ଲାଗି ମନ ନ କରିଥିବା ପର୍ଯ୍ୟନ୍ତହିଁ ଏଭଳି ଘଟେ ।

*୨୮ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*ଏଠାରେ ଅଧିକାଂଶ ବ୍ୟକ୍ତି ଆପଣା ସୁବିଧା ସହିତ ଖାପ ଖୁଆଇ ପାରିବାକୁ ମାଆଙ୍କର ଉକ୍ତିଗୁଡ଼ିକୁ ଉଦ୍ଧାର କରିଥା'ନ୍ତି ।*

ଅନ୍ୟମାନଙ୍କୁ ସମାଲୋଚନା କରିବା ପୂର୍ବରୁ ତୁମେ ନିଜେ ଯେ ସଂପୂର୍ଣ୍ଣ ଭାବରେ ନିଷ୍ଠାପର ରହିଛ, ସେହି ବିଷୟରେ ନିଶ୍ଚିତ ରହିବା ଅଧିକ ଭଲ ।

*୩୦ ଜୁନ୍ ୧୯୬୩*

*ସ୍ନେହମୟି ମାଆ,*

*A2 ଗୋଷ୍ଠୀର ପିଲାମାନଙ୍କ ଭିତରେ କିଛି ଦିନ ତଳେ ମୁଁ ଭାରି ବିଚିତ୍ର କଥାଟିଏ ଦେଖିବାକୁ ପାଇଲି : ପୁଅମାନେ ଝିଅମାନଙ୍କ ସହିତ କାମ କରିବାକୁ ରାଜି ହେଉ ନାହାନ୍ତି । ଏପରିକି ସେମାନଙ୍କର ପାଖାପାଖି ହୋଇ ଛିଡ଼ା ହେବାକୁ ମଧ୍ୟ ଇଚ୍ଛୁକ ନୁହନ୍ତି । ସେମାନେ ଏକାଠି ହୋଇ ଆଦୌ କାମ କରିପାରୁ ନାହାନ୍ତି । ଏମାନଙ୍କୁ ମାତ୍ର ଏଗାର ବର୍ଷ ହୋଇଛି, ଏହି ଛୋଟ ପିଲାମାନଙ୍କ ଭିତରକୁ ପାର୍ଥକ୍ୟର ଏହି ବିଚାରଟି କିପରି ଆସି ପଶିଲା ? ଭାରି ବିଚିତ୍ର ଲାଗୁଛି ।*

ଏହା ପୂର୍ବଜମାନଙ୍କଠାରୁ ଏକ ସଂସ୍କାରରୂପେ ଆସିଛି, ସେମାନଙ୍କର ଅବଚେତନରୁ ନିଷ୍ପନ୍ନ ହେଉଛି ।

ଏହି ପ୍ରବୃତ୍ତିଟି ପଛରେ ପୁରୁଷ ହୋଇ ଜନ୍ମିଥିବା ଜନିତ ଗର୍ବ ରହିଛି, ନିଜେ ଅନ୍ୟଠାରୁ ଅଧିକ ବଡ଼ ବୋଲି ଭାବିବାର ନିର୍ବୋଧ ମନୋଭାବଟି ରହିଛି ଏବଂ ଏହା ଏପରି ତଥାପି ଏକ ଅଧିକ ନିର୍ବୋଧତାପୂର୍ଣ୍ଣ ଭୟ ଉପରେ ଆଧାରିତ ହୋଇ ରହିଛି ଯେ, ନାରୀ ହେଉଛି ଏକ ବିପଜ୍ଜନକ ବ୍ୟକ୍ତି ଯିଏକି ପୁରୁଷକୁ ପାପ ଭିତରକୁ ପ୍ରଲୁବ୍ଧ କରି ନେଇଥାଏ । ପିଲାମାନଙ୍କ ଭିତରେ ଏସବୁ ତଥାପି ଅବଚେତନ ସ୍ତରରେ ରହିଛି, ମାତ୍ର ସେମାନଙ୍କର କାର୍ଯ୍ୟକୁ ପ୍ରଭାବିତ କରୁଛି । *୩ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ମୋ'ର ନୂତନ ପୋଷାକହିଁ ଏକ ଚାଞ୍ଚଲ୍ୟର କାରଣ ହେଲା ! ନୀଳ ରଙ୍ଗର ଅଧାପ୍ୟାଣ୍ଟ୍ ଓ ଧୂସର ରଙ୍ଗର କମିଜ । ମୁଁ ଏପରି ପୋଷାକ ପିନ୍ଧିଥିବାର ଦେଖି 'କ' ବିଚଳିତ ହୋଇ ଉଠିଲେ ।*

ଏସବୁ ବସ୍ତୁରେ ଏତେ ମହତ୍ତ୍ୱ ଦେଉଥିବା ବ୍ୟକ୍ତିମାନେ ନିଶ୍ଚୟ କେଡ଼େ ଅଗଭୀର ଓ ଫମ୍ପା ହୋଇ ନ ଥିବେ !! ତଥାପି, ଜଣେ ଅଧିନାୟକର ପଦବୀର ସୁଯୋଗ ନେଇ ତୁମେ ଏହିସବୁ ପୋଷାକ ପିନ୍ଧିଥିବାରୁ ତୁମେ ଭୁଲ୍ କାମ କଲ, କାରଣ ଅଧିନାୟକମାନଙ୍କର ମଧ୍ୟ ଏକ ପୋଷାକ ରହିଛି, ଯାହାକୁ କି ସେମାନେ ଅଧିନାୟକର କାର୍ଯ୍ୟ କରୁଥିବା ସମୟରେ ପରିଧାନ କରିବେ । *୪ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ବେଳେବେଳେ ଭିତରଟା ଏକାବେଳେକେ ଖାଲି ଖାଲି ଲାଗେ । ଭାରି ବିମର୍ଷ ଓ ଏକାକୀ ମନେ ହୁଏ । ଏହାର କାରଣ ହେଉଛି ଯେ, ମଣିଷ ତାକୁ କେହି ଭଲ ପାଉ ବୋଲି ଇଚ୍ଛା କରୁଥାଏ ।*

ଅଥବା, **ଆହୁରି ଭଲ ଭାବରେ** କୁହାଯିବ, କାରଣ ମଣିଷ ଆପଣାର ଆତ୍ମାକୁ ଜାଣିବାର ଆବଶ୍ୟକତା ବିଷୟରେ ଜାଗ୍ରତ ହୋଇ ଉଠିଥାଏ, ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବାର ଆବଶ୍ୟକତା ବିଷୟରେ ମଧ୍ୟ ତା'ର ଜାଗୃତି ଆସିଥାଏ ।

*୫ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ମୁଁ ପ୍ରତ୍ୟହ ଧ୍ୟାନ କରି ବସେ, ମାତ୍ର ମୋ'ର ଆଶଙ୍କା ହେଉଛି ଯେ ଦଶ ମିନିଟ୍‌ର ଏହି ଧ୍ୟାନସମୟ ଏବେ କେବଳ ଯାନ୍ତ୍ରିକ ହୋଇ ପଡ଼ିଲାଣି । ମୁଁ ଏକ ସଚଳ ଧ୍ୟାନ ଇଚ୍ଛା କରୁଛି, ମାତ୍ର ଏହା ସମ୍ଭବ ହେବ କିପରି ?*

**ନିଷ୍ଠାପର** ହେବା ଦ୍ୱାରା ।

*୬ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ଏହି ସୃଷ୍ଟିର ଏକ ଲକ୍ଷ୍ୟ ରହିଛି – ତେଣୁ, ଏହା ବି କ'ଣ ସମ୍ଭବ ଯେ ସବୁଠାରୁ ଅଧିକ ''ନଗଣ୍ୟ'' ମନୁଷ୍ୟ ମଧ୍ୟ ଏକ ବ୍ରତୋଦ୍ଦେଶ୍ୟର ପୂରଣ କରିବା ଲାଗି ପୃଥିବୀକୁ ଆସିଛି ? ମୁଁ ସେପରି ବିଚାର କରୁ ନାହିଁ । – ଭିକାରି ଓ ସେହିଭଳି ଅନ୍ୟ ଲୋକମାନେ କ'ଣ କରୁଛନ୍ତି ?*

ସେ କଥା କିଏ କହିଲା ? ଏବଂ ତୁମେ ପ୍ରକୃତରେ କେଉଁ ''ବ୍ରତୋଦ୍ଦେଶ୍ୟ''ର କଥା କହୁଛ ? ଏହି ସୃଷ୍ଟି ହେଉଛି ଏକ **ଅବିଭକ୍ତ ସମଗ୍ର** ଏବଂ ଆପଣାର ଏକ ନିର୍ଦ୍ଦିଷ୍ଟ ଆଡ଼କୁ ତାହା ଏକ ସମଗ୍ର ଭାବରେ ଅଗ୍ରଗତି କରିବାରେ ଲାଗିଛି । ଅବିଚ୍ଛିନ୍ନ ଏବଂ ଶେଷହୀନ ଭାବରେ ଚାଲିଥିବା ଏକ ସାମୂହିକ ବିବର୍ତ୍ତନ ମଧ୍ୟଦେଇ ତାହା ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଗ୍ରସର ହେଉଛି ।

*୭ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ମୁଁ ଶୁଣିଛି, ଆପଣ କୌଣସି ସ୍ଥାନରେ ଲେଖିଛନ୍ତି ଯେ, ଆଶ୍ରମରେ ଥିବା ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ମାନବୀୟ ଅସୁବିଧାର ପ୍ରତିନିଧିତ୍ୱ କରୁଛନ୍ତି ଏବଂ,* ***ତାଙ୍କର ଜୀବଦ୍ଦଶାରେ**** *ତାଙ୍କ ମଧ୍ୟରେ ସେହି ଅସୁବିଧାଟି ଉପରେ ପ୍ରଭୁତ୍ୱ ଅର୍ଜନ କରାଯିବ ଓ ତାହାକୁ ରୂପାନ୍ତରିତ କରି ଦିଆଯିବ ।*

ମୁଁ କେବେ ଏପରି କଥା କହି ନାହିଁ ।

---

* ମାଆ ''ତାଙ୍କର ଜୀବଦ୍ଦଶାରେ'' ଏହି ଶବ୍ଦଗୁଡ଼ିକ ତଳେ ନିଜେ ଗାର ଟାଣି ଦେଇଥିଲେ ।

ମନ ଯେପରି ଚିନ୍ତା କରୁଛି ଓ ଅଭିଳାଷ ରଖିଛି, ବସ୍ତୁଗୁଡ଼ିକ ଆଦୌ ସେପରି କୌଣସି ଦୃଢ଼ ନିର୍ଦ୍ଦିଷ୍ଟ ସୂତ୍ରରେ ବନ୍ଧା ହୋଇ ରହି ନାହାନ୍ତି । ସମସ୍ୟାଟିକୁ ସରଳ କରି ପକାଇବାର ଅଭିପ୍ରାୟରେ ମନ ସେପରି କରୁଛି ।

ମନୁଷ୍ୟ-ସ୍ୱଭାବର ବର୍ଣ୍ଣାୟନ ଏବଂ ମିଶ୍ରଣରେ ପ୍ରାୟ ଏକ ଅନନ୍ତ ବୈଚିତ୍ର୍ୟ ନିହିତ ହୋଇ ରହିଛି, ଏବଂ, ସମାନ ସମାନ ପ୍ରରୂପର ଶ୍ରେଣୀମାନ ରହିଥିଲେ ମଧ୍ୟ, କୌଣସି ଦୁଇ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ଆଦୌ ଏକାଭଳି ନୁହନ୍ତି ।

ନିଜ ଅସୁବିଧାଟିକୁ ଆମେ ଯେତିକି ପରିମାଣରେ ବଦଳାଇ ପାରିବା ଏବଂ ଯେଉଁ ମୁହୂର୍ତ୍ତରେ ସେହି ପରିବର୍ତ୍ତନଟିକୁ ସମ୍ଭବ କରି ପାରିବା, କେବଳ ସେହି ପରିମାଣରେ ଓ ସେତିକିବେଳେହିଁ ଆମେ ନିଜର ଅସୁବିଧାଗୁଡ଼ିକ ବିଷୟରେ ସଜ୍ଞାନ ହୋଇ ପାରୁଛୁ ।

*୮ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ହଠାତ୍ କାହିଁକି ଖୁବ୍ ଖୁସୀ ଲାଗୁଛି, ମୋ'ର ହୃଦୟ ଏକ ଅଭିବ୍ୟକ୍ତିର ଅତୀତ ଆନନ୍ଦରେ ପୂର୍ଣ୍ଣ ହୋଇ ଉଠୁଛି । ମାତ୍ର ଏହି ଅନୁଭବଟି କଦାପି ଅଧିକ କ୍ଷଣ ସ୍ଥାୟୀ ହୋଇ ରହୁ ନାହିଁ । ଏହି ସାମୟିକ ଆନନ୍ଦଟିର କାରଣଟିକୁ ନିରୀକ୍ଷଣ କରି ଜାଣିବାକୁ ମୁଁ ଅନେକ ସମୟରେ ଚେଷ୍ଟା କରିଛି, ମାତ୍ର ବିଫଳ ହୋଇ ଯାଇଛି ।*

କାରଣଟିକୁ ତୁମେ ବାହାରେ ଖୋଜୁଛ, ନିଜ ଚାରିପାଖରେ ଖୋଜୁଛ ବୋଲି ବିଫଳ ହେଉଛ । ମାତ୍ର ତାହା ତୁମ **ନିଜ ଭିତରେ** ରହିଛି ।

*୧୧ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ଆପଣ ବୁଝାଇ କହିଛନ୍ତି ଯେ ପୁଅ ଓ ଝିଅମାନଙ୍କର ଏହି ପାର୍ଥକ୍ୟବୋଧ ପଛରେ ବଂଶଗତ ସଂସ୍କାରର କାରଣ ରହିଛି । ମାତ୍ର ପ୍ରଶ୍ନ ହେଉଛି, ଆମେ ଅଧିନାୟକମାନେ ଏ ବିଷୟରେ କ'ଣସବୁ କରିପାରିବୁ । ବ୍ୟକ୍ତିଗତ ଭାବରେ ମୁଁ ଭାବୁଛି ଯେ, ଆଖି ବୁଜିଦେବାଟାହିଁ ଅଧିକ ଭଲ ହେବ, ମାତ୍ର ଅନ୍ୟମାନେ ପରାମର୍ଶ ଦେବା ଓ ଏପରିକି ଗାଳିଦେବା ଅଧିକ ଫଳପ୍ରଦ ହେବ ବୋଲି ମନେ କରୁଛନ୍ତି । ମୁଁ ଭାବୁଛି ଯେ, ଏବିଷୟରେ ଆଖି ବୁଜିଦେଲେ ତଦ୍ୱାରା ଆମେ*

*ଏହି ସମସ୍ୟାଟିର ଗାମ୍ଭୀର୍ଯ୍ୟଟିକୁ ଯଥାସମ୍ଭବ ଅଧିକ ହ୍ରାସ କରି ଆଣି ପାରିବା ଏବଂ ଫଳରେ ପୁଅ ଓ ଝିଅଙ୍କ ଭିତରେ ଏହି ପାର୍ଥକ୍ୟବୋଧ ଅନେକ କମ୍ ଆଖି ଦୃଶିଆ ହୋଇଯିବ । ଆପଣ କ'ଣ ଭାବୁଛନ୍ତି ?*

ଏହି କ୍ଷେତ୍ରରେ କୌଣସି ସାଧାରଣ ନିୟମଟିଏ ଆଦୌ କରାଯାଇ ପାରିବ ନାହିଁ । ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ନିର୍ଦ୍ଦିଷ୍ଟ ଅବସର ଉପରେହିଁ ଏହା ସର୍ବଦା ନିର୍ଭର କରୁଥିବ । ଉଭୟ ପଦ୍ଧତିଟିର ସପକ୍ଷ ରହିଛି, ବିପକ୍ଷ ମଧ୍ୟ ରହିଛି; ସୁବିଧା ରହିଛି, ଅସୁବିଧା ମଧ୍ୟ ରହିଛି । ଅଧିନାୟକମାନଙ୍କ ଲାଗି ପ୍ରଧାନ କଥା ହେଉଛି ଯେ, ସେମାନେ ବ୍ୟବହାର-କୌଶଳ ଏବଂ ଅନ୍ତର୍ଗତ ଅବବୋଧ ଲାଗି ସମର୍ଥ ହେବେ ଏବଂ ଆବଶ୍ୟକ ହେଲେ ହସ୍ତକ୍ଷେପ କରି ପାରିବେ ବା, ଯେତେବେଳେ ଆଖି ବୁଜିଦେବାହିଁ ଅଧିକ ଫଳଦାୟକ ହେବ, ସେତେବେଳେ ଆଖି ମଧ୍ୟ ବୁଜିଦେଇ ପାରିବେ ।

*୧୫ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ଆପଣ ''ଏକ ଅଜ୍ଞାନର ବଶବର୍ତ୍ତୀ ସଦିଚ୍ଛା ଏବଂ ଆଳସ୍ୟପରାୟଣ ଶକ୍ତି'' କହିଲେ କ'ଣ ବୁଝୁଛନ୍ତି ?*

(୧) ସଦିଚ୍ଛାର ଅର୍ଥ ହେଉଛି ସର୍ବଦା ଭଲ କରିବାର ଇଚ୍ଛା । ଏକମାତ୍ର ଯଥାର୍ଥ ଭଲ କହିଲେ ସର୍ବୋଚ୍ଚ ପରମ ପ୍ରଭୁଙ୍କର ଇଚ୍ଛାକୁହିଁ ବୁଝାଇବ । ପରମ ପ୍ରଭୁଙ୍କର ଇଚ୍ଛା ପ୍ରକୃତରେ କ'ଣ, ସେ କଥା ତୁମେ ସର୍ବଦା, ପ୍ରତ୍ୟେକ ମୁହୂର୍ତ୍ତରେ ଓ ପ୍ରତ୍ୟେକ ସ୍ଥିତିରେ ଜାଣିଛ କି ? ନା, ଜାଣି ନାହଁ,– ତେଣୁ ''ଭଲ'' କ'ଣ, ସେ ବିଷୟରେ ତୁମେ ଅଜ୍ଞହିଁ ରହିଛ – ତେଣୁ : ଅଜ୍ଞାନର ବଶବର୍ତ୍ତୀ ସଦିଚ୍ଛା ବୋଲି କୁହାଯାଇଛି ।

(୨) ଶକ୍ତି ସ୍ୱଭାବତଃ ଅଶେଷ, ଅବିଫଳ ଏବଂ ଅଶ୍ରାନ୍ତ । ତୁମେ କ'ଣ କେବେହେଲେ ଶ୍ରାନ୍ତ ହୋଇ ପଡୁନାହଁ ? ହଁ, ଅନେକ ସମୟରେ ଶ୍ରାନ୍ତ ହୋଇ ପଡୁଛ – ତେଣୁ ଆଳସ୍ୟପରାୟଣ ଶକ୍ତି ବୋଲି କୁହାଯାଇଛି ।

*୧୭ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ଏତେବେଶୀ ସ୍ୱାଧୀନତା ପରିବର୍ତ୍ତେ ଏଠାରେ ଏକ ମୌଳିକ ଶୃଙ୍ଖଳା*

*ରହିଲେ ଅଧିକ ଭଲ ହୁଅନ୍ତା ନାହିଁ କି ? ଏହି ସ୍ୱାଧୀନତାରୁ ଆମେ ଆଦୌ ଲାଭବାନ୍ ହୋଇ ପାରୁ ନାହୁଁ ।*

ତୁମେ ସିନା ଏକଥା କହୁଛ, ମାତ୍ର, ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇ ପଡ଼ିଲେ ଯେଉଁ ଏତେଟିକିଏ ସ୍ୱାଧୀନତାର ଦାବି କରାଯାଉଛି, ଅନ୍ୟମାନଙ୍କ ସହିତ ତୁମେ ମଧ ସେଥିରେ ବିଦ୍ରୋହ କରି ଉଠୁଛ (ଅନ୍ତତଃ ନିଜ ଭାବନାରେ) । ଏଠାରେ ମୁଁ ଶାରୀରିକ ଶିକ୍ଷାକୁ ଏକ ଦୃଷ୍ଟାନ୍ତ ବୋଲି ଗ୍ରହଣ କରିବି ।

*୨୧ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ଆପଣଙ୍କୁ ଟଙ୍କା ମାଗିବା ଲାଗି ମୁଁ କାହିଁକି କୁଣ୍ଠିତ ହେଉଛି ? ମୋ' ଭିତରେ ଏପରି କ'ଣ ଅଛି, ଯାହା ମୋତେ ଏଥିରୁ କ୍ଷାନ୍ତ କରୁଛି ? ମୁଁ କ'ଣ ଏପର୍ଯ୍ୟନ୍ତ ଆପଣଙ୍କ ସହିତ ଯଥେଷ୍ଟ ପରିମାଣରେ ଅନ୍ତରଙ୍ଗ ହୋଇପାରି ନାହିଁ, ବା ଏହା ପଛରେ ଆଉ କୌଣସି କାରଣ ରହିଛି ? ମୁଁ ନିଜେ ଏକଥା ଆଦୌ ବୁଝିପାରୁ ନାହିଁ ।*

ହୁଏତ ତୁମ ଭିତରର କୌଣସି ପ୍ରକାରର ବିବେକର ଇଙ୍ଗିତ ଫଳରେ ଏପରି ହେଉ ଥାଇପାରେ । ଏହାକୁ ବରଂ ଗୋଟିଏ ଭଲ ସଙ୍କେତ ବୋଲି କୁହାଯିବ, କାରଣ ଏଭଳି ବିବେକ ଚୈତ୍ୟ ଚେତନାର ସ୍ତରରୁହିଁ ନିଷ୍ପନ୍ନ ହୋଇଥାଏ । ଚୈତ୍ୟ ଚେତନା **ମାଗେ ନାହିଁ**, ବରଂ ଦେବାକୁ ସମ୍ମତ ହୋଇ ରହିଥାଏ ।

*୨୪ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*ମୋ' କାମରେ ଏବେସୁଦ୍ଧା ଆତ୍ମପ୍ରତ୍ୟୟର ଅଭାବ ରହିଛି । ମୋ' ଭିତରେ ଲଜ୍ଜା ରହିଛି, କୁଣ୍ଠା ରହିଛି । ମୁଁ ଭାବୁଛି, ଅଗ୍ରଗତି କରିବାକୁ ହେଲେ ଟିକିଏ ଅଧିକ ସାହସୀ ହୋଇଥିବା ଉଚିତ ।*

ଅଧିକ ସାହସୀ ନୁହେଁ, ତୁମେ ଅଧିକ ଉଦ୍ୟତ ଏବଂ ଅଧ୍ୟବସାୟଶୀଳ ହେବା ଉଚିତ ।

*୨୭ ଜୁଲାଇ ୧୯୬୩*

*ସ୍ନେହମୟି ମାଆ,*

*'କ' ଆମ ଆଗରେ ଗଣିତ ଶିକ୍ଷକ ଡାକ୍ତର 'ଖ' ଙ୍କର ସେହି ପ୍ରିୟ ଗପଟିକୁ କହୁଥିଲେ : ''ଜଣେ ସ୍ଥପତି ଗୋଟିଏ ଗାଆଁ ନିକଟରେ ପଥର ମୁଣ୍ଡାଏ ନେଇ କାମ କରୁଥିଲେ । ଗ୍ରାମବାସୀମାନେ ଜଣ ଜଣ ହୋଇ ତାଙ୍କ ଚାରିପାଖରେ ଆସି ରୁଣ୍ଡ ହେବାକୁ ଲାଗିଲେ; ସେ କାହିଁକି ପଥରଟିକୁ ଖୋଳିବାରେ ଲାଗିଛନ୍ତି, ସେକଥା ଦେଖିବା ପାଇଁ ସେମାନେ ବ୍ୟଗ୍ର ହୋଇ ରହିଥିଲେ । ବହୁତ ଶ୍ରମ ପରେ କାର୍ଯ୍ୟଟି ଶେଷ ହେଲା ଏବଂ ଏକ ସୁନ୍ଦର ମୂର୍ତ୍ତି ଗଠିତ ହୋଇ ବାହାରି ଆସିଲା; ସ୍ଥପତିଙ୍କ ସମ୍ମୁଖରେ ପଥରଖଣ୍ଡଟି ବଦଳରେ ଗୋଟିଏ ନୃତ୍ୟରତା ଦେବୀମୂର୍ତ୍ତି ଛିଡ଼ା ହୋଇ ରହିଥିଲେ । ତାଙ୍କୁ କାର୍ଯ୍ୟ କରୁଥିବାର ଦେଖିବା ଲାଗି ଚାରିପାଖରେ ଠିଆ ହୋଇଥିବା ଗ୍ରାମବାସୀମାନେ ଅତ୍ୟନ୍ତ ଚକିତ ହୋଇଗଲେ ଏବଂ ପଥର ଭିତରୁ ବାହାରି ଆସିଥିବା ସୁନ୍ଦର ମୂର୍ତ୍ତିଟିକୁ ଦେଖି ବିସ୍ମିତ ହେବାକୁ ଲାଗିଲେ । ତା' ପରେ ସେମାନେ ସ୍ଥପତିଙ୍କୁ ପଚାରିଲେ : ''ପଥରଟି ଭିତରେ ଏହି ମୂର୍ତ୍ତିଟି ରହିଥିଲା ବୋଲି ଆପଣ ଜାଣିଲେ କିପରି ?''*

ପ୍ରଶ୍ନଟି ପ୍ରକୃତରେ ଅପୂର୍ବ — ଏବଂ, ଯଦି ସ୍ଥପତି ଜଣେ ବିଜ୍ଞ ବ୍ୟକ୍ତି ହୋଇଥାନ୍ତେ, ତେବେ ସେ ଉତ୍ତର ଦେଇଥାନ୍ତେ, ''କାରଣ ମୁଁ ଏହାକୁ ଭିତରେ ଥିବାର ଦେଖି ପାରିଥିଲି ।''

*୧୧ ଅଗଷ୍ଟ ୧୯୬୩*

*ସ୍ନେହମୟି ମାଆ,*

*ଆପଣଙ୍କର ମନ୍ତବ୍ୟଗୁଡ଼ିକ ମୋତେ ଅନେକ ସମୟରେ ଭାରି ମନୋରଞ୍ଜକ ମନେ ହୋଇଥାଏ ।*

ତୁମେ ସେଗୁଡ଼ିକୁ ବୁଝିବାକୁ ଚେଷ୍ଟା କଲେ ଆହୁରି ଅଧିକ ଭଲ ହୁଅନ୍ତା । କାରଣ, ଶବ୍ଦଗୁଡ଼ିକ ପଛରେ ସର୍ବଦା ଗଭୀର କିଛି ନା କିଛି ରହିଥାଏ, ଯାହାକୁ ବୁଝିବାକୁ ପଡ଼େ ।

*୧୨ ଅଗଷ୍ଟ ୧୯୬୩*

*ସ୍ନେହମୟି ମାଆ,*

*ଆଜି ସକାଳେ ମୁଁ ଗୋଟିଏ ଲୋକକୁ ଦେଖିଲି, ଯାହାର ପଞ୍ଜରା ହାଡ଼ଗୁଡ଼ିକ ବାହାରକୁ ବାହାରି ଆସିଥିଲା, ପିଚାଗୁଡ଼ିକ ଅନେକ ତଳକୁ ଦବି*

*ଯାଇଥିଲା ଏବଂ ଗୋଡ଼ଗୁଡ଼ିକ ବଙ୍କା ହୋଇ ଯାଇଥିଲା । ଦେଖି ଖୁବ୍ ବିକଳ ଲାଗିଲା । ଭଗବାନ୍ ପ୍ରକୃତି ଭିତରେ ଏପରି ବିକୃତିଗୁଡ଼ିକୁ ମଧ କାହିଁକି ଆଣି ରଖିଛନ୍ତି, ସେକଥା ମୋଟେ ବୁଝି ହୁଏ ନାହିଁ । କେବଳ ଗୋଟିଏ ଉତ୍ତର ହେଉଛି, – ଏହା ପ୍ରକୃତରେ ଆଦୌ କୌଣସି ଉତ୍ତର ଦିଏ ନାହିଁ,– ଯେ, ଏହାହିଁ ‘‘ପରମେଶ୍ୱରଙ୍କର ଲୀଳା ।’’ ଏହା ପ୍ରକୃତରେ ଅତ୍ୟନ୍ତ ଅବୋଧ ।*

ଯେତେବେଳେ ଜଣେ ବ୍ୟକ୍ତି ପ୍ରକୃତ କଥାଟି ବୁଝିବା ଲାଗି କୌଣସି କଷ୍ଟ କରିବାକୁ ଚାହେଁ ନାହିଁ ଅଥବା କଷ୍ଟ କରିପାରେ ନାହିଁ, ସେତିକିବେଳେହିଁ ସିଏ ଏହି ସହଜ ଉତ୍ତରଟିକୁ ଦେଇଥାଏ ।

ମାତ୍ର ଯଦି ସେ ତା’ର ବ୍ୟକ୍ତି-ସୀମିତ ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି ପରମ ଏକତ୍ୱର ଚେତନା ମଧ୍ୟକୁ ପ୍ରବେଶ କରିପାରେ, ତେବେ ସେ ଅବଶ୍ୟ ବୁଝିପାରେ ।

*୧୮ ଅଗଷ୍ଟ ୧୯୬୩*

*ସ୍ନେହମୟି ମାଆ,*

*‘‘ଯୋଗ’’ର ଅର୍ଥ କ’ଣ ଏବଂ ଆମ ଭିତରୁ କେତେଜଣ ତାହାର ଅଭ୍ୟାସ କରୁଛନ୍ତି ?*

ତୁମେ ଏହି ପ୍ରଶ୍ନଟି କାହିଁକି ମୋତେ ପଚାରୁଛ ? ଯେଉଁମାନେ ଏଠାରେ ଅଛନ୍ତି, ସେମାନଙ୍କର ଅନ୍ତତଃ ଯୋଗର ଅର୍ଥ କ’ଣ ତାହା ଜାଣିଥିବା ଉଚିତ – ଏବଂ ଅଭ୍ୟାସ ବିଷୟରେ କହିବାକୁ ଗଲେ, ତାହା ହେଉଛି ଏକ ଭିନ୍ନ କଥା !...

*୧୯ ଅଗଷ୍ଟ ୧୯୬୩*

*ସ୍ନେହମୟି ମାଆ,*

*ମୁଁ ଆପଣାକୁ ବଡ଼ ଦୟନୀୟ ଅନୁଭବ କରୁଛି, କାରଣ ମୁଁ ମାଆଙ୍କୁ ଧୂପ ମାଗିଥିଲି, ବଜାରରୁ କିଣିଥିଲେ ତାହା ଅନେକ ଅଧିକ ଭଲ ହୋଇଥାନ୍ତା, କାରଣ ତାଙ୍କର ସନ୍ତାନମାନେ ଭିକ୍ଷା ମାଗନ୍ତୁ ବୋଲି ସେ ଆଦୌ ଇଚ୍ଛା କରନ୍ତି ନାହିଁ ।*

ମୋ’ ପାଖରୁ କିଛି ମାଗିବାକୁ ଭିକ୍ଷା ବୋଲି କହିହେବ ନାହିଁ ଏବଂ, ତୁମେ ଯେତେବେଳେ ପ୍ରକୃତରେ କିଛି ଆବଶ୍ୟକ କରିବ ମୋ’ଠାରୁ ଅବଶ୍ୟ ମାଗି ନେଇ ପାରିବ । ମାତ୍ର,

ତୁମକୁ ଯୁଗପତ୍ ଭାବରେ ମୋ'ଠାରୁ ସେହି ଦ୍ରବ୍ୟଟିକୁ ନ ପାଇଲେ ବା ମୁଁ ତାହା ନ ଦେଇ ପାରିଲେ ହତାଶ ନ ହେବା ପାଇଁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡ଼ିବ । ଏହି କ୍ଷେତ୍ରରେ, ତୁମକୁ କିଛି ଦିଆଯିବ ବୋଲି ମୁଁ କହିଛି; ମାତ୍ର ତାହା ପ୍ରକୃତରେ କରା ହୋଇଛି କି ନାହିଁ ମୁଁ ଜାଣି ନାହିଁ । ଧୂପ 'କ'ଙ୍କ ଦାୟିତ୍ୱରେ ଅଛି ଏବଂ ତୁମେ ଯାଇ ତାଙ୍କୁ ମାଗିବ ।

*୨୨ ଅଗଷ୍ଟ ୧୯୬୩*

*ସ୍ନେହମୟି ମାଆ,*

*ଆମ ଶିକ୍ଷକ 'ଖ' ଗମ୍ଭୀର ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ କଣ୍ଠରେ ଆମକୁ ଗୋଟିଏ ଭାଷଣ ଦେଲେ : ''ଅନେକ କଠିନ ପରୀକ୍ଷା ମଧ୍ୟ ଦେଇ ଯିବା ଲାଗି ପ୍ରସ୍ତୁତ ହୋଇଯାଅ, ଆମେ ଏପରି ଏକ ସ୍ଥିତିର ଦ୍ୱାର ଦେଶରେ ଆସି ପହଞ୍ଚୁଛୁ, ଯାହାକି ଅତ୍ୟନ୍ତ କଷ୍ଟକର ଓ ବିପଜ୍ଜନକ ।'' ମାତ୍ର ସେ ଆଉ ଅଧିକ କିଛି ବ୍ୟାଖ୍ୟା ଦେଲେ ନାହିଁ ।*

ବଡ଼ ଦୁଃଖର ବିଷୟ ଯେ ସେ ନିଜର ଭାବନାଟିକୁ ବୁଝାଇ କହି ପାରିଲେ ନାହିଁ; କାରଣ ସେ କ'ଣ କହିବାକୁ ଇଚ୍ଛା କରୁଥିଲେ, ସେ ବିଷୟରେ ମୋତେ କିଛି ଜଣା ନାହିଁ – ସମ୍ଭବତଃ ସେ ତୁମ୍ଭମାନଙ୍କୁ ତୁମମାନଙ୍କର ହାଲୁକା ମନୋଭାବ, ଉଦାସୀନତା, ଯତ୍ନହୀନତା ଏବଂ ହେଳାଗୁଡ଼ିକ ବିଷୟରେ ସାବଧାନ କରି ଦେବାକୁ ଇଚ୍ଛା କରୁଥିଲେ ।

ତୁମେ ଅଳ୍ପ ବୟସ୍କ ସମସ୍ତେ ଏଠାରେ ଏକ ଭାରି ସହଜ ଜୀବନ ଯାପନ କରୁଛ, ଏବଂ, ଆଧ୍ୟାତ୍ମିକ ଅଗ୍ରଗତି ଉପରେ ଆପଣାର ପ୍ରଚେଷ୍ଟାଗୁଡ଼ିକୁ ଅଭିନିବିଷ୍ଟ କରି ପାରିବା ଲାଗି ଏହି ସ୍ଥିତିଟିର ସୁଯୋଗ ନେବା ପରିବର୍ତ୍ତେ ତୁମେମାନେ ଅତିବେଶୀ ମନ୍ଦ ଦୃଷ୍ଟାନ୍ତର ସୃଷ୍ଟି ନ କରି ଯଥାସମ୍ଭବ ଅଧିକ ଉପଭୋଗହିଁ କରିଛ ଏବଂ ତୁମମାନଙ୍କର ସତର୍କତାକୁ କୋମଳ ଭାବରେ ଥାପଡ଼େଇ ଥାପଡ଼େଇ ଶୁଆଇ ପକାଇଛ ।

ତାହାକୁ ଜାଗୃତ କରାଇ ଆଣିବା ସକାଶେ 'ଖ' ସମ୍ଭବତଃ ଏସବୁ କଥା କହିଛନ୍ତି ।

*୨୭ ଅଗଷ୍ଟ ୧୯୬୩*

(*ଅଧିନାୟକଙ୍କ ଚରିତ୍ର ବିଷୟରେ କାହାରି ମନ୍ତବ୍ୟ ବିଷୟରେ*)

ଲୋକମାନେ ଯାହାକିଛି କହନ୍ତି, ତାହାର କୌଣସି ମହତ୍ତ୍ୱ ନାହିଁ; କାରଣ ମନୁଷ୍ୟ ସ୍ତରର ଯାବତୀୟ ବିଚାର ପକ୍ଷପାତ ସହ କରା ଯାଇଥାଏ ଏବଂ ତେଣୁ ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ରହିଥାଏ ।

ଆପଣାକୁ ଜାଣିବାକୁ ହେଲେ, ଏପରି ଏକ ଉଚ୍ଚତର ତଥା ଗଭୀରତର ଚେତନା ସହିତ ଆପଣା ଉପରେ ଦୃଷ୍ଟିପାତ କରିବାକୁ ହୁଏ, ଯାହାକି ଯାବତୀୟ ପ୍ରତିକ୍ରିୟା ଏବଂ ଅନୁଭୂତିର ଯଥାର୍ଥ କାରଣଗୁଡ଼ିକୁ ଖୋଜି ବାହାର କରି ପାରିବ ।

କେବଳ ଉପରଠାଉରିଆ ଭାବରେ କୌଣସି ଦୃଷ୍ଟିପାତ କୌଣସି ସାହାଯ୍ୟ କରି ପାରିବ ନାହିଁ । ଏବଂ, ଯେପର୍ଯ୍ୟନ୍ତ ନିଜର ଚୈତ୍ୟସତ୍ତା ସହିତ ଖିଅ ଲାଗିପାରି ନ ଥିବ, ସେପର୍ଯ୍ୟନ୍ତ, ନିରର୍ଥକ ବିଶ୍ଳେଷଣରେ ନିଜର ସମୟକୁ ନଷ୍ଟ ନ କରି ସବୁ କାର୍ଯ୍ୟକୁ ଯଥାସମ୍ଭବ ଅଧିକ ଭଲ ଭାବରେ କରିବା ଓ ଯଥାସମ୍ଭବ ଅଧିକ ଭଲ ହେବାକୁ ସର୍ବଦା ଚେଷ୍ଟା କରିବାହିଁ ଅଧିକ ଭଲ କଥା ହେବ ।

*୧୨ ସେପ୍ଟେମ୍ବର ୧୯୬୩*

*('କ'ଙ୍କ ବିଷୟରେ, ଯିଏକି ନିଜର ଯାବତୀୟ ଦୁର୍ଭାଗ୍ୟକୁ ଅଧିନାୟକଙ୍କ ଆଗରେ, ବର୍ଣ୍ଣନା କରି କହିଥିଲେ ଓ ନିଜର ଯାବତୀୟ ଅସୁବିଧା ଲାଗି ନିଜକୁହିଁ ଦୋଷୀ କରିଥିଲେ ।) ତାଙ୍କୁ ସାନ୍ତ୍ୱନା ଦେବାକୁ ମୁଁ ତାଙ୍କୁ କହିଥିଲି ଯେ, ନିଜକୁ ଦୋଷ ଦେବାଟାକୁ ହୁଏତ ସବୁ କ୍ଷେତ୍ରରେ ସଙ୍ଗନୋଚିତ ବା ସୁସ୍ଥ ବୋଲି ଆଦୌ କୁହାଯିବ ନାହିଁ ।*

ଆଧ୍ୟାତ୍ମିକ ଦୃଷ୍ଟିରୁ 'କ'ହିଁ ଠିକ୍ କଥା କରିଛନ୍ତି ଏବଂ ତୁମେ ଭୁଲ୍ କରିଛ । ତୁମେ ବଡ଼ ଉପରଠାଉରିଆ ଓ ଅଜ୍ଞାନପୂର୍ଣ୍ଣ ଭାବରେ ଗୋଟାଏ ତଥାକଥିତ ''କାରଣ'' ମଧ୍ୟ ଦେଖାଇଛ ।

ଯେତେବେଳେ କେଉଁଠି କିଛି ଭୁଲ୍ ହୋଇଯାଏ, ସେତେବେଳେ ନିଜ ଭିତରେହିଁ ତାହାର କାରଣଟିକୁ ଖୋଜି ବାହାର କରିବାକୁ ହୁଏ,– ଖାଲି ଉପରଠାଉରିଆ ଭାବରେ ନୁହେଁ, ନିଜର ଗଭୀର ଯାଏ ପ୍ରବେଶ କରିବାକୁ ହୁଏ । ଏବଂ, ଗୋଟାଏ ଦୋଷ ହୋଇଗଲା ବୋଲି ନିରର୍ଥକ ଭାବରେ ରୋଦନ କରିବାକୁ ନୁହେଁ, ମାତ୍ର, ଦିବ୍ୟ ପରମସତ୍ତାଙ୍କର ସର୍ବଶକ୍ତିମାନ୍ କ୍ଷମତାର ସହାୟତାକୁ ଆବାହନ କରିବା ନିମନ୍ତେହିଁ ତାହା କରିବାକୁ ହୁଏ ।

ମୋତେ ଯେପରି ସମସ୍ତେ ପରିଷ୍କାର ଭାବରେ ବୁଝିପାରିବେ, ସେ ବିଷୟରେ ସୁନିଶ୍ଚିତ ହେବା ଲାଗି ମୁଁ ଏକଥା ମଧ୍ୟ କହିବି ଯେ, ତାଙ୍କର କୌଣସି ଦୋଷ ସକାଶେ ସେ ଆଦୌ ଅସ୍ଥିର ଓ ଚଞ୍ଚଳମନା ହେଉ ନାହାନ୍ତି – ତାଙ୍କର ପ୍ରକୃତିହିଁ ସେହିପରି ଓ ସେ ତାଙ୍କ ପ୍ରକୃତି ଅନୁସାରେହିଁ କାର୍ଯ୍ୟ କରୁଛନ୍ତି – ମାତ୍ର ଯଦି ତାଙ୍କର କାର୍ଯ୍ୟ ସକାଶେ ୟାଙ୍କୁ ଦୁଃଖ ପାଇବାକୁ ଓ ଯନ୍ତ୍ରଣା ଭୋଗିବାକୁ ପଡୁଛି, ତେବେ ତାହା ହେଉଛି ତାଙ୍କର ନିଜ

ଦୋଷ, କାରଣ ଏହା ସୂଚାଇ ଦେଉଛି ଯେ ତାଙ୍କର ନିଜ ଅନୁଭବ-ଶକ୍ତିଟି ମଧ୍ୟ ଅହଂବୋଧର ଦୋଷରେ ଦୂଷିତ ହୋଇ ରହିଛି । ତାଙ୍କୁ ସେହି ଅହଂବୋଧ ଉପରେ ବିଜୟ ହାସଲ କରିବାକୁ ପଡ଼ିବ ଏବଂ ସେହି ବିଜୟଟି ହାସଲ ହୋଇଗଲେ ତାଙ୍କୁ ଆଉ କଷ୍ଟ ଭୋଗିବାକୁ ପଡ଼ିବ ନାହିଁ ।

*୧୭ ସେପ୍ଟେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ଆଜି ମୁଁ ପୁନର୍ବାର ଭୋଜନ ଲାଗି ନିମନ୍ତ୍ରଣ ପାଇଛି । ନିମନ୍ତ୍ରଣ ପାଇଲେ ତାହାକୁ ଅସ୍ୱୀକାର କରି ହୁଏ ନାହିଁ, କେହି କରିପାରେ କି ?*

ନାହିଁ । ଅସ୍ୱୀକାର କରିବା ପାଇଁ ସେପରି କୌଣସି ଗମ୍ଭୀର କାରଣ ନ ଥିଲେ ଆଦୌ ଅସ୍ୱୀକାର କରିହୁଏ ନାହିଁ । ଏଠାରେ ମୁଁ ବାହ୍ୟ କାର୍ଯ୍ୟଟି ବିଷୟରେ କିଛି କହୁ ନାହିଁ,— ଜଣେ ଏଠାରେ ଖାଇଲେ କିଂବା ସେଠାରେ ଖାଇଲେ, ତଦ୍ଦ୍ୱାରା କୌଣସି ଫରକ ହୁଏ ନାହିଁ । ମୁଁ ତ ଅନ୍ତର୍ଗତ ଦୃଷ୍ଟିକୋଣଟି ବିଷୟରେ କହୁଛି; ଭୋଜନ ଉପରେ ଜଣେ ବ୍ୟକ୍ତି ଯେଉଁ ଅତିରିକ୍ତ ଗୁରୁତ୍ୱ ଦେଇଥାଏ ଓ ଯେଉଁ ପ୍ରଲୁବ୍ଧତା ଦେଖାଇଥାଏ, ମୁଁ ତାହାରି ବିଷୟରେ କହୁଛି ।

*୨୧ ସେପ୍ଟେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ମୋ'ର ସମଗ୍ର ଜୀବନ ଓ ଏହାର ପରିସ୍ଥିତିଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ମୋତେ ଖୁବ୍ ଖୁସୀ ଲାଗୁଛି, ମାତ୍ର ତଥାପି ସନ୍ତୋଷ ଲାଗୁ ନାହିଁ । ଅନେକ ସମୟରେ ଏକ ଅସହ୍ୟ ଦୁଃଖାଚ୍ଛନ୍ନତା ମୋତେ ଗ୍ରାସ କରି ପକାଉଛି । ମୋ'ର କ'ଣ କରିବା ଉଚିତ ?*

ଯଥାର୍ଥ ଖୁସୀ ଓ ସୁଖ ଜୀବନର ବାହ୍ୟ ପରିସ୍ଥିତିଗୁଡ଼ିକ ଉପରେ ନିର୍ଭର କରେ ନାହିଁ । କେବଳ ନିଜର ଚୈତ୍ୟସତ୍ତାକୁ ଆବିଷ୍କାର କରି ତାହାରି ସହିତ ସମ୍ମିଳିତ ହୋଇ ରହିପାରିଲେ ଯାଇ ଆମେ ଯଥାର୍ଥ ସୁଖ ଲାଭ କରିବା ଏବଂ ଚିର ସୁଖୀ ରହି ପାରିବା ।

*୨୨ ସେପ୍ଟେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ଫ୍ରାନ୍ସିସ୍ ଥମ୍‌ସନ୍‌ଙ୍କର ଗୋଟିଏ କବିତା ଓ ତା'ର ଘୋଷାପଦଟିକୁ ମୁଁ ଅନେକ ସମୟରେ ମନେ ପକାଏ :*

*''ମୋ' ସଙ୍ଗେ ସଙ୍ଗେ ଯାଉଥିବା ତାଙ୍କର ପ୍ରେମକୁ*
*ମୁଁ ଜାଣିଥିଲି ସତ, ମାତ୍ର ଭାରି ଭୀତ ହୋଇ ପଡୁଥିଲି,*
*କାଳେ ତାଙ୍କୁ ନିକଟରେ ପାଇବା ଦ୍ୱାରା ମୁଁ ଆଉ ସବୁକିଛି ହରାଇ ବସିବି ।''*

*ଆମର ଅସଲ ରୋଗଟି ସେହିଠାରେ !*

ହଁ, ଶ୍ରୀଅରବିନ୍ଦ ମଧ୍ୟ ଏକାଧିକ ସ୍ଥାନରେ ସେହି କଥାହିଁ ଲେଖିଛନ୍ତି; ମଣିଷ ତା' ନିଜର ଦୁଃଖ, ତା'ର କ୍ଷୁଦ୍ରତା, ଦୁର୍ବଳତା, ଅଜ୍ଞାନ ଓ ତା' ସୀମାଗୁଡ଼ିକ ଭିତରେ ଲାଖି ରହିଥାଏ,– ସେହି କାରଣରୁହିଁ ସେ ବଦଳି ପାରେ ନାହିଁ ।

*୨୪ ସେପ୍‌ଟେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ଡିସେମ୍ବର ପହିଲାରେ ପ୍ରଦର୍ଶନ* ପାଇଁ ମୁଁ ଠିକ୍ ଭାବରେ ପ୍ରସ୍ତୁତ ହୋଇ ନାହିଁ । ଏବଂ, ଆହୁରି ଚିନ୍ତାର କଥା ହେଉଛି, ମୋତେ ଆଦୌ ଉତ୍ସାହିତ ମଧ୍ୟ ଲାଗୁ ନାହିଁ ।*

ତୁମେ ଯେଉଁ ମୁହୂର୍ତ୍ତଠାରୁ କିଛି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛ ଏବଂ ଦାୟିତ୍ୱ ନେଇଛ, ତାହାକୁ ତୁମେ ଯଥାସମ୍ଭବ ଅଧିକ ଭଲ ଭାବରେ ଅବଶ୍ୟ କରିବ ।

ପ୍ରତ୍ୟେକ କାର୍ଯ୍ୟରେ ଜଣେ ଚେତନାରେ ଏବଂ ଆତ୍ମକର୍ତ୍ତୃତ୍ୱର କ୍ଷେତ୍ରରେ ଅଗ୍ରଗତି କରିବା ଲାଗି ଏକ ସୁଯୋଗ ପାଇପାରେ । ଏବଂ, ଅଗ୍ରଗତି ନିମନ୍ତେ ଏହି ପ୍ରଚେଷ୍ଟା ଆମକୁ ବିଷୟଟି ସମ୍ବନ୍ଧରେ, ତାହା ଯାହା ହୋଇଥାଉ ପଛକେ, ଅବଶ୍ୟ ଆଗ୍ରହ ଆଣିଦେବ ।

*୨୬ ସେପ୍‌ଟେମ୍ବର ୧୯୬୩*

---

* ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ।

*ସ୍ନେହମୟି ମାଆ,*

*୧୭୨ ତମ ସୂକ୍ତିରେ ଶ୍ରୀଅରବିନ୍ଦ କହିଛନ୍ତି : ''ସ୍ୱାଧୀନତା ମଧ୍ୟକୁ ଉନ୍ମୋଚିତ ହୋଇ ଯାଇ ପାରୁଥିବା ବିଧାନହିଁ ମୁକ୍ତିଦାତାର କାର୍ଯ୍ୟ କରିଥାଏ ।''* ଏହି ଉକ୍ତିଟିର ଅର୍ଥ କ'ଣ ? ବିଧାନ ସ୍ୱାଧୀନତା ମଧ୍ୟକୁ ମୁକ୍ତି ପାଇପାରିବ କିପରି ? ବିଧାନ କହିଲେ ତ ଆମେ ସୁନିର୍ଦ୍ଦିଷ୍ଟ ଓ ସୁନିବଦ୍ଧ ହୋଇ ରହିଥିବା କୌଣସି କଥାକୁ ବୁଝିଥାଉ । ବା, ଏହି କ୍ଷେତ୍ରରେ କଠୋରତା ପରିବର୍ତ୍ତେ ଏକ ନମନୀୟତାର ଆବଶ୍ୟକତା ରହିଛି କି ? ଏହା କ'ଣ ସେହି ବିଧାନକୁ ବୁଝାଉଛି, ଯାହାକି ପରିସ୍ଥିତିଗୁଡ଼ିକ ଅନୁସାରେ ଆପଣାକୁ ନୂଆ କରି ଗଢ଼ିନେବାର ସ୍ୱାଧୀନତା ରଖିଥିବ ?*

ମୋତେ ଦୁଃଖର ସହିତ କହିବାକୁ ପଡ଼ିବ ଯେ, ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି, ତୁମେ ତାହାର ଆଦୌ କିଛି ହେଲେ ବୁଝି ନାହଁ – କାରଣ, ତୁମେ ଉପରସ୍ତରର ମନ ଦ୍ୱାରାହିଁ ତାହାକୁ ବୁଝିବାକୁ ଚେଷ୍ଟା କରିଛ । ମାତ୍ର, ଶ୍ରୀଅରବିନ୍ଦ ଯାହାକିଛି କହିଛନ୍ତି, ତାହା ଉଚ୍ଚତମ ବୁଦ୍ଧି ଶାଣିତ ଆଲୋକ ମଧ୍ୟରୁ, ମନଠାରୁ ଅନେକ, ଅନେକ ଊର୍ଦ୍ଧ୍ୱରୁ ଉତ୍ସାରିତ ହୋଇ ଆସିଛି । ମୁଁ ତୁମକୁ କେବଳ ଏତିକି କହିପାରିବି ଓ ତାହା ସମ୍ଭବତଃ ତୁମକୁ ଠିକ୍ ବାଟକୁ ନେଇଆସିବ ଯେ, ଯାବତୀୟ ବିଧାନ ବା ନିୟମର ପଶ୍ଚାତରେ ଶୃଙ୍ଖଳା ଏବଂ ସଙ୍ଗଠନର ଏକ ଭାବ ରହିଛି । ମାତ୍ର ସ୍ୱୟଂ ନିୟମ ଅପରିବର୍ତ୍ତନୀୟ ହୋଇ ରହିଛି ଓ ତେଣୁ ସର୍ବୋଚ୍ଚ ସତ୍ୟର ବିରୁଦ୍ଧାଚରଣ କରୁଛି । ଯଦି ବ୍ୟବସ୍ଥା ଏବଂ ସଙ୍ଗଠନର ସେହି ଭାବଟିକୁ ସ୍ୱାଧୀନତାର ପରିଚର୍ଯ୍ୟାରେ ଆଣି ଲଗାଯାଇ ପାରନ୍ତା, ତେବେ ତାହା ମୁକ୍ତି ଲାଭ କରିବାର ଅର୍ଥାତ୍ ପରମସତ୍ୟ ସହିତ ସମ୍ମିଳିତ ହେବାର ଏକ ମାଧ୍ୟମରେ ଅବଶ୍ୟ ପରିଣତ ହୋଇ ପାରନ୍ତା ।

*୨୯ ସେପ୍‌ଟେମ୍ବର ୧୯୬୩*

* ''ବିଧାନ ପୃଥିବୀର ରକ୍ଷା କରିପାରିବ ନାହିଁ, ତେଣୁ ମୋଜେଶ୍‌ଙ୍କର ଆଜ୍ଞାଗୁଡ଼ିକ ମନୁଷ୍ୟ ସମାଜ ନିମନ୍ତେ ମୃତ ହୋଇ ରହିଛି ଏବଂ ବ୍ରାହ୍ମଣମାନଙ୍କର ଶାସ୍ତ୍ର ଦୁର୍ନୀତିଗ୍ରସ୍ତ ହୋଇ ମୃତ୍ୟୁମୁଖକୁ ଯାଉଛି । ସ୍ୱାଧୀନତା ମଧ୍ୟକୁ ଉନ୍ମୋଚିତ ହୋଇ ଯାଉଥିବା ବିଧାନହିଁ ମୁକ୍ତିଦାତାର କାର୍ଯ୍ୟ କରିପାରିବ । ପଣ୍ଡିତ ନୁହେଁ, ଯୋଗୀ, ଐକାନ୍ତିକ ମଠଚର୍ଯ୍ୟା ନୁହେଁ, ମାତ୍ର ବାସନା, ଅଜ୍ଞାନ ଏବଂ ଅହଂକାମିତାର ଅନ୍ତର୍ଗତ ପରିହାର ।'' [ଶତବାର୍ଷିକୀ ଗ୍ରନ୍ଥମାଳା, ୧୭ ଶ ଖଣ୍ଡ (ଇଂ), ପୃ. ୧୦୦]

*ସ୍ନେହମୟି ମାଆ,*

*ଆପଣାର ଗୋଟିଏ ସୂକ୍ତିରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ଯେଉଁ ବ୍ୟକ୍ତିମାନେ ଆପେ ଆପଣା ପାଇଁ ଗଢ଼ି ଦେଇଥିବା ଏକ ବିଧାନକୁ ମୁକ୍ତ, ସମ୍ପୂର୍ଣ୍ଣ ଏବଂ ବୁଦ୍ଧିସମ୍ପନ୍ନ ଭାବରେ ପାଳନ କରି ପାରନ୍ତି ନାହିଁ, ସେମାନଙ୍କୁ ଅନ୍ୟମାନଙ୍କର ଇଚ୍ଛାର ଅଧୀନ କରି ରଖିବାକୁହିଁ ହେବ ।''* ମାଆ, ମୁଁ ହେଉଛି ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ । ଆପଣ ମୋତେ ଗ୍ରହଣ କରିବେ ଓ ଶୃଙ୍ଖଳାକୁ ଆଣିବେ କି ?*

ହେ ମୋ' ଶିଶୁ, ବେଶ୍ ଦୀର୍ଘ କାଳ ହେଲା ମୁଁ ତାହାହିଁ କରିବାକୁ ଚେଷ୍ଟା କରି ଆସୁଛି; ବିଶେଷ କରି ଯେଉଁଦିନଠାରୁ ତୁମ ଟିପାଖାତା ପାଉଛି ଓ ତାହାକୁ ସଂଶୋଧନ କରୁଛି ସେହି ସମୟରୁ ଏହା କରି ଆସୁଛି ।

ତୁମକୁ ଶୃଙ୍ଖଳା ମଧ୍ୟକୁ ଆଣିବାର ଉଦ୍ଦେଶ୍ୟ ରଖିହିଁ ମୁଁ ତୁମକୁ ପ୍ରତ୍ୟହ ଗୋଟିଏ ଲେଖାଏଁ ବାକ୍ୟ ଲେଖିବାକୁ କହିଥିଲି – ବାକ୍ୟଟି ଦୀର୍ଘ ହେବା ଆଦୌ ଆବଶ୍ୟକ ନ ଥିଲା, ମାତ୍ର ସେଥିରେ **ଆଦୌ କୌଣସି ଭୁଲ୍ ନ ରହିବା** ଅତ୍ୟାବଶ୍ୟକ ଥିଲା । କିନ୍ତୁ ହାୟ !...

ଏପର୍ଯ୍ୟନ୍ତ ମୋତେ କ୍ୱଚିତ୍ ସଫଳତା ମିଳିଛି – ତୁମେ ଲେଖୁଥିବା ବାକ୍ୟଗୁଡ଼ିକ ଅନେକ ସମୟରେ ଦୀର୍ଘ ହେଉଛି ଏବଂ ଅସ୍ପଷ୍ଟ ହୋଇ ରହୁଛି, ଅନ୍ୟଗୁଡ଼ିକ ବେଶ୍ ଛୋଟ ହେଉଛି । ମାତ୍ର, **ସବୁଗୁଡ଼ିକରେ** ଭୁଲ୍ ରହୁଛି ଏବଂ ଅନେକ ସମୟରେ, ଅଧିକାଂଶ ସମୟରେ, ଲିଙ୍ଗ, ପରସ୍ପରାନ୍ୱୟ ଏବଂ କ୍ରିୟାର ରୂପ କ୍ଷେତ୍ରରେ ସେହି **ଏକା ଭୁଲ୍‌ମାନ** ରହୁଛି । ସେଗୁଡ଼ିକୁ ମୁଁ ବହୁବାର ସଂଶୋଧନ କରି ସାରିଛି ।

ମୋ'ର ମନେ ହେଉଛି ଯେ, ତୁମ ଖାତା ମୋ'ଠାରୁ ଫେରସ୍ତ ଯିବା ପରେ ତୁମେ ତାହାକୁ ହୁଏତ ଥରେ ପଢ଼ି ପକାଉଛ ସତ, ମାତ୍ର କେବେହେଲେ ମନ ଦେଇ ଦେଖୁ ନାହଁ ଏବଂ ତାହାକୁ ଅଗ୍ରଗତିର ଏକ ମାଧ୍ୟମରୂପେ ଆଦୌ ବ୍ୟବହାର କରିବାକୁ ଚେଷ୍ଟା କରୁ ନାହଁ ।

ନିଜର ଜୀବନକୁ ଶୃଙ୍ଖଳିତ କରିବା ଆଦୌ ସହଜ ନୁହେଁ; ଏପରିକି ଯେଉଁମାନଙ୍କର ବଳବତୀ ଇଚ୍ଛା ରହିଛି, ଯେଉଁମାନେ ନିଜ ପ୍ରତି କଠୋର ରହିଥା'ନ୍ତି, ସାହସ ଓ ସହନଶୀଳତା ରଖିଥା'ନ୍ତି, ସେମାନଙ୍କ ପାଇଁ ମଧ୍ୟ ତାହା ସହଜ ନୁହେଁ ।

---

* ତତ୍ରୈବ, ୧୬୪ ତମ ସୂକ୍ତି(ଇଂ), ପୃଷ୍ଠା-୯୯ ।

ମାତ୍ର, ଆପଣାର ସମଗ୍ର ଜୀବନକୁ ଶୃଙ୍ଖଳିତ କରିବାର ଚେଷ୍ଟା କରିବା ପୂର୍ବରୁ, ଜଣେ ବ୍ୟକ୍ତିର ଅନ୍ତତଃ **ଗୋଟିଏ** କାମକୁ ଶୃଙ୍ଖଳା ଦ୍ୱାରା ପରିଚାଳିତ କରିବା ଉଚିତ ଏବଂ ସଫଳ ହେବାଯାଏ ଅବିରାମ ପ୍ରୟାସ କରୁଥିବା ଉଚିତ ।

*୧୩ ଅକ୍ଟୋବର ୧୯୬୩*

*ସ୍ନେହମୟି ମାଆ,*

*ସବୁଠାରେ ପ୍ରାୟ ସବୁବେଳେ ବିଳମ୍ବ କରିବା ମୋ'ର ଅଭ୍ୟାସ ହୋଇଗଲାଣି ।*

ବଦଳାଇ ନ ହେବା ଭଳି କୌଣସି ଅଭ୍ୟାସ ନାହିଁ ।

*୧୪ ଅକ୍ଟୋବର ୧୯୬୩*

*ସ୍ନେହମୟି ମାଆ,*

*ଜଣାପଡୁଛି ଯେ ଗୋଟିଏ ପୁସ୍ତକ-ତାଲିକା (ଇଂରାଜୀ ଭାଷାରେ କେତୋଟି ପ୍ରତିଷ୍ଠିତ ଗ୍ରନ୍ଥର) ଆପଣଙ୍କ ପାଖକୁ ଆପଣଙ୍କର ଅନୁମୋଦନ ନିମନ୍ତେ ପଠା ଯାଇଥିଲା । ମାତ୍ର, ଆପଣ କୁଆଡ଼େ କେବଳ ମାଆ ଓ ଶ୍ରୀଅରବିନ୍ଦଙ୍କର ରଚନା ପଢ଼ାଯାଉ ବୋଲି ଇଚ୍ଛା କରୁଛନ୍ତି । ଆପଣ କୁଆଡ଼େ ଏପରି ମଧ୍ୟ କହିଛନ୍ତି ଯେ ଏହି ପୁରାତନ ପ୍ରତିଷ୍ଠିତ ପୁସ୍ତକଗୁଡ଼ିକୁ ପଢ଼ିଲେ ନିଜ ଚେତନାର ସ୍ତର ନିମ୍ନକୁ ଖସି ଯିବାର ଆଶଙ୍କା ରହିଛି ।*

*ମାଆ, ଯେଉଁମାନେ ଯୋଗାଭ୍ୟାସ କରୁଛନ୍ତି, କେବଳ ସେମାନଙ୍କ ପାଇଁ ଆପଣ ଏହି ପରାମର୍ଶ ଦେଇଛନ୍ତି ନା ସମସ୍ତଙ୍କ ପାଇଁ ?*

ପ୍ରଥମ କଥା ହେଉଛି, ତୁମକୁ ଯାହା କୁହାଯାଇଛି, ତାହା ଠିକ୍ ନୁହେଁ । ଦ୍ୱିତୀୟତଃ, ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ପରାମର୍ଶଟିରେ ଆବଶ୍ୟକ ପରିବର୍ତ୍ତନ କରାଯିବ ଓ ତେଣୁ ଏକ ସାଧାରଣ ନିୟମରୂପେ ମୋଟେ ଚଳିବ ନାହିଁ ।

*୧୨ ନଭେମ୍ବର ୧୯୬୩*

(ଶ୍ରୀଅରବିନ୍ଦଙ୍କର 'ସାବିତ୍ରୀ'ରୁ ଉଦ୍ଧୃତିମାନ ରହିଥିବା ଏକ ଟିପାଖାତାର ଆରମ୍ଭରେ ମାଆ ଲେଖିଥିଲେ ।)

**ସାବିତ୍ରୀ**ରୁ କେତୋଟି ଉଦ୍ଧୃତି, ଏହି ଅପୂର୍ବ ଭବିଷ୍ୟଦୃଷ୍ଟିମୟ କାବ୍ୟଗ୍ରନ୍ଥଟି ମାନବଜାତିର ଭବିଷ୍ୟତ ଉପଲବ୍ଧି ଦିଗରେ ମାର୍ଗଦର୍ଶକ ହେବ ।

*୨୭ ନଭେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ମୋ' ଅଧ୍ୟୟନରେ ମୁଁ ଅତ୍ୟନ୍ତ ଅନିୟମିତ ହୋଇଯାଉଛି; କ'ଣ କରିବି ମୁଁ କିଛି ଜାଣିପାରୁ ନାହିଁ ।*

ତୁମର ତମଃକୁ କିଞ୍ଚିତ୍ ପରିମାଣରେ ଝାଡ଼ି ଫିଙ୍ଗି ଦିଅ – ତା' ନ ହେଲେ ତୁମେ ମୂର୍ଖ ହୋଇଯିବ ।

*୨୭ ଡିସେମ୍ବର ୧୯୬୩*

*ସ୍ନେହମୟି ମାଆ,*

*ଉଦ୍ୟମ କରିବାର ଉତ୍ସାହ ଊଣା ହେବାରେ ଲାଗିଛି, ମୁଁ ବେଶ୍ ସନ୍ତୁଷ୍ଟ ଅନୁଭବ କରୁଛି । ମାତ୍ର ସମୟ ଏଡ଼େ ଶୀଘ୍ର ଅତିକ୍ରାନ୍ତ ହୋଇଯାଉଛି ଯେ, ମୁଁ ଅନୁଭବ କରୁଛି ଯେ, ଆମକୁ ଯାହା ପ୍ରଦତ୍ତ ହୋଇ ରହିଛି, ମୁଁ ତାହାର ସର୍ବୋତ୍ତମ ଉପଯୋଗ କରି ପାରିଲି ନାହିଁ ।*

ସେଥିରୁ ପ୍ରମାଣ ମିଳୁଛି ଯେ, ଜୀବନ ଏଠାରେ ଅତିବେଶୀ ସହଜ ହୋଇ ଯାଇଛି ଏବଂ ତୁମେମାନେ ସମସ୍ତେ ଅଧିକାଂଶତଃ ଅତିବେଶୀ ତାମସିକ ହୋଇ ଗଲଣି ଓ ସାଧାରଣ ଜୀବନର ଅସୁବିଧାଗୁଡ଼ିକର ଅଙ୍କୁଶ ପ୍ରହାର ଦେହରେ ନ ବାଜିଲେ ଆଦୌ କୌଣସି ଉଦ୍ୟମ କରିବା ଲାଗି ପ୍ରସ୍ତୁତ ହୋଇପାରୁ ନାହଁ । କେବଳ ଏକ ଉଦ୍ଦୀପ୍ତ ଅଭୀପ୍ସାହିଁ ଏହି ଭୟଙ୍କର ଅବସ୍ଥାରୁ ମୁକୁଳାଇ ଆଣି ପାରିବ । କିନ୍ତୁ ଅଭୀପ୍ସା ଅନୁପସ୍ଥିତ ଏବଂ ତୁମର ଆତ୍ମା ସୁପ୍ତ !

*୨ ଜାନୁଆରି ୧୯୬୪*

### ୧୯୬୪

### ଶୁଭ ନବବର୍ଷ

ମୁଁ ଆଶା କରୁଛି ଯେ, ଏହି ନବବର୍ଷ ତୁମର ଆତ୍ମାର ପୁନର୍ଜାଗରଣ ଘଟାଇବ ଏବଂ ଅଗ୍ରଗତି କରିବାର ଇଚ୍ଛାକୁ ବହନ କରିଥିବା ତୁମ ଚେତନାକୁ ମଧ୍ୟ ଜାଗୃତ କରି ଆଣିବ ।

*୩ ଜାନୁଆରି ୧୯୬୪*

ତୁମର ଖାତାଟିକୁ ପଢ଼ି ସଂଶୋଧନ କରିବାକୁ ମୁଁ ସମୟ ପାଇବି, ଏହି ଆଶାରେ ମୁଁ ସେଇଟିକୁ ରଖିଛି । ମାତ୍ର, ସପ୍ତାହ ପରେ ସପ୍ତାହ ଚାଲିଯାଉଛି ଓ ତାହା ସମ୍ଭବ ହେଉ ନାହିଁ । ତେଣୁ, ତାହାକୁ ପଢ଼ିବା ପୂର୍ବରୁହିଁ ମୁଁ ଖାତାଟିକୁ ଫେରାଇ ଦେଉଛି ଏବଂ ଆଉଥରେ ଏହାକୁ ଦେଖିବା ଲାଗି ମୁଁ ସମୟ ନ ପାଇଲା ପର୍ଯ୍ୟନ୍ତ ତୁମେ ଏହାକୁ ପଠାଇବ ନାହିଁ ବୋଲି ପରାମର୍ଶ ଦେଉଛି । 'ସୂକ୍ତି'ଗୁଡ଼ିକର ଅନୁବାଦ କାର୍ଯ୍ୟ ଅବ୍ୟାହତ ରଖିବ : ମୁଁ ସଂଶୋଧନ ନିମନ୍ତେ ତୁମ ପାଖକୁ ଥରକେ ଆହୁରି ଅଧିକ ପଠାଇଦେବି ।

ମୋ'ର ଅନେକ ଆଶୀର୍ବାଦ ତୁମ ସହିତ ସର୍ବଦା ରହିଛି ।

*୧୭ ଫେବ୍ରୁଆରି ୧୯୬୪*

*ସ୍ନେହମୟି ମାଆ,*

*ମୁଁ ଯେପରି ଏକ ନୂତନ ଜୀବନ ମଧ୍ୟକୁ ଜନ୍ମଗ୍ରହଣ କରେ, ସେଥିଲାଗି ମୋତେ ଆପଣ ଆଶୀର୍ବାଦ କଲେ; ମାତ୍ର ସେହିଭଳି ଏକ ଜୀବନକୁ ଜନ୍ମଗ୍ରହଣ କରିବାର ଅନୁକୂଳ ସର୍ତ୍ତମାନ କ'ଣ ଓ ସେଗୁଡ଼ିକର କିପରି ପୂରଣ ହେବ ?*

ପ୍ରଥମ ସର୍ତ୍ତଟି ହେଉଛି ଯେ, ଆଉ କେବଳ ନିଜ ପାଇଁ ଜୀବନ ନ ବଞ୍ଚିବା ପାଇଁ ତୁମେ ନିଷ୍ପତ୍ତିଟିଏ ଗ୍ରହଣ କରିବ; ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କ ନିମନ୍ତେହିଁ ବଞ୍ଚିବାର ଶପଥ ନେବ ।

ଅତ୍ୟନ୍ତ ସ୍ୱାଭାବିକ ଯେ, ଏହି ନିଷ୍ପତ୍ତିଟିର ପ୍ରତ୍ୟେକ ଦିନ ପୁନର୍ନବୀକରଣ ହେବାରେ ଲାଗିଥିବ ଏବଂ ତାହା ଏକ ସତତ ତଥା ଫଳପ୍ରଦ ଇଚ୍ଛାରେ ପ୍ରକଟ ମଧ୍ୟ ହେଉଥିବ ।

*୨୯ ଏପ୍ରିଲ୍ ୧୯୬୪*

*ସ୍ନେହମୟୀ ମାଆ,*

*''ନିଜ ପାଇଁ ଜୀବନ ନ ବଞ୍ଚିବା'' କଥାଟି ବେଶ୍ ବୁଝି ହେଉଛି ଏବଂ ଏହାକୁ ବାସ୍ତବରେ ପରିଣତ କରିବାର ଚେଷ୍ଟା ମଧ୍ୟ କରାଯାଇ ପାରିବ । ମାତ୍ର, ''ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କ ନିମନ୍ତେହିଁ ଜୀବନ ବଞ୍ଚିବା''ର ପ୍ରକୃତ ଅର୍ଥ କ'ଣ ? ମୋ' ପାଇଁ ତ ଏହା କେବଳ ଏକ ଧାରଣା ହୋଇ ରହିଛି, ଯାହାକୁ ମନ ଯନ୍ତ୍ରବତ୍ ବାରବାର ଦୋହରାଇବାରେ ଲାଗିଥାଏ; ମାତ୍ର ମାଆ, ଏହାର ଉପଲବ୍ଧି ଲାଗି ଜଣେ କ'ଣ କରିପାରିବ ?*

ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବନ ବଞ୍ଚିବାର ଅର୍ଥ ହେଉଛି, ଜଣେ ଯାହାକିଛି କରୁଛି, ଆପଣା କାର୍ଯ୍ୟରୁ କୌଣସି ବ୍ୟକ୍ତିଗତ ଫଳଲାଭର କାମନା ନ ରଖି ତାହାକୁ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଅର୍ପଣ କରିଦେବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆରମ୍ଭ ସମୟରେ, ଯେତେବେଳେ ଦିବ୍ୟ ପରମସତ୍ତା କେବଳ ଏକ ଶବ୍ଦ କିଂବା ଖୁବ୍ ବେଶୀ ହେଲେ ଏକ ଧାରଣା ହୋଇ ରହିଥିବେ ଏବଂ **ଏକ ଅନୁଭବରେ** ପରିଣତ ହୋଇ ନ ଥିବେ, ସେତେବେଳେ ସମସ୍ତ ବିଷୟଟି ବିଶୁଦ୍ଧ ଭାବରେ ମାନସିକ ହୋଇ ରହିଥିବ । ମାତ୍ର ଜଣେ ଯଦି ନିଷ୍ଠାପର ଭାବରେ ପୁନଃପୁନଃ ପ୍ରୟାସ କରିବ, ତେବେ ଦିନେ ନା ଦିନେ ସେହି ଅନୁଭୂତି ମଧ୍ୟ ସମ୍ଭବ ହେବ ଏବଂ ସେ ଅନୁଭବ କରିବ ଯେ ତା'ର ଉତ୍ସର୍ଗୀକରଣଟି ପ୍ରକୃତରେ ଏକ ଯଥାର୍ଥ, ବାସ୍ତବ, ସାକାର ଏବଂ ଉପକାରୀ ସମ୍ପଦରେ ପରିଣତ ହୋଇପାରିଛି । ଜଣେ ଯେତେ ଅଧିକ ପରିମାଣରେ ନିଷ୍ଠାଯୁକ୍ତ ଏବଂ ଉଦ୍ୟମଶୀଳ ହୋଇ ପାରିବ, ସେହି ଅନୁଭବ ସେତେ ଶୀଘ୍ର ସମ୍ଭବ ହେବ ଏବଂ ସେତେ ଦୀର୍ଘକାଳ ସ୍ଥାୟୀ ହୋଇ ରହିବ ।

ଟିକିନିଖି ଦେଖିଲେ ପ୍ରତ୍ୟେକ ବ୍ୟକ୍ତି ଲାଗି ମାର୍ଗଟି ନିଶ୍ଚୟ ଅଲଗା, ମାତ୍ର ନିଷ୍ଠା ଏବଂ ଅଧ୍ୟବସାୟ ସମସ୍ତଙ୍କ ଲାଗି ସମାନଭାବେ ଅପରିହାର୍ଯ୍ୟ ।

*୬ ମଇ ୧୯୬୪*

*ସ୍ନେହମୟି ମାଆ,*

*ଗୋଟିଏ ବିଜୁଳି ପଙ୍ଖା ପାଇବା ସମ୍ଭବ ହେବ କି ? ଗୋଟିଏ ପଙ୍ଖା ଦେବେ ବୋଲି 'କ' ତିନିବର୍ଷ ତଳେ ମୋତେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ସେ ବର୍ତ୍ତମାନ ମୁଁ ଆପଣଙ୍କୁ ମାଗେ ବୋଲି ପରାମର୍ଶ ଦେଉଛନ୍ତି ।*

ଯଦି ପଙ୍ଖା ଥାଏ ବା ପଙ୍ଖାଟିଏ କେଉଁଠି ଥିବାର ତୁମକୁ ଜଣାଥାଏ, ତେବେ ତୁମେ ତାହାକୁ ପାଇପାରିବ । ମାତ୍ର, ତୁମେ କ'ଣ ଭାବୁଛ ଯେ, ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବାରେ ତାହା ତୁମକୁ ସାହାଯ୍ୟ କରିବ ?

*୭ ମଇ ୧୯୬୪*

*ସ୍ନେହମୟି ମାଆ,*

*ପଙ୍ଖା ବିଷୟରେ କହିବାକୁ ଗଲେ, ତାହା ମୋତେ ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବାରେ ସାହାଯ୍ୟ କରିବ ବୋଲି ମୁଁ ଆଦୌ ଭାବୁ ନାହିଁ, କିନ୍ତୁ*

*ତାହା ଏକ ବାଧା ହେବ କି ? ବାଧା ହେବ ବୋଲି ଯଦି ଆପଣ ବିଚାରୁଥାନ୍ତି ଏବଂ ପଙ୍ଖା ନ ପାଇଲେ ତାହା ମୋ ପାଇଁ ଅଧିକ ଭଲ ହେବ ବୋଲି ଭାବୁଥା'ନ୍ତି, ତେବେ ତାହାହିଁ ହେବ, ମୁଁ କୌଣସି ଅଭିଯୋଗ ନ କରି ଆପଣଙ୍କର ନିଷ୍ପତ୍ତିଟିକୁ ଗ୍ରହଣ କରିନେବି ।*

ଆଧ୍ୟାତ୍ମିକ ଜୀବନ ପାଇଁ ଯାହା ବାଧା ହୋଇପାରେ, ତାହା ହେଉଛି ଜଡ଼ସ୍ତରର ଆରାମ ଉପରେ ମହତ୍ତ୍ୱ ଆରୋପ କରିବା ଏବଂ ଆପଣାର ବାସନାଗୁଡ଼ିକୁ ଆବଶ୍ୟକତା ବୋଲି ଭ୍ରମ କରିବା । ଅନ୍ୟ ଭାଷାରେ କହିଲେ, ଆପଣାକୁ ପ୍ରତାରିତ କରିବା । ତେଣୁ, **ଯଦି ତୁମର ପଙ୍ଖାଟିଏ ଅଛି** ଏବଂ ତୁମେ ତାକୁ ବ୍ୟବହାର କରିବାକୁ ଇଚ୍ଛା କରୁଛ, ତେବେ ତୁମେ ତାହା କରିପାର; ଅଗ୍ରଗତି କରିବାରେ ଏହା ତୁମକୁ ଯେ କୌଣସି ସାହାଯ୍ୟ କରିବ ନାହିଁ, ଏହି କଥାଟିକୁ ଜାଣି ତୁମେ ସେଇଟିକୁ ବ୍ୟବହାର କରିପାର – ତୁମେ ତାହା ଫଳରେ ଅଧିକ ଆରାମଦାୟକ ଭାବରେ ରହିଛ ବୋଲି ତୁମ ଦେହକୁ ଏହା ଏକ ଭ୍ରମହିଁ ଆଣିଦେବ ।

ଜୀବନରେ ଏହିସବୁ ବସ୍ତୁର ଆଦୌ କୌଣସି ମହତ୍ତ୍ୱ ରହିବା ଉଚିତ ନୁହେଁ ।

*୧୩ ମଇ ୧୯୬୪*

*ସ୍ନେହମୟି ମାଆ,*

*ନୂଆ ଜିନିଷଟିଏ କରିବାକୁ ଅନେକ ସମୟରେ ଭୟ ଲାଗେ; ଆମ ଶରୀର ନୂତନ ଧାରାରେ କାର୍ଯ୍ୟ କରିବାକୁ ସମ୍ମତ ହୁଏ ନାହିଁ, ଉଦାହରଣ ସ୍ୱରୂପ, ଏକ ନୂତନ ଜିମ୍‌ନାଷ୍ଟିକ୍ କୌଶଳ ଅଥବା ପାଣି ଭିତରକୁ ଲମ୍ଫ ଦେବାର ଏକ ନୂତନ ପ୍ରକାର । ଏହି ଭୟ କେଉଁଠାରୁ ଆସେ ? ଏଥିରୁ ମୁକ୍ତ ହେବା କିପରି ସମ୍ଭବ ହେବ ? ଏବଂ ପୁନଶ୍ଚ, ଏପରି କରିବା ଲାଗି ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରିହେବ କିପରି ?*

ଶରୀର ଯେକୌଣସି ନୂତନ କଥାକୁ ଭୟ କରେ, କାରଣ ତାହା ଜଡ଼ତା ବା ତମଃକୁ ଭୂମି କରି ତାହାରି ଉପରେ ଦଣ୍ଡାୟମାନ ରହିଥାଏ । ପ୍ରାଣ ରଜଃ ବା କ୍ରିୟାଶୀଳତାର ପ୍ରାଧାନ୍ୟ ଲାଗି ଅବକାଶ ସୃଷ୍ଟି କରେ । ସେହି କାରଣରୁହିଁ, ଏକ ସାଧାରଣ ସୂତ୍ର ହିସାବରେ, ମହତ୍ତ୍ୱାକାଙ୍କ୍ଷା, ସ୍ପର୍ଦ୍ଧା ଏବଂ ଆତ୍ମପ୍ରଦର୍ଶନର ନାନାବିଧ ରୂପରେ ପ୍ରାଣ ପ୍ରବେଶ କରି ଶରୀରକୁ ତା'ର ତମଃକୁ ଫିଙ୍ଗିଦେବାକୁ ଏବଂ ଅଗ୍ରଗତି ଲାଗି ଆବଶ୍ୟକ ପ୍ରଚେଷ୍ଟା କରିବାକୁ ମଧ୍ୟ ବାଧ୍ୟ କରିଥାଏ ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯେଉଁ ବ୍ୟକ୍ତିମାନଙ୍କ ଭିତରେ ମନ ପ୍ରଧାନ କର୍ତ୍ତା ହୋଇ ରହିଥାଏ, ସେମାନେ ଶରୀରକୁ ତାଗିଦା ଦେଇପାରନ୍ତି ଏବଂ ଶରୀର ଯେପରି ତା'ର ଭୟକୁ ଅତିକ୍ରମ କରିଯାଇ ପାରିବ, ସେଥିଲାଗି ତାକୁ ସମସ୍ତ କାରଣ ଯୋଗାଇ ଦେବାରେ ଲାଗିଥା'ନ୍ତି ।

ସମସ୍ତଙ୍କ ଲାଗି ସବୁଠାରୁ ଭଲ ଉପାୟ ହେଉଛି ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାକୁ ଅର୍ପଣ କରିଦେବା ଏବଂ ତାଙ୍କରି ଅନନ୍ତ କରୁଣାରେ ଅଟଳ ବିଶ୍ୱାସ ସ୍ଥାପନ କରିବା ।

*୧୩ ମଇ ୧୯୬୪*

*ସ୍ନେହମୟି ମାଆ,*

*ଆତ୍ମ-ପ୍ରତାରଣାର ସହସ୍ର ମୁହଁ ରହିଛି, ଆମ ଭିତରେ ଛଦ୍ମବେଶ ଧରି ଲୁଚି ରହିବାର ସହସ୍ର ଫନ୍ଦି ମଧ୍ୟ ରହିଛି, ଆମେ ଏହାକୁ କିପରି ଆବିଷ୍କାର କରିପାରିବା ଓ ତାହାର କବଳରୁ ମୁକ୍ତ ହୋଇ ପାରିବା ?*

ଏଥିପାଇଁ ଦୀର୍ଘ ସମୟ ଲାଗିବ ଏବଂ ଏହାର ଗତି ମଧ୍ୟ ଅତ୍ୟନ୍ତ ମନ୍ଥର ହୋଇ ରହିଥିବ; ତେଣୁ କେବଳ ପରିପୂର୍ଣ୍ଣ ଆନ୍ତରିକତା ଦ୍ୱାରାହିଁ ତାହା ସମ୍ଭବ ହେବ । ଅତ୍ୟନ୍ତ ମନୋଯୋଗୀ ଏବଂ ସତର୍କ ହେବାକୁ ପଡ଼ିବ, ଆପଣାର ସଂବେଗଗତ ଯାବତୀୟ କ୍ରିୟାଶୀଳତା ଏବଂ ପ୍ରାଣିକ ସ୍ତରର ପ୍ରତିକ୍ରିୟାକୁ ବାହାରୁ ଥାଇ ଲକ୍ଷ୍ୟ କରୁଥିବ; ନିଜର ଦୁର୍ବଳତାଗୁଡ଼ିକ ପ୍ରତି କୌଣସି ଅବହେଳାର ଦୃଷ୍ଟିରେ କଦାପି ଆଖି ବୁଜିଦେବ ନାହିଁ ଏବଂ, ଭୁଲ୍‌ଟିଏ କରି ପକାଇବା ମାତ୍ରକେ, ତାହା ଯେଡ଼େ ସାନ ଭୁଲ୍‌ଟିଏ ହୋଇଥାଉ ପଛକେ, ଆପଣାକୁ ମୋଟେ ଛାଡ଼ିଦେବ ନାହିଁ ।

ଯଦି ଅବିଚଳ ଭାବରେ ଏସବୁ କରୁଥିବ, ତେବେ ତାହା କ୍ରମେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହେବ ଏବଂ ଅଧିକରୁ ଅଧିକ ସହଜ ହେବାରେ ଲାଗିଥିବ ।

*୨୦ ମଇ ୧୯୬୪*

*ସ୍ନେହମୟି ମାଆ,*

*ଆରାମ, ସୁଖ, ଖୁସୀ, ଉଲ୍ଲାସ ଏବଂ ଆନନ୍ଦ,– ଏଗୁଡ଼ିକ ଭିତରେ କି ପାର୍ଥକ୍ୟ ରହିଛି ? ଏଥି ମଧ୍ୟରୁ ଗୋଟିକ ମଧ୍ୟରେ ଅନ୍ୟଟିକୁ ପାଇବା ସମ୍ଭବ କି ?*

ଆନନ୍ଦ, ତାହା ସର୍ବୋଚ୍ଚ ପରମପ୍ରଭୁଙ୍କର ଧନ ।

ଉଲ୍ଲାସ ହେଉଛି ପୂର୍ଣ୍ଣତାପ୍ରାପ୍ତ ଯୋଗୀର ଉପଲବ୍ଧି ।

ଖୁସୀ ଜଣେ ବାସନାରହିତ ମନୁଷ୍ୟକୁ ପ୍ରାପ୍ତ ହୋଇଥାଏ ।

ଆରାମ, ସୁଖ, ଜୀବମାତ୍ରକେ ସମସ୍ତଙ୍କର ପହଞ୍ଚ ଭିତରେ ରହିଥାଏ, ମାତ୍ର ତା' ସହିତ ଦୁଃଖ ଓ କଷ୍ଟଭୋଗ ମଧ୍ୟ ଅନିବାର୍ଯ୍ୟ ଭାବରେ ଯୋଡ଼ା ହୋଇ ରହିଥାଏ ।

*୨୭ ମଇ ୧୯୬୪*

*ସ୍ନେହମୟି ମାଆ,*

*ଗତ ସପ୍ତାହରେ ଆପଣ ଦେଇଥିବା ଉତ୍ତର ଅତ୍ୟନ୍ତ ସଂକ୍ଷିପ୍ତ ଓ ସାରଗର୍ଭକ ଥିଲା । ଜଣେ ପୂର୍ଣ୍ଣତାପ୍ରାପ୍ତ ଯୋଗୀ କ'ଣ ସର୍ବୋଚ୍ଚ ପରମପ୍ରଭୁଙ୍କ ସହିତ ଯୁକ୍ତ ହୁଏ ନାହିଁ ? ଜଣେ ବାସନାରହିତ ବ୍ୟକ୍ତି କ'ଣ ଜଣେ ନିଷ୍ଠାପୂର୍ଣ୍ଣ ସାଧକ ନୁହେଁ କି ?*

ମୁଁ ଏପରି ଭାବରେ ଉତ୍ତରଗୁଡ଼ିକୁ ଦେଇଥାଏ, ଯେପରିକି ତଦ୍ଵାରା ତୁମର ମନ ଖୋଲିଯାଇ ପାରିବ, ଏବଂ ତୁମେ ଅଳ୍ପ ଅଳ୍ପ କରି ତୁମର ବର୍ତ୍ତମାନ ମାନସିକ ସୀମାଗୁଡ଼ିକୁ ଡେଇଁ ଯାଇ ପାରିବ ।

ସର୍ବୋଚ୍ଚ, ପରମକର୍ତ୍ତା ଯାହାକୁ ଇଚ୍ଛା କରିବେ ଓ ଯେପରି ଇଚ୍ଛା କରିବେ, ତାକୁ ସେହିପରି ଭାବରେ ଆପଣାର ଆନନ୍ଦକୁ ପ୍ରଦାନ କରି ପାରିବେ ।

ଜଣେ ସାଧକ ଏକ ଯୋଗଯୁକ୍ତ ସାଧନାକୁ ଗ୍ରହଣ କରିଥାଏ ଓ ତାହାକୁ ଅଭ୍ୟାସ ମଧ୍ୟ କରୁଥାଏ । ଏବଂ, ଏପରି ଅନେକ ବାସନାରହିତ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କୌଣସି ଯୋଗର ସାଧନା କରନ୍ତି ନାହିଁ ।

ଆପଣାର ଭାବନାକୁ ଅଧିକ ପ୍ରଶସ୍ତ କର — ତାହା ଅତ୍ୟାବଶ୍ୟକ ।

*୩ ଜୁନ୍ ୧୯୬୪*

*(ପ୍ରେମ ସମ୍ବନ୍ଧରେ) ଜଣେ ବ୍ୟକ୍ତି ଆପଣାର ମାନବସ୍ତରୀୟ ପ୍ରେମକୁ କିପରି ଆଦର୍ଶ ପ୍ରେମ ଅର୍ଥାତ୍ ଯଥାର୍ଥ ପ୍ରେମ ଆଡ଼କୁ ଧାବିତ କରାଇଦେଇ ପାରିବ ?*

ଯଥାର୍ଥ ପ୍ରେମ କେବଳ ଗୋଟିଏ, ତାହା ହେଉଛି ଦିବ୍ୟ ପ୍ରେମ । ଅନ୍ୟ ଯାବତୀୟ ପ୍ରେମ ତାହାରି ଗୋଟିଏ ଗୋଟିଏ କ୍ଷୁଦ୍ର, ସୀମାବଦ୍ଧ ଅଥବା ବିକୃତ ସଂସ୍କରଣ ମାତ୍ର । ଏପରିକି,

ଭକ୍ତର ଭଗବାନଙ୍କ ପ୍ରତି ପ୍ରେମ ମଧ୍ୟ ଏକ କ୍ଷୁଦ୍ର ପ୍ରେମ ଏବଂ ଅନେକ ସମୟରେ ତାହା ଅହଂକାର ଦ୍ୱାରା କଳୁଷିତ ହୋଇ ରହିଥାଏ । କିନ୍ତୁ, ଭକ୍ତ ସେ ଯାହାଙ୍କୁ ଭଲ ପାଏ, ଅତି ସ୍ୱାଭାବିକ ଭାବରେ ତାହାରି ଭଳି ହେବାକୁ ତା'ର ପ୍ରବୃତ୍ତି ରହିଥିବାରୁ, ଯଦି ତା'ର ଆନ୍ତରିକତା ଥାଏ, ତେବେ ସେ ତା'ର ଆରାଧନାର ଆସ୍ପଦ ସେହି ଦିବ୍ୟ ପରମସତ୍ତାଙ୍କ ପରି ହେବାକୁହିଁ ଆରମ୍ଭ କରେ ଏବଂ ଏହିପରି ଭାବରେ ତା'ର ପ୍ରେମ ଅଧିକରୁ ଅଧିକ ବିଶୁଦ୍ଧ ହୋଇ ଯିବାରେ ଲାଗିଥାଏ । ଜଣେ ଯାହାଙ୍କୁ ଭଲ ପାଏ, ତାଙ୍କରି ମଧ୍ୟରେ ଦିବ୍ୟ ପରମସତ୍ତାଙ୍କୁ ଭଲ ପାଇବାର ପରାମର୍ଶଟିକୁ ମଧ୍ୟ ଏକ ସମାଧାନରୂପେ ଦିଆ ଯାଇଥାଏ, ମାତ୍ର, ଯଦି ବ୍ୟକ୍ତିର ହୃଦୟ ଏବଂ ଭାବନା **ଅତ୍ୟନ୍ତ ଶୁଦ୍ଧ** ନ ଥାଏ, ତେବେ ତଦ୍ୱାରା ଦୁଃଖଦାୟକ ନାନା ସ୍ଖଳନ ଘଟିବାର ଆଶଙ୍କା ମଧ୍ୟ ରହିଥାଏ ।

ତୁମ ଅବସ୍ଥା ବିଷୟରେ ମୋ'ର ଅନୁମାନ ହେଉଛି ଯେ, ତୁମର ପାରସ୍ପରିକ ଆସକ୍ତିକୁ ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ନିମନ୍ତେ ଏକ ସାଧାରଣ ଏବଂ ସମ୍ମିଳିତ ଅଭୀପ୍ସା ମଧ୍ୟରେ ଦୁହିଙ୍କର ପ୍ରୟାସକୁ ଅବ୍ୟାହତ ରଖିବାହିଁ ସର୍ବୋତ୍ତମ ସମାଧାନ ହେବ । ପରିପୂର୍ଣ୍ଣ ନିଷ୍ଠାର ସହିତ ତୁମେଦୁହେଁ, ଯଥାସମ୍ଭବ ଅଧିକ ପରିମାଣରେ, ସେହି ଲକ୍ଷ୍ୟରେ ଉପନୀତ ହେବା ଲାଗି ଅନ୍ୟୋନ୍ୟ କ'ଣ ଆବଶ୍ୟକ ରହିଛି, ତାହାକୁ ପରସ୍ପର ପାଇଁ ଉପଲବ୍ଧ କରାଇବା ଲାଗି ଉଦ୍ୟମ କରୁଥିବ ।

*୧୦ ଜୁନ୍ ୧୯୬୪*

*ସ୍ନେହମୟି ମାଆ,*

*ଜଣେ ଆଉ ଜଣକର ଆବଶ୍ୟକତାକୁ ଜାଣି ତାକୁ ସାହାଯ୍ୟ କରି ପାରିବ କିପରି ?*

ମୁଁ ବାହ୍ୟ ପଦାର୍ଥ ଏବଂ ମାନସିକ ସାମର୍ଥ୍ୟ ବିଷୟରେ ଆଦୌ କହୁ ନ ଥିଲି ! ଯଥାର୍ଥ ପ୍ରେମ ଆତ୍ମାରେ ରହିଥାଏ (ତଦ୍‌ବ୍ୟତୀତ ଆଉ ସବୁକିଛି କେବଳ ପ୍ରାଣିକ ଆକର୍ଷଣ ବା ମାନସିକ ଏବଂ ଶାରୀରିକ ଆସକ୍ତି ମଧ୍ୟରେ ସୀମିତ ହୋଇ ରହିଥାଏ) ଏବଂ ଆତ୍ମା (ଚୈତ୍ୟସତ୍ତା), ଅନ୍ୟ ଜଣେ ପାଇବା ଲାଗି କ'ଣ ଆବଶ୍ୟକ କରୁଛି, ସ୍ୱତଃ ସେ ତାହା ଅବଶ୍ୟ ଜାଣିପାରେ ଏବଂ ତାକୁ ତାହା ପ୍ରଦାନ କରିବା ଲାଗି ସର୍ବଦା ପ୍ରସ୍ତୁତ ଥାଏ ।

*୧୭ ଜୁନ୍ ୧୯୬୪*

*ସ୍ନେହମୟି ମାଆ,*

*ଆମ ଭିତରେ ଦୋଷମାନ ରହିଛି ବୋଲି କ'ଣ ଆମେ ଅନ୍ୟମାନଙ୍କ ଭିତରେ ସେଗୁଡ଼ିକର ଉପସ୍ଥିତିକୁ ସହି ପାରୁ ନାହିଁ ? ଆମେ ଯେ ଆତଙ୍କିତ ଅନୁଭବ କରୁ, ତାହାର ମୂଳଟି କ'ଣ ?*

ହଁ, ଏକ ସାଧାରଣ ଭାବରେ କୁହାଯାଇ ପାରିବ ଯେ, ତୁମ ନିଜ ଭିତରେ ଯେଉଁ ଦୋଷଗୁଡ଼ିକ ରହିଥାଏ, ସେଗୁଡ଼ିକୁ ଅନ୍ୟମାନଙ୍କ ଭିତରେ ଦେଖିଲେ ତୁମେ ସବୁଠାରୁ ଅଧିକ ଆତଙ୍କିତ ହୋଇପଡ଼ ।

ପରେ ତୁମେ ଏକଥା ବୁଝିବାକୁ ଆରମ୍ଭ କର ଯେ, ଅନ୍ୟମାନେ ହେଉଛନ୍ତି ଗୋଟିଏ ଗୋଟିଏ ଦର୍ପଣ, ଯାହା ଉପରେ କି ତୁମେ ପ୍ରକୃତରେ ଯାହା, ତାହାର ଛବିଟି ପ୍ରତିଫଳିତ ହୋଇଉଠେ ।

*୨୪ ଜୁନ୍ ୧୯୬୪*

*ସ୍ନେହମୟି ମାଆ,*

*ଶାରୀରିକ କୃଷ୍ଟି ମଧ୍ୟରେ ଯେପରି ନିର୍ଦ୍ଦିଷ୍ଟ ଏବଂ ସାକାର ଶାରୀରିକ ବ୍ୟାୟାମ ଏବଂ ଶୃଙ୍ଖଳାମାନ ରହିଛି, ଆତ୍ମା ଓ ଚେତନାର ଅଗ୍ରଗତି ଲାଗି ମଧ୍ୟ ସେହିପରି କୌଣସି ନିର୍ଦ୍ଦିଷ୍ଟ ଓ ସାକାର ଆଉ କିଛି ରହିଛି କି ?*

ଅତିପ୍ରାଚୀନ କାଳରୁ ଯୋଗର ପ୍ରତ୍ୟେକ ମାର୍ଗ ଆପଣାର ଗୋଟିଏ ଗୋଟିଏ ଶୃଙ୍ଖଳାକୁ ବିସ୍ତାରିତ ଭାବରେ ବିକାଶ କରାଇ ଆଣିଛି । ଆମେ ସେହି ସବୁକିଛିର ଅଧ୍ୟୟନ ଓ ଶିକ୍ଷା କରିପାରିବା, ଅଭ୍ୟାସ ବି କରିପାରିବା । ମାତ୍ର, ଶ୍ରୀଅରବିନ୍ଦଙ୍କ ଶିକ୍ଷା ଅନୁସାରେ, ଏହିସବୁ ପ୍ରତ୍ୟେକଟି ଅଭ୍ୟାସର ସ୍ୱକୀୟ ସୀମାମାନ ରହିଛି ଏବଂ ତେଣୁ ସେଗୁଡ଼ିକ କେବଳ ଏକ ଆଂଶିକ ଫଳ ଦେବାରେହିଁ ସମର୍ଥ ହୁଅନ୍ତି । ତେଣୁ, ପୂର୍ଣ୍ଣ ଯୋଗର ସାଧନା କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କୁ ସେ ପ୍ରତ୍ୟେକେ **ନିଜ ନିଜର** ଶୃଙ୍ଖଳା ଖୋଜି ବାହାର କରିବା ଲାଗି ପରାମର୍ଶ ଦେଇଥିଲେ । ସେଗୁଡ଼ିକ ସେହି ପୁରାତନ ଜ୍ଞାନ ଉପରେ ଅବଶ୍ୟ ଆଧାରିତ ହୋଇ ରହିଥିବ, ମାତ୍ର ପ୍ରତ୍ୟେକ ବ୍ୟକ୍ତିର ପ୍ରୟୋଜନ ତଥା ଅବସ୍ଥା ଅନୁସାରେ ସେଥିରେ ଆବଶ୍ୟକ ପରିବର୍ତ୍ତନ କରାଯାଇ ପାରୁଥିବ ।

*୧ ଜୁଲାଇ ୧୯୬୪*

*ସ୍ନେହମୟି ମାଆ,*

*ମୁଁ ଭାବୁଥିଲି ଯେ ଯାବତୀୟ ଅସୁସ୍ଥତା ସତ୍ତାରେ ରହିଥିବା କୌଣସି ଅଶୁଦ୍ଧତା କିଂବା ଦୁର୍ବଳତାରୁ ଘଟୁଥିବ; ମାତ୍ର ଆଶ୍ରମରେ ଏବେ ଯେଉଁ ସଂକ୍ରାମକ ରୋଗ ବ୍ୟାପିଛି, ତାହାର ଅର୍ଥ କ'ଣ ? ଏପରିକି 'କ' ମଧ୍ୟ ସେହି ରୋଗରେ ପଡ଼ିଛନ୍ତି । ଏହି ସଂକ୍ରାମକତା କେଉଁଠୁ ଆସୁଛି ?*

ସଂକ୍ରାମକ ରୋଗ କହିଲେ ଏକ **ସାମୂହିକ** ଅସୁସ୍ଥତାକୁ ବୁଝାଏ ଏବଂ ତାହା ଏକ **ସାମୂହିକ** ଅଶୁଦ୍ଧତା ହେତୁ ଘଟିଥାଏ । ଦିବ୍ୟ କର୍ମ ଲାଗି ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ହୋଇଥିବା ଏବଂ ଭବିଷ୍ୟତକୁ ପ୍ରସ୍ତୁତ କରି ଆଣୁଥିବା ପୃଥିବୀକୁ ଦେଖାଇ ପାରିବାଭଳି ଏକ ସ୍ଥାନର ଦୃଷ୍ଟାନ୍ତରୂପେ ଆଶ୍ରମ ଯେପରି ଉପଯୁକ୍ତ ହୋଇଥାନ୍ତା, ନିଃସନ୍ଦେହ ଭାବରେ ଏହା ତାହାଠାରୁ ବହୁଦୂରରେ ଯାଇ ରହିଛି । ପ୍ରତ୍ୟେକ ବ୍ୟକ୍ତିର ସ୍ଥିତି ଏବଂ ସମୂହଟି ସହିତ ରହିଥିବା ତା'ର ସମ୍ବନ୍ଧଟି ଅନୁସାରେ ଅସୁସ୍ଥତାର ରୂପ ଭିନ୍ନ ଭିନ୍ନ ହୋଇ ରହିଛି ।

*୮ ଜୁଲାଇ ୧୯୬୪*

*ସ୍ନେହମୟି ମାଆ,*

*ଆପଣ ଯେପରି ପରାମର୍ଶ ଦେଇଥିଲେ, ମୁଁ ସେହିପରି ହୃଦୟରେ ନିଜକୁ ଅଭିନିବେଶିତ କରି ରଖିବାକୁ ଏବଂ ବହୁ ଗଭୀରଯାଏ ପ୍ରବେଶ କରିବାକୁ ଚେଷ୍ଟା କରୁଛି ସତ, ମାତ୍ର ତାହାର କୌଣସି ଫଳ ହେଉ ନାହିଁ । କେବଳ ଏକ ମୁଣ୍ଡବ୍ୟଥାହିଁ ଏକମାତ୍ର ଫଳ ହେଉଛି; ଭିତରେ ଗୋଟାଏ ପ୍ରକାର ଚକ୍କର ହୋଇଗଲା ପରି ଲାଗୁଛି । ମାତ୍ର, ଆଖି ଫିଟାଇଦେବା ମାତ୍ରକେ ସବୁକିଛି ପୁଣି ସାଧାରଣ ହୋଇ ଯାଉଛି । ମୋ'ର କ'ଣ କରିବା ଉଚିତ ?*

ଏହାର ଅର୍ଥ ହେଉଛି ଯେ କୌଣସି ଆଧ୍ୟାତ୍ମିକ ସାଧନା ଲାଗି ତୁମେ ଏ ପର୍ଯ୍ୟନ୍ତ ତିଆରି ହୋଇ ନାହଁ । ତେଣୁ, ତୁମ ଜୀବନ ତୁମକୁ ଆଉ ଟିକିଏ ଗଢ଼ି ଆଣିବା ପର୍ଯ୍ୟନ୍ତ ଓ ତୁମର ଚୈତ୍ୟଚେତନା ସେ ପଡ଼ି ରହିଥିବା ସୁପ୍ତି ମଧ୍ୟରୁ ଜାଗ୍ରତ ହୋଇ ଉଠିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷାହିଁ କରିବାକୁ ପଡ଼ିବ ।

*୧୫ ଜୁଲାଇ ୧୯୬୪*

*ସ୍ନେହମୟି ମାଆ,*

*ଏକ ଆଧ୍ୟାତ୍ମିକ ସାଧନା ଲାଗି ପ୍ରସ୍ତୁତ ହୋଇ ପାରିବା ପର୍ଯ୍ୟନ୍ତ ମୋ'ର*

*ଆଉ କ'ଣ କରିବା ଉଚିତ ହେବ ? ପରମା ଜନନୀହିଁ ମୋ ନିଦ ଭିତରୁ ମୋତେ ବାହାରକୁ ଟାଣି ବାହାର କରି ନେଇଯିବେ ଏବଂ ମୋ'ର ଚୈତ୍ୟଚେତନାକୁ ଜାଗୃତ କରାଇବେ, ଏତିକି ବ୍ୟତୀତ ମୋ'ର ଆଉ କରିବାର କ'ଣ ଅଛି ?*

ତୁମେ ତୁମ ବୁଦ୍ଧିର ବିକାଶ ନିମନ୍ତେ ନିୟମିତ ଭାବରେ ପ୍ରଭୂତ ମନୋଯୋଗ ସହିତ ଶ୍ରୀଅରବିନ୍ଦଙ୍କ ବିଚାରଗୁଡ଼ିକର ଅଧ୍ୟୟନ କରିବ । ଆପଣା ପ୍ରାଣର ବିକାଶ ସାଧନ କରିବ ଓ ତାହା ଉପରେ କର୍ତ୍ତୃତ୍ୱ ଅର୍ଜନ କରିବ, ଆପଣାର କ୍ରିୟାଶୀଳତା ତଥା ସମ୍ବନ୍ଧଗୁଡ଼ିକୁ ଯତ୍ନର ସହିତ ନିରୀକ୍ଷଣ କରିବ, ବାସନାଗୁଡ଼ିକ ଉପରେ ବିଜୟ ହାସଲ କରିବାକୁହିଁ ତୁମେ ଏପରି କରିବ; ଏବଂ ଆପଣାର ଚୈତ୍ୟସତ୍ତାଟିକୁ ଆବିଷ୍କାର କରି ତାହାରି ସହିତ ସଂଯୁକ୍ତ ହେବା ଲାଗି ଅଭୀପ୍ସା କରୁଥିବ । ଶାରୀରିକ ସ୍ତରରେ, ତୁମେ ବର୍ତ୍ତମାନ ଯାହା କରୁଛ ତାହାହିଁ କରୁଥିବ, ବିଧିବଦ୍ଧ ଭାବରେ ନିଜ ଶରୀରର ବିକାଶ ଓ ନିୟନ୍ତ୍ରଣ କରିବ, ପ୍ଲେ-ଗ୍ରାଉଣ୍ଡ୍‌ରେ ଓ ନିଜର କର୍ମ ସ୍ଥାନରେ କୌଣସି କାର୍ଯ୍ୟ କରି ନିଜକୁ ଉପଯୋଗୀ କରି ରଖିବ ଏବଂ ଯଥାସମ୍ଭବ ଅଧିକ ସ୍ୱାର୍ଥମୁକ୍ତ ଭାବରେ ଏହା କରି ପାରୁଥିବ ।

ଯଦି ତୁମ ଭିତରେ ନିଷ୍ଠା ଏବଂ ବିବେକପୂର୍ଣ୍ଣ ସାଧୁତା ରହିଥାଏ, ତେବେ ମୋ'ର ସହାୟତା ଅତ୍ୟନ୍ତ ନିଶ୍ଚିତ ଭାବରେ ଉପଲବ୍ଧ ହୋଇ ପାରିବ ଏବଂ ତୁମେ ଦିନେ ଏହି ବିଷୟରେ ସଜ୍ଞାନ ମଧ୍ୟ ହୋଇଯିବ ।

*୨୨ ଜୁଲାଇ ୧୯୬୪*

*ସ୍ନେହମୟି ମାଆ,*

*ଜଣେ ବହିରାଗତ ବ୍ୟକ୍ତି ଯେତେବେଳେ ଆମକୁ ଶ୍ରୀଅରବିନ୍ଦ ଆଶ୍ରମ କ'ଣ ବୋଲି ପଚାରିବେ, ସେତେବେଳେ ଆମେ ତାଙ୍କୁ ସଂକ୍ଷିପ୍ତ ଅଥଚ ନିର୍ଭୁଲ ଭାବରେ କିପରି ଉତ୍ତରଟିଏ ଦେଇ ପାରିବୁ ?*

ଆଶ୍ରମ ହେଉଛି ଏକ ନୂତନ ପୃଥିବୀର ଓ ଆଗାମୀ କାଲିର ସୃଜନ ନିମନ୍ତେ ଉଦ୍ଦିଷ୍ଟ ଲାଳନସ୍ଥାନ ।

ଏବଂ ଯଦି ତୁମକୁ ଅନ୍ୟ ପ୍ରଶ୍ନମାନ ପଚରାଯାଏ, ତେବେ ତାହାର କେବଳ ଗୋଟିଏ ଉତ୍ତରହିଁ ଦିଆଯିବ : ଆପଣମାନେ ଗ୍ରନ୍ଥଗୁଡ଼ିକୁ ପାଠ କରନ୍ତୁ ଏବଂ ବିଚାରଗୁଡ଼ିକୁ ଅଧ୍ୟୟନ କରନ୍ତୁ ।

*୨୯ ଜୁଲାଇ ୧୯୬୪*

*ସ୍ନେହମୟି ମାଆ,*

*ଜୀବନରେ ଦୁଃଖଦ ଘଟଣା ବୋଲି ପ୍ରକୃତରେ କିଛି ଅଛି କି ? କାରଣ, ସବୁକିଛି ଆମକୁ ସେହି ଦିବ୍ୟ ପରମସତ୍ତାଙ୍କ ପାଖକୁ ପରିଚାଳିତ କରି ନେଇଯାଉଛି !*

ଯେଉଁମାନେ ସେଗୁଡ଼ିକୁ ଦୁଃଖଦ ଭାବରେ ଗ୍ରହଣ କରନ୍ତି ସେହିମାନଙ୍କ ଲାଗି ସେଗୁଡ଼ିକ ଦୁଃଖଦ ଘଟଣା । ମଣିଷମାନଙ୍କ ଭିତରୁ ବିପୁଳ ଭାବରେ ବହୁସଂଖ୍ୟକ ହେଉଛନ୍ତି ସେହିପରି ।

ପ୍ରତ୍ୟେକ ଘଟଣା ପଛରେ ଦିବ୍ୟ ପରମାକରୁଣାକୁ ଦେଖି ପାରିବାକୁ ହେଲେ ଆମକୁ ଦିବ୍ୟ ପରମ ଏକତ୍ୱର ଚେତନା ମଧ୍ୟରେ ବାସ କରିବାକୁ ପଡ଼ିବ ।

*୫ ଅଗଷ୍ଟ ୧୯୬୪*

*ସ୍ନେହମୟି ମାଆ,*

*ଲୋକମାନେ ଅନେକ ସମୟରେ କହନ୍ତି ଯେ ଆମ ଖାଦ୍ୟରେ ଯଥେଷ୍ଟ ପରିମାଣରେ ଜୀବନସାର ନାହିଁ କିଂବା ପୁଷ୍ଟିସାର ମଧ୍ୟ ନାହିଁ । ଡାକ୍ତରମାନେ ବହୁତ ନିଶ୍ଚିତ ଭାବରେ କହୁଛନ୍ତି ଯେ, ସେହି କାରଣରୁହିଁ ଆମର ଏଠି ଏତେ ଅଧିକ ପରିମାଣରେ ଭୌତିକ ଏବଂ ଶାରୀରିକ କଷ୍ଟମାନ ରହିଛି ।* ଏହାହିଁ କ'ଣ ତାହାର କାରଣ ? ଜୀବନରେ ଖାଦ୍ୟର କ'ଣ ପ୍ରକୃତରେ ଏତେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ?*

ଯେଉଁମାନଙ୍କର ଚେତନା **ଶରୀରରେ** କେନ୍ଦ୍ରିତ ହୋଇ ରହିଛି, ଯେଉଁମାନେ ଶରୀର ନିମନ୍ତେ, ଏହାର ଯାବତୀୟ ବାସନା ଏବଂ ସେଗୁଡ଼ିକର ପରିତର୍ପଣ ସକାଶେ ବଞ୍ଚିଛନ୍ତି, ଯେଉଁମାନଙ୍କ ପାଇଁ ଏହି **ଶରୀର ସହିତ**ହିଁ **ସତ୍ୟ** ଆରମ୍ଭ ଓ ଶେଷ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେମାନଙ୍କ ଲାଗି ଖାଦ୍ୟର ସର୍ବାଧିକ ମହତ୍ତ୍ୱ ରହିଛି । କାରଣ, ସେମାନେ ଖାଇବାକୁହିଁ ଜୀବନଧାରଣ କରିଛନ୍ତି ।

ଡାକ୍ତରମାନେ ମଧ୍ୟ ସବୁବେଳେ ଆରୋଗ୍ୟ-ବିଧାନ କରିବାର କ୍ଷେତ୍ରରେ ସେମାନଙ୍କର ଅପାରଗତାର ଦାୟିତ୍ୱଟିକୁ ଜୀବନର ବାହ୍ୟ ବ୍ୟବସ୍ଥାପନଟି ଉପରେ ଆଣି ନିକ୍ଷେପ କରି ଦେଇଥାନ୍ତି ।

ଯଦି କେହି ସମସ୍ୟାଟି ବିଷୟରେ ପ୍ରକୃତ ସତ୍ୟଟିକୁ ଦେଖିବାକୁ ଇଚ୍ଛା କରୁଥାଏ,

---

* ମାଆ ଏହି ବାକ୍ୟଟିର ପାଖରେ ଲେଖି ଦେଇଥିଲେ, ''ସତରେ ସେତେ ବେଶୀ ???''

ତେବେ ତାହା ହେଉଛି : କେବଳ ଏକ ସନ୍ଦୀପିତ ଶରୀର, ଭାରସାମ୍ୟ ଯୁକ୍ତ ତଥା ଯାବତୀୟ ପ୍ରାଣିକ ବାସନା ଏବଂ ମାନସିକ ପୂର୍ବ-ଧାରଣାରୁ ମୁକ୍ତ ଶରୀରହିଁ ଆହାରର ପରିମାଣ ଏବଂ ପ୍ରକାରର କ୍ଷେତ୍ରରେ ଆପଣାର ଆବଶ୍ୟକତାଗୁଡ଼ିକୁ ଜାଣିବା ଲାଗି ସମର୍ଥ ହୋଇଥାଏ । ଏବଂ, ଏଭଳି ଏକ ଶରୀର ଖୋଜି ପାଇବା ପ୍ରକୃତରେ ଏତେ ବିରଳ ଯେ, ସେ ବିଷୟରେ କିଛି କହିବାର ଆଦୌ କୌଣସି ପ୍ରୟୋଜନ ନାହିଁ ।

ଅଧିକନ୍ତୁ, ଆମେ ସର୍ବୋତ୍ତମଟିକୁ ସମ୍ଭବ କରିବା ଲାଗି କାର୍ଯ୍ୟ କରିବା ଓ ତା'ଉପରେ ଅତିରିକ୍ତ ଭାବରେ କୌଣସି ଗୁରୁତ୍ୱ ଆରୋପ କରିବା ନାହିଁ ।

ଯେଉଁମାନଙ୍କର ଡାକ୍ତରମାନଙ୍କ ଉପରେ ବିଶ୍ୱାସ ରହିଛି, ସେମାନେ ସେମାନଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟ କରନ୍ତୁ ଏବଂ ଏହାଦ୍ୱାରା ସେମାନଙ୍କୁ କମ୍ ରୋଗ ଭୋଗିବାକୁ ପଡୁଛି କି ନାହିଁ, ତାହା ପରୀକ୍ଷା କରି ଦେଖନ୍ତୁ !

*୧୨ ଅଗଷ୍ଟ ୧୯୬୪*

*ସ୍ନେହମୟି ମାଆ,*

*ବେଳେବେଳେ ମୋ'ର ସବୁକିଛି (ଅଭ୍ୟାସ) କ୍ରିୟାକଳାପ ବନ୍ଦ କରିଦେବାକୁ ମନ ହୋଇଯାଏ – ପ୍ଲେଗ୍ରାଉଣ୍ଡ୍, ଘୋଷବାଦ୍ୟ, ଅଧ୍ୟୟନ ଇତ୍ୟାଦି ସବୁକିଛି, କେବଳ କାର୍ଯ୍ୟରେହିଁ ସବୁଯାକ ସମୟ ଦେବାକୁ ଇଚ୍ଛା ହୁଏ । ମାତ୍ର ମୋ' ବୁଦ୍ଧି ଏହାକୁ ଗ୍ରହଣ କରିପାରେ ନାହିଁ । ଏହି ଧାରଣାଟି କେଉଁଠୁ କାହିଁକି ମୋ' ଭିତରକୁ ଆସୁଛି ?*

ଏହି କ୍ଷେତ୍ରରେ ତୁମର ବୁଦ୍ଧିହିଁ ଠିକ୍ କଥା କହୁଛି । ବାହାରର ପ୍ରକୃତିରେ ଅନେକ ସମୟରେ ଏକ ତାମସିକ ପ୍ରବୃତ୍ତି ରହିଥାଏ, ଯାହାକି ଅଧିକ ଜଟିଳ ପରିସ୍ଥିତିଗୁଡ଼ିକୁ ସଂଗଠିତ କରିବାର ଉଦ୍ୟମଟିକୁ ଏଡ଼ି ରହିଯିବାର ଅଭିପ୍ରାୟରେ ଜୀବନର ସ୍ଥିତିଗୁଡ଼ିକୁ ଅତ୍ୟନ୍ତ ସରଳ କରିପକାଏ । ମାତ୍ର, ଜଣେ ବ୍ୟକ୍ତି ଯଦି ସତ୍ତାର ସମଗ୍ର କ୍ଷେତ୍ରରେହିଁ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଏ, ତେବେ ଏପରି ଏକ ସରଳୀକରଣର ସପକ୍ଷରେ କ୍ୱଚିତ୍ କୌଣସି ପରାମର୍ଶ ଦେଇହୁଏ ।

*୧୯ ଅଗଷ୍ଟ ୧୯୬୪*

*ସ୍ନେହମୟି ମାଆ,*

*ବାସନା ଏବଂ ଆସକ୍ତିଗୁଡ଼ିକ ଉପରେ ବିଜୟ ଲାଭ କରିବା ଲାଗି ସବୁଠାରୁ ଅଧିକ ଫଳପ୍ରଦ ବାଟଟି କ'ଣ ? ଗୋଟାଏ ଚୋଟରେ ସେଗୁଡ଼ିକୁ କାଟି ପକାଇବା,*

*ଏପରିକି ନିଜେ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ ହୋଇଯିବାର ଭୟ ରହିଥିଲେ ମଧ୍ୟ ସେଗୁଡ଼ିକୁ କାଟି ପକାଇବା ଅଥବା, ସେଗୁଡ଼ିକର ଗୋଟି ଗୋଟି କରି ବିଲୋପସାଧନ କରି ଧୀର ଅଥଚ ସୁନିଶ୍ଚିତ ଭାବରେ ଅଗ୍ରସର ହେବା ?*

ଏହି ଦୁଇଟିଯାକ ବାଟ ସମାନ ଭାବରେ ଅଫଳପ୍ରଦ । ଏହି ଦୁଇଟି ଉପାୟ ଦ୍ୱାରା ସାଧାରଣତଃ ଏହି ଫଳ ହୋଇଥାଏ ଯେ, ତୁମେ ନିଜକୁ ପ୍ରତାରିତ କରିବାରେ ଲାଗିଥାଅ, ଧୋକା ଦେଉଥାଅ ଯେ ତୁମେ ନିଜର ବାସନାଗୁଡ଼ିକ ଉପରେ ବିଜୟ ହାସଲ କରିପାରିଛ, ମାତ୍ର ବସ୍ତୁତଃ ଖୁବ୍ ବେଶୀ ହେଲେ ତୁମେ ସେଗୁଡ଼ିକ ଉପରେ ଚକାମାଡ଼ି ବସିହିଁ ଯାଇଥାଅ – ସେମାନେ ତୁମ ଅବଚେତନ ଭିତରେ ଅବଦମିତ ହୋଇ ରହିଥାନ୍ତି, ଶେଷରେ ସେହିଠାରେ ବିସ୍ଫୋଟନ ଘଟାନ୍ତି ଏବଂ ସମସ୍ତ ସତ୍ତାର କ୍ଷେତ୍ରରେ ଏକ ଭୂମିକମ୍ପର ସୃଷ୍ଟି କରିଥାନ୍ତି ।

ନିଜ **ଭିତରୁ** ତୁମକୁ ନିଜ ନିମ୍ନତର ପ୍ରକୃତି ଉପରେ ସ୍ୱାମିତ୍ୱ ଅର୍ଜନ କରିବାକୁ ପଡ଼ିବ । ଦିବ୍ୟ ପରମ ଆଲୋକ ଏବଂ ଶକ୍ତିର ପ୍ରଭାବାଶ୍ରୟରେ ରହିଥିବା ହେତୁ ସକଳ ବାସନା ତଥା ଆସକ୍ତିରୁ ମୁକ୍ତ ରହିଥିବା ଏକ କ୍ଷେତ୍ରରେ ଦୃଢ ଭାବରେ ଆପଣାର ଚେତନାକୁ ପ୍ରତିଷ୍ଠିତ କରି ରଖି ତୁମେ ତାହା କରିପାରିବ । ଏଥିଲାଗି ତୁମକୁ ଦୀର୍ଘ ଓ କଠିନ ଶ୍ରମ କରିବାକୁ ପଡ଼ିବ ଏବଂ ଏକ ଅବିଚଳ ଆନ୍ତରିକତା ଓ ଶ୍ରାନ୍ତିହୀନ ଅଧ୍ୟବସାୟ ସହିତ ତାହା କରିବାକୁ ହେବ ।

ସେକଥା ଯାହା ହୋଇଥାଉ ପଛକେ, ତୁମେ ଯେତିକି ପୂର୍ଣ୍ଣତା ହାସଲ କରିବ, ତାହାଠାରୁ ଅଧିକ ପୂର୍ଣ୍ଣତା ହାସଲ କରିଥିବାର ଛଳନା କରିବାକୁ ତୁମେ କଦାପି ମନ କରିବ ନାହିଁ ଏବଂ ମିଥ୍ୟା ପ୍ରତିଭାସଗୁଡ଼ିକରେ ସନ୍ତୋଷ ଲାଭ କରିବାକୁ ତୁମେ ଆହୁରି କମ୍ ଆଗ୍ରହ ପ୍ରକାଶ କରିବ ।

*୨୬ ଅଗଷ୍ଟ ୧୯୬୪*

*ସ୍ନେହମୟି ମାଆ,*

*ଅତ୍ୟନ୍ତ ଗ୍ରହଣଶୀଳ ହୋଇ ରହିଥିବା ବେଳେ ଅତ୍ୟନ୍ତ ସହଜରେ ଦୁଃଖ-ଭୋଗର ଶିକାର ହେବାକୁ ହୋଇଥାଏ । ଏହି ଗ୍ରହଣଶୀଳତା ଏକ ବଳସମ୍ପନ୍ନ ଅହଂର ସଙ୍କେତ ହୋଇଥିବାରୁ, ଆମେ ସେହି ଅହଂକୁ ବିଲୁପ୍ତ କରିପାରିବା କିପରି ?*

ଗ୍ରହଣଶୀଳତା ଏକ ବଳସମ୍ପନ୍ନ ଅହଂର ସଙ୍କେତ ବୋଲି ତୁମେ କାହିଁକି କହୁଛ ? ଏହି କଥାଟି ପଛରେ ଆଦୌ କୌଣସି ପ୍ରମାଣ ଥିବାପରି ଲାଗୁ ନାହିଁ । ପୁନଶ୍ଚ, ଗ୍ରହଣଶୀଳତା

ମଧ୍ୟ ନାନା ବିଧ । କେତେକ ଗ୍ରହଣଶୀଳତା ଦୁର୍ବଳତାରୁ ନିଷ୍ପନ୍ନ ହୋଇଥାଏ, ଅନ୍ୟଗୁଡ଼ିକ,– ସବୁଠାରୁ ଉତ୍ତମଗୁଡ଼ିକ – ଏକ ସୁରୁଚିସମ୍ପନ୍ନତାରୁ ମଧ୍ୟ ଆସିଥାଏ । ଅହଂ ସାଧାରଣତଃ ବ୍ୟକ୍ତିର ବିକାଶକୁ ଆପଣାର ନିୟନ୍ତ୍ରଣରେ ରଖିଥାଏ, ମାତ୍ର ସବୁଠାରୁ ଅଧିକ ପରିମାଣରେ ବିକାଶପ୍ରାପ୍ତ ବ୍ୟକ୍ତିତ୍ୱମାନଙ୍କ ଭିତରେ ସର୍ବଦା କଦାପି ଅହଂ ସର୍ବବଳଶାଳୀ ହୋଇ ରହି ନ ଥାଏ । ଏହି କ୍ଷେତ୍ରରେ ପ୍ରକୃତରେ ବିପରୀତ କଥାଟିହିଁ କୁହାଯାଇପାରିବ । ବ୍ୟକ୍ତିତ୍ୱ ଅଧିକରୁ ଅଧିକ ପରିପୂର୍ଣ୍ଣତା ଅର୍ଜନ କରିବା ସଙ୍ଗେ ସଙ୍ଗେ ଅହଂର କ୍ଷମତା ହ୍ରାସ ହେବାରେ ଲାଗେ ଏବଂ ବସ୍ତୁତଃ, ଏହିପରି ଅଧିକରୁ ଅଧିକ ପୂର୍ଣ୍ଣତା ଅର୍ଜନ କରିହିଁ ଜଣେ ବ୍ୟକ୍ତି ଦିବ୍ୟ ହେବାର ଏପରି ଏକ ସ୍ଥିତିରେ ଆସି ପହଞ୍ଚିଯାଏ, ଯାହାକି ତାକୁ ଅହଂର କବଳରୁ ମୁକ୍ତି ଆଣିଦିଏ ।

୨ ସେପ୍ଟେମ୍ବର ୧୯୬୪

*ସ୍ନେହମୟି ମାଆ,*

*ବ୍ୟକ୍ତିଗତ ଏବଂ ସାମୂହିକ ଅଗ୍ରଗତି ହେଉଛି କି ନାହିଁ, ଆମେ ସେକଥା ଜାଣିବୁ କିପରି ?*

ଜଣେ ଯେଉଁ ଅଗ୍ରଗତି କରୁଛି, ତାହାର ପରିମାଣ କଳନା ନ କରିବାହିଁ ସର୍ବଦା ଅଧିକ ଉଚିତ ହେବ, କାରଣ ତଦ୍ଦ୍ୱାରା ଅଗ୍ରଗତି କରିବାରେ ଆଦୌ କୌଣସି ସହାୟତା ମିଳେ ନାହିଁ, ବିପରୀତହିଁ ହୋଇଥାଏ । ଅଗ୍ରଗତି ନିମନ୍ତେ ରହିଥିବା ଅଭୀପ୍ସା ଯଦି **ନିଷ୍ଠାପର** ହୋଇଥାଏ, ତେବେ ତାହା ଅବଶ୍ୟ ଫଳପ୍ରସୂ ହୁଏ । ମାତ୍ର, ବ୍ୟକ୍ତିଗତ ଅଥବା ସାମୂହିକ, ଯେଉଁ ଭାବରେ ହେଉ, ଯେତିକି ଅଗ୍ରଗତି ହୋଇ ସାରିଥାଏ, ତା' ତୁଳନାରେ ଆଗକୁ ତଥାପି ବାକି ରହିଥିବା ବାଟଟି ବହୁତ ବେଶୀ, ଏଣୁ ବାଟରେ ଅଟକି ଅତିକ୍ରମ କରିଥିବା ବାଟର କଳନା କରିବା ଲାଗି ଆଦୌ କୌଣସି କାରଣହିଁ ନ ଥାଏ ।

କିଛି ନା କିଛି ଅଗ୍ରଗତି କରିଥିବାର ଜ୍ଞାନ ଅବଶ୍ୟ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସିବା ଉଚିତ । କିଛି କାଳ ପୂର୍ବେ ମୁଁ ଯାହା ଥିଲି, ତାହାର ତୁଳନାରେ ମୁଁ ବର୍ତ୍ତମାନ କେଉଁଠି ଆସି ପହଞ୍ଚିଛି, ତାହାର ଏକ ହଠାତ୍ ଏବଂ ଅପ୍ରତ୍ୟାଶିତ ସଜ୍ଞାନତା ଲାଭ ଦ୍ୱାରାହିଁ ତାହା ସମ୍ଭବ ହୁଏ । ସେତିକିହିଁ ଯଥେଷ୍ଟ – ମାତ୍ର, ସେତିକି ସକାଶେ ମଧ୍ୟ ଚେତନାର ଏକ ପ୍ରଭୂତ ପରିମାଣର ବିକାଶ ଆବଶ୍ୟକ ହୋଇଥାଏ ।

*୯ ସେପ୍ଟେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଗତ ଥର ମୁଁ ପ୍ରଶ୍ନଟିକୁ ବଡ଼ ଅବିନ୍ୟସ୍ତ ଭାବରେ ପଚାରିଥିଲି । ଜଣେ କେତେ ଦୂର ଅଗ୍ରଗତି କରିଛି, ଅର୍ଥାତ୍ ଅତୀତର କ'ଣ କେତେ ଦୂର ଫଳ ଫଳିଛି, ମୁଁ ସେକଥା ଭାବି ନ ଥିଲି । ମାତ୍ର, ଜଣେ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ମୁଁ ସେହି କଥାଟିକୁ ଭାବିଥିଲି । ମୁଁ ଯେତେ ବାଟ ଅତିକ୍ରମ କରି ଆସିଲିଣି ତା'ର କୌଣସି କଳନା କରିବାକୁ ଇଚ୍ଛା କରୁ ନାହିଁ; ମାତ୍ର ମୁଁ ଜାଣିବାକୁ ଚାହୁଁଛି, ଏହି ବାଟଟି ଉପରେ ମୁଁ ଅବିଚ୍ଛିନ୍ନ ଭାବରେ ଆଗକୁ ଆଗକୁ ଯାଉଛି କି ନାହିଁ, ଆଦୌ ଅଟକି ନ ଯାଇ ଅଗ୍ରସର ହେଉଛି କି ନାହିଁ ।*

ଏହି ଅଗ୍ରଗତି କ୍ୱଚିତ୍ ଏକ ସରଳରେଖାରେ ବା ଅବିଚ୍ଛିନ୍ନ ରେଖାରେ ହୋଇଥାଏ, କାରଣ ଗୋଟିଏ ମନୁଷ୍ୟ ବହୁ ଭିନ୍ନ ଭିନ୍ନ ଭାଗକୁ ଏକାଠି କରି ନିର୍ମିତ ହୋଇଥାଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସମୟରେ ଏ ଭାଗଟି ଅଥବା ସେ ଭାଗଟି ଅଗ୍ରଗତି କରୁଥାଏ ଏବଂ ଅନ୍ୟ ଭାଗଗୁଡ଼ିକ ସେଗୁଡ଼ିକର ସମୟ ଆସିବା ପର୍ଯ୍ୟନ୍ତ ନିଷ୍କ୍ରିୟ ହୋଇ ରହିଥାନ୍ତି । ଏକ ସମଗ୍ର ଦୃଷ୍ଟି ଲାଭ କରି ପାରିବା ଅନୁରୂପ ଚେତନାର ଅଭିବୃଦ୍ଧି ସମ୍ଭବ ହେଲେ ଯାଇ ବ୍ୟକ୍ତି ଯାହାକିଛି ଘଟୁଛି, ନିର୍ଭୁଲ ଭାବରେ ତାହାକୁ ଦେଖିବାରେ ସମର୍ଥ ହୁଏ । ମାତ୍ର, ଉତ୍ତରୋତ୍ତର ତଥା ନିୟମିତ ଭାବରେ ଜଣେ ଆଗକୁ ଯାଉଛି କି ନାହିଁ, ତାହା ଜାଣିବାକୁ ହେଲେ ତାକୁ ଆପଣା ଅଭୀପ୍ସାର ଅଗ୍ନିଶିଖାଟିକୁ ସଦାପ୍ରଜ୍ୱଳିତ କରି ରଖିବାକୁ ହୁଏ ।

*୧୬ ସେପ୍‌ଟେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଜପର କି ଉପଯୋଗିତା ରହିଛି ? ଧ୍ୟାନ କରି ବସିବା ବେଳେ, ନିଜ ଭିତରେ ନୀରବତା ଓ ଶାନ୍ତି ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ''ନୀରବତା'' ଓ ''ଶାନ୍ତି'' ପ୍ରଭୃତି ଶବ୍ଦର ପୁନଃ ପୁନଃ ଆବୃତ୍ତି କରିବା ଉଚିତ କି ?*

ଶବ୍ଦଗୁଡ଼ିକର କେବଳ ପୁନଃ ପୁନଃ ଆବୃତ୍ତିରେ ବିଶେଷ ଫଳ ଫଳିବ ନାହିଁ ।

ଜପର ବହୁବିଧ ପ୍ରାଚୀନ ଏବଂ ପାରମ୍ପରିକ ପଦ୍ଧତିମାନ ରହିଛି । ନିମ୍ନତର ମନକୁ ବଶରେ ଆଣି ଉଚ୍ଚତର ଶକ୍ତି କିଂବା ଦେବତାମାନଙ୍କ ସହିତ ଏକ ସଂଯୋଗ ସ୍ଥାପନ କରିବା ଯାହାର ଉଦ୍ଦେଶ୍ୟ ହୋଇ ରହିଥାଏ । ଏହି ଜପସବୁ ଗୁରୁଙ୍କ ଦ୍ୱାରା ପ୍ରଦତ୍ତ ହେବା ଆବଶ୍ୟକ, ଗୁରୁହିଁ ଯୁଗପତ୍ ଭାବରେ ସେଗୁଡ଼ିକୁ ଉପଲବ୍ଧିର ଶକ୍ତି ଦ୍ୱାରା ଅନୁପ୍ରାଣିତ କରି

ରଖିଥାନ୍ତି । ଯେଉଁମାନେ ସଘନ ଭାବରେ ଯୋଗର ସାଧନା କରିବାକୁ ଚାହାନ୍ତି ଏବଂ ଯୋଗମାର୍ଗୀୟ ଅଗ୍ରଗତି ନିମନ୍ତେ ଦିନକୁ ପାଞ୍ଚ ଛଅଘଣ୍ଟା ସମୟ ଦେଇପାରନ୍ତି, କେବଳ ସେହିମାନଙ୍କ ଲାଗି ଏହାର ଉପଯୋଗିତା ରହିଛି ।

ତୁମେ ଯେଉଁ ଭଳି ଜପର ବର୍ଣ୍ଣନା ଦେଇଛ, ଏକ ତାମସିକ ଶୂନ୍ୟଭାବତାର ସୃଷ୍ଟି କରିବା ବ୍ୟତୀତ ତଦ୍ୱାରା ଖୁବ୍ ବେଶୀ ଫଳ ହେବ ନାହିଁ । ଏବଂ, ତାହାକୁ ମାନସିକ ନୀରବତା ବୋଲି ଭ୍ରମ କରିବା ମଧ୍ୟ ଉଚିତ ହେବ ନାହିଁ ।

*୨୩ ସେପ୍ଟେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ମୁଁ ଶୁଣିଲି, ଜଣେ ଜ୍ୟୋତିର୍ବିଦ୍ ଭବିଷ୍ୟବାଣୀ କରି କହିଛନ୍ତି ଯେ, ଛଅମାସ ଭିତରେ ଲାଲବାହାଦୁର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ପଦରୁ ଚାଲିଯିବେ ଏବଂ ତାହା ପରେ ଇନ୍ଦିରାଗାନ୍ଧି ସେହି ପଦକୁ ଆସିବେ । ମାତ୍ର ସେ ସେଠାରେ କେବଳ ପନ୍ଦର ଦିନ ପାଇଁ ରହିବେ । ତା'ପରେ ସରକାରରେ କିଛି ଦିନ ଯାଏ ଏକ ଅରାଜକତା ଲାଗି ରହିବ । ତା' ପରେ ଜଣେ ତରୁଣଙ୍କର ସେହି ଦୃଶ୍ୟ ପଟରେ ଆବିର୍ଭାବ ହେବ, ଯିଏକି ପ୍ରଭୂତ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସମ୍ପନ୍ନା ଜଣେ ମହିଳାଙ୍କଠାରୁ ଆସୁଥିବା ଏକ ଦିବ୍ୟ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଆପଣ ଏହି ବିଷୟରେ କ'ଣ ଭାବୁଛନ୍ତି ?*

ଲୋକମାନେ ଅନେକ କଥା କହନ୍ତି — ବିଶେଷ କରି ଜ୍ୟୋତିଷ ଜାଣିଥିବା ଲୋକେ ।

ଆମେ କେବଳ ଅପେକ୍ଷା କରିବା; ଯାହା ଘଟିବ, ଆମେ ନିଶ୍ଚୟ ଦେଖିବା ।

*୩୦ ସେପ୍ଟେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ମୁଁ ଯାହା କରୁଛି ତାହା ଠିକ୍ ଏବଂ ଆନ୍ତରିକତା ସହିତ କରୁଛି ବୋଲି ଯଦି ଜଣେ ନିଶ୍ଚିତ ହୋଇ ରହିଥାଏ, ତେବେ ସେ କରିଥିବା କୌଣସି ଭୁଲ୍ କିଂବା ମନ୍ଦ କାର୍ଯ୍ୟ କ୍ଷମଣୀୟ ହେବ କି ? ମୁଁ ଭୁଲ୍ କରୁଛି ବୋଲି ଜଣେ କିପରି ଜାଣି ପାରିବ ?*

ଜଣେ ଭୁଲ୍ କାମ କରୁଛି, ଏହି କଥାଟିହିଁ ପ୍ରମାଣ କରି ଦେଉଛି ଯେ ତା' ସତ୍ତାର କୌଣସି ନା କୌଣସି ଭାଗରେ ଆନ୍ତରିକତାର ଅଭାବ ରହିଛି । କାରଣ ଚୈତ୍ୟ ସତ୍ତା ପ୍ରକୃତରେ

**ଜାଣେ** ଏବଂ କଦାପି ଭୁଲ୍ କରେ ନାହିଁ । ମାତ୍ର ଅଧିକାଂଶ ସମୟରେ, ଆମେ ତା'ର କଥାକୁ କର୍ଣ୍ଣପାତ କରୁ ନାହିଁ କାରଣ ତାହା ଆମକୁ ଆଦୌ କୌଣସି ତୀବ୍ରତା କିଂବା ଦୁରାଗ୍ରହ ନ ଦେଖାଇ ଯାହା କହିବାର କହିଥାଏ – କେବଳ ହୃଦୟର ଗଭୀରରେ ଏକ କ୍ଷୀଣ ମର୍ମରହିଁ ଶୁଣାଯାଏ, ଯାହାକୁ କି ଅତି ସହଜରେ ଏଡ଼ି ଦେଇ ହୁଏ ।

ତଥାପି,ଏପରି ଏକାଧିକ କ୍ଷେତ୍ର ରହିଛି, ଯେଉଁଠାରେ କି ଜଣେ ବ୍ୟକ୍ତି **ଅଜ୍ଞାନ ହେତୁ** ଅନୁଚିତ କାର୍ଯ୍ୟ କରିଥାଏ ଏବଂ, ଅଜ୍ଞାନର ସ୍ଥାନରେ ଜ୍ଞାନର ପୁନଃ ସ୍ଥାପନ ହେବା ସଙ୍ଗେ ସଙ୍ଗେ ଏହି ଭୁଲଟି ମଧ୍ୟ ଅନ୍ତର୍ହିତ ହୋଇଯାଏ ଏବଂ କାର୍ଯ୍ୟ କରିବାର ଧାରାଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଏ । ଆପଣାର ଅଜ୍ଞାନରେ ଜଣେ ବ୍ୟକ୍ତି ''କ୍ଷମା'' ବୋଲି କହିଥାଏ, ତଦ୍ଦ୍ୱାରା ଆମେ କରିଥିବା ଭୁଲଗୁଡ଼ିକର ଅନ୍ତର୍ହିତ ଓ ବିଲୁପ୍ତ ହୋଇ ଯିବାକୁହିଁ ବୁଝିବା ।

*୭ ଅକ୍ଟୋବର ୧୯୬୪*

*ସ୍ନେହମୟି ମାଆ,*

*ଏପରି ଅନେକ ମୁହୂର୍ତ୍ତ ଆସେ, ଯେତେବେଳେ କି ମୁଁ ଇଚ୍ଛା କରୁ ନ ଥିଲେ ମଧ୍ୟ ଦ୍ୱେଷର ଏକ କ୍ଷୁଦ୍ର କୃଷ୍ଣମେଘର ଉଦୟ ହୋଇ ଆସେ ଏବଂ ମୋର କର୍ମସମୟର କର୍ମଗୁଡ଼ିକୁ ବିପର୍ଯ୍ୟସ୍ତ କରିଦିଏ । ବୁଦ୍ଧି ଦ୍ୱାରା ମୁଁ ସେହି ମେଘଖଣ୍ଡକୁ ବିଦୂରିତ କରିଦିଏ ସତ, ମାତ୍ର ତଥାପି ତାହାର ପ୍ରଭାବଟା ରହିଯାଏ ଏବଂ ମୋତେ କିଞ୍ଚିତ୍ ପରିମାଣରେ ବିମର୍ଷ ଏବଂ ବିରକ୍ତିପୂର୍ଣ୍ଣ କରି ରଖିଥାଏ ।*

*ଏଥିରୁ ମୁକ୍ତି ମିଳିବ କିପରି ?*

ଆପଣାର ଚେତନାକୁ ଅଧିକ ପ୍ରଶସ୍ତ ଏବଂ ବିଶ୍ୱଜନୀନ କରିଦେବା ଦ୍ୱାରା ।

ଆଉ ଗୋଟିଏ ଉପାୟ ମଧ୍ୟ ରହିଛି, ମାତ୍ର ତାହା ଆହୁରି ଅଧିକ କଷ୍ଟକର । ଏହା ହେଉଛି ସର୍ବୋଚ୍ଚ ପରମ ଏକତ୍ୱର ଉପଲବ୍ଧି ଦ୍ୱାରା ।

*୧୪ ଅକ୍ଟୋବର ୧୯୬୪*

*ସ୍ନେହମୟି ମାଆ,*

*ଲୋକମାନେ ସର୍ବଦା ଆମକୁ ଏହି ପ୍ରଶ୍ନଟି ପଚାରନ୍ତି : ''ଆପଣମାନେ ସମାଜ ପାଇଁ ଓ ଏପରିକି ପଣ୍ଡିଚେରୀ ଲୋକଙ୍କ ପାଇଁ ମଧ୍ୟ କ'ଣ କରୁଛନ୍ତି ? ଆପଣମାନେ କେବଳ ନିଜର ଗୋଷ୍ଠୀ ଓ ନିଜର ଅଗ୍ରଗତି ବିଷୟରେ ବ୍ୟସ୍ତ*

*ହୋଇ ରହିଛନ୍ତି । ଆଶ୍ରମ ବାହାରେ ଆପଣମାନଙ୍କ ଲାଗି କେଉଁଠି କିଛି ହେଲେ ନାହିଁ । ଏହା ଅଲଗା ରହିବାର ଏକ ପ୍ରକାର ପ୍ରବୃତ୍ତି ନୁହେଁ କି, ଗୋଟିଏ ପ୍ରକାରର ଅହଂମୟ ଜୀବନ ନୁହେଁ କି ?''*

ଏହି ପ୍ରକାରର ପ୍ରାୟ ନିର୍ବୋଧ ପ୍ରଶ୍ନଟିର ଉତ୍ତର ଦେଇ ଶ୍ରୀଅରବିନ୍ଦ ସବର୍ଦା କହୁଥିଲେ :

''ସର୍ବୋଚ୍ଚ ପରମକର୍ତ୍ତା ହେଉଛନ୍ତି ସବୁଠାରୁ ବଡ଼ ଅହଙ୍କାରୀ, କାରଣ ସେ କେବଳ ନିଜ ବ୍ୟତୀତ ଆଉ ଅନ୍ୟ କୌଣସି ବିଷୟରେ ଆଦୌ ବ୍ୟସ୍ତ ନ ଥାନ୍ତି !''

*୨୭ ଅକ୍ଟୋବର୍ ୧୯୬୪*

*ସ୍ନେହମୟି ମାଆ,*

*ଧ୍ୟାନ ସମୟରେ ଏପରି କେତେକ ମୁହୂର୍ତ୍ତ ଆସେ, ଯେତେବେଳେ କି ମୁଁ ଅନୁଭବ କରେ ଯେ, ମୋ' ଭିତରେ କୌଣସି ଉପାଦାନଟିଏ ଅନେକ ଉପରକୁ ଉଡ଼ିଯାଇ ପୂର୍ଣ୍ଣ ସ୍ୱତନ୍ତ୍ରତା ଉପଭୋଗ କରିବାକୁ ଇଚ୍ଛା କରୁଛି । ସର୍ବୋଚ୍ଚ ପରମ ଆନନ୍ଦର ଉପଭୋଗ କରିବା ଲାଗି ଆତ୍ମା ଭିତରେ ଗୋଟିଏ ପ୍ରକାରର ଉତ୍ସାହ (ଏହି ଉତ୍ସାହ ଆତ୍ମାରୁ ଆସୁଛି କି ନାହିଁ ମୁଁ ଜାଣେ ନାହିଁ) ରହିଛି ଏବଂ ଜୀବନର ବାସ୍ତବତାକୁ ପାସୋରି ପକାଇବାକୁ ଇଚ୍ଛା କରୁଛି । ଏହି ସବୁକିଛିର ତାତ୍ପର୍ଯ୍ୟ କ'ଣ ?*

ଯେଉଁସବୁ ମୁହୂର୍ତ୍ତରେ ତୁମେ ଜଡ଼ସ୍ଥ ଜୀବନ ପ୍ରତି ଆସକ୍ତ ହୋଇ ରହିଥାଅ ଏବଂ କେବଳ ସେହିଟିକୁହିଁ ବୁଝିଥାଅ ଏବଂ ମୂଲ୍ୟ ଦେଉଥାଅ, ଏହା ହେଉଛି ସେହି ମୁହୂର୍ତ୍ତଗୁଡ଼ିକର ଏକ ସ୍ୱାଭାବିକ ଓ ଅପରିହାର୍ଯ୍ୟ ପ୍ରତିରୂପ (ଏହି ମୁହୂର୍ତ୍ତଗୁଡ଼ିକ ବହୁସଂଖ୍ୟକ ଏବଂ ମୁହୁର୍ମୁହୁଃ ଆସନ୍ତି) । ସମଗ୍ର ଓ ସମନ୍ୱୟକାରୀ ସତ୍ୟର ଯଥାର୍ଥ ସ୍ଥିତିଟି ଉପଲବ୍ଧ ହେବା ପର୍ଯ୍ୟନ୍ତ ଅନୁଭୂତି ମଧ୍ୟରେ ଏହି ଦୁଇଟିଯାକ ଚରମ ଭାବନା ଗୋଟିକ ପରେ ଗୋଟିଏ ହୋଇ ଆସିବାରେ ଲାଗିଥାନ୍ତି ।

ଯେଉଁଟିକୁ ସକଳ ପରିସ୍ଥିତିରେ ଅନୁଭବ କରାଯାଏ, କେବଳ ତାହାହିଁ ଯଥାର୍ଥ ସ୍ୱାଧୀନତା ଦେଇପାରେ ।

*୨୮ ଅକ୍ଟୋବର ୧୯୬୪*

*ସ୍ନେହମୟି ମାଆ,*

*ସତ୍ତାର ଗୋଟିଏ ଭାଗ ଦିବ୍ୟ ପରମସତ୍ତାଙ୍କ ଲାଗି ଅଭୀପ୍ସା ରଖିଛି ଏବଂ*

*ତାଙ୍କୁ ପାଇବା ଲାଗି ଇଚ୍ଛା କରୁଛି । ମାତ୍ର ଅନ୍ୟ ଭାଗଟି ଏତେ ବେଶୀ ତାମସିକ ଏବଂ ଗୁରୁ ହୋଇ ରହିଛି ! ଏହାକୁ ଜାଗ୍ରତ କରାଯାଇ ପାରିବ କିପରି ? ଏଥିପାଇଁ କେଉଁଭଳି ଆଘାତମାନ ଆବଶ୍ୟକ ? ଏକଥା ମଧ୍ୟ ସତ ନୁହେଁ ଯେ ଏହି ଭାଗଟି ଦିବ୍ୟ ପରମସତ୍ତାଙ୍କର ବିରୋଧୀ ହୋଇ ରହିଛି – ଏହା ତାଙ୍କ ଲାଗି ଆଦୌ କୌଣସି ଆଗ୍ରହ ରଖିଥିଲା ପରି ବି ମନେ ହେଉ ନାହିଁ (ଏହା ତ ଆହୁରି ଅଧିକ ଖରାପ) ।*

ଏହା ହେଉଛି ବସ୍ତୁତଃ ସମ୍ପୂର୍ଣ୍ଣ ଜଡ଼ତାର ନିଦର୍ଶନ । ଶ୍ରୀଅରବିନ୍ଦ ଲେଖିଛନ୍ତି : ‘‘ଯଦି ତୁମେ ପରମେଶ୍ୱରଙ୍କୁ ଭଲ ପାଇ ପାରୁ ନାହଁ, ଅନ୍ତତଃ ତାଙ୍କ ସହିତ ଯୁଦ୍ଧ କରିବାର ଏକ ଉପାୟ ବାହାର କର, ଯେପରିକି ସେ ତୁମର ଶତ୍ରୁ ହୋଇପାରିବେ ।’’* (ଏହାର ତାତ୍ପର୍ଯ୍ୟ ହେଉଛି ଯେ, ସେ ତୁମକୁ ନିଶ୍ଚୟ ଜୟ କରିନେବେ) ଏଇଟି ଏକ ବିନୋଦପୂର୍ଣ୍ଣ ମନ୍ତବ୍ୟ, ମାତ୍ର ଏହାର ଅର୍ଥ ହେଉଛି ଯେ, ଯାବତୀୟ ସ୍ଥିତି ମଧ୍ୟରେ ଜଡ଼ତା ହେଉଛି ସବୁଠାରୁ ଅଧିକ ଖରାପ ।

ଏକମାତ୍ର ପ୍ରତିକାର ହେଉଛି ଅଭୀପ୍ସା – ଏଭଳି ଗୋଟିଏ ଅଭୀପ୍ସା ଯାହାକି ଏକ ପ୍ରତ୍ୟକ୍ଷ ଅଗ୍ନିଶିଖା ପରି ଉର୍ଦ୍ଧ୍ୱକୁ ଜଳି ଉଠେ ଏବଂ ସତ୍ତାର ସକଳ ଅଶୁଦ୍ଧତାକୁ ଜାଳିଦିଏ ।

*୪ ନଭେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଅନେକ ଲୋକ ଆଶ୍ରମ ଛାଡ଼ି ଚାଲି ଯାଉଛନ୍ତି,– କୌଣସି କର୍ମ ଜୀବନ ଖୋଜିବାକୁ ଅଥବା ଅଧ୍ୟୟନ କରିବାକୁ ଯାଉଛନ୍ତି । ଏବଂ, ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲାଦିନରୁହିଁ ଏଠାରେ ରହି ଆସିଥିଲେ । ଅନ୍ୟମାନଙ୍କୁ ଛାଡ଼ି ଚାଲିଯାଉଥିବାର ଦେଖିବାରୁ ଆମ ତରୁଣମାନଙ୍କ ଭିତରେ ଏକ ଅନିଶ୍ଚୟତା ଉଦୟ ହେଉଛି ଓ ସେମାନେ ଭାରି ସତର୍କ ହୋଇ କହୁଛନ୍ତି: ‘‘ମୋ’ର ଯେ ଦିନେ ପାଳି ନ ପଡ଼ିବ, ସେ କଥା କିଏ ଜାଣିଛି ?’’ ମୁଁ ଅନୁଭବ କରୁଛି, ଏହା ପଛରେ ଏକ ଅପଶକ୍ତି ରହିଛି । ସେଇଟି କ’ଣ ?*

---

* ସୂକ୍ତି ୪୧୯ : ‘‘ଯଦି ଭଗବାନ୍ ତୁମକୁ ଭଲ ପାଇବାଭଳି ପରିସ୍ଥିତିଟିଏ ତୁମେ ସୃଷ୍ଟି କରି ନ ପାରୁଛ, ତେବେ ତାଙ୍କୁ ତୁମ ସହିତ ଯୁଦ୍ଧ କରିବାକୁ ଦିଅ । ଯଦି ସେ ତୁମକୁ ପ୍ରେମିକର ଆଲିଙ୍ଗନ ନ ଦେବେ, ତେବେ ତାଙ୍କୁ ତୁମ ସହିତ କୁସ୍ତି ଲଢୁଥିବା ଜଣେ ବ୍ୟକ୍ତିର ଆଲିଙ୍ଗନ ଲାଗି ବାଟ ଛାଡ଼ିଦିଅ ।’’ (ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ), ୧୭ଶ ଖଣ୍ଡ, ପୃ. ୧୩୦)

ନିମ୍ନତର ପ୍ରକୃତିଟି ସକାଶେ ଏହି ଅନିଶ୍ଚୟତା ଆସୁଛି ଓ ଲୋକେ ଆଶ୍ରମ ଛାଡ଼ି ଚାଲି ଯାଉଛନ୍ତି । ସେହି ନିମ୍ନତର ପ୍ରକୃତିହିଁ ଯୋଗଶକ୍ତିର ପ୍ରଭାବଟିର ପ୍ରତିରୋଧ କରୁଛି ଏବଂ ଦିବ୍ୟ କର୍ମର ଗତିକୁ ମନ୍ଥର କରିଦେବାର ପ୍ରୟାସ କରୁଛି । କୌଣସି ଅସଦିଚ୍ଛା ସକାଶେ ନୁହେଁ, ମାତ୍ର, ଲକ୍ଷ୍ୟରେ ଯାଇ ପହଞ୍ଚିବାର ଉତ୍ସୁକ ବେଗରେ ଯେପରି କିଛି ହେଲେ ପାସୋର ଯିବ ନାହିଁ କିଂବା ଅବହେଳିତ ହୋଇ ରହିବ ନାହିଁ, ସେହି ବିଷୟରେ ସୁନିଶ୍ଚିତ ହୋଇ ରହିବା ଲାଗି ସେହି ପ୍ରୟାସଟି ହେଉଛି । ଏକ ସମଗ୍ର ଉତ୍ସର୍ଗ ଲାଗି ଅତି କମ୍ ଲୋକ ପ୍ରସ୍ତୁତ ଅଛନ୍ତି । ଏଠାରେ ଅଧ୍ୟୟନ କରିଥିବା ଅନେକ ପିଲାଙ୍କର ଦିବ୍ୟ କର୍ମ ଲାଗି ପ୍ରସ୍ତୁତ ହେବା ପୂର୍ବରୁ ଜୀବନ ସହିତ ସଂଗ୍ରାମ କରିବାର ଆବଶ୍ୟକତା ରହିଛି; ଏବଂ ସେହି କାରଣରୁହିଁ ସାଧାରଣ ଜୀବନର ପରୀକ୍ଷାର ସମ୍ମୁଖୀନ ହେବା ଲାଗି ସେମାନେ ଆଶ୍ରମରୁ ବାହାରକୁ ଚାଲି ଯାଉଛନ୍ତି ।

*୧୧ ନଭେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ମୋ'ର ନିଜକୁ ଦୋଷ ଦେବାର ଏକ ଅଭ୍ୟାସ ରହିଛି, ଯାବତୀୟ ଭୁଲ୍ ବୁଝାମଣା ପାଇଁ ନିଜକୁ ଦାୟୀ କରିବାର ଅଭ୍ୟାସଟିଏ ରହିଛି । ଏହାକୁ ଗୁଣ ନ କହି ବରଂ ଏକ ଦୁର୍ବଳତା ବୋଲି ହିଁ କୁହାଯିବ, କାରଣ ମୁଁ ଅନୁଭବ କରୁଛି ଯେ, କଥାଟିକୁ ଯଥାସମ୍ଭବ ଶୀଘ୍ର ତୁଟାଇ ଦେବାକୁହିଁ ମୁଁ ସେଗୁଡ଼ିକୁ ନିଜ ଉପରକୁ ନେଇଯାଉଛି । ଏହା ହେଉଛି ଏକ ପ୍ରକାରର ପଳାୟନବାଦ ।*

*ମାଆ, ମୋ'ର ଏକ ପ୍ରବଳ ହୀନମନ୍ୟତା ମଧ୍ୟ ରହିଛି ବୋଲି ମୁଁ ଅନୁଭବ କରୁଛି ।*

*ଏସବୁ କେଉଁଠାରୁ ଆସୁଛି ଏବଂ ମୁଁ କିପରି ଏହାକୁ ଅତିକ୍ରମ କରିପାରିବି ?*

ଏହି ସବୁକିଛି ତୁମ ଅହଂରୁ ଆସୁଛନ୍ତି, ଯାହାକି ଅତିମାତ୍ରାରେ ନିଜକୁ ନେଇ ବ୍ୟସ୍ତ ରହିଛି ଏବଂ ଅନ୍ୟକିଛି ଭାବିବା ପରିବର୍ତ୍ତେ ଆପଣାକୁ ଦୋଷ ଦେବା ଏବଂ ସମାଲୋଚନା କରିବାକୁହିଁ ଅତିମାତ୍ରାରେ ଅଧିକ କାମ୍ୟ ବୋଲି ଅନୁଭବ କରୁଛି । (ଉଦାହରଣ ସ୍ୱରୂପ, ତାହା ଦିବ୍ୟ ପରମସତ୍ତାଙ୍କ ବିଷୟରେ ତ ଚିନ୍ତା କରି ପାରନ୍ତା ।) ଏବଂ, ଏହିପରି ଭାବରେ ସେ ଆପଣାକୁ ଭୁଲି ଯିବାକୁ ଇଚ୍ଛା କରୁଛି ।

*୧୮ ନଭେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଜନ୍ମଦିନଟି ଏକ ସ୍ମୃତିବାହକ ଗୁଣ ବ୍ୟତୀତ ଆଉ କି ତାତ୍ପର୍ଯ୍ୟ ରହିଛି ? ଜଣେ ବ୍ୟକ୍ତି ଏହି ଅବସରଟିର କିଭଳି ସୁଯୋଗ ନେଇ ପାରିବ ?*

ବିଶ୍ୱଗତ ଶକ୍ତିଗୁଡ଼ିକର ଛନ୍ଦୋବଦ୍ଧତା ହେତୁ ଜଣେ ବ୍ୟକ୍ତିର ପ୍ରତ୍ୟେକ ବର୍ଷ ତା'ର ଜନ୍ମଦିନଟିରେ ଏକ ବିଶେଷ ଗ୍ରହଣଶୀଳତା ରହିଥାଏ ବୋଲି ଅନୁମାନ କରାଯାଏ ।

ତେଣୁ, ଉତ୍ତମ ସଂକଳ୍ପଗୁଡ଼ିକୁ ଗ୍ରହଣ କରି ଏବଂ ନିଜ ସମଗ୍ର ବିକାଶର ମାର୍ଗରେ ନୂତନ ଅଗ୍ରଗତି ସମ୍ଭବ କରି ସେ ଏହି ଗ୍ରହଣଶୀଳତାର ଲାଭ ଉଠାଇପାରିବ ।

*୨୫ ନଭେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଅନେକ ସମୟରେ, ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକୁ ପାଠ କରୁଛି କିଂବା ତାଙ୍କର କହିଥିବା କଥାକୁ ଶୁଣୁଛି, ସେତେବେଳେ ମୁଁ ବିସ୍ମୟରେ ଅଭିଭୂତ ହୋଇଯାଉଛି : ଏହି ଶାଶ୍ୱତ ସତ୍ୟ, ଅଭିବ୍ୟକ୍ତିର ଏହି ସୌନ୍ଦର୍ଯ୍ୟ କିପରି ମନୁଷ୍ୟମାନଙ୍କ ଉପରେ ପ୍ରଭାବ ନ ପକାଇ ଚାଲିଯାଇ ପାରିବ ! ଏହା ପ୍ରକୃତରେ ଅତ୍ୟନ୍ତ ବିଚିତ୍ର ଯେ, ସେ ଏପର୍ଯ୍ୟନ୍ତ ସ୍ୱୀକୃତ ହୋଇ ନାହାନ୍ତି, ଅନ୍ତତଃ ଜଣେ ସର୍ବୋଚ୍ଚ ସ୍ରଷ୍ଟା, ଶୁଦ୍ଧ କଳାକାର ଏବଂ ଉଚ୍ଚତମ କୋଟୀର ଜଣେ କାବ୍ୟକାର ହିସାବରେ ! ତେଣୁ ମୁଁ ନିଜକୁ ନିଜେ କହିବାରେ ଲାଗିଛି ଯେ, ମୋ'ର ବିଚାର ଓ ମୋ'ର ମୂଲ୍ୟବୋଧଗୁଡ଼ିକ ସେହି ପରମ ଗୁରୁଙ୍କ ପ୍ରତି ରହିଥିବା ଭକ୍ତି ଦ୍ୱାରାହିଁ ପ୍ରଭାବିତ ହୋଇଛି – ଏବଂ ସବୁ ବ୍ୟକ୍ତି ତାଙ୍କ ଅନୁରକ୍ତ ନୁହନ୍ତି । ଏହା ଏକ ସତ୍ୟୋକ୍ତି ବୋଲି ଆଦୌ ମୁଁ ଭାବୁ ନାହିଁ । ମାତ୍ର ତେବେ, ମନୁଷ୍ୟମାନଙ୍କ ହୃଦୟ କାହିଁକି ଏବେ ମଧ୍ୟ ତାଙ୍କର ବାଣୀଗୁଡ଼ିକ ଦ୍ୱାରା ବଶୀଭୂତ ହୋଇପାରି ନାହିଁ ?*

ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ ? ସିଏ ଏହି ବିଶ୍ୱ ପରି ସୁଦୂରବ୍ୟାପୀ ଏବଂ ତାଙ୍କର ଶିକ୍ଷା ହେଉଛି ଅସୀମ ...

ତାଙ୍କୁ ଆନ୍ତରିକ ଭାବରେ ଭଲ ପାଇବା ଏବଂ କାର୍ପଣ୍ୟରହିତ ହୋଇ ତାଙ୍କର କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଦେବା,– ତାଙ୍କର କିଞ୍ଚିତ୍ ସମୀପବର୍ତ୍ତୀ ହେବାର ଏଇଟି ଏକମାତ୍ର ଉପାୟ । ସେହି ଭାବରେ, ପ୍ରତ୍ୟେକ ବ୍ୟକ୍ତି ତା'ର ଯଥାସାଧ୍ୟ ପ୍ରୟାସ କରୁଥିବ

ଏବଂ ପୃଥିବୀର ଯେଉଁ ରୂପାନ୍ତର ବିଷୟରେ ଶ୍ରୀଅରବିନ୍ଦ ଭବିଷ୍ୟବାଣୀ କରି ଯାଇଛନ୍ତି, ତାହାରି ଲାଗି ନିଜର ଯଥାଶକ୍ତି ସହଯୋଗ ଦେଇ ଚାଲିଥିବ ।

*୨ ଡିସେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ନିଜର ମନଭିତରୁ ସବୁ ଭାବନାକୁ ବାହାର କରିଦେଇ ତାହାକୁ ଶୂନ୍ୟ କରି ଦେଇହେବ କିପରି ? ଧ୍ୟାନବେଳେ ସେଥିଲାଗି କୌଣସି ଚେଷ୍ଟା କଲେ, 'ମୁଁ ବର୍ତ୍ତମାନ କିଛି ଭାବିବି ନାହିଁ' ର ଭାବନାଟା ସେଠାରେ ସବୁବେଳେ ରହିଥାଏ ।*

ଧ୍ୟାନ **ସମୟରେ** ଆଦୌ ନୀରବ ହୋଇ ପାରିବାର ଶିକ୍ଷା କରିବା ଉଚିତ ନୁହେଁ । କାରଣ, ସେହି ପ୍ରୟାସଟିହିଁ ଏକ କୋଳାହଳ ସୃଷ୍ଟି କରି ରଖିଥାଏ ।

ତୁମକୁ ନିଜର ହୃଦୟରେହିଁ ନିଜ ଶକ୍ତିଗୁଡ଼ିକୁ ସଂକେନ୍ଦ୍ରିତ କରି ରଖିବା ଲାଗି ଶିକ୍ଷା କରିବାକୁ ହେବ । ତେବେ,— ଯେତେବେଳେ ସେଥିରେ ସଫଳ ହୋଇଯିବ, ସେତେବେଳେ ନୀରବତା ବଳେ ଆସିବ ।

*୯ ଡିସେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ କୌଣସି ସ୍ଥାନରେ କହିଛନ୍ତି ଯେ, ଯଦି ଆମେ ଦିବ୍ୟପରମକରୁଣା ପାଖରେ ନିଜକୁ ସମର୍ପିତ କରି ଦେବା, ତେବେ ଏହା ଆମ ଲାଗି ସବୁକିଛି କରିଦେବେ । ତେବେ ତପସ୍ୟାର ଆଉ କି ପ୍ରୟୋଜନ ଅଛି ?*

କୌଣସି ଏକ ବିଷୟ ସମ୍ବନ୍ଧରେ ଶ୍ରୀଅରବିନ୍ଦ କ'ଣ କହିଛନ୍ତି ବୋଲି ଯଦି ତୁମେ ଜାଣିବାକୁ ଇଚ୍ଛା କରୁଛ, ତେବେ, ସେହି ବିଷୟରେ ସେ ଯାହା ଯେତେ ଜାଗାରେ ଲେଖିଛନ୍ତି, ତୁମକୁ ଅନ୍ତତଃ ସେହି ସବୁଗୁଡ଼ିକୁ ପାଠ କରିବାକୁ ପଡ଼ିବ । ତୁମେ ସେତେବେଳେ ଦେଖିବାକୁ ପାଇବ ଯେ ସେ ଅତ୍ୟନ୍ତ ପରସ୍ପର ବିରୋଧୀ କଥାମାନ କହିଥିବା ପରି ମନେ ହେଉଛନ୍ତି । ମାତ୍ର, ଯେତେବେଳେ ସବୁଯାକ ପଢ଼ିସାରିବ ଏବଂ ସେଥିରୁ ଅଳ୍ପ କିଛି ବୁଝି ମଧ୍ୟ ପାରିବ, ସେତେବେଳେ ଜାଣିବ ଯେ ତାଙ୍କର ଯାବତୀୟ ବିରୋଧାଭାସ ପରସ୍ପରର ଅନୁପୂରକ ଭଳି କାର୍ଯ୍ୟ କରୁଛନ୍ତି ଏବଂ ଏକ ପୂର୍ଣ୍ଣ ସମନ୍ୱୟରେ ସଂଗଠିତ ଏବଂ ଏକତ୍ୱବଦ୍ଧ ହୋଇ ରହିଛନ୍ତି ।

ଏଠାରେ ଶ୍ରୀଅରବିନ୍ଦଙ୍କର ଆଉ ଏକ ଉଦ୍ଧୃତି ଦିଆଯାଉଛି, ଯାହା ଦର୍ଶାଇଦେବ ଯେ ତୁମର ପ୍ରଶ୍ନଟି ପ୍ରକୃତରେ ଏକ ଅଜ୍ଞାନପ୍ରସୂତ ପ୍ରଶ୍ନ । ଏଭଳି ଅନେକ ଉଦ୍ଧୃତି ରହିଛି, ଯେଉଁଗୁଡ଼ିକୁ ପଢ଼ିଲେ ତୁମେ ଲାଭବାନ୍ ହୋଇ ପାରିବ ଏବଂ ଯାହା ତୁମର ବୁଦ୍ଧିକୁ ଅଧିକ ଗ୍ରହଣଶୀଳ କରି ପାରିବ :

''ସମର୍ପଣ ପୂର୍ଣ୍ଣ ନ ହୋଇଥିଲେ ମାର୍ଜାର-ଶିଶୁର ମନୋଭାବ ଗ୍ରହଣ କରିବା ଆଦୌ ସମ୍ଭବ ହେବ ନାହିଁ । ସେତେବେଳେ ତାହା ଏକ ତାମସିକ ନିଷ୍କ୍ରିୟତା ହୋଇ ରହିଥିବ ଓ ନିଜକୁ ସମର୍ପଣ ବୋଲି କହୁଥିବ । ଆରମ୍ଭ ସମୟରେ ଏକ ପୂର୍ଣ୍ଣ ସମର୍ପଣ ଯଦି ସମ୍ଭବ ନ ହେଉଛି, ସେହିଥିରୁହିଁ ସ୍ପଷ୍ଟ ହୋଇଯିବ ଯେ ଏହି କ୍ଷେତ୍ରରେ ଏକ ବ୍ୟକ୍ତିଗତ ପ୍ରୟାସର ଆବଶ୍ୟକତା ରହିଛି ।''*

*୧୬ ଡିସେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଅନେକ ସମୟରେ ଦୀର୍ଘ ସମୟ ଧ୍ୟାନ କରିବା ପରେ (ଧ୍ୟାନସ୍ଥ ହେବାକୁ ଏକ ପ୍ରୟାସ କରିବା) ମୋତେ ଭାରି କ୍ଳାନ୍ତି ଲାଗୁଛି ଓ ମୁଁ ବିଶ୍ରାମ ଆବଶ୍ୟକ କରୁଛି । ଏପରି କାହିଁକି ହେଉଛି ଓ ମୁଁ ଅଲଗା ପ୍ରକାରର ଅନୁଭବ କରିପାରିବି କିପରି ?*

ଯେପର୍ଯ୍ୟନ୍ତ ଧ୍ୟାନସ୍ଥ ହେବା ଲାଗି ଚେଷ୍ଟା କରୁଥିବ, ସେପର୍ଯ୍ୟନ୍ତ ତାକୁ ଧ୍ୟାନ ବୋଲି କୁହାଯିବ ନାହିଁ ଏବଂ ସେହି କ୍ଷେତ୍ରରେ ସେହି ସ୍ଥିତିକୁ ଦୀର୍ଘ କରିବା ଦ୍ୱାରା ମଧ୍ୟ ଆଦୌ କୌଣସି ଲାଭ ହେବ ନାହିଁ ।

ମାନସିକ ନୀରବତା ଲାଭ କରିବାକୁ ହେଲେ ତୁମକୁ ହାଲୁକା ହୋଇ ଶିଖିବାକୁ ହେବ, ଗୋଟାଏ କାଠପଟା ପାଣି ଉପରେ **ବେଗହୀନ ତଥା ହାଲୁକା** ହୋଇ ଭାସୁଥିବା ପରି ନିଜକୁ ବିଶ୍ୱଗତ ଶକ୍ତିର ତରଙ୍ଗଗୁଡ଼ିକ ଉପରେ ଭାସିବା ପାଇଁ ଛାଡ଼ିଦେବାକୁ ହେବ ।

ଚେଷ୍ଟା କେବେହେଲେ ନୀରବ ହୋଇପାରେ ନାହିଁ ।

*୨୩ ଡିସେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ଏଠାରେ ଆଶ୍ରମରେ ରହିବାର ଏହି ଅସାଧାରଣ ସୁଯୋଗଟିର ପ୍ରତ୍ୟେକ ମୁହୂର୍ତ୍ତର ସଦ୍‌ବ୍ୟବହାର କରାଯାଇ ପାରିବ କିପରି ?*

---

* ଯୋଗପତ୍ରାବଳି, ଶତବାର୍ଷିକୀ ଗ୍ରନ୍ଥମାଳା, ୨୩ଶ ଖଣ୍ଡ (ଇଂ), ପୃ. ୫୯୩-୯୪ ।

ତୁମେ କେଉଁଠାରେ ରହିଛ, ତାହା ଆଦୌ ଭୁଲିଯିବ ନାହିଁ ।

ତୁମେ କେଉଁଠାରେ ବାସ କରୁଛ ଏବଂ ଜୀବନର ଯଥାର୍ଥ ଉଦ୍ଦେଶ୍ୟ କ'ଣ ତାହା କଦାପି ଭୁଲି ଯିବନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ଓ ସକଳ ପରିସ୍ଥିତିରେ ଏହି କଥାଟିକୁ ସ୍ମରଣ କରିବ । ଏହିପରି ଭାବରେହିଁ ତୁମେ ନିଜ ଜୀବନର ସର୍ବୋତ୍ତମ ଉପଯୋଗ କରିପାରିବ ।

୧୯୬୫ ପାଇଁ ଶୁଭ ନବବର୍ଷ ।

*୩୦ ଡିସେମ୍ବର ୧୯୬୪*

*ସ୍ନେହମୟି ମାଆ,*

*ପୁରୁଷର ନାରୀ ପ୍ରତି ଏବଂ ନାରୀର ପୁରୁଷ ପ୍ରତି ଏହି ଯେଉଁ ସହାନୁଭୂତି ଓ ଆକର୍ଷଣ ରହିଛି, ତା'ପଛରେ କେଉଁ ଶାଶ୍ୱତ ସତ୍ୟଟି ନିହିତ ଅଛି ?*

ପୁରୁଷ ଏବଂ ପ୍ରକୃତି ମଧ୍ୟରେ ରହିଥିବା ସମ୍ବନ୍ଧ ।

ଏହି ବିଷୟରେ ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, ତୁମର ତାହାକୁ ଅବଶ୍ୟ ପାଠ କରିବା ଉଚିତ ।

*୫ ଜାନୁଆରି ୧୯୬୫*

*ସ୍ନେହମୟି ମାଆ,*

*ଏ ବର୍ଷର ନବବର୍ଷ-ସନ୍ଦେଶରେ ଆପଣ କହିଛନ୍ତି : ''ପରମସତ୍ୟର ଆଗମନ ଉଦ୍ଦେଶ୍ୟରେ ପ୍ରଣାମ'' । ତେବେ, ଏହା କ'ଣ ଅତି ନିକଟରେ ? ତାହାକୁ ଚିହ୍ନି ଗ୍ରହଣ କରିବା ନିମନ୍ତେ ୧୯୬୫ ଭିତରେ ଆମର କ'ଣସବୁ କରିବା ଏକାନ୍ତ ଆବଶ୍ୟକ ?*

ପ୍ରକୃଷ୍ଟ କାର୍ଯ୍ୟଟି ହେଉଛି, ନିଜ ଭିତରେ ନିଜର ଯାବତୀୟ କ୍ରିୟାଶୀଳତାର ଉତ୍ପତ୍ତି ସମ୍ବନ୍ଧରେ ଅବଗତ ହେବା,– ଯେଉଁଗୁଡ଼ିକ ସତ୍ୟର ଆଲୋକରୁ ନିଷ୍ପନ୍ନ ହେଉଛନ୍ତି ଓ ଆଉ ଯେଉଁଗୁଡ଼ିକ ସେହି ପୁରାତନ ଜଡ଼ତା ଓ ମିଥ୍ୟା ମଧ୍ୟରୁ ଜନ୍ମଲାଭ କରୁଛନ୍ତି,– ଯାହାଫଳରେ କି ତୁମେ ପ୍ରଥମଗୁଡ଼ିକୁ ଗ୍ରହଣ କରିପାରିବ ଏବଂ ଅନ୍ୟଗୁଡ଼ିକୁ ଅସ୍ୱୀକାର ବା ପ୍ରତ୍ୟାଖ୍ୟାନ କରିପାରିବ ।

ଅଭ୍ୟାସ ବଳରେ ଏହି ପରିଚୟଲାଭ ଅଧିକରୁ ଅଧିକ ସ୍ପଷ୍ଟ ହୋଇଯିବ, ମାତ୍ର ଏକ ସାଧାରଣ ନିୟମର ପ୍ରତିଷ୍ଠା କରାଯାଇ ପାରିବ ଯେ, ଅସମଞ୍ଜସତା, ବିଶୃଙ୍ଖଳା ଓ ଜଡ଼ତା ଆଡ଼କୁ ପ୍ରବୃତ୍ତି ରଖିଥିବା ଯାବତୀୟ ଗତିଶୀଳତା ମିଥ୍ୟାରୁହିଁ ଉତ୍ପନ୍ନ ହୋଇଛନ୍ତି

ଏବଂ, ଏକତ୍ୱଲାଭ, ସମଞ୍ଜସତା, ଶୃଙ୍ଖଳା ତଥା ଚେତନାର ଅନୁକୂଳତା ଯୋଗାଇ ଦେଉଥିବା ଅନ୍ୟ ସବୁଯାକ ପରମସତ୍ୟରୁହିଁ ଉଦ୍‌ଗତ ହୋଇ ଆସୁଛନ୍ତି ।

ଏହା କେବଳ ଏକ ସଙ୍କେତ ବ୍ୟତୀତ ଅଧିକ କିଛି ନୁହେଁ; ନିଜ ମାର୍ଗରେ କିପରି ପ୍ରଥମ ପଦକ୍ଷେପଗୁଡ଼ିକୁ ଗ୍ରହଣ କରାଯାଇ ପାରିବ, ତାହାରି ଲାଗି ଏକ ସଙ୍କେତ ।

*୧୩ ଜାନୁଆରି ୧୯୬୫*

*ସ୍ନେହମୟି ମାଆ,*

*ଏହି ବର୍ଷ ଲାଗି ଉଦ୍ଦିଷ୍ଟ ଆପଣଙ୍କର ସନ୍ଦେଶଟି ଏକ ସତ୍ୟଯୁଗର ଘୋଷଣା କରୁଛି କି ? ମହାଭାରତରେ ଯାହାକୁ ସତ୍ୟଯୁଗ ବୋଲି କୁହାଯାଇଛି ?*

ପୃଥିବୀର ରୂପାନ୍ତର ଘଟିବା ପୂର୍ବରୁ ସତ୍ୟର ଏକ ଯୁଗ ଆସିବା ଅବଶ୍ୟମ୍ଭାବୀ ।

*୨୧ ଜାନୁଆରି ୧୯୬୫*

*ସ୍ନେହମୟି ମାଆ,*

*ଆଶ୍ରମ ଉପରେ ହେଉଥିବା ଏହି ଅସାଧାରଣ ଆସୁରିକ ଆକ୍ରମଣର* ଅର୍ଥ କ'ଣ ? ଆମ୍ଭମାନଙ୍କ ଭିତରେ ଅନେକ ଦୋଷ ରହିଛି ଏବଂ ଆମର ଦୈନନ୍ଦିନ ଜୀବନରେ ଆମେ ସର୍ବୋଚ୍ଚ ସତ୍ୟକୁ ଅମାନ୍ୟ କରୁଛୁ, ଏହି କାରଣରୁ ଉକ୍ତ ଆକ୍ରମଣ ଲାଗି ଆମେ ଦାୟୀ ହେବୁ କି ?*

ମିଥ୍ୟାଠାରୁ ଅଜେୟ ହୋଇ ରହିବା ଲାଗି ଆଶ୍ରମର ବାୟୁମଣ୍ଡଳ ଯଥେଷ୍ଟ ଶୁଦ୍ଧ ହୋଇ ପାରି ନ ଥିବାରୁ ଏପରି ଘଟଣା ଯେ ଘଟିଲା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

*୧୭ ଫେବ୍ରୁଆରି ୧୯୬୫*

*ସ୍ନେହମୟି ମାଆ,*

*ଜଣେ ବ୍ୟକ୍ତି ମୋତେ ଏହି ପ୍ରଶ୍ନଟିକୁ ପଚାରିଥିଲେ : ''ମନୁଷ୍ୟ-ସମାଜର ସେବା କରିବା ନିମନ୍ତେ ଅସାଧାରଣ ଦକ୍ଷତା ରହିଥିବା ବହୁ ବ୍ୟକ୍ତି, ଉଦାହରଣ*

---

* ଫେବ୍ରୁଆରି ୧୧ ତାରିଖ ସନ୍ଧ୍ୟାରେ ପ୍ରକାଶ୍ୟ ଭାବରେ ହିନ୍ଦୀ-ବିରୋଧୀ ଆନ୍ଦୋଳନର ଅଂଶ ହିସାବରେ ଅନେକ ଆଶ୍ରମ ଅଟ୍ଟାଳିକାରେ ପଥରବୃଷ୍ଟି ହୋଇଥିଲା, ନିଆଁ ଲଗାଇ ଦିଆ ଯାଇଥିଲା ବା ସେଗୁଡ଼ିକୁ ଲୁଟି ନିଆ ଯାଇଥିଲା ।

*ସ୍ୱରୂପ ଜଣେ ପ୍ରତିଭାବାନ୍ ଡାକ୍ତର ବା ବାରିଷ୍ଟର, ନିଜର ମୁକ୍ତିଲାଭ ସକାଶେ ଏଠି ଆଶ୍ରମରେ ଆସି ରହିବା ଫଳରେ ମନୁଷ୍ୟ-ସମାଜର ବିରାଟ କ୍ଷତି ହେଉ ନାହିଁ କି ? ମନୁଷ୍ୟମାନଙ୍କର ତଥା ପୃଥିବୀର ସେବା କରି ସେମାନେ ହୁଏତ ଅଧିକ ଭଲ ଭାବରେ ଦିବ୍ୟ ପରମସତ୍ତାଙ୍କର ସେବା କରିପାରୁଥାନ୍ତେ !''*

**ନିଜ ମୁକ୍ତିଲାଭ** ସକାଶେ ଏଠାକୁ କେହି ଆସନ୍ତି ନାହିଁ କାରଣ ଶ୍ରୀଅରବିନ୍ଦ **ମୁକ୍ତିଲାଭରେ** ବିଶ୍ୱାସ କରନ୍ତି ନାହିଁ । ଆମ ପାଇଁ **ମୁକ୍ତିଲାଭ** ଶବ୍ଦଟିର ଆଦୌ କୌଣସି ଅର୍ଥ ନାହିଁ । ଆମେ ଏଠାରେ ପୃଥିବୀର ଏବଂ ମନୁଷ୍ୟମାନଙ୍କର ରୂପାନ୍ତର ନିମନ୍ତେ ଭୂମି ପ୍ରସ୍ତୁତ କରିବା ଲାଗି ରହିଛୁ, ଯେପରିକି ନୂତନ ସୃଜନ ସମ୍ଭବ ହୋଇ ପାରିବ । ଏବଂ, ଆମେ ଯେ ଅଗ୍ରଗତି ଲାଗି ବ୍ୟକ୍ତିଗତ ନାନା ପ୍ରୟାସ କରୁଛୁ, ତାହାର କାରଣ ହେଉଛି ଯେ ଉକ୍ତ କାର୍ଯ୍ୟଟିକୁ ସମ୍ପନ୍ନକରିବା ଲାଗି ଏହି ଅଗ୍ରଗତି ଏକାନ୍ତ ଅପରିହାର୍ଯ୍ୟ ।

ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଏତେ ଦୀର୍ଘକାଳ ହେଲା ଆଶ୍ରମରେ ରହିଥିଲେ ମଧ୍ୟ ତୁମେ ତଥାପି ଏପରି ଚିନ୍ତା କରି ପାରୁଛ ଏବଂ ଏହି ନିରର୍ଥକ କଥାଗୁଡ଼ିକ ଲାଗି ନିଜକୁ ଉନ୍ମୁକ୍ତ ରଖିଛ ।

ତୁମ ଲାଗି ମୁଁ ଶ୍ରୀଅରବିନ୍ଦଙ୍କର ରଚନାରୁ ଏକ ଉଦ୍ଧୃତି ଲେଖି ପଠାଉଛି, ଯାହା ସମ୍ଭବତଃ ତୁମର ଚିନ୍ତାରେ ଆଲୋକନ ଆଣିଦେବାରେ ସାହାଯ୍ୟ କରିବ :

''ମାନବୀୟ ଏବଂ ଅହଂପ୍ରଣୋଦିତ ଧାରାରେ ମାନସିକ, ନୈତିକ ତଥା ସାମାଜିକ ସତ୍ୟ ଏବଂ ନ୍ୟାୟର ପ୍ରତିଷ୍ଠା କରିବାକୁ ଆମେ ଏଠାରେ ରହିଛୁ, ଏପରି ଏକ ଧାରଣାରେ, ମନୁଷ୍ୟମାନଙ୍କ ସହିତ ତୁମର ଯାବତୀୟ ସମ୍ବନ୍ଧରେ ବା ମନୁଷ୍ୟର ଚାରିତ୍ରିକ ଶ୍ରେଷ୍ଠତାରେ ଯଦି ତୁମେ ମୋର ସନ୍ଦେଶଟିକୁ ଖୋଜି ବାହାର କରିବାକୁ ଯିବ, ତେବେ ତାହା ସେଇଟି ବିଷୟରେ କେବଳ ଏକ ଅଜ୍ଞାନକୁହିଁ ପ୍ରକଟ କରିବ ଓ ତାହାଠାରୁ ହଜାର ହଜାର ମାଇଲ୍ ଦୂର ହୋଇ ରହିଥିବ । ମୁଁ ଏହିଭଳି କିଛି ହେଲେ କରିବାର କୌଣସି ପ୍ରତିଶ୍ରୁତି ଦେଇ ନାହିଁ । ମନୁଷ୍ୟର ପ୍ରକୃତି ବହୁ ଅପୂର୍ଣ୍ଣତା ଦ୍ୱାରା ତିଆରି ହୋଇଛି, ଏପରିକି ତାହାର ସଦାଚାରିତା ଏବଂ ସଦ୍‌ଗୁଣଗୁଡ଼ିକ ମଧ୍ୟ ଛଳନା ହୋଇ ରହିଛନ୍ତି, ଆତ୍ମଶ୍ଳାଘାରେ ପୂର୍ଣ୍ଣ ଅହଙ୍କାରର ନାନା ପ୍ରଦର୍ଶନ ଏବଂ ଅପୂର୍ଣ୍ଣତାରେ ପୂର୍ଣ୍ଣ ହୋଇଛନ୍ତି । ... ଆମେ ଜୀବନର ଭୂମି ହୋଇ ରହିଥିବା ଏକ ଆଧ୍ୟାତ୍ମିକ ସତ୍ୟରେ ଉପନୀତ ହେବାର ଉଦ୍ଦେଶ୍ୟ ରଖିଛୁ; ଏହାର ପ୍ରଥମ ଶବ୍ଦଗୁଡ଼ିକ ହେଉଛନ୍ତି ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାଙ୍କୁ ସମର୍ପିତ କରି ରଖିବା ଓ ତାଙ୍କ ସହିତ ସମ୍ମିଳିତ ହୋଇ ରହିବା, ଏବଂ ଅହଂକୁ ଅତିକ୍ରମ କରିବା । ଯେପର୍ଯ୍ୟନ୍ତ ସେହି ଭୂମିଟିର ପ୍ରତିଷ୍ଠା ନ ହୋଇଛି, ସେପର୍ଯ୍ୟନ୍ତ ସାଧକ କେବଳ ଜଣେ

ଅଜ୍ଞାନ-ପରିଚାଳିତ ଅପୂର୍ଣ୍ଣ ମନୁଷ୍ୟ ହୋଇ ରହିଥିବ ଓ ନିମ୍ନତର ପ୍ରକୃତିର ମନ୍ଦଗୁଡ଼ିକ ସହିତ ସଂଗ୍ରାମ କରିବାରେ ଲାଗିଥିବ । ... ଆଧ୍ୟାତ୍ମିକ ଅଗ୍ରଗତି ଦ୍ୱାରା ଅନ୍ତରସ୍ଥ ସତ୍ତାରେ ଏକ ଅନ୍ତର୍ଗତ ଅନ୍ତରଙ୍ଗତା ଓ ନିବିଡ଼ତା ସୃଷ୍ଟି ହୋଇଥାଏ, ପରମା ଜନନୀଙ୍କର ପ୍ରେମ ତଥା ଉପସ୍ଥିତି ଇତ୍ୟାଦିର ଏକ ବୋଧର ସୃଷ୍ଟି ହୋଇଥାଏ ।''

*୨୪ ଫେବ୍ରୁଆରି ୧୯୬୫*

*ସ୍ନେହମୟି ମାଆ,*

*ମନୁଷ୍ୟ ପ୍ରତି ଏବଂ ପରମ ଦିବ୍ୟସତ୍ତାଙ୍କ ପ୍ରତି ଆପଣାର କୃତଜ୍ଞତା ଜଣାଇବାର ପ୍ରକୃତ ଉପାୟ କ'ଣ ?*

ମନୁଷ୍ୟଙ୍କୁ ଏବଂ ଦିବ୍ୟ ପରମସତ୍ତାଙ୍କୁ ତୁମେ କାହିଁକି ଏକାଠି ଆଣି ରଖିଦେଉଛ ?

ଏହା ସତ୍ୟ ଯେ ମଣିଷ ହେଉଛି ମୂଳତଃ ଦିବ୍ୟ, ମାତ୍ର, ବର୍ତ୍ତମାନ ସ୍ଥିତିରେ, ଅତି ବିରଳ ଓ ଅତି ଅଳ୍ପ ସଂଖ୍ୟକ କେତେକ ବ୍ୟତିକ୍ରମକୁ ଛାଡ଼ିଦେଲେ, ମଣିଷ ନିଜ ଭିତରେ ବହନ କରୁଥିବା ପରମ ଦିବ୍ୟସତ୍ତାଙ୍କ ବିଷୟରେ ସଂପୂର୍ଣ୍ଣ ଅସଚେତ ହୋଇ ରହିଛି ଏବଂ ଏହି ଅସଚେତନତାହିଁ ଜଡ଼ସ୍ଥ ପୃଥିବୀର ମିଥ୍ୟାକୁ ତିଆରି କରିଛି ।

ମୁଁ ତୁମକୁ ପୂର୍ବରୁ ଲେଖିଛି ଯେ, ଆମର କୃତଜ୍ଞତା ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ଅଭିପ୍ରେତ ହୋଇ ରହିବା ଉଚିତ ଏବଂ ମନୁଷ୍ୟମାନଙ୍କ କ୍ଷେତ୍ରରେ ଏକ ସଦିଚ୍ଛା, ବୁଝାମଣା ଏବଂ ପାରସ୍ପରିକ ସାହାଯ୍ୟର ଦୃଷ୍ଟିକୋଣ ରହିଥିବା ଆବଶ୍ୟକ ।

ଦିବ୍ୟ ପରମସତ୍ତାଙ୍କ ପ୍ରତି ଏକ ଗଭୀର, ପ୍ରଗାଢ଼ ଏବଂ ଅଖଣ୍ଡ ସମଗ୍ର କୃତଜ୍ଞତାବୋଧ, ତାହାହିଁ ସୁଖୀ ଏବଂ ଶାନ୍ତ ହେବାର ସର୍ବୋତ୍ତମ ଉପାୟ ।

ଏବଂ, ଦିବ୍ୟ ପରମସତ୍ତାଙ୍କ ପ୍ରତି ଆପଣାର କୃତଜ୍ଞତା ବ୍ୟକ୍ତ କରିବାର ଏକମାତ୍ର ଯଥାର୍ଥ ମାର୍ଗ ହେଉଛି ତାଙ୍କ ସହିତ ଏକାତ୍ମତା ଅର୍ଜନ କରିବା ।

*୩ ମାର୍ଚ୍ଚ ୧୯୬୫*

*ସ୍ନେହମୟି ମାଆ,*

*ଜଣେ ଶ୍ରୀଅରବିନ୍ଦଙ୍କର ଯୋଗକୁ ଅଭ୍ୟାସ କରିବା ଆରମ୍ଭ କରିଛି ବୋଲି କେତେବେଳେ ସୁନିଶ୍ଚିତ ଭାବରେ କୁହାଯାଇପାରିବ ? ଏହାର ଅଭ୍ରାନ୍ତ ସଙ୍କେତଟିକୁ ଆମେ କ'ଣ ବୋଲି ଜାଣିବା ?*

ସେକଥା କହିପାରିବା ସମ୍ଭବ ନୁହେଁ, କାରଣ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା ନିଶ୍ଚୟ ଭିନ୍ନ ହେବ । ବ୍ୟକ୍ତିର ଯେଉଁ ଭାଗଟି ପ୍ରଥମେ ଜାଗ୍ରତ ହୋଇଥାଏ ଏବଂ ଶ୍ରୀଅରବିନ୍ଦଙ୍କର ପ୍ରଭାବ ପ୍ରତି ଅନୁସ୍ପନ୍ଦନ ଜଣାଉଥାଏ, ଏକଥାଟି ତାହାରି ଉପରେ ନିର୍ଭର କରିବ ।

ଏବଂ ଜଣେ ଅନ୍ୟ ବ୍ୟକ୍ତି ବିଷୟରେ ଆଦୌ କିଛି କହି ପାରିବ ନାହିଁ ।

*୧୦ ମାର୍ଚ୍ଚ ୧୯୬୫*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦଙ୍କର ଯୋଗକୁ, ଦିବ୍ୟ ଜୀବନକୁ ନେଇ ଜୀବନ ବଞ୍ଚିବା ଲାଗି ମୋ'ର ଅଭୀପ୍ସା ରହିଛି । ମାତ୍ର ମୁଁ ଅନୁଭବ କରୁଛି ଯେ ମୁଁ ଏପରି ଏକ ଅମଡ଼ା ଅରଣ୍ୟ ଭିତରେ ଆସି ପଶିଯାଇଛି, ଯେଉଁଥିରେ କି ମୋ'ର ସମସ୍ତ ଦିଗଜ୍ଞାନ ନଷ୍ଟ ହୋଇ ଯାଇଛି । ମୁଁ ପ୍ରକୃତରେ ଠିକ୍ କେଉଁ ଜାଗାରେ ରହିଛି ?*

*ଯଥାର୍ଥ ମାର୍ଗକୁ ଆସିବା ଲାଗି ମୁଁ ଏକ ସଙ୍କେତ, ସେଥିରୁ ବାହାରି ଆସିବାର ଏକ ଉପାୟହିଁ ଚାହୁଁଛି, ଯେଉଁ ମାର୍ଗ ମୋତେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ପରିଚାଳିତ କରି ନେଇଯିବ ।*

ସାଧାରଣତଃ, ଏକ ଅନୁଭବରୁହିଁ ଏହା ଆରମ୍ଭ ହେବ । ସେହି ଅନୁଭବ ଯେତେ କ୍ଷୁଦ୍ର ହୋଇଥାଉ ପଛକେ, ତାହା ମାର୍ଗରେ ଏକ କମ୍ପାସ୍ ପରି କାର୍ଯ୍ୟ କରିବ । ପଥଚ୍ୟୁତ ହୋଇ ନ ଯିବା ନିମନ୍ତେ ବାରବାର ସେହି ଅନୁଭବଟି ସନ୍ଦର୍ଭ ରୂପେ ରହିଥିବ । ଏହିପରି ଭାବରେ ତୁମେ ଆଉ ଗୋଟିଏ ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଅଧିକ ନିର୍ଣ୍ଣାୟକ ଅନୁଭବ ଲାଗି ପ୍ରସ୍ତୁତ ହୋଇଯିବ ।

ଯେଉଁ ଅନୁଭବଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ ଭାବରେ ହେଉଥିବ, ସେହିଗୁଡ଼ିକହିଁ ମାର୍ଗରେ ଯଥାର୍ଥ ସୀମାଚିହ୍ନଗୁଡ଼ିକ ହୋଇ ରହିଥିବ । ଏକ ମାନସିକ ରଚନାରୁ ସଂଘଟିତ ହେଉଥିବା ଅନୁଭବଗୁଡ଼ିକ ଉପରେ କଦାପି ବିଶ୍ୱାସ ରଖିହେବ ନାହିଁ ।

**ସର୍ବପ୍ରଥମେ** ଅନୁଭବଟି ଆସିବ, ତା'ପରେ ଯାଇ ତା'ର ବ୍ୟାଖ୍ୟା ବା ବିଶ୍ଳେଷଣ । ସେହି କାରଣରୁହିଁ ଶ୍ରୀଅରବିନ୍ଦ କହିଛନ୍ତି : ''ନିଜର ଅନୁଭବଟିକୁ ତୁମେ କେବେହେଲେ ଅବିଶ୍ୱାସ କରିବ ନାହିଁ । ମାତ୍ର, ନିଜର ବିଶ୍ଳେଷଣଟିକୁ ତୁମେ ଅବଶ୍ୟ ଅବିଶ୍ୱାସ କରିପାର । ସେଇଟି ହେଉଛି ମନର କ୍ରିୟା ।''*

---

* ''ତୁମ ଆତ୍ମାରେ ଘଟୁଥିବା ଅନୁଭବ, ତାହା ହେଉଛି ପରମଶାଶ୍ୱର ସତ୍ୟ; ତା'ପରେ ଯାଇ ଯଦି ମନ କରିବ, ତେବେ ବୁଦ୍ଧିର ସାହାଯ୍ୟ ନେଇ ନିଜର ଅନୁଭବଟିକୁ ତୁମେ ବ୍ୟକ୍ତ କରିପାରିବ ଏବଂ

ଆପଣାର ଅନୁଭବଗୁଡ଼ିକୁ ଜାଣି ସେଗୁଡ଼ିକୁ ସ୍ମରଣରେ ରଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବିକାଶର ଏକ ଧାରାକୁ ସୂତ୍ର ପରି ତିଆରି କରିବା, ଏହା ଏକ ଗୌଣ କାର୍ଯ୍ୟ, ଅନେକ ସମୟରେ କ୍ଷତିକାରକ ।

*୧୭ ମାର୍ଚ୍ଚ ୧୯୬୫*

*ସ୍ନେହମୟି ମାଆ,*

*ଗୋଟିଏ ସ୍ୱପ୍ନ ଓ ଗୋଟିଏ ଅନୁଭୂତି ମଧ୍ୟରେ ରହିଥିବା ପାର୍ଥକ୍ୟକୁ କିପରି ଜାଣିବ ?*

ଏକ ସାଧାରଣ ଭାବରେ କହିବାକୁ ଗଲେ, ସ୍ୱପ୍ନ ଆମ ଭିତରେ ଏକ ବିଭ୍ରାନ୍ତିକର ଏବଂ ଅଳ୍ପକ୍ଷଣସ୍ଥାୟୀ ଭାବକୁ ଛାଡ଼ି ଯାଇଥାଏ, ମାତ୍ର କୌଣସି ଅନୁଭୂତି ଏକ ଗଭୀର ଏବଂ ସ୍ଥାୟୀ ସ୍ପର୍ଶ ଜାଗରଣ କରିଥାଏ ।

ମାତ୍ର, ପାର୍ଥକ୍ୟର ଏହି ବିଭିନ୍ନ ମାତ୍ରାଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ସୂକ୍ଷ୍ମ ଓ ବହୁସଂଖ୍ୟକ, ଏବଂ କେବଳ ଏକ ଅତ୍ୟନ୍ତ ମନୋଯୋଗପୂର୍ଣ୍ଣ ଓ **ନିଷ୍ଠାଯୁକ୍ତ** ଅବଲୋକନ (ଅର୍ଥାତ୍, ସେଥିରେ କୌଣସି ପୂର୍ବଗ୍ରହ କିଂବା ପୂର୍ବାଭିରୁଚି ନ ଥିବ) ଦ୍ୱାରାହିଁ ଜଣେ ଗୋଟିକୁ ଅନ୍ୟଟିଠାରୁ ଅଲଗା କରି ଦେଖିପାରିବ ।

*୨୪ ମାର୍ଚ୍ଚ ୧୯୬୫*

*ସ୍ନେହମୟି ମାଆ,*

*ମାନସିକ ଏବଂ ଶାରୀରିକ ଶିକ୍ଷାରେ ଯେପରି ଅଭ୍ୟାସଗୁଡ଼ିକର ଏକ ପ୍ରଣାଳୀବଦ୍ଧ ସାରଣୀ ରହିଛି, ଶ୍ରୀଅରବିନ୍ଦଙ୍କର ଯୋଗ ମଧ୍ୟକୁ ଅଗ୍ରସର ହେବାକୁ ହେଲେ ସେହିପରି ଏକ ଅନୁରୂପ ପଦ୍ଧତି ନାହିଁ କି ? ଏହା ବ୍ୟକ୍ତି ଅନୁସାରେ ଅଲଗା ଅଲଗା ହେବା ଉଚିତ । ଆପଣ ମୋ' ପାଇଁ ସୋପାନ ଅନୁକ୍ରମରେ ଗୋଟିଏ କାର୍ଯ୍ୟକ୍ରମ ତିଆରି କରିଦେଇ ପାରିବେ, ଯାହାକୁ କି ମୁଁ ଦୈନିକ ଅଭ୍ୟାସ କରି ପାରିବି ?*

ଶାରୀରିକ, ମାନସିକ ଓ ପ୍ରାଣିକ ବିକାଶ ନିମନ୍ତେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରି

---

ଏପରିକି ତା'ପରେ ସେହି ବିବୃତିଟିକୁ ଅବିଶ୍ୱାସ ମଧ୍ୟ କରିପାରିବ; ମାତ୍ର ତୁମ ଅନୁଭବଟିକୁ କଦାପି ଅବିଶ୍ୱାସ କରିବ ନାହିଁ ।'' (୯୬ ତମ ସୂକ୍ତି, ଶତବାର୍ଷିକୀ ଗ୍ରନ୍ଥମାଳା(ଇଂ), ୧୭ଶ ଖଣ୍ଡ, ପୃ. ୮୯)

ଯନ୍ତ୍ରବତ୍ ନିୟମିତ ଅଭ୍ୟାସ ଏକାନ୍ତ ଅପରିହାର୍ଯ୍ୟ । ମାତ୍ର, ଆଧ୍ୟାତ୍ମିକ ବିକାଶ ଉପରେ ଏହି ଯନ୍ତ୍ରବତ୍ କଠୋରତାର ସେତେ ବେଶୀ ବା ଆଦୌ ଫଳଦାୟକ ହୁଏ ନାହିଁ । ଏହି କ୍ଷେତ୍ରରେ ଏକ ଐକାନ୍ତିକ ଆନ୍ତରିକତାର ସ୍ୱତଃସ୍ଫୂର୍ତ୍ତତାହିଁ ଅପରିହାର୍ଯ୍ୟ ହୋଇ ରହିଥାଏ ।

ଏହି ବିଷୟରେ ଶ୍ରୀଅରବିନ୍ଦ ଅତି ସ୍ୱଷ୍ଟ ଭାବରେ ଲେଖି ଯାଇଛନ୍ତି । ଏହି ବିଷୟରେ ସେ ଯାହାସବୁ ଲେଖିଛନ୍ତି, ତାହା **'ଯୋଗ-ସମନ୍ୱୟ'** ଗ୍ରନ୍ଥରେ ପ୍ରକାଶିତ ହୋଇଛି ।

ତଥାପି, ତୁମକୁ ରାସ୍ତାରେ ଆଣି ପହଞ୍ଚାଇ ଦେବାର ଏକ ପ୍ରାଥମିକ ସହାୟତା ରୂପେ, ମୁଁ ତୁମକୁ ଏହିପରି କହିପାରିବି : (୧) ବିଛଣାରୁ ଉଠି, ଦିନଟିକୁ ଆରମ୍ଭ କରିବା ପୂର୍ବରୁ, ଏହି ଦିନଟିକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ନିବେଦନ କରିଦେବା ଉଚିତ; ତୁମେ ଯାହାକିଛି ଭାବୁଛ, ଯାହାକିଛି ହୋଇଅଛ ଏବଂ ଯାହାକିଛି କରିବାକୁ ଯାଉଛ, ସବୁଟିକୁ ନିବେଦନ କରିଦେବା ଉଚିତ । (୨) ଏବଂ, ରାତିରେ, ଶୋଇବାକୁ ଯିବା ପୂର୍ବରୁ, ତୁମେ ବ୍ୟତୀତ ଦିନଟିର ଏକ ସିଂହାବଲୋକନ କରିବ, ନିଜକୁ କିଂବା ନିଜର କାର୍ଯ୍ୟକୁ ତାଙ୍କ ପାଖରେ ନିବେଦନ କରିଦେବାରେ ଯେତେଥର ବିସ୍ମରଣ ଅଥବା ଅବହେଳା ଘଟିଛି, ସେଗୁଡ଼ିକର ହିସାବ ନେବ, ଏବଂ ଅଭୀପ୍ସା ବା ପ୍ରାର୍ଥନା କରିବ, ଏହି ସ୍ଖଳନଗୁଡ଼ିକ ଯେପରି ପୁନର୍ବାର ଘଟିବ ନାହିଁ ।

ଏଇଟି ଏକ ସର୍ବନିମ୍ନ କାର୍ଯ୍ୟକ୍ରମ, ଏକ ଅତ୍ୟନ୍ତ କ୍ଷୁଦ୍ର ଆରମ୍ଭ ମାତ୍ର – ଏବଂ ଆପଣାର ନିବେଦନରେ ଅଧିକ ଆନ୍ତରିକତା ଆସିବା ସହିତ ଏହି କାର୍ଯ୍ୟକ୍ରମଟି ମଧ୍ୟ ବୃଦ୍ଧି ପାଉଥିବ ।

*୩୧ ମାର୍ଚ୍ଚ ୧୯୬୪*

*ସ୍ନେହମୟି ମାଆ,*

*ନିଜର ମନକୁ ଏକ କରିବା ଏବଂ ଇଚ୍ଛାଶକ୍ତିକୁ ବୃଦ୍ଧି କରିବାର ଉପାୟ କ'ଣ ? ଯେକୌଣସି କାର୍ଯ୍ୟ କରିବାକୁ ଗଲେ ମଧ୍ୟ ଏଗୁଡ଼ିକ ଅତ୍ୟାବଶ୍ୟକ ।*

ନିୟମିତ, ଅଧ୍ୟବସାୟପୂର୍ଣ୍ଣ, କଠୋର ଏବଂ ଅବିଚଳିତ ଅଭ୍ୟାସ ଦ୍ୱାରା ତାହା ସମ୍ଭବ ହେବ । ଏଠାରେ ମୁଁ ଅଭିନିବେଶ ଏବଂ ସଂକଳ୍ପର ଅଭ୍ୟାସ କଥା କହୁଛି ।

*ମାଆ, ମୁଁ ଫରାସୀ ବହିସବୁ ପଢ଼ିବା ଆରମ୍ଭ କରିଛି, 'କ' ମୋତେ ସେଗୁଡ଼ିକର ତାଲିକାଟିଏ ଦେଇଛନ୍ତି ।*

ଯଥାସମ୍ଭବ ଅଧିକ ଫରାସୀ ଭାଷା ପଢିଲେ ତୁମର ଉପକାର ହେବ; ତାହା ତୁମକୁ ଲେଖିବାର ପ୍ରଣାଳୀ ଶିଖାଇଦେବ ।

*୭ ଏପ୍ରିଲ୍ ୧୯୬୫*

*ସ୍ନେହମୟି ମାଆ,*

*ଆପଣ ଲେଖିଛନ୍ତି : ‘‘ସବୁ ତ୍ୟାଗ ମଧ୍ୟରେ ଆପଣାର ଉତ୍ତମ ଅଭ୍ୟାସଗୁଡ଼ିକୁ ତ୍ୟାଗ କରିବା ସବୁଠାରୁ ଅଧିକ କଷ୍ଟକର ।’’* ଏପରି କହି ଆପଣ ପ୍ରକୃତରେ କ’ଣ କହିବାକୁ ଚାହୁଁଛନ୍ତି ? ଏଥିରୁ କ’ଣ ଏପରି ଭାବିବା ଉଚିତ ଯେ ଯୋଗସାଧନା ପାଇଁ ଭଲ ଅଭ୍ୟାସଗୁଡ଼ିକର କୌଣସି ଆବଶ୍ୟକତା ନାହିଁ ।*

ଅଭ୍ୟାସରେ ପଡ଼ି, ଜଣେ ବ୍ୟକ୍ତି ଯେପର୍ଯ୍ୟନ୍ତ ସବୁ କାମ କରୁଥାଏ, ସେପର୍ଯ୍ୟନ୍ତ **ଭଲ** ଅଭ୍ୟାସଗୁଡ଼ିକ ଏକାନ୍ତ ଆବଶ୍ୟକ । ମାତ୍ର, ଯୋଗର ସର୍ବୋଚ୍ଚ ଲକ୍ଷ୍ୟଟିକୁ ଉପଲବ୍ଧି କରିବାକୁ ହେଲେ, ଆମକୁ ଯାବତୀୟ ବନ୍ଧନକୁ, ତାହା ଯାହା ହୋଇଥାଉ ପଛକେ, ଛାଡ଼ିଦେବାକୁ ପଡ଼ିବ । ଏବଂ, ଉତ୍ତମ ଅଭ୍ୟାସରୂପୀ ବନ୍ଧନକୁ ଦିନେ ନା ଦିନେ ଛାଡ଼ି ଦେବାକୁହିଁ ପଡ଼ିବ; ଯେତେବେଳେ ଜଣେ କେବଳ ସେହି ସର୍ବୋଚ୍ଚ ପ୍ରେରଣାଟିକୁ ମାନିବା ଲାଗି ଇଚ୍ଛା କରିବ, ଯେତେବେଳେ ସେ ଆଉ ଅନ୍ୟ କୌଣସି କିଛିକୁ ନ ମାନି କେବଳ ସର୍ବୋଚ୍ଚ ପରମଙ୍କର ପ୍ରେରିତ ଇଚ୍ଛାକୁ ମାନିବାକୁ ସମର୍ଥ ହେବ, ସେତିକିବେଳେ ।

*୧୪ ଏପ୍ରିଲ୍ ୧୯୬୫*

*ସ୍ନେହମୟି ମାଆ,*

*ଆପଣ ଲେଖିଛନ୍ତି : ‘‘ ଯେପର୍ଯ୍ୟନ୍ତ ତୁମକୁ କିଛି ନା କିଛି ତ୍ୟାଗ କରିବାକୁ ପଡୁଛି, ସେପର୍ଯ୍ୟନ୍ତ ତୁମେ ଏହି ମାର୍ଗଟିକୁ ଆଦୌ ଆସି ନାହଁ ।’’** ମାତ୍ର, ମାର୍ଗରେ ଆସି ପହଞ୍ଚିବା ପରେ ତ ଯାବତୀୟ ତ୍ୟାଗ କରିବା ଆରମ୍ଭ ହୁଏ !*

‘‘ ମାର୍ଗଟିକୁ ଆସିବା’’ ବୋଲି କହିବା ଦ୍ୱାରା ମୁଁ ଚେତନାର ଏପରି ଏକ ସ୍ଥିତିରେ ଅବସ୍ଥାନ କରିବାକୁ ବୁଝାଉଛି, ଯେଉଁଠାରେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇ ରହିବାରହିଁ ଏକମାତ୍ର କୌଣସି ମୂଲ୍ୟ ରହିଥାଏ । ସେତେବେଳେ ଏହି ସମ୍ମିଳନହିଁ ବଞ୍ଚିବାର ଏକମାତ୍ର

---

* କଥୋପକୋଥନ, ୧୯୭୯ ସଂସ୍କରଣ(ଇଂ), ପୃ. ୧୮୫ ।

** ପ୍ରଶ୍ନ ଓ ଉତ୍ତର, ଶତବାର୍ଷିକୀ ଗ୍ରନ୍ଥମାଳା, ୩ୟ ଖଣ୍ଡ(ଇଂ), ପୃଷ୍ଠା - ୧୨୮ ।

କାରଣ ଓ ଅଭୀପ୍ସାର ଏକମାତ୍ର ଲକ୍ଷ୍ୟସ୍ଥଳ ହୋଇ ରହିଥାଏ । ଆଉ ସବୁକିଛି ମୂଲ୍ୟହୀନ ହୋଇ ଯାଇଥାନ୍ତି ଏବଂ ସେଗୁଡ଼ିକର ଅନୁଧାବନ କରିବାର ଆଦୌ କୌଣସି ମୂଲ୍ୟ ନ ଥାଏ । ତେଣୁ, ତାହାକୁ ତ୍ୟାଗ କରିବାର ମଧ୍ୟ କୌଣସି ପ୍ରଶ୍ନ ନ ଥାଏ, କାରଣ ତାହା ସେତେବେଳେ ଆଉ ବାସନାପ୍ରେରିତ ଏକ ଲକ୍ଷ୍ୟ ହୋଇ ଆଦୌ ରହି ନ ଥାଏ ।

ଯେପର୍ଯ୍ୟନ୍ତ **ଏକମାତ୍ର,** ଦିବ୍ୟ ପରମସତ୍ତାଙ୍କ ସହିତ ମିଳିତ ହେବାର ଲକ୍ଷ୍ୟ ରଖି ତୁମେ ନିଜର ଜୀବନକୁ ନ ବଞ୍ଚୁଛ, ସେପର୍ଯ୍ୟନ୍ତ ତୁମେ ମାର୍ଗରେ ଅଛ ବୋଲି କଦାପି କୁହାଯିବ ନାହିଁ ।

*୨୧ ଏପ୍ରିଲ୍ ୧୯୬୫*

*ସ୍ନେହମୟି ମାଆ,*

*ଏପରି ଏକ ଗୌରବମୟ ଅତୀତ ଏବଂ ଏପରି ଏକ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ଥାଉ ଥାଉ ଭାରତବର୍ଷ କାହିଁକି ବର୍ତ୍ତମାନ ଏହି ଶୋଚନୀୟ ଅବସ୍ଥାରେ ରହିଛି ? ଏହି ଦୟନୀୟ ସ୍ଥିତିରୁ ସିଏ କେବେ ବାହାରି ଆସି ପାରିବ ଏବଂ ଆପଣାର ମହାନତାକୁ ପୁନଃ ପ୍ରତିଷ୍ଠିତ କରିବ ?*

ଯେତେବେଳେ ସେ ମିଥ୍ୟାକୁ ବର୍ଜନ କରିବ ଏବଂ ପରମସତ୍ୟ ମଧ୍ୟରେ ବଞ୍ଚିବାକୁ ଆରମ୍ଭ କରିବ ।

*୨୮ ଏପ୍ରିଲ୍ ୧୯୬୫*

*ସ୍ନେହମୟି ମାଆ,*

*ଭାରତର ନେତାମାନେ ୧୯୪୨ରେ କ୍ରିପ୍ସ୍ ପ୍ରସ୍ତାବକୁ ଗ୍ରହଣ କରିନିଅନ୍ତୁ ବୋଲି ଶ୍ରୀଅରବିନ୍ଦ କାହିଁକି ପରାମର୍ଶ ଦେଇଥିଲେ ? ସେମାନେ ତାହା ଗ୍ରହଣ କରିବେ ନାହିଁ ବୋଲି ତ ସେ ଅବଶ୍ୟ ଜାଣିଥିଲେ !** *

---

* ଦିଲ୍ଲୀକୁ ଜଣେ ସ୍ୱତନ୍ତ୍ର ବାର୍ତ୍ତାବହ ପଠାଇ, ସ୍ୱାଧୀନତା ଆଡ଼କୁ ଏକ ପ୍ରଥମ ପଦକ୍ଷେପ ସ୍ୱରୂପ ସାର୍ ଷ୍ଟାଫୋର୍ଡ କ୍ରିପ୍ସ୍ ଦେଇଥିବା ଭାରତ ଲାଗି ଔପନିବେଶିକ ସ୍ୱାଧୀନତାର ପ୍ରସ୍ତାବଟିକୁ ଗ୍ରହଣ କରିନିଅନ୍ତୁ ବୋଲି ଶ୍ରୀଅରବିନ୍ଦ ଭାରତୀୟ ନେତାମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀଅରବିନ୍ଦଙ୍କର ମତ ଥିଲା ଯେ, ଏହି ପ୍ରସ୍ତାବ ମୂଳତଃ ଭାରତବର୍ଷକୁ ସ୍ୱାଧୀନ ହେବାର ସ୍ଥିତିଗୁଡ଼ିକୁହିଁ ପ୍ରଦାନ କରୁଛି ଏବଂ ଇଉନାଇଟେଡ୍ କିଙ୍ଗ୍‌ଡମ୍ ସହିତ ସଂପୃକ୍ତ ଅନ୍ୟ ଏକାଧିକ ରାଜ୍ୟ ସହିତ ଭାରତକୁ ମଧ୍ୟ ସମାନ ପାହିଆ ଦେଉଛି । ଏହି ପରାମର୍ଶଟି ଗୃହୀତ ହୋଇଥିଲେ ହୁଏତ ଭାରତର ବିଭାଜନକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

*ଦିବ୍ୟ ପରମସତ୍ତା ଅନେକ ସମୟରେ ମନୁଷ୍ୟକୁ ପରାମର୍ଶ ଦିଅନ୍ତି ବା ତାହାର ପଥପ୍ରଦର୍ଶନ କରାଇବା ଲାଗି ଚେଷ୍ଟା କରନ୍ତି; ଅବଶ୍ୟ ସେ ଭଲ କରି ଜାଣିଥାଆନ୍ତି ଯେ, ତାଙ୍କର ଏହି ସହାୟତା ଗୃହୀତ ହେବ ନାହିଁ । ତେବେ ସେ କାହିଁକି ଏହା କରନ୍ତି ?*

ଦିବ୍ୟ ପରମସତ୍ତା **ସର୍ବଦା** ସନ୍ଦେଶ ଆଣି ଦିଅନ୍ତି, ମାତ୍ର ମନୁଷ୍ୟମାନେ କ୍ୱଚିତ୍ ତାଙ୍କ କଥାକୁ ଶୁଣନ୍ତି । ହୁଏତ ଲୋକେ ତାଙ୍କ କଥାକୁ ଶୁଣନ୍ତି ନାହିଁ ବା ତାଙ୍କ କଥାରେ ବିଶ୍ୱାସ କରନ୍ତି ନାହିଁ ।

ତାଙ୍କର ସାହାଯ୍ୟ ମିଳୁ ନାହିଁ ବୋଲି ମନୁଷ୍ୟମାନେ ସର୍ବଦା ଅଭିଯୋଗ କରନ୍ତି, ମାତ୍ର ସତକଥା ହେଉଛି ଯେ, ଯେଉଁ ସାହାଯ୍ୟ ସେମାନଙ୍କ ଲାଗି **ସର୍ବଦା** ରହିଥାଏ, ସେମାନେ ତାହାକୁ ଗ୍ରହଣ କରନ୍ତି ନାହିଁ ।

*୫ ମଇ ୧୯୬୫*

*ସ୍ନେହମୟି ମାଆ,*

*ଆପଣ କହିଛନ୍ତି ଯେ, '' ନୂତନ ଉପଲବ୍ଧିଟିରେ ଅଂଶଗ୍ରହଣ କରିବା ଲାଗି ଆଶା କରିବାକୁ ହେଲେ'', ''ଏହି ପୃଥିବୀ କୁତ୍ସିତ, ନିର୍ବୋଧ, ନୃଶଂସ ଏବଂ ଅସହନୀୟ ଦୁଃଖ ଦ୍ୱାରା ପରିପୂର୍ଣ୍ଣ ବୋଲି ତୁମକୁ ଅନୁଭବ କରିବାକୁ ପଡ଼ିବ ।''* ମାତ୍ର, ଏଠାରେ ଘଟୁଥିବା ସବୁକିଛି ଜଣେ ହିତୈଷୀ ପରମେଶ୍ୱରଙ୍କ ଲୀଳା ବୋଲି ଅନୁଭବ କରୁଥିବା ଜଣେ ବ୍ୟକ୍ତିର ସ୍ଥିତି କ'ଣ ହେବ ? ଏହି ନୂତନ ଉପଲବ୍ଧିରେ କ'ଣ ସେ ମଧ୍ୟ କୌଣସି ଅଂଶ ଗ୍ରହଣ କରିବ ନାହିଁ ?*

ସବୁ ହେଉଛି ସେହି ଦିବ୍ୟ ପରମସତ୍ତା ଏବଂ କେବଳ ସେହି ଦିବ୍ୟ ପରମସତ୍ତାହିଁ ରହିଛନ୍ତି, ମନର ସେପାଖରେ, ଚେତନାର ଅତ୍ୟନ୍ତ ଗଭୀରରେ ଯାଇ ଜଣେ ବ୍ୟକ୍ତି ସକଳ ଆନ୍ତରିକତା ସହିତ ସେହି ଅନୁଭବଟିକୁ ଲାଭ କରି ପାରିବ । ମାତ୍ର ଅଭିବ୍ୟକ୍ତି ଏକ ଉତ୍ତରୋତ୍ତର ସୋପାନ-ଅନୁକ୍ରମରେ ଘଟିବ, ଏବଂ, ଯାହାକିଛି ଅନ୍ତର୍ହିତ ହୋଇଯିବା ଉଚିତ, ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଅଗ୍ରସର ହେବା ଲାଗି ଆବଶ୍ୟକ ବଳଟିକୁ ଲାଭ କରିବାକୁ ହେଲେ, ବ୍ୟକ୍ତିକୁ ଦିବ୍ୟ ପରିପୂର୍ଣ୍ଣତାକୁ ବ୍ୟକ୍ତ କରିବାରେ ଆପଣାର ଅଯୋଗ୍ୟତା ଓ ଅକ୍ଷମତାକୁ ଅତ୍ୟନ୍ତ ଦୃଢ଼ ଭାବରେ ଅବଶ୍ୟ ଅନୁଭବ କରିବାକୁ ପଡ଼ିବ ।

* ପ୍ରଶ୍ନ ଓ ଉତ୍ତର, ଶତବାର୍ଷିକୀ ଗ୍ରନ୍ଥମାଳା, ୩ୟ ଖଣ୍ଡ(ଇଂ), ପୃ. ୧୨୮ ।

ଚେତନାର ଏହି ଦୁଇଟିଯାକ ସ୍ଥିତି ଯୁଗପତ୍ ଏବଂ ଅନୁପୂରକ ହୋଇ ରହିବେ । ସେଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ ଆସିବେ ନାହିଁ କିଂବା ପରସ୍ପରର ବିରୋଧୀ ହେବେ ନାହିଁ । ଏବଂ, ମନ ତଥା ତାହାର ସୀମାଗୁଡ଼ିକୁ ଅତିକ୍ରମ କରି ଚେତନା ଆଗକୁ ଚାଲିଯାଇ ପାରିଲେ ଯାଇ ଏହା ସମ୍ଭବ ହେବ ।

*୧୨ ମଇ ୧୯୬୫*

*ସ୍ନେହମୟି ମାଆ,*

*ବିଭାଗୀୟ ମୁଖ୍ୟ ବା ଉପରିସ୍ଥ କର୍ତ୍ତାମାନେ ଯେତେବେଳେ ଭୁଲ୍ କରୁଛନ୍ତି ବା ସେମାନଙ୍କ ଅଧସ୍ତନମାନଙ୍କ ପ୍ରତି ଅନ୍ୟାୟ ବିଚାର କରୁଛନ୍ତି, ସେତେବେଳେ ଏହିସବୁ ଭୁଲ୍ କାର୍ଯ୍ୟର ପରିଣାମ ଭୋଗ କରୁଥିବା ବ୍ୟକ୍ତିମାନଙ୍କର ଦୃଷ୍ଟିକୋଣ କିପରି ହୋଇ ରହିବା ଉଚିତ ? ସେହି କ୍ଷେତ୍ରରେ ଜଣେ କ'ଣ ନୀରବ ରହିଯିବ ଏବଂ ''ଏସବୁ ମୋ'ର କାମ ନୁହେଁ'' ବୋଲି କହିବ ନା ସେମାନଙ୍କୁ ଭୁଲ୍‌ଟି ଦେଖାଇବାର ପ୍ରୟାସ କରିବ ?*

ଏଇଟା କରିବ ନାହିଁ କିଂବା ସେଇଟା ମଧ୍ୟ କରିବ ନାହିଁ ।

ସର୍ବପ୍ରଥମେ ଏବଂ ସର୍ବଦା, କେଉଁସବୁ ଯୁକ୍ତି ପ୍ରୟୋଗ କରି ଆମେ ନିଜର ବିଚାରଟିକୁ କରିଛୁ, ଆମେ ସେହି ବିଷୟରେ ନିଜକୁ ପ୍ରଶ୍ନ କରିବା । ଆମେ ପଚାରିବା, ''କେଉଁ ଆଧାରଗୁଡ଼ିକ ଉପରେ ମୁଁ ଏହି ବିଚାରଟିକୁ କରିଛି ? ମୋ'ର ସଂପୂର୍ଣ୍ଣ ଜ୍ଞାନ ରହିଛି କି ? ମୋ ଭିତରେ କେଉଁ ଉପାଦାନଟି ଏହି ବିଚାରଟିକୁ କରୁଛି ? ମୋର ଦିବ୍ୟଚେତନା ରହିଛି କି ? ଏହି ବିଷୟଟିରେ ମୁଁ ସଂପୂର୍ଣ୍ଣ ଭାବରେ ସ୍ୱାର୍ଥମୁକ୍ତ କି ? ମୁଁ ସମସ୍ତ ବାସନା ଏବଂ ସକଳ ଅହଂରୁ ମୁକ୍ତ କି ?''

ଏବଂ ସେହି ସବୁଯାକ ପ୍ରଶ୍ନର ଉତ୍ତର କେବଳ ''ନାହିଁ'' ବୋଲି ହେଉଥିବାରୁ, ଆମର ସାଧୁ ଏବଂ ନିଷ୍ପାପର ସିଦ୍ଧାନ୍ତଟି କେବଳ ଏହିପରି ହେବାକୁ ବାଧ୍ୟ ହେବ : ''ମୁଁ ପ୍ରକୃତରେ ଯଥାର୍ଥ ବିଚାର କରି ପାରିବି ନାହିଁ, ଏକ ଯଥାର୍ଥ ବିଚାର ଦେବା ପାଇଁ ଆବଶ୍ୟକ ଉପାଦାନଗୁଡ଼ିକ ମୋ' ପାଖରେ ନାହିଁ; ତେଣୁ ମୁଁ ବିଚାର କରିବି ନାହିଁ, ମୁଁ ଚୁପ୍‌ହିଁ ରହିବି ।''

*୧୯ ମଇ ୧୯୬୫*

*ସ୍ନେହମୟି ମାଆ,*

*ପରମ ସତ୍ୟଚେତନାରୁ ବହୁଦୂର ହୋଇ ରହିଥିବାରୁ ଜଣେ ବ୍ୟକ୍ତି ସର୍ବଦା*

*ନୀରବ ରହିବା ଉଚିତ ହେବ କି; ଜଣେ ବ୍ୟକ୍ତି ହିସାବରେ ଜଣେ ମନୁଷ୍ୟ ନଷ୍ପତ୍ତିମାନ ଗ୍ରହଣ କରିବା ଏବଂ ମତ ଦେବାକୁ ବାଧ୍ୟ ହେଉଥିଲେ ମଧ୍ୟ ସେ ଚୁପ୍ ରହିବ କି ?*

*ଗୋଟିଏ ବ୍ୟକ୍ତିତ୍ୱ କାହାକୁ ନେଇ ଗଠିତ ହୋଇଥାଏ ?*

ଏକ ବ୍ୟକ୍ତିତ୍ୱ ହେଉଛି ଗୋଟିଏ ସଚେତନ ସତ୍ତା, ଯାହାକି ଏକ ଦିବ୍ୟ କେନ୍ଦ୍ରର ଚାରିପାଖରେ ସଂଗଠିତ ହୋଇ ରହିଥାଏ । ସବୁ ଦିବ୍ୟକେନ୍ଦ୍ର ନିଜ ଉତ୍ସସ୍ଥଳରେ ମୂଳତଃ ଏକ, ମାତ୍ର ସେମାନେ ପରିପ୍ରକାଶ କ୍ଷେତ୍ରରେ ଅଲଗା ଅଲଗା ସତ୍ତାରୂପେ କାର୍ଯ୍ୟ କରୁଥାନ୍ତି ।

ବଞ୍ଚି ରହିବା ସକାଶେ ବ୍ୟକ୍ତିକୁ ନିଷ୍ପତ୍ତିମାନ ନେବାକୁହିଁ ପଡ଼ିବ, ମାତ୍ର ତା'ର ନାନାବିଧ ମତମାନ ରହିବା ଅପରିହାର୍ଯ୍ୟ ନୁହେଁ ଓ ସେ ସେଗୁଡ଼ିକୁ ପୁଣି ପ୍ରଚାର କରିବାରେ ଲାଗିବା ଆହୁରି କମ୍ ଅପରିହାର୍ଯ୍ୟ ।

କେବଳ ଅଜ୍ଞାନରହିଁ ମତମାନ ରହିଥାଏ ।

ଜ୍ଞାନହିଁ ପ୍ରକୃତରେ **ଜାଣେ** ।

*୨୬ ମଇ ୧୯୬୫*

*ସ୍ନେହମୟି ମାଆ,*

*୧୯୫୬ ମସିହା ଫେବ୍ରୁଆରି ୨୯ ତାରିଖରେ ଆପଣ ଅତିମାନସର ଯେଉଁ ଅବତରଣ ବିଷୟରେ ଘୋଷଣା କରିଥିଲେ, ତାହା ଏଠାରେ ଥିବା ଅଧିକାଂଶ ଲୋକଙ୍କ ନିମନ୍ତେ ଏପର୍ଯ୍ୟନ୍ତ ମଧ୍ୟ କେବଳ ଏକ ''ଶୁଣିବା କଥା'' ହୋଇ ରହିଛି ।*

*ଆପଣ ସମସ୍ତପ୍ରକୃତିର ଯେଉଁ ସର୍ବୋଚ୍ଚ ଏବଂ ସମୂଳ ପରିବର୍ତ୍ତନ ବିଷୟରେ ଏହି ଭବିଷ୍ୟବାଣୀ କରିଛନ୍ତି, ତାହାକୁ ଆମେ କେବେ ଅନୁଭବ କରିବୁ ଓ ଦେଖିବାକୁ ପାଇବୁ ?*

ଅତିମାନସ ଶକ୍ତିଗୁଡ଼ିକର ଅଗ୍ରଗାମୀମାନଙ୍କର ଯେ ଅବତରଣ ଘଟିଛି ଏହା ଏକ **ବାସ୍ତବ ସତ୍ୟ** (ତାହା ଏକ ଭବିଷ୍ୟବାଣୀ ନୁହେଁ) । ଏହି ବିଷୟରେ ସଚେତନ ହେବା ଲାଗି ବହୁସଂଖ୍ୟକ ବ୍ୟକ୍ତିଙ୍କର ଯେଉଁ ଅସମର୍ଥତା, ତାହା ମଧ୍ୟ ଏକ **ବାସ୍ତବ ସତ୍ୟ** । ମାତ୍ର ଜଡ଼ ଜଗତ ଉପରେ ଏହିସବୁ ବଳ ଓ ସାମର୍ଥ୍ୟର ଆଗମନରୂପୀ ସତ୍ୟକୁ ସେହି ଅସମର୍ଥତା କଦାପି ପ୍ରଭାବିତ କରିବ ନାହିଁ ।

ଏକ ଦୀର୍ଘ ଏବଂ ମନ୍ଥର ପ୍ରସ୍ତୁତି ପରେ ଯାଇ ସମଗ୍ର ପ୍ରକୃତିର ''ସର୍ବୋଚ୍ଚ ଏବଂ ସମୂଳ'' ପରିବର୍ତ୍ତନ ସମ୍ଭବ ହେବ । ଏବଂ ମନୁଷ୍ୟମାନଙ୍କର ଚେତନା ଉଦ୍ଦୀପିତ ହେବା ପରେ ଯାଇ ସେମାନେ ତାହାକୁ ଅବଲୋକନ କରିପାରିବେ ।

*୨ ଜୁନ୍ ୧୯୬୫*

*ସ୍ନେହମୟି ମାଆ,*

*ମୁଁ କରୁଥିବା ସଂକଳ୍ପଗୁଡ଼ିକର ପ୍ରଗାଢ଼ତା ଏବଂ ଉତ୍ସାହ କିଛି କାଳ ପରେ ମ୍ଳାନ ହୋଇଯାଉଛି । କ'ଣ କଲେ ମୁଁ ଏହି ଉତ୍ସାହକୁ ଅବ୍ୟାହତ ରଖିପାରିବି ଏବଂ ତାହାର ଉତ୍ତରୋତ୍ତର ବୃଦ୍ଧି କରାଇ ପାରିବି ?*

**ତାହା କରିବାକୁ ଇଚ୍ଛା କରି ।**

*୯ ଜୁନ୍ ୧୯୬୫*

*ସ୍ନେହମୟି ମାଆ,*

*ଆପଣ ଲେଖିଛନ୍ତି : ''ପରମ ଅଜ୍ଞାନ ଭିତରେ ନିମଗ୍ନ ହୋଇ ରହିଥିବା ସେହି ଗୋଟିଏ ଶକ୍ତି ପ୍ରାଣିକ ବାସନାଗୁଡ଼ିକର ରୂପ ଧାରଣ କରିଥାଏ; ଏବଂ ତାହାର ଶୁଦ୍ଧ ରୂପରେ, ସେହି ଶକ୍ତିଟିହିଁ ରୂପାନ୍ତରର ଗତିଶୀଳ ପ୍ରକ୍ରିୟାରେ ମଧ୍ୟ ପରିଣତ ହୋଇଥାଏ ।''**

*ଏହି ଗତିଶୀଳ ପ୍ରକ୍ରିୟାକୁ ଅଭୀପ୍ସା ବୋଲି କୁହାଯିବ କି ? ଯଦି କୁହାଯିବ, ତେବେ ଆମେ ଅଭୀପ୍ସାକୁ ଏକ ବିଶୁଦ୍ଧୀକୃତ ବାସନା ବୋଲି କହି ପାରିବା କି ?*

ତୁମେ ଯେପରି ଇଚ୍ଛା କରିବ, ସେପରି ଅବଶ୍ୟ କହିପାରିବ । ମାତ୍ର, ତୁମେ ଯାହା କହୁଛ, ତାହା ବିଷୟରେ ତୁମର ଜ୍ଞାନ ରହିଥିଲେ ହେଲା ।

ଶବ୍ଦଗୁଡ଼ିକର କୌଣସି ମହତ୍ତ୍ୱ ନ ଥାଏ । ଅସଲ କଥା ହେଉଛି, ଅନୁଭୂତି ରହିଥିବ ଏବଂ ଅନୁଭୂତିର ଆନ୍ତରିକତା ମଧ୍ୟ ରହିଥିବ ।

*୨୩ ଜୁନ୍ ୧୯୬୫*

*ସ୍ନେହମୟି ମାଆ,*

*ଯଥାର୍ଥ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ନିମନ୍ତେ ଆମକୁ ଏକ*

* ପ୍ରଶ୍ନ ଓ ଉତ୍ତର, ଶତବାର୍ଷିକୀ ଗ୍ରନ୍ଥମାଳା, ୩ୟ ଖଣ୍ଡ(ଇଂ), ପୃ. ୧୩୩ ।

*ଲମ୍ଫପ୍ରଦାନ କରିବାକୁ ହେବ ବୋଲି ଆପଣ କହିଛନ୍ତି ('କଥୋପକଥନ' ପୁସ୍ତକରେ) । କେବଳ ଅଭୀପ୍ସା ଦ୍ୱାରା କ'ଣ ଏହା ସମ୍ଭବ ହେବ ନା ସେଥିଲାଗି ପାଳନ କରିବାକୁ ଏକ ପଦ୍ଧତି ବା ଶୃଙ୍ଖଳା ମଧ୍ୟ ରହିଛି ?*

ସବୁକିଛି ସମ୍ଭବ । ଯଦି ଅଧ୍ୟବସାୟ ଏବଂ ଆନ୍ତରିକତା ସହିତ ଅନୁଶୀଳନ କରାଯାଏ, ତେବେ ସବୁଯାକ ପଥ ଦ୍ୱାରା ମଧ୍ୟ ଲକ୍ଷ୍ୟସ୍ଥଳରେ ଅବଶ୍ୟ ପହଞ୍ଚି ହେବ ।

ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ପଥଟିକୁ ଖୋଜି ବାହାର କରିବାହିଁ ସର୍ବୋତ୍ତମ ହେବ, ମାତ୍ର ସେଥିଲାଗି ଅଭୀପ୍ସା ଉଦ୍ଦୀପ୍ତ ହୋଇ ରହିଥିବା ଆବଶ୍ୟକ, ଇଚ୍ଛାଶକ୍ତି ଅଟଳ ଏବଂ ଧୈର୍ଯ୍ୟ ଅବିଚଳିତ ହୋଇ ରହିଥିବା ଆବଶ୍ୟକ ।

*୩୦ ଜୁନ୍ ୧୯୬୫*

*ସ୍ନେହମୟି ମାଆ,*

*ଆମେ ଭାବିଥିବା ବା କରିଥିବା ଖରାପ କଥା ସକାଶେ କିଂବା ନିଜ ଚେତନାର ଭୂମିରେ ଘଟିଥିବା ପତନସକାଶେ ଆମର ଯାବତୀୟ ଅସୁସ୍ଥତା ଏବଂ ଆକସ୍ମିକ ଦୁର୍ଘଟଣାମାନ ଘଟିଥାଏ କି ? ଯଦି ନିଜେ କରିଥିବା କୌଣସି ଭୁଲ୍‌ହିଁ ଏହାର କାରଣ ହୁଏ, ତେବେ ସେହି ଭୁଲ୍‌ଟିକୁ ଜାଣିହେବ କିପରି ?*

**ଦଣ୍ଡ** ସହିତ ଏସବୁର ଆଦୌ କୌଣସି ସମ୍ବନ୍ଧ ନାହିଁ । ଏହା ହେଉଛି କୌଣସି ଭୁଲ୍‌ର ଏକ ସ୍ୱାଭାବିକ ଓ ସାଧାରଣ ପରିଣାମ, କୌଣସି ଅଭାବ ଏବଂ ଦୋଷର ପରିଣାମ । ଏଗୁଡ଼ିକର ଅବଶ୍ୟପରିଣାମ ରହିଥାଏ । ବସ୍ତୁତଃ, ପୃଥିବୀରେ ଯାହାକିଛି ଘଟେ, ତାହା ହେଉଛି ସମତାବସ୍ଥା ଏବଂ ଅସମତାବସ୍ଥାର, ସମଞ୍ଜସତା ଏବଂ ଅସମଞ୍ଜସତାର ଏକ ସମସ୍ୟା । ସମଞ୍ଜସତାର ସ୍ପନ୍ଦନମାନେ ସମଞ୍ଜସତାପୂର୍ଣ୍ଣ ଘଟଣାଗୁଡ଼ିକୁ ଆକର୍ଷିତ କରି ଆଣିଥାନ୍ତି ଏବଂ ଉତ୍ସାହିତ କରନ୍ତି । ଅସମତାବସ୍ଥାର ସ୍ପନ୍ଦନମାନେ ସତେଯେପରି ପରିସ୍ଥିତିରେ ମଧ୍ୟ ଏକ ଅସମଞ୍ଜସତା ସୃଷ୍ଟି କରନ୍ତି (ଅସୁସ୍ଥତା, ଦୁର୍ଘଟଣା ପ୍ରଭୃତି) । ଏହା ବ୍ୟକ୍ତିଗତ ହୋଇପାରେ, ସାମୂହିକ ମଧ୍ୟ ହୋଇପାରେ, ମାତ୍ର ଉଭୟ କ୍ଷେତ୍ରରେ ସେହି ଗୋଟିଏ ବିଧାନହିଁ କାର୍ଯ୍ୟ କରୁଥାଏ । ଏବଂ, ପ୍ରତିକାର ମଧ୍ୟ ତଦନୁରୂପ : ନିଜ ଭିତରେ ଶୃଙ୍ଖଳା ଏବଂ ସମଞ୍ଜସତାର ଅନୁଶୀଳନ କରିବା, ଶାନ୍ତି ଏବଂ ସମତାବସ୍ଥାର ଅନୁଶୀଳନ କରିବା,– ଅକୃପଣ ଭାବରେ ପରମ ଦିବ୍ୟ-ଇଚ୍ଛା ପାଖରେ ଆପଣାକୁ ସମର୍ପିତ କରିଦେଇ ଏସବୁ କରିପାରିବା ।

*୭ ଜୁଲାଇ ୧୯୬୫*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ କହିଛନ୍ତି : ''ଯଦି ଶରୀରର ରୂପାନ୍ତର ସଂପୂର୍ଣ୍ଣ ହୋଇଯାଏ, ତେବେ ତାହାର ଅର୍ଥ ହେଉଛି ଯେ ବ୍ୟକ୍ତି ଆଉ ମୃତ୍ୟୁର ଅଧୀନ ହୋଇ ରହିବ ନାହିଁ ... ପରିବର୍ତ୍ତିତ ହେବା ଲାଗି ଇଚ୍ଛା କଲାବେଳେ ସେ ନିଜ ଲାଗି ଗୋଟିଏ ନୂତନ ଶରୀର ସୃଷ୍ଟି କରେ ... ।''**

*ମାଆ, ''ପରିବର୍ତ୍ତିତ ହେବା ଲାଗି ଇଚ୍ଛା କଲାବେଳେ ସେ ନିଜ ଲାଗି ଏକ ନୂତନ ଶରୀର ସୃଷ୍ଟି କରେ''ର ଅର୍ଥ କ'ଣ ? ଏହି ପରିବର୍ତ୍ତନ ସେ ବର୍ତ୍ତମାନ ଧାରଣ କରିଥିବା ଶରୀରରେ ଘଟେ ବା ତାକୁ ଏହି ଶରୀରକୁ ଛାଡ଼ିଦେବାକୁ ହୁଏ ? ଯଦି ଶରୀରଟିକୁ ଛାଡ଼ିଦେବାକୁ ହେଉଥାଏ, ତେବେ ମୃତ୍ୟୁ ଅବଶ୍ୟ ରହିବା ପରି ବୋଧ ହେଉଛି । ତେବେ ... ?*

ତାଙ୍କର କହିବାର ଅର୍ଥ ହେଉଛି ଯେ, ଯେତେବେଳେ ମନୁଷ୍ୟ ମୃତ୍ୟୁର ପ୍ରଭାବ ଭିତରୁ ଜଡ଼ ଶରୀରକୁ ପ୍ରତ୍ୟାହୃତ କରିନେବାର ଶକ୍ତି ଅର୍ଜନ କରିବ, ରୂପାନ୍ତରର ଶକ୍ତି ମଧ୍ୟ ଏପରି ହୋଇଥିବ ଯେ ସେତେବେଳେ ସେ ଇଚ୍ଛାମତେ ସେହି ଶରୀରର ଆକାରରେ ପରିବର୍ତ୍ତନ ଘଟାଇବାକୁ ମଧ୍ୟ ସମର୍ଥ ହୋଇଯିବ ।

*୧୪ ଜୁଲାଇ ୧୯୬୫*

*ସ୍ନେହମୟି ମାଆ,*

*''ଇଚ୍ଛାମତେ ସେହି ଶରୀରର ଆକାରରେ ପରିବର୍ତ୍ତନ ଘଟାଇବା'' କହିଲେ ଆପଣ କ'ଣ ବୁଝୁଛନ୍ତି ? ଉଦାହରଣ ସ୍ୱରୂପ, ଜଣେ ଶହେବର୍ଷର ବ୍ୟକ୍ତି ନିଜ ଶରୀରକୁ ପୁଣି ନୂଆ କରିଦେଇ ପଚିଶ ବର୍ଷର ଜଣେ ତରୁଣରେ ପରିଣତ ହୋଇଯିବ କି ?*

ଯେଉଁମାନଙ୍କର ଶରୀର ଅତିମାନସର ଭୂମିରେ ପ୍ରବେଶ କରିଛି, ସେମାନଙ୍କର ବାର୍ଦ୍ଧକ୍ୟ ଆସିବ ନାହିଁ । ତେଣୁ, ସେମାନଙ୍କ ଲାଗି ବୟସର ଆଦୌ କୌଣସି ପ୍ରଶ୍ନ ଉଠିବ ନାହିଁ ।

*୨୧ ଜୁଲାଇ ୧୯୬୫*

*ସ୍ନେହମୟି ମାଆ,*

*ଥରେ, ଆପଣଙ୍କର ଗୋଟିଏ ବୁଧବାର କ୍ଲାସ୍‌ରେ ଆପଣ କହିଥିଲେ ଯେ,*

---

* ଯୋଗ-ପତ୍ରାବଳୀ, ଶତବାର୍ଷିକୀ ଗ୍ରନ୍ଥମାଳା, ୨୨ଶ ଖଣ୍ଡ (ଇଂ), ପୃ. ୧୧ ।

*ଯନ୍ତ୍ରଣା ଅନୁଭବ ନ କରିବାକୁ ହେଲେ ଯନ୍ତ୍ରଣାବୋଧକୁ ମସ୍ତିଷ୍କକୁ ବହନ କରି ନେଇ ଯାଉଥିବା ସ୍ନାୟୁଟିକୁ କାଟି ଦେବାକୁ ପଡ଼ିବ । ଏହା କିପରି କରାଯାଇ ପାରିବ ?*

ମୁଁ ''ସ୍ନାୟୁଟିକୁ କାଟିଦେବ'' ବୋଲି କହି ନ ଥିଲି – ତାହା ହେଲେ ତ ଏକ ଶଲ୍ୟୋପଚାର କରିବାକୁ ହେବ ! ମୁଁ ମସ୍ତିଷ୍କ ସହିତ ରହିଥିବା ସଚେତନ ସଂଯୋଗଟିକୁ କାଟିଦେବା ବିଷୟରେ କହିଥିଲି ।

ଏହା ହେଉଛି ଏକ ଗୂଢ଼ବିଦ୍ୟାଗତ ଉପଚାର; ଯେଉଁମାନେ ଏହାକୁ କିପରି କରିବାକୁ ହୁଏ ଜାଣି ନ ଥାନ୍ତି, ସେମାନଙ୍କ ଲାଗି ଏ ବିଦ୍ୟାଟି ଶାରୀରିକ ଶଲ୍ୟଚିକିତ୍ସା ଅପେକ୍ଷା ଅଧିକ କଷ୍ଟକର; ମାତ୍ର ଅପେକ୍ଷାକୃତ କମ୍ ବିପଜ୍ଜନକ ।

*୨୮ ଜୁଲାଇ ୧୯୬୫*

*ସ୍ନେହମୟି ମାଆ,*

*ପୃଥିବୀରେ ଜନ୍ମଗ୍ରହଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିର କ'ଣ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଥାଏ, ଯାହାକୁକି ତାକୁ ଏହି ଜୀବନରେ ଅବଶ୍ୟ ଉପଲବ୍ଧି କରିବାକୁ ପଡ଼େ ? ଏବଂ, ସେ ନିଜେ ନ ଚାହିଁଲେ ମଧ୍ୟ ଅଚେତନ ଭାବରେ ସେ ଏହାର ଉପଲବ୍ଧି କରିଥାଏ ?*

ହଁ ।

*୧୧ ଅଗଷ୍ଟ ୧୯୬୫*

*ସ୍ନେହମୟି ମାଆ,*

*ଯେଉଁ ଲୋକମାନେ ପ୍ରଥମଥର ପାଇଁ ଆଶ୍ରମକୁ ଆସନ୍ତି, ସେମାନେ ଅନେକ ସମୟରେ ଏହି ପରିଦର୍ଶନଟି ସକାଶେ ଖୁବ୍ ଆନନ୍ଦ ଅନୁଭବ କରିଥାନ୍ତି ଏବଂ ଏହି ଅନୁଷ୍ଠାନଟିର ସୁଦକ୍ଷ ପରିଚାଳନା ନିମନ୍ତେ ଏହାର କେତେ ନା କେତେ ପ୍ରଶଂସା କରିଥାନ୍ତି । ମାତ୍ର, ଆଶ୍ରମ ତଥା ଏହାର ସାଧକମାନଙ୍କୁ ଅଧିକ ଭଲ ଭାବରେ ଜାଣିବା ପରେ, ସେମାନଙ୍କର ପ୍ରଶଂସା ଊଣା ହୋଇଆସେ ଏବଂ ସେମାନେ ଦେଖିବାକୁ ପାଆନ୍ତି ଯେ, ବାହାରୁ ଆସୁଥିବା ଲୋକମାନଙ୍କ ତୁଳନାରେ ଆଶ୍ରମର ଅଧିବାସୀମାନେ ହେଉଛନ୍ତି ଅନେକ ଅଧିକ ପରିମାଣରେ ଅହଙ୍କାରୀ*

*ଓ ଅଧିକ ଉଦ୍ଧତ । ସେମାନଙ୍କ ମଧ୍ୟରେ ସହାନୁଭୂତି ନାହିଁ, ସେମାନେ ସହଯୋଗ ଲାଗି ଏକାନ୍ତ ଅସମର୍ଥ ବୋଲି ଜାଣିବାକୁ ପାଇଥାନ୍ତି । ମାଆ, ଆପଣ ଏସବୁ ବିଷୟରେ କ'ଣ କହିବେ ?*

କାର୍ଯ୍ୟ କାରଣ ବଶତଃ ବେଳେବେଳେ ସେହିପରି ହୋଇଥାଏ, ବେଳେବେଳେ ତାହାର ଠିକ୍ ବିପରୀତ ମଧ୍ୟ ଘଟେ । ସର୍ବପ୍ରଥମେ ସେମାନେ ଅଦୌ କିଛି ବୁଝି ନ ଥାନ୍ତି; ମାତ୍ର ପରେ, କ୍ରମେ କ୍ରମେ, ବୁଝିବାକୁ ଆରମ୍ଭ କରନ୍ତି, ପ୍ରଶଂସା ମଧ୍ୟ କରନ୍ତି ।

ଦୁଇଟିଯାକ କଥା ସତ୍ୟ, ମାତ୍ର ଦୁଇଟିଯାକ ଅସଂପୂର୍ଣ୍ଣ ।

ପୃଥିବୀ ବର୍ତ୍ତମାନ ଯେଉଁଭଳି ସ୍ଥିତିରେ ରହିଛି, ସେଥିରେ ସବୁକିଛି ମିଶ୍ରିତ ହୋଇ ରହିଛି; ଏବଂ ନିଜ ପ୍ରକୃତିର ଅନୁରୂପ ଭାବରେହିଁ ପ୍ରତ୍ୟେକ ବ୍ୟକ୍ତି ସବୁକିଛି ଦେଖେ ଓ ଅନୁଭବ କରେ ।

ସତରେ କହିଲେ, **ଏଥିରେ କିଛି ଯାଏ ଆସେ ନାହିଁ ।**

*୨୫ ଅଗଷ୍ଟ ୧୯୬୫*

*ସ୍ନେହମୟି ମାଆ,*

*ମୁଁ ପ୍ରକୃତରେ ଅନୁଭବ କରୁଛି ଯେ ଏଠାରେ ଆମ ଭିତରେ ଏବଂ ବିଭିନ୍ନ ବିଭାଗଗୁଡ଼ିକ ମଧ୍ୟରେ ସମଞ୍ଜସତା ଓ ସହଯୋଗର ଅତ୍ୟନ୍ତ ଅଭାବ ରହିଛି । ଏହାଦ୍ୱାରା ବହୁତ ଅର୍ଥ ଓ ଶକ୍ତିର ବରବାଦ ହେଉଛି । ଏହି ଅସମଞ୍ଜସତା କେଉଁଠାରୁ ଆସୁଛି ଏବଂ କେବେଯାଇ ଏହାକୁ ସଜଡ଼ାଯାଇ ପାରିବ ?*

*ଅଥବା, ମୋ' ଭିତରେ ଆସୁଥିବା ଧାରଣାଟି କେବଳ ମୋ' ନିଜ ସ୍ୱଭାବର ଏକ ପ୍ରତିଫଳନ ବୋଲି କ'ଣ କୁହାଯିବ ?*

ତୁମ ପ୍ରଶ୍ନଗୁଡ଼ିକର ସର୍ବୋତ୍ତମ ଉତ୍ତର ତୁମେ ଶ୍ରୀଅରବିନ୍ଦଙ୍କର ନିମ୍ନ ଉକ୍ତିରୁ ପାଇବ :

''ଏହି ଅସମଞ୍ଜସତାର ବୀଜକୁ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ବହନ କରୁଛି ଏବଂ ଏକ ସତତ ଅଭୀପ୍ସା ଦ୍ୱାରା ଆପଣା ଭିତରୁ ତାହାକୁ ଶୁଦ୍ଧ କରି ପୋଛିଦେବା ହେଉଛି ତା'ର ସର୍ବପ୍ରଥମ କାର୍ଯ୍ୟ ।''

*୧ ସେପ୍ଟେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ ତାଙ୍କ 'ଗୀତା-ନିବନ୍ଧମାଳା'ରେ ଲେଖିଛନ୍ତି : ''ରୁଦ୍ରଙ୍କର ଋଣକୁ ପରିଶୋଧ ନ କରିବା ପର୍ଯ୍ୟନ୍ତ ବିଷ୍ଣୁଙ୍କର ବିଧାନକୁ କଦାପି ପ୍ରତିଷ୍ଠିତ କରି ହେବ ନାହିଁ ।'' ଏହାର ଅର୍ଥ କ'ଣ ?*

*ମାଆ, ଭାରତବର୍ଷର ବର୍ତ୍ତମାନ ପରିସ୍ଥିତିକୁ* କ'ଣ ରୁଦ୍ରଙ୍କ ପରିଶୋଧ କରିବାକୁ ରହିଥିବାର ସେହି ଋଣ ବୋଲି କୁହାଯିବ ?*

ଯେଉଁମାନେ ବର୍ତ୍ତମାନ ପରିସ୍ଥିତିଟିର କାରଣ ଜାଣିବାକୁ ଚାହିଁବେ, ସେମାନଙ୍କ ଲାଗି ମୁଁ ତାଙ୍କର ସମ୍ପୂର୍ଣ୍ଣ ଉକ୍ତିଟିକୁ ଆଗରୁ ପ୍ରସ୍ତୁତ କରି ରଖିଥିଲି । ସେଇଟିକୁ ମୁଁ ତୁମ ପାଖକୁ ପଠାଇ ଦେଉଛି । ଏହାକୁ ପଢ଼ିବା ପରେ ତୁମ ପ୍ରଶ୍ନଟିର ଆଉକୌଣସି ପ୍ରୟୋଜନ ରହିବ ନାହିଁ ।

''ମନୁଷ୍ୟର ହୃଦୟ ଶାନ୍ତିର ଯୋଗ୍ୟ ନ ହେବାଯାଏ କୌଣସି ଯଥାର୍ଥ ଶାନ୍ତି ସମ୍ଭବ ହେବ ନାହିଁ । ରୁଦ୍ରଙ୍କର ଋଣ ପରିଶୋଧ ନ କରିବା ପର୍ଯ୍ୟନ୍ତ ବିଷ୍ଣୁଙ୍କର ବିଧାନକୁ କଦାପି ପ୍ରତିଷ୍ଠିତ କରିହେବ ନାହିଁ । ତେବେ କ'ଣ ଆମେ ତଥାପି ଅବିବର୍ତ୍ତିତ ଅବସ୍ଥାରେ ରହିଥିବା ମନୁଷ୍ୟସମାଜକୁ ପ୍ରେମ ଓ ଏକତ୍ୱର ବିଧାନଟିକୁ ପ୍ରଚାର କରିବାରୁ ଦୂରରେ ରଖିବା ? ପ୍ରେମ ଓ ଏକତ୍ୱର ବିଧାନର ପ୍ରଚାରକ ଗୁରୁମାନେ ଅବଶ୍ୟ ରହିବେ, କାରଣ କେବଳ ସେହି ଉପାୟରେହିଁ ସର୍ବଶେଷ ମୁକ୍ତିଟି ସମ୍ଭବ ହେବ । ମାତ୍ର, ମନୁଷ୍ୟ ଭିତରେ ମହାକାଳର ଆତ୍ମାଟି ପ୍ରସ୍ତୁତ ନ ହୋଇଥିବା ପର୍ଯ୍ୟନ୍ତ ଅନ୍ତର୍ଗତ ଓ ଚରମ ସତ୍ୟଟି ବାହାରର ତାତ୍କାଳିକ ସତ୍ୟଟିର ପରିଚାଳନା କରିବା ଆଦୌ ସମ୍ଭବ ହେବ ନାହିଁ । ଖ୍ରୀଷ୍ଟ ଏବଂ ବୁଦ୍ଧ ପୃଥିବୀକୁ ଆସିଛନ୍ତି ଓ ପୃଥିବୀରୁ ବିଦାୟ ନେଇ ଯାଇଛନ୍ତି, ମାତ୍ର ରୁଦ୍ରହିଁ ଏବେ ମଧ୍ୟ ଏହି ପୃଥିବୀକୁ ନିଜ ହାତର ପାପୁଲି ଉପରେ ଧରିକରି ରଖିଛନ୍ତି । ଏବଂ, ଏହି ମଧ୍ୟବର୍ତ୍ତୀ ଅବସରରେ, ଅହଂପ୍ରଣୋଦିତ ଶକ୍ତିରୁ ଲାଭବାନ୍ ହେଉଥିବା କ୍ଷମତାଚୟ ତଥା ସେମାନଙ୍କର ଭୃତ୍ୟମାନଙ୍କ ଦ୍ୱାରା ନିର୍ଯାତିତ ଏବଂ ଅତ୍ୟାଚାରିତ ହେଉଥିବା ମାନବଜାତିର ସେହି ଭୟାନକ ଅଗ୍ରବର୍ତ୍ତୀ ଉଦ୍ୟମଟି ସଂଗ୍ରାମର ପରମବୀରଟିର ଖଡ୍ଗ ତଥା ଆପଣା ଭବିଷ୍ୟ ବକ୍ତାର ବାଣୀ ଲାଗି ଚିତ୍କାର କରିବାରେ ଲାଗିଛି ।''** – *ଶ୍ରୀଅରବିନ୍ଦ*

*୮ ସେପ୍ଟେମ୍ବର ୧୯୬୫*

---

* ସେପ୍ଟେମ୍ବର ପହିଲା ଦିନ ପାକିସ୍ତାନ ଜମ୍ମୁ-କାଶ୍ମୀର ସୀମାରେ ଭାରତ ଉପରେ ଆକ୍ରମଣ କରିଥିଲା ।

** ଗୀତା-ନିବନ୍ଧମାଳା, ଶତବାର୍ଷିକୀ ଗ୍ରନ୍ଥମାଳା, ୧୩ଶ ଖଣ୍ଡ(ଇଂ), ପୃ. ୩୭୨ ।

*ସ୍ନେହମୟି ମାଆ,*

*ପ୍ରଧାନମନ୍ତ୍ରୀ ଏବଂ ସେନାବାହିନୀର ମୁଖ୍ୟଙ୍କ ପାଖକୁ ସେପ୍ଟେମ୍ବର ୧୬ ତାରିଖରେ ଆପଣ ପଠାଇଥିବା ବାର୍ତ୍ତା ସତ୍ତ୍ୱେ ଆମ ସରକାରଙ୍କର ଯୁଦ୍ଧ-ବିରତି ପ୍ରସ୍ତାବଟିକୁ ଗ୍ରହଣ କରିନେବାକୁ ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ଅଧିକ ଉତ୍ତମ ବୋଲି କୁହାଯିବ ନାହିଁ କି ?**

ସେମାନେ ଆଉ ଭିନ୍ନ କିଛି କରି ପାରି ନ ଥାନ୍ତେ ।

*୨୯ ସେପ୍ଟେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ମୁଁ ଅନେକ ସମୟରେ ଏବଂ ଅତ୍ୟନ୍ତ ସାକାର ଭାବରେ ଅନୁଭବ କରିଥାଏ ଯେ, ମୋତେ ଆପଣ ଜୀବନର ଯାବତୀୟ ଦୁର୍ଗତିରୁ ରକ୍ଷା କରୁଛନ୍ତି । ମାତ୍ର, ଅନେକ ସମୟରେ ମୁଁ ନିଜକୁ ପ୍ରଶ୍ନ କରେ : ''ଏହି ସୁରକ୍ଷାର ମୁଁ ଏତେ କମ୍ ଯୋଗ୍ୟ ହୋଇଥିଲେ ମଧ୍ୟ ମାଆ ମୋତେ କାହିଁକି ରକ୍ଷା କରନ୍ତି ଏବଂ ମୋତେ ଏଡ଼େ ସୁଖରେ ରଖିଥାଆନ୍ତି ?''*

କାରଣ ଏହା ଯୋଗ୍ୟତାର ପ୍ରଶ୍ନ ନୁହେଁ, ଏହା ହେଉଛି ପରମ କରୁଣାର ପ୍ରଶ୍ନ ।

*୬ ଅକ୍ଟୋବର ୧୯୬୫*

*ସ୍ନେହମୟି ମାଆ,*

*ସ୍ପଷ୍ଟ ଦେଖି ହେଉଛି ଯେ ଏହି ପୃଥିବୀ ସମଗ୍ର ଭାବରେ ସମ୍ପ୍ରତି ଏକ ପ୍ରକାରର ଅସମତାବସ୍ଥା ଏବଂ ଅରାଜକତା ମଧ୍ୟରେ ରହିଛି । ଏହାର କ'ଣ ଏହି ଅର୍ଥ ହେବ ଯେ, ଏହା ଏକ ନୂତନ ଶକ୍ତିର ପ୍ରକାଶ ନିମନ୍ତେ ପ୍ରସ୍ତୁତ ହେଉଛି, ପରମ ସତ୍ୟର ଅବତରଣ ଲାଗି ପ୍ରସ୍ତୁତ ହେଉଛି, ଅଥବା, ସେହି ଅବତରଣର*

---

* ସେପ୍ଟେମ୍ବର ୨୨ ତାରିଖରେ ଏକ ଯୁଦ୍ଧ-ବିରତି ମଧ୍ୟରେ ଭାରତ-ପାକିସ୍ତାନ ଯୁଦ୍ଧର ଅବସାନ ଘଟିଥିଲା । ମାଆ ଯୁଦ୍ଧବିରତିର ଛଅ ଦିନ ପୂର୍ବରୁ ଯେଉଁ ସନ୍ଦେଶଟି ପଠାଇଥିଲେ, ସେଇଟି ହେଉଛି : ''ପରମ ସତ୍ୟର ବିଜୟ ଲାଗିହିଁ ଭାରତବର୍ଷ ଯୁଦ୍ଧ କରୁଛି ଏବଂ ଭାରତ ଓ ପାକିସ୍ତାନ **ଗୋଟିଏ** ହୋଇଯିବା ପର୍ଯ୍ୟନ୍ତ ଭାରତବର୍ଷକୁ ଅବଶ୍ୟ ଯୁଦ୍ଧ କରିବାକୁ ପଡ଼ିବ । କାରଣ, ତାହାହିଁ ହେଉଛି ସେମାନଙ୍କର ଅସ୍ତିତ୍ୱଗତ ଅସଲ ସତ୍ୟ ।''

*ପ୍ରତିରୋଧ କରୁଥିବା ପ୍ରତିକୂଳ ଶକ୍ତିଗୁଡ଼ିକର କ୍ରିୟା ଫଳରେ ଏପରି ହେଉଛି ? ଏବଂ, ଏହି ସବୁଟି ଭିତରେ ଭାରତବର୍ଷ କେଉଁ ସ୍ଥିତିରେ ରହିଛି ?*

ସ୍ଥିତିଟି ଯୁଗପତ୍ ଭାବରେ ଉଭୟ ପ୍ରକାରର ହୋଇ ରହିଛି – ଏକ ଅରାଜକତାପୂର୍ଣ୍ଣ ମାର୍ଗରେ ପ୍ରସ୍ତୁତ ହେବାରେ ଲାଗିଛି । ଏହି ସ୍ଥିତିରେ ଭାରତବର୍ଷର ଆଧ୍ୟାତ୍ମିକ ମାର୍ଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ, ଯିଏକି ଘଟୁଥିବା ଘଟଣାଗୁଡ଼ିକର ବ୍ୟାଖ୍ୟା କରିଦେଇ ପାରିବ ଏବଂ କ୍ରିୟାନ୍ୱିତତାକୁ ଅଧିକ ସତ୍ୱର ହେବାରେ ସାହାଯ୍ୟ କରିବ । ମାତ୍ର, ଦୁର୍ଭାଗ୍ୟର ବିଷୟ ଯେ, ପଶ୍ଚିମ ଜଗତର ଅନ୍ଧାଅନୁକରଣ କରି ଭାରତ ଏବେ ବସ୍ତୁବାଦୀ ହୋଇପଡ଼ିଛି ଏବଂ ଆପଣା ଆତ୍ମାର ଅବହେଳା କରୁଛି ।

*୧୩ ଅକ୍ଟୋବର ୧୯୬୫*

*ସ୍ନେହମୟି ମାଆ,*

*ଆମର କେତେକ କଥା କରିବା ଉଚିତ ନୁହେଁ ଏବଂ ଆମେ ପ୍ରକୃତରେ ସେଗୁଡ଼ିକୁ କରିବାକୁ ଇଚ୍ଛା କରୁ ନାହୁଁ ବୋଲି ଜାଣିଥିଲେ ମଧ୍ୟ ଆମେ ତଥାପି ସେଗୁଡ଼ିକୁ କରୁଛୁ । ଏପରି କାହିଁକି ହୁଏ ? ଏହାକୁ ଏଡ଼ିହେବ କିପରି ?*

ଇଚ୍ଛାଶକ୍ତି ଏବଂ ଚେତନାଶକ୍ତିର ଅଭାବ ଥିଲେ ଏପରି ହୋଇଥାଏ ।

ନିଜର ଅଭୀପ୍ସାରେ ନିଷ୍ଠା ଅର୍ଜନ କଲେ ଦୁଇଟିଯାକ ହାସଲ ହୋଇ ପାରିବ ।

*୨୦ ଅକ୍ଟୋବର ୧୯୬୫*

*ସ୍ନେହମୟି ମାଆ,*

*ବ୍ୟକ୍ତିର ରୂପାନ୍ତର ଏବଂ ସମାଜର ରୂପାନ୍ତର ବିଷୟରେ ଆପଣ କହିଛନ୍ତି : ‘‘ପରିବେଶ ବ୍ୟକ୍ତି ଉପରେ ପ୍ରତିକ୍ରିୟା ବ୍ୟକ୍ତ କରୁଥିବାରୁ ଏବଂ, ଅନ୍ୟ ପକ୍ଷରେ, ବ୍ୟକ୍ତିର ମୂଲ୍ୟ ଉପରେହିଁ ପରିବେଶର ମୂଲ୍ୟ ନିର୍ଭର କରୁଥିବାରୁ, ଦୁଇଟିଯାକ କାର୍ଯ୍ୟ ପରସ୍ପରର ପାଖାପାଖି ହୋଇ ଅଗ୍ରସର ହେବା ଉଚିତ । ମାତ୍ର, କେବଳ ଶ୍ରମର ଏକ ବିଭାଜନ ଦ୍ୱାରା ଏହା କରାଯାଇ ପାରିବ, ଏବଂ ସେଥିଲାଗି ଏପରି ଏକ ଗୋଷ୍ଠୀ ଗଠନ ପ୍ରୟୋଜନ ହେବ, ଯେଉଁଥିରେ କି ସମ୍ଭବ ହେଲେ ଏକ ସୋପାନକ୍ରମ ରହିଥିବ ।’’**


---

* ବହୁ ଦିନର କଥାସବୁ, ଶତବାର୍ଷିକୀ ଗ୍ରନ୍ଥମାଳା, ୨ୟ ଖଣ୍ଡ(ଇଂ), ପୃ. ୪୮ ।

*ମାଆ, ସୋପାନକ୍ରମ ଯୁକ୍ତ ଏକ ଗୋଷ୍ଠୀ ଗଠନର ଅର୍ଥ ଆପଣ କ'ଣ କରିବାକୁ ଚାହୁଁଛନ୍ତି, ମୁଁ ସେକଥା ବୁଝିପାରୁ ନାହିଁ।*

ସୋପାନକ୍ରମ ରହିଥିବା ଗୋଷ୍ଠୀର ଅର୍ଥ ହେଉଛି, ଏପରି ଗୋଟିଏ ଗୋଷ୍ଠୀ, ଯେଉଁଥିରେ କି ଯାବତୀୟ କାର୍ଯ୍ୟ ଏବଂ ଦାୟିତ୍ୱ ବ୍ୟକ୍ତିମାନଙ୍କର ସାମର୍ଥ୍ୟ ଅନୁସାରେ ସଂଗଠିତ ହୋଇଥିବ ଏବଂ କେନ୍ଦ୍ରରେ ଜଣେ ନେତା ମଧ୍ୟ ରହିଥିବେ । ଉଦାହରଣ ସ୍ୱରୂପ, କୌଣସି ସାମରିକ ସଂଗଠନକୁ ଆମେ ଏକ ସୋପାନକ୍ରମ ବୋଲି କହିପାରିବା ।

ପୁରାତନ ପାରମ୍ପରିକ ସୋପାନକ୍ରମଗୁଡ଼ିକର ଏଠାରେ ଏକ ଆରେଖ ଦିଆଯାଉଛି ।



୧ – ୪ – ୮ – ୧୬

ଏବଂ ତା' ପରକୁ ପର ।

*୨୭ ଅକ୍ଟୋବର ୧୯୬୫*

*ସ୍ନେହମୟି ମାଆ,*

*ଆଶ୍ରମରେ ସୋପାନକ୍ରମଯୁକ୍ତ ଏକ ଗୋଷ୍ଠୀ ଅଛି କି ? ମାଆ ମୁଁ ଏହି ବିଷୟରେ ଅଧିକ ଜାଣିବାକୁ ଚାହୁଁଛି, ମାତ୍ର ତାହାକୁ କିପରି ସୂତ୍ରାକାରରେ ପ୍ରକାଶ କରିହେବ, ମୋତେ ସେକଥା ଜଣା ନାହିଁ।*

ପ୍ରତ୍ୟେକ ଗୋଷ୍ଠୀ, ଯଦି ତାହା ଏକ ପ୍ରକୃତ ଗୋଷ୍ଠୀ ହୋଇଥିବ, ଅର୍ଥାତ୍, ସେଥିରେ ରହିଥିବା ବ୍ୟକ୍ତିମାନଙ୍କର ସାମର୍ଥ୍ୟ ଅନୁଯାୟୀ ତାହା ତିଆରି ହୋଇଥିବ,– ତାହା ସୋପାନ କ୍ରମ-ବିଶିଷ୍ଟ ହେବାକୁ ବାଧ ହେବ ।

ମାତ୍ର ଏହି ସୋପାନକ୍ରମଟିକୁ ହାସଲ କରିବାରେ ବହୁତ ପ୍ରତିବନ୍ଧକ ରହିଥାଏ :

(୧) ପ୍ରଥମତଃ, ଯେତେବେଳେ ଗୋଷ୍ଠୀ ଅସମ୍ପୂର୍ଣ୍ଣ ଥାଏ – ଅର୍ଥାତ୍, ସୋପାନକ୍ରମଟିଏ ସମ୍ଭବ କରିବାକୁ ଯେତେବେଳେ ତାହା ମଧ୍ୟରେ ଆବଶ୍ୟକ ସବୁଯାକ ସଦସ୍ୟ ନ ଥାନ୍ତି ଏବଂ କେତେକ କାର୍ଯ୍ୟକ୍ରମ ଅଥବା କେତେକ ମଧ୍ୟବର୍ତ୍ତୀ କର୍ମୀଙ୍କର ଅଭାବ ରହିଥାଏ ।

(୨) କେତେକ ସଦସ୍ୟମାନଙ୍କର ବିଶୃଙ୍ଖଳା, ଯେଉଁମାନେ କି ସଂପୂର୍ଣ୍ଣ ଅଥବା ଆଂଶିକ ଭାବରେ ସେମାନଙ୍କୁ ଦିଆ ଯାଇଥିବା ସ୍ଥାନରେ ରହିବାକୁ ରାଜୀ ହେଉ ନ ଥାନ୍ତି ।

ଶୃଙ୍ଖଳା ଏବଂ ସମଞ୍ଜସତାର ପ୍ରତିଷ୍ଠା ହୋଇଗଲେ ସୋପାନକ୍ରମଟିର ବେଶ୍ ଏକ ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ସଂଗଠନ ସମ୍ଭବ ହୁଏ ।

*୩ ନଭେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ଜଣକୁ ଡର ମାଡ଼େ କାହିଁକି ? ଡର ଆସେ କେଉଁଠୁ ?*

ଡର ହେଉଛି ପ୍ରତିକୂଳ ଶକ୍ତିମାନଙ୍କର ଏକ ଉଦ୍ଭାବନ ଯେଉଁମାନେ ଜୀବ, ପଶୁ ଓ ମନୁଷ୍ୟମାନଙ୍କୁ ନିଜ ଆଧିପତ୍ୟରେ ରଖିବାର ସର୍ବୋତ୍ତମ ଉପାୟରୂପେ ତାହାର ସୃଷ୍ଟି କରିଥାନ୍ତି ।

ଯେଉଁମାନେ **ଶୁଦ୍ଧ**,– ଅର୍ଥାତ୍, ଯେଉଁମାନେ ସଂପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କର ପ୍ରଭାବ ମଧ୍ୟରେ ରହିଥାନ୍ତି, ସେମାନେ କେବେ ଡରନ୍ତି ନାହିଁ ।

*୧୦ ନଭେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ଆପଣ 'କଥୋପକଥନ'ରେ ଲେଖିଛନ୍ତି : ''ଦିବ୍ୟ ପରମସତ୍ୟ ଏବଂ ପରମ ଶକ୍ତିର କିଞ୍ଚିତ୍ ଅଂଶ ଯେତେ ଥର ପୃଥିବୀ ଉପରେ ପ୍ରକଟ ହେବା ଲାଗି ଆସେ, ସେତେ ଥର ପୃଥିବୀର ବାୟୁମଣ୍ଡଳରେ ଅବଶ୍ୟ କେତେକ ପରିବର୍ତ୍ତନ ସଂଘଟିତ ହୁଏ ।''**

*(୧) ଏହି ପରିବର୍ତ୍ତନ କ'ଣ ସର୍ବଦା ତୀବ୍ର ଏବଂ ବିନାଶକାରୀ ହୋଇଥାଏ, ଉଦାହରଣ ସ୍ୱରୂପ, ଏକ ବିପ୍ଳବ ଅଥବା ଏକ ଯୁଦ୍ଧ ?*

ତାହା ଆଦୌ ଅନିବାର୍ଯ୍ୟ ନୁହେଁ । ନୂତନ ଶକ୍ତିଟି ଲାଗି ମନୁଷ୍ୟର ଚେତନାରେ ଯେଉଁ ପ୍ରତିରୋଧ ରହିଥାଏ, ତାହାହିଁ ଆପଣାକୁ ଏକ ଯୁଦ୍ଧ ବା ଏକ ବିପ୍ଳବ ରୂପେ ଅଭିବ୍ୟକ୍ତ କରିଥାଏ । ଯେତେବେଳେ ପ୍ରତିରୋଧ କମ୍ ଥାଏ, ସେତେବେଳେ ସବୁକିଛି ସମଞ୍ଜସତା ସହିତ ସଂଘଟିତ ହୁଏ ।

---

* ପ୍ରଶ୍ନ ଏବଂ ଉତ୍ତର, ଶତବାର୍ଷିକୀ ଗ୍ରନ୍ଥମାଳା, ୩ୟ ଖଣ୍ଡ(ଇଂ), ପୃ, ୭୯ ।

*(୨) ଏବଂ, ଏହାର ବିପରୀତ କଥାଟି କ'ଣ ସର୍ବଦା ସତ୍ୟ ହୁଏ : ଯଦି ଏକ ଯୁଦ୍ଧ କିଂବା ଏକ ବିପ୍ଳବ ଘଟେ, ତାହା କ'ଣ ପରମସତ୍ୟର ଏକ ଅବତରଣର ସଙ୍କେତ ଦେଇଥାଏ ?*

ଏହା ମଧ୍ୟ ଅନିବାର୍ଯ୍ୟ ନୁହେଁ । ମନୁଷ୍ୟର ନିର୍ବୋଧତାହିଁ ଆପଣାକୁ ପ୍ରକଟ କରିବା ନିମନ୍ତେ ଏତେଟିକିଏ କାରଣର ମଧ୍ୟ ସୁଯୋଗ ନେଇଥାଏ ।

*୧୭ ନଭେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ଆପଣ ଲେଖିଛନ୍ତି : ''ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି ସମାହିତ ହେବାକୁ ରହିଥିବା ଏକ ଅସମ୍ଭବତାର ପ୍ରତିନିଧିତ୍ୱ କରୁଛନ୍ତି ।''* ଆପଣ ଏହାର ପ୍ରକୃତ ଅର୍ଥଟିକୁ ବୁଝାଇ ଦେବେ କି ?*

କଥାଟିକୁ ଶ୍ଳେଷାତ୍ମକ ଢଙ୍ଗରେ କୁହାଯାଇଛି, ଅର୍ଥାତ୍, ରୂପାନ୍ତର କାର୍ଯ୍ୟକୁ ଦୃଷ୍ଟିରେ ରଖି ସବୁଠୁ ଅସାଧ୍ୟ ସମସ୍ୟାଗୁଡ଼ିକୁ ଏଠାରେ ଏକତ୍ରିତ କରାଯାଇଛି, ଏହାର କାରଣ ହେଉଛି, ନବସୃଷ୍ଟି ନିମନ୍ତେ ପୃଥିବୀକୁ ରୂପାନ୍ତର କରିବା କାର୍ଯ୍ୟକୁ ବାସ୍ତବ ଓ ସମନ୍ୱିତ କରିବା ।

*୧ ଡିସେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ଆପଣ ମୋତେ ଭିତରକୁ ପ୍ରବେଶ କରିବାକୁ କହିଥିଲେ, ମୋ' ହୃଦୟର ଗଭୀର ତଳଗୁଡ଼ିକରେ ପ୍ରବେଶ କରି ସେଠାରେ ଆପଣଙ୍କୁ ଆସୀନ ହୋଇ ରହିଥିବାର ଦେଖିବାକୁ କହିଥିଲେ । ମାତ୍ର, ମାଆ, ମୁଁ ଆଦୌ ହୃଦୟ ଭିତରକୁ ପ୍ରବେଶ କରିପାରୁ ନାହିଁ । ଧ୍ୟାନ ସମୟରେ ମୁଁ ଅନୁଭବ କରୁଛି, ସତେ ଯେପରି ମୋର ଚେତନା ଏକ ଅଭେଦ୍ୟ ଦୁର୍ଗର ଚାରିପାଖରେ କେବଳ ଉଡ଼ିବାରେହିଁ ଲାଗିଛି । ଆପଣ ମୋତେ ଯାହା କହିଛନ୍ତି, ସେଥିରେ ସଫଳ ହେବା ଲାଗି ମୁଁ କ'ଣ କରିବି ?*

ଏପରି ଘଟୁଛି, କାରଣ ତୁମେ ଏକ ଉପରିଭାଗୀୟ ଚେତନା ନେଇ ହୃଦୟ ଭିତରେ

* ମାତୃବାଣୀ, ଶତବାର୍ଷିକୀ ଗ୍ରନ୍ଥମାଳା, ୧୪ଶ ଖଣ୍ଡ(ଇଂ), ପୃ. ୮୭ ।

ପ୍ରବେଶ କରିବାକୁ ଚେଷ୍ଟା କରୁଛ, ଯାହାର କି ସତ୍ତାର ଅନ୍ତର୍ଗତ ସ୍ଥିତିଗୁଡ଼ିକ ସହିତ ଆଦୌ କୌଣସି ସମ୍ପର୍କ ନାହିଁ । ତୁମକୁ ଏହି ବାହ୍ୟ ଚେତନା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ ଏବଂ ଏକ ସୂକ୍ଷ୍ମତର ଚେତନା ଭିତରକୁ ଯିବାକୁ ହେବ । ସେତେବେଳେ ଦୁର୍ଗଟି ଆଉ କଦାପି ଅଭେଦ୍ୟ ହୋଇ ରହିବ ନାହିଁ ।

*୨୨ ଡିସେମ୍ବର ୧୯୬୫*

*ସ୍ନେହମୟି ମାଆ,*

*ପରମ ସତ୍ୟର ସେବା କରିବା ଲାଗି ଆମର କ'ଣ କରିବା ଉଚିତ ? ଏହି ସତ୍ୟରେ କ'ଣ ସବା ଆଗ ଜୀବନ ବଞ୍ଚିବାକୁ ପଡ଼ିବ ?*

ତାହାର ସେବା କରିବାକୁ ହେଲେ ତୁମକୁ ସେଇଥିରେ ଜୀବନ ବଞ୍ଚିବାକୁ ପଡ଼ିବ ।

ସେଇଥିରେ ଜୀବନ ବଞ୍ଚିବାକୁ ହେଲେ, ଅତ୍ୟନ୍ତ ଅପରିହାର୍ଯ୍ୟ ଭାବରେ ତାହାର ସେବାକରିବାକୁ ପଡ଼ିବ ।

ଏବଂ, ଉଭୟଟି ପାଇଁ, ତୁମକୁ ଆନ୍ତରିକତା ଓ ଦୃଢ଼ତା ସହିତ ତାହାକୁ ଆକାଙ୍‌କ୍ଷା କରିବାକୁ ହେବ ।

*୫ ଜାନୁଆରି ୧୯୬୬*

*ସ୍ନେହମୟି ମାଆ,*

*ସମାଜର ରୀତିଗୁଡ଼ିକ ଅନୁସାରେହିଁ ଆମ ଜୀବନ ତଥା କାର୍ଯ୍ୟକ୍ରମଗୁଡ଼ିକର ପରିଚାଳନା କରିବା ନିମନ୍ତେ ଏଠାରେ ଆମ ଅଧିକାଂଶଙ୍କ ମଧ୍ୟରେ ଏକ ପ୍ରବୃତ୍ତି ରହିଛି । ଆମେ କହୁଛୁ : ''ଆମକୁ ବାହାରୁ ଆସୁଥିବା ଲୋକମାନଙ୍କର ମତ ବିଷୟରେ ମଧ୍ୟ ଚିନ୍ତା କରିବାକୁ ହେବ । ଯେହେତୁ ଆମେ ସମାଜରେହିଁ ବାସ କରୁଛୁ, ଆମକୁ ବିବେକୀ ହେବାକୁ ପଡ଼ିବ ଏବଂ ସେମାନଙ୍କ ଜୀବନ ସହିତ ସଂଗତି ରକ୍ଷା କରିହିଁ ଏକ ଜୀବନ ବଞ୍ଚିବାକୁ ହେବ ।'' ସ୍ନେହମୟି ମାଆ, ଆପଣ ଏସବୁ ବିଷୟରେ କ'ଣ କହୁଛନ୍ତି ଏବଂ ସମାଜର ରୀତି ତଥା ବିଧାନଗୁଡ଼ିକ ପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?*

ଯଦି ଏଠାରେ ଥିବା ଅଧିକାଂଶ ବ୍ୟକ୍ତି ସେପରି ଭାବୁଛନ୍ତି ଓ ଅନୁଭବ କରୁଛନ୍ତି, ତେବେ ସେଥିରୁ ସ୍ପଷ୍ଟ ପ୍ରମାଣ ମିଳିଯାଉଛି ଯେ, ସେହି ଅଧିକାଂଶ ବ୍ୟକ୍ତି ନୂତନ ଜୀବନଟି ଲାଗି

ଆଦୌ ପ୍ରସ୍ତୁତ ହୋଇ ନାହାନ୍ତି, ଏପରିକି ନୂତନ ଜୀବନଟି ଲାଗି **ନିଜକୁ ପ୍ରସ୍ତୁତ କରିବା ପାଇଁ** ମଧ୍ୟ ପ୍ରସ୍ତୁତ ହୋଇ ନାହାନ୍ତି । ଏବଂ, ସତ କଥା କହିବାକୁ ଗଲେ, ଏଠାରେ ଉପଲବ୍ଧ ହେଉଥିବା ଜୀବନଯାପନର ବିଶେଷ ପରିବେଶଗୁଡ଼ିକର ସୁଯୋଗ ପ୍ରାପ୍ତ ହେଉଥିଲେ ମଧ୍ୟ ସେଗୁଡ଼ିକର ଉପଭୋଗ କରିବାର ଅଯୋଗ୍ୟ ହୋଇ ନ ରହି ସେମାନଙ୍କର ବରଂ ସାଧାରଣ ଜୀବନକୁ ଫେରିଯାଇ ତାହାରି ଅନୁଭୂତି ଲାଭ କରିବାହିଁ ଅଧିକ ଭଲ ହେବ ।

*୧୨ ଜାନୁଆରି ୧୯୬୬*

*ସ୍ନେହମୟି ମାଆ,*

*ଆଗେ ଆପଣ ଆଶ୍ରମକୁ ଆସି ରହିବା ବିଷୟରେ ଲୋକମାନଙ୍କୁ ଅନୁମତି ଦେବାର କ୍ଷେତ୍ରରେ ଖୁବ୍ କଠୋର ଥିଲେ । ମାତ୍ର, ଏବେ ଆଉ ସେହି କଠୋରତା ଆଦୌ ନାହିଁ । ଏହାର କାରଣ କ'ଣ ?*

କେବଳ ଯୋଗସାଧନା କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଆଶ୍ରମ ବିଶେଷ ଭାବରେ ଉଦ୍ଦିଷ୍ଟ ହୋଇ ରହିଥିବା ପର୍ଯ୍ୟନ୍ତ, କଠୋର ହେବା ସ୍ୱାଭାବିକ ଥିଲା ।

ମାତ୍ର, ଏଠାରେ ଯେମିତି ପିଲାମାନଙ୍କୁ ଗ୍ରହଣ କରାଗଲା, ଆଉ କଠୋର ରହିବା ସମ୍ଭବ ହେଲା ନାହିଁ ଏବଂ ଜୀବନର ସ୍ୱଭାବଟି ମଧ୍ୟ ବଦଳିଗଲା ।

ବର୍ତ୍ତମାନ ଆଶ୍ରମ ପୃଥିବୀସ୍ଥ ଜୀବନର ଏକ ପ୍ରତୀକାତ୍ମକ ପ୍ରତିଭୂ ପରି ହୋଇ ରହିଛି ଏବଂ ଏଠାରେ ସବୁକିଛି ଲାଗି ଏକ ସ୍ଥାନ ରହିଛି; କେବଳ ଏକ ଦିବ୍ୟତର ଜୀବନ ଆଡ଼କୁ ଅଗ୍ରଗତି କରିବା ଲାଗି ଇଚ୍ଛା ରହିଥିଲେ ହେଲା ।

*୧୯ ଜାନୁଆରି ୧୯୬୬*

*ସ୍ନେହମୟି ମାଆ,*

*ମୁଁ ପ୍ରକୃତରେ ଯୋଗର ଅଭ୍ୟାସ କରୁଛି କି ନାହିଁ, ନିଜକୁ ସେହି ପ୍ରଶ୍ନଟି ପଚାରୁଛି । ମାତ୍ର, ଏହାର କୌଣସି ସୁନିଶ୍ଚିତ ଉତ୍ତର ପାଇପାରୁ ନାହିଁ । ମୁଁ ବର୍ତ୍ତମାନ କେଉଁ ସ୍ଥିତିରେ ଅଛି ଏବଂ ଏହି ପଥରେ ମୁଁ କିପରି ଅଗ୍ରଗତି କରି ପାରିବି, ଆପଣ ମୋତେ କହିପାରିବେ କି ?*

ତୁମେ ଯେହେତୁ ପୃଥିବୀପୃଷ୍ଠରେ ରହିଛ, ତେଣୁ ଏକ ଯୋଗ ଅବଶ୍ୟ କରୁଛ । ଏକଥା ତୁମେ ନିଜେ ନ ଜାଣିଲେ ମଧ୍ୟ ତଥାପି ଯୋଗ କରୁଛ । ଏବଂ, ଯେହେତୁ ତୁମେ ଏଠାରେ

ବାସ କରୁଛ, ତାହାହିଁ ପ୍ରମାଣ କରିଦେଉଛି ଯେ ତୁମର ସର୍ବୋତ୍ତମ ସମ୍ଭାବନାର ସୀମା ପର୍ଯ୍ୟନ୍ତ ତୁମକୁ ସେହି ଯୋଗରେ ସହାୟତା ମଧ୍ୟ ମିଳୁଛି । ତୁମର ଗୋଟିଏ ମାତ୍ର ଅଭାବ ହେଉଛି ଯେ ଏହି ବିଷୟରେ ତୁମେ ସଚେତନ ହୋଇ ରହି ନାହଁ ।

*୨ ଫେବ୍ରୁଆରି ୧୯୬୬*

*ସ୍ନେହମୟି ମାଆ,*

*ଆପଣ କହିଛନ୍ତି, ''ତୁମେ ଯେହେତୁ ପୃଥିବୀ ପୃଷ୍ଠରେ ରହିଛ, ତେଣୁ ଏକ ଯୋଗ ଅବଶ୍ୟ କରୁଛ'', ଏବଂ, ଆପଣ ଏକଥା ମଧ୍ୟ ମୋତେ କହିଛନ୍ତି ଯେ, ''ଯେଉଁମାନେ ଯୋଗର ଅଭ୍ୟାସ କରିବାକୁ ଇଚ୍ଛା କରୁଥିଲେ, ଆଶ୍ରମ ବିଶେଷ ଭାବରେ ସେହିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇ ରହିଥିଲା ।'' ଏବଂ, ଆପଣ ପୁଣି କୌଣସି ସ୍ଥାନରେ ଏକଥା ମଧ୍ୟ କହିଛନ୍ତି ଯେ, '' ଏଠାରେ ପ୍ରତ୍ୟେକ ବ୍ୟକ୍ତି ଯୋଗ ନିମିତ୍ତ ଆଦୌ ଉଦ୍ଦିଷ୍ଟ ନୁହନ୍ତି ।'' ତା' ହେଲେ ... ?*

ଅବୋଧ ବାଳକ ! ବର୍ତ୍ତମାନ ତୁମେ ବିଭ୍ରାନ୍ତିରେ ପଡ଼ି ଗଲ । ...

ତିନୋଟିଯାକ କଥାହିଁ ସତ, ମାତ୍ର ତିନୋଟି ଭିନ୍ନ ଭିନ୍ନ ଭୂମିରେ ସତ । ଏବଂ, ଏହି ସମସ୍ୟାଟି ବିଷୟରେ କିଛି ବୁଝିବାକୁ ହେଲେ, ତୁମକୁ ଏପରି ଏକ ଭୂମିରେ ପହଞ୍ଚିବାକୁ ପଡ଼ିବ, ଯେଉଁଠାରେ କି ତିନୋଟିଯାକ ପରସ୍ପରର ଅନୁପୂରକ ହୋଇ ରହିଛନ୍ତି ଏବଂ ଏକାଠି ହୋଇଯାଇଛନ୍ତି ।

*୯ ଫେବ୍ରୁଆରି ୧୯୬୬*

*ସ୍ନେହମୟି ମାଆ,*

*ଆପଣ ଯେତେବେଳେ କହୁଛନ୍ତି :*

*(୧) ''ତୁମେ ଯେହେତୁ ପୃଥିବୀପୃଷ୍ଠରେ ରହିଛ, ତେଣୁ ଏକ ଯୋଗ ଅବଶ୍ୟ କରୁଛ'' – ଏହାକୁ ଆପଣ ବିବର୍ତ୍ତନଗତ ସ୍ୱାଭାବିକ ଏବଂ ଅନିବାର୍ଯ୍ୟ ଅଗ୍ରଗତିରୂପକ ଯୋଗ ବୋଲି ବୁଝୁଛନ୍ତି କି ?*

*(୨) ''ଯେଉଁମାନେ ଯୋଗର ଅଭ୍ୟାସ କରିବାକୁ ଇଚ୍ଛା କରୁଥିଲେ ଆଶ୍ରମ ବିଶେଷ ଭାବରେ ସେହିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇ ରହିଥିଲା''– ଅର୍ଥାତ୍, କେବଳ ସେହିମାନଙ୍କ ପାଇଁ, ଯେଉଁମାନେ ସଚେତନ ଭାବରେ ଅଭ୍ୟାସ କରୁଛନ୍ତି ?*

*(୩) ''ଏଠାରେ ପ୍ରତ୍ୟେକ ବ୍ୟକ୍ତି ଯୋଗ ଲାଗି ଆଦୌ ଉଦ୍ଦିଷ୍ଟ ନୁହନ୍ତି'' – ଅର୍ଥାତ୍, ସେମାନେ ଏହାକୁ ସଚେତନ ଭାବରେ କରିବାକୁ ସମର୍ଥ ନୁହନ୍ତି ?*

**ହଁ ।**

*୧୬ ଫେବ୍ରୁଆରି ୧୯୬୬*

*ସ୍ନେହମୟି ମାଆ,*

*ନିଜର ଗ୍ରହଣଶୀଳତାକୁ ବଢ଼ାଇହେବ କିପରି ?*

ଯେତିକି ଅନୁପାତରେ ନିଜକୁ ଦେଇପାରିବ, ସେତିକି ଅଧିକ ଗ୍ରହଣଶୀଳ ହେବ ।

*୨ ମାର୍ଚ୍ଚ ୧୯୬୬*

*ସ୍ନେହମୟି ମାଆ,*

*ଏକଦା ମୁଁ ଅନେକ ସମୟରେ ଆପଣଙ୍କୁ ସ୍ୱପ୍ନରେ ଦେଖିପାରୁଥିଲି ଏବଂ ବେଳେ ବେଳେ ଶ୍ରୀଅରବିନ୍ଦଙ୍କୁ ମଧ୍ୟ ଦେଖୁଥିଲି । ମାତ୍ର ଏବେ ଦୀର୍ଘକାଳ ହେଲା ମୁଁ ସେହି ସୁଖଟିର ଉପଭୋଗ କରି ନାହିଁ । କାହିଁକି ? ଏହାର ଅର୍ଥ କ'ଣ ?*

ଆମକୁ ତୁମର ସ୍ୱପ୍ନରେ ଦେଖି ପାରିବାର ସର୍ବୋତ୍ତମ ଉପାୟ ହେଉଛି ଶୋଇବାକୁ ଯିବା ପୂର୍ବରୁ ଆମଠାରେ ନିଜକୁ ସଂକେନ୍ଦ୍ରିତ କରି ରଖିବା । ଆଗେ ତୁମେ ଯେପରି କରୁଥିଲ, ଏବେ ସେପରି କରୁଛ କି ? ଏହି ଉପାୟରେ ତୁମେ ନିଦ୍ରିତାବସ୍ଥାରେ ଅବାଞ୍ଛିତ ନାନା ସ୍ଥାନକୁ ଯିବାର ପ୍ରମାଦକୁ ମଧ୍ୟ ଏଡ଼ି ରହିପାରିବ । କାରଣ, ସେହିସବୁ ସ୍ଥାନରେ ତୁମେ ଆମକୁ କଦାପି ସାକ୍ଷାତ୍ କରିବ ନାହିଁ । ଚେଷ୍ଟା କର, ଏବଂ ଫଳ ଅବଶ୍ୟ ଦେଖିବାକୁ ପାଇବ ।

*୨୩ ମାର୍ଚ୍ଚ ୧୯୬୬*

*ସ୍ନେହମୟି ମାଆ,*

*ଆମେ ଏପରି ଏକ ପ୍ରଚେଷ୍ଟା କରୁଥିବାର ମନେ କରାଯାଉଛି, ଯାହାକି ଆଗରୁ କେହି କେବେହେଲେ କରି ନାହିଁ । ମାତ୍ର ମାଆ, ଏହା କ'ଣ ସତ୍ୟ ନୁହେଁ ଯେ, ନିଜ ନିଜ ଜୀବନକୁ ଅଧିକରୁ ଅଧିକ ପରିମାଣରେ ସାଧାରଣ ଜୀବନର ନୀତି ଏବଂ ଧାରାଗୁଡ଼ିକ ଆଡ଼କୁ ପରିଚାଳିତ କରି ରଖିବା ଲାଗି ଆମ ଭିତରେ*

*ବର୍ତ୍ତମାନ ଏକ ପ୍ରବୃତ୍ତି ଦେଖା ଦେଲାଣି ? ଯଦି ତାହା ହୋଇଥାଏ, ତେବେ ଆମେ ଯଥାର୍ଥ ପଥରୁ ବିଚ୍ୟୁତ ହୋଇଯାଉ ନାହୁଁ କି ?*

ତୁମେ ତଥାପି ପୁରାତନ ଗୁଳାଟି ଭିତରେ ରହିଛ, ଯାହାକି ଆଧ୍ୟାତ୍ମିକତାକୁ ଜୀବନଠାରୁ ଅଲଗା କରି ଦେଖୁଥାଏ । ମାତ୍ର ଶ୍ରୀଅରବିନ୍ଦ ''ସମଗ୍ର ଜୀବନହିଁ ଯୋଗ'' ବୋଲି ଘୋଷଣା କରିଛନ୍ତି ଏବଂ ଦୃଢ଼ ଭାବରେ କହିଛନ୍ତି ଯେ, ଏହି ଜୀବନ **ମଧ୍ୟରେ** ଆମେ ଯୋଗର ଅନୁଶୀଳନ କରିବା । ତୁମେ ଏହି କଥାଟିକୁ ଭୁଲିଯାଇ ଥିବା ପରି ମନେ ହେଉଛି ।

*୩୦ ମାର୍ଚ୍ଚ ୧୯୬୬*

*ସ୍ନେହମୟି ମାଆ,*

*ଏଠାରେ ଆମକୁ ଯେଉଁ ବିପୁଳ ସ୍ୱାଧୀନତା ଦିଆଯାଇଛି, ଆମ ଭିତରୁ ଯେଉଁମାନଙ୍କର ଏପର୍ଯ୍ୟନ୍ତ ଜାଗୃତି ଘଟି ନାହିଁ, ଯେଉଁମାନେ ଏବେ ମଧ୍ୟ ଅଚେତନ ହୋଇ ରହିଛନ୍ତି, ସେମାନଙ୍କ ଲାଗି ସେହି ସ୍ୱାଧୀନତା ଅତ୍ୟନ୍ତ ବିପଜ୍ଜନକ ନୁହେଁ କି ? ଯେଉଁ ସୁଯୋଗ ଏବଂ ଯେଉଁ ସୌଭାଗ୍ୟ ଏଠାରେ ଆମକୁ ମିଳିଛି, ତାହାର ଔଚିତ୍ୟ ପ୍ରକୃତରେ କ'ଣ ?*

ଅଗ୍ରଗାମୀ ଯେକୌଣସି ଆନ୍ଦୋଳନରେ ବିପଦ ଏବଂ ଅନିଶ୍ଚୟତାର ଅବଶ୍ୟ ସ୍ଥାନ ରହିବ । ସେଗୁଡ଼ିକ ବ୍ୟତୀତ କିଛି ହେଲେ ଆଗେଇ ପାରିବ ବି ନାହିଁ । ଏବଂ, ଯେଉଁମାନେ ଅଗ୍ରଗତି ଇଚ୍ଛା କରୁଛନ୍ତି ସେମାନଙ୍କର ଚରିତ୍ରକୁ ଯଥାର୍ଥ ଧାରାରେ ଆଣି ପକାଇବା ଲାଗି ମଧ୍ୟ ସେଗୁଡ଼ିକ ଏକାନ୍ତ ଅପରିହାର୍ଯ୍ୟ ।

*୧୩ ଏପ୍ରିଲ୍ ୧୯୬୬*

*ସ୍ନେହମୟି ମାଆ,*

*୨୪ ଏପ୍ରିଲ୍ ଦର୍ଶନ ଲାଗି ମୁଁ ନିଜକୁ କିପରି ଭାବରେ ପ୍ରସ୍ତୁତ କରିବି ?*

ନିଜ ଭିତରକୁ ମନୋଯୋଗ ସହକାରେ ଅନାଅ ଏବଂ ଦେଖ ତୁମ ପାଇଁ କ'ଣ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ତାହା ଏପରି ଏକ ଜିନିଷ ଯାହା ବ୍ୟତୀତ ତୁମେ ବଞ୍ଚି ପାରିବ ନାହିଁ ।

ଏହା ଏକ ଆଗ୍ରହୋଦ୍ଦୀପକ ଆବିଷ୍କାର ।

*୧୯ ଏପ୍ରିଲ୍ ୧୯୬୬*

*ସ୍ନେହମୟି ମାଆ,*
*କ୍ରୋଧ ରହିଛି କାହିଁକି ?*

ମୁଁ ଭାବୁଛି, କ୍ରୋଧ କେଉଁଠାରୁ ଆସେ ବୋଲି ତୁମେ ପ୍ରଶ୍ନ କରୁଛ ।

କ୍ରୋଧ ହେଉଛି ପ୍ରାଣର ଏକ ତୀବ୍ର ପ୍ରତିକ୍ରିୟା; ପ୍ରାଣକୁ ଅପ୍ରୀତିକର ଲାଗୁଥିବା କୌଣସି ଆଘାତ ଉଦ୍ଦେଶ୍ୟରେ ତାହାର ପ୍ରତିକ୍ରିୟା । ଏବଂ, ଯେତେବେଳେ ସେଥିରେ ଶବ୍ଦ ବା ଭାବନାଗୁଡ଼ିକର ସାହାଯ୍ୟ ନେବା ଦରକାର ହୁଏ, ସେତେବେଳେ ମନ ମଧ୍ୟ ପ୍ରାଣିକ ପ୍ରଭାବକୁ ଆପଣାର ଅନୁସ୍ପନ୍ଦନ ଜଣାଇଥାଏ ଏବଂ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଥାଏ । କ୍ରୋଧର ଯାବତୀୟ ଅଭିବ୍ୟକ୍ତି ଆତ୍ମ-ନିୟନ୍ତ୍ରଣର ଅଭାବକୁହିଁ ସୂଚିତ କରି ଦେଇଥାଏ ।

*୧୧ ମଇ ୧୯୬୬*

*ସ୍ନେହମୟି ମାଆ,*
*ଦୁଇଦିନ ତଳେ ମୁଁ ମୋ' ସ୍ୱପ୍ନରେ ଆପଣଙ୍କ ସହିତ ଥିଲି ଏବଂ ଆପଣ ବେଶ୍ ବହୁସମୟ ଧରି ମୋ' ସହିତ କଥା କହୁଥିଲେ । ସଂପୂର୍ଣ୍ଣ କଥୋପକଥନଟି ମୋ'ର ମନେ ନାହିଁ ସତ, ମାତ୍ର ତାହାର ଆବେଶଟି ଏପରି ହୋଇ ରହିଛି ଯେ, ମୁଁ ପ୍ରତ୍ୟେକ ବୁଧବାର ଆପଣଙ୍କୁ ଯେଉଁସବୁ ପ୍ରଶ୍ନ ପଚାରୁଛି, ସେସବୁରେ ଆପଣ ଖୁବ୍ ବେଶୀ ସନ୍ତୁଷ୍ଟ ନୁହନ୍ତି । ଏହା ସତ୍ୟ କି ?*

ତୁମେ ମୋତେ ଦେଖିଲ ଓ ମୁଁ କଥା କହୁଥିବାର ଶୁଣିଲ, ଏହା ହେଉଛି ଅଗ୍ରଗତିର ଲକ୍ଷଣ । ଏବଂ, ଏଥିରେ ମୁଁ ଅବଶ୍ୟ ସନ୍ତୁଷ୍ଟ । ମାତ୍ର ଏକଥା ମଧ୍ୟ ସତ ଯେ, ତୁମେ ମାନସିକ ସ୍ତରରେ କିଞ୍ଚିତ ଆଳସ୍ୟପରାୟଣ ହୋଇ ରହିଛ ଏବଂ, ମୋତେ ଏକ ପ୍ରଶ୍ନ ପଚାରିବାକୁ ପ୍ରତ୍ୟେକ ସପ୍ତାହରେ ମୁଁ ତୁମକୁ ଯେଉଁ ସୁଯୋଗ ଦେଉଛି, ତାହା ପ୍ରତି କିଞ୍ଚିତ୍ ଉଦାସୀନ ରହିଛ ବୋଲି ମୁଁ ଲକ୍ଷ୍ୟ କରି ପାରୁଛି । ତୁମେ ସାଧାରଣତଃ ଅତ୍ୟନ୍ତ ମାମୁଲି ପ୍ରଶ୍ନସବୁ ପଚାରୁଛ ଏବଂ, ତୁମେ ଯେ ପ୍ରକୃତରେ ଜୀବନ ଓ ଜଗତର ରହସ୍ୟଗୁଡ଼ିକୁ ଜାଣିବା ଲାଗି ଆଗ୍ରହ ରଖିଛ, ତୁମେ ପଚାରୁଥିବା ପ୍ରଶ୍ନଗୁଡ଼ିକରୁ ଆଦୌ ସେହି ଧାରଣା ହେଉ ନାହିଁ ।

*୧୮ ମଇ ୧୯୬୬*

*ସ୍ନେହମୟି ମାଆ,*

*ମାନସିକ ଉଦାସୀନତା ଏବଂ ଉତ୍ସୁକତାର ଅଭାବକୁ ଗୋଟିଏ ପ୍ରକାରର ମନୋଗତ ଜଡ଼ତା ବୋଲି କୁହାଯିବ କି ?*

ସେଗୁଡ଼ିକ ସାଧାରଣତଃ ମନୋଗତ ଜଡ଼ତାରୁ ନିଷ୍ପନ୍ନ ହୋଇଥାଆନ୍ତି; ଅବଶ୍ୟ ଯଦି ଜଣେ ପ୍ରଗାଢ଼ ସାଧନା ଫଳରେ ଏହି ସ୍ଥିରତା ଓ ଉଦାସୀନତାକୁ ଉପଲବ୍ଧି କରିଥାଏ, ଯଦି ସେ ଏପରି ଏକ ପୂର୍ଣ୍ଣ ସମତାଭାବ ଅର୍ଜନ କରିଥାଏ, ଯାହା ଫଳରେ କି ଭଲ ଓ ମନ୍ଦ, ପ୍ରୀତିକର ଓ ଅପ୍ରୀତିକର ବୋଲି ତା'ଲାଗି ଆଉ ଆଦୌ କିଛି ହେଲେ ନ ଥାଏ, ତେବେ ତାହା ଏକ ସ୍ୱତନ୍ତ୍ର କଥା ହେବ । ମାତ୍ର, ସେହି କ୍ଷେତ୍ରରେ ମାନସିକ କ୍ରିୟାଶୀଳତାର ସ୍ଥାନରେ ଏକ ଅତ୍ୟନ୍ତ ଉଚ୍ଚତର ପ୍ରକାରର ଅନ୍ତର୍ବୋଧୀ କ୍ରିୟାଶୀଳତା ନିଶ୍ଚୟ କାର୍ଯ୍ୟ କରୁଥିବ ।

*୨୫ ମଇ ୧୯୬୬*

*ସ୍ନେହମୟି ମାଆ,*

*ଏହି ମାନସିକ ଆଳସ୍ୟ ଏବଂ ଜଡ଼ତାରୁ ମୁକ୍ତିଲାଭର ଉପାୟ କ'ଣ ?*

ସବା ଆଗ ସେହି ଇଚ୍ଛା କରିବା ଦ୍ୱାରା, ସତତ ଉଦ୍ୟମ ଏବଂ ଅଟଳତା ସହିତ । ପ୍ରତ୍ୟେକ ଦିନ ପଠନ, ସଂଗଠନ ଏବଂ ପ୍ରଗତିର ଏକ ନିୟମିତ ମାନସିକ ଅଭ୍ୟାସ ଦ୍ୱାରା ଏହା ହୋଇପାରିବ ।

ଏବଂ, ମଝିରେ ମଝିରେ ଦିନମାନର ଏହି କାର୍ଯ୍ୟକ୍ରମଟି ମଧ୍ୟରେ ଅଭିନିବେଶ କରିବା ଦ୍ୱାରା ମାନସିକ ନୀରବତା ଅର୍ଜନ କରିବାର ବିକଳ୍ପ ମଧ୍ୟ ରହିଥିବ ।

*୧ ଜୁନ୍ ୧୯୬୬*

*ସ୍ନେହମୟି ମାଆ,*

*ଭିଏତ୍‌ନାମ୍‌ରେ ଆମେରିକାନ୍‌ମାନଙ୍କର ଉପସ୍ଥିତି ଏବଂ ହସ୍ତକ୍ଷେପ ପଛରେ କୌଣସି ଯଥାର୍ଥ କାରଣ ଅଛି କି ?*

ତୁମେ କେଉଁ ଦୃଷ୍ଟିକୋଣରୁ ଏହି ପ୍ରଶ୍ନଟିକୁ ପଚାରୁଛ ?

ଯଦି ରାଜନୀତିକ ଦୃଷ୍ଟିକୋଣରୁ ପଚାରୁଥାଅ, ତେବେ ମୁଁ କହିବି ଯେ ରାଜନୀତି ମିଥ୍ୟା ଭିତରେ ବୁଡ଼ି ରହିଥାଏ, ଏବଂ ସେଥିରେ ମୋ'ର ଆଦୌ କୌଣସି ଆଗ୍ରହ ନାହିଁ ।

ଯଦି ନୈତିକ ଦୃଷ୍ଟିକୋଣରୁ ପଚାରୁଥାଅ, ତେବେ ମୁଁ କହିବି ଯେ, ନୈତିକତା ହେଉଛି ଏକ ଢାଲ ପରି, ଆପଣାକୁ ପରମ ସତ୍ୟ ପାଖରୁ ଅଲଗା କରି ରଖିବାର ଅଭିପ୍ରାୟରେ ସାଧାରଣ ଲୋକେ ଯାହାକୁ ବ୍ୟବହାର କରିଥାନ୍ତି ।

ଯଦି ତୁମେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ପ୍ରଶ୍ନଟି ପଚାରିଥାଅ, ତେବେ ମୁଁ କହିବି ଯେ, କେବଳ ଦିବ୍ୟ ପରମ-ଇଚ୍ଛାରହିଁ ଯାଥାର୍ଥ୍ୟ ରହିଛି ଏବଂ ମନୁଷ୍ୟମାନେ ଆପଣାର ଯାବତୀୟ କାର୍ଯ୍ୟରେ ତାହାକୁ ବିଡ଼ମ୍ବିତ ଏବଂ ବିକୃତ କରି ରଖିଥା'ନ୍ତି ।

*୬ ଜୁଲାଇ ୧୯୬୬*

*ସ୍ନେହମୟି ମାଆ,*

*ମୁଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁହିଁ ଏବେ ମୋ'ର ଗତ ପ୍ରଶ୍ନଟିକୁ ପଚାରିଥିଲି ଏବଂ ଆପଣଙ୍କଠାରୁ ପାଇଥିବା ଉତ୍ତରଟିରୁ ମୁଁ ଏହି ସିଦ୍ଧାନ୍ତରେ ଆସି ପହଞ୍ଚୁଛି ଯେ, ଆମେରିକାର ଏହି କାର୍ଯ୍ୟଟି ପଛରେ ଆଦୌ କୌଣସି ଯଥାର୍ଥତା ନାହିଁ । ମାତ୍ର ମାଆ, କମ୍ୟୁନିଷ୍ଟମାନେ ପୃଥିବୀକୁ ଗ୍ରାସ କରି ପକାଇବେ ବୋଲି ଏକ ବିପଦ ବର୍ତ୍ତମାନ ରହି ନାହିଁ କି ଏବଂ ଆମେରିକା ଓ ତା'ର ମିତ୍ରମାନେ ସେହି କାରଣରୁହିଁ ମନୁଷ୍ୟର ସ୍ୱାଧୀନତାକୁ ନିରାପଦ ରଖିବା ଲାଗି ଚେଷ୍ଟିତ ହୋଇ ରହି ନାହାନ୍ତି କି ? ତାହାହିଁ କ'ଣ ଦିବ୍ୟ ପରମକର୍ତ୍ତାଙ୍କର ଇଚ୍ଛା ?*

ତୁମେ ବ୍ୟକ୍ତ କରୁଥିବା ମତଟି ଆମେରିକାନ୍‌ମାନଙ୍କର ଏବଂ ସେମାନଙ୍କ ପରି ଚିନ୍ତା କରୁଥିବା ବହୁସଂଖ୍ୟକ ବ୍ୟକ୍ତିଙ୍କର ମତ ସହିତ ସମାନ । ମାତ୍ର କମ୍ୟୁନିଷ୍ଟମାନେ ଏବଂ କମ୍ୟୁନିଷ୍ଟ୍ ଆଦର୍ଶରେ ବିଶ୍ୱାସ ରଖିଥିବା ଅନ୍ୟ ସମସ୍ତେ ଠିକ୍ ବିପରୀତମତଟିକୁ ପୋଷଣ କରୁଛନ୍ତି । ଏହା ବ୍ୟତୀତ ତ ସାମାଜିକ ଏବଂ ରାଜନୀତିକ ବିଷୟଗୁଡ଼ିକ ଉପରେ ଯାବତୀୟ ବହୁବିଧ ମତମାନ ଅବଶ୍ୟ ରହିଛି । ଏଗୁଡ଼ିକ କେବଳ ଗୋଟିଏ ଗୋଟିଏ **ମତ**, ଏବଂ ପରମ ଦିବ୍ୟତାର ଦୃଷ୍ଟିକୋଣରୁ ଏଗୁଡ଼ିକର ଆଦୌ କୌଣସି ମୂଲ୍ୟ ନାହିଁ । ପରମ ଦିବ୍ୟସତ୍ତାଙ୍କର କୌଣସି ମତ ନ ଥାଏ, ମାତ୍ର ସମଗ୍ର ଭାବରେ ସବୁଟିର ଏକ ସମଗ୍ର ଦୃଷ୍ଟିହିଁ ରହିଥାଏ ତଥା ଅଭିପ୍ରେତ ଲକ୍ଷ୍ୟଟି ବିଷୟରେ ମଧ୍ୟ ଏକ ଦୃଷ୍ଟି ରହିଥାଏ । କେବଳ ସେହି ଲକ୍ଷ୍ୟଟିରହିଁ ତାତ୍ପର୍ଯ୍ୟ ରହିଛି ।

ମନଃ ପ୍ରସୂତ ଯାବତୀୟ ପ୍ରସଙ୍ଗକୁ କେବଳ ଏକ ମତ ବୋଲି କୁହାଯିବ ଏବଂ ତାହା ଯଥାର୍ଥ ପରମସତ୍ୟର କେବଳ ଗୋଟିଏ କ୍ଷୁଦ୍ରାତିକ୍ଷୁଦ୍ର ଅଂଶକୁହିଁ ବ୍ୟକ୍ତ କରିଥାଏ ।

*୧୩ ଜୁଲାଇ ୧୯୬୬*

*ସ୍ନେହମୟି ମାଆ,*

*କେତେକଙ୍କର କହିବା ଅନୁସାରେ ଆପଣ କୁଆଡ଼େ କହିଛନ୍ତି : ‘‘ଏଠାରେ ଥିବା ୧୫୦୦ ବ୍ୟକ୍ତିଙ୍କ ମଧ୍ୟରୁ କେବଳ ୨୫୦ ଜଣ ସରିକି ରହିଥିବେ, ଯେଉଁମାନେ କି ଶ୍ରୀଅରବିନ୍ଦଙ୍କ ଯୋଗକୁ ବୁଝିଛନ୍ତି । କେବଳ ୪୫ ଜଣ ସେହି ଯୋଗର ଅଭ୍ୟାସ କରୁଛନ୍ତି, ପାଞ୍ଚଜଣଙ୍କର ଉପଲବ୍ଧିର ସାମର୍ଥ୍ୟ ରହିଛି ଏବଂ ଜଣେ ମାତ୍ର ରୂପାନ୍ତରର ଯୋଗ୍ୟ ହୋଇ ପାରିଛନ୍ତି ।’’ ଅସଲ ସତଟି ପ୍ରକୃତରେ କ’ଣ ?*

ମୁଁ ହୁଏତ ସେହିପରି କିଛି କହି ଥାଇପାରେ । ମାତ୍ର ସଂଖ୍ୟାଗୁଡ଼ିକ କେତେଦୂର ନିର୍ଭୁଲ୍, ସେଥିରେ ମୋ’ର ସନ୍ଦେହ ହେଉଛି ।

ଏକଥା ସତ ଯେ, ଯୋଗକୁ ଗମ୍ଭୀର ଭାବରେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଦୌ ବହୁତ ନୁହେଁ । ...

ମାତ୍ର ଦିବ୍ୟ ପରମକରୁଣାଙ୍କର ସାମର୍ଥ୍ୟର ଅନ୍ତ ନାହିଁ ।

*୨୦ ଜୁଲାଇ ୧୯୬୬*

*ସ୍ନେହମୟି ମାଆ,*

*ମୁଁ ଅନୁଭବ କରୁଛି, ଦିବ୍ୟ ପରମ କରୁଣାକୁ ନଷ୍ଟ କରିଦେବା, ଏଠାରେ ଆମକୁ ମିଳୁଥିବା ଅସାଧାରଣ ସୁଯୋଗଟିର ଅସଦ୍‌ବ୍ୟବହାର କରିବା ଆମ ପକ୍ଷରେ ଅତ୍ୟନ୍ତ ଲଜ୍ଜାଜନକ । ମାତ୍ର ମାଆ, ଆମେ କାହିଁକି ଏପରି କରୁଛୁ ? କାରଣ ଆମ ଭିତରୁ ପ୍ରତ୍ୟେକେ, ଅନ୍ତତଃ ନିଜ ଜୀବନରେ ଥରେ ଏକ ଆନନ୍ଦମୟ କ୍ଷଣରେ, ଏଠାରେ ଆମ ହାତ ପାଆନ୍ତାରେ ରହିଥିବା ଏବଂ ଆମ ଲାଗି ଅପେକ୍ଷା କରିଥିବା ଏହି ଅନନ୍ତ ପରମମହିମାକୁ ନିଶ୍ଚୟ ଅନୁଭବ ଓ ଉପଭୋଗ କରିଥିବେ । ତଥାପି ଆମଭିତରୁ, ଏତେ ମୁଷ୍ଟିମେୟ କେତେଜଣ ଏହି ଯୋଗକୁ ଗମ୍ଭୀର ଭାବରେ ଗ୍ରହଣ କରୁଛନ୍ତି । କାହିଁକି ?*

ଏହାର ସହଜ କାରଣ **ଅଚେତନା,** ଏପରି ଏକ **ତମଃ**, ଯାହାଠାରେ ଆଦୌ କୌଣସି ବଳ ଖଟିବ ନାହିଁ ।

*୨୭ ଜୁଲାଇ ୧୯୬୬*

*(କଲିକତାରେ ଏକ ପ୍ରାୟୋଗିକ ଅଧ୍ୟୟନର କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ଅଧିନାୟକଙ୍କ ନିକଟକୁ ଆସିଥିବା ଏକ ନିମନ୍ତ୍ରଣ ବିଷୟରେ)*

ଯେଉଁମାନେ ଆନ୍ତରିକତା ସହିତ କିଛି ଶିକ୍ଷା କରିବାକୁ ଇଚ୍ଛା କରିବେ, ଏଠାରେ ସେମାନଙ୍କ ଲାଗି ସକଳ ସମ୍ଭାବନା ରହିଛି । କେବଳ ଗୋଟିଏ କଥା, ଯାହା ବାହାରେ ଅଛି ମାତ୍ର ଏଠାରେ ନାହିଁ, ତାହା ହେଉଛି ବାହ୍ୟ ଶୃଙ୍ଖଳାର ଏକ ନୈତିକ ନିୟନ୍ତ୍ରଣ ।

ଏଠାରେ ବ୍ୟକ୍ତି ସଂପୂର୍ଣ୍ଣ ଭାବରେ ସ୍ୱାଧୀନ,– ଏଠାରେ ଏକମାତ୍ର ନିୟନ୍ତ୍ରଣ ହେଉଛି ଜଣେ **ନିଷ୍ଠାଯୁକ୍ତ** ବ୍ୟକ୍ତି **ନିଜ ଉପରେ** ନିଜେ ଯେଉଁ ନିୟନ୍ତ୍ରଣକୁ ଲାଗୁ କରି ରଖିବ ।

ବର୍ତ୍ତମାନ ତୁମେହିଁ ନିଷ୍ପତ୍ତି କରିବ ।

*୩ ଅଗଷ୍ଟ ୧୯୬୬*

*ସ୍ନେହମୟି ମାଆ,*

*ଆପଣଙ୍କର ଉତ୍ତର ପାଇ ମୁଁ ଅତ୍ୟନ୍ତ ଖୁସୀ ହେଲି ଓ ମୁଁ ନ ଯିବା ପାଇଁ ନିଷ୍ପତ୍ତି ନେଲି । ଅବଶ୍ୟ ମୁଁ ସନ୍ଦେହ କରୁଥିଲି ଯେ ଆପଣ ଏହି ପ୍ରସ୍ତାବଟିର ସମର୍ଥନ କରିବେ ନାହିଁ; ମାତ୍ର ତଥାପି, ମୁଁ ନିମନ୍ତ୍ରଣଟିକୁ ଗ୍ରହଣ କରିବି କି ନାହିଁ ବୋଲି ଆପଣଙ୍କୁ ପଚାରିବା ସମୟରେ ତାହା ପକ୍ଷରେ ନିମ୍ନ କାରଣଗୁଡ଼ିକ ରହିଥିଲା । (ଏଠାରେ କାରଣଗୁଡ଼ିକୁ ଗୋଟି ଗୋଟି କରି ଉଲ୍ଲେଖ କରାଯାଇଛି ।)*

ତୁମ ପତ୍ରରୁ ମୁଁ ଜାଣିପାରୁଛି ଯେ ନିମନ୍ତ୍ରଣଟିକୁ ଗ୍ରହଣ କରିବା ଲାଗି ତୁମର ପ୍ରକୃତରେ ବଡ଼ ଅଭିଳାଷ ରହିଛି । ... ତେଣୁ ମୁଁ ତୁମକୁ ଆଦୌ ଏହି ଅନୁଭୂତିଟିରୁ ବଞ୍ଚିତ କରିବାକୁ ଇଚ୍ଛା କରୁ ନାହିଁ ଏବଂ ତେଣୁ ''ତୁମେ ଯାଇପାର'' ବୋଲି କହୁଛି ।

ଏଇଟି ଚୂଡ଼ାନ୍ତ ନିଷ୍ପତ୍ତି ।

*୪ ଅଗଷ୍ଟ ୧୯୬୬*

*ସ୍ନେହମୟି ମାଆ,*

*ମୁଁ ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର କେତୋଟି ଫଟୋଚିତ୍ର ପାଇ ପାରିବି କି ? ସେଥିରେ ଆପଣଙ୍କର ଆଶୀର୍ବାଦ ରହିଥିବ; ପଣ୍ଡିଚେରୀଠାରୁ ଦୂରରେ ଥିବା ସମୟରେ ମୁଁ ସେଗୁଡ଼ିକ ପାଖରେ ରଖିବି ।*

ସତରେ ତୁମେ ଯିବାକୁ ଚାହୁଁଛ ?

*୨୨ ଅଗଷ୍ଟ ୧୯୬୬*

*ସ୍ନେହମୟି ମାଆ,*

*ଏହି ନିମନ୍ତ୍ରଣର ପ୍ରଖ୍ୟାତ ପ୍ରସଙ୍ଗଟି, ଯାହା ସର୍ବତ୍ର ଏତେଗୁଡ଼ିଏ ଭୁଲ୍‌-ବୁଝାମଣା ସୃଷ୍ଟି କରିଛି, ତାହାରି ବିଷୟରେ ଏକ ସର୍ବଶେଷ ଟିପ୍ପଣୀ ।*

*ମାଆ, ମୁଁ ଆପଣଙ୍କୁ ବୁଝିପାରୁ ନାହିଁ ! ଆପଣ ଥରେ କହୁଛନ୍ତି, ''ତୁମେ ଯାଇପାର । ଏଇଟି ଚୂଡ଼ାନ୍ତ ନିଷ୍ପତ୍ତି'' । ପରେ ଯେତେବେଳେ ମୁଁ ଆପଣଙ୍କ ପାଖକୁ ଆସୁଛି, ସେତେବେଳେ ଆପଣ ପୁନର୍ବାର ସେହିକଥାହିଁ କହୁଛନ୍ତି ଏବଂ ମୋତେ ଏହି ନିଶ୍ଚିତ ଭରସା ଦେଇ ବିଦାୟ ଦେଉଛନ୍ତି ଯେ, ଆପଣ ମୋ' ସହିତ ସର୍ବଦା ରହିଥିବେ, ତେଣୁ ମୁଁ ଏକାନ୍ତ ଭୟଶୂନ୍ୟ ହୋଇ ଯାଇପାରେ, ଏହା ମୋ'ର ଉପକାର କରିବ, ଇତ୍ୟାଦି, ଇତ୍ୟାଦି । ଆପଣଙ୍କର ପ୍ରଥମ ଚିଠିଟି ପାଇବାପରେ ମୁଁ ଆଉ ଯିବା ପାଇଁ ମନ କରୁ ନାହିଁ ବୋଲି ଆପଣଙ୍କୁ ଦୃଢ଼ ଭାବରେ କହିବା ପରେ ମଧ୍ୟ ଆପଣ ମୋତେ ଯିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି ।*

*ଅତ୍ୟନ୍ତ ସ୍ୱାଭାବିକ ଭାବରେ ମୁଁ ତା'ପରେହିଁ ଯିବା ପାଇଁ ଆବଶ୍ୟକ ବ୍ୟବସ୍ଥାମାନ କରିବା ଆରମ୍ଭ କରିଦେଲି । **କ** ମୋ' ଯିବାର ବନ୍ଦୋବସ୍ତ କଲେ । ମାତ୍ର, ତା'ପରେ ଆପଣ **କ** ଙ୍କୁ କହିଲେ ଯେ, ସେ ମୋ'ର ଯିବାର ସମର୍ଥନ କରୁଛନ୍ତି ବୋଲି ମୋ'ଠାରୁ ଶୁଣିବା ପରେ ମୋତେ ଆପଣ ଯିବା ପାଇଁ ଏହି ଅନୁମତି ଦେଇଛନ୍ତି । ଅତି ବିଚିତ୍ର କଥା !*

*ମୋ'ର ଯିବା ବିଷୟରେ ଆପଣ ଉତ୍ସାହୀ ନୁହନ୍ତି,– ଏତିକି ବ୍ୟତୀତ ମୁଁ ପ୍ରକୃତରେ ଏହି ବିଷୟରେ ଆଉ କିଛି ବୁଝିପାରୁ ନାହିଁ । ମାତ୍ର, ଏତେ ପ୍ରକାର ଜଟିଳତା ସୃଷ୍ଟି ହେବାର କାରଣ କ'ଣ ? **କ** ମୋ' ବିଷୟରେ କ'ଣ ଭାବୁଛନ୍ତି, ସେକଥା ମୁଁ ଜାଣେ ନାହିଁ, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମୁଁ ତାଙ୍କୁ ଏକ ଅତି ଜଟିଳ ପରିସ୍ଥିତିରେ ଆଣି ପକାଇ ଦେଇଛି । ଏଥିରେ ମୁଁ ଅତ୍ୟନ୍ତ ଦୁଃଖିତ ।*

*ମାଆ, ଆପଣଙ୍କର ଏହି ଶେଷଥରର ପ୍ରଶ୍ନଟି ପରେ, ଆଉ ଯିବା ଲାଗି ମୋ'ର କୌଣସି ଇଚ୍ଛା ହେଉ ନାହିଁ । **ମୁଁ ଯାଉ ନାହିଁ ।** ଏହା ମୋ'ର ଶେଷ ନିଷ୍ପତ୍ତି । ଏହି ପ୍ରଖ୍ୟାତ ଅଧ୍ୟାୟଟି ଏଇଠୁ ଶେଷ ହେଲା ।*

ଖୁବ୍ ଭଲ କଥା । ଏବଂ, ମୁଁ ଯାହାକିଛି କରିଥିଲି, ତୁମକୁ ଏହି ନିଷ୍ପତ୍ତିଟିରେ ଉପନୀତ କରାଇବାକୁହିଁ କରିଥିଲି । *୨୩ ଅଗଷ୍ଟ ୧୯୬୬*

*ସ୍ନେହମୟି ମାଆ,*

*ପୃଥିବୀରେ ଆଧ୍ୟାତ୍ମିକ ଜୀବନର ପ୍ରତିଷ୍ଠା କରିବା ପାଇଁ ଭାରତବର୍ଷ ପୃଥିବୀର ଗୁରୁ ହେବ ବୋଲି ମନେ କରାଯାଉଛି । ମାତ୍ର, ମାଆ, ଏହି ଉଚ୍ଚ ଭୂମିକାଟିକୁ ଗ୍ରହଣ କରିପାରିବା ସକାଶେ ଭାରତବର୍ଷକୁ ରାଜନୀତିକ ନୈତିକ ତଥା ଭୌତିକ ଦୃଷ୍ଟିରୁ ତାହାର ଉପଯୁକ୍ତ ହେବାକୁ ପଡ଼ିବ । ନୁହେଁ କି ?*

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ – ଏବଂ, ଉପସ୍ଥିତ ପରିସ୍ଥିତିରେ ବହୁତ କିଛି କରିବାକୁ ରହିଛି । *୭ ସେପ୍ଟେମ୍ବର ୧୯୬୬*

*ସ୍ନେହମୟି ମାଆ,*

*ଆମର ବର୍ତ୍ତମାନ ସରକାର ଭିତରେ କ'ଣ ପାଇଁ ଏହି ଅରାଜକତାପୂର୍ଣ୍ଣ ଅବସ୍ଥା ଦେଖିବାକୁ ମିଳୁଛି ? ଏହା କ'ଣ ଅଧିକ ଭଲ ଆଡ଼କୁ, ପରମସତ୍ୟର ଶାସନ ଆଡ଼କୁ ପରିବର୍ତ୍ତନର ଏକ ସଙ୍କେତ ଦେଉଛି ?*

ସମଗ୍ର ପୃଥିବୀ ଉପରେ ପରମ ସତ୍ୟଶକ୍ତିର ଯେଉଁ ଚାପ ପଡୁଛି, ତାହାହିଁ ଉପସ୍ଥିତ ବିଶୃଙ୍ଖଳା, ବିଭ୍ରାନ୍ତି ଏବଂ ମିଥ୍ୟା ସୃଷ୍ଟି କରୁଛି । ରୂପାନ୍ତରିତ ହେବା ଲାଗି ଅସମ୍ମତି ପ୍ରକାଶ କରି ଏମାନେ ସର୍ବତ୍ର ମୁଣ୍ଡ ଟେକି ବାହାରୁଛନ୍ତି ।

ପରମସତ୍ୟର ଯେ ବିଜୟ ହେବ, ତାହା ସୁନିଶ୍ଚିତ; ମାତ୍ର ତାହା କେବେ ଏବଂ କିପରି ହେବ, ତାହା କହିବା କଷ୍ଟକର ।

*୧୪ ସେପ୍ଟେମ୍ବର ୧୯୬୬*

*ସ୍ନେହମୟି ମାଆ,*

*ଭଗବାନ୍ ବା ଦିବ୍ୟ ପରମସତ୍ତାଙ୍କ ଉପରେ ବିଶ୍ୱାସ ନ କରି କିପରି ଯୋଗର ସାଧନା କରିବା ସମ୍ଭବ ହେବ ?**

---

* ମାଆ ମୌଖିକ ଭାବରେ ଏହି ପ୍ରଶ୍ନଟିର ଉତ୍ତର ଦେଇଥିଲେ । ସେ ସେତେବେଳେ ଅଧିନାୟକଙ୍କ ବ୍ୟତୀତ ଆଉଜଣଙ୍କ ସହିତ କଥାବାର୍ତ୍ତା ହେଉଥିଲେ ।

କାହିଁକି ନ ହେବ ? ଏହା ଅତ୍ୟନ୍ତ ସହଜ । କାରଣ ଏଗୁଡ଼ିକ କେବଳ କେତେକ ଶବ୍ଦ ମାତ୍ର । ଯେତେବେଳେ ଭଗବାନ୍ ବା ଦିବ୍ୟ ପରମସତ୍ତାଙ୍କୁ ବିଶ୍ୱାସ ନ କରି କେହି ଯୋଗର ଅଭ୍ୟାସ କରେ, ସେତେବେଳେ ସେ କୌଣସି ପୂର୍ଣ୍ଣତା ହାସଲ କରିବା ପାଇଁ, ଅଗ୍ରଗତି କରିବା ପାଇଁ ବା ଯାବତୀୟ ଆଉ ଅନ୍ୟ କାରଣ ସକାଶେ ତାହା କରୁଥାଏ ।

ଏବଂ ଏପରି କ'ଣ ଅନେକ ବ୍ୟକ୍ତି ଅଛନ୍ତି,– ଏକ ଧର୍ମ ରହିଥିବା ବ୍ୟକ୍ତିମାନଙ୍କ କଥା ମୁଁ କହୁ ନାହିଁ : ସେମାନେ ପିଲା ଦିନେ କେତେକ ସୂତ୍ରକୁ ଶିକ୍ଷା କରିଥାନ୍ତି ଏବଂ ସେମାନଙ୍କ ପାଇଁ ସେଗୁଡ଼ିକର ଆଦୌ ଖୁବ୍‌ବେଶୀ ଅର୍ଥ ନ ଥାଏ; ମୁଁ ସାଧାରଣ ଲୋକମାନଙ୍କ ବିଷୟରେ କହୁଛି,– ପ୍ରକୃତରେ କ'ଣ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଦିବ୍ୟ ପରମସତ୍ତାଙ୍କୁ ବଶ୍ୱାସ କରନ୍ତି ? ଅନ୍ତତଃ ଇଉରୋପରେ କଦାପି ନାହାନ୍ତି । ମାତ୍ର ଏଠାରେ ମଧ୍ୟ, ଏଠାରେ ବେଶ୍ କେତେ ଲୋକ ଅଛନ୍ତି ଯେଉଁମାନଙ୍କ ପରିବାରରେ ପାରମ୍ପରିକ ଚଳଣି ଅନୁସାରେ ଏକ ''ଇଷ୍ଟଦେବତା'' ରହିଛନ୍ତି । ମାତ୍ର, ସେମାନେ ସେହି ଦେବତାଙ୍କ ଉପରେ କୌଣସି କାରଣରୁ ଅପ୍ରସନ୍ନ ହୋଇଗଲେ ତାଙ୍କୁ ଗଙ୍ଗାରେ ନେଇ ଫିଙ୍ଗି ଦେଲେ ମଧ୍ୟ ଆଦୌ କୌଣସି ପ୍ରକାରେ ଶୋଚନା କରିବେ ନାହିଁ । ମୁଁ ଏପରି କେତେକଙ୍କୁ ଜାଣିଛି, ଯେଉଁମାନେ କି ଏହିପରି ପ୍ରକୃତରେ କରିଛନ୍ତି । ସେମାନଙ୍କର ଘରେ ଏକ ପାରିବାରିକ କାଳୀପ୍ରତିମା ରହିଥିଲେ; ତାଙ୍କ ଉପରେ କୌଣସି କାରଣରୁ ଅପ୍ରସନ୍ନ ହୋଇ ତାଙ୍କୁ ସେମାନେ ପ୍ରକୃତରେ ନେଇ ଗଙ୍ଗାରେ ଫିଙ୍ଗି ଦେଇଥିଲେ । ଯଦି ଜଣେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କୁ ବିଶ୍ୱାସ କରୁଥିବ ତେବେ କଦାପି ଏପରି କରିବ ନାହିଁ ।

ମୁଁ ପ୍ରକୃତରେ କିଛି ଜାଣି ନାହିଁ – ଦିବ୍ୟ ପରମସତ୍ତାଙ୍କୁ ବିଶ୍ୱାସ କରିବା ? କେହି କୌଣସି ଏକ ପୂର୍ଣ୍ଣତା ଲାଗି ପ୍ରବଳ ଅଭିଳାଷ ରଖିଛି, ସମ୍ଭବତଃ ନିଜେ ଯେତିକି ହୋଇ ରହିଛି, ତାହାଠାରୁ ଅଧିକ କିଛି ହେବା ପାଇଁ, ଆପେ ଯେଉଁଠାରେ ଅଛି, ତା'ଠାରୁ ଅଧିକ ଉଚ୍ଚ ଆଉ ଏକ ସ୍ଥାନରେ ଯାଇ ପହଞ୍ଚିବା ଲାଗି ସେ ତୃଷିତ ହୋଇ ରହିଛି । ଯଦି ଜଣେ ଲୋକହିତୈଷୀ ହୋଇଥିବ, ମନୁଷ୍ୟଜାତି ଆହୁରି ଗୋଟିଏ ଭଲ ସ୍ଥିତିରେ ଯାଇ ପହଞ୍ଚୁ ବୋଲି ହୁଏତ ତା'ର ଏକ ଅଭୀପ୍ସା ରହିଛି, ବା କମ୍ ଦୁଃଖ ପାଉ, କମ୍ ଦୁର୍ଗତି ଭୋଗ କରୁ ବୋଲି ଆକାଙ୍କ୍ଷା ରହିଛି । ଏହିପରି ଯାବତୀୟ କେତେ କ'ଣ ସମ୍ଭବ ହୋଇ ପାରେ । ସେହି ଲକ୍ଷ୍ୟର ସାଧନ ନିମନ୍ତେ ସେ ହୁଏତ ଯୋଗର ମଧ୍ୟ ଅଭ୍ୟାସ କରିପାରେ, ମାତ୍ର ତାହାକୁ କଦାପି ବିଶ୍ୱାସ ବୋଲି କୁହାଯିବ ନାହିଁ । ବିଶ୍ୱାସ କରିବାର ଅର୍ଥ ହେଉଛି ନିଜ ଭିତରେ ଏହିପରି ଏକ ଦୃଢ଼ ପ୍ରତ୍ୟୟ ରଖିବା ଯେ ଦିବ୍ୟ ପରମସତ୍ତାଙ୍କ ବ୍ୟତୀତ କୌଣସି ଜଗତ କଦାପି ସମ୍ଭବ ହେବ ନାହିଁ । ଏହିପରି ଏକ ଦୃଢ଼ ବିଶ୍ୱାସ ରଖିବା ଯେ, ଯେହେତୁ ଏହି ପୃଥିବୀ ରହିଛି, ତାହାହିଁ ଦିବ୍ୟ ପରମସତ୍ତା ମଧ୍ୟ ରହିଛନ୍ତି ବୋଲି ପ୍ରମାଣ କରିଦେଉଛି ।

ଏବଂ, କେବଳ ଏକ ମାମୁଲି ''ବିଶ୍ୱାସ'' ନୁହେଁ, ଆଦୌ ଏପରି କିଛି ନୁହେଁ, ଯାହା ଜଣେ ତା' ଭାବନାରେ ଭାବିଛି ଅଥବା ଯାହା ତାକୁ ଶିକ୍ଷା ଦିଆଯାଇଛି ଅସଲ ବିଶ୍ୱାସ ସେପରି ଆଦୌ ନୁହେଁ । ଏହା ଏପରି ଏକ ବିଶ୍ୱାସ, ଯାହାକୁ ଏକ ଜୀବନ୍ତ ଜ୍ଞାନ ବୋଲି କୁହାଯାଇପାରିବ, ମୋଟେ ଅର୍ଜନ କରାଯାଇଥିବା ଜ୍ଞାନ ନୁହେଁ,— ଏହିପରି ଏକ ଜୀବନ୍ତ ଜ୍ଞାନ ଯେ ପୃଥିବୀର ଅସ୍ତିତ୍ୱହିଁ ଦିବ୍ୟ ପରମସତ୍ତାଙ୍କର ଅସ୍ତିତ୍ୱକୁ ସିଦ୍ଧ କରିଦେବା ପାଇଁ ଅବଶ୍ୟ ଯଥେଷ୍ଟ । ଦିବ୍ୟ ପରମସତ୍ତା ନାହାନ୍ତି ତ କୌଣସି ପୃଥିବୀ ମଧ ନାହିଁ । ଏବଂ, ଏହା ଏପରି ସ୍ପଷ୍ଟ ହୋଇ ରହିଥିବ ଯେ, ତୁମେ ଦେଖ, ଅନ୍ୟକୌଣସି ପ୍ରକାରେ ଭାବି ପାରିବାକୁ ହେଲେ ଆମକୁ କିଞ୍ଚିତ୍ ନିର୍ବୋଧ ହେବାକୁହିଁ ପଡ଼ିବ, ଏହିପରି ଏକ ଧାରଣା ହୁଏ । ଏବଂ, ଏହି ଦିବ୍ୟ ପରମସତ୍ତା କୌଣସି ''ଉଦ୍ଦେଶ୍ୟ'' ବା ''ଲକ୍ଷ୍ୟ'' କିଂବା ''ପରମ ନିର୍ବିଶେଷ'' ଅର୍ଥରେ ନୁହେଁ, ସେପରି କୌଣସି ପ୍ରକାରର ନୁହେଁ : ଏହି ବିଦ୍ୟମାନ ପୃଥିବୀହିଁ ଦିବ୍ୟ ପରମସତ୍ତାଙ୍କୁ ପ୍ରମାଣ କରିଦେଉଛି । କାରଣ ଏହି ପୃଥିବୀ କହିଲେ ତାଙ୍କର ଏକ ନିର୍ଦ୍ଦିଷ୍ଟ ବିଭାବରେ ସେହି ଦିବ୍ୟ ପରମସତ୍ତାଙ୍କୁହିଁ ବୁଝାଉଛି,— ଏହି ବିଭାବଟି ଏକ ବିକୃତ ସତ୍ୟ, ମାତ୍ର ତଥାପି ...

ମୋ' ଲାଗି ତ ଏହା ଆହୁରି ଅଧିକ ସୁପ୍ରତିଷ୍ଠିତ, ଆହୁରି ଅଧିକ ଦୃଢ଼ । ମୁଁ ଗୋଟିଏ ଗୋଲାପଫୁଲ ଆଡ଼କୁ ଅନାଇ ଦେଖେ, ସେହି ବସ୍ତୁଟିରେ ଏକ ସ୍ୱତଃସ୍ଫୂର୍ତ୍ତ ସୌନ୍ଦର୍ଯ୍ୟ କେତେ ନିବିଡ଼ ଭାବରେ ସଂକେନ୍ଦ୍ରିତ ହୋଇ ରହିଥାଏ — ମନୁଷ୍ୟ ଦ୍ୱାରା ତିଆରି ନୁହେଁ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ, ଏକ କୁସୁମନ; ଏକ ଦିବ୍ୟ ପରମସତ୍ତା ରହିଛନ୍ତି ବୋଲି ସୁନିଶ୍ଚିତ ହେବା ଲାଗି ଏହାକୁ କେବଳ ଥରେ ଅନାଇ ଦେବାକୁହିଁ ପଡ଼େ । ଏହା ଏକ ସୁନିଶ୍ଚିତ ସତ୍ୟ । ଜଣେ କଦାପି ପାରିବନି ... ଅବିଶ୍ୱାସ କରିବା ଏହି କ୍ଷେତ୍ରରେ ଏକାନ୍ତ ଅସମ୍ଭବ । ସେହି ଲୋକମାନଙ୍କ ପରି (ଏହା ପ୍ରକୃତରେ ଅକଳ୍ପନୀୟ !), ଯେଉଁ ଲୋକମାନେ ପ୍ରକୃତିକୁ ଅଧ୍ୟୟନ କରନ୍ତି, ପ୍ରକୃତରେ ସତକୁ ସତ ତନ୍ନ ତନ୍ନ କରି ଅଧ୍ୟୟନ କରନ୍ତି — ପ୍ରତ୍ୟେକ ବସ୍ତୁ କିପରି କାର୍ଯ୍ୟ କରୁଛି, କିପରି ଜନ୍ମଲାଭ କରୁଛି ଓ କିପରି ତିଷ୍ଠି ରହିଛି;— ମାତ୍ର, ତାହାରି ଭିତରେ ଦିବ୍ୟ ପରମସତ୍ତା ମଧ ରହିଛନ୍ତି ବୋଲି ସଂପୂର୍ଣ୍ଣ ଭାବରେ ଦୃଢ଼ ନିଶ୍ଚିତ ନ ହୋଇ ଜଣେ ବ୍ୟକ୍ତି କିପରି ଆନ୍ତରିକତା ସହିତ, ମନୋଯୋଗ ଓ ଶ୍ରଦ୍ଧାର ସହିତ ଅଧ୍ୟୟନ କରିପାରିବ ? ଆମେ ଏହାକୁ ଦିବ୍ୟପରମସତ୍ତା ବୋଲି କହୁ, ଦିବ୍ୟ ପରମସତ୍ତା କେଡ଼େ କ୍ଷୁଦ୍ର ! (ମାଆ ହସିଲେ) ମୋ ପାଇଁ ଏହି ସକଳ ଅସ୍ତିତ୍ୱହିଁ ଅକାଟ୍ୟ ଭାବରେ ପ୍ରମାଣ କରି ଦେଉଛି ଯେ ସିଏ ଅଛନ୍ତି, ପ୍ରମାଣ କରିଦେଉଛି ଯେ ତାଙ୍କ ବ୍ୟତୀତ ଅସ୍ତିତ୍ୱ ବୋଲି ଆଉ କିଛି ନାହିଁ — ଏପରି ଏକ ବସ୍ତୁ, ଯାହାଙ୍କୁ ଆମେ କୌଣସି ନାମ ଦେଇ ପାରିବା ନାହିଁ, ଯାହାଙ୍କର ସଂଜ୍ଞା ନିରୂପଣ କରି ପାରିବା ନାହିଁ,

ଯାହାଙ୍କୁ ବର୍ଣ୍ଣନା କରି ପାରିବା ନାହିଁ। ମାତ୍ର ସେ ଏପରି ଏକ ବସ୍ତୁ, ଯାହାଙ୍କୁ ଆମେ ଅନୁଭବ କରି ପାରିବା, ଅଧିକରୁ ଅଧିକ ପରିମାଣରେ ଆମେ ଯାହା ହୋଇ ପାରିବା। ଏପରି ଏକ ପରମ ସମ୍ପଦ୍; ଯାହା ଯାବତୀୟ ପୂର୍ଣ୍ଣତାଠାରୁ ଅଧିକ ପୂର୍ଣ୍ଣ। ଯାବତୀୟ ସୌନ୍ଦର୍ଯ୍ୟଠାରୁ ଅଧିକ ସୁନ୍ଦର, ଯାବତୀୟ ଚମତ୍କାରିତାଠାରୁ ଅଧିକ ଚମତ୍କାର, ଏପରିକି ସକଳ ଅସ୍ତିତ୍ୱ ଏକାଠି ମିଶି ଗୋଟିଏ ସମଗ୍ରରେ ପରିଣତ ହୋଇଗଲେ ମଧ୍ୟ ଏହାକୁ କଦାପି ବ୍ୟକ୍ତ କରିପାରିବେ ନାହିଁ। ଏବଂ, ସେହି ତାଙ୍କ ବ୍ୟତୀତ ଆଉ କେଉଁଠି ହେଲେ କିଛି ନାହିଁ। ଏବଂ, ଏହି ପରମ ବସ୍ତୁଟି ଶୂନ୍ୟରେ ଭାସମାନ ଆଦୌ କୌଣସି ବସ୍ତୁ ନୁହେଁ : କେବଳ ସେଇ ଅଛନ୍ତି, ତାଙ୍କ ବ୍ୟତୀତ କେଉଁଠି କିଛି ନାହିଁ।

*୮ ଅକ୍ଟୋବର ୧୯୬୬*

*ସ୍ନେହମୟି ମାଆ,*

*ଆମର କର୍ମ, ଭାବନା ଓ ଆକାଙ୍କ୍ଷାଗୁଡ଼ିକ ଯେ ପ୍ରାଣିକ ବାସନା ଦ୍ୱାରା କଳୁଷିତ ନୁହନ୍ତି, ଆମେ ତାହା କିପରି ଜାଣିବା ? ଆମର ସାଧାରଣ ବୋଧକୁ ତ ସେମାନେ ଅନେକ ସମୟରେ ବେଶ୍ ଯଥାର୍ଥ ବୋଲି ପ୍ରତୀତ ହୁଅନ୍ତି !*

ଏହା ହେଉଛି ଏକ **ଅନ୍ତର୍ଗତ ନିଷ୍ଠାର** ପ୍ରଶ୍ନ। ସାଧାରଣ ବୋଧ ଆଦୌ ବିଚାର କରି ପାରିବ ନାହିଁ, କାରଣ ଏହା ହେଉଛି ବରଂ ଏକ ନିମ୍ନତର ସ୍ତରର ଗୋଟିଏ ମାନସିକ କ୍ରିୟାଶୀଳତା।

ପୁନଶ୍ଚ, ଜାଣିବାର ଗୋଟିଏ ଅତି ସରଳ ଉପାୟ ମଧ୍ୟ ରହିଛି। ଆମେ କେବଳ କଳ୍ପନା କରିବା ଯେ, ଆମେ ଯେଉଁ କଥାଟିକୁ କରିବାକୁ ଇଚ୍ଛା କରୁଛୁ, ସେଇଟି କରାହେବ ନାହିଁ; ଏବଂ, ଯଦି ଏହି କଳ୍ପନା ଆମ ଭିତରେ ଏତେ ଟିକିଏ ମଧ୍ୟ ଅସ୍ୱସ୍ତିକରତା ସୃଷ୍ଟି କରୁଥିବ, ତେବେ ଆମେ ନିଶ୍ଚିତ ହୋଇଯିବା ଯେ ସେହି କ୍ଷେତ୍ରରେ ଏକ ବାସନା ଅବଶ୍ୟ ରହିଛି।

*୧୨ ଅକ୍ଟୋବର ୧୯୬୬*

*ସ୍ନେହମୟି ମାଆ,*

*ଶ୍ରୀ ଅରବିନ୍ଦଙ୍କର ଏହି ପୂର୍ଣ୍ଣ ଯୋଗରେ କର୍ମର ଏକ ପ୍ରଧାନ ମହତ୍ତ୍ୱ ସ୍ଥାନ ରହିଛି, ନୁହେଁ କି ? ସ୍ଥିତି ଏପରି ହୋଇଥିବାରୁ, ଏଥିରେ ଧ୍ୟାନକୁ କିପରି ସ୍ଥାନ ଦିଆଯିବ ?*

କର୍ମ କଦାପି ଦିନର ଚବିଶ ଘଣ୍ଟା ଚାଲି ନ ଥାଏ ।

ଏଥି ଭିତରେ ଆହୁରି ଅନ୍ୟ ଅନେକ କ୍ରିୟାଶୀଳତା ସକାଶେ ସ୍ଥାନ ରହିଥାଏ ଏବଂ ଏକ **ପରିପୂର୍ଣ୍ଣ** ଯୋଗରେ ସେହି ଯାବତୀୟ କ୍ରିୟାଶୀଳତାର ମଧ୍ୟ ସ୍ୱକୀୟ ଆବଶ୍ୟକତା ରହିଛି । *୨୬ ଅକ୍ଟୋବର ୧୯୬୬*

*ସ୍ନେହମୟି ମାଆ,*

*ଆପଣ ଲେଖିଥିବା ''ଗୁଣାବଳୀ'' ଗଳ୍ପରେ ଆପଣ ଏକାଧିକ ଗୁଣର ବର୍ଣ୍ଣନା କରିଛନ୍ତି । ସବୁଠାରୁ ଅତ୍ୟାବଶ୍ୟକ କେଉଁ ଗୁଣଟି ?*

***ଆନ୍ତରିକତା ।***

*୨ ନଭେମ୍ବର ୧୯୬୬*

*ସ୍ନେହମୟି ମାଆ,*

*ବିଗତ ଏକାଧିକ ବର୍ଷ ହେଲା ଆମେ ଶୁଣି ଆସୁଛୁ ଯେ, ଆଶ୍ରମ ଏକ ଭୟଙ୍କର ଆର୍ଥିକ ସଙ୍କଟାବସ୍ଥା ମଧ୍ୟରେ ରହିଛି ଏବଂ ମଝିରେ ମଝିରେ ଆମେ ବହୁବାର, ସେହି କଥାଟିକୁ ଆଖିରେ ମଧ୍ୟ ସ୍ପଷ୍ଟ ଭାବରେ ଦେଖୁଛୁ । ମାତ୍ର ମାଆ, ଆମେ ଏକଥା ମଧ୍ୟ ଦେଖୁଛୁ ଯେ କେତେକ ବ୍ୟକ୍ତି ଏବଂ କେତେକ ବିଭାଗ ଅତ୍ୟନ୍ତ ଅମିତବ୍ୟୟୀ ହୋଇ ଖର୍ଚ୍ଚ କରିବାରେ ଲାଗିଛନ୍ତି । ଏବଂ, କେବଳ ଆପଣଙ୍କର ଉଦାରତା ଯୋଗୁଁହିଁ ଏହିସବୁ ଖର୍ଚ୍ଚ କରିବା ସମ୍ଭବ ହେଉଛି । ତେବେ, କିପରି କୁହାଯାଇ ପାରିବ ଯେ ଆଶ୍ରମ ଏକ ଆର୍ଥିକ ସଙ୍କଟ ମଧ୍ୟଦେଇ ଗତି କରୁଛି ?*

ମାତ୍ର, ସମ୍ଭବତଃ କେତେ ଜଣ ବ୍ୟକ୍ତି ଏବଂ କେତେକ ବିଭାଗ ଅମିତବ୍ୟୟୀ ହୋଇ ଅର୍ଥର ବ୍ୟବହାର କରୁଛନ୍ତି **ବୋଲିହିଁ** ଏକ ଆର୍ଥିକ ସଂକଟ ଦେଇ ଗତି କରିବାକୁ ହେଉଛି ।

ନଚେତ୍, ସବୁ ଠିକ୍ ଚାଲିଛି ।

*୩୦ ନଭେମ୍ବର ୧୯୬୬*

*ସ୍ନେହମୟି ମାଆ,*

*ଆପଣଙ୍କର ଉତ୍ତରରୁ କିଛି ବୁଝି ହେଲା ନାହିଁ, କାରଣ ଆପଣ ଏହିସବୁ ଖର୍ଚ୍ଚ ଲାଗି ନିର୍ଦ୍ଦେଶ ଦେଉ ନାହାନ୍ତି କି ?*

ମୁଁ ସର୍ବଦା ଦେଉ ନାହିଁ ।

*ଅନ୍ତତଃ ସମ୍ମତି ତ ଦେଉଛନ୍ତି !*

ବେଳେବେଳେ ।

*ଧ୍ୟାନ କରି ବସିଥିବା ସମୟରେ ବେଳେବେଳେ ମାନସିକ ନୀରବତା ହାସଲ କରିବାରେ ସଫଳତା ମିଳିଯାଏ । ମାତ୍ର ଏହାକୁ ଏକ ଅନୁକ୍ଷଣ ଅନୁଭୂତିରେ କିପରି ପରିଣତ କରିହେବ ? କାରଣ, କୌଣସି କ୍ରିୟାଶୀଳତା ମଧ୍ୟରେ ପ୍ରବିଷ୍ଟ ହୋଇଯିବା ମାତ୍ରକେ ପୁନର୍ବାର ମାନସିକ ଚଞ୍ଚଳତା ଆସି ପହଞ୍ଚିଯାଏ ।*

ନୀରବତାର ପରିପୂର୍ଣ୍ଣ ସ୍ଥିତିରେ ନ ରହି ମଧ୍ୟ ଏକ ସ୍ଥିର ମନ ହାସଲ କରିବା ବେଶ୍ ସମ୍ଭବ ହୋଇପାରେ । ଆଦୌ କୌଣସି ପ୍ରକାରେ ବିକ୍ଷୁବ୍ଧ ନ ହୋଇ କୌଣସି କାର୍ଯ୍ୟରେ ବ୍ୟାପୃତ ରହିବା ମଧ୍ୟ ସମ୍ଭବ ହୋଇପାରେ । ଏହି କ୍ଷେତ୍ରରେ ଆଦର୍ଶ ସମାଧାନ ହେଉଛି ଯେ, ଆମେ କର୍ମ କରୁଥିବା, ତଥାପି ମାନସିକ ସ୍ଥିରତା ଭିତରେ ଅବଶ୍ୟ ରହିଥିବା ।

ମନକୁ ସ୍ଥିର ରଖି ଆମେ ଯେକୌଣସି କାର୍ଯ୍ୟ କରିପାରିବା । ଏବଂ, ସେତେବେଳେ ଯାହା କରାଯାଏ, ତାହାକୁ ଅଧିକ ଭଲ ଭାବରେ କରିବା ସମ୍ଭବ ହୁଏ ।

*ଆପଣା ଉପରେ ସ୍ୱାମିତ୍ୱ ଅର୍ଜନ କରିବାକୁ ହେଲେ ଆମକୁ ''ଚେତନାର ପ୍ରଶସ୍ତୀକରଣ''ର ପ୍ରଣାଳୀଟିକୁ ଗ୍ରହଣ କରିବାକୁ ପଡ଼ିବ କି ?*

ଏକ ମୁକ୍ତ ଓ ବୁଦ୍ଧିପ୍ରେରିତ ଜୀବନ ଯାପନ କରିବାକୁ ଇଚ୍ଛା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଚେତନାକୁ ପ୍ରଶସ୍ତ ବା ସମ୍ପ୍ରସାରିତ କରି ରଖିବାର ଆବଶ୍ୟକତା ରହିଛି । କେବଳ ଯୋଗର ସାଧନା ବା ଦିବ୍ୟ ଜୀବନର ଅଭୀପ୍ସା କରୁଥିବାର କ୍ଷେତ୍ରରେ ଏହାର ପ୍ରୟୋଜନ ଅଛି, ସେକଥା ଆଦୌ ନୁହେଁ ।

*୭ ଡିସେମ୍ବର ୧୯୬୬*

*ସ୍ନେହମୟି ମାଆ,*

*ଭ୍ରମଣ କରି ଯାଇଥିବା ସମୟରେ କ ଜିଞ୍ଜିଠାରେ ଗୋଟିଏ ହ୍ରଦରେ*

*ବୁଡ଼ିଗଲେ ବୋଲି ମୁଁ ଯେତେବେଳେ ଶୁଣିଲି, ମୁଁ ଏହା ବିଶ୍ୱାସ କରି ପାରିଲି ନାହିଁ କିଂବା ଏହି ସମ୍ବାଦଟିରେ ସ୍ତମ୍ଭୀଭୂତ ବି ହୋଇଗଲି ନାହିଁ । ମୋ' ଭିତରେ କେବଳ ଗୋଟିଏ ପ୍ରଶ୍ନହିଁ ଜାଗୃତ ହେଉଥିଲା : ଏକଥା କିପରି ସମ୍ଭବ ହେବ ! ଆମେ ଜିଞ୍ଜିରେ ଥିଲୁ ବୋଲି ମାଆ ଜାଣିଥିଲେ, ତେଣୁ ଆମ ସହିତ ତାଙ୍କର ସୁରକ୍ଷା ଅବଶ୍ୟ ରହିଥିଲା । ତେଣୁ, ଏହା କିପରି ସମ୍ଭବ ହେବ ?*

ସୁରକ୍ଷାଟି ସମଗ୍ର ଗୋଷ୍ଠୀ ଉପରେ ରହିଥିଲା,– ଏବଂ ଯଦି ଗୋଷ୍ଠୀର କାର୍ଯ୍ୟ ସୁସମ୍ବନ୍ଧିତ ଏବଂ ଶୃଙ୍ଖଳାଯୁକ୍ତ ହୋଇ ରହିଥିବ, ତେବେ ସୁରକ୍ଷା ନିଶ୍ଚୟ କାର୍ଯ୍ୟ କରିବ । ମାତ୍ର, ଜଣେ ବ୍ୟକ୍ତି ଯେତେବେଳେ ସ୍ୱାଧୀନ ହୋଇ କାର୍ଯ୍ୟ କରିବ, ତେବେ କେବଳ ତା'ର ବିଶ୍ୱାସ ଅନୁସାରେହିଁ ସୁରକ୍ଷା ତା'ଲାଗି କାର୍ଯ୍ୟ କରୁଥିବ ।

*୧୪ ଡିସେମ୍ବର ୧୯୬୬*

*ସ୍ନେହମୟି ମାଆ,*

*୨୪ ନଭେମ୍ବରର ଦର୍ଶନ-ଦିବସର ସନ୍ଦେଶରେ ଶ୍ରୀଅରବିନ୍ଦ ଦିବ୍ୟ ପରମ ସଂବେଦନଶୀଳତା ଓ ଦିବ୍ୟପରମ କରୁଣାର ପ୍ରଭାବ ସମ୍ବନ୍ଧରେ କହିଛନ୍ତି ।* ମାତ୍ର, ଦୁଇଟି ଭିତରେ ପାର୍ଥକ୍ୟ କ'ଣ ରହିଛି ?*

ସଂବେଦନଶୀଳତା ସମସ୍ତଙ୍କର କଷ୍ଟର ଉପଶମ କରାଇବାକୁ ଇଚ୍ଛା କରୁଥାଏ; ସେମାନେ ସମସ୍ତେ ସେଥିଲାଗି ଉପଯୁକ୍ତ କି ନୁହନ୍ତି, ତାହାର କୌଣସି ବିଚାର କରେ ନାହିଁ ।

ପରମ କରୁଣା କଷ୍ଟଭୋଗ କରିବାର ଅଧିକାରଟି ତିଷ୍ଠି ରହୁବୋଲି ସ୍ୱୀକାର କରେ ନାହିଁ ଓ ତାହାର ବିଲୋପସାଧନ କରେ ।

*୨୧ ଡିସେମ୍ବର ୧୯୬୬*

---

* ''ଏହି କ୍ଷେତ୍ରରେ ଏହି ତିନୋଟି ଶକ୍ତି ରହିଛନ୍ତି : (୧) ବିଶ୍ୱଗତ ବିଧାନ, କର୍ମର ବିଧାନ ବା ସେହିପରି ଆଉ ସବୁକିଛି; (୨) ଦିବ୍ୟ ପରମ ସଂବେଦନଶୀଳତା, ଯାହାକି ଉକ୍ତ ବିଧାନର ଜାଲଗୁଡ଼ିକର ମଧ୍ୟଦେଇ ପହଞ୍ଚି ପାରୁଥିବା ଯଥାସମ୍ଭବ ଅଧିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟ କରୁଛି ଏବଂ ସେମାନଙ୍କୁ ଏକ ସୁଯୋଗ ଦେଉଛି; (୩) ଦିବ୍ୟ ପରମକରୁଣା, ଯାହାକି ଅଧିକ ଗଣନାତୀତ ମାତ୍ର ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ଅପ୍ରତିରୋଧ ଭାବରେ କାର୍ଯ୍ୟ କରୁଛି ।''

(ଯୋଗ-ପତ୍ରାବଳୀ, ଶତବାର୍ଷିକୀ ଗ୍ରନ୍ଥମାଳା, ୨୩ଶ ଖଣ୍ଡ (ଇଂ), ପୃ. ୬୦୯)

*ସ୍ନେହମୟି ମାଆ,*

*‘‘ଆଶ୍ରମର ଜଣେ ଯଥାର୍ଥ ସନ୍ତାନ’’ ବୋଲାଇ ପାରିବାକୁ ଜଣେ ବ୍ୟକ୍ତିର କେଉଁସବୁ ଗୁଣ ରହିଥିବା ଆବଶ୍ୟକ ?*

ଆନ୍ତରିକତା, ସାହସ, ଶୃଙ୍ଖଳା, ସହନଶୀଳତା, ଦିବ୍ୟ ପରମକର୍ମରେ ଐକାନ୍ତିକ ବିଶ୍ୱାସ ଏବଂ ଦିବ୍ୟ ପରମ କରୁଣା ଉପରେ ଅବିଚଳ ଆସ୍ଥା । ଏବଂ, ଏହି ସବୁକିଛି ସହିତ ଏକ ସ୍ଥାୟୀ, ଉତ୍ସାହପୂର୍ଣ୍ଣ ଏବଂ ଅଧ୍ୟବସାୟୀ ଅଭୀପ୍ସା ଓ ଏକ ଅପାର ଧୈର୍ଯ୍ୟ ମଧ୍ୟ ରହିଥିବା ଉଚିତ ।

ଶୁଭ ନବବର୍ଷ ।

*୨୮ ଡିସେମ୍ବର ୧୯୬୬*

*ସ୍ନେହମୟି ମାଆ,*

*କୁହାଯାଇଛି ଯେ ଆମ ଭିତରେ ଆଦୌ କିଛି ନାହିଁ, ସବୁକିଛି ବାହାରୁହିଁ ଆସୁଛି । ଆଉ ଏକ ସ୍ଥାନରେ ମଧ୍ୟ କୁହାଯାଇଛି ଯେ, ବାହାରଟି (ଆମ ଚାରି ପାଖରେ ଥିବା ପୃଥିବୀ) ବିଷୟରେ ଆମର ଦୃଷ୍ଟି କେବଳ ଆମ ଅନ୍ତର୍ଗତ ସତ୍ତାର ଏକ ପ୍ରତିଫଳନ ମାତ୍ର । ଏହି ଦୁଇଟି ବାକ୍ୟର ଆପଣ କିଞ୍ଚିତ୍ ବ୍ୟାଖ୍ୟା କରିଦେବେ କି ?*

ଏହି ଆପାତ ବିରୋଧଗୁଡ଼ିକୁ ବୁଝି ପାରିବାକୁ ହେଲେ, ଜଣେ ମନୁଷ୍ୟକୁ ଏପରି ଗୋଟିଏ ବୁଦ୍ଧିଗତ ସ୍ତରକୁ ଉଠିଯିବାକୁ ହେବ, ଯେଉଁଠାରେ କି ଯାବତୀୟ ବିରୋଧୀ ବିଚାରଗୁଡ଼ିକୁ ପରସ୍ପରର ମୁହାଁମୁହିଁ କରି ରଖାଯାଇ ପାରୁଥିବ ଏବଂ ଏକ ସମଗ୍ର ସମନ୍ୱୟ ମଧ୍ୟରେ ସେଗୁଡ଼ିକୁ ଏକାଠି କରି ଦିଆଯାଇ ପାରୁଥିବ ।

*ଆପଣ ଥରେ ମୋ’ ପାଖକୁ ଲେଖିଥିଲେ ଯେ, ‘‘ତୁମେ ପ୍ରକୃତରେ ଯାହା, ଅନ୍ୟମାନେ ଏକ ଦର୍ପଣ ହୋଇ ତାହାରି ପ୍ରତିରୂପଟିକୁ ପ୍ରତିଫଳିତ କରି ଦିଅନ୍ତି ।’’ ଏହି କଥାଟିକୁ ମୋତେ ଆପଣ ଟିକିଏ ବୁଝାଇ କହିଦେବେ କି ?*

ଅନ୍ୟମାନଙ୍କ ମଧ୍ୟରେ ଯେଉଁ କଥାଗୁଡ଼ିକ ତୁମକୁ ସବୁଠାରୁ ଅଧିକ ପରିମାଣରେ ଆତଙ୍କିତ କରିଦିଅନ୍ତି, ତୁମେ ନିଜ ଭିତରେ ସେହିଗୁଡ଼ିକ ସହିତହିଁ ସଂଗ୍ରାମ କରିବାରେ ବା ନିଜ

ଭିତରେ ସେଗୁଡ଼ିକୁ ଦବାଇ ରଖିବାରେ ଲାଗିଥାଅ । ଏକଥା ଜାଣିବା ଦ୍ୱାରା ତୁମେ ଧୈର୍ଯ୍ୟ ରଖିବାକୁ ଶିକ୍ଷା କର । *୧ ଫେବ୍ରୁଆରି ୧୯୬୭*

*ସ୍ନେହମୟି ମାଆ,*

*ଲୋକମାନଙ୍କର ଜନ୍ମଦିନରେ ଆପଣ ସେମାନଙ୍କ ପାଖକୁ ଯେଉଁ ଯେଉଁ କାର୍ଡ ସବୁ ପଠାନ୍ତି, ସେଗୁଡ଼ିକରେ ଅନେକ ସମୟରେ କେବଳ ଏତିକିମାତ୍ର ଲେଖି ଦେଇଥାନ୍ତି : ''କ' କୁ ଶୁଭ ଜନ୍ମଦିନ, ମୋ'ର ଅନେକ ଆଶୀର୍ବାଦ ସହିତ ।'' ମାତ୍ର, ବେଳେବେଳେ ଆପଣ ଅନ୍ୟ କଥାମାନ ମଧ୍ୟ ଲେଖିଥାନ୍ତି, ଯଥା : ''ଯଥାର୍ଥ ଜୀବନକୁ ତାଙ୍କର ଜନ୍ମ ସମ୍ଭବ ହେଉ'' ବା ''ଅନେକ ଅଗ୍ରଗତିମୟ ଏକ ବର୍ଷର କାମନା କରି'' ଇତ୍ୟାଦି । ଏହିସବୁ ପାର୍ଥକ୍ୟ କେଉଁସବୁ କଥା ଉପରେ ନିର୍ଭର କରେ ?*

ଯାହାଙ୍କ ପାଖକୁ ମୁଁ କାର୍ଡଟି ଲେଖେ, ତାଙ୍କରି ଅବସ୍ଥା ଉପରେ, ତାଙ୍କ ଚେତନାର ସ୍ଥିତି ଉପରେ; ଏହି ସ୍ଥିତି ମୁହୂର୍ତ୍ତ ଏବଂ ବର୍ଷଟି ଅନୁସାରେ ଅଲଗା ଅଲଗା ହୋଇଥାଏ ।

*୮ ଫେବ୍ରୁଆରି ୧୯୬୭*

*ସ୍ନେହମୟି ମାଆ,*

*ସାଧାରଣ ମନୁଷ୍ୟ ଜଣେ ନିଜ ଜୀବନରେ ଅନେକ ସମୟରେ ତା'ର ନିଜ ବିବେକ ଦ୍ୱାରାହିଁ ପରିଚାଳିତ ହୋଇଥାଏ, ନୁହେଁ କି ? ମାତ୍ର, ଯାହାର କୌଣସି ବିବେକ ନ ଥାଏ, ଅଧିକାଂଶ ସମୟରେ ଅବହେଳା କରିବା ଦ୍ୱାରା ଯିଏ ନିଜର ବିବେକକୁ ହରାଇ ବସିଥାଏ, ତା'ର ଦଶା କ'ଣ ହୁଏ ?*

ଯାହାକୁ ସାଧାରଣତଃ ''ବିବେକ'' ବୋଲି କୁହାଯାଏ, ତାହା ହେଉଛି ଭଲ ଓ ମନ୍ଦର ଧାରଣାଟି ଉପରେ ଆଧାରିତ ଏକ ମାନସିକ ସ୍ତରର ରଚନାମାତ୍ର; ତାହା ହେଉଛି ଏକ ନୈତିକ ଅସ୍ତିତ୍ୱ ବା ବରଂ ଏକ ସଦିଚ୍ଛାଗତ ଉପାଦାନ, ଯାହାକି ବ୍ୟକ୍ତିକୁ ତଥାକଥିତ ସିଧା ରାସ୍ତା ଉପରେ ଦୃଢ଼ କରି ରଖିଥାଏ ।

ଏହି ଉପାଦାନଟି ପ୍ରତିକୂଳ ଶକ୍ତିଗୁଡ଼ିକର ବିରୋଧରେ ଏକ ସୁରକ୍ଷାବାଡ଼ ପରି କାର୍ଯ୍ୟ କରୁଥାଏ; ନିଜ ବିବେକର ପରାମର୍ଶକୁ ନ ଶୁଣୁଥିବା ବ୍ୟକ୍ତିକୁ ସେହି ପ୍ରତିକୂଳ ଶକ୍ତିମାନେ ଖୁବ୍ ସହଜରେ କାବୁ କରିନେଇ ପାରନ୍ତି ।

ମାତ୍ର ଏହି ସବୁକିଛିକୁ ପରମସତ୍ୟର କେବଳ ଏକ ପ୍ରାୟାବସ୍ଥାପନ ବୋଲି କୁହାଯାଇ ପାରିବ । ଏହା ପ୍ରକୃତ ପରମସତ୍ୟ ମୋଟେ ନୁହେଁ ।

*୧୫ ଫେବ୍ରୁଆରି ୧୯୬୭*

*ସ୍ନେହମୟି ମାଆ,*

*ଏପରି କାହିଁକି ହୁଏ ଯେ, ଆପଣଙ୍କର କଥା ଭାବିବା ମାତ୍ରକେ ସ୍ଥୂଳ ଭାବରେ ମଧ୍ୟ ଆପଣଙ୍କର ନିକଟବର୍ତ୍ତୀ ହେବାକୁ ମନ ହୁଏ ? ଏହି ସ୍ଥୂଳ ସଂସ୍ପର୍ଶଲାଭର କେତେ ମୂଲ୍ୟ ରହିଛି ?*

(୧) ଜଣେ ବ୍ୟକ୍ତି ଯେତେବେଳେ ପ୍ରାଣିକ ଏବଂ ମାନସିକ ତୁଳନାରେ ସ୍ଥୂଳରେହିଁ ଅଧିକ ସଚେତନ ରହିଥାଏ, ସେତେବେଳେ ସ୍ଥୂଳ ସମ୍ବନ୍ଧଟି ଅଧିକ ପ୍ରକୃତ ଓ ମୂର୍ତ୍ତ ବୋଲି ବୋଧ ହୁଏ ।

(୨) ଯେଉଁମାନେ ଗମ୍ଭୀର ଭାବରେ ଶାରୀରଯୋଗର ସାଧନା ଆରମ୍ଭ କରିଛନ୍ତି, ସେମାନଙ୍କ ପାଇଁ ସ୍ଥୂଳ ସମ୍ବନ୍ଧହିଁ ସ୍ପଷ୍ଟତଃ ଏକ ଶକ୍ତିଶାଳୀ ସହାୟକ ରୂପେ କାର୍ଯ୍ୟ କରିଥାଏ ।

ପ୍ରଥମମାନଙ୍କୁ ମୁଁ କେବଳ ଏକ ଚୈତ୍ୟ ସମ୍ବନ୍ଧ ପାଇଁ ନୁହେଁ (ସେମାନେ ଏଇଟି ସମ୍ବନ୍ଧରେ ସଚେତନ ନ ରହିଥିଲେ ମଧ୍ୟ ତାହା ସବୁବେଳେ ରହିଛି) ମାତ୍ର ଏକ ମାନସିକ ଓ ପ୍ରାଣିକ ସମ୍ବନ୍ଧ ଲାଗି ଚେଷ୍ଟା କରିବା ଲାଗି ପରାମର୍ଶ ଦେବି, ଯାହାଦ୍ୱାରା କି ବାହ୍ୟ ସମ୍ବନ୍ଧଟି କମ୍ ଅପରିହାର୍ଯ୍ୟ ହୋଇଯିବ ।

ଦ୍ୱିତୀୟମାନଙ୍କୁ ମୁଁ ସେମାନଙ୍କର ଶାରୀର ଚେତନାକୁ ଅଧିକ ପ୍ରଶସ୍ତ କରିବା ନିମନ୍ତେ ଶିକ୍ଷା ଦେବାକୁ ଉଦ୍ୟମ କରେ, ଯେପରିକି ସେମାନେ ଦୂରରେ ଥାଇ ମଧ୍ୟ ମୋ'ର ସ୍ଥୂଳ ଉପସ୍ଥିତି ଦ୍ୱାରା ଉପକୃତ ହୋଇପାରିବେ । *୨୨ ମାର୍ଚ୍ଚ ୧୯୬୭*

*ସ୍ନେହମୟି ମାଆ,*

*ଏଠାରୁ ବାହାରକୁ ଚାଲିଗଲେ ନିଜ ଭିତରଟା ଗୋଟାଏ ପ୍ରକାରର ଖାଲି ଖାଲି ଲାଗୁଛି । ଯାବତୀୟ ସ୍ଥୂଳ ଜୀବନଗତ ଆରାମ ମହଜୁଦ ହୋଇ ରହିଥିଲେ ମଧ୍ୟ ତଥାପି କ'ଣ ଗୋଟାଏର ଅଭାବ ରହିଥିଲା ପରି ଅନୁଭବ ହେଉଛି । ମୋଟେ ଖୁବ୍‌ବେଶୀ ଖୁସୀ ଲାଗୁ ନାହିଁ । ଯଥାସମ୍ଭବ ଶୀଘ୍ର ଏଠାକୁ ଫେରି ଆସିବା ପାଇଁ ଇଚ୍ଛା ହେଉଛି । ଏହିପରି ଅନୁଭୂତିର କାରଣ କ'ଣ, ମୋତେ ଆପଣ ବୁଝାଇ କହିବେ କି ? ଏପରିକି ବାହାରେ ଆପଣାକୁ ମୁକ୍ତ ବି ଲାଗୁ ନାହିଁ କାହିଁକି ?*

ତୁମର ଗୋଟିଏ ଆତ୍ମା ରହିଛି ବୋଲି ସମ୍ଭବତଃ ସେଭଳି ହେଉଛି ।

*୧୨ ଏପ୍ରିଲ୍ ୧୯୬୭*

*ସ୍ନେହମୟି ମାଆ,*

*ଆପଣଙ୍କର ଶେଷ ଉତ୍ତରଟିର ଅର୍ଥ କ'ଣ ? ପ୍ରତ୍ୟେକ ବ୍ୟକ୍ତିର କ'ଣ ଆତ୍ମା ନାହିଁ କି ?*

ପ୍ରତ୍ୟେକ ବ୍ୟକ୍ତି ଆପଣାର ଆତ୍ମା ବିଷୟରେ ଆଦୌ ସଚେତନ ହୋଇ ରହି ନାହାନ୍ତି । ଏବଂ, ନିଜର ଆତ୍ମାର ନିର୍ଦ୍ଦେଶନା ଦ୍ୱାରା ପରିଚାଳିତ ହେଉଥିବା ବ୍ୟକ୍ତି ଅତ୍ୟନ୍ତ କମ୍ ସଂଖ୍ୟାରେ ଅଛନ୍ତି ।

*୧୯ ଏପ୍ରିଲ୍ ୧୯୬୭*

*ସ୍ନେହମୟି ମାଆ,*

*ଜୀବନ ଯେଉଁଭଳି ହୋଇ ରହିଛି, ମୁଁ ସାଧାରଣତଃ ତାହାକୁ ନେଇ ବେଶ୍ ଖୁସୀ ହୋଇ ରହିଥାଏ,– ସମୟ ବି ବେଶ୍ ଶୀଘ୍ର ଅତିବାହିତ ହୋଇଯାଏ । ମାତ୍ର, ମଝିରେ ମଝିରେ ଏପରି ଗୋଟିଏ ଗୋଟିଏ ପର୍ଯ୍ୟାୟ ଆସେ, ଯେତେବେଳେ କି ମୁଁ ଅନୁଭବ କରେ ଯେ ମୁଁ ଆଦୌ ଖୁବ୍‌ବେଶୀ ଅଗ୍ରଗତି କରୁ ନାହିଁ । ମୁଁ ଏବେ ମଧ୍ୟ ସେହି ପୁରାତନ କ୍ଷୁଦ୍ର ନାନା ଅଭ୍ୟସ୍ତତାର ଗୁଳା ଭିତରେ ପଡ଼ିରହିଛି, ଏବଂ ସେଗୁଡ଼ିକ ମୋତେ ମୁକ୍ତ ହେବା ଲାଗି ଆଦୌ ଅନୁମତି ଦେଉ ନାହାନ୍ତି ।*

ଚରିତ୍ର ବଦଳି ପାରିବ, ଚରିତ୍ରକୁ ଅବଶ୍ୟ ବଦଳି ଯିବାକୁ ହେବ । ମାତ୍ର ଏଥିଲାଗି ଦୀର୍ଘ ସମୟ ତନ୍ନ ତନ୍ନ କରି କାର୍ଯ୍ୟ କରିବାକୁ ପଡ଼ିବ, ଯେଉଁଥିଲାଗି କି ଅନବରତ ଉଦ୍ୟମ ଦରକାର, ପ୍ରଭୂତ ଆନ୍ତରିକତା ମଧ୍ୟ ଦରକାର ।

*୨୬ ଏପ୍ରିଲ୍ ୧୯୬୭*

*ସ୍ନେହମୟି ମାଆ,*

*ମଇ ଚାରିତାରିଖ* ବିଷୟରେ ଲୋକମାନେ ବହୁତ କଥା କହୁଛନ୍ତି । ବେଳେବେଳେ ଆପଣଙ୍କର ଉକ୍ତିକୁ ମଧ୍ୟ ଉଦ୍ଧାର କରାଯାଉଛି । ମାତ୍ର, ଏସବୁ ସତ୍ତ୍ୱେ ବି ମୁଁ ସଂପୂର୍ଣ୍ଣ ଭାବରେ ଏହାର ତାତ୍ପର୍ଯ୍ୟଟିକୁ ବୁଝିପାରି ନାହିଁ ।*

* ଏହି ତାରିଖଟିର ସଂଖ୍ୟାଗତ କ୍ରମିକତା ହେଉଛି ୪. ୫. ୬୭ ।

ଏହାର ଏକ ତାତ୍ପର୍ଯ୍ୟ ଯେ ରହିବ, ଏହା କ'ଣ ଏକାନ୍ତ ଆବଶ୍ୟକ ?

ଶ୍ରୀଅରବିନ୍ଦ ଘୋଷଣା କରିଥିଲେ ଯେ ଏହି ତାରିଖଟିଠାରୁ କୌଣସି ଏକ ଘଟଣା ଘଟିବ[1] । ଏବଂ ତାହା ଘଟିଲା ।

ବାସ୍, ସେତିକି ଜାଣିରଖିବା ଯଥେଷ୍ଟ ।

*୨୧ ଜୁନ୍ ୧୯୬୭*

*ସ୍ନେହମୟି ମାଆ,*

*କୁହା ହୋଇଛି ଯେ ସତ୍ତାର ସ୍ପନ୍ଦନଗୁଡ଼ିକ ଗୋଟିଏ ଜୀବନରୁ ଆଉଗୋଟିଏ ଜୀବନକୁ ବିକଶିତ ହୋଇ ଯାଉଥାନ୍ତି, କ୍ରମସମୃଦ୍ଧ ହୁଅନ୍ତି ଏବଂ, ଉପରିଭାଗସ୍ଥ ବ୍ୟକ୍ତିତ୍ୱର ପଶ୍ଚାତରେ ଚୈତ୍ୟ ବ୍ୟକ୍ତିତ୍ୱଟିକୁ ତିଆରି କରୁଥାନ୍ତି । ମାତ୍ର, ତା'ହେଲେ ଏହିସବୁ ଯାବତୀୟ ସ୍ପନ୍ଦନ ତଥା ସ୍ମୃତିର ବୋଝ ଦ୍ୱାରା ଭାରୀ ହୋଇ ଚୈତ୍ୟ କିପରି ତଥାପି ମୁକ୍ତ ରହିଥାଏ ?[2]*

ମାତ୍ର ସେ ''ବୋଝ ଦ୍ୱାରା ଭାରୀ'' ହୋଇ ରହିବା କଥା କାହିଁକି କହୁଛନ୍ତି ?

ନା – **ଚୈତ୍ୟ ଅଜାଡ଼ି ଦେଉଥାଏ**,– ପ୍ରକୃତରେ ଠିକ୍ ତାହାହିଁ ଘଟେ । ବସ୍ତୁଗୁଡ଼ିକୁ ଚୈତ୍ୟ ସଂପୂର୍ଣ୍ଣ ଭାବରେ କଦାପି ରଖେ ନାହିଁ,– ତାହା ଅଜାଡ଼ି ଦେଉଥାଏ, ସ୍ପନ୍ଦନଗୁଡ଼ିକୁ କ୍ରମଶଃ ଅଜାଡ଼ି ଦେଉଥାଏ ।

ଚୈତ୍ୟ ସ୍ମୃତି ହେଉଛି ଘଟଣାଗୁଡ଼ିକର ନିର୍ଯ୍ୟାସର ସ୍ମୃତି । ଉଦାହରଣ ସ୍ୱରୂପ, ଅତୀତ ଜୀବନସବୁରେ ଏପରି କେତେକ ମୁହୂର୍ତ୍ତ ରହିଥାଏ, ଯେତେବେଳେ କି କୌଣସି ନା କୌଣସି କାରଣରୁ ଚୈତ୍ୟସତ୍ତା ମଧ୍ୟ ଉପସ୍ଥିତ ଥିଲା ଏବଂ ଅଂଶ ଗ୍ରହଣ କରିଥିଲା । ସେହି କ୍ଷେତ୍ରରେ ତାହା ସେହି ପରିସ୍ଥିତିର ସ୍ମୃତିଟିକୁ ସାଇତି ରଖିଥାଏ । ମାତ୍ର, ତାହା ଯେଉଁ ସ୍ମୃତିଟିକୁ ଧାରଣ କରି ରଖେ, ତାହା ହେଉଛି ସେହି କ୍ଷଣଟିର **ଚୈତ୍ୟ** ଜୀବନରହିଁ ସ୍ମୃତି; ତେଣୁ ତାହା ଦୃଶ୍ୟରୂପର ସ୍ମୃତିକୁ ଧରି ରଖିଥିଲେ ମଧ୍ୟ, ତାହା ତାର ଏକ ସରଳ ଦୃଶ୍ୟରୂପ, ଯାହା

---

[1] ଶ୍ରୀଅରବିନ୍ଦ ଲେଖିଥିଲେ : ''୧. ୨. ୩୪,– ଏଇଟି ଅଭିବ୍ୟକ୍ତିର ଏକ ବର୍ଷ ବୋଲି ଅନୁମାନ କରାଯାଏ । ୨. ୩. ୪୫ ହେଉଛି ଶକ୍ତିର ବର୍ଷ – ଯେତେବେଳେକି ଅଭିବ୍ୟକ୍ତ ବସ୍ତୁଟି ପୂର୍ଣ୍ଣ ଶକ୍ତି ପ୍ରାପ୍ତ ହୋଇଥାଏ । ୪. ୫. ୬୭ ହେଉଛି ପୂର୍ଣ୍ଣ ଉପଲବ୍ଧିର ବର୍ଷ ।'' (ଫେବ୍ରୁଆରି ୨, ୧୯୩୪ର ପତ୍ର) ।

[2] ଏହି ପ୍ରଶ୍ନଟିର ଉତ୍ତର ମାଆ ମୌଖିକ ଭାବରେ ଦେଇଥିଲେ; ସେ ଅଧିନାୟକଙ୍କ ବ୍ୟତୀତ ଆଉଜଣଙ୍କ ସହିତ କଥା ହେଉଥିଲେ ।

ଚୈତ୍ୟ ଚେତନାରେ ତଥା ଉପସ୍ଥିତ ସମସ୍ତଙ୍କ ଚୈତ୍ୟ ସ୍ପନ୍ଦନ ଅନୁସାରେ ଅନୁଲିଖିତ ହୋଇ ରହିଥାଏ ।

ନିଜର କୌଣସି ଚୈତ୍ୟ ସ୍ମୃତି ରହିଥିଲେ ସେ କଦାପି ଏଭଳି ପ୍ରଶ୍ନଟିଏ ପଚାରି ନ ଥାନ୍ତେ; କାରଣ ସେହି ସ୍ମୃତି ପ୍ରକୃତରେ ରହିଥିଲେ, ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥାନ୍ତା ।

ଏସବୁ ବସ୍ତୁକୁ ଜାଣିବା ପୂର୍ବରୁ ମୋ'ର ପ୍ରକୃତରେ ଚୈତ୍ୟ ସ୍ମୃତିମାନ ରହିଥିଲା ଏବଂ ସେଗୁଡ଼ିକର ବିଶେଷ ଲକ୍ଷଣ ଦ୍ୱାରା ମୁଁ ସର୍ବଦା ଚିହ୍ନିନେଇ ପାରୁଥିଲି । ସତେ ଯେପରି, ଏହାକୁ ଠିକ୍ ଏକ ସଂବେଗ ବୋଲି କୁହାଯାଇ ପାରିବ ନାହିଁ, ମାତ୍ର, ସତେ ଯେପରି ଏକ ସ୍ଥିତିର ସଂବେଗଗତ ସ୍ପନ୍ଦନ ହେବାରେ ଲାଗୁଥିଲା; ଏବଂ ତାହା ଦୃଢ଼ ହୋଇ, ସ୍ଥାୟୀ ହୋଇ ରହି ଯାଉଥିଲା । ଏବଂ, ସେଇଟିକୁ ନେଇ ଏକ ଅବବୋଧ ହୋଇ ପାରୁଥିଲା,– ସେଠାରେ ଥିବା ବ୍ୟକ୍ତିମାନଙ୍କ ବିଷୟରେ କିଞ୍ଚିତ୍ ଅସ୍ପଷ୍ଟ, କିଞ୍ଚିତ୍ ଝାପ୍‌ସା ଝାପ୍‌ସା, ଅବବୋଧ ହେଉଥିଲା; ପରିସ୍ଥିତିଟିର, ଘଟଣାଗୁଡ଼ିକର ଅବବୋଧ ମଧ୍ୟ ହେଉଥିଲା ଏବଂ ତାହାହିଁ ଏକ ଚୈତ୍ୟ ସ୍ମୃତିର କାରଣ ହେଉଥିଲା । ମାନସିକ ସ୍ତରରେ ଯେଉଁସବୁ ଘଟଣାକୁ ଏକ ଜୀବନ ମଧ୍ୟରେ ସବୁଠାରୁ ଅଧିକ ସ୍ମରଣୀୟ ବୋଲି ବିଚାର କରାଯାଏ, ଏହା କ୍ୱଚିତ୍ ସେଗୁଡ଼ିକ ଭଳି ହେଉଥିଲା । ମାତ୍ର, ଘଟଣାଟିରେ ଯେତେବେଳେ ଚୈତ୍ୟ ଏକ ଅଂଶ ଗ୍ରହଣ କରୁଥିଲା, ଏକାନ୍ତ ସଚେତନ ଭାବରେ ଅଂଶଗ୍ରହଣ କରୁଥିଲା, ସେହି ମୁହୂର୍ତ୍ତଗୁଡ଼ିକର ସ୍ମୃତି । ଏବଂ ପ୍ରକୃତରେ ତାହାହିଁ ଅବଶେଷ ରହିଥାଏ ।

*୧୫ ଜୁଲାଇ ୧୯୬୭*

*ସ୍ନେହମୟି ମାଆ,*

*ଆପଣ ଆମ ସହିତ ସର୍ବଦା, ସବୁ ମୁହୂର୍ତ୍ତରେ ଅଛନ୍ତି । କେବଳ ଆମେହିଁ ଏଇଟି ବିଷୟରେ ସଚେତନ ହୋଇ ପାରୁ ନାହୁଁ । କେବଳ କୌଣସି ବିପଦ ପଡ଼ିଲେ ଯାଇ ଆପଣଙ୍କର ଉପସ୍ଥିତିଟି ଆମର ମନେ ପଡ଼ିଯାଏ, ଯେପରିକି ଆମେ ଆପଣଙ୍କର ସୁରକ୍ଷା ଲାଭ କରି ପାରିବୁ । ମାତ୍ର, ସେଦିନ, ଯେତେବେଳେ ଆମେ ଏକ ଦୀର୍ଘ ଯାତ୍ରାରେ ଯାଇଥିଲୁ, ଗାଡ଼ି ଭିତରେ ଆମେ ଆମମାନଙ୍କ ବ୍ୟତୀତ ଆଉ ଜଣଙ୍କର ଉପସ୍ଥିତିକୁ ମଧ୍ୟ ଅନୁଭବ କରୁଥିଲୁ । ଏହା ଅତ୍ୟନ୍ତ ଶକ୍ତିଶାଳୀ ହୋଇ ସେଠାରେ ଅନୁଭୂତ ହେଉଥିଲା । ଅବଶ୍ୟ ଆମେ ଆଦୌ କୌଣସି ବିପଦ ବିଷୟରେ ସଚେତନ ନ ଥିଲୁ । ସେଦିନ ପ୍ରକୃତରେ ବିପଦର କୌଣସି ଆଶଙ୍କା ରହିଥିଲା କି ? ଯଦି ଥିଲା, ତେବେ ଆମେ ତାହାକୁ କାହିଁକି ବାରି ପାରିଲୁ ନାହିଁ ?*

ମୁଁ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ସଚେତନ ଭାବରେ ତୁମମାନଙ୍କ ସହିତ ରହିଥିଲି, କାରଣ **କ** ମୋତେ ଲେଖିଥିଲେ ଯେ, ସେହି ମୋଟରଗାଡ଼ିର ଟାୟାର୍‌ଗୁଡ଼ିକ ଭାରି ଖରାପ ଅବସ୍ଥାରେ ଥିଲା ।

ତୁମେମାନେ ବିପଦର କୌଣସି ଗନ୍ଧ ପାଇଲ ନାହିଁ କାରଣ **ତୁମେମାନେ ତାହା ଅନୁଭବ କର ବୋଲି ମୁଁ ଇଚ୍ଛା କରି ନ ଥିଲି ।** *୧୯ ଜୁଲାଇ ୧୯୬୭*

*ସ୍ନେହମୟି ମାଆ,*

*ଏହି ଆଶ୍ରମ ଭିତରେ ମଧ୍ୟ ବ୍ୟକ୍ତିମାନେ ସାନ ସାନ ଗୋଷ୍ଠୀ ଓ ସମିତି ଗଠନ କରିବାର ଆବଶ୍ୟକତା କାହିଁକି ଅନୁଭବ କରୁଛନ୍ତି ? ଉଦାହରଣ ସ୍ୱରୂପ, ଓ୍ୱାର୍ଲ୍‌ଡ୍ ଇଉନିଅନ୍, ନିଉ ଏଜ୍ ଆସୋସିଏସନ୍, ଇତ୍ୟାଦି, ଇତ୍ୟାଦି । ସେମାନଙ୍କର କି ଅଭିପ୍ରାୟ ରହିଛି ?*

କାରଣ, ଲୋକେ ତଥାପି କଳ୍ପନା କରୁଛନ୍ତି ଯେ, ଉପଯୋଗୀ ହେଲାଭଳି କିଛି କରିବାକୁ ହେଲେ, ସେମାନଙ୍କୁ ଅବଶ୍ୟ ଗୋଟିଏ ଗୋଷ୍ଠୀ ଗଠନ କରିବାକୁ ପଡ଼ିବ ।

ଏହା ହେଉଛି ସଙ୍ଗଠନର ହାସ୍ୟକର ନକଲ ମାତ୍ର ।

*୨୦ ସେପ୍‌ଟେମ୍ବର ୧୯୬୭*

*ସ୍ନେହମୟି ମାଆ,*

*ଦିବ୍ୟ ପରମସତ୍ତା ଅନ୍ୟାୟକୁ ଶାସ୍ତି ଦିଅନ୍ତି କି ? ସେ ଆଦୌ କାହାକୁ ଶାସ୍ତି ଦେବା ସମ୍ଭବ କି ?* *୧୬ ଅକ୍‌ଟୋବର ୧୯୬୭*

୧୬ ଅକ୍‌ଟୋବର ୧୯୬୭ – ୨୫ ଜୁଲାଇ ୧୯୭୦

ଏହି ଏତେ ବର୍ଷ ପରେ ମୁଁ ବିସ୍ମୃତ ଖାତାଟିକୁ ପାଇଛି ଏବଂ ମୁଁ ଉତ୍ତର ଦେଉଛି :

ମଣିଷମାନେ ବସ୍ତୁଗୁଡ଼ିକୁ ଯେପରି ଭାବରେ ଦେଖନ୍ତି, ଦିବ୍ୟ ପରମସତ୍ତା ଆଦୌ ସେପରି ଦେଖନ୍ତି ନାହିଁ ଏବଂ ତାଙ୍କର ଶାସ୍ତି ବା ପୁରସ୍କାର ଦେବା ଲାଗି କୌଣସି ଆବଶ୍ୟକତା ନ ଥାଏ ।

ଯାବତୀୟ କାର୍ଯ୍ୟ ସେମାନଙ୍କର ଫଳ ତଥା ପରିଣାମକୁ ନିଜ ଭିତରେ ହିଁ ବହନ କରୁଥାନ୍ତି ।

ଆପଣାର ସ୍ୱଭାବଟି ଅନୁସାରେ ଗୋଟିଏ କାର୍ଯ୍ୟ ଜଣେ ବ୍ୟକ୍ତିକୁ ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟବର୍ତ୍ତୀ କରାଇଆଣେ ଅଥବା ତାଙ୍କଠାରୁ ଅଧିକ ଦୂରକୁ ମଧ ନେଇଯାଏ – ଏବଂ ତାହାକୁହିଁ ଚରମ ପରିଣାମ ବୋଲି କୁହାଯିବ ।

*୨୫ ଜୁଲାଇ ୧୯୭୦*

*ସ୍ନେହମୟି ମାଆ,*

*ଶ୍ରୀଅରବିନ୍ଦ କର୍ମଧାରା ବିଷୟରେ 'କ'ଙ୍କ ସହିତ ସେଦିନ ମୋ'ର ଏକ ଆଲୋଚନା ହେଉଥିଲା । ସିଏ କହିଲେ ଯେ, ଯଦି ବିବେକାନନ୍ଦଙ୍କ ପରି ଜଣେ ଆଲୋକପ୍ରାପ୍ତ ବ୍ୟକ୍ତି ଥାଆନ୍ତେ, ତେବେ ଏହି କାର୍ଯ୍ୟଟି ଆହୁରି ଅଧିକ ଭଲ ଭାବରେ ହୋଇ ପାରିଥାନ୍ତା; ମାତ୍ର, ମାଆଙ୍କ ହାତରେ ଯେଉଁଭଳି ଯନ୍ତ୍ରମାନେ ଅଛନ୍ତି, ତାଙ୍କୁ ସେହିମାନଙ୍କୁ ନେଇହିଁ କାର୍ଯ୍ୟ କରିବାକୁ ପଡୁଛି । ଶେଷରେ ସେ ମୋତେ କହିଲେ ଯେ, ଏହି ବିଷୟରେ ତାଙ୍କର ପ୍ରକୃତରେ କୌଣସି ମତ ନ ଥିଲା । ସେ କହିଲେ, ''ଲେଖିବା ହେଉଛି ମୋ'ର କାମ ।'' ଏବଂ ମୋ'ର ''କାମ'' କ'ଣ ବୋଲି ସେ ମୋତେ ପଚାରିଲେ । ମୁଁ ଉତ୍ତର ଦେଇ କହିଥିଲି ଯେ, ମୋ' କାମ ପ୍ରକୃତରେ କ'ଣ, ସେକଥା ମୁଁ ଜାଣି ନାହିଁ – ମୁଁ କେବଳ ଏତିକି ଜାଣିଥିଲି ଯେ, ଆପଣାକୁ ଅଧିକରୁ ଅଧିକ ପୂର୍ଣ୍ଣ କରି ଗଢ଼ିବା ନିମନ୍ତେ ନିଜ ଉପରେ ଅଭିନିବେଶିତ ହୋଇ ରହିବା,– ଏତିକି ମୋ'ର କର୍ତ୍ତବ୍ୟ ଥିଲା । ଏହି ଉତ୍ତରଟି ଠିକ୍ ହେଲା ତ ? ମାଆ, ପ୍ରକୃତରେ ମୋ' କାମ କ'ଣ ?*

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆପଣାର ବିକାଶ କରିବା ଏବଂ ଆପଣାକୁ ଅଧିକରୁ ଅଧିକ ପୂର୍ଣ୍ଣ କରି ଗଢ଼ିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ । ମାତ୍ର କାର୍ଯ୍ୟ କରିବାର ମାଧ୍ୟମରେ ମଧ ସେହି କାର୍ଯ୍ୟଟିକୁ ଭଲ ଭାବରେ, ଏପରିକି ଅଧିକ ଭଲ ଭାବରେ କରାଯାଇ ପାରିବ । କେଉଁ କାର୍ଯ୍ୟରେ ତୁମର ସବୁଠାରୁ ଅଧିକ ଆଗ୍ରହ ରହିଛି, କେଉଁ କାର୍ଯ୍ୟଟି ତୁମର ପୂର୍ଣ୍ଣତା ହାସଲ କରିବା ଦିଗରେ ଯଥାର୍ଥ ପଥଟିଏ ଖୋଲିଦେଇ ପାରୁଛି, ସେକଥା ଜାଣିବା ହେଉଛି ତୁମର କାମ । ଏହି କାର୍ଯ୍ୟଟି ବାହାରକୁ ଅତ୍ୟନ୍ତ ସାଧାରଣ ପରି ଦେଖା ଯାଇପାରେ; ମାତ୍ର କୌଣସି କାର୍ଯ୍ୟର ଆପାତ ଦୃଶ୍ୟମାନ ଗୁରୁତ୍ୱ ଦ୍ୱାରା ଯୋଗରେ ତା'ର ପ୍ରକୃତ ମୂଲ୍ୟ ନିରୂପିତ ହୁଏ ନାହିଁ ।

*୫ ଅଗଷ୍ଟ ୧୯୭୦*

*ସ୍ନେହମୟି ମାଆ,*

*ଅତୀତ ତଥା ଭବିଷ୍ୟତର ଜୀବନଗୁଡ଼ିକ ବିଷୟରେ ମୁଁ ଅନେକ ପଢ଼ିଛି ଓ ଅନେକ ଶୁଣିଛି । ମାତ୍ର ମୁଁ ଅତ୍ୟନ୍ତ ଦୃଢ଼ ଭାବରେ ଅନୁଭବ କରୁଛି ଯେ, ଆମର ଖାସ୍ ଏହି ଜୀବନଟିରେହିଁ ଆମକୁ ଆମର ଉଚ୍ଚତମ ଅଭୀପ୍ସାଗୁଡ଼ିକର ଉପଲବ୍ଧି କରିବାକୁ ପଡ଼ିବ; ସତେ ଯେପରି ଆମକୁ ସର୍ବଶେଷ ସୁଯୋଗ ରୂପେହିଁ ଏହି ଜୀବନଟି ପ୍ରାପ୍ତ ହୋଇଛି, ସେହିପରି ଅନୁଭବ କରିବାକୁ ପଡ଼ିବ । ଅନ୍ୟ ଜୀବନଗୁଡ଼ିକ ବିଷୟରେ ଯାବତୀୟ ସଙ୍କେତ ଓ ବର୍ଣ୍ଣନା ମୋତେ ଆଦୌ କୌଣସି ସାହାଯ୍ୟ କରିବା ବା ମୋ'ଭିତରେ କୌଣସି ଆଶାର ସଞ୍ଚାର କରିବା ଅପେକ୍ଷା ବରଂ ବଡ଼ ଅମୂର୍ତ୍ତ ଏବଂ ଶାସ୍ତ୍ରୀୟ ବିଷୟ ଭଳିହିଁ ମନେ ହୋଇଥାଏ । ଏହା ବୋଲି ମୁଁ ଯେ ପୁନର୍ଜନ୍ମରେ ବିଶ୍ୱାସ କରେ ନାହିଁ, ସେକଥା ମଧ୍ୟ ନୁହେଁ । ମାତ୍ର ମୋ'ଭିତରକୁ ବାରବାର ଏହି ଧାରଣାଟି ଆସିବାରେ ଲାଗିଥାଏ । ମାଆ, ମୋ'ର ଏହି କଥାଟିକୁ କ'ଣ ଦୃଷ୍ଟିଗତ ଏକ ସଂକୀର୍ଣ୍ଣତା ବୋଲି କୁହାଯିବ, ନା ଆଉ କ'ଣ କୁହାଯିବ ?*

ନିଜର ସ୍ୱଭାବକୁ ବୁଝିବା ଏବଂ ଆପଣାର ଅପୂର୍ଣ୍ଣତାଗୁଡ଼ିକ ଉପରେ ପ୍ରଭୁତ୍ୱ ଅର୍ଜନ କରିବାର କ୍ଷେତ୍ରରେ ଅତୀତ ଜୀବନଗୁଡ଼ିକ ବିଷୟରେ ଜ୍ଞାନଲାଭ ବେଶ୍ ଆଗ୍ରହୋଦ୍ଦୀପକ ହୋଇଥାଏ । ମାତ୍ର, ସତରେ କହିଲେ, ଏହାକୁ ସେପରି କୌଣସି ପ୍ରାଧାନ୍ୟ ରହିଥିବା ମହତ୍ତ୍ୱପୂର୍ଣ୍ଣତା ବୋଲି କୁହାଯିବ ନାହିଁ । ଏବଂ, ଭବିଷ୍ୟତ ଉପରେ ଆପଣାକୁ ଅଭିନିବେଶିତ କରି ରଖିବାର ପ୍ରକୃତରେ ଅନେକ ଅଧିକ ମହତ୍ତ୍ୱ ରହିଛି; ଯେଉଁ ଚେତନାଟିକୁ ଆମକୁ ଅର୍ଜନ କରିବାକୁ ହେବ ଏବଂ ନିଜ ପ୍ରକୃତିଟିର ବିକାଶଟିକୁ ଯେପରି ପରିଚାଳିତ କରିନେବାକୁ ପଡ଼ିବ, ତାହା ନିଶ୍ଚୟ ଅଧିକ ମହତ୍ତ୍ୱପୂର୍ଣ୍ଣ । ଯେଉଁମାନେ ଏଇଟିର ପଦ୍ଧତିକୁ ଜାଣିଛନ୍ତି, ସେମାନଙ୍କ ଲାଗି ଏହା ପ୍ରାୟ ଅସୀମ ହୋଇହିଁ ରହିଥାଏ ।

ବିଶ୍ୱ-ଅସ୍ତିତ୍ୱର ଇତିହାସରେ ଆମେ ବର୍ତ୍ତମାନ ଏକ ବିଶେଷ ଅନୁକୂଳ ମୁହୂର୍ତ୍ତ ମଧ୍ୟଦେଇ ଗତି କରୁଛୁ, ଏପରି ଏକ ମୁହୂର୍ତ୍ତ, ଯେତେବେଳେ କି ଏହି ପୃଥିବୀରେ ସବୁକିଛି ଏକ ନୂତନ ସୃଜନ ନିମନ୍ତେ ପ୍ରସ୍ତୁତ ହେଉଛି, ଅଥବା, ବରଂ ଏପରି କୁହାଯାଇ ପାରିବ, ଚିରନ୍ତନ ସୃଜନର ପଟ୍ଟଭୂମି ଉପରେ ଏକ ନୂତନ ଅଭିବ୍ୟକ୍ତି ଲାଗି ପ୍ରସ୍ତୁତ ହେବାରେ ଲାଗିଛି ।

*୭ ନଭେମ୍ବର ୧୯୭୦*

*ସ୍ନେହମୟି ମାଆ,*

*ଆପଣ ଯେତେବେଳେ ଶାରୀରିକ ଅସୁସ୍ଥତା ଭୋଗ କରନ୍ତି,*

*ସେତେବେଳେ ମୁଁ ଅତ୍ୟନ୍ତ ଦୁଃଖିତ ହୋଇପଡ଼େ । ନିଜକୁ କହିବାରେ ଲାଗିଥାଏ ଯେ ଏହା ଆଦୌ ଏକ ସାଧାରଣ ଅସୁସ୍ଥତା ନୁହେଁ, ଏହା ହେଉଛି ଏକ ଅନୁଭବ, ଯାହାକି ଶରୀରର ରୂପାନ୍ତର ଆଡ଼କୁ ପରିଚାଳିତ କରି ନେଇଯାଉଛି । ମାତ୍ର ଯେତେବେଳେ ମୁଁ ଆପଣଙ୍କର କଷ୍ଟ ପାଉଥିବା ଶରୀରଟିର କଥା ଭାବେ, ମୁଁ ଖୁବ୍ ଦୁଃଖିତ ହୋଇପଡ଼େ । ଏବଂ, ଶ୍ରୀଅରବିନ୍ଦ ସର୍ବୋଚ୍ଚ ପରମସତ୍ତାଙ୍କର ଯେଉଁ ପରମ ତ୍ୟାଗ କଥା କହିଛନ୍ତି, ଏହା ତାହାରି ଏକ ଅଂଶ ନୁହେଁ କି ? ଆମେ ଏହି ତ୍ୟାଗର ଯୋଗ୍ୟ ହେଲୁଣି କି ?*

*ସ୍ନେହମୟି ମାଆ, ଏହିଭଳି ସମୟମାନଙ୍କରେ ଆମର କିପରି ହୋଇ ରହିବା ଉଚିତ ? ଆମମାନଙ୍କ ପକ୍ଷରେ ସର୍ବୋତ୍ତମ ଦୃଷ୍ଟିକୋଣ କ'ଣ ହେବ ?*

ପ୍ରତ୍ୟେକ ଲାଗି ସର୍ବୋତ୍ତମ ହେଉଛି ଯେ ସେ ଯଥାସମ୍ଭବ ଅଧିକ ଆନ୍ତରିକତା ସହିତ ଅଗ୍ରଗତି କରୁଥିବ । ଏହି ଭୌତିକ ବାଧାଗୁଡ଼ିକ ରୂପାନ୍ତର-କାର୍ଯ୍ୟର ଗୋଟିଏ ଗୋଟିଏ ଅଂଶ ଏବଂ ସେଗୁଡ଼ିକୁ ସ୍ଥିର ଭାବରେ ସ୍ୱୀକାର କରିନେବାକୁ ହେବ ।

*୧୪ ନଭେମ୍ବର ୧୯୭୦*

*ସ୍ନେହମୟି ମାଆ,*

*ମୋ'ର ଧାରଣା ହେଉଛି ଯେ ଆପଣଙ୍କର ଶକ୍ତି ଆମ ପ୍ରାର୍ଥନାର ପ୍ରଗାଢ଼ତା ଅନୁସାରେହିଁ ଆପଣାର ଅନୁସ୍ପନ୍ଦନ ଜଣାଇଥାଏ । ମାତ୍ର ମୋ' କଥା ଟିକିଏ ଅନ୍ୟପ୍ରକାର ଭଳି ମନେ ହେଉଛି । ଅଥବା, ମୁଁ ମୋ'ପ୍ରାର୍ଥନାଗୁଡ଼ିକ ବିଷୟରେ ସଚେତନ ନୁହେଁ କି ? କିଂବା, ମୁଁ ଯାହା କରେ ବା ନ କରେ ପଛକେ, ସବୁକିଛି ସର୍ବଦା କ'ଣ କେବଳ ମୋ'ର ଭଲ ପାଇଁହିଁ କରାଯାଉଛି ?*

ପ୍ରତ୍ୟେକ ବ୍ୟକ୍ତି ଲାଗି ସର୍ବଦା ସେହିପରିହିଁ ହେଉଛି । ପାର୍ଥକ୍ୟ କେବଳ ପ୍ରତ୍ୟେକର ଚେତନାର ସ୍ଥିତି ବିଷୟରେ । କେତେକେ ଅଛନ୍ତି, ଯେଉଁମାନେକି ସେମାନଙ୍କ ପାଇଁ କ'ଣ କରାଯାଉଛି, ସେବିଷୟରେ ସଂପୂର୍ଣ୍ଣ ଭାବରେ ସଚେତନ ଅଛନ୍ତି । ଯେଉଁମାନେ ଏକ ପ୍ରୟାସ କରନ୍ତି, ସେମାନେ ପାଉଥିବା ଜବାବଟି ବିଷୟରେ ସେମାନେ ଅବଶ୍ୟ ସଚେତନ ହୋଇ ପାରନ୍ତି । ଏବଂ, ଏପରି ବ୍ୟକ୍ତିମାନେ ମଧ୍ୟ ରହିଛନ୍ତି, ଯେଉଁମାନଙ୍କର ଅଭୀପ୍ସା ଯଥେଷ୍ଟ ପରିମାଣରେ ବଳଯୁକ୍ତ ଓ ଆନ୍ତରିକ ହୋଇ ରହିଛି ଏବଂ ତେଣୁ, ସେମାନଙ୍କୁ ଯେଉଁ ସହାୟତା ମିଳୁଛି, ସେହି ବିଷୟରେ ସେମାନେ ସତତ ସଚେତନ ହୋଇ ରହିଛନ୍ତି ।

*୨୮ ନଭେମ୍ବର ୧୯୭୦*

# ଏକାଦଶ ସ୍ତବକ

## ଏକାଦଶ ସ୍ତବକ

*ଶ୍ରୀଅରବିନ୍ଦ ଆଶ୍ରମର ଜଣେ ସାଧକଙ୍କୁ ଲିଖିତ ।*

> *ଦିବ୍ୟ ପରମସତ୍ତାଙ୍କର ସେବା କରିବା ଲାଗି ମୋ'ର ପ୍ରୟାସ କିପରି ଅଧିକ ପୂର୍ଣ୍ଣତା ପ୍ରାପ୍ତ ହୋଇପାରିବ ?*

ନିଜ ସତ୍ତାର ପ୍ରତ୍ୟେକ ଭାଗରେ, ପୂର୍ଣ୍ଣାଙ୍ଗ ରୂପେ, ତାଙ୍କୁ ଚାହିଁବା ଦ୍ୱାରା ।

*୧୧ ଅକ୍ଟୋବର ୧୯୬୬*

> *୧୯୫୮ରେ ମାଆ କହିଥିଲେ : ''ଯଦି ବସ୍ତୁଗୁଡ଼ିକ ଏହି ବେଗରେ ଅଗ୍ରଗତି କରିବେ, ତେବେ, ତାହା ସମ୍ଭାବନାରୁ ବି ଅଧିକ ପରି ଲାଗୁଛି, ଯାହା ଶ୍ରୀଅରବିନ୍ଦ ଏକ ପତ୍ରରେ ଲେଖିଥିଲେ ତାହା ପ୍ରାୟ ସୁନିଶ୍ଚିତ, ତାହାକୁ ଏକ ଭବିଷ୍ୟବାଣୀର ଘୋଷଣା ବୋଲି କୁହାଯିବ : ଅତିମାନସ ଚେତନା ୧୯୬୭ ରେ ଏକ ଉପଲବ୍ଧିକାରିଣୀ ଶକ୍ତିର ପର୍ଯ୍ୟାୟ ମଧ୍ୟକୁ ପ୍ରବେଶ କରିବ ।''**
>
> *ବସ୍ତୁଗୁଡ଼ିକ ଆବଶ୍ୟକ ବେଗରେ ଗତି କରିଛନ୍ତି କି ?*

ହଁ ।

୨ ଜାନୁଆରି ୧୯୬୭

> *ମୁଁ ମୋ'ର ରାତ୍ରିଗୁଡ଼ିକୁ ଚେତନାଯୁକ୍ତ କରିବା ପାଇଁ ଚେଷ୍ଟା କରି ପାରିବି କି ? ମୁଁ ଆପଣଙ୍କର ନିର୍ଦ୍ଦେଶ ଲାଗି ପ୍ରାର୍ଥନା କରୁଛି ।*

୧) ଶୋଇବାକୁ ଯିବା ପୂର୍ବରୁ କିଛି ସମୟ ଲାଗି ଅଭିନିବେଶିତ ହୋଇ ରହିବ,– ନିଦ୍ରାତ୍ୟାଗ କଲାବେଳେ ରାତ୍ରିର ଘଟଣାବଳୀକୁ ଯେପରି ମନେ କରି ପାରିବ, ସେଥିଲାଗି ଅଭୀପ୍ସା ରଖିବ ।

୨) ଯେତେବେଳେ ନିଦରୁ ଉଠିବ, ହଠାତ୍ କରି ମୁଣ୍ଡଟାକୁ ଉଠାଇ ନେବ ନାହିଁ

---

* ପ୍ରଶ୍ନ ଓ ଉତ୍ତର, ଶତବାର୍ଷିକୀ ଗ୍ରନ୍ଥମାଳା, ୯ମ ଖଣ୍ଡ(ଇଂ), ପୃ. ୩୧୫

ଏବଂ କିଛି ସମୟ ନିମନ୍ତେ ସ୍ଥିର ହୋଇ ରହିବ; ନିଦ୍ରିତାବସ୍ଥାରେ ଯାହାକିଛି ଘଟିଛି, ତାହାକୁ ମନେ କରିପାରିବା ନିମନ୍ତେ ଅଭିନିବେଶିତ ହୋଇ ରହିବ ।

୩) ଏହାର ଫଳ ମିଳିଲା ବୋଲି ଅନୁଭବ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏହି ଅଭ୍ୟାସ କରୁଥିବ ।

*୧୮ ଜାନୁଆରି ୧୯୬୭*

*ମନୁଷ୍ୟର ସତ୍ତାକ୍ଷେତ୍ରରେ, ଚୈତ୍ୟସତ୍ତା ସମଗ୍ର ଆତ୍ମା ନା ଆତ୍ମା (ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ମୂଳତଃ ଯିଏ ଏକ ଦିବ୍ୟ ସ୍ଫୁଲିଙ୍ଗ) ଏବଂ ଚୈତ୍ୟସତ୍ତା ଉଭୟେ ଏକତ୍ର ଅବସ୍ଥିତ ?*

ଚୈତ୍ୟସତ୍ତାର କେନ୍ଦ୍ରରେ ଆତ୍ମା ଶାଶ୍ୱତ ସାରବସ୍ତୁ ରୂପେ ବିଦ୍ୟମାନ ରହିଥାଏ । ଆତ୍ମାକୁ ବସ୍ତୁତଃ ଏକ ଦିବ୍ୟ ସ୍ଫୁଲିଙ୍ଗ ବୋଲି କୁହାଯିବ, ଯାହାକି ଉତ୍ତରୋତ୍ତର ବୃଦ୍ଧି ପାଉଥିବା ସଘନତା ସହିତ ବିଭିନ୍ନ ସତ୍ତାଗତ ଅବସ୍ଥା ଧାରଣ କରିବାରେ ଲାଗିଥାଏ, ଅତ୍ୟନ୍ତ ଭୌତିକ ଅବସ୍ଥା ପର୍ଯ୍ୟନ୍ତ ନାନାବିଧ ଅବସ୍ଥା ଧାରଣ କରୁଥାଏ । ଏହା ଶରୀରର ଭିତରେହିଁ ଥାଏ, ସୌରଚକ୍ର* ମଧ୍ୟରେ ରହିଥାଏ ବୋଲି କୁହାଯାଇ ପାରିବ । ସତ୍ତାର ଏହିସବୁ ଅବସ୍ଥାଗୁଡ଼ିକ ରୂପଗ୍ରହଣ କରି ବିକଶିତ ହୁଏ ଓ ଅଗ୍ରଗତି କରେ, ସେଗୁଡ଼ିକ ବହୁ ଇହଜନ୍ମର ଚକ୍ର ମଧ୍ୟଦେଇ ବ୍ୟକ୍ତି-ଆତ୍ମାରୂପେ ଗଠିତ ହୁଅନ୍ତି ଓ ପୂର୍ଣ୍ଣତାପ୍ରାପ୍ତ ହେବାରେ ଲାଗିଥାନ୍ତି ଏବଂ ଚୈତ୍ୟସତ୍ତାର ଗଠନ କରନ୍ତି । ଯେତେବେଳେ ଚୈତ୍ୟସତ୍ତା ସଂପୂର୍ଣ୍ଣ ଭାବରେ ଗଠିତ ହୋଇଯାଏ, ସେତେବେଳେ ତାହା ଆତ୍ମାର ଚେତନା ବିଷୟରେ ସଜ୍ଞାନ ହୁଏ ଏବଂ ଏହାକୁ ପୂର୍ଣ୍ଣତାର ସହିତ ଅଭିବ୍ୟକ୍ତ କରେ ।

*୧ ଫେବୃଆରି ୧୯୬୭*

*ଯେତେବେଳେ ମୁଁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭେଟେ ବା ଦେଖେ, ମୋ' ଭିତରେ ତତ୍‌କ୍ଷଣାତ୍ କେତେକ ନିମ୍ନତର ଓ ଅନୁଚିତ ସ୍ପନ୍ଦନମାନ ଉତ୍ଥିତ ହୋଇ ଆସିବାରେ ଲାଗନ୍ତି । ଏହି ଅଭ୍ୟାସଟିକୁ ଆଦୌ ବଦଳାଇ ହୁଏ ନାହିଁ; ଏହିସବୁ*

---

* ''ସୌରଚକ୍ର'' କହିଲେ ମାଆ ହୃଦୟକୁ (ନାଭିକୁ ନୁହେଁ) ସୂଚିତ କରୁଛନ୍ତି; ସେ ଅନ୍ୟତ୍ର ଯାହା କହିଛନ୍ତି, ସେଥିରୁ ଏହି କଥାଟି ସ୍ପଷ୍ଟ ହୋଇ ଯାଉଛି । ଉଦାହରଣ ସ୍ୱରୂପ, ଏହି ଗ୍ରନ୍ଥର ୧୩ଶ ଗୁଚ୍ଛ ଦ୍ରଷ୍ଟବ୍ୟ, ସେପ୍ଟେମ୍ବର ୨୦ ତାରିଖରେ ପ୍ରଦତ୍ତ ତାଙ୍କ ଉତ୍ତରର ଶେଷ ପାରାରେ ସେ ଯାହା କହିଛନ୍ତି ।

*ପ୍ରତିକ୍ରିୟାରୁ ମୁଁ ଯେତେ ମୁକ୍ତ ହେବାକୁ ଚାହୁଁଥିଲେ ମଧ୍ୟ ଏହା ହୋଇ ପାରେ ନାହିଁ । ମୁଁ କ'ଣ କରିବି ?*

ଅମୋଘତମ ଉପାୟ ହେଉଛି ଯେ ତୁମେ ଏହି ବ୍ୟକ୍ତିମାନଙ୍କ ସହିତ ସମସ୍ତ ମାନସିକ ଏବଂ ପ୍ରାଣିକ ସମ୍ବନ୍ଧକୁ ଛିନ୍ନ କରିଦେବ । ମାତ୍ର, ଏପରି କରିପାରିବାର ଉପାୟଟିକୁ ଜାଣିଯିବା ପର୍ଯ୍ୟନ୍ତ, ସେମାନଙ୍କର ପ୍ରଭାବ ଦ୍ୱାରା ଯେଉଁ ଫଳ ଫଳୁଛି, ତୁମେ ତାହାକୁ ନିଜର ଚେତନା ଭିତରୁ ଅନବରତ ବିଲୁପ୍ତ କରି ଦେଉଥିବ ।

*୧୮ ଫେବ୍ରୁଆରି ୧୯୬୭*

*ଆପଣ କହିଛନ୍ତି, ''ତୁମ ଅଭୀପ୍ସା ଅନୁସାରେହିଁ ଦିବ୍ୟ ପରମସତ୍ତା ତୁମ ସହିତ ରହିଛନ୍ତି । ବସ୍ତୁତଃ, ଏହାର ଅର୍ଥ ନୁହେଁ ଯେ, ସେ ତୁମ ବାହ୍ୟ ପ୍ରକୃତିର ଖିଆଲ ଅନୁସାରେ କାର୍ଯ୍ୟ କରୁଛନ୍ତି – ଏଠାରେ ମୁଁ ତୁମ ସତ୍ତାଗତ ସତ୍ୟଟି ବିଷୟରେ କହୁଛି । ପୁନଶ୍ଚ, ସେ ବେଳେବେଳେ ନିଜକୁ ତୁମ ବାହ୍ୟ ଅଭୀପ୍ସାଗୁଡ଼ିକର ଅନୁରୂପ ଭାବରେ ମଧ୍ୟ ବଦଳାଇ ନେଉଛନ୍ତି, ଏବଂ, ଯଦି ତୁମେ ବିଚ୍ଛେଦ ଓ ଆଲିଙ୍ଗନ, ଉଲ୍ଲାସ ଏବଂ ନୈରାଶ୍ୟର ପର୍ଯ୍ୟାୟଗୁଡ଼ିକ ମଧ୍ୟରେ ଏପାଖ ସେପାଖ ଆନ୍ଦୋଳିତ ହେଉଥିବା ଭକ୍ତମାନଙ୍କ ପରି ନିଜ ଜୀବନକୁ ବଞ୍ଚୁଥିବ, ଦିବ୍ୟ ପରମସତ୍ତା ମଧ୍ୟ ସେହି ଅନୁସାରେ ତୁମଠାରୁ ଦୂରକୁ ଚାଲି ଯାଉଥିବେ ଅଥବା ତୁମର ନିକଟବର୍ତ୍ତୀ ହେଉଥିବେ, ତୁମର ବିଶ୍ୱାସ ଅନୁସାରେ ଗୋଟିଏ ବା ଅନ୍ୟଟି ହେଉଥିବେ । ତେଣୁ, ଦୃଷ୍ଟିକୋଣର, ଏପରିକି ବାହ୍ୟ ଦୃଷ୍ଟିକୋଣର ପ୍ରକୃତରେ ପ୍ରଭୂତ ମହତ୍ତ୍ୱ ରହିଛି ।''*

*''ବାହ୍ୟ ଅଭୀପ୍ସା'' ଏବଂ ''ବାହ୍ୟ ଦୃଷ୍ଟିକୋଣ''ର ଅର୍ଥ କ'ଣ ? ସର୍ବୋତ୍ତମ ବାହ୍ୟ ଦୃଷ୍ଟିକୋଣଟି କିପରି ହେବା ଉଚିତ ?*

ଆପଣାର ଶାରୀର ସତ୍ତା (ବାହ୍ୟସତ୍ତା)ରେ ଯୋଗର ଅଭ୍ୟାସ ନ କରିଥିବା ପର୍ଯ୍ୟନ୍ତ ଦେହ ଅଜ୍ଞାନ ଭିତରେ ରହିଥାଏ – ଏପରିକି ଏହାର ଅଭୀପ୍ସା ମଧ୍ୟ ଅଜ୍ଞାନ ଭିତରେ ରହିଥାଏ ଏବଂ ତେଣୁ ତା'ର ଯାବତୀୟ ସଦିଚ୍ଛା ମଧ୍ୟ ଅଜ୍ଞାନାଚ୍ଛନ୍ନ ହୋଇ ରହିଥାଏ । ଏହାର ସକଳ କ୍ରିୟାତ୍ମକତା ଅଜ୍ଞାନ ଭିତରେ ଥାଏ ଏବଂ ସେମାନେ ଦିବ୍ୟ ପରମ ଉପସ୍ଥିତିକୁ ବିକୃତ ଏବଂ ବିରୂପ କରିଦେବାରେ ଲାଗିଥାନ୍ତି ।

ସେହି କାରଣରୁ ଦେହ-କୋଷର ଯୋଗସାଧନା ଏକାନ୍ତ ଅପରିହାର୍ଯ୍ୟ ।

*୨୫ ଫେବ୍ରୁଆରି ୧୯୬୭*

*''ଯେଉଁ ଉଷା କଦାପି ଅସ୍ତମିତ ହୁଏ ନାହିଁ''*– ଏହି ବିସ୍ମୟକର ଉଷାଟି କେଉଁ ଆଧ୍ୟାତ୍ମିକ ସ୍ଥିତିର ପ୍ରତିନିଧିତ୍ୱ କରୁଛି ?*

ଚିରନ୍ତନ ଓ ଅନବରତ ପୁନର୍ନବୀକରଣ ।

*୬ ମାର୍ଚ୍ଚ ୧୯୬୭*

*ପୁରୁଷ କହିଲେ ମୁଁ ଏହିପରି ବୁଝିଥାଏ :*

*ପରମକର୍ତ୍ତା ହେଉଛନ୍ତି ସର୍ବୋଚ୍ଚ ପୁରୁଷ, ପୁରୁଷୋତ୍ତମ ।*

*ଆତ୍ମା ହେଉଛି ବିଶ୍ୱମୟ ପୁରୁଷ ।*

*ଜୀବାତ୍ମା ବ୍ୟକ୍ତିପୁରୁଷ, ଏବଂ ଦେହପୁରୁଷ, ପ୍ରାଣପୁରୁଷ, ମନୋମୟ ପୁରୁଷ ତଥା ହୃଦୟ ମଧ୍ୟରେ ରହିଥିବା ପ୍ରଚ୍ଛନ୍ନ ପୁରୁଷ,– ଏହାରି ଭିନ୍ନ ଭିନ୍ନ ପ୍ରକ୍ଷେପଣ ।*

*ଆତ୍ମା ହେଉଛି ବିବର୍ତ୍ତନ ମଧ୍ୟରେ ପ୍ରବିଷ୍ଟ ହୋଇଥିବା ପୁରୁଷ ।*

*ମୋର ବୁଝିବା ପ୍ରକୃତରେ ଠିକ୍ ତ ?*

ଏହା ହେଉଛି ଗୋଟିଏ ପ୍ରକାରର ବ୍ୟାଖ୍ୟା । ମାନସିକ ସ୍ତରର ଯାବତୀୟ ସଂଜ୍ଞା କେବଳ ନାନା ପ୍ରାୟାନୁବୋଧ ଓ ବର୍ଣ୍ଣନାଶୈଳୀ ବ୍ୟତୀତ ଅଧିକ କିଛି ନୁହନ୍ତି ।

*୧୦ ମାର୍ଚ୍ଚ ୧୯୬୭*

*ମୋ'ର ଶରୀର ଅତ୍ୟନ୍ତ ଦୁର୍ବଳ; ଏଥିରେ ଅଚେତନା ଏବଂ ତମଃ ଭର୍ତ୍ତି ହୋଇ ରହିଛି । ଏହି ଶରୀର କିପରି ଆପଣଙ୍କର ଉତ୍ତମ ଯନ୍ତ୍ରରେ ପରିଣତ ହୋଇ ପାରିବ ?*

ପ୍ରତ୍ୟେକ ଦେହକୋଷର କେନ୍ଦ୍ରରେ ଦିବ୍ୟଚେତନା ରହିଛି । ଅଭୀପ୍ସା ଏବଂ ପୁନଃ ପୁନଃ ଆତ୍ମଦାନ ଦ୍ୱାରା ସେହି କୋଷଗୁଡ଼ିକୁ ପାରଦର୍ଶକ କରିବାକୁ ପଡ଼ିବ ।

*୧୮ ମାର୍ଚ୍ଚ ୧୯୬୭*

*''ଆତ୍ମାର ଚେତନା ସମ୍ବନ୍ଧରେ ସଜ୍ଞାନ ହେବା''– ଏହାକୁ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବାର ସମାନାର୍ଥକ ରୂପେ ଗ୍ରହଣ କରାଯିବ କି ?*

---

* ପ୍ରାର୍ଥନା ଓ ଧ୍ୟାନମାଳା, ଶତବାର୍ଷିକୀ ଗ୍ରନ୍ଥମାଳା, ୧ମ ଖଣ୍ଡ(ଇଂ), ପୃ. ୨୨୬ ।

ଆତ୍ମାର ଚେତନା ସମ୍ବନ୍ଧରେ ସଜ୍ଞାନ ହେବା ହେଉଛି ପରମ ଦିବ୍ୟସତ୍ତାଙ୍କ ସହିତ ସଂଯୁକ୍ତ ହେବାର ନିଶ୍ଚିତତମ ଏବଂ ସହଜତମ ମାର୍ଗ ।

*୨୫ ମାର୍ଚ୍ଚ ୧୯୬୭*

*ଆମେ ଯାହାକିଛି ଆବଶ୍ୟକ କରୁଛୁ, ଆପଣ ଆମକୁ ସବୁ ଦେଉଛନ୍ତି; ମାତ୍ର ମୋ'ର ଗ୍ରହଣ କରିବାର ସାମର୍ଥ୍ୟ ଅତି ସୀମିତ ହୋଇ ରହିଛି, କାରଣ ମୁଁ ଯେତିକି ଟିକିଏ ମଧ୍ୟ ଗ୍ରହଣ କରିପାରୁଛି, ସେତିକିକୁ ମଧ୍ୟ ପରିପାଚନ କରିବା ନିମନ୍ତେ ମୋତେ ଦୀର୍ଘ ସମୟ ଲାଗୁଛି । ତଥାପି, ଆଦୌ ବିଚଳିତ ନ ହୋଇ ମୁଁ ପ୍ରାର୍ଥନା କରୁଛି : ଏହି ଅବସ୍ଥାର କିପରି ଉନ୍ନତି ହୋଇପାରିବ ?*

ସତ୍ତାରେ ଏକତ୍ୱର ଅଭାବ ଥିଲେ ସାଧାରଣତଃ ଏହି ଅସୁବିଧାଟି ଆସିଥାଏ । ସତ୍ତାର କେତେକ ଭାଗ ଧରା ଦେଉ ନାହାନ୍ତି ଏବଂ ଗ୍ରହଣ କରିବାକୁ ମନା କରୁଛନ୍ତି । ସେମାନଙ୍କୁ ଅଳ୍ପ ଅଳ୍ପ କରି ପ୍ରଶିକ୍ଷିତ କରିବାକୁ ପଡ଼ିବ, ଠିକ୍ ଯେପରି  କୌଣସି ସାନପିଲାକୁ ପ୍ରଶିକ୍ଷିତ କରି ଆଣିବାକୁ ହୁଏ । ଏବଂ, ତେବେ ଅବସ୍ଥାରେ ମଧ୍ୟ ଅଳ୍ପ ଅଳ୍ପ କରି ଉନ୍ନତି ସମ୍ଭବ ହେବ ।

*୭ ଏପ୍ରିଲ୍ ୧୯୬୭*

*ପୃଥିବୀର ସାଂପ୍ରତିକ ସ୍ଥିତି ଆଡ଼କୁ ଅବଲୋକନ କଲେ ଆମେ କହିପାରିବା ଯେ, ସବୁଠାରୁ ଖରାପ ଅବସ୍ଥା ଆସି ପହଞ୍ଚି ସାରିଲାଣି । ପରମପ୍ରଭୁ ଯେତେବେଳେ ଏହି ପୃଥିବୀକୁ ଆପଣାର ବାହୁମଧ୍ୟକୁ ନେଇଯିବେ ଏବଂ ''ପୃଥିବୀର ରୂପାନ୍ତର ହେବ'' ବୋଲି କହିବେ, ଆମେ ସେହି ଦିନଟିର ଅପେକ୍ଷା କରିଛୁ । ସେହି ଦିନଟି ନିକଟ ହୋଇ ଆସୁଛି କି ?*

ଏପରି ମଧ୍ୟ ହୋଇପାରେ ଯେ ବର୍ତ୍ତମାନ ସେହି କଥାଟିହିଁ ଘଟୁଛି – ମାତ୍ର ମନୁଷ୍ୟର ସୋପାନରେ ତାହା ଘଟୁ ନାହିଁ ।

ପରମପ୍ରଭୁଙ୍କର ଗୋଟିଏ ମୁହୂର୍ତ୍ତ ସମ୍ଭବତଃ ଆମ ଲାଗି ବହୁବର୍ଷ ସହିତ ସମାନ !

*୧୨ ଏପ୍ରିଲ୍ ୧୯୬୭*

*ଆମ ଆଶ୍ରମ ଗଠନର କୌଣସି ଔପଚାରିକ ନିର୍ଦ୍ଦିଷ୍ଟ ଦିବସ ନାହିଁ, ସେହି କଥାରେ*

*କେତେକ ପରିମାଣରେ ଏକ ଚମତ୍କାର ଓ କାବ୍ୟିକତା ରହିଥିଲେ ମଧ୍ୟ, ଯଥାର୍ଥ ଗୂଢ଼ବିଦ୍ୟାର ଦୃଷ୍ଟିକୋଣରୁ, ମାଆ ଆସି ପହଞ୍ଚିବା ଦ୍ୱାରା ଆଶ୍ରମ ଜନ୍ମଲାଭ କଲା ବୋଲି କୁହାଯାଇ ପାରିବ କି ?*

ମୋର ଜାପାନରୁ ଫେରିଆସିବାର ଅଳ୍ପକେତେ ବର୍ଷ ପରେ, ୧୯୨୬ ମସିହାରେ ଆମ ଆଶ୍ରମ ଜନ୍ମଲାଭ କଲା ।

*୧୬ ଏପ୍ରିଲ୍ ୧୯୬୭*

*ପରମପ୍ରଭୁ ଆପଣଙ୍କୁ କହିଥିଲେ : ''ଦିନେ ତୁମେ ମୋ'ର ମସ୍ତକରେ ପରିଣତ ହେବ, ମାତ୍ର ବର୍ତ୍ତମାନ ପାଇଁ ତୁମର ଦୃଷ୍ଟିକୁ ପୃଥିବୀ ଆଡ଼କୁ ସମ୍ପାତ କରି ରଖିଥାଅ ।''**

*ସ୍ନେହମୟି ମାଆ, ଏଠାରେ ''ତୁମେ ମୋ'ର ମସ୍ତକରେ ପରିଣତ ହେବ'' କହିବାର ତାତ୍ପର୍ଯ୍ୟ କ'ଣ ?*

ମସ୍ତକ ହେଉଛି ମୂଳ ଉତ୍ସର ବୋଧକୁ ଧାରଣ କରିଥିବା ଚେତନା ।

*୨୨ ଏପ୍ରିଲ୍ ୧୯୬୭*

*ଯେତେବେଳେ ମୁଁ ଆପଣଙ୍କର ଅଧିକ ନିକଟବର୍ତ୍ତୀ ହେବା ଲାଗି ଇଚ୍ଛା କରୁଛି, ସେତେବେଳେ ମୁଁ ଜାଣିପାରୁଛି ଯେ, ମୋତେ ମୋ'ର ଅହଂଟିକୁ ଡେଇଁ ଯିବାକୁ ପଡ଼ିବ । ମାତ୍ର, ଯେତେବେଳେ ମୁଁ ମୋ'ର ଅହଂକୁ ଡେଇଁଯିବା ବିଷୟରେ ଚିନ୍ତା କରୁଛି, ସେତେବେଳେ ଦେଖୁଛି ଯେ, ମୋତେ ସେଥିଲାଗି ଆପଣଙ୍କର ଅଧିକ ନିକଟବର୍ତ୍ତୀ ହେବାକୁ ପଡ଼ିବ । ମୁଁ ଏହି ସମସ୍ୟାଟିର ସମାଧାନ କିପରି କରିବି ?*

ତାହାର ସମାଧାନ ନିମନ୍ତେ ପରମ କରୁଣା ରହିଛି ।

*୧ ମଇ ୧୯୬୭*

*ମୁଁ ଆପଣଙ୍କର ଉତ୍ତମ ସନ୍ତାନ କିପରି ହୋଇପାରିବି ?*

---

* ପ୍ରାର୍ଥନା ଓ ଧ୍ୟାନମାଳା(ଇଂ), ପୃ. ୧୪୪ ।

ତୁମେ ପ୍ରକୃତରେ ଯାହା, ସରଳ ଭାବରେ, ଅତ୍ୟନ୍ତ ସହଜ ଭାବରେ ତାହାହିଁ ହୋଇପାରିଲେ ।

*୫ ମଇ ୧୯୬୭*

*ଯେତେବେଳେ ମୁଁ ଆପଣଙ୍କୁ ଅର୍ଥ ବା କୌଣସି ବସ୍ତୁ ଦେଇପାରୁଛି, ତାହା ସେତେବେଳେ ମୋତେ ଅତୀବ ଆନନ୍ଦ ଆଣି ଦେଉଛି । ଏବଂ, ଯେତେବେଳେ ମୁଁ ମୋ'ସତ୍ତାର କୌଣସି ଭାଗକୁ ଆପଣଙ୍କ ପାଖରେ ଅର୍ପଣ କରିଦେଇ ପାରୁଛି, ସେତେବେଳେ ସେହି ଆନନ୍ଦ ଆହୁରି ଅଧିକ ହୋଇଯାଉଛି । ମାତ୍ର ଏହି ଅନୁଭୂତିଟି ସତ୍ତ୍ୱେବି ମୋ'ର ସମଗ୍ର ସତ୍ତା ଆପଣଙ୍କଠାରେ ଅର୍ପିତ ହୋଇପାରୁ ନାହିଁ । କେଡ଼େ ନିର୍ବୋଧ କଥା ! ମୁଁ ଏହାକୁ ବଦଳାଇ ଦେଇପାରିବି କିପରି ?*

ଆମେ ସବୁ ଭିନ୍ନ ଭିନ୍ନ ଅନେକ ଭାଗ ଦ୍ୱାରା ତିଆରି ହୋଇଛୁ ଏବଂ ସେହି ଭାଗଗୁଡ଼ିକୁ ଚୈତ୍ୟସତ୍ତାର ଚାରିପାଖରେ ଆଣି ସଂଯୁକ୍ତ କରିଦେବାକୁ ପଡ଼ିବ । ଚୈତ୍ୟସତ୍ତା ବିଷୟରେ ସଚେତନ ରହିଥିଲେ ଏହା ହେବ । ନ ହେଲେ, ଅନ୍ତତଃ ଆମର କେନ୍ଦ୍ରସ୍ଥ ଅଭୀପ୍ସାଟିର ଚାରିପାଖରେ ଆଣି ଏକାଠି କରିଦେବାକୁ ହେବ । ଏହି ଏକୀକରଣଟି ହୋଇ ନ ପାରିଲେ, ଆମେ ଆମ ଭିତରେ ଏହି ବିଭାଜନଟିକୁ ବହନ କରି ରହିଥିବା ।

ଏକଥା କରିବା ନିମନ୍ତେ, ଅଭିବ୍ୟକ୍ତ ହେଉଥିବା ପ୍ରତ୍ୟେକ ଭାବନା, ଅନୁଭବ, ଅବବୋଧ, ସଂବେଗ ଏବଂ ପ୍ରତିକ୍ରିୟାକୁ ଚେତନାର ଭୂମିରେ କେନ୍ଦ୍ରସ୍ଥ ସତ୍ତା ଅଥବା ଏହାର ଅଭୀପ୍ସା ପାଖରେ ଆଣି ଉପସ୍ଥାପିତ କରିଦେବାକୁ ପଡ଼ିବ । ଯାହା ମେଳ ଖାଇଯାଉଥିବ, ତାହା ସ୍ୱୀକୃତ ହେବ; ଯାହା ମେଳ ନ ଖାଉଥିବ, ତାହା ସ୍ୱୀକୃତ ହେବ ନାହିଁ; ପ୍ରତ୍ୟାଖାତ ହେବ ଅଥବା ରୂପାନ୍ତରିତ ହୋଇଯିବ ।

ଏହା ଏକ ଦୀର୍ଘ ଉଦ୍ୟମ ଏବଂ ଏଥିଲାଗି ହୁଏତ ବର୍ଷ ବର୍ଷ ଲାଗିଯିବ,— ମାତ୍ର, ଥରେ ଏଇଟିକୁ ସମ୍ପନ୍ନ କରିପାରିଲେ, ଏକୀକରଣ ମଧ୍ୟ ସମ୍ଭବ ହୋଇଯିବ ଏବଂ ପଥଟି ସହଜ ଓ ବେଗଯୁକ୍ତ ହୋଇପାରିବ ।

*୧୦ ମଇ ୧୯୬୭*

*ମୁଁ ବ୍ୟବହାର କରୁଥିବା ବସ୍ତୁଗୁଡ଼ିକ ମୋ' ଅଧିକାରରେ ଅଛି ବୋଲି ଅନୁଭବ କରିବାର ଅଭ୍ୟାସଟିରୁ ମୁଁ ମୁକ୍ତ ହୋଇପାରିବି କିପରି ?*

ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ଓ ଗୋଟାସୁଦ୍ଧା ଦିବ୍ୟ ପରମସତ୍ତାଙ୍କର ହୋଇ ଯାଇପାର,

ତେବେ ତୁମ ପାଖରେ ଯେତେ ବସ୍ତୁ ରହିଛି, ଯାହାକିଛି ତୁମ ଭୌତିକ ସତ୍ତାର ଅଂଶ ହୋଇ ରହିଛି, ସେହି ସବୁକିଛି ମଧ୍ୟ ଦିବ୍ୟ ପରମସତ୍ତାଙ୍କର ହୋଇଯିବ ।

*୧୬ ମଇ ୧୯୬୭*

*ବେଳେବେଳେ ମୁଁ ଭାବିଥାଏ ଯେ, ଆପଣ ମୋ'ଭିତରେ ଯେଉଁ ଅଗ୍ନି ପ୍ରଜ୍ୱଳିତ କରି ଦେଇଛନ୍ତି, ତାହା ଯାହାକିଛି ମୋତେ ଆପଣଙ୍କଠାରୁ ଅଲଗା କରି ରଖିଛି, ତାହାକୁ ପୋଡ଼ି ପାଉଁଶ କରିଦେବ । ଏହି କଥାଟି ଫଳିବା ନିମିତ୍ତ ମୋ'ର କ'ଣ କରିବା ଉଚିତ ?*

ଅସ୍ୱୀକାର ଅଥବା ପ୍ରତିରୋଧ କରୁଥିବା ଯାହାକିଛି ବସ୍ତୁକୁ ତୁମେ ନିଜ ଭିତରେ ଦେଖିବାକୁ ପାଇବ, ତାକୁ ସଙ୍ଗେ ସଙ୍ଗେ ଜ୍ୱଳନ୍ତ ଅଗ୍ନି ଭିତରକୁ ନିକ୍ଷେପ କରିଦେବ । ସେହି ଅଗ୍ନି ହେଉଛି ଅଭୀପ୍ସାର ଅଗ୍ନି । *୧୯ ମଇ ୧୯୬୭*

*ମୋ'ର ହାତମାନେ ଯେପରି ଅପୂର୍ଣ୍ଣ, ଅନୁଚିତ ବା ଗର୍ହିତ ଆଦୌ କୌଣସି କାର୍ଯ୍ୟ ନ କରିବେ, ସେଥିଲାଗି ସେଗୁଡ଼ିକୁ ସଚେତନ କରି ରଖିବା ସମ୍ଭବ କି ? ଦିବ୍ୟ ଜନନି, ତାହା କରିବାର ଉପାୟ ମୋତେ କହିଦିଅନ୍ତୁ ।*

ହଁ, ଏହା ବେଶ୍ ସମ୍ଭବ । ଯେତେବେଳେ ହାତଗୁଡ଼ିକ କୌଣସି କାର୍ଯ୍ୟ କରୁଛନ୍ତି, ସେତେବେଳେ ସେଗୁଡ଼ିକ ଉପରେ ଅଭିନିବେଶିତ ହୋଇ ରହିବା ଦ୍ୱାରା ।

ଚିତ୍ରଶିଳ୍ପୀ, ସ୍ଥପତି, ସଙ୍ଗୀତଜ୍ଞ (ବିଶେଷତଃ ପିଆନୋ-ବାଦକ) ମାନଙ୍କର ହାତଗୁଡ଼ିକ ସାଧାରଣତଃ ଅତ୍ୟନ୍ତ ଚେତନାପ୍ରେରିତ ହୋଇ ରହିଥାନ୍ତି ଏବଂ ସର୍ବଦା କୌଶଳନିପୁଣ ଥାଆନ୍ତି । ଏହା ହେଉଛି ଏକ ପ୍ରଶିକ୍ଷଣର ବିଷୟ ।

*୨୯ ମଇ ୧୯୬୭*

*ମୁଁ ଗୋଟିଏ ଅସୁବିଧା ଉପରେ ବିଜୟ ହାସଲ କରିବାକୁ ଇଚ୍ଛା କରୁଛି : ଅସୁବିଧାଟି ହେଉଛି ଯେ, ଯେତେବେଳେ ମୁଁ ନିଜ ଭିତରେ କୌଣସି ଦୋଷ ବା ଦୁର୍ବଳତା ରହିଥିବାର ଦେଖିପାରୁଛି, ସେତେବେଳେ ମୋ' ଭିତରେ ଥିବା କୌଣସି ଏକ ଉପାଦାନ ସେଗୁଡ଼ିକୁ ଉଚିତ ବୋଲି ପ୍ରମାଣ କରିବାକୁ ବା ସେଗୁଡ଼ିକ ବିଷୟରେ କୌଣସି ପ୍ରତିକାର କରିବାରୁ ମୋତେ ନିବୃତ୍ତ କରି ରଖିବାକୁ ଚେଷ୍ଟା କରୁଛି ।*

ସେହି ‘‘କୌଣସି ଉପାଦାନ’’ଟି ହେଉଛି ଏକ ଆତ୍ମସମ୍ମାନ-ବୋଧର ନିଷ୍ଠାହୀନତା, ଯାହାକି ଏବେ ମଧ୍ୟ ବୁଝିପାରି ନାହିଁ ଯେ, ନିଜର ଦୋଷଗୁଡ଼ିକ କାହା ଆଖିରେ ପଡ଼ିବ ନାହିଁ ବୋଲି ଆଶା କରି ସେଗୁଡ଼ିକୁ ଘୋଡ଼ାଇ ରଖିବା ଅପେକ୍ଷା, ସେଗୁଡ଼ିକର ଯେପରି ସଂଶୋଧନ ହୋଇପାରିବ, ସେଥିଲାଗି ସେଗୁଡ଼ିକୁ ଚିହ୍ନି ବାହାର କରିବା ହେଉଛି ଅଧିକ ସମୁଚିତ ଏବଂ ଅଧିକ ଉଚ୍ଚ କାର୍ଯ୍ୟ ।

ମନସ୍ତାତ୍ତ୍ୱିକ ସ୍ତରର ଯାବତୀୟ ସମସ୍ୟା ପରି ଏହି କ୍ଷେତ୍ରରେ ମଧ୍ୟ ଆନ୍ତରିକତା, ଏକ ସମଗ୍ର ଏବଂ ସାଲିସବିହୀନ ଆନ୍ତରିକତା ହେଉଛି ଯଥାର୍ଥ ଔଷଧ ।

*୧ ଜୁନ୍ ୧୯୬୭*

*ଅତୀତର କବଳରୁ ମୁଁ କିପରି ମୁକ୍ତ ହେବି ମୋତେ ଦୟାକରି କହି ଦିଅନ୍ତୁ ।*

ଅତୀତର କବଳରୁ ମୁକ୍ତ ହେବା ପ୍ରକୃତରେ ଏଡ଼େ କଷ୍ଟକର ଯେ, ତାହା ପ୍ରାୟ ଅସମ୍ଭବ ବୋଲି ମନେ ହୋଇଥାଏ ।

ମାତ୍ର ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ଏବଂ ଆଦୌ କୌଣସି କାର୍ପଣ୍ୟ ନ ରଖି ନିଜକୁ ଭବିଷ୍ୟତ ପାଖରେ **ଦେଇ** ଦେଇପାରିବ, ଏବଂ ଯଦି ଏହି ଦେଇଦେବା ସତତ ନୂତନ ହୋଇ ପାରୁଥିବ, ତେବେ **ଅତୀତ ଆପେଆପେ ଛାଡ଼ି ପଳାଇଯିବ** ଏବଂ ତୁମକୁ ଆଉ ଆଦୌ ବ୍ୟସ୍ତ କରିବ ନାହିଁ ।

*୧୪ ଜୁନ୍ ୧୯୬୭*

*ଦିନେ ସକାଳେ ଆପଣଙ୍କର ‘ପ୍ରାର୍ଥନା ଓ ଧ୍ୟାନମାଳା’ ପୁସ୍ତକଟିକୁ ପାଠ କରୁଥିବା ସମୟରେ, ମୁଁ ଜାଣିବାକୁ ଚେଷ୍ଟା କଲି କେଉଁ ପ୍ରବୃତ୍ତିଟି ପ୍ରକୃତରେ ପ୍ରଥମେ ଆସେ,– ‘‘ଆପଣଙ୍କ ମଧ୍ୟରେ ବଞ୍ଚିବାକୁ ନା ଆପଣଙ୍କ ପାଇଁ ବଞ୍ଚିବାକୁ’’ । ଏହାର ଉତ୍ତରଟିଏ ବାହାର କରିବା ଲାଗି ମନ ସକ୍ରିୟ ହେବା ପୂର୍ବରୁ ଯେଉଁ ଉତ୍ତରଟି ଆପେଆପେ ମୋ’ପାଖରେ ଆସି ପହଞ୍ଚିଲା, ସେଇଟି ହେଉଛି : ‘‘ଏହି ଦୁଇଟିଯାକ ସ୍ଥିତି ପରସ୍ପରର ଅନୁପୂରକ ।’’*

ହଁ, ଦୁଇଟିଯାକ ପରସ୍ପରର ଅନୁପୂରକ, ମାତ୍ର ତା’ର ଅର୍ଥ ଅନିବାର୍ଯ୍ୟତଃ ଏହା ନୁହେଁ ଯେ, ଦୁହେଁ ପରସ୍ପର ଯୁଗପତ୍ ଭାବରେ ରହିଥାଆନ୍ତି । ଅଧିକାଂଶ ସମୟରେ , ‘‘ଆପଣଙ୍କ ପାଇଁ ବଞ୍ଚିବା’’ ପ୍ରଥମେ ଆସେ ଏବଂ, ଯଦି ସତ୍ତା ଏକତ୍ୱବଦ୍ଧ ଓ ନିଷ୍ଠାଯୁକ୍ତ ହୋଇ ରହିଥାଏ, ତେବେ ‘‘ଆପଣଙ୍କ ମଧ୍ୟରେ ବଞ୍ଚିବା’’ ଅଚିରେ ତାହାର ଅନୁଗମନ କରେ ।

ମାତ୍ର, ଏକଥା ମଧ୍ୟ ସତ୍ୟ ଯେ, ପ୍ରଥମଟି ପୂର୍ଣ୍ଣତାଯୁକ୍ତ ହେବାକୁ ହେଲେ ଦ୍ୱିତୀୟଟି ଅବଶ୍ୟ ଉପସ୍ଥିତ ରହିଥିବା ଆବଶ୍ୟକ ।

*୨୪ ଜୁନ୍ ୧୯୬୭*

*ସବୁକିଛି ଦେବା ଲାଗି ଆପଣଙ୍କର ହାତଗୁଡ଼ିକ ମୁକ୍ତ ରହିଛନ୍ତି, ମାତ୍ର ମୁଁ ତାହାର କେବଳ ଏକ କ୍ଷୁଦ୍ର ଅଂଶକୁହିଁ ଗ୍ରହଣ କରିପାରୁଛି, କାରଣ ମୁଁ ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇପାରି ନାହିଁ ।*

ନାନାବିଧ ଦୁଃଖ ଭୋଗ କରୁଥିବା ପୃଥିବୀଟିର ଚିତ୍ର ମଧ୍ୟ ଠିକ୍ ଏହିପରି । ତାହା ଦୁଃଖ ଭୋଗ କରୁଛି, କାରଣ ତାହା ଗ୍ରହଣଶୀଳ ହୋଇପାରି ନାହିଁ । ଯଦି ସିଏ ଦିବ୍ୟ ପରମପ୍ରେମ ଲାଗି ଆପଣାକୁ ଉନ୍ମୋଚିତ କରିଦେଇ ପାରନ୍ତା, ତେବେ ଅବଶ୍ୟ ଦିବ୍ୟ ଉଲ୍ଲାସ ମଧ୍ୟରେ ଜୀବନକୁ ବଞ୍ଚିପାରନ୍ତା ।

ମାତ୍ର, ଏକ ପ୍ରତିକାର ଅବଶ୍ୟ ରହିଛି ।

ନିଷ୍ଠାଯୁକ୍ତ ଏବଂ ନିରନ୍ତର ଅଭୀପ୍ସା ।

*୬ ଜୁଲାଇ ୧୯୬୭*

*ମୁଁ ଦେଖିବାକୁ ଆରମ୍ଭ କଲିଣି ଯେ, ସାଧକର ବ୍ୟକ୍ତିଗତ ପ୍ରୟାସ ଏବଂ ତାହାର ଫଳ ଉଭୟେ ଦିବ୍ୟ ପରମକରୁଣା ଉପରେ ନିର୍ଭର କରନ୍ତି ।*

ଏହି ବିଷୟରେ କିଞ୍ଚିତ୍ ବିନୋଦ ସହିତ ଏପରି ମଧ୍ୟ କୁହାଯାଇ ପାରିବ ଯେ, ଆମେ ହେଉଛୁ ସମସ୍ତେ ଦିବ୍ୟ, ମାତ୍ର ଆମେ କ୍ୱଚିତ୍ ଏହି ବିଷୟରେ ସଜ୍ଞାନ ହୋଇ ରହିଥାଉ ଏବଂ ''ଆମେ'' ବୋଲି ଆମେ ଯାହାକୁ କହୁ ଆମ ଭିତରେ ତାହାହିଁ ଏହା ଦିବ୍ୟ ବୋଲି ପ୍ରକୃତରେ ଆଦୌ ସଜ୍ଞାନ ନ ଥାଏ ।

*୧୩ ଜୁଲାଇ ୧୯୬୭*

*ପୃଥିବୀପୃଷ୍ଠରେ ଦିବ୍ୟ ପରମସତ୍ତାଙ୍କର ରାଜ୍ୟକୁ ପ୍ରତିଷ୍ଠିତ କରିବାର କ୍ଷେତ୍ରରେ କିଏ ପଛରେ ଅଛି, ମଣିଷ ନା ସ୍ୱୟଂ ଦିବ୍ୟ ପରମସତ୍ତା ?*

ମଣିଷ ଦିବ୍ୟ ପରମସତ୍ତାଙ୍କଠାରୁ ପଛରେ ପଡ଼ି ଯାଇଥିବାର ମନେ ହେଉଛି ।

ଦିବ୍ୟ ପରମସତ୍ତାଙ୍କ ଦୃଷ୍ଟିରେ ସ୍ପଷ୍ଟତଃ ମଣିଷହିଁ ମନ୍ଥର ହୋଇ ରହିଛି !

କିନ୍ତୁ, ସମ୍ଭବତଃ ଏହି ଉଭୟ କ୍ଷେତ୍ରରେ, ମନ୍ଥରତାଟି ମଧ୍ୟ ଆଦୌ ଗୋଟିଏ ପ୍ରକାରର ନୁହେଁ ।

*୨୦ ଜୁଲାଇ ୧୯୬୭*

*ମୃତ୍ୟୁ ପରେ ଜଣେ ବ୍ୟକ୍ତି ଅନେକ ସମୟରେ ତା' ଝିଅର ସନ୍ତାନରୂପେ ପୁନର୍ବାର ଫେରିଆସେ, ଏହା ସତକି ମିଛ ମୁଁ ଜାଣିପାରେ କି ?*

ନିଜଝିଅର ସନ୍ତାନ ହୋଇ ପୁଣି ଜନ୍ମହେବା ଲାଗି ଲୋକଟିର ଆଗ ଝିଅଟିଏ ରହିଥିବା ଆବଶ୍ୟକ ।

ଏହି ନିୟମଟି ଆଦୌ ଅନିବାର୍ଯ୍ୟ ନୁହେଁ – କଥାଟି ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ – ମାତ୍ର, ଭାରତବର୍ଷରେ ଏହା ବେଶ୍ ବହୁସ୍ଥଳରେ ଘଟିଥାଏ, ଯେଉଁଠାରେକି ପୁନଃ ପୁନଃ ପୁନର୍ଜନ୍ମ ଲାଭ କରିବାର ବିଶ୍ୱାସଟି ଏବେବି ଅତ୍ୟନ୍ତ ସାଧାରଣ ଭାବରେ ରହିଛି ।

*୩୦ ଜୁଲାଇ ୧୯୬୭*

*ମୁଁ ନିଜକୁ ପଚାରିଲି, "ଯାହା ପ୍ରକାଶର ଅତୀତ, ତାହାକୁ ପ୍ରକାଶ କରିହେବ କିପରି ?" ଉତ୍ତର ଆସିଲା, "ଏହାକୁ ବଞ୍ଚିବା ଦ୍ୱାରା, ଏହାହିଁ ହୋଇଯିବା ଦ୍ୱାରା, ସେଇଥିରେ ପରିଣତ ହେବା ଦ୍ୱାରା ।" ମାଆ କ'ଣ କହୁଛନ୍ତି ?*

ତାହା ଠିକ୍ । *୭ ଅଗଷ୍ଟ ୧୯୬୭*

*ଗୋଟିଏ କଥା ମୁଁ ଆଦୌ ବୁଝିପାରୁ ନାହିଁ : ଆପଣ ଯାହାସବୁ କରୁଛନ୍ତି ସେଥିପାଇଁ ଆପଣଙ୍କୁ ସମୟ କିପରି ମିଳୁଛି ? ସମ୍ଭବତଃ ଆପଣଙ୍କ ପାଇଁ ସ୍ଥୂଳ ସମୟର କୌଣସି ଅସ୍ତିତ୍ୱ ନାହିଁ !*

ଶରୀର ସମୟର ଚାପକୁ ବହନ କରିବା ଲାଗି ସମର୍ଥ ହୁଏ, କାରଣ ତାହା ଅତ୍ୟନ୍ତ ମୂର୍ତ୍ତ ଭାବରେ ଜାଣେ ଓ ଅନୁଭବ କରେ ଯେ, ସିଏ ନିଜେ ପ୍ରକୃତରେ ବଞ୍ଚି ନାହିଁ ବା କୌଣସି କାର୍ଯ୍ୟ କରୁ ନାହିଁ, ମାତ୍ର କେବଳ ସର୍ବୋଚ୍ଚ ପରମସତ୍ତାହିଁ ଅଛନ୍ତି; କେବଳ ସେଇ ଜୀବନ ଧାରଣ କରିଛନ୍ତି ଓ କାର୍ଯ୍ୟ କରୁଛନ୍ତି ।

ପୁନଶ୍ଚ, ଏହାହିଁ ହେଉଛି ଯାବତୀୟ ସହିଷ୍ଣୁତାର ଅସଲ ରହସ୍ୟ ।

*୧୨ ଅଗଷ୍ଟ ୧୯୬୭*

*ଜଣେ ଅଜ୍ଞାନ ଲେଖକଙ୍କର ଏକ ବିନୋଦକ ଉକ୍ତି ହେଉଛି : ''ଭଗବାନଙ୍କୁ ଅଶେଷ ଧନ୍ୟବାଦ ଯେ ମୁଁ ଜଣେ ନାସ୍ତିକ ।''*

କଥାଟି ଅଧିକ ବିନୋଦଯୁକ୍ତ ହୋଇଥାନ୍ତା, ଯଦି ସେ ଲେଖିଥାନ୍ତେ :
''ମୋତେ ଜଣେ ନାସ୍ତିକ କରି ତିଆରି କରିଥିବାରୁ ଭଗବାନଙ୍କୁ ଧନ୍ୟବାଦ ।''

*୨୨ ଅଗଷ୍ଟ ୧୯୬୭*

*ମୁଁ ଯେପରି ବୁଝୁଛି, ଆପଣ କହିଛନ୍ତି ଯେ ଆଶ୍ରମରେ ବାସ କରୁଥିବା ଶିଷ୍ୟମାନଙ୍କର ଚୈତ୍ୟସତ୍ତାଗୁଡ଼ିକ ହେଉଛନ୍ତି ଗୋଟିଏ ପରିବାରର । ଏହା ସତ୍ତ୍ୱେ ଆମ ଭିତରେ ଅନେକ ସମୟରେ ସହଯୋଗିତାର ଅଭାବ ରହୁଛି । ମାଆ, ଏଭଳି କାହିଁକି ହେଉଛି ?*

ଯଦି ମୁଁ ଏକଥା ପ୍ରକୃତରେ କହିଥିବି (ସମ୍ଭବତଃ ଠିକ୍ ଏହି ଶବ୍ଦଗୁଡ଼ିକ ବ୍ୟବହାର କରି କହି ନ ଥିବି), ତେବେ ତାହା କେବଳ ଏକ ବିଶ୍ୱ-ପରିବାରକୁହିଁ ବୁଝାଇବ, ଯାହା ଭିତରେ କି ଯାବତୀୟ ପାର୍ଥକ୍ୟ ରହିଛି, ଏପରିକି ବହୁବିଧ ଅନ୍ତର ମଧ୍ୟ ରହିଛି ।

ମାତ୍ର, ସେକଥା ଯାହା ହୋଇଥାଉ ପଛକେ, କେବଳ ବାହ୍ୟ ଭୌତିକ ତଥା ପ୍ରାଣିକ ସତ୍ତାରୁହିଁ ପାରସ୍ପରିକ ଭୁଲ୍ ବୁଝିବା ଏବଂ ସହଯୋଗିତାର ଅଭାବ ଜନ୍ମ ନେଇଥାଏ । ବାହ୍ୟ ଭୌତିକ ଓ ପ୍ରାଣିକ ସତ୍ତା ଏହି ଜୀବନରେହିଁ ଗଠିତ ହୋଇଥାନ୍ତି ଏବଂ ଚୈତ୍ୟର ପ୍ରଭାବ ମଧ୍ୟକୁ ତଥାପି ଆସି ନ ଥାନ୍ତି । ଆପଣାର ଚୈତ୍ୟ ସହିତ ଏକ ହୋଇଯିବା ପରେ, ପରସ୍ପର ସଂଘର୍ଷରତ ଯାବତୀୟ ଅସଦିଚ୍ଛା ଦ୍ୱାରା ଘଟୁଥିବା ସକଳ ଦ୍ୱନ୍ଦ୍ୱ ଆଉ ଆଦୌ ରହି ପାରନ୍ତି ନାହିଁ ।

*୨୪ ଅଗଷ୍ଟ ୧୯୬୭*

*ଆଲୋକର ଉପଲବ୍ଧି ଲାଗି ଛାୟାକୁ କାମରେ ଲଗାଇହେବ କିପରି ?*

ଆଲୋକର ପ୍ରକାଶ ଘଟାଇବାକୁ ଚିତ୍ରଶିଳ୍ପୀମାନେ ଛାୟାକୁ ବ୍ୟବହାର କରିଥା'ନ୍ତି ।

ଛାୟା ହେଉଛି ଅଚେତନାର ପ୍ରତୀକ । ଦିବସ ସମୟରେ ସଚେତନ ରହିବାର ଚେଷ୍ଟାରୁ କ୍ଷାନ୍ତ ହେବା ଲାଗି ମନୁଷ୍ୟମାନେ ରାତ୍ରିସମୟରେ ଏହି ଛାୟା ମଧ୍ୟରେହିଁ ବିଶ୍ରାମ ନିଅନ୍ତି । ଯେତେବେଳେ ଚେତନା ସର୍ବଶକ୍ତିଶାଳୀ ହୋଇଯାଏ, ସେତେବେଳେ ଛାୟାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଓ ତାହା ଅନ୍ତର୍ହିତ ହୋଇଯିବ ।

*୪ ସେପ୍ଟେମ୍ବର ୧୯୬୭*

*ନିମ୍ନରୁ ଚକ୍ରଗୁଡ଼ିକର ଉନ୍ମୀଳନ ଲାଗି ତନ୍ତ୍ରରେ କେତେକ ପ୍ରଣାଳୀ ରହିଛି ବୋଲି କୁହାଯାଇଛି, ମାତ୍ର ପୂର୍ଣ୍ଣ ଯୋଗରେ ଦିବ୍ୟଜନନୀଙ୍କର ଶକ୍ତିର ଅବତରଣ ଦ୍ୱାରା ଊର୍ଦ୍ଧ୍ୱରୁହିଁ ଚକ୍ରଗୁଡ଼ିକର ଉନ୍ମୋଚନ ଘଟିଥାଏ ।*

*ଏହି ଦୁଇ ପଦ୍ଧତିରେ ଚକ୍ରଗୁଡ଼ିକର ଉନ୍ମୀଳନ-ଜନିତ ଫଳଗୁଡ଼ିକ ମଧ୍ୟରେ ପ୍ରକୃତରେ କି ପାର୍ଥକ୍ୟ ରହିଛି ?*

ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗରେ ସେଭଳି କୌଣସି କଠୋର ନିୟମ ଅଥବା ତାରତମ୍ୟର ବିଚାର କରାଯାଇ ନାହିଁ । ପ୍ରତ୍ୟେକ ବ୍ୟକ୍ତି ତା' ନିଜ ମାର୍ଗଟିର ଅନୁସରଣ କରେ ଏବଂ ତା' ନିଜ ଅଭିଜ୍ଞତାଗୁଡ଼ିକୁ ଲାଭ କରୁଥାଏ । ତଥାପି, ଶ୍ରୀଅରବିନ୍ଦ ଅନେକ ସମୟରେ କହିଛନ୍ତି ଏବଂ ଲେଖିଛନ୍ତି ଯେ, ଯେଉଁଠାରେ ଅନ୍ୟ ଯୋଗଗୁଡ଼ିକର ଭୂମିକା ସମାପ୍ତ ହୋଇଯାଏ, ସେହିଠାରୁହିଁ ତାଙ୍କ ଯୋଗଟି ଆରମ୍ଭ ହୋଇଥାଏ ।

ଏହାର ତାତ୍ପର୍ଯ୍ୟ ହେଉଛି ଯେ, ଯୋଗରେ ସାଧାରଣତଃ ସ୍ଥୂଳଚେତନାକୁ ଜାଗୃତ କରିବାକୁ ହୋଇଥାଏ ଏବଂ ତାହାକୁ କ୍ରମଶଃ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଆରୂଢ଼ କରିନେବାକୁ ବୁଝାଇଥାଏ । ଶ୍ରୀଅରବିନ୍ଦ କହିଛନ୍ତି ଯେ, ତାଙ୍କର ଯୋଗଟିକୁ କରିବାକୁ ହେଲେ ଜଣେ ବ୍ୟକ୍ତି ଆଗରୁ ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରି ସାରିଥିବ ଏବଂ ତାଙ୍କ ସହିତ ଏକତ୍ୱ ଲାଭକରି ସାରିଥିବ;– ତା'ପରେ ଚେତନା ସତ୍ତାର ଯାବତୀୟ ସ୍ଥିତି ମଧ୍ୟଦେଇ ସ୍ଥୂଳତମ ସୋପାନଟି ଯାଏ ଅବତରଣ କରି ଆସିବ । ତାହା ନିଜ ସାଙ୍ଗରେ ଦିବ୍ୟ ପରମଶକ୍ତିକୁ ମଧ୍ୟ ବହନ କରି ଆଣିଥିବ, ଯେପରିକି ସେହି ଶକ୍ତି ସମସ୍ତ ସତ୍ତାର ରୂପାନ୍ତର ଘଟାଇବ ଏବଂ ଶେଷରେ ଜଡ଼ ଶରୀରଟିକୁ ମଧ୍ୟ ଏକ ଦିବ୍ୟ ଶରୀରରେ ପରିଣତ କରିଦେବ ।

*୨୦ ସେପ୍ଟେମ୍ବର ୧୯୬୭*

*ରେଡ଼ିଓ ଲାଗି ଉଦ୍ଦିଷ୍ଟ ଆପଣାର ସନ୍ଦେଶରେ ଆପଣ 'ଏକତା' (unity) ଶବ୍ଦଟିକୁ*

*''ସମ୍ମିଳନ'' (union) ବୋଲି କରି ଦେଇଛନ୍ତି ।* ସ୍ନେହମୟି ମାଆ, ଏହି ପରିବର୍ତ୍ତନଟି କାହିଁକି କରାଗଲା, ତାହା ମୁଁ ଜାଣି ପାରିବି କି ?*

କାରଣ, 'ଏକତା' ଶବ୍ଦଟି ଶୁଣିଲେ ଅଧିକାଂଶ ଲୋକେ ସମରୂପତା ବୋଲି ବୁଝନ୍ତି ଏବଂ ତାହା ସତ୍ୟଠୁ ଯତ୍‌ପରୋ ନାସ୍ତି ଦୂରରେ ?

*୨୫ ସେପ୍‌ଟେମ୍ବର ୧୯୬୭*

*ସ୍ୱତଃସ୍ଫୂର୍ତ୍ତତା କ'ଣ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସେ ନା ତାହାକୁ ହାସଲ କରିବା ଲାଗି ଏକ ଶୃଙ୍ଖଳାର ଅଭ୍ୟାସ କରିବାକୁ ପଡ଼େ ?*

ଚୈତ୍ୟ ସହିତ ରହିଥିବା ଏକ ସ୍ଥାୟୀ ସଂସ୍ପର୍ଶରୁହିଁ ଅନୁଭବ ଓ କ୍ରିୟାଶୀଳତାର କ୍ଷେତ୍ରରେ ସ୍ୱତଃସ୍ଫୂର୍ତ୍ତତା ସମ୍ଭବ ହୋଇଥାଏ । ତାହା ଭାବନା ଭିତରେ ଶୃଙ୍ଖଳା ଆଣିଦିଏ ଏବଂ ଅତ୍ୟନ୍ତ ସୁଚାଳିତ ଭାବରେ ପ୍ରାଣିକ ଆବେଗଗୁଡ଼ିକର ନିୟନ୍ତ୍ରଣ କରେ ।

*୩୦ ସେପ୍‌ଟେମ୍ବର ୧୯୬୭*

*ଆପଣ ମୋତେ ଶରୀର ମଧ୍ୟରେ ଦିବ୍ୟ ଚେତନାର ଜାଗୃତି ଘଟାଇବାର ମହତ୍ତ୍ୱ ବିଷୟରେ ଶିକ୍ଷା ଦେଇଛନ୍ତି; ଏବଂ ବର୍ତ୍ତମାନ ମୁଁ ମୋ ଶରୀରର ଅଭୀପ୍ସାକୁ ଆପଣଙ୍କ ଆଡ଼କୁ ଜାଗ୍ରତ କରାଇ ନେବା ପାଇଁ ଆପଣଙ୍କୁ ପ୍ରାର୍ଥନା କରୁଛି ।*

ଶରୀରର କୋଷଗୁଡ଼ିକ ଦିବ୍ୟ ପରମଚେତନା ଲାଗି ତୃଷିତ ହୋଇ ରହିଥାନ୍ତି ଏବଂ ଯେତେବେଳେ ସେମାନେ ତାହାର ସଂସ୍ପର୍ଶ ଲାଭ କରନ୍ତି, ସେତେବେଳେ ସେମାନଙ୍କର ଅଭୀପ୍ସା ଅତୀବ ପ୍ରଗାଢ଼ ହୋଇଯାଏ ।

*୨୧ ଅକ୍‌ଟୋବର ୧୯୬୭*

---

* ''ହେ ଭାରତବର୍ଷ, ଆଲୋକ ଏବଂ ଅଧ୍ୟାତ୍ମଜ୍ଞାନର ଭୂମି ! ତୁମେ ପୃଥିବୀରେ ତୁମର ଯଥାର୍ଥ ଅଭୀଷ୍ଟ କର୍ମର ସମ୍ପାଦନ ପାଇଁ ଜାଗ୍ରତ ହୁଅ, ସମ୍ମିଳନ ଏବଂ ସଙ୍ଗତିର ବାଟଟିକୁ ଦେଖାଇଦିଅ ।'' – ୧୯୬୭ ମସିହା ସେପ୍‌ଟେମ୍ବର ୨୩ ତାରିଖ ଦିନ ପଣ୍ଡିଚେରୀରେ ଆକାଶବାଣୀ କେନ୍ଦ୍ରର ଉଦ୍‌ଘାଟନ ଅବସରରେ ପ୍ରଦତ୍ତ ସନ୍ଦେଶ । ('ମାତୃବାଣୀ', ଶତବାର୍ଷିକୀ ଗ୍ରନ୍ଥମାଳା, ୧୩ଶ ଖଣ୍ଡ (ଇଂ), ପୃ. ୩୭୬)

*ଆପଣ ଯାହା ଇଚ୍ଛା କରୁଛନ୍ତି,* ***କେବଳ*** *ତାହାହିଁ ହେବାର ଅଭୀପ୍ସା ବିଷୟରେ ମୁଁ ଶୁଣିଛି ।*

ମାର୍ଗରେ ଅତ୍ୟନ୍ତ ବେଗ ସହିତ ଅଗ୍ରସର ହେବା ଲାଗି ତାହାହିଁ ସର୍ବୋତ୍ତମ ସ୍ଥିତି ।

*୨୬ ଅକ୍ଟୋବର ୧୯୬୭*

*ଦୁଇଜଣ ଅତ୍ୟନ୍ତ ଧନବାନ୍ ବ୍ୟକ୍ତି ଆପଣାକୁ ଅତ୍ୟନ୍ତ ଧର୍ମପରାୟଣ ଏବଂ ସଦାଚାରଯୁକ୍ତ ବୋଲି ଦାବି କରୁଛନ୍ତି, ମାତ୍ର ସେମାନଙ୍କର ହିସାବ ଅନୁସାରେ ସେମାନଙ୍କର ଦେୟଟିକୁ ପରିଶୋଧ କରୁ ନାହାନ୍ତି । ଜଣେ ତ ମୋ’ ସହିତ କଥାବାର୍ତ୍ତା କରିବାକୁହିଁ ମନା କରୁଛନ୍ତି ଓ ଦ୍ୱିତୀୟଜଣକ କହୁଛନ୍ତି, ‘‘ଭଗବାନଙ୍କ ଉପରେ ବିଶ୍ୱାସ ରଖ, ତୁମର ପଇସା କଦାପି ବୁଡ଼ିଯିବ ନାହିଁ ।’’*

*ଯଦି ମାଆ ଏହି ଦୁଇଜଣ ବ୍ୟକ୍ତିଙ୍କୁ ସଚ୍ଚୋଟ କରିଦେଇ ପାରନ୍ତେ (ସାମୟିକ ଭାବରେ ହେଲେ ମଧ୍ୟ ଚଳିବ, ଅନ୍ତତଃ ସେମାନେ ଏହି ପ୍ରସଙ୍ଗଟିକୁ ତୁଟାଇଦେବା ପର୍ଯ୍ୟନ୍ତ)...*

କିଂବଦନ୍ତୀ ଅଛି ଯେ ଯିଶୁଖ୍ରୀଷ୍ଟ ରୋଗୀମାନଙ୍କୁ ରୋଗମୁକ୍ତ କରିଦେଉଥିଲେ ଏବଂ ଏପରିକି ମୃତବ୍ୟକ୍ତିକୁ ଜୀବନ ମଧ୍ୟ ଦେଉଥିଲେ । ଦିନେ ଜଣେ ଜଡ଼ମତି ବ୍ୟକ୍ତିକୁ ତାଙ୍କ ପାଖକୁ ଲାଗି ଅଣାଗଲା ଜଡ଼ତାରୁ ତାକୁ ମୁକ୍ତି ଦେବାପାଇଁ । ମାତ୍ର ଯିଶୁ ଖସି ପଳାଇଲେ ଓ କହିଲେ ଯେ ଜଣେ ଜଡ଼ମତି ମୂର୍ଖ ଲୋକକୁ ବୁଦ୍ଧିମାନ୍ କରିବା ଆଦୌ ସମ୍ଭବ ନୁହେଁ ।

ଏବଂ, ଜଣେ ଅସାଧୁ ବ୍ୟକ୍ତିକୁ ସାଧୁ ବ୍ୟକ୍ତିରେ ପରିଣତ କରିବା ଆହୁରି ଅଧିକ ଅସମ୍ଭବ ଅଲୌକିକତା ହୋଇପାରେ ।

*୮ ନଭେମ୍ବର ୧୯୬୭*

*ଦିବ୍ୟ ପରମପ୍ରେମ ନା ମହାକାଳୀଙ୍କର ଶକ୍ତି, ଦୁଇଟି ମଧ୍ୟରୁ ରୂପାନ୍ତର ପାଇଁ କିଏ ଅଧିକ ସତ୍ୱର ଫଳ ଆଣି ଦେଇପାରିବ ?*

ଯେଉଁମାନେ ଏବେ ମଧ୍ୟ ଦିବ୍ୟ ପରମପ୍ରେମ ଆଡ଼କୁ ଉନ୍ମୋଚିତ ହୋଇ ନାହାନ୍ତି କେବଳ ସେହିମାନଙ୍କ ନିମନ୍ତେ କାଳୀଙ୍କ ଶକ୍ତିର ଆବଶ୍ୟକତା ରହିଛି । ଯିଏ ଦିବ୍ୟ ପରମପ୍ରେମ ଆଡ଼କୁ ଉନ୍ମୋଚିତ ରହିଛି, ତା’ପାଇଁ ଆଉ ଅଧିକ କିଛିର ପ୍ରୟୋଜନ ନାହିଁ ।

*୧୧ ନଭେମ୍ବର ୧୯୬୭*

*ଆପଣଙ୍କର କରୁଣାବଳରୁ ମୋ'ର ଶରୀର ବର୍ତ୍ତମାନ ତା' ଆଳସ୍ୟର କବଳରୁ ନିଜକୁ ମୁକ୍ତ କରି ଆଣିବାରେ ସହଯୋଗିତା କରୁଛି । ଏହି ଶରୀରର ମଧ୍ୟ ଏକ ସ୍ୱକୀୟ ଇଚ୍ଛା ଯେ ରହିଛି, ତାହା ମୋ' ଲାଗି ଏକ ନୂତନ ଅନୁଭୂତି ।*

ଦେହର ଧର୍ମ ବଦଳିଗଲେ ସେ ସହଯୋଗ କରିବାକୁ ମଧ୍ୟ ଶିଖିଯାଏ ।

*୨୯ ନଭେମ୍ବର ୧୯୬୭*

*ସୃଷ୍ଟିର ଅଭିବ୍ୟକ୍ତି-କ୍ରମରେ ଦେବତା ଓ ଅସୁର ମଧ୍ୟରୁ ଆଗ କିଏ ଆସିଥିଲା ?*

ସର୍ବପୁରାତନ ପରମ୍ପରାଟି ଅନୁସାରେ ମହାଶକ୍ତିଙ୍କର ପ୍ରଥମ ଚାରୋଟି ପ୍ରସର୍ଜନ,— ଚେତନା, ପ୍ରେମ, ସତ୍ୟ ଓ ପ୍ରାଣ,— ଆପଣାକୁ ସର୍ବୋଚ୍ଚ ପରମ ଉତ୍ସରୁ ଛିନ୍ନ କରି ଆଣିଥିଲେ (ଆପଣାକୁ ଅଲଗା କରିଆଣିଲେ) ଏବଂ ଅଚେତନା, ଦୁଃଖଭୋଗ, ମିଥ୍ୟା ଏବଂ ମୃତ୍ୟୁରେ ପରିଣତ ହେଲେ ।

ସେହି କ୍ଷତିଟିକୁ ସୁଧାରିଦେବା ଉଦ୍ଦେଶ୍ୟରେ ତା'ପରେ ଏକ ଦ୍ୱିତୀୟ ପ୍ରସର୍ଜନର ଉଦ୍ଭବ ହେଲା । ସେହିମାନେ ହେଉଛନ୍ତି ଦେବଗଣ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ହେଉଛି ବର୍ଣ୍ଣନା କରିବାର ଏକ ଶୈଳୀ, ଯାହାର କି ପ୍ରକୃତ ସତ୍ୟଟି ସହିତ ଏକ ଅନୁରୂପତା ରହିଛି । ପ୍ରକୃତ ସତ୍ୟକୁ ଶବ୍ଦ ଦେଇ ପ୍ରକାଶ କରିବା କଷ୍ଟକର ।

*୨ ଡିସେମ୍ବର ୧୯୬୭*

*ରୂପାନ୍ତର ଦାବିକରେ ଏକ ଅତ୍ୟୁଚ୍ଚ ମାତ୍ରାର ଅଭୀପ୍ସା, ସମର୍ପଣ ଓ ଗ୍ରହଣଶୀଳତା । ନୁହେଁ କି ?*

ରୂପାନ୍ତର ଦାବିକରେ ଏକ ସମଗ୍ର ତଥା ପୂର୍ଣ୍ଣାଙ୍ଗ ଆତ୍ମୋତ୍ସର୍ଗ । ମାତ୍ର ତାହାହିଁ ପ୍ରତ୍ୟେକ ନିଷ୍ଠାପର ସାଧକର ଅଭୀପ୍ସା ନୁହେଁ କି ?

**ସମଗ୍ରର** ଅର୍ଥ ହେଉଛି ସ୍ଥୂଳତମଠାରୁ ଆରମ୍ଭ କରି ସୂକ୍ଷ୍ମତମ ପର୍ଯ୍ୟନ୍ତ ସତ୍ତାର ସକଳ ସ୍ଥିତିରେ ଅନୁଲମ୍ବ ଭାବରେ ଏକ ଗତିଶୀଳତା ।

**ପୂର୍ଣ୍ଣାଙ୍ଗର** ଅର୍ଥ ହେଉଛି ବାହ୍ୟ ସତ୍ତା (ଶରୀର, ପ୍ରାଣ ଓ ମନ)ଟିକୁ ଗଠନ କରିଥିବା ଯାବତୀୟ ଭିନ୍ନ ଭିନ୍ନ ଓ ଏପରିକି ପରସ୍ପର-ବିରୋଧୀ ସକଳ ଅଂଶଗୁଡ଼ିକରେ ଅନୁପ୍ରସ୍ଥ ଗତିଶୀଳତା ।

*୪ ଡିସେମ୍ବର ୧୯୬୭*

*ପରମା ଜନନୀ ଫୁଲମାନଙ୍କରେ ଯେଉଁ ସୁଗନ୍ଧ ଭରି ରଖିଛନ୍ତି, ତା ଅନେକ ସମୟରେ ଅସାଧାରଣ ବୋଧ ହୋଇଥାଏ ।*

ଫୁଲମାନେ ଅତ୍ୟନ୍ତ ଗ୍ରହଣଶୀଳ ଏବଂ ସେମାନଙ୍କୁ କାହାର ପ୍ରୀତି ମିଳିଲେ ସେମାନେ ସୁଖୀ ହୁଅନ୍ତି ।

*୧୫ ଡିସେମ୍ବର ୧୯୬୭*

*ମୁଁ ଏ ଜୀବନରେ ଓ ପୂର୍ବତନ ଜୀବନଗୁଡ଼ିକରେ ଦିବ୍ୟ ପରମସତ୍ତାଙ୍କୁ ବହୁକାଳ ଧରି ଭୁଲିକରି ରହିଛି । ମାତ୍ର ଏହି ଯାବତୀୟ ହୃତ ସମୟର କ୍ଷତିପୂରଣ କରିଦେବା ନିମନ୍ତେ ଆପଣଙ୍କ କରୁଣାର ଗୋଟିଏ ବିନ୍ଦୁ ମଧ୍ୟ ଅବଶ୍ୟ ସମର୍ଥ ହେବ ।*

ଅତୀତ ଯାହା ହୋଇଥାଉ ପଛକେ, ଦିବ୍ୟ ପରମସତ୍ତାଙ୍କ ସହିତ ସଂସ୍ପର୍ଶଲାଭ କରିବା ନିମନ୍ତେ ସମୟ ନୁହେଁ, ଅଭୀପ୍ସାର ନିଷ୍ଠାହିଁ ଆବଶ୍ୟକ ।

*୧୯ ଡିସେମ୍ବର ୧୯୬୭*

*ପ୍ରାୟ ସମସ୍ତ ପୁରୁଣା ସନ୍ଥକଥାରେ ଯେଉଁ ଅଶ୍ରୁପାତ ଏବଂ ହୃଦୟବେଦନାର ଉଲ୍ଲେଖ ରହିଛି, ତାହା ବ୍ୟତୀତ ଦିବ୍ୟ ପରମସତ୍ତାଙ୍କ ଲାଗି ଜଣେ ବ୍ୟକ୍ତିର ଅଭୀପ୍ସା କ'ଣ ଆବଶ୍ୟକ ପ୍ରଗାଢ଼ତା ଏବଂ ଆନ୍ତରିକତା ହାସଲ କରି ପାରିବ ?*

ଅଶ୍ରୁପାତ ଏବଂ ହୃଦୟ ବେଦନା ଏକ ଦୁର୍ବଳ ତଥା କ୍ଷୁଦ୍ର ପ୍ରକୃତିର ଉପସ୍ଥିତିକୁ ସୂଚାଇ ଦେଇଥାଏ, ଯାହାକି ଦିବ୍ୟ ପରମସତ୍ତାଙ୍କୁ ତାଙ୍କର ସମୁଦାୟ ଶକ୍ତି ଓ ମହିମାରେ ଗ୍ରହଣ କରି ପାରିବା ଲାଗି ତଥାପି ଅସମର୍ଥ ଥାଏ । ଏଗୁଡ଼ିକ ଯେ କେବଳ ଅନାବଶ୍ୟକ ତା' ନୁହେଁ, ସେଗୁଡ଼ିକର ଆଦୌ କୌଣସି ଉପଯୋଗିତା ମଧ୍ୟ ନ ଥାଏ, ଏବଂ ଉପଲବ୍ଧି ଲାଗି ସେମାନେ ଏକ ପ୍ରତିବନ୍ଧକ ହୋଇ ରହିଥାନ୍ତି ।

*୨୩ ଡିସେମ୍ବର ୧୯୬୭*

*ଆପଣ ଆପଣଙ୍କର ଶବ୍ଦଗୁଡ଼ିକରେ ଏପରି କ'ଣ ଭରି ଦେଇଥାନ୍ତି, ଯାହାକି ଆମକୁ ଏପରି ଏକ ସତ୍ୟ ସହିତ ପରିଚିତ କରାଇଦିଏ, ଯାହାକୁ କି ଶବ୍ଦ ଦ୍ୱାରା କଦାପି ବ୍ୟକ୍ତ କରିହୁଏ ନାହିଁ । ଆପଣଙ୍କର ଶବ୍ଦଗୁଡ଼ିକ ସହିତ ରହିଥିବା ସେହି ଅନ୍ୟ ବସ୍ତୁଟି କ'ଣ ?*

ଚେତନା ।

*୨୭ ଡିସେମ୍ବର ୧୯୬୭*

*ମୁଁ ଅନୁମାନ କରୁଛି, ଆପଣଙ୍କୁ ସର୍ବଦା, ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କୁ କେହି ନା କେହି ଡାକୁଛି ଓ ଆପଣ ଉତ୍ତର ଦେଉଛନ୍ତି । ଏହା ଆପଣଙ୍କର ନିଦ୍ରା ଏବଂ ଆପଣଙ୍କର ବିଶ୍ରାମରେ ବ୍ୟାଘାତ ସୃଷ୍ଟି କରେ ନାହିଁ କି ?*

ଦିନ ରାତି ଶହ ଶହ ଡାକରା ଆସୁଛି,— ମାତ୍ର ସେହି ମହାଚେତନା ନିରନ୍ତର ଜାଗ୍ରତ ରହିଛି ଏବଂ ଉତ୍ତର ଦେଉଛି ।

କେବଳ ଭୌତିକ ଭୂମିରେହିଁ ଜଣେ କାଳ ଓ ଦେଶ ଦ୍ୱାରା ସୀମିତ ହୋଇ ରହିଥାଏ ।

*୩ ଜାନୁଆରି ୧୯୬୮*

*ଏଭଳି କିଭଳି ହୁଏ ଯେ, ଜଣେ ଯେତିକି ଅଧିକ ଧନ (ଜଡ଼ସ୍ତରର ଧନ) ଅର୍ଜନ କରୁଥାଏ, ସେ ସେତିକି ଅଧିକ ଅସାଧୁ ହେବାରେ ଲାଗିଥାଏ ?*

ଏହାର କାରଣ ହେଉଛି ଯେ ଭୌତିକ ଧନସମ୍ପତ୍ତି ପ୍ରତିକୂଳ ଶକ୍ତିଗୁଡ଼ିକର ନିୟନ୍ତ୍ରଣରେ ରହିଛି ଆହୁରି ମଧ, ଯେହେତୁ ସେମାନେ ଏବେବି ଦିବ୍ୟପରମଙ୍କ ପ୍ରଭାବରେ ନିଜକୁ ବଦଳାଇ ନାହାନ୍ତି ଯଦିଓ କାର୍ଯ୍ୟଟି ଆରମ୍ଭ ହୋଇଯାଇଛି ।

ସେହି ବିଜୟଟି ପରମସତ୍ୟର ବିଜୟର ଏକ ଅଂଶ ହୋଇ ରହିବ ।

ଧନସମ୍ପତ୍ତି ଆଦୌ ବ୍ୟକ୍ତିଗତ ଅଧିକାରରେ ରହିବା ଉଚିତ ନୁହେଁ ଏବଂ ସର୍ବଜନର କଲ୍ୟାଣ ନିମନ୍ତେ ତାହା ଦିବ୍ୟ ପରମ ସତ୍ତାଙ୍କର ଅଧୀନ ହୋଇ ରହିଥିବା ଆବଶ୍ୟକ ।

*୪ ଜାନୁଆରି ୧୯୬୮*

*ଧନସମ୍ପତ୍ତି ବ୍ୟକ୍ତିଗତ ଅଧିକାରରେ ରହିବା ଉଚିତ ନୁହେଁ ବୋଲି ଯେତେବେଳେ ମାଆ କହୁଛନ୍ତି, ମୁଁ ସେତେବେଳେ ତଦ୍ୱାରା ଏହିପରି ବୁଝୁଛି ଯେ, ଧନସମ୍ପତ୍ତି ବିଷୟରେ ରହିଥିବା ଆଇନରେ କୌଣସି ପରିବର୍ତ୍ତନ ହେବା ଅପେକ୍ଷା, ଅଧିକତର ଭାବରେ, ଯେଉଁମାନଙ୍କ ପାଖରେ ଟଙ୍କା ଅଛି, ସେମାନଙ୍କ ମାନସିକ ଦୃଷ୍ଟିକୋଣରେ ଏକ ପରିବର୍ତ୍ତନ ଆସିବା ଉଚିତ ।*

ସେଥିରେ କୌଣସି ସନ୍ଦେହ ନାହିଁ ।

କେବଳ ମାନସିକ ଦୃଷ୍ଟିକୋଣରେ ପରିବର୍ତ୍ତନହିଁ ଏକ ସମାଧାନ ଦେଇ ପାରିବ ।

*୬ ଜାନୁଆରି ୧୯୬୮*

*ଆପଣାର ପଇସାକୁ ଦିବ୍ୟ ପରମସତ୍ତାଙ୍କ ହାତରେ ନେଇ ରଖିପାରିବାକୁ ଆଶ୍ରମର ଶିଷ୍ୟମାନଙ୍କ ଲାଗି ଏକ ନିଶ୍ଚିତ ଓ ସହଜ ବାଟ ରହିଛି : ସେମାନେ ତାହାକୁ ମାଆଙ୍କୁ ଅର୍ପଣ କରିଦିଅନ୍ତି ।*

*ମାତ୍ର ଅନ୍ୟମାନେ ଏହି କ୍ଷେତ୍ରରେ କିପରି କ'ଣ କରିବେ ? କ'ଣ ଏପରି କୁହାଯାଇ ପାରିବ ଯେ, ପ୍ରତ୍ୟେକ ବ୍ୟକ୍ତି ଆପଣାକୁ ସମ୍ପତ୍ତିବୋଧରୁ ମୁକ୍ତ କରି ରଖିବେ ଏବଂ ଅନ୍ତରସ୍ଥ ଦିବ୍ୟ ନିର୍ଦ୍ଦେଶନା ଅନୁସାରେ ନିଜର ପଇସାକୁ ଖର୍ଚ୍ଚ କରୁଥିବେ ?*

ଅର୍ଥ ହେଉଛି ଏକ ନୈର୍ବ୍ୟକ୍ତିକ ଶକ୍ତି ଏବଂ ପୃଥିବୀର ଅଗ୍ରଗତି ଲାଗିହିଁ ତାହା ବ୍ୟୟିତ ହେବା ଉଚିତ ବୋଲି ଏକ ଅନୁରୂପ ଜ୍ଞାନକୁ ଗ୍ରହଣ କରିବା ଲାଗି ଯଦି ଜଣେ ବ୍ୟକ୍ତି ଏହି ମାର୍ଗରେ ଯଥେଷ୍ଟ ପରିମାଣରେ ଅଗ୍ରସର ହୋଇ ଯାଇଥିବ, ତେବେ ମୁଁ ଭାବୁଛି ଯେ, ନିଜ ଅର୍ଥକୁ କିପରି ସର୍ବୋତ୍ତମ ଭାବରେ ବ୍ୟବହାର କରାଯାଇ ପାରିବ, ସେହି ଜ୍ଞାନଟିକୁ ନିଜ ଅନ୍ତର ଭିତରେ ଗ୍ରହଣ କରି ପାରିବା ଲାଗି ତାଙ୍କର ନିଶ୍ଚୟ ଯଥେଷ୍ଟ ବିକାଶ ମଧ୍ୟ ହୋଇ ଯାଇଥିବ ।

*୮ ଜାନୁଆରି ୧୯୬୮*

*ପଅରିଦିନ ଆପଣଙ୍କ ନିମନ୍ତେ ମୋ' ଫୁଲଦାନିଟିକୁ ସଜାଇବା ସମୟରେ ମୁଁ ଗୋଟିଏ ଫୁଲକୁ କହିଲି, ''ତୁ ଦିବ୍ୟଜନନୀଙ୍କ ପାଖକୁ ଯାଉଛୁ !'' ଏବଂ ମୋ' କଥା ଶୁଣି ସେ ମଧ୍ୟ ଈଷତ୍ ହସିଦେଲା । କାଲି ଓ ଆଜି ମଧ୍ୟ ସେହି ଗୋଟିଏ କଥା ଘଟିଛି ।*

ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । କ'ଣ ଗୋଲାପଟିଏ ନା ମନ୍ଦାରଫୁଲଟିଏ ?

*୨୭ ଜାନୁଆରି ୧୯୬୮*

*ଗୋଟିଏ ମନ୍ଦାରଫୁଲ ମୋତେ ଏହି ଅଭିଜ୍ଞତାଟି ଦେଇଥିଲା ।*

ହଁ, ଏଇଟି ଏକ ଅତ୍ୟନ୍ତ ସଚେତନ ଫୁଲ – ମୋ' ପାଖରେ ଏହାର ବହୁତ ପ୍ରମାଣ ଅଛି ।

*୨୭ ଜାନୁଆରି ୧୯୬୮*

*ଦିବ୍ୟ ପରମସତ୍ତାଙ୍କର ଅନୁକ୍ଷଣ ସ୍ମରଣକୁ ସମ୍ମିଳନର ପ୍ରଥମାରମ୍ଭ ବୋଲି କୁହାଯିବ କି ?*

ଅନୁକ୍ଷଣ ସ୍ମରଣର ଆହୁରି ପୂର୍ବରୁ ମଧ୍ୟ ମିଳନର ପ୍ରକ୍ରିୟାଟି ଆରମ୍ଭ ହୋଇଯାଏ । ଯେତେବେଳେ ସ୍ମରଣରେ ସାତତ୍ୟ ଆସେ, ଆମେ ସେହି ସ୍ମରଣ ଉପରେ ଆପଣାକୁ ଅନୁଭବ କରାଉଥିବା ଏକ ଉପସ୍ଥିତିକୁ ମଧ୍ୟ ଅନେକ ସମୟରେ ଅନୁଭବ କରିଥାଉ ।

*୨୯ ଜାନୁଆରି ୧୯୬୮*

*''ବିଶ୍ୱାତୀତା ଜନନୀ''ଙ୍କ ସମ୍ବନ୍ଧରେ (ଏବଂ 'ରୂପାନ୍ତର' ପୁଷ୍ପର ଉପର ପାଖୁଡ଼ାଟି ସମ୍ବନ୍ଧରେ) କହିବା ସମୟରେ ଆପଣ କହିଲେ, ''ବିଶ୍ୱାତୀତ ଯୁଗପତ୍ ଭାବରେ ଗୋଟିଏ ଏବଂ ଦୁଇଟି'' (ବା ଦ୍ୱୈତ) । ଏହାର ଅର୍ଥ କ'ଣ ?*

ସୃଷ୍ଟିକୁ ଅତିକ୍ରମକରି ପରିପୂର୍ଣ୍ଣ ପରମ ଏକ ବିଦ୍ୟମାନ । ମାତ୍ର, ତା' ଭିତରେ ଏକ ଦ୍ୱୈତତା ମଧ୍ୟ ପ୍ରଚ୍ଛନ୍ନ ହୋଇ ରହିଛି, କାରଣ ସୃଷ୍ଟିର ପ୍ରୟୋଜନ ହେତୁ ତନ୍ମଧ୍ୟରୁ ମହାଶକ୍ତିଙ୍କର ଉଦ୍ଭବ ମଧ୍ୟ ଘଟିବ ।

*୫ ଫେବ୍ରୁଆରି ୧୯୬୮*

*ଗତ ସୋମବାର ଦିନ ଆପଣ ମୋତେ ବିଶ୍ୱାତୀତଙ୍କ ବିଷୟରେ କହିଥିଲେ ଯେକି ଯୁଗପତ୍ ଏକ ଓ ଦ୍ୱୟ । ଏଥିରେ କୌଣସି ସଂଶୟ ନାହିଁ ଯେ ଏହି ଜ୍ଞାନଟିକୁ ଗ୍ରହଣ କରି ପାରିବା ଲାଗି ମୋତେ ଯଥାର୍ଥ ଚେତନା ଲାଗି ଅପେକ୍ଷା କରିବାକୁ ପଡ଼ିବ । ମାତ୍ର, ଆପଣ ଯାହା କହିଥିଲେ, ମୁଁ କାଲି ତାହାକୁ ଲେଖି ରଖିବାକୁ ଚେଷ୍ଟା କଲି :*

*''ମନ ଗୋଟିଏ ପରେ ଗୋଟିଏ ଅନୁକ୍ରମରେ ବସ୍ତୁଗୁଡ଼ିକ ବିଷୟରେ ଭାବିଥାଏ । ମାତ୍ର ତାହାର ଅତୀତ ହୋଇ ଓ ତାହାର ଊର୍ଦ୍ଧ୍ୱରେ ଯୁଗପତ୍ ଭାବରେ ସକଳ ବସ୍ତୁ ବିଦ୍ୟମାନ ରହିଥାଏ । ପରମ ଅଦ୍ୱିତୀୟ ଉଭୟ ଏକ ଏବଂ ଦ୍ୱୟ*

*ହୋଇ ରହିଥାନ୍ତି; ବ୍ୟକ୍ତ ଏବଂ ଅବ୍ୟକ୍ତ ହୋଇ ରହିଥାନ୍ତି । ସବୁକିଛି ଯୁଗପତ୍ ବିରାଜିତ ରହିଥାଏ । ଯେତେବେଳେ ସେହି ପରମ ଏକ ସୃଷ୍ଟିରୂପେ ବସ୍ତୁର ଆକାର ଧାରଣ କରେ, ବ୍ୟକ୍ତ ହୋଇଆସେ, ସେତେବେଳେ ଏକ ଅନୁକ୍ରମର ଉଦ୍ଭବ ହୁଏ : ଏକ, ଦୁଇ ଏହିପରି ... ମାତ୍ର ଏହା ହେଉଛି କହିବାର କେବଳ ଏକ ଶୈଳୀ । ବସ୍ତୁତଃ କୌଣସି ଅନୁକ୍ରମ ନ ଥାଏ, କୌଣସି ଆରମ୍ଭ ନ ଥାଏ । ସେହି ସର୍ବାତୀତ ପରମ ଏକତ୍ୱର ସ୍ଥିତି ମଧ୍ୟରେ ପ୍ରତ୍ୟେକ ବସ୍ତୁ ଯୁଗପତ୍ ଭାବରେ ରହିଥାଏ, ଏକାବେଳେକେ ରହିଥାଏ । ଏହି କଥାଟିକୁ ବୁଝିହେବ ନାହିଁ, ମାତ୍ର ଅନୁଭବ କରିହେବ; ଜଣେ ଏହାର ଅନୁଭୂତି ଲାଭ କରି ପାରିବ ।''*

*ଦୟାକରି ବାକ୍ୟଗୁଡ଼ିକୁ ସଂଶୋଧନ କରିଦେବେ ।*

ସବୁ ଠିକ୍ ଅଛି ।

*୯ ଫେବ୍ରୁଆରି ୧୯୬୮*

*ଏକ ପ୍ରସର୍ଜନ ଓ ଏକ ସଂରଚନ ମଧ୍ୟରେ ପାର୍ଥକ୍ୟ କ'ଣ ?*

ସ୍ଥୂଳ ପୃଥିବୀ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ଏହି ଶବ୍ଦଗୁଡ଼ିକ ସେଥିରେ ପ୍ରଯୁଜ୍ୟ ହୋଇ ପାରିବେ ନାହିଁ ।

ବ୍ୟାଖ୍ୟାଟି ମଧ୍ୟ କେବଳ ଏକ ପ୍ରାୟାନୁବୋଧହିଁ ହୋଇ ରହିବ । ତଥାପି, ଜଣେ କହିପାରିବ ଯେ, ଏକ ପ୍ରସର୍ଜନ ତା'ର ପ୍ରସର୍ଜନକାରୀର ସେହି ମୂଳ ବସ୍ତୁରେହିଁ ତିଆରି ହୋଇଥାଏ, ମାତ୍ର ଏକ ସଂରଚନ ଏପରି ଏକ ବସ୍ତୁ ଦ୍ୱାରା ତିଆରି ହୋଇଥାଏ, ଯାହାକି ସଂରଚନକାରୀର ବାହାରେ ରହିଥାଏ ।

ଏକ ତୁଳନା ଦେବାକୁ ହେଲେ, ଆମେ କହିପାରିବା ଯେ ପ୍ରସର୍ଜନ ହେଉଛି ଗୋଟିଏ ପିଲା ପରି, ଯିଏକି ତା'ର ମାଆର ଉପାଦାନଟି ଦ୍ୱାରା ତିଆରି ହୋଇଥାଏ ଏବଂ ସଂରଚନ ହେଉଛି ଗୋଟିଏ ଜୀବନ୍ତ ମୂର୍ତ୍ତି ପରି, ଯାହାକି ମୂର୍ତ୍ତିନିର୍ମାଣକାରୀର ବାହାରେ ଥିବା କୌଣସି ଉପାଦାନରୁ ତିଆରି ହୋଇଥାଏ ।

ମାତ୍ର ସ୍ପଷ୍ଟତଃ ଏହା ହେଉଛି ଏକ ପ୍ରାୟାନୁବୋଧୀ ବ୍ୟାଖ୍ୟା ।

*୧୧ ମାର୍ଚ୍ଚ ୧୯୬୮*

*ମାର୍ଗଟି ଦୀର୍ଘ, ଅତି ଦୀର୍ଘ, ପ୍ରାୟ ଅଶେଷ ।*

ଏହା ସତ୍ୟ ଯେ ମାର୍ଗଟି ଅତି ଦୀର୍ଘ, ମାତ୍ର ଯିଏ **ଆନ୍ତରିକତା** ସହିତ ଏହି ମାର୍ଗରେ ଅଗ୍ରସର ହୁଏ, ତା'ଲାଗି ଏହା **ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ,** ଏବଂ ଏହାର ପ୍ରତ୍ୟେକ ପଦରେହିଁ ଏହି ମାର୍ଗରେ ଚାଲୁଥିବା ଜନିତ କଷ୍ଟର ପୁରସ୍କାର ମଧ୍ୟ ମିଳି ଯାଇଥାଏ ।

*୧୬ ମାର୍ଚ୍ଚ ୧୯୬୮*

*ମୋତେ ଲାଗୁଛି ଅରୋଭିଲ୍‌ର ମାଟିର ମଧ୍ୟ ଏକ ଅଭୀପ୍ସା ରହିଛି । ସ୍ନେହମୟି ମାଆ, ଏକଥା କ'ଣ ସତ ?*

ହଁ, ସ୍ୱୟଂ ଭୂମିଟିର ଏକ ଚେତନା ରହିଛି । ଅବଶ୍ୟ ଏହା ସତ ଯେ, ସେହି ଚେତନାକୁ ବୁଦ୍ଧିସ୍ତରକୁ ଆଣିହେବ ନାହିଁ ଓ ସେହିଭଳି ଭାବରେ ବ୍ୟକ୍ତ କରାଯାଇ ପାରିବ ନାହିଁ ।

*୨୧ ମାର୍ଚ୍ଚ ୧୯୬୮*

*ମାନବିକ ବିଧାନ ଏବଂ ପରମ ସତ୍ୟ ମଧ୍ୟରେ ମୂଳତଃ ଯେଉଁ ଅସାମଞ୍ଜସ୍ୟ ରହିଛି, ଆଜି ମୋତେ ଆପଣ ତାହା ଦେଖାଇ ଦେଇଛନ୍ତି । ମାତ୍ର ମୁଁ ଅଧିକାଂଶ ସମୟରେ ଏହି ସମସ୍ୟାଟିର ସମ୍ମୁଖୀନ ହୋଇଥାଏ ।*

ରାଜନୀତି ଓ ତଥାକଥିତ ନ୍ୟାୟ ମନୁଷ୍ୟଜୀବନର ସ୍ତରରେ ଏପରି ଗୋଟିଏ ଗୋଟିଏ ବସ୍ତୁ, ଯେଉଁଗୁଡ଼ିକ କି ପରମସତ୍ୟ ଲାଗି ସବୁଠାରୁ ଅଧିକ ପରିମାଣରେ ଅବରୁଦ୍ଧ ହୋଇ ରହିଛନ୍ତି । ମାତ୍ର ସେମାନଙ୍କ ଲାଗି ମଧ୍ୟ ବଦଳିଯିବାର ହେବାର ପାଳି ଆସି ପହଞ୍ଚିବ; ସମ୍ଭବତଃ ଆମେ ଯେଉଁଭଳି ଭାବୁଛୁ, ତାହାଠାରୁ ଅଧିକ ଶୀଘ୍ର ଆସି ପହଞ୍ଚିଯିବ ।

*୨୮ ମାର୍ଚ୍ଚ ୧୯୬୮*

*ଯାବତୀୟ ବରବାଦ କେବଳ ଚେତନାର ବରବାଦକୁହିଁ ପ୍ରତିଫଳିତ କରିଥାଏ ବୋଲି କହି ହେବ କି ?*

ଯେକୌଣସି ପ୍ରକାରର ବରବାଦ, ତାହା ହେଉଛି ଅଚେତନାରହିଁ ପରିଣାମ ।

ଆପଣାର ଶୁଦ୍ଧସ୍ଥିତିରେ ଚେତନା ପୂର୍ଣ୍ଣ ଏବଂ ଭ୍ରମାତୀତ ହୋଇ ରହିଥାଏ ।

*୨ ଏପ୍ରିଲ୍ ୧୯୬୮*

*ଉପନିଷଦରେ କୁହାଯାଇଛି ଯେ, ନିଦ୍ରାସମୟରେ ଜଣେ ବ୍ୟକ୍ତି ଶୁଦ୍ଧ ଯଥାର୍ଥସତ୍ତାରେ ଉପନୀତ ହୋଇଥାଏ । ଏହା କେବଳ ଯୋଗୀ ଲାଗି ସତ୍ୟ ନା ପ୍ରତ୍ୟେକ ମଣିଷଙ୍କ ଲାଗି ?*

ତତ୍ତ୍ୱତଃ, ଏହା ସମସ୍ତଙ୍କ ଲାଗି ପ୍ରଯୁଜ୍ୟ । ମାତ୍ର ଅଧିକାଂଶ ମନୁଷ୍ୟସତ୍ତା ଅଚେତନା ମଧ୍ୟରେହିଁ ସଂପତିତ ହୋଇ ରହିଥାନ୍ତି ଏବଂ ଯଦି ଶୁଦ୍ଧ ସତ୍ତା ସହିତ କୌଣସି ସଂସ୍ପର୍ଶ ଘଟେ, ତେବେ ତାହା ବେଶ୍ ଅଚେତନ ହୋଇ ରହିଥାଏ । ଅତି କମ୍ ସଂଖ୍ୟକ ମନୁଷ୍ୟ ଏହି ସମ୍ବନ୍ଧଟି ବିଷୟରେ ସଚେତନ ଥାଆନ୍ତି । ସାଧାରଣ ଏହି ସାମର୍ଥ୍ୟଟି ଯୋଗ ଦ୍ୱାରା ଉପଲବ୍ଧ ହୋଇଥାଏ ।

*୮ ଏପ୍ରିଲ୍ ୧୯୬୮*

(ନିଦ୍ରିତାବସ୍ଥାରେ ଅଚେତନା ବିଷୟରେ)

ନିଦ୍ରିତାବସ୍ଥାରେ ଅଚେତନ ସତ୍ତାଗୁଡ଼ିକ ସଚେତନ ଭାବରେ ସକ୍ରିୟ ହୋଇ ଯାଆନ୍ତି । ଜଣେ ଯେତେବେଳେ ନିଦରୁ ଉଠେ, ସେତେବେଳେ ଜାଗ୍ରତ ସତ୍ତା ରାତ୍ରିର ସକ୍ରିୟତାଗୁଡ଼ିକ ବିଷୟରେ ଆଦୌ **ସଚେତନ ନ ଥାଏ ।**

*୧୬ ଏପ୍ରିଲ୍ ୧୯୬୮*

*କାଲି ପାଇଁ ବଛା ଯାଇଥିବା ଉଦ୍ଧୃତିଟିରେ* ଶ୍ରୀଅରବିନ୍ଦ "ଆମ ଉପରେ ଅବତରଣ କରିବାକୁ ବାଟ ଖୋଜୁଥିବା ପରମସତ୍ୟ" ବିଷୟରେ କହିଛନ୍ତି ଏବଂ ସେହି ସତ୍ୟ "ଆମ ଭିତରେ ରହିଛି" ବୋଲି କହିଛନ୍ତି । ଏହି ବିରୋଧାଭାସଟିକୁ ଆପଣ ମୋତେ ବୁଝାଇ ଦିଅନ୍ତୁ । ମୁଁ ବେଶ୍ ଅନୁଭବ କରିପାରୁଛି, ଏହା କେବଳ ଏକ ଆପାତ ବିରୋଧାଭାସ ।*

ଏହା ଆଦୌ ଏକ ବିରୋଧାଭାସ ନୁହେଁ ।

---

* "ବସ୍ତୁଗୁଡ଼ିକର ଆଧ୍ୟାତ୍ମିକ ଶୃଙ୍ଖଳାର ଭୂମିରେ ଆମେ ନିଜର ଦୃଷ୍ଟି ଏବଂ ଅଭୀପ୍ସାକୁ ଯେତିକି ଅଧିକ ଉଚ୍ଚକୁ ଉନ୍ନତ କରିଦେଇ ପାରିବା, ଯେଉଁ ପରମସତ୍ୟ ଆମ ଉପରେ ଅବତରଣ କରିବାକୁ ବାଟ ଖୋଜୁଛି, ତାହା ସେତିକି ଅଧିକ ବିସ୍ତୃତ ହେବ, କାରଣ ତାହା ପୂର୍ବରୁହିଁ ଆମ ଭିତରେ ରହିଛି ଏବଂ ବ୍ୟକ୍ତିପ୍ରକୃତି ମଧ୍ୟରେ ତାହାକୁ ଘୋଡ଼ାଇ ରଖିଥିବା ଢାଙ୍କୁଣୀ ଭିତରୁ ମୁକ୍ତି ଲାଭ କରିବା ନିମନ୍ତେ ଡାକ ଦେବାରେ ଲାଗିଛି ।" — ଶ୍ରୀଅରବିନ୍ଦ

ଯେଉଁ ପରମ ଦିବ୍ୟସତ୍ତା ଆମ ଭିତରେ ବିଦ୍ୟମାନ ଅଛନ୍ତି ଓ ଯୁଗପତ୍ ଭାବରେ ସୃଷ୍ଟିର ଅତୀତ ହୋଇ ରହିଛନ୍ତି, ଦୁହେଁ ପ୍ରକୃତରେ ସେହି ଏକ ଏବଂ ଅଭିନ୍ନ ବସ୍ତୁ । ସେହି ଦିବ୍ୟସତ୍ତାଙ୍କ ଆଡ଼କୁହିଁ ସମଗ୍ର ସୃଷ୍ଟି ଗତି କରିବାରେ ଲାଗିଛି ମାତ୍ର, ଯଦି ତାହାକୁ ସେ ନିଜ ଭିତରେ ବହନ କରି ରହି ନ ଥାନ୍ତା, ତେବେ କଦାପି ସେଠାରେ ଯାଇ ଉପନୀତ ହୋଇ ପାରନ୍ତା ନାହିଁ ।

ବୁଝିବାକୁ ସମର୍ଥ ହେବା ପାଇଁ ଆମକୁ ଦେଶ ଓ ଜଡ଼ର ଯାବତୀୟ ଧାରଣାର ସେପାଖକୁ ଯିବାକୁ ପଡ଼ିବ ।

*୨୩ ଏପ୍ରିଲ୍ ୧୯୬୮*

*ଗତ ତିନିସପ୍ତାହ ହେଲା ମୋତେ ଆଚ୍ଛନ୍ନ କରି ରଖିଥିବା ନାନା ବନ୍ଧନ ଏବଂ ଆସକ୍ତିର ରାତ୍ରି ବିଷୟରେ ମୁଁ ଆଜି ସକାଳେ ଆପଣଙ୍କ ପାଖକୁ ଲେଖିବା ସକାଶେ ଭାବିଲି; ସେତେବେଳେ ମୁଁ ଅନୁଭବ କଲି ଯେ, ଏହିସବୁ ବସ୍ତୁ ପ୍ରକୃତରେ ଦୀର୍ଘକାଳ ଧରି ସେଠାରେ ରହିଛନ୍ତି ଓ ଆପଣଙ୍କର କରୁଣାହିଁ ଏବେ ସେଗୁଡ଼ିକୁ ମୋ'ର ଦୃଷ୍ଟିଗୋଚର କରାଇଛି । ଯେପରିକି ମୁଁ ପରବର୍ତ୍ତୀ ପଦକ୍ଷେପଟିକୁ ଗ୍ରହଣ କରି ପାରିବି ।*

*ମାଆ, ରାତ୍ରିଟି ମୋ'ଲାଗି ଯଥେଷ୍ଟ ଦୀର୍ଘ ହୋଇ ସାରିଲାଣି । ମାତ୍ର, ମୁଁ ନିଜକୁ ଆପଣଙ୍କର ପଦପ୍ରାନ୍ତରେ ରଖି ପାରୁଥିବା ପର୍ଯ୍ୟନ୍ତ ସେଥିରେ ଆଦୌ କିଛି ଯାଏ ଆସେ ନାହିଁ ।*

ମୋର ଅନୁଭବ ଅନୁସାରେ, ଆଦୌ କିଛିହେଲେ ବିନଷ୍ଟ କିଂବା ବିଲୁପ୍ତ କରିଦେବାକୁ ଚେଷ୍ଟା କରିବା ଉଚିତ ନୁହେଁ । **ଯଥାର୍ଥ ଚେତନା** ନିର୍ମାଣ କରିବାରେ ଓ ତାହାକୁ ସୁଦୃଢ଼ କରି ରଖିବାରେହିଁ ନିଜର ସମସ୍ତ ପ୍ରୟାସକୁ ସଂକେନ୍ଦ୍ରିତ କରି ରଖିବା ଉଚିତ ଏବଂ ତାହାହିଁ ସୁଚାଳିତ ଭାବରେ ସତ୍ତାକୁ ଏକତ୍ୱବଦ୍ଧ କରି ଆଣିବାର କାର୍ଯ୍ୟଟିକୁ ନିଶ୍ଚୟ କରିବ ।

ଏହିପରି ଭାବରେ, ଯେଉଁସବୁ ବସ୍ତୁର ରୂପାନ୍ତର ହେବା ଉଚିତ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ଓ ଆଦୌ କୌଣସି ସଂଘାତ ଓ କ୍ଷତି ନ ଘଟାଇ ସେଗୁଡ଼ିକର ରୂପାନ୍ତର ହୋଇଯିବ ।

*୧୩ ମଇ ୧୯୬୮*

*ଯେଉଁଦିନ ସମଗ୍ର ସତ୍ତା ''ମୁଁ ଆପଣଙ୍କର – କେବଳ ଆପଣଙ୍କର'' ବୋଲି କହିବାକୁ ସମର୍ଥ ହେବ, ସେହି ଦିନଟିର ଆଗମନକୁ କିପରି ତ୍ୱରାନ୍ୱିତ କରିଦେଇ ହେବ ?*

ଏଥିଲାଗି ଦୁଇଟି ଅଭ୍ୟାସ ଆବଶ୍ୟକ, ବାସ୍ତବ କ୍ଷେତ୍ରରେ ଉଭୟେ ଗୋଟିଏ ଅଭ୍ୟାସରେ ପରିଣତ ହୋଇଯିବେ ।

୧) ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛ, ସେହି ଲକ୍ଷ୍ୟକୁ **କଦାପି ଭୁଲି ଯିବ ନାହିଁ ।**

୨) ନିଜ ସତ୍ତାର କୌଣସି ଅଂଶକୁ ବା ତାହାର କୌଣସି କ୍ରିୟାକୁ ନିଜ ଅଭୀପ୍ସାର ବିରୋଧ କରିବା ଲାଗି ଅନୁମତି ଦେବ ନାହିଁ ।

ଏଥିପାଇଁ ନିଜର ରାତ୍ରିଗୁଡ଼ିକ ବିଷୟରେ ସଚେତନ ହେବା ମଧ୍ୟ ଦରକାର ହେବ, କାରଣ ଅନେକ ସମୟରେ ରାତ୍ରିର କ୍ରିୟାଶୀଳତାଗୁଡ଼ିକ ଦିନର ଅଭୀପ୍ସାର ବିରୋଧାଚରଣ କରନ୍ତି ଓ ତାହାର କାର୍ଯ୍ୟକୁ ପଣ୍ଡ କରିଦିଅନ୍ତି ।

ସତର୍କତା, ଆନ୍ତରିକତା, ପ୍ରୟାସର ଅବିଚ୍ଛିନ୍ନତା ରହିଥିଲେ ପରମ କରୁଣାହିଁ ଅବଶିଷ୍ଟ ସବୁକିଛି କରିଦେବ ।

*୨୦ ମଇ ୧୯୬୮*

*ଚୈତ୍ୟ ଶିଖାର ଆଲୋକରେ ''ଉତ୍ତମ ଏବଂ ନିର୍ଦୋଷ କ୍ରିୟାଶୀଳତାଗୁଡ଼ିକ'' ମଧ୍ୟ ଭିନ୍ନ ରଙ୍ଗରେ ପରିଦୃଷ୍ଟ ହୁଅନ୍ତି ।*

ଭଲ ଓ ମନ୍ଦ ବିଷୟରେ ଧାରଣାଟିହିଁ ସମ୍ପୂର୍ଣ୍ଣରୂପେ ବଦଳିଯାଏ ।

ଅତ୍ୟନ୍ତ ସରଳ ଭାବରେ କୁହାଯାଇ ପାରିବ ଯେ, ଯାହାକିଛି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ବାଟ କାଢ଼ିନିଏ, ତାହା ହେଉଛି ଭଲ; ଏବଂ ଯାହାକିଛି ତାଙ୍କଠାରୁ ଦୂରକୁ ନେଇଯାଏ, ତାହା ଖରାପ ।

ଅନେକ ତଥାକଥିତ ଗୁଣ ଅଛନ୍ତି, ଯେଉଁଗୁଡ଼ିକ କି, ମନୁଷ୍ୟମାନେ ଯେତିକି ହୋଇ ରହିଛନ୍ତି, ସେମାନଙ୍କୁ ସେତିକିରେ ସନ୍ତୁଷ୍ଟ କରି ରଖନ୍ତି ଓ ଦିବ୍ୟ ପରମସତ୍ତାଙ୍କଠାରୁ ଦୂରକୁ ନେଇ ଯାଆନ୍ତି ।

*୨୨ ମଇ ୧୯୬୮*

*ଶ୍ରୀଅରବିନ୍ଦ 'ସାବିତ୍ରୀ'ରେ ଲେଖିଛନ୍ତି :*

*''ହଁ, ପରମେଶ୍ୱରଙ୍କ ସୂର୍ଯ୍ୟର ନିକଟବର୍ତ୍ତୀ ହୋଇ*
*ସୁଖମୟ ଅନେକ ମାର୍ଗ ରହିଛି ।*
*ମାତ୍ର ଅତି ଅଳ୍ପସଂଖ୍ୟକହିଁ ସେହି*

*ସୂର୍ଯ୍ୟାଲୋକିତ ପଥରେ ଚାଲିବାକୁ ଆସନ୍ତି;*
*କେବଳ ଶୁଦ୍ଧାତ୍ମାମାନେହିଁ ଆଲୋକରେ ଚାରଣା କରିପାରନ୍ତି !''**
*ଆବଶ୍ୟକ ଏହି ଶୁଦ୍ଧତାକୁ ଅର୍ଜନ କରିପାରିଲେ ତାହା କେଡ଼େ ଆନନ୍ଦର ବିଷୟ ହୁଅନ୍ତା !*

ନିଜର ଯାବତୀୟ ଦୁଃଖଭୋଗ ଭିତରେ ଘାଣ୍ଟି ହେଉଥିବା ମନୁଷ୍ୟମାନଙ୍କ ଭିତରେ ବାସ କରୁଥିବା ପର୍ଯ୍ୟନ୍ତ କେବଳ ଭଗବତ୍ କରୁଣାହିଁ ଏହି ସ୍ଥିତିଟିକୁ ପ୍ରଦାନ କରି ପାରିବ – ଏପରିକି ତପସ୍ୟା ଦ୍ୱାରା ଆପଣା ଅହଂର ବିଲୁପ୍ତିସାଧନ କରିଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ ଏହାହିଁ ହେବ ।

ଏହା ଯାବତୀୟ ବ୍ୟକ୍ତିପ୍ରୟାସର ଅତୀତ ହୋଇ ରହିଛି ।

*୨୭ ମଇ ୧୯୬୮*

*ଅହଂକୁ ଅତିକ୍ରମ କରି ଚାଲିଯିବାର ସବୁଠାରୁ ଅଧିକ ଫଳପ୍ରଦ ଉପାୟ କ'ଣ ?*

ସବୁଠାରୁ ଅଧିକ ସରଳ ଓ ଫଳପ୍ରଦ ଉପାୟ ହେଉଛି **ଅହଂକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ଆଣି ଅର୍ପଣ କରିଦେବା ।** ଏହି ଅର୍ପଣ ଯେତିକି ଅଧିକ ନିଷ୍ଠାଯୁକ୍ତ ଓ ମୂଳଭୂତ ଭାବରେ କରାଯାଇ ପାରିବ, ଫଳ ସେତିକି ଅଧିକ ତ୍ୱରାର ସହିତ ଉପଲବ୍ଧ ହେବ ।

*୨୮ ମଇ ୧୯୬୮*

*ଊର୍ଦ୍ଧ୍ୱାୟନ ହୋଇ ରହିବା ଏବଂ ଯଥାର୍ଥ ଚେତନାରେ ବାସ କରିବା,– ଏହି ଦୁଇଟିଯାକ ପରସ୍ପରର ଅନୁପୂରକ ପରି ବୋଧ ହେଉଛନ୍ତି ।*

ଏହା କ'ଣ ସେହି ଗୋଟିଏ କଥାକୁ ଦୁଇ ପ୍ରକାରେ କହୁଥିବା ପରି ହୋଇ ନାହିଁକି ? – ଏହା ହେଉଛି ନିଶ୍ଚିତ ଭାବରେ ସେହି ଗୋଟିଏ କଥାକୁ ଦୁଇପ୍ରକାରେ କରିବା ।

*୩ ଜୁନ୍ ୧୯୬୮*

*''ସାବଧାନ ହୁଅ, ଊର୍ଦ୍ଧ୍ୱକୁ ଦେଖ''– ଏହି ସତର୍କ ବାଣୀ ଦେବା ଲାଗି କାହାକୁ ପ୍ରହରୀରୂପେ ନିଯୁକ୍ତ କରି ରଖିବା ଉଚିତ ?*

* ସାବିତ୍ରୀ, ଶତବାର୍ଷିକୀ ଗ୍ରନ୍ଥମାଳା, ୨୯ଶ ଖଣ୍ଡ(ଇଂ), ପୃ. ୪୪୮ ।

ଏହାକୁ ସାଧାରଣତଃ ବିବେକ ବୋଲି କୁହା ଯାଇଥାଏ, ମାତ୍ର ବସ୍ତୁତଃ ଏହା ହେଉଛି ଚୈତ୍ୟସତ୍ତା । ମାତ୍ର, କେବଳ ଅତ୍ୟନ୍ତ ମନୋଯୋଗୀ ହୋଇଥିଲେ ଯାଇ ଜଣେ ଏହାକୁ ଶୁଣିପାରିବ, କାରଣ ଏହା କୋଳାହଳ କରି କେବେ କିଛି କହେ ନାହିଁ ।

*୫ ଜୁନ୍ ୧୯୬୮*

*ସ୍ଫଟିକତୁଲ୍ୟ ଆନ୍ତରିକତା କ'ଣ ଏକ ଅପେକ୍ଷାକୃତ ଅଧିକ ଫଳପ୍ରଦ ଓ ଅପରିହାର୍ଯ୍ୟ ଉପାୟ ନା ଏହାକୁ ହିଁ ଏକ ଉପଲବ୍ଧି ବୋଲି କୁହାଯାଇ ପାରିବ ?*

ଆନ୍ତରିକତା ବ୍ୟତୀତ କିଛି ସମ୍ଭବ ହେବ ନାହିଁ । ସମଗ୍ର ଆନ୍ତରିକତା ଦ୍ୱାରା ସବୁ ସମ୍ଭବ ହେବ ।

*୧୨ ଜୁନ୍ ୧୯୬୮*

*ମଣିଷ ଯେ ନିଜର ଅଜ୍ଞାନକୁ ଭଲ ପାଏ, ଏହି ପ୍ରବୃତ୍ତିଟିର ମୂଳ କେଉଁଠି ?*

ଅଚେତନାରେ ।

ଅଚେତନାକୁହିଁ ସକଳ ପ୍ରୟାସର ଖଣ୍ଡନ ବୋଲି କୁହାଯିବ । ଆତ୍ମିକ ଅଜ୍ଞାନ (ଅର୍ଥାତ୍, ଏକଥା ସ୍ୱୀକାର କରିବା ଯେ, ଏପରି କିଛି ଜାଣିବାକୁ ରହିଛି, ଯାହାକୁ କି ଆମେ ଏପର୍ଯ୍ୟନ୍ତ ଜାଣି ନାହୁଁ) ହେଉଛି ଅଚେତନା ଉପରେ ଦିବ୍ୟ ପ୍ରଭାବର ସର୍ବପ୍ରଥମ ପରିଣାମ ।

*୧୫ ଜୁନ୍ ୧୯୬୮*

*ନିମ୍ନଲିଖିତ ପଂକ୍ତିଗୁଡ଼ିକରେ ଶ୍ରୀଅରବିନ୍ଦ ସାବିତ୍ରୀଙ୍କର ଲକ୍ଷ୍ୟ ବିଷୟରେ ରହିଥିବା ଦୃଢ଼ତା ବିଷୟରେ କହିଛନ୍ତି :*

*''ଏକ ସ୍ଥିର ଶାଶ୍ୱତ ନକ୍ଷତ୍ର ପରି ଅପରିବର୍ତ୍ତନୀୟ ।''**

*କ'ଣ ଏକଥା କୁହାଯାଇ ପାରିବ ଯେ, ରୂପାନ୍ତରର ଅଭୀପ୍ସା ରଖିଥିବା ଜଣେ ସାଧକଠାରୁ ମଧ୍ୟ ଏହିଭଳି ସଂକଳ୍ପଶକ୍ତିର ଦାବି କରାଯାଉଛି ?*

ଏହାହିଁ ହେଉଛି ସୃଜନର ସେହି ମହାନ୍ ରହସ୍ୟ : ଅପରିବର୍ତ୍ତନୀୟ ତଥାପି ଶାଶ୍ୱତ ଭାବରେ ନିତ୍ୟନବୀନ ।

*୧୭ ଜୁନ୍ ୧୯୬୮*

* ସାବିତ୍ରୀ (ଇଂ), ପୃ. ୩୮୦ ।

*ସାବିତ୍ରୀ କହୁଛନ୍ତି :*

*''କେବଳ ଶୁଦ୍ଧ ଦେବତାମାନଙ୍କ ଲାଗି ଯେ ଆଶା ଅଛି*
*ତା' ନୁହେଁ; ହିଂସ୍ର ଏବଂ କୃଷ୍ଣ ଦେବପ୍ରତିମାମାନେ କ୍ରୋଧାନ୍ୱିତ ହୋଇ*
*ସେହି ଗୋଟିଏ ବକ୍ଷଭିତରୁ ତଳକୁ ଡେଇଁ ପଡ଼ିଥିଲେ,*
*ଧବଳ ଦେବତାମାନେ ଯାହା କରି ପାରି ନାହାନ୍ତି*
*ତାହାହିଁ ଖୋଜି ବାହାର କରିବାକୁ :*
*ସେମାନେ ମଧ୍ୟ ନିରାପଦ ରହିବେ;*
*ସେମାନଙ୍କ ଉପରେ ଏକ ଜନନୀର ଦୃଷ୍ଟି ନିବଦ୍ଧ ହୋଇ ରହିଛି*
*ଏବଂ ତାଙ୍କର ବାହୁଯୁଗଳ ପରମ ପ୍ରୀତିରେ*
*ଆପଣାର ବିଦ୍ରୋହୀ ସନ୍ତାନମାନଙ୍କ ଆଡ଼କୁ ପ୍ରସାରିତ ହୋଇ ରହିଛି ।''**

*ଧବଳ ଦେବତାମାନେ କ'ଣ କରି ପାରି ନାହାନ୍ତି ?*

ଅସୁରମାନଙ୍କର ଧର୍ମ ପରିବର୍ତ୍ତନ ।

*୨୪ ଜୁନ୍ ୧୯୬୮*

*ଅସୁରମାନଙ୍କ କ୍ଷମତା ମଧ୍ୟ ଦେବତାମାନଙ୍କ କ୍ଷମତା ପରି ଅସୀମ ନୁହେଁ କି ?*

ମନ୍ଦର ସ୍ପନ୍ଦନଗୁଡ଼ିକ ବସ୍ତୁତଃ ଭଲର ସ୍ପନ୍ଦନଗୁଡ଼ିକ ଅପେକ୍ଷା କମ୍ ଶକ୍ତି ।

*୨୬ ଜୁନ୍ ୧୯୬୮*

*ସମ୍ପୂର୍ଣ୍ଣ ଆନ୍ତରିକତା ଏବଂ ଅହଂର ବିଲୁପ୍ତି, ଏ ଦୁହେଁ ଅତ୍ୟନ୍ତ ନିବିଡ଼ ଭାବରେ ପରସ୍ପର-ନିର୍ଭରଶୀଳ କି ?*

କେବଳ ସର୍ବୋଚ୍ଚ ପରମପ୍ରଭୁ ହେଉଛନ୍ତି ସଂପୂର୍ଣ୍ଣ ଭାବରେ ଆନ୍ତରିକ ।

ଏବଂ, ଯେତେବେଳେ ଅହଂର ବିଲୁପ୍ତି ଘଟେ, ସେତେବେଳେ କେବଳ ସର୍ବୋଚ୍ଚ ପରମପ୍ରଭୁହିଁ ରହିଥା'ନ୍ତି ।

*୨୮ ଜୁନ୍ ୧୯୬୮*

---

* ସାବିତ୍ରୀ (ଇଂ), ପୃ. ୩୮୧ ।

*ଆଧ୍ୟାତ୍ମିକ ଜୀବନରେ ଟିକିଏ ବସିପଡ଼ିବା ମଧ୍ୟ ପଛରେ ପଡ଼ିଯିବା ।*

ଏହି କଥାଟି ଏତେ ଅଧିକ ପରିମାଣରେ ସତ୍ୟ ଯେ, ଏହାକୁ ଏପରି ମଧ୍ୟ ଯଥାର୍ଥରେ କହିହେବ : ଶୋଇଥିବା ସମୟରେ ମଧ୍ୟ ଅଗ୍ରଗତି କରିବାକୁ ପଡ଼ିବ ।

ମାତ୍ର, ଏପରି ଗୋଟିଏ ସମୟ ଆସେ, ଯେତେବେଳେ ବି ଊର୍ଦ୍ଧ୍ୱାରୋହଣ ମଧ୍ୟ ଏକ ପରିପୂର୍ଣ୍ଣ ବିଶ୍ରାମରେ ପରିଣତ ହୋଇଯାଏ ।

*୨ ଜୁଲାଇ ୧୯୬୮*

*ଥରେ ମାଆ ମୋତେ ସମ୍ପୂର୍ଣ୍ଣ ଆନ୍ତରିକତା ବିଷୟରେ କହିଥିଲେ । ପାରଦର୍ଶକ ଆନ୍ତରିକତା କହିଲେ କ'ଣ ?*

ଆନ୍ତରିକତାକୁ ଏକ ବାୟୁମଣ୍ଡଳ ଅଥବା କାଚଖଣ୍ଡ ସହିତ ତୁଳନା କରାଯାଇ ପାରିବ । ଯଦି ଏଇଟି ବା ସେଇଟି ସଂପୂର୍ଣ୍ଣ ପାରଦର୍ଶକ ହୋଇଥିବ, ତେବେ ଆଦୌ କୌଣସି ପ୍ରକାରେ ବିକୃତ ନ କରି ତାହା ଆଲୋକକୁ ନିଜ ମଧ୍ୟଦେଇ ଏପାଖରୁ ସେପାଖକୁ ପ୍ରତିଫଳନ କରାଇ ପାରିବ ।

ଠିକ୍ ସେହିପରି, ଏକ ଆନ୍ତରିକତାଯୁକ୍ତ ଚେତନା ଦିବ୍ୟ ସ୍ପନ୍ଦନଗୁଡ଼ିକୁ ଏପାଖରୁ ସେପାଖଯାଏ ପ୍ରତିଫଳନ କରିପାରେ, ସେଗୁଡ଼ିକୁ କୌଣସି ପ୍ରକାରେ ବିକୃତ କରେ ନାହିଁ ।

*୮ ଜୁଲାଇ ୧୯୬୮*

*ଏହି ବିଶ୍ୱ ଯେଉଁଭଳି ଅଛି ସେହିଭଳି ରହିଥିବ, ତଥାପି ଜଣେ ବ୍ୟକ୍ତି ନିଜର ରୂପାନ୍ତର ଘଟାଇ ପାରିବ କି ?*

ବିବର୍ତ୍ତନର ଧାରାରେ ବ୍ୟକ୍ତି ପୃଥିବୀର ଅନେକ ଆଗରେ ରହିଛି, ମାତ୍ର ସେ ପୃଥିବୀ ଉପରେ ବାସ କରୁଥିବା ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ପରସ୍ପର-ନିର୍ଭରଶୀଳତା ଅବଶ୍ୟ ରହିବ । ମାତ୍ର ପୃଥିବୀର ସ୍ଥିତି ମଧ୍ୟ ଅତ୍ୟନ୍ତ ନିଶ୍ଚିତ ଭାବରେ ଏପରି ହୋଇଯିବ ଯେ, ଏକ ଅତିମାନସ ସତ୍ତା ମଧ୍ୟ ଅଚିରେ ଏଠାରେ ବାସ କରିବାକୁ ସମର୍ଥ ହେବ ।

*୯ ଜୁଲାଇ ୧୯୬୮*

*ବୁଦ୍ଧଦେବ କହିଥିଲେ ଯେ, ନିର୍ବାଣପ୍ରାପ୍ତି ଦ୍ୱାରା ଆଉ ପୁନର୍ଜନ୍ମ ହୁଏ ନାହିଁ ।*

*ମାତ୍ର, ଯେଉଁ ସ୍ଫୁଲିଙ୍ଗଟି ଆପଣାକୁ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ନିର୍ବାପିତ କରିଦେଲା, ତାହାକୁ ପୁନର୍ବାର ରୂପାୟନ ଭିତରକୁ ପଠାଇଦେବା ଲାଗି ଦିବ୍ୟ ପରମସତ୍ତା ସର୍ବଦା ମୁକ୍ତ ହୋଇ ରହି ନାହାନ୍ତି କି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନିୟମଟିଏ ତିଆରି କଲେ ଜଣେ ଭୁଲ୍‌ଟିଏ ବି କରିଥାଏ ।

ପୁନଶ୍ଚ, ବୁଦ୍ଧଦେବ ଆଉ ଏକ ସ୍ଥୂଳ ଶରୀର ଗ୍ରହଣ ନ କରିଥିଲେ ମଧ୍ୟ ସେ ଏହି ପୃଥିବୀର ବାୟୁମଣ୍ଡଳ ଭିତରେ କାର୍ଯ୍ୟ କରିବା ଲାଗି ସ୍ୱୟଂ ଫେରି ଆସିଥିଲେ ।

*୨୬ ଜୁଲାଇ ୧୯୬୮*

*ଯଦି ଏହି ବିଶ୍ୱ ପ୍ରକୃତରେ ଗୋଟିଏ, ତେବେ ପୃଥିବୀରେ ଜଣେ ଏକକ ବ୍ୟକ୍ତିର ମୁକ୍ତି ଅନ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁକ୍ତ କରିଦେବାର କ୍ଷମତା ବହନ କରୁ ନ ଥିବ କି ?*

ଏକତ୍ୱର ଅର୍ଥ ହେଉଛି ଉତ୍ସଗତ ସମାନତା; ମାତ୍ର ପୃଥିବୀକୁ ଆସି ପ୍ରତ୍ୟେକ ସତ୍ତା ପୁନର୍ବାର ସେହି ପରମ ଏକତ୍ୱକୁ ସଚେତନ ଭାବରେ ଫେରିଯିବାର ଆପଣାର ସ୍ୱକୀୟ ପଥଟିକୁହିଁ ଅନୁସରଣ କରିଥାଏ ।

*୨୮ ସେପ୍ଟେମ୍ବର ୧୯୬୮*

*୧୯୫୩ ମସିହାରେ ମାଆ କହିଥିଲେ : ''ଜଣେ ବ୍ୟକ୍ତି ଯେଉଁ ବାଟରେ ଯାଉ ପଛକେ, ତାହା ଧାର୍ମିକ, ଦାର୍ଶନିକ, ଯୌଗିକ ଅଥବା ରହସ୍ୟାତ୍ମକ, ଯାହା ହୋଇଥାଉ, ସେମାନଙ୍କ ମଧ୍ୟରୁ କେହି ରୂପାନ୍ତର ଲାଭ କରି ନାହାନ୍ତି ।''**

*କ'ଣ ଏପରି ଆଶା କରାଯାଇ ପାରିବ ଯେ ସାଧକମାନେ ଏବେ ଲକ୍ଷ୍ୟ ଆଡ଼କୁ ଆଶାନୁରୂପ ଅଗ୍ରଗତି କରି ପାରିଛନ୍ତି ?*

ବର୍ତ୍ତମାନ ଅବସ୍ଥାମାନ ଏପରି ହୋଇଛି ଯେ, ଯାବତୀୟ ଆନ୍ତରିକତାଯୁକ୍ତ ପ୍ରୟାସ କେବଳ ସେହି ଲକ୍ଷ୍ୟ ଆଡ଼କୁହିଁ ଅଗ୍ରସର କରାଇ ନେଇଯିବ ।

*୩୦ ସେପ୍ଟେମ୍ବର ୧୯୬୮*

---

* ପ୍ରଶ୍ନ ଓ ଉତ୍ତର, ୧୯୫୩, ଶତବାର୍ଷିକୀ ଗ୍ରନ୍ଥମାଳା, ୫ମ ଖଣ୍ଡ (ଇଂ), ପୃ. ୮୩ ।

*ରୂପାନ୍ତର ପ୍ରକ୍ରିୟାରେ ଜଣେ କିପରି ସହଯୋଗିତା କରି ପାରିବ ?*

ବର୍ତ୍ତମାନ ବସ୍ତୁଗୁଡ଼ିକର ବ୍ୟବସ୍ଥା ଏପରି ହୋଇ ରହିଛି ଯେ, ଯେକୌଣସି ଆକାରରେ ହେଉ ପଛକେ, ଜଣେ ବ୍ୟକ୍ତି ସେହି ଦିବ୍ୟ ପରମ ଉଷା ନିମନ୍ତେ ସହଯୋଗିତା କରିବାକୁ ଆରମ୍ଭ କରିବା ମାତ୍ରକେ ସେ ତାହାରି ଦ୍ୱାରାହିଁ ରୂପାନ୍ତରର ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରି ପାରୁଛି ।

*୭ ଅକ୍ଟୋବର ୧୯୬୮*

*ଲକ୍ଷ୍ୟ, ମାର୍ଗ ଏବଂ ସେହି ମାର୍ଗରେ ଯାଉଥିବା ବ୍ୟକ୍ତି,– ସମସ୍ତେ ସେହି ପରମ ଦିବ୍ୟସତ୍ତା । ମାତ୍ର, ଯେଉଁ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଗ୍ରସର ହେଉ ନାହିଁ, ସିଏ ମଧ୍ୟ କ'ଣ ସେହି ପରମ ଦିବ୍ୟସତ୍ତା ନୁହେଁ କି ?*

ସମସ୍ତେ ହେଉଛନ୍ତି ସେହି ପରମ ଦିବ୍ୟସତ୍ତା, ମାତ୍ର ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ତାହା ଜାଣନ୍ତି ଏବଂ ଆହୁରି ଅଧିକ ଅଳ୍ପସଂଖ୍ୟକ ବ୍ୟକ୍ତି ତାହାକୁ ସଚେତନ ଭାବରେ ଉପଲବ୍ଧି କରିବାକୁ ଇଚ୍ଛା କରନ୍ତି । ପ୍ରତ୍ୟେକେ ପୁନର୍ବାର ସଚେତନ ଭାବରେ ଦିବ୍ୟ ହୋଇଯିବେ; ଯଦି ଏହାହିଁ ବିଶ୍ୱସୃଷ୍ଟିର ଲକ୍ଷ୍ୟ ହୋଇଥାଏ, ତେବେ ସେଇଥିପାଇଁହିଁ ଏହି ପ୍ରକ୍ରିୟାଟି ଏତେ ଦୀର୍ଘ ସମୟ ଲାଗୁଛି ଏବଂ ଅସୁବିଧାର ସମ୍ମୁଖୀନ ହେଉଛି ।

*୧୪ ଅକ୍ଟୋବର ୧୯୬୮*

*ପରମ ଦିବ୍ୟସତ୍ତା ହେଉଛନ୍ତି ସବୁକିଛି ଓ ସକଳ ବସ୍ତୁ, ଏହି ମୌଳିକ ଉପଲବ୍ଧିଟି ଲାଭ କରିବାକୁ ଆଗ୍ରହ ହେବା ସ୍ୱାଭାବିକ ।*

ସେଥିଲାଗି ସର୍ବୋଚ୍ଚ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଅର୍ଜନ କରିବାକୁ ପଡ଼ିବ ।

ଥରେ ଏହି ଏକାତ୍ମକତା ସମ୍ଭବ ହୋଇଗଲେ, ଯେତେବେଳେ ଆମେ ସୃଷ୍ଟି ଆଡ଼କୁ ଦୃଷ୍ଟି ପକାଇବା, ସେତେବେଳେ ଆମେ ଦେଖିପାରିବା ଏବଂ ଜାଣିବା ଯେ, ଶୁଦ୍ଧସତ୍ତ୍ୱ ଏବଂ ପୃଥ୍ୱୀରୂପାୟନ, ଉଭୟ ଭୂମିରେ ହିଁ କେବଳ ସେହି ଦିବ୍ୟ ପରମସତ୍ତାହିଁ ବିଦ୍ୟମାନ ।

*୧୬ ଅକ୍ଟୋବର ୧୯୬୮*

*ରୂପାନ୍ତର ବ୍ୟତୀତ ପ୍ରତିକୂଳଶକ୍ତିଗୁଡ଼ିକର ଆକ୍ରମଣରୁ ସୁରକ୍ଷିତ ହୋଇ ରହିବା ସମ୍ଭବ କି ?*

ରୂପାନ୍ତରରୁ ସୁରକ୍ଷା କଦାପି ଆପେ ଆପେ ଆସିଯିବ ନାହିଁ ।

ସୁରକ୍ଷିତ ହୋଇ ରହିବା ନିମନ୍ତେ ଅଭିବ୍ୟକ୍ତ ପୃଥିବୀ ସହିତ ସମସ୍ତ ସମ୍ପର୍କକୁ କାଟିଦେବାକୁ ପଡ଼ିବ ।

ମାତ୍ର, ଯେକୌଣସି ପରିସ୍ଥିତିରେ ମଧ୍ୟ, ବିଜୟର ସାମର୍ଥ୍ୟଟିକୁ ରୂପାନ୍ତର ଅବଶ୍ୟ ପ୍ରଦାନ କରିଥାଏ ।

*୧୮ ଅକ୍ଟୋବର ୧୯୬୮*

*ଅଭିବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଦିବ୍ୟ ପରମପ୍ରେମ ସମସ୍ତଙ୍କ ପାଇଁ ସମାନ ହୋଇ ରହିଥାଏ କି ?*

ହଁ, ସମାନ ଏବଂ ଅପରିବର୍ତ୍ତନୀୟ ହୋଇ ରହିଥାଏ ।

ମାତ୍ର ତାହାକୁ ଜାଣିବା ଓ ଗ୍ରହଣ କରିବାର ସାମର୍ଥ୍ୟ ତଥା ତାହାକୁ ବିକୃତ କରିଦେବାର ଅଭ୍ୟାସ ପ୍ରତ୍ୟେକଠାରେ ଭିନ୍ନ ଭିନ୍ନ ହୋଇ ରହିଥାଏ ।

*୨୨ ଅକ୍ଟୋବର ୧୯୬୮*

*''ଜଣେ ଆଦର୍ଶ ସାଧକ ବାଇବେଲ୍‌ର ସେହି ବାକ୍ୟାଂଶଟି ବ୍ୟବହାର କରି କହିପାରିବା ଉଚିତ : 'ପ୍ରଭୁଙ୍କ ପାଇଁ ମୋ'ର ଆଗ୍ରହ ମୋତେ ଗିଳି ପକାଇଲାଣି ।' ''**

*ଏହାଦ୍ୱାରା ଏକ ପ୍ରଗାଢ଼, ସତତ ଏବଂ ସଂପୂର୍ଣ୍ଣ ଅଭୀପ୍ସାର କଥା କୁହାଯାଇଛି କି ?*

ହଁ, ଏହାର ଅର୍ଥ ହେଉଛି ଯେ ସମସ୍ତ ସତ୍ତା ଆପଣାର ଉତ୍ସର୍ଗରେହିଁ ନିମଗ୍ନ ହୋଇ ରହିଛି ।

*୨୪ ଅକ୍ଟୋବର ୧୯୬୮*

*ନିଦ୍ରା ସମୟରେ ମଧ୍ୟ ଅବଚେତନର ଅନୁଲିଖନ ଚାଲିଥାଏ କି ?*

---

* ଶ୍ରୀଅରବିନ୍ଦ, ଯୋଗ ସମନ୍ୱୟ, ଶତବାର୍ଷିକୀ ଗ୍ରନ୍ଥମାଳା, ୨୦ଶ ଖଣ୍ଡ (ଇଂ), ପୃ. ୫୨ ।

ଅଧିକାଂଶ ବ୍ୟକ୍ତିଙ୍କର କ୍ଷେତ୍ରରେ, ସେମାନଙ୍କର ନିଦ୍ରିତାବସ୍ଥାରେ, ଦିନବେଳେ କିଂବା ତାହା ପୂର୍ବରୁ ଅବଚେତନରେ ଯାହା ଲିପିବଦ୍ଧ ହୋଇ ରହିଥାଏ, ତାହାହିଁ ପୁନର୍ବାର ସକ୍ରିୟ ହୁଏ ଏବଂ ସେମାନଙ୍କର ସ୍ୱପ୍ନକୁ ରଚନାକରେ ।

*୨୬ ଅକ୍ଟୋବର ୧୯୬୮*

*ଅଶ୍ୱପତି ଅତ୍ୟନ୍ତ ଭାଗ୍ୟବାନ୍ ଥିଲେ । ତାଙ୍କ ପାଇଁ,*
*"ପ୍ରତ୍ୟେକ ଦିନହିଁ ଥିଲା ଆଧ୍ୟାତ୍ମିକ ରୋମାଞ୍ଚକର,...*
*ପ୍ରତ୍ୟେକ ଘଟଣା ଏକ ଗଭୀର ଅନୁଭୂତି ।"**

ନିଜର ଅଭୀପ୍ସାକୁ ଉତ୍ସାହପ୍ରେରିତ କରି ରଖିଥିବା ପ୍ରତ୍ୟେକ ବ୍ୟକ୍ତି ଲାଗି ଏହି ସମ୍ଭାବନା ଉନ୍ମୁକ୍ତ ହୋଇ ରହିଛି ।

*୧ ନଭେମ୍ବର ୧୯୬୮*

*ଆପଣ ଯାହା ଦେଉଛନ୍ତି, ତାହାକୁ ସ୍ଥାୟୀ ଭାବରେ ରଖିହେବ କିପରି ?*

ଏହା କଦାପି ଚାଲି ଯାଏ ନାହିଁ, ମାତ୍ର ଅବଚେତନରେ ପ୍ରବେଶକରି କାର୍ଯ୍ୟ କରିବାରେ ଲାଗିଥାଏ ।

ସେହି ବିଷୟରେ ସଚେତନ ହେବାକୁ ହେଲେ, ଆପଣା ମଧ୍ୟରେ ଥିବା ଅବଚେତନର ପରିସରକୁ ହ୍ରାସ କରି ଆଣିବାକୁ ହେବ ଏବଂ ତଦ୍ଦ୍ୱାରା ଚେତନାର ବୃଦ୍ଧି କରିବାକୁ ପଡ଼ିବ ।

*୩ ନଭେମ୍ବର ୧୯୬୮*

*ଅବଚେତନର ପରିସରକୁ ହ୍ରାସ କରି ଆଣିବାକୁ ହେଲେ କ'ଣ କରିବାକୁ ହେବ ?*

ଚେତନାରେ ସତତ ଅଭିବୃଦ୍ଧି ଲାଭ କରୁଥିବା, ତାହାହିଁ ହେଉଛି ପୃଥିବୀପୃଷ୍ଠରେ ଜୀବନର ଲକ୍ଷ୍ୟ । କ୍ରମାନୁଗତ ଏକାଧିକ ଜୀବନର ଅନୁଭୂତି ମାଧ୍ୟମରେ ଅବଚେତନର ପରିସର କ୍ରମଶଃ ହ୍ରାସ ହୋଇ ଯାଉଥାଏ ।

ଯୋଗ ଦ୍ୱାରା ତଥା ଆପଣା ମଧ୍ୟରେ ଏବଂ ଜୀବନ ମଧ୍ୟରେ ଦିବ୍ୟ ପରମସତ୍ତାଙ୍କୁ

* ଶ୍ରୀଅରବିନ୍ଦ, ସାବିତ୍ରୀ (ଇଂ), ପୃ. ୩୦, ୩୧ ।

ପାଇବା ଲାଗି ପ୍ରୟାସ କରିବା ଦ୍ୱାରା ଏହି କାର୍ଯ୍ୟଟି ଅତ୍ୟନ୍ତ ତ୍ୱରାନ୍ୱିତ ହୁଏ ଏବଂ ଅଳ୍ପ କେତୋଟି ବର୍ଷରେ ମଧ୍ୟ ସମ୍ପାଦିତ ହୋଇପାରେ । *୫ ନଭେମ୍ବର ୧୯୬୮*

*''ଯାହା ସିଏ ଅନୁଭବ କରୁଥିଲା ସେଇଥିରେ ପରିଣତ ହୋଇ ଯାଇଥିବା*
*ଏକ ଜ୍ଞାନ ବିଯୁକ୍ତ ବୋଧ ଏବଂ ହୃଦୟର ସ୍ଥାନାପନ୍ନ ହେଲା*
*ଏବଂ ସମଗ୍ର ପ୍ରକୃତିକୁ ଆପଣାର ଆଲିଙ୍ଗନ ମଧ୍ୟକୁ ନେଇ ଆସିଲା ।''**

*ଶ୍ରୀଅରବିନ୍ଦ କ'ଣ ଏଠାରେ ଏକାତ୍ମତା ଦ୍ୱାରା ଲବ୍ଧ ଜ୍ଞାନର କଥା କହୁଛନ୍ତି ?*

ହଁ, ଏହା ହେଉଛି ତାହାର ଏକ ନିର୍ଭୁଲ୍ ବର୍ଣ୍ଣନା ।

*୭ ନଭେମ୍ବର ୧୯୬୮*

*''ଏକ ଅତିପାର୍ଥିବ ବୃହତ୍ତର ଶକ୍ତି ତାଙ୍କର ଅବୟବଗୁଡ଼ିକୁ ଧାରଣ କଲା,...*
*ମନର ତ୍ରିବିଧ ରଜ୍ଜୁଟିକୁ ଖୋଲିଦେଇ*
*ଏକ ବୃହଦ୍ଦେବତାଙ୍କ ଦୃଷ୍ଟିର*
*ସ୍ୱର୍ଗୀୟ ପ୍ରଶସ୍ତତାକୁ ମୁକ୍ତ କରିଦେଲା ।''***

*''ମନର ତ୍ରିବିଧ ରଜ୍ଜୁ'' କହିଲେ କାହାକୁ ବୁଝାଯାଉଛି ?*

ରଜ୍ଜୁଗୁଡ଼ିକ ହେଉଛନ୍ତି ମନଃକ୍ଷେତ୍ରର ସୀମିତତାଗୁଡ଼ିକର ପ୍ରତୀକ; ଏବଂ, ସେଗୁଡ଼ିକ ହେଉଛନ୍ତି ତିନୋଟି,— ଭୌତିକ ମନ, ପ୍ରାଣିକ ମନ ଓ ମାନସିକ ମନ ।

*୯ ନଭେମ୍ବର ୧୯୬୮*

*''ଦିବସଗୁଡ଼ିକ ଏକ ନିୟତିନିର୍ଦ୍ଦିଷ୍ଟ ମାର୍ଗରେ ଯାତ୍ରା କରୁଥିଲେ,*
*ରାତ୍ରିଗୁଡ଼ିକ ତାଙ୍କର ଧ୍ୟାନ-ମଗ୍ନ ଆତ୍ମାଟିର ଅନୁଗମନ କରୁଥିଲେ ।''****

ହଁ, ଏପରି ଏକ ସମୟ ଆସେ, ଯେତେବେଳେ କି କିଛି, ଆଦୌ କିଛିହେଲେ ଯୋଗର ବହିର୍ଭୂତ ହୋଇ ରହେ ନାହିଁ ଏବଂ ସକଳ ବସ୍ତୁରେ ଏବଂ ସକଳ ପରିସ୍ଥିତିରେ ଦିବ୍ୟ ପରମ ଉପସ୍ଥିତିର ଅନୁଭବ କରିହୁଏ ଓ ତାହାକୁ ଦେଖିହୁଏ ।

*୧୧ ନଭେମ୍ବର ୧୯୬୮*

---

* ସାବିତ୍ରୀ (ଇଂ), ପୃ. ୨୮ । ** ତତ୍ରୈବ, ପୃ. ୮୨ । *** ତତ୍ରୈବ, ପୃ. ୪୩ ।

*"ଏକ ଅନ୍ତିମ ଉଚ୍ଚ ଧରଣୀ ଦୃଷ୍ଟିପଥାରୂଢ଼ ହେଲା,*
*ଯେଉଁଠି କି ସବୁଯାକ ଧରଣୀ ମିଳିତ ହୋଇଛନ୍ତି;*
*ତାହାର ଶିଖରାଲୋକରେ ରାତ୍ରି ନାହିଁ, ନିଦ୍ରା ମଧ୍ୟ ନାହିଁ,*
*ତାହାରି ମଧ୍ୟରେ ସର୍ବୋଚ୍ଚ ତ୍ରୟୀ ସତ୍ତାଙ୍କର ଉଦ୍ଭବ ହେଲା ।"**

*"ସର୍ବୋଚ୍ଚ ତ୍ରୟୀ ସତ୍ତା" ସଚ୍ଚିଦାନନ୍ଦଙ୍କୁ ବୁଝାଉଛି କି ?*

ହଁ ।

୧୫ ନଭେମ୍ବର ୧୯୬୮

*କୃଷ୍ଣଙ୍କର କରୁଣାରୁ ଅର୍ଜୁନ ନିମିଷକ ମଧ୍ୟରେ ଭଗବାନଙ୍କର ବିଶ୍ୱରୂପ ଓ ବିରାଟରୂପ ଦର୍ଶନ କଲେ । କେଡ଼େ ଉତ୍ତମ ଗୁରୁ ଓ କେଡ଼େ ଉତ୍ତମ ଶିଷ୍ୟ ।*

ବେଗହିଁ ଅକାଟ୍ୟଭାବେ ଶ୍ରେଷ୍ଠତାର ଏକ ସଙ୍କେତ ନୁହେଁ ।

ଏହି ସମସ୍ତ "ହଠାତ୍" ସ୍ୱଭାବ ବଦଳିଯିବା ଘଟଣାଗୁଡ଼ିକ ଅଧିକାଂଶ ସମୟରେ ଜନ୍ମଜନ୍ମର ପ୍ରସ୍ତୁତିର ଫଳସ୍ୱରୂପ ସମ୍ଭବ ହୋଇଥାନ୍ତି ।

*୧୭ ନଭେମ୍ବର ୧୯୬୮*

*"ଆମ ଦେହର କୋଷଗୁଡ଼ିକ ଅବଶ୍ୟ ସେହି*
*ପରମ ଅମୃତଙ୍କର ଅଗ୍ନିଶିଖାକୁ ଧରି ରଖିବେ ।"***

*ଏହାହିଁ କ'ଣ ଆଲୋକ ପ୍ରାପ୍ତ ଶରୀରର ରହସ୍ୟ ?*

ଏଠାରେ ଏକ କାବ୍ୟିକ ଶୈଳୀରେ ସେହି ରୂପାନ୍ତରଟିକୁ ବ୍ୟକ୍ତ କରାଯାଇଛି, ଯାହାକି ସଂଘଟିତ ହେବାକୁ ଯାଉଛି ଏବଂ ଯାହା ତାହା ଅପେକ୍ଷା ଅନେକ ଅଧିକ ଜଟିଳ ।

*୧୯ ନଭେମ୍ବର ୧୯୬୮*

*ମାଆ, ମୋତେ ଲାଗୁଛି, ଯେତେବେଳେ ମନୁଷ୍ୟ ଦିବ୍ୟ ପରମସତ୍ତାଙ୍କୁ ଗ୍ରହଣ*

* ସାବିତ୍ରୀ (ଇଂ), ପୃ. ୮୯ । ** ତତ୍ରୈବ, ପୃ. ୩୫ ।

*ନ କରେ, ସେତେବେଳେ ଦୁଷ୍ଟତାରୁ ନୁହେଁ, ଅଜ୍ଞାନ ହେତୁହିଁ ସେ ତାହା କରିଥାଏ । ନୁହେଁ କି ?*

ନିଃସନ୍ଦେହ ଭାବରେ ଅଜ୍ଞାନ ହେତୁ; ଯାହା ସେ ଜାଣି ନାହିଁ ତାହାରି ପ୍ରତି ରହିଥିବା ତା'ର ଭୟ ହେତୁ ।

କେବଳ ଅସୁରମାନେ ଓ ଆଉ ଅଳ୍ପ କେତେକ ବୃହତ୍ ପ୍ରତିକୂଳ ସତ୍ତାହିଁ ସେ କିଏ ଜାଣିଥିଲେ ମଧ୍ୟ ତଥାପି ଦିବ୍ୟ ପରମସତ୍ତାଙ୍କୁ ଅସ୍ୱୀକାର କରନ୍ତି, ତାଙ୍କର ବିରୋଧ କରନ୍ତି ।

*୨୧ ନଭେମ୍ବର ୧୯୬୮*

*ମାଆ, ମୋତେ ଲାଗୁଛି, ଯେଉଁ ଶିଖାଟି ଆବାହନ କରେ ଏବଂ ଯେଉଁ ଶିଖାଟି ଉତ୍ତର ଦିଏ, ଦୁହେଁଯାକ ସେହି ଗୋଟିଏ ଶିଖା ।*

ମର୍ମତଃ ଦୁହେଁ ଗୋଟିଏ ଶିଖା; ମାତ୍ର ଅନୁସ୍ୱନ୍ଦନର ପୂର୍ଣ୍ଣତା ସର୍ବଦା ଆବାହନର ପ୍ରଗାଢ଼ତାଠାରୁ ଅନେକ ଅଧିକ ହୋଇ ରହିଥାଏ । ପ୍ରାୟ ସର୍ବଦାହିଁ ଉତ୍ତରଟି ଆମର ଗ୍ରହଣଶୀଳତାଠାରୁ ଅଧିକ ହୋଇ ରହିଥାଏ ।

*୨୫ ନଭେମ୍ବର ୧୯୬୮*

*ମାଆ, କ'ଣ ଏପରି କୁହାଯାଇ ପାରିବ ଯେ, ଦିବ୍ୟ ପରମସତ୍ତାଙ୍କ ସହିତ ସତତ ସଂଯୁକ୍ତ ହୋଇ ରହିବା ଦ୍ୱାରାହିଁ ପୂର୍ଣ୍ଣ ଗ୍ରହଣଶୀଳତା ସମ୍ଭବ ହୁଏ ?*

କେବଳ ସେହି ଦିବ୍ୟ ପରମସତ୍ତାଙ୍କର ପ୍ରଭାବ ବ୍ୟତୀତ ଆଉ ଅନ୍ୟ କୌଣସି ପ୍ରଭାବକୁ ଗ୍ରହଣ ନ କରୁଥିବା ଏକ ଗ୍ରହଣଶୀଳତାକୁ ଯଦି ''ପୂର୍ଣ୍ଣ ଗ୍ରହଣଶୀଳତା'' ବୋଲି କୁହାଯାଏ, ତେବେ ଏହା ସୁନିଶ୍ଚିତ – ଏବଂ, ଏହାକୁ ଯୁଗପତ୍ ଭାବରେ ପରିପୂର୍ଣ୍ଣ ଶୁଦ୍ଧତା ବୋଲି ମଧ୍ୟ କୁହାଯିବ ।

ଆମେ ଏହାରି ପାଇଁହିଁ ପ୍ରୟାସ କରିବା ।

*୨୭ ନଭେମ୍ବର ୧୯୬୮*

*''ନର୍କ ମଧ୍ୟଦେଇ ନ ଯାଇଥିଲେ କେହି ସ୍ୱର୍ଗରେ ପହଞ୍ଚି ପାରିବ ନାହିଁ ।''**

* ସାବିତ୍ରୀ (ଇଂ), ପୃ. ୨୨୭ ।

*ମାଆ, ମାତ୍ର ତଥାପି, ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ଏକ ଆତ୍ମା ଅନ୍ୟମାନଙ୍କ ତୁଳନାରେ ଏକ ଭିନ୍ନ ପ୍ରଣାଳୀରେ ନର୍କ ମଧ୍ୟଦେଇ ଯାଏ ନାହିଁ କି ?*

ଉଦ୍ଧୃତିର ଅର୍ଥ ହେଉଛି ଯେ, ଦିବ୍ୟ ରାଜ୍ୟଗୁଡ଼ିକରେ ଯାଇ ପହଞ୍ଚିବାକୁ ହେଲେ ଆମକୁ ଏହି ପୃଥିବୀପୃଷ୍ଠର ଜୀବନରେ ପ୍ରାଣର ମଧ୍ୟଦେଇ ଯିବାକୁ ପଡ଼ିବ । ପ୍ରାଣର କେତେକ ଅଂଶକୁ ପ୍ରକୃତରେ ଏକ ନର୍କ ବୋଲି କୁହାଯାଇ ପାରିବ । ମାତ୍ର, ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରି ଦେଇଛନ୍ତି, ଏବଂ ତାଙ୍କ ଦ୍ୱାରା ଗୃହୀତ ହୋଇଛନ୍ତି, ସେମାନଙ୍କ ଚାରିପାଖରେ ଦିବ୍ୟ ସୁରକ୍ଷା ନିରନ୍ତର ରହିଛି ଏବଂ ତେଣୁ ଏହି ଯାତ୍ରାଟି ସେମାନଙ୍କ ଲାଗି ଆଦୌ କଷ୍ଟକର ହୁଏ ନାହିଁ । *୨୯ ନଭେମ୍ବର ୧୯୬୮*

*‘‘ତାହାର ବିଫଳତା କଦାପି ବିଫଳତା ନୁହେଁ, ଯାହାକୁ ଈଶ୍ୱର ପଥ ପ୍ରଦର୍ଶନ କରନ୍ତି ।’’**

*କାରଣ ଏହା ଭଗବତ୍ ଲୀଳାର ଏକ ଅଂଶ ?*

କେବଳ ମନୁଷ୍ୟର ମନଭିତରେହିଁ ସଫଳତା ଓ ବିଫଳତାର ବୋଧ ରହିଛି । ମନୁଷ୍ୟର ମନ ଏହି ବସ୍ତୁଟିକୁ ଚାହେଁ ଓ ସେହି ବସ୍ତୁଟିକୁ ଚାହୁଁ ନ ଥାଏ । ଦିବ୍ୟ ଯୋଜନା ଭିତରେ ପ୍ରତ୍ୟେକ ବସ୍ତୁର ସ୍ୱକୀୟ ସ୍ଥାନ ଓ ସ୍ୱକୀୟ ମହତ୍ତ୍ୱ ରହିଥାଏ । ତେଣୁ ସେହି କ୍ଷେତ୍ରରେ ସଫଳତାର କୌଣସି ମହତ୍ତ୍ୱ ନ ଥାଏ । ନୀରବ ହୋଇ ରହିବା ଏବଂ ସମ୍ଭବ ହେଲେ ଦିବ୍ୟ ପରମ ଇଚ୍ଛାର ହାତରେ ଏକ **ସଚେତନ** ଯନ୍ତ୍ର ହୋଇ ରହିବା,— କେବଳ ତାହାରି କୌଣସି ମହତ୍ତ୍ୱ ରହିଥାଏ ।

ଦିବ୍ୟ ପରମସତ୍ତା ଯାହା ଇଚ୍ଛା କରୁଛନ୍ତି, ତାହାହିଁ ହେବା ଓ କରିବା,— ଏତିକି ହେଉଛି ଯଥାର୍ଥରେ ମହତ୍ତ୍ୱପୂର୍ଣ୍ଣ । *୩ ଡିସେମ୍ବର ୧୯୬୮*

*‘‘ସେହି ଏକ ମୂଳଭୂତା ବିଶ୍ୱାତୀତା ଶକ୍ତି ହିସାବରେ ମାଆ ସକଳ ପୃଥିବୀର ଊର୍ଦ୍ଧ୍ୱରେ ବିଦ୍ୟମାନ ରହିଛନ୍ତି ଏବଂ ଆପଣାର ଶାଶ୍ୱତ ଚେତନା ମଧ୍ୟରେ ସର୍ବୋଚ୍ଚ ଦିବ୍ୟକର୍ତ୍ତାଙ୍କୁ ବହନ କରୁଛନ୍ତି ।’’***

---

* ସାବିତ୍ରୀ (ଇଂ), ପୃ. ୩୩୯ ।

** ଶ୍ରୀଅରବିନ୍ଦ : ମାଆ, ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ), ୨୫ଶ ଖଣ୍ଡ, ପୃ. ୨୦ ।

*ଠିକ୍ ସେହିପରି ଭାବରେ କ'ଣ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ସର୍ବୋଚ୍ଚ ଦିବ୍ୟକର୍ତ୍ତା ମଧ୍ୟ ତାଙ୍କର ଶାଶ୍ୱତ ଚେତନା ମଧ୍ୟରେ ମାଆଙ୍କୁ ବହନ କରୁଛନ୍ତି ?*

ଏଥିରେ ପ୍ରଶ୍ନ କରିବାର କିଛି ନାହିଁ ।

ମର୍ମତଃ ଏବଂ ରୂପାୟନର କ୍ଷେତ୍ରରେ ଉଭୟେ **ଏକ** ଏବଂ ଅଭିନ୍ନ ।

*୫ ଡିସେମ୍ବର ୧୯୬୮*

*ଅହଂ କ'ଣ  ଆପଣାର ବିଲୁପ୍ତି ପାଇଁ ସମ୍ମତ ହୋଇ ପାରିବ ନାହିଁ ?*

ବ୍ୟକ୍ତିଭାବକୁ ସମ୍ଭବ କରିବାର କାର୍ଯ୍ୟଟି ଲାଗି ଅହଂର ସୃଷ୍ଟି ହୋଇଥିଲା । ଯେତେବେଳେ ସେହି କାର୍ଯ୍ୟଟି ସମ୍ପନ୍ନ ହୋଇଯିବ, ସେତେବେଳେ ଅହଂ ପକ୍ଷରେ ଆପଣାର ବିଲୁପ୍ତିକୁ ସ୍ୱୀକାର କରିନେବା ଆଦୌ ବିଚିତ୍ର ହେବ ନାହିଁ ।

*୭ ଡିସେମ୍ବର ୧୯୬୮*

*ମାଆ, କୌଣସି ବସ୍ତୁକୁ ଅଧିକାର କରିବାରେ ମନୁଷ୍ୟ ଯେଉଁ ସୁଖ ପାଏ, ତାହାକୁ କାହାର ବିକୃତି ବୋଲି କୁହାଯିବ ?*

ଯାବତୀୟ ସୁଖ ହେଉଛି, ଆପଣାକୁ ଅହଂପ୍ରେରିତ ଭାବରେ ସଂକୀର୍ଣ୍ଣ କରି ଆଣିବା ଦ୍ୱାରା, ପରମ ଆନନ୍ଦର ଏକ ବିକୃତି । ସେହି ପରମ ଆନନ୍ଦ ବିଶ୍ୱ-ରୂପାୟନର ଅସଲ ଉଦ୍ଦେଶ୍ୟ ହୋଇ ରହିଛି ।

*୧୧ ଡିସେମ୍ବର ୧୯୬୮*

*''ଯେତେବେଳେ ଆମେ ଭୋଜନ କରୁଛୁ, ସେତେବେଳେ ଆମର ସଚେତନ ହୋଇ ରହିବା ଉଚିତ ଯେ ଆମେ ଆମ ଭିତରେ ରହିଥିବା ସେହି ପରମ ଉପସ୍ଥିତି ପାଖରେହିଁ ଆମର ଖାଦ୍ୟକୁ ଅର୍ପଣ କରୁଛୁ ।''**

*ଯେତେବେଳେ ମୁଁ ଏହିଭଳି ଏକ ଦୃଷ୍ଟିକୋଣ ରଖିବାକୁ ଚେଷ୍ଟା କରେ, ସେତେବେଳେ ଖାଦ୍ୟ ଅଧିକ ସୁଆଦ ଲାଗେ ଏବଂ ବାତାବରଣ ମଧ୍ୟ ଅଧିକ ଭଲ ହୋଇଯାଏ ।*

---

* ଶ୍ରୀଅରବିନ୍ଦ : ଯୋଗ-ସମନ୍ୱୟ (ଇଂ), ପୃ. ୧୦୩ ।

ଆମେ ଯାହାକିଛି କରୁଥାଉ ନା କାହିଁକି, ପରମ ଉପସ୍ଥିତି ସର୍ବଦା ବିଦ୍ୟମାନ ରହିଛି; ଏବଂ, ଅଜ୍ଞାନ, ଅବହେଳା ଓ ଅନ୍ୟମନସ୍କତା ହେତୁହିଁ ଆମେ ତାହା ଅନୁଭବ କରି ପାରୁ ନାହିଁ । ମାତ୍ର, ଯେତେବେଳେ ମନୋଯୋଗୀ ଏବଂ ସଂକେନ୍ଦ୍ରିତ ହୋଇ ରହିଥାଉ, ସେତେବେଳେ ଆମେ ପ୍ରତ୍ୟେକ ବସ୍ତୁରେ ଏକ ଅଦ୍ଭୁତ ରୂପାନ୍ତର ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରୁ ।

*୧୩ ଡିସେମ୍ବର ୧୯୬୮*

*ସତତ ସେହି ପରମ ଉପସ୍ଥିତି ବିଷୟରେ ସଜ୍ଞାନ ହେବା ସକାଶେ ସ୍ମରଣଶକ୍ତି ମଧ୍ୟ ଉତ୍ତମ ସହାୟକ ହୋଇଥାଏ କି ?*

ସ୍ମରଣଶକ୍ତି ହେଉଛି ଏକ ମାନସିକ ସାମର୍ଥ୍ୟ ଏବଂ ତାହା ମାନସିକ ଚେତନାକୁ ସାହାଯ୍ୟ କରେ । ମାତ୍ର, ଏହି କ୍ଷେତ୍ରରେ ଅନୁଭୂତି ଓ ଅବବୋଧ ମଧ୍ୟ ଅଂଶଗ୍ରହଣ କରୁଥିବା ଉଚିତ ।

*୧୭ ଡିସେମ୍ବର ୧୯୬୮*

*ଯେତେବେଳେ ପରମ ଉପସ୍ଥିତି ମୂର୍ତ୍ତ ହୋଇଆସେ, ସେଇଥିରୁ କ'ଣ ଅନୁଭୂତି ଏବଂ ଅବବୋଧ ଅଂଶଗ୍ରହଣ କରୁଥିବାର ସୂଚନା ମିଳିଯାଏ କି ?*

ପରମ ଉପସ୍ଥିତିର ବୋଧଟି ସମ୍ଭବ ହେବା ନିମନ୍ତେ ଅନୁଭୂତିର ଅଂଶଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ । ଏବଂ, ଯେତେବେଳେ ଅବବୋଧ ଆସି ସହଯୋଗ କରେ, ତେବେ ସେହି ବୋଧଟି ମୂର୍ତ୍ତ ଏବଂ ସାକାର ହୋଇଯାଏ ।

*୧୯ ଡିସେମ୍ବର ୧୯୬୮*

*"ଭଗବାନଙ୍କର ରୂପାନ୍ତରକାରୀ ମୁହୂର୍ତ୍ତରେ ସକଳ ବସ୍ତୁର ପରିବର୍ତ୍ତନ ହେବ ।"**

*ମନୁଷ୍ୟ ସେହି ମୁହୂର୍ତ୍ତର ଆଗମନକୁ ବିଳମ୍ବିତ ବା ତ୍ୱରାନ୍ୱିତ କରିଦେଇ ପାରିବ କି ?*

କୌଣସିଟିକୁ କରି ପାରିବ ନାହିଁ । ସେହି ଦୁଇଟିର ଆପାତ ବିରୋଧଟି କେବଳ ବିଚ୍ଛିନ୍ନତାଧର୍ମୀ ଚେତନା ଦ୍ୱାରାହିଁ ସମ୍ଭବ ହୋଇଥାଏ । ଯିଏ ପ୍ରକୃତରେ କରିପାରିବ, ତାହାକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରି ହେବ ନାହିଁ ।

---

* ସାବିତ୍ରୀ (ଇଂ), ପୃ. ୩୪୧ ।

ମନୁଷ୍ୟ-ଚେତନାର ଏହି ବର୍ତ୍ତମାନ ସ୍ଥିତିରେ, ଏହା ପକ୍ଷରେ ଏଭଳି ଭାବିବା ଉପଯୋଗୀ ହେବ ଯେ, ଅଭୀପ୍ସା ଏବଂ ମାନବିକ ପ୍ରୟାସ ଦ୍ୱାରା ଦିବ୍ୟ ରୂପାନ୍ତରର ଆଗମନ ତ୍ୱରାନ୍ୱିତ ହୋଇ ପାରିବ; କାରଣ ରୂପାନ୍ତରଟି ହୋଇ ପାରିବା ଲାଗି ପ୍ରୟାସ ଏବଂ ଅଭୀପ୍ସାର ଆବଶ୍ୟକତା ରହିଛି ।

*୨୧ ଡିସେମ୍ବର ୧୯୬୮*

*ଉପନିଷଦରେ ''ସେହି ପରମ ତତ୍‌କୁ ଜାଣିଲେ ସବୁକିଛି ଜ୍ଞାତ ହୁଏ'' ବୋଲି କୁହାଯାଇଛି । କେବଳ ମର୍ମସ୍ଥ ସତ୍ୟର ଭୂମିରେ ଜାଣିହୁଏ ନା ଟିକିନିଖିର କ୍ଷେତ୍ରରେ ମଧ୍ୟ ଜାଣିହୁଏ ?*

ମର୍ମସ୍ଥ ସତ୍ୟର ଭୂମିରେ, ମାତ୍ର ବ୍ୟକ୍ତି ଯୁଗପତ୍ ଭାବରେ ସାଧାରଣତଃ ଭ୍ରମପୂର୍ଣ୍ଣ ପ୍ରତିଭାସଟିର ବୋଧଟିକୁ ମଧ୍ୟ ସାଇତି ରଖିଥାଏ ।

*୨୩ ଡିସେମ୍ବର ୧୯୬୮*

*ମୋତେ ଲାଗୁଛି ଯେ, ବସ୍ତୁଗୁଡ଼ିକୁ ଟିକିନିଖି ଭାବରେ ଜାଣିବାକୁ ହେଲେ, ଜଣେ ଯୋଗୀ ଲାଗି ମଧ୍ୟ ସାଧାରଣ ସାଧନଗୁଡ଼ିକର ସାହାଯ୍ୟ ନେବା ଆବଶ୍ୟକ ହେବ । ମାତ୍ର ଯୋଗୀ ଏହି ଜ୍ଞାନକୁ ଯଥାର୍ଥ ସତ୍ୟ ଦ୍ୱାରା ପରୀକ୍ଷିତ ବି କରାଇ ନେଉଥିବ ।*

ହଁ, ଆମେ ଇଚ୍ଛାକଲେ କଥାଟିକୁ ସେହିପରି ଭାବରେ ବ୍ୟକ୍ତ କରି ପାରିବା । ମାତ୍ର ସର୍ବୋପରି, ବାହ୍ୟ ପ୍ରତିଭାସଟି ପ୍ରତି ରହିଥିବା ଦୃଷ୍ଟିକୋଣହିଁ ସମ୍ପୂର୍ଣ୍ଣ ଭାବରେ ବଦଳିଯିବ ।

*୨୫ ଡିସେମ୍ବର ୧୯୬୮*

*ମାଆ, ବାହ୍ୟ ରୂପ ବା ପ୍ରତିଭାସ ବିଷୟରେ ଯୋଗୀର ଦୃଷ୍ଟିକୋଣ ବସ୍ତୁତଃ କିପରି ହୋଇ ରହିଥାଏ ।*

ଅନ୍ଧ ହେବା ଅପେକ୍ଷା ସ୍ପଷ୍ଟ ଭାବରେ ଦେଖିପାରିବା ଯେ ଯଥାର୍ଥରେ ଉପଯୋଗୀ, ଯୋଗୀ ତାହା ଉପଲବ୍ଧି କରିଥାଏ ।

ଆଉ ବାହ୍ୟ ରୂପଗୁଡ଼ିକ ଦ୍ୱାରା ପ୍ରତାରିତ ନ ହେବାର ଉପଯୋଗିତାକୁ ମଧ୍ୟ ସେ

ଉପଲବ୍ଧି କରିଥାଏ ।

ଅଜ୍ଞାନ ଏବଂ ମିଥ୍ୟା ଭିତରେ ଜୀବନ ବଞ୍ଚିବା ପରିବର୍ତ୍ତେ ଜୀବନର ଯଥାର୍ଥ ଉଦ୍ଦେଶ୍ୟକୁ ଜାଣିବାର ଉପଯୋଗିତାକୁ ମଧ୍ୟ ସେ ଉପଲବ୍ଧି କରିଥାଏ ।

*୨୭ ଡିସେମ୍ବର ୧୯୬୮*

*ଭ୍ରମପୂର୍ଣ୍ଣ ପ୍ରତିଭାସର ବୋଧ କ'ଣ ଯୋଗୀ ଲାଗି ଆପେ ଆପେ ସମ୍ଭବ ହୁଏ ?*

ତାହା ସମ୍ଭବତଃ ସ୍ୱୟଂ ଯୋଗୀ ଏବଂ ତାହାର ସ୍ଥିତି ଉପରେ ନିର୍ଭର କରିବ ।

ମାତ୍ର ଯେତେବେଳେ ବ୍ୟକ୍ତି ସର୍ବୋଚ୍ଚ ପରମଚେତନା ସହିତ ସଂଯୁକ୍ତ ହୋଇ ରହିଥାଏ ଏବଂ ଯେତେବେଳେ ଶରୀର ରୂପାନ୍ତରିତ ହେବାରେ ଲାଗିଥାଏ, ସେତେବେଳେ ଶରୀର ବାହ୍ୟ ପୃଥିବୀର ସ୍ୱଚାଳିତ ବୋଧଟିକୁ ଅତୁଟ ରଖିଥାଏ; ମାତ୍ର ଏହି ବୋଧ ସାଧାରଣ ବୋଧଠାରୁ ଅଧିକ ସଂପୂର୍ଣ୍ଣତା ଲାଭ କରିଥାଏ; ସତେ ଯେପରି ସେହି ବୋଧ ତା'ଲାଗି ସେହି ପୃଥିବୀର ମର୍ମ ସତ୍ୟର କୌଣସି ଉପାଦାନକୁ ଉଦ୍‌ଘାଟିତ କରି ଦେଉଥାଏ ।

*୨୯ ଡିସେମ୍ବର ୧୯୬୮*

*ମାଆ, ତେଣୁ, ପୂର୍ଣ୍ଣାଙ୍ଗ ଜ୍ଞାନରେ ବାସ କରିବା ସକାଶେ ମଧ୍ୟ ଶରୀରର ରୂପାନ୍ତର ହେବା ପ୍ରୟୋଜନ !*

ନିଶ୍ଚିତ ରୂପେ ।

ଶ୍ରୀଅରବିନ୍ଦଙ୍କର ଯୋଗରେ, ଶରୀରର ରୂପାନ୍ତର ଯେତେଦୂର ସମ୍ଭବ ହୋଇ ପାରିବ, ତାହା ଏକାନ୍ତ ଅପରିହାର୍ଯ୍ୟ । କାରଣ, ସ୍ଥୂଳ ଚେତନାରୁ ପଳାୟନ କରିବା ଏହି ଯୋଗର ଉଦ୍ଦେଶ୍ୟ ନୁହେଁ, ଚେତନାକୁ ଏକ ଦିବ୍ୟ ଚେତନାରେ ପରିଣତ କରିବାକୁହିଁ ତାହା ଆପଣାର ଲକ୍ଷ୍ୟ ବୋଲି ଗ୍ରହଣ କରିଛି ।

*୩୧ ଡିସେମ୍ବର ୧୯୬୮*

*

# ଦ୍ୱାଦଶ ସ୍ତବକ

## ଦ୍ୱାଦଶ ସ୍ତବକ

*ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜଣେ ଛାତ୍ରକୁ ଲିଖିତ ।*
*ସେ ଷୋହଳ ବର୍ଷ ବୟସରେ ମାଆଙ୍କୁ ଚିଠି ଲେଖିବା ଆରମ୍ଭ କରିଥିଲେ ।*

*ସ୍ନେହମୟି ମାଆ,*

*ରାତିରେ ଶୋଇବାକୁ ଯିବା ପୂର୍ବରୁ ମୋ'ର 'ସାବିତ୍ରୀ କିଂବା ଆପଣଙ୍କର କୌଣସି ବହିରୁ କିଛି ପଢ଼ିବାର ଅଭ୍ୟାସ ରହିଥିଲା । ମାତ୍ର, ବର୍ତ୍ତମାନ ସେହି ଅଭ୍ୟାସ ଆଉ ନାହିଁ ଏବଂ ଏବେ ମୁଁ ସମାଧି ସ୍ଥଳକୁ ମଧ୍ୟ ଖୁବ୍ ନିୟମିତ ଭାବରେ ଯାଉ ନାହିଁ । ଏହିସବୁ କଥାର ଯଥାର୍ଥ ମୂଲ୍ୟକୁ ମୁଁ ବୁଝିପାରୁ ନାହିଁ । ଏସବୁ ଅଭ୍ୟାସ କ'ଣ ନିୟମିତ ରହିବା ଉଚିତ ନା ଯେତେବେଳେ ମନ ହେବ, କେବଳ ସେତିକିବେଳେ ସେସବୁ କରିବା ଉଚିତ ? ଏସବୁ କଥା କାହିଁକି କରିବା ଉଚିତ ଓ କିପରି ଭାବରେ କରିବା ଉଚିତ ?*

'ସାବିତ୍ରୀ' ପାଠକଲେ ବୁଦ୍ଧିର ଅଭିବୃଦ୍ଧି ହୁଏ ଏବଂ ଗଭୀରତର ବସ୍ତୁଗୁଡ଼ିକୁ ବୁଝିହୁଏ ।

ଶ୍ରଦ୍ଧାରେ ଅଭିବୃଦ୍ଧି ଲାଭ କରିବା ଲାଗି ଏବଂ ଶ୍ରୀଅରବିନ୍ଦଙ୍କର ସହାୟତା ଲାଭ କରିବା ନିମନ୍ତେ ନିଜକୁ ଶ୍ରୀଅରବିନ୍ଦଙ୍କର ସଂସ୍ପର୍ଶରେ ରଖିବା ଲାଗି ସମାଧିସ୍ଥଳରେ ଜଣେ ନିଜକୁ ଧ୍ୟାନସ୍ଥ କରେ ।

ଯଦି ତୁମ ଲାଗି ଏହିସବୁ ବିଷୟର କୌଣସି ମୂଲ୍ୟ ଥାଏ, ତେବେ ତୁମେ ନିୟମିତ ଭାବରେ ସେଗୁଡ଼ିକୁ ନିଶ୍ଚୟ କରିବ । କାରଣ, ଅଚେତନା ଜନିତ ଆଳସ୍ୟହିଁ ତୁମକୁ ସେଗୁଡ଼ିକ କରିବାରୁ ନିବୃତ୍ତ କରି ରଖେ ।

ତୁମେ ଏକ ଆଧ୍ୟାତ୍ମିକ ଏବଂ ସଚେତନ ଜୀବନ ଲାଗି ଜନ୍ମଗ୍ରହଣ କରିଛ — ମାତ୍ର, ସମ୍ଭବତଃ ତାହାର ଉପଲବ୍ଧି ଲାଗି ଆବଶ୍ୟକ ଇଚ୍ଛାଟିକୁ ଲାଭ କରିବା ନିମନ୍ତେ ଏବେସୁଦ୍ଧା ତୁମର ବୟସ ହୋଇ ନାହିଁ ।

ଅନେକ ଆଶୀର୍ବାଦ ।

*୨୩ ଜୁଲାଇ ୧୯୬୯*

*ସ୍ନେହମୟି ମାଆ,*

*ମୋ'ର କାର୍ଯ୍ୟଗୁଡ଼ିକୁ ଉତ୍ତମରୂପେ କରିବା ଲାଗି ମୁଁ ଯେତେଥର ନିଷ୍ପତ୍ତି*

*କରୁଛି, ମୁଁ ଦେଖୁଛି ଯେ ମୋ'ର ଚେଷ୍ଟା ଆଦୌ ଦୁଇଦିନରୁ ଅଧିକ ସ୍ଥାୟୀ ହୋଇପାରୁ ନାହିଁ । ଯାହା ମୁଁ କରିବାକୁ ନିଷ୍ପତ୍ତି କରିଛି, ତାହାକୁ ଭଲଭାବରେ କରିପାରିବା ପାଇଁ ମୋ'ର କ'ଣ କରିବା ଉଚିତ ବୋଲି ଆପଣ ଭାବୁଛନ୍ତି ? ମୁଁ ଭାବୁଛି ଯେ, ମୋ' ଭିତରେ ଏପରି କିଛି ରହିଛି, ଯାହାକି ମୋତେ ମାନିବାକୁ ରାଜି ହେଉ ନାହିଁ ।*

ନିଜର ସମସ୍ତ ସତ୍ତାକୁ ଚୈତ୍ୟ କେନ୍ଦ୍ରର ଚାରିପାଖରେ ସଚେତନ ଭାବରେ ଏକତ୍ର କରି ଆଣି ପାରି ନ ଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ମନୁଷ୍ୟର ଜୀବନରେ ଠିକ୍ ଏହିଭଳି ଘଟିଥାଏ ।

ଯଦି ତୁମେ ନିଜ ସତ୍ତା ଓ ଏହାର ଯାବତୀୟ କ୍ରିୟା ଉପରେ ନିଜେ କର୍ତ୍ତା ହୋଇ ରହିବାକୁ ଇଚ୍ଛା କରୁଛ, ତେବେ ଏହି ଏକତ୍ରୀକରଣ ଏକାନ୍ତ ଅପରିହାର୍ଯ୍ୟ ।

ଏହା ଏକ ଦୀର୍ଘ ଏବଂ ଅତି ସତର୍କ କାର୍ଯ୍ୟ ଓ ଏଥିଲାଗି ଅତୀବ ଅଧ୍ୟବସାୟ ଆବଶ୍ୟକ । ମାତ୍ର ଏଥିରେ ଯେଉଁ ପ୍ରଭୂତ ଫଳ ମିଳିଥାଏ, ସେହି ଦୃଷ୍ଟିରୁ ଏହି ପ୍ରୟାସଟିକୁ ଅବଶ୍ୟ କରିବା ଉଚିତ । କାରଣ, ଏହା ଯେ ତୁମକୁ କେବଳ ସେହି କର୍ତ୍ତୃତ୍ୱଟିକୁ ଆଣିଦିଏ ତା' ନୁହେଁ, ଏହା ରୂପାନ୍ତର ତଥା ଚେତନାର ଉନ୍ମୀଳନର ସମ୍ଭାବନାଟିକୁ ମଧ୍ୟ ଆଣି ଦେଇଥାଏ ।

ତୁମେ ଏହା କରିବାକୁ ଇଚ୍ଛା କରୁଛ କି ?

ଯଦି ଇଚ୍ଛା କରୁଥାଅ, ତେବେ ମୁଁ ତୁମକୁ ଏଥିରେ ସାହାଯ୍ୟ କରିବି ।

ଅନେକ ଆଶୀର୍ବାଦ ।

*୨୮ ଅଗଷ୍ଟ ୧୯୬୯*

*ସ୍ନେହମୟି ମାଆ,*

*ଜଣେ ଯାହାକିଛି କରୁଛି, ତାହାକୁ ଯେ ସେ ଆପଣଙ୍କ ପାଇଁ କରୁଛି, ପ୍ରତ୍ୟେକ ମୁହୂର୍ତ୍ତରେ ସେ ଏକଥାଟି କିପରି ମନେ ରଖି ପାରିବ ? ବିଶେଷତଃ, ଜଣେ, ଯେତେବେଳେ ଏକ ସଂପୂର୍ଣ୍ଣ ଉତ୍ସର୍ଗ କରିବାକୁ ଇଚ୍ଛା କରୁଛି, ସେତେବେଳେ ସେ କିପରି ଅଗ୍ରସର ହେବ; ଏହା ଯେ ସେ ଦିବ୍ୟ ପରମସତ୍ତାଙ୍କ ପାଇଁ କରୁଛି, ସେକଥା କଦାପି ଭୁଲିଯିବ ନାହିଁ ?*

ଏକଥାଟି କରି ପାରିବାକୁ ହେଲେ, ତୁମକୁ ଏକ **ଅଟଳ ଇଚ୍ଛାଶକ୍ତି** ଏବଂ **ବିରାଟ ଧୈର୍ଯ୍ୟ** ହାସଲ କରିବାକୁ ହେବ । ମାତ୍ର, ଏଥିଲାଗି ଥରେ ସଂକଳ୍ପବଦ୍ଧ ହୋଇଗଲେ ତୁମକୁ

ସାହାଯ୍ୟ ଏବଂ ଭରସା ଦେବା ଲାଗି ତୁମ ପାଖରେ ଦିବ୍ୟ ସହାୟତା ମଧ୍ୟ ଆସି ପହଞ୍ଚିଯିବ । ତୁମେ ଅନ୍ତର୍ଗତ ଭାବରେ ନିଜ ହୃଦୟ ଭିତରେ ସେହି ସହାୟତାକୁ ଅନୁଭବ କରି ପାରିବ ।

ଅନେକ ଆଶୀର୍ବାଦ ।

*୯ ସେପ୍ଟେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଏଠାରେ ଜନ୍ମଦିନକୁ ଏକ ମହତ୍ତ୍ୱପୂର୍ଣ୍ଣ ଦିନରୂପେ ପାଳନ କରାଯାଉଛି । ମୁଁ ସେଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ ଜାଣିବାକୁ ଇଚ୍ଛା କରୁଛି ।*

ଅନ୍ତର୍ଗତ ପ୍ରକୃତିର ଦୃଷ୍ଟିକୋଣରୁ, ପ୍ରତ୍ୟେକ ବର୍ଷ ଆପଣାର ଜନ୍ମଦିନରେ ବ୍ୟକ୍ତି ଅପେକ୍ଷାକୃତ ଅଧିକ ଗ୍ରହଣଶୀଳ ହୋଇ ରହିଥାଏ ଏବଂ ତେଣୁ ତାକୁ ପ୍ରତ୍ୟେକ ବର୍ଷ କିଛି ନୂତନ ଅଗ୍ରଗତି କରିବା ଲାଗି ସାହାଯ୍ୟ କରିବାରେ ତାହା ଏକ ଅନୁକୂଳ ଅବସର ପରି କାର୍ଯ୍ୟ କରେ ।

ଅନେକ ଆଶୀର୍ବାଦ ।

*୨୫ ସେପ୍ଟେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଚୈତ୍ୟସତ୍ତାର ସଂସ୍ପର୍ଶରେ ଆସିବା ସହଜ ନୁହେଁ ବୋଲି ମୋତେ ଆପଣ ଲେଖିଥିଲେ । ଏହା କଷ୍ଟକର ବୋଲି ଆପଣ କାହିଁକି ଭାବୁଛନ୍ତି ? ଏହି ଦିଗରେ ମୋତେ କିପରି ଆରମ୍ଭ କରିବାକୁ ହେବ ?*

ମୁଁ ‘‘ସହଜ ନୁହେଁ ’’ ବୋଲି କହିଥିଲି, କାରଣ ଏହି ସଂସ୍ପର୍ଶ ସ୍ୱତଃସ୍ଫୂର୍ତ୍ତ ଭାବରେ ଆସେ ନାହିଁ । ନିଜେ ଇଚ୍ଛା କଲେ ଯାଇ ଆସେ । ଚୈତ୍ୟ ସତ୍ତାର ଏକ ପ୍ରଭାବ ଭାବନା ଓ କ୍ରିୟାଗୁଡ଼ିକ ଉପରେ ନିରନ୍ତର ରହିଥାଏ, ମାତ୍ର ଜଣେ ବ୍ୟକ୍ତି ସେହି ବିଷୟରେ କ୍ୱଚିତ୍ ସଚେତନ ଥାଏ । ଚୈତ୍ୟ ସତ୍ତା ବିଷୟରେ ସଚେତନ ହେବାକୁ ହେଲେ, ତୁମକୁ ଆଗ ଏହା ଚାହିଁବାକୁ ପଡ଼ିବ, ନିଜ ମନକୁ ଯଥାସମ୍ଭବ ଅଧିକ ନୀରବ କରି ଆଣିବାକୁ ହେବ ଏବଂ ନିଜ ସତ୍ତାର ହୃଦୟ-ଗଭୀରରେ ପ୍ରବେଶ କରିବାକୁ ହେବ । ଅବବୋଧ ଏବଂ ଭାବନାଗୁଡ଼ିକୁ ପାରିହୋଇ ଚାଲିଯିବାକୁ ପଡ଼ିବ । ନୀରବ ଅଭିନିବେଶ ଏବଂ ଆପଣା ସତ୍ତାର ଗଭୀରକୁ ଅବତରଣ କରିବାର ଅଭ୍ୟାସଟିକୁ ଅର୍ଜନ କରିବାକୁ ହେବ ।

ଚୈତ୍ୟସତ୍ତାର ଆବିଷ୍କାର ହେଉଛି ଏକ ନିର୍ଦ୍ଦିଷ୍ଟ ଏବଂ ମୂର୍ତ୍ତ ଜୀବନସତ୍ୟ; ଯେଉଁମାନଙ୍କର ସେହି ଅନୁଭବଟି ରହିଛି, ସେମାନେ ଭଲ ଭାବରେ ତାହାକୁ ଜାଣିଛନ୍ତି ।

ଅନେକ ଆଶୀର୍ବାଦ ।

*୬ ଅକ୍ଟୋବର ୧୯୬୯*

*ସ୍ନେହମୟି ମାଆ,*

*ମୁଁ ଜାଣିପାରିଛି ଯେ, ମୋ'ର ପ୍ରକୃତ ସାମର୍ଥ୍ୟଠାରୁ ଆଉଟିକିଏ ଅଧିକ ଭଲ ଭାବରେ ସବୁ କାର୍ଯ୍ୟ କରି ପାରିବାକୁ ମୁଁ ମୋ'ର ଭୌତିକ ଶରୀରଟିକୁ ମୋଟେ ବାଧ କରିପାରୁ ନାହିଁ । ମୁଁ କିପରି ତାକୁ ଏଥିପାଇଁ ବାଧ କରି ପାରିବି, ତାହା ଜାଣିବାକୁ ଚାହୁଁଛି । ମାତ୍ର, ସ୍ନେହମୟି ମାଆ, ନିଜର ଶରୀରକୁ ବାଧ କରିବା ଆଦୌ ଭଲ କି ?*

ନାହିଁ ।

ଅଗ୍ରଗତି କରିବା ଲାଗି ଶରୀରର ସାମର୍ଥ୍ୟ ରହିଛି, ଏବଂ ଏହା ଆଗରୁ ଯାହା କରି ପାରୁ ନ ଥିଲା, ତାହା କରିବାକୁ ଶରୀର କ୍ରମେ ଅବଶ୍ୟ ଶିକ୍ଷା କରିପାରିବ । ମାତ୍ର ପ୍ରାଣିକ ବାସନାର ଏବଂ ମାନସିକ ଇଚ୍ଛାଶକ୍ତିର ପ୍ରଗତି-ସାମର୍ଥ୍ୟ ତୁଳନାରେ ଶାରୀର ପ୍ରଗତି-ସାମର୍ଥ୍ୟ ମନ୍ଥରତର । ଏବଂ, ଯଦି ପ୍ରାଣକୁ ଏବଂ ମନକୁ ଯାବତୀୟ କ୍ରିୟାର ଦାୟିତ୍ୱରେ ରଖି ଦିଆ ଯାଇଥିବ, ତେବେ ସେମାନେ ଶରୀରକୁ କେବଳ ଉତ୍ପୀଡ଼ିତ କରିହିଁ ରଖିବେ, ତାହାର ଭାରସାମ୍ୟକୁ ନଷ୍ଟ କରିଦେବେ ଓ ତା'ର ସ୍ୱାସ୍ଥ୍ୟକୁ ମଧ୍ୟ ବିପର୍ଯ୍ୟସ୍ତ କରି ପକାଇବେ ।

ତେଣୁ, ଧୈର୍ଯ୍ୟ ରଖିବାକୁ ହେବ ଓ ଶରୀରର ସ୍ୱକୀୟ ଛନ୍ଦଟିର ଅନୁସରଣ କରିବାକୁ ହେବ । ତା'ର ସେହି ଛନ୍ଦଟିର ଅଧିକ ବିବେକଶକ୍ତି ରହିଥାଏ; ସେ କ'ଣ କରିପାରିବ ଓ କ'ଣ ସେ କରି ନ ପାରିବ, ସେ କଥା ସେ ପ୍ରକୃତରେ ଜାଣିଥାଏ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ କେତେକ ଶରୀର ତାମସିକ ସ୍ଥିତିରେ ରହିଥାନ୍ତି ଏବଂ ଅଗ୍ରଗତି କରିବା ଲାଗି କିଞ୍ଚିତ, ଉତ୍ସାହ ଆବଶ୍ୟକ କରୁଥାନ୍ତି ।

ମାତ୍ର, ସକଳ ବସ୍ତୁରେ ଏବଂ ସକଳ କ୍ଷେତ୍ରରେ, ଏକ ଭାରସାମ୍ୟ ଅବଶ୍ୟ ରଖିବାକୁ ହେବ ।

ଅନେକ ଆଶୀର୍ବାଦ ।

*୧୩ ଅକ୍ଟୋବର ୧୯୬୯*

*ସ୍ନେହମୟି ମାଆ,*

*ଆମ୍ଭେମାନେ ପୁନର୍ଜନ୍ମରେ କାହିଁକି ବିଶ୍ୱାସ କରୁ ? ଆମ ବର୍ତ୍ତମାନ ସ୍ଥିତିର ପୂର୍ବରୁ ଆମେସବୁ କ'ଣ ଥିଲୁ ?*

ଯେଉଁମାନଙ୍କର ନିଜ ପୂର୍ବ ଜନ୍ମଗୁଡ଼ିକ ବିଷୟରେ ସ୍ମୃତି ରହିଛି, ସେମାନେ ପୁନର୍ଜନ୍ମକୁ ଏକ ବାସ୍ତବ ସତ୍ୟ ବୋଲି ଘୋଷଣା କରିଛନ୍ତି ।

ଏପରି ସତ୍ତାମାନେ ଥିଲେ,– ଏବଂ ଏବେ ମଧ୍ୟ ଅଛନ୍ତି,– ଯେଉଁମାନଙ୍କର ଅନ୍ତଶ୍ଚେତନା ଏପରି ଯଥେଷ୍ଟ ଭାବରେ ବିକାଶଲାଭ କରିଛି ଯେ, ସେମାନେ ନିଶ୍ଚିତ ଭାବରେ ଜାଣି ପାରୁଛନ୍ତି, ଏହି ଚେତନା ସେମାନଙ୍କର ଏହି ଶରୀର ବ୍ୟତୀତ ଅନ୍ୟ ଶରୀରମାନଙ୍କରେ ମଧ୍ୟ ବ୍ୟକ୍ତ ହୋଇଥିଲା । ଏହି ଶରୀର ଅନ୍ତେ ମଧ୍ୟ ଚେତନା ତଥାପି ନଷ୍ଟ ହୋଇଯିବ ନାହିଁ ବୋଲି ଜାଣିପାରୁଛନ୍ତି ।

ଏହା ଏକ ତତ୍ତ୍ୱ ନୁହେଁ, ଯାହାର ଆଲୋଚନା ହୋଇ ପାରିବ – ଯିଏ ଏହାର ଅନୁଭବ ଲାଭ କରିଛି, ତା' ପାଇଁ ତାହା ଏକ ବିବାଦାତୀତ ସତ୍ୟାନୁଭୂତି ହୋଇ ରହିଛି ।

ଅନେକ ଆଶୀର୍ବାଦ ।

*୫ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ପ୍ରକୃତିର କ୍ରୋଡ଼ରେ ରହିଥିବା ସମୟରେ ଆମର କ'ଣ ଭାବିବା ଉଚିତ ? ପ୍ରକୃତିର ସଂସ୍ପର୍ଶ ଆମକୁ ଆଦୌ କୌଣସି ପ୍ରକାରେ ସାହାଯ୍ୟ କରେ କି ?*

ଭାବନା ଦ୍ୱାରା ତୁମେ କଦାପି ପ୍ରକୃତିର ସଂସ୍ପର୍ଶ ଲାଭ କରିପାରିବ ନାହିଁ । କାରଣ ପ୍ରକୃତି କିଛି ଭାବେ ନାହିଁ ।

ମାତ୍ର, ଯଦି ତୁମେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଗଭୀର ଭାବରେ ଅନୁଭବ କରିପାରିବ ଏବଂ ତା' ସହିତ ଭାବର ଆଦାନପ୍ରଦାନ କରି ପାରିବ, ତେବେ ତାହା ତୁମର ଚେତନାକୁ ପ୍ରଶସ୍ତ କରିବାରେ ଅବଶ୍ୟ ସାହାଯ୍ୟ କରିବ ।

ଅନେକ ଆଶୀର୍ବାଦ ।

*୯ ନଭେମ୍ବର ୧୯୬୯*

ପ୍ରକୃତି-ପ୍ରେମ ସାଧାରଣତଃ ଏପରି ଏକ ଶୁଦ୍ଧ ଏବଂ ସୁସ୍ଥ ସତ୍ତାର ସଙ୍କେତ ହୋଇ ରହିଥାଏ,

ଯାହାକି ଆଧୁନିକ ସଭ୍ୟତା ଦ୍ୱାରା ଆଦୌ ଦୂଷିତ ହୋଇଯାଇ ନାହିଁ । ଏକ ଶାନ୍ତ ମନର ନୀରବତା ମଧ୍ୟରେହିଁ ଆମେ ସର୍ବୋତ୍ତମ ଭାବରେ ପ୍ରକୃତି ସହିତ ଭାବର ଆଦାନପ୍ରଦାନ କରି ପାରିବା ।

ଅନେକ ଆଶୀର୍ବାଦ ।

*୧୩ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଦ୍ୱେଷ ଏବଂ ଆଳସ୍ୟରୁ କିପରି ମୁକ୍ତି ମିଳିବ, ଅଥବା, ଆଉ ଏକ ଭାଷାରେ କହିଲେ, କିପରି ସେଗୁଡ଼ିକର ସଂଶୋଧନ କରାଯାଇ ପାରିବ ?*

ସ୍ୱାର୍ଥପରତାହିଁ ଯାବତୀୟ ଦ୍ୱେଷ ଓ ଈର୍ଷାକୁ ଜନ୍ମ ଦେଇଥାଏ । ଦୁର୍ବଳତାରୁ ଆଳସ୍ୟ ଜନ୍ମଲାଭ କରେ ।

ଉଭୟ କ୍ଷେତ୍ରରେ, ସଚେତନ ଭାବରେ କେବଳ ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିହିଁ ଆମେ ଏହାର ଯଥାର୍ଥ ଓ ଫଳପ୍ରଦ ପ୍ରତିକାର କରିପାରିବା । ବସ୍ତୁତଃ, ଜଣେ ବ୍ୟକ୍ତି ଯେମିତି ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହୋଇଯାଏ ଓ ତାଙ୍କ ସହିତ ସଂଯୁକ୍ତ ହୁଏ, ସିଏ ସେମିତି ଯଥାର୍ଥ ଭଲ ପାଇବା ଦ୍ୱାରା ଭଲ ପାଇ ଶିଖେ : ଯେଉଁ ପ୍ରେମ **କେବଳ ଭଲ ପାଇବାରେ ଆନନ୍ଦ ପାଇଁ ହିଁ ଭଲ ପାଏ** ଏବଂ ପ୍ରତିଦାନରେ ଯାହାର ମୋତେ ମଧ୍ୟ ସିଏ ଭଲ ପାଉ ବୋଲି ଆଶା କରିବାର କୌଣସି ଆବଶ୍ୟକତା ନ ଥାଏ, ଏଠାରେ ମୁଁ ସେହି ପ୍ରେମର କଥା କହୁଛି । ସେହି ବ୍ୟକ୍ତି ଏକ ଅକ୍ଷୟ ଉତ୍ସରୁ ଶକ୍ତିର ଆହରଣ କରିବାକୁ ମଧ୍ୟ ଶିକ୍ଷା କରେ ଏବଂ ଅନୁଭୂତିରୁ ଏକଥା ମଧ୍ୟ ଜାଣେ ଯେ, ଏହି ଶକ୍ତିକୁ ଦିବ୍ୟ ପରମସତ୍ତାଙ୍କ ପାଇଁ ବ୍ୟବହାର କରି ଜଣେ ତାଙ୍କଠାରୁ ନିଜେ ଯାହା ଖର୍ଚ୍ଚ କରିଛି ତାହା ସହିତ ଆହୁରି ଅଧିକ ସବୁକିଛି ଅବଶ୍ୟ ଲାଭ କରିପାରେ ।

ଏହି କ୍ଷେତ୍ରରେ ମନ ଯେତେ ଯାହା ପ୍ରତିକାରର ପରାମର୍ଶ ଦିଏ, ତାହା ଏକାବେଳେକେ ସବୁଠାରୁ ଅଧିକ ସନ୍ଦୀପିତ ମନ ହୋଇଥାଉ ପଛକେ, ସେଗୁଡ଼ିକ ହୁଏତ କେବଳ ଅସ୍ଥାୟୀ ପ୍ରଶମକର କାର୍ଯ୍ୟ କରନ୍ତି ସିନା, କଦାପି ଯଥାର୍ଥ ଭାବରେ ଆରୋଗ୍ୟ କରି ପାରନ୍ତି ନାହିଁ ।

ଅନେକ ଆଶୀର୍ବାଦ ।

*୧୬ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ବେଳେବେଳେ ମୁଁ ନିଦରେ କେତେ କ’ଣ କଥା କହେ । ଏଥିରୁ ସୂଚନା ମିଳେ ଯେ ମୋ’ ମନରେ ନିୟନ୍ତ୍ରଣର ଅଭାବ ରହିଛି, ନୁହେଁ କି ? ତେଣୁ, ରାତିରେ ତାକୁ ଶାନ୍ତ ରଖିବାକୁ ମୋ’ର କ’ଣ କରିବା ଉଚିତ ?*

ସାଧାରଣତଃ, ଯେତେବେଳେ ରାତିରେ ଶରୀର ଶୋଇ ରହିଥାଏ, ସେତେବେଳେ ମନ ବାହାରକୁ ବାହାରି ଚାଲିଯାଏ; କାରଣ ଦୀର୍ଘ ସମୟ ଲାଗି ଚୁପ୍ ହୋଇ ରହିବା ମନ ପାଇଁ କଷ୍ଟକର ହୋଇପଡ଼େ । ଏବଂ, ସେହି କାରଣରୁହିଁ ଅଧିକାଂଶ ବ୍ୟକ୍ତି ସେତେବେଳେ କୌଣସି କଥା କହନ୍ତି ନାହିଁ ।

ମାତ୍ର, ତୁମର ମନ ତୁମ ଶରୀର ଭିତରେ ରହୁଥିବା ପରି ମନେ ହେଉଛି; ତେଣୁ, ସଂପୂର୍ଣ୍ଣ ସ୍ଥିର ଓ ନୀରବ ହୋଇ ରହିବା ଲାଗି ତୁମେ ତାହାକୁ ନିର୍ଦ୍ଦେଶ ଦେବ, ଯେପରିକି ଶରୀର ଠିକ୍ ଭାବରେ ବିଶ୍ରାମ କରିପାରିବ । ଶୋଇବାକୁ ଯିବା ପୂର୍ବରୁ କିଛି ସମୟ ଲାଗି ଧ୍ୟାନସ୍ଥ ହୋଇ ରହିପାରିଲେ ସେଥିରୁ ନିଶ୍ଚୟ ଫଳ ମିଳିବ ।

ଅନେକ ଆଶୀର୍ବାଦ ।

*୨୯ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଯେତେବେଳେ ଶରୀର ଶୋଇଥାଏ, ସେତେବେଳେ ଶରୀର ଭିତରୁ ମନ ବାହାରକୁ ବାହାରିଗଲେ ଅଧିକ ଭଲ ହୁଏ କି ? ସେତେବେଳେ ମନ କେଉଁଆଡ଼େ ଯାଏ ?*

ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ଏହାର ଭିନ୍ନ ଭିନ୍ନ ସମ୍ଭାବନା ରହିଛି । ଯେତେ ମଣିଷ, ଠିକ୍ ସେତିକି ସଂଖ୍ୟାରେ ଭିନ୍ନ ଭିନ୍ନ ଆଚରଣ । ମାତ୍ର ତା’ର ବିଶ୍ରାମ ଲାଗି କିପରି ପରିବେଶ ସର୍ବୋତ୍ତମ ହେବ, ସେକଥା ପ୍ରତ୍ୟେକ ବ୍ୟକ୍ତି ଅବଶ୍ୟ ଶିକ୍ଷା କରି ପାରିବ ।

ତୁମେ ଯେପରି ନିଜ ଦିନଗୁଡ଼ିକ ବିଷୟରେ ସଚେତନ ହୋଇ ପାରୁଛ, ଠିକ୍ ସେହିପରି ନିଜର ରାତ୍ରିଗୁଡ଼ିକ ବିଷୟରେ ଏବଂ ନିଦ୍ରା ବିଷୟରେ ମଧ୍ୟ ସଚେତନ ହୋଇ ପାରିବ । ଏହା ହେଉଛି ଅନ୍ତର୍ଗତ ବିକାଶର କଥା, ଚେତନାର କ୍ଷେତ୍ରରେ ଏକ ଶୃଙ୍ଖଳା ଆଣି ପାରିବାର କଥା ।

ଅନେକ ଆଶୀର୍ବାଦ । *୧ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*"ସଚେତନ ହେବା" କହିଲେ ଆପଣ କ'ଣ ବୁଝୁଛନ୍ତି ? ନିଜ ଭିତରେ ଦିବ୍ୟ ପରମ ଉପସ୍ଥିତିଟି ବିଷୟରେ ସଚେତନ ହେବା କ'ଣ ଏକମାତ୍ର କଥା ନା, ନିଜର ଯାବତୀୟ କ୍ରିୟାଶୀଳତା, କଥା କହିବା ପ୍ରଭୃତି ବିଷୟରେ ସଚେତନ ହେବାର ମଧ୍ୟ କୌଣସି ମୂଲ୍ୟ ରହିଛି ?*

ତୁମେ ଏ ବିଷୟରେ ନିଶ୍ଚିତ ରହିପାର ଯେ, ନିଜ ଭିତରେ ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନ ରହିବା ଦ୍ୱାରା ନିଜ ଜୀବନର ସମଗ୍ର ଧାରାଟିହିଁ ପ୍ରଭୂତ ଭାବରେ ପରିବର୍ତ୍ତିତ ହୋଇଯାଏ । ସେଥିରୁ ଆପଣାର ଯାବତୀୟ କ୍ରିୟାଶୀଳତା ଉପରେ ମଧ୍ୟ ଅସାଧାରଣ ନିୟନ୍ତ୍ରଣ ଆସେ; ମାନସିକ, ପ୍ରାଣିକ ଓ ଶାରୀରିକ ଯାବତୀୟ କ୍ରିୟାଶୀଳତା ଉପରେ ।

ଏବଂ, ବାହ୍ୟ ଯାବତୀୟ ଉପାୟରେ ଆମେ ଯେତେ ଯାହା ନିୟନ୍ତ୍ରଣ-ଶକ୍ତି ଅର୍ଜନ କରିପାରୁ, ଏହି ନିୟନ୍ତ୍ରଣ ତାହାଠାରୁ ଅନନ୍ତ ଗୁଣରେ ଅଧିକ ଶକ୍ତିଶାଳୀ ଏବଂ ଅଧିକ ଆଲୋକିତ ହୋଇଥାଏ ।

ଅନେକ ଆଶୀର୍ବାଦ ।

*୯ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଆମ ପ୍ରାଣ କ'ଣ କେବଳ ନାନା ବାସନା, ସ୍ୱାର୍ଥ-ଭାବ ପ୍ରଭୃତି ଦ୍ୱାରା ତିଆରି ହୋଇଛି ନା ସେଥିରେ କିଛି ଭଲ କଥା ମଧ୍ୟ ରହିଛି ?*

ପ୍ରାଣ ଭିତରେ ଶକ୍ତି ଅଛି, ବଳ ଅଛି, ଉତ୍ସାହ, କଳାତ୍ମକ ରୁଚି, ସାହସ ଏବଂ ଓଜସ୍ୱିତା ମଧ୍ୟ ରହିଛି । ସେଗୁଡ଼ିକୁ କିପରି ଯଥାର୍ଥ ଭାବରେ ବ୍ୟବହାର କରିବାକୁ ହୁଏ, ଆମେ ସେହି କଥାଟିକୁ କେବଳ ଜାଣିଥିଲେ ହେଲା ।

ଦିବ୍ୟ ପରମ ଇଚ୍ଛାଙ୍କ ଦିଗରେ ପରିବର୍ତ୍ତିତ ଏବଂ ଉତ୍ସର୍ଗୀକୃତ ହୋଇ ପାରିଥିବା ଏକ ପ୍ରାଣ ଏପରି ଏକ ସାହସଯୁକ୍ତ ଓ ଓଜସ୍ୱୀ ଯନ୍ତ୍ରରେ ପରିଣତ ହୋଇପାରିବ, ଯାହାକି ଯେ କୌଣସି ପ୍ରତିବନ୍ଧକକୁ ମଧ୍ୟ ଅତିକ୍ରମ କରି ଯାଉଥିବ । ମାତ୍ର ଏହାକୁ ସର୍ବପ୍ରଥମେ ଶୃଙ୍ଖଳିତ କରି ରଖିବା ଉଚିତ ଏବଂ କେବଳ ଦିବ୍ୟ ପରମସତ୍ତାଙ୍କୁ ନିଜର ଅନୁମନ୍ତା ରୂପେ ସ୍ୱୀକାର କରିନେଇ ପାରିଲେ ଯାଇ ପ୍ରାଣ ଶୃଙ୍ଖଳିତ ହେବା ଲାଗି ସମ୍ମତ ହୋଇପାରିବ ।

ଅନେକ ଆଶୀର୍ବାଦ । *୧୧ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଚେତନାର ପରିବର୍ତ୍ତନ ବୋଲି କହିବାବେଳେ ଶ୍ରୀଅରବିନ୍ଦ ତାହା କେଉଁ ଅର୍ଥରେ କହୁଛନ୍ତି ?*

ସାଧାରଣ ଅଜ୍ଞାନମୟ ମାନବୀୟ ଚେତନାକୁ ଡେଇଁଯାଇ ଦିବ୍ୟ ପରମ ଉପସ୍ଥିତି ଉପରେ ଆଧାରିତ ଯୋଗସ୍ଥ ଚେତନାରେ ପ୍ରବେଶ କରିବା,– ଏହି ଅର୍ଥରେ ସେ କହୁଛନ୍ତି ।

ଅନେକ ଆଶୀର୍ବାଦ ।

*୧୩ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଶୀଘ୍ର ଶୋଇବାକୁ ଯାଇ ଶୀଘ୍ର ଉଠିବା କାହିଁକି ଅଧିକ ଭଲ ?*

ସୂର୍ଯ୍ୟ ଅସ୍ତ ହେଉଥିବା ସମୟରେ ପୃଥିବୀ ଉପରେ ଗୋଟିଏ ପ୍ରକାରର ଶାନ୍ତି ଅବତରଣ କରିଥାଏ ଏବଂ ଏହି ଶାନ୍ତି ନିଦ୍ରା ପାଇଁ ସହାୟକ ହୁଏ ।

ସୂର୍ଯ୍ୟୋଦୟ ପରେ ଏକ ଓଜସ୍ୱିନୀ ଶକ୍ତି ପୃଥିବୀ ଉପରକୁ ଅବତରଣ କରେ ଏବଂ ଏହା କର୍ମ ନିମନ୍ତେ ସହାୟକ ।

ଯଦି ତୁମେ ବିଳମ୍ବରେ ଶୋଇବାକୁ ଯାଉଥାଅ ଓ ବିଳମ୍ବରେ ଉଠୁଥାଅ, ତେବେ ତୁମେ ପ୍ରକୃତିରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକର ଖିଲାପ କର ଏବଂ ତାହା ଆଦୌ ବିବେକର କଥା ନୁହେଁ ।

ଅନେକ ଆଶୀର୍ବାଦ ।

*୨୧ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଫଳିତ ଜ୍ୟୋତିଷ ଓ ତତ୍ତୁଲ୍ୟ ଅନ୍ୟ ଅଧ୍ୟୟନଗୁଡ଼ିକ ନିର୍ଭୁଲ୍ ଭାବରେ ଅନାଗତ ବିଷୟଗୁଡ଼ିକୁ କହିଦେଇ ପାରନ୍ତି କି, ଅଥବା ମନୁଷ୍ୟମାନେ ତାହା କରିପାରିବାକୁ ତଥାପି ସମର୍ଥ ହୋଇ ନାହାନ୍ତି ?*

ମନୁଷ୍ୟମାନେ ଯାହାକିଛି କରନ୍ତି, ତାହା ପଛରେ ମାନବୀୟ ଅସମର୍ଥତା ଅବଶ୍ୟ ରହିଛି । କେବଳ ଯେଉଁ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହୋଇପାରିଛି ଏବଂ

ତାଙ୍କର ଜଣେ ବିଶ୍ୱସ୍ତ ଯନ୍ତ୍ରରେ ପରିଣତ ହୋଇ ପାରିଛି, କେବଳ ସେହିଁ ଭୁଲ୍‌ଗୁଡ଼ିକୁ ଏଡ଼ିଯାଇ ପାରିବ । ଅବଶ୍ୟ ସେ କେବଳ ଦିବ୍ୟ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବା ଲାଗି ସାବଧାନ ରହିଥିବ ଏବଂ ସେଥିରେ ନିଜର ବ୍ୟକ୍ତିଗତ କୌଣସି ମତକୁ ନେଇ ପୂରାଇ ଦେବ ନାହିଁ ।

ଏହା ଯେ ଆଦୌ ସହଜ କଥା ନୁହେଁ, ଏହା ଅବଶ୍ୟ କହିବାକୁ ହେବ । ଯାହା ଭିତରେ ଅହଂର ଆଉ କୌଣସି ପ୍ରାଦୁର୍ଭାବ ନାହିଁ, କେବଳ ସେହିଁ ନିର୍ଭୁଲ ଭାବରେ ତାହା କରିପାରିବ ।

ଅନେକ ଆଶୀର୍ବାଦ । *୨୫ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଜ୍ଞାନ ଓ ବୁଦ୍ଧି କହିଲେ କ'ଣ ବୁଝାଏ ? ଆମ ଜୀବନରେ ସେଗୁଡ଼ିକର କୌଣସି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି କି ?*

ଜ୍ଞାନ ଓ ବୁଦ୍ଧିକୁ ମନୁଷ୍ୟ ଭିତରେ ରହିଥିବା ତା'ର ଉଚ୍ଚତର ମାନସିକ ଦୁଇ ଗୁଣ ବୋଲିହିଁ କୁହାଯିବ, ଏହି ଗୁଣଗୁଡ଼ିକ ମନୁଷ୍ୟକୁ ପଶୁଠାରୁ ଭିନ୍ନ କରି ରଖିଥା'ନ୍ତି ।

ଜ୍ଞାନ ଓ ବୁଦ୍ଧି ବିନା ମଣିଷକୁ ମଣିଷ ବୋଲି କୁହାଯିବ ନାହିଁ, ମନୁଷ୍ୟ ରୂପରେ ଇତର ପ୍ରାଣୀଟିଏ ବୋଲି କୁହାଯିବ ।

ଅନେକ ଆଶୀର୍ବାଦ ।

*୩୦ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ନୂତନ ମାନବଜାତିର ସୃଷ୍ଟି ହେଲେ ଆମ ଶରୀରର ଚେହେରା ବଦଳିଯିବ କି ?*

ଅତିମାନସ ସତ୍ତାର ଶରୀର ଏବଂ ମନୁଷ୍ୟର ଶରୀର ଭିତରେ ନିଶ୍ଚିତ ଭାବରେ ଯେଉଁ ପାର୍ଥକ୍ୟଟି ରହିବ, ଆମେ ତାହାକୁ ମନୁଷ୍ୟ ଏବଂ ସବୁଠାରୁ ଅଧିକ ବିକଶିତ ହୋଇ ପାରିଥିବା ମାଙ୍କଡ଼ ମଧ୍ୟରେ ରହିଥିବା ପାର୍ଥକ୍ୟ ସହିତ ତୁଳନା କରି ପାରିବା; ମାତ୍ର ସେହି ନୂତନ ପ୍ରରୂପଟିର ପୃଥିବୀ ପୃଷ୍ଠରେ ଆବିର୍ଭାବ ଘଟିବା ପୂର୍ବରୁ, ଏହି ପାର୍ଥକ୍ୟଟି ସତକୁ ସତ କ'ଣ ହେବ, ଆମେ କ୍ୱଚିତ୍ ସେ କଥା ଜାଣି ପାରିବା ।

ଅନେକ ଆଶୀର୍ବାଦ । *୧୩ ଜାନୁଆରି ୧୯୭୦*

*ସ୍ନେହମୟି ମାଆ,*

*କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ମଧ୍ୟରେ କି ପ୍ରଭେଦ ରହିଛି ?*

କ୍ରୀଡ଼ା କହିଲେ ଯାବତୀୟ ଖେଳ ଓ ପ୍ରତିଯୋଗିତା ପ୍ରଭୃତିକୁ ବୁଝାଉଛି; ଏଗୁଡ଼ିକ ପ୍ରତିଯୋଗିତା ଉପରେ ଆଧାରିତ ହୋଇ ରହିଥା'ନ୍ତି ଏବଂ ଏଥିରେ ବିଭିନ୍ନ ସ୍ଥାନ ଲାଭ କରାଯାଇଥାଏ ଓ ପୁରସ୍କାର ମିଳିଥାଏ ।

ଶାରୀରିକ ଶିକ୍ଷା କହିଲେ ମୂଳତଃ ଶରୀର ବିକାଶ ତଥା ସଂରକ୍ଷଣ ନିମନ୍ତେ କରାଯାଉଥିବା ଯାବତୀୟ ଓ ବିଭିନ୍ନ ପ୍ରକାରର ବ୍ୟାୟାମକୁ ବୁଝାଏ ।

ସ୍ପଷ୍ଟତଃ, ଏଠାରେ ଆମେ ଦୁଇଟିକୁ ଏକତ୍ର ମିଶାଇ ଦେଇଛୁ । ଏହାର ପ୍ରଧାନ କାରଣ ହେଉଛି ଯେ, ମନୁଷ୍ୟମାନେ, ବିଶେଷତଃ ଶୈଶବ ସମୟରେ, ଏକ ଯଥୋଚିତ ପ୍ରୟାସ କରିବା ଲାଗି କିଞ୍ଚିତ୍ ଉତ୍ତେଜନା ବି ଆବଶ୍ୟକ କରିଥା'ନ୍ତି ।

ଅନେକ ଆଶୀର୍ବାଦ ।

*୧୪ ଜାନୁଆରି ୧୯୭୦*

*ସ୍ନେହମୟି ମାଆ,*

*ଏଠାରେ ଥିବା ଅଧିନାୟକ ଏବଂ ଶିକ୍ଷକମାନଙ୍କ ଲାଗି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?*

ଏକ ଆଜ୍ଞାନୁବର୍ତ୍ତୀ, ସମ୍ମତ ଏବଂ ସ୍ନେହପୂର୍ଣ୍ଣ ଦୃଷ୍ଟିକୋଣ । ସେମାନେ ତୁମର ବଡ଼ ଭାଇ ଓ ବଡ଼ ଭଉଣୀ ପରି ଏବଂ ତୁମକୁ ସାହାଯ୍ୟ କରିବା ଲାଗି ସେମାନେ କେତେ କଷ୍ଟ କରୁଛନ୍ତି ।

ଅନେକ ଆଶୀର୍ବାଦ ।

*୧ ଫେବ୍ରୁଆରି ୧୯୭୦*

*ସ୍ନେହମୟି ମାଆ*

*ପରମ ସୃଷ୍ଟିକର୍ତ୍ତା କାହିଁକି ଏହି ପୃଥିବୀକୁ ଏବଂ ମନୁଷ୍ୟମାନଙ୍କୁ ସୃଷ୍ଟି କରିଛନ୍ତି ? ସେ ଆମମାନଙ୍କଠାରୁ କିଛି ପ୍ରତ୍ୟାଶା ରଖିଛନ୍ତି କି ?*

ସ୍ୱୟଂ ସୃଷ୍ଟିକର୍ତ୍ତାହିଁ ସୃଷ୍ଟିରେ ପରିଣତ ହୋଇଛନ୍ତି । ସକଳ ବସ୍ତୁ – ଆମେ ସମସ୍ତେ, ଏହି ପୃଥିବୀ ଓ ସକଳ ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କରି ଭିତରେ ଆପଣାର ପରିଚୟ ଲାଭ କରନ୍ତୁ ବୋଲି ସେ ଇଚ୍ଛା କରୁଛନ୍ତି ।

ଅନେକ ଆଶୀର୍ବାଦ ।

*୫ ଫେବ୍ରୁଆରି ୧୯୭୦*

# ତ୍ରୟୋଦଶ ସ୍ତବକ

## ତ୍ରୟୋଦଶ ସ୍ତବକ

*ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରର ଜଣେ ଛାତ୍ରଙ୍କୁ ଲିଖିତ । ସେ ଷୋହଳବର୍ଷ ବୟସରେ ମାଆଙ୍କ ପାଖକୁ ଲେଖିବା ଆରମ୍ଭ କରିଥିଲେ ।*

*ସ୍ନେହମୟି ମାଆ,*

*ଭିକାରିମାନଙ୍କୁ ପଇସା ଦେବା ଉଚିତ ନା ଉଚିତ ନୁହେଁ ?*

ଏକ ସୁସଙ୍ଗଠିତ ସମାଜରେ ଆଦୌ କୌଣସି ଭିକାରି ରହିବା ଉଚିତ ନୁହେଁ ।

ମାତ୍ର, ଭିକାରିମାନେ ଯେପର୍ଯ୍ୟନ୍ତ ଅଛନ୍ତି, ତୁମେ ଯେପରି ଅନୁଭବ କରୁଛ, ସେହିପରି କରିବ ।

ଏହା କରିବାର ସପକ୍ଷ ଓ ବିପକ୍ଷ ଉଭୟ ପଟେ ଉଚିତ କାରଣମାନ ରହିଛି ।

ଅନେକ ଆଶୀର୍ବାଦ ।

*୮ ଜୁଲାଇ ୧୯୬୯*

ଏଭଳି କୌଣସି ବ୍ୟକ୍ତି ନାହଁ, ଯାହା ପାଇଁ କି ଦିବ୍ୟ ପରମସତ୍ତାଙ୍କୁ ଉପଲବ୍ଧି କରିବା ଅସମ୍ଭବ । କେବଳ ଏତିକି ମନେ ରଖିବା ଉଚିତ ଯେ କେତେକଙ୍କ ପାଇଁ ଏଥିଲାଗି ଜନ୍ମ ଜନ୍ମ ସମୟ ଲାଗିବ; ଏବଂ ଅନ୍ୟ ପକ୍ଷରେ, ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ଏହି ଜନ୍ମରେହିଁ ତାହାକୁ ସମ୍ଭବ କରି ପାରିବେ । ଏହା ହେଉଛି ସଂକଳ୍ପ ଶକ୍ତିର ଏକ ପ୍ରଶ୍ନ । ତୁମେ ନିଜେହିଁ ନିଜର ବାଟଟିକୁ ବାଛି ନେବ ।

ମାତ୍ର, ମୁଁ ଅବଶ୍ୟ କହିବି ଯେ, ଏହି ବର୍ତ୍ତମାନ ମୁହୂର୍ତ୍ତରେ ପରିସ୍ଥିତି ବିଶେଷ ଭାବରେ ଅନୁକୂଳ ରହିଛି ।

ଅନେକ ଆଶୀର୍ବାଦ ।

*୨୨ ଜୁଲାଇ ୧୯୬୯*

*ସ୍ନେହମୟି ମାଆ,*

*''ପରମସତ୍ତାଙ୍କୁ ଉପଲବ୍ଧି କରିବା''– ଏହାର ପ୍ରକୃତ ଅର୍ଥ କ'ଣ ?*

ଏହାର ଅର୍ଥ ହେଉଛି ନିଜ ଭିତରେ ଅର୍ଥାତ୍ ଆଧ୍ୟାତ୍ମିକ ଉଚ୍ଚଭୂମିଗୁଡ଼ିକରେ ଦିବ୍ୟ ପରମ

ଉପସ୍ଥିତି ବିଷୟରେ ସଚେତନ ହେବା ଏବଂ ଥରେ ସେହି ଉପସ୍ଥିତି ବିଷୟରେ ସଚେତନ ହୋଇଗଲେ, ତାଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବା, ଯେପରିକି କେବଳ ତାଙ୍କରି ଇଚ୍ଛା ବ୍ୟତୀତ ନିଜର ଆଉ କୌଣସି ଇଚ୍ଛା ରହିବ ନାହିଁ। ଏବଂ, ପରିଶେଷରେ, ତାଙ୍କରି ଚେତନା ସହିତ ଆପଣାର ଚେତନାଟିକୁ ନେଇ ସଂଯୁକ୍ତ କରିଦେବା। ''ପରମ ଦିବ୍ୟସତ୍ତାଙ୍କର ଉପଲବ୍ଧି'' କହିଲେ ତାହାହିଁ ବୁଝାଇବ।

ଅନେକ ଆଶୀର୍ବାଦ।

*୨୩ ଜୁଲାଇ ୧୯୬୯*

*ସ୍ନେହମୟି ମାଆ,*

*ଆମେ ଶୋଇଥିବା ସମୟରେ ଆମର ଚେତନା ଚାଲି ଯାଇଥାଏ, ନୁହେଁ କି ? ମାତ୍ର ଅନ୍ୟ ଲୋକମାନେ ସେମାନଙ୍କର ସ୍ୱପ୍ନରେ ମୋତେ ଦେଖି ପାରୁଛନ୍ତି। ଏହା କିପରି ଘଟୁଛି ? ଏହି କ୍ଷେତ୍ରରେ ଚେତନା ନିଜକୁ ଦୁଇ ଭାଗରେ ବିଭକ୍ତ କରି ଦେଉଛି ନା ଅନ୍ୟ ବ୍ୟକ୍ତିମାନଙ୍କର ସ୍ୱପ୍ନକୁ କେବଳ ସେମାନଙ୍କର ନିଜ କଳ୍ପନା ବୋଲି କୁହାଯିବ ?*

ଅଧିକାଂଶ ସମୟରେ ପ୍ରାଣିକ ଚେତନାହିଁ ଶରୀରରୁ ବାହାରିଯାଏ ଏବଂ ସେହି ମନୁଷ୍ୟର ଶରୀରର ଆକୃତି ବା ରୂପଟିକୁ ଧାରଣ କରିଥାଏ। ଯଦି ଜଣେ ବ୍ୟକ୍ତି ଆଉ ଜଣକୁ ସ୍ୱପ୍ନରେ ଦେଖେ, ତେବେ ତାହାର ଅର୍ଥ ହେଉଛି ଯେ, ଦୁହେଁ ଦୁହିଙ୍କୁ ରାତ୍ରିରେ ସାକ୍ଷାତ କରିଛନ୍ତି, ଅଧିକାଂଶତଃ ପ୍ରାଣିକ କ୍ଷେତ୍ରଟିରେହିଁ ସାକ୍ଷାତ୍ କରିଛନ୍ତି : ମାତ୍ର ଏହା ଅନ୍ୟ କୌଣସି କ୍ଷେତ୍ରରେ ମଧ ସମ୍ଭବ ହୋଇପାରେ, ସୂକ୍ଷ୍ମ-ଭୌତିକ ଅଥବା ମାନସିକ କ୍ଷେତ୍ରରେ ସମ୍ଭବ ହୋଇପାରେ। ସ୍ୱପ୍ନରେ କେତେ ନା କେତେ ସଂଖ୍ୟାର ବହୁବିଧ ସମ୍ଭାବନା ଦେଖିବାକୁ ମିଳିଥାଏ।

ଅନେକ ଆଶୀର୍ବାଦ।

*୧ ଅଗଷ୍ଟ ୧୯୬୯*

*ସ୍ନେହମୟି ମାଆ,*

*ଠିକ୍ ରାତି ପାହିବା ପୂର୍ବରୁ ରାତିଟା ଏତେ ଅଧିକ ଅନ୍ଧାରୁଆ ଦିଶେ କାହିଁକି ? ଏହାର ବୈଜ୍ଞାନିକ କାରଣ କ'ଣ, ଆଧ୍ୟାତ୍ମିକ କାରଣ ବି କ'ଣ ?*

କାରଣ ଅନ୍ଧକାର ଆଲୋକର ଆଗମନକୁ ନିଷେଧ କରିବାକୁ ଚେଷ୍ଟା କରୁଥାଏ ।

ଅନେକ ଆଶୀର୍ବାଦ ।

*୧୧ ଅଗଷ୍ଟ ୧୯୬୯*

*ସ୍ନେହମୟି ମାଆ,*

*ମଧ୍ୟରାତ୍ରିର ପୂର୍ବ ସମୟଟି ଏହାର ପରବର୍ତ୍ତୀ ସମୟଟି ତୁଳନାରେ ଶୋଇବା ଲାଗି ଅଧିକ ଉପକାରୀ କାହିଁକି ?*

କାରଣ, ପ୍ରତୀକାତ୍ମକ ଭାବରେ କହିବାକୁ ଗଲେ, ମଧ୍ୟରାତ୍ରିର ପୂର୍ବବର୍ତ୍ତୀ ଘଡ଼ିଗୁଡ଼ିକରେ ସୂର୍ଯ୍ୟ ଅସ୍ତମିତ ହେଉଥା'ନ୍ତି ଏବଂ ପରବର୍ତ୍ତୀ ଘଡ଼ିଗୁଡ଼ିକରେ ସୂର୍ଯ୍ୟ ଉଦିତ ହେବାକୁ ଆରମ୍ଭ କରନ୍ତି ।

ଅନେକ ଆଶୀର୍ବାଦ ।

*୨୨ ଅଗଷ୍ଟ ୧୯୬୯*

ପ୍ରେମ କେବଳ ଗୋଟିଏ, ତାହା ହେଉଛି ଦିବ୍ୟ ପରମପ୍ରେମ, ଶାଶ୍ୱତ, ବିଶ୍ୱବ୍ୟାପୀ, ପ୍ରତ୍ୟେକ ମନୁଷ୍ୟ ପାଇଁ ତଥା ପ୍ରତ୍ୟେକ ବସ୍ତୁ ଲାଗି ସମାନ ।

ମନୁଷ୍ୟହିଁ (ମାନବସତ୍ତା) ଯାବତୀୟ ପ୍ରକାର ଅନୁଭବକୁ ''ପ୍ରେମ'' ବୋଲି କହିଥାଏ : ଯାବତୀୟ ପ୍ରକାରର ବାସନା, ଆକର୍ଷଣ, ପ୍ରାଣିକ ଆଦାନପ୍ରଦାନ, ଯୌନ ସମ୍ବନ୍ଧ, ଆସକ୍ତି, ଏପରିକି ନାନାବିଧ ବନ୍ଧୁତା ଏବଂ ନାନା ଅନ୍ୟ କଥାକୁ ମଧ୍ୟ ସେ ପ୍ରେମ ବୋଲି କୁହେ ।

ମାତ୍ର ସେହି ସବୁକିଛିକୁ ଆମେ ପ୍ରେମର ଛାୟା ଏବଂ ଏପରିକି ବିକୃତ ବୋଲି ମଧ୍ୟ କହିପାରିବା ନାହିଁ ।

ଏଗୁଡ଼ିକ ହେଉଛନ୍ତି ମାନସିକ, ପ୍ରାଣିକ, ଭାବପ୍ରବଣ ଓ ଯୌନଗତ ସ୍ତରର ଗୋଟିଏ ଗୋଟିଏ କ୍ରିୟା,– ତାହା ବ୍ୟତୀତ ଆଉ କିଛି ନୁହନ୍ତି ।

ଅନେକ ଆଶୀର୍ବାଦ ।

*୬ ସେପ୍ଟେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ବାସନା ଓ ଅଭୀପ୍ସା ମଧ୍ୟରେ ଏବଂ ସ୍ୱାର୍ଥକାମିତା ଓ ଆତ୍ମୋପଲବ୍ଧି ମଧ୍ୟରେ ପ୍ରଭେଦ କ'ଣ ?*

ବାସନା ହେଉଛି ଏକ ପ୍ରାଣିକ କ୍ରିୟାଶୀଳତା, ଅଭୀପ୍ସା ଏକ ଚୈତ୍ୟ କ୍ରିୟାଶୀଳତା ।

ଯେତେବେଳେ ତୁମର ସ୍ୱାର୍ଥମୁକ୍ତ ଏବଂ ଆନ୍ତରିକତାଯୁକ୍ତ ଯଥାର୍ଥ ଅଭୀପ୍ସାଟିଏ ରହିଥିବ, ସେତେବେଳେ ତୁମେ ଏହି ପ୍ରଶ୍ନଟିକୁ ମଧ୍ୟ କଦାପି ପଚାରିବାକୁ ଯିବ ନାହିଁ; କାରଣ ସନ୍ଦୀପିତ ତଥା ସ୍ଥିର ଏକ ଅଭୀପ୍ସାର ସ୍ପନ୍ଦନଗୁଡ଼ିକ ସହିତ ବାସନାର ସ୍ପନ୍ଦନଗୁଡ଼ିକର ଆଦୌ କୌଣସି ସମ୍ବନ୍ଧ ନ ଥାଏ । ଏଗୁଡ଼ିକ ପ୍ରବଳ ଆବେଗଯୁକ୍ତ ହୋଇ ରହିଥା'ନ୍ତି । ଅନ୍ଧକାରମୟ ଓ ଅନେକ ସମୟରେ ତୀବ୍ର ବି ହୋଇ ରହିଥା'ନ୍ତି ।

ସ୍ୱାର୍ଥକାମିତାର ଅର୍ଥ ହେଉଛି କେବଳ ନିଜ ପାଇଁ ଯାବତୀୟ ବସ୍ତୁର କାମନା କରିବା, କେବଳ ନିଜଟି ବ୍ୟତୀତ ଆଉ କିଛି ହେଲେ ନ ବୁଝିଥିବା; କେବଳ ନିଜ ଲାଗିହିଁ ଅନ୍ୟମାନଙ୍କର ଯେତିକି ଆବଶ୍ୟକତା ଅଥବା ମହତ୍ତ୍ୱ ରହିଛି, ସେମାନଙ୍କ ବିଷୟରେ କେବଳ ସେତିକି ସଂପୃକ୍ତ ହୋଇ ରହିଥିବା । ଫରାସୀ ଭାଷାରେ ଆତ୍ମୋପଲବ୍ଧିର (re-alisation du soi ) ଅର୍ଥ ହେଉଛି ନିଜର ସତ୍ତା ମଧ୍ୟରେ ଦିବ୍ୟ କେନ୍ଦ୍ରଟିର ଆବିଷ୍କାର କରିବା । ଇଂରାଜୀ ଭାଷାରେ ଆତ୍ମ-ଚରିତାର୍ଥତା (self-fulfilment) କହିଲେ ସାଧାରଣତଃ ''ସଫଳ ହେବା''କୁ ବୁଝାଇଥାଏ । ଶ୍ରୀଅରବିନ୍ଦ ତାଙ୍କର ରଚନାଗୁଡ଼ିକରେ ''ଆତ୍ମ-ଉପଲବ୍ଧି'' କଥାଟିକୁ ଆତ୍ମାର ଉପଲବ୍ଧି ଅର୍ଥରେ ବ୍ୟବହାର କରିଛନ୍ତି; ଅର୍ଥାତ୍ ନିଜ ଭିତରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହେବା ଏବଂ ତାଙ୍କରି ସହିତ ଏକାତ୍ମକତା ଅର୍ଜନ କରିବା ଅର୍ଥରେ ବ୍ୟବହାର କରିଛନ୍ତି ।

ଅନେକ ଆଶୀର୍ବାଦ ।

*୧୪ ସେପ୍ଟେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଜଣେ ବ୍ୟକ୍ତି ତା'ର ସତ୍ତାକୁ ଏକତ୍ୱବଦ୍ଧ କରିପାରିବ କିପରି ?*

ସର୍ବପ୍ରଥମ ସୋପାନଟି ହେଉଛି, ସେ ନିଜ ଭିତରେ ଅନେକ ଗଭୀରରେ, ତା'ର ଯାବତୀୟ ବାସନା ଏବଂ ଆବେଗର ପଶ୍ଚାତରେ ଏପରି ଏକ ଆଲୋକମୟ ଚେତନାର ଆବିଷ୍କାର କରିବ, ଯାହାକି ସଦାବିରାଜିତ ରହିଛି ଏବଂ ଜଡ଼ ସତ୍ତାର ଅଭିବ୍ୟକ୍ତି ଘଟାଉଛି ।

ସାଧାରଣତଃ, କୌଣସି ବିପଦର ସମ୍ମୁଖୀନ ହେବାକୁ ପଡ଼ିବାବେଳେ, ଏକ ଅପ୍ରତ୍ୟାଶିତ ଘଟଣା ଘଟିବା ସମୟରେ ଅଥବା ଏକ ପ୍ରକାଣ୍ଡ ଦୁଃଖ ଆସି ପଡ଼ିଥିବା ବେଳେ ଜଣେ ମନୁଷ୍ୟ ଏହି ଚେତନାର ଉପସ୍ଥିତି ସମ୍ବନ୍ଧରେ ସଜ୍ଞାନ ହୋଇଥାଏ ।

ତେଣୁ ତାହାକୁ ତାହାରି ସହିତ ସଚେତନ ସଂସ୍ପର୍ଶରେ ଆସିବାକୁ ହେବ ଏବଂ

ଇଚ୍ଛା କଲା ମାତ୍ରକେ ସେହି ସଂସ୍ପର୍ଶକୁ ଲାଭ କରି ଶିଖିବାକୁ ହେବ । ତା' ପରେ ଆଉ ସବୁକିଛି ସମ୍ଭବ ହୋଇଯିବ ।

ସାଧାରଣତଃ ହୃଦୟ ଭିତରେ, ସୌର କେନ୍ଦ୍ରର ପଶ୍ଚାତରେ ଏହି ଆଲୋକମୟ ଉପସ୍ଥିତିଟିର ସନ୍ଧାନ ମିଳିଥାଏ ।

ଅନେକ ଆଶୀର୍ବାଦ ।

*୨୦ ସେପ୍‌ଟେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଆମ ପ୍ରାଣକୁ କୌଣସି ଏକ ଉତ୍ତମ ଉପାଦାନ ରୂପେ ପରିବର୍ତ୍ତିତ କରିଦେଲେ ତାହାର ପରିଣତି କ'ଣ ହେବ ? ଅନ୍ୟ ଶବ୍ଦ ବ୍ୟବହାର କରି କହିଲେ, ତଦ୍ୱାରା କି ପରିବର୍ତ୍ତନ ସମ୍ଭବ ହେବ ?*

ପ୍ରାଣ ଯାବତୀୟ ମନ୍ଦ ଆବେଗର ଗ୍ରହଣସ୍ଥଳ ହୋଇ ରହିଥାଏ, ଯାବତୀୟ ଦୁଷ୍ଟତା, ଭୀରୁତା, ଦୁର୍ବଳତା ତଥା ଲୁବ୍ଧତାର ଗ୍ରହଣପାତ୍ର ପରି କାର୍ଯ୍ୟ କରୁଥାଏ ।

ଯେତେବେଳେ ପ୍ରାଣ ଧର୍ମାନ୍ତରିତ ହୋଇଯାଏ, ସେତେବେଳେ ଆବେଗଗୁଡ଼ିକ ମନ୍ଦ ହେବା ପରିବର୍ତ୍ତେ ଭଲ ହୋଇଯା'ନ୍ତି, ଦୁଷ୍ଟତା ସ୍ଥାନରେ ସଦୟତା ସମ୍ଭବ ହୁଏ, ଲୋଭ ଯାଇ ଉଦାରତା ଆସେ । ଦୁର୍ବଳତା ଅନ୍ତର୍ହିତ ହୁଏ ଓ ଶକ୍ତିମତ୍ତା ଏବଂ ସହିଷ୍ଣୁତା ତାହାର ସ୍ଥାନ ଅଧିକାର କରନ୍ତି । ଭୀରୁତା ସ୍ଥାନରେ ସାହସ ଏବଂ ଶକ୍ତିମତ୍ତା ସମ୍ଭବ ହୁଏ ।

ବିଶୁଦ୍ଧୀକୃତ ପ୍ରାଣହିଁ କର୍ମଶକ୍ତିର ଆସ୍ଥାନ ହୋଇ ରହିଥାଏ ।

ଅନେକ ଆଶୀର୍ବାଦ ।

*୨୦ ଅକ୍‌ଟୋବର ୧୯୬୯*

*ସ୍ନେହମୟି ମାଆ,*

*ଆମେ କାହିଁକି ଏହି ପୃଥିବୀରେ ରହିଛୁ, ତାହା ଜାଣିବାର ପ୍ରଶ୍ନଟିକୁ ନେଇ ମୁଁ ମୋ'ର ବନ୍ଧୁମାନଙ୍କ ସହିତ କେବେହେଲେ ଆଲୋଚନା କରି ନାହିଁ । ମାତ୍ର ମୁଁ ଏବିଷୟରେ ଚିନ୍ତା କରିଛି ଏବଂ ଏହାର କେବଳ ଗୋଟିଏ ଉତ୍ତର ପାଇ ପାରିଛି ଯେ, ଦିବ୍ୟ ପରମସତ୍ତାଙ୍କୁ ଏହି ପୃଥିବୀ ପୃଷ୍ଠରେ ଅଭିବ୍ୟକ୍ତ କରାଇବା ନିମନ୍ତେ ଅନ୍ତତଃ ଆମେ ଏଠାରେ ଏହି ଆଶ୍ରମରେ ରହିଛୁ । ମାତ୍ର ଏହି କ୍ଷେତ୍ରରେ ତଥାପି ଗୋଟିଏ ପ୍ରଶ୍ନ ରହିଯାଉଛି : ଯଦି ସବୁକିଛି ଦିବ୍ୟ ହୋଇଥାଏ, ଏପରିକି*

*ପ୍ରତିକୂଳ ଶକ୍ତିମାନେ ମଧ୍ୟ ଯଦି ଦିବ୍ୟ ହୋଇଥା'ନ୍ତି, ଏବଂ ଯଦି ସେଇ ସକଳ ବସ୍ତୁକୁ ସୃଷ୍ଟି କରିଛନ୍ତି ଏବଂ ସିଏ ପ୍ରକୃତରେ ସବୁକିଛି କରିପାରିବେ, ତେବେ ଏପରି କିଭଳି ହେଉଛି ଯେ ସେ ଏତେବେଶୀ ସମୟ ନେଉଛନ୍ତି ଏବଂ ଏଭଳି ଲମ୍ବା ଉପାୟମାନ ଗ୍ରହଣ କରୁଛନ୍ତି ? ଅଚେତନ ବସ୍ତୁଗୁଡ଼ିକର ସୃଷ୍ଟି କରି ଏବଂ ସେଗୁଡ଼ିକୁ ପୁନର୍ବାର ସଚେତନ କରିବାକୁ ଚେଷ୍ଟା କରିବାରୁ ସେ କି ଆନନ୍ଦ ପାଉଛନ୍ତି ? ଏବଂ, ଏହିସବୁ ଦୁର୍ଗତି ଏବଂ ଦୁଃଖଭୋଗ ଲାଗିରହିଛି ବା କାହିଁକି ?*

ଯାବତୀୟ ବିଚାରଶୀଳ ବ୍ୟକ୍ତି ଠିକ୍ ଏହି ପ୍ରଶ୍ନଟିକୁ ପଚାରୁଛନ୍ତି ।

କେତେକ ବ୍ୟକ୍ତି ଅଧିକ ଗଭୀର ଭାବରେ ସମସ୍ୟାଟିର ବିଚାର କରିଛନ୍ତି ଏବଂ, ଏତେବେଶୀ କ୍ଷୁଦ୍ର ଓ ସୀମିତ ହୋଇ ରହିଥିବା ମନୁଷ୍ୟମାନେ ପ୍ରକୃତରେ ବସ୍ତୁଗୁଡ଼ିକ ପ୍ରକୃତରେ ଯାହା, ତାହାକୁ ସେହିପରି ଦେଖିବା ପାଇଁ ଆଦୌ ସମର୍ଥ ହେବେ କି ନାହିଁ, ନିଜକୁ ସେହି ପ୍ରଶ୍ନଟି ପଚାରିଛନ୍ତି । ଏବଂ, ଏହି କଥାଟିକୁ ଅଧିକ ଭଲ ଭାବରେ ବୁଝି ପାରିବାର ଆଶାରେ ସେମାନେ ଏକ ଦିବ୍ୟତର ଦୃଷ୍ଟି, ଏକ ବିଶ୍ୱଗତ ଏବଂ ଯଥାର୍ଥ ଦୃଷ୍ଟି ଲାଗି ପ୍ରାର୍ଥନା କରିଛନ୍ତି । ସେମାନେ ଯୋଗମାର୍ଗରେ ଆସି ପହଞ୍ଚିଛନ୍ତି । ଏବଂ, ଯେଉଁମାନେ ନିଜର ଉଦ୍ୟମରେ ସଫଳତା ଲାଭ କରିଛନ୍ତି, ସେମାନେ ଜାଣି ପାରିଛନ୍ତି ଯେ, ଯେତେବେଳେ ଜଣେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇଯାଇ ପାରୁଛି, ସେତେବେଳେ ବସ୍ତୁଗୁଡ଼ିକ ବିଷୟରେ ତାହାର ଦୃଷ୍ଟି ସମ୍ପୂର୍ଣ୍ଣ ଭାବରେ ବଦଳି ଯାଉଛି, ଏବଂ ସେମାନେ ସମସ୍ତେ ସେହି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି : ତୁମେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇଯାଅ, ତେବେ ସବୁକିଛି ବୁଝି ପାରିବ ।

ଅନେକ ଆଶୀର୍ବାଦ ।

*୨୮ ଅକ୍ଟୋବର ୧୯୬୯*

*ସ୍ନେହମୟି ମାଆ,*

*ଅନ୍ୟତ୍ର ଚାଲିଯିବା ଦ୍ୱାରା ଜଣେ ବ୍ୟକ୍ତି ତାହାର ଆଧ୍ୟାତ୍ମିକ ଲାଭଟିକୁ ହରାଇବସେ କାହିଁକି ଓ କିପରି ? ସେ ସଚେତନ ଭାବରେ ଅବଶ୍ୟ ଏକ ପ୍ରୟାସ କରିପାରିବ ଏବଂ, ଆପଣଙ୍କର ସୁରକ୍ଷା ତ ନିରନ୍ତର ରହିଛି; ନୁହେଁ କି ?*

ନିଜ ପିତାମାତାଙ୍କୁ ଦେଖି ଯିବାର ଅର୍ଥ ହେଉଛି ଏପରି ଗୋଟିଏ ପ୍ରଭାବ ଭିତରକୁ ଫେରିଯିବା, ଯାହାକି ସାଧାରଣତଃ ଅନ୍ୟ ଯେ କୌଣସି ପ୍ରଭାବଠାରୁ ଅଧିକ ଶକ୍ତିଶାଳୀ

ହୋଇ ରହିଥାଏ । ଏବଂ, ଅଧିକାଂଶ ସ୍ଥଳରେ ଏଭଳି ଆଦୌ ଘଟେ ନାହିଁ ଯେ ତୁମର ପିତାମାତା ତୁମକୁ ତୁମ ଆଧ୍ୟାତ୍ମିକ ଅଗ୍ରଗତିରେ ଆଦୌ କୌଣସି ସାହାଯ୍ୟ କରନ୍ତି, କାରଣ ସେମାନେ ସଚରାଚର ଏକ ପାର୍ଥିବ ଉପଲବ୍ଧିରେ ଅଧିକ ଆଗ୍ରହୀ ହୋଇ ରହିଥା'ନ୍ତି ।

ଯେଉଁ ପିତାମାତା ମୂଳତଃ ଆଧ୍ୟାତ୍ମିକ ଉପଲବ୍ଧିରେ ଆଗ୍ରହ ରଖିଥା'ନ୍ତି, ସେମାନେ ଆପଣାର ପିଲାମାନଙ୍କୁ ସେମାନଙ୍କ ପାଖକୁ ଫେରି ଯିବା ଲାଗି ସାଧାରଣତଃ କେବେ କହି ନ ଥାନ୍ତି ।

ଅନେକ ଆଶୀର୍ବାଦ ।

*୮ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*କ୍ରୀଡ଼ା-ପ୍ରତିଯୋଗିତା ଏବଂ ପ୍ରଦର୍ଶନମାନଙ୍କରେ ଆମେ କାହିଁକି ଭାଗ ନେବା ?*

କାରଣ ଏହା ଦ୍ୱାରା ତୁମକୁ ଅଧିକ ଉଦ୍ୟମ କରିବାର ଏବଂ ତେଣୁ ଅଧିକ ଶୀଘ୍ର ଗତିରେ ଅଗ୍ରଗତି କରିବାର ଏକ ସୁଯୋଗ ମିଳି ପାରିବ ।

ଅନେକ ଆଶୀର୍ବାଦ ।

*୧୬ ନଭେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଆପଣାର ସତ୍ତାକୁ ଏକତ୍ୱବଦ୍ଧ କରି ଆଣିବାର ଦ୍ୱିତୀୟ ପଦକ୍ଷେପଟିକୁ ମୁଁ ଜାଣିବାକୁ ଇଚ୍ଛା କରୁଛି । ଆପଣ ମୋତେ ପ୍ରଥମ ପଦକ୍ଷେପଟି ବିଷୟରେ କହିଥିଲେ ।*

ସତ୍ତାକୁ ଏକତ୍ୱବଦ୍ଧ କରିବା ନିମନ୍ତେ ତୁମକୁ :

(୧) ଆପଣାର ଚୈତ୍ୟ ସତ୍ତା ବିଷୟରେ ସଜ୍ଞାନ ହେବାକୁ ପଡ଼ିବ ।

(୨) ଆପଣାର ଯାବତୀୟ କ୍ରିୟାଶୀଳତା, ଆବେଗ, ଭାବନା, ତଥା ଇଚ୍ଛାଗୁଡ଼ିକ ବିଷୟରେ ସଜ୍ଞାନ ହୋଇ ଆସୁଥିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ନେଇ ଚୈତ୍ୟସତ୍ତାର ସମ୍ମୁଖରେ ରଖିଦେବାକୁ ହେବ, ଯେପରିକି ଚୈତ୍ୟସତ୍ତା ଏଗୁଡ଼ିକୁ ପ୍ରତ୍ୟେକକୁ ଗ୍ରହଣ

କରିନେଇ ପାରିବ ଅଥବା ବର୍ଜନ କରିପାରିବ । ଯେଉଁଗୁଡ଼ିକ ସ୍ୱୀକୃତ ହେବ, ସେଗୁଡ଼ିକ ସୁରକ୍ଷିତ ହୋଇ ରହିବ ଏବଂ ସମ୍ପନ୍ନ ହେବ । ଯେଉଁଗୁଡ଼ିକୁ ବର୍ଜନ କରାଯିବ ସେଗୁଡ଼ିକୁ ଚେତନା ମଧ୍ୟରୁ ବାହାର କରି ଦିଆଯିବ, ଯେପରିକି ସେଗୁଡ଼ିକ ଆଉ କଦାପି ଫେରି ଆସିବେ ନାହିଁ ।

ଏହା ଏକ ଦୀର୍ଘ ଏବଂ ଅତି ସାବଧାନ କାର୍ଯ୍ୟ ଏବଂ ଠିକ୍ ଭାବରେ ଏହାକୁ କରିବା ପାଇଁ ହୁଏତ ବର୍ଷ ବର୍ଷ ସମୟ ଲାଗିଯିବ ।

ଅନେକ ଆଶୀର୍ବାଦ ।

*୮ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଦର୍ଶନ-ଦିବସଗୁଡ଼ିକ, ଡିସେମ୍ବର ପାଞ୍ଚ ଓ ନଅ ତାରିଖ ଏବଂ ନିଜର ଜନ୍ମ ଦିନ ପ୍ରଭୃତିକୁ କିପରି କଟାଇବା ଉଚିତ ?*

ସାଧାରଣ ସ୍ତରର ଜ୍ଞାନଠାରୁ ଏକ ଯଥାର୍ଥତର ଜ୍ଞାନର ସନ୍ଧାନରେ ।

ପାଞ୍ଚ ଏବଂ ନଅ ତାରିଖକୁ ମୃତ୍ୟୁର ଯଥାର୍ଥ ତାତ୍ପର୍ଯ୍ୟଟିକୁ ବୁଝିବାରେ ।

ଜନ୍ମ ଦିନଟିକୁ ନିଜ ଜୀବନର ଉଦ୍ଦେଶ୍ୟକୁ ଖୋଜି ବାହାର କରିବାରେ ।

ଅନେକ ଆଶୀର୍ବାଦ ।

*୧୩ ଡିସେମ୍ବର ୧୯୬୯*

(*ଆଶ୍ରମର କ୍ରୀଡ଼ା-କାର୍ଯ୍ୟକ୍ରମରେ ଘଟୁଥିବା ଦୁର୍ଘଟଣାଗୁଡ଼ିକ ବିଷୟରେ*)

ଅନ୍ୟତ୍ର ତୁଳନାରେ ଏଠାରେ ଅଧିକ ଦୁର୍ଘଟଣା ଘଟୁଛି ବୋଲି ମୁଁ ଆଦୌ ଭାବୁ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାର ସଂଖ୍ୟା ଆହୁରି କମ୍ ହୋଇଯିବା ଉଚିତ । ମାତ୍ର ସେଥିଲାଗି, ଏଠାରେ ଅଧ୍ୟୟନ କରୁଥିବା ପିଲାମାନଙ୍କୁ ଚେତନାର କ୍ଷେତ୍ରରେ ବୃଦ୍ଧିଲାଭ କରିବାକୁ ଏକ ଉଦ୍ୟମ କରିବାକୁ ପଡ଼ିବ (ଏହି କାର୍ଯ୍ୟଟିକୁ ସେମାନେ ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ଏଠାରେ ଅଧିକ ସହଜରେ କରିପାରିବେ) । ମାତ୍ର ଦୁର୍ଭାଗ୍ୟବଶତଃ ଅତି ଅଳ୍ପ କେତେଜଣହିଁ ତାହା କରିବାର ଆୟାସ ସ୍ୱୀକାର କରିଥା'ନ୍ତି ଏବଂ ତେଣୁ ସେମାନେ, ସେମାନଙ୍କୁ ପ୍ରଦତ୍ତ ହୋଇଥିବା ସୁଯୋଗଟିକୁ ହରାଇ ବସନ୍ତି ।

*୨୨ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ଯେଉଁ ବ୍ୟକ୍ତିମାନେ ନିଜ ଚେତନାର ବିକାଶ ଘଟାଇଛନ୍ତି ଏବଂ ଯେଉଁମାନେ ତାହା କରି ନାହାନ୍ତି, ଏମାନଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଛି ?*

ଯେଉଁମାନେ ଏହା କରିଛନ୍ତି ଏବଂ **ଉତ୍ତମ ଭାବରେ କରିଛନ୍ତି**, ସେମାନେ ସଚେତନ ହୋଇଛନ୍ତି । ଏବଂ ଅନ୍ୟମାନେ ଅଧିକାଂଶ ମନୁଷ୍ୟମାନଙ୍କ ଭଳି ଅର୍ଦ୍ଧଚେତନ ହୋଇ ରହିଛନ୍ତି ।

ଚେତନା, **ଯଥାର୍ଥ** ଚେତନା ଆପଣାର ଚରିତ୍ର ଉପରେ ନିୟନ୍ତ୍ରଣ ଆଣିଦିଏ ଏବଂ ଅନେକ ପରିମାଣରେ, ଘଟଣାଗୁଡ଼ିକ ଉପରେ ମଧ୍ୟ ନିୟନ୍ତ୍ରଣ ଆଣି ଦିଏ ।

*୨୩ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*ମଧ୍ୟ ରାତ୍ରିର ଉତ୍ସବ ଦେଖିବା ଲାଗି ଏଠାରେ ଥିବା ଗିର୍ଜାଗୁଡ଼ିକୁ ବୁଲିଯିବା ଭଲ ନୁହେଁ ବୋଲି ଆପଣ ଭାବନ୍ତି କି ?*

ଗିର୍ଜାକୁ ଯିବାର ପ୍ରୟୋଜନ କାହିଁକି ହେବ ? ତୁମେ ସବୁ ଖ୍ରୀଷ୍ଟିଆନ୍ ନା ଖ୍ରୀଷ୍ଟିଆନ୍ ହେବାକୁ ଇଚ୍ଛା କରୁଛ ?

ମନୁଷ୍ୟମାନଙ୍କୁ ଧର୍ମର ବନ୍ଧନରୁ ମୁକ୍ତି ଦେବା ଲାଗି କାର୍ଯ୍ୟ କରି ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ଜୀବନ ଅତିବାହିତ କରିଛନ୍ତି । ଏକ ବାଳଚପଳତା ଦ୍ୱାରା ପ୍ରେରିତ ଅଳସ ଉତ୍ସୁକତା ଲାଗି ତୁମେ କ'ଣ ତାଙ୍କ କାର୍ଯ୍ୟର ବିରୁଦ୍ଧାଚରଣ କରିବାକୁ ଇଚ୍ଛା କରୁଛ ?

ଏ ପର୍ଯ୍ୟନ୍ତ ଯେଉଁମାନେ ଯାଇଛନ୍ତି, ସେମାନେ ଅନୁମତି ନ ମାଗି ଯାଇଛନ୍ତି, କାରଣ ସେମାନେ ବେଶ୍ ଅନ୍ଦାଜ କରି ପାରିଥିବେ ଯେ ସେମାନଙ୍କୁ ଏହି ଅନୁମତି ଆଦୌ ମିଳିବ ନାହିଁ ।

*୨୫ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*'ଦେବମୁହୂର୍ତ୍ତ' ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଏଭଳି ମୁହୂର୍ତ୍ତମାନ ଆସେ ଯେତେବେଳେ କି ପରମ ସତ୍ତା ମନୁଷ୍ୟମାନଙ୍କ ଭିତରେ ବିଚରଣ କରୁଥାଏ ଏବଂ ଆମ ସତ୍ତାର ଜଳରାଶି ଉପରେ ପରମେଶ୍ୱରଙ୍କର ନିଃଶ୍ୱାସ ଘୂରି ବୁଲୁଥାଏ ।*

*ଆହୁରି ଏପରି ଅନ୍ୟ ମୁହୂର୍ତ୍ତମାନ ଆସେ, ଯେତେବେଳେ କି ଏହା ଆପଣାକୁ ପ୍ରତ୍ୟାହାର କରିନିଏ ଏବଂ ମନୁଷ୍ୟମାନଙ୍କ ଲାଗି ଆପଣା ଅହଂକାମିତାର ଶକ୍ତି ଅଥବା ଅଶକ୍ତତା ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବା ବ୍ୟତୀତ ଆଉ କୌଣସି ଗତି ନ ଥାଏ ।"* ଏବଂ, ଆପଣଙ୍କର ଗୋଟିଏ ପତ୍ରରେ ଆପଣ କହିଛନ୍ତି ଯେ, ନିଜର ଅହଂ ଉପରେ ନୁହେଁ, ଚୈତ୍ୟ ଉପରେହିଁ ଆମକୁ ଆସ୍ଥା ରଖିବାକୁ ପଡ଼ିବ । ମାଆ, ଆପଣ ମୋତେ ଏହି କଥାଟିକୁ ବୁଝାଇ ଦେବେ କି ?*

ସଂଯୋଗବଶତଃ, ଆମେ ଏପରି ଏକ ଯୁଗରେ ବାସ କରୁ ନାହୁଁ, ଯେତେବେଳେ କି ମନୁଷ୍ୟମାନଙ୍କୁ କେବଳ ସେହିମାନଙ୍କର ନିଜ ଶକ୍ତି ଉପରେ ନିର୍ଭର କରିବା ଲାଗିହିଁ ଛାଡ଼ି ଦିଆଯାଇଛି । ସେମାନଙ୍କୁ ଆଲୋକ ପ୍ରଦାନ କରିବାକୁ ଦିବ୍ୟ ପରମସତ୍ତା ତାଙ୍କ ନିଜ ଚେତନାକୁ ଧରାପୃଷ୍ଠକୁ ପ୍ରେରଣ କରିଛନ୍ତି । ଯେଉଁମାନେ ପାରିବେ, ସେମାନେ ସମସ୍ତେ ଏହାଦ୍ୱାରା ଅବଶ୍ୟ ଲାଭବାନ୍ ହୋଇ ପାରିବେ ।

ଅନେକ ଆଶୀର୍ବାଦ ।

*୨୯ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*କାଲି ଆପଣ ମୋତେ କହିଥିବା ବିଷୟରେ : ଦିବ୍ୟ ପରମସତ୍ତା ତାଙ୍କର ଚେତନାକୁ ପୃଥିବୀ ଉପରକୁ ପଠାଇ ନ ଥିଲେ କି ? ମାତ୍ର ଏହି ସମସ୍ତ ସୃଷ୍ଟିହିଁ ତ ଏକାବେଳେକେ ସେହି ଆରମ୍ଭ ସମୟରୁ ଆପଣା ଭିତରେ ଦିବ୍ୟ ପରମସତ୍ତାଙ୍କୁ ବହନ କରି ରହିଥିଲା, ନୁହେଁ କି ?*

ହଁ ।

*ତେବେ ଆଦିମ ମନୁଷ୍ୟମାନଙ୍କୁ କାହିଁକି ସେମାନଙ୍କର ନିଜ ବଳ ଉପରେହିଁ ନିର୍ଭର କରିବାକୁ ଛାଡ଼ି ଦିଆ ଯାଇଥିଲା ?*

ଆଦିମ ମନୁଷ୍ୟମାନେ ଇତରପ୍ରାଣୀର ଏତେ ନିକଟ ହୋଇ ରହିଥିଲେ ଯେ, ସେମାନେ ଅନ୍ତର୍ଗତ ପରମ ଦିବ୍ୟତାର କୌଣସି ସମ୍ବନ୍ଧରେ ଆସିବା ଲାଗି ସମର୍ଥ ହେଉ ନ ଥିଲେ ।

* ଶତବାର୍ଷିକୀ ଗ୍ରନ୍ଥମାଳା (ଇଂ), ୧୭ ଶ ଖଣ୍ଡ, ପୃ. ୧ ।

କେବଳ, ଅତ୍ୟନ୍ତ ମନ୍ଥର ଭାବରେ, ବିବର୍ତ୍ତନର ଅନେକ ସହସ୍ର ବର୍ଷର ଆରୋହଣକାରୀ ପ୍ରକ୍ରିୟା ଫଳରେହିଁ ମନୁଷ୍ୟମାନେ ସଚେତନ ହୋଇ ଶିଖିଛନ୍ତି । ବର୍ତ୍ତମାନ ସେମାନେ ଏକ ଆହୁରି ଅଧିକ ଚେତନାକୁ ବ୍ୟକ୍ତ କରି ଆଣିବା ପାଇଁ ପ୍ରସ୍ତୁତ ହୋଇ ଗଲେଣି, ଏପରି ଏକ ଚେତନା ଯାହାକି ଅତିମାନବ ମଧ୍ୟରେ ଆପଣାକୁ ସଂପୂର୍ଣ୍ଣ ଭାବରେ କ୍ରିୟାଶୀଳ କରିବ । ଏବଂ ସେହି କାରଣରୁହିଁ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହିଥିବା ସମସ୍ତଙ୍କ ଭିତରେ କାର୍ଯ୍ୟ କରିବା ଲାଗି ସେହି ଚେତନା ଧରାପୃଷ୍ଠକୁ ଆପଣାକୁ ଅବତୀର୍ଣ୍ଣ କରାଇ ଆଣିଛି ।

ଅନେକ ଆଶୀର୍ବାଦ ।

*୩୦ ଡିସେମ୍ବର ୧୯୬୯*

*ସ୍ନେହମୟି ମାଆ,*

*"ପୃଥିବୀ ଏକ ବୃହତ୍ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହେଉଛି । ତୁମେ ସେଥିରେ ସାହାଯ୍ୟ କରିବ ?"**

*ଏଠାରେ ଆପଣ କିଭଳି ଏକ ବୃହତ୍ ପରିବର୍ତ୍ତନର କଥା କହିଛନ୍ତି ? ଏବଂ ଆମେ ଏହାକୁ କିପରି ଭାବରେ ସାହାଯ୍ୟ କରିପାରିବୁ ?*

ସେହି ବୃହତ୍ ପରିବର୍ତ୍ତନ ହେଉଛି ପୃଥିବୀ ଉପରେ ଏକ ନୂତନ ଜାତିର ଆବିର୍ଭାବ, ଯାହାକି ଇତରପ୍ରାଣୀର ତୁଳନାରେ ବର୍ତ୍ତମାନ ମନୁଷ୍ୟ ଯେଉଁଭଳି ହୋଇ ରହିଛି, ମନୁଷ୍ୟର ତୁଳନାରେ ଏହା ଠିକ୍ ସେହିପରି ଉଚ୍ଚତର ହୋଇ ରହିଥିବ । ଏହି ନୂତନ ଜାତିର ଚେତନା ବର୍ତ୍ତମାନ ପୃଥିବୀ ପୃଷ୍ଠରେ କାର୍ଯ୍ୟ କରିବାକୁ ଆରମ୍ଭ କରିଦେଲାଣି ଏବଂ ଯେଉଁମାନେ ଗ୍ରହଣ କରିବାକୁ ତଥା ତାହା ଉପରେ ଧ୍ୟାନ ଦେବାକୁ ସମର୍ଥ ହୋଇ ରହିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଆଲୋକ ଦେବାରେ ଲାଗିଛି ।

ଅନେକ ଆଶୀର୍ବାଦ ।

*୨ ଜାନୁଆରି ୧୯୭୦*

*ସ୍ନେହମୟି ମାଆ,*

*କୌଣସି ମୃତ୍ୟୁ ସମ୍ବାଦକୁ କିପରି ଭାବରେ ଗ୍ରହଣ କରିବା ଉଚିତ, ବିଶେଷତଃ ଜଣେ ଅତି ନିକଟ ଆତ୍ମୀୟଙ୍କର ମୃତ୍ୟୁ ସମ୍ବାଦକୁ ?*

* ୧୯୭୦ ମସିହାରେ ମାଆଙ୍କ ଦ୍ୱାରା ପ୍ରଦତ୍ତ ନବ ବର୍ଷର ବାଣୀ ।

ସେତେବେଳେ ତୁମେ ସର୍ବୋଚ୍ଚ ପରମପ୍ରଭୁଙ୍କୁ କହିବ : ''ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ !'' ଏବଂ ଯଥାସମ୍ଭବ ଅଧିକ ଶାନ୍ତ ହୋଇ ରହିବ ।

ଯଦି ତୁମେ ଅତ୍ୟନ୍ତ ଭଲ ପାଉଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବ, ତେବେ ପରିପୂର୍ଣ୍ଣ ଶାନ୍ତି ଏବଂ ସ୍ଥିରତାର ସହିତ ତୁମେ ନିଜର ପ୍ରେମକୁ ତାଙ୍କଠାରେ ସଂକେନ୍ଦ୍ରିତ କରି ରଖିବ କାରଣ ତାହାହିଁ ପ୍ରୟାତ ବ୍ୟକ୍ତିଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରିପାରିବ ।

ଅନେକ ଆଶୀର୍ବାଦ ।

*୧୬ ଜାନୁଆରି ୧୯୭୦*

*ସ୍ନେହମୟି ମାଆ,*

*କୌଣସି ଚଳଚ୍ଚିତ୍ରକୁ କିପରି ଦେଖିବା ଉଚିତ ? ଯଦି ଆମେ ଚରିତ୍ରଗୁଡ଼ିକ ସହିତ ନିଜକୁ ଏକାତ୍ମ କରି ପକାଇବୁ ଏବଂ ଯଦି ଚଳଚ୍ଚିତ୍ରଟା ବିଚ୍ଛେଦାତ୍ମକ ହୋଇଥିବ କିଂବା ସଂଶୟୋଦ୍ଦୀପକ ହୋଇଥିବ, ତେବେ ସେଥିରେ ଆମେ ଏତେବେଶୀ ସଂଶ୍ଳିଷ୍ଟ ହୋଇପଡୁ ଯେ ଆମେ ତାହାକୁ ଦେଖି କାନ୍ଦି ପକାଉ କିଂବା ଅତ୍ୟନ୍ତ ଭୀତ ହୋଇପଡୁ । ଏବଂ, ଆପଣାକୁ ଉଦାସୀନ କରି ରଖିଲେ ଚଳଚ୍ଚିତ୍ରଟିକୁ ଉପଭୋଗ କରିବା ମଧ୍ୟ ସମ୍ଭବ ହୁଏ ନାହିଁ । ତେଣୁ, ଆମର କ'ଣ କରିବା ଉଚିତ ?*

ଏହିସବୁ କ୍ଷେତ୍ରରେ ପ୍ରାଣହିଁ ଉଦ୍‌ବେଳିତ ହୁଏ ଏବଂ ବିଚଳିତ ହୋଇପଡ଼େ ।

ଯଦି ତୁମେ ମାନସିକ ସ୍ତରରେ ରହି ଚିତ୍ରଟିକୁ ଦେଖୁଥିବ, ତେବେ ତୁମର ଆଗ୍ରହ କଦାପି ଏକାଭଳି ହେବ ନାହିଁ । କୌଣସି ପ୍ରକାରେ ବିଚଳିତ କିଂବା ବିହ୍ୱଳ ନ ହୋଇ ତୁମେ ସ୍ଥିର ଭାବରେ ଚଳଚ୍ଚିତ୍ରଟିର ମୂଲ୍ୟାୟନ କରିପାରିବ; ତାହା ଭଲ ଭାବରେ ପ୍ରସ୍ତୁତ ତଥା ସୁ-ଅଭିନୀତ ହୋଇଛି କି ନାହିଁ ବା ଦୃଶ୍ୟଗୁଡ଼ିକର ପ୍ରକୃତରେ କୌଣସି କଳାତ୍ମକ ମହତ୍ତ୍ୱ ରହିଛି କି ନାହିଁ, ସେଗୁଡ଼ିକର ବିଚାର କରିପାରିବ ।

ପ୍ରଥମଟିର ସମୟରେ ତୁମକୁ ଜଣେ ''ଉତ୍ତମ ଦର୍ଶକ'' ବୋଲି କୁହାଯିବ; ଦ୍ୱିତୀୟଟି ସମୟରେ ତୁମେ ଅଧିକ ଶାନ୍ତ ହୋଇ ରହିପାରିବ ।

ଅନେକ ଆଶୀର୍ବାଦ ।

*୩୦ ଜାନୁଆରି ୧୯୭୦*

*ସ୍ନେହମୟି ମାଆ,*

*ସମ୍ବାଦପତ୍ର ନ ପଢ଼ିଲେ ଅନ୍ୟ ଦେଶମାନଙ୍କରେ ଓ ଏପରିକି ନିଜ ଦେଶରେ ମଧ୍ୟ କ’ଣ ଘଟୁଛି, ଆମେ ସେ କଥା କିପରି ଜାଣିପାରିବା ? ସେଥିରୁ ତ ଆମକୁ ଅନ୍ତତଃ କିଛି ହେଲେ ଧାରଣା ମିଳିଯିବ, ନୁହେଁ କି ? ବା ଆଦୌ ସମ୍ବାଦପତ୍ର ନ ପଢ଼ିବାହିଁ ଅଧିକ ଭଲ ହେବ ?*

ତୁମେ ଆଦୌ ସମ୍ବାଦ ପତ୍ର ପଢ଼ିବ ନାହିଁ ବୋଲି ମୁଁ କଦାପି କହି ନ ଥିଲି । ମୁଁ କହିଥିଲି ଯେ ତୁମେ ପାଠ କରୁଥିବା ବିଷୟଗୁଡ଼ିକ ଉପରେ ଅନ୍ଧ ଭାବରେ ବିଶ୍ୱାସ କରି ପକାଇବ ନାହିଁ । ସତ୍ୟ ଯେ ତାହାଠାରୁ ସମ୍ପୂର୍ଣ୍ଣ ଭାବରେ ଅନ୍ୟ ପ୍ରକାର, ତୁମେ ସେ କଥା ଅବଶ୍ୟ ଜାଣିଥିବ ।

ଅନେକ ଆଶୀର୍ବାଦ ।

*୪ ଫେବ୍ରୁଆରି ୧୯୭୦*

*ସ୍ନେହମୟି ମାଆ,*

*ଖବର କାଗଜ ପାଠ କଲାବେଳେ ଆମେ ଘଟଣାଗୁଡ଼ିକର ସତ୍ୟତାକୁ କିପରି ଜାଣି ପାରିବା ? ପୃଥିବୀର ସତ୍ୟ ଜାଣିବା ନିମନ୍ତେ ସର୍ବୋତ୍ତମ ମାର୍ଗଟି କ’ଣ ?*

ସର୍ବୋତ୍ତମ ମାର୍ଗ ହେଉଛି ଆମ ନିଜ ଭିତରେ ସତ୍ୟଟିକୁ ଖୋଜି ବାହାର କରିବା । ତେବେ, ଆମେ ସର୍ବତ୍ର, ଅସଲ ସତ୍ୟଟି ଯେଉଁଠାରେ ଥାଉ ନା କାହିଁକି, ତାହାକୁ ଦେଖିବା ଲାଗି ସମର୍ଥ ହେବା ।

ଅନେକ ଆଶୀର୍ବାଦ ।

୫ ଫେବ୍ରୁଆରି ୧୯୭୦

# ଚତୁର୍ଦ୍ଦଶ ସ୍ତବକ

## ଚତୁର୍ଦ୍ଦଶ ସ୍ତବକ

ଶ୍ରୀଅରବିନ୍ଦ ଆଶ୍ରମର ଜଣେ ସାଧକଙ୍କୁ ଲିଖିତ ।

ପୃଥିବୀର ଇତିହାସରେ ଆମେ ସମ୍ପ୍ରତି ଏକ ମଧ୍ୟବର୍ତ୍ତିକାଳୀନ ମୁହୂର୍ତ୍ତରେ ରହିଛୁ । ଶାଶ୍ୱତ କାଳ ମଧ୍ୟରେ ଏହା କେବଳ ଗୋଟିଏ ମୁହୂର୍ତ୍ତମାତ୍ର, ମାତ୍ର ମନୁଷ୍ୟ ଜୀବନର ତୁଳନାରେ ଏହାକୁ ଏକ ଦୀର୍ଘ ମୁହୂର୍ତ୍ତ ବୋଲି କୁହାଯିବ । ଆପଣାକୁ ନୂତନ ଅଭିବ୍ୟକ୍ତିଟି ନିମନ୍ତେ ପ୍ରସ୍ତୁତ କରିବା ନିମନ୍ତେ ଜଡ଼ ବଦଳି ଯାଉଛି, ମାତ୍ର ମନୁଷ୍ୟର ଶରୀର ଯଥେଷ୍ଟ ପରିମାଣରେ ନମନୀୟ ହୋଇ ନାହିଁ ଓ ତେଣୁ ପ୍ରତିରୋଧ କରିବାରେ ଲାଗିଛି । ଏବଂ, ସେହି କାରଣରୁହିଁ ଅବୋଧ ବହୁ ବିଶୃଙ୍ଖଳା ଏବଂ ଏପରିକି ବ୍ୟାଧିଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଛି ଏବଂ ଚିକିତ୍ସା-ବିଜ୍ଞାନ ନିମନ୍ତେ ଏକ ସମସ୍ୟାରେ ପରିଣତ ହେଉଛି ।

କ୍ରିୟାଶୀଳ ହୋଇ ରହିଥିବା ଦିବ୍ୟ ଶକ୍ତିଗୁଡ଼ିକ ସହିତ ନିଜକୁ ସମ୍ମିଳିତ କରି ରଖିବା ଦ୍ୱାରା ଏବଂ ବିଶ୍ୱାସ ତଥା ଶାନ୍ତିରେ ପୂର୍ଣ୍ଣ ହୋଇ ରହିଥିବା ଏକ ଗ୍ରହଣଶୀଳତା ଦ୍ୱାରାହିଁ ଏହାର ପ୍ରତିକାର ହୋଇ ପାରିବ । ତଦ୍ଦ୍ୱାରା କାର୍ଯ୍ୟଟି ମଧ୍ୟ ଅପେକ୍ଷାକୃତ ଅଧିକ ସହଜ ହେବ ।

*୧୮ ନଭେମ୍ବର ୧୯୭୧*

ବର୍ତ୍ତମାନ ଅଗ୍ରଗତି କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନଙ୍କ ଲାଗି ଏକ ବିଶେଷ ସୁଯୋଗ ଆସି ପହଞ୍ଚିଛି । କାରଣ, ନୂତନ ଶକ୍ତିଗୁଡ଼ିକର କ୍ରିୟାଶୀଳତା ପାଇଁ ଚେତନାର ଉନ୍ମୋଚନ ସହିତହିଁ ରୂପାନ୍ତରର କାର୍ଯ୍ୟଟି ଆରମ୍ଭ ହେଉଛି । ଏହିପରି ଭାବରେ, ଦିବ୍ୟ ପ୍ରଭାବ ଲାଗି ଆପଣାକୁ ଉନ୍ମୁକ୍ତ କରିଦେବା ସକାଶେ ବ୍ୟକ୍ତିମାନଙ୍କ ପାଇଁ ଏକ ଅସାଧାରଣ ଏବଂ ଅଦ୍ଭୁତ ସୁଯୋଗ ଆସି ପହଞ୍ଚିଛି ।

*୨୦ ନଭେମ୍ବର ୧୯୭୧*

ବ୍ୟକ୍ତି-ଜୀବନର ଉଦ୍ଦେଶ୍ୟ ହେଉଛି ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ତଥା ତାଙ୍କ ସହିତ ସମ୍ମିଳିତ ହେବାର ଆନନ୍ଦଟିକୁ ଉପଲବ୍ଧି କରିବା । ଏହି କଥାଟିକୁ ବୁଝି ପାରିଲେ ଜଣେ ବ୍ୟକ୍ତି ଯାବତୀୟ ବାଧାକୁ ଅତିକ୍ରମ କରିବା ନିମନ୍ତେ ଆବଶ୍ୟକ ବଳ ଲାଭ କରିବାକୁ ପ୍ରସ୍ତୁତ ହୋଇଯିବ ।

*୨୨ ନଭେମ୍ବର ୧୯୭୧*

ନିମ୍ନତର ପ୍ରକୃତି ଉପରେ ହାସଲ କରା ଯାଉଥିବା ଏକ ବିଜୟ ଯେକୌଣସି ବାହ୍ୟ ସଫଳତାର ତୁଳନାରେ ଏକ ଗଭୀରତର ଏବଂ ଅଧିକ ଦୀର୍ଘସ୍ଥାୟୀ ଆନନ୍ଦ ପ୍ରଦାନ କରେ ।

*୨୪ ନଭେମ୍ବର ୧୯୭୧*

ଭବିଷ୍ୟତ ଆମର ଏହି ପୃଥିବୀ ଉପରକୁ ଯେଉଁସବୁ ବିସ୍ମୟକୁ ବହନ କରି ଆଣିବ, ଶ୍ରୀଅରବିନ୍ଦ ଆମ ଲାଗି ସେଥିରୁ କେତୋଟିକୁ ଉଦ୍‌ଘାଟିତ କରି ଦେଇଛନ୍ତି ଏବଂ ଏଥି ଲାଗି ଆମେ ଯେପରି ନିଜକୁ ପ୍ରସ୍ତୁତ କରିବା, ଆମକୁ ସେଥିଲାଗି ଉତ୍ସାହ ପ୍ରଦାନ କରିଛନ୍ତି ।

*୨୭ ନଭେମ୍ବର ୧୯୭୧*

ପ୍ରତ୍ୟେକ ବ୍ୟକ୍ତିର ନିଜ ଅହଂଟି ରହିଛି ଏବଂ ଏହି ଅହଂଗୁଡ଼ିକ ସମସ୍ତେ ପରସ୍ପର ସହିତ କଳହରତ ହୋଇ ରହିଛନ୍ତି । ଅହଂର କବଳରୁ ମୁକ୍ତ ହୋଇ ପାରିଲେ ଯାଇ ଯଥାର୍ଥ ମୁକ୍ତ ସତ୍ତାଟିଏ ହେବା ସମ୍ଭବ ହୁଏ ।

ମୁକ୍ତ ହେବାକୁ ହେଲେ, ଆମକୁ କେବଳ ଦିବ୍ୟ ପରମସତ୍ତାଙ୍କର ହୋଇ ରହିବାକୁ ପଡ଼ିବ ।

*୩ ଡିସେମ୍ବର ୧୯୭୧*

ଜୀବନର ଅସୁବିଧାପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ଆପଣାର ଅହଂକୁ ଅତିକ୍ରମ କରିଯିବା ହେଉଛି ପ୍ରତ୍ୟେକ ବ୍ୟକ୍ତିର ଏକମାତ୍ର ଅବଶ୍ୟ କର୍ତ୍ତବ୍ୟ । ପରମ ଦିବ୍ୟ ସତ୍ତାଙ୍କ ପାଖରେ ସମ୍ପୂର୍ଣ୍ଣ ଏବଂ ସର୍ତ୍ତହୀନ ସମର୍ପଣ ଦ୍ୱାରାହିଁ ଏହା ସମ୍ଭବ ହେବ । ତା'ପରେ, ତୁମର ଯାହା କରିବାକୁ ଥିବ, ଦିବ୍ୟ ପରମସତ୍ତା ତୁମ ଦ୍ୱାରା ତାହା କରାଇନେଇ ପାରିବେ ।

*୪ ଡିସେମ୍ବର ୧୯୭୧*

ସର୍ବୋଚ୍ଚ ପ୍ରଭୁ, ଅନନ୍ତ ପ୍ରଜ୍ଞା,

ଏହି ବିନାଶତ୍ରସ୍ତ ସମୟରେ, ଯେତେବେଳେ ଅହଂମାନେ କଳହରତ ହୋଇ ରହିଛନ୍ତି ଏବଂ ନିଜ ନିଜର ପ୍ରତିଷ୍ଠା କରିବାରେ ଲାଗିଛନ୍ତି, କେବଳ ତୁମରି ମଧ୍ୟରେ ଆଶ୍ରୟ ନେବାରେହିଁ ଏକମାତ୍ର ନିରାପତ୍ତା ନିହିତ ହୋଇ ରହିଛି !

ତୁମେ ଆମକୁ ଶକ୍ତି ଦିଅ, ଯେପରିକି ତୁମ ଇଚ୍ଛାର ପରିପୂରଣ ଦିଗରେ ଆମ ଭିତରେ ଆଦୌ କିଛି ହେଲେ ଏକ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ ନ ହୁଏ ।

ଆମକୁ ସାମର୍ଥ୍ୟ ଦିଅ, ଯେପରିକି ଆମେ ତୁମ ଇଚ୍ଛାର ପରିପୂରଣ ନିମନ୍ତେ ସଚେତନ ତଥା ଫଳପ୍ରଦ ସହଯୋଗୀ ରୂପେ କାର୍ଯ୍ୟ କରିପାରୁ ।

*୫ ଡିସେମ୍ବର ୧୯୭୧*

ମନୁଷ୍ୟମାନେ ଯେପରି ଆପଣାର କ୍ଷୁଦ୍ର ବ୍ୟକ୍ତିଗତ ଅହଂକାମିତାକୁ ଅତିକ୍ରମ କରିପାରିବେ ଏବଂ ସାହାଯ୍ୟ ତଥା ଆଲୋକ ଲାଗି ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଆପଣାକୁ ପରିଚାଳିତ କରିନେବେ, ସେଥିଲାଗି ସେମାନଙ୍କୁ ବାଧ୍ୟ କରିବା ସକାଶେହିଁ ପୃଥିବୀରେ ଦୁରୂହ ସମୟଗୁଡ଼ିକର ଆଗମନ ହୋଇଥାଏ । ମନୁଷ୍ୟମାନଙ୍କର ବୁଦ୍ଧି ଓ ବିବେକ ଅନ୍ଧକାର ମଧ୍ୟରେ ରହିଥାଏ । କେବଳ ସେହି ଦିବ୍ୟ ପରମସତ୍ତାହିଁ ସବୁ ଜାଣିଥା'ନ୍ତି ।

*୭ ଡିସେମ୍ବର ୧୯୭୧*

ମନୁଷ୍ୟର ଚେତନାରେ ଏପରି ଗବାକ୍ଷମାନ ରହିଛି, ଯାହାକି ପରମ ଅନନ୍ତଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ରହିଥାଏ । ମାତ୍ର ମନୁଷ୍ୟମାନେ ଏହି ଗବାକ୍ଷଗୁଡ଼ିକୁ ସାଧାରଣତଃ ଯତ୍ନ ସହକାରେ ବନ୍ଦ କରି ରଖିଥା'ନ୍ତି । ଆମକୁ ସେଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଖୋଲି ଦେବାକୁ ହେବ ଏବଂ, ପରମ ଅନନ୍ତ ଯେପରି ଆମ ଭିତରେ ପ୍ରବେଶ କରି ଆମକୁ ରୂପାନ୍ତରିତ କରିଦେଇ ପାରିବେ, ସେଥିଲାଗି ତାଙ୍କୁ ଅନୁମତି ଦେବାକୁ ପଡ଼ିବ ।

ଝରକାଗୁଡ଼ିକୁ ଖୋଲି ଦେବା ସକାଶେ ଦୁଇଟି ସର୍ତ୍ତର ପୂରଣ ଆବଶ୍ୟକ :

(୧) ଉଦ୍ଦୀପ୍ତ ଅଭୀପ୍ସା ।

(୨) ଉତ୍ତରୋତ୍ତର ଅଧିକରୁ ଅଧିକ ପରିମାଣରେ ଅହଂର ବିଲୋପ ସାଧନ ।

ଯେଉଁମାନେ ଆନ୍ତରିକତା ସହିତ କାର୍ଯ୍ୟ ଆରମ୍ଭ କରନ୍ତି, ସେମାନଙ୍କୁ ଦିବ୍ୟ ସହାୟତା ନିଶ୍ଚୟ ମିଳିବ ।

*୮ ଡିସେମ୍ବର ୧୯୭୧*

ବ୍ୟକ୍ତିସତ୍ତାକୁ ଗଢ଼ିବା ନିମନ୍ତେ ଅହଂର ଏକ ଆବଶ୍ୟକତା ଥିଲା । ତେଣୁ ଏହାର ବିନାଶ ସାଧନ ପ୍ରକୃତରେ କଷ୍ଟକର । ଏକ ଅଧିକ ଭଲ, ମାତ୍ର ଅଧିକ କଷ୍ଟକର ସମାଧାନ ମଧ୍ୟ ରହିଛି : ଆମେ ଅହଂର ରୂପାନ୍ତର ଘଟାଇବା ଏବଂ ତାକୁ ଦିବ୍ୟ ପରମସତ୍ତାଙ୍କର ଏକ ଯନ୍ତ୍ରରେ ପରିଣତ କରିବା ।

ବଦଳି ଯାଇଥିବା ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗି ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ହୋଇ ରହିଥିବା ଅହଂମାନେ ବିଶେଷ ଭାବରେ ଶକ୍ତିସମ୍ପନ୍ନ ଏବଂ ଫଳପ୍ରଦ ଯନ୍ତ୍ରରେ ପରିଣତ ହୋଇ ପାରନ୍ତି ।

ଏହି ପ୍ରୟାସଟି ପ୍ରକୃତରେ କଷ୍ଟକର ଏବଂ ତାହା ଏକ ଐକାନ୍ତିକ ଓ ଅବିଚଳ ଆନ୍ତରିକତାର ଦାବି କରିଥାଏ, ମାତ୍ର ଯେଉଁମାନଙ୍କର ଏକ ବଳବତୀ ଇଚ୍ଛା, ଏକ ଉଦ୍ଦୀପ୍ତ ଅଭୀପ୍ସା ଏବଂ ଅବିଚଳିତ ଆନ୍ତରିକତା ରହିଛି, ସେମାନେ ଅବଶ୍ୟ ଏହି ପ୍ରୟାସଟିକୁ କରିପାରିବେ ।

କ୍ରିୟାଶୀଳ ହେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବ୍ୟକ୍ତି ତା'ର ପ୍ରଣାଳୀଟିକୁ ମଧ୍ୟ ବାହାର କରିନିଏ, କାରଣ ପ୍ରତ୍ୟେକ ଅହଂର ଏକ ସ୍ୱକୀୟ ସ୍ୱଭାବ ରହିଛି ଏବଂ ତେଣୁ ତାହା ଏକ ନିର୍ଦ୍ଦିଷ୍ଟ ସ୍ୱକୀୟ ପ୍ରଣାଳୀ ମଧ୍ୟ ଆବଶ୍ୟକ କରିଥାଏ । ଐକାନ୍ତିକ ଅଧ୍ୟବସାୟ ଓ ଆନ୍ତରିକତା,— ପ୍ରତ୍ୟେକ ବ୍ୟକ୍ତି ଲାଗି କେବଳ ଏହି ଦୁଇଟି ଯାକ ଗୁଣ ଅପରିହାର୍ଯ୍ୟ । ନିଜକୁ ଠକିବାର ଯଦି ଏତେଟିକିଏ ପ୍ରବୃତ୍ତି ରହିଥିବ, ତେବେ ସଫଳତା କଦାପି ସମ୍ଭବ ହେବ ନାହିଁ ।

*୯ ଡିସେମ୍ବର ୧୯୭୧*

ଆପଣା ଚୈତ୍ୟ ସତ୍ତାର ଆବିଷ୍କାର କରିବା, ତାହାକୁ ଆପଣାର ଯାବତୀୟ ଅନ୍ତର୍ଗତ ଗତିଶୀଳତାର ସାକ୍ଷୀରୂପେ ପ୍ରତିଷ୍ଠା କରି ଏବଂ ତୁମର ଯାବତୀୟ କର୍ତ୍ତବ୍ୟ ତଥା ଅକର୍ତ୍ତବ୍ୟର ବିଚାରକ ରୂପେ ବସାଇ ତାହାରି ଉପରେ ଅଭିନିବେଶିତ ହୋଇ ରହିବା ଏବଂ ତାହାରି ନିଷ୍ପତ୍ତିଗୁଡ଼ିକ ସମ୍ମୁଖରେହିଁ ଆପଣାର ବାହ୍ୟ ପ୍ରକୃତିଟିକୁ ନିବେଦିତ କରି ରଖିବାର ପ୍ରୟାସ କରିବା, ଆରମ୍ଭ କରିବା ଲାଗି ତୁମ ନିମନ୍ତେ ଏହିଗୁଡ଼ିକହିଁ ସର୍ବୋତ୍ତମ ହେବ ।

*୧୧ ଡିସେମ୍ବର ୧୯୭୧*

ଚୈତ୍ୟ ସତ୍ତାକୁ ଦିବ୍ୟ ପରମ ଉପସ୍ଥିତିର ବ୍ୟକ୍ତିସ୍ତରୀୟ କୋଷ ବୋଲି କୁହାଯାଇ ପାରିବ । ଯାବତୀୟ ଭାବନାର ସେପାଖରେ ନିଜ ଭିତରେ ଅନେକ ଗଭୀରରେ ଏହି ଚୈତ୍ୟସତ୍ତାର ସନ୍ଧାନ ମିଳିବ ।

*୧୧ ଡିସେମ୍ବର ୧୯୭୧*

ଚୈତ୍ୟ ସ୍ତରରୁ ଆସୁଥିବା ସନ୍ଦେଶଗୁଡ଼ିକ କୌଣସି ମାନସିକ ରଚନାର ପରିଚ୍ଛଦ ପିନ୍ଧି ଆଦୌ ଆସନ୍ତି ନାହିଁ । ସେଗୁଡ଼ିକ ଆମେ ଧାରଣା ବା ଯୁକ୍ତି ବୋଲି ଆଦୌ କହି ପାରିବା ନାହିଁ । ସେଗୁଡ଼ିକର ନିଜର ସ୍ୱକୀୟ ସ୍ୱଭାବ ରହିଛି ଓ ତାହା ମନର ସ୍ୱଭାବଠାରୁ ଏକାନ୍ତ ଭିନ୍ନ; ଏହା ଏକ ଅନୁଭୂତି ପରି, ଯାହାକି ଆପଣାକୁ ବୁଝିପାରେ ଓ କ୍ରିୟା କରୁଥାଏ ।

ଆପଣାର ସ୍ୱଭାବ ଦ୍ୱାରା ଚୈତ୍ୟ ସର୍ବଦା ସ୍ଥିର, ଅଚଞ୍ଚଳ ଏବଂ ଆଲୋକମୟ

ହୋଇ ରହିଥାଏ, ସର୍ବବୋଧକ୍ଷମ ଓ ଉଦାର ହୋଇ ରହିଥାଏ, ପ୍ରଶସ୍ତ ଏବଂ ଅଗ୍ରଗତିଧର୍ମୀ ହୋଇ ରହିଥାଏ । ବୁଝିବା ଏବଂ ଅଗ୍ରଗତି ଲାଗି ତାହା ସତତ ପ୍ରୟାସ କରୁଥାଏ ।

ମନ ବର୍ଣ୍ଣନା କରେ, ବ୍ୟାଖ୍ୟା କରିବାରେ ଲାଗିଥାଏ ।

ଚୈତ୍ୟ ଦେଖିପାରେ ଏବଂ ବୁଝିବାକୁ ସମର୍ଥ ହୁଏ ।

*୧୩ ଡିସେମ୍ବର ୧୯୭୧*

ପୃଥିବୀରେ ଆପଣାର ଅନୁକ୍ରମିକ ଜନ୍ମଗୁଡ଼ିକର ଅବଧିରେ କରିଥିବା ଆପଣାର ଉତ୍ତରୋତ୍ତର ସଂରଚନା ବିଷୟରେ ଚୈତ୍ୟ ସଚେତନ ରହିଥାଏ, ତେଣୁ ଆପଣାର ପୂର୍ବତନ ଜନ୍ମଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକୁ ତାହା ମନେ ରଖିଥାଏ ।

ପୃଥିବୀପୃଷ୍ଠର ଏହି ଭୌତିକ ଜୀବନଗୁଡ଼ିକରେ ଚୈତ୍ୟ ଯେତିକି ଅଧିକ ଅଂଶ ଗ୍ରହଣ କରିଥାଏ ତାହାର ସ୍ମୃତିଗୁଡ଼ିକ ସେତିକି ବହୁ ସଂଖ୍ୟକ ଏବଂ ନିର୍ଭୁଲ୍ ହୋଇ ରହିଥାଏ ।

*୧୪ ଡିସେମ୍ବର ୧୯୭୧*

ମନୁଷ୍ୟମାନଙ୍କ ଭିତରେ ଥାଇ ମଧ୍ୟ ଏକାକୀ ଅନୁଭବ କରିବାରୁ ଏହାହିଁ ସୂଚନା ମିଳେ ଯେ ତୁମେ ନିଜର ସତ୍ତା ମଧ୍ୟରେ ଦିବ୍ୟ ପରମ ଉପସ୍ଥିତିଙ୍କ ଏକ ସଂସ୍ପର୍ଶଲାଭର ଆବଶ୍ୟକତା ଅନୁଭବ କରିବାକୁ ଆରମ୍ଭ କରୁଛ । ତେଣୁ ତୁମକୁ ନୀରବତା ସହିତ ସଂକେନ୍ଦ୍ରିତ ହୋଇ ରହିବାକୁ ହେବ ଏବଂ ମାନସିକ ସକଳ କ୍ରିୟାଶୀଳତାର ଅତୀତ ହୋଇ ରହିଥିବା ତୁମ ଚେତନାର ଗଭୀର ତଳଗୁଡ଼ିକରେ ସେହି ଦିବ୍ୟ ପରମ ଉପସ୍ଥିତିକୁ ଆବିଷ୍କାର କରିବା ନିମନ୍ତେ ନିଜର ଗଭୀରରେ ପ୍ରବେଶ କରିବାର ଚେଷ୍ଟା କରିବାକୁ ହେବ ।

*୧୬ ଡିସେମ୍ବର ୧୯୭୧*

ଏପରି ଏକ ମୁହୂର୍ତ୍ତ ଆସେ, ଯେତେବେଳେ କି ଦିବ୍ୟ ପରମ ଉପସ୍ଥିତି ବ୍ୟତୀତ ଜୀବନ ଅସହ୍ୟ ହୋଇଯାଏ । ତେଣୁ, ତୁମେ ସେହି ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମର୍ପି ଦିଅ ଏବଂ ତେବେ ତୁମେ ଆଲୋକ ମଧ୍ୟକୁ ଆବିର୍ଭୂତ ହୋଇ ଆସିବ ।

*୧୭ ଡିସେମ୍ବର ୧୯୭୧*

ଦିବ୍ୟ ପରମସତ୍ତାଙ୍କ ସହିତ ସଚେତନ ଯୋଗସୂତ୍ର ସ୍ଥାପିତ ହୋଇଥିବାର ଗୋଟିଏ ମୁହୂର୍ତ୍ତ ମଧ୍ୟ ସକଳ ପ୍ରତିରୋଧକୁ, ତାହା ଯେତେ ଅଧିକ ଶକ୍ତିଶାଳୀ ହୋଇଥାଉ ପଛକେ, ପ୍ରତିହତ କରିଦେଇ ପାରିବ ।

*୧୮ ଡିସେମ୍ବର ୧୯୭୧*

ନୀରବତାରେହିଁ ସବୁଠାରୁ ବୃହତ୍ ଗ୍ରହଣଶୀଳତା ନିହିତ ହୋଇ ରହିଥାଏ । ଏବଂ ଏକ ଅବିଚଳ ନୀରବତାରେହିଁ ବ୍ୟାପ୍ତତମ କର୍ମ ସମ୍ପାଦନ ସମ୍ଭବ ହୋଇଥାଏ ।

ଆମେ ସେହି ନୀରବ ହେବାକୁ ଶିକ୍ଷା କରିବା, ଯେପରିକି ପରମପ୍ରଭୁ ଆମକୁ ତାଙ୍କର ଯନ୍ତ୍ରରୂପେ ବ୍ୟବହାର କରି ପାରିବେ ।

*୧୯ ଡିସେମ୍ବର ୧୯୭୧*

ଆମ ଚେତନା ମଧ୍ୟରୁ ଯାବତୀୟ ପରାଜୟ ବୋଧକୁ ଯଦି ଆମେ ନିକାଲି ବାହାର କରିଦେଇ ପାରିଛେ, ତେବେ ଉପଲବ୍ଧି ଆଡ଼କୁ ଆମେ ଏକ ବୃହତ୍ ଲମ୍ଫ ପ୍ରଦାନ କିରିଛେ ବୋଲି କୁହାଯାଇ ପାରିବ ।

ଦିବ୍ୟ ପରମ କରୁଣା ଉପରେ ଆମର ବିଶ୍ୱାସକୁ ପରିପୂର୍ଣ୍ଣ କରିବା ଦ୍ୱାରାହିଁ ଆମେ ଅବଚେତନର ଯାବତୀୟ ପରାଜୟବୋଧକୁ ଜୟ କରି ପାରିବା ।

*୨୦ ଡିସେମ୍ବର ୧୯୭୧*

ଅବଚେତନ ନୈରାଶ୍ୟବୋଧକୁ ଜନ୍ମ ଦେଉଥିବା ଭୌତିକ ଜଗତର ଯାବତୀୟ ଦୁଃଖ ଏବଂ କଷଣ ଭୋଗକୁ ବିଲୁପ୍ତ କରିବାକୁ ହେଲେ ଦିବ୍ୟ ପରମସତ୍ତାଙ୍କ ସହିତ ସଂପୂର୍ଣ୍ଣ ସମ୍ମିଳନ ଏବଂ ତାଙ୍କର ପରିପୂର୍ଣ୍ଣ ଅଭିବ୍ୟକ୍ତିକୁହିଁ ସମଗ୍ର ଉପାୟରୂପେ ଗ୍ରହଣ କରିବାକୁ ପଡ଼ିବ । ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ସଂଯୁକ୍ତ ହୋଇ ପାରିଲେହିଁ ଆମର ଚେତନା ଶାଶ୍ୱତ ଆନନ୍ଦ ମଧ୍ୟକୁ ଜନ୍ମଲାଭ କରିପାରିବ । ଏବଂ, ଏହି ସଚେତନ ସମ୍ମିଳନ ହେଉଛି ପାର୍ଥିବ ଜୀବନର ଯଥାର୍ଥ ଲକ୍ଷ୍ୟ ।

*୨୧ ଡିସେମ୍ବର ୧୯୭୧*

ଆମେ କାହିଁକି ଜୀବନ ଧାରଣ କରିଛୁ, ତାହାକୁ ଜାଣିବା : ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ଏବଂ ଚେତନାଯୁକ୍ତ ଭାବରେ ତାଙ୍କ ସହିତ ସମ୍ମିଳିତ ହେବା ।

ଆମର ଅଭୀପ୍ସା ଏହି ଉପଲବ୍ଧିଟିରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବ ।

ଏହି ଲକ୍ଷ୍ୟରେ ଯାଇ ପହଞ୍ଚିବା ନିମନ୍ତେ କିପରି ସକଳ ପରିସ୍ଥିତିକୁ ଏକ ସାଧନରେ ପରିଣତ କରା ଯାଇପାରେ, ତାହାର ଉପାୟଟିକୁ ଜାଣିବା ।

*୨୨ ଡିସେମ୍ବର ୧୯୭୧*

## ପ୍ରାର୍ଥନା

ହେ ପ୍ରଭୁ, ମୋ' ଭିତରେ ତୁମକୁ ଜାଣିବାର ଉଦ୍ଦୀପ୍ତ ବାସନାଟିକୁ ଜାଗୃତ କର ।

ତୁମରି ସେବାରେ ମୋ'ର ଜୀବନକୁ ଉତ୍ସର୍ଗ କରି ଦେବା ପାଇଁ ମୁଁ ଅଭୀପ୍ସା କରୁଛି ।

*୨୪ ଡିସେମ୍ବର ୧୯୭୧*

ଆପଣାର କୃତଜ୍ଞତାକୁ ପ୍ରକଟ କରିବା ଲାଗି ସର୍ବୋତ୍ତମ କାର୍ଯ୍ୟରୂପେ ଆମେ ନିଜ ଭିତରେ ରହିଥିବା ସକଳ ଅହଂକାମିତା ଉପରେ ଜୟଲାଭ କରିବା ଏବଂ ଏହି ରୂପାନ୍ତରଟି ନିମନ୍ତେ ସତତ ପ୍ରୟାସ କରୁଥିବା । ଅନ୍ୟମାନେ ବି ତ ପରିବର୍ତ୍ତିତ ହୋଇ ନାହାନ୍ତି – ଏହି ଯୁକ୍ତି ଦେଖାଇହିଁ ମନୁଷ୍ୟର ଅହଂକାମିତା ଆସ୍ଥାନ ଛାଡ଼ି ଚାଲିଯିବାକୁ ଆଦୌ ସମ୍ମତ ହେଉ ନ ଥାଏ । ମାତ୍ର, ତାହା କେବଳ ଅସତ୍ ଇଚ୍ଛାର ଏକ ଦୃଢ଼ ଦୁର୍ଗ ପରିହିଁ କାର୍ଯ୍ୟ କରୁଥାଏ, କାରଣ, ଅନ୍ୟମାନେ କ'ଣ କରୁଛନ୍ତି କି ନାହିଁ, ତା' ପ୍ରତି ଆଦୌ କୌଣସି ଦୃଷ୍ଟି ନ ରଖି ଆପଣାର ପରିବର୍ତ୍ତନ ଘଟାଇବା ହେଉଛି ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ।

ଏହି ରୂପାନ୍ତର, ଅହଂର ଏହି ବିଲୋପ ସାଧନହିଁ ସତତ ଶାନ୍ତି ଓ ଆନନ୍ଦ ଲାଭ କରିବାର ଏକମାତ୍ର ଉପାୟ ବୋଲି ଯଦି ମନୁଷ୍ୟମାନେ ଜାଣିଥା'ନ୍ତେ, ତେବେ ଆବଶ୍ୟକ ପ୍ରୟାସଟି କରିବାକୁ ମଧ୍ୟ ସେମାନେ ଅବଶ୍ୟ ସମ୍ମତ ହୁଅନ୍ତେ । ତେଣୁ, ସେମାନଙ୍କ ମଧ୍ୟରେ ଏହି ଦୃଢ଼ ପ୍ରତ୍ୟୟଟିର ଜାଗୃତି ହେବା ଏକାନ୍ତ ଆବଶ୍ୟକ ।

ପ୍ରତ୍ୟେକ ବ୍ୟକ୍ତିକୁ ବାରବାର କହିବାକୁ ହେବ : ନିଜର ଅହଂକୁ ବିଲୁପ୍ତ କରିଦିଅ ଏବଂ ତେବେ ତୁମ ଭିତରେ ଶାନ୍ତି ବିରାଜମାନ କରିବ ।

ଦିବ୍ୟ ପରମସତ୍ତାଙ୍କର ସହାୟତା ଏକ ଆନ୍ତରିକ ଅଭୀପ୍ସାକୁ ସର୍ବଦା ଅନୁସ୍ପନ୍ଦନ ଜଣାଇଥାଏ ।

*୨୫ ଡିସେମ୍ବର ୧୯୭୧*

ମନୁଷ୍ୟମାନେ ଆପଣାର ଜୀବନରେ ଅବଲମ୍ବନ କରୁଥିବା ଦୃଷ୍ଟିକୋଣ ଅନୁସାରେ ସେମାନଙ୍କୁ ଚାରୋଟି ପ୍ରଧାନ ଶ୍ରେଣୀରେ ବିଭକ୍ତ କରାଯାଇ ପାରିବ :

(୧) ଯେଉଁମାନେ କେବଳ ଆପଣା ପାଇଁ ବଞ୍ଚନ୍ତି । କେବଳ ନିଜ ସହିତ ସମ୍ବନ୍ଧିତ କରିହିଁ ସେମାନେ ସକଳ ବସ୍ତୁର ବିଚାର କରନ୍ତି ଓ ସେହି ଅନୁସାରେ କାର୍ଯ୍ୟ କରନ୍ତି । ସବୁଠାରୁ ବହୁ ସଂଖ୍ୟକ ବ୍ୟକ୍ତି ଏହି ପ୍ରକାରର ।

(୨) ଯେଉଁମାନେ ଆଉ ଜଣେ ମନୁଷ୍ୟକୁ ଆପଣାର ଭଲ ପାଇବା ଦିଅନ୍ତି ଏବଂ ତାହାରି ସକାଶେ ଜୀବନ ବଞ୍ଚନ୍ତି । ସ୍ୱଭାବତଃ, ଏହାର ପରିଣାମ ସେମାନେ ଯାହାକୁ ଭଲ ପାଉଥାନ୍ତି, ତାହାରି ଉପରେହିଁ ନିର୍ଭର କରୁଥାଏ ।

(୩) ଯେଉଁମାନେ ମନୁଷ୍ୟଜାତିର ସେବାରେ ଆପଣାର ଜୀବନକୁ ଉତ୍ସର୍ଗ କରିଥାନ୍ତି; କୌଣସି ବ୍ୟକ୍ତିଗତ ସନ୍ତୋଷ ବିଧାନ ନିମନ୍ତେହିଁ ନୁହେଁ, ମାତ୍ର ଯଥାର୍ଥରେ ଅନ୍ୟମାନଙ୍କର କାମରେ ଆସିବା ସକାଶେ ସେମାନେ କୌଣସି କର୍ମକୁ ମାଧ୍ୟମରୂପେ ଗ୍ରହଣ କରି ନେଇଥା'ନ୍ତି । କୌଣସି ହାନି ଲାଭ ବିଚାର କରନ୍ତି ନାହିଁ ଏବଂ ଆପଣାର କାର୍ଯ୍ୟରୁ କୌଣସି ବ୍ୟକ୍ତିଗତ ଲାଭର ପ୍ରତ୍ୟାଶା ମଧ୍ୟ ରଖି ନ ଥା'ନ୍ତି ।

(୪) ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରି ଦେଇଥା'ନ୍ତି ଏବଂ, କେବଳ ତାଙ୍କରି ଲାଗି ବଞ୍ଚନ୍ତି, ତାଙ୍କରି ମାଧ୍ୟମରେ ବଞ୍ଚନ୍ତି । ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ଲାଗି ସେମାନେ ଆବଶ୍ୟକ ପ୍ରୟାସ କରନ୍ତି, ତାଙ୍କରି ଇଚ୍ଛା ବିଷୟରେ ସଚେତନ ହେବା ଓ କେବଳ ତାଙ୍କର ସେବାରେ ସକ୍ରିୟ ହୋଇ ରହିବା ଲାଗି ପ୍ରୟାସ କରୁଥା'ନ୍ତି ।

ପ୍ରଥମ ତିନୋଟି ଶ୍ରେଣୀରେ ଜଣେ ମନୁଷ୍ୟ ସ୍ୱଭାବତଃ ଦୁଃଖଭୋଗ, ନିରାଶା ଏବଂ ଅବସାଦର ବିଧାନଗୁଡ଼ିକର ଅଧୀନ ହୋଇ ରହିଥାଏ ।

କେବଳ ଶେଷ ଶ୍ରେଣୀର ବ୍ୟକ୍ତିମାନେ — ଯଦି ସେମାନେ ଏହି ମାର୍ଗଟିକୁ ସମ୍ପୂର୍ଣ୍ଣ ଆନ୍ତରିକତା ସହିତ ବାଛି ନେଇଥା'ନ୍ତି ଓ ଅବିଚଳ ଧୈର୍ଯ୍ୟ ସହିତ ସେଥିରେ ବାଟ ଚାଲୁଥା'ନ୍ତି — ସେହିମାନେହିଁ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତାର ଅଧିକାରୀ ହୁଅନ୍ତି ଓ ଏକ ନିରନ୍ତର ଆଲୋକମୟ ଶାନ୍ତି ଉପଲବ୍ଧି କରନ୍ତି ।

*୨୬ ଡିସେମ୍ବର ୧୯୭୧*

ସୁଖପ୍ରାପ୍ତି ଲାଗି ବଞ୍ଚ ନାହିଁ, ଦିବ୍ୟ ପରମସତ୍ତାଙ୍କର ସେବା କରିବା ଲାଗି ବଞ୍ଚିରହ । ତେବେ, ତୁମେ ଯେଉଁ ସୁଖର ଅଧିକାରୀ ହୋଇ ପାରିବ, ତାହା ତୁମର ସବୁକିଛି ପ୍ରତ୍ୟାଶାକୁ ଅବଶ୍ୟ ବଳିଯିବ ।

*୨୮ ଡିସେମ୍ବର ୧୯୭୧*

ପୃଥିବୀର ଇତିହାସରେ ଆମେ ବର୍ତ୍ତମାନ ଏକ ମୀମାଂସକ ମୁହୂର୍ତ୍ତରେ ଆସି ପହଞ୍ଚିଛୁ । ବର୍ତ୍ତମାନ ଏହା ଅତିମାନବର ଆଗମନ ଲାଗି ପ୍ରସ୍ତୁତ ହେଉଛି ଏବଂ ସେହି ହେତୁରୁହିଁ ଜୀବନ ବଞ୍ଚିବାର ପୁରାତନ ପଦ୍ଧତିଟି ଆପଣାର ମୂଲ୍ୟ ହରାଇ ପକାଉଛି । ଭବିଷ୍ୟତ

ଆମଠାରୁ ଅନେକ ନୂତନ ଦାବି କରୁଥିଲେହିଁ ଆମେ ସାହସର ସହିତ ସେହି ଭବିଷ୍ୟର ପଥରେହିଁ ବାହାରି ପଡ଼ିବା । ଯେଉଁ କ୍ଷୁଦ୍ରତାଗୁଡ଼ିକ ଏକଦା ସହନୀୟ ହୋଇ ରହିଥିଲେ, ସେଗୁଡ଼ିକ ଆଉ ଏଣିକି ଆଦୌ ସହନୀୟ ହେବେ ନାହିଁ । ଯାହା ଆସିବାକୁ ଯାଉଛି, ତାହାକୁ ଗ୍ରହଣ କରିବା ନିମନ୍ତେ ଆମକୁ ପ୍ରଶସ୍ତ ହୋଇଯିବାକୁ ପଡ଼ିବ ।

*୨୯ ଡିସେମ୍ବର ୧୯୭୧*

ଚେତନାର ଏକ ସୁବିସ୍ତାରିତ ଅନେକୀକରଣ ହେଉଛି ଏହି ସୃଷ୍ଟିର ପରିଣାମ ।

ଯେତେବେଳେ ସମଗ୍ରର ଦୃଷ୍ଟି ଏବଂ ଯାବତୀୟ ଟିକିନିଖିର ଦୃଷ୍ଟି ଉଭୟେ ଗୋଟିଏ ସକ୍ରିୟ ଚେତନା ମଧ୍ୟରେ ଏକତ୍ର ସମ୍ମିଳିତ ହୋଇଯିବେ, ସେତେବେଳେ ଏହି ଦୃଷ୍ଟି ଆପଣାର କ୍ରମୋତ୍ତର ମାର୍ଗରେ ଅଗ୍ରସର ହୋଇ ଆପଣାର ପରିପୂର୍ଣ୍ଣତା ଲାଭ କରିବ ।

*୮ ଜାନୁଆରି ୧୯୭୨*

କାଳ ଓ ଦେଶର ଭୂମି ଉପରେ କୌଣସି ଦୁଇଜଣ ବ୍ୟକ୍ତିଙ୍କର ମଧ୍ୟ ସେହି ଏକା ଚେତନା ଆଦୌ ନାହିଁ ଏବଂ, ଏହି ଯାବତୀୟ ଚେତନାଚୟର ସମଷ୍ଟିକୁ ସେହି ଦିବ୍ୟ ପରମ ଚେତନାର କେବଳ ଏକ ଆଂଶିକ ଏବଂ ଅକ୍ଷୀଭୂତ ଅଭିବ୍ୟକ୍ତି ବୋଲି କୁହାଯାଇ ପାରିବ ।

ସେଇଥିପାଇଁ ମୁଁ ''କ୍ରମୋତ୍ତର ପରିପୂର୍ଣ୍ଣତା'' ବୋଲି କହିଥିଲି କାରଣ, ଟିକିନିଖି ସ୍ତରର ଚେତନାର ଅଭିବ୍ୟକ୍ତିରେ କୌଣସି ଅନ୍ତ ନାହିଁ କି କୌଣସି ଶେଷ ନାହିଁ ।

*୯ ଜାନୁଆରି ୧୯୭୨*

ପ୍ରଥମ ସର୍ତ୍ତଟି ହେଉଛି ଯେ, ଆପଣାର ବ୍ୟକ୍ତିଗତ ସ୍ୱାର୍ଥସାଧନ କଦାପି ଏକ ଲକ୍ଷ୍ୟ ହୋଇ ରହିବ ନାହିଁ ।

ପ୍ରଥମ ଆବଶ୍ୟକ ଗୁଣଗୁଡ଼ିକ ହେଉଛି ସାହସ, ନିର୍ଭୟତା ଏବଂ ଅଧ୍ୟବସାୟ ।

ଏବଂ, ତା'ପରେ ସଚେତନ ହେବାକୁ ପଡ଼ିବ ଯେ, ଜଣକର ଯାହା ପ୍ରକୃତରେ ଜାଣିବା ଉଚିତ, ତାହା ତୁଳନାରେ ସେ ଆଦୌ କିଛି ଜାଣି ନାହିଁ; ଜଣକର ପ୍ରକୃତରେ ଯାହା କରିବା ଉଚିତ, ତାହା ତୁଳନାରେ ସେ ଆଦୌ କିଛି କରୁ ନାହିଁ, ଏବଂ ତାହାର ସତକୁ ସତ ଯାହା ହେବା ଉଚିତ, ତାହା ତୁଳନାରେ ସେ ଆଦୌ କିଛି ହେଲେ ହୋଇ ନାହିଁ ।

ନିଜର ପ୍ରକୃତିରେ ଯେଉଁ ବସ୍ତୁଟିର ଅଭାବ ରହିଛି, ତାହାକୁ ଅର୍ଜନ କରିବା, ଯାହା ଜାଣିବାକୁ ତଥାପି ବାକି ରହିଛି, ତାହାକୁ ଜାଣିବା ଏବଂ ଯାହା କରିବାକୁ ତା'ର ତଥାପି

ସାମର୍ଥ୍ୟ ରହିଛି, ତାହା କରିବାକୁ ସମର୍ଥ ହେବା ଲାଗି ଜଣେ ବ୍ୟକ୍ତିର ଏକ ଅଟଳ ଇଚ୍ଛାଶକ୍ତି ରହିଥିବା ଏକାନ୍ତ ଆବଶ୍ୟକ ।

ବ୍ୟକ୍ତିଗତ ବାସନାର ବିଲୁପ୍ତି ଘଟିଲେ ଯେଉଁ ଆଲୋକ ଏବଂ ଶାନ୍ତି ଉଦ୍‌ଭୂତ ହୋଇ ଆସିଥାଏ, ବ୍ୟକ୍ତିକୁ ତାହାରି ମଧ୍ୟରେ ନିରନ୍ତର ଅଗ୍ରଗତି କରିବାକୁ ପଡ଼ିବ ।

ଜଣେ ବ୍ୟକ୍ତି ଏହାକୁହିଁ ଏକ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରି ପାରିବ :

''ଅନୁକ୍ଷଣ ଅଧିକରୁ ଅଧିକ ଭଲ, ଅଧିକରୁ ଅଧିକ ଆଗକୁ'' !

ଏବଂ ଲକ୍ଷ୍ୟ କେବଳ ଗୋଟିଏ ରହିଥିବ : ଦିବ୍ୟ ପରମସତ୍ତାଙ୍କୁ ଜାଣିବା, ଯେପରିକି ତାଙ୍କୁ ଅଭିବ୍ୟକ୍ତ କରି ଆଣିବାକୁ ମଧ୍ୟ ସମର୍ଥ ହେବା ।

ଅବିଚଳ ଉଦ୍ୟମ କର; ଏବଂ ଯାହା ତୁମେ ଆଜି କରି ନ ପାରୁଛ, ଆଗାମୀ କାଲି ତାହା ଅବଶ୍ୟ କରିପାରିବ ।

*୧୧ ଜାନୁଆରି ୧୯୭୨*

*ମାଆ, ନିଜ ଭିତରେ ଆରୋଗ୍ୟ କରିବାର ଶକ୍ତିକୁ ବିକଶିତ କରି ହେବ କି ?*

ସିଦ୍ଧାନ୍ତତଃ ଦିବ୍ୟ ପରମ ଶକ୍ତି ସହିତ ସଚେତନ ଭାବରେ ଏକାତ୍ମକତା ଲାଭ କଲେ ସବୁକିଛି ସମ୍ଭବ ହୋଇଯାଏ ।

ମାତ୍ର, ସେଥିଲାଗି ଏକ ପଦ୍ଧତି ମଧ୍ୟ ବାହାର କରିବା ଉଚିତ, ଏବଂ ତାହା କ୍ଷେତ୍ରଟି ଉପରେ ତଥା ବ୍ୟକ୍ତିଟି ଉପରେ ଅବଶ୍ୟ ନିର୍ଭର କରିବ ।

ସର୍ବପ୍ରଥମ ସର୍ତ୍ତରୂପେ, ଏପରି ଏକ ଭୌତିକ ପ୍ରକୃତି ରହିଥିବ ଯାହାକି ଅନ୍ୟମାନଙ୍କଠାରୁ ଶକ୍ତି ଆହରଣ କରିବା ପରିବର୍ତ୍ତେ ସ୍ୱୟଂ ଶକ୍ତି ଦେଇ ପାରୁଥିବ ।

ଦ୍ୱିତୀୟ ଅପରିହାର୍ଯ୍ୟ ସର୍ତ୍ତଟି ହେଉଛି, ଊର୍ଦ୍ଧ୍ୱରୁ କିପରି ଶକ୍ତିର ଆହରଣ କରିହୁଏ, ଏକ ଅକ୍ଷୟ ନୈର୍ବ୍ୟକ୍ତିକ ଉତ୍ସରୁ ସେହି ଶକ୍ତିକୁ ଆହରଣ କରିହୁଏ, ଆମେ ତାହାର ଜ୍ଞାନଟିକୁ ମଧ୍ୟ ଅର୍ଜନ କରିଥିବା ।

*୧୨ ଜାନୁଆରି ୧୯୭୨*

ଏହିପରି ଭାବରେ ଜଣେ ଯେତେ ବ୍ୟୟ କରିବ, ତା'ଠାରୁ ଅଧିକ ଅର୍ଜନ କରି ପାରିବ; ଏବଂ, ଦେବା ଦ୍ୱାରା ନିଜକୁ ନିଃଶେଷିତ କରି ଦେଉଥିବା ଗୋଟିଏ ପାତ୍ର ପରି ହୋଇ ରହିବା ପରିବର୍ତ୍ତେ ସେ ପ୍ରକୃତରେ ଏକ ଅକ୍ଷୟ ମାଧ୍ୟମ ହୋଇ ରହିଥିବ ।

କେବଳ ଅବିଚଳିତ ଅଭୀପ୍ସା ଦ୍ୱାରାହିଁ ଏହାକୁ ଶିକ୍ଷା କରାଯାଇ ପାରିବ ।

*୧୩ ଜାନୁଆରି ୧୯୭୨*

ଆନ୍ତରିକତା, ବିନୟ, ଅଧ୍ୟବସାୟ ଏବଂ ଅଗ୍ରଗତି କରିବା ଲାଗି କେବେହେଲେ ସନ୍ତୁଷ୍ଟ ହେଉ ନ ଥିବା ଏକ ପିପାସା,– ଏକ ସୁଖୀ ଏବଂ ଫଳପ୍ରସୂ ଜୀବନ ପାଇଁ ଏଗୁଡ଼ିକ ଏକାନ୍ତ ଆବଶ୍ୟକ । ସର୍ବୋପରି, ଭିତରେ ଏକ ସୁଦୃଢ଼ ଆତ୍ମପ୍ରତ୍ୟୟ ରହିଥିବା ଉଚିତ ଯେ ଅଗ୍ରଗତିର ସମ୍ଭାବନାରେ ଆଦୌ କେଉଁଠି କୌଣସି ସୀମା ନାହିଁ । ଅଗ୍ରଗତି ହେଉଛି ତାରୁଣ୍ୟ; ଶହେବର୍ଷ ବୟସରେ ମଧ୍ୟ ଜଣେ ବ୍ୟକ୍ତି ତରୁଣ ରହି ପାରିବ ।

*୧୪ ଜାନୁଆରି ୧୯୭୨*

ଶରୀର ଯେତେବେଳେ ଏକ ଉତ୍ତରୋତ୍ତର କ୍ରମବର୍ଦ୍ଧମାନ ପରିପୂର୍ଣ୍ଣତା ଆଡ଼କୁ ନିରନ୍ତର ଗତି କରିବାର କଳାଟିକୁ ଶିଖିଯାଏ, ସେତେବେଳେ ନିଶ୍ଚିତ ଭାବରେ ଜାଣିବାକୁ ହେବ ଯେ ଆମେ ମୃତ୍ୟୁର ଅନିବାର୍ଯ୍ୟତାକୁ ଅତିକ୍ରମ କରି ପାରିବା ଲାଗି ଉଚିତ ମାର୍ଗରେ ଯାତ୍ରା କରୁଛୁ ।

*୧୬ ଜାନୁଆରି ୧୯୭୨*

ଯଦି ଚେତନାର ଅଭିବୃଦ୍ଧିକୁ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗ୍ରହଣ କରି ନିଆଯାଆନ୍ତା, ତେବେ ଅନେକ ଅସୁବିଧାର ସମାଧାନ ତାହାରି ଦ୍ୱାରାହିଁ ହୋଇଯାଆନ୍ତା ।

ଅଗ୍ରଗତିକୁହିଁ ଆମ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିନେବା, ବୁଢ଼ା ହୋଇ ନ ଯିବା ନିମନ୍ତେ ତାହାହିଁ ସର୍ବୋତ୍ତମ ଉପାୟ ।

*୧୮ ଜାନୁଆରି ୧୯୭୨*

ଶିକ୍ଷା ଲାଗି ନିଜକୁ ସତତ ଉନ୍ମୁକ୍ତ କରି ରଖିଥିବା, କେବଳ ବୁଦ୍ଧିଗତ ଅଥବା ମନସ୍ତାତ୍ତ୍ୱିକ ଭାବରେ ନୁହେଁ, ନିଜ ଚରିତ୍ରର କ୍ଷେତ୍ରରେ ଅଗ୍ରଗତି କରୁଥିବା, ଆମ ଗୁଣଗୁଡ଼ିକର କର୍ଷଣ ଏବଂ ଦୋଷଗୁଡ଼ିକର ସଂଶୋଧନ କରୁଥିବା, ଯେପରିକି ସବୁକିଛି ଆମକୁ ଅଜ୍ଞାନ ଏବଂ ଅସମର୍ଥତାରୁ ଆରୋଗ୍ୟ କରିନେବାର ଏକ ସୁଯୋଗ ରୂପେ ବ୍ୟବହୃତ ହୋଇପାରିବ,– ଏପରି ହୋଇ ପାରିଲେ ଜୀବନ ଅଦ୍ଭୁତ ଭାବରେ ଆଗ୍ରହୋଦ୍ଦୀପକ ହୋଇଯିବ ଏବଂ ବଞ୍ଚିବାର ସାର୍ଥକତା ମଧ୍ୟ ଉପଲବ୍ଧ ହେବ ।

*୨୭ ଜାନୁଆରି ୧୯୭୨*

ଅତିମାନସ ଜଗତର ଅଭିବ୍ୟକ୍ତିକୁ ଘୋଷଣା କରିବା ଲାଗି ଶ୍ରୀଅରବିନ୍ଦ ପୃଥିବୀକୁ ଆସିଥିଲେ । ସିଏ କେବଳ ଯେ ଏହି ଅଭିବ୍ୟକ୍ତିର ଘୋଷଣା କଲେ ତା' ନୁହେଁ, ମାତ୍ର

ସେ ସେହି ଅତିମାନସ ଶକ୍ତିକୁ ଆଂଶିକ ଭାବରେ ଏକ ସାକାର ରୂପ ମଧ୍ୟ ପ୍ରଦାନ କଲେ ଏବଂ, ଏହି ଅଭିବ୍ୟକ୍ତି ନିମନ୍ତେ ଆମେ ନିଜକୁ କିପରି ଭାବରେ ପ୍ରସ୍ତୁତ କରିବା, ସେ ଆମକୁ ତାହାର ଦୃଷ୍ଟାନ୍ତ ମଧ୍ୟ ଦେଇଗଲେ । ସେ ଆମକୁ ଯାହାକିଛି କହି ଯାଇଛନ୍ତି, ଆମେ ସେଗୁଡ଼ିକର ଅଧ୍ୟୟନ କରିବା, ତାଙ୍କର ଦୃଷ୍ଟାନ୍ତକୁ ଅନୁସରଣ କରିବା ଏବଂ ନୂତନ ଅଭିବ୍ୟକ୍ତିଟି ଲାଗି ଆପଣାକୁ ପ୍ରସ୍ତୁତ କରିବା, ଆମ ଲାଗି ତାହାହିଁ ସର୍ବୋତ୍ତମ କର୍ତ୍ତବ୍ୟ ହେବ ।

ଏହାହିଁ ଆମ ଜୀବନକୁ ତା'ର ଯଥାର୍ଥ ତାତ୍ପର୍ଯ୍ୟଟିକୁ ପ୍ରଦାନ କରୁଛି ଏବଂ ତାହା ଆମକୁ ଯାବତୀୟ ବାଧାକୁ ଅତିକ୍ରମ କରିବାରେ ସହାୟତା କରିବ ।

ଚାଲ, ଆମେ ସେହି ନୂତନ ସୃଷ୍ଟିଟି ଲାଗି ବଞ୍ଚିବା; ତା'ହେଲେ ଆମେ ଅଧିକରୁ ଅଧିକ ବଳବାନ୍ ହୋଇପାରିବା ଏବଂ ଏଣେ ତରୁଣ ହୋଇ ରହିଥିବା, ଆଗକୁ ଆଗକୁ ଯାତ୍ରା କରି ଚାଲିଥିବା ।

*୩୦ ଜାନୁଆରି ୧୯୭୨*

ମନୁଷ୍ୟମାନେ ବଂଶବୃଦ୍ଧି ଉଦ୍ଦେଶ୍ୟରେ ଯେଉଁସବୁ ଶକ୍ତିକୁ ବ୍ୟବହାର କରନ୍ତି ଏବଂ ଯେଉଁଗୁଡ଼ିକ ସେମାନଙ୍କର ଜୀବନରେ ଏଡ଼େ ପ୍ରଧାନ ସ୍ଥାନ ଅଧିକାର କରି ରହିଥା'ନ୍ତି, ବରଂ ତାହାର ଦିଗ ପରିବର୍ତ୍ତନ କରାଯିବା ଉଚିତ ଏବଂ ଅଗ୍ରଗତି ତଥା ଉଚ୍ଚତର ବିକାଶ ଲାଗି ତାହା ବ୍ୟୟିତ ହେବା ଉଚିତ, ଯେପରିକି ନୂତନ ଜାତିର ଆଗମନ ନିମନ୍ତେ ଭୂମି ପ୍ରସ୍ତୁତ କରାଯାଇ ପାରିବ । ମାତ୍ର ସର୍ବପ୍ରଥମେ, ପ୍ରାଣ ଏବଂ ଦେହକୁ ସକଳ ବାସନାରୁ ମୁକ୍ତ ହେବାକୁ ପଡ଼ିବ – ନ ହେଲେ ବିପର୍ଯ୍ୟୟକୁ ଆମନ୍ତ୍ରଣ କରି ଆଣିବାହିଁ ସାର ହେବ ।

*୩୧ ଜାନୁଆରି ୧୯୭୨*

ଭୌତିକ ଚେତନାକୁ ଏହି ସର୍ବପ୍ରଥମ କଥାଟିକୁ ବୁଝିବାକୁ ହେବ ଯେ, ଜୀବନରେ ଆମେ ଯାହାକିଛି ଅସୁବିଧାର ସମ୍ମୁଖୀନ ହେଉ ସେସବୁ, ଆମେ ଆବଶ୍ୟକ କରୁଥିବା ସାହାଯ୍ୟ ପାଇଁ ଆମେ ଯେ ଐକାନ୍ତିକ ଭାବରେ ପରମ ଦିବ୍ୟସତ୍ତାଙ୍କ ଉପରେ ବିଶ୍ୱାସ ରଖିପାରୁ ନାହିଁ, ସେହିଥିରୁହିଁ ଉଦ୍‌ଭୂତ ହୋଇଥାଏ ।

କେବଳ ସେହି ଦିବ୍ୟ ପରମସତ୍ତାହିଁ ଆମକୁ ବିଶ୍ୱପ୍ରକୃତିର ଯନ୍ତ୍ରାରୂଢ଼ତାରୁ ମୁକ୍ତି ଦେଇ ପାରିବେ । ଏବଂ, ନୂତନ ଜାତିର ଉଦ୍‌ଭବ ତଥା ବିକାଶ ଲାଗି ଏହି ମୁକ୍ତି ଏକାନ୍ତ ଅପରିହାର୍ଯ୍ୟ ।

କେବଳ ପରିପୂର୍ଣ୍ଣ ଆସ୍ଥା ଏବଂ କୃତଜ୍ଞତା ସହିତ ଆପଣାକୁ ସମ୍ପୂର୍ଣ୍ଣ ଭାବରେ

ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପି ଦେଇ ପାରିଲେହିଁ ଯାବତୀୟ ଅସୁବିଧା ଅତିକ୍ରାନ୍ତ ହୋଇଯିବ ।

*୧ ଫେବ୍ରୁଆରି ୧୯୭୨*

ଦିବ୍ୟ ପରମସତ୍ତା ଯାହା ଚାହୁଁଛନ୍ତି, ସକଳ ଆନ୍ତରିକତା ସହିତ କେବଳ ତାହାହିଁ ଚାହିଁବା ହେଉଛି ଜୀବନରେ ଶାନ୍ତି ଏବଂ ଆନନ୍ଦ ଲାଭ କରିବାର ସର୍ବପ୍ରଧାନ ସର୍ତ୍ତ । ମନୁଷ୍ୟର ପ୍ରାୟ ସବୁଯାକ ଦୁର୍ଗତି ଏଇଥିରୁ ଆସିଥାଏ ଯେ, ମନୁଷ୍ୟମାନେ ପ୍ରାୟ ସବୁବେଳେ, ସେମାନେ କ'ଣ ଆବଶ୍ୟକ କରନ୍ତି ଏବଂ ଜୀବନରୁ ସେମାନଙ୍କର କ'ଣସବୁ ପାଇବା ଉଚିତ, ସେମାନେ ସେହି ବିଷୟରେ ଦିବ୍ୟ ପରମସତ୍ତାଙ୍କଠାରୁ ଅଧିକ ଭଲ ଭାବରେ ଜାଣିଛନ୍ତି । ଅନ୍ୟ ମନୁଷ୍ୟମାନେ କେବଳ ସେହିମାନଙ୍କର ପ୍ରତ୍ୟାଶା ଅନୁସାରେ କାର୍ଯ୍ୟ କରନ୍ତୁ ବୋଲି ଅଧିକାଂଶ ମନୁଷ୍ୟ ଇଚ୍ଛା କରିଥା'ନ୍ତି; ଯାବତୀୟ ପରିସ୍ଥିତି ସେହିମାନଙ୍କର ବାସନାଗୁଡ଼ିକର ଅନୁରୂପ ହୋଇ ରହିଥାଉ ବୋଲି ମଧ ଇଚ୍ଛା କରିଥା'ନ୍ତି । ଏବଂ ସେହି କାରଣରୁହିଁ ସେମାନେ ଦୁଃଖ ପାଆନ୍ତି, ନାନା କଷ୍ଟ ଭୋଗ କରନ୍ତି ।

କେବଳ ପୂର୍ଣ୍ଣ ଆନ୍ତରିକତା ସହିତ ନିଜକୁ ଦିବ୍ୟ ପରମଇଚ୍ଛା ପାଖରେ ସମର୍ପି ଦେଇ ପାରିଲେ ଯାଇ ଯଥାର୍ଥ ଶାନ୍ତି ଏବଂ ସ୍ଥିର ଆନନ୍ଦ ପ୍ରାପ୍ତ ହୋଇଥାଏ । ଏହି ଶାନ୍ତି ଓ ଏହି ଆନନ୍ଦ ବାସନାଗୁଡ଼ିକର ବିଲୁପ୍ତିରୁ ସମ୍ଭବ ହୁଏ ।

ଚୈତ୍ୟସତ୍ତା ଅତ୍ୟନ୍ତ ସୁନିଶ୍ଚିତ ଭାବରେ ସେ କଥା ଜାଣିଥାଏ; ତେଣୁ, ଆପଣାର ଚୈତ୍ୟ ସହିତ ସମ୍ମିଳିତ ହୋଇ ପାରିଲେହିଁ ଜଣେ ବ୍ୟକ୍ତି ମଧ ତାହା ଜାଣିପାରେ । ମାତ୍ର, ଏଥିଲାଗି ସର୍ବପ୍ରଥମ ସର୍ତ୍ତ ହେଉଛି ଯେ, ବ୍ୟକ୍ତି କଦାପି ନିଜ ବାସନାଗୁଡ଼ିକର ଅଧୀନ ହୋଇ ରହିବ ନାହିଁ ଏବଂ ସେଗୁଡ଼ିକୁ ଆପଣା ସତ୍ତାର ସତ୍ୟ ବୋଲି ଭ୍ରମ କରିବ ନାହିଁ ।

*୪ ଫେବ୍ରୁଆରି ୧୯୭୨*

ଆପଣାର ରୂପାନ୍ତର-ସାଧନ ହେଉଛି ପ୍ରତ୍ୟେକ ବ୍ୟକ୍ତିର ସର୍ବପ୍ରଥମ ଆବଶ୍ୟକତା ଏବଂ, ଆପେ ସେହି ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି କରିବା,– ତାହା ହେଉଛି ପୃଥିବୀକୁ ସାହାଯ୍ୟ କରିବାର ସର୍ବୋତ୍ତମ ଉପାୟ ।

*୫ ଫେବ୍ରୁଆରି ୧୯୭୨*

ଆମ ସତ୍ତାର ଗଭୀର ପ୍ରଦେଶରେ, ଧ୍ୟାନାବସ୍ଥିତତାର ନୀରବତା ମଧ୍ୟରେ ଏକ ଆଲୋକମୟ ଶକ୍ତି ଆମର ଚେତନାକୁ ଏକ ଦୀପ୍ତିମୟ ଶାନ୍ତି ଦ୍ୱାରା ପ୍ଲାବିତ କରି ରଖିଥାଏ । ସେହି ଶାନ୍ତି ଯାବତୀୟ କ୍ଷୁଦ୍ର ପ୍ରତିକ୍ରିୟାଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରି ରହିଥାଏ ଏବଂ

ଆମକୁ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହେବା ନିମନ୍ତେ ପ୍ରସ୍ତୁତ କରୁଥାଏ । ତାଙ୍କରି ସହିତ ସମ୍ମିଳିତ ହେବା,– ତାହାହିଁ ତ ବ୍ୟକ୍ତିଗତ ଅସ୍ତିତ୍ୱର ଯଥାର୍ଥ ଉଦ୍ଦେଶ୍ୟ ।

*୬ ଫେବ୍ରୁଆରି ୧୯୭୨*

ତେଣୁ, ଦୁଃଖଭୋଗ ଏବଂ ସଂଘର୍ଷ କଦାପି ଜୀବନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ନୁହେଁ, ମାତ୍ର ଏକ ସର୍ବଶକ୍ତିମନ୍ତ ଓ ସୁଖକାରୀ ଉପଲବ୍ଧି ହେଉଛି ଜୀବନର ଲକ୍ଷ୍ୟ ।

ବାକୀ ଆଉ ସବୁକିଛି ହେଉଛି ଯନ୍ତ୍ରଣାରେ ପୂର୍ଣ୍ଣ ହୋଇ ରହିଥିବା ମାୟା ।

*୭ ଫେବ୍ରୁଆରି ୧୯୭୨*

ଯେତେବେଳେ ମନୁଷ୍ୟଜାତିର ପ୍ରଥମେ ସୃଷ୍ଟି ହେଲା, ସେତେବେଳେ ଅହଂ ଏକ ଏକତ୍ୱକାରୀ ଉପାଦାନ ହୋଇ ରହିଥିଲା । ଅହଂର ଚତୁଷ୍ପାର୍ଶ୍ୱରେହିଁ ସତ୍ତାର ଯାବତୀୟ ଅବସ୍ଥାକୁ ଗୁଛି ଗୁଚ୍ଛ ଗୁଚ୍ଛ କରି ରଖା ଯାଇଥିଲା । ମାତ୍ର, ବର୍ତ୍ତମାନ ଯେତେବେଳେ ଅତିମାନବତାର ଜନ୍ମ ଲାଗି ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି, ସେତେବେଳେ ଅହଂକୁ ଅନ୍ତର୍ହିତ ହୋଇ ଯିବାକୁହିଁ ପଡ଼ିବ ଏବଂ ଚୈତ୍ୟସତ୍ତା ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ । ମନୁଷ୍ୟ ମଧ୍ୟରେ ଦିବ୍ୟ ପରମସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବା ଲାଗି ଦିବ୍ୟ ହସ୍ତକ୍ଷେପ ଦ୍ୱାରା ଏହି ଚୈତ୍ୟସତ୍ତା ଧୀରେ ଧୀରେ ଗଠିତ ହୋଇ ଆସିଛି ।

ଏହି ଚୈତ୍ୟ ପ୍ରଭାବର ପରିବେଶ ମଧ୍ୟରେହିଁ ମନୁଷ୍ୟ ଭିତରେ ପରମ ଦିବ୍ୟ ସତ୍ତାର ପ୍ରକାଶ ଘଟେ ଏବଂ ଏହିପରି ଭାବରେ ତାହା ଅତିମାନବତାର ଆଗମନକୁ ପ୍ରସ୍ତୁତ କରିଆଣେ ।

ଚୈତ୍ୟସତ୍ତାର କୌଣସି ବିନାଶ ନାହିଁ ଏବଂ ଏହି ଚୈତ୍ୟର ମାଧ୍ୟମରେହିଁ ଧରାପୃଷ୍ଠରେ ଅମରତ୍ୱର ଅଭିବ୍ୟକ୍ତି ଘଟିବ ।

ତେଣୁ ବର୍ତ୍ତମାନ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆମେ ଆପଣାର ଚୈତ୍ୟ ସତ୍ତାକୁ ଆବିଷ୍କାର କରିବା, ତାହାରି ସହିତ ସଂଯୁକ୍ତ ହେବା ଏବଂ ତାକୁ ଅହଂର ସ୍ଥାନାପନ୍ନ ହୋଇ ରହିବା ଲାଗି ଅନୁମତି ଦେବା । ତେବେ ଅହଂ ଆପଣାକୁ ବଦଳାଇବାକୁ ବାଧ୍ୟ ହେବ ନ ହେଲେ ଅନ୍ତର୍ହିତ ହୋଇଯିବ ।

*୮ ଫେବ୍ରୁଆରି ୧୯୭୨*

ଦେବାର ଆନନ୍ଦ ଯେ ନେବାର ଆନନ୍ଦଠାରୁ ଅନେକ ଅଧିକ, ଜୀବନର ପଥରେ ଏହି କଥାଟିକୁ ସବା ପ୍ରଥମେହିଁ ଶିକ୍ଷା କରାଯାଏ ।

ତା'ପରେ କ୍ରମେ ଆମେ ଏକଥା ମଧ୍ୟ ଶିକ୍ଷା କରୁ ଯେ ଆପଣାକୁ ଭୁଲିଯାଇ ପାରିଲେହିଁ ଆମକୁ ପ୍ରକୃତରେ ଏକ ଅପରିବର୍ତ୍ତନୀୟ ଶାନ୍ତି ଉପଲବ୍ଧ ହୋଇଥାଏ । ତା'ପରେ, ଏହି ଆତ୍ମ-ବିସ୍ମରଣର ପର୍ଯ୍ୟାୟରେ, ଦିବ୍ୟ ପରମସତ୍ତାଙ୍କ ସହିତ ଭେଟ ହୁଏ ଏବଂ ତାହାଦ୍ୱାରା ଏକ ଚିରନ୍ତନ ଶାନ୍ତିର ଅଧିକାର ପ୍ରାପ୍ତ ହୋଇଥାଏ ।

ଶ୍ରୀଅରବିନ୍ଦ ମୋତେ ଦିନେ କହିଥିଲେ ଯେ, ଯଦି ମନୁଷ୍ୟମାନେ ଏହି କଥାଟିକୁ ଜାଣିଥା'ନ୍ତେ, ତେବେ ସେମାନେ ସମସ୍ତେ ଯୋଗର ଅଭ୍ୟାସ କରିବାକୁ ଇଚ୍ଛା କରନ୍ତେ ।

*୯ ଫେବ୍ରୁଆରି ୧୯୭୨*

ମନୁଷ୍ୟର ଚେତନା ଏଭଳି ବିକୃତ ହୋଇ ରହିଛି ଯେ, ମନୁଷ୍ୟମାନେ ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଦେବା ଦ୍ୱାରା ଉପଲବ୍ଧ ହେଉଥିବା ଆଲୋକମୟ ଆନନ୍ଦ ଅପେକ୍ଷା ଅହଂ ଜନିତ ଅଜ୍ଞାନ ଓ ତାହାର ଯାବତୀୟ ଦୁଃଖଭୋଗକୁ ଅଧିକ କାମ୍ୟ ବୋଲି ଗ୍ରହଣ କରୁଥା'ନ୍ତି । ସେମାନେ ଏତେ ଅଧିକ ପରିମାଣରେ ଅନ୍ଧ ହୋଇ ରହିଥା'ନ୍ତି ଯେ, ସେମାନେ ଏକ ପ୍ରୟୋଗ ଭାବରେ ଏହାକୁ ଗ୍ରହଣ କରିବା ଲାଗି ମଧ୍ୟ ନାହିଁ କରିବାରେ ଲାଗିଥା'ନ୍ତି ଏବଂ ଦୁଃଖଗୁଡ଼ିକ ମଧ୍ୟରୁ ଉଦ୍ଧାର ପାଇବା ପରିବର୍ତ୍ତେ ଆପଣା ଅହଂର ଯାବତୀୟ କଷଣଭୋଗର ଅଧୀନ ହୋଇ ରହିବାକୁହିଁ ଅଧିକ ମନ କରନ୍ତି ।

ସେମାନେ ଏତେ ସଂପୂର୍ଣ୍ଣ ଭାବରେ ଅନ୍ଧ ହୋଇ ରହିଥା'ନ୍ତି ଯେ, ସମ୍ଭବ ହେଲେ ଦିବ୍ୟ ପରମସତ୍ତାଙ୍କୁ ଆପଣା ଅହଂର ଏକ ଦାସ କରି ରଖିବାକୁ ମଧ୍ୟ ସେମାନେ ହୁଏତ ଆଦୌ କୁଣ୍ଠା ବୋଧ କରନ୍ତି ନାହିଁ । ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମର୍ପଣ କରିବାର ଦାୟିତ୍ୱଟିକୁ ଏଡ଼ିବା ଲାଗି ସେମାନେ ତାହା କରିଥା'ନ୍ତି ।

*୧୦ ଫେବ୍ରୁଆରି ୧୯୭୨*

ହେ ପରମୋଚ୍ଚ ପ୍ରଭୁ, ଆପଣ ଆମକୁ ନୀରବ ହୋଇଯିବାର ଶିକ୍ଷା ଦିଅନ୍ତୁ, ଯେପରିକି ସେହି ନୀରବତା ଭିତରେହିଁ ଆମେ ଆପଣଙ୍କର ପରମଶକ୍ତିକୁ ଗ୍ରହଣ କରିପାରିବୁ ଏବଂ ଆପଣଙ୍କର ପରମ-ଇଚ୍ଛାଟିକୁ ବୁଝି ମଧ୍ୟ ପାରିବୁ ।

*୧୧ ଫେବ୍ରୁଆରି ୧୯୭୨*

ଆମେ ଦିବ୍ୟ ପରମସତ୍ତାଙ୍କର ଯଥାର୍ଥ ସେବକ ହେବା ଲାଗି ଇଚ୍ଛା କରୁଛୁ ।

''ହେ ପରମୋଚ୍ଚ ପ୍ରଭୁ, ପରିପୂର୍ଣ୍ଣ ପରମଚେତନା, ଆମେସବୁ ପ୍ରକୃତରେ କ'ଣ, ଆମେ କ'ଣସବୁ କରି ପାରିବୁ, ଯଥାର୍ଥ ଭାବରେ ଆପଣଙ୍କର ସେବା କରିବାର ସମର୍ଥ

ଏବଂ ଯୋଗ୍ୟ ହେବାକୁ ହେଲେ ଆମକୁ କେଉଁ ଅଗ୍ରଗତିଟିକୁ କରିବାକୁ ହେବ, ସେସବୁ କଥା କେବଳ ଆପଣହିଁ ଜାଣିଛନ୍ତି । ଆପଣ ଆମକୁ ଆମର ସମ୍ଭାବନାଗୁଡ଼ିକ ବିଷୟରେ ସଚେତନ କରାଇ ଆଣନ୍ତୁ; ଆମ ଅସୁବିଧାଗୁଡ଼ିକ ବିଷୟରେ ମଧ୍ୟ ଆମକୁ ସଚେତନ କରାନ୍ତୁ, ଯେପରିକି ଆନ୍ତରିକତା ସହିତ ଆପଣଙ୍କର ସେବା କରି ପାରିବାକୁ ଆମେ ସେଗୁଡ଼ିକୁ ଅତିକ୍ରମ କରିଯାଇ ପାରିବୁ ।

ଦିବ୍ୟ ପରମସତ୍ତାଙ୍କର ପ୍ରକୃତ ସେବକ ହେବା, ତାହାହିଁ ସର୍ବୋଚ୍ଚ ସୁଖ ।

*୧୪ ଫେବ୍ରୁଆରି ୧୯୭୨*

ଯେଉଁମାନେ ସତତ ଅଗ୍ରଗତି କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ଲାଗି ମୁଖ୍ୟତଃ ଅଗ୍ରଗତି କରିବାର ତିନୋଟି ବାଟ ରହିଛି :

(୧) ନିଜ ଚେତନାର କ୍ଷେତ୍ରଟିକୁ ପ୍ରଶସ୍ତ କରିଦେବା ।

(୨) ଜଣେ ନିଜେ ଯାହା ଜାଣିଛି, ତାହାକୁ ସତତ ଅଧିକରୁ ଅଧିକ ଭଲ ଓ ସଂପୂର୍ଣ୍ଣ ଭାବରେ ବୁଝିବା ।

(୩) ଦିବ୍ୟ ପରମସତ୍ତାଙ୍କର ଆବିଷ୍କାର କରିବା ଓ ଅଧିକରୁ ଅଧିକ ପରିମାଣରେ ତାଙ୍କରି ଇଚ୍ଛା ପାଖରେ ନିଜକୁ ସମର୍ପିତ କରି ରଖିବା ।

ଅନ୍ୟ ଶବ୍ଦରେ କହିଲେ, ଏହାର ଅର୍ଥ ହେଉଛି :

(୧) ଯନ୍ତ୍ରଟିର ସମ୍ଭାବନାଗୁଡ଼ିକୁ ଅବିରତ ସମୃଦ୍ଧ କରିବାରେ ଲାଗିଥିବା ।

(୨) ଏହି ଯନ୍ତ୍ରର କାର୍ଯ୍ୟ ସମର୍ଥତାକୁ ଅବିରତ ଅଧିକରୁ ଅଧିକ ଦକ୍ଷତାଯୁକ୍ତ କରୁଥିବା ।

(୩) ଏହି ଯନ୍ତ୍ରଟିକୁ ଅଧିକରୁ ଅଧିକ ପରିମାଣରେ ଗ୍ରହଣଶୀଳ ଓ ଦିବ୍ୟ ପରମସତ୍ତାଙ୍କର ଅନୁଗତ କରି ରଖୁଥିବା ।

ଅଧିକରୁ ଅଧିକ ବୁଝିବା ଓ ଅଧିକରୁ ଅଧିକ କାର୍ଯ୍ୟ କରି ଶିଖିବା । ଦିବ୍ୟ ପରମସତ୍ତାଙ୍କ ଲାଗି ପୂର୍ଣ୍ଣ ସମର୍ପିତ ହୋଇ ରହିବାରେ ଯାହାକିଛି ଆମକୁ ବାଧା ଦେଉଛି, ନିଜକୁ ସେଗୁଡ଼ିକରୁ ଶୁଦ୍ଧ କରି ଆଣିବା । ନିଜର ଚେତନାକୁ ଦିବ୍ୟ ପରମପ୍ରଭାବ ନିମନ୍ତେ ଅଧିକରୁ ଅଧିକ ଗ୍ରହଣଶୀଳ କରି ତିଆରି କରିବା ।

ଆମେ ଏପରି ମଧ୍ୟ କହିପାରିବା : ଆପଣାକୁ ଅଧିକରୁ ଅଧିକ ପ୍ରଶସ୍ତ କରିବା, ଅଧିକରୁ ଅଧିକ ଗଭୀର କରିବା ଏବଂ ଅଧିକରୁ ଅଧିକ ସଂପୂର୍ଣ୍ଣ ଭାବରେ ଆପଣାକୁ ସମର୍ପିତ କରି ରଖିବା ।

*୧୫ ଫେବ୍ରୁଆରି ୧୯୭୨*

ସାଧାରଣ ଭାଷାରେ, ବିବେକର ସହିତ ନିଜେ କରିଥିବା ପ୍ରତିଜ୍ଞାଗୁଡ଼ିକୁ ରକ୍ଷା କରିବାକୁହିଁ ବିଶ୍ୱସ୍ତତା ବୋଲି କୁହାଯାଏ । ମାତ୍ର, ଦିବ୍ୟ ପରମସତ୍ତାଙ୍କ ପ୍ରତି ବିଶ୍ୱସ୍ତତା ହେଉଛି ଏକମାତ୍ର ଯଥାର୍ଥ ଏବଂ ବାଧ୍ୟକାରୀ ବିଶ୍ୱସ୍ତତା, ଏବଂ, ନିଷ୍ଠାଯୁକ୍ତ ଏବଂ ଅବିଚ୍ଛିନ୍ନ ଉଦ୍ୟମ ଦ୍ୱାରା ଆମକୁ ସେହି ବିଶ୍ୱସ୍ତତାକୁ ଅର୍ଜନ କରିବାକୁ ହେବ ।

ଯେତେବେଳେ ସମୁଦାୟ ସତ୍ତା, ଆପଣାର ସକଳ ଭାଗରେ ଏବଂ ସମସ୍ତ କ୍ରିୟାଶୀଳତାରେ ସଂପୂର୍ଣ୍ଣ ନିଷ୍ଠାର ସହିତ ଦିବ୍ୟ ପରମସତ୍ତାଙ୍କୁ ଏହା କହିପାରିବ :

''ଯାହାକିଛି ଆପଣ ଇଚ୍ଛା କରିବେ, ଆପଣ ଯାହାକିଛି ଇଚ୍ଛା କରିବେ'' ସେତିକିବେଳେ ଯାଇ ଜଣେ ଯଥାର୍ଥ ବିଶ୍ୱସ୍ତତାର ପଥରେ ଉଚିତ ଭାବରେ ରହିଛି ବୋଲି କୁହାଯାଇ ପାରିବ ।

*୧୭ ଫେବ୍ରୁଆରି ୧୯୭୨*

ପୃଥିବୀ ଉପରେ ରହିଥିବା ଜୀବନ ହେଉଛି ମୂଳତଃ ଏକ ଅଗ୍ରଗତିର କ୍ଷେତ୍ର । ମାତ୍ର, ଆମକୁ ଯେତେ ଯେତେ ଅଗ୍ରଗତି କରିବାକୁ ହେବ, ତାହା ତୁଳନାରେ ଜୀବନ ପ୍ରକୃତରେ କେଡ଼େ ଅଳ୍ପକ୍ଷଣସ୍ଥାୟୀ !

ନିଜର କ୍ଷୁଦ୍ର ବାସନାଗୁଡ଼ିକୁ ଚରିତାର୍ଥ କରିବାରେ ଆପଣାର ସମୟ ନଷ୍ଟ କରିଦେବାକୁ ତୁଚ୍ଛା ନିର୍ବୋଧତା ବୋଲି କୁହାଯିବ । ଦିବ୍ୟ ପରମସତ୍ତାଙ୍କୁ ଆବିଷ୍କାର କରିବା ଦ୍ୱାରାହିଁ ଯଥାର୍ଥ ସୁଖ ସମ୍ଭବ ହେବ ।

*୧୯ ଫେବ୍ରୁଆରି ୧୯୭୨*

ହେ ସର୍ବୋଚ୍ଚ ପରମପ୍ରଭୁ, ଆମକୁ ଯେଉଁ ପରିପୂର୍ଣ୍ଣତାରେ ଉପନୀତ ହେବାକୁ ପଡ଼ିବ ଓ ଯେଉଁ ପରିପୂର୍ଣ୍ଣତାକୁ ଅଭିବ୍ୟକ୍ତ କରିବାକୁ ହେବ ।

ଏହି ଶରୀର କେବଳ ଆପଣଙ୍କ ଦ୍ୱାରାହିଁ ତିଷ୍ଠି ରହିଛି ଓ ଆପଣଙ୍କ ଲାଗି ବାରବାର ଉଚ୍ଚାରଣ କରିବାରେ ଲାଗିଛି :

''ଯାହାକିଛି ଆପଣ ଇଚ୍ଛା କରିବେ, କେବଳ ଆପଣ ଯାହା ଇଚ୍ଛା କରିବେ ।''

ଏହିପରି ଭାବରେ ଏପରି ଦିନଟି ଆସି ପହଞ୍ଚିବ, ଯେତେବେଳେ କି, ଆପଣ ଯାହା ଇଚ୍ଛା କରୁଛନ୍ତି, ସେ କଥାକୁ ସେ ସମ୍ପୂର୍ଣ୍ଣ ସ୍ୱଚାଳିତ ଭାବରେ ଜାଣିବାକୁ ସମର୍ଥ ହେବ, କାରଣ ସେତେବେଳେ ଚେତନା ଆପଣଙ୍କର ଚେତନା ସହିତ ସଂପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ଯାଇଥିବ ।

*୨୩ ଫେବ୍ରୁଆରି ୧୯୭୨*

ଆପଣ କରନ୍ତୁ, ଯେପରିକି ମୁଁ ଆପଣଙ୍କର ପରମ ଉପସ୍ଥିତି ବିଷୟରେ ସଚେତନ ହୁଏ !

*୯ ମାର୍ଚ୍ଚ ୧୯୭୨*

ହେ ପରମ ପ୍ରଭୁ, ଆମେ ଆପଣଙ୍କୁ ଆବାହନ କରୁଛୁ, ଆପଣ କରନ୍ତୁ ଯେପରିକି ଆମ ଭିତରେ ଥିବା କୌଣସି ବସ୍ତୁ ଯେପରି ଆପଣଙ୍କ ଉପସ୍ଥିତିକୁ ପ୍ରତ୍ୟାଖ୍ୟାନ କରି ନ ଦିଏ ଏବଂ, ଆମେ ଯାହା ହେଉ ବୋଲି ଆପଣ ଇଚ୍ଛା କରୁଛନ୍ତି, ଆମେ ଯେପରି ତାହାହିଁ ହୋଇପାରୁ । ଆପଣ କରନ୍ତୁ ଯେପରି ଆମ ଭିତରେ ରହିଥିବା ସବୁକିଛି ଆପଣଙ୍କ ଇଚ୍ଛାର ଅନୁବର୍ତ୍ତୀ ହୋଇ ରହୁ ।

*୧୨ ମାର୍ଚ୍ଚ ୧୯୭୨*

ହେ ପରମପ୍ରଭୁ, ଆମକୁ ଆପଣଙ୍କର ଧ୍ୟାନସ୍ଥତାର ନୀରବତା ପ୍ରଦାନ କରନ୍ତୁ, ଆପଣଙ୍କର ଫଳପ୍ରସୂ ପରମ ଉପସ୍ଥିତି ଦ୍ୱାରା ସମୃଦ୍ଧ ହୋଇ ରହିଥିବା ନୀରବତା ଆମକୁ ପ୍ରଦାନ କରନ୍ତୁ ।

*୧୩ ମାର୍ଚ୍ଚ ୧୯୭୨*

ଆପଣ କରନ୍ତୁ, ଯେପରିକି ଆମର ନୀରବତା ଆପଣଙ୍କର ପରମ ଉପସ୍ଥିତି ଦ୍ୱାରାହିଁ ପୂର୍ଣ୍ଣ ହୋଇ ରହୁ ଏବଂ ଆମେ ସେହି ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିପାରୁ ।

ଆପଣ କରନ୍ତୁ, ଆପଣହିଁ ଆମର ଜୀବନ ଚେତନା ଓ ସତ୍ତା ବୋଲି ଆମେ ଯେପରି ଜାଣିବାକୁ ସମର୍ଥ ହେଉ । ଆପଣଙ୍କ ବିନା ଏହି ସବୁକିଛି କେବଳ ମାୟା ବୋଲି ଆମେ ଯେପରି ହୃଦୟଙ୍ଗମ କରିପାରୁ ।

*୧୪ ମାର୍ଚ୍ଚ ୧୯୭୨*

ଆପଣ କରନ୍ତୁ, ଆମେ ଯେପରି ଆପଣଙ୍କର ଶାଶ୍ୱତ ପରମଚେତନା ସହିତ ଏକାତ୍ମକତା ଅର୍ଜନ କରିପାରୁ, ଯାହାକି ଆମକୁ ଅମରତ୍ୱର ଯଥାର୍ଥ ପରିଚୟ ପ୍ରଦାନ କରିପାରିବ ।

*୧୬ ମାର୍ଚ୍ଚ ୧୯୭୨*

ଅମରତ୍ୱ ନିମନ୍ତେ ପ୍ରସ୍ତୁତ ହେବାକୁ ହେଲେ ଶାରୀର ଚେତନାକୁ ସର୍ବପ୍ରଥମେ ଆପଣାକୁ ସେହି ଶାଶ୍ୱତ ପରମଚେତନା ସହିତ ଏକାତ୍ମ ହୋଇଯିବାକୁ ପଡ଼ିବ ।

*୧୭ ମାର୍ଚ୍ଚ ୧୯୭୨*

ପନ୍ଦର ବର୍ଷର ଗୋଟିଏ ବାଳିକା ପଚାରିଲା : ''ସତ୍ୟ କ'ଣ ?''

ମୁଁ ଉତ୍ତର ଦେଲି : ''ସର୍ବୋଚ୍ଚ ପରମପ୍ରଭୁଙ୍କର ଇଚ୍ଛା''

ଏହି ବାକ୍ୟଟି ଧ୍ୟାନମୟ ଅଭିନିବେଶ ଲାଗି ଏକ ବିଷୟ ହୋଇପାରିବ ।

*୧୮ ମାର୍ଚ୍ଚ ୧୯୭୨*

ମନୁଷ୍ୟ ଯେଉଁ ସତ୍ୟଟିକୁ ଜାଣିବା ଲାଗି ଚେଷ୍ଟା କରି ସଫଳ ହୋଇ ପାରି ନାହିଁ, ନୂତନ ଜାତିର, ଆଗାମୀ କାଲି ଆବିର୍ଭୂତ ହେବାକୁ ଯାଉଥିବା ଜାତିର, ଅତିମାନବର ତାହା ଜନ୍ମଗତ ଅଧିକାର ହୋଇ ରହିବ ।

ପରମସତ୍ୟ ଅନୁସାରେ ନିଜର ଜୀବନ ବଞ୍ଚିବା ତା'ର ଜନ୍ମଗତ ଅଧିକାର ହୋଇ ରହିବ ।

ନୂତନ ସତ୍ତାର ଆଗମନ ଲାଗି କ୍ଷେତ୍ର ପ୍ରସ୍ତୁତ କରିବାକୁ ଆମେ ଚାଲ ଆମର ସର୍ବୋତ୍ତମ ଉଦ୍ୟମ କରିବା । ସେଥିଲାଗି ଆମର ମନକୁ ନୀରବ ହୋଇଯିବାକୁ ପଡ଼ିବ ଏବଂ ତାହାର ସ୍ଥାନାପନ୍ନ ଭାବରେ ପରମ ସତ୍ୟ-ଚେତନା,– ସମଗ୍ରର ଚେତନାଟି ଟିକିନିଖି ଯାବତୀୟ କ୍ଷେତ୍ରର ଚେତନା ସହିତ ସମଞ୍ଜସତା ଲାଭ କରିଥିବାର ସେହି ସ୍ଥିତିଟି – ତାହାରିହିଁ ପ୍ରତିଷ୍ଠା ହେବ ।

*୧୯ ମାର୍ଚ୍ଚ ୧୯୭୨*